An
Authenticated Edition
of

# VIDAGDHA-CHINTAMONI

by

Abhimanyu Samantasinhar.

# ବିଦଗ୍ଧ-ଚିନ୍ତାମଣି ।

ରସିକଭକ୍ତ କବିବର ଅଭିମନ୍ୟୁ ସାମନ୍ତସିଂହାର
ବିରଚିତ ।

Scanned under
Project Pothi

ପୋଥି

An
Authenticated Edition
of

# VIDAGDHA-CHINTAMONI

by
Abhimanyu Samantasinhar.

# ବିଦଗ୍ଧ-ଚିନ୍ତାମଣି ।

ରସିକଭକ୍ତ କବିବର ଅଭିମନ୍ୟୁ ସାମନ୍ତସିଂହାର
ବିରଚିତ ।

**ବିଶୁଦ୍ଧ ସଂସ୍କରଣ ।**

ଭିନ୍ନପାଠ ଓ ମୁଖବନ୍ଧସହ
ରେଭେନ୍ସା କଲେଜର ଅଧ୍ୟାପକ
**ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଏମ୍. ଏ. ଙ୍କ ଦ୍ୱାରା**
ସଂକଳିତ ଓ ପ୍ରକାଶିତ ।

Printed by B. S. Das,
at the Mukur Press,
CUTTACK.
1925.

ମୂଲ୍ୟ ଟ ୧ ୲ ମାତ୍ର ।

# ମୁଖବନ୍ଧ ।

ପ୍ରାୟ ଦୁଇବର୍ଷ ପୂର୍ବେ ବହୁ ବନ୍ଧୁଙ୍କ ଅନୁରୋଧରେ କଲେଜର୍ କେମିଷ୍ଟ୍ରୀ ..ଫେସର ଶ୍ରୀମାନ୍ ବାବୁ ଗୁରୁଚରଣ ମହାନ୍ତି ଏମ୍. ଏସ୍. ସି. ଓ ମୋର ପ୍ରିୟ .. ଶ୍ରୀମାନ୍ ଜଗଦାନନ୍ଦଙ୍କ ସାହଚର୍ଯ୍ୟରେ "ବିଦଗ୍ଧଚିନ୍ତାମଣିର" ଟୀକା କରିବାରେ ପ୍ରବୃତ୍ତ ହେଲି । ଗୌରୀଶଙ୍କରଙ୍କ ସଙ୍କଳିତ ଗ୍ରନ୍ଥ ଓ ହରେକୃଷ୍ଣ ଦାସଙ୍କ ପ୍ରକାଶିତ ଗ୍ରନ୍ଥ ଦୁଇଖଣ୍ଡ ଦେଖି ..ଇ କାର୍ଯ୍ୟ ଆରମ୍ଭ କରିଥିଲି । ସ୍ଥାନ ବିଶେଷରେ ଟୀକା ..ବାକୁ ବିଶେଷ ଶ୍ରମସ୍ୱୀକାର କରିବାକୁ ପଡ଼ିଥିଲା । ଏହିପରି ୩୪ ଛାନ୍ଦ ପର୍ଯ୍ୟନ୍ତ ଯଥାତଥା ଟୀକା କରି ଗଲି । କିନ୍ତୁ ତହିଁର ମୂଳପାଠର ଶୁଦ୍ଧତା ପ୍ରତି ମୋର ସନ୍ଦେହ ଥାଏ । ହରେକୃଷ୍ଣ ଦାସଙ୍କ ଦ୍ୱାରା ପ୍ରକାଶିତ ଗ୍ରନ୍ଥଟି କିନ୍ତୁ ଗୌରୀଶଙ୍କରଙ୍କ ଗ୍ରନ୍ଥର ଅବିକଳ ନକଲ ମାତ୍ର । ତହିଁ ଏହାକୁ ମୋତେ ବହୁପୂର୍ବରୁ ପରିହାର କରିବାକୁ ହେଉଥିଲା । ଇତିମଧ୍ୟରେ ମୋର ପ୍ରିୟସୁହୃଦ ଶ୍ରୀମାନ୍ କରୁଣାକର କର ବି,ଏ, କାବ୍ୟ-ବ୍ୟାକରଣ-ତୀର୍ଥ ମୋର ଟୀକା କରିବା ସମୟରେ ଆସି ଉପସ୍ଥିତ ହୋଇଥିଲେ ଏବଂ, ସ୍ଥଳବିଶେଷର ଟୀକାର ପୂର୍ବାପର ଅସଙ୍ଗତ ଦୃଷ୍ଟିରେ ମୁଁ ତାଳପତ୍ର ପୋଥି ସଂଗ୍ରହ କରିବାର ପ୍ରସ୍ତାବ କରନ୍ତେ, ବାବୁ କରୁଣାକର ଗ୍ରାମରୁ ଖଣ୍ଡିଏ ପୋଥି ଆଣି ମୋତେ ଦେଇଥିଲେ । ସେ ପୋଥିର ପାଠ ସଙ୍ଗେ ଗୌରୀଶଙ୍କରଙ୍କ ମୁଦ୍ରିତ ପୁସ୍ତକର ପାଠମାନ ମିଳାଇ ଦେଖିବାରେ ମୁଦ୍ରିତ ଗ୍ରନ୍ଥର ଅନେକ ପାଠ ଅପପାଠରୂପେ ପ୍ରତୀତ ହେଲା । ପ୍ରାପ୍ତ ପୋଥିରେ ସ୍ଥଳେ ସ୍ଥଳେ ପ୍ରମାଦ ଦେଖି ସେଥିରେ ମଧ୍ୟ ଆସ୍ଥା ସ୍ଥାପନ ନ କରି ଅନ୍ୟାନ୍ୟ ସ୍ଥାନମାନଙ୍କରୁ ପୋଥି ସଂଗ୍ରହ କରି ଆଦର୍ଶ ଗ୍ରନ୍ଥର ଶୁଦ୍ଧ ପାଠ ..ର୍ଣ୍ଣୟରେ ପ୍ରବୃତ୍ତ ହେଲି । ବହୁ ଚେଷ୍ଟା, ପ୍ରୟାସ, ଖୋସାମଦ, ବରାମଦରେ .. ସ୍ଥାନରୁ ନଅ ଖଣ୍ଡ ପୋଥି ସଂଗ୍ରହ କଲି । ଏହି ନଅ ଖଣ୍ଡ ଓ ଗୌରୀଶଙ୍କରଙ୍କ ମୁଦ୍ରିତଗ୍ରନ୍ଥ, ଏହିରୂପେ ଦଶଖଣ୍ଡ ପୋଥି ମିଳାଇ ଶୁଦ୍ଧ ପାଠ ..କଳନ କରିଅଛି ବୋଲି ମୋର ବିଶ୍ୱାସ । ବିଚାରଶୀଳ ପାଠକବୃନ୍ଦ ମୋର .. ଗ୍ରନ୍ଥ ପାଠ କଲେ ଉକ୍ତିର ସମୀଚୀନତା ଜାଣି ପାରିବେ । ବର୍ତ୍ତମାନ .. ପୋଥିମାନଙ୍କ ପରିଚୟ ଓ ସେମାନଙ୍କ ଶୁଦ୍ଧତା ବିଷୟରେ ପଦେ ଅଧେ କହିବା ..କ୍ତ ମନେ କରେଁ ।

ପ୍ରଥମ ପୋଥିକଥା କୁହା ହୋଇଅଛି । ତାହା 'କ' ପୋଥିରୂପେ ଗୃହୀତ । ଦ୍ୱିତୀୟ ପୋଥି ରାୟ ବାହାଦୁର ଶ୍ରୀଯୁକ୍ତ ରାଜକିଶୋର ଦାସଙ୍କ ଠାରୁ ପ୍ରାପ୍ତ ।

ତାହା 'ଖ' ରୂପେ ପଠିତ । ଉପରୋକ୍ତ ପୋଥି ଦୁଇଖଣ୍ଡ ପ୍ରାୟ ସମାନ କହିଲେ ଚଳେ । ସ୍ଥାନବିଶେଷର ପାଠର ଯାହା ବୈସାଦୃଶ୍ୟ ଅଛି, ତାହା ସାମାନ୍ୟ । ଶୁଦ୍ଧତା ବିଷୟରେ ପୋଥିଦ୍ୱୟ ମଧ୍ୟମ ଶ୍ରେଣୀୟ । ତୃତୀୟ ପୋଥି, ଯାହା 'ଗ' ରୂପେ ସୂଚିତ, ତାହା ରାୟ ବାହାଦୁର ଶ୍ରୀଯୁକ୍ତ ଦୟାନିଧି ଦାସଙ୍କ ସ୍ୱଗଡ଼ତ ଗାଦିରୁ ଆନୀତ । ଏ ପୋଥି ମଧ୍ୟ ମଧ୍ୟମ ଶ୍ରେଣୀୟ । ଏ ପୋଥିର ବିଶେଷତ୍ୱ ଏହି ଯେ, ଏହାର ୮୦ ଛାନ୍ଦ, ରାୟ ମହୋଦୟମାନଙ୍କ ଦ୍ୱାରା ମୁଦ୍ରିତ ଗ୍ରନ୍ଥର ପ୍ରଥମ ସଂସ୍କରଣର ୮୧ ଛାନ୍ଦ ଅଟେ । କିନ୍ତୁ ଉକ୍ତ ମୁଦ୍ରିତଗ୍ରନ୍ଥର ଅଶୀ ଛାନ୍ଦଟି 'ଗ' ପୋଥିରେ ନାହିଁ । ରାୟ ବାହାଦୁର ଶ୍ରୀଯୁକ୍ତ ରାମଶଙ୍କର ରାୟ ମହାଶୟ ଏ ବିଦଗ୍ଧଚିନ୍ତାମଣି ଗ୍ରନ୍ଥର ୧୩ ଶ ସଂସ୍କରଣର ବିଜ୍ଞାପନରେ କହିଅଛନ୍ତି :— "ପ୍ରଥମ ସଂସ୍କରଣରେ ପ୍ରକାଶିତ ହୋଇଥିବା ୮୧ ଛାନ୍ଦ, ଶେଷ ଦୁଇ — ଯୋଗ ହୋଇ ଛାପା ହେବା ସମୟରେ ଛାଡ଼ିହୋଇ ଯାଇଥିବା ଦେଖି ଆମ୍ଭେ ଏ ସଂସ୍କରଣରେ ତାହା ସନ୍ନିବେଶିତ କରି ପ୍ରକାଶିତ କଲୁଁ । ପ୍ରଥମ ସଂସ୍କରଣରେ କେବଳ ୯୫ ଛାନ୍ଦ ଛାପା ହୋଇଥିଲା । ଏ ସଂସ୍କରଣରେ ପୂର୍ଣ୍ଣ ୯୭ ଛାନ୍ଦ ଛାପା ହେଲା ।" କିନ୍ତୁ ରାୟ ମହାଶୟଙ୍କ ଗ୍ରନ୍ଥର ୮୦ ଓ ୮୧ ଛାନ୍ଦକୁ ମିଳାଇ ଦେଖିଲେ ସ୍ପଷ୍ଟ ଜଣାଯାଏ ଯେ, ଦୁହିଁର ବିଷୟ ଏକ ; ପଦମାନ ମଧ୍ୟ ଏକ; କିନ୍ତୁ ପଦବିନ୍ୟାସର ସ୍ଥାନ ମାତ୍ର ପୃଥକ୍ । ଏହା ନ ଜାଣି ଦୁଇ ଛାନ୍ଦକୁ ସଙ୍ଗେ ସଙ୍ଗେ ମୁଦ୍ରଣ କରିବା ବିବେକର କାର୍ଯ୍ୟ ହୋଇଅଛି କି ? ପାଠକମାନଙ୍କ କୌତୂହଳ ନିବାରଣ ଲାଗି ଉକ୍ତ ଛାନ୍ଦଦ୍ୱୟର ପଦମାନଙ୍କର ସମତା ନିମ୍ନରେ ପ୍ରଦର୍ଶିତ ହେଲା :—

୮୧ ଛାନ୍ଦର ୧ମ ପଦର ୩ୟ, ୪ର୍ଥ ୫ମ ପାଦ ସହିତ ୮୦ ଛାନ୍ଦର ୨୮ ଶ ପଦର ଉକ୍ତ ପାଦମାନ ସମାନ । ଅନ୍ୟାନ୍ୟ ପଦମାନଙ୍କ ସାମଞ୍ଜସ୍ୟ ଯଥା:—୮୧ ଛାନ୍ଦର ୨ୟପଦ=୮୦ଛାନ୍ଦର ୨୯ଶ ପଦ । ୩ୟ=୩୦ଶ, ୪ର୍ଥ=୩୧ଶ; ୬=୩୨; ୭=୩୩, ୯=୨୩, ୧୦=୨୪; ୧୧=୨୫, ୧୨=୨୬; ୧୪=୨; ୧୫=୩; ୧୬=୪; ୧୭=୫, ୧୮=୬; ୧୯=୭, ୨୦=୮; ୨୧=୯; ୨୨=୧୦; ୨୩=୧୧; ୨୪=୧୨; ୨୫=୧୩; ୨୬=୧୪; ୨୭=୧୫; ୨୮=୧୬; ୨୯=୧୭; ୩୦=୧୮; ୩୧=୧୯; ୩୨=୨୦; ୩୩=୪୩; ୩୪=୪୪; ୩୫=୪୫; ୩୬=୪୬; ୩୭=୩୪, ୩୮=୩୫; ୩୯=୩୬; ୪୦=୩୭; ୪୧=୩୮; ୪୨=୩୯, ୪୪=୪୦; ୪୫=୪୨; ୪୬=୪୭; ୪୭=୪୮; ୪୮=୪୯; ୪୯=୫୦ ॥

ଅବଶିଷ୍ଟ ୫, ୮, ୧୩, ୪୩ ପଦମାନ ନିମ୍ନରେ ପ୍ରଦତ୍ତ କଲୁଁ :—

"ବୋଇଲେ କଣ ଶେଷ ଦେଲେଣି ପାଶୋରି ମୋ ପାଳିବା ଉପକାର । ଦେଇଛି ଯାହାକୁ ଭଜିଲେ ତାହାକୁ ଏ ଦୁର୍ଦ୍ଦଶା କବ ଛୋର । ପ୍ରାଣସଜନି ଗୋ । ଅନାଶ୍ରିତ ହେଲି ଏବେ । କରନ୍ତୁ ନ୍ୟାୟ ବିଶେଷ ପାଳନା ଭଜିବ କି ଦୃଢ଼ବ୍ରତେ ।"

"ଏମନ୍ତ ବେଳରେ ଦୂତୀ ସେ ସ୍ଥଳରେ ପ୍ରବେଶ ସନ୍ଦେଶ ଘେନି। ମୁଖ ପରସନ୍ନ କରି ଦରଶନ ଆତୁରତା ବିନୋଦିନୀ। ଦୂତୀ ବୋଇଲା ଗୋ। ଭାଗ୍ୟ-କଳ୍ପତରୁ ଫଳ। ହେଉଛୁ ସଫଳ ବେଗକୁ ବିଫଳ କରଉଛୁ ବିହି ବଳ"। ୮।

"ଦୂତୀକା ହସିଲା ଏତେକ ଭାଷିଲା ନିଶିରେ ବନ୍ଧୁର ଯୋଗ। ନିକର ସଙ୍କେତ ହୋଇଛୁ ନିକେତ ତେଜ ହେବ ତାହା ଭୋଗ। ଶୁଣି ଧନିର ଯେ। ଆନନ୍ଦ ସିନ୍ଧୁ ବଢ଼ିଲା। ଦିନ ସନ୍ତପତ ନାଶନେ ସେ ପତି ଲୋଭେ ନିଶାପେକ୍ଷା ହେଲା"। ୧୩।

"ବାଳକ କାଳରେ ଗୋବିନ୍ଦ ମେଳରେ ରାଧା ଦେଖିବାର ଶୁହିଁ। ମୁଦି ହୋଇ ବିଧି କଲେ ବିଖ ଦଧି ଦୁର୍ବାସାଏ ଛନ୍ତି କହି। ପଦସନ୍ତକ ଯେ। ରାଧା ପିଣ୍ଡା ବାସେ ଥିଲା। କି ସିବ ନିରତ ହେଲେ ଅବିରତ ସେ ଫଳ ଏବେ ଫଳିଲା"। ୪୩।

ଏଥିରୁ ଅନୁମିତ ହୁଏ, ଅଭିମନ୍ୟୁ ଏହି ଛାନ୍ଦଟି ପ୍ରଥମରେ ଲେଖାଇ ଥିଲେ; ପରେ କିନ୍ତୁ ଉପଯୁକ୍ତ ସ୍ଥାନରେ ପଦମାନ ବିନ୍ୟାସ କରି ଅଯୁକ୍ତ ପାଠ ପରିହାର ପୂର୍ବକ ସମୀଚୀନ ପାଠ ୮୦ ଛାନ୍ଦ ରୂପେ ଗ୍ରହଣ କଲେ। ଅତଏବ "ଗ"ର ୮୦ ଛାନ୍ଦ ବା ରାୟ ମହାଶୟଙ୍କ ୧୩ଶ ସଂସ୍କରଣର ୮୧ ଛାନ୍ଦ ଆଦୌ ଗ୍ରହୀତବ୍ୟ ନୁହେ। ଏତଦ୍ଦୃଷ୍ଟିରେ ସୁବିବେଚକ ଗୌରୀଶଙ୍କର ଉକ୍ତ ଛାନ୍ଦକୁ ପ୍ରଥମ ସଂସ୍କରଣ ପରେ ପରିହାର କରିଥିଲେ। କିନ୍ତୁ ରାୟ ମହାଶୟ ସେ ଛାନ୍ଦକୁ ପୁନର୍ବାର ଗ୍ରହଣ କରି ଲୋକମାନଙ୍କ କୌତୁହଳ ଅଯଥା ବୃଦ୍ଧି କରିଅଛନ୍ତି ମାତ୍ର। ଆଶ୍ଚର୍ଯ୍ୟର କଥା 'ଛ' ପୋଥିରେ, [ ଏହାର ପରିଚୟ ପରେ ଦିଆଯିବ ] ଉକ୍ତ ଦୁଇ-ଛାନ୍ଦ ୮୦ ଓ ୮୧ ଛାନ୍ଦରୂପେ ଗୃହୀତ ହୋଇଅଛି। ଏଥିରୁ ସ୍ପଷ୍ଟ ଅନୁମିତ ହୁଏ, 'ଛ' ପୋଥିର ଅନୁରୂପ କୌଣସି ପୋଥିରୁ ରାୟ ମହୋଦୟମାନେ ନିଜ ଗ୍ରନ୍ଥର ୧ମ ସଂସ୍କରଣ ସଙ୍କଳନ କରିଥିଲେ।

ଚତୁର୍ଥ ପୋଥି—ଏହା ମୁଁ 'ଘ' ରୂପେ ଗ୍ରହଣ କରିଅଛି। ମୋର ବନ୍ଧୁ ପୁରୀଜିଲ୍ଲା-ନିବାସୀ ଶ୍ରୀମାନ୍ ନଟବର ସାହୁ ବି: ଏ: ଙ୍କ ଦ୍ୱାରା ପ୍ରଦତ୍ତ। ଏ ପୋଥି ବହୁ ପ୍ରମାଦ-ପୂର୍ଣ୍ଣ ହେଲେହେଁ ସ୍ଥଳବିଶେଷରେ ଗ୍ରନ୍ଥସଙ୍କଳନ-କ୍ରିୟାରେ ବିଶେଷ ସହାୟତା ପ୍ରଦାନ କରିଅଛି।

'ଚ' ପୋଥି ପଞ୍ଚମ। ଏହା ମୋର [illegible] ପୁରୀଜିଲ୍ଲା-ନିବାସୀ ଜଗଦାନନ୍ଦ ତାଙ୍କ ଗ୍ରାମରୁ ଆଣିଥିଲେ। ଏହି ପୋଥି ରମ୍ଭାପାରେ ଲିଖିତ। ଲେଖକଙ୍କ ପ୍ରମାଦ ସତ୍ତ୍ୱେ ଏହା ଶୁଦ୍ଧତା ବିଷୟରେ 'ଗ' ପୋଥିର ସମସ୍ଥାନୀୟ।

‘ଛ’ ପୋଥି ଅଳପୁଆ-ନିବାସୀ ବାବୁ ଶ୍ରୀ ଗୌରବଲ୍ଲଭ ପଟ୍ଟନାୟକ ଆଣି ମୋତେ ଦେଇଥିଲେ । ଏ ପୋଥି ଉତ୍କୃଷ୍ଟ ।

‘ଜ’ ପୋଥି ମୋର ବନ୍ଧୁ ଢେଙ୍କାନାଳ-ନିବାସୀ ଶ୍ରୀମାନ୍ ଦୁର୍ଗାଚରଣ ପଟ୍ଟନାୟକ ବି: ଏ: ଙ୍କ ଦ୍ୱାରା ପ୍ରଦତ୍ତ । ଏ ପୋଥି ଶୁଦ୍ଧବିଷୟରେ ‘ଛ’ ପୋଥିରୁ କିଞ୍ଚିତ୍ ନ୍ୟୂନ ।

ଉପରୋକ୍ତ ଆଠଖଣ୍ଡ ପୋଥି ଓ ଗୌରୀଶଙ୍କରଙ୍କ ମୁଦ୍ରିତ ଗ୍ରନ୍ଥ ସାହାଯ୍ୟରେ ମୁଁ ଶୁଦ୍ଧପାଠ-ଗ୍ରହଣପୂର୍ବକ ଗ୍ରନ୍ଥସଙ୍କଳନ ଏକପ୍ରକାର ଶେଷ କରିଥିଲି । ଏହିସମୟରେ ବାବୁ ଗୁରୁଚରଣଙ୍କ ପ୍ରସ୍ତାବରେ ଅଭିମନ୍ୟୁଙ୍କ ଗୃହରୁ ପୋଥି ଆଣିବା ନିମିତ୍ତ ମୁଁ ଯାଜପୁରର ସବ୍‌ଡିଭିଜନେଲ୍ ମାଜିଷ୍ଟ୍ରେଟ୍ ରାୟ ସାହେବ ଶ୍ରୀଯୁକ୍ତ ରାଧାଚରଣ ଦାସଙ୍କୁ ଅନୁରୋଧ କଲି । ସାମନ୍ତସିଂହାରଙ୍କ ବଂଶଧରମାନେ ପୋଥି ହସ୍ତାନ୍ତର କରିବାରେ ଅସ୍ୱୀକୃତ ହେବାରୁ ରାଧାଚରଣ ବାବୁ ସେ ଗ୍ରନ୍ଥର ନକଲ ଜଣେ ପଣ୍ଡିତଙ୍କ ଦ୍ୱାରା କରାଇ ମୋ ନିକଟକୁ ପଠାଇଥିଲେ । ନକଲ ପାଣ୍ଡୁଲିପିରେ ବିଶେଷ ଭ୍ରମ ଓ ପ୍ରମାଦ ଦେଖି ଉକ୍ତ ପୋଥି ନିମିତ୍ତ ମୁଁ ପୁନର୍ବାର ରାଧାଚରଣ ବାବୁଙ୍କୁ ଅନୁରୋଧ କଲି । ସେ ମହାଶୟ ବହୁ ଶ୍ରମ ଓ ଯତ୍ନରେ ପୋଥିଖଣ୍ଡିକ ପଠାଇ ଦେଇଥିଲେ । ଅଭିମନ୍ୟୁଙ୍କ ଘରର ଏହି ପୋଥିକୁ ମୁଁ ‘ଝ’ ରୂପେ ଗ୍ରହଣ କରିଅଛି । ଏହା ‘ଛ’ ପୋଥିର ଅନୁରୂପ; ଅନୁମିତ ହୁଏ, ଯେପରି କି ‘ଛ’ ଓ ଏହି ‘ଝ’ ପୋଥି ଉଭୟ ଏକ ମୂଳ-ପୋଥିରୁ ଲେଖା ହୋଇଅଛନ୍ତି । ଅଭିମନ୍ୟୁଙ୍କ ଏହି ଘର-ପୋଥି ମୂଳପୋଥି ନୁହେଁ; ଏଥିରେ ମଧ୍ୟ ସ୍ଥାନେ ସ୍ଥାନେ ପ୍ରମାଦ ଅଛି । ତାହା ମୁଁ ଗ୍ରନ୍ଥର ଶବ୍ଦମାନଙ୍କର ପାଦଟିପ୍ପଣୀରେ ସ୍ଥଳବିଶେଷରେ ଦର୍ଶାଇଅଛି ।

ନବମ ‘ଞ’ ପୋଥିଖଣ୍ଡିକ ରାୟ ବାହାଦୁର ସୁଦାମଚନ୍ଦ୍ର ନାୟକଙ୍କଠାରୁ ପ୍ରାପ୍ତ । ମୁଁ “ବିଦଗ୍ଧଚିନ୍ତାମଣି”ର ଶୁଦ୍ଧପାଠ ସଙ୍କଳନରେ ହସ୍ତକ୍ଷେପ କରିଅଛି, ଏହା ଶ୍ରବଣ କରି, ସେ ମହୋଦୟ ବିନା ଅନୁରୋଧରେ ପୋଥିଟି ଜଣେ ବନ୍ଧୁଙ୍କ ହସ୍ତରେ ମୋ ନିକଟକୁ ପଠାଇଥିଲେ । ଏଥିରୁ ସୁଦାମ ବାବୁ କିପରି ସାହିତ୍ୟପ୍ରାଣ [illegible] ସୁସ୍ପଷ୍ଟ ପ୍ରତୀୟମାନ ହେଉଅଛି ।

‘ଠ’ [illegible] । ଏହା ଗୌରୀଶଙ୍କରଙ୍କ ମୁଦ୍ରିତ ଗ୍ରନ୍ଥ ।

ଉପରୋକ୍ତ ପୋଥିମାନଙ୍କ ସାହାଯ୍ୟ ନେଇ ମୁଁ ଏହି ଗ୍ରନ୍ଥର ପାଠ ସଙ୍କଳନ କଲି ।

ଯେଉଁ ସହୃଦୟ ବ୍ୟକ୍ତିଗଣ ମୋତେ ପୋଥି ପ୍ରଦାନ କରିଅଛନ୍ତି, ତାଙ୍କଠାରେ ମୁଁ କୃତଜ୍ଞ ।

ଏହି ଗ୍ରନ୍ଥ ପ୍ରାୟ ୫୦ ବର୍ଷ ହେବ ମୁଦ୍ରିତ ହୋଇ ଉତ୍କଳରେ ପ୍ରଚଳିତ ହୋଇ ଆସୁଅଛି । କିନ୍ତୁ ଦୁଃଖର କଥା, ତାହାର ଶୁଦ୍ଧ ସଂସ୍କରଣ କରିବାରେ ଏପର୍ଯ୍ୟନ୍ତ କାହାରି ଦୃଷ୍ଟି ପଡ଼ି ନ ଥିଲା । ଅଶିକ୍ଷିତ ସଂପ୍ରଦାୟ ଛାଡ଼ି ଦେଲେ ଶିକ୍ଷିତ ସଂପ୍ରଦାୟର ବିଷୟ ବିଚାର କଲେ ମନରେ କ୍ଷୋଭ ଜାତ ହୁଏ ଯେ, କିପରି ସେମାନେ ଅସଂବଦ୍ଧ ଅର୍ଥହୀନ ଅପପାଠମାନ ଏବଂବିଧ ଅବସ୍ଥାରେ ରଖିବାକୁ ପ୍ରଶ୍ରୟ ଦେଇଥିଲେ । ସେହି ମହୋଦୟମାନଙ୍କ ମୁଦ୍ରିତ ଗ୍ରନ୍ଥରୁ ଦୁଇ ଚାରୋଟି ଅପପାଠ ନିମ୍ନରେ ପ୍ରଦତ୍ତ କଲି ;—

| ସେମାନଙ୍କ ପୁସ୍ତକର ପାଠ | ଶୁଦ୍ଧ ପାଠ |
|---|---|
| ୧ । ଖେଳଲୀଳା (୧ । ୪୧) | ଖଳନନ୍ଦା |
| ୨ । ରହି କନ୍ୟାସ୍ଥଦେ ଗୋକୁଳ ସମ୍ପଦେ<br>ବୃତ୍ତି କଳ୍ପତରୁ ମୂଳରେ । (୪।୧) | ରହି ନନ୍ଦାସ୍ପଦେ···<br>ବୃତ୍ତି କଳ୍ପିତ ନୂତନରେ |
| ୩ । ଆତ୍ମଭୂତ ଅନ୍ଧ ଜନ<br>ନୟନ ବେନକ ? (୬।୪) | ଆତ୍ମଭୂ-ତମାନ୍ଧ ଜନ<br>ନୟନ ବେନ କ ? |
| ୪ । ଶ୍ରୀରାଧା ବାତୁଳ ପ୍ରେମ<br>ରସାତୁଳ·· (୫୨।୧) | ···ପ୍ରେମରହି ଭୁଲ |
| ୫ । କମଠ ମଣ୍ଡୂକ ଧ୍ୟାନରେ<br>ବିବେକ କୋଣେ ପଣେ<br>ଦୂରକର ଆଶ (୬୯।୨୫) | ···କୋଷେ ପୋଷେ<br>ଦୂରେ କରି ବାସ |
| ୬ । ବିବେକ ଚେତନା ବେକ<br>ମୋଡ଼ାଇଲା ତ (୭୧।୬) | ବିବେକ ଟଙ୍ଗାଇ ବେଳି |

ଏହିପରି ସଂଖ୍ୟାତୀତ ଭ୍ରମରେ ମୁଦ୍ରିତ ଗ୍ରନ୍ଥଟି ବିଷ-ମୂର୍ଚ୍ଛିତ । ଏପରି ପୃଷ୍ଠା ନାହିଁ ଯାହା ଭ୍ରମଶୂନ୍ୟ । ଅଧିକ ଉଦାହରଣ ଦର୍ଶାଇ ଗ୍ରନ୍ଥର କଳେବର ବୃଦ୍ଧି କରିବା ଅନାବଶ୍ୟକ । ଆକ୍ଷେପର କଥା ପ୍ରବୀଣ ଖ୍ୟାତନାମା କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ମଜୁମଦାର ମହାଶୟ ମଧ୍ୟ ଏହି ଅଯୁକ୍ତ ପାଠମାନଙ୍କୁ "ଉତ୍କଳ ସାହିତ୍ୟ ପରିଚୟ"ରେ ପ୍ରକାଶିତ କରିଅଛନ୍ତି ।

## ଅଭିମନ୍ୟୁଙ୍କର ଜୀବନ ଚରିତ ।

ମୁଁ ଅଭିମନ୍ୟୁଙ୍କ ଜୀବନଚରିତ ସଂଗ୍ରହ କରିଥିଲେହେଁ, ସ୍ୱର୍ଗୀୟ ମୃତ୍ୟୁଞ୍ଜୟ ରଥଙ୍କ ପ୍ରଦତ୍ତ ଜୀବନଚରିତକୁ ସାରବାନ୍ ମଣି ତାହାର ଉପାଦେୟ ଅଂଶମାନ ଏ ସ୍ଥାନରେ ବିବୃତ କଲି ('ଉତ୍କଳ ସାହିତ୍ୟ'-୧୮ଶ ଭାଗ ଦ୍ରଷ୍ଟବ୍ୟ) :—

"ତାହାଙ୍କର ଆଦି ଜନ୍ମସ୍ଥାନ ଜୟପୁର-ଅନ୍ତର୍ଗତ ଶିବନଗର । କେନ୍ଦ୍ରାପଡ଼ା
ସାମନ୍ତସିଂହାର ବଂଶ ସେ ବଂଶର ଅନେକ
କ୍ଷତ୍ରିୟବଂଶ ଯୋଧପୁରରୁ ଆସିଥିଲେ । ତାହାଙ୍କର ପିତାମହ ଓ ପ୍ରପିତାମହଙ୍କର ନାମ
ପରବର୍ତ୍ତୀ ବୋଲି ଅନୁମାନ ହୁଏ । ସେମାନେ ପଶ୍ଚିମରୁ ନବାଗତ । ସେ ନାମ
ଶୁଣିଲେ ପାଠକମାନେ ବୁଝିପାରିବେ ଖୋର୍ଦ୍ଧାର ଭୋଇବଂଶୀୟ ରାଜାଙ୍କଠାରୁ
ଉତ୍କଳ ପ୍ରଚଳିତ ନୁହେ । ଦ୍ୱିତୀୟତଃ ଏ ବଂଶ ପ୍ରାପ୍ତ ହୋଇଥିଲେ । ଉପାଧି କାହା-
ବରୁଆଁ ପ୍ରଗନା-ଅନ୍ତର୍ଗତ ବାଲିଆ ଜମିଦାରୀ ଜଣାଯାଏ ନାହିଁ । କେହି କେହି
ଠାରୁ ପ୍ରାପ୍ତ ହୋଇଥିଲେ, ତାହା ନିଶ୍ଚିତରୂପେ ପ୍ରଭୃତି ନାମରେ ସାତ ଟିପା
କହନ୍ତି ତେତେବେଳେ ସେ ଅଞ୍ଚଳରେ ବରପଦା ଦକ୍ଷିଣରାୟ ମହାପାତ୍ର ପ୍ରଭୃତି
ଥିଲା । ଏହି ସାତ ଟିପାରେ ରଣସିଂହ ମହାପାତ୍ର, ଅଭିମନ୍ୟୁଙ୍କ ପୂର୍ବପୁରୁଷ
ବିଭିନ୍ନ ରାଜୋପାଧିଧାରୀ ସାତ ସାମନ୍ତ ପ୍ରଭୁତ୍ୱ କରୁଥିଲେ । ସମୟରେ ସେ ବଂଶର
ଏହି ସାମନ୍ତ ମଧ୍ୟରେ ଗଣ୍ୟ ହେଉ ନ ଥିଲେହେଁ ଏକ ବୁଦ୍ଧିବଳରେ ରକ୍ଷା
ଜଣେ କେହି ଅପର ସାତ ସାମନ୍ତଙ୍କୁ ଗୋଟିଏ ମହା ବିପଦରୁ "ସାମନ୍ତସିଂହାର" ଅର୍ଥାତ୍
କରିଥିଲେ । ଏଥିରେ ସାମନ୍ତମାନେ ସନ୍ତୁଷ୍ଟ ହୋଇ ରାଜଦତ୍ତ ଉପାଧି ଦ୍ୱାରା
ସାମନ୍ତଭୂଷଣ ଉପାଧି ପ୍ରଦାନ କଲେ । ସେହି ଉପାଧି ନଗର ଅଭିମନ୍ୟୁଙ୍କ
ସମ୍ମାନ ସହିତ ବଂଶପରମ୍ପରା ଚଳି ଆସୁଅଛି । ଉକ୍ତ ବାଲିଆ ଅନ୍ତର୍ଗତ ।"
ଜନ୍ମସ୍ଥାନ । ଏହି ସ୍ଥାନଟି ବର୍ତ୍ତମାନ ଯାଜପୁର ସବ୍‌ଡ଼ିଭିଜନର

" କବିଙ୍କ ପ୍ରପିତାମହ ବନ୍ଧକା ସାମନ୍ତ ବଡ଼ ରସିକ ଓ କାବ୍ୟଶାସ୍ତ୍ରଜ୍ଞ
ଥିଲେ । ତାହାଙ୍କ ପୁତ୍ର ଖୋସାଲି ସାମନ୍ତ ପିତାଙ୍କ ପରି ସୁଖ୍ୟାତି ଲାଭ କରି ପାରି
ନ ଥିଲେ । କିନ୍ତୁ ତତ୍‌ପୁତ୍ର ଇନ୍ଦ୍ରଜିତ ଖ୍ୟାତିରେ ସମସ୍ତଙ୍କୁ ବଳି ପଡ଼ିଥିଲେ ।
ଅବଶ୍ୟ ସେ ପାଠରେ ବଡ଼ ନ ଥିଲେ । କିନ୍ତୁ ଶାଠରେ ବଡ଼ ଧୂରୀଣ ଥିଲେ ।
ସେ ଯେପରି ରସିକ ସେହିପରି ମଧ୍ୟ ଧାର୍ମ୍ମିକପୁରୁଷ ଥିଲେ । ବୀରପୁରୁଷ ବୋଲି
ତାହାଙ୍କର ସମଧିକ ଖ୍ୟାତି ଥିଲା ।" ଅଭିମନ୍ୟୁ ନିଜର "ବାଘଗୀତ"ରେ
ତାହାର ପରିଚୟ ଦେଇଅଛନ୍ତି ।

ଇନ୍ଦ୍ରଜିତଙ୍କର ଅଷ୍ଟପତ୍ନୀ ଥିଲେ, କିନ୍ତୁ ପୁତ୍ରଅଭାବ ହେତୁ ସେ ବଡ଼
ଦୁଃଖିତ ଥିଲେ । ଲୋକମୁଖରେ ପ୍ରକାଶ ଯେ, ସେ ଜଣେ ସାଧୁଙ୍କ ଅନୁଗ୍ରହରୁ
ମନ୍ତ୍ରବଳରେ ପୁତ୍ରରତ୍ନ ଲାଭ କରିଥିଲେ । ଏହି ପୁତ୍ରରତ୍ନ ଆମ୍ଭମାନଙ୍କର ଅଭିମନ୍ୟୁ ।

କିନ୍ତୁ " ତାହାଙ୍କ ବଂଶଧରମାନେ କହନ୍ତି ଯେ ପୁତ୍ରୋତ୍ପତ୍ତିକାଳ ଅତିକ୍ରାନ୍ତ
ହେବାର ଦେଖି ସଦାନନ୍ଦ କବିସୂର୍ଯ୍ୟବ୍ରହ୍ମା ତାଙ୍କୁ (ଇନ୍ଦ୍ରଜିତଙ୍କୁ) ଯଜ୍ଞାନୁଷ୍ଠାନ
କରିବା ନିମିତ୍ତ ଉପଦେଶ ପ୍ରଦାନ କଲେ । ଯଜ୍ଞାନ୍ତେ ସାମନ୍ତଙ୍କର ଅଷ୍ଟମା ପତ୍ନୀ
ସ୍ୱପ୍ନରେ ଦେଖିଲେ ଯେ ଜଣେ ବିଷ୍ଣୁଭକ୍ତ ଦିବ୍ୟ ପୁରୁଷ ତାଙ୍କ ହସ୍ତରେ ତୁଳସୀ-

ମନ୍ତ୍ର ଓ ତନ୍ତ୍ର ଦେଇ ଅନ୍ତର୍ହିତ ହୋଇଥିଲେ । ଏହି ସ୍ୱପ୍ନଦର୍ଶନ ପରେ ସେହି ତୁଳସୀମଣି ଲାଧାସ୍ୱିଣୀ ଜନନୀ ଗର୍ଭଧାରଣପୂର୍ବକ ଯଥାକାଳରେ ବହୁ ଭକ୍ତ ପୁତ୍ର ପ୍ରସବ କଲେ । ସନ ୧୧୭୪ ସାଲ ଅଥବା ୧୭୫୭ ଖ୍ରୀଷ୍ଟାବ୍ଦର ଏହି ଘଟଣା ଗୋଷ୍ଠୀଏ ସ୍ମରଣୀୟ ତଥ୍ୟ ।"

" ଅଭିମନ୍ୟୁଙ୍କ ଜନନୀ ତୁଳସୀ ଦେବୀ ଉଦୟପୁର (ଜଉଖିଆ) ଗ୍ରାମର ବିଖ୍ୟାତ ପଟ୍ଟନାୟକବଂଶ-ସମ୍ଭୂତା ଥିଲେ । ସପତ୍ନୀମାନଙ୍କ ମଧ୍ୟରେ ସେ ଅଧିକ ଧର୍ମପରାୟଣା ଥିଲେ । ଅଭିମନ୍ୟୁ ତାହାଙ୍କର ଗର୍ଭଜାତ ହୋଇଲେହେଁ ଫଳରେ ଅଷ୍ଟମାତାଙ୍କର ପୁତ୍ର ଥିଲେ । ମୃତ୍ୟୁର କିଛୁକାଳ ପୂର୍ବେ ତାହାଙ୍କ ଜନକ ଆଉ ଏକ ପୁତ୍ର ଲାଭ କରି ସୁଖୀ ହୋଇଲେ ।" ଜାଣିବାର ସୁବିଧା ଲାଗି ରଥଙ୍କ ପ୍ରଦତ୍ତ ଅଭିମନ୍ୟୁଙ୍କ ବଂଶାନୁକ୍ରମଣିକା ନିମ୍ନରେ ଉଦ୍ଧୃତ ହେଲା :—

" ବନକଣ୍ଠ ସାମନ୍ତସିଂହାର ମହାପାତ୍ର

|

ଖୋସାଲ ସାମନ୍ତସିଂହାର

|

ଇନ୍ଦ୍ରଜିତ ସାମନ୍ତସିଂହାର

|

ଅଭିମନ୍ୟୁ ସାମନ୍ତସିଂହାର ମହାପାତ୍ର — ସୁରଥ ଶ୍ରେଷ୍ଠବସ୍ତ ।"

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା—ବୈଷ୍ଣବ ନାମ ସାଧୁଚରଣ ଦାସ,—ଅଭିମନ୍ୟୁଙ୍କ ଗୁରୁ ଥିଲେ । ସେ ଯେ କେବଳ ବିଦ୍ୟାଗୁରୁ ଥିଲେ, ତାହା ନୁହେ, ଶିକ୍ଷାଗୁରୁ ମଧ୍ୟ ଥିଲେ । ବୈଷ୍ଣବ ସାଧୁଚରଣ ନିଜର ପରମାରାଧ୍ୟ ରାଧାକୃଷ୍ଣଙ୍କ ପ୍ରେମ-ରସରେ ତାଙ୍କ ପ୍ରାଣକଳ୍ପ ପୁତ୍ର ଓ ଶିଷ୍ୟ ଅଭିମନ୍ୟୁଙ୍କୁ ନିମଜ୍ଜିତ କରିଥିଲେ । ସାଧୁଚରଣଙ୍କ ଗୁରୁ ପରମ୍ପରା ଦର୍ଶନ କଲେ ସ୍ପଷ୍ଟ ଜଣାଯାଏ ଯେ ସେ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । ତାଙ୍କ କୃତ "ଗୌରଚିନ୍ତାମଣି"ର ପ୍ରଥମ ଛାନ୍ଦରେ ଅଛି;

" ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ ସର୍ବେଶ୍ୱର ।
ସେ ଆଜ୍ଞାରେ ଗଦାଧର ପଣ୍ଡିତ ଗୋସ୍ୱାମୀ ।

ତଦନୁଗ ଶ୍ରୀ ଅନନ୍ତ ଆଚାର୍ଯ୍ୟ ଗୋସ୍ୱାମୀ ।
ସେ ଶିଷ୍ୟ ଶ୍ରୀ ରଘୁ ଗୋପାଳ ଗୋସ୍ୱାମୀ ପୁଣି ।
ତାଙ୍କ ଅନୁଗତ ଲକ୍ଷ୍ମୀପ୍ରିୟା ଠାକୁରାଣୀ ।
ଠାକୁରାଣୀ ଗଙ୍ଗାମାତା ତାଙ୍କ କୃପାପାତ୍ର ।
ଶ୍ରୀ ବନମାଳୀ ଦାସ ଗୋସ୍ୱାମୀ ସେ ଆଶ୍ରିତ ।
ତାଙ୍କ ସେବକ ଶ୍ରୀ କିଶୋର ଦାସ ନାମରେ ।
ସାଧୁଚରଣ ଦାସ ଆଶ୍ରୟ ସେ ପଦ୍ୟରେ ।
ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ନାମେ ଖ୍ୟାତ ।"

ସାଧୁଚରଣ ଜଣେ ପ୍ରସିଦ୍ଧ କବି ମଧ୍ୟ ଥିଲେ । ତାହାଙ୍କର "ଯୁଗଳରସାମୃତ-ଲହରୀ," "ଯୁଗଳରସାମୃତଭଉଁରୀ," "ଗୌରଚନ୍ଦ୍ରାମଣି," "ନାମଚିନ୍ତାମଣି," "ପ୍ରେମକଳ୍ପଲତା," "ନିଷ୍ଠାମାଳମଣି" ଆଦି ଗ୍ରନ୍ଥମାନ ପାଠ କଲେ ଜଣାଯାଏ, ତାଙ୍କର କବିତ୍ୱ ଉଚ୍ଚଧରଣର ଏବଂ ତହିଁରେ ସରସତା, ସରଳତା, ମାଧୁର୍ଯ୍ୟ ଓ ଉପେନ୍ଦ୍ରଭଞ୍ଜୀୟ କାବ୍ୟଛଟାର ବିକାଶ ଶୋଭନରୂପେ ବିଳସିତ । ବଙ୍ଗୀୟ ଲେଖକ ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାର ତାହାଙ୍କର ସୁଗଭୀର ପାଣ୍ଡିତ୍ୟ ଓ ଉତ୍କଳ ସାହିତ୍ୟରେ ବିଶାଳଦର୍ଶିତ୍ୱର ନିଦର୍ଶନ ସ୍ୱରୂପ କହିଅଛନ୍ତି ଯେ, କବିସୂର୍ଯ୍ୟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟସରଣୀରେ ପଥିକ ନ ଥିଲେ ଓ ଯଦି ଅଭିମନ୍ୟୁ "ପ୍ରେମକଳ୍ପଲତା"ରେ ତାଙ୍କୁ ନିଜର କାବ୍ୟଗୁରୁରୂପେ ଉଲ୍ଲେଖ କରି ନ ଥାନ୍ତେ ତାହା ହେଲେ ତାଙ୍କ ନାମ ଅଧୁନା ବିସ୍ମୃତିର ଅନ୍ଧତମସରେ ବିଲୀନ ହୋଇଯାଇଥାନ୍ତା । ଧନ୍ୟ ମଜୁମଦାର ! ଧନ୍ୟ ତୁମ୍ଭର ଉତ୍କଳସାହିତ୍ୟଜ୍ଞାନ ! ମୋ ମତରେ ଯେ ଲୋକ ଉପରୋକ୍ତ ଗ୍ରନ୍ଥମାନ ପାଠ କରିବ, ସେ ନିଶ୍ଚୟ କହିବ, ସାଧୁଚରଣ ଦାସଙ୍କ ତୁଲ୍ୟ ଗୁରୁ ପାଇ ନ ଥିଲେ ଅଭିମନ୍ୟୁ କବିରୂପରେ ଏତେ ପ୍ରସିଦ୍ଧି ଲାଭ କରି ପାରି ନ ଥାନ୍ତେ । ସେ ଉପଯୁକ୍ତ ଗୁରୁଙ୍କର ଉପଯୁକ୍ତ ଶିଷ୍ୟ । ଅଭିମନ୍ୟୁ ସାଧୁଚରଣଙ୍କୁ ବଳି ପଡ଼ିଥିଲେ, ଏହା କହିବା ବାହୁଲ୍ୟମାତ୍ର ।

ବାଲ୍ୟକାଳରେ ଅଭିମନ୍ୟୁ ଅମରକୋଷ, ମେଦିନୀ, ବ୍ୟାକରଣ, କାବ୍ୟ, ଅଳଙ୍କାର, ଗଣିତ, ଜ୍ୟୋତିଷ ଆଦି ସଂସ୍କୃତ ଶାସ୍ତ୍ର ଉତ୍ତମରୂପେ ଅଧ୍ୟୟନ କରିଥିଲେ । ଉତ୍କଳର ପ୍ରାଚୀନ ସାହିତ୍ୟରେ, ବିଶେଷତଃ ଭଞ୍ଜୀୟ କାବ୍ୟ ଜଗତରେ, ତାଙ୍କର ଗଭୀର ଗବେଷଣା ଥିଲା । ଭାଗବତ, ବ୍ରହ୍ମବୈବର୍ତ୍ତ, ପଦ୍ମ ଆଦି ବୈଷ୍ଣବ ପୁରାଣମାନଙ୍କରେ, ବେଦ,ଉପନିଷଦ୍, ବ୍ରହ୍ମସଂହିତା ପ୍ରଭୃତିରେ, ଗୌଡ଼ୀୟ ବୈଷ୍ଣବ ଗ୍ରନ୍ଥମାନଙ୍କରେ ଓ ଜୟଦେବ, ବିଲ୍ୱମଙ୍ଗଳ, ବିଦ୍ୟାପତି, ଚଣ୍ଡିଦାସ ଆଦିଙ୍କ କୃତିରେ ସେ ପାରଦର୍ଶୀ ଥିଲେ । ଏତଦ୍‌ବ୍ୟତୀତ ବଙ୍ଗଳା, ହିନ୍ଦୀ, ମରହଟ୍ଟୀ ଓ ପାର୍ସୀ ଭାଷାରେ ଏବଂ ଯୁଦ୍ଧବିଦ୍ୟା ଓ ଆନୁଷଙ୍ଗିକ କଳାବିଦ୍ୟାରେ ମଧ୍ୟ ତାଙ୍କର ପ୍ରବେଶ ଥିଲା । ତାହାଙ୍କ ପାଣ୍ଡିତ୍ୟର ବିସ୍ତୃତ ବିବରଣ ଏହି ଗ୍ରନ୍ଥର

ଟୀକାରେ, ଏବଂ ଗ୍ରନ୍ଥାନ୍ତରଭୁକ୍ତ ବିଷୟମାନ ଓ ତତ୍କୃତ ଅନ୍ୟାନ୍ୟ ଗ୍ରନ୍ଥମାନଙ୍କର ବିବରଣ ଏକ ସ୍ୱତନ୍ତ୍ର ପ୍ରବନ୍ଧରେ, ପ୍ରକାଶ କରିବାର ବାସନା ରହିଲା ।

“ ମାତୁଳାଳୟରେ ଅବସ୍ଥାନ କରୁଥିବା କାଳରେ ତତ୍ରତ୍ୟ ଟଙ୍କଧର ନାୟକଙ୍କ ସଙ୍ଗରେ ତାଙ୍କର ( ଅଭିମନ୍ୟୁଙ୍କର ) ପରିଚୟ ହୋଇଥିଲା । ସେହିଦିନଠାରୁ ଟଙ୍କଧର ଆମରଣ ତାଙ୍କର ଜଣେ ପରମ ବନ୍ଧୁ ଥିଲେ । ଟଙ୍କଧର ଯେ କେବଳ ଜଣେ ପ୍ରସିଦ୍ଧ ସଂସ୍କୃତଜ୍ଞ ପଣ୍ଡିତ ଥିଲେ ତାହା ନୁହେଁ, ଅନେକ ଶାସ୍ତ୍ରରେ ତାଙ୍କର ଅଭିଜ୍ଞତା ଥିବାରୁ ସେ ଅଭିମନ୍ୟୁଙ୍କର ସମାଦର ଲାଭ କରିଥିଲେ ।”

ବାଲ୍ୟକାଳରୁ ଅଭିମନ୍ୟୁଙ୍କର କବିତ୍ୱର ସ୍ଫୂର୍ତ୍ତି ଓ ଭକ୍ତିର ସଞ୍ଚାର ହୋଇଥିଲା । ପ୍ରଥମେ ସେ କିପ୍ରକାର କବିତା ରଚନା କରି ପାରୁଥିଲେ ତାହାର କେତେକ ନିଦର୍ଶନ ନିମ୍ନରେ ପ୍ରଦତ୍ତ ହେଲା—

୧—କର୍ମଙ୍ଗା ଗଛର ଗୁଡ଼ି ଗୋ ମୋର ହୁଁ ଗୋ
କରମ ଯାହାର ସୁଫଳ ହୋଇବ କୃଷ୍ଣଙ୍କୁ ଲଭିବ ସେହି ଗୋ,
ମୋର ହୁଁ ଗୋ ।

ଗଞ୍ଜେଇ ଗଛର ଗୁଡ଼ି ଗୋ ମୋର ହୁଁ ଗୋ
ବେଣୁବିନୋଦିଆ ଯେଣେ ଯାଉଥାଇ ତେଣେ ଦୃଷ୍ଟି ପଡୁଥାଇ ଗୋ,
ମୋର ହୁଁ ଗୋ ।

୨—ଯୁଦ୍ଧରେ ଯେ ଅଟେ ରାମ କସାଟି
ଆନ କଉରୁଖା ବୋଲେ ମୋର ଡଟି । ଇତ୍ୟାଦି ।
ଏ ସବୁ ନବବର୍ଷବୟସ୍କ ବାଳକର ରଚନା ।

ଅଭିମନ୍ୟୁଙ୍କ କବିତ୍ୱଲାଭ ସମ୍ବନ୍ଧରେ ବହୁ ପ୍ରବାଦ ଅଛି । ତାହା ୰ମୃତ୍ୟୁଞ୍ଜୟ ରଥ ଲେଖିଅଛନ୍ତି । ସାଧୁଙ୍କ ମନ୍ତ୍ରୋପଦେଶ ବଳରେ ତାଙ୍କର କବିତ୍ୱସ୍ଫୂର୍ତ୍ତି ସେହି ପ୍ରବାଦମାନଙ୍କର ମର୍ମ ।

ଚତୁର୍ଦ୍ଦଶ ବର୍ଷ ବୟସରେ ଅଭିମନ୍ୟୁ କେନ୍ଦ୍ରାପଡ଼ାର ସୁପ୍ରସିଦ୍ଧ ଭୂମ୍ୟଧିକାରୀ ରାଧାଶ୍ୟାମ ନରେନ୍ଦ୍ରଙ୍କ ପିତୃଷ୍ୱସା ବା ସଦାଶିବ ଜେନାଙ୍କ ଭଗିନୀ ବିମଳା ଦେବୀଙ୍କୁ ବିବାହ କରିଥିଲେ । ଊନବିଂଶ ବର୍ଷ ବୟସରେ ସେ ପିତୃହୀନ ହୋଇ ସଂସାର ପ୍ରତି ବୀତତୃଷ୍ଣ ହେଲେ ଏବଂ ସ୍ୱୀୟ ସମ୍ପତ୍ତିର ରକ୍ଷଣାବେକ୍ଷଣଭାର ଜ୍ଞନସ୍ତଙ୍କଠାରେ ନ୍ୟସ୍ତ କରି ଇଷ୍ଟଦେବ ରାଧାମୋହନଙ୍କ ଉପାସନା ଓ ଲୀଳାର

ଆଲୋଚନା ଓ ରଚନାରେ କାଳଯାପନ କରୁଥିଲେ । ଏହିସମୟରେ ଉତ୍କୃତ ବୈଷ୍ଣବଗ୍ରନ୍ଥମାନଙ୍କର ରଚନା ଆରମ୍ଭ ହୁଏ । ଗ୍ରନ୍ଥମାନଙ୍କ ମଧ୍ୟରୁ 'ସୁଲକ୍ଷଣା,' 'ରସବତୀ,' 'ପ୍ରେମକଳା,'' ପ୍ରେମଚିନ୍ତାମଣି,' 'ବିଦଗ୍ଧଚିନ୍ତାମଣି' ପ୍ରଭୃତି ଗ୍ରନ୍ଥମାନ ଅଦ୍ୟାପି ବର୍ତ୍ତମାନ । ଦୁଃଖର କଥା, 'ସୁଲକ୍ଷଣା' ଓ ଅସଂପୂର୍ଣ୍ଣ 'ବିଦଗ୍ଧଚିନ୍ତାମଣି' ବ୍ୟତୀତ ତାହାଙ୍କର ଅପରାପର ଗ୍ରନ୍ଥମାନ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ ।

ଅଭିମନ୍ୟୁ ଜୀବନର ଶେଷଦଶାରେ ପତ୍ନୀଙ୍କଠାରୁ ବିଦାୟ ନେଇ ବୃନ୍ଦାବନ ଯାତ୍ରା କଲେ । ମାତ୍ର ଗୃହର ପ୍ରାୟ ଏକକୋଶ ଦୂରବର୍ତ୍ତୀ ହରିପୁର ଗ୍ରାମଠାରେ ତାହାଙ୍କ ଶରୀର ଏକାନ୍ତ ଅବଶ ହୋଇ ପଡ଼ିବାରୁ ସେ ସନ୍ଦେଶ ଦେଇ ଇଷ୍ଟଦେବ ରାଧାମୋହନଙ୍କ ପ୍ରତିମା ସେଠାକୁ ଅଣାଇଲେ ଏବଂ ସେହି ମୂର୍ତ୍ତି ନିରୀକ୍ଷଣ କରୁଁ କରୁଁ ଜୀବଲୀଳା ସମ୍ବରଣ କରି ଅମରଧାମକୁ ପ୍ରତ୍ୟାବର୍ତ୍ତନ କଲେ ।

# ବିଦଗ୍ଧଚିନ୍ତାମଣି ।

ଊନବିଂଶତି ବର୍ଷ ବୟସରେ କବି "ବିଦଗ୍ଧଚିନ୍ତାମଣି" କାବ୍ୟ ଆରମ୍ଭ କରିଥିବା ବିଷୟ ରଥେ ଉଲ୍ଲେଖ କରିଅଛନ୍ତି । କିନ୍ତୁ ମୋ' ମତରେ ତାହା ସମୀଚୀନ ବୋଧହୁଏ ନାହିଁ । କାରଣ "ବିଦଗ୍ଧଚିନ୍ତାମଣି"ର ଆଦି ଛାନ୍ଦମାନ ଆଲୋଚନା କଲେ ଜଣାଯାଏ ଯେ ତାହା ସିଦ୍ଧ ହସ୍ତର କୃତ । 'ସୁଲକ୍ଷଣା'' ପ୍ରେମକଳା,' 'ରସବତୀ', 'ପ୍ରେମଚିନ୍ତାମଣି' ପ୍ରଭୃତି କବିଙ୍କର ଅନ୍ୟାନ୍ୟ ଗ୍ରନ୍ଥମାନ ପାଠ କଲେ ଜଣାଯାଏ କି "ବିଦଗ୍ଧ"ର ଆଦିଛାନ୍ଦମାନଙ୍କର ରଚନାପଦ୍ଧତି ପ୍ରୋକ୍ତ କାବ୍ୟମାନଙ୍କର ରଚନାପଦ୍ଧତି ଅପେକ୍ଷା ଉଚ୍ଚତର କୋଟିରେ ଅବସ୍ଥିତ । ବିଶେଷତଃ ପ୍ରଥମ ଛାନ୍ଦରେ ପ୍ରଦର୍ଶିତ ପାଣ୍ଡିତ୍ୟ, ଭାବମାଧୁରୀ, ରଚନାପାଟବ, ପ୍ରାଞ୍ଜଳଭାଷା, ଔଦାର୍ଯ୍ୟ, ଗାମ୍ଭୀର୍ଯ୍ୟାଦି ଉତ୍କୃଷ୍ଟ କାବ୍ୟଲକ୍ଷଣମାନ ଊନବିଂଶବର୍ଷବୟସ୍କ ଯୁବକ ପକ୍ଷରେ ସୁଲଭ ବୋଲି ପ୍ରତୀୟମାନ ହୁଏ ନାହିଁ । ଏହାର ସବିସ୍ତର ବିଚାର ସୁବିଧା ଓ ଅବକାଶ ମିଳିଲେ କରିବାର ଆକାଂକ୍ଷା ହୃଦୟରେ ପୋଷଣ କରି, ନିଜର ଆର୍ଥିକ ଅବସ୍ଥାର ମନ୍ଦତା ଦୃଷ୍ଟିରେ ଦୁଃଖିତ ହୋଇ ବର୍ତ୍ତମାନ ନିବୃତ୍ତ ହେଲି ।

(କବି 'ପ୍ରେମଚିନ୍ତାମଣି' କାବ୍ୟକୁ ୧୯ ବର୍ଷ ବୟସରେ ଆରମ୍ଭକରି ଶେଷ କରିଥିବା ଉକ୍ତ କାବ୍ୟରେ ଉଲ୍ଲେଖ କରିଅଛନ୍ତି । ୨୦ ବର୍ଷ ବୟସରେ 'ପ୍ରେମକଳା' ଆରମ୍ଭ କରିଥିଲେ । ଏହା 'ପ୍ରେମକଳା'ରେ ଲିଖିତ ଅଛି । 'ରସବତୀ' ୨୪ ବର୍ଷ ବୟସରେ ଶେଷ କରିଥିଲେ । 'ସୁଲକ୍ଷଣା' ବି ୨୭ ବର୍ଷ ବୟସରେ ଶେଷ କରିଥିବା କାଳ ଗଣନାରୁ ଜଣାଯାଏ ।)

ଅନେକଙ୍କର ପୂର୍ବ ଧାରଣା, 'ବିଦଗ୍ଧଚିନ୍ତାମଣି' ଶ୍ରୀମତ୍ ରୂପ ଗୋସ୍ୱାମୀକୃତ ସଂସ୍କୃତ 'ବିଦଗ୍ଧମାଧବ' ନାଟକ ଅନୁକରଣରେ ଲିଖିତ । ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେ । ଅଭିମନ୍ୟୁ 'ବିଦଗ୍ଧମାଧବ', 'ଲଳିତମାଧବ', 'ଉଜ୍ଜ୍ୱଳ ନୀଳମଣି', "ଭକ୍ତିରସାମୃତ-ସିନ୍ଧୁ" ପ୍ରଭୃତି ବୈଷ୍ଣବ ଗ୍ରନ୍ଥ ; ସାଧୁଚରଣ ଦାସଙ୍କ କୃତ "ଯୁଗଳରସାମୃତଲହରୀ", "ଚୌର ଚିନ୍ତାମଣି" ଆଦି ଗ୍ରନ୍ଥ; ବ୍ରହ୍ମବୈବର୍ତ୍ତ, ବିଷ୍ଣୁପୁରାଣାଦି ଓ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ,' 'ବୈଦେହୀଶବିଳାସ' ଆଦି ଗ୍ରନ୍ଥମାନଙ୍କ ଅନୁକରଣ ବା ଅବଲମ୍ବନରେ ବିଦଗ୍ଧଚିନ୍ତାମଣିର ଆଧିକାରିକ ଓ ପ୍ରାସଙ୍ଗିକ ବା ଆନୁଷଙ୍ଗିକ ବିଷୟମାନ ରଚନା କରିଅଛନ୍ତି ସତ୍ୟ, କିନ୍ତୁ ନିଜର ଅଗାଧ ପାଣ୍ଡିତ୍ୟ ଓ ଅଲୌକିକସାମାନ୍ୟ ପ୍ରତିଭା ବଳରେ ସେ ଏକ ଅପୂର୍ବ, ଅଭିନବ, ମନୋହର ଭକ୍ତିରସାତ୍ମକ କାବ୍ୟ ନିର୍ମାଣ କରି ଉତ୍କଳଭାରତୀ କ୍ରୋଡ଼କୁ ଅଳଙ୍କୃତ କରିଅଛନ୍ତି । ଟୀକାରେ ଏ ବିଷୟର ସବିଶେଷ ବିଚାର କରିବାକୁ ମନଃସ୍ଥ କରି ବର୍ତ୍ତମାନ ଗ୍ରନ୍ଥର ବିଶାଳତା ଭୟରୁ ମୁଁ ଏଥିରୁ ନିବୃତ୍ତ ହେଲି ।

'ବିଦଗ୍ଧଚିନ୍ତାମଣି'ର ନାୟକ ଶ୍ରୀକୃଷ୍ଣ, ନାୟିକା ଶ୍ରୀରାଧା, ବିଷୟ ବୃନ୍ଦାବନର ଲୀଳା । ଏଠାରେ କୃଷ୍ଣ କିଶୋର—ରାଧା କିଶୋରୀ ; ରସ—ଶୃଙ୍ଗାର, ଉଜ୍ଜ୍ୱଳ, ମଧୁର । କୃଷ୍ଣ ମାଧୁର୍ଯ୍ୟମୟ; ରାଧା ମାଧୁର୍ଯ୍ୟମୟୀ । ପ୍ରୀତି ପରକୀୟା, ନାୟୀ ସମର୍ଥା । ପୂର୍ବରାଗର ବର୍ଣ୍ଣନ ଶୃଙ୍ଗାରାଶ୍ରିତ କରୁଣାତ୍ମକ । ଶ୍ରୀକୃଷ୍ଣଙ୍କ ସହି କିଶୋରୀଙ୍କ ମିଳନ ଓ ବିରହ ଅତି ବିଚକ୍ଷଣରୂପରେ ସମ୍ପାଦିତ । ମିଳନର ପୂର୍ବଭାବ ଓ ବିରହର ପରଭାବ ପାଠ କଲେ ହୃଦୟର ସନ୍ଧି ବିସନ୍ଧି କରୁଣ ରସରେ ପରିପ୍ଳୁତ ହୋଇଯାଏ । ଭବଭୂତି ସଦୃଶ ଅଭିମନ୍ୟୁ ବିପ୍ରଲମ୍ଭ ଶୃଙ୍ଗାରର ବର୍ଣ୍ଣନରେ ଅଦ୍ଭୁତ ଶକ୍ତିଶାଳୀ ଥିଲେ । ଏହି ବର୍ଣ୍ଣନ ପ୍ରକ୍ରିୟାରେ ସେ ବାହ୍ୟ ପ୍ରକୃତି ଓ ଚିତ୍ ପ୍ରକୃତିର ସାଧାରଣ ଓ ସୂକ୍ଷ୍ମ ବିଷୟମାନ ଏପରି ସହଜ, ସୁନ୍ଦର ଓ ସରଳ ଭାବରେ ସମନ୍ୱୟ କରି ନିଜର କାରୁଣ୍ୟମୟ ଭାବୋଚ୍ଛ୍ୱାସର ପ୍ରକାଶିକା ଭାଷାରେ ଅଭିବ୍ୟକ୍ତ କରିଅଛନ୍ତି ଯେ ପାଠକ ମାନେ ପଠନ ବା ଶ୍ରବଣ କାଳରେ ସେହି ବାହ୍ୟ ଓ ଚିତ୍ପ୍ରକୃତିରେ ବିଳାସୀ ହୋଇପଡ଼ନ୍ତି । ତହିଁରେ ଗେଟେଙ୍କ ଉକ୍ତି, "By which the soul is moved, enraptured, feasted and fed" ଚରିତାର୍ଥ ହୋଇଅଛି ।

"ବିଦଗ୍ଧ ଚିନ୍ତାମଣି" ଆଦିରସାତ୍ମକ । ଆଜିକାଲି ଶିକ୍ଷିତ ଲୋକମାନେ ଏହି ରସର ଅତିମାତ୍ର ବିଶ୍ଳେଷଣ ପ୍ରତି ହତାଦର ପ୍ରକାଶ କରନ୍ତି । କରିବାର ତ କଥା; ସେମାନଙ୍କ ଏ ରୁଚି ଦୋଷାବହ ନୁହେ । କିନ୍ତୁ ଏହି ମତରେ ମୁଁ ଗଡ୍ଡାଳିକାପ୍ରବାହରୀତି ଦେଖେଁ । ବସ୍ତୁବିଶେଷର ଅତିମାତ୍ର ବିଚାର ଦୋଷାବହ,—

ତାହା ମୁଁ ସ୍ୱୀକାର କରେ । କିନ୍ତୁ ଦେଶକାଳପାତ୍ରର ବିଚାର ମଧ୍ୟ ତତ୍ସଙ୍ଗେ କରଣୀୟ ।

କାଳିଦାସ, ଭବଭୂତି, ବାଣଭଟ୍ଟ ,ମାଘ, ଶ୍ରୀହର୍ଷଙ୍କ କୃତିରେ ଶୃଙ୍ଗାର ରସର ପ୍ରାଧାନ୍ୟ ଦେଖି ଭୋଜରାଜ "ସରସ୍ୱତୀକଣ୍ଠାଭରଣ"ରେ କହିଅଛନ୍ତି "ଶୃଙ୍ଗାରୀ ଚେତ୍, କବିଃ" ।

ଆଜି କାମଶାସ୍ତ୍ର ଉପେକ୍ଷିତ; କାରଣ ତଦ୍ଦ୍ୱାରା ସମାଜରେ ବିଶୃଙ୍ଖଳା ଓ ବ୍ୟଭିଚାରିତାର ଆଶଙ୍କା ଲୋକେ କରନ୍ତି । କାମସୂତ୍ରପ୍ରଣେତା ଜିତେନ୍ଦ୍ରିୟ ମହାପ୍ରାଣ ବାତ୍ସ୍ୟାୟନ ଜଗତର ସୁପ୍ରଜନନ ତଥା ପ୍ରକୃତ ମାନବ ଜୀବନର ସଂସ୍ଥିତ ନିମିତ୍ତ କରୁଣୈକହୃଦୟରେ ଯେ ଶାସ୍ତ୍ର ଲେଖିଅଛନ୍ତି; ତାହା ପାଠ କଲେ ଜଣାଯାଏ, ତାହା କାମୁକ ନିମନ୍ତେ—ପାଶବବୃତ୍ତିର ଚରିତାର୍ଥତା ନିମିତ୍ତ ଲିଖିତ ହୋଇନାହିଁ;—ତାହା ଜଗତର ମଙ୍ଗଳ ନିମିତ୍ତ, ଜୀବନକୁ ନିୟମିତ କରିବା ନିମିତ୍ତ । ମାନବଜୀବନର ସୂକ୍ଷ୍ମ ପର୍ଯ୍ୟାଲୋଚନା ଦ୍ୱାରା ଯେଉଁ ଆର୍ଯ୍ୟ ଧର୍ମ, ଅର୍ଥ, କାମ, ମୋକ୍ଷକୁ ଚତୁର୍ବର୍ଗ ବା ଜୀବନର ଅପରିତ୍ୟାଜ୍ୟ ମୁଖ୍ୟ ଉଦ୍ଦେଶ୍ୟଚତୁଷ୍ଟୟ ବୋଲି ନିର୍ଦ୍ଧାରଣ କରିଥିଲା, ସେହି ଆର୍ଯ୍ୟ କାମର ଉପଯୋଗିତା ଉପଲବ୍ଧି କରି-ଥିଲା ଏବଂ ତାହାର ବିଚାର ଓ ବିଶ୍ଳେଷଣରେ ପ୍ରବୃତ୍ତ ହୋଇଥିଲା । ସାର୍ବଜନିକ ମଙ୍ଗଳସାଧନପରାୟଣ ସେହି ଆର୍ଯ୍ୟ ମାନବ ପ୍ରକୃତିର ଜୈବ ଶକ୍ତିକୁ ଏକା-ବେଳେ ଉପେକ୍ଷା କରି ପାରି ନ ଥିଲା ବା ଆଧୁନିକ-ମାନଙ୍କ ପ୍ରାୟ ଅବଶ୍ୟମ୍ଭାବୀକୁ ତୁଚ୍ଛ ମନେକରି ଚକ୍ଷୁ ମୁଦ୍ରିତ କରିପାରି ନ ଥିଲା । ଏତଦ୍ଦୃଷ୍ଟିରେ ମହାକବି କାଳିଦାସଙ୍କଠାରୁ ଶ୍ରୀହର୍ଷଙ୍କ ପର୍ଯ୍ୟନ୍ତ କବିମାନେ ସ୍ୱକୃତିର ସ୍ଥଳବିଶେଷରେ କାମସୂତ୍ରାନୁଯାୟୀ ବାକ୍ୟମାନ ଯୋଜନା କରିଅଛନ୍ତି । ଏହି ଲୋକଶିକ୍ଷକମାନଙ୍କର ଏବମ୍ବିଧ ଆଚରଣ ଦୋଷାବହ ନୁହେଁ, ବରଂ ଶ୍ରେୟସ୍କର ।

ଉତ୍କଳ-ସାହିତ୍ୟରେ ଆଦି ରସର ସୂତ୍ରପାତ ପ୍ରଥମତଃ ଶୂଦ୍ରମୁନି ଶାରଳା-ଦାସଙ୍କଠାରୁ ଆରମ୍ଭ ହୋଇଥିଲେହେଁ, ରାମାୟଣକାର ବଳରାମ ଦାସ ଏହାର ଅତିମାତ୍ର ବିଶ୍ଳେଷଣର ପଥପ୍ରଦର୍ଶକ । ଏହାର ପରିପୁଷ୍ଟିର ସୀମା ଉପେନ୍ଦ୍ର ଭଞ୍ଜଙ୍କ କୃତିରେ ପରିଦୃଷ୍ଟ । ଅଭିମନ୍ୟୁ ପ୍ରଭୃତି ପରବର୍ତ୍ତୀ କବିମାନେ ଏ ବିଷୟରେ ଭଞ୍ଜଙ୍କ ପଦାଙ୍କ ଅନୁସରଣ କରିଅଛନ୍ତି ମାତ୍ର । ଯାହାହେଉ, "ସର୍ବମତ୍ୟନ୍ତଂ ଗର୍ହିତମ୍" । ସେଥିରେ ଦୋଷାରୋପ ନ କରିବା ମଧ୍ୟ ଅନୁଚିତ । ଦୋଷ ଅଛି । କିନ୍ତୁ କେବଳ ଦୋଷ ଦର୍ଶନ ଛଳରେ କବିଙ୍କର କୃତି ପାଠ କରିବା ଶୂକରର ବୃତ୍ତି ମାତ୍ର ହିନା ।

ଆଦିରସ "ବିଦଗ୍ଧ-ଚିନ୍ତାମଣି"ର ସ୍ଥାୟୀ ରସ ନୁହେ;-ତାହା ମଧୁର । ମୁଁ "ରହସ୍ୟମଞ୍ଜରୀ"ର ମୁଖବନ୍ଧରେ କହିଅଛି, ରାଧାକୃଷ୍ଣବିଷୟକ ରତିକୁ ଶୃଙ୍ଗାର, ଉଜ୍ଜ୍ୱଳ,-ମଧୁର ରସ କୁହାଯାଏ । ସେ ରତି ପରକୀୟା; ଶ୍ରୀକୃଷ୍ଣ ଭଗବାନ୍ ନରଦେହ ଆଶ୍ରୟ କରି ଆଦ୍ୟନ୍ତ ମାନବୋଚିତ ଲୀଳାମାନ କରି ଅଛନ୍ତି । ରାଧା ମଧ୍ୟ ମାନବରୂପ ପରିଗ୍ରହ ପୂର୍ବକ ମାନବୋଚିତ କ୍ରିୟାକଳାପ କରିଅଛନ୍ତି । ସେ ଉଭୟଙ୍କ ଚରିତରେ ମାନବ ଧର୍ମ, ମାନବ ଆତ୍ମର ପରିଦୃଷ୍ଟ ହୁଏ । ଗୋପୀମାନଙ୍କ ସହିତ ତାହାଙ୍କ ରମଣ ମାନବୋଚିତ—କାରଣ ସେ ମାନବ, ଗୋପୀମାନେ ମାନବୀ । ମାତ୍ର ଏହି ମାନବୀଙ୍କ ମଧ୍ୟରେ ଦେବୀତ୍ୱ କେତେଦୂର ପରିସ୍ଫୁଟ ହୋଇପାରେ, ତାହା ଏହି ଗୋପଲୀଳାରେ ପରିଦୃଷ୍ଟ । ଦ୍ୱାରାବତୀ ଓ ମଥୁରାର ପ୍ରିୟାମାନେ ମଧ୍ୟ ମାନବୀ । ତାଙ୍କ ସହିତ ମଧ୍ୟ ମାନବୋଚିତ ରମଣ; କିନ୍ତୁ ତାହା ଗୋପଲୀଳା ପ୍ରାୟ ଉଚ୍ଚସ୍ଥାନୀୟ ନୁହେ । ସେହି ମାନବଧର୍ମରେ ତାରତମ୍ୟ ଅଛି । କୃଷ୍ଣ ସର୍ବଦା ସମାନ ନୁହନ୍ତି । ପ୍ରିୟାମାନେ ମଧ୍ୟ ସମାନ ନୁହନ୍ତି । ରମଣରେ ମଧ୍ୟ ଭେଦାଖ୍ୟା ଅଛି ।

ଭଗବାନଙ୍କର ଉକ୍ତ ପ୍ରିୟାମାନଙ୍କ ରତିବର୍ଣ୍ଣନ ମାନବୋଚିତ କରିବାକୁ କବି ବାଧ୍ୟ । ପୁରାଣକାରମାନେ ତାହାହିଁ କରିଅଛନ୍ତି । ସେହି ହେତୁ ଶ୍ରୀକୃଷ୍ଣଙ୍କ ଗୋପଲୀଳା-ବିଷୟକ କାବ୍ୟମାନ ଶୃଙ୍ଗାରରସାଶ୍ରିତ । ବିଦ୍ୟାପତି, ଚଣ୍ଡୀଦାସଙ୍କଠାରୁ ଆରମ୍ଭ କରି ପ୍ରାଚୀନ ଧରଣର ଅଧୁନାତନ କବିମାନଙ୍କ ପର୍ଯ୍ୟନ୍ତ ସମସ୍ତେ ସେହି ଶୃଙ୍ଗାର ରସକୁ ଅତିମାତ୍ର ବିଶ୍ଳେଷଣ କରି ଅଶ୍ଳୀଳତାର ସୀମାକୁ ଅଧିକାର କରିଅଛନ୍ତି । ସେହି ଅଶ୍ଳୀଳତାକୁ ଗ୍ରହଣ କରିବାରେ ମଧ୍ୟ ଭକ୍ତକବି ତତ୍ତ୍ୱବିଷୟର ବିସ୍ତରପ୍ରସଙ୍ଗରେ ବାଧ୍ୟ ହୁଅନ୍ତି । ତହୁଁ ଜୟଦେବ 'ଗୀତଗୋବିନ୍ଦ'ରେ ମାନବରୁଚିବିଗର୍ହିତ ପୁରୁଷାୟିତାଦିକୁ ସ୍ଥାନ ଦେଇଅଛନ୍ତି ।

ଶ୍ରୀକୃଷ୍ଣ ପରମ, ଆତ୍ମା । ରାଧା ପ୍ରକୃତି । ଯେତେବେଳେ ପ୍ରକୃତି କୃଷ୍ଣଙ୍କ ଅଧୀନ, ତେତେବେଳେ ପରମ ଉପରି ଏବଂ ପ୍ରକୃତି ଅଧଃ । ପ୍ରକୃତି ପୁରୁଷର ସମ୍ମୁଖରେ ବା ସମତାକୁ ଆପଣାକୁ ଆଣି ପାରିବାରେ ସ୍ୱତଃ ଅକ୍ଷମ—ଯାହା ଇଂରାଜୀ ଭାଷାରେ "God is transcendent" । ସେତେବେଳେ ଭଗବାନ୍ 'ଲୀଳାବିଧୃତକଳେବର' ନୁହନ୍ତି । ଯେତେବେଳେ ଭଗବାନ୍ ଲୀଳାବପୁ ଧାରଣ କରନ୍ତି, ସେତେବେଳେ ତାଙ୍କ ଲୀଳା ପ୍ରକୃତିରେ,—ପ୍ରକୃତିର ଅନ୍ତରରେ । ତାହା 'ଗୀତଗୋବିନ୍ଦ'-କବି ଓ ଅନ୍ୟାନ୍ୟ କବିମାନେ ପ୍ରକୃତିର ପୁରୁଷାୟିତ ବୋଲି କହନ୍ତି । ଏହାକୁ ଇଂରାଜୀ ଭାଷାରେ "God is immanent" କୁହାଯାଏ । ପୂର୍ବୋକ୍ତ ଉଭୟବିଧ ବିଷୟର ପ୍ରପଞ୍ଚ-କ୍ରିୟାରେ ଘୋର ଅଶ୍ଳୀଳତା ଅବଲମ୍ବିତ ହୋଇଅଛି । ସାଧାରଣ ଦୃଷ୍ଟିରେ ଏହା ଅଶ୍ଳୀଳବହୁ ପଦ୍ୟମାନ

ହୁଏ, କିନ୍ତୁ ଉତ୍କଳର ପ୍ରତ୍ୟେକ ଭକ୍ତ କବି ତାହା ବର୍ଣ୍ଣନ କରି ନିଜର ଲମ୍ପଟ-ସ୍ୱଭାବ ଅଭିବ୍ୟକ୍ତ କରିଅଛନ୍ତି କି ? ସେମାନଙ୍କ କାବ୍ୟପାଠ କରିବାରେ ସେମାନଙ୍କର ଯେଉଁ ହୃଦୟର ଭାବ ପ୍ରକାଶିତ ହୁଏ, ତାହା ଭକ୍ତି-ପ୍ରଣୋଦିତ ଏବଂ ଘନତା ଓ ଦୀନତା ପ୍ରଖ୍ୟାପକ । ସେ ହୃଦୟରେ ବିଷୟବାସନାର ଗନ୍ଧ ଥିଲା ପରି ଜଣାଯାଏ ନାହିଁ । ତାହା ଥାଇ ପାରେ । ତାହାର ସ୍ଥାନ କିନ୍ତୁ ଅନ୍ୟତ୍ର; ଏ ପ୍ରସଙ୍ଗରେ ତାହାର ଅବକାଶ ନାହିଁ । ଯାହା କିଛି ପରିଦୃଷ୍ଟ ହୁଏ, ତାହା ପ୍ରସଙ୍ଗର ଅନୁରୋଧରେ ଓ ତଦ୍ୱିଷୟକ ପରମ୍ପରାର ସଂରକ୍ଷଣରେ । ଦେବ-ଦୁର୍ଲଭ, ଧନଞ୍ଜୟ, କବିଚରଣ, ସାଧୁଚରଣ, ଦାସରଥି, ବୈଦେହୀଶକାର ଉପେନ୍ଦ୍ର ଓ ବିଦଗ୍ଧଚିନ୍ତାମଣିକାର ଅଭିମନ୍ୟୁଙ୍କର ହୃଦୟ ଲମ୍ପଟ ଉଦ୍ଭାସିତ କି? ହିଁ, ଲମ୍ପଟସ୍ୱଭାବିତ; ତାହା ରାଧାକୃଷ୍ଣ ଓ ରାମଙ୍କ ରସବର୍ଣ୍ଣନରେ ।

"Then was not guilty shame, dishonest shame
Of Nature's works. Honour dishonourable
Sinbred, how have ye troubled mankind
With shows instead, mere shows of seeming pure
And banished from man's life his happiest life
Simplicity and spotless innocence."

Milton

ବର୍ତ୍ତମାନ କବିଙ୍କ ଭାଷା ଓ ବାକ୍ୟଯୋଜନା ସମ୍ବନ୍ଧରେ ପଦେ ଅଧେ କହିବା ଆବଶ୍ୟକ । କବିଙ୍କ ଉକ୍ତିରେ, "ଦିବ୍ୟ ଅଦିବ୍ୟ ଭାଷାରେ ପଦ ହେବ ସିଦ୍ଧି; ଦେଖ ମହାଜନ ମାର୍ଗପରମ୍ପରା ବିଧି ।" ଏହା ଦଣ୍ଡୀସ୍ୱାମୀଙ୍କର ସମ୍ମତ "ଇହଶିଷ୍ଟାନୁଶିଷ୍ଟାନାଂ ଶିଷ୍ଟାନାମପି ସର୍ବଥା । ବାଚାମେବ ପ୍ରସାଦେନ ଲୋକଯାତ୍ରା ପ୍ରବର୍ତ୍ତତେ ।" ଉକ୍ତିର ପ୍ରତିଧ୍ୱନି । ସଂସ୍କୃତ, ପ୍ରାକୃତ ଓ ଦେଶୀୟ ପୂର୍ବପ୍ରଚଳିତ ସିଦ୍ଧଭାବଳୀରେ କାବ୍ୟ ଲିଖିତ ହେବ ବୋଲି କବି ମୂଳରେ ସୂଚନା ଦେଇଅଛନ୍ତି । କବି ତାହା କରିଅଛନ୍ତି ମଧ୍ୟ । ଅଧିକନ୍ତୁ ଲୋକ-ବ୍ୟବହୃତ ହିନ୍ଦି, ପାର୍ଶୀ ଶବ୍ଦମାନଙ୍କର ବିନ୍ୟାସରେ କୂପମଣ୍ଡୂକତ୍ୱ ମଧ୍ୟ ପରିହାର କରିଅଛନ୍ତି । ତାଙ୍କ ଭାଷାର ସ୍ୱତ ବା ମାର୍ଗ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ, ସେ ଭାଷା ପ୍ରାକୃତିକ (Natural), ପରମ୍ପରାଗତ । ସେ ଭାଷାର ସଂସ୍ଥାନ ଆଧୁନିକ ଲେଖକଙ୍କର ଭାଷା ସଂସ୍ଥାନଠାରୁ ପୃଥକ୍ । ସେ ଭାଷାର ବଳ ଆଧୁନିକ ଲେଖକଙ୍କ ଭାଷାରେ ପରିଦୃଷ୍ଟ ହୁଏ ନାହିଁ । ଆଜି ଭାଷାର ଦୁର୍ବଳତା ଆସିଅଛି । ଭାଷା କ୍ଷୀଣ ଅଳ୍ପପ୍ରାଣ ଶିଶୁବତ୍ ସର୍ବଦା ପ୍ରତ୍ୟୟ-ଧାତ୍ରୀଙ୍କ ଆଲମ୍ବନ ଲୋଡ଼ୁଅଛି । ଭାଷାର ଏହି ଦୁର୍ବଳତା ଓ ପରିବର୍ତ୍ତନ ନିମିତ୍ତ ଆଧୁନିକ ଯୁଗର ପ୍ରାଥମିକ ଲେଖକମାନେ ଦାୟୀ । ସେମାନେ ସେ

ପ୍ରାଚୀନ ସାହିତ୍ୟ ପଢ଼ି ନ ଥିଲେ, ତାହା ନୁହେ; କିନ୍ତୁ ନିଜଠାରେ ପ୍ରାଚୀନତାର କ୍ରମ ରଖିବାରେ ଅପାରଗ ହୋଇଥିଲେ । ଆମ୍ଭେମାନେ ମଧ୍ୟ ଆଜିକାଲି ଆଧୁନିକ ଶିକ୍ଷାଶୈଳୀର ବଶବର୍ତ୍ତୀ ହୋଇ ସେହି ଆଧୁନିକ ଲେଖକଙ୍କର ଗ୍ରନ୍ଥାଦି ବାଲ୍ୟକାଳରୁ ପାଠ କରି ପ୍ରାଚୀନ ଭାଷାର ସଂସ୍ଥିତି ଉପଲବ୍ଧିରେ ଅକ୍ଷମ ହୋଇପଡୁଅଛୁଁ । ମୋର ଏହି ଉକ୍ତି ଅଯୁକ୍ତିରୂପେ ପ୍ରତୀୟମାନ ହୋଇପାରେ, କିନ୍ତୁ ବିଚାର କରି ଦେଖିଲେ ତାହା ସେପରି ନୁହେ । ଏହାର ଯାଥାର୍ଥ୍ୟ ପ୍ରତିପାଦନ ନିମିତ୍ତ ପ୍ରାଚୀନ ଭାଷା ସଂସ୍ଥାନର କେତେକ ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା :—

୧—"ଆହେ ତ୍ରିଭୁବନ ମୋହନ ! ଭବନ ଅନ୍ଧାର, ଜୀବନ ଯାଉଛୁଟି ।"
୨—"କହିବା, ପାରିବଟିକି ଗୋ, ତାରିବ ଆମ୍ଭଙ୍କୁ, କରିବ ଯେବେ କାର୍ଯ୍ୟ ।"
୩—"ତା କଥନ-ମୁଖ ଦେଖି ହରି ହୃଦେ ଆନନ୍ଦଚନ୍ଦ୍ର ହରିଲିନ" ।
୪—"କର, କରି ମୁଁ ଧରୁଛି, ଉପାୟ, ସରୁଛି ସାଧା ନା, କୃପା ବିସ୍ତାର, ତାର" ।

୫—"ହାସ ରସ ବେଶ ବାସ ତ୍ରାସ ଆଶ ବିଷ ସମାନ ରସିଲିନ ।"
୬—"ଲଜ୍ଜ ଧୈର୍ଯ୍ୟ କୁଳ ଶୀଳ ବିବେକ ଚଢ଼ାଇ ବେକ ମୋଡ଼ିଲିନ ।"
୭—"ଜୀବ କି ପରମେ, ମନ ପୁରୁଷେ ମିଶେ ।"

ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ବିଷୟରେ କବି ଉପେନ୍ଦ୍ରଭଞ୍ଜଙ୍କ ପଦାଙ୍କ ଅନୁସରଣ କରି ଅପ୍ରାକୃତିକତା ଦୋଷରେ ଦୋଷୀ ବୋଲି ପ୍ରତୀୟମାନ ହୁଅନ୍ତି । ୩୪ ଶ ଛାନ୍ଦରେ ନାନା ଅଳଙ୍କାରଯୁକ୍ତ ପଦାବଳୀରେ ଦୁଇ ଅର୍ଥ, ତିନି ଅର୍ଥ, ଗୂଢ଼ ଅର୍ଥ ବିଶିଷ୍ଟ ବାକ୍ୟଯୋଜନାରେ କବି ଶ୍ରୀକୃଷ୍ଣଙ୍କ ବିଳାପ କରାଇଅଛନ୍ତି । ଏହା ଅପ୍ରାକୃତିକ ( unnatural ) । ଶ୍ରୀକୃଷ୍ଣଙ୍କ ତୁଲ୍ୟ ନାୟକମୁଖରେ ଏପରି ବାକ୍ୟଯୋଜନା ଦୋଷାବହ ନୁହେ ବୋଲି କହି ସମର୍ଥନ କରିବା ଉଚିତ ମନେ କରୁନାହିଁ । କବିଙ୍କ ହୃଦୟ ଯେତେବେଳେ ରସପୂର, ସେତେବେଳେ ସେ କି ସହଜ ସରଳ ଭାଷାରେ ଦିବ୍ୟ କୋକିଳବତ୍ ଅମୃତଧାରା ଢାଳିଅଛନ୍ତି ! ଉପେନ୍ଦ୍ରଭଞ୍ଜଙ୍କ ଉକ୍ତିରେ "ପଦ ସରଳ ଧ୍ୱନିରେ ମାନସ ମୋହିବ ।" ଏଥିପ୍ରତି ଅଭିମନ୍ୟୁ ଯେ ଦୃଷ୍ଟି ଦେଇ ନ ଥିଲେ, ତାହା ନୁହେ; କିନ୍ତୁ ଯୁଗର ପ୍ରଭାବ, ତଥା ପାଣ୍ଡିତ୍ୟର ପ୍ରବୃତ୍ତି, ବୁଦ୍ଧିମତ୍ତାର ପରିଚୟ, ରଚନା ବିନ୍ଧାଣୀର କୌଶଳ— ସମସ୍ତ ଏକାଧାରରେ କାର୍ଯ୍ୟ କରି କାବ୍ୟର ବିଶେଷ ବିଶେଷ ଅଂଶକୁ ଅପ୍ରାକୃତିକ, ଦୁର୍ଭେର ବେଶବିନ୍ୟାସରେ ଅଳଙ୍କୃତ କରିଅଛି ।

ଆଜିକାଲି ଆମ୍ଭେମାନେ ପ୍ରାୟ ସମସ୍ତେ ତରଳ ସରଳ ସହଜ ଭାଷାରେ ଆନନ୍ଦ ଉପଲବ୍ଧି କରୁଁ । ତାହା ତ କରିବାର କଥା । ଅଳଙ୍କାରବର୍ଜିତ ବିଷୟରେ

ରୁଚି କଳାହୀନତାର ପରିଚାୟକ ସିନା କଳା ଉତ୍କୃଷ୍ଟ ଜୀବନର ଅବଲମ୍ବନ। ତଦନୁଯାୟୀ ଆମ୍ଭମାନଙ୍କର ଏପରି ସାହିତ୍ୟିକ ରୁଚି ପ୍ରାକୃତ ଜୀବନର ପରିମାପକ ନୁହେଁ କି ? ପକ୍ଷାନ୍ତରେ ସ୍ୱଳ୍ପବିନ୍ଦୁର ବିଷୟରେ ଅତ୍ୟଧିକ ଅଳଙ୍କାରର ବିନ୍ୟାସ ମଧ୍ୟ ନିଷ୍ପ୍ରୟୋଜନ, ତଥା ଦୋଷାବହ। ତାହା ଭଞ୍ଜୀୟ ସାହିତ୍ୟରେ ବହୁଳ ପରିମାଣରେ ଦୃଷ୍ଟ ହୁଏ ! ସାଧୁଚରଣ ଦାସଙ୍କ କୃତିରେ ମଧ୍ୟ ତାହା ସ୍ଥାନ-ବିଶେଷରେ ପରିଲକ୍ଷିତ। ଉପେନ୍ଦ୍ର ଓ ସାଧୁଚରଣ ଅଭିମନ୍ୟୁଙ୍କ ଆଦର୍ଶ। ସେହି ଆଦର୍ଶଦ୍ୱୟର ପ୍ରଭାବରେ ଆକୃଷ୍ଟ ହୋଇ ସେ ଯେଉଁ ସ୍ଥାନରେ ଅବସ୍ଥାପିତ, ତାହା ହେୟ ଜ୍ଞାନ କରିବା ଉଚିତ ନୁହେଁ।

ଆଧୁନିକ ସାହିତ୍ୟିକମାନେ ପ୍ରାଚୀନ ରାଗରାଗିଣୀ ଓ ବୃତ୍ତ ପ୍ରତି ବୀତସ୍ପୃହ ହୋଇ ପଡ଼ୁଅଛନ୍ତି। ଏହାର ପ୍ରଧାନ କାରଣ ଆଲୋଚନାର ଅଭାବ। ସ୍ଥଳ ବିଶେଷରେ ପଣ୍ଡିତମ୍ମନ୍ୟ ସାହିତ୍ୟିକମାନେ କହନ୍ତି, ସାହିତ୍ୟରେ ଆଉ ପ୍ରାଚୀନ ବୃତ୍ତ ନ ଦେଲେ ଚଳେ, ସେ ସବୁ ନିଷ୍ପ୍ରୟୋଜନ। କିନ୍ତୁ ମନେ ରଖିବା ଉଚିତ, ବୃତ୍ତ ସହିତ ସଙ୍ଗୀତର ଘନିଷ୍ଠ ସମ୍ପର୍କ ବିଦ୍ୟମାନ। ଉତ୍କଳର ଏହି ଶ୍ରମକାତର ଯୁଗରେ ମଧ୍ୟଯୁଗର ଶବ୍ଦଗଢ଼ନବଦ୍ଧ କାବ୍ୟମାଳା ଯେ ଅଦ୍ୟାପି ପଲ୍ଲୀର ଜନସାଧାରଣଙ୍କ ଜୀବନରେ ଜାଗ୍ରତ ଅଛି, ତାହାର ପ୍ରଧାନ କାରଣ ସଙ୍ଗୀତମୟତ୍ୱ। ଯେ ଜାତିର ସାହିତ୍ୟ ଯେତେ ସଙ୍ଗୀତମୟ, ସେ ଜାତିର ପ୍ରାଣ ସେତିକି ଉଚ୍ଚ। ଆମ୍ଭର ଆଧୁନିକ ସହଜପନ୍ଥୀ ଜାତି ସେହି ସଙ୍ଗୀତମୟ ବୃତ୍ତ-ମାନଙ୍କର ବ୍ୟବହାରକ୍ରମ ରକ୍ଷା କରିବା ଦୂରେ ଥାଉ, ତାହା ବୁଝିବାକୁ ସୁଦ୍ଧା ଅସମର୍ଥ। ନୋହିଲେ କି ରଥେ କହିଥାନ୍ତେ, "କେବଳ କାବ୍ୟଚର୍ଚ୍ଚାରେ କାଳେ ଅବସର ନ ସରିବ, ଏଥିପାଇଁ ତଦାନୀନ୍ତନ କବିମାନେ ସ୍ୱୀୟ କବିତାକୁ ଏପରି ରାଗରାଗିଣୀରେ ଛନ୍ଦ ଦେଇଅଛନ୍ତି ଯେ ସେ ଦଶା-ନିଶାରେ ଅନେକ ପାଠକଙ୍କର ବହୁ କାଳ କଟୁଥିଲା" ? ଏ ଉକ୍ତି ଯଥାର୍ଥ ନୁହେଁ। ସେ ସାହିତ୍ୟିକ-ମାନେ ସାଧକ ଥିଲେ, ନିଜର କବିତାକୁ ସଙ୍ଗୀତମୟ କରିବାରେ ଯତ୍ନ କରୁଥିଲେ। ତହୁଁ ସେମାନଙ୍କର ମଧୁର ସଙ୍ଗୀତମୟ ଆତ୍ମା ସେହି ମାଧୁର୍ଯ୍ୟରସ ଜନସାଧାରଣଙ୍କୁ ବିତରଣ କରିବାରେ ସର୍ବଦା ଉତ୍କଣ୍ଠିତ ଥିଲା।

ଦୁଃଖର ବିଷୟ, କବି ଗ୍ରନ୍ଥଟି ସମାପ୍ତ କରି ପାରି ନାହାନ୍ତି। ତାଙ୍କର ବୃନ୍ଦାବନପ୍ରାପ୍ତି ଏହାର ଅନ୍ତରାୟ ହେଲା। "ବିଦଗ୍ଧଚିନ୍ତାମଣି" ପ୍ରାୟ ରସମୟ ପ୍ରକାଣ୍ଡ ସଙ୍ଗୀତ-ମନ୍ଦିର ଉତ୍କଳର ଦୁର୍ଭାଗ୍ୟବଶତଃ ଚିରଦିନ ଅପୂର୍ଣ୍ଣ ରହିଲା।

କବି ଅଭିମନ୍ୟୁ ଉତ୍କଳର କବିମଣ୍ଡଳୀରେ ଏକ ଉଚ୍ଚ ଆସନ ଅଧିକାର କରି ଅଛନ୍ତି। ଉପେନ୍ଦ୍ର ଯେଉଁ କାବ୍ୟପଦ୍ଧତିର ସ୍ରଷ୍ଟା ବା ଦେଶିକ

ତାହାର ଏ ପଥିକ, ଉତ୍କୃଷ୍ଟ ପଥିକ, ଉପଯୁକ୍ତ ମର୍ମଗ୍ରାହୀ । ସାଧୁଚରଣ ଉପେନ୍ଦ୍ରଙ୍କ ଭୁଲି କାବ୍ୟରେ ବୈଚିତ୍ର୍ୟ ବିଧାନାର୍ଥ ସୁନ୍ଦର ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ସ୍ୱୀୟ ବିବେଚକତ୍ୱରେ ଗ୍ରହଣ କରି ନିଜ କାବ୍ୟମାନଙ୍କ ଉପାଦେୟ ତାକୁ ହୃଦ୍ୟ କରିଅଛନ୍ତି ଓ ସ୍ଥାନେ ସ୍ଥାନେ ମହାଯମକାଦିର ପ୍ରସ୍ତାବନାରେ ସ୍ୱୀୟ ପାଣ୍ଡିତ୍ୟ ଦେଖାଇଅଛନ୍ତି । ଅଭିମନ୍ୟୁ ସ୍ୱ ଗୁରୁଙ୍କ ବିବେଚକହିର ସାହାଯ୍ୟରେ ଓ ସ୍ୱୀୟ ବିବେକ ତୁଳନାରେ ତୁଳିତ ହେଲେହେଁ ସ୍ଥଳବିଶେଷରେ ଉପେନ୍ଦ୍ରଭଞ୍ଜୀୟ ପାଣ୍ଡିତ୍ୟ ଦେଖାଇ ସ୍ୱଗୁରୁଙ୍କୁ ବଳି ଯାଇ ନିଜଶକ୍ତିର ପରିଚୟ ଦେଇଅଛନ୍ତି ସତ୍ୟ, କିନ୍ତୁ ସେ ପ୍ରସଙ୍ଗରେ ଆପଣାର ସ୍ୱାତନ୍ତ୍ର୍ୟ ଦେଖାଇବାରେ କୃତକାର୍ଯ୍ୟ ହୋଇନାହାନ୍ତି । ସ୍ଥାନେ ୨ ଉପେନ୍ଦ୍ର ଭଞ୍ଜଙ୍କ ଭାବକୁ ଅବିକଳ ଅବଲମ୍ବନ କରି ପୋଷ୍ୟବତ୍ ଆଚରଣ କରିଅଛନ୍ତି । ସରଳତାରେ କିନ୍ତୁ ସେ ରସିକହାରାବଳୀ ଓ ଲାବଣ୍ୟବତୀର କବିଙ୍କୁ ବଳି ପଡିଅଛନ୍ତି । ଏଠାରେ ମଧ୍ୟ ସାଧୁଚରଣ ତାହାଙ୍କର ପଥ ପ୍ରଦର୍ଶକ । ରହସ୍ୟମଞ୍ଜରୀ ଓ ମଥୁରାମଙ୍ଗଳର ସହଜତା, ସରଳତା ଓ ରମଣୀୟତା ଏଥିରେ ସୁନ୍ଦରରୂପେ ବିକସିତ । ବୈଷ୍ଣବ ଦର୍ଶନର ତତ୍ତ୍ୱ ସାଧୁଚରଣ ସଦାନନ୍ଦଙ୍କ ବ୍ୟତୀତ ଅଭିମନ୍ୟୁଙ୍କ ପୂର୍ବରୁ କୌଣସି କବି ସ୍ୱକାବ୍ୟରେ ଯଥାଯଥ ସ୍ଥାନ ଦେଇ ନାହାନ୍ତି । କାବ୍ୟବସ୍ତୁ ଶ୍ରୀରାଧାକୃଷ୍ଣ ବିଷୟକ ହେତୁ ଲୋକଗ୍ରାହୀ । କରୁଣ ଓ ଶୃଙ୍ଗାର ରସ ସରଳ, ସହଜ ଓ ହୃଦ୍ୟ ଭାଷାରେ ଅଭିବ୍ୟକ୍ତି ଲଭିଥିବାରୁ ଏହା ଭଞ୍ଜଙ୍କ କୃତିମାନଙ୍କଠାରୁ ମଧ୍ୟ ବିଶେଷ ଲୋକଗ୍ରାହୀ ଓ ଲୋକପ୍ରିୟ ହୋଇଅଛି । ଅଭିମନ୍ୟୁ ଉପେନ୍ଦ୍ର ଓ ସାଧୁଚରଣଙ୍କ ଠାରୁ ଅଧିକ ଭାଗ୍ୟବନ୍ତ; କାରଣ 'ବିଦଗ୍ଧ'ର ଗ୍ରନ୍ଥ ଯେପରି ଲୋକପ୍ରିୟ ଅନ୍ୟ କୌଣସିର ସେପରି ନୁହେ । ଅଭିମନ୍ୟୁଙ୍କ ସ୍ୱାତନ୍ତ୍ର୍ୟବିଷୟରେ ମୁଁ କହେ ଯେ ଉପେନ୍ଦ୍ରଭଞ୍ଜ ଓ ସାଧୁଚରଣଙ୍କୁ ଗୁରୁ କରି ସେ ଯେ କାବ୍ୟ ନିର୍ମାଣ କରିଅଛନ୍ତି ତାହାର ଆସନ ଭକ୍ତି ବିଷୟ ହେତୁ ସେମାନଙ୍କ କୃତିଠାରୁ ଉଚ୍ଚ ଓ ହୃଦୟସ୍ପର୍ଶୀ ।

ଏହି ଗ୍ରନ୍ଥର ସଂକଳନରେ ମୋର ପ୍ରିୟ ଛାତ୍ର ଶ୍ରୀମାନ୍ ଜଗଦାନନ୍ଦ ମହାନ୍ତି ବି, ଏ, ମୋର ପ୍ରଧାନ ସହାୟ । ପ୍ରାୟ ଦୁଇବର୍ଷରୁ ଅଧିକ ସେ ଏ କାର୍ଯ୍ୟ ମୋ ସଙ୍ଗରେ ଶ୍ରମସ୍ୱୀକାର ପୂର୍ବକ କରିଅଛନ୍ତି । ସେ ସାହାଯ୍ୟ ନ କରିଥିଲେ ଏ ଗୁରୁତର କାର୍ଯ୍ୟ ଏତେ ଶୀଘ୍ର ସମ୍ପାଦିତ ହୋଇ ପାରି ନ ଥାନ୍ତା । ଭଗବାନ୍ ତାଙ୍କର ଏହି ସାହିତ୍ୟିକ ବୃତ୍ତିକୁ ବର୍ଦ୍ଧିତ କରି ତାଙ୍କୁ ଦେଶର ସେବାରେ ଲଗାନ୍ତୁ, ଏହାହିଁ ମୋର ପ୍ରାର୍ଥନା ।

ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି

୬-୭-୧୫

# ଶୁଦ୍ଧିପତ୍ର ।

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୧୩ | ୨ | ଉନ୍ମତ | ଉନ୍ନତ |
| ୧୪ | ୧୩ | ବେବମୋଦ୍ଭବେ | ସମୋଦ୍ଭବେ |
| ୨୨ | ୧୬ | ଗ୍ରସ | ଗ୍ରସି |
| ୨୪ | ୧୯ | ଶବ | ଶିବ |
| ୨୫ | ୩୧ | ଉତ୍ପନ୍ନ | ଉତ୍ପନ୍ନ |
| ୩୧ | ୧୧ | କଥାମ.ନ | କଥା ମାନ |
| ,, | ୨୦ | ଏ କଳାକର କାର | ଏ କଳାକର କ-ର । |
| ୫୮ | ୧୧ | ଶୁଣି | ଶୁଣି |
| ୬୪ | ୧ | ମୋନନସ୍ୱା | ମୋହନାସ୍ୱା |
| ୬୭ | ୨୪ | ଅଉଡ | ଆଉଡ |
| ,, | ୨୫ | ଲେଟକଶ | ଲେଟକେଶ |
| ୭୦ | ୪ | ଲଉଡ଼ | ଲଉଡ଼ |
| ୭୧ | ୮ | ଦେଖୁନାହିଁ | ଦେଖୁନାହିଁ |
| ୭୨ | ୭ | ରସିକାକୁ | ରସିବାକୁ |
| ୭୫ | ୨୦ | କେ କେ | କେ |
| ୮୧ | ୧୭ | ଅପସରବାର | ଅପସରିବାର |
| ,, | ୨୨ | ଅପସର | ଅପସରି |
| ୮୪ | ୫ | ସାରଳାକ୍ଷ | ସ.ରଳାକ୍ଷ |
| ,, | ୧୭ | ସ୍ମୁଷୀନ | ସୁଷୀନ |
| | | ବୋଲବେ | ବୋଲବ |
| ୮୭ | ୨୧ | ପଥର | ପଥର |
| ୯୨ | ୫ | ଶୋଷନ୍ତେ | ଖୋଷନ୍ତେ |
| ୯୮ | ୧୭ | ବକେଲୁଁ | ବଦେଲୁଁ |
| ୧୦୪ | ୨୭ | ହୋଇଲେ | ହୋଇଲ |
| ୧୦୫ | ୧୭ | ମକଡ | ମର୍କଡ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୧୦୭ | ୧୭ | ଧାରେ | ଧୀରେ |
| ୧୧୦ | ୪ | ଧାରେ | ଧୀରେ |
| ୧୩୧ | ୮ | ଧାରେ | ଧୀରେ |
| ୧୦୯ | ୭ | ବ୍ରବାନା | ଶ୍ରବଣା |
| ୧୨୫ | ୨୫ | ମ ରଗଣଗଣ | ମାରୁଗଣ ଗଣ |
| ୧୨୭ | ୧୦ | ସୁରସୁତ | ସ୍ୱରସୁତ |
| ୧୩୧ | ୨୨ | ସନ୍ତବନୀ | ସଞ୍ଜୀବନୀ |
| ୧୪୧ | ୧ | କ୍ଷୁଣ୍ଣି | ଅକ୍ଷୁଣ୍ଣ |
| ୧୪୭ | ୧୬ | କୁନ୍ତୁକାମ୍ବା | କୁମ୍ଭକମ୍ବା |
| ୧୫୨ | ୧୭ | ନନଡ଼ | ନବଡ଼ |
| ୧୬୧ | ୧୩ | ଅଧର | ଅଧରୁଁ |
| ୧୬୪ | ୧୬ | ଗୋଠୀ | ଗୋଷ୍ଠା |
| ୧୬୫ | ୨୭ | କଲକମଳ | କଳାକମଳ |
| ୧୬୭ | ୨୭ | କାଉଇ | କଉଇ |
| ୧୭୧ | ୭ | ନେହ୍ନବ | ନୋହ୍ନବ |
| ୧୭୫ | ୧୦ | କମଳାମୁଖୀ | କମଳମୁଖୀ |
| ,, | ୧୭ | ମଲୁଛୁ | ମଳୁଛୁ |
| ୧୭୮ | ୨୫ | ଚଞ୍ଚଳ | ଚଞ୍ଚଳା |
| ୧୮୨ | ୩୦ | ଉପଦ୍ରବ ତ | ଉପଦ୍ରବତ |
| ୧୮୩ | ୧୮ | କାର | କର |
| ୧୮୪ | ୧୩ | ହୃତ କ | ହୃତକୀ |
| ୧୮୭ | ୭ | ଦଣ୍ଡି | ଦୃଷ୍ଟି |
| ,, | ୯ | ବାତୁଳା | ବାତୁଳୀ |
| ୧୯୪ | ୭ | ଦଜ | ଦଢ |
| ୨୦୮ | ୨୫ | ଲକ୍ଷ୍ମୀ | ଲକ୍ଷ୍ମୀ |
| ୨୧୨ | ୧୧ | ଜିତବ | ଯିବେ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୨୧୩ | ୨୦ | ପ୍ରେମପୁଟେ | ପ୍ରେମପୂତେ |
| ୨୧୪ | ୨୩ | ଝୁଣା | ଝୁଣା |
| ୨୧୬ | ୧୫ | ଶ୍ରତ ନୋଦ୍ଧାଲ୍କୁ | ଶ୍ରୁତ ନୋଦ୍ଧାଲୁ |
| ,, | ୧୪ | ବଧୁର ବଧୁର ମଧୁର | ବଧୁର ମଧୁର ମଧୁର |
| ,, | ୧୦ | ଶ୍ୟମଳ | ଶ୍ୟାମଳ |
| ୨୨୨ | ୧୯ | ସାଜ ସାଜ | ମାଜ ସାଜ |
| ୨୨୫ | ୨୭ | ଅଳ କଳ | ଅଲି କଳ |
| ୨୪୦ | ୮ | ମଧପର | ମଧୁପର |
| ୨୪୨ | ୫ | ଦବ୍ୟ | ଦ୍ରବ୍ୟ |
| ,, | ୨୫ | କୃଷ୍ଣ | କୃଷ୍ଣ |
| ୨୫୩ | ୧୧ | ସୋର | ମୋର |
| ୨୫୪ | ୭ | କଣିକୁମ୍ଭେ | ମଣିକୁମ୍ଭେ |
| ୨୫୫ | ୧୭ | ମଢ | ମିଢ |
| ,, | ୨୧ | ଝୁଲ୍ଲୀ | ଝିଲ୍ଲୀ |
| ୨୫୭ | ୨୭ | ପଦ୍ଦମା | ପଦ୍ମା |
| ୨୫୮ | ୫ | ଅବେଶ | ଆବେଶ |
| ,, | ୨୮ | କଳାଲଧି | କଳାନିଧି |
| ୨୬୩ | ୨୧ | ଆଭଷିଲ | ଆଭସିଲା |
| ୨୭୦ | ୨୦ | ପ୍ରମାଦ | ପ୍ରମାଦ |
| ୨୯୦ | ୭ | ବକାର | ବକାଏ |
| ୨୯୫ | ୯ | କାଠି | କଠୀ |
| ୩୦୧ | ୧୩ | କଳ କଣ୍ଟରୁତ | କଳକଣ୍ଠରୁତ |
| ୩୧୧ | ୧୦ | ଭକ୍ତି | ଉକ୍ତି |
| ୩୧୬ | ୧୮ | ଘସୁଅଛୁ | ଘସୁଅଛୁ |
| ୩୧୮ | ୨୨ | ଉଜଚ୍ଛୁ | ଭଜଚ୍ଛୁ |
| ୩୨୦ | ୨୪ | ଅଂଶ | ଅଂଶାଂଶ |
| ୩୨୬ | ୮ | ଆସ | ଆଶ |
| ୩୩୩ | ୨୬ | ଇସ୍ଥ | ଇଷ୍ଟି |
| ୩୩୯ | ୧୩ | ଶିତ | ସିତ |
| ୩୪୯ | ୨୭ | ଉବପର | ଭବପର |
| ୩୫୧ | ୧୩ | ବର— | ବର |
| ,, | ୧୪ | ବରମା | ବରବରମା |
| ,, | ୨୭ | ଧନ | ଘନ |
| ୩୫୭ | ୧୪ | ଚନ୍ଦ୍ରମା | ଚନ୍ଦ୍ରମା |
| ୩୬୦ | ୨୭ | ପକ୍ଷ | ପକ୍ଷ |
| ୩୬୭ | ୧୯ | ଧୀରରେ | ଧୀବରେ |
| ୩୬୮ | ୪ | ସୁମନ | ସୁମନ |
| ୩୬୪ | ୨୧ | ଡାକ | ଜାକ |
| ,, | ୨୭ | ଦୃଷ୍ଟିବୃଷ୍ଟି | ବୃଷ୍ଟିଦୃଷ୍ଟି |
| ୩୭୬ | ୧୮ | ଅନୁଗଗୀଙ୍କି | ଅନୁରାଗିଙ୍କି |
| ୩୭୭ | ୧୦ | ସେବଦା | ସେବଦା |
| ୩୭୯ | ୮ | ଦାଗ | ଚାଗ |
| ୩୮୧ / ୩୮୨ | ୧୧ / ୧୫ | ନଶାରେ | ମାଶାରେ |
| ୩୮୩ | ୨୨ | ପ୍ରଗଲ୍ଭା-ବର ବଧୂ | ପ୍ରଗଲ୍ଭା-ବର |
| ୩୮୪ | ୨ | ସେନମାନେ | ସନମାନେ |
| ,, | ୧୩ | ଠାରସେ | ଠାରଲେ |
| ୩୮୪ | ୨୭ | କରେ | କେ ରେ |
| ୩୯୧ | ୯ | ବିଷେଶ | ବିଶେଷ |
| ,, | ୨୭ | ଷୋଡ଼ଷ | ଷୋଡ଼ଶ |
| ୩୯୩ | ୨୦ | ଭକ୍ତି | ଉକ୍ତି |
| ୩୯୫ | ୪ | ପ୍ରାକାଶିଲେ | ପ୍ରକାଶିଲେ |
| ୩୯୬ | ୫ | ଉଠସ୍ଥ | ଉଦସ୍ଥ |
| ,, | ୨୦ | ଚଇଚନ୍ଦ | ବଇଚନ୍ଦ |
| ୩୯୭ | ୨ | ସପ୍ତମୁଗା | ସପ୍ତମୁଗ୍ଧା |
| ୩୯୮ | ୧୭ | ଔସୁକ୍ୟ | ଔତ୍ସୁକ୍ୟ |
| ୩୯୯ | ୨ | ସାନ୍ଧ୍ୟ | ସାନ୍ଧ୍ୟ |
| ,, | ୮ | ଆସକ୍ତ | ଆସକ୍ତ |
| ୪୦୦ | ୩ | ଅଛଦ୍ୱାସେ | ଅଛିଛଦ୍ୱାସେ |
| ,, | ୨୫ | ପର | ପର |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୪୦୧ | ୫ | ବଇତଜ | ବଇତଥ୍ୟ |
| ୪୦୩ | ୧୮ | ନଜକାର୍ଯ୍ୟ | ସ୍ୱାମିକାର୍ଯ୍ୟ |
| ୪୦୪ | ୨୦ | ଦ୍ଦଗ୍ଦର୍ଶୀ | ଦଗ୍‌ଦର୍ଶୀ। |
| ୪୦୫ | ୨୮ | ସୁଦ<br>ଉତ୍ତମର | ମୁଦ<br>ଉତ୍ତର |
| ୪୦୭ | ୨୦ | ବହୁଳ | ବହୁଳ |
| ୪୦୮ | ୬ | କେବଜ | କେବଳ |
| ୪୦୯ | ୨୧ | ଉସ୍ମକୁ | ଭସ୍ମକୁ |
| ,, | ୨୭ | ପ୍ରପ୍ତି | ପ୍ରାପ୍ତି |
| ୪୧୦ | ୨୩ | ମିଳନ | ମଳନ |
| ୪୧୨ | ୫ | ଘଟକେ | ଘଟବେ |
| ,, | ୬ | ସୁମୁକ୍ଷୁ | ମୁମୁକ୍ଷୁ |
| ୪୧୩ | ୧୦ | ସାଜକୁ | ସାଜକୁ |
| ୪୧୯ | ୧୩ | ଦୂରତ | ଦୁରତ |

# ପାଦଟିପ୍ପଣୀ।

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୪୫ | ୩ | ରଦ୍ଧ | ଋଦ୍ଧ |
| ୬୨ | ୩ | ସୁଦ | ମୁଦ |
| ୮୨ | ୬ | ଘାରୁଦଶା | ଘାରୁଦଶା |
| ୯୩ | ୩ | କାମ୍ବୃଥ | କାମ୍ବୃଷ୍ଠ |
| ୯୪ | ୪ | ଫଙ୍ଗଲ | ଫିଙ୍ଗିଲ |
| ୯୬ | ୧ | ଶୀଳା | ଶିଳା |
| ୧୦୩ | ୧ | ଇଷ୍ଟ | ଇଷୁ |
| ୧୦୭ | ୬ | ଉବଷ ୭ | ଧାଡ଼କୁ ନଅ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୧୧୧ | ୩ | ଶ୍ରୀପଜ | ଶ୍ରୀପଦ |
| ୧୧୬ | ୩ | ଉତେ | ଉତର |
| ୧୧୬ | ୧ | ଉପାନୁପ୍ରାସ | ଉପମାନୁପ୍ରାସ |
| ୧୧୭ | ୨ | କେଶ | କ୍ଲେଶ |
| ୧୨୯ | ୧ | ବାଇଦ | ବାରଦ |
| ୧୩୮ | ୫ | ପଦୀରତରତ | ପୀରତସ୍ଥିତ |
| ୧୪୨ | ୮ | ଛ ଓ ଛ<br>ଅର୍ଥାବୋଧରେ | ଛ ଓ ଝ<br>ଅର୍ଥାନୁବୋଧରେ |
| ୧୫୧ | ୩ | ତର୍ଯ୍ୟଗଭଙ୍ଗୀ | ତିର୍ଯ୍ୟଗଭଙ୍ଗୀ |
| ୧୫୯ | ୩ | କାନ୍ତକୁ | କାନ୍ତକୁ |
| ୧୬୧ | ୩ | .. | କ, ଖ, ଛ, ଝ |
| ,, | ୪ | ସସିତ | ସସ୍ମିତ |
| ୧୬୨ | ୧ | ୨୧-୩ | ୨୧-୪ |
| ,, | ୫ | ୨୭-୩ | ୨୭-୩ |
| ୧୬୪ | ୩ | ୬-୧ | ୭-୨ |
| ୧୬୮ | ୮ | କୀବ | ଯିବ |
| ୧୭୨ | ୨ | ୪୪-୨ | ୪୨-୨ |
| ୧୭୫ | ୪ | ...ସ୍ୱନ | ୧୫-୬ ସ୍ୱନ |
| ୧୯୦ | ୧ | ୨୦- | ୨୦-୨ |
| ୧୯୨ | ୧ | ବାରଜାକ୍ଷୀ | ବାରଜାକ୍ଷୀ |
| ,, | ୨ | ୨- | ୨-୩ |
| ,, | ୪ | ୩- | ୩-୩ |
| ୧୯୩ | ୨ | ମିଳଇ | ଫଳ ମିଳଇ |
| ୨୦୦ | ୨ | ୩୨-୪<br>୩୨-୨ | ୩୧-୪<br>୩୩-୨ |
| ୨୧୬ | ୧ | ଘବନେ | ବନେ |
| ୨୨୦ | ୨ | ସୁମନାବନ୍ତ ଛ-ଝ | ସୁମନାବନ୍ତି ଚ-ଠ |
| ୨୨୪ | ୧ | ଭଖ୍ୟ | ଭାଗ୍ୟ |

# ବିଦଗ୍ଧ ଚିନ୍ତାମଣି ।

## ପ୍ରଥମ ଛାନ୍ଦ ।

ମଙ୍ଗଳାଚରଣମ୍—

ରାଗ । ମଙ୍ଗଳ ।

---

### ପଞ୍ଚାଶବର୍ଣ୍ଣ ନିୟମଂ ।

ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧା ହରି ।
ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କରି ଅବତରି ହେ । ୧ ।
ଆଦି ଅନାଦି କାରଣ ନିର୍ଗୁଣ ସଗୁଣ ।
ଆମ୍ନାୟାଗମ ସନାତନ ବ୍ରହ୍ମ ନିରୂପଣ ହେ । ୨ ।
ଈଶ୍ୱର ସ୍ୱତନ୍ତ୍ର ସ୍ୱୟଂ ଭଗବାନ ତୁହି ।
ଇଚ୍ଛାମୟ ସର୍ବଶକ୍ତିବନ୍ତ ତତ୍ତ୍ୱ ବିହି ଯେ । ୩ ।
ଈଶ ଶେଷାଦି ସେବକ ସେବ୍ୟ ଏକା ତୁହି ।
ଇଷ୍ଟ ଅଭୀଷ୍ଟଦ ଦୟାନିଧି ଭାବଗ୍ରାହୀ ଯେ । ୪ ।
ଉତ୍ପତ୍ତି ପାଳନାନ୍ତ ତୋ ଭ୍ରୂଭଙ୍ଗୀ ବିକାରେ ।
ଉତ୍ପ୍ଳୁତ ତନ୍ତୁବାୟ ସୂକ୍ଷ୍ମପରକାରେ ଯେ । ୫ ।
ଊର୍ଣ୍ଣନାଭବତ ଖେଳୁ ଇଚ୍ଛାଶକ୍ତିବଳେ ।
ଉଦ୍ଭବ ହୋଇ ତୁ ଧର୍ମ୍ମ ସ୍ଥାପୁ କାଳେକାଳେ ହେ । ୬ ।
ଋକ ଯଜୁ ସାମ ବହୁ ଶ୍ରୁତି ଶାସ୍ତ୍ର ଭେଦେ ।
ଋପ ଗୁଣ ଯଶ ଅଛୁ ଅଶେଷ ସମ୍ବାଦେ ହେ । ୭ ।

---

୭—୧ ଋକ ସାମ ଯଜୁର୍ବେଦ, ଘ, ଚ, ଟ; ୭—୨ ସମ୍ବାଦେ, ଜ, ଝ;

ରୁଚିର ଚରଣ ନଖ ଛଟାର ମହିମା ।
ଋକ୍ଷ ସଂଖ୍ୟା କଲେହେଁ କଳି ନପାଇଲେ ସୀମା ହେ । ୮ ।
ଲୁବ୍ଧକ ତାରକ, ବ୍ରହ୍ମା ହର ଗର୍ବହର ।
ଲୁଟାଇଯାର କୃପାରେ ମୁକତି ଭଣ୍ଡାର ହେ । ୯ ।
ଲୁଠ ଅଳି କର କୋଳ ପାଇଁ ଯଶୋଦାଙ୍କୁ ।
ଲୋଲୁପ ଗୋପୀବଦନାମ୍ବୁଜପୀୟୂଷକୁ ହେ । । ୧୦ ।
ଏମନ୍ତ ମହିମାବନ୍ତ ପ୍ରେମଭକ୍ତି ରସ ।
ଏକନିଷ୍ଠେ ଅଭିମନ୍ୟୁ କବି କରେ ଆଶ ହେ ।୧୧।

(ଇଚ୍ଛାନ୍ୟସ୍ତଃ—୧; ଦୈନ୍ୟବୋଧିକା । ୨ଃ ପ୍ରାର୍ଥନାମୟୀ । ୩ଃ ଲାଳସାମୟୀ )

ଐରାବତ ଗତି ଅଣିମାଦି ଭୋଗ ମୁକ୍ତି ।
ଐଶ୍ୱର୍ଯ୍ୟାଦିରେ ମୋ ଚିତ୍ତ ନୋହିବ ଆସକ୍ତ ହେ । ୧୨ ।
ଔଷଧୀଶାନନ ହେ ମାଗୁଛି ପଦ ଧରି ।
ଓ କରିବ, ଆଲେ ଦାସି, ଡାକିବେ କିଶୋରୀ ହେ । ୧୩ ।
ଔଦାର୍ଯ୍ୟ ଗାମ୍ଭୀର୍ଯ୍ୟାଦି ନିପୁଣ ପାଦାଶ୍ରିତେ ।
ଔଷଧ ସେ ମୋର, ତୁମ୍ଭେ ବଶ ହେବ ସତେ ହେ । ୧୪ ।
ଅନନ୍ତ କୋଟି ବ୍ରହ୍ମାଣ୍ଡ ଈଶ୍ୱରୀ ଈଶ୍ୱର ।
ଅକୈତବ କରୁଣାକୁ ପରସ୍ପରେ କର ହେ । ୧୫ ।
ଅନନ୍ତ ସିଦ୍ଧି ମୋହର ତୁମ୍ଭ ପଦାର୍ଚ୍ଚିତ ।
ଅହର୍ନିଶେ ହେଉ ସର୍ବଦା ଆଜ୍ଞା କର ଦଉ ହେ । ୧୬ ।

ଅନୁକ୍ରମଣୀ—

କାମନା କଳପତରୁ ଚିନ୍ତାମଣି ନାମ ।
କଳ୍ପିଛି କବିବରେ ବର୍ଣ୍ଣିବାକୁ ତବ ପ୍ରେମ ହେ । ୧୭ ।
ଖଗପତି ପୂର୍ତ୍ତିକର ଏ ମୋର ମାନସ ।
ଖିତିପାବନ ମଙ୍ଗଳ ବର୍ଣ୍ଣିବି ତୋ ଯଶ ହେ ।୧୮।
ଗୁଣଗ୍ରାହକେ ପାଇବେ ଚିନ୍ତାଳ ସୁପ୍ରେମ ।
ଗୀତ ହେବ ବିଦଗଧ ଚିନ୍ତାମଣି ନାମ ହେ । ୧୯ ।
ଘୃଣାରେ ଘୋଷିଲେ ନରେ ପାଇବେ ନିର୍ବାଣ ।
ଘୃତବତି ରସିକହୃଦକୁ ରବି ଜାଣ ହେ । ୨୦ ।

---

୮—୨ ବ୍ରହ୍ମା, କ, ଘ, ଚ, ଝ; ୧୩—୨ ଡାକିଲେ, କ, ଖ, ଝ; ୧୫—୨ ପରସ୍ପରେ, କ, ଖ, ଗ, ଝ ।

ଉଆଁସ ଅନ୍ଧାର ଅଜ୍ଞାନକୁ ଏ ଚନ୍ଦ୍ରମା ।
ଉଇଁଲା ରବି ଏ ଧୀରଚନ୍ଦ୍ର ସୁଖସୀମା ହେ । ୧୯ ।
ଚନ୍ଦ୍ରରୁ ଶୀତଳ ସ୍ୱାଦୁ ସୂର୍ଯ୍ୟରୁ ବିମଳ ।
ଚରିତ ଗଙ୍ଗା ନିର୍ମଳ ସିନ୍ଧୁରୁ ଅଥଳ ହେ । ୨୨ ।
ଛନ୍ଦାର୍ଥିକ ଦମ୍ଭଧର ଚୂରଣକୁ ପବି ।
ଛଇଲ ଲୋକର ନବ ଗୁଣବନ୍ତି ଛବି ହେ । ୨୩ ।

ଲକ୍ଷଣ କ୍ରମ;—

ଯମକାଦି ଛନ୍ଦ କାବ୍ୟ ପ୍ରବନ୍ଧ ପ୍ରବନ୍ଧ ।
ଯଥାଜାତ ଧନ୍ଦା ଏଥି ବୁଧ ମନବୋଧ ହେ ।୨୪।

ବୁଧ ଅଜ୍ଞବୋଧକ;—

ଝଲ ମାର୍ଗ ପାଇବେ ପଥିକ ହେଲେ ଶ୍ରମୀ ।
ଝଗଡ଼ାବାଟେ ପଶିଲେ ମୂର୍ଖେ ହେବେ ଦମୀହେ । ୨୫ ।
ନ୍ୟାୟାଦି ଶାସ୍ତ୍ର ପୁରାଣ ବେଦାଗମ କାବ୍ୟ ।
ନ୍ୟାସ କଲା ଲୋକର ଏ ହୋଇବଟି ଭବ୍ୟହେ । ୨୬ ।
ଟାଣ ଚଣା ଚର୍ବଣ ନା-ରଦ କଲା ପର ।
ଟେକ ଓଜ ଭଞ୍ଜିବ ଅବଶ୍ୟ ଶ୍ରମ କର ହେ । ୨୭ ।
ଠକ ନୋହେ ଗୁରୁ କୃଷ୍ଣ ବଇଷ୍ଣବେ ଯେହ୍ନ ।
ଠିକେ ଏଥି ମର୍ମ ଜାଣି ପାରିବେଟି ସେହ୍ନ ହେ । ୨୮ ।
ଡାକ କହୁଛୁ ମୁଁ ସୁଗମାର୍ଗ ଭକ୍ତଜନେ ।
ଡେରି କର୍ଣ୍ଣ ସସ୍ନେହତା କର ମୋ ବଚନେ ହେ । ୨୯ ।
ଢମପଣେ ବର୍ଣ୍ଣୁଛୁ ମୁଁ ଗୋବିନ୍ଦ ଚରିତ ।
ଢଗଡ଼ମାଳି ହେଲେହେଁ ସାକ୍ଷାତେ ଅମୃତ ହେ । ୩୦ ।
ଅମ୍ବୁ ଯେ ହେଉ ସେହେଉ ଶାଳଗ୍ରାମସ୍ନାନେ ।
ଅଗ୍ରାହ୍ୟ କାହାର ପାଦୋଦକ ନାମଜ୍ଞାନେ ହେ । ୩୧ ।
ତଜ୍ଜ୍ଞ ଏପରସ୍ନେ ଭାବ ଏଗୀତେ ରସିବ ।
ତୁଚ୍ଛ ମୋ ବଚନୁ ଚ୍ୟୁତ ବୋଲି ନକରିବ ହେ । ୩୨ ।

---

୨୪—୨ ଝଗଡ଼,—ଜ, ଝ; ୨୫—୨ ଭ୍ରମି, ଝ, କ, ଖ; ୨୮—୨ଶ୍ରମ-ଚ୍,
୨୯—୨ ସସ୍ନେହତ—କ, ଖ, ଝ; ୩୨—୧ ଏପରିରେ ଝ; ୩୨—୨
ବଦନୁ ଚ୍ୟୁତ—ଝ ଓ ଠ; ତୁଚ୍ଛ ମୋ ବଚନ ବୋଲି ତୁଚ୍ଛ ନ କରିବ;—ଗ,

ଥୋକେ ସ୍ଥଳ ହେବ ଦ୍ରାକ୍ଷାଗୁଡ଼ଲୂତ ପାକ ।
ଥୋକେ ପାକ ନାଉକେଳ ଖର୍ଜ୍ଜୂରରେଚକ ହେ । ୩୩ ।
ଦ୍ରବ୍ୟ ଅଦ୍ରବ୍ୟ ଛପାରେ ପଦ ହେବ ସିଦ୍ଧି ।
ଦେଖ ମହାଜନମାର୍ଗ-ପରମ୍ପରା ବିଧି ହେ । ୩୪ ।
ଧ୍ରୁବ ଶବ୍ଦ ସାକ୍ଷାତ ଉପମା ଅନୁମାନ ।
ଧର ବିସ୍ତରଲେ ହେବ ଏଥି ଅର୍ଥଜ୍ଞାନ ହେ । ୩୫ ।
କ୍ଷୀରସ୍ର ଗୋରସ ପରିପାକ ପରି ହୋଇ ।
କଷ୍ଟା ବେଳୁଁ ବେଳ ବୃଦ୍ଧି ହେବ ସ୍ୱାଦୁଦାୟୀ ହେ । ୩୬ ।

ସାଧୁ ସ୍ତୁତି;—

ପ୍ରେମ ପରିପାକ ଧୀର ଘନ ପରସ୍ପେତ ।
ପାଣିଖାର କ୍ଷୀର ଦୁଇ କରନ୍ତି ଏକତ୍ର ହେ । ୩୭ ।
ଫନ୍ଦା ମୁଁ କରିଛି ଏହି ଯେଉଁ ଭୂମ୍ବ ପଦ ।
ଫୁଲପରି ଶିରୋଧାର୍ଯ୍ୟ ହେବ ମୋର ପଦ ହେ । ୩୮ ।
ବିବେକ ଗ୍ରାହକ କୋଷ୍ଠି କବି ଆସ୍ଥ ଯେନ ।
ବର୍ତ୍ତିଥିଲେ କବି କବିତ୍ୱ କି ହେବ ମ୍ଳାନ ହେ । ୩୯ ।
ଷଦେ ବୈଶ୍ୟ ପରାସ୍ତେ ମୁଁ ମେଲିଛି ପସରା ।
ଷଡ଼ ସବୁ ଦ୍ରବ୍ୟକୁ ଗ୍ରାହକ ଲୋଡ଼ା ପରା ହେ । ୪୦ ।

ଖଳନିନ୍ଦା;—

ମତ୍ସରୀ କବିତ୍ୱ ଦୋଷ ପସରରେ ଥାଇ ।
ମକ୍ଷିକେ ଜାହିଁକ ଖଳେ ତାହା ନିତ ଧାଇଁ ହେ । ୪୧ ।
ଯଥାଜାତ ବୁଦ୍ଧି ଶୁନ୍ମପୁଚ୍ଛ ପ୍ରାୟେ ଯେଜ ।
ଯଥୋଚିତ ନୋହେ ତାଙ୍କ ନିନ୍ଦନ ବନ୍ଦନ ହେ । ୪୨ ।
ରାହୁ ବଡ଼ ବୋଲିବା କି ବିଧୁନୁଦ ହେଲେ ।
ରସ-ଛନ୍ଦକେ ସେପରି ବୋଲନ୍ତି ଅଖିଳେ ହେ । ୪୩ ।
ଲାଭ ନଥିଲେହେଁ ସର୍ପ ପରାୟେ ଦଂଶନ୍ତି ।
ଲୀଳାକର ରସଦେଲେ ବିଷ ଉଦ୍ଗାରନ୍ତି ହେ । ୪୪ ।
ବାଇ ବୋଲିବେତ ବନ୍ଧୁ ନିନ୍ଦିଲେ ତାହାଙ୍କୁ ।
ବଡ଼ ଚିନ୍ତ ନୋହେ ପିପୀଲିକା ବିନାଶକୁ ହେ । ୪୫ ।
ସୁଜନେ ଆଦର ମିତ୍ରପରି ଏ କବିତ୍ୱ ।

---

୩୫—୨ ସାକ୍ଷାତେ ଟ ଓ ଠ; ୩୬—୨ ସ୍ୱାଦୁ ହୋଇ—ଜ; ସ୍ୱାଦୁ ପାଇ—ଛ;
୪୦—୨ ଷଡ଼ ସମ ଦ୍ରବ୍ୟକୁ—ଟ ଓ ଠ, ୪୧—୨ ନିକ ଧାଇଁ-ଠ-ଅପ;

ସର୍ବ ସୁମନା ସୁରସ କରନ୍ତୁ ଏକତ୍ର ହେ । ୪୬ ।
ସରଘା ପରାୟେ ଅଲ୍ପବୁଦ୍ଧି ଶକ୍ତିହୀନ ।
ସଂସାରେ କେବଳ ମଧୁକୋଷ କାଢ଼ି ଦେନ ହେ । ୪୭ ।
ସ୍ୱାଦ ଆସ୍ୱାଦନ କଲେ ଚିତ୍ତ ମଗ୍ନ ହେବ ।
ସଂସାର ସାଗରବୁଡ଼ା ବାଧ ବ୍ୟାଧି ଯିବ ହେ । ୪୮ ।
ହରେକୃଷ୍ଣ ରାମନାମ ଯହିଁ ସେହି ତତ୍ତ୍ୱ ।
ହରଷେ ରସ ଏଘେନ ସାଧବ ଏ ଗୀତ ହେ । ୪୯ ।
କ୍ଷମାନିଧି କୃଷ୍ଣ ଅବଦ୍ଧରେ ପୂର୍ଣ୍ଣକର ।
କ୍ଷମେ ଭଣେ ଅଭିମନ୍ୟୁ ସାମନ୍ତସିଂହାର ହେ । ୫୦ ।

---

## ଦ୍ୱିତୀୟ ଛାନ୍ଦ ।

### ରାଗ-ମଙ୍ଗଳ ।

—o—

ସଙ୍ଗମତଆସି ବାଣୀ ।

ଗୂଢ଼ାଦ୍ୟଯମକ । କୃଷ୍ଣ ବାଳପୌଗଣ୍ଡଲୀଳା ।

ଧୀରେ ଧୀରେ ଶୁଣ ଏ ଉତ୍ତାନୁ ଚରିତ ।
ପୁଣ୍ୟ ପୁଣ୍ୟଜନେ କଲେ ସଂସାରୁ ହତ । ୧ ।
ମହୀ ମହୀଶଙ୍କ ତାପ ଅମାପ ହେଲା ।
ନାଗ ନାଗରେ ଅବନୀ ବୁହା ନ ଗଲା । ୨ ।
ପର ପରଜାଙ୍କ ବିତ୍ତ ହରିଲେ ବଳେ ।
ସୁର ସୁରଦ୍ୱେଷ ତ୍ରାସେ ବିରସ ହେଲେ ॥ ୩ ।
ନରଙ୍କ ନରକ ଅତିଶୟ ହୋଇଲା ।
ତପ ତପବନ୍ତଙ୍କର ଥୟେ ନୋହିଲା । ୪ ।
ବିଧିରେ ବିଧୀରେମୁନି ଯାଇଁ କହିଲେ ।
ଅସୁର ଅସୁରଦର୍ପେ ଦେବେତ ହେଲେ । ୫ ।
ଲୋକେ ଲୋକେଶ ଯେ ଦୟା କରି ବସ୍ତର ।
ସର୍ବ ସର୍ବସୁର ମୁନି ଘେନି ବାହାର । ୬ ।
ଚଢ଼େ ଚନ୍ଦ୍ରେ କ୍ଷୀରସିନ୍ଧୁତୀରେ ବିଧାତା ।

---

୪୮—୨ ବାଧା ବ୍ୟାଧି—ଜ—

୩—୨ ସୁରଦ୍ୱିଷ—କ, ଖ, ଘ, ଚ; ସୁରଦ୍ୱେଷୀ-ଛ ଓ ଠ;

ହର ହରଷରେ ହରି ସକଳ ଚିନ୍ତା । ୭ ।
ଅନନ୍ତ ଅନନ୍ତଶୟନରେ ତା ଜାଣି ।
ଲୋକେ ଲୋକେ ଜନମି ତାରବ ମୁଁ ପୁଣି । ୮ ।
ହୃଦରେ ହୃଦରେ ଥାଅ, ବିଧିରେ କହ ।
ସିତାସିତାଙ୍ଗଜ ପ୍ରେମ ଦେଲେ ଯେ ତହିଁ । ୯ ।
ବ୍ରହ୍ମା ବ୍ରହ୍ମାଣ୍ଡ କରତା ଆଦେଶ ପାଇ ।
ଚିତ୍ତେ ଚିନ୍ତେ ଏରୂପେ ଜନ୍ମିବେ ଗୋସାଇଁ । ୧୦ ।
ସୁମନସେ ସୁମନସେ ବିଧାତା-ହୋଇ ।
ଭର ଭରଧର ବିନାଶିବେ ବୋଲଇ । ୧୧ ।
ଅର ଅରି ଧରି ହରି କରିବେ ନାଶ ।
ଶ୍ରବଣେ ଶ୍ରବଣେ ସୁର ମୁନିଏ ତୋଷ । ୧୨ ।
ଜମ୍ବୁ ଜମ୍ବୁ କହି ନିଜ ପୁରକୁ ଗଲେ ।
ସାତ୍ୱତ ସାତ୍ୱତକୁଳେ ଜାତ ଇଚ୍ଛିଲେ । ୧୩ ।
ଦେବକୀ ଦେବକନ୍ୟରେ ତାରଣପାଇଁ ।
ଜନନିବାସ ଜନନୀବାସକୁ ଧାଇଁ । ୧୪ ।
ଲୋକେ ଲୋକେ ଜନ୍ମବାଦ ପ୍ରକାଶ କରି ।
ଧରି ଧରିଜାତ ମାତା ଧରର ପୁଣି । ୧୫ ।
ଜନକ ଜନଙ୍କ ନ ଜାଣିମାରେ ନେଇ ।
ଗୋପେ ଗୋପ୍ୟେ ନନ୍ଦଘରେ ବହନ ଥୋଇ । ୧୬ ।
ନନ୍ଦନନ୍ଦନ ଯେ ମାୟା ଆଶ୍ରିତ ହୋଇ ।
ଜାତ ଯାତନାକୁ ଥିଲେ ସ୍ୱହସ୍ତେ ପାଇ । ୧୭ ।
ଅଙ୍ଗ ଅଙ୍ଗ ଘନ ବିଦ୍ୟୁ ପ୍ରାୟେ ମିଶିଲା ।
ପର ପରମାତ୍ମାରେ କି ଜୀବ ପଶିଲା । ୧୮ ।
ଶକ୍ତି ଶକ୍ତିବନ୍ତ ତାତେ ପାଲଟି ଦେଲେ ।
ମାୟା ମାୟାରେ ତା ବସୁଦେବ ଯେ ନେଲେ । ୧୯ ।
କଂସ କଷଣ ବହିଲା ପ୍ରାତେ ତା ଜାଣି ।
ଖରେ ଖ ରେ ଅନ୍ତର୍ଦ୍ଧାନ ସେ ଠାକୁରାଣୀ ।୨୦।
ଅରି ଅରିଧର ଘୋର ଜାତ ଭୂଲୋକେ ।
ଜୀବ ଯିବ ଦୁଷ୍ଟଙ୍କର, ଶୂନ୍ୟରେ ଡାକେ । ୨୧ ।
ଶ୍ରବଣେ ଶ୍ରବଣେ କଂସ ଦେଖା ଘରଣି ।

---

୧୫—୨ ଧରରେ—କ, ଖ, ଗ,ଓ ଘ; ୧୬—୨ ସୁତରେ ପାଇ-ଙ ଓ ଠ;

ବୁଦ୍ଧି ବୁଦ୍ଧି ବିଷ୍ଣୁ ବାଡେ କଲ୍ଲ ସେ ନତ । ୨୨ ।
ବଳଭଦ୍ର ବଳଭଦ୍ର ରୋହିଣୀ ସୁତ ।
ଅନନ୍ତ ଅନନ୍ତମୂର୍ତ୍ତି ଆଗହୁଁ ଖ୍ୟାତ । ୨୩ ।
କୃଷ୍ଣ କୃଷ୍ଣମୂର୍ତ୍ତି ଧର ପୁଣି ଜନ୍ମିଲେ ।
ଯଶୋଦସ୍ତ୍ରୀ ଯଶୋଦସ୍ତ୍ରୀକାଶ୍ରି ସେ ହେଲେ ।୨୪ ।
ସିତାସିତାମ୍ବୁଜମୁଖଯୁଗଳ ଦେଖି ।
ଜନ୍ମ ଜନ ନଚସ୍ତ୍ର ଅତ୍ୟନ୍ତ ସୁଖୀ । ୨୫ ।
ରାମ ରାମଶ୍ୟାମ ବାଳକାଳ ପାଳନ ।
ଶେଷ ଶେଷ କରବେ କ କଲେ କଥନ । ୨୬ ।
ଆନ ଆନନ୍ଦକୁ ଲକ୍ଷ ଦେବାର ନୋହେ ।
ଜନ ଜନକ ଜନନୀ ମନକୁ ମୋହେ । ୨୭ ।
ପୂତନାମା ପୂତନାମାରଣକୁ କଲେ ।
ଶକଟ ସଙ୍କଟରୁ ନଶଙ୍କେ ତରଲେ । ୨୮ ।
ତୃଣା ତୃଣାବଳୀ ପର ହେଲ୍ଲ ବନାଶ ।
ବସ୍ତ୍ରା ବସ୍ତ୍ରାରକ୍ଷୀଠାରେ ହୋଇଲ୍ଲ ନାଶ । ୨୯ ।
ବକ ବକନ ଚରଲେ ଦ୍ୱିଫାଳ କର ।
ଅଘ ଅଘମରଷଣ ତାଳୁ ବଦାର । ୩୦ ।
ଯାମଳା ଯାମଳା ପୂର୍ବ ଶାପୁଁ ତରଲ୍ଲ ।
ବୃଷ ବୃଷଶ୍ରେଷ୍ଠେ ହର ହସ୍ତରେ ମଲ୍ଲ । ୩୧ ।
ଧେନୁକ ଧେନୁକପାଳ ତାଳାର୍ଥେ ନାଶି ।
ଫୁଟି ଫୁଟିଲ୍ଲର ପର ନଶିଲ୍ଲ କେଶୀ । ୩୨ ।
କାଳୀ କାଳିଆଚରଣେ ଦଳ ହୋଇଲ୍ଲ ।
ଧର ଧରଣରେ ଇନ୍ଦ୍ର ବାଦେ ହାରଲ୍ଲ ।୩୩।
ବିଧୀରେ ବିଧିରେ ବସ୍ତା ହରଣେ ଗଞ୍ଜି ।
ଗୋକୁଳ ଗୋକୁଳସୁତ ହୋଇଣ ରଞ୍ଜି । ୩୪ ।
କଦମ୍ବ କଦମ୍ବତଳେ ନାଶିଲେ ରାମ ।
କନ୍ଦରେ କନ୍ଦରେ ଗୃପି କଲେ ଯେ ସମ । ୩୫ ।
ବ୍ୟୋମ ବ୍ୟୋମପଥେ ନେଇଁ ମୁଥରେ ମାର ।
ପ୍ରଳମ୍ବ ପ୍ରଳମ୍ବକେଶ ଧର ସଂହାର ।୩୬।
ନନ୍ଦ ନନ୍ଦକଧାରଣ ବନ୍ଧରୁ ତାର ।
ଜାତବେଦ ଜାତବେଦ ଗର୍ଭେ ସଂହର । ୩୭ ।

---

୨୨—୨ ସେ ମତ—ଟ ଓ ଠ ଅପ ) ୨୩—୨ ଆଗହୁଁ ଜାତ—ଟ ଓ ଠ:
୩୨—୨ ନାଶିଲେ କେଶୀ—ଟ, ଓ ଠ;

ମହୀ ମହିମାକୁ ଦେଖି ହେଲା ହରଷ ।
ଗଣେଶ ଗଣେଶରେ ସେ ହେବ କି ଶେଷ ।୩୮।
ହେଲା ହେଳାରେ ଏମାନ ବାଲ୍ୟ ପୌଗଣ୍ଡେ ।
କବି କବି ହେଲେ କହି ନୋହିବ ତୁଣ୍ଡେ ।୩୯।
ନ ବରଷେ ନବରସେ ବଳିଲା ମନ ।
ଆର ଆର ଗ୍ରନ୍ଥେ ତା ଶୁଣିମେ ସୁଜନ ।୪୦।
ବିଦଗଧ ବିଦଗଧ ଚିନ୍ତାମଣି ଏ ।
ଶ୍ୟାମ ସାମନ୍ତସିଂହାର କରଇ ଲୟେ ।୪୧।

## ତୃତୀୟ ଛାନ୍ଦ ।

## କୃଷ୍ଣକୈଶୋର ବର୍ଣ୍ଣନା ।

—୦—

ଅନ୍ତ୍ୟାନୁପ୍ରାସ ।

ରାଗ-ରସକୋଇଲି ।

କୃଷ୍ଣ ପଉଗଣ୍ଡ କାଳ ଅନ୍ତରେ । ନବ କିଶୋର ବୟସ ଆଗତରେ
ଶୋଭା ବିଚେଷ୍ଟା ବାହାର ଭିତରେ । ଦୀପ୍ତିବନ୍ତ ହେଲେ ସ୍ଥାନ ଅନ୍ତରେ ସେ ।
ଯେସନ ଧୀବନ୍ତେ ଚିତ୍ତରେ ହେ ।
କ୍ରମେ କ୍ରମେ ଦିନୁ ଦିନୁ ଅନୁଆନ ସ୍ଥିତି ଖ୍ୟାତି ଅତିତରର ଯେ ।୧।
ଇନ୍ଦ୍ରନୀଳମଣି ଝଳ ଦର୍ପଣ । ଯୋଖି କରିବା ଯେବେ ପଣ ପଣ ।
ତେବେ ତାହାର କାନ୍ତି ବଡ଼ପଣ । ହାର କାନ୍ତିକି ହେବ ସମର୍ପଣ ସେ ।
ତହିଁ ଲାବଣ୍ୟ ରୋପଣ ଯେ ।
ଚନ୍ଦଭଙ୍ଗିମାନ ଗାନ୍ଧସଙ୍ଗୀ ହେଲେ ମୂର୍ତ୍ତିବନ୍ତରେ ଆପଣ ଯେ ! ୨ ।

---

୪୦—୨ ତାଂହା ଶୁଣ ସୁଜନ—ଝ ଓ ଠ;

୧—୩ ଶୋଭା ବେଷ୍ଟିତ-କ,ଖ; ୨—୬ ଗାନ୍ଧସଙ୍ଗ-ଜ; ୪—୬ ହୋଇ ସେ,କ ଓ ଖ;

ଦ୍ୱିତୀୟପଦଠାରୁ ସପ୍ତମ ପଦ ପର୍ଯ୍ୟନ୍ତ ପୋଥିମାନଙ୍କରେ ପାଠର କ୍ରମ ଭିନ୍ନ ଭିନ୍ନ ରୂପରେ ମିଳିଅଛି । କ, ଖ, ଗ, ଘ, ଚ ଓ ଜ'ର ପାଠକ୍ରମ ସମ ଥିବାରୁ ଆମ୍ଭେ ସେହି ପାଠକୁ ଗ୍ରହଣ କଲୁଁ । ଛ, ଝ ଓ ଟର ପାଠର କ୍ରମ ମଧ୍ୟ ଏକ । ଏହି ଗ୍ରନ୍ଥମାନଙ୍କରେ ମଦ୍‌ଗୃହୀତ ଦ୍ୱିତୀୟପଦ ସ୍ଥାନରେ ସପ୍ତମ ପଦ ଓ ସପ୍ତମ ପଦ ସ୍ଥାନରେ ଦ୍ୱିତୀୟ ପଦ ପଠିତ ହୋଇଅଛି—ବିଚାରଶୀଳପାଠକବୃନ୍ଦ ମଦ୍‌ଗୃହୀତ ପାଠର ସମୀଚୀନତା ଉପଲବ୍ଧି କରିପାରିବେ । ଗୌରୀଶଙ୍କରଙ୍କ ଗ୍ରନ୍ଥର ପାଠକ୍ରମ ଅତ୍ୟନ୍ତ ଅମୂଳକ ।

ସଂସାର କାନ୍ତି ସାରକୁ ଆଣିଲା । ଅମୃତ ମିଶାଇ ବାଣ୍ଟି ଗୁଣିଲା ।
ବିହି ଏ ମୂରତିକି ନିର୍ମାଣିଲା । ମର୍କତ ରଷାଣରେ ରଷାଣିଲା ସେ ।
ଉପମା ସୃଷ୍ଟି ଜିଣିଲା ଯେ ।
ମୋହନ ମନ୍ତ୍ରରେ ଜୀବନ୍ୟାସ କରି ସାର ସଂସାରେ ଗଣିଲା ଯେ । ୩ ।
ଦେଖିବ ଯେବେ ସେ ଶୋଭାମୂରତି । ଶିବଙ୍କୁ ପ୍ରଶଂସା କରିବ ରତି ।
ପତି ନିନ୍ଦା କଲେ ପରବରତୀ । ମୋ ସ୍ତୁତି ହୁଅନ୍ତା ସିନା କରତି ସେ ।
ଅନାଇଁ ପତିବରତୀ ଯେ ।
ଆରତି ହୋଇ କେଁ ସୁରତି ଇଚ୍ଛାରେ କରିବ ନାହିଁ ପୀରତି ଯେ । ୪ ।
କଳା କମଳ ମର୍କତ ଆରଶି । ଆନନ ମନ ନିଏ ଆକରଷି ।
ଦେଇ ନ ପାରି ଉପମା ଭରସି । ଭଙ୍ଗିରେ ଯୋଗୀମନ ଯିବ ରସି ସେ ।
ସ୍ମିତ ସୁଧାକୁ ବରଷି ଯେ ।
ଭରି ଘନରସ ଉଚ୍ଛୁଳାଇ ଦେଲେ ନାଗରୀ ହୃଦସରସୀ ଯେ । ୫ ।
କ୍ରମେ ବଢ଼ନ୍ତେ ସୁଷମା ତରଙ୍ଗ । ଆଶ୍ରୟ କଲେ ଆସି ନାନାରଙ୍ଗ ।
ଈକ୍ଷଣ ଚଞ୍ଚଳେ ଜିଣେ କୁରଙ୍ଗ । ମଦ ବିଘୂର୍ଣ୍ଣିତ ଅଳପ ରଙ୍ଗ ସେ ।
ଭ୍ରୂଲତା କାମଶାରଙ୍ଗ ଯେ ।
ଇଙ୍ଗିତ ଭଙ୍ଗିମା ପ୍ରସଙ୍ଗେ ନାଚଇ ଗଞ୍ଜିବାପାଇଁ ସାରଙ୍ଗ ଯେ । ୬ ।
ଶୈତମତିରୁ ଚଞ୍ଚଳ ଅଧୀରେ । ପଳାଇ ରହିଲେ ନେତ୍ର ବିଧିରେ ।
ବ୍ରୀଡ଼ା-ବିଗ୍ରହରେ ରହିଲେ ବିଧିରେ । ସୁରସକୁ ମନ ଭଜିଲା ଧୀରେ ସେ ।
ନୋହେ ରଚନା ବିଧିରେ ଯେ ।
ସମସ୍ତ ଭଙ୍ଗିମା ଗୁଣ ସାର୍ଥ ହେଲେ ରହି ଆପଣା ସିଦ୍ଧିରେ ଯେ । ୭ ।
ଯା ଶୋଭା ଭଙ୍ଗିମା ନେତ୍ରପଥରେ । ପଡ଼ିଗଲା ବିଶ୍ୱସୃଜକର ଥରେ ।
ଅନଆନୃତରେ ହୃଦୟ ଥରେ । ଅବିଧି ବିଧି ରଚିଲା ଏଥରେ ସେ ।
ଦ୍ରବିତ ହେଲେ ପଥରେ ଯେ ।
ଗଉତମ କଲେ ଉତ୍ତମ ଏ ବାଞ୍ଛା ଦେଲା ଅମର-ନାଥରେ ଯେ । ୮ ।
ବାଳକାଳ-ସ୍ଥିତି କ୍ରମେ ହଟିଲା । ବାଳକ ସଙ୍ଗରୁ ମତି ତୁଟିଲା ।
ସମବୟସ୍କା ସଖୀ ପ୍ରୀତି ଘଟିଲା । ଗୃହୁସୀ କଥାମାନ ପ୍ରକଟିଲା ସେ ।
କାମଚେଷ୍ଟା ଚହଟିଲା ଯେ ।
ପତିବ୍ରତା-ମତି-ଧୃତି-ସମ୍ପତ୍ତିକି ସମୂଳ କରି ଲୁଟିଲା ଯେ । ୯ ।

---

୮—୨ ପଡ଼ିଗଲେ-କ, ଖ; ୮—୩ ଅଣ,-କ, ଖ ଓ ଚ; ୯—୫ କାମେ-ଛ;
୯—୬:—ଧୃତି ସମ୍ପତ୍ତିବତୀକି-କ, ଖ;

ଔଦାର୍ଯ୍ୟ ଭଙ୍ଗି ।

କେ ବୋଲେ କି କହୁଛ ଏବଟକୁ । ମୁହିଁ ନ ଲଗାଅ କେହି ଧିଟକୁ ।
ଭଲ ବୁଝିଛକି ଏହି ଖଣ୍ଟକୁ । ଜାଣି ନାହିଁତ ତାହା କପଟକୁ ସେ
ନେଲା ପୂତନା ଘଟକୁ ଯେ—
ନାସ୍ତି ନାଶିବାକୁ ଆସିଥିଲା ମହାକି ବାନ୍ଧ ସେହୃଁ ମୁକୁଟକୁ ଯେ । ୧୬ ।

କରରେ ଦେଇ କରପଇଠିକି । କହୁଛନ୍ତି କାହ୍ନୁ କଉଁ ପେଣ୍ଠିକି ।
ତୁ ମୋର ସମାନ ହୃଦକଣ୍ଠିକି । ମନେ ନ ରଖିବୁ କଥା ଗଣ୍ଠିକି ସେ ।
ମୋର ଜାନୁବଇଠିକି ଯେ ।
ଦେଲି ବଳେ କର ମହାଦେବ ମୋର ନ ବଅ ଲାଜେ ପିଠିକି ଯେ । ୧୭ ।

ସ୍ନେହଭଙ୍ଗି ।—

କଉଁ ଗୋପୀ କହେ ମୁଖ ହଲାଇ । କି କହୁଛୁ କାହ୍ନୁ ସ୍ତୁତି ଫୁଲାଇ ।
ବଡ଼ପଣ ଦେବୁଁ ସିନା ଭୁଲାଇ । ତନୁଦାନ ମାଗୁ ନେଏ ବୁଲାଇ ସେ ।
ମଲେତ ଆମ୍ଭେ ମଲୁଇଁ ହେ ।
ଜୀବ ଥିଲେ ଦେଖାଯିବ ଗୋପୀ ପାଦମୁଦରେ ନେବେ ମୁଲାଇ ଯେ ।

ଗର୍ବଭଙ୍ଗି :—

କେ କହଇ ହର ତୋର ବଡ଼ାଇ । ରଜା ଆଗେ କହି ଦେବୁଁ ଛଡ଼ାଇ ।
ନନ୍ଦର ସମ୍ପତ୍ତି ଦେବୁଁ ଉଡ଼ାଇ । ଦେବୁଁ ଗର୍ବେଶ୍ବରପଣ ବୁଡ଼ାଇ ସେ ।
ମନ୍ଦିର ଦେବୁଁ ତଡ଼ାଇ ଯେ ।
ଏଡ଼େ ଗରବ ଗୋପୀଙ୍କି ଘାଟ ମାଗୁ ନନ୍ଦର ଗୋରୁ ଅଡ଼ାଇ ଯେ । ୧୯ ।

ତର୍ଜନା ଭଙ୍ଗି ।

ଯେବେ ପରାଣ ଥିବ ଏ ପିଣ୍ଡରେ । ଆଉଦିନେ ନ ଯିବୁଁ ଏ ଦାଣ୍ଡରେ ।
କଉଁ ପ୍ରୟୋଜନ ଏତେ ଦଣ୍ଡରେ । ଗୃଲ ଗୋ ବାହୁଡ଼ି ଯିବା ଗୃଣ୍ଡରେ ସେ ।
ମାଡ଼ଥିଲା ଫୁଲକାଣ୍ଡରେ ଗୋ ।
ଚଣ୍ଡ ହୋଇ ଦେଖ ବାଖଣ୍ଡ କହୁଛି ମଧୁର ନାହିଁ ତୁଣ୍ଡରେ ଗୋ । ୨୦ ।

ବିରକ୍ତ ଭଙ୍ଗି ଉକ୍ତ :—

କୃଷ୍ଣ କହନ୍ତି ଯେ କର ତର୍ଜନା । ଏରୂପେ କେହିହେଁ ଆଉ ଗର୍ଜନା ।
କୂଟ କପଟ ବଚନ ସର୍ଜନା । ଆପଣା ଇଚ୍ଛାରେ ଦଣ୍ଡ ଅର୍ଜନା ସେ ।
ମାନ ମହତ ବର୍ଜନା ଗୋ
ଅନ୍ୟାୟେ କାହାର, ମାରନ୍ତ ପବର ଗ୍ରମୁରେ ହିଇ ମାର୍ଜନା ଗୋ । ୨୧ ।

---

୧୯—୩ ବୁଡ଼ାଇ—ଟ; ୧୯—୪ ଛଡ଼ାଇ—ଟ;
୨୧—୨:—ଏରୂପେ ଆଉ ଯେ କେହି ତର୍ଜନା-ଜ; କହ-ଟ, ୨୧—୪
ଇଚ୍ଛାଏଁ-ଗ, ; ୨୧—୫ ମହତ୍ତ୍ୱ-କ, ଖ ଓ ଗ; ୨୧—୬ଅନ୍ୟାୟ—ଟ

ଶୁଣି ଗୋପୀ ବଂଶ ହେଲେ ହରଷ । ହୃଦରେ ପୂରିଲା ପ୍ରେମ ସୁରସ ।
ବୋଇଲେ ବିକ ଆସିବୁଁ ଗୋରସ । ଦେଖି ଯାଉଥିବୁଁ ମୁଖସାରସ ସେ ।
ବଢ଼ାଇଲନ୍ତି ରସ ଯେ ।
ତୁମ୍ଭ ବାଞ୍ଛା ପ୍ରତିବନ୍ଧିବାକୁ ଆମ୍ଭ ହୃଦ ହେଲା ଆଦରଣ ଯେ । ୧୨ ।

ଲାଳସା ଭଙ୍ଗି ଉକ୍ତି ।

କୃଷ୍ଣ ଧଇଲେ ଯେ ଗୋପୀଙ୍କ କର । ବୋଇଲେ ମୁଁ ତୁମ୍ଭ କିଣା କିଙ୍କର ।
କର ସାରେଣୀ ପରି ମୋତେ କର । ସମାନ ମୁହିଁ ପଦ ଯାବକର ସେ ।
ତୁମ୍ଭ ବଚନ ସାକର ଯେ ।
ହିନା ମୋ କାମନା ଆନ ନାହିଁ ବନ୍ଧୁ ଛୁଉଁଟି କୁଚ ଶଙ୍କର ଯେ । ୧୩ ।

ଦୈନ୍ୟ ଭଙ୍ଗି ଉକ୍ତି ।

ପରସ୍ପରେ ଏହିରୂପେ କହିଲେ । ହସି ଗୋପୀ ବଙ୍କନେତ୍ରେ ଚାହିଁଲେ ।
ଜଗତମୋହନ ମନ ମୋହିଲେ । ଗୋପୀଙ୍କ ହୃଦରେ କୃଷ୍ଣ ରହିଲେ ସେ ।
ପ୍ରୀତି ଆରମ୍ଭ ପହିଲେ ଯେ ।
ଭାବ ସନ୍ଧାନ ବିଧାନ ତରଧନ ମାନସେ ଜାଗି ରହିଲେ ଯେ । ୧୪ ।
ଦିନୁ ଦିନୁ ବଢ଼ାଇଲେ ପୀରତି । ହଟ ନାଟ କାହିଁ କେତେ କରନ୍ତି ।
ସେ ନଗରେ ଯେତେ ପତିବରତୀ । ତାହାଙ୍କର ମନ ହେଲା ଆରତି ସେ ।
ଧିର ନୋହିଲା ଧିରତି ଯେ ।
ଲାଜ ଦୂର କଲେ ରତିପତି ନିତି ଗ୍ଲତି ଦେବାରୁ କରତି ଯେ । ୧୫ ।
କେବେ କୃଷ୍ଣ କାହା ପୁରେ ପଶନ୍ତି । କେବେ ଗୋପୀ କହିଁଠାକୁ ଆସନ୍ତି ।
କେ କାହା ଠାକୁ ଯେ ଦୂତୀ ପେଷନ୍ତି । କେ କାହାର ଗୁଣଗଣ ଘୋଷନ୍ତି ସେ ।
କେ କଣ୍ଠ ଜଗି ବସନ୍ତି ଯେ ।
ଆସନ୍ତି ରସନ୍ତି ମିଶନ୍ତି ଭାଷନ୍ତି ହସନ୍ତି ରସେ ଭାସନ୍ତି ଯେ । ୧୬ ।
ବ୍ରହ୍ମା ଶିବ ପରିଜନ ଯାହାର । ସେ କରନ୍ତି ନାନାରଙ୍ଗେ ବିହାର ।
ସେ ପ୍ରଭୁଙ୍କୁ ମୋର କୋଟି ଜୁହାର । ଧୀର ଜନଙ୍କର ହୃଦସ୍ଥ ହାର ସେ ।
ବୋଲେ ସାମନ୍ତସିଂହାର ଯେ ।
କୃଷ୍ଣଲୀଳା ଗୀତ ଶୁଣିଲେ ମନକୁ ହରିବ ନାହିଁ କାହାର ଯେ । ୧୭ ।

---

୧୨—୧ ଗୋପୀ ସର୍ବେ—ଚ;
୧୪—୧ ବଙ୍କୁନେତ୍ର—କ ଓ ଖ; ୧୪—୬ ଜାଣି—ଚ;
୧୬—୬ ହସନ୍ତି ଭାଷନ୍ତି ରସେ ଭାସନ୍ତି—ଚ;
୧୭—୧ ପରିକର—କ ଓ ଖ;

# ଚତୁର୍ଥ ଛାନ୍ଦ ।

## ଶ୍ରୀ କିଶୋରୀ ଜିଉ ଉନ୍ମାଦ ଲକ୍ଷଣ ।

ରାଗ—କଲ୍ୟାଣ ଆହାରୀ !

ଧୀରେ ଯେନ ରାଧା ଉନ୍ମାଦ ଉଦ୍ଭବ, ତତ୍ତ୍ୱ ସାଧୁ ଶାସ୍ତ୍ରେ ଖୋଜିବ ।
ବୃଷଭାନୁ ଭାନୁବଂଶିରାଜ ତେଜ, ଦନୁଜ କଂସରେ ବିଭବ ।
ଅବନ୍ତୀ । ତେଜି ଗୋକୁଳ ଯାବଟରେ ।
ରହି ନନ୍ଦାସ୍ପଦେ ଗୋକୁଳସମ୍ପଦେ, ବୃତ୍ତି କଳ୍ପିତ ନୂତନରେ । ୧ ।
ତାଙ୍କ ମହିଷୀ କୀର୍ତ୍ତିଦା ନାମ, ବସି ଶ୍ରୀ ଗୋପେଶ୍ୱର ସେବାଫଳେ ।
ଉଦର କ୍ଷୀରସାଗରରୁ ପରମମହାଲକ୍ଷ୍ମୀକି ଜାତ କଲେ ।
ଦୁର୍ବାସା । ଜାତକ ବିଧି ସିଦ୍ଧିବନ୍ତ ।
ର ରଶ୍ମି ରସ ଅଗ୍ନିବୀଜ ଅଧିକା ଯେନ ରାଧିକା ନା ଦେଲେ ତ । ୨ ।
ଶ୍ରୀମତ ଉନ୍ନତ ଜାଣି ପୂର୍ଣ୍ଣମାସୀ ଶ୍ରୀମତୀ ନାମ ପୁଣି ଦେଲେ ।
ବୃନ୍ଦା ବୃନ୍ଦାବନେଶ୍ୱରୀ ସାର୍ଥ କର ନାମ କଳ୍ପିତ ବସ୍ତୁରଲେ ।
ଜନକ । ରସି ରସବତୀ ବୋଇଲେ ।
ଜନନୀ ବିନୋଦିନୀ ନାମ ବିନୋଦ ଭାବ ଆନନ୍ଦେ ଦତ୍ତ କଲେ । ୩ ।
ଦିବାନ୍ଧ ନେନ୍ଧ ବିମୁଦ୍ରିତ ହେବାରେ ଜନକ ଜନନୀ ବିରସ ।
ଜାଣି ପୂର୍ଣ୍ଣମାସୀ ଆସି ଯଶୋଦାଙ୍କୁ ଘେନାଇ ହେଲେ ପରବେଶ ।
କୃଷ୍ଣଙ୍କୁ । କାଖରେ ଘେନି ନନ୍ଦରାଣୀ ।
ବିଲୋକନ୍ତେ, ବିଲୋକିଲେ କୃଷ୍ଣମୁଖ ପ୍ରଥମେ ଶୁଭ ସୁଲକ୍ଷଣୀ । ୪ ।
କୃଷ୍ଣସର୍ବେନ୍ଦ୍ରିୟଆହ୍ଲାଦିନୀ ସର୍ବେନ୍ଦ୍ରିୟ-ଆନନ୍ଦବରଧନ ।
କୃଷ୍ଣ ଅଧରାମୃତ କ୍ଷୀର ପ୍ରଥମେ ଯଶୋଦା କରାଇଲେ ପାନ ।
ଏ କଥା । ସନ୍ଧିନୀ କଳାପ ସମ୍ମତ ।
ଜନକ ଜନନୀ ସେହିଦିନୁ ଦିନୁ ଦିନୁ ଆନନ୍ଦ କଲେ ମତ । ୫ ।

---

୨—୧ ନାମ ରାଣୀ—କ ଓ ଖ; ୨—୪ ସିଦ୍ଧି କଲେ—କ ଓ ଖ;
୨—୫ ନାମ ଦେଲେ—କ ଓ ଖ;
୩—୧ ଶ୍ରୀମନ୍ତ—କ ଓ ଖ;
୫—୪ ଉନ୍ନତ—ଗ;

ଆଜଯାଏ ଗଜ ମୁଖ ନ ଟେକନ୍ତି ଲଜମତରେ ଗତ ଶୁଣ୍ଢଁ ।
ମୁଖ ସାନ୍ଦ୍ରକୁ ପୂର୍ଣ୍ଣଚନ୍ଦ୍ର ନ ପଟି ଘଟିଲା ଦେହ ଚିନ୍ତା ବହି ।
କପୋଳ । ତୁଲ ଅଧିକରେ ନୋହିଲା ।
ଦଣ୍ଡ ଦେଲା ଗଣ୍ଡ ଖଣ୍ଡ ନିମ୍ବଗକୁ ଦଳା ଚିବୁକ ଶୃଙ୍ଗକଳା ୧୭ ।
କଳାକରେ ରହି ହାସେ ଲାଜ ବହି ପ୍ରପଦେ ଶରଣ ପଶିଲା ।
ହେବାପାଇଁ ଲକ୍ଷ ବୋଲାଇଲା ନଖ ତେବେହେଁ ଛୁକାର ପାଇଲା ।
ସାଗରେ । ନିତ ଦିନ ଝାସ ଦିଅଇ ।
ନୋହିଲା ମରଣ ହୋଇଲା ସ୍ମରଣ ସୁଧାପିଣ୍ଡ ହେଲ କପାଇ । ୧୮ ।
ଉରୁବରତୁଲା ସମେ ନୋହି ତୁଳା କଦଳୀ ଅନ୍ତସାର ଭିନ୍ନ ।
ଜାନୁ ଅନୁମାନୁ ଯେନୁଥାଇଁ ସମ୍ପୁଟକ ହୃଦୟ ହେଲା ଶୂନ୍ୟ ।
ଅରୁଣ । ଅଧର ଋଣୀ ହୋଇବାରେ ।
ଦେଖାଇ ଘାନତା କ୍ଷଣକେ ଆନତା ମୂରତିକ କରେ ପ୍ରଖରେ । ୧୯ ।
ବିମ୍ବା ବିରାଗରେ ବଇରାଗୀ ବେଶ ଧଇଲା ଭସ୍ମ ବିଲେପନେ ।
ବଳାଇ ମାନକୁ ଦଳାଇ ହୋଇଲା ହିଙ୍ଗୁଳ ବଳିବା ଭାବନେ ।
ଜବାତ । ଶିବା ସେବାକୁ ମୂଳକଲା ।
ଆଉ ରଙ୍ଗମାନେ ବିଭଙ୍ଗ ଗୁମାନେ କେ କାହିଁ ପଳାଇ ପଶିଲା । ୨୦ ।
ସୁଧା ବସୁଧା ବିଶୁଦ୍ଧ ହାସ ଦେଖି ବାସ ସ୍ୱର୍ଗେ କଲା ସଦ୍ରବେ ।
କର୍ପୂର ପୁରସ୍କାର କେତେ ମାତର ତନ୍ତ୍ରଗୁଣ ବହେ ସ୍ୱଭାବେ ।
କୁମୁଦ । ଜଳଦୁର୍ଗ ମଧ୍ୟେ ରହିଲା ।
ତୁଚ୍ଛ ପଉରୁଷ ସିନା କାଶ କୁଶ ଜଳ ମିଳାଇ ଛୁଡ଼ିଗଲା । ୨୧ ।
ଲୋଚନ ବିଲୋକନେ ପଶି କାନନେ ଚକିତ ଚଞ୍ଚଳ କୁରଙ୍ଗ ।
ଗଞ୍ଜନ ହୋଇ ଖଞ୍ଜନ ଗୁରୁକଲା ଲୋଭ ହୋଇ ଭଙ୍ଗି ପ୍ରସଙ୍ଗ ।
ଶୃହାଣି । ଦେଖି ମାର କଲା ସାୟକ ।
ଶୃରୁ ଭୂରୁ ଦେଖି ନତ ଆମଞ୍ଚନେ ହେଲା ଗୁଣବନ୍ତ କାର୍ମୁକ । ୨୨ ।
ଦର ଦର ଦରଶନରେ ବହଇ ସୁକଣ୍ଠୀ ଗ୍ରୀବା ବିଲୋକନେ ।
ଦେବ ସେବା କଲା ସମାନ ନୋହିଲା କରତାଇ ହେଲା ବହନେ ।
ଦନ୍ତକୁ । ଶୃହିଁ ହୀରା ଶାଣେ ବସିଲା ॥
ମୋତି ହେଲା ଭେଦ ଦାଡ଼ିମ୍ବ ବିପଦ ବିଶେଷେ ହୃଦ ଫାଟିଗଲା । ୨୩ ।

---

୧୬-୨ ମୁଖଚନ୍ଦ୍ରକୁ—କ ଓ ଖ; ୧୭—୨ ଚିନ୍ତା ପାଇ—ଚ; ୧୮—୫ ହେଲା-ଛ, ଜ; ୧୯-୧ ସମ ନୋହି-ଜ ଓ ଚ; ୨୦—୧ ବିମ୍ବ—କ ଓ ଖ; ୨୦—୨ ବଳିବା ଭାବନେ—କ, ଖ, ଗ ଓ ଚ । ୨୨—୧ ଲୋଚନ-କ ଓ ଖ- ୨୨—୨ ଭଙ୍ଗୀ ପ୍ରସଙ୍ଗ- କ ଓ ଖ; ୨୨—୫ ହେଲଚ ଗୁଣାନ୍ତ କାର୍ମୁକ-କ, ଖ ଓ ଗ

ଶାଣା ପ୍ରଶାଣା ବାଣୀ ଶୁଣି ଲାଜରେ ଖଞ୍ଜନା ପରାଧ୍ୟେ ସ୍ୱନ କଲା ।
ଲଉଲ୍ୟରେ ଶାରୀ ହାରି ବନେ ଗଲା, ମଧୁରେ ପିକ ମୂକ ହେଲା ।
ପାଟଳ । ପା ଟଳଯାଏ ଶ୍ରୁତି ଦେଖି ।
ଚରମ ମନୋରମ ଗୃହିଁ ଫଳକ କମ୍ପେ ସ୍ୱନରେ କାନ୍ଦେ ଲକ୍ଷି । ୨୪ ।
ନାକଟେକ ଦେଖି ତିଳ ସୁମନସ ମୋହିତ ମହୀ ତ ଭଜଇ ।
ତୂଣୀ ଗୁଣି ପୁଣି ଅଶରଣ ହୋଇ ଶାରଙ୍କୁ ଶରଣ ହୁଅଇ ।
ଏ ବିଧି । ଅବିଧିକ ଗଲେ ଉପମା ।
ପ୍ରେମା ଧାମାଁ! ରାମା ବାମା ନାମାଭ୍ରମେ ଭାଳିଲେ ହେବ ପରା ବାମା । ୨୫ ।
ପେଷ୍ଟି ଘଟିତ କି ନତମ୍ବବିମ୍ବକୁ, ବନ୍ଧନ ଲୋକରେ ପାଉଛି ।
ମୃଦୁଳାକୁ ତୁଳା ନୋହିକରି ତୁଳା ଦେହକୁ ପିଞ୍ଜାଇ ହେଉଛି ।
ଅଶେଷ । ଶେଷରେତ ଶେଷ ନୋହିବ ।
କବି ଭାବିହେଲେ ଏଥର ଆମ୍ଭର ବଚନ ଅଳଂକୃତ ହେବ । ୨୬ ।
ଅପ୍ରମିତମିତ ଦାସୀ ବିଗଣିତ ମଧ୍ୟେ ଅନ୍ତରଙ୍ଗା ପ୍ରଭୃତି
ନକ୍ଷତ୍ରକନ୍ଧି ସିଦ୍ଧିନାମା ପ୍ରସିଦ୍ଧି ସଂଖ୍ୟାରେ ଏତିକି ଗଣନ୍ତି ।
ତାଙ୍କର । ପାଞ୍ଚ ପ୍ରକାରରେ ବିଭେଦ ।
ଶାସ୍ତ୍ର ଅନୁମାନେ ଜାଣିମେ ସୁଜନେ ଯେ ହେବ ତାପିନୀପ୍ରଭେଦ । ୨୭ ।
କୃଷ୍ଣ ଶୋଭା ପ୍ରଭା ଦେଖି ଲୋଭ ହୋଇ ସଭାରେ ରାଜନ ବିଗୃହ ।
ସିନ୍ଧୁସମ୍ଭବାପରାଭବାବିଭାକୁ ବିଭା କରିବା ମୂଳ କରି ।
ମହୀଶ । ମହିଷୀ ପୁରତେ କହିଲେ ।
ପୂର୍ବ ସ୍ୱଜନମତ ଚନ୍ଦ୍ରସେନ ମାତ ତୁଲେ ଅଛି, ରାଣୀ ବୋଇଲେ । ୨୮ ।
ସେ ପଦେ ହାସ୍ୟାସ୍ପଦ ରାଜା କରନ୍ତେ, ଶୁଣି ଦୁର୍ବାସା ପୂର୍ଣ୍ଣିମାସୀ ।
ଶାସ୍ତ୍ର ପ୍ରବର୍ତ୍ତାଇ ସେ ସତ୍ୟକୁ ସ୍ଥାୟୀ ନଜଶ୍ରେଷ୍ଠ ମନେ ମନାସି ।
ଗୋବିନ୍ଦ । ପ୍ରେମସର୍ଜକ ବିଧି ଯେଣୁ ।
ପରକୀୟ ରସ ଉଲ୍ଲାସ ବିଶେଷ ହେବାର ଭିଆଇଲେ ତେଣୁ । ୨୯ ।
କିଶୋରୀ ରତନ ନୂତନ ଯତନ ସୁଷମା ପେନ କରି ମନେ ।
ଧୀନ ଅଭିମନ୍ୟୁ ସାମନ୍ତସିଂହାର ଶରଣ ଇଚ୍ଛେ ପ୍ରତିଦିନେ ।
ସାଧବେ । ମାଧବେ ମୋହ ଯେ ପାଇବ ।
ବିଶ୍ୱବିଭବା ଭବାବ୍ଧିତାରଣ କାରଣ କିଉଁ ଅସମ୍ଭବ । ୩୦ ।

---

୨୬—୧, ଅନ୍ତରଙ୍ଗ- କ, ଖ, ଓ ଚ; ୨୭—୨, ସଙ୍ଗରେ- କ ଓ ଖ;

## ପଞ୍ଚମ ଛାନ୍ଦ ।

---

### ଶ୍ରୀରାଧାନାମ ଶ୍ରବଣ ।

—o—

ବାଚକ ବ୍ୟାବୃତ୍ତିଲକ୍ଷଣ ।

---

ରାଗ ଚକ୍ରକେଳି—ଅ-ପୂର୍ବାନୁପ୍ରାସ ।

ଅ-ପୂର୍ବାନୁପ୍ରାସେ ଏ ଶୁଦ୍ଧ ରସ । ଅକୈତବରେ ଧେନ ହେ ବିଦୁଷ । ୧
ଅଜ ଅନଘ ଅନନ୍ତ ଅଚ୍ୟୁତ । ଅନଙ୍ଗରେ ଚିତ୍ତ କର ଆସକ୍ତ । ୨ ।
ଅବସରେ ବସି ବୃନ୍ଦାବନରେ । ଅଛନ୍ତି ଯେ ଗୃହମିତ୍ର ସଙ୍ଗରେ । ୩ ।
ଅନ୍ୱେଷଣା କରନ୍ତି ମନେ ମନେ । ଅଙ୍ଗନା କେ ଶ୍ରେଷ୍ଠ ଗୋପଭୁବନେ । ୪ ।
ଅଛି ଜଣେ ଏକା, ମଧୁ କହିଲା । ଅଳପକେ ସୁବଳ ଲାଜ କଲା । ୫ ।
ଅକ୍ଷ ଠାର ସେ କ ବୋଲେ ଶ୍ରୀଦାମ । ଅଛି ଅଛି ଜାଣିଲ ବୋଲେ ଦାମ ।୬।
ଅମ୍ବୁଜାକ୍ଷ କହନ୍ତି ଆହେ ମିତ୍ର । ଅନ୍ତର୍ଗତରେ କପଟ ଅଛି ତ । ୭ ।
ଅଛ ଲୁଚାଇ ଏତେ ଶୁଭ କଥା । ଅବା ଭଣ୍ଡୁଛ କହି ମୋତେ ମିଥ୍ୟା । ୮ ।
ଅଶନ ତ ହେଲା ତୁମ୍ଭ ବଚନ । ଅସୁ—ଧର ତ କରିବ ନାଶନ । ୯ ।
ଅଶ୍ରୁତ ସେ, ହସି କହେ ମାଧବ । ଅତି ଭାଗ୍ୟରେ ଅବା ଶୁଣାଯିବ । ୧୦ ।
ଅର୍ଥବାଦ ବେଦରେ ଅଛି ଶୁଣି । ଅଗମ୍ୟ ଏ ଭୂମି ତ ଚିନ୍ତାମଣି । ୧୧ ।
ଅବଶ୍ୟ ଏ ତୁମ୍ଭ ଚିନ୍ତା ହରିବ । ଅଘଟଣ ଘଟାଏ ତ ଦଇବ । ୧୨ ।
ଅମ୍ଭେମାନଙ୍କ ଏହା କରୁଁ ଶ୍ରବଣ । ଅଙ୍ଗେ ଦିଶିଲା ଏ ଶୁଭଲକ୍ଷଣ । ୧୩ ।
ଅକସ୍ମାତେ ଅବସ୍ପୃବ ଦକ୍ଷିଣ । ଅକ୍ଷ ବାହୁ ଜାନୁ ସ୍ଫୁରେ ତତ୍କ୍ଷଣ । ୧୪ ।
ଅନକୂଳ ସମୀର ବହେ ଧୀରେ । ଅମଙ୍ଗଳଧ୍ୱେ ଶଙ୍ଖଧ୍ୱନି ସ୍ଫୁରେ । ୧୫ ।
ଅନୁମାନରୁ ଅତନୁମୋହନ । ଅବଳା କେ, ଶୁଣିମା କି ବିଧାନ । ୧୬ ।
ଅକୁଣ୍ଠିତ ଚିତ୍ତରେ ଥାଉଁ ବହି । ଏବେ ମିଳିଲେ ପୂର୍ଣ୍ଣିମାସୀ ଆସି । ୧୭ ।
ଅବତାର ସେ କୃଷ୍ଣଲୀଳା ହେତେ । ଅବ୍ୟକ୍ତ ଯେ ମାୟାଶକ୍ତି ଯୁଗତେ । ୧୮ ।
ଅବନୀରେ ଗୋବିନ୍ଦ ପ୍ରେମବଧୀ । ଅନୁସନ୍ଧାନକୃତକୁ ସେ ବିଧି । ୧୯ ।
ଅବାରଣ ବ୍ରଜେ ତାଙ୍କ ବଚନ । ଅତିତରେ ସବୁର ମାନ୍ୟଜନ । ୨୦ ।

---

୨—୧ ଅନଙ୍ଗ-କ, ଖ ଓ ଜ; ୪—୧ ଅନ୍ୱେଷଣ-ଝ; ୬—୧ ଆକ୍ଷି-ଝ; ସୁଦାମ-କ, ଖ ଓ ଝ; ୭—୧ବୋଲନ୍ତି-ଝ, ୯.—୨ ହୋଇବ-କ ଓ ଖ; ୧୩—୧ ଅମ୍ବୁଜାକ୍ଷ-ଜ; ୧୪—୨ ତକ୍ଷଣ-ଝ ଓ ଠ ୧୫—୨ ଅମଙ୍ଗଳରେ-ଗ, ଛ ଓ ଝ; ଶଙ୍ଖଧ୍ୱନି-ଝ ଓ ଠ;

ଅନ୍ତିକରେ ତାଙ୍କୁ ଦେଖି ଶ୍ରୀହରି । ଅଭିବନ୍ଦନା କଲେ ଉଠିକରି । ୨୧ ।
ଅତି ହୃଷ୍ଟେ ଦେଖି କଲେ କଲ୍ୟାଣ । ଅଚ୍ଛିଦ୍ରରେ ବାଞ୍ଛା ହେଉ ପୂରଣ । ୨୨ ।
ଅବନତମୁଖ ହେଲେ ଗୋବିନ୍ଦ । ଅଭିଷ୍ଟଦା ହସିଣ ମନ୍ଦମନ୍ଦ । ୨୩ ।
ଅଞ୍ଚଳରୁ ଦିବ୍ୟ ଲଡ଼ୁ କାଢ଼ିଲେ । ଅଞ୍ଜଳିରେ କୃଷ୍ଣଙ୍କୁ ସମର୍ପିଲେ । ୨୪ ।
ଅନୁମୋଦେ ହସିଣ ମନ୍ଦ ମନ୍ଦ । ଅବିଳମ୍ବେ ପଚାରିଲେ ଗୋବିନ୍ଦ । ୨୫ ।
ଅଚ୍ଛି କି ସ୍ୱାଦ ଜଣାଯାଇ ନାହିଁ । ଅତି ସୁବାସେ ମନ ନେଲା ମୋହି । ୨୬ ।
ଅପୂର୍ବ ଏ ଲଡ଼ୁକା ଦେଖି ଭଣି । ଅମୃତର ସ୍ୱାଦକୁ ଯାରେ ଜିଣି । ୨୭ ।
ଅଛି ଶ୍ରୀରାଧା କରସ୍ପର୍ଶ ବାସ । ଅନୁପମ ନାମ କାମ ଉଲ୍ଲାସ । ୨୮ ।
ଅଳପ ହସି ହସି କୃଷ୍ଣ ବୋଇଲେ । ଅହୋ ଆଶ୍ଚର୍ଯ୍ୟ କୃପା ଆଜ୍ଞା କଲେ । ୨୯ ।
ଆଇଲ ଏ ବଣକୁ ଏଣୁ କେଣୁ । ଅନ୍ୟ ଗ୍ରାମକୁ ଯିବାର ନ ଜାଣୁ । ୩୦ ।
ଅକୁଣ୍ଠିତେ କହନ୍ତି ଭଗବତୀ । ଅଦଭୁତ ଉତ୍ସବ କାଲି ରାତି । ୩୧ ।
ଅବନୀଶ ବୃଷଧ୍ୱଜ-ନନ୍ଦନା । ଅମରାଦି-ତ୍ରୈଲୋକ୍ୟ-ବନ୍ଦନା । ୩୨ ।
ଅଶ୍ରୋତବ୍ୟ ଗୁଣ ଶୋଭାସଦନ । ଅସରଳା-ସୂତ୍ର ହେଲା ବନ୍ଧନ । ୩୩ ।
ଅକ୍ଷ ସାର୍ଥ ମୁଁ କଲି ଦେଖି ପୁଣି । ଅଇଲଇଁ ସେହିଠାରୁ ଏକ୍ଷଣ । ୩୪ ।
ଅନୁରାଗୀ ତବ ମୁଖ ଦର୍ଶନେ । ଅଭ୍ୟନ୍ତରେ ଅଇଲଇଁ ଏ ବନେ । ୩୫ ।
ଅଘମର୍ଷଣ ଶୁଣି କୃତକୃତ । ଅବଶରେ ହୋଇଲେ ପ୍ରଣପତ୍ୟ । ୩୬ ।
ଅଦ୍ୟ ଶ୍ରୀରାଧା ନାମକୁ ଶୁଣାଇ । ଅଗାରକୁ ଚଳିଲେ ମହାମାୟୀ । ୩୭ ।
ଅବିଚ୍ଛିନ୍ନାନନ୍ଦମୟୀ କିଶୋରୀ । ଅଜ ନିର୍ଗୁଣ ପ୍ରେମ-ପୂର୍ତ୍ତିକରୀ । ୩୮ ।
ଅନୁଭୂତ ସାନୁଭୂତ ଉଲ୍ଲାସ । ଅତି ଅଗମ୍ୟ ନିଗୂଢ଼ ବିଶେଷ । ୩୯ ।
ଅଥର୍ବବିଦ ବେଦ ଶେଷ ହୁଅନ୍ତି । ଅମୁଦ୍ରିତ ଭଣ୍ଡାର ସେ କହନ୍ତି । ୪୦ ।
ଅନୁରାଗ ନୂତନ ସରଜନା । ଅଭିମନ୍ୟୁ କବି କରେ କଳ୍ପନା । ୪୧ ।
ଅଧ ଊର୍ଦ୍ଧ ବ୍ୟାପିତ ସେହିୁ ଲୀଳା । ଅର୍କ ଘଟସ୍ଥ ପରି କାମ କଳା । ୪୨ ।

---

୨୧—୧ ଅନ୍ତରରେ-ଚ; ଦେଖି ତାଙ୍କୁ-କ, ଖ ଓ ଜ; ୨୬—୧ ଯାଉନାହିଁ-ଚ, ୩୩—୨ ଅସରଳସୂତ୍ର-ଖ ଓ ଗ; ୩୪—୧ ଅକ୍ଷ ସ୍ୱାର୍ଥ-ଗ ଓ ଚ; ୩୫—୨ ଅଇଲି ଏଥୁ—ଚ; ୩୮—୧ ଅବିଚ୍ଛିନ୍ନାନନ୍ଦମୟୀ-ଜ ଓ ଚ; ୪୦—୧ ଅଥର୍ବବେଦ-ଚ; ୪୨—୧ ଊର୍ଦ୍ଧ୍ୱ-ଚ ଓ ଠ;

## ଷଷ୍ଠ ଛାନ୍ଦ ।

---

## ଆ-ପୂର୍ବାନୁପ୍ରାସ । ନାମାସ୍ୱାଦନ ।

---

ରାଗ-କଳସା ।

ଆନନ୍ଦେ କୋବିଦେ ପିଅ ଏ ରସ ଶ୍ରବଣେ
ଆଦିକବି ଶ୍ରୀରାଧିକା ଶ୍ରୀନାମ ଶ୍ରବଣେ । ୧ ।
ଆଜି ଦିନ ଧନ୍ୟ ମୋର, କରନ୍ତି ବିଚାର ।
ଆଜ୍ଞା କୃପା କରି କଲେ ଏ ନାମ ପ୍ରଚାର । ୨ ।
ଆଶ୍ଚର୍ଯ୍ୟ ସେ ରାଧା ବୋଲି ଯଉଁ ବେନି ବର୍ଣ୍ଣ ।
ଆକଳନା କରୁଥାଇଁ କେମନ୍ତ ତା ବର୍ଣ୍ଣ ।୩।
ଆମ୍ବୃଭୂ-ତମାନ୍ଧ ଜଂନ ନୟନ ବେନିକ ।
ଆନନ୍ଦ-ତଟିନୀ-ତଟ-ଘଟନା ଏ ନିକ । ୪ ।
ଆସୁଛି ମନକୁ ରତି ପୀରତି ମୂରତି ।
ଆସିଛି ପବିତ୍ର କରିବାକୁ ଏ ଧରତି । ୫ ।
ଆଦ୍ୟ ବେନିପଦ ଅନୁରାଗ ଖାଜର କି ।
ଆନ ତୁଳନା କେ ଦେବ କାହିଁରୁ ତରକି । ୬ ।
ଆଣି ଧନୁ ଶର ବୃଷ୍ଟି କରଇ ଅତନୁ ।
ଆମ୍ଭା ଅବଶୁଁ ବିବର୍ଣ୍ଣ ହୋଇଗଲା ତନୁ । ୭ ।
ଆରମ୍ଭ ଦମ୍ଭ ଭାଜିଲା ନ ରହି ହୃଦରେ ।
ଆସକତ ପରି ତନୁ ହେଲା ଚନ୍ଦ୍ରା-ଦରେ । ୮ ।
ଆସି କି ଅମୃତ ସର ପଡ଼ିଲା ମୁଖରେ ।
ଆସ୍ୱାଦନ୍ତି ରାଧାନାମ ସେ ବଧିରେ ଖରେ । ୯ ।
ଆବେଶେ ଲେହନ୍ତି ଓଷ୍ଠ ସେ ନାମ ସ୍ୱାଦରେ
ଆଚ୍ଛନ୍ନ କରନ୍ତି ପୁଣି ଜାଣି ସ୍ନେହାଦରେ । ୧୦ ।
ଆଉଜିଲେ ସଖୀଙ୍କ ଉରକୁ ବେଣୁଧର ।
ଆରତ ଶ୍ୱାସେ ବିରଙ୍ଗ ଦିଶିଲା ଅଧର । ୧୧ ।

---

୩—୧ ଆଶ୍ଚର୍ଯ୍ୟ ଯେ—ଘ ଓ ଛ; ୩—୨:- କେମନ୍ତେ- କ ଓ ଖ, ୫—୨
୮—୨ ଅଶକତ ପରି ତନୁ ହୋଇଲା ଚନ୍ଦ୍ରାରେ, ଗ; ଚନ୍ଦ୍ରାକରେ-ଚ; ଧରନ୍ତୀ—
କ, ଖ ଓ ଗ;୯—୧ ଅମୃତ ରସ-ଚ, ୧୧—୧ ସଖୀର—ଘ, ୧୧—୨ ବିଭଙ୍ଗ-ଗ,

ଆତଙ୍ଗ ହୋଇ ସଖାଏ ଛନ୍ଦେ ପଶୁରନ୍ତି ।
ଆମ୍ଭ ହୃଦ କାହିଁ ପାଇଁ ଦେଉଛ କରତ । ୧୨
ଆନ କିଛି ବଞ୍ଚାଇ କହନ୍ତେ ରସେଶ୍ୱର ।
ଆଶବଶେ ବଳେ ବାହାରଇ ଗଧାସ୍ୱର । ୧୩ ।
ଆଶୟରୁ ବିଷୟ ଜାଣିଲେ ସଖାବାର ।
ଆସ୍ପଦ ବଚନ ମଧୁ କଲା କହିବାର । ୧୪ ।
ଆଖି ଠାରେ ସୁଦାମ ବୋଲେ, କି ହେଉଅଛି ।
ଆନ କେ ବୋଇଲା, ତୁ ନ ଜାଣୁ, ବିଷେ ଅଛି । ୧୫ ।
ଆନନ ଲୁଆଇଁ ଲଜେ ବସିଲା ସୁବଳ ।
ଆର୍ତ୍ତି କରାଇଲା ମନ କୃଷ୍ଣ ପ୍ରେମବଳ । ୧୬ ।
ଆରଦ୍ର ହୃଦୟ ସଖାସମୂହ ହୋଇଲେ ।
ଆଶ୍ୱାସି ଗୋବିନ୍ଦ ଗାନ୍ଧ ପ୍ରବୋଧି ବୋଇଲେ । ୧୭ ।
ଆରଷେ ଶୁଣିଛୁଁ ଏହୁ ସ୍ଥାନ ଚିନ୍ତାମଣି ।
ଆତୁର ହୋଇ କାହିଁକି ହୁଅ ଚିନ୍ତାମଣି । ୧୮ ।
ଆଜି ବାଞ୍ଛା ପୂର୍ଣ୍ଣ ହେବ ତୁମ୍ଭର ନିକଟେ ।
ଆଦ୍ୟା ସାହା ହୁଅନ୍ତି ଅତ୍ୟନ୍ତ ସଂକଟେ । ୧୯ ।
ଆପାଦ କହନ୍ତି କୃଷ୍ଣ ଧଇର୍ଯ୍ୟ ହେବାରେ ।
ଆରମ୍ଭିଲୁ ଚେଷ୍ଟା ତୁମ୍ଭ ମନ ଜାଣିବାରେ । ୨୦ ।
ଆତୁର କି ଜଣାନାହିଁ? ହସି କହେ ମଧୁ ।
ଆଜନ୍ମରୁ ତୋ ସଙ୍ଗ ମୁଁ ଗୃହିଛି ପ୍ରେମମଧୁ । ୨୧ ।
ଆଣି କଣ୍ଠରୁ ନ ବୋଲ ଆପଣା ଗାନ୍ଧରେ ।
ଆକ୍ଷେପ କରି ବାହିଲେ ଗୋବିନ୍ଦ ନେନ୍ଦରେ । ୨୨ ।
ଆରତଭଞ୍ଜନ ଲୀଳା ନ ଯାଉ ମୋ ମନୁ ।
ଆକଳ୍ପନା କରଇ ଏ ଯେ କବି ଅଭିମନୁ । ୨୩ ।
ଆପୂର୍ବାନୁପ୍ରାସ ଛନ୍ଦ ପ୍ରାନ୍ତଯମକରେ ।
ଆବେଗ ହୋଇଲା ଏ, ତୋଷିବ ରସିକରେ । ୨୪ ।

—o—

୧୨—୧ ଛଳେ- କ ଓ ଖ, ୧୩—୨ ବେଳେ-ଗ, ୧୫—୧ ବିଷେ କିଛି-ଠ, ୧୮-୧ ଏହି—ଠ, ସେହି-ଗ, ୧୯—୧ ଆସି- କ ଓ ଖ, ୧୯-୨ ହୁଅଇଟି-ଗ, ୨୦—୧ ଆଶ୍ୱାସି କହନ୍ତି କ, ଖ, ଠ ଓ ଠ,

## ସପ୍ତମ ଛାନ୍ଦ ।

## ଇ-ପୂର୍ବାନୁପ୍ରାସ । ଶ୍ରୀକୃଷ୍ଣ ନାମଶ୍ରବଣ ।

ରାଗ-କମୃବାମୋଦ ।

ଈ-ପୂର୍ବାନୁପ୍ରାସ ଦୀର୍ଘ ହ୍ରସ୍ୱ ଭେଦ ସପ୍ତମ ଏ ଛାନ୍ଦ ।
ଇଚ୍ଛା କର ଧୀରେ ପ୍ରସଙ୍ଗ ବଧିରେ ବଢ଼ିବ ଆନନ୍ଦ । ୧ ।
ଇଭଗତି ରାଧାପାଟଣ ବନେ ପୂର୍ଣ୍ଣମାସୀ ପରବେଶ ।
ଇଛି ରାଧା କୃଷ୍ଣ ନବ ଅନୁରାଗ କରଣେ ପ୍ରକାଶ । ୨ ।
ଇଜ୍ୟା ମାନ୍ୟ ପାଇ ବସି ହସି ଭଗବତୀ ବାଣୀ ଭଣି ।
ଇତସ୍ତତ ମନ କରୁଛୁ କାହିଁକି ସର୍ବସୁଲକ୍ଷଣି । ୩ ।
ଇନ୍ଦ୍ରପଦ ପଦତଳରେ ଯାହାର ତାହାର କି ଚିନ୍ତା ।
ଈନ ପୂଜାକର, ମନୋରଥ ପୂର୍ଣ୍ଣ କର ରସଲତା । ୪ ।
ଇତି ପ୍ରତିଉକ୍ତି ଲଳିତା କହନ୍ତି ଗୁରୁଜନ ଡ଼ରେ ।
ଇରାବତୀ ମତ ପ୍ରସନ୍ନ ନ କରେ ରଜନୀ ବାସରେ । ୫ ।
ଇଷ୍ଟ ଅଭୀଷ୍ଟ କର କେହ୍ବ ମିହିରକୁ ପୂଜି ଯିବ ଧନୀ ।
ଇତର କଥାକୁ ଏ ଶାଶୁ ନଣନ୍ଦେ ଗଞ୍ଜନ୍ତି କି ଖେଦ । ୬ ।
ଇଙ୍ଗିତ ଏତେକ ପାଇ ପୂର୍ଣ୍ଣମାସୀ ଭାଷ ଜଟିଳାକୁ ।
ଇଷ୍ଟରଷ୍ଟ ନଷ୍ଟ ହେବ, ରାଧା ନତ ପୂଜୁ ମିହିରଙ୍କୁ । ୭ ।
ଈଶିତ୍ୱ ସାଧ୍ୟ ପରାପତ ହୋଇବ; ଶୁଣି ବୁଢୀ ତୋଷ ।
ଈଶ୍ୱରି, ତବ ବଚନ କେ ଲଙ୍ଘିବ, ପୂଜନ୍ତୁ ଦିନେଶ । ୮ ।
ଈଷଦ୍ହାସେ ପୁଣି ରାଧାପାଶେ ମିଳି ଏ କଥା କହିଲେ ।
ଈଶାନେ୍ୟ କାମ୍ୟବନେ ମିହିର ଅଛନ୍ତି ବୋଲି କହିଦେଲେ । ୯ ।
ଈକ୍ଷିତ କର, ତୋ ପଦ୍ମଜତ ମୁଖ ଦେଖି ମୁ ଯିବଇଁ ।
ଇନ୍ଦୁଲେଖା କହେ, ଏତେ ଉଦବେଗ ଚଉ କାହିଁପାଇଁ । ୧୦ ।

---

୩—୧ ଈଷନ୍ମାନ ପାଇ ବସି ଶ୍ୱାସି ଭଗବତୀ ବାଣୀ ଭଣି-କ ଓ ଖ; ପୌର୍ଣ୍ଣମାସୀ-ଗ; ୪—୨ ପୂଜାକର-ଗ ଓ ଟ; ୭—୨ ଈଶରଷ୍ଟ-କ, ଖ ଓ ଛ; ଈ ଶରଷ୍ଟ-ଟ: ମିହିରକୁ-ଟ; ୯—୨ ଈଶାନେ-କ ଓ ଖ; ୧୦—୧ ଈକ୍ଷିପ୍ର—କ ଓ ଖ; ଇଚ୍ଛିତ-ଗ ଓ ଟ; ୧୦-୨ ଇନ୍ଦୁରେଖା-ଟ;

ଈଦୃଶ ଭାଗ୍ୟ କାହିଁ, ଆମ୍ଭେ ତୁମ୍ଭଙ୍କୁ ଦେଖିବୁ ସର୍ବଦା ।
ଈକ୍ଷଣ ସାର୍ଥ ରାଧାର କରଯାଉଥିବଟି କାମଦା । ୧୧ ।

ଇଦଂ ବାକ୍ୟ ଶୁଣି ଭଗବତୀ ପ୍ରତିଉକ୍ତି କଲେ ଦଣ୍ଡ ।
ଇନ୍ଦିବରାକ୍ଷୀ ରାଧା ମୋର କେବଳ ପ୍ରାଣ ପଞ୍ଚଭୂତ । ୧୨ ।

ଇଦାନୀ ରହି ନ ପାରିବ, ଚଞ୍ଚଳ ଚିତ୍ତ ଅଛି ହୋଇ ।
ଇନ୍ଦୁକୋଟିଜିତ ଶ୍ରୀମୁଖ କୃଷ୍ଣର ଦେଖିବଇଁ ଯାଇଁ । ୧୩ ।

ଇକ୍ଷୁରସସାର ନାମକୁ ଶୁଣାଇ ଗଲେ ଭଗବତୀ ।
ଇସି କି ମଧୁର ନାମକୁ ଶୁଣିଲ, ଭାବେ ରସବତୀ । ୧୪ ।

ଇନ୍ଦ୍ରସ୍ୱେ ମୋହୋର ବାଞ୍ଛା କଲେଣି ତ ବିଶେଷ ହେବାକୁ ।
ଇନ୍ଦୁର ହେଲା ଭଗବତୀ ଭାରତୀ ଦମ୍ଭବସନକୁ । ୧୫ ।

ଇନ୍ଧନପ୍ରତିମା ପରାସ୍ୱେ ତନୁକୁ ସ୍ତମ୍ଭ କରାଉଛି ।
ଈଶାନପର ଆକର୍ଣ୍ଣାସ୍ତୃତ କର ଧନୁକୁ ଆଞ୍ଚୁଛି । ୧୬ ।

ଇଷୁ ଯୋଚଲାନ, ମାରିବ ଏଥର ସଂଶୟ ତ ନାହିଁ ।
ଈଷିତେ ପତିବ୍ରତାବ୍ରତ ସରଲା, ଧିକ ଧିକ ମୁହିଁ । ୧୭ ।

ଈଶ୍ୱର ଇଚ୍ଛାକୁ ସବୁ ଘଟିପାରେ; କହିବ କାହାକୁ ।
ଈନ ଧରିବା ମନ ଇଚ୍ଛେ, ଆଉ କେ ବାରିବ ଲୋଭକୁ । ୧୮ ।

ଇନ୍ଦିରାଦି ନାରୀଙ୍କି ମୁଁ ନ ଗଣଇଁ ପତିବ୍ରତା ଗୁଣେ ।
ଈରଷା ସେମାନେ କର ଭଆଇଲେ ଏ ନାମ କି ଗୁଣେ । ୧୯ ।
ଇନ୍ଦ୍ରଗୋପଜିତରଙ୍ଗଚରଣୀ ଯେ ଏରୂପେ ସୁମର ।
ଇନ୍ଦ୍ରଜିତସୁତ ଏ ଗ୍ରନ୍ଥ ଭଣଇଁ ରାଧା ଧ୍ୟାନ କର । ୨୦ ।

---

୧୧—୨ ସ୍ୱାର୍ଥ-ଗ; ୧୪—୨ ଇଛି କି-କ ଓ ଖ; ୧୫—୧ ବାଞ୍ଛିଲେକ ତହି - ଗ; ୧୬—୨ ଆକର୍ଣ୍ଣିତ କରଣ—ଚ; 'ଆସ୍ତୃଉ' ସମସ୍ତ ପୋଥିରେ 'ଆସ୍ତୃତ' ରୂପେ ପଠିତ; ୧୮—୧ ଇଚ୍ଛାରେ ଚ; ୨୦—୧-ରଙ୍ଗଚରଣ—ଚ,

ଉଡୁକାନ୍ତମୁଖୀ ଚିନ୍ତା କରୁ କରୁ । ଉଚ୍ଛିନ୍ନତା ମନ ଦମ୍ଭ ଧରୁଁ ଧରୁଁ । ୨୦ ।
ଉର୍ଣ୍ଣନାଭ-ସୂତ୍ର ମାନସରୁ ସରୁ । ଉପସର୍ଗଣକୁ ମଣେ ଜଗରୁ ଗରୁ । ୨୧ ।
ଉଦଧିରେ ଯେମନ୍ତ ତରଙ୍ଗ ରଙ୍ଗ । ଉତପ୍ଳୁତ ଚିତ୍ତେ ସେ ପ୍ରସଙ୍ଗ ସଙ୍ଗ । ୨୨ ।
ଉତ୍ସର୍ଗ ଯେ ହୋଇଲା ଆଶ ତ ସତ । ଉତ୍ଥିତ ତ ହୃଦରୁଁ ବହୁତ ହୁତ । ୨୩ ।
ଉହାଡ଼ରେ ସେ କୃଷ୍ଣ ଲହିତ ହିତ । ଉପଯୋଗ ତାପକୁ ସେହି ତ ହିତ । ୨୪ ।
ଉପାଧିକ ତେଜିଲା ସୁମତି ମତି । ଉପଜୀବୀ କୃଷ୍ଣ ଗଜଗତି ଗତି । ୨୫ ।
ଉହୁଁ ଇସି ବାହାର ମୁଖରେ ଖରେ । ଉପବନ ନ ରଚେ ଅଧୀରେ ଧୀରେ । ୨୬ ।
ଉଲୁଠନ୍ତେ ତାଳ ସୁଁସଙ୍ଗୀତ ଗୀତ । ଉତ୍ସବକୁ ନ ମଣେ ରୁଚିତ ଚିତ୍ତ । ୨୭ ।
ଉତ୍ତୁରରେ ବଢ଼ାଇଲା ନତ ନତ । ଉଷ୍ଣ ଶଶିକର ତ, ଅଗତ ସତ । ୨୮ ।
ଉଦନ୍ତ ଯେ ଯେଣେ ବୋଲେ କୃପ କୃପ । ଉଦେଷଣାରୁ ବଢ଼େ ପ୍ରତାପ ତାପ । ୨୯ ।
ଉଂଘ ନୁହଇ ପୁରପଥରେ ଥରେ । ଉଦ୍ୟମ ସେ କରେ ଆଚ୍ଛନ୍ନରେ ନରେ । ୩୦ ।
ଉତ୍ପଳାକ୍ଷୀ ଦୁଃଖ ଅସମ୍ଭାର ଘର । ଉଦ୍ଗତରେ ବୋଲେ ସହି ଧର ଧର । ୩୧ ।
ଉପ୍ରୋଧରୁଁ ଏ ସ୍ୱିତକ ସହି ସହି । ଉତ୍ତମ ଏ ନୋହେ କହେ କେହି କେହି । ୩୨ ।
ଉତପାତ ଏ କି ସ୍ୱିତ କହ କହ । ଉତ୍କଟ ଏ କଥା ନୁହ ରହ ରହ । ୩୩ ।
ଉତ୍ଫୁଲାଙ୍ଗର କେ ନେଲା ହର ହର । ଉଦାରତା ଅଛୁ ଜବାଧର ଧର । ୩୪ ।
ଉରଗରୁଁ ଗରୁ ତ ନିଶ୍ୱାସ ଶ୍ୱାସ । ଉଜ୍ଜ୍ୱଳରେ ଇଚ୍ଛା କି, ନ ଘସ ଘସ । ୩୫ ।
ଉତ୍ପୁରିତ ଆମ୍ଭେ ଗୋ ରମଣୀମଣି । ଉତ୍ତର ତ ନ କହ କି ଗୁଣି ଗୁଣି । ୩୬ ।
ଉପପତି ଇଚ୍ଛି କି ଏମନ୍ତ ମତି । ଉଦ୍ଦୀପନ ହେତୁ କେ, ବର୍ଦ୍ଧିତ ଧୀ ତ । ୩୭ ।
ଉପତାପେ ବୁଡ଼ିଲୁ ଆତୁରେ ତୁ ରେ । ଉଦ୍ଭବ କେ ହୋଇ ପ୍ରଭୁରେ ଭୂରେ । ୩୮
ଉକ୍ତି ନ ଦେଲେ ଶୁଣି ସଙ୍ଗୀର ଗିର । ଉପକୋଣେ ନତ ସୁହାସୀର ଶିର । ୩୯ ।
ଉଭୟଥା ସନ୍ଦେହରେ ଆଳୀ ଆଳି । ଉପଲକ୍ଷ କଲେ ମନେ ଖଳି ଖଳି । ୪୦ ।
ଉପଇନ୍ଦ୍ର ପଦ ଅଭିମନୁ ମନୁଁ । ଉପେକ୍ଷା ଯେ ନୋହିବ ତ ଦନୁ ଦନୁ । ୪୧ ।
ଉଦ୍ଭବାସନା ମୋର ସାଗର ଗର । ଉଦ୍ଧାରଣ କର ଏଥୁଁ ଧରଧର । ୪୨ ।

---

୨୩—୨ ଉଦ୍ଧତ ତହୁଁ ହୃଦୁଁ ବହୁତ ହୁତ—କ ଓ ଖ; ୨୭—୨ ଉଚିତ ଚିତ୍ତ—ଜ; ୩୧—୧ ଅସମ୍ଭାଳ—କ ଓ ଖ; ଖଳ—କ; ଗୌରୀଶଙ୍କର ମୁଦ୍ରିତ ଗ୍ରନ୍ଥରେ ୩୧ ପଦ ୩୦ ପଦରୂପରେ ଓ ୩୦ ପଦ ୩୧ ପଦ ରୂପରେ ପଠିତ; ଏହା ଚ ପୋଥି ସଙ୍ଗେ ସମ। ଚ-ପୋଥିର ଅବିକଳ କୌଣସି ପୋଥିରୁ ଗମ୍ଭୃ ମହୋଦୟ-ମାନେ ଗ୍ରନ୍ଥ ମୁଦ୍ରଣ କରିଅଛନ୍ତି । ୩୨—୨ ଉଦ୍ଦାମ—ଚ; ୩୩—୨ ଉତ୍କଟ ଏ କଥା ଗୁପ୍ତ ନୁହ ନୁହ—କ ଓ ଖ; ନୁହେ ରହ ରହ—ଚ; ୩୫—୧ ଉର୍ଗ ଗୃରୁ ନତମ୍ଭା ନିଶ୍ୱାସ ଶ୍ୱାସ—କ ଓ ଖ; ଗୁରୁତ—ଛ ଓ ଚ; ୩୬—୧ ଉପରକି—ଜ; ୩୭—୨ ବର୍ଦ୍ଧିତ ଧୀତ—କ, ଖ ଓ ଗ; ୪୦—୧ ଉଭୟ ତା—ଚ,

୪

# ନବମ ଛାନ୍ଦ ।

## ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ନାମାନୁସ୍ୱାଦନ । ପ୍ରାନ୍ତାନୁପ୍ରାସ ।

ରାଗ--କେଦାର କାମୋଦ ।

ଶ୍ରୀରାଧା କୃଷ୍ଣନାମ ଶୁଣି କାତରେ । ବିଶାଖାରେ କହନ୍ତି ସେ ଏକାନ୍ତରେ ଯେ ।
ଯଉଁ ନାମ କହିଲେ ଶ୍ରୀ ପୂର୍ଣ୍ଣମାସୀ । ଚନ୍ଦ୍ରାସିନ୍ଧୁକୁ ହେଲି ସେ ପୂର୍ଣ୍ଣମାସୀ ଯେ ।୧।
ସେ ନାମ ଗଢ଼ା ମିଶି କେତେ ଅମୃତ । ଯେ ଶୁଣିବ ତାର କି ହେବ ଅମୃତ ଯେ.
ହିତକି ସୁଖ ହୋଏ ତାହା ଶ୍ରବଣେ । ଲାଳସା ହୋଏ କୋଟି କୋଟି ଶ୍ରବଣେ ଯେ ॥
ଉଚ୍ଚାରଣ କରିବାବେଳେ ମୁଖରେ । ଶେଷାନନ ହେବାକୁ ବାଞ୍ଛେ ମୁଁ ଖରେ ଯେ ।
ପଢ଼ଇ ଯେତେବେଳେ ସେ ମାନସରେ । ଜ୍ଞାନେନ୍ଦ୍ରିୟମାନଙ୍କ ଗୁମାନ ସରେ ଯେ ।୩।
କୃଷ୍ଣ ବୋଲି ସେ ଯଉଁ ବେନି ଅକ୍ଷର । କାମାନ୍ଧମାନଙ୍କ କାମନା ଅକ୍ଷର ଯେ ।
କି ସେ ତାଙ୍କ ପ୍ରୀତିନାସ୍ତି ଶୂତର । କି ଭୁକ୍ତି ମୁକ୍ତି ଫଳ ବେନି ଶୁତର ଯେ ।୪।
କିବା ଜୀବ ପରମ ସର୍ବଲୋକର । କାମିତମ ଚନ୍ଦ୍ରାର୍କ କି ହିଲୋକର ଯେ ।
କିବା ଆନନ୍ଦ ଆହ୍ଲାଦ ମୂରତି । ସେ ନାମରେ କେବଳ ଇଚ୍ଛେ ମୁଁ ରତି ଯେ ।୫।
ଉପମା ହେବ କାହା ପରଶଂସାରେ । ତୁଳା କରିତ ନାହିଁ ବିଧି ସଂସାରେ ଯେ ।
ତା ଶୁଣିଲେ କି ରହେ ପତିବରତ । ମୋ ମାନସ ଆରତ ଅନୁବରତ ଯେ ।୬।
କୃଷ୍ଣ ନାମ ବଡ଼ଶୀ ମନ-ମତ୍ସ୍ୟର । ମୋ ହୃଦରୁ ଛଡ଼ାଇ ଦେଲା ମତ୍ସର ଯେ ।
ଯେ ଯାହା ବୋଇଲେ ବୋଲ ସହିବାର । ବଳାତ୍କାରେ ହେଲାନି ମୋ ସହିବାର ଯେ
କରୁ କରୁ ସେ ନାମ ସୁମରଣକୁ । ବିହି ଭେଟାଇ ଦେଉ ସୁ-ମରଣକୁ ଯେ ।
ତୁମ୍ଭେ କରି ବସିଲେ ନିବାରଣକୁ । ଔଷଧି ନାହିଁ ମୋ ଜୀବ ଧାରଣକୁ ଯେ ।୮।
ରଙ୍ଗ ସେ ସଂସାରେ ବୋଲାଇ ନାରଙ୍ଗ । ଶ୍ୱେତ ବର୍ଣ୍ଣ ଦିଶଇ ତାହା ନା ରଙ୍ଗ ଯେ ।
ନାମ ନାମୀ ଅଭେଦେ ଶଙ୍କା ଜନିତ । ଏ ଚନ୍ଦ୍ରା ନ ଗଲି ଦିବା ରଜନୀ ତ ଯେ ।୯।
ଯାଁ ନାମ ସ୍ୱାଦୁ ଲୋଭେ ମାନସ ରତ । ତା ରୂପ ହୋଇଥିବ ସୁଧାସର ତ ଯେ ।
ନାମ ଅର୍ଥରୁ ତା ବର୍ଣ୍ଣ ଆଶ୍ରୟଇ । ତଥାପି ସଂଶୟ ତାରୁଁ ନ ଘଷଇ ଯେ ।୧୦।

---

୨—୧ ନାମ ଗଣ—ଝ ଓ ଜ; ଶଶୀ କେତେ—କ ଓ ଖ; ୨—୩ ତାର ଶ୍ରବଣେ କ ଓ ଖ; ୩—୩ ମୋ ମାନସରେ—କ ଓ ଖ; ୪—୨ କାମନାକୁ ଅକ୍ଷର—ଝ; ୪—୪ କି ଭକ୍ତି—ଝ; ୭—୨ ନେଲା—ଗ ଓ ଛ; ୮—୨ ଦେବ—କ ଓ ଖ; ୯—୧ ବୋଲିଏ—ଝ; ୧୦—୩ ଅର୍ଥରୁ ତ—ଝ;

କୃଷ୍ଣନାମ ଘେନନ୍ତି ସେ କଳାନିଧି । ନାମରୁ ବର୍ଣ୍ଣି ଭିନ୍ନ ଯେ କଳାନିଧି ଯେ ।
ଅଭେଦ ନାମ ନାମୀ ଅଛୁ ବେଦରେ । ଏ ଅଧାହାରୁଁ ଅଛୁ ମୁଁ ନିର୍ବେଦରେ ଯେ ।୧୧
ମର୍ମଦାରଣ ସେ ଅବଳା ଜନଙ୍କ । ସେ ନାମ ଅଟଇ କି କାମଜନକ ଯେ ।
କି ଲାଗୁଁ ହେଲା ମୋତେ ପରିପନ୍ଥରେ । ଆଜଯାଏ ଥିଲା କାହିଁ ଗୁପତରେ ଯେ ।୧୨
କରିବଇଁ ଯୋଗିନୀ ଆଚରଣକୁ । ତୁଣ୍ଡେ କରି ସେ ନାମ ଉଚ୍ଚାରଣକୁ ଯେ ।
ପର୍ଯ୍ୟଟନ କରିବି ଏ ଧରଣୀକି । ଶୁଣି ଦୟା କରିବେ ଏ ଆରତିକି ଯେ । ୧୩ ।
ଦୂର କଲନି ଲାଜ ଧ୍ରୁବ ଲୋକରେ । ଅପକାରିତ ଭରୁ ଧ୍ରୁବଲୋକରେ ଯେ ।
ମୋ ମନ ହୋଇଲାଣି ମତ୍ତବାରଣ । କି କରିବି ନୋହିଲା କରି ବାରଣ ଯେ । ୧୪ ।
ଶ୍ରବଣରେ ନାହିଁତ ମୋର ରସନା । କି ସ୍ୱାଦୁ ଲାଗି ବୋଲେ ଆନେ ରସନା ଯେ ।
ରସନାରେ ମୋହୋର ନାହିଁତ ଶ୍ରୁତି । କି ଶୁଣି କରି ନ ଗଣିଲା ତ ଶ୍ରୁତି ଯେ । ୧୫ ।
ଦେହ ଉପରେ ସିନା ମନାଧିକାର । ସେହି ଘେନିଲା ନାହିଁ କଲେ ଧିକ୍କାର ଯେ ।
କେ ଜାଣି ତହିଁ ପାଇଲା କି ପଦାର୍ଥ । ଜାଣୁ କି କହ ସଖି କୃଷ୍ଣ ପଦାର୍ଥ ଯେ ।୧୬
କ୍ଷଣେ ବସିଲି ନାହିଁ ମୁହିଁ ନିଦରେ । ତୁଣ୍ଡୁ ବାହାର ଶୋଇଥିଲେ ନିଦରେ ଯେ ।
ଆନ କିଛି ନ ଆସେ ତହିଁ ବାହାରେ । ଯାହି ବୋଇଲେ କୃଷ୍ଣ ନାମ ବାହାରେ ଯେ ॥ ୧୭
ମୁଁ କରିଛି ଗୁପତ ନିଧି ବିଧିରେ । ବଳେ ଉଛୁଳି ନ ରହୁଛି ବିଧୀରେ ଯେ ।
ଖ୍ୟାତ ହେଲେ ମଜ୍ଜିବି ମୁଁ ମନାକ୍ଷରେ । କାହା ମୁଖ ଚାହିଁବି ଏ ମନାକ୍ଷରେ ଯେ ।୧୮
ଧିକ ତ ହେଲି ପତିବରତରୁଣୀ । ଯୋଡଯାଉ ହେବାର ବରତରୁଣୀ ଯେ ।
ମୁଁ କେ, କାହା ନାମରେ କଲି ଧିଆନ । କରୁଁ କରୁଁ ବିସ୍ମର ହେଲା ଧୀ ଆନ ଯେ ॥ ୧୯
କରେ ଚନ୍ଦ୍ର ଧରିଛି କାହିଁ ବାମନ । ଏ ବିସ୍ମର କରୁଛି କାହିଁ ବା ମନ ଯେ ।
ମୃଗ-ତୃଷ୍ଣାକୁ ମଣିଅଛି ମାର ତ । ଆଶ ନାଶ ନୋହିଲା ମୋର ନିରତ ଯେ । ୨୦ ।
ଶୁଣି ସଜନୀ କହେ ସୁ-ରମଣୀକି । ଦେଲୁ ନେଇ ମନକୁ ଚିନ୍ତାମଣିକି ଯେ ।
ଶୁଣିଛି ଧିନେ ମୁହିଁ ଋଷି ଭାରତୀ । କୃଷ୍ଣଚରଣ ଦାସୀ ଲକ୍ଷ୍ମୀ ଭାରତୀ ଯେ । ୨୧ ।
ସେ କି ? ଆନ କେ ତାଙ୍କ ନାମ ବହଇ । ନାମରେ ସୁଧା ସ୍ୱାଦୁ ନଦୀ ବହଇ ଯେ ।
ତହିଁ ମଜ୍ଜିଲେ ତୋର ଯିବ ପ୍ର-ତାପ । କେ ଜାଣିଛି ବିଚକ୍ଷଣକର୍ମୀ ପ୍ରତାପ ଯେ । ୨୨
କେତେ ଆଶ୍ଚର୍ଯ୍ୟ କଥା ମନେ କର ରେ । ବହିବଳେ ସାଗର ଥିଲା କରରେ ଯେ ।

---

୧୧—୩ ଭେଦରେ—ଗ ଓ ଙ; ୧୨—୨ ଅଟେ ନିକି—ଙ; ୧୩—୧ ଗୋ ଧୀନ—ଙ; ୧୩—୪ ଦୟା ଶୁଣି—ଗ, ଘ ଓ ଙ; ୧୮—୨ ବେକେ ଉଛନ୍ନ କ ଓ ଖ; ରହୁଛି—ଙ; ୧୯—୧ ହେଉ—କ ଓ ଖ; ୧୯—୨ ଯୋଡ଼ୁ ଯୋଡ଼ୁ-କ ଓ ଖ; ୨୦—୩ ମୃଗତୃଷ୍ଣା ତ-ଘ; କରିଅଛି-ଗ ଓ ଘ; କରୁଅଛି-ଙ; ୨୦—୪ ଆତ୍ମା-କ, ଖ; ହୋଇଲା କରି ନିରତ-ଙ; ୨୨—୨ ସ୍ୱାଦୁ ସୁଧା-କ ଓ ଖ;

ବିଶାଖା ବୋଲେ ଏ ଦ୍ରବ୍ୟ ସୁଦୁର୍ଲ୍ଲଭ । ବିଶାରଦ ବୈଦ୍ୟ ବିନା କି ସୁଲଭ । ୧୪ ।
ଆଶ ଦେଲେ ନାନ୍ଦୀମୁଖୀ ଏ ବଚନେ । ଆସ ମୁ ପଦାର୍ଥେ ଦେବ ତା ରୋଚନେ ॥
ପୁରକୁ ନେଇ ସେ କୃଷ୍ଣପଟ୍ଟ ଆଣି । ପୁରତେ ମେଲନ୍ତେ ରହେ କାହା ଆଣି । ୧୬ ।
ବିଧାନ କେ କଲା ବିଶାଖିକା ଭାଷେ । ବିଧାତା କୃତ୍ୟ ପରାଏ ନ ଆଭାସେ । ୧୭ ।
ସତ କି ଏ ପଟ୍ଟମୂର୍ତ୍ତି କି କପଟ । ସନ୍ତତ ନୋହିବ ଦେଖି କେ ଲମ୍ପଟ । ୧୮ ।
ଧୀରେ ଶୁଣ ନାନ୍ଦୀମୁଖୀ କହେ ଗିର । ଧୀରେ ଭାବ କାନ୍ତ ଏଟି ତୋ ସଙ୍ଗୀର ॥
ତାତ ଦତ୍ତ କଲା ଦାନୁ କହିଛନ୍ତି । ତା ତଳପା ତଳେ ରାଧା ରହିଛନ୍ତି । ୨୦ ।
ପରମେଷ୍ଠୀ ପୂର୍ବେ କରୁଁଥିଲା ସେବା । ପରମପଟ୍ଟକୁ ଲେଖିଥିବ ସେ ବା । ୨୧ ।
ପରସନ୍ନେ ଦେଇଥିଲେ ମୋ ପିତାଙ୍କୁ । ପରଚେ ମୁ ତାତ କହିବାରେ ତାଙ୍କୁ । ୨୨ ।
ଭାଷିଲା ବିଶାଖା ଏହା ଯା ବୋଇଲ । ଭାସିଲା ଜନକୁ କୂଳେ ଲଗାଇଲ । ୨୩ ।
ଆନନ୍ଦ ସେ ପଟ୍ଟ ଘେନ ଏହା ଭାଷି । ଆନନ ପ୍ରସନ୍ନ କରି ପିକଭାଷୀ । ୨୪ ।
ପୁରେ ପ୍ରବେଶ ରାଧାର ଯାଇଁ ବେଗେ । ପୂରେ ହା ରାବେ ସେ ପୁଷ୍ଟ ଉଦବେଗେ ॥
ହତରଲନେତ୍ରା ମୁଖକଳାକରୁଁ । ସତତ ଉରରେ ଗୋପ୍ୟ କରୁଁ କରୁଁ । ୨୬ ।
ସଖୀ ବେଢ଼ି କରୁଛନ୍ତି ଉପଚାର । ସହି ନୋହେ କେ ବୋଲେ ଏକା ପଚାର । ୨୭ ।
ସଜ ସରୋଜବଦନ କରି ନତ । ସଜନୀ ଅନୁବରତେ ଅଜ୍ଞାନ ତ । ୨୮ ।
ଜଟିଳା ପୁଛନ୍ତେ ସଖୀ ବ୍ୟାଧିଛଳେ । ଜଟିଲେ ଶ୍ରୀରାଧାର ସ୍ନେହ ବହଳେ । ୨୯ ।
ଏହିକାଳେ ବିଶାଖା କହଇ ଯାଇଁ । ଏ ହୀନ କଥା ତୁମ୍ଭର ନ ଯାଇ । ୩୦ ।
କୁଳଟାମାନଙ୍କୁ ନୋହେ ଏ ଦୂଷଣ । କୁଳସ୍ତ୍ରିର ରୀତକ ଏ ଅଭୂଷଣ । ୩୧ ।
ଜାତ ରାଧାବାକ୍ୟ, ଧୈର୍ଯ୍ୟ ନ ରହଇ । ଜାତବେଦବତ ହୃଦ କେ ଦହଇ । ୩୨ ।
ବାସବ-ମେହାର ଶୁଣି ଏ ଭାରତୀ । ବସରୁ କାଢ଼େ ବିଶାଖା ସେ ମୂରତି । ୩୩ ।

---

୧୬—୧ ଶ୍ରୀକୃଷ୍ଣ-ଚ; ୧୬—୨ ପୁରତେ ମେଲନ୍ତେ ଗୃହେଁ ସେ ସିହାଣୀ-ଚ; ପୁରତରେ ମେଲନ୍ତେ ଗୃହେଁ ସିହାଣୀ-କ ଓ ଖ; ୧୭—୨ ବିଧାତାକୃତ ପରା ସତ ନ ଆସେ-ଠ; ଏତ ନ ଆସେ-କ, ଖ ଓ ଚ; ୧୮—୨ ସତତ ନୋହିବ କେ ଦେଖି-କ ଓ ଖ; ସନ୍ତପ୍ତ ନୋହିବ କେ ଦେଖିଲେ ପଟ--ଚ; ୧୯—୧ ଶୁଣି-ଚ; ୧୯—୨ ଘେନ-ଚ; ୨୧—୨ ଲିହିଥିବ-କ ଓ ଖ; ଅବା--ଠ; ୨୫—୧ ଯାଇଁ ରାଧାର-ଚ; ୨୬—୧ ଶତଦଳନେତ୍ରା-କ, ଖ ଓ ଚ; ୨୬—୨ ସତତ ହୃଦରେ ଚ; ସତ ଉରୁରୁହରେ ଗୋପ୍ୟ କରୁ କରୁ, ଠ ୧୩ ଅକ୍ଷର-ଅପପାଠ-ସତ ଉହରୁରେ-ଚ; ୨୯—୨ ଜଟିଲେ ସେ ଶ୍ରୀରାଧାର ସ୍ନେହବଳେ--କ, ଖ ଓ ଚ; ୩୦—୨ କଥାତ ତୁମ୍ଭର ନ ଯାଇ-କ ଓ ଖ; ଏ ହୀନ କଥା ତୁମ୍ଭର ନଯୋଗାଇ-ଚ; ୩୨—୨ ଜାତବେଦା-କ ଓ ଖ; ହୃଦକୁ-ଚ; ହୃଦରେ-ଘ;

ଅନାଇଁ ସେ ପଟ ରାଧା ସ୍ତମ୍ଭୀଭୂତ । ଅନାସ୍ଥରେ କହେ କି ଏ ଅଦ୍ଭୁତ । ୩୪ ।
ମାନସ ମୋର ନେଲା ତ ଆକରଷି । ମାନ ରଖିବ କେ ପୁଣି ଏଥି ରସି । ୩୫ ।
ଅଚ୍ଛୁ ନ୍ନା ଏରୂପ ମିଛେ ଦେଖାଇଲ । ଅଚ୍ଛୁଦ୍ର ଲୋଭ ମୋର ତ ବଢାଇଲ । ୩୬ ।
ବ୍ରହ୍ମା ସୃଷ୍ଟିରେ ନାହିଁ ଏ ଅନୁରୂପ । ବ୍ରହ୍ମାଣ୍ଡ ବାହାର ପ୍ରତେ ଏ ସ୍ୱରୂପ । ୩୭ ।
ସର୍ବ କଳାବନ୍ତ ଏ ପୁରୁଷୋତ୍ତମ । ସର୍ବପର ଦେଖିଲେ ଗୁଢ଼ବ ତମ । ୩୮ ।
ଅବଶେ ନାଶି ଅବଧ ଲହ୍ବ ବହି । ଅବଧ ବଧକୁ ଅଚ୍ଛୁ ଏହା ବହି । ୩୯ ।
କରଇ ବଶ୍ୟର ଏନ୍ତୁ ଅତ ଚନ୍ଦ । କର ଥସ୍ନେ କେତେ ଯେ ଲେଖିଲ ଚନ୍ଦ । ୪୦ ।
କାମ ପୀଡ଼ା ନଥିବ ଯାହାର ଚିତ୍ତେ । କାମନା କରୁଚ୍ଛ ଶକ୍ୟଂସେ ରଚତେ । ୪୧ ।
ପୁରୁଷ ଅବଶ ହେବ ଦେଖି ତାର । ପୁରୁଷାର୍ଥ ଧନ୍ୟ ଯେ ଲେଖିଛି ତାର । ୪୨ ।
ଘନରସ ମୂର୍ତ୍ତିବନ୍ତ ଏ ସାକ୍ଷାତ । ଘନଚମ୍ପୁରୂପ କି କରଚ୍ଛ ଖ୍ୟାତ । ୪୩ ।
ମଦନାର୍ବୁଦେ ଲକ୍ଷକୁ ନୋହେ ସମ । ମଦ ସରଯିବ ଗ୍ରୁହିଁ ଏ ସୁଷମ । ୪୪ ।
କି ଚନ୍ଦ ଭଙ୍ଗିମାରୂପ ପ୍ରାଣ ହରେ । କମ୍ପିତ ଚିତ୍ତ ନ ରହେ ମୋ ଦେହରେ । ୪୫ ।
ସେ ସ୍ୱରୂପ ମୋ ଦେହେ ମିଶାଅ ଥରେ । ଶେଷ ହେଉ ତାପ,ଦେଖ,ତନୁ ଥରେ ॥
କରୁଁ ନେଇ ସଜନୀର ଲଦ ଶିରେ । କରୁଁ କୋଳ ସୁଖ ଦେଲା ସୁହାସୀରେ ॥
ବାର ବାର ଧରଇ ଉର ଉପର । ବାରବନ୍ଧ୍ୟା ତାପ ଊଣା ତତପର । ୪୮ ।
ଆପଯୁକ୍ତ ନେନେ ପୁଣି କରୁଁ ତଳେ । ଆପଣା ମୂରତ ଦେଖେ ପାଦତଳେ । ୪୯ ।
ଘେନେ ଧନ୍ୟ ଧନ୍ୟ ମୋର ପୁଣ୍ୟବର । ଘେଲେ ଲହିଥିବ ଏହା ବେଦବର । ୫୦ ।
ସଜନୀ ଦେଖିଲେ ହେଲି ମୁଁ ଆରତ । ସଜଡ଼ାଇ ଆଣିଲେ କି ଏ ମୂରତ । ୫୧ ।
କଲ୍ପକେ ଏ ମୂରତ କି ଲେଖାଯିବ । କଲ୍ପେ କଳ୍ପନା କରି କେ ସରଜିବ । ୫୨ ।
ଦୃଷ୍ଟି ଶ୍ରୁତଗମ୍ୟ ନାହିଁ ଏ ଅଛୁକ । ଦୃଷ୍ଟି ଶ୍ରୁତବେଦେ କରବେ କଛୁ କ । ୫୩ ।
ସରଜନା ନ ଥିଲେ ଦେଖା ନ ଯାଏ । ସରସେ ମନକୁ ମୋର ଏ ମଜାଏ । ୫୪ ।
କାନ୍ତ ମୋ ଏ ହେବେ ହେବ ମୁଁ କଙ୍କଣୀ । କାନ୍ତବଦନା କହଲେ ସତ୍ୟ କରି ॥

---

୩୪—୨ ଏକ-ଗ, ଘ ଓ ଟ; ୩୫—୧ ନେଲା ମୋର ତ-କ, ଖ ଓ ଗ; ୩୬—୨ ଲୋଭତ-ଟ; ୩୭—୨ ବାହାରେ-ଗ ଘ ଓ ଟ; ୪୧—୨ ଶଙ୍କା ସେ ରଚିତେ-କ ଓ ଖ; ୪୩—୨ ଘନ ଏ ରୂପ କି କରୁଅଛୁ ଖ୍ୟାତ-ଘ ଓ ଟ; ୪୪—୧ ମଦନ ଲବେ-କ ଓ ଖ; ୪୫— ଚନ୍ଦଭଙ୍ଗିମାରୂପ ପ୍ରାଣ ମୋ ହରେ, ଚିତ୍ତ କମ୍ପିତ-କ ଓ ଖ: ୪୭ ପଦ ଟ ଓ ଠରେ ନାହିଁ, କିନ୍ତୁ ଅନ୍ୟ ସମସ୍ତ ପୋଥିରେ ଅଛି; ୫୩—୨, ପାଠ-ଛ, ଜ ଓ ଝ ଅନୁସାରେ ଦିଆଗଲା:—ଦୃଷ୍ଟି ସୃଷ୍ଟି ବେଦେ କରବେ କଛୁକ-କ ଓ ଖ; ଦୃଷ୍ଟି ଶ୍ରୁତ ଦ୍ୱିଜେ କରବେ କଛୁକ, ଗ ଓ ଘ; ଦୃଷ୍ଟି ଶ୍ରୁତଭେଦ କରବେ କଛୁକ-ଟ;

ରସବାଞ୍ଛା! ପ୍ରତିବିମ୍ବିବାକୁ ମୋର କରନାହିଁ ହୃଦ ଆଦରଶ, ହେ ସୁନ୍ଦର । ୯ ।
ସରଜକ ତୁମ୍ଭେ ତ ରସର । ସରଘର ବର ହରଷର ।
ସର ବିପରୀତ ବାମା ହେବାପାଇଁ ଇଚ୍ଛା ହେଉ ନାହିଁ ମାନସର, ହେ ସୁନ୍ଦର । ୧୦ ।
ପରମ ସୁଷମା ସ୍ୱରୂପର । ପରତେ କି ମୁଁ ବାମା ଗୋପର ।
ପରତକ୍ଷେ ଗୃହୁଁ ଗୃହୁଁ ମନ ଧରେ ଲୋଭେ ବିଚେଷ୍ଟା ରସକୂପର, ହେ ସୁନ୍ଦର । ୧୧
ଉଜ୍ଜଳାଶ ଦର୍ପଣ ନୀରଜ । ରଞ୍ଜନ ମୁଖେ ହାସ ସରଜ ।
ରଜ ସମ କୃପାକଟାକ୍ଷ କଠାର ଯୋଗେ ଗୋପୀ ମଦନ ତରୁଜ, ହେ ସୁନ୍ଦର । ୧୨ ।
ପଦତଳେ ଅଛି ଇନ୍ଦ୍ରପଦ । ପଦ ପଦକ ଭୂଷା ଆସ୍ପଦ ।
ପଦ ପରିହରି ଦେବ କି ମଦେବ ଗୁପ୍ତ ପଦଘାତର ବିପଦ, ହେ ସୁନ୍ଦର । ୧୩ ।
ସଞ୍ଜବେଳୁଁ ସଜ କରି ଶଯ୍ୟା । ସଜ ସୁମନେ ହୋଇବି ସଜ ।
ସଜନୀ ଜାଣିମେ ନାହିଁ ରସ ଦେବ ଥରେ ଟେକ ଶ୍ରୀମୁଖ-କୁଶଜ, ହେ ସୁନ୍ଦର । ୧୪ ।
ବାରଧର ତନୁ ଦେଖିବାର । ବାର ବାର ଲୋଭ ଅନିବାର ।
ବାରବଧୂ ବାନ୍ଧି ସଜ ହୋଇଅଛି ଆଶ ଚନ୍ଦେ କୋଳ କରିବାର ହେ, ସୁନ୍ଦର । ୧୫ ।
ତାର ତାର ଭୂଷା ବନିତାର । ତାର ତରଳ ନ ରଖେ ତାର ।
ତାରପତି-ମୁଖୀ ବୋଲେ, ଆସ ଆସ, ଆଶ ନ ନାଶ, ମୋତେ ନିସ୍ତାର, ହେ ସୁନ୍ଦର ॥
କର ସଂକଳ୍ପ ଚନ୍ଦ୍ର ଶଙ୍କାସୀ । କଣ୍ଣ, ଗତି କହଇ କି କରି ।
କସିପକାସୀ ବିଗୁର କରୁନାହିଁ ମୋତେ ପରି ଚରଣେ କଙ୍କସୀ, ହେ ସୁନ୍ଦର । ୧୭ ।
ଚଉ ଜାତିବଶେ ଅନୁଚିତ ! ଚଉମୋହନା କଲ ଉଚିତ ।
ଚନ୍ଦନ କରୁ ତନ ଚେତା ହୋଇଲା ଚଉ ଉଦୟ ତାର କମ୍ପିତ, ହେ ସୁନ୍ଦର । ୧୮ ।
ମରଷଣ ପାଇ ସେ କାମର । ମରକତକେଶୀ ବୋଲେ, ମର ।
ମରମ ପରମ ଲଜ୍ଜାଧନ ପେଡ଼ା ଫେଡ଼ାଇଲୁ ଦାଣ୍ଡରେ ପାମର, ରେ ମଦନ । ୧୯ ।
ଶରଣ ମୁଁ ବଳେ ପୁରୁଷର । ସରଞ୍ଜନ ନୋହେ ମାନସର ।
ଶର ଶରାସନ ଧରିବାର ତୋର ଧିକ ପୋଡ଼ୁ ପୋଡ଼ୁ ଫୁଲଶର, ରେ ମଦନ । ୨୦ ।
ମାର ବୋଇଲା ଲୋକକୁ ମାର । ମାରଣା ତୁ ନିଷ୍ଠୁରେ ସମାର ।
ମାର ନାମ ଖ୍ୟାତ କରାଇନାହୁଁ କି ମିନ୍ଦ ଅଟୁ ପରା ଚନ୍ଦମାର, ରେ ମଦନ । ୨୧ ।
ଦରକଣ୍ଠୀ ଚେତନେ ହୃଦର । ଦର ବଢ଼ିଲା ଅପବାଦର ।

---

୯—୩ କରୁନାହିଁ-ଙ; ୧୪—୧ ଶେଜ, ଚ, ଠ; ୧୪—୩ ରସଜ-ଚ, ୧୫—୩ ଚନ୍ଦ୍ରେ-ଚ; ୧୭ ଓ ୧୮ ପଦ ସମ୍ଭୂଙ୍କ ମୁଦ୍ରିତ ଗ୍ରନ୍ଥରେ ନାହିଁ; ସମସ୍ତ ପୋଥିରେ ଏହି ଦୁଇ ପଦ ଅଛି; 'ଚ'ରେ ମଧ୍ୟ ଅଛି । ୧୭—୩ କରି ଶଙ୍କାସ-ଛ; କରି ସଙ୍କାସ-ଙ; କରି ଶଙ୍କାସୀ-କ, ଖ, ଗ, ଜ, କରୁନାହିଁ, ଛ ବ୍ୟତୀତ ସବୁ ପୋଥିରେ । ୨୧—୩ ବାଧୂ କ-କ ଓ ଖ;

ବିରସଣମୁହାଁ କହେ ପୁଣି ମୁହିଁ କା... ବିଟପୀ ଶ୍ରିତ ଆଦର, ହେ ଦଇବ । ୨୨ ।
ହିତବିରତ ମୋର ସମ୍ମତି । ପନ୍ତ୍ରମୁଖୀ ଦେଲୁ ଏ ବିପତ୍ତି ।
ପତିତଶ୍ରିତକ ମତ ଗତ କଲି ଅନ୍ତେ ହେବ ନରକ ପ୍ରାପତ, ହେ ଦଇବ । ୨୩ ।
ଧୀରେ ଅବେଦ୍ୟ ଏ କୁବୁଦ୍ଧିରେ । ଧୀରେ ଶୁଣି ଭୁଲିବ ନାହିଁରେ ।
ଧୀରେ ଅଭିମନ୍ୟୁ ସାମନ୍ତସିଂହାର ସଦା ଭାବଇ ରସନିଧିରେ ହେ ସୁଜନେ । ୨୪ ।

---

## ଦ୍ୱାଦଶ ଛାନ୍ଦ ।

—୦—

## ଶ୍ରୀ ରାଧାଛାମୁଙ୍କୁ ଦୂତୀପ୍ରେଷଣ ।

---

ରାଗ-ଗୌରୀ । ଛପୋଇବାଣୀରେ ( ମଧ୍ୟଯମକ )

ଏ ଉତ୍ତରୁ ଧୀରେ ଶୁଣ ହେ ସୁଧୀରେ ବିଶ୍ୱର ବିଧିରେ ଆନନ୍ଦରେ ।
ଗୋବିନ୍ଦ ଚତୁର କହନ୍ତି କାତର ହୋଇଣ ମିତ୍ର ପୁରତରେ । ୧ ।
ରାଧା ନା କହିତ ହେଉଛି ମୁଁ ହିତ ଦହୁଛି ଦେହିତ ମାର ଶରେ ।
ଆଜ ମୋର ଜୀବ ଯମପୁର ଯିବ ନିଷ୍ଠୁର ରାଜୀବମୁଖୀ ନାଁରେ । ୨ ।
ସେ କି ଜଗତର ମୋହନ ମନ୍ତ୍ରର ହେଲାତ ଚତୁର ମୋହ ପାଶୀ ।
ମତ୍ତଗଜଗତି ନ କଲେ ସଙ୍ଗତି ମୋହୋର କି ଗତି, ଗଲି ଭାସି । ୩ ।
ମାଧବ ହସିଲା, ମାଇଁଟି ଭାଷିଲା, ବିବେକ ଧ୍ୱଂସିଲା ଗୋବିନ୍ଦର ।
ପୀଡ଼ିଲା ମଦନ ଶୁଖିଲା ବଦନ ବଢ଼ିଲା କନ୍ଦନ-ଅକୂପାର । ୪ ।
ବକ୍ର କି ପଡ଼ିଲା ସାହସ ଉଡ଼ିଲା ଚେତନା ବୁଡ଼ିଲା ରହୁଁ ରହୁଁ
ଜ୍ଞାନ ନ ରହିଲା ଲୋତକ ବହିଲା ମରମ ଦହିଲା କାମ ଯହୁଁ । ୫ ।
ଏ ରୀତି ରହିଲେ ବେଦନା ବହିଲେ ସଖୀଏ କହିଲେ ଶାନ୍ତ କର ।
ଏତେକ ସଙ୍ଗୀର ନ ସହିଲ ଗିର ସଦନ-ଭଙ୍ଗୀର ପରା ହର । ୬ ।
ନୁହସି ଆରତ ଖୋଜିବା ଜରତୀ ପେଷିବା ପୀରତି ଲଗାଇବା ।
ସେ ନବନାଗରୀ ସୁରସନଗରୀ ସୁପ୍ରେମସାଗରୀ ମନାଇବା । ୭ ।

---

୨୧—୩ ବାଧୁକ-କ ଓ ଖ; ୨୩—୧ ପତିତବରଣ-କ, ଖ; ଗ, ଘ; ରାଗ ଗୌର-ଛପୋଇ ବାଣୀରେ-ଜ ଝ; ଗୌର-କ, ଖ ଓ ଛ: ରାଗ ସାଜ ଭୂପାଳ-ଟ; ୧—୨ ଉତ୍ତର ଟ, ଠ; କରନ୍ତି; ଠ । ୩—୧ ମୋହିନୀ-ଟ; ୬—୨ ଶୁଣିଲେ-ଟ; ୭—୨ ସୁରସନାଗରୀ-କ ଓ ଖ;

ଅସାଧ ବୃତ୍ତିରେ ହେଲେ ଏ କ୍ଷିତିରେ ଖୋଜ ଝଟିତିରେ ଉପାୟକୁ ।
ମୋହନ କରିବା ତା ମନ ହରିବା ଲଭି ନ ପାରିବା ଯେବେ ତାକୁ ।୮।
ନାନା ଧୀ କୂଟରେ ଜଗିବା ବାଟରେ ଅବଶ୍ୟ ଭେଟରେ ପଡ଼ିବ ତ ।
ନୋହିଲେ ମିଶିବା ତା ପୁରେ ପଶିବା ବଳେ ଆକର୍ଷିବା ପ୍ରାଣମିତ ।୯।
ନୋହିଲେ ଅତନୁ ପୂଜିବା ସୁତନୁ ବଶ ହୋଇ ତନୁ ଦାନ ଦେବ ।
ନୋହିଲେ ପ୍ରାପତି ପାର୍ବତୀର ପତି ପୂଜିବା ତପତ ନାଶ ଯିବ ।୧୦।
ସଖୀଙ୍କ ସାନ୍ତ୍ୱନା ବଚନେ ଚେତନା ପାଇଣ ନୂତନା ଭାବ ଧାଇ ।
ଗୋବିନ୍ଦ ରଚନ କଲେତ ବଚନ ସେ ଯାଏ ବଞ୍ଚନ କି ହୁଅଇ ।୧୧।
ସେ କୃଷ୍ଣଗ୍ରୀମସ୍ତି-କେଶୀ ନା ସୁମରି ନଷ୍ଟା ଯିବ ମରି ନ ପାଇଲେ ।
ପ୍ରାଣ ପ୍ରୟାଗରେ କି ଶିବନଗରେ କି ଗଙ୍ଗାସାଗରେ ଦେବି ବଳେ ।୧୨।
କି ଯୋଗୀ ହୋଇବି ତା ଗୁଣ ଗାଇବି ଏ ଦେହ ଥୋଇବି ମହୀ ଫେରି ।
ତା ପଦଧୂଳିକି ମୋର ମଉଳିକି ଦେବ କେ ବୋଲି କି ଦୟା କରି ।୧୩।
ହୃଦୟ ପଥର ହେଲାନି ଏଥର ବିଦେହ ପଥର ସେ ସଖୀଲି ।
କଙ୍ଗାଳୀ ବିରତିଥାଲ ସେ ମୋର ତ ନାମ ଗଳାର ତ ଦୁଖ ଖୋଲି ।୧୪।
ଭାବଦର୍ଶନୀକି ଗ୍ରହିବି ମୁଁ ନିକ ନନ୍ଦିବ ମୁନିଙ୍କି ଏ ବେଶରେ ।
ତା ନାମ ସ୍ତୁପରେ ସ୍ତୁଇ ସ୍ୱରୂପରେ ବସିବି ତପରେ ମୁଁ ନିଷ୍ଠାରେ ।୧୫।
ରାଧା ଲମ୍ପଟରେ ତ୍ରିବେଣୀ ତଟରେ ବଟ ନିକଟରେ କରି କୁଟୀ ।
ପଶ୍ଚାତପ ତାପି ହୋଇବି ସନ୍ତାପୀ ମଦନ ପ୍ରତାପୀ ଯିବ ହଟି ।୧୬।
କେବଳ ରାଧାର ନାମ ନିରାଧାର ମୋହୋର ଆଧାର ଆଜଦିନୁଁ ।
ପୂଜିବି ଶଙ୍କର ବୋଲିବି ଶଂ-କର କରିବି କିଙ୍କର ସେ ସୁତନୁ ।୧୭।
ସବୁରୂପେ ଗତି ମୋର ଗଜଗତି ଇଚ୍ଛଇଁ ଭଗତ ନିବଜାତି ।
ଆଦ୍ୟ ତ ପ୍ରକଟ ପ୍ରାନ୍ତହିଁ ନିକଟ ହେଲା ଅପ୍ରକଟ ମଧ୍ୟ ରୀତି ।୧୮।
ଗୋବିନ୍ଦ ଭାରତୀ ଶ୍ରବଣେ ଆରତି ସଖୀଏ ପୀରତି ବଶେ ହେଲେ ।
କେ ପଛକୁ ଯାଇଁ ଉରେ ଆଉଜାଇଁ ଲୁଅ ଉପୁଜାଇ କେହୁ ବୋଲେ ।୧୯
କେ ବୋଲେ ହେ ବନ୍ଧୁ ଆମ୍ଭ ପ୍ରାଣ ବଧୂ ଦେଇ ପରବଧୂଠାରେ ମନ ।
ଆମ୍ଭ ମନରସା ତୋ ବିନା ଏ ରସାମଧ୍ୟରେ ଭରସା ନାହିଁ ଆନ ।୨୦।

୯—୧ ନାନାଦ୍ୱ-ଟ; ୧୪—୧ ପଥରେ; ଏଠାରେ; ପଥରେ ଝ, ଠ; ୧୪—୨ ଥାଳୀ-ଝ; ଏ ମୋରତ, ଜ; ୧୫—୧ ଭାବବର୍ଷିଣୀ-ଝ ଓ ଠ; ୧୫—୨ ତାପରେ-ଝ; ୧୭—୧ କେବଳ ରାଧାର ହିନୁ କି ଆଧାର ମୋର ନିରାଧାର ଆଜ ଦିନୁ-କ ଓ ଖ, ୧୮—୧ ଭଗତ ନାନା ଜାତି-କ ଓ ଖ; ୧୯—୧ ପୀରତି ବଶ-ଘ ଓ ଝ; ୧୯—୨ ଲୁହ ଝ; ୨୦—୧ ପ୍ରାଣ ବନ୍ଧୁ-କ, ଖ ଓ ଜ;

ଶୁଣି କଣ୍ଠହାର ଗୋବିନ୍ଦ ବାହାର କରି ଉପହାର ମୋତେ ଦେଲେ ।
ଦେଇ ମୋତେ ତାର-ପଦ୍ମମୁଖୀ ତାର ସୁଯଶ ବିସ୍ତାର ତୁ, ବୋଇଲେ ।୩୪।
ଶ୍ରୀ ରାଧିକା ବିନା ମୁଁ ତ ଜୀଇବି ନା ଅମର-ନଗିନା ପ୍ରାପ୍ତ ହେଲେ ।
ଭଲ ନା ପାଇଁ ତ ଦେଲ ନେଇ ଚିଠି ତୁମ୍ଭଙ୍କୁ ଉଚିତ ଦୂତୀ ବୋଲେ ।୩୫।
କଉଁ ରାଧାର ତ ନାମକୁ ଧରିଛ ଦୁଇ ରାଧାର ତ ନାମ ଖ୍ୟାତ ।
ଗୋବିନ୍ଦ କହିଲେ ଦୁଇ କେ ମହିଳେ ଜାଣୁ ତ ସହିଲେ ଏକମୂର୍ତ୍ତି । ୩୬ ।
ଦୂତିକା ଭଣତି କହଇ ପୀରତିବତ୍ସଳ ଧିରତି ହୋଇ ଶୁଣ ।
ବୃଷଭାନୁଜନ୍ମା ରାଧା ତାକୁ ଯେ ମା ସରି ନୋହେ ଯେ ମାଇଁଠି ଜାଣ ।୩୭।
ମଲ୍ଲି ଗୋବର୍ଦ୍ଧନର ଯେ ଜୀବଧନ ମାନସବନ୍ଧନପାଶୀ ବାଳୀ ।
ରାଧା ନାମ ହିଁ ତ ତାହାର ବିହିତ ନାମ ପୁଣିହିଁ ତ ଚନ୍ଦ୍ରାବଳୀ । ୩୮ ।
ଶ୍ରବଣେ କେଶବ ବୋଇଲେ, ଆସବ ପିଇଛୁ ଆଶବଶରୁ ମୁହିଁ ;
ମନ ଅବାରଣ ପ୍ରମତ୍ତ ବାରଣ ପରି ରଣରଣ ବଶ ତହିଁ । ୩୯ ।
ଏମନ୍ତ ମୁହିଁ ତ ସୁଜାଣ ତୁହି ତ ଯେ ହେବ ମୋ ହିତ ତାହା କର ।
ଦୂତିକା ଜବରେ ଜାଣି ତା ଭାବରେ ଗଲା ସେ ନବରେ ତତପର । ୪୦ ।
ଶ୍ରବଣ-କୁହର-ସୁଖ ମନୋହର ପ୍ରେମ ସନ୍ଦୋହର ସାର ଘର ।
ଯେନ ହେ ସଙ୍ଗୀତବିଦ ଏନ୍ତୁ ଗୀତ ନାମ କି ଭଙ୍ଗି ତ ଜନ୍ମମର । ୪୧ ।
ବୋଲଇ ସାମନ୍ତସିଂହାର ଶ୍ୟାମ ତ ମୋହୋର ସାମନ୍ତ କାହିଁ ଆନ ।
ଶ୍ରୀ ପଦ୍ମଚରଣ ଭଙ୍ଗି ଆଚରଣ କରି ସୁମରଣ ଯାଉ ଦିନ । ୪୨ ।

---

## ତ୍ରୟୋଦଶ ଛାନ୍ଦ ।

## ଚନ୍ଦ୍ରାବଳୀ ଦର୍ଶନ ।

ଅନୁପ୍ରାସ । ରାଗ—ରାମକେରୀ । *

ସାଧବ ଶୁଣ ହେ ମାଧବ ଦୂତୀ କରି ପ୍ରେକ୍ଷଣ
କାତର ହୋଇଣ ଉତ୍ତର କଲେ ସଖୀଙ୍କୁ ପୁଣ । ୧ ।

---

୧—୨ ମିତଙ୍କୁ ପୁଣ-ଘ; ୩୪—୧ ତାକୁ ଦେଲେ-ଝ; ୩୫—୨ ଦେଲେ ନେଇ-ଗ, ଘ; ଦେଲୁ-ଝ ୩୬—୨ ମହୀରେ-କ ଓ ଖ; ୪୦—୧ ମୋ ଯେ ହେବ ହିତ-କ ଓ ଖ; ୪୧—୧ ସରଘର-ଠ;

* ଶ୍ରୀକୃଷ୍ଣ ଗୋପୀରଣ ବିଦ୍ୟା ପ୍ରାପ୍ତି; ଚନ୍ଦ୍ରାବଳୀ ଦର୍ଶନ:—

ସତେ କି ମିତ ହୋ ମୋତେ କି ବଶ ହେବ ରାଧିକା ।
ଦିଶିବ ମୋ ଶିବ ଆସିବ ସର୍ବ ଶୁଭେ ଦୂତିକା । ୨ ।
ହସିବ, ଏତେ କି ଭାଷିବ, ଦୟା କଲା କିଶୋରୀ ।
ରହିବ ପରାଣ, ଦହିବ ନାହିଁ ହର-ଭଗାରି ।
"ରସିଲା ନାହିଁ ସେ," ଭାଷିଲା ଯେବେ ଆସି ସଖୀ ।
ଜୀବ ତ ବାହାରି ଯିବ ତ କ୍ଷଣେ ନ ରହି କରି । ୪ ।
କରିବି କି ବୁଦ୍ଧି ଧରିବି କେହି ଧୈର୍ଯ୍ୟ ବିବେକ ।।
ମରିବି ତା ଲାଗି ତରିବି ସ୍ମର ସିନ୍ଧୁ ପାତକ । ୫ ।
ମୋହନା ନାମ କି ମୋହି ନା ନ ରଖିବ ଜଗତେ ।
ପୋଡ଼ିଲା ହୃଦୟ ପଡ଼ିଲା ଦିନୁ ମୋ କର୍ଣ୍ଣଗତେ । ୬ ।
କହୁଁ ତ ଏପରି ବହୁତ ଦଶା ଅବଶେ ଛନ୍ନ ।
ବିଧୁର ବଦନ ବିଧୁର ସ୍ୱେଦ କମ୍ପ ଜନନ । ୭ ।
ଅବଶ ବେଳରେ ପ୍ରବେଶ ହେଲେ ଶ୍ରୀ ପୂର୍ଣ୍ଣମାସୀ ।
ଦମ୍ଭରେ କୃଷ୍ଣ ଆରମ୍ଭରେ ଶୀଘ୍ରେ ମାନ୍ୟ ପ୍ରକାଶି । ୮ ।
କ୍ଷେମକୁ ବାଞ୍ଛି, ସେ ଶ୍ୟାମକୁ ମନ୍ଦ ହାସେ ବୋଇଲେ ।
ନୀରସ ବଦନ-ସାରସ ଦିଶେ କି ଚନ୍ଦ୍ରାବଳେ । ୯ ।
ମଦନ ରଞ୍ଜନ କଦନ ପରାୟେ ତ ମଣଇଁ ।
କାହାରେ ମନକୁ ଦିହାରେ ଅଛ କହୋ ବଳାଇ । ୧୦ ।
ନାଗରୀ କେ ଗୋପନଗରୀ ମଧ୍ୟେ ତୁମ୍ଭଙ୍କୁ ଦେଖି ।
ବରିଲା ନାହିଁ ସେ ପାରିଲା କେହି ଜୀବନ ରଖି । ୧୧ ।
ଶୁଣିମ ଯେ ନାମ ମଣିମ ସେତ ଅମୃତ ବତ ।
ଭଙ୍ଗିବ ଗରବ ଲାଗିବ ତାକୁ ଅନଙ୍ଗ ଭୂତ । ୧୨ ।
ଦେଖିବ ଆତୁର ରଖିବ ଦମ୍ଭ କଉଁ ଗୁଆଁରୀ ।
କିଙ୍କରୀ ହେବାକୁ ଶଙ୍କରୀ ରମା ହେବେ ଆତୁରୀ । ୧୩ ।
ଲାଜରେ ଗୋବିନ୍ଦ ବ୍ୟାଜରେ କଲେ ପ୍ରତି ଉତ୍ତର ।

---

୩.—୧ ଏତିକି-ଜ ଓ ଝ; ୭—୧ ବହୁତ ଏପରି-ଝ; ୭—୨ ବିଧୁବଦନ ବିଧୁର ସ୍ୱେ-ଝ; ୮—୧ ଆବେଶ ବେଳରେ-ଗ ଓ ଘ; ୮—୨ ଶିଘ୍ର ମିଳି ପ୍ରକାଶି-ଝ; ୯—୧ କ୍ଷେମକୁ ବାଞ୍ଛି ସେ ଶ୍ୟାମକୁ-ଝ; କ୍ଷେମକୁ ବାଞ୍ଛିଲେ ଶ୍ୟାମକୁ-ଜ; ୯—୨ ସାରସବଦନ ନୀରସ ଦିଶେ କି ଚନ୍ଦ୍ରାବଳେ-ଗ, ଝ; ସାରସବଦନ ନୀରସ କରି କି ଚନ୍ଦ୍ରାବଳେ-ଘ; ୧୦—୨ କାହାରି ମନକୁ-ଝ;

ଭେଦ ରଖିଛୁ କି ସୋଦର ସାନ ତୁହି ମୋରତ । ୨୭ ।
ମଥାକୁ ପୋତିଲେ କଥାକୁ ଶୁଣି ହସି ଶ୍ରୀହରି ।
ହାସକୁ ପ୍ରକାଶି ଭାଷକୁ ପୂର୍ଣ୍ଣମାସୀ ଉଚ୍ଚାରି । ୨୮ ।
ରସିଛୁ ଭାଇତ ଆସିଛୁ ଗୋରୁ ବିଦ୍ୟା ନେମାକୁ ।
କହିଲେ ମଞ୍ଜି ଯେ ପଢ଼ିଲେ ବିଦ୍ୟା ଦେବି କୃଷ୍ଣଙ୍କୁ । ୨୯ ।
ତାହାର ମୋହର ବାହାର ଭିତର ଅଛଇ କି ।
ଘର ତୁ ତାହାର ହରତ ନ ଆସଇ କାହିଁକି । ୩୦ ।
ଯାହା ତ ତା ମନ ତାହା ତ ଯେନ ଯାଉ ଏ କ୍ଷଣି ।
ବଚନ ଏରୂପେ ରଚନ କଲା ଅନେକ ପୁଣି । ୩୧ ।
ମୋହନ କରରେ ବହନ ଦେଲା ଗୋ ଶାସ୍ତ୍ର ପୋଥି ।
ଦେଖାଇ କୃଷ୍ଣଙ୍କୁ ବୁଝାଇ ଦେଲା ଯେ ଗୁପ୍ତତଥି । ୩୨ ।
କୃଷ୍ଣରେ ବସାଇ ତୃଷ୍ଣରେ ପୁରୋଦର-ଶମ୍ଭୃନେ ।
ଜାମ୍ବୁଟରେ କହେ ନର୍ମାମ୍ବୁରେ ଅତି ହରଷ ମନେ । ୩୩ ।
ସଜନୀ ସହରେ ସଜ ନକରକୁ ଲାଗି ହୋଇ ।
ଯାଇତ ବନ୍ଧାଅ ଭାଇତ ମୋର ଅଟେ କହ୍ନାଇ । ୩୪ ।
ତରକି ଅଛ ସେ ପରକି ନନ୍ଦରାଜା କୁମର ।
ରମଣି ହଅ ଗୋ ସୁମଣି ରତ୍ନମାଳ ସତ୍ୱର । ୩୫ ।
ଆନନ୍ଦମନେ ରସାନନ୍ଦ ବନ୍ଦାପନା କରଣେ ।
ସୁବେଶ ହୋଇଣ ପ୍ରବେଶ ଚନ୍ଦ୍ରାବଳୀ ତତ୍‌କ୍ଷଣେ । ୩୬ ।
ରଜନୀଶମୁଖୀ ସଜନୀ ମେଳେ କୃଷ୍ଣ ବନ୍ଧାଇ ।
ଯତନ ଦେଲା ସେ ରତନ ହାର କଣ୍ଠେ ଲମ୍ବାଇ । ୩୭ ।
ଅତନୁ ଦେବତା ସୁତନୁ କି ଏ ମଣି ସୁତନୁ ।
ଦେବର ସମ୍ବନ୍ଧେ ସେ ବର ମାନ୍ୟ ଗ୍ରୁଡ଼ିଲା ମନୁ । ୩୮ ।
ଭଡ଼ି କି ଯତନେ ଧଡ଼ିକି ଦନ୍ତବାସରେ ଧରି ।
ନାସିକା ଫୁଲାଇ ରସିକା ମନ୍ଦହାସ ବିସ୍ତାରି । ୩୯ ।

---

୨୭—୨ ରଖିଛୁ-ଗ, ଘ ଓ ଙ; ୨୯—୧ ରସିତ-ଗ ଓ ଙ; ନେବାକୁ-ଗ ଓ ଙ; ୩୨—୨ ଗୋକୁଳ ପାଳନେ ନ ଭାଳ ଅଛୁ ଉପାମ୍ବୃ ଏଥି-କ ଓ ଖ; ୩୩—୨ ମାମ୍ବୁରେ କହେ ନର୍ମାମ୍ବୁରେ-ଗ ଓ ଘ; ୩୪—୧ ସଜନୀ ସହରେ-ଗ ଓ ଙ; ୩୫—୨ ମାଳା-ଙ; ୩୭—୨ ଯତନେ-କ, ଖ, ଗ, ଘ, ଚ, ଛ, ଜ ଓ ଙ; ରତନେ-କ ଓ ଖ; ଅନୁପ୍ରାସାନୁରୋଧରେ 'ଯତନ' 'ଙ'ର ପାଠକୁ ଗ୍ରହଣ କଲୁ ।

ମୋଡ଼ିଲା ବଦନ ଆଡ଼ିଲା କରି ବାସ ପଣନ୍ତ ।
ନଚ୍ଚଇ ଭ୍ରୂଲତା ଲୁଚ୍ଚଇ ମାରେ କେଦାନ୍ତ କୁନ୍ତ ।୪୦।
ଦଣ୍ଡକ ରହି ପହଁଣ୍ଡକ ଯାଇଁ ଜପା କୃପାରେ ।
ଶର୍ମାଗଉଣ୍ଠି କର୍ମାଇଣ ଗାଢ ଦଏ ଭଙ୍ଗିରେ ।୪୧।
ପଲକ ନ ଚଳେ ପୁଲକ ଗଣ୍ଡ ଗାଢେ ପୂରଇ ।
ଭାବ ଅଳଙ୍କାର ଭାବକୁ ଅଙ୍ଗୀକାର କରଇ ।୪୨।
ଉଲ୍ଲାସ ହୋଇଲା ବିଳାସ ଲୀଳା ଲଳିତ ସ୍ମିତ ।
ଉତ୍କଟ ହୋଇଣ ପ୍ରକଟ ହେଲା ନାଗରୀ ମିତ ।୪୩।
କଳା କମଳମୁଖ କଳାକରବଦନା ଦେଖି ।
ରସିଲା ମନ ଯେ ଭାସିଲା କାମ-ଜଳେ ସୁମୁଖୀ ।୪୪।
ବାଳାର ମନ ଯେ ମାଳାର ଦେବା ବେଳେ ଆତୁର ।
ବରଣ କର ମୁଁ ଶରଣ ହେବ, କରେ ବିଗୁର ।୪୫।
ମନ ବାରଣ ଅବାରଣ କୋଳ ଇଚ୍ଛେ ଲମ୍ପଟେ ।
ବିଗୁର ମାହୁନ୍ତ ପ୍ରଗୁର ଲଜ୍ଜାଙ୍କୁଶେ ଆକଟେ ।୪୬।
ବାହୁଡ଼ି ଆସନ୍ତେ ସେ ହୁଡ଼ି ହୁଡ଼ି ପଡ଼ଇ ପଥ ।
ପଡ଼ିଲା ମୋହରେ ପୋଡ଼ିଲା ମନକୁ ମନମଥ ।୪୭।
ଗୋବିନ୍ଦ କର ଅରବିନ୍ଦମୁଖୀ-ମୁଖ ଦର୍ଶନ ।
ନିଶ୍ଚଳ ହୋଇଲା ଅଚଳ ପର ସର୍ବାଙ୍ଗ ସ୍ଥାନ ।୪୮।
ଭାବିତ ବାସବ ପବି ତ ହେଲା ଲଜ୍ଜା ତହିଁକ ।
ତୀକ୍ଷଣ ଶରକୁ ସେକ୍ଷଣ ସ୍ମର ବିନ୍ଧିଲା ହାଁକ ।୪୯।
ଉଭୟ ମନେ ସ୍ମରଭୟ ତେତେବେଳୁ ପାଇଲେ ।
ବିକାର ହାସକୁ ସ୍ୱୀକାର ମଣି ମନ ବୋଧିଲେ ।୫୦।
ସେକ୍ଷଣେ ମୋହନ ତକ୍ଷଣେ ଗଲେ ମେଲାଣି ହୋଇ ।
ଭେଟିଲେ ସଖାଙ୍କୁ ବଞ୍ଚିଲେ ବାହ୍ୟ ଲୋକେ ଭୁଲାଇ ।୫୧।
ଭଗବତଙ୍କୁ କହି ଭଗବତୀ ଗଲେ ସ୍ୱପୁରେ ।
ଅପ୍ରାସରେ ଏ ଅନୁପ୍ରାସ ଗ୍ରନ୍ଥ ବିଗୁର ଧୀରେ ।୫୨।

---

୪୦—୧-୨ ବାସପଣନ୍ତେ; କୁନ୍ତେ:—କ, ଖ, ଗ, ଘ ଓ ଙ; ୪୨—୧ ପୂରଇ-ଚ; ୪୩—୨ ନାଗରୀ ସ୍ମିତ-ଚ; ୪୫—୧ ମନେ-ଚ; ୪୬—୧ କୋଳେ ଇଚ୍ଛେ-କ ଓ ଖ; ୪୭—୧ ପୀଡ଼ିଲା-ଚ;୪୮—୨ ନଚଳ-ଘ; ୫୦—୨ ମନ ମୋହିଲେ, ଗ; ୫୨—୧ ଭଗବତୀଙ୍କୁ କହି ଭଗବତ-ଗ ଓ ଚ; ୫୨—୨ ଅନୁପ୍ରାସରେ ଅନୁପ୍ରାସ-କ ଓ ଖ;

ବିଦଗଧ ଏ ବିଦଗଧ-ଚିନ୍ତାମଣି ପ୍ରବନ୍ଧ ।
ବୁଧଙ୍କ ମନକୁ ବୋଧକ, ଅଜ୍ଞ ଏଥିକ ଅନ୍ଧ । ୫୩ ।
ଗୋବିନ୍ଦ-ଗୁରୁ-ଅରବିନ୍ଦ-ପଦ-ରସେ ମିଳିନ୍ଦ ।
ହେଲେ ତ ଜାଣିମ ହେଲେ ତ ଏଥି ସୁଗନ୍ଧସ୍ୱାଦ । ୫୪ ।
ଷଷ୍ଠର କେବଳ ଷଷ୍ଠର ଭବଜଳେ ମୁହିଁ ତ ।
ସାମନ୍ତସିଂହାର ସାମନ୍ତ ଶ୍ୟାମ ବିନୁ ନାହିଁ ତ । ୫୫ ।

---

## ଚତୁର୍ଦ୍ଦଶ ଛାନ୍ଦ ।

---

### ଚନ୍ଦ୍ରାବଳୀ ଭାବ-ଭାବନାଃ—ଦୂତୀପ୍ରେରଣ ।

---

ରାଗ କାଳୀ । ଆଦ୍ୟଯମକ । ପଞ୍ଚାକ୍ଷରୀ ।

ଶ୍ରବଣେ ଧୀରେ ଶ୍ରବଣେ ଧୀରେ ଲଭିବ ମହାନନ୍ଦ ।
ଷବି ହରତ ଷବମା ରତ ହୋଇ ପରମାନନ୍ଦ । ୧ ।
ବସନ୍ତ ରସେ ଷଷନ୍ତ ରସେ ମିତ ଆଗରେ ବସି ।
ଗୁଣୀତିଳକ ଗୁଣି, ତିଳକ ଯୁଗ ହୋଇଲି ଆସି । ୨ ।
ଦର ସନକ ଦରଶନ କଲେତ ପାଇବେ ମାରେ ।
ତାର ମୂରତ ତାର ମୁଁ ରତ ଲକ୍ଷିବି କି ଗୁଣରେ । ୩ ।
ମୋହ ନାଶର ମୋହନା ଶର ଜନମିଅଛି ଦେହ ।
ପର ସଂସାରେ ପରଶଂସାରେ କହିବ କେହି ମୁହିଁ । ୪ ।
ଚନ୍ଦ୍ରାବଳୀ କି ଚନ୍ଦ୍ରାବଳୀ କି ହାର ଶରଣ ନଖେ ।
ଦରପଣତ ଦର ପଣତ ପାଇବ ଯୋଉଁ ମୁଖେ । ୫ ।
କି ସୁ-ମନରେ କି ସୁମନରେ ମନାଇଥିଲି ହର ।
ତାର ଆଲୋକ ତାର ଆଲୋକ ହେଲା ସେ ପୁଣ୍ୟେ ମୋର । ୬ ।
ସୁରମଣୀକି ସୁରମଣିକି ଚନ୍ଦ୍ର କି ମୋହିବାର ।
ରତି ଭାରତୀ ରତିଭାରତୀ କି, ସେ ତ ଅଳଙ୍କାର । ୭ ।

---

୫୩—୨ ଏଥି କ ମନ୍ଦ-କ, ଖ; ୫୪—୨ ହେଲେ ତ ଜାଣିମ ହେଲେତ—ଚ; ୩—୨ ଇଚ୍ଛିତ-ଘ;

ମୋହ ନମିଉ ମୋହନା ମିତ ଜନମିଅଛୁ ଆସି ।
ଆନନ ଭାବ ଆନ ନ ଭାବ ସେ ମନ ବନ୍ଧପାଶୀ । ୮ ।
ସୁନ୍ଦରପଣ ସୁ ଦରପଣ ଦେଖି ପାଇବେ ହର ।
ଆନନ ରସି ଆନ ନ ରସି ଯୋଗୀ ଇଚ୍ଛିବେ ଘର । ୯ ।
ଅପସରୀ କ ଅପସର କ ନଯିବେ ମାନମ୍ଲାନେ ।
ଅଳକାପନ୍ତ ଅଳକାପତ ଦେଖି ମଜ୍ଜିବ ଛନ୍ଦେ । ୧୦ ।
ମନସ୍ମଥର ମନ ମନ୍ଥରଗମନା ମୋହପାରେ ।
ନ-ବନାଶେ କ ନଶାନା ସେ କ ଆନକୁ ଲୋକନରେ । ୧୧ ।
ଧିଆନ କରୁ ଧୀ ଆନ କରୁଅଛୁ ମୋର ତା ଛବ ।
କୁସୁମଶର କୁସୁମ ଶର ହେଲା ଆସି ତ ପବ । ୧୨ ।
ଜୀବନ ଯିବ ଜୀବନଜୀବ ନ ହେଲେ ଗୃହମୁହାଁ ।
ସୁନାସୀର ତ ସୁନାସୀ ରତ ପାଇଲେ ହେବ ମୁହାଁ । ୧୩ ।
ଗତ କ କଳା ଗତକ କଳାବତୀ ଆସିବା ବେଳେ ।
ସୁମତ ହର ସୁମତ ହର ନେଲା ମୋର ସେ କାଳେ । ୧୪ ।
ଦର୍ପକର ସେ ଦର୍ପକ ରସେ ଭାସିଲ ତାକୁ ଗୃହାଁ !
ଅଙ୍ଗନାବର ଅଙ୍ଗ-ନାବର ବନା ତରବ କେହ । ୧୫ ।
ସେ ହତ ଦଶେ ସେହ ତ ଦଶେ ନୟନ ପାଶେ ମୋର ।
କେହ ତରକ କେ ହତର କ ଜାଣ ଉପାୟେ କର । ୧୬ ।
ଦଗ୍ଧର କର ଦ-ଗ୍ଧର କରଗତ ଗ୍ରୀମୁକୁ ପେଷ ।
ବଦେହ ଶରେ ବ-ଦେହ ସରେ, ମୋର ପୂରାଅ ଆଶ । ୧୭ ।
ହରର ଭାଷ ହରର ଭା ସକଳ ସଖୀମାନେ ଶୁଣି ।
ବରସ ତେଜ, ଗିର ସତେଜ ହୁଅ ବୋଇଲେ ବାଣୀ । ୧୮ ।
ଗୋ-ବରଧନ ଗୋବରଧନ କାନ୍ତାକୁ ଲେଖ ଲେଖ ।
ମାନଶୀ ସେତ, ମାନ, ବସେତ ଦେଖିଛୁ ତୁମ୍ଭ ମୁଖ । ୧୯ ।
ଚନ୍ଦେ ବାମାର ଚନ୍ଦେ ବା ମାର ପ୍ରବେଶ ହୋଇବ ନ ।
ପରମଦାର ପରମଦାରଣ ହୃଦ କରବ ନ । ୨୦ ।
ନବ ରମଣୀ ନବର ମଣି ଅଛୁ ଶ୍ରୀଦାମ ଯାଉ ।
ଶଂଖାର ଗୁଣ ସଖାର ଗୁଣ ଏତକ କରଥାଉ । ୨୧ ।

---

୧୦—୧ ମାନେ ମ୍ଳାନେ-ଝ; ମାନ ଗ୍ଲାନେ-କ ଖ; ୧୮—୧ ହରର ଭାଷ ହରର ଭାସ ସକଳ ସଖୀ ଶୁଣି-ଝ; ୧୯—୨ ବସ୍ଥେ-ଝ ଓ ୦ ୨୦—୨ ଝ ଅପସମ୍ପୂର୍ଣ୍ଣଗ୍ରନ୍ଥର ପାଠାନୁରୂପ; ପରମ ଦାର ପରମଦାର ହୃଦୟେ କରବନ—ଜ । ୨୧—୨ ଶଂଖାର ଗୁଣ ଶଂଖାରଗୁଣ '—କ, ଖ, ଗ, ଜ;

ଘ୍ରବର ଲେଖା ଘ୍ରବର ଲେଖନ କର ମିତେ ଦେଲେ ।
ମାଧବ ଭ୍ରଷି, ମାଧବ ଭ୍ରଷି ଯାଅ ଏ ଶୁଭ ବେଳେ । ୨୨ ।
ସେ ଉତ୍ତରକୁ ସେ ଉତ୍ତରକୁ ମାନ ବହନ ଗଲା ।
ଅଙ୍ଗ ନାଶରେ ଅଙ୍ଗନା ସଟର ସେ ପୁରେ ଶୁଣାଗଲା । ୨୩ ।
ରଜ ନକର ରଜନୀକର-ମୁଖୀ ବୋଲେ ଗାନରେ ।
ହା ଗବର୍କୁ ତ, ହାସ ବହ୍ନ ତ ନ ପାରେ ଅବଶରେ । ୨୪ ।
ସଜ ନକୁର ସଜନୀ କର ମଣଇଁ ପର ଘ୍ରର ।
ବରଷା ରସ ବରସାରସନୟନୁଁ ବହେ ଧାର । ୨୫ ।
ରସି କାମରେ ରସିକା ମରେ, ସଜନୀ ଆଗେ ଭଣେ ।
ପଶୁପସୁତ ପଶୁପସୁତକୁ ସର କଉଁ ଗୁଣେ । ୨୬ ।
ନାଗ-ରମଣୀ ନାଗରମଣି ଦେଖିଲେ ଭୁଲିଯିବେ ।
ସୁର ସମ୍ପଦ ସୁରସପଦ ଛୁଇଁଲେ ଅଭଜବେ । ୨୭ ।
ସୁର-ତରୁଣୀ ସୁରତ-ରୃଣୀ ହୋଇବେ ଦରଶନେ ।
ମାନସା କ ସେ ମାନ ବକ ସେ ବଳେ ଭଜବେ ଛନ୍ଦେ । ୨୮ ।
କଂକଣୀବର କ କର ବରଜଣାର ପାଦେ ହେବ ।
ସଙ୍ଗିନକର ସଙ୍ଗିନୀ କର ନୋହିଲେ ପ୍ରାଣ ଦେବ । ୨୯ ।
ସାର ସମ୍ପଦ ସାରସପଦ ପାଇ ମୁଁ ଗ୍ରୁଡ଼ ଦେଲି ।
ମନ୍ଦାକ୍ଷରେ ତ ମନ୍ଦାକ୍ଷରେ ତ ସର୍ବାଙ୍ଗ ନ ଦେଖିଲି । ୩୦ ।
ଧ୍ରୁବ ଲୋକରେ ଧ୍ରୁବଲୋକରେ ପୂରନ୍ତା ପଛେ ନନ୍ଦା ।
ବଧିର ବାମୁ ବଧୀର ବା ମୁଁ ସେକାଳେ ହେଲି ଧନ୍ଦା । ୩୧ ।
ନ କଲି କୋଳ ନକଲି କୋଳ-ସ୍ତିରି ଗଣନା ହେଲି ।
ଘ୍ର ବରଧନେ ଘ୍ରବର ଧନେ କଣତ ନ ହୋଇଲି । ୩୨ ।
ଘ୍ରବମୂରତ ଘ୍ରବ ମୁଁ ରତ ପାଇବି କ ଉପାୟେ ।
କୁସୁମଧନୁ କୁସୁମ ଧନୁ ଟାଣୁଛୁ କଣ୍ଠି ଯାଏ । ୩୩ ।
ଧରମ ହତ ଧର ମହତ କଥାଏ କହ ସହି ।
ଏ ମନ୍ତର ତ ଏମନ୍ତ ରତ କେ ଦେଲା ଗୃନ୍ଦମୁହାଁ । ୩୪ ।
କାନ୍ତବର ଘ କାନ୍ତବରତ ଛଡ଼ାଇଁ ଦେଲା ଢୋର ।
ପର-ମନୀଷା ପରମ ନଶା ପଶିମ୍ବେ ଅଗୋଚର । ୩୫ ।
ପରମ ଜର ପର ମନର ବଶକୁ କରିପାରେ ।
ସେବ ଶଙ୍କର ସେ ବଶକର ହେଲେ ବା ହୋଇପାରେ । ୩୬ ।

---

୨୫—୧ ପଗ ଘର-ଝ; ଗରୁଘର-ଗ; ୨୯—୧ ବରଜଦଉ-ଝ; ବରଜଘଜ-ଠ;
୩୪—୧ କହେ ସହୀ-ଛ, ଝ; କହୁଁ-ଟ;

ଶତ କୋଟି ତ ଶତକୋଟି ତ ହୋଇଲା ମିତ ଗିର ।
ପର-ବେଶ ତ ପରବେଶ ତ ହୋଇଲା କୃଷ୍ଣ ଗୃର । ୩୭ ।
ଖବର ମିତ ଖବରମିତ କାଳେ ଚଟାଉ ଦେଲା ।
ବିତର କରୁଁ ବିତରକରୁ ସିଦ୍ଧାଣୀ ଜାଣିଗଲା । ୩୮ ।
ଉରୁପଣତ ଉରୁ ପଣତ ପ୍ରସାର ଲେଖ ଘେନ ।
ପୀୟୂଷକର-ପୀୟୂଷ କରଗତ ପରାନ୍ନେ ମାନ । ୩୯ ।
ମୁଦ୍‌ ଶ୍ରବଣେ ମୁଦ ଶ୍ରବଣେ ହୋଇବ ଧୀର ନଟରୁ ।
ବିଦଗ୍ଧ ଚିନ୍ତା ବିଦଗ୍ଧଚିନ୍ତାମଣି ହରିବ ଖରେ । ୪୦ ।
ପୂତ-ନାମାର ପୂତନା-ମାରଣାଦି ଗୁଣକୁ କହି ।
ଆନନ୍ଦରତ ଆନ ଦରତ ଅଭିମନ୍ୟୁର ନାହିଁ । ୪୧ ।

---

## ପଞ୍ଚଦଶ ଛାନ୍ଦ ।

---

### ଚନ୍ଦ୍ରାବଳୀଙ୍କ ଠାରୁ କୃଷ୍ଣଚଟାଉ ।

---

ରାଗ—ଘଣ୍ଟାରବ; ର, ସ ଆଦ୍ୟନ୍ତ ନିୟମ ।

ରସ ଏଣ୍ଡିନ୍ଦେ ବିଦୁଷ । ର ସ ଆଦ୍ୟ ପ୍ରାନ୍ତେ ବାସ ।
ରସିକା ମୁଦରେ ଚୁମ୍ବନ ମୁଦରେ ଦେଇଁ ହେଲ ସ୍ନେହବଶ । ସେ ଗୁଣନିଧି । ୧ ।
ରସାମୃତ କୃଷ୍ଣଭାଷ । ରମଣୀ ପଠନେ ଆଶ ।
ରସିଣ ଚଟାଉ ଫିଟାଉ ଫିଟାଉ ଟାଉ ଟାଉ ହେଲା ଦୃଶ । ସେ ସୁମତିର । ୨ ।
ରସନା ଶ୍ରବଣ ଦେଶ । ରହିଲେ ବାଦ ବିଶେଷ ।
ରସି ମନ ଖରେ ସବୁର ପାଖରେ ଆତୁରେ କଲ ନିବାସ । ସେ ସୁମତିର । ୩ ।
ରମଣୀ ହୋଇ ଉଲ୍ଲାସ । ରସନ୍ତେ ଇନ୍ଦ୍ରସୁବଂଶ ।
ଭକ୍ତନେ ତାଙ୍କର ମୋକ୍ଷପଦ କରକୁ ଦେଲ ଚତୁର୍ଦ୍ଦଶ ଈଶ । ସେ ପରଖରେ । ୪ ।
ରଚନା ଆଦ୍ୟେ ଗିରୀଶ । ରଙ୍ଗ ଚରଣକୁ ଆଶ ।
ରସିଣ ଶ୍ରୀପାଞ୍ଚ ଏ ଉତ୍ତରୁ ପାଞ୍ଚଶର-ମୋହନା ପ୍ରକାଶ । ସେ ସୁଭାଷାରେ । ୫ ।
ରସନିଧିକ ଅଶେଷ । ରୁଚିର ବିନମ୍ର ଭାଷ ।
ରସାରେ ସ୍ତବକସ୍ତନାର ଯାବକ ପର ମୁଁ ହୋଇଲି ଦାସ । ରେ ପ୍ରାଣେଶ୍ୱର । ୬ ।

---

୩୭—୨ ପରବେ ସତ-ମଧ୍ୟ ହୋଇପାରେ ୩—୩ ନିବେଶ-ଟ; ଉଚଣ-ଟ, ଠ; ୫—୩ପାଞ୍ଚଶର-ମୋହିନା ପ୍ରକାଶ-ଗ, ଛ; ୬—୨ ରୁଚିତ-ଖ; ଉଚିତ-କ;

ରତିଶ ତାପେ ଅବଶ । ରସଦାମୀଙ୍କ ମୋ ଆଶ ।
ରଖୀ ବା ଶରଣ ନ ରଖ ମରଣ ହେଲେ ହେବଟି ନୀରସ । ଗୋ ଜୀବେଶ୍ୱର । ୭ ।
ରତ୍ନାକରେ କରି ବାସ । ରହିଲେ ଏ ଘାନ କ୍ଳେଶ ।
ରମାପତିରଥ ଗ୍ରାସ ମନୋରଥ ପଶ ହେବ ଅପଯଶ । ଗୋ ପ୍ରାଣବନ୍ଧୁ । ୮ ।
ରଜନୀଶ ସୁଧାରସ । ରମ୍ୟଜିତ-ମୁଖହାସ ।
ରହିଛି ମୋ ମତି ତହିଁରେ ସୁମତି ଅସର ନଶି ଦିବସ । ଗୋ ଗୁଣମଣି । ୯ ।
ରଙ୍ଗିମା ଭ୍ରୂଙ୍ଗି ବିଶେଷ । ରହି ହୃଦେ ଦେଲା ତ୍ରାସ ।
ରଖିଥିଲୁ ଧନ ଦୁଖ ବିରଧନ ପାଇଁ ନେହେ ସୁଧାବିଷ । ଗୋ ଜୀବଧନ । ୧୦ ।
ରଙ୍ଗ ଅଧରେ ସୁହାସ । ରସାମୋହିର ବିକାଶ ।
ରଖିଅଛୁ ମାର ଚେତକ ଗମାର ପାଇଥିବାରୁ ଆଶ୍ଳେଷ । ଗୋ ପ୍ରାଣପ୍ରିୟେ ।
ରଖି ମନ୍ଦାକ୍ଷ ଉଲ୍ଲାସ । ରହିଣ କି ଭଙ୍ଗିରସ ।
ରତନ ମାଳୀ କି ବିଅନ୍ତେ ଭଲ କି ହେଲ ରସିକେ ସୁରେଶ । ଗୋ ଗୁଣନିଧି ।୧୨
ରସା ରସୁଁ ନାସ୍ତିଇଶ । ରମ୍ୟ ଦିଶେ କୁଚ ଦେଶ ।
ରହୁ ସାନୁ ଶିରପରେ କି ଶଶିର ଉଦୟ ହେଲା ପ୍ରକାଶ । ସେ ଶୋଭି ଦିଶେ ।୧୩
ରହି ଦଣ୍ଡେ ଫେରି ବାସ । ରଚିଲୁ ବଧା ଆଭାସ ।
ରମ୍ୟ ଦୃଷ୍ଟି କୁନ୍ତ ମାରି ହୃଦକୁ ତ ଦେଲୁ ହରଷ ପରାସ । ରେ ଗ୍ରାମାବର । ୧୪ ।
ରଣିତ ନୂପୁର ଘୋଷ । ରସେ ଶ୍ରୁତ କରେ ଆଶ ।
ରଖିଅଛୁ କିଣି ମୋ ପ୍ରାଣ କିଙ୍କିଣୀ ଚେଚେବେଲୁଁ ହେଲ ଦାସ । ଗୋ ପ୍ରାଣପ୍ରିୟେ ॥
ରମ୍ୟ ସ୍ତନ ସୁରବାସ । ରବିକର ମୋ ମାନସ ।
ରସଦାମୀ କର-ସାରଣୀ ମୁଁ କର ଗତ ବେଳେ ହୋଇ ତୋଷ ଗୋ । ଜୀବେଶ୍ୱର ॥
ରଣ ରଣେ ହେଲେ ନାଶ । ରସକାମୀ କି ନୀରସ ।
ରଜନୀଶ କରେ ପଦ୍ମ ନାଶ କରେ ସେ ନିନ୍ଦା ପାଏ ଦିନେଶ । ଗୋ ଜୀବେଶ୍ୱର ॥
ରଜ ଅହି ଉଡ୍ଡୁଇଶ । ରସନ୍ତି ଦେଖ ମହେଶ ।
ରହିତ ମୋ ଗୁଣ ହେଲେ ମନେ ଗୁଣ ଅନୁଗତ ହେବୁ ରସ । ଗୋ ଜୀବେଶ୍ୱର ॥

---

୭—୧ ରତି ସନ୍ତାପେ-କ; ୧୦—୩ ଦୁଧବରଧନ-ଞ; ଦୁଗ୍ଧ-ଠ; ନେହୁଁ କ, ଖ ଓ ଠ; ନେହ-ଞ; ୧୩—୧ ରସେ ରସୁଁ-ଞ;ରସାରେ ସୁନାସ୍ତି ଇଶ-ଘ; ୧୪—୧ ରଧି ଦଣ୍ଡେ ଫେରୁଁ-ଞ; ଠ-ଅପ; ୧୪—୨ ରଞ୍ଜିଲୁ ବାଧା ଆଭାସ-କ ଖ; ରଚିଲୁ ବଧ-ଗ; ରଞ୍ଜିଲୁ ଯଥା-ଘ; ରହି ଲୁବ୍ଧକ ଆଭାସ-ଞ, ଠ (ଅପ) ୧୫—୧ ରୁଣିତ-ଗ, ଛ, ଜ, ଝ; ରସିତ-ଘ; ୧୬—୧ ରମ୍ୟସ୍ଥାନ-ଗ, ଘ, ୧୬—୩ ନରଗତ-କ, ଖ, ଜ, ଞ; ୧୭—୨ ନଶଣ-ଘ ଛ; ଅଯଶ—ଠ; ୧୮—୩ ହେଲ-ଗ; ହେଉ ରସ-ଞ, ରହି ତମୋଗୁଣ-ପାଠ ମଧ୍ୟଯୁକ୍ତ ।

ଶତ ରତନ ରଙ୍କ ପାଇବାର । ସମ ଆନନ୍ଦ ବଢ଼ିଲା କୃଷ୍ଣର ।
ସବଗରେ ଲଗାଇ ହୃଦପର । ସଉତ୍ସୁକେ ଫେଡ଼ିଲେ ମୁଦସାର । ୩ ।
ସରଞ୍ଜନ ବର୍ଣ୍ଣାବଳୀ ନେତ୍ରର । ସମ ସମଷ୍ଟିର ଘନ ସୁନ୍ଦର ।
ଶଶଧର ଦେଖି ଯେହ୍ନେ ଚକୋର । ସଦାନନ୍ଦ ଆନନ୍ଦର କ ପାର ।୪।
ସତ ଶରଣ ରକ୍ଷଣ ଆଦ୍ୟର । ସରଜନା ଶ୍ରୀ ବର୍ଣ୍ଣ ତନବାର ।
ସଞ୍ଚ ଏ ଅନ୍ତେ ଲେଖା ମନୋହର । ସର୍ବୋତ୍କର୍ଷ କୃଷ୍ଣ ଗୁଣସାଗର । ୫ ।
ଶମ୍ଭୁ ସ୍ୱୟମ୍ଭୂ ଆଦି ସୁରବାର । ସତତରେ ସୁମରନ୍ତି ପଯ୍ୟର ।
ସନାତନ ଅବ୍ୟକ୍ତ ତତ୍ତ୍ୱସାର । ସର୍ବନମସ୍କୃତ ଶ୍ରୀ ସର୍ବେଶ୍ୱର । ୬ ।
ସର୍ବମନାକର୍ଷଣ ଶକ୍ତିଧର । ସଂସାରରେ ରସବୀର ନାଗର ।
ସରୋଜକୁ ବଳି ପଦ ସୁନ୍ଦର । ଶରଣ ମୁଁ ହେଲି ତହୁଁ ଉଦ୍ଧର । ୭ ।
ଶତକୋଟି ବନସ୍ତ ଦୈନ୍ୟ ମୋର । ସମର୍ପିଲି ପରାଣ, ଦାସୀ କର ।
ଶରବଣ କରୁଛୁ ରିଷିଗିର । ସବୁକାଳେ ବନ୍ଧୁ ମୋ ପ୍ରାଣେଶ୍ୱର । ୮ ।
ସଦସ୍ତରେ ସେ ଦନ ଆସିବାର । ସତେ ବରଛୁ ଦେଇ ରହିହାର ।
ସକରୁଣ ହାସ ଦୃଷ୍ଟି ତୁମ୍ଭର । ସବୁ ରୂପେ କଣିଛୁ ମତ ମୋର । ୯ ।
ଶମ୍ବର ସେ ତନୁ ମାରେ ଶର । ସଜନତ ବେଦନା ଅନ୍ତବାର ।
ସଜନୀରେ ଉପଗୃହ ହେବାର । ସରୁଁ ସରିଲାନ ପଦ୍ମପତର । ୧୦ ।
ଶମନର ପୁରକୁ ଜୀବ ମୋର । ସଜ ହୋଇଛୁ ଯିବାକୁ ସତ୍ୱର ।
ସଦା ମଙ୍ଗଳ ଚଟାଉ ଦେବାର । ସଞ୍ଚୁଅଛୁ ସେ ବାରି ବାର ବାର । ୧୧ ।
ସଂଘନନ ନବଘନ ନକର । ସବଇବ ତାପ ଅଙ୍ଗ ଦେଶର ।
ସନ୍ତୋଷଦାୟୀ ନେତ୍ର ଗୃତକର । ସହଜେ ତ ଘନରସ ଭଣ୍ଡାର । ୧୨ ।
ଶଶସ୍ୱନ ଚନ୍ଦ୍ରମୁଖ ରୁଚିର । ସଧାପ୍ତକ ହୃଦୟସ୍ଥ କୁମୁଦର ।
ସଂସର୍ଗୀ ମୁଁ ହୋଇବ କ ତହିଁର । ସରିଯିବ ଜୀବ ବାଧ ସତ୍ୱର । ୧୩ ।
ସନ୍ତାପିତ ଚଉ ଚକ୍ରବାକୀର । ଶଙ୍କାହାରକ ଅରୁଣ ଅଧର ।
ସନ୍ନିକଟ ହେବାର ବୁଦ୍ଧି କର । ସରୋଜନୀ ବରସଦର ହର । ୧୪ ।
ଶତକୋଟି ସମାନେ ମାରବୀର । ଶ ଶ ଶର କରୁଅଛୁ ପ୍ରହାର ।
ସରେ, ଧକହେଲା ଦାସୀ ଏଥର । ସଞ୍ଚରିବଟି ନନ୍ଦା ବେଣୁଧର । ୧୫ ।

---

୩—୪ ଫେଡ଼ିଲେ ମୁଦ କର-କ, ଖ; ୪—୨ ସମଷ୍ଟିର ଘନ ବର୍ଣ୍ଣସୁନ୍ଦର-ଚ; ସରସିଜ ବର୍ଣ୍ଣାବଳି ନେତ୍ରର । ସମ ସଞ୍ଚ ଘଞ୍ଚ ବର୍ଣ୍ଣସୁନ୍ଦର—ଘ । ୮—୪-ମୋ ବନ୍ଧୁ-ଗ; ଚ ଠର ପାଠ-ଅପ; ୧୨—ସଂହନନ-ଚ; ୧୩—୩ ସଂସର୍ଗୀ କ ମୁଁ ହୋଇବ ତହିଁର-କ ଖ; ୧୪—୨ ଶ୍ରମହାରକ-ଚ; ୧୫—୨ ଶତଶର-କ, ଖ; ସମଶର-ଚ, ଠ—ଅପ;

## ସପ୍ତଦଶ ଛାନ୍ଦ ।

---

## କୃଷ୍ଣ ଉତ୍କଣ୍ଠା ବନଭ୍ରମଣ । ବଂଶୀପ୍ରାପ୍ତି ।

## ନିୟମ କଚଟତପ ।

---

ରାଗ—କଲ୍ୟାଣ ପଞ୍ଚତାଳ ।

କ । କଚଟତପ ନିୟମ ଏ ଶୁଦ୍ଧ । କର ବସ୍ତୁର ବୁଦ୍ଧିରେ କୋବଦ ।
କ୍ରମେ କ୍ରମେ ପୁଷ୍ପଋତୁ ହଟିଲା । କାଳ ପର୍ଯ୍ୟେ ଗ୍ରୀଷ୍ମ ଘୋଟିଲା ।
କରନ୍ତି (ନ) ଶଙ୍କା ସକଳ ଲୋକ । କଲା ରସ ଉଣା ଯେଣୁ ଅଧିକ । ୧ ।
କରନ୍ତି ରତାନ୍ତ-ନାୟିକା-ଶୀତ । କଳେବର ସ୍ୱେଦ-ରଞ୍ଜନ ଅତ ।
କଲା ବ୍ୟଞ୍ଜନ ରଞ୍ଜନ ମନକୁ । କଣ୍ଠୁ ମଣେ ଚନ୍ଦ ମିତ୍ର-କରକୁ ॥
କଣ୍ଠଗ ବାସେ (ସେ) ସ୍ନେହ ନୁହଇ । କଳେବର ଖର କରେ ଜଳଇ
କମନୀୟ ପୟୋଧରୁ ଖଣ୍ଡଇ । ୨ ।
କେବଳ ଦ୍ୱିଜରାଜ ରୁଣ୍ଡଗଣ୍ଡ । କାନ୍ତରହିତ ହେଲା ଖଣ୍ଡ ଖଣ୍ଡ ।
କର୍ପୂର ଚନ୍ଦନକୁ ମନ ବଳେ । କମଳେ ଭସି ରସେ ନ ରସିଲେ ।
କରଏ (ଯେ) ଗୃହମାରେ ବିହାର । କରେ ମଲ୍ଲି ମୁଖେ ବିକଶିବାର । ୩ ।
କମଳେ ସ୍ୱାଧୀନଭର୍ତ୍ତୃକା ଶିର । କୁମୁଦନୀ ପ୍ରୋଷିତ-ନାୟିକା ସର ।
କାନ୍ତାର୍ଥିନୀ ପର ବଟପୀବାର । କାନ୍ତବନ୍ତ କାଳ ସୁନାରୀଙ୍କର ।
କାନନ ହୃଦ(ୟ) ବିୟୋଗୀ ପର । କୃଶାନୁ ଜାତ ହୋଇବାରୁଁ କର ।୪।

---

ଜ ଓ ଝ ପୋଥିରେ ପ୍ରତ୍ୟେକ ପଦର ପଞ୍ଚମପାଦ ଏକାଦଶାକ୍ଷରବିଶିଷ୍ଟ ଅନ୍ୟାନ୍ୟ ପୋଥିମାନଙ୍କରେ ଦଶାକ୍ଷର ବିଶିଷ୍ଟ;

୧—୨ ବୁଦ୍ଧିରେ କୋବଦ-ଝ; ୧—୩ ତୁଟିଲା-ଗ; ୧—୬ ଏଣୁ-କ, ଖ ଓ ଚ; ୨—୨ କଳେବରେ ଚ; ୨—୪ ଚନ୍ଦମିତ୍ରକରକୁ-ଘ; ୨—୫-୬-୭ କଣ୍ଠଗ ବାସେ ସ୍ନେହ ନୁହଇ-'ଝ' ପୋଥିରେ ନାହିଁ । କଳେବର ଖର କରେ ଜଳଇ-'ଚ' ଓ 'ଠ'ରେ ନାହିଁ । କମନୀୟ ପୟୋଧରୁ ଖଣ୍ଡଇ'ଜ'ରେ ନାହିଁ । ମତ୍ପ୍ରଦତ୍ତ ପାଠ 'ଛ'ର ଅନୁରୂପ-ଉଭୟ ପଦ ଷଷ୍ଠପାଦରୂପେ ପଠିତ । ୩—୧ ଦ୍ୱିଜରାଜ ପରଗଣ୍ଡ-ଚ; (ଅପପାଠ)-୩—୩ କର୍ପୂର ଚନ୍ଦନେ ମନ ନ ବଳେ-ଗ; ୩—୪ କମଳେ ରସି ଭନ୍ଦରସେ ମିଳେ-କ ଓ ଖ; କମଳେ ରସି ଆନେ ନ ରସିଲେ-ଚ ଓ ଠ; ୩—୬ ବିକାଶିବାର ଗ ଓ ଚ;

କଙ୍କିଣୀ ପରି ଝିଙ୍କାରୀଙ୍କ ରଟ । କୁରଙ୍ଗ ଧଇେ ରସନା ପ୍ରକଟ ।
କର ଆସୁଛି କାଳ ବିପରୀତ । କପୋତ ନାଦେ ହୁଂକୃତ ଉଦିତ ।
କୁଣ୍ଠିତ ପିକ(ର) ରୁତ ଉଦିତ । କଞ୍ଜ ଚୁମ୍ବନେ ମଧୁପ ପ୍ରମତ୍ତ । ୫ ।
ଚ । ଚନ୍ଦ ଏପରି ଦେଖି ଭଲ ଧୀରେ । ଚଟାଉ ଗୋବିନ୍ଦ ପଢ଼ା ଉତ୍ତରେ ।
ଚଞ୍ଚଳ ମାନସ ହେଲା ସନ୍ତତ । ଚନ୍ଦ୍ରାବଳୀ ଭାବେ ଦେବାରୁଁ ଚିତ୍ତ ।
ଚେତନା ବୁଡ଼ି(ଣ) ଯାଏ ଲବକେ । ଚେତି ଭ୍ରମନ୍ତି ଭ୍ରମେ ବନଯାକେ ।୬।
ଚୁରିସଖୀଙ୍କ ସଙ୍ଗେ ଭ୍ରମୁ ଭଙ୍ଗ । ଚିତ୍ତଜ ଶରେ କମ୍ପୁଅଛି ଅଙ୍ଗ ।
ଚଳି ନ ପାରି ବଂଶୀବଟ ତଳେ । ଚତୁରବର ଶ୍ରମେ ବିଜେ କଲେ ।
ଚରିତ ଚତେଁ ହେଲା (ଯେ) ସିଧାର । ଚମକିଲା ଗୁପ୍ତ ଥରକୁଥର । ୭ ।
ଚନ୍ଦ୍ରବଦନ ବିଗ୍ଭରନ୍ତି ମନେ । ଚଞ୍ଚଳା ବଶ ହୋଇବ କେସନେ ।
ଚନ୍ତାରେ ତା ଲାଗି ଯାଉ ଜୀବନ । ଚଡ଼କ ମୋ ଶିରେ ହେଉ ପତନ ॥
ଚତୁର-ଚକ୍ର ଶୁଣି (ଣ) ହସିବେ । 'ଚମ୍ପାଙ୍ଗୀ ବଶ ନ କଲେ' ଭାଷିବେ ।୮ ।
ଚନ୍ଦ ଏ, ନାରୀ ବଶ ନୋହେ ଯହିଁ । ଚରାଚର ଭାରି ହାରିବ କେହି ।
ଚଉଦଲୋକ ଦୈତ୍ୟଭୋଗ ହେଉ । ଚକ୍ରଧର ମୁଁ ନ ମାରଇ ଆଉ ॥
ଚତୁରମୁଖ ଜାଣିଲା (ଯେ) ଧ୍ୟାନେ । ଚକିତ ଗୋବିନ୍ଦ କାମଦହନେ । ୯ ।
ଚ୍ଛମୀକରଗୋଷ୍ଠୀ କଶୋଷୀ ଲାଗି । ଚଇତନ୍ୟ ଦମ୍ଭ ଯାଉଛି ଭାଗି ।
ଚେତାଇବି ମୁଁ ଚରିତ ପୂର୍ବର । ଚରଣେ ଖଟିବେ ଚତୁର୍ଦ୍ଦିବାର ।
ଚପଳେ (ଣ) ବିଧି ବିଗ୍ଭରି ଏତେ । ଚଢ଼ାଇ ଚଢ଼ି ଅଇଲେ ତୁରିତେ । ୧୦ ।
ଟ । ଟେକଚରଣ ତଳେ ପଡ଼ି ବିହି । ଟିକକେ ଉଠି କହେ ହଟି ରହି ।
ଟଙ୍କଧର ପାଦେ କଙ୍କର ଯାଉ । ଟାଳିବ କେ ଆଜ୍ଞା ସଂସାରେ ତାର ।
ଟଳି (ଅ)ଛି କାହିଁ ପାଇଁ ହରଷ । ଟେକ ଆନନ ସେ ବିଷମ ଭାଷ । ୧୧ ।
ଟାହିରେ ପଗ୍ଭର କ ପ୍ରଜାପତି । ଟେକେ ବଦାରୁଛି ମଦନ ଗ୍ରୁପ୍ତି ।
ଟାଣୁଛି କର୍ଣ୍ଣଯାଏ ଶରାସନ । ଟାଳି ଦେଉଛି ମୋ ଧୈର୍ଯ୍ୟ ଗୁମାନ ।
ଟାଣ କି ଅଛି (ଯେ) କହନ୍ତି ହରି । ଟୋପ ରାଧା, ମୋ ମନ ମତ୍ତକରୀ ।୧୨।

---

୫-୧ ପରି-କ, ଖ, ଗ, ଓ ଘ; ୫—୨ ଅଧ ରସନା-କ ଓ ଖ; ୫—୩ ଆଶୁଛି-ଜ ଓ ଟ; ୫—୪ ହୁଂକୃତ ବିଦିତ-ଟ ଓ ଠ; ୬—୫ ଚେତନା ବୁଡ଼ଯାଏ ଯେ ଲବକେ-ଜ; ୭—୧ ଭ୍ରମୁ ଭଙ୍ଗ-ଗ, ଘ ଓ ଟ; ୮—୪ ଚଡ଼କ ମୋ ଶିରେ ହେଲା ପତନ—କ, ଖ ଓ ଜ; ୯—୪ ପାରଇ ଆଉ-କ, ଖ, ଘ ଓ ଜ; ମାରିବିଆଉ- ଟ ଓ ଠ; ୧୦—୨ ଯାଉଛି ଭାଗି-ଜ ଓ ଟ ୧୦—୩ ଚରନ୍ଦ—ଟ ଓ ଠ;

ଟାପରା ଯୋଗ୍ୟ କେ; କହିଲେ ସହି । ଟାକ ରହିଛି ସେ ଆଜ୍ଞାକୁ ମୁହିଁ ।
ଟେକାଇବ ତୁମ୍ଭେ ରସିକ ଛତ । ଟଙ୍କାରିବ କି ଗୁଣ ରତିପତି ।
ଟିକାଏ ଦ(ଇ)ନ୍ୟ କୁହ ସଖୀକୁ । ଟାଣ ମୋହନ ବଂଶୀ ପାଇବାକୁ । ୧୩ ।
ଟୋକା କେ ଗୋପେ ରହିବେ ତା ଶୁଣି । ଟାଉ ଟାଉ ହେବେ ସୁର ରମଣୀ
ଟଳ ଟଳ ହେବ ମେରୁ ଭୂଧର । ଟିକ ଦିନୁ କଣା ହେବେ ତୁମ୍ଭର ।
ଟହକହାସୀ କଟାକ୍ଷି(ଙ୍କ) ମନ । ଟବ ପରି ରସେ ବୁଡ଼ିବ ଯେନ । ୧୪ ।
ଟୋପିଏ ସେଚନ୍ଦ୍ର ଯେନ କପୋଳେ । ଟିକା ଦେଖି ମୋହ ହେବେ ଅଖିଳେ
ଟିକ ଟିକ ହେବ ଯୁବତୀବ୍ରତ । ଟାଙ୍ଗଣା ସେ ସୁନାକୁ ତୁମ୍ଭ ପ୍ରୀତି ।
ଟମକ ବଜା(ଇ) ପ୍ରେମ ରଟିବେ । ଟପ ଟପ ଭାଷା କେତେ ସହିବେ । ୧୫ ।
ତ- ତା ଶୁଣି ଗୋବିନ୍ଦ ଆତୁର ହେଲେ । ତୁରିତେ ସଖୀକୁ ପ୍ରାର୍ଥନା କଲେ ।
ତତକ୍ଷଣେ ବଂଶୀ କରେ ପ୍ରବେଶ । ତା ଦେଖି ଗୋବିନ୍ଦ ବଡ଼ ହରଷ ।
ତହିଁର ତତ୍ତ୍ୱ (ଯେ) ବ୍ରହ୍ମା କହିଲେ । ତନ୍ତ୍ର ମନ୍ତ୍ର ଯନ୍ତ୍ର ଚେତାଇ ଦେଲେ ।୧୬
ତ୍ରୈଲୋକ୍ୟ-ମୋହନ ଚରଣ ନମି । ତତକ୍ଷଣେ ସହି ସ୍ୱପୁରେ ଗମି ।
ତହୁଁ ଗୋବିନ୍ଦ ହରଷେ ବରଷେ । ତପନଜାତଟରେ କଦମ୍ବ ପାଶେ ।
ତ୍ରୈ(ତଇ) ଲୋକ୍ୟ ନାଥ ବିଜୟ କଲେ । ତରୁମାନଙ୍କୁ ବିଭ୍ରମେ ବୋଇଲେ ॥
ତୁମ୍ଭେ କି ଜାଣ ବୃଷଭାନୁ-ସୁତା । ତିନି ଭୁବନେ ଯେ ବରବନିତା ।
ତାହାକୁ ମୋତେ ବେଗେ ଆଣିଦିଅ । ତରସ୍ତ କାମଦେବର ରୁହାଅ ।
ତା(ହା) ପଦ ହୃଦେ ପଦକ କରି । ତରିବି କାମ-ପ୍ରେତ ଭୟ ବାରି । ୧୮ ।
ତପସ୍ୱୀଗୋଷ୍ଠୀ ବରନ ଜାଣି । ତଳପତନ ପକ୍ୱଫଳ ଆଣି ।
ତୀର୍ଥପାବନ ସ୍ୱଉରେ ଲଦନ୍ତି । ତଦାକାର-ଭାବ ଯେଣେ ଭଜନ୍ତି ।
ତ(ତ)କ୍ଷଣେ ଚେତ ବୋଲନ୍ତି ଆହା । ତରୁଣୀତିଳକ ନୋହିଲା ସାହା ।୧୯।
ତୁଳା-ଅଙ୍ଗୀ ଅଙ୍ଗୀକାର ନ କଲା । ତୁଚ୍ଛଜୀବ କାହିଁପାଇଁ ରହିଲା ।
ତା ସଙ୍ଗ ସ୍ୱର୍ଗ ଅପବର୍ଗ ସୀମା । ତିନିପୁର ସାର ସୁଖପ୍ରତିମା ।
ତପସ୍ୟା (କି) ପୂର୍ବେ ନାହିଁ ମୋହର । ତା ଚରଣେ ହେବ କେହି କଙ୍କର ॥
ପ:- ପରମ ପବିତ୍ର ନାମ ଉଚ୍ଚାରି । ପାପୀ ପରାଣ ଯା ଯା ବେଗ କରି ।
ପାଇବୁ ରସିକ ମୁଖେ ପ୍ରଶଂସା । ପରଲୋକେ ନ ପାଇବୁ ଦୁର୍ଦ୍ଦଶା ।
ପ୍ରମଦାଶିର(ର) ମୁକୁଟ ମଣି । ପ୍ରାଣର ପ୍ରାଣ କି ସେ ସୁଲକ୍ଷଣୀ । ୨୧ ।

---

୧୩—୫ ସଖୀଙ୍କୁ-ଘ, ଙ ଓ ଚ, ୧୪—୪ ଟୋକାଦିନୁ-କ, ଖ ଗ ଓ ଜ; ୧୪—୭ ଟବ କରି- କ ଓ ଖ; ୧୫—୧ ଟଯେନ କପୋଳେ-କ ଓ ଖ; ୧୫—୫ ପ୍ରୀତି-ଙ ଓ ଚ; ରହିବେ-ଜ ଓ ଘ । ୧୬—୩ ହରଷ ବରଷେ ଗ, ଘ ଓ ଜ; ୧୮—୪ ତରସ୍ତ କାମଦେବର ଙ ଓ ଚ; ୧୮—୫ ତା ପଦ ହୃଦରେ ପଦକ କରି-ଝ; ୨୧—୪ ପରଲୋକରେ ପାଇବୁ ସୁଦଶା-କ ଓ ଖ;

ପରମଦାରଣ ମଦନ କାଣ୍ଡେ । ପିଣ୍ଡ ଖଣ୍ଡ ଖଣ୍ଡ କଲା ଉଦ୍ଦଣ୍ଡେ ।
ପବି ପତନ ହେଉନାହିଁ ମୁଣ୍ଡେ । ପ୍ରିୟେ ନାହିଁ ନାହିଁ ଉଚ୍ଚାର ତୁଣ୍ଡେ ।
ପତିତ ନାଶ (ତାରଣ) ଏମନ୍ତ କହି । ପଡ଼ିଲେ କ୍ଷଣେ କ୍ଷଣେ ମୋହ ଯାଇ ॥
ପବନ ଲାଗି ପାଇଲେ ଚେତନା । ପୁଣି ବୋଲନ୍ତି ହା ହା ରେ ନୂତନା ।
ପରତେ ହୋଇ ନ ପାରଇ ତୋତେ । ପ୍ରଭୁପଣ ବନ୍ଧୁ କରନ୍ତୁ କେତେ ।
ପାରଖି ନୋହିଲୁ ମୋ(ର) ସେବାକୁ । ପାପୀ ପାଇବ କାହିଁ କୃତାର୍ଥକୁ ।୧୩।
ପାଞ୍ଚୁଥାଇଁ ଧନ ଭେଟିବ ଯେବେ । ପରଜନ ପଣ କରିବ ତେବେ ।
ପାଦେ ଯାବକ ଲେଖି ମନାଇବ । ପିକଭାଷୀକି ମୁଁ ଏହା ଭାଷିବ ।
ପରମ ଗୁଣଗ୍ରାହୀ ତୁ(ହି) ପରା । ପାଖେ ରଖ କରି ସେବକ ଧୀରା ।୧୪।
ପୁରୁଷୋତ୍ତମ ଭାବନା ଏପରି । ପାରିବ କେ କହି ଶରୀର ଧରି ।
ପରସନେ ହେବ ସୁଜନଜନେ । ପୁରୁଷଶେଖର ଭାବ ଭାବନେ ।
ପଡ଼ିତ (ମୁଁ) ଅଭିମନ୍ୟୁ ବରସ । ପଞ୍ଚ ବର୍ଗାଦିରେ ଏଛାନ୍ଦ ଶେଷ ।୧୫।

—o—

## ଅଷ୍ଟାଦଶ ଛାନ୍ଦ ।

## ଜଳକ୍ରୀଡା । ବସ୍ତ୍ରହରଣ ।

ନ ପୂର୍ବାନୁପ୍ରାସ । ରାଗ—କନଡ଼ା ।

ନବଘନ ଶ୍ୟାମ ପ୍ରେମ କଉତୁକ ଆନନ୍ଦେ ଶୁଣ ସାଧୁଜନେ ।
ନ ଦେଖିବ ଯମଭୟ ସ୍ୱପନେ ।
ନବୀନ ଗୋପକୁମାରୀ ସୁକୁମାରୀମାନେ ମିଳି ଭଲ ଦିନେ । ସେ ନାଗରୀ ।
ନତ-ବ୍ରତକୁ ଆଚରଣ କଲେ ।
ନଦୀଜଳେ ସ୍ନାନକରି ନିର୍ମଳେ ।
ନତି ହର ଉମା ପୂଜି ସେ କାର୍ତ୍ତିକ ମାଘ ମାଧବ ସାରିଲେ । ସେ ନାଗରୀ ।୧।
ନନ୍ଦନନ୍ଦନ ପତି ହେବା କାମନା ସବୁରି ଅଛଇ ବିଶେଷ ।
ନ ଜାଣଇ କେହି କାହା ମାନସ ।
ନିଷ୍ଠାବ୍ରତ ଶେଷଦିନେ ସର୍ବେ ହେଲେ କାଳିନ୍ଦୀ ତୀରେ ପ୍ରବେଶ । ସେ ନାଗରୀ ।

---

୧୩—୨ ପାପୀ ପାଇବ-କ ଓ ଖ; ୧୪—୧ ପାଞ୍ଚୁ ଥାଇ ଧନ ଦେଖିବ ଯେବେ-କ ଓ ଖ; ପାଇବ ଯେବେ,-ଗ, ଘ, ଙ ଓ ଚ; ୧୪—୨ ପରଜନ ପରି ହୋଇବ ତେବେ-ଙ ଓ ଚ; ୧—୩ ନବୀନା-ଗ, ଘ; ୧—୪ ନବବ୍ରତ-ଙ, ଚ; ୨—୩ କାଳିନ୍ଦୀରେ ପରବେଶ-କ ଓ ଖ; କାଳିନ୍ଦୀ ସମସ୍ତ ତାଳପତ୍ର ପୋଥିରେ ଅଛି;

ନଘାଟରେ ପୂଜାଦ୍ରବ୍ୟ ରଖିଲେ ।
ନିଜ ବସନ ବିବସନ ହେଲେ ।
ନାନା କଉତୁକ ହାସ ରସ ରଙ୍ଗେ ଜଳରେ ଯାଇଁ ପଶିଲେ । ସେ ନୂତନା ।୨।
ନିରେଖି ଜଳକୁ କେ ବୋଲେ କାଳିମା କୃଷ୍ଣ ଅଙ୍ଗ ପରି ଦିଶଇ ।
ନଳିନରେ ହ୍ରଦ ଦେଖି ଶୋହଇ ।
ନେତ୍ର ଇନ୍ଦୀବର, କୋକନଦ ପଦ, ନଖ କହ୍ଲାର ଅଟଇ । ଗୋ ନୂତନା ।
ନୀଳ-ଭ୍ରୂଭଙ୍ଗି-ଭଙ୍ଗ ଶୋଭା ଦିଶେ ।
ନ ପୁଣି ଗୋ ହୋଇଥାଇ ଏହି ସେ ।
ନୟନ ଠାରିଲା ପରାୟେ ଶଫରୀ-ଛଟକ ମନକୁ ଆସେ । ଗୋ ନୂତନା ।୩
ନିର୍ମଳ କୁନ୍ତଳ ମିଶାମିଶି ହ୍ରଦ ଗଭୀର ଅଟଇ ଅପାର ।
ନିଶ୍ଚେ ରସାମୃତ ରୂପେ ବିସ୍ତର ।
ନୋହିଲେ ପଦ୍ମିନୀ କୁମୁଦିନୀପ୍ରିୟ କାହିଁ ପାଇଁକି ହେବାର । ଗୋ ନୂତନା ।
ନୋହେ ଏମନ୍ତ କେ କହେ ତହିଁରେ ।
ନନ୍ଦନନ୍ଦନ ନାଗ ଦଳନରେ ।
ନାଗର ଚରଣ ସ୍ପରଶ ପାଇଣ ସେହି ଆଚରଣ କରେ । ଗୋ ନୂତନା । ୪ ।
ନ ପାଇବ ଅଙ୍ଗଦାହ ତାପ ଏଥି ମଜ୍ଜନ ହୁଅ କେ କହିଲା ।
ନେଇ ପଦ୍ମ କେ କାହା କୁଚେ ଦେଲା ।
ନର୍ମ ମର୍ମଭାବେ ତନ୍ମୟ ହେବାରୁ କୃଷ୍ଣକର ପ୍ରତେ ହେଲା । ସେ ନୂତନା । ୫ ।
ନାହିଁ ଦେହ-ବୁଦ୍ଧି-ଜ୍ଞାନ ଏହିରୂପେ କ୍ରୀଡ଼ନ୍ତ ସର୍ବ ଗୋପବାଳୀ ।
ନିଷ୍ଠା ତାଙ୍କର ଜାଣି ବନମାଳୀ ।
ନଭସ୍ଥିତେ ଆଜ୍ଞା ଦେଇ ଲଟ ଆଣି କଦମ୍ବରେ କଲେ ଦୋଳି । ସେ ନାଗର ।
ନାଶି ସାରି କ୍ରୀଡ଼ା ଜଳୁଁ ବାହାର ।
ନ ଦେଖିଲେ କୂଳେ ଥିଲା ଅମ୍ବର ।
ନେଲା କେ ବୋଲି ଚଉଦିଗେ ଗୃହାନ୍ତେ ଦେଖିଲେ ଘନସୁନ୍ଦର । ସେ ନୂତନା ॥

---

୩—୧ କାଳିଆ-କ; ୩—୨ ହ୍ରଦ ଦେଶ-କ, ଖ, ଗ, ଘ, ଜ, ଟ, ଠ; ୩—୪ ଭଙ୍ଗ ଶୋଭ-କ, ଖ; ଭଙ୍ଗି-ଘ; ୪—୪ ଏହି ଆଚରଣ-କ, ଖ, ଗ, ଘ; ନାଗର ଚରଣ ସ୍ପର୍ଶ ପାଇ ସହି ଏହି ଆଚରଣ କରେ ଗୋ-ଟ, ଠ; ୫—୧ ମଜ୍ଜିତ ହୁଅ-ଟ, ଠ; ୬—୧ ନାହିଁ ଜ୍ଞାନ ବୁଦ୍ଧି ଦେହ-ଗ, ଘ ୬—୩ ନାଟ ଆଣି-ଜ, ଟ; ୬—୬ ନାଟ କେ ନେଲା ଚଉଦିଗେ,-କ, ଖ; ନେଲା ବୋଲି ଚଉଦିଗକୁ-ଗ;

( ୫ ପଦ ଦେଖ )

* ନ ହସିଲା ପରି ହୋଇଁ ହସିଲା । ନାସା ବଢ଼ଣୀ ନୃତ୍ୟ ଆରମ୍ଭିଲା ।
ନର୍ତ୍ତେବୁ ହଳକ ଗାଧରେ ହସିଲା ଚେତ ଲୁଜ ପାଇଗଲା । ସେ ନୂତନା ।

ନୋହୁ ଏ କଥା ଗୋପରେ ଚହଟ ।
ନାଟ ବାସ ଦିଅ ଗୁଣ୍ଡ଼ କପଟ ।
ନାହିଁ ଶୁଣି ଦିନେ ଏ କଥା କେହି ତ ଅବିହିତ ଜନେ ଲଟ । ହେ ନାଗର ।୧୧।
ନିତମ୍ବିନୀ ଏକ କହିଲା ପୁଣି ତ ନ ଦେବ ଯେବେ ବାସ ହରି ।
ନରପତି ଆଗେ କରି ଗୁହାରି ।
ନାନା ଦଣ୍ଡ ଦିଆଇବୁଁ ଶୁଣିଥାଅ ଏ କଥାକୁ ତଥ୍ୟ କରି । ହେ ନାଗର ।
ନ ଗଣୁଛ କି ଗୋପଯୁବତିଙ୍କି ।
ନିନ୍ଦା ଅର୍ଜନ କରୁଛ କାହିଁକି ।
ନ ବାଞ୍ଛୁବ ପଛେ ଆମ୍ଭଙ୍କୁ ଆଉ ତ ଏ କଥା ହେବ ସହି କି । ହେ ନାଗର ।୧୨।
ନ ହସି ହସିଲା ପରି ସ୍ମେରେ କହନ୍ତି ଗୋପୀଙ୍କି ଗୃହିଁ ବେଣୁଧର ।
ନାହିଁ ସଂସାର ମଧ୍ୟେ ଉପକାର ।
ନେଉଥିଲା ବାତ ହିତ ମୁଁ କଲିକୁ ବୋଲୁଅଛ ବାସ-ଚୋର । ଗୋ ନବୀନା ।
ନବଯଉବନ-ମଦ-ବିହ୍ୱଳେ ।
ନ ରଖିଲ ବ୍ରତବିଧି ସକଳେ ।
ନିଲଜପରି ଉଲଗ୍ନ ହୋଇ ଆସି ପଶିଅଛ ପୁଣି ଜଳେ । ଗୋ ନୂତନା । ୧୩ ।
ନିର୍ମଳ ହୃଦେ ଦିଗାମ୍ବର ଧାରଣ ହେତୁ ଅମ୍ବର ନ ସହିଲା ।
ନୁଆ ହର ଗଉସ୍ତି ଯୋଗ ହେଲା ।
ନଷ୍ଟେ ଜଣାଗଲା ଏଥିପାଇଁ ନିକ ମଦନ-ଘର ବୁଡ଼ିଲା । ଗୋ ନୂତନା ।
ନିଜ ଆଚରଣ ମନେ ଧରି ।
ନୃପତିରେ କରି ଲୋଡ଼ ଗୁହାରି ।
ନିଅ ଯେ ଯାହାର ବାସ ଆସି ଚହ୍ନି ନ ଦେଲେ ଦୋଷ ଆମ୍ଭର । ଗୋ ନୂତନା ॥
ନବୀନାମାନେ ଏ ବାଣୀ ଶୁଣି ଲାଜ-ହରଷ-ରସରେ ମଜ୍ଜନ ।
ନ କରେ କି ଅନାହୂତ ବିଧାନ ।
ନ ଗଲେ ତ ପ୍ରତିକାର ନାହିଁ ଆଉ ଭଲ ବାଳୀ ଛନ୍ନମନ । ସେ ନୂତନା ।
ନିଜ କରେ ମର୍ମ-ସ୍ଥାନ ଆଚ୍ଛାଦି ।
ନଖୀ ଜଳୁଁ ବାହାର ନେତ୍ର ମୁଦି ।
ନତ ବଦନେ ଅପଥ ପଥ କଲେ ମୃଷା ମୋଡ଼ି କଣ୍ଠେ ଲଦି । ସେ ନୂତନା ।୧୪।

---

୧୧—୪ ଗୋପରେ ପ୍ରକଟ-କ, ଖ, ଗ; ୧୧—୬ ଜନେ ନଟ-ଗ, ଘ; ୧୩—୬ ଉଲଙ୍ଗ-ଠ; କୋଣସି ପୋଥିରେ ଏହା ପଠିତ ହୋଇନାହିଁ । ୧୪—୧ ଦିଗମ୍ବର-ଟ, ଠ; ହେତୁ ଆମ୍ଭର ନ ରହିଲା-କ, ଖ, ଟ, ଠ; ୧୫—୨ 'ଅନାହୂତ'-ସମସ୍ତ ପୋଥିରେ ଅଛି, 'ଅନାହୂତ୍' ପାଠ କଲୁ

ନବୀନସୁନ୍ଦର ଲୁଟବାସ ଘେନ କଦମ୍ବବୃକ୍ଷରୁ ଓହ୍ଲାଇ ।
ନୂତନାକୁ କହୁଛନ୍ତି ଗେଲ୍ଲାଇ ।
ନବଯଉବନ ଗରବରେ ଦେଲ ମଦନଘର ବୁଡ଼ାଇ । ଗୋ ନୂତନା ।
ନାହିଁ ଏ କଷ୍ଟୁ ତରିବାକୁ ଗତି ।
ନମସ୍କାର ନୋହିଲେ ରତିପତି ।
ନ କଲେ ଗତି ନାହିଁ ଭାଳି ନବୀନା ଏକ କରେ ଓଳଗନ୍ତି । ସେ ନବୀନା ।୧୬।
ନାଗର ହସି ଭାଷିଲେ ଗୋ ନବୀନା ଧର୍ମଶାସ୍ତ୍ର କି ଶୁଣି ନାହିଁ ।
ନମସ୍କାର ହସ୍ତକେ ଅଛି କାହିଁ ।
ନେଇ କେତକର ଶିରେ ଦିଅ ବେଗେ ସ୍ତୁତି ଦୈନ୍ୟ ଭାଷା କହି । ଗୋ ନୂତନା ।
ନାରୀ ଅନାସ୍ଥେ ହସି କହନ୍ତି ।
ନ ଜାଣୁ କେ ଦେବତା ଦେବା ଗତି ।
ନିଖିଳଦେବଦେବଙ୍କୁ ଜାଣୁ କହି କଲେ ବହୁତ ପ୍ରଣତି । ସେ ନୂତନା ।୧୭।
ନୟନ ମୁଦିବା ଦେଖି ହସି ହରି ବୋଇଲେ ଚହ୍ନି ନିଅ ବାସ ।
ନଗପତନ ମଣି ନାରୀବଂଶ ।
ନ ଫାଟିଲା ମହୀ ପଶିବା କାହିଁରେ ଭାବନା କରି ବିଶେଷ । ସେ ନବୀନା ।
ନଟନାଗର ହଟିଆଶେଖର ।
ନାଟ ସରିବ ଏତେକେ ତୁମ୍ଭର ।
ନାଟ ଦିଅ କାହିଁ ଧରାଧରି ହୋଇ ପିନ୍ଧିଲେ ଯେଝା ଅମ୍ବର । ସେ ନବୀନା ।୧୮।
ନୟନେ ମିଶାଇ ଲାଜ ସ୍ନେହ ଭଙ୍ଗୀ ରଙ୍ଗିମା ଓଷ୍ଠେ ମନ୍ଦ ହାସ ।
ନନ୍ଦସୁତ ମତି କଲେ ଉଲ୍ଲାସ ।
ନିର୍ମଳପ୍ରେମ ମନ ଜାଣି ତାଙ୍କର ହୋଇଲେ ଗୋବିନ୍ଦ ତୋଷ । ସେ ନାଗର ।
ନୂତନାଙ୍କୁ କହନ୍ତି ମନ୍ଦେ ହସି ।
ନତ ବ୍ରତେ ଅଛ ଯାହା ମନାସି ।
ନିଷ୍ଠା କରିବି ସେ କଥା ଏଥିପାଇଁ ସାକ୍ଷୀ ଏ ମୋହନ ବଂଶୀ । ଗୋ ନୂତନା ।୧୯
ନବଘନ ଧ୍ୱନି ଶୁଣିଲା ଚାତକୀ ପରାୟେ ଗୋପିକା ହୋଇଲେ ।
ନିଜ କରେ କୁସୁମ ମାଳା କଲେ ।
ନେଇ କୃଷ୍ଣଗଳେ ଲମ୍ବାଇ ଆନନ୍ଦେ ହୁଳହୁଳି ଧ୍ୱନି କଲେ । ସେ ନୂତନା
ନବ ଅନୁରାଗ ଧନ ଅର୍ଜନ ।
ନେଇ କଲେ ପରସ୍ପରେ ସଞ୍ଚନ ।
ନିଦରକୁ ବାଧା ହୋଇଗଲେ ଗୋପୀ କୃଷ୍ଣପାଦେ ରଖି ମନ । ସେ ନାଗରୀ ।୨୦

---

୧୭—୫ ଦେବ ଗତି—୦; ୧୦—୧ ଧ୍ୱନି-ଚ, ୦; ୧୦—୨ କୁସୁମ ମାଳା ଦେଲେ, ଗ, ଘ, ୦;

ନବଘନଶ୍ୟାମ ତ୍ରିଭଙ୍ଗିମଠାଣି ମୁରଲୀମୁଖ ମନୋହର ।
ନିଶିଦିନେ ଧ୍ୟାନ ହେଉ ମୋହୋର ।
ନିରକ୍ଷରରକ୍ଷକ ନାମ ସାର୍ଥ ହେଉ ବୋଲେ ସାମନ୍ତସିଂହାର । ହେ ନାଗର ।
ନ ପୂର୍ବାନୁପ୍ରାସରେ ଶେଷ ଶୁଦ୍ଧ ।
ନାହିଁ କଷ୍ଟ ଅର୍ଥ ଘେନ କୋବିଦ ।
ନିଖିଳ-ରସାନନ୍ଦ-ରସ ଆସ୍ୱାଦ କଲେ ପାଇବନ୍ତି ସ୍ୱାଦ । ହେ ନାଗର । ୨୧ ।

---

## ଊନବିଂଶ ଛାନ୍ଦ ।

---

## ଦ୍ୱିଭଙ୍ଗ ଅନୁପ୍ରାସ ।

---

ରାଗ—ଢଗ ମୁକ୍ତାବଳୀ ।

ଜଗଦାନନ୍ଦ ଲୀଳା ସାଧୁଜନେ ଶୁଣ ଦେଇ ମନ ।
ଯହୁଁ ସୁମନା ଗଲେ ବିମନା ହେଲେ ଶ୍ରୀନନ୍ଦ-ନନ୍ଦନ । ୧ ।
ଚନ୍ଦ୍ରା ମୂରତି ଚିନ୍ତି କରନ୍ତି ଡକାଉଛନ୍ତି କାମ ଶ୍ରୁତି ।
ଲଭିବା ଆଶେ ବୁଦ୍ଧି ନ ଆସେ ଚନ୍ଦ୍ରାଭିର ମତି ଅନ୍ତ । ୨ ।
ଏହି କାଳରେ ସେହି ସ୍ଥଳରେ ସବ୍ୟା ସଖୀ ପରବେଶ ।
ଦେଖି ଗୋବିନ୍ଦ ସେ ଅରବିନ୍ଦବଦନାର ହସ ହସ । ୩ ।
ଚନ୍ଦ୍ରା ସଜନୀ ହେବ ରଜନୀକରମୁଖୀ ବିସ୍ମରିଲେ ।
କୃଶଉଦରୀ କାହା ସୁନ୍ଦରୀ ଏକା ବୁଲୁ ପଚାରିଲେ । ୪ ।
ସବ୍ୟା ହସିଲା ମନ୍ଦେ ଭାଷିଲା ଶୁଣ ହେ ନାଗରବର ।
ରସବିଗ୍ରହ ହୋଇ ନିଗ୍ରହ ଅନୁଗତ ଜନେ କର । ୫ ।
ତୁମ୍ଭ ଆଶାରେ ମଦନଶରେ ଚନ୍ଦ୍ରାବଳୀ ଆସି ସରେ ।
ତବ ଉତ୍ତର ମୋହମନ୍ତ୍ରର ଜାଣିଲୁଁ ଆମ୍ଭ ବିଷୟରେ । ୬ ।

---

୨୦—କୁସୁମମାଳା ହେଲେ-ଗ, ଘ, ଠ;
ଚନ୍ଦ୍ରାବଳୀଙ୍କ ଆଗମନ; ସୈବ୍ୟା କହିବାର ମିଳନ, ନୂତନାସମ୍ଭାଷଣ ଗ, ଛ-
୨—୨:—ଚନ୍ଦ୍ରାଭ୍ରମ ମତି ଅନ୍ତ-ଗ; ଚନ୍ଦ୍ରାଭ୍ରମ ଗତି ଅନ୍ତ-ଘ; ଚନ୍ଦ୍ରାଭରେ-ଙ;
୩—୨:—ଅରବିନ୍ଦ ବଦନାକୁ-ଟ, ଠ; ୬—୨; ଆମ୍ଭେ ବିଷୟରେ-ଟ, ଠ;

ଆଶା ଦେଖାଇ ନ ଦେଲେ ଖାଇବାକୁ ଅପରାଧ ସିନା ।
ନ ଥିଲୁ ମଣି ରସିକମଣି ଯୁବତୀ-ପରାଣ-ଧେନା । ୭ ।
ତୁମ୍ଭ କାତର ପ୍ରେମଉତ୍ତର ଶୁଣି ଆମ୍ଭେ ବଶ ହେଲୁଁ ।
ଗୁଣବତୀକ ତବ ପ୍ରୀତିକି କେତେମତେ ମଣାଇଲୁଁ । ୮ ।
ବୁଢ଼ି ଆକଟ ମହାସଙ୍କଟ ବଟି ବ୍ୟାଧି-ଶାନ୍ତି-ଛଳେ ।
ପଦ୍ମା ବୁଦ୍ଧିରେ ରସନିଧିରେ ଆଣିଅଛୁଁ ବଳେ ବଳେ । ୯ ।
ପୂଜା ଗଉରୀ ଚମ୍ପାଗଉରୀ ବେଗେ ଯିବେ ନିଜପୁର ।
ସକଳ ମିଳିତ ତୁମ୍ଭ ନିମନ୍ତେ କରିଛୁଁ ଏତେ ବଗୁର । ୧୦ ।
ଉମାତୀର୍ଥରେ ଅଛନ୍ତି ଥରେ ଜଣାଇଲ ଶୀଘ୍ରମୁଁରେ ।
ଆଉ ଭରସା ନାହିଁ ଟି ରସାମୋହିକି ଆଣିବୁଁ ବାରେ । ୧୧ ।
ଶୁଣି ମୋହନ କଣ୍ଠୁ ବହନ ହାର ଉପହାର ଦେଲେ ।
ମୋ ଜୀବଦାନ ଦେଲୁ ନିଦାନ ଆତୁରଛନ୍ତେ ବୋଇଲେ । ୧୨ ।
ଉଚ୍ଚାର ଜନ୍ମେ କଲେ ବିଜୟେ ସଦ୍ୟା ସଙ୍ଗେ ସଙ୍ଗେ ହରି ।
ଉମାବାସରେ ମିଳି ଆଶରେ ବସିଲେ ମୁରଲୀଧାରୀ । ୧୩ ।
ଏହି କାଳରେ ସଖୀମେଳରେ ବିଜେ କଲେ ଚନ୍ଦ୍ରାବଳୀ ।
ଅତି ମୋଦରେ ଜୟନାଦରେ ସଖୀ ଦେଲେ ହୁଳହୁଳୀ । ୧୪ ।
ଦେଖି ପୁରତେ କାମ ଆରତେ କୃଷ୍ଣତନୁ କମ୍ପମାନ ।
ଅଧୋବଦନେ କମ୍ପି ମଦନେ ଚନ୍ଦ୍ରାବଳୀ ଛନ୍ନ ଛନ୍ନ । ୧୫ ।
ଭଦ୍ରା ବଚନ କଲା ରଚନ କି ଯୋଗେ ଅଇଲୁଁ ଆଜ ।
ନୋହୁ ଦର୍ଶନ ଉମା ପ୍ରସନ୍ନ ଭେଟିଲୁଁ ରସିକରାଜ । ୧୬ ।
ରମଣୀବର ନିଜ ଦେବର ବ୍ରଜରାଜସୁତ ସିନା ।
ଗୂଢ଼ ଅନ୍ତର ଚିତ୍ତ ସତରବୟସୀ ପୂରୁ କାମନା । ୧୭ ।
କରୁଣାକର ଏକାଳେ କର ଧରି କରନ୍ତି ବିନତି ।
ଆରେ ରମଣୀ ମୁକୁଟମଣି ଘେନ ଏ ଧନ ଭଗତି । ୧୮ ।
ଗଜେନ୍ଦ୍ରଗତି ତୋ ବିନା ଗତି ଆନେ ନାହିଁ ମନେ କର ।
ଦେଖା ଦାନରେ ଜୀବଧନରେ ହୋଇଛୁ କଣା କଙ୍କର । ୧୯ ।

୮—୨ ସେ ଯୁବତୀକି ତୁମ୍ଭ ପ୍ରୀତିକି କେତେ ମତେ ମଣାଇଲୁଁ ଗ, ଘ, ଚ, ଠ; ୯—୧:—ବୁଢ଼ ଆକଟ ମହାସଙ୍କଟ ଫେଡ଼ିବଟି ଶାନ୍ତି ଛଳେ-କ, ଖ; ୧୦—୧ ଚମ୍ପାଗଉରୀ-ଚ, ଠ-ଅପ; ୧୨—୨:—ଆତୁର ମନେ ବୋଇଲେ-କ, ଖ, ଚ, ଠ; ୧୭—୨ ଗୂଢ଼ ଅନ୍ତର-ଚ; ଚିନ୍ତା ସତର ବୟସୀ—ଚ, ଠ; ୧୮—୨- ଭକତି-ଠ; ୧୯—୧ ଆନ ନାହିଁ-ଚ, ଠ; ୧୯—୨ ଜୀବଧନରେ ହୋଇଛୁ-ଚ, ଠ;

ସଖୀ ଚତୁରବର ଆତୁର ଜାଣନ୍ତେ ଅନ୍ତର ହେଲେ ।
ସେହୁ ଦମ୍ପତୀ ସୁଖସମ୍ପତ୍ତି ବୃଷ୍ଟି ହେଲା ବିଗ୍ରହଲେ । ୨୦ ।
ସଙ୍କେତକୁଞ୍ଜେ ଆନନ୍ଦପୁଞ୍ଜେ ବିଜେ କୋଳେ ଘେନି ହରି ।
ରାମା ଡ଼ରଇ ତନୁ ଥରଇ ନବ ଅନୁଭବୁଁ କରି । ୨୧ ।
କରକ ବୁକେ କର ଚିବୁକେ ଦେଇ ଗୃହ୍ଣୁ ଆରମ୍ଭିଲେ ।
ଘନଶ୍ୟାମ ତ ମୋର ସାମନ୍ତ ଧାନ ଅଭିମନ୍ୟୁ ବୋଲେ । ୨୨ ।
ପ୍ରସଙ୍ଗାର୍ଥରେ ରସ ଏଥିରେ ନୋହିଲା ଅତି ରଞ୍ଜନ ।
ମର୍ମଜ୍ଞ ଧୀରେଁ ଦେଖନ ହେ ଧୀରେ ଦ୍ୱିଭଙ୍ଗି ଯମକ ସ୍ଥାନ । ୨୩ ।

---

## ବିଂଶତି ଛାନ୍ଦ ।

---

## ଶ୍ରୀକୃଷ୍ଣଙ୍କ ଚନ୍ଦ୍ରାବଳୀଙ୍କୁ ଗୃହ୍ଣୁ ।

---

ତ୍ରିସ୍ତମ୍ଭ ଯମକ । ରାଗ କଳଶା ।

ଧୀରେ ଧୀରେ ଧୀରେ ଘେନ ଏଥି ଦେଇ ଶ୍ରୁତି ।
ଧର ଧର ଧରଣୀଶୋଭିକ କହୁଛନ୍ତି ଯେ । ୧ ।
ଶତ ଶତ ଶତକୋଟି ଧାତ ଜାତ ଶର ।
ବାର ବାର ବାରଣଗମନା ମାରେ ମାର । ୨ ।
ଥର ଥର ଥରଇ ଥରକୁ ଥର ଅଙ୍ଗ ।
କର କରକରଦନା ମୋର ଦର ଭଙ୍ଗ । ୩ ।
ସୁର ସୁର ସୁରସନ୍ଧା ଥିଲେ ସେ ନାହାନ୍ତି ।
ଭାବ ଭାବ ଭାବବତୀ ବିନା କେ ମୋ ଗତି । ୪ ।
ଜୀବଞ୍ଜୀବ ଜୀବ ଦୁଃଖୀ ବିଚନ୍ଦ୍ରେ ଯେମନ୍ତ ।
ଜୀବ ଯିବ ଜୀବନଜନେନ୍ଦ୍ରାରେ ତେମନ୍ତ । ୫ ।
ସର ସରସର ଆଶାନ୍ଧ୍ରୀ ମୁଁ ମୀନବତ ।
ଘନ ଘନ ଘନରସଦାମ୍ବିନୀର ରତ । ୬ ।

---

୨୧—୨; ନବଅନୁଭବ କରି, ଚ, ଠ; ୨୩—୨ ଦ୍ୱିଭଙ୍ଗୀ-ଠ-ଅପ; ତ୍ରିଭଙ୍ଗୀ-ଚ-ଅପ; ୧—୨ ଧରଣୀ ଶୋଭିଙ୍କି-ଚ, ଠ; ୩—୨ ମାରଦରଭଙ୍ଗ-ଚ, ଠ; ୫—୧ ଯିବ ଜୀବଂଜୀବ ଦୁଃଖୀ ଚନ୍ଦ୍ରରେ ଯେମନ୍ତ-ଚ, ଠ; ୫—୨ ଜୀବ ଜୀବ ଜୀବନଜନେନ୍ଦ୍ରିରେ-ଚ, ଠ; ଉଭୟ ପାଦ ଅପ; ୬—୨ ଘନରସ ଦାମ୍ବିନୀ ନିରତ-କ, ଖ, ଜ, ଚ, ଠ;

ମନ ମନମନ ଧୂନି ଶ୍ରବଣେ ଇଚ୍ଛଇ ।
ଆନ ଆନ ଆନନେ ବହନ୍ତୁ କାହିଁପାଇଁ । ୭ ।
କନ କନ କନକାଙ୍ଗି ମୃଗୀ ପରି ନୁହ ।
ଦର ଦର ଦରକଣ୍ଠି ଗୁଣକୁ ନ ବହ । ୮ ।
ଜର ଜର ଜର ଅନ୍ତ ସ୍ୱେଦ ପର ତନୁ ।
ଝର ଝର ଝରଇତ ଲୋତକ ନୟନୁ । ୯ ।
ତର ତର ତରଳାକ୍ଷୀ ହାସ ଦେଖିବାରେ ।
ବନ୍ଧୁ ବନ୍ଧୁ ବନ୍ଧୁଲିଅଧର କହାଁ ମୋରେ । ୧୦ ।
ସାର ସାର ସାରସାକ୍ଷୀ କୁଚ ଜାନୁ ପାଲି ।
ବହ୍ନି ବହ୍ନି ବହ୍ନିତେ ଦେଉଛୁ ଖେଳ ବୋଲି । ୧୧ ।
ଦାନ ଦାନ ଦାନଦକ୍ଷ ହୋଇ ସୁଖୀ ହୁଅ ।
ମାନ ମାନ ମାନସପଶାକୁ ଫିଙ୍ଗି ଦିଅ । ୧୨ ।
ତାର ତାର ତାରୁପତିମୁଖି ଟେକି ମିତ ।
ଗର ଗର ଗରକଣ୍ଠପର କଲ୍ପନ ତୁ । ୧୩ ।
ଆନ ଆନ ଆନନକୁ ନ ରସେ ମୋ ମନ ।
ହର ହର ହରମନ ନେଉଛୁ ତୋ ମାନ । ୧୪ ।
ଶୁଚ ଶୁଚ ସୁଚୀରକୁ ତେଜ ଦାନ କର ।
ଚିନ୍ତା ଚିନ୍ତା ଚିନ୍ତାମଣି ରସ ଢ଼ାଳି ହର । ୧୫ ।
ଯାର ଯାର ଜାରପ୍ରୀତି ତାର କି ଏମିତ ।
ଅନା ଅନା ଅନାସ୍ମୃତେ କମ୍ପୁଛି ମୋ ଚିତ୍ତ । ୧୬ ।
ଭାଷ ଭାଷ ଭାଷଇଁ ନ ଭାଷଇଁ ସୁମନା ।
ସରୁ ସରୁ-ସରୂପା-କୃପାରେ ମୋ ବେଦନା । ୧୭ ।
ଉରୁ ଉରୁ ଉରୁବଶୀ ନଗ୍ନ ପରବନ୍ଧେ ।
ହୁଁ ହୁଁ ହୁଁ ହୁଁ ହୁଁ ହୁଁ ଗାନେ କର ଅବରୋଧେ । ୧୮ ।
ରସ ରସ ରସନା ବଜାଇ ମୋତେ କିଣ ।
ବଳା ବଳା ବଳାଗତି ହେବ ଏହିକ୍ଷଣ । ୧୯ ।

---

୭—୨ ବହୁଛ-ଝ; ବହୁଛୁ-ଠ; ୮—୧ ପର-ଗ, ଘ; ପରିଭୁହ-ଠ -ଅପ; ୮—୨ ବହ-ଠ, ଅପ; ୯—୧ ଜରଅନ୍ତେ-ଗ, ଝ, ଠ; ଜରଅତ-ଛ; ପରିତନୁ-କ, ଖ, ଗ, ଘ; ପୂରତନୁ-ଠ ଅପ; ୧୦—୨ ବଧୂ ବଧୂ-ଝ, ଠ-ଅପ; ୧୪—୨ ଦେଉଛୁ ତୋମନ-ଝ; ନେଉଛୁ ତ ମନ-ଠ; ଉଭୟ ଅପ; ୧୫—୨ ଚନ୍ତ ଚନ୍ତା ଚନ୍ତାମଣି—ଝ, ଠ; ୧୭—୧ 'ନ ଭାସଇ' ମଧ୍ୟପାଠ ହୋଇପାରେ ୧୮—୨ ଗାନ କର ଅବରୋଧେ-ଝ ଠ-ଅପ

ଧନ ଧନ ଧନପତି ସିଦ୍ଧି କଉଁ ବର ।
ନାକ ନାକ ନାକଲ୍ଲ ଭଙ୍ଗିରେ ହେବ ଚୂର । ୨୦ ।
ନାଗ ନାଗ ନାଗବନ୍ଧ ହେଲେ ଖଜାଯିବ ।
ମାନ ମାନ ମାନବର ଦେଖି କି ରହିବ । ୨୧ ।
ହାରେ ହାରେ ହାରେ ବନ୍ଧୁ ଛନ୍ଦନ୍ତି ପ୍ରୀତିରେ ।
ଭିନ୍ନ ଭିନ୍ନ ଭିନ୍ନକଳାକେଶୀ କର କରେ । ୨୨ ।
ଧଷ୍ଟ ଧଷ୍ଟ ଧଷ୍ଟପଣ କହୁଁ ଏ ବିଧିରେ ।
ଗୁଣି ଗୁଣି ଗୁଣୀମଣି ଶୁଣି ଗୃହିଁ ଧୀରେ । ୨୩ ।
ହର ହର ହରପଦ-ଦ୍ୱନ୍ଦ୍ୱ ହୃଦେ ଚିନ୍ତ ।
ଢନ ଢନ ଢାନ ଅଭିମନ୍ୟୁ ନେଉ ନିତ । ୨୪ ।

## ଏକବିଂଶ ଛାନ୍ଦ ।

## ଚନ୍ଦ୍ରାବଳୀ ସମ୍ଭୋଗ । ମପୂର୍ବାନୁପ୍ରାସ ।

ରାଗ ମୁନବର ।

ମାଧବ ସମ୍ଭୋଗ ରସ । ମହତ ମାନସ ହଂସ ।
ମଣ୍ଡନେ ହୋଇବ ତୋଷ । ମ ଅନୁପ୍ରାସ ଯେ । ୧ ।
ମୁରଲୀଧର ବଚନେ । ମଦାଳସୀ ତୋଷମନେ ।
ମନ୍ଦହାସ ପରକାଶେ । ମଦନାବେଶେ ଯେ । ୨ ।
ମୋହନରସ୍ୱେ ତା ଜାଣି । ମରିବନ୍ଧୁ ଛନ୍ଦେ ଭଣି
ମଣ୍ଡିଲେ ଗଣ୍ଡେ ଚୁମ୍ବନ । ମତ ପ୍ରସନ୍ନ ଯେ । ୩ ।
ମଦକଳା ଲାଜ ବହି । ମଥା ପୋଡି ଉହୁଁ କହି ।
ମଧୁ-ପର କରେ ମାବ । ମୋକ୍ଷଣ ଭାବ ଯେ । ୪ ।
ମନ୍ଦାକ୍ଷେ ବାରଇ ବାଳୀ । ମୃଣାଳ ସୂତେ ସମ୍ଭାଳି ।
ମଦୋତ୍କଟ ଦନ୍ତୀ ନୋହେ । ମିଥ୍ୟା ଆଗ୍ରହେ ଯେ । ୫ ।

---

୨୦—୨ ହେବେ ଚୂର-ଚ, ଠ; ହେବଦୂର-କ, ଖ; ୨୧—୨
କେ ରହିବ-କ, ଖ, ଜ, ଚ; କି ରଖିବ-ଗ; ୨୨—୨, କରନାରେ-ଠ ।—
ମୁନବର ବାଣୀ :—ଚ ଠ;
୧—୨ ମହନ୍ତ, କ, ଗ, ଘ, ଜ; ମ ଅନୁପ୍ରାସ ଏ-କ, ଖ, ଚ; ୨—୪
ମଦନବଶେ-କ, ଖ;

ମୁକ୍ତ କର ଚୀର ହର । ମର୍ଦ୍ଦନ ଉରଜ କର ।
ମତ୍ତେ ବନ୍ଧ ଆରମ୍ଭିଲେ । ମନୋଜ ବଳେ ସ୍ନେ । ୬ ।
ମହିଳା ଅତି ଅଥସ୍ନେ । ମୁଦେ ନୟନ ବ୍ରୀଡ଼ାସ୍ନେ ।
ମନାସେ ବହ୍ନି କି କଲା । ମହହି ଗଲା ସ୍ନେ । ୭ ।
ମନୋରମା କ୍ଷପା ହେଜ । ମୃଗାଙ୍କଙ୍କୁ ଖୋଜ ଖୋଜ ।
ମାରମିତ୍ର ବାଦେ ଭୁଷେ । ମନ ସରସେ ସ୍ନେ । ୮ ।
ମହିଳା-ଶ୍ରବଣ-ବଳେ । ମିଶାଇ ରସନା ଗୃଳେ ।
ମତ୍ତଖେଳେ ମଦାଳସୀ । ମଦନେ ରସି ସ୍ନେ । ୯ ।
ମଦାଘ ଭୁଞ୍ଜିଲା ମନୁ । ମୋହଭରସ୍ନେ ସୁତନୁ ।
ମାର ମୂର୍ଚ୍ଛା ଶାନ୍ତମତ । ମୋହନ କୃତ ସ୍ନେ । ୧୦ ।
ମିଳାଇ ଜିହ୍ୱା ଚୁଚୁକେ । ମର୍ଦ୍ଦି ନିତମ୍ବ କରକେ ।
ମୁଖ ବାୟୁ ଶ୍ରୁତବଳେ । ମଧୁରେ ଦେଲେ ସ୍ନେ । ୧୧ ।
ମୁଷ୍ଟିକ ଜଙ୍ଘେ ଫେରଣ । ମୂର୍ଦ୍ଧାଘ୍ରାଣ ଚୁମ୍ବ ପୁଣ ।
ମୃଗାଙ୍କଙ୍କୁ ଥସ୍ନେ କଲେ । ମୃଗାଙ୍କ ଛଳେ ସ୍ନେ । ୧୨ ।
ମାତ ନାନାବନ୍ଧମତେ । ମଞ୍ଜିଲେ ଆନନ୍ଦେ ମତ୍ତେ ।
ମନ୍ମଥ ଶବଦ ଜାତ । ମନ ହୁଁ କୃତ ସ୍ନେ । ୧୩ ।
ମିଶି ସିତ୍କାର ବକାର । ମିଥ୍ୟା ନାନା ଅନକାର ।
ମର୍ଷଣେ କେଳତପତ । ମୁଦ ଦମ୍ପତ୍ତି ସ୍ନେ । ୧୪ ।
ମନ୍ଦାକ୍ଷ ବସନ ସଙ୍ଗେ । ମିଳଲା ଘମ ଶ୍ରୀଅଙ୍ଗେ ।
ମଥା କର ବାଳୀ ନତ । ମଉନବ୍ରତ ସ୍ନେ । ୧୫ ।
ମୋହନା ରତାନ୍ତ-ଭାତ । ମଣିଲାଇଁ ଗ୍ରୀଷ୍ମଘାତ ।
ମିତ୍ର-କର ଜ୍ୱାଳା ଅତ । ମରୁତେ ମତ ସ୍ନେ । ୧୬ ।
"ମଲି" ମୁଖେ ବକଶିତ । ମହା ସ୍ୱେଦରେ ରଞ୍ଜିତ ।
ମୋକ୍ଷ ହେଲେ ପଦ୍ମାବଳୀ । ମିଥୁନ ସଳ ସ୍ନେ । ୧୭ ।
ମହହି ଗଣ୍ଡ ଖଣ୍ଡନ । ମଣ୍ଡିବା ଗୃହଜନ ମନ ।
ମର୍ଯ୍ୟାଦା ଏପର ଦେଖି । ମାଧବ ଦୁଖୀ ସ୍ନେ । ୧୮ ।

---

୬—୩ ମନ୍ତେ-ଟ, ଠ; ୮—୩ ଘୋଷେ; ଟ, ଠ; ୧୨—୧ ଫେରଣ-ଟ, ଠ (ଅପ) ୧୩—୨ ଆନନ୍ଦମତେ—ଟ, ଠ, ଝ; ୧୪—୪ ସୁଦସମ୍ପତ୍ତି, ଠ, (ଅପ); ୧୭—୩ ମଉଳିଲେ ପଦ୍ମାବଳୀ—ଠ; (ଅପ); ୧୭—୪ ମିଥୁନେ ଶାଳୀ ଯେ—ଟ, ଠ (ଅପ)

ମର ବନ୍ଧୁ କହ କର । ମୁଖ ଚୁମ୍ବି କୋଳେ ଧର ।
ମଧୁକାଳ କଲେ ବେଶେ । ମହା ଉଲ୍ଲାସେ ସ୍ନେ । ୧୯ ।
ମରମ ପରମ ପ୍ରୀତ । ମୂଳକର ସେ ଦମ୍ପତି ।
ମଲ୍ଲମାତେ ଭସ୍ମ କଲେ । ମେଳାଣି ହେଲେ ସ୍ନେ । ୨୦ ।
ମଲ୍ଲନଗରେ ମିଳିଲେ । ମିଥ୍ୟାରେ ସତୀ ବୋଇଲେ ।
ମାତା ତୁମ୍ଭ ବଧୂ ଆଜ । ମହା ନିରୁଜ ସ୍ନେ । ୨୧ ।
ମହାମାୟା ଦୟା ହେଲା । ମଦକଳା ବ୍ୟାଧି ଗଲା ।
ମଲ୍ଲମାତା ଶୁଣି ତୋଷ । ମନେ ବିଶେଷ ସ୍ନେ । ୨୨ ।
ମୁଁ ନିଷେଧ ନ କରିବି । ମୂଳକର ପୂଜୁ ଦେବୀ ।
ମଲ୍ଲମାତା ଆଜ୍ଞାଦେଲେ । ମିତଣୀଜାଳେସ୍ନେ । ୨୩ ।
ମନଧେନା କର ତହିଁ । ମଦନା ସଜନୀ କହି ।
ମିଥ୍ୟା ଅପବାଦ ପାଇଁ । ମୁହିଁ ଡରଇଁ ଗୋ । ୨୪ ।
ମହାଶୋଭା ତୁମ୍ଭ ବଧୂ । ମାଧୁର୍ଯ୍ୟ ସୁରସସିନ୍ଧୁ ।
ମଧୁସୂଦନ ଚଞ୍ଚଳ । ମହାପ୍ରବଳ ଗୋ । ୨୫ ।
ମଲ୍ଲିସାନ ଖାଇ ଯେଣୁ । ମାନିନୀ ଦେବର ତେଣୁ ।
ମିଳିବେ କାଳେ ସେବନେ । ମାୟାଶ୍ରମନେସ୍ନେ । ୨୬ ।
ମଲ୍ଲମାତା ବାକ୍ୟ ଦତ୍ତ । ମୋ ବଧୂ ଦେବର ସତ ।
ମୋ ଘତ ଇଙ୍ଗିତେ ନାହିଁ । ମୁକୁନ୍ଦ ଛହିଁ ଗୋ । ୨୭ ।
ମନେ ମନେ ଆନ ଗୀତ । ମାନ ଜଗିଥିବ ନିତ ।
ମଣିଲେ କିଛି ତା ଦ୍ରୋହ । ମୋ ଆଗେ କହ ଗୋ । ୨୮ ।
ମହତ୍ତ୍ୱ ସାରିବ ତାର । ମଧ୍ୟମ କଲେ ଆଗୃର ।
ମିତେ ଏତେକ ଶୁଣିଲେ । ମୁଦ ହୋଇଲେ ସ୍ନେ । ୨୯ ।
ମିଳନ ସେ ଦିନୁ ନିତ । ମହୋତ୍ସବରେ କସନ୍ତ ।
ମହାମାୟା ପୂଜାଛଳେ । ମନ ପ୍ରବଳେ ସ୍ନେ । ୩୦ ।
ମୁରଜିତ ତ୍ରିଭଙ୍ଗିୟା । ମୁରଲୀମୁଖ ରଙ୍ଗିୟା ।
ମଧୁମଙ୍ଗଳ ସଙ୍ଗିୟା । ମାନଭଙ୍ଗିୟା ସ୍ନେ । ୩୧ ।

---

୧୯—୧ କହିହିତ—ଗ, ଘ; ୧୯—୨ କଲେ ବଶେ-ଘ; ୧୯—୩ କଲେ ବେଶ—ଝ, ଠ ୧୯—୪ ମହାଉଲ୍ଲାସ-ଝ, ଠ; ୨୦—୧ ମରମ—ଠ; ୨୦—୪ ମେଲାଣି ଦେଲେ—ଘ, ଠ; ୨୨—୧ ଦୟାକଲା—ଝ, ଠ; ୨୩—୩ ମଲ୍ଲମାତ—ଠ; ୨୪—୪ ମୁହିଁ ଉଡ଼ଇ—ଠ—ଅପ; ୨୫—୨ ମାଧୁର୍ଯ୍ୟ—ଝ, ଠ; ୨୭—୪ ମୋର ଶ୍ରମନେ-କ, ଖ; ୩୦—୨ ମହୋତ୍ସବରେ କରନ୍ତି—କ, ଖ, ଗ, ଘ, ୩୧—୪ ମନଭଙ୍ଗିଆ—ଠ ( ଅପ )

ମନମଥ-ମୋହନଙ୍କୁ । ମହାସୁଖ ସଦନଙ୍କୁ ।
ମରକତ-ପିତୁଳଙ୍କୁ । ମିଶ ମେଳଙ୍କୁ ସ୍ନେ । ୩୨ ।
ମୟୂରଚୂଳଙ୍କୁ ଭାବ । ମନେ ଅଭିମନ୍ୟୁ କବ ।
ମହାନନ୍ଦ ସଦା ଦନ । ମହାନ୍ତେ ଘେନ ସ୍ନେ । ୩୩ ।

---

## ଦ୍ୱାବିଂଶ ଛାନ୍ଦ ।

---

## ପ୍ରାନ୍ତାନୁପ୍ରାସ ।

---

ରାଗ—ଆନନ୍ଦ । ଗୃରୁଲବଙ୍ଗଲତା ବାଣୀ ।

ଧୀରେ ଶୁଣ କୃଷ୍ଣରସ ବାଣୀକ । ସ୍ୱାଦୁ ସମାନରେ ସୁଧା ଆଣିକ ।
ସୁମରି, ରାଧାଗୁଣଶ୍ରେଣୀକ । କୃଷ୍ଣ ନ ପାରନ୍ତି ରଖି ଆଣିକ । ୧ ।
ଲଭିଲେ ବରଜ ନବବାଳୀଙ୍କି । ସୁଖେ ଭୋଗକଲେ ଚନ୍ଦ୍ରାବଳୀଙ୍କି ।
ତେବେହେଁ, ହାତ ବନମାଳୀଙ୍କି । କାମଦେଲ ଚିନ୍ତା ଜପାମାଳିକ । ୨ ।
ଦେଖିବାରୁ କୃଷ୍ଣ ଦୁଃଖଗଣିକ । ଚିନ୍ତାପ୍ରାପ୍ତ ହେଲ ପୂର୍ଣ୍ଣମାସୀଙ୍କି ।
କହନ୍ତି, ହସି ଗିରିଧାରୀଙ୍କି । କହୋ ନାଗରେନ୍ଦ୍ର ଏ ଗୃରୁରି କ । ୩ ।
କୋଟି-କାମ ଶୋଭା ଊଣା ଯହିଁକ । ସେ ତନୁ ମଳିନ ଦିଶେ କାହିଁକି ।
ହାଉଇ, ମୁଖ କଳାନିଧିକ । କହିଁ ଭଜନ୍ତୁ ବିରସବିଧିକ । ୪ ।
ହୋଇଅଛଇ ଅତନୁବ୍ୟାଧି କ । ଦେଲ ମନ କଉଁ ରସନିଧିକ।
ନ କହ, ମୋତେ କାହିଁ ପାଇଁକ । ଦେବା ଔଷଧ ମଦନ ବାଇକ । ୫ ।
ଦେଖି ତବ ମୁଖ ତୁଚ୍ଛନାରୀ କ । ରମା ଲୋଭେ ଗୁଡ଼ଦେବେ ହରିଙ୍କି ।
ଧରିବ, ଆଉ କେବା ଧୃତିକ । ଧନ୍ୟ ଯେ ମୋହିଲା ତୁମ୍ଭ ମତିକ । ୬ ।
ଇଚ୍ଛା ଏ ପୁରର ବ୍ରଜରମଣୀକ । ଦେଖି ମୁଖ ଧରନ୍ତୁ କେ ଆଣିକ ।
ନାହିଁ ସେ, ତୁମ୍ଭ ନାମ ଶୁଣି କ । କା ଦମ୍ଭ ବଳନ୍ତୁ ପବି-ଆଣିକ । ୭ ।

---

୩୩—୩ ମହାନନ୍ଦେ—ଠ, ୩୩.—୪ ମହନ୍ତେ—ଝ, ଠ; ମହନ୍ତ—ଖ; ମହନ୍ତ—କ' ୧—୨ ସ୍ୱାଦୁ ମାନସରେ ସୁଧା ଆଣିକ-ଗ, ଘ; ୫—୪ ମଦନ ବ୍ୟାଧିକ ଝ, ଠ, ଢ; 'ଜ' ପ୍ରଥମ ବ୍ୟାଧି ଲେଖିଅଛନ୍ତି ପରେ ବ୍ୟାଧି ଶବ୍ଦ ଉପରେ ବାଇ ଲେଖିଅଛନ୍ତି । ୬—୧ ତୁଷ୍ଟି-ଠ; (ଅପ) ୭—୨ କେ ଧରିନ୍ତୁ ଆଣିକ-କ; ୭—୩ ନାହିଁ ସେ-ଖ; ନାହିଁ ସେ କ ତୁମ୍ଭ ନାମ ଶୁଣିକ-ଜ-୧୧ ଅକ୍ଷର, ପ୍ରଥମ 'କ' ଅଧିକା;

ଧନ୍ୟ କହିବା ନା ସେ ଛଇଳୀଙ୍କ । ହେଲା ମୋହନ ମୋହିବା ଭଳଙ୍କ ।
ବୋଲ ହୋ, ଚଉ ଦେଲ କାହିଁକ । ଜାଣିଲେ କହିବା ବୁଦ୍ଧି ତହିଁଙ୍କ ।୮।
ଦେବ ଶିକ୍ଷା ମନ୍ତ୍ର ତନ୍ତ୍ର ବିଧିଙ୍କ । ଆକରଷିବ ଦେବବାମାଧିକ ।
ଅଙ୍ଗନା, ବାମ-ପାଦ-ଧୂଳିଙ୍କ । ମନ୍ତ୍ରି ମଣ୍ଡିବ ନିଜ ମଉଳିଙ୍କ । ୯ ।
ନିର୍ଲାଜ ରତ ପୀରତ ଧୃତଙ୍କ । କୁସୁମବାଣାସ୍ତ୍ର ନମୋ ଏତଙ୍କ ।
ଏ ଧୂଳି, ମନ୍ତ୍ରରାଜ ଭେଳଙ୍କ । ମୋହ ନୋହିବ ଅବଳା ବଳ କ । ୧୦ ।
କାମବୀଜ ନାସ୍ତି ନାମ ଯେତଙ୍କ । ବଶ୍ୟଜସ୍ତ୍ରାସ୍ତ୍ର ମିଶାଇ ଯେତଙ୍କ ।
ମିଳାଇ, କାମ ଅଷ୍ଟାକ୍ଷରୀଙ୍କ । ବଂଶୀ ବାଇଲେ ରହିବେ ନାହିଁ କ । ୧୧ ।
କାମ-ଜଗନ୍ମୋହ-ମନ୍ତ୍ର=ସ୍ରୀତଙ୍କ । ଅସାଧ୍ୟ ତିନଲୋକ ଯୁବତୀ କ ।
ବଲ୍ଲବ, ଦ୍ରବ ପଦ୍ମ ପାଣିଙ୍କ । ମୋହିବାର ତୁଚ୍ଛ ଇନ୍ଦ୍ରାସ୍ତ୍ରଣୀଙ୍କ । ୧୨ ।
ଶୁଣି କୃଷ୍ଣ ହସି ଗୃହିଁ ଆଜ୍ଞାଙ୍କି । ବୋଇଲେ କ ଭାଗ୍ୟ ମୋର ଆଜ କ ।
କହିଲ ଯାହା ଦିବ୍ୟ ବାଣୀଙ୍କ । କିଣିଲ କିଣିଲ ବେଣୁପାଣିଙ୍କ । ୧୩ ।
ବୋଧି ବିଦା କର ଭଗବତୀଙ୍କି । କଶୋଗୀଭବରେ ଥୋଇ ମତଙ୍କ ।
ବିଜୟେ, ହଳପ୍ରିୟ କତଙ୍କ । ପରଖିବାକୁ ମୁରଲୀସ୍ରୀତଙ୍କ । ୧୪ ।
ନଟବରବେଶ ମୋହେ ଛିତଙ୍କ । କେକୀ-ଚନ୍ଦ୍ରକ ଚୂଡ଼ା ସଙ୍ଗତ କ ।
ମାନନ୍ତୁ, ତାହା ପରି ତହିଁକ । କବ ତୁଳନା କେ ଦେବ କାହିଁକ । ୧୫ ।
ଗୁଞ୍ଜରୀପାଟି ଅଳକାବଳୀଙ୍କ । ମକରକୁଣ୍ଡଳ ଗଣ୍ଡସ୍ଥଳୀଙ୍କ ।
ଶୋହଇ ଘନଶ୍ୟାମ କାନ୍ତିକ । ଦେଖି ସୁରଆକ୍ଷି ଲଭେ ଗତଙ୍କ । ୧୬ ।
ନାସେ ଗୃରୁ ଗଜମୋତି ଛବିଙ୍କ । କଉଁ ଅନ୍ଧ ଲକ୍ଷ୍ୟ ଦେବ କବିଙ୍କ ।
କଦମ୍ବ, ପଦ୍ମ ମୋତି ମାଳଙ୍କ । ଶୋଭି ହେଲେ ଯାଇ ହୃଦସ୍ଥଳୀଙ୍କ । ୧୭ ।
ପୀତବାସ ପିନ୍ଧା ପରିପାଟୀ କ । ଉଦର ଧରନ୍ତୁ କ୍ଷୀଣକଟିଙ୍କ ।
ସୁବେଶ, ସାର-ଶୋଭା-କୁଣ୍ଠୀ କ । କହି ଆସିବକ କୋଟିପାଟିଙ୍କ । ୧୮ ।
ଦେଖି ସେକାଳ ତ୍ରିଭଙ୍ଗିଠାଣିଙ୍କ । ମୋହି ନୋହିବେ ହରରମଣୀ କ ।

---

୮—୩ ବୋଲହେ ଜ, ଠ; ୮—୪ ଜାଣିଲେ ବୁଦ୍ଧି କହିବା ତହିଁକ-ଝ, ଠ; ୯—୧ ଦେବା-ଝ, ଠ; ମନ୍ତ୍ର ଯନ୍ତ୍ର-ଗ, ଘ, ଠ; ୯—୨ ଦେବବାମାଦିକ-ଝ, ଠ; ୧୦—୧ ତେଜବ ରତ-କ; ୧୦—୨ ନମ ଏତକି-ଝ, ଠ; ଯ୍ୟେତକି-ଝ, ଠ ଛଡ଼ା ସମସ୍ତ ପୋଥିରେ ଅଛି ;— ୧୦—୩ କାମରାଜ ଭେଳିକ-ଠ; ୧୦—୪ ଅବଳାବଳିକ-କ, ଖ, ଗ, ଝ, ଠ; ୧୧—୪ ରହିବେ କାହିଁକ-କ, ଖ; ୧୨—୨ ତିନଲୋକ ଜଗତିକ-କ, ଖ; ୧୨—୩ ପଦ୍ମ ଦ୍ରବ ପାଣିକ-ଜ; ଆଣିକ-ଝ, ଠ; ୧୩—୧ ଆଜ୍ଞୀକ-ଝ, ଠ; ୧୩—୨ ବେନୁପାଣିକ-କ, ଖ, ଗ, ଝ; ୧୪—୩ ହରପ୍ରିୟ-ଗ; ୧୪—୪ ପରୀକ୍ଷିବାକୁ-ଝ, ଠ;

ଅଧରେ, ହାସୋପମା ଏତକ । ଅନୁରାଗ ସୁଧା କରେ ବାନ୍ତ କ । ୧୯ ।
ଯୋଖି ଅଧରେ ମୋହନ ବଂଶୀକ । ମୋହ ମାଦକ ଗରଳ ବରଷି କ ।
ବାଦନ, ଗୂଢ଼ୁ ସ୍ୱର ଗୋଟିକ । ମାର ଶରବୃଷ୍ଟି ଗଲା ଯୋଡ଼ି କ ? । ୨୦ ।
ଫିହରଣ୍ଡି ପ୍ରତେ ଦିଗଦନ୍ତୀକ । ନାଗେ ଭସ୍ମେ ଗର୍ଜେ ଖଗପତି କ ।
ସକ୍ଷସେ, କଲେ ମହାଘାତକ । ଖଳିଲେ ଏ ସୁଦର୍ଶନ ଗଡ଼ କ । ୨୧ ।
ଶତକୋଟି ଭସ୍ମ ହେଲା ଗିରିକ । ମଙ୍ଗଳ ଶୁଭିଲା ସୁରପୁରୀକ ।
ପ୍ରକାଶେ, ଅଲୌକିକ ଶକ୍ତିକ । ଚହ୍ନିପାରିବ କେ ବଂଶୀ ଉକ୍ତିକ । ୨୨ ।
ଯମୁନାପାଣି ଟେକେ ଉଜାଣିକ । ପଥରେ ଦ୍ରବିଲେ ବଳି ପାଣିକ ।
ସ୍ଥକିତ, କଲା ଜୀବଜନ୍ତୁକ । ଶୁଷ୍କତରୁ ଯୋଗ୍ୟ ଜୀବଗତକ । ୨୩ ।
ଶିଥିଳତା କଲା ଗାଢ଼ ମାଣିକ । ଭଙ୍ଗେ ପତିବ୍ରତା ଦମ୍ପତିକ ।
ସ୍ଥକିତ, କରାଇଲା ରବିକ । ଦିବସରେ ଗତି କଲେ ଭୁବକ । ୨୪ ।
ଆଗ ଗ୍ରାସିଲା ଯୁବାରମଣୀଙ୍କି । ବିବେକ ସେ ଫିଙ୍ଗାଇଲା ପାଣିକ ।
ସମ୍ଭାଳି, ନ ପାରିଲେ ବୁଦ୍ଧିକୁ । ମଣିଲେ ଆସେ କାମଜଳଧି କ । ୨୫ ।
ଯା ଧ୍ୱନି ମୋହେ ବ୍ରହ୍ମାଣ୍ଡାବଳୀକ । ତାହୁଁ ନାଗରୀ ପାରିବେ ବଳି କ ?
ଗୋହିକ, ସ୍ୱର ଦହେ ଧୃତିକ । ସପ୍ତ ସ୍ୱରରେ ହେବ ବର୍ଣ୍ଣି କ ? । ୨୬ ।
ଚିନ୍ତ ସେ ମୋହନ ବଂଶୀଧାରୀକ । ରାଧାମୋହନ ବ୍ରଜବିହାରୀଙ୍କି ।
ବୋଲଇ, ଅଭିମନ୍ୟୁ ପାତକୀ । ତୋ ଭାବେ ଥିବ ସଦା ମୋ ଚିତ୍ତ କ । ୨୭ ।

---

୧୯—୩ ଅଧରେ ହାସ ଉପମା ନକ-କ, ଖ, ଛ, ଠ; ୧୯—୪ ଅନୁରାଗ ଶୋଭା କରେ ଦାନାକ-ଖ;
୨୦—୪ ବୃଷ୍ଟିଗଲା-ଠ ( ଅପ ) :-୨୧—୨ ନାଗେ ଭସ୍ମ-ଛ, ଠ; ୨୧—୪ ଖଳିଲେ ସୁଦରଶନ ଗଡ଼କ-କ, ଖ, ଜ;
୨୨—୨ ମଙ୍ଗଳେ ପୂରିଲା, ସୁରପୁରୀକ-ଛ, ଠ (ଅପ) :-୨୨—୩ ପ୍ରକାଶ-ଗ; ୨୩—୪ :-ଜୀବଜଡ଼କ-ଠ (ଅପ)
୨୪—୪ :-କଲେ ଗତି-ଛ, ଠ; ୨୫—୧ ରମଣୀକ-କ, ଖ, ଗ, ଛ; ୨୫—୨ କାଳଜଳଧି ଠ; ୨୬—୧ ମୋହ-ଠ (ଅପ) :-ବ୍ରହ୍ମାଣ୍ଡବଳୀକ-କ, ଖ ଗ; ୨୭—୪ ମୋ ମତିକ-ଘ ଛ;

## ତ୍ରୟୋବିଂଶ ଛାନ୍ଦ ।

### ଶ୍ରୀରାଧା ସ୍ତ୍ରୀ ପୁଂସ ଭ୍ରମ ।

ଆଦ୍ୟ ପ୍ରାନ୍ତମଧ୍ୟାନୁପ୍ରାସ । ରାଗ—ଭୂପାଳ ।

ଧୀରେ ଧୀରେ ଶୁଣ ରସ କିଶୋରୀ ବିରସ କର ପଟରେ ସମ୍ପିତ ଚିତ୍ତ ।
ହର ହର ମୋଁ ବେଦନା ବୋଲେ ସୁବଦନା ହେଉ ଚନ୍ଦ୍ର ପୁଂସ କାନ୍ତ କାନ୍ତ ॥
ଦର୍ପ ଦର୍ପକ କରଇ କାର୍ମୁକ ଧରଇ କରିବାପାଇଁ ଅବର୍ଦ୍ଧ ବଧ ।
ବର-ବରନା କାରଣ କାମନବାରଣ ନୁହନ୍ତି ଆନ ବିବୁଧ ବୁଧ । ୨ ।
ମନ ମନଜ ଦହିଲା କହନ୍ତି ମହିଳା ସହି ଏଥର ମୋ ଜୀବ ଯିବ ।
ଚିତ୍ତ ଚନ୍ତଇ ନକର ଜଇବାତୃକର ଆଶାମ୍ବୁ ଯେମନ୍ତ ଜୀବଞ୍ଜୀବ । ୩ ।
ସାର ସାରସଲପନ ଚନ୍ଦ୍ର ଉଦ୍ଦୀପନ ବଢ଼ାଇଲା ମୋର ଘନ ଘନ ।
ତାର ତା-ରସେ ମଜାଇ ପ୍ରେମ ଉପୁଜାଇ ନୋହିଲେ ହେବ ଗିଆନ ଆନ । ୪ ।
ଭାଷ ଭାଷନ୍ତେ ଏସନ ସ୍ଫୁରେ ବଂଶୀସ୍ୱନ ଶ୍ରବଣେ ରାଧା କାତରତର ।
ମାର-ମାରଣା ଗରଜ ଆସେ କି ତରଜ ଏହି ଚିନ୍ତା ହେଲା ମରମର । ୫ ।
ଧୀର ଧୀର ପଳାଇଲା ଲୋଭ ବଳାଇଲା କୃଷ୍ଣ ମୁରଲୀ ସଙ୍ଗୀତ ଗୀତ ।
କରକର-ଶ୍ରୀ-ରଦନା କରେ ନଟବଦନା ଏକ ଶୁଭେ ଅପ୍ରମିତ ମିତ । ୬ ।
ମାଗାଁ-ନବଡ଼-ବନ୍ଧନ ଫିଟିଲା, ବର୍ଦ୍ଧନ ହୋଇଲା ମୋର ହୃଦର ଦର ।
ସହି ସହିତ ନୋହିବ ନିଷ୍ଟମ୍ବୃ ଦହିବ ମାର କର ଫୁଲଶର ଶର । ୭ ।
ଅଙ୍ଗ ଅଙ୍ଗନାର ଥରେ ନମ୍ବୃନପଥରେ ଦେଖି ନ ସ୍ଫୁରେ ସଙ୍ଗୀର ଗିର ।
ଖଳେ ଖଳେ କର ମାର କେ ଏ ସୁକୁମାରୀ ଗଢ଼ ବେଳକ ଶଙ୍କର କର । ୮ ।
ଆଳୀଆଳିଏ ବୋଇଲେ ଏରୂପେ ହୋଇଲେ ହେବସିନା ଅପଖ୍ୟାତି ଖ୍ୟାତ
ମାର ନରତେ ବହିଲା ନେହୁ ନ ରହିଲା ଦୁଃଖେ ନ ମଜ୍ଜା ସୁମତ ମତ । ୯ ।
ତନୁ ତନୁ ହୋଇଲାଣି କେତେ ସହିଲାଣି ହୃଦେ ଜଳଇ ଚିନ୍ତା ଚିତା ।
ବାର ବାରଜମୁହାଁକ କହେ କେ ସହାୟ କେ ହୋଇବ ଏହାର ତାରନ୍ତା ॥
ଭବ ଭବନୀ ନରତ ବଢ଼ିଲା ଅରତ କେ କରିବ ଗଜଗତି ଗତି ।
ଲୋକେ ଲୋକଶ ବିପକ୍ଷ ହେଲେ କେ ବା ପକ୍ଷ ହେବ ଶୁଣିନାହିଁ ଶ୍ରୁତ ଶ୍ରୁତି ॥

---

୧.—୨ ସୁବରନା-ଠ (ଅପ); ୨—୨ ନୁହନ୍ତିଟି ଆନ ବୁଧ ବୁଧ-ଗ;
୪—୧ ଚିତ୍ତ ଉଦ୍ଦୀପନ-ଟ, ଠ; ୫—୧ ରାଧିକା ତରତର-କ, ଖ, ଟ, ଠ;
୬—୨ କର କରକରଦନା; ଟ, ଠ; ୮—୨ ବେଳେକ-ଗ, ଟ, ଠ,

ଧନ ଧନକୁ ଧ୍ୟାନ ତ ହେଲା ଜୀବନ ତ ନରହେ ଜାତ ବ୍ୟାକୁଳ-କୂଳ।
ଜୀବ ଯିବ ଏହିକ୍ଷଣି ବୋଲେ ସୁଲକ୍ଷଣୀ ନାରହେ ଜାତ ବିକଳ-କଳ। ୧୨।
ଭାବ ଭାବିନୀ କରମେ ଏ ଦଶା ଭରମେ ରଖିଥିଲା ପୁଣି ବିହି ବିହି।
ପ୍ରିୟ ପ୍ରିୟ ନ ପାଇଲେ କି ହେବ ବୋଇଲେ ପାରିବ କେହି ବିରହୀ ରହି॥
ପାଞ୍ଚ, ପାଞ୍ଚଜଣ ଯିବା କାନନେ ଖୋଜିବା ଦ୍ୱେକ କାହିଁ ବଜାଏ ବସି ବଂଶୀ।
କି ତ କିତବ କି ଦ୍ୱେଷୀ ନାଗର ବିଦେଶୀ ଅଗତ କାହିଁରୁ ରୁଷି ରୁଷି। ୧୪।
ଶୂର ସୁର ବା ଅସୁ-ର-ଘେନାକି ଅସୁର କି ଅବା ନାଗ କିନ୍ନର ନର
ସେ କେ, ସେ କେମନ୍ତ ଲୋକ, କଲେତ ଆଲୋକ, ଜାଣିମା ସିନା ଅସାର ସାର॥
ସହୀ ସହିତେ ଏସନ ବିଗୃର ପ୍ରସନ୍ନମୁହାଁ କି କହନ୍ତି ଜୀବ ଯିବ।
ଧର ଧରମଭରସା ନିକଟେ ସୁରସାଳମ୍ବା କରିବେ ବା ଶିବ ଶିବ। ୧୬।
ଆଜ ଆଜନ୍ମସୁଖି-ରେ ଅଇଲେ ଦେଖି ରେ ଯୋଗ୍ୟହେଲେ କାଲି ବର ନର।
ତୁଳା ତୁଳାଅଙ୍ଗୀ ରଙ୍ଗ ହେଲାଣି କୁରଙ୍ଗନୟନା କାହିଁ ନବାର ବାର। ୧୭।
ମନ୍ଦ ମହତ୍ତ୍ୱ ଜଗିବା ଉପାୟେ ଲାଗିବା ମାନ ଆମ୍ଭ ସରସ୍ୱତୀ ସତ।
ବଚ ବଞ୍ଚନା ଆଳୀର ଶ୍ରବଣେ ବାଳୀର ଧୀ ସରେ ସ୍ମରେ ବିପତ୍ତି-ପତ୍ତି। ୧୮।
କର କରମରେ ମାର ନରେନ୍ଦ୍ରକୁମାରୀ ବୋଲେ ରେ କାମ ପାମର ମର।
ପର ପରବଶ ଜନେ କରୁ, କି ଅର୍ଜ୍ଜନେ ଗର୍ଜି ପ୍ରହାରୁ ଅସର ଶର। ୧୯।
ଗୁଣି ଗୁଣୀମଣି ଧୀରେ କହିଲେ ଅଧୀରେ ସହି ସରଲା ଗୁମାନ ମାନ।
ଧିକ ଧିକ ମୁଁ ବରତ୍ତି ତନ ପୁଂସେ ରତି ଦେବାର କଲି ନିଦାନ ଦାନ। ୨୦।
କାମୀ କାମିନୀ ଗଣିତ ହୋଇଲି ପୁଣି ତ ଯୋଡ଼ୁ ହେବାର ରମଣୀମଣି।
ସରୁ ସରୂପ କହୁଛୁ କଳଙ୍କ ରହୁଛୁ ବେଗେ ପକାଅ ସିହାଣି ହାଣି। ୨୧।
ଆନ ଆନନ ଗୃହିଁବ କି କର ସହିବ କେହି ଲୋକ ଅପବାଦ ବାଦ।
ବିହି ବିହିଛୁ କପାଳେ ହସିବେ ଗୋପାଳେ ଅରଜିଲି ଏ ଆପଦ ପଦ। ୨୨।
ପର ପରଚେ ହେବାର ସେ କି ଲୁଚିବାର କାଲି ଯିବ ତ ଏ ପୁରୀ ପୂର
ଆଶ ଆସନ୍ନତ ହେଲା, ଲବେ ନୋହେ ହେଳା, ଯିବି ତା ନାମ ସୁମରି ମରି॥

---

୧୨—୧ଜାତ ବିକଳ କଳ-କ, ଖ; ୧୨—୨ ନୁହ ଆକୁଳ କୁଳ-କ, ଖ; ଚ, ଠ; ୧୪—୧ବଂଶୀ ବସି-ଜ, ଚ, ଠ; ୧୪—୨ କିତ କିତବ ବିଦେଶୀ ନାଗର ବିଦ୍ୱେଷୀ-କ, ଖ, ଚ; କି ଦ୍ୱେଷୀ ନାଗର ବିଦ୍ୱେଷୀ-ଠ (ଅପ) ୧୫—୧ ଘେନାଇ-ଠ (ଅପ) ୧୬—୨ ସୁରଷାଦମ୍ବା, ଠ (ଅପ) ୧୮—୨ ସୁରେ ବିପତ୍ତି ପଡ଼-ଠ (ଅପ) ୨୦—୧ ପୁଣି ପୁଣି ମୋହିନୀରେ-ଚ, ଠ (ଅପ) ୨୧—୧ ସ୍ମରୁସ୍ୱରୂପ ଚ, ଠ; ସରୁସ୍ୱରୂପ-ଜ ୨୨—୧ ଗୃହିଁକି କରବ ସହିକ-ଚ-ଅପ; ୨୨—୨ ମୁଁ ଆପଦପଦ-ଜ, ଚ, ଠ, ୨୩—୧ କାଲେ ଯିବତ-ଚ, ଠ; ପର ପରଚେ ହୋଇବା ରସ ଲୁଚିଇବା-କ, ଖ;

ଧ୍ରୁବ ଧ୍ରୁବଶ୍ଳୋକ ବଳି ମୋ ନିନ୍ଦାଆବଳି ଗଲେ କି ତାହା ତେଜିବ ଜୀବ ।
ମୂର୍ଚ୍ଛି ମୁଁ ଛୁ କଲେ ତାକୁ ମନ ମମତାକୁ ଛଡ଼ାଇ କି କାମଦେବ ଦେବ ।୨୪।
ଭବ ଭବର ମୂରତି ବିନା କି ବିରତ ହେବ କଷ୍ଟ-ଅକୂପାର ପାର ।
କର, କର ମୁଁ ଧରୁଛି, ଉପାୟ, ସରୁଛି ରାଧା ନା, କୃପା ବିସ୍ତାର, ତାର
ସଙ୍ଗୀ ସଙ୍ଗୀତପଣ୍ଡିତା ଜଗତମଣ୍ଡିତା ବାଣୀ ଶ୍ରବଣେ ଦୁଖରେ ଖରେ ।
ବାଚ ବାଚକ ହୋଇଲେ ସ୍ୱରୂପ ବୋଇଲେ ଚଉ ନ ମଙ୍କା ଆତୁରେ ତୁରେ ॥
ନାଗ ନାଗର ସେ ଏକ ତୃଷ୍ଣାର୍ତ୍ତ ନାୟକ ଭ୍ରମ ତେଜ ସେ ନନ୍ଦନନ୍ଦନ ।
ବର ବରଜରମଣୀଙ୍କର ହୃଦମଣି ସେ କାମୀ-ତପ୍ତଜୀବନ ବନ । ୨୭ ।
ସୁଧା ସୁଧାର ଉତ୍ତର ଶ୍ରବଣେ ମିତର ବଢ଼ିଲା ରାଧା-ଆନନ୍ଦ-ନଦ ।
ଶଶ ଶଶଧରବତ ସେ ବାଣୀ ଜୀବତ ମଣିବାରୁ ଧୀ-କୁମୁଦ ମୁଦ । ୨୮ ।
ବିଦ୍ୟୁ ବିଦ୍ୟୁତ-ଗଉରୀ ସୁକର ଭଉଁରୀ ଭବ ସାମନ୍ତସିଂହାର ହାର ।
ପ୍ରାନ୍ତ ପ୍ରାନ୍ତ ଆଦ୍ୟନ୍ତର ଯମକ ଗୀତର ମର୍ମଜ୍ଞ ବିନା ଜଡ଼ର ଡର । ୨୯ ।

—○—

## ଚତୁର୍ବିଂଶ ଛାନ୍ଦ ।

### ଶ୍ରୀ ରାଧାଠାରେ ଦୂତୀ ଉକ୍ତି । ଆଦ୍ୟବର୍ଣ୍ଣାନୁପ୍ରାସ ।

ରାଗ କଲ୍ୟାଣଆହାରୀ ।

ରସିକେ ରସବନ୍ତରସ ରସିଣ ଶ୍ରବଣ କର ଦେଇ ମତ ।
ରସାଳସା ଯୋଷା ଦଶା ଦେଖି ସଖୀ ଦୁଖିତ କରି ମତ ଅତ । ରସିକା ।
ରଣରଣ ତାପ ନାଶନେ ।
ରତି ଉଦ୍ଦୀପନ ଶାନ୍ତ ଉପଚାର ପ୍ରଚାର କରନ୍ତି ଯତନେ । ୧ ।
ରମଣୀ କେ ପୁଣି ଗୋଳି ଘନସାର ବୋଳି ଦେଉଅଛୁ ହୃଦରେ ।
ରାଜୀବନାଳ ମାଳ ମାଳ କରି କେ ଲମ୍ବାଇ ଦେଉଛୁ ଗଳାରେ । ରସିକା ।
ରତନ ଯତନ ପାଇଁକି ।
ରଚେ କେ ଶତ ଶତଦଳତଳପ ନୟନେ ଥକାଇ ପାଣିକି । ୨ ।

---

୨୭—୧ ନାଗ ନାଗରେ-କ, ଖ, ଚ, ଠ, ଭ୍ରମନ୍ତେ ଯେ ସେ ନନ୍ଦନନ୍ଦନ-କ, ଖ; ୨୭—୨ କାମ ତପ୍ତଜୀବନ ବନ, ଠ; କାନ୍ତତପ୍ତ-ଜ, ଅପ ୨୮—୨ ମଣି ବାରିଧି କୁମୁଦ ମୁଦ-ଘ, ଚ, ଠ; ୧—୧ ରସେ ରହିଣ-ଚ, ଠ; ୨—୨ ରାଜୀବମାଳ-କ, ଖ, ଚ, ଠ;

ରଞ୍ଜିନ ନ ପାରିଲ କରି ।
ରହି ଏତେ ସହି କି କରୁଛ ଆଉ ବୋଲିଅ ପରି ପ୍ରାଣପରି
ରସିବ ବିହାରେ ଯାହାରେ ତାହାରେ ଅଣାଇବାର କଉଁ ଛନ୍ଦ ।
ରଥାଙ୍ଗଧର ପୁରନ୍ଦର କୁମାର ମାର ସୁର ତ ଅଳ୍ପ ମାନ୍ଦ । ରସିକା ।
ରସିଛୁ କାହାଠାରେ ମତି ।
ରେକକଣ୍ଠୀ କଣ୍ଠୀ ହେବା ଦେଖି ଫାଟି ଯାଉଛି ଚିନ୍ତାରେ ମୋ ଛାତି । ୯ ।
ରଖିଛ ଅନ୍ତର ତୁମାତେ କରି ପର, ନ କହ କାହିଁକି ସଜନି ।
ରଜନୀ କାମିନୀକି ଦେଖୁନାହିଁ କି ସାନ୍ଦ୍ର ଦଶଇ ଚନ୍ଦ୍ର ଦେନ୍ନି । ରସିକା ।
ରସଶାସ୍ତ୍ର-ଅବଗାହିନୀ ।
ରହିବ କି କରି ଧଇର୍ଯ୍ୟକୁ ଧରି ରସିକ ବନ୍ୟା ରସିକନୀ । ୧୦ ।
ଋଷି ରମଣୀ ରସିଲେ ଟି ଚନ୍ଦ୍ରଙ୍କୁ ସାରସୁନ୍ଦର ଦେଖି କରି ।
ରମାପତି ପଦ ତେଜି ଆସି ଗଙ୍ଗା ହୋଇଲେ ଶାନ୍ତନୁ ନାରୀ । ରସିକା ।
ରତି କି ଏମନ୍ତ ପଦାର୍ଥ ।
ରସଜ୍ଞା ହେଲେ ଜାଣିବ ସିନା ତହୁଁ ନାହିଁଟି ଆଉ ପୁରୁଷାର୍ଥ । ୧୧ ।
ରମ୍ୟଅଙ୍ଗୀ ଅଙ୍ଗୀକାର କଲେ ଭେଟାଇବି ଦିବ୍ୟ ସାର ସୁନ୍ଦର ।
ରସରାଜ ଅଙ୍ଗହୀନ ସେ ନାଗର ସୁଷମା-ସ୍ୱର୍ଗ-ପୁରନ୍ଦର । ରସିକା ।
ରଚନା ନୋହେ ସେ ବିଧିରେ ।
ରସାମୃତ ମୂର୍ତ୍ତି ଏମନ୍ତ ପ୍ରତୀତ ହେଉଛି ମୋହୋର ବୁଦ୍ଧିରେ । ୧୨ ।
ରୂପ ତୁଳନାକୁ ସେହି ସେ ତାହାକୁ ସମାନ ନାହିଁ ଆନ କେହି ।
ରତିପତି ମୁଖଭାତି କି ଦେଖିଲେ ଧୂସର ଦିଶେ ଲାଜ ବହି । ରସିକା ।
ରସଧର ଦେଖି କାନ୍ତିକି ।
ରଖି ପାରଇ ନାହିଁ ନିଜ ଶରୀର ବହେ ଆନ ଆନ ରୀତିକି । ୧୩ ।
ରୁଚିର ଚରଣତଳକୁ ତୁଳକୁ ଜବା କରିବା ଅନୁଚିତ ।
ରଙ୍ଗ-ରାଜୀବପତ୍ର ନେତ୍ର ବୋଇଲେ ପବିତ୍ର ହୋଇଯିବ ସେ ତ । ରସିକା ।
ରାଗ ଅନୁରାଗ ମିଶିବ ।
ରକ୍ତ ବ୍ୟକ୍ତ ଓଷ୍ଠ ପୃଷ୍ଠ ଉପମିତ ହେବାକୁ ତେବେ ବା ଆସିବ । ୧୪ ।
ରୀତି ନୀତି ଶୋଭା ଶେଷ ଗଣେଶରେ ଶେଷ ତ ନୋହିବ କହିଲେ ।

---

୮—୩ ଭଞ୍ଜିନ ନ ପାରିଲେ କରି-ଟ, ଠ, ଅପ; ଆଦ୍ୟବର୍ଣ୍ଣ 'ର' ହେତୁ; ୮—୪ ରହି ରତେ-ଠ; ( ଅପ, ଅନ୍ୟକୌଣସି ପୋଥିରେ 'ରତେ' ନାହିଁ-'ଟ'ରେ ମଧ୍ୟ ନାହିଁ); ୯—୧-ରସିକ ବିହାର-ଟ, ଠ, ଅପ; ୧୧—୪ ଯହୁଁ ନାହିଁଟି-ଟ; ଯହିଁ ନାହିଁଟି, ଠ, ଅପ;

ରସବତୀ ପ୍ରୀତି ପାଇଁ ଅନୁରୂପ ସେହି କେବଳ ରବିତଳେ । ରସିକା ।
ରାହୁକୁ ସୁଧା-ଭୋଗ ପରି ।
ରସନା ଆଜି ସାର୍ଥ ହେଲା ମୋହୋର ତା ଶୋଭା-ଗୀତ କହି କରି । ୧୫ ।
ରାମାସଖୀଶ୍ରେଣୀ ଦୂତୀବାଣୀ ଶୁଣି ଆନନ୍ଦମନେ ପଚାରିଲେ ।
ରୂଭବ ସେ, କି ମନୁଷ୍ୟ, କେଉଁ ଦେଶୀ, ଜନମ କେଉଁ ରାଜକୁଳେ । ରସିକା ।
ରସିକାକୁ ଯୋଗ୍ୟ ହେବ ନା ।
ରସଲତା-ଚିତ୍ତ-ଚାତକକୁ ଘନ-ଗର୍ଜନ ଶୁଣାଇଲ କିନା । ୧୬ ।
ରାମଅନୁଜ ନନ୍ଦରାଜାନନ୍ଦନ ଜଗବନ୍ଦନ, ଦୂତୀ କହେ ।
ରଙ୍କ ରତନ ଆଚ୍ଛନ୍ନ ଯତନରେ କରଇ ପାଇଲେ ଆଗ୍ରହେ । ରସିକା ।
ରଖି ସେବ ଧୀରେ ବଧିରେ ।
ରୁଷ୍ଟ କରି ରାଧା ଦୂତୀକି ବୋଇଲେ, ସବୁ ହୋଇପାରେ ବଧିରେ । ୧୭ ।
ରସା ଉଲଟିବ, କମଳ ଫୁଟିବ ଯଦ୍ୟପି ପର୍ବତ ଶିଖରେ ।
ରଞ୍ଜିବ ବରଞ୍ଜି ଆକାଶେ ସୁମନ, ମେରୁହିଁ ଚଳିବ ପ୍ରଖରେ । ରସିକା ।
ରବି ପଶ୍ଚିମେ ଉଦେ ହେଲେ ।
ରାଧା ପତିବ୍ରତା-ବ୍ରତ ଅଚଳ କେ ଟାଳିଲେ ଟଳେ ନକ ତଳେ । ୧୮ ।
ରହ ନା ମୋ ଆଗେ, ଯା ଯା ବେଗେ ବେଗେ, ପାପ ଘୋଟିବ ତୋ ବଚନେ ।
ରମନନ୍ଦନା ରାମ ରାମ ସୁମରି ଅଙ୍ଗୁଳି ଦେଲେ ଦୁଇ କାନେ । ରସିକା ।
ରୋଷ ଶୁଣି ଦୂତୀ ଚଳିଲା ।
ରତ୍ନନନ୍ଦିନୀର ଧଇର୍ଯ୍ୟ ଗାମ୍ଭୀର୍ଯ୍ୟ ବ୍ୟାଜ ଗୁଣ ବୋଲି ଜାଣିଲା । ୧୯ ।
ରୁକ ସାମ ଯଜୁ ଅଥର୍ବ ବେଦରେ ମହିମା ଯାର ଅଗୋଚର ।
ରାସେଶ୍ୱରୀ ପ୍ରେମରସ ଇଚ୍ଛା କରି ଅଧୀର ବର୍ଦ୍ଧନ ତାହାର । ରସିକେ ।
ରାଧିକା ରାଗସାରମୂର୍ତ୍ତି ।
ରଚୁ ଅଭିମନ୍ୟୁ ସାମନ୍ତସିଂହାର ମତି ସେ ରସେ ଦିବା ରାତି । ୨୦ ।

---

୧୭—୨ ଯତନ ଆଚ୍ଛନ୍ନରେ-ଗ, ଘ, ଙ, ଠ; ୧୮—୧ ରସା ଓଲଟିବ-କ, ଖ, ଗ, ଘ; ୧ —୪ କି କେ ଟାଳିଲେ ଟଳିବ ତଳେ-କ, ଖ; ଟଳିବ କି ତଳେ-ଘ, ଙ, ଠ; ୧୯—୪ ବ୍ୟାଜ ବୋଲି ପୁଣି-ଙ, ଠ; ୨୦—୩ ରସସାର ମୂର୍ତ୍ତି :—କ, ଖ, ଙ, ଠ;

## ପଞ୍ଚବିଂଶ ଛାନ୍ଦ ।

## କୃଷ୍ଣ ଛାମୁରେ ଦୂତୀ କଥନ ।

ରାଗ କୌଶିକ;—ପ୍ରାନ୍ତାନୁପ୍ରାସ ।

ରସିକେ ଦୂତିବିଳମ୍ବରୁ ଗୋବିନ୍ଦତନୁ ଅବଶ ହୋଇଲାକ ।
ଦୂର ଦୁର୍ଲ୍ଲଭ ଦୁନ୍ଦୁଭି ଦୁ ପୂର୍ବାଦ ଘଷାରେ ଆଶା ହୋଇଲାକ । ସେହି କାଳକୁ ।
ଦୂତି ସେଠାକୁ ଆଇଲାକ ।
ତା କଥନମୁଖ ଦେଖି ହରିହୃଦେ ଆନନ୍ଦଚନ୍ଦ୍ର ଉଇଁଲାକ । ୧ ।
ଦୂତି ରସେ ହସେ, ଭାଷେ, ହେ ନାଗର ! ତୁମ୍ଭର ଶୁଭ ଦିଶିଲାକ ।
କଣୋଷ୍ଠିରତନେ ଯତନେ ମଦନ କଦନ ଦେଇ ନାହିଁଲାକ । ନବନାଗରୀ ।
ଶ୍ରୀଅଙ୍ଗେ ଦଶା ଦିଶିଲାକ ।
ହାସ ରସ ବେଶ ବାସ ଗ୍ରାସ ଆଶ ବିଷସମାନ ରସିଲାକ । ୨ ।
ପ୍ରଚାର ଉପଚାର ଏତେ ବିଚାର, ସବୁଁ ସାରସ ସରିଲାକ ।
ଜଳତଳପ ନାଳମାଳ ଦେବାର ପ୍ରିୟ କରି ଆଦରିଲାକ । ନବନାଗରୀ ।
ହା ହା ଶବ୍ଦ ଉଚ୍ଚାରିଲାକ ।
ଘନସାର ସାର-ସାରସଲପନା ସାର ହିତ ବିଚାରିଲାକ । ୩ ।
ପ୍ରାତରଜନୀ ରଜନୀଶବଦନା ରଜନକରେ ଗଡ଼ିଲାକ ।
ଆବେଶେ ଏବେ ସେ ଅବଶେ ଅବେଶେ ଭୂରେ ପଣତ ପାଡ଼ିଲାକ । ନବନାଗରୀ ।
ଶୋକସାଗରେ ବୁଡ଼ିଲାକ ।
ଜାତବେଦ-ଜାତ-ଯାତନା ଅତନୁ ସୁତନୁ-ତନୁ ପୋଡ଼ିଲାକ । ୪ ।
ରଦେ ରଦବାସ ବାସବମୋହିନୀ ତ ମୋ ହିତ ପାଇଁ ଭିଡ଼ିଲାକ ।
ଅନ୍ତର ଭିତର ଛାତ ଅତତର, ଆତୁର ପଙ୍କେ ସଡ଼ିଲାକ । ନବନାଗରୀ ।
ବରନାଗର ଲୋଡ଼ିଲାକ ।
ଲାଜ ଧଇର୍ଯ୍ୟ କୁଳ ଶୀଳ ବିବେକ ଚଡ଼ାଇଦେକ ମୋଡ଼ିଲାକ । ୫ ।
ଅନେକ-ଦହକ-କନକଗଉରୀ-ତନୁ ଧୂଷର ଦିଶିଲାକ ।
ରସାଳସା ରସା ଦରପଣ କରି ଦରପଣରୁ ରସିଲାକ । ନବନାଗରୀ ।
ଶିବ ଶିବତ ଘୋଷିଲାକ ।
ଶିରଦସ୍ତି ସରି ପୃଥ୍ୱୀକ ବିଚାର କରେ ଜେ ମହୀ ଚଷିଲାକ । ୬ ।

---

୨—୪ ବିଷସମାନ ରଶିଲାକ-ଘ; ଦଶିଲାକ-ଗ, ଝ; ଦଶିଲଣ-ଠ; ୩—୪ ସର ହିତ ବିଚାରିଲାକ-ଝ; ନାଶ ହିତ-ଠ, ଅପ; ୪—୧ ପ୍ରାତରଜନୀ, ଠ,ଅପ; ରଜନୀଶ ବଦନୀ-କ, ଖ, ଗ, ଘ; ୪—୨ ଅବଶେ ଅବଶେ-ଝ; ଅବଶେ ଏ ବେଶେ-କ,ଖ, ଘ; ଅବେଶେ ଅବଶେ-ଠ; ୫—୪ ଛଡ଼ାଇ-ଘ, ଠ; ଅପ; ୭୧ ଛାନ୍ଦର ୬ଷ୍ଠ ପଦ ଦ୍ରଷ୍ଟବ୍ୟ;

ରାମ ଆରାମ ରମନେନ୍ଦୀ ସକାଶୁଁ ମାଳୀ ଖଳିତ କାଟିଲାକ ।
ସଜ-ନକର ସଜମାଙ୍କର କର ଆଦର ତାର ତୁଟିଲାକ । ନବନାଗରୀ ।
ସ୍ତିତ ଗୋପେ ଚହଟିଲାକ ।
ମନ୍ଦ ନଣନ୍ଦ ଦ୍ୱନ୍ଦ କର ପଗୃରୁଁ ବ୍ୟାଧି ବିଧିରେ ବଟିଲାକ । ୭ ।
ତା ମନା କାମନା ଶ୍ୟାମାବେଦନାରୁ ସାମବେଦ ନା ଲୁଚିଲାକ ।
କଞ୍ଜ-ଖଞ୍ଜନଗଞ୍ଜନ ନୟନରୁ ନୀର ନିରତେ ମୁଞ୍ଚିଲାକ । ନବନାଗରୀ ।
ଗଣ୍ଡ ପାଣିରେ ସଞ୍ଚିଲାକ ।
ଚମ୍ପାଗାନ୍ଧୀ ସବୁରନ୍ଧି ଶିବରନ୍ଧି କ୍ରୂର କାଳକୁ ବଞ୍ଚିଲାକ । ୮ । •
କଳକଣ୍ଠକଣ୍ଠୀ ପଣ୍ଡରେ ଗଣ୍ଠି କ ମମତାରେ ପାଡ଼ିଲାକ ।
ଦୁର୍ଜନ ଜନ କୁବଚନ ରଚନ ଶରକୁ ଶିର ଆଡ଼ିଲାକ । ନବନାଗରୀ ।
ମନ—ତାପରେ ପଡ଼ିଲାକ ।
ନତ ପ୍ରତ ପ୍ରୀତିବନ୍ତୀ ମୂର୍ତ୍ତି ଲତା ବସନ୍ତ ପବ ଝଡ଼ିଲାକ । ୯ ।
ସଞ୍ଚ ଘଞ୍ଚ ଉଚ୍ଚ କୁଚପରେ ଧୀରେ ମୁଖଚନ୍ଦ୍ରକୁ ଥୋଇଲାକ ।
ବନଜନୟନୁଁ ବନ ଘନ ଘନ-ମୁଞ୍ଚି ପନାଳି ଧୋଇଲାକ । ନବନାଗରୀ ।
ସଖୀ-ପଣତ ଧଇଲାକ ।
"ଯିବ ଜୀବ ଜୀବଧବନବରକୁ, ମୋ ଆଶା ଗୁଡ଼", ବୋଇଲାକ । ୧୦ ।
କାଳୀକି ବଳି ଦେବାରୁ ଛେଳିଆଳି ମେଷହିଁ ଶେଷ ହୋଇଲାକ ।
ମାଳୀ ଆଳି କରେ ଚମ୍ପାମାଳି ଦେଇ ଶୂଳୀ ସେବା କରାଇଲାକ । ନବନାଗରୀ ।
ସବୁ ବିଧି କରାଇଲାକ ।
ଆଶା ଭରସା ରସାଶୋଷି ନ ଲଭି କର କପୋଳେ ମାଇଲାକ । ୧୧ ।
ଏ ଅନୁମାନୁ ଘେନୁଅଛୁ, ଅତନୁ କୁସୁମଧନୁ ଆଞ୍ଚିଲାକ ।
ଧରମ-କରମ-ଭରମ-ମରମ-ପୋଡ଼ା ଶରହିଁ ଯୋଡ଼ିଲାକ । ନବନାଗରୀ ।
ଏଣୁ ତନୁ ରୋମାଞ୍ଚିଲାକ ।
ପ୍ରକଟ ଲମ୍ପଟ ହୃଦୟତଟରେ ପଟ ପକାଇ ବଞ୍ଚିଲାକ । ୧୨ ।
ଅବଳା ଦୁର୍ବଳା କଳାହୀନ କଳାନିଧିବିଧିରୁ ବଳିଲାକ ।
କ୍ଷୀଣାଗୁଣାଜଣାବଚନା-ଝିଣ୍ଟିଆ ବଳା ହେବାକୁ ଚଳିଲାକ । ନବନାଗରୀ ।
ଗରିମା ପଣ ଟଳିଲାକ ।
କେ କେତେକ ଗରୁ, ଗୁରୁ ଉରୁ ଧୀରୁ ପ୍ରେମ ଧର୍ମକୁ ତୁଳିଲାକ । ୧୩ ।

---

୭—୧ ରମ୍ୟ ଆରାମ-ଢ, ଖ, ଟ, ଠ; ୭—୨ ରଚିଲାକ-ଠ, ଅପ; ୮—୧ କାମନା କାମନା-ଘ, ଚ, ତା ନାମ କାମନା-ଗ; ଗମନ କାମନା କ; ତା ମନ କାମନା-ଠ; ୮—୨ ନରତ ଟ, ଠ; ୯—୨ ଜନଙ୍କ ବଚନ-କ, ଟ, ଟ, ଠ; ୯—୪ ନତ ପତ ପ୍ରୀତି-ବ, ଗ, ଛ; ୧୦—୨ ବନଜନୟନ-ଟ, ଠ; ୧୨—୨ ପୋଡ଼ ସରହିଁ-କ, ଖ; ପୋଡ଼ଶ ଶର-ଠ, ୧୩—୪ ଗୁରୁ-ଟ, ଠ; ୧୩—୪ ପ୍ରେମଧୈର୍ଯ୍ୟକୁ-ବ;

କଳାବତୀ କଳା କଳାକରେ କଳା ବିଚକ୍ଷ ଚକ୍ଷ ଲିହିଲାନ ।
ତମ ତମାଳ ଖତମାଳମାଳକୁ ଲୋକସେ ଗୃହିଁ ରହିଲାନ । ନବନାଗରୀ ।
ନୀଳବାସହିଁ ବହିଲାନ ।
ଅମଳ କଳାକମଳ ଗୃହିଁ ନେଣେ ନୀର ଥକାଇ ରହିଲାନ । ୧୪ ।
ଋତୁଉଦ୍ଦୀପନମାନ ମାନସରୁ ସବୁ ତାର ଛଡ଼ାଇଲାନ ।
ଦଣ୍ଡ ଦଣ୍ଡକେ ଉଦ୍ଦଣ୍ଡ ଫୁଲକାଣ୍ଡଦଣ୍ଡ ସୁଖ ଏଡ଼ାଇଲାନ । ନବନାଗରୀ ।
ରସେ ମନ ବୁଡ଼ାଇଲାନ ।
କି ବିଗୃହ ଗୃହଅଙ୍କ-ମଧ୍ୟା ତବ ନାମେ ଶାରୀ ପଢ଼ାଇଲାନ । ୧୫ ।
ମୁକୁରକୁ ଗୃହିଁ ବିକାର ବଦନେ ପୂର ଚୁମ୍ବ ଉପୁଜିଲାନ ।
ଗୁଣିତିଳକ ତିଳକ ତିଳକରେ ଆଦର ଏଣୁ ତେଜିଲାନ । ନବନାଗରୀ ।
ମନ ପ୍ରେମରେ ମଜ୍ଜିଲାନ ।
ତୁନ ତୁନ କର କି ମନ୍ତ୍ର ତରଳାକ୍ଷୀ ଏଥର ଭଜିଲାନ । ୧୬ ।
ଗଣେଶଚତୁର୍ଥୀ ତଥି ଚନ୍ଦ୍ରାଦର ସର୍ବଦା ଏବେ ସେ କଲାନ ।
ଚଢ଼କ ପିକ ଡାକ ମଣି କାକକୁ କୁନ୍ଦଦନ୍ତୀ ଗାଳିଦେଲାନ । ନବନାଗରୀ ।
ସତ ଅସତ ମଣିଲାନ ।
ଦିନକୁ ଦିନ ଧ୍ୟାନ ଧ୍ୟାନ କଲାରୁ ଅବକାଶ ନ ରହିଲାନ । ୧୭ ।
ଲାଜ ବ୍ୟାଜ ଧୈର୍ଯ୍ୟ ଗାମ୍ଭୀର୍ଯ୍ୟ କେବଳ ପ୍ରବଳା ବଳୁଁ ବଳିଲାନ ।
ଏ ଯେନ ମଣୁଛି ଅନ୍ତର ଭିତର ହିଗ ବାନ୍ଧକ ଝାଳିଲାନ । ନବନାଗରୀ ।
ମୋ ବୋଲହିଁ ନ ପାଳିଲାନ ।
ନ ଜାଣି ଧୃତ ଆତୁର ରଣେ ପୁଣି କେ କେ କାହାବଳ ଠାଳିଲାନ । ୧୮ ।
ଶୁଣି ଏଣୀକ୍ଷଣୀସ୍ମିତ ମର ମର ହରିମୁଖୁଁ ଉଚ୍ଚରିଲାନ ।
ବିଗୃହ ପଗୃହଲେ ମୋହୋ ପାଇଁକି ସତେ ଏତେ ଆଦରିଲାନ । ନବନାଗରୀ ।
ସତେ କାମକୁ ଡରିଲାନ ।
ଦୂତୀ କହେ ତାର ଆରମ୍ଭ ଅପାର ଅଥମ୍ଭେ ତନୁ ଥରିଲାନ । ୧୯ ।
ମହାମୋହନୀ ମୋହିତ ମୋ ହିତରେ ସତେ ଦଇବ ବହିଲାନ ।
ଘଷି ଘସିଗଲେ ହର ହରିଣାକ୍ଷୀ ପ୍ରାପ୍ତିକି ଆଶ ରହିଲାନ । ନବନାଗରୀ ।
ଘବ ହୃଦୟ ଦହିଲାନ ।
ତାଙ୍କ ଦୁଃଖେ ଦୁଖୀ ହୋଇ ଅଭିମନ୍ୟୁ ନୟନୁ ଲୁଅ ବହିଲାନ । ୨୦ ।

---

୧୭—୨ ପୁଣି ଭଳକ-୦ (ଅପ); ୧୯—୧ ଉଚ୍ଚାରଲାଣି-୦;

## ଷଷ୍ଠବିଂଶ ଛାନ୍ଦ ।

## ସୂକ୍ଷ୍ମାଲଙ୍କାର । ଦୂତୀକଥନ ।

ରାଗ ଶଙ୍କରାଭରଣ ।

ଏ ଉତ୍ତରୁ ଶୁଣ ହେ ରସିକେ ଦେଇ ମନ ।
ଦୂତୀକି ପୁଚ୍ଛନ୍ତି ପୁଣି ଉଚ୍ଛନ୍ନେ ମୋହନ ।
କହ କହ ବେଗ କରି । ଭେଟିଲାବେଳେ କି କରୁଥିଲା ସେ କିଶୋରୀ । ୧ ।
ତୁ କି କହିଲୁ କହିଲେ କି କି ସଖୀମାନେ ।
ତା ଶୁଣି କି କି ବିକାର ହେଲା କଉଁସ୍ଥାନେ ।
ସେ ତ ଅଲେଖା ଛଇଳା । କଉଁ କଥାରୁ କି ଭଙ୍ଗି କାହିଁକି ଆଣିଲା । ୨ ।
ଦୂତିକା ହସି ଭାଷିଲା, ଶୁଣ ହେ ନାଗର ।
ଗଲୁଁ ଗତାଗତଶୀଘ୍ର ଥିଲା ତ ମୋହୋର ।
ତେଣୁ ଗଲି ନିଶଙ୍କରେ । ପ୍ରବେଶ ହୋଇଲି ଅଭିମନ୍ୟୁସେନ-ପୁରେ । ୩ ।
ଉପରି ପ୍ରହରି ସଜନୀ କରୁଛନ୍ତି ।
ଶତଦଳଦଳେ ଗୁଣୀମଣି ଶୋଇଛନ୍ତି ।
ବ୍ୟସ୍ତ ଦିଶୁଛି ଏସନ । ନୀଳାମହୀରେ ଦ୍ୱିତୀୟା ଶଶୀ କି ପତନ । ୪ ।
କି କଷଟି କଷା ବାରବାନି ସୁନାଗାର ।
ଫିଟି ଗଣ୍ଠି ରତନ ପତନ ପରକାର ।
ଏତେ ବିପତ୍ତିରେ ଖ୍ୟାତ । ଶାଣଶାଣ୍ତି ମାରଗ ପରାୟେ ଦିଶେ ଜ୍ୟୋତ । ୫ ।
ପଡ଼ିଛି ପୃଷ୍ଠରେ ବେଣୀ ଅସ୍ତବ୍ୟସ୍ତ ହୋଇ ।
ସ୍ୱର୍ଣ୍ଣ-ମହୀରେ କି କେତୁ ଅଛି ଆସି ଶୋଇ ।
ମଣି ହଜାଇ ଭୁଜଙ୍ଗ । ରଙ୍ଗ ତେଜି ଧୁକଧ କରୁଛି ନିଜଅଙ୍ଗ । ୬ ।
ସଜନୀଙ୍କି ପଗ୍ଭରିଲି, ଧନୀ ଏଡ଼େ ଶୀର୍ଣ୍ଣା ।
ସୁନ୍ଦରୀପୁରନ୍ଦରୀର ହେଲା କି ବେଦନା ।
ବିରହିଣୀ ଉପଗ୍ଭର । ଦେଖିମାତ୍ରୁ ମାରଦର ହେଉଛି ବିସ୍ତର । ୭ ।

---

୧—୨ ଉଚ୍ଛୁନ୍ନେ ମୋହନ–ଗ, ଘ; ୨—୨ କି ବିସ୍ତର ହେଲା ଗ, ଘ, ଚ; ୪—୨; ଗୁଣମଣି-ଗ, ଘ, ଚ, ଛ, ଠ; ୪—୩ ବ୍ୟକ୍ତ ଦିଶୁଛି ଏସନ କ; ୫—୨ ଫିଟି ଗଣ୍ଠି ପଡ଼ିଛି ରତନ ପରକାର-କ, ଖ; ୭—୧ ଏତେ ଶୀର୍ଣ୍ଣା-ଛ, ଠ; ସଜନୀକି ପଗ୍ଭରିଲି ଧନୀ ଏତେ ଚନ୍ଦ୍ରା । ସୁନ୍ଦରୀ ପୁରନ୍ଦରୀର ହେଲା କି ବ୍ୟବସ୍ଥା-କ, ଖ; ୭—୪ ଦେଖିବାରୁ-ଛ, ଠ;

ସଖୀପଣ ଗୁଣ ଦେଖା ଗଲା ନାହିଁ କିଛି ।
ପାଖେ ଥାଉଁ ଥାଉଁ ରାଧା ଏ ଦୁଃଖ ପାଉଛି ।
ସବୁ କହିବା ବିଧିକି । ଆଜନମ ସୁକୁମାରୀ ଏ ଦଣ୍ଡ ଯୋଗ୍ୟ କି । ୮ ।
ରମାବର ଚନ୍ଦ୍ର ମାର ଅଶ୍ୱିନୀକୁମାର ।
ପୁରନ୍ଦର କୁମାର ତ ମୋହିବା ଇତର ।
ଆଉ କାହିଁ ଦେଲା ମତି । ପ୍ରୀତିକି ଅନୁରୂପ କେ ଅଛି ଏ ଧରଣୀ । ୯ ।
ମିତେ ବୋଇଲେ, ବାମନ ଚନ୍ଦ୍ରଧରା ଆଶ ।
କରିବାରୁ କିଶୋରୀ ପାଉଛି ଏତେ କ୍ଲେଶ ।
କି କହିବା ସେ ଚରିତ । କଉଁ କଥା ନୁହଇ ଗୋ ଦଇବ ଆୟତ୍ତ । ୧୦ ।
ମୁଁ ବୋଇଲି, ବନେ ଯେବେ ଫୁଟଇ ସୁମନ ।
ମଧୁପକୁ ଲୁଚଇ କି ଏକଥା ନ ଘେନ ।
ପରପରା କଲ ମୋତେ । ଜାଣି ନ ଥିଲି ଅନ୍ତର ଏତେ ଅଛି ଚିତ୍ତେ । ୧୧ ।
କମିନାମଣି ପାଉଛି ଏ ଜାତ ବେଦନା ।
ଧିକ ଧିକ ମୋହର ଜୀବନ ଯାଉ କିନା ।
ଜଣା ହୋଇଲେ କାମନା । ମଣାଇଁ ସୃଷ୍ଟି ଯୁବାଙ୍କୁ ପାରଇଁ ମୁଁ ସିନା । ୧୨ ।
ଏ ପଟ ଦେଖି କରୁଛି ମନେ ଅନୁମାନ ।
ନନ୍ଦନନ୍ଦନକୁ ରାଧା ବଳାଇଛି ମନ ।
କେହ୍ନେ ହେଲା ଏ ଗୋଚର । ଅଳ୍ପଭାଗ୍ୟ ନୁହଇଁ ତ ତାଙ୍କୁ ଲଭିବାର । ୧୩ ।
ଅତନୁ ଯାହାଙ୍କୁ ଦେଖି ହୋଇବ ମୋହନ ।
କଉଁ ସୁକୃତି ପାରିବ ହରି ତାଙ୍କ ମନ ।
ଗୁଣନିଧି ନୀତିବନ୍ତ । ଗଭୀର ସାଗର ଧୀର ମନ୍ଦର ସଞ୍ଜାତ । ୧୪ ।
ମହତ୍ତ୍ୱ-ମର୍ଯ୍ୟାଦା-ଧର୍ମଶୀଳ ବିଚକ୍ଷଣ ।
ଘେନିଛି ତାହାଙ୍କ ହୃଦ ପବିରୁଁ କଠିଣ ।
ଏହା ଶୁଣି ଗୁଣୀମଣି । ମୁଖ ଢଳିଗଲା ରବିଅସ୍ତ-ପଦ୍ମ ଜାଣି । ୧୫ ।
ବଡ଼ କରି ପକାଇଲା ଗୋଟାଏ ନିଶ୍ୱାସ ।
ଢଳ ଢଳ ଲୁହେ ହେଲା ନୟନସାରସ ।
ଦେଖି ଏଜାତି ସ୍ଥିତିକି । ଆଶ ଭାବ ପ୍ରକାଶ ମୁଁ କଲଇଁ ଏତିକି । ୧୬ ।

---

୮—୧; ସଖୀଗଣ ଗୁଣ-କ, ଖ, ଚ; ସଖୀପଣ ପୁଣି ଦେଖା ଯାଉନାହିଁ କିଛି, ଘ; ୮—୨ ;-ପାଶେ ଥାଉଁ-ଟ, ଠ; ୮—୪ ଏ ଯୋଗ୍ୟ ଦଣ୍ଡ କି-କ, ଖ; ୯—୪-ଅନୁରୂପ-ଟ, ଠ; ୧୦—୧ ମହତ କି ଅଛି-କ, ଖ ଚ ଏ ଜଗତୀ-କ ଖ; ୧୨—୧ ଏପରି ବେଦନା-ଟ, ଠ; ୧୪—୧ ମହତ ମର୍ଯ୍ୟାଦା-ଗ, ଘ, ଚ, ଟ, ଠ; ୧୪—୨ ପବିରୁଁ କଠିନ-କ, ଚ, ଠ; ୧୫—୩ ଗୁଣମଣି-ଗ, ଘ, ଚ, ଟ, ଠ; ୧୬—୨ ଢଳହଳ-ଗ, ଘ, ଚ, ଟ, ଠ; ୧୬—୩ ଦେଖି ଏପରି-ଟ, ଠ;

ନାଗର ସାଗର-ଲୀଳାଲହରୀ ଗୋବିନ୍ଦ ।
ପ୍ରୀତିସ୍ଥିତ-ବିଚକ୍ଷଣ ନାମ ରସାନନ୍ଦ ।
ଦୀନବନ୍ଧୁ ଭାବଗ୍ରାହୀ । ଅନୁଗତଜନବଶ କୃପାସିନ୍ଧୁ ସେହି । ୧୭ ।
ଏହା ଶୁଣି ଗଣ୍ଡପାଳି-ରୋମାଳି ପୁଲକ ।
ମୁଖ ଶୋହେ ଉଷାକାଳ ପଙ୍କଜ ପ୍ରାୟେକ ।
କଣ୍ଟି ହୋଇଲା କପୋଳ । ଭ୍ରୂସନ୍ଧିକି ଲୁଚି ଲୁଚି ଯାଏ ବେନି ଡୋଳ । ୧୮ ।
ଏସନ୍ତ ଦେଖି ମୁଁ ପଚାରିଲି ବିମ୍ବୋଷ୍ଠୀଙ୍କି ।
ମନାଇବା ତାଙ୍କୁ ସୀଉକାର ହେବଟିକି ।
ଶୁଣି ମୁଖ କରି ନଞ । ବୋଲେ ଚୁମ୍ବସ୍ୱରେ ସବୁ ଭାଗ୍ୟକୁ ପ୍ରାପତ । ୧୯ ।
ତୁ କହିଲୁ ମାତ୍ର କେ କହନ୍ତା ଆଉ ପୁଣି ।
ମନକଥା କେ କାହାର ପାରଇ କି ଜାଣି ।
ଯା ଯା ଜାଣିଲ ଜାଣିଲ । କାହାକୁ କି କହୁଛୁ ତୁ, କେ ଏଥିକି ଭଲ । ୨୦ ।
ପ୍ରେମଶୀଳା ଲଜ୍ଜାବତୀ ଗାମ୍ଭୀର୍ଯ୍ୟନିପୁଣା ।
ଉକ୍ତଚାତୁର୍ଯ୍ୟରୁ ଧଇର୍ଯ୍ୟ ତା ଗଲା ଜଣା ।
ସବୁ କହିଲି ଚାମୁରେ । ବିଚାର ମନ ମମତା କେମନ୍ତ ଏଥିରେ । ୨୧ ।
ଚୁମ୍ବସ୍ୱରେ ହା ହା କହି ନେତ୍ର ମୁଦି ହରି ।
ଶ୍ୱାସ ତେଜି ଭାଷିଲେ ହା ବନ୍ଧୁ ମରି ମରି ।
ନେତ୍ର ନୀରେ ଜରଜର । ଛନ୍ଦେ ପଚାରିଲେ ପୁଣି କହ ତା ସୁନ୍ଦରୀ । ୨୨ ।
ଶୋଭା ଗୁଣ ଯଶ ଶୁଣି ହୋଇବି କୃତାର୍ଥ ।
ମୋ ପାପ ତାପ ନାଶନେ ସେ ମଦନତୀର୍ଥ ।
ଅର୍ଥ ପୁରୁଷାର୍ଥ ସେହି । ତା କଥା ବାହାରେ ମୋତେ ଆନ ଦିଶୁନାହିଁ । ୨୩ ।
ସେ ରାଧାଗୋବିନ୍ଦଭାବ ମନେ କରି ଧ୍ୟାନ ।
ଦୀନ ଅଭିମନ୍ୟୁ ସାରିବ କି ସବୁ ଦିନ ।
ଦିବ୍ୟ ସୂକ୍ଷ୍ମ ଅଳଙ୍କାର । ଏ ଛାନ୍ଦରେ କିଛି ଅଛି ସୁଜନେ ବିଚାର । ୨୪ ।
ଅନନ୍ୟମ ନିୟମ ଏ ଛାନ୍ଦ ବିରଚନା ।
ଆର ଛାନ୍ଦେ ଶୁଣିମ ହେ ସୁଷମା ବର୍ଣ୍ଣନା ।
ତୋଷ ହୋଇବେ ରସିକେ । ଗ୍ରାହକ ବିନା କି ଗମ୍ୟ ରସ ଅବିବେକେ । ୨୫ ।

---

୧୮—୪ ଭ୍ରୂସନ୍ଧିକି ଲୁଚି ଯାଏ ତାର ବେନି ଡୋଳ-କ, ଖ; ୧୯—୨ ମନାଇବି ତାଙ୍କୁ-ଟ, ଠ; ୨୦—୪ କାହାକୁ ତୁ କହୁଛୁ କି କେ ଏଥିକି ଭଲ-ଘ, ଚ; କାହାକୁ ତୁ କହୁଅଛୁ କେ ଏଥିକି ଭଲ-ଗ; ୨୨—୧ ହା ହା କରି-ଟ, ଠ; ୨୪—୧ ରାଧା ଗୋବିନ୍ଦଙ୍କ ଭାବ-ଟ, ଠ; ସେ ରାଧା ମାଧବ ଭାବ-କ, ଖ; ୨୫—୧ ଅନନ୍ୟମ ନିୟମେ-ଘ, ଟ, ଠ;

# ସପ୍ତବିଂଶ ଛାନ୍ଦ ।

## କୃଷ୍ଣଙ୍କ ଛାମୁରେ କିଶୋରୀ ଶୋଭା ଦୂତୀ କଥନ ।

ବ ପୂର୍ବାନୁପ୍ରାସ । ରାଗ—ରସକୋଇଲି ।

ବିରଜବନ୍ଧୁ ହେ ଚତୁର ଯାହା । ବିଶ୍ୱମଧ୍ୟରେ କେ କହିବ ତାହା ।
ବର୍ଣ୍ଣିବା ପାଇଁ କି ଯାଏ ଶୋଭା ଗୁଣ । ବିଶ୍ୱସୃଜକ ଚତୁରମୁଖ ଘଟଣ ସେ ।
ବାମଦେବ ପଞ୍ଚାନନ ଯେ ।
ବାହୁଲେୟ ଋତୁଆନନେ ଗାୟନ କରୁଛନ୍ତି ପ୍ରତିଦିନ ଯେ । ୧ ।
ବିଶେଷ ବଦନ ଶେଷ ହୋଇଲେ । ବିଶ୍ୱମୋହି ଗୁଣ ବର୍ଣ୍ଣିମା ଛଳେ ।
ବଦନେ କରୁଁ ହେଲା ଲାଳାନ୍ୱିତ । ବର୍ଦ୍ଧନେ ଲୋଭେ ଦ୍ୱିଜିହ୍ୱା ହେଲେ ତ ସେ ।
ବଶ ଶୋଭଗୁଣେ ହୋଇ ଯେ ।
ବିଧୁର ଚକ୍ଷୁଶ୍ରବ ହୋଇଗଲେ ସେ ସୁଖ ଆସ୍ୱାଦନ ପାଇ ଯେ । ୨ ।
ବିନାୟକ ବକ୍ରତୁଣ୍ଡ ହୋଇଲେ । ବିଭାତ ଲବ ବର୍ଣ୍ଣି ନପାରିଲେ ।
ବିଧୁର କବି ଏକଦୃଷ୍ଟି ହେଲେ । ବାଚସ୍ପତି ଗଣା ଗଣକେ ଗଲେ ସେ ।
ବିଶ୍ରମ୍ଭେ ସାରଦା ମନେ ଯେ ।
ବାଣୀ ସ୍ୱରୂପ ହେଲେ ନିନ୍ଦାବଚନ ପାଇ ଅଖିଳବଦନେ ଯେ । ୩ ।
ବହୁତରୂପ ଧଇଲେ ଗଉରୀ । ବଳି ନ ପାରି ସୁଷମାରେ ହାରି ।
ବିଧୁଶେଖର-ଶରୀରେ ଲୁଚିଲେ । ବହି ଧବଳଅଙ୍ଗୀ ଭାବିଗଲେ ସେ ।
ବ୍ରୀଡ଼ା ପାଇ ଅଷ୍ଟନିଧି ଯେ ।
ବନଜ ଦର ଆଧିରୂପ ଧରି ତ ରହିଲେ ପଦ ଆରାଧି ଯେ । ୪ ।
ବିଷ୍ଣୁ ପାଟରାଣୀ ସପତ୍ନୀ ଡରେ । ବାସକଲେ ଗୁଣୀମଣି ଅଙ୍ଗରେ ।
ବଡ଼ କେ ଆଉ ବ୍ରହ୍ମାଣ୍ଡ ମଣ୍ଡଳେ । ବିଲକ୍ଷ ହେବ ସେ ଶୋଭକୁ ତଳେ ସେ ।
ବାସବ ଦେଖି ଭାଳିଲେ ଯେ ।
ବିଜ୍ଞଜନଙ୍କର କ୍ରୋଧହିଁ ସେ ବର, ଗଉତମ ଭଲ କଲେ ଯେ । ୫ ।

---

୧—୪ ଘଟନ-ଚ, ଠ; ୨—୨ ବର୍ଣ୍ଣିବା ଛଳେ-କ, ଖ, ଗ, ଘ, ଚ, ଠ; ୨—୩ ବର୍ଣ୍ଣନ କରୁ ତ. ଚ, ଠ; ଲଜାନ୍ୱିତ-ଗ, ଚ; ୨—୪ ବର୍ଣ୍ଣନେ ଲୋଭେ-କ, ଖ, ଚ; ବର୍ଣ୍ଣନ ଠ; ୩—୨ ବିଭୂତି ଭାତ-କ, ଖ; ୩—୭ ଅଖିଳ ବଚନେ ଯେ-ଘ, ଚ, ଚ, ଠ; ୪—୪ ବହି ଧବଳ ଅଙ୍ଗ ଭାବିଗଲେ-ଗ, ଘ; ବହି ଧବଳଅଙ୍ଗେ ଭାବିଲେ-ଚ; ବହି ଧବଳ ଅଙ୍ଗୀ ଦ୍ରବିଗଲେ-କ.ଖ; ବହି ଧବଳ ଅଙ୍ଗ ଦ୍ରବିଗଲେ-ଚ, ଠ;

ବିଲକ୍ଷ ହେବାକୁ ନାହିଁତ ସ୍ଥାନ । ବୋଲିବାକ ପ୍ରତିବିମ୍ବ ସମାନ ।
ବିଚେଷ୍ଟା ପରଥନ୍ତେ ତ ବୋଲିବା । ବାତୁଳ ହେଲେ ବା ଭୁଲ କରିବା ସେ ।
ବର୍ଣ୍ଣି ବସିଲେ ତା ଗୁଣ ଯେ ।
ବାଇ-ବଦନେ ବ୍ୟାକରଣ ପଢ଼ିଲେ ହୁଅଇ କିସ ଲକ୍ଷଣ ଯେ । ୬ ।
ବିଶ୍ୱକାନ୍ତିସାର ପୀୟୂଷେ ଗୋଳି । ବିଧି ବନାଇଛି ଶୋଭପିତୁଳୀ ।
ବରଦୀପ୍ତି ଝାଙ୍ଗଣାରେ ଝାଳିଲି । ବିତନ ହେମ ଉଷାଣେ ଶାଣିଲି ସେ ।
ବିଗ୍ରହ ଲାବଣ୍ୟମୀରେ ଯେ ।
ବୁଡ଼ାଇ ଥୋଇ ଜୀବନ୍ୟାସ କରିଛି ପରା ମୋହନମନ୍ତ୍ରରେ । ୭ ।
ବତିଶଲକ୍ଷଣା ଗୁଣନିପୁଣା । ବିଶ୍ୱକେତୁ-କେଳିକଳା-ପ୍ରବୀଣା ।
ବିଧି ଅଷ୍ଟବିଂଶ ଅଳଙ୍କାରର । ବାସ ବିଚେଷ୍ଟା ବିଶେଷ ଭଙ୍ଗିର ।
ବିଶେଷ କୃପାନିଧାନୀ ଯେ ।
ବିରାଗୀ ପ୍ରେମ ବଇଭବ ଭଣ୍ଡାର ଶୋଭା-ପ୍ରଭା-ବରଧନୀ ଯେ । ୮ ।
ବିବେକୀ ଶାନ୍ତା ସୁଶୀଳା ଅଚଳା । ବିଶେଷ ମଦନଶାସ୍ତ୍ରକୁଶଳା ।
ବଡ଼ ତାର୍କିକୀ ସ୍ୱଜନବତ୍ସଳା । ବାରିନିଧିରୁ ଗମ୍ଭୀର ଛଇଳା ସେ ।
ବାଳା ସୁଧାସ୍ୱାଦୁ ଭାଷେ ଯେ ।
ବରପରସନ୍ଧାନନୀ ଆହ୍ଲାଦନୀ ମନ୍ଦଝଟକ-ସୁହାସୀ ଯେ । ୯ ।
ବସିଲେ କହି ତାହା ଗୁଣଲେଶ । ବୟସ ଶେଷର ହୋଇବ ଶେଷ ।
ବିଗତ ହୋଇଗଲେ ତନକାଳ । ବର୍ଣ୍ଣିବା ଭଳି କେ ବା ପାଦତଳ ସେ ।
ବୋଲୁଛି ଯେତେକ ମୁହିଁ ଯେ ।
ବୋଲନ୍ତି ସୁଧାକୁ ସ୍ୱାଦୁ ଯଥା ଜନେ ତଥା ଏ କଥାକୁ କହି ଯେ । ୧୦ ।
ବିରାଗୀକୂଟ-ମଉଳିମୁକୁଟ । ବ୍ରହ୍ମାଣ୍ଡଖଣ୍ଡର ସାର ପ୍ରକଟ ।
ବୋଲିବାକୁ ମୁଖ ଲଜ ପାଉଛି । ବର ଉପମାକୁ କରୁଛି ଛି ଛି ସେ ।
ବିରସବଦନ ଆଣି ଯେ ।
ବିଧୁ ବନଜ ଦର୍ପଣ ପଣ ପଣ ହେଲେ ପାରିବେକି ଆଣି ଯେ । ୧୧ ।
ଦାଳୀ ଚଳି ଗାଳି ଦେଲି ଭାଷାକୁ । ବୋଲିବା କି ସୁଧା ସ୍ୱାଦୁ ଲକ୍ଷକୁ ।
ବିକଳ କଳ ଭୁଲ ବୀଣାବାଣୀ । ବନ୍ଧୁହି କଲେ କି ପିକରେ ଗଣି ସେ ।
ବିରହ କାଳରେ ଅବା ଯେ ।
ବରବରନା ବରନକୁ ଉପମା କନକ ଚମ୍ପକ ଦେବା ଯେ । ୧୨ ।

---

୭ — ୩ବରଦୀପ୍ତ-ଝ, ଠ; ୯ — ୧ ବିବେକୀ ଶାନ୍ତ—ଘ, ଝ, ଠ; ବିଶେଷେ-କ, ଖ, ଗ, ଘ; ୯ — ୨ ବିଶେଷେ; କ, ଖ, ଗ, ଘ; ୯ — ୪ ବାରନିଧିରୁ-ଘ, ଚ; ଗମ୍ଭୀର-କ, ଖ; ୯ — ୫ ଦାଳୀ ସୁଧା ସ୍ୱାଦୁ ଭାଷି, କ, ୧୦ — ୨ ବୟସ ଶେଷରେ-ଝ, ଠ; ବିରାଗୀକୁଳ-ଗ, ଘ; ୧୨ — ୩ ବିକଳ କଲି ଭୁଲାବୀଣାବାଣୀ-ଠ ଅପ; ବିରାଗୀସାର-କ, ଖ;

ବିଭୂଷିତର ଭୂଷିତ ବିଗ୍ରହ । ବିଶେଷ ଅଳଙ୍କାର-ଅଳଙ୍କାର ।
ବିଚିତ୍ର ଲାବଣ୍ୟ ଜନମସ୍ଥଳ । ବାଞ୍ଛାନିଧି ଛବିଲତିକାମୂଳ ସେ ।
ବିଶ୍ୱକର୍ମା-ଗୁରୁ ଧର୍ମା ଯେ ।
ବର-ଉପମାମାନ-ଦାନକାରିଣୀ ଭଙ୍ଗୀଗୁଣକୃତାର୍ଥିନୀ ଯେ । ୧୩ ।
ବିଶ୍ୱପବନି ପ୍ରେମରସପାନୀ । ବିଧାତା ବିଧାନ ନତ କରନ୍ତି ।
ବିଜ୍ଞାନଙ୍କ ଦମ୍ଭବାସ କରୁଛି । ବ୍ରହ୍ମାଣ୍ଡ-ବିଜୟୀ ଶର ନାଗଛି ସେ ।
ବରଯୁବା ମୋହଫାନ୍ଦ ଯେ ।
ବିଲୋକନଜନ-ଆନନ୍ଦସାଗରବୃଦ୍ଧିକି ଶ୍ରୀମୁଖଚନ୍ଦ୍ର ଯେ । ୧୪ ।
ଚାରଣଗତ-ମୂର୍ଦ୍ଧା ପଦଦତ୍ତା । ବିନତା ସଙ୍ଗୀତନୀତପଣ୍ଡିତା ।
ବିଚକ୍ଷଣ ଯୁବା ମୋହପଦାର୍ଥ । ବିଶ୍ୱକେତୁ-ତାପପାପଲୁ ତୀର୍ଥ ସେ ।
ବୋଲିବା କି ପୁରୁଷାର୍ଥ ଯେ ।
ବଡ଼ କଠିଣ ଶ୍ଲୋକ ମୂର୍ଖମୁଖରେ ଯେମନ୍ତ ହୁଅଇ ଅର୍ଥ ଯେ । ୧୫ ।
ବିଶ୍ୱସୃକ କର ସାର୍ଥ ପାଇଁ କି । ବିକଳ୍ପ ଶ୍ରୀରାଧା ଚନ୍ଦ୍ରମୂର୍ତ୍ତିକି ।
ବିଶେଷ କାନ୍ତିସାର ସୁଧା ଗୋଳି । ବାର ବାର ଘୃଣି କରି ନିଭଳି ସେ ।
ବନାଏ ଆଗ ଅସାର ଯେ ।
ବିଗ୍ରହ ହାତବଳା କଲା ଯାହା ସେ ହେଲେ ଅପସରବାର ଯେ । ୧୬ ।
ବନାଇଲା ମଧ୍ୟଭଲାକି ପୁଣି । ବିଦ୍ୟ ଉମା ରତି ବରତରୁଣୀ ।
ବଡ଼ ସାର ଭଲ ଦ୍ୱିଭାଗ କଲା । ବିଚାନେ ରମାରୂପ ବନାଇଲା ସେ ।
ବିଗ୍ରହଣା ବସି କଲା ଯେ ।
ବିଚିତ୍ର ତନୁ-ତଳପା-ତଳ ତୁଳ ଭଳି ତ କେହି ନୋହିଲା ଯେ । ୧୭ ।
ବୃଥା ଶ୍ରମ ହେଲା ବିଗ୍ରହ ରାଗେ । ବେଗେ ଫିଙ୍ଗିଦେଲା ସକଳ ଦିଗେ ।
ବରୁଣାଳୟେ ରମା ଅପସର । ବନେ ରତି, ହିମାଳୟେ ଗଉରୀ ସେ ।
ବନା ରହିତ ଖଗକ ଯେ ।
ବିଧୁ ହେଲା କୁଶଦ୍ୱୀପେ ପଡ଼ି, କହି ବସିବା କେତେ ତା ଟେକ ଯେ । ୧୮ ।
ବ୍ରହ୍ମାହାତଧୂଆ ଜଳପତନେ । ବିଶ୍ୱ ମଧ୍ୟେ ଖ୍ୟାତ କେତେ ବିଧାନେ ।
ବୃକ୍ଷ ପକ୍ଷୀ ଜୀବ ଫୁଲ ପଟଳ । ବିଚିତ୍ର ମଞ୍ଜୁଳ ଲାବଣ୍ୟସ୍ଥଳ ସେ ।

---

୧୪—୩ ବିଜ୍ଞାନଙ୍କ=କ, ଖ, ଗ, ଘ, ଙ, ଠ, ୧୪—୪ ସାର ନାଗଛି-କ, ଖ, ଚ ୧୫—୧ ମୂର୍ଦ୍ଧାପଦଦାତା-ଙ, ଠ; ୧୫—୪ ପାପ ତାପ କୃତାର୍ଥ-ଙ, ଠ,-ଅପ; ୧୬—୨ ବିଦ୍ୟ ଉମା-ଜ, ଙ, ଠ; ୧୬—୩ ବଡ଼ ସାର ଭଲ ବିଭାଗ କଲା- ଚ, ଝ; ଭଲ ବିଭାଗ କଲା-କ, ଖ; ବଡ ସାରଭଲ ଦ୍ୱିଭାଗ କଲା-ଘ, ଙ, ଠ; ୧୬—୪ ବିଗ୍ରହଣ ବସି-ଠ; ୧୮—୨ ପଡ଼ି କରି କହିବା-ଙ, ଠ; ୧୯—୧ ଜଳଯୌତ-ଙ, ଠ; ୧୯—୨ ବିଶ୍ୱମଧ୍ୟେ ଜାତ-ଙ, ଠ; ୧୯—୪ ବିଚିତ୍ରମଣ୍ଡଳ ଜନମସ୍ଥଳ-କ, ଖ, ବିଚିତ୍ର ମଞ୍ଜୁଳ ଜନମ ସ୍ଥଳ-ଗ,

ବରାଙ୍ଗୀ ଉପମା ଭଲ ଯେ ।
ବିଧି ରଚନା କଳ୍ପନା ଆନ ନୋହେ, ଏଣୁ କର ମନେ କଳ ଯେ । ୧୯ ।
ବାଛି ଉପମାକୁ ବୋଇଲେ ଛି ଛି । ବଡ଼ ପୁରୁଷାର୍ଥ ତାକୁ ହୋଉଛି ।
ବିହିଥିଲୁ ଦେହ ଯହିଁ ପାଇଁ କି । ବିଶେଷ ଯୋଗ୍ୟ ତ ନୋହୁ ତହିଁକି ସେ ।
ବିଦ୍ୟୁ ସେ ଧନ୍ୟ ବୋଇଲେ ଯେ ।
ବସୁଧାବିଶୁଦ୍ଧା ଉପମା ଆରସେ ଛି ଛି ହେଲେହେଁ ତ କଲେ ଯେ । ୨୦ ।
ବରପତିବ୍ରତା-ଶିରମୁକୁଟ । ବନଜପଦ ଲୁଳିତ ଦୁର୍ଘଟ ।
ବିଷ୍ଣୁପତ୍ନୀ ତାରା ତାରା ଅହଲ୍ୟା । ବାଲୀ ଦ୍ରୌପଦୀ ମନ୍ଦୋଦରୀ ଲୀଳା ସେ ।
ବଲ୍ଲଭବ୍ରତୀ ବୋଲନ୍ତି ଯେ ।
ବିଶ୍ୱର ଏହା ନୀତ ଆତ୍ମନନ୍ଦନ କରୁଥିବେ ସେ ତ ନତ ଯେ । ୨୧ ।
ବଚନ ଦୂତୀର ଶୁଣି ଏମନ୍ତ । ବନମାଳୀ ହୃଦେ ବାଜିଲା କୁନ୍ତ ।
ବୋଇଲେ ସୁଧାରେ ସ୍ନାନ କରାଇ । ବଜ୍ର ପ୍ରହାରିଲୁ ମୁଣ୍ଡେ କି ପାଇଁ ଯେ ।
ବିଶେଷେ ଆଶାତରୁକୁ ଗୋ ।
ବଚନରଚନେ ବଢ଼ାଇ ବଢ଼ାଇ କାଟିଲୁ କିଆଁ ଯଶକୁ ଯେ । ୨୨ ।
ବୋଇଲା ଦୂତୀ, ହେ ନାଗରମଣି । ବଲ୍ଲବୀ-କୁଚ ମହୀଧର ଜାଣି ।
ବିଶ୍ୱକେତୁ-ଫୁଲଶର ନ ଭେଦେ । ବନିତା ଦମ୍ଭ ଅଛି ଏଣୁ ହୃଦେ ସେ ।
ବର ଉପାୟ ସଙ୍ଘଳ ହେ ।
ବାଳାମଣି ହୃଦପଥରକୁ ପାଣି କଲେ ହୋଇବ କୁଶଳ ଯେ । ୨୩ ।
ବ୍ୟଥା ଏ କଥାରେ କୃଷ୍ଣଙ୍କୁ ଦେଇ । ବିଦା ହୋଇ ଦୂତୀ ପୁରେ ଚଳଇ ।
ବରଜବାର ଆତୁରସାଗରେ । ବୁଦ୍ଧି ଉଚ୍ଛନ୍ନ ଲହରୀ ପ୍ରଖରେ ସେ ।
ବିଶେଷ ଭ୍ରମ ଭଉଁରୀ ଯେ ।
ବୁଡ଼ାଏ ଉଠାଏ ରାଘବ କୁମ୍ଭୀର ଭୀର ଦଶା ଉତ୍ସୃକାରୀ ଯେ । ୨୪ ।
ବ୍ରହ୍ମାଣ୍ଡେଶ୍ୱର ଯାହା ଅଂଶୁ ଜାତ । ବିବଶ ରସରେ ହେଲେ ଏମନ୍ତ ।
ବଢ଼େ ଦରଗଧ-ସୁନା-ପ୍ରୀତିବାନ । ବିଚିନ୍ତ୍ୟ ସ୍ୱଇଚ୍ଛା ପ୍ରୀତିସନ୍ଧାନ ସେ ।
ବିଶ୍ୱର ସାଧବେ ଯେନ ହେ ।
ବିଦର୍ଭହାସୀ ରାଧାକୃଷ୍ଣ ଭବନେ ଯାଉ ଅଭିମନ୍ୟୁ ଦିନ ହେ । ୨୫ ।

---

୨୦—୨ ଦେଉଛି-ଟ, ଠ, ୨୦—୪ ନୋହିଲୁ ତହିଁକି-ଟ, ଠ, ୨୦—୫ ବିଦୁଷେ ଧନ୍ୟ-ଟ,ଠ, ବିଦ୍ୟ ସେ, ଛ; ୨୧—୨ ଲଳିତ ଦୁର୍ଘଟ-କ, ଖ, ଟ, ଠ; ୨୩—୨ ବଲ୍ଲଭୀ-କ, ଟ, ଠ, ଜାଣି-ଟ, ଠ, ୨୩—୪ ବଳି ତା ଦମ୍ଭ-ଗ, ଘ, ଚ; ୨୩—୫ ବର ଉପାୟ ସମ୍ଭାଳ-କ, ଖ, ଉପାୟ ଶଙ୍କିଲେ-ଟ, ଠ, (ଅପ) ୨୪—୩ ବରଜବର,ଘ, ଚ, ଟ, ଠ, ୨୪—୪ ବୁଡ଼ି ଉତ୍ସନ୍ନ ଲହରୀ ପ୍ରଖରେ- ଛ, ଝ, ପାଠ ମଧ୍ୟ ସମୀଚୀନ ୨୪—୫ ବିଷମ ଭ୍ରମ ଭଉଁରୀ ଗ; ବିଶେଷେ ଭ୍ରମ-ଘ, ଝ, ଟ. ଠ; ୨୪—୬ ଭୀରୁ ଦଶା-କ, ଖ; ଭବ-ଠ, ଭର-ଗ, ଘ, ଚ, ଟ; ଉତ୍ସୃ କର ଟ, ଠ; ୨୫—୩ ପ୍ରୀତିମୀନ-ଠ; ଅପ;

ଶ୍ରୀ ପଦେ ଲକ୍ଷ୍ମୀ ସର୍ଜିବ । ଶ୍ରୀପଦ ସବୁ ଅର୍ଜିବ ।
ଶ୍ରୀମୁଖ ଅନାଇଁ ମୁହୂର୍ତ୍ତେ କପାଇଁ ଗରୁଡ଼ସ୍ଥିତ ବର୍ଜିବ । ୧୨ ।
ସେବା ସ୍ନେହ ବଢ଼ାଇବ । ଶେଜଶୁଆ ଛଡ଼ାଇବ ।
ସେ କୋମଳାଙ୍ଗୀଙ୍କ ଆନନ୍ଦଦାୟୀକି ସ୍ତବରେ ପହୁଡ଼ାଇବ । ୧୩ ।
ସାଉଳାଷ ନ ଏଡ଼ିବ । ଶାଢ଼ୀ ପଣନ୍ତ ଜଡ଼ିବ ।
ସାହିତ୍ୟପଠନୀ ଗହଣଖଟଣି ଶୁଇ ପ୍ରାନ୍ତ ନ ଛାଡ଼ିବ । ୧୪ ।
ସୁଲକ୍ଷଣାକୁ ସ୍ପୃହିଁବ । ଶୁଭ ଆଉ କ କହିବ ।
ସୁର ଆଚରଣ ପଣକୁ ସେ କ୍ଷଣ ଲକ୍ଷଣ ଦାନ ବହିବ । ୧୫ ।
ସରାଗେ କୋଳ ରଞ୍ଜିବ । ସବୁ ସମ୍ପତ୍ତି ସଞ୍ଚିବ ।
ସରତ ସାଗର ଅଭେଦ ହେବାର କଉଁ ଅଧିକ ପାଞ୍ଚିବ । ୧୬ ।
ଶରୀର ସାର୍ଥ କରିବ । ସର୍ପବନ୍ଧ ଆଚରିବ ।
ସକମ୍ପ ଶ୍ରୀମୁଖେ ସ୍ତୁତି ଛାଡ଼ ଦୁଃଖେ ବୋଇଲେ କିସ କରିବ । ୧୭ ।
ସତ୍ୟ ଆଣ କରାଇବ । ସର୍ଜ୍ଜି ଖେଳେ ହରାଇବ ।
ସନାଦକଙ୍କିଣୀ କଟିତଟେ ପୁଣି ଜୀବ ଥିବ ଭରାଇବ । ୧୮ ।
ସୁମତିକି ଛଳାଇବ । ଶୁଝିବାକୁ ବଳାଇବ ।
ମୁକ୍ତୀନ-ବସନା ବୋଲିବେ ସତେ ନା ବୁଣୀ ହେବୁ ଚଳାଇବ । ୧୯ ।
ସୁମତି-କର ଧରିବ । ଶୁଣ କଙ୍କିଣୀ, ଡରିବ ।
ଶୁଣି ମୋହୋ ଭାଷା ବଳା ଖଣ୍ଡିଁ ଯୋଷା ଚରଣ ଧରି ବାରିବ । ୨୦ ।
ସୁବେଣୀ ନାଟ ଦେଖିବ । ସୁମେରୁ ପଦ୍ମେ ରଖିବ ।
ସୁମତି ମୋ ବାଣୀ ଶୁଣି ନାସାମଣି ନଚାଇବ ପରଖିବ । ୨୧ ।
ସପତ ମୋର ଭାଷିବ । ସପ୍ତଦ୍ୱିବନ୍ଧୁ ତୋଷିବ ।
ସପ୍ତକମ୍ପନାଦ ଶୁଣି ମୁଁ ଆନନ୍ଦ-ରସ-ସାଗରେ ଭାସିବ । ୨୨ ।
ସେ ଅନ୍ତେ ବାସ ହରିବ । ସ୍ନେହରସ ବର୍ଷିବ ।
ସେ ବ୍ୟାଜରୋଦନେ ଆନନଧୂନନେ ଆନ ଦେଲେ କି କରିବ । ୨୩ ।
ସାରଣା ଆଗ କରିବ । ଶାଢ଼ୀଦେବା ଆଚରିବ ।
ଶାତକୁମ୍ଭଗୋର ବୋଲ ସତ୍ୟ କରି କାମନାକୁ ନ ବାରିବ । ୨୪ ।
ସବଜନ୍ମ ମୁଁ ହୋଇବ । ସତ୍ୟ ଏତେ କରାଇବ ।
ଶଶିକିରଣରେ ତୃଣ୍ତିପ୍ରାଙ୍ଗଣରେ ବିପରୀତ ମଙ୍ଗାଇବ । ୨୫ ।
ସୁମନେ ବେଶ ସାଜିବ । ସୁ-ମକର ସରଜିବ ।
ସୁପନ୍ଥାବଳୀକି ଲେଖନେ ବାଳୀକି ମନାଇଁ ନଖ ମାଜିବ । ୨୬ ।

---

୧୨ — ୨ ଲକ୍ଷ୍ମୀ ରଞ୍ଜିବ-ଟ, ଠ; ୧୪ — ୧ ସ୍ୱାଉଳାଷ-ଟ, ଠ, ୨୦ — ୨ ଶୁଣି କଙ୍କିଣୀ ଘ, ଢ, ଟ, ଠ; ୨୨ — ୨ ସପ୍ତ ନ ବନ୍ଧୁ-କ, ଖ, ଟ, ଠ, ୨୫-୩ ବିପରୀତ ମଣାଇବ-କ, ଖ, ଗ, ଘ, ଚ;

ସୁଗ୍ରୀଷ୍ମ ଦେଖି ଡ଼ରିବ । ସୁମନା ମନ ହରିବ ।
ସୁମନ-ବନରେ ଜଳଯନ୍ତ୍ରପୁରେ ବସି ଦିନକୁ ସାରିବ । ୨୭ ।
ଶ୍ରୀଖଣ୍ଡ ସ୍ତନେ ଲେପିବ । ଶ୍ରୀଉର ଉରେ ସ୍ଥାପିବ ।
ଶ୍ରୀଅଙ୍ଗ ଶୀତଳ ପାଇଁ ଗ୍ରୀଷ୍ମକାଳ ତାପେ ଆଉ ନ ତାପିବ । ୨୮ ।
ଶ୍ୟାମ ମତ ବଢ଼ାଇବ । ସାମୁଦ୍ରିକ ପଢ଼ାଇବ ।
ସାର ଏ ବରଷା ବୋଲି ରସାଳସା ବାହୁ କଣ୍ଠେ ବେଢ଼ାଇବ । ୨୯ ।
ଶରଦ ଚନ୍ଦ୍ରଁ ଦେଖିବ । ସରୋଜାକ୍ଷୀକି ଲେଖିବ ।
ସତ୍ରୁଟି ମୁଁ ଭୂରେ ତୁ ପର ପ୍ରଭୁରେ ମୋ ଜୀବ କେହ୍ନେ ରଖିବ । ୩୦ ।
ସ୍ନେହେ ତାକୁ ଦ୍ରବାଇବ । ସେହିକ୍ଷଣି ଅଣାଇବ ।
ସେ ସଙ୍ଗୀତ ରଙ୍ଗ କରିବ, ଅନଙ୍ଗ ମୁଖେ କାଳି ଲଗାଇବ । ୩୧ ।
ଶୀତଳ ଋତୁ ପାଇବ । ଶିବାରିକି କମ୍ପାଇବ ।
ସ୍ମିତହାସେ ଠାରି ଦେବ ଏ ଶର୍ବରୀ ବନ୍ଧୁ ହିତ ଜଣାଇବ । ୩୨ ।
ସିହାଣୀ ପାଦେ ଖଟିବ । ଶୀତ କଳ୍ପ ତ ବଟିବ ।
ଶୀଘ୍ରରେ ପଣନ୍ତ ଘୋଡାଇଲେ ମୁଁ ତ ଶିଶିର ଭସ୍ମ କାଟିବ । ୩୩ ।
ସାର ଋତୁକୁ ଗୃହିଁବ । ସାରଙ୍ଗୀ କରେ ବାଇବ ।
ସାର ପିକମାନ କରି ଗୀତ ଗାନ ମୋ ସଣ ଦେଇ କହିବ । ୩୪ ।
ସୁମତି କର ଧରିବ । ସୁମନା ତୋଳା ବାରିବ ।
ସୁମନା ଏ ସ୍ମିତ କଲେ ଦାସ ଶତ କସ ଆଉ, ପଗୃରିବ । ୩୫ ।
ସେ ଭଜେ ଭ୍ରମୁଁ ଗୃହିଁବ । ସେବକପଣ ବହିବ ।
ଶେଷାଞ୍ଚଳ ଧରି ଶ୍ରମ ସ୍ୱେଦ ବାରିବାର ଭାଗ୍ୟ କି କହିବ । ୩୬ ।
ଶେଯହିଁ ସଜଡାଇବ । ସେବତୀକି ପଢ଼ାଇବ ।
ସେ ତ ସୁକୁମାରୀ ବାଧିବାକୁ ଡରି ବୃନ୍ତ ଯତ୍ନେ ଛୁଣ୍ଡାଇବ । ୩୭ ।
ସୁମନେ ପଙ୍ଖା ରଞ୍ଚିବ । ସୁମରୁଁ ଧନେ ବଞ୍ଚିବ ।
ସୁମତି ତା ଜାଣି ମାଗିଲେ ତ ପୁଣି କଉଁ ବ୍ୟାଜ ବିରଞ୍ଚିବ । ୩୮ ।
ସୁମନା ମନା ବାରିବ । ସୁଶୀଳା କର ଧରିବ ।
ସୁକାନ୍ତ ଏ ଦେହ କାହାର ନ କହ, ଏହି ବଚନେ ତରିବ । ୩୯ ।
ଶତଦଳ ଛୁଣ୍ଡାଇବ । ସହୀ ସୁଖ ଅନାଇବ ।
ସଦା ପ୍ରସନ୍ନତା ଥିବ ନା ବନତା ବୋଇଲେ ଲାଜ ପାଇବ । ୪୦ ।

---

୨୮—୧ ସ୍ତନେ ଲେଖିବ—ଗ, ଘ, ଚ; ୨୮—୨ ଶ୍ରୀ ଉରେ ଉର ସ୍ଥାପିବ-ଗ, ଘ, ଚ; ୩୨—୧ ଶିଶିର ଋତୁ-ଗ, ଘ, ଚ; ୩୩—୧ କଲ୍ପତ କଟିବ-କ, ଖ; ୩୩-୨ ଭସ୍ମ କାଟିବ—ଗ, ଘ, ଚ; ୩୫—୩ ସୁମତି ଏ ସ୍ମିତ-କ, ଖ, ଟ, ଠ; ୩୭—୩ ଯତ୍ନେ ଛନାଇବ-ଘ; ଛଡାଇବ-ଚ, ଟ; ୪୦—୧ ଛନାଇବ-ଘ, ଚ, ଟ, ଠ;

ସେ କ୍ଷଣି ପାଦ ଧରିବ । ସେ ଚଳିଲେ ନ ଡରିବ ।
ସେବକର ଦୋଷ କ୍ଷମା ହେଲା ଭୂପ, କିବ ଦୋଷୀ ଉଚାରିବ । ୪୧ ।
ସତେ ମୁଁ କିଡ଼ ପାଇବ । ଶଶିରୁ ସୁଧା ପିଇବ ।
ସ୍ୱପନ ସମ୍ପତ୍ତି ଭୋଗକୁ ପ୍ରାପତ ହେବ ପ୍ରତେ ଜନ୍ମାଇବ । ୪୨ ।
ସାର ଯଶ ରଖାଇବ । ସାଧୁ ସୁଖ ବଢ଼ାଇବ ।
ସାମନ୍ତସିଂହାର ବୋଲେ ଦାମୋଦର ରାଧା ତୁଲେ ମିଳାଇବ । ୪୩ ।

---

## ଊନତ୍ରିଂଶ ଛାନ୍ଦ ।

---

## ଶ୍ରୀକୃଷ୍ଣରୂପ ଭାବନ ।

---

ଅବନା ନୃତ୍ୟମ । ରାଗ—କାଳୀ ।

ସଜ୍ଜନଗଣ କର ଶ୍ରବଣ ନନ୍ଦନନ୍ଦନ ଅଙ୍ଗ ।
ବ୍ରଜକଳଜ ମଦନଶସ୍ତ୍ର ବିଚ୍ଛିନ୍ନ ଭକ୍ତ ରଙ୍ଗ । ୧ ।
ସଜଳ—ନବଘନ—ସମ୍ବୃତ-ବରନ ବରଯତ୍ନ ।
କୃଷ୍ଣ-କମଳ-ପ୍ରଚ୍ଛଳଦଳ ମରକତଗଞ୍ଜନ । ୨ ।
ରମ୍ୟ କଜ୍ଜଳବର ଉଜ୍ଜ୍ୱଳ ତମସଚମ୍ବୃ ଜମ୍ବୃ ।
ଭ୍ରମର ସଞ୍ଚ ମସ୍ତକ-କଚ-ବନ୍ଧନ ସ୍ମର-ଭମ୍ବୃ । ୩ ।
ବରହବର ମଣ୍ଡନ କ-ର ନବପଲ୍ଲବ ସଙ୍ଗ ।
ଅର୍ଦ୍ଧଚନ୍ଦ୍ରକ କମଳସ୍ରକ ବନ୍ଧନ ଛନ୍ଦରଙ୍ଗ । ୪ ।
ରହିଂସଯତ ମକରବତ ଶ୍ରବଣ ଅବତଂସ ।
ରମ୍ୟ ଅଞ୍ଜନ ଅକ୍ଷରଞ୍ଜନ କରଇ ମନ ଦଶ । ୫ ।
ମଦନ ମନ ଅନ୍ଧ ବନ୍ଧନ ପରତକ୍ଷ ଲପନ ।
କଳଙ୍କହତ ଚନ୍ଦ୍ର ମହତ କରଇତ ଦଳନ । ୬ ।
କଜ୍ଜଳବର୍ଣ୍ଣି ପଙ୍କଜଯତ୍ନ ଘଟକ ଅଘଟନ ।
ମର୍କତ ଦରପଣର ବରପଣ ତ ଅଯତନ । ୭ ।
ପବନବହ ସର ସଂଗ୍ରହ ସହ ଅଶ୍ରୁବଫଳ ।
ଚନ୍ଦ୍ରର ଖଣ୍ଡ ପ୍ରଚ୍ଛଳ ଗଣ୍ଡ ଦର୍ପକ-ଦର୍ପସ୍ଥଳ । ୮ ।

---

୪୧—୩ ଦୋଷୀ ବିଗୁରିବ-ଗ, ଘ, ଚ; ଟ, ଠ, ଅପ; ୨—୧ ସମ୍ବୃତ ବର ନବ-ରଞ୍ଜନ ଟ, ଠ; ଅପ; ୩-୨ ଭ୍ରମର ସ୍ୱଚ୍ଛ-ଟ,ଠ; ବର୍ଦ୍ଧନ ସ୍ମର ଭମ୍ବୃ-କ, ଖ, ଟ, ଠ; ୬—୧ ଚନ୍ଦ୍ର ଯତନ-କ, ଟ, ଠ;

ଚିଲ୍ଲବରଙ୍ଗ ଅଧର ଭଙ୍ଗ କରଇ ପରତକ୍ଷ ।
ମନ୍ଦ ସରସ ଝିଟିକ ହସ ଅମୃତ ତ ଅଲକ୍ଷ । ୯ ।
କଣ୍ଠ ତ ଦର ମହ୍ୱତହ୍ୱର କଳରବଗଞ୍ଜନ ।
ପଦ୍ମକଦମ୍ବ ରତନ ଦମ୍ଭହରକ ସ୍ରକଯତ୍ନ । ୧୦ ।
ଉର ମର୍କତ ଅରର ବତ ଅଲକ୍ଷ ତ ଲକ୍ଷଣ ।
ଗଜ ପ୍ରମତ୍ତ କର ସଂଯତ ହସ୍ତଦଣ୍ଡ ଘଟଣ । ୧୧ ।
ପଚ୍ଛଙ୍ଗଭୃତ ରଙ୍ଗ ବ୍ୟକତ କରପଣ ପ୍ରକଟ ।
ମଧ୍ୟର ସମ ବଜ୍ର ଉପମ ଏଣଇନ୍ଦ୍ର ଅଘଟ । ୧୨ ।
ଉଦର ସତ ପଣର ଶତପଣ ମହ୍ୱତହ୍ୱର ।
ବରଚରମ ଫଳକ-ରମ୍ୟ-ଗରବ-ଖର୍ବକର । ୧୩ ।
କନକ-ଯନ୍ତ୍ର ଜମ୍ବୁବସନ ସନକଦମ୍ଭହର ।
ମଧ୍ୟ-ମଣ୍ଡନସ୍ଥନ ମଦନ-ମନଧନଚଉର । ୧୪ ।
ଘନଜଘନ ମଲ୍ଲମଞ୍ଜନ-ସ୍ତମ୍ଭ-ଦମ୍ଭ-ତସ୍କର ।
ତଳର ଜଙ୍ଘ ଖଡ୍ଗଶୃଙ୍ଗ ଗଜବନ୍ଧନ କର । ୧୫ ।
ଚରଣତଳ ରଙ୍ଗକମଳ-ମଦ-ମର୍ଦ୍ଦନକର ।
ପଦର ବନ୍ଧଛନ୍ଦନ ଶନ୍ଧମନଆକର୍ଷଭର । ୧୬ ।
ବନ୍ଧ ମଧ୍ୟର କଣ୍ଠ-କରର ଶଙ୍କର ଦମ୍ଭହର ।
ନଟବର ତ ବଲ୍ଲଭବ୍ରତ ମମ ମନର ହର । ୧୭ ।
ଜଗତଜନର ସଦ୍ରବ କର ବଂଶଯନ୍ତ୍ରଧର ।
ଦମ୍ଭଭଞ୍ଜନ ମନମଞ୍ଜନ ଶ୍ରବଣ ଜନଙ୍କର । ୧୮ ।
ପଅର ତରଳଇ ତ ସ୍ୱର ସ୍ପରଶ ପ୍ରଚରଣ ।
ମରଣଗଛ ପଲ୍ଲବ ସ୍ୱଚ୍ଛ ବସନ ତ ସ୍ଖଳନ । ୧୯ ।
ଚନ୍ଦ୍ର ତପନ ଜଳ ପବନ ପତଙ୍ଗ ସ୍ତମ୍ଭକର ।
ମମ ଧଇର୍ଯ୍ୟ ମନ ମନଜ ହୃତକର ମନ୍ତର । ୨୦ ।
ସଙ୍ଗ ସଂଘଟ ଇଚ୍ଛଇ ଘଟ ଘଟକ କମଳଜ ।
କର ସଂଘଟ ବରଲକ୍ଷ୍ମୀଟ ଅକ୍ଷମନର ଭଞ୍ଜ । ୨୧ ।
ଜମ୍ବୁ ଶଙ୍କର ବର ଶଙ୍କର ଦଉ ସଙ୍ଗତ କର ।
ବଲ୍ଲଭ-ପଦ-ସ୍ପର୍ଶ ସମ୍ପଦ ବର ଅମରଙ୍କର । ୨୦ ।

---

୧୨-୧ ପଡଙ୍ଗବଢ-କ, ଖ; ୧୩-୧ ଶତଜନ ମହ୍ୱତହ୍ୱର-ଗ, ଘ, ୧୪-୨ ମଦ ମଦନ-କ,ଖ; ୧୫-୧ ମଲ୍ଲ ମର୍ଦ୍ଦନ-ଙ,ଚ; ୧୯-୧ ସରସ ପ୍ରଚରଣ-ଙ,ଚ, ୨୦-୧ ଜଳ-ବନ୍ଧନ-ଗ,ଘ,ଚ; ୨୦-୨ ଅବଜାନନ୍ଦମରେ 'ହିତକର' ହବାଉଚତ । ୨୨-୨ ଅମର-କର—କ, ଖ, ଙ, ଚ;

ମନ କଲ୍ପଇ ବଚ ଜଳ୍ପଇ ସତତ ଧରଧର ।
ଅସମ ଛନ୍ଦ ଅକ୍ଷର ଧନ୍ଦ ଶ୍ରବଣ ଜନଙ୍କର । ୧୩ ।
ନନ୍ଦନନ୍ଦନ ଜଗବନ୍ଦନ ପଦଦ୍ୱନ୍ଦ୍ୱ ଯତନ ।
ମନ ହନ୍ତିତ ସ୍ମୂରଣଚନ୍ତ ଶଙ୍କଜସ୍ଯୁନନ୍ଦନ । ୧୪ ।

## ତ୍ରିଂଶ ଛାନ୍ଦ ।

## ଯୁଗଳ ସ୍ୱପ୍ନ ଦର୍ଶନ ।

ରାଗ- ଚୋଖି ।

ଏ ଉତ୍ତାରୁ ସୁବିଦୁଷ ସାବଧାନେ ଘେନ ରସ
ନିଶିମୁଖ ଆଗମନ ଦିବସ ଶେଷ ।
ବାରୁଣୀବିଳାସୀ ରବି ପୂର୍ବେ ଉଦେ ଶଶିଛବି ।
ରଙ୍ଗିମା ଶୁକ୍ଳିମା ମନୋହର ପ୍ରକାଶ ।
ସହଜରେ ଶରଦକାଳ । ଋତୁମୁଖ ଜାତ ତଥି ନିଶିମଞ୍ଜୁଳ । ୧ ।
ବିଗ୍ଭରି କି ଉଦ୍ଯୋନ ସୁଧା ଅନୁରାଗ ଘେନ ।
ବିଶ୍ୱତୁଳନାରେ ତୁଳି କଳନା କରେ
ଉଚ୍ଛ୍ୱାସ ଭାଗ ଉଠିଲା ଗରୁଆ ତଳକୁ ଗଲା ।
ଉଚ୍ଚ ନୀଚ ନୀଚ ଉଚ୍ଚ ଜଣା ଦିଧିରେ ।
ସୁଧା ଅନୁରାଗ ସଙ୍ଗତେ । ସର କର ବୋଲି ପାରିବ କେ କେମନ୍ତେ । ୨ ।
ତାତସିଦ୍ଧିକି ବଳିବ, ବିଗ୍ଭରି କି କାମଦେବ
ମାଣିକ୍ୟ ହୀର ରଥାଙ୍ଗ ପେଣ୍ଡିଦେଇଛନ୍ତି ।
ବିଯୋଗୀ ସୁଖ ଦୁଖଦ ସଂଯୋଗୀ ସୁଖ ଦୁଖଦ
ପରସ୍ପରେ ବିରୋଧାଭାସକୁ କରୁଛନ୍ତି ।
ତମ ନାଶନେ ତ ପ୍ରଦ୍ୟୋତ । ତମେ ପଣେ, ତମ୍ଭୁଁ ଆସେ, ଏକ ସଂଯୋଗ ।୩।
ଦନ୍ତଦନ୍ତ ସମୁଦ୍ଗକ ପ୍ରବାଳ ଢାଙ୍କୁଣି ଟେକ
ଦିଗବଣିକ କି ଫେଣ୍ଡ଼ ଭିନ୍ନେ ଥୋଇଛନ୍ତି ।
ତାର ତାର ତାର ମୋତି, ଗୋଟି ଗୋଟିକେ ଗଣନ୍ତି
କରୁଛନ୍ତି ପରା ଅମ୍ବରେ ପ୍ରତେ ହେଉଛନ୍ତି ।
ସ୍ଥାନସ୍ଥିତ ନିଳେନ୍ଦ୍ରମଣି । ଗୋଟିକେ କିଭ୍ରମ ଭାଲେ କି ହେବ ଗଣି । ୪ ।

---

୧୩ — ୧ ମନ ଚମ୍ପଇ-ଝ, ଠ; ୧ — ୪ ମନୋହର ବିକାଶ-ଝ, ଠ; ୧ — ୭ ତଥି ଶଶି ମଞ୍ଜୁଳ-କ, ଖ; ଅତିମଞ୍ଜୁଳ-ଘ, ନିଶିମଞ୍ଜୁଳ-ଝ, ଠ; ୧ — ୭ ପାରିବ କେଜଗତେ-ଗ, ଘ, ଚ, ୩ — ୭ ତମନାଶ ନେତ୍ର ପ୍ରଦ୍ୟୋତ-ଗ, ଝ, ଠ, ୪ — ୭ ପ୍ରବାଳ ଢାଙ୍କୁଣି ଏକ—କ, ଖ, ଠ; ୪ — ୭ ବିଭ୍ରମ ଭାଲେ-ଘ, ଚ; ବିଭ୍ରମେଭାଲେ—ଗ, ଝ, ଠ;

ଘନକୁ କଲେ ବିନାଶ    ବାରୁଣୀରେ ହେଲେ ବଶ ।
ଦ୍ୟୁମଣି ଦ୍ୱିଦୋଷ ହେତେ ହିନ୍ଦୁ ମଜ୍ଜନ ।
ଘନତାପ ବିନାଶନ    ତମସକୁଳ ଖଣ୍ଡନ
ପୁଣ୍ୟରୁ ମାନ ପାଇଲେ ବିଧୁ ବନ୍ଦନ ।
କର କୀର୍ତ୍ତି ଘୋଷିଲା ମହୀ । ରଜତ ସୃଷ୍ଟିସର୍ଜକ ହେଲା କି ବନ୍ଦ । ୫ ।
ଶିବାଙ୍କୁ ହୋଇଲେ ଭୀମ    ଅଛନ୍ତ ଜାହାନ୍ତ ଭ୍ରମ,
ଭୀମ ଗଙ୍ଗାଙ୍କୁ ଲୋଡ଼ିଲେ ଜଟା ଫିଟାଇ ।
କୁସୁମବତୀ ବ୍ରତତୀ    ଅଦୃଷ୍ଟରଜାର ସ୍ଥିତ.
ମୋଦହାରବନ୍ତୀ ମତ ଚନ୍ଦ୍ରାକୁ ପାଇ ।
ଭ୍ରମରେ ଭ୍ରମରେ ଭ୍ରମନ୍ତି । ମଧୁପ ପରାଗ୍ୟେ କୁମୁଦିନୀ ଲୋଡ଼ନ୍ତି । ୬ ।
ଏ କାଳକୁ ଅନୁଲକ୍ଷି    ଦୁଖୀ ସଖୀ ହୋଇ ସୁଖୀ
ସ୍ନେହେ ଧନୀ ପାଶେ ମିଳି କହିଲେ ଛଳି ।
ହେ କଳାନିଧିଆଶାସ୍ତ୍ରୀ    ଏ କଳାନିଧି ଦିଶଇ,
ବର-ବରଦ ସକାଶୁଁ ପୂଜନ୍ତି ବାଳୀ ।
ତୋରୁଁ ମୁଖ ସ୍ୱୀକାର ଜାଣି । ସେବା ବ୍ୟାଜେ ବଳେ ବେଶ କଲେ ମିତଣୀ । ୭ ।
ଶ୍ରୀବୃଷଭାନୁ-ଆତ୍ମଜା    ବିଧିପୂର୍ବେ କର ପୂଜା
ପ୍ରେମ ମର୍ମ ଭ୍ରମେ କଲେ ବିନତି ସ୍ତୁତି ।
ଜୟ ପ୍ରଭୁ ରାମଚନ୍ଦ୍ର    ସଲକ୍ଷଣ ଗୁଣେ ସାନ୍ଦ୍ର
ସକଳମଣ୍ଡନ ସଦା ଅନନ୍ତ ଗତି ।
ତମତାପହା ଶୁଚିକର । ବାଳୀ ନାମରେ ମାଧବ ଭ୍ରମ ନ କର । ୮ ।
ଜୟ ଜୟ କଳାନିଧି    ଅମୃତକର ପ୍ରସିଦ୍ଧି
ସଦାଶିବ ଶିରୋଧାର୍ଯ୍ୟ ଉଜ୍ଜ୍ୱଳ ମୂର୍ତ୍ତି ।
ସୁନ୍ଦର ସୁଲକ୍ଷ ବକ୍ଷ    ସୁରସୁଖୋଦୟେ ଦକ୍ଷ
ଘନତାପ ବିନାଶନ ବିରାଜପତି ।
ବିଧୁ ବର ଆହ୍ଲାଦ କର । କମଳିନୀ ନାମେ ଭ୍ରମ ହେବା ଅସାର । ୯ ।
ହରକ ବିଗ୍ରହ ହରି    କର ବିପକ୍ଷଗଣେ ଡ଼ର
ବାହୁ କମ୍ପିତ ଘୋଡ଼ାଇ ଦେଲେ ଉରଜ ।
ଏ ବିଭ୍ରମ ଦେଖି ସଖୀ    ହସ ଭାବ ମନେ ରଖି
ସୁଧାଚନ୍ଦ୍ରରେ ସତ୍ୱରେ ଶୋୟାଇ ଶେଯ ।
ପହୁଡ଼ାଇ ଦେଲେ ଧନୀକ । ଅମୃତକର ପ୍ରଖତ ଆଣି ମସ୍ତକ । ୧୦ ।

୫—୨ ଦ୍ୱିଦୋଷ ହେତୁ-କ, ଖ, ଝ, ଠ; ୫—୪ ମାନ୍ୟ ପାଇଲେ-କ, ଖ, ଗ, ଛ; ୫—୬ ସୃଷ୍ଟି ସର୍ଜନକର୍ତ୍ତା-ଝ, ଠ; ୭—୧ ଝ,ଠ,ର ପାଠ ଅଯୁକ୍ତ; ୯—୩ ସୁର ସୁଖଦ ଏ-ଝ, ଠ, ୯—୪ ବିରାଜଗତି-କ, ଖ, ଘ, ଚ, ଜ; କୈରବପତି-ଝ, ଠ, ( ଅପ ) ୧୦—୬ କର ମସ୍ତକ-ଝ, ଠ;

ତେଣେ ରସିକଶେଖର        ମନ୍ତ୍ରି ଗୃହେମା କାତର
ବିଧୂରେ ବିଧୁରେ ଗୃହେଁ ଭ୍ରମେ କଥିତ ।
ନାମ ଗୁଣ ଚିହ୍ନ ଅଛୁ        ମିଳି ହାନି ନକ ଉଛି
ମମ ଲୋଭସ୍ଥଳେ ନାମ ଭ୍ରମ କି ଜାତ ।
ଜ୍ୟୋତିଧର ନାମହିଁ ସତ । ବିସ୍ମର କର କେ ରବି କେହ୍ନୁ ଖଦ୍ୟୋତ । ୧୧ ।
ହାବ ଭାବ ବଚ ରଙ୍ଗ        ଧମିଲ୍ଲ ନମ୍ର ପ୍ରସଙ୍ଗ
ପରସ୍ପରେ ନାଗର ନାଗରୀ ସ୍ମରଣେ ।
ଉଚ୍ଚରେ ଭାଷା କେ ବର୍ଣ୍ଣେ        ସ୍ୱରଭଙ୍ଗ ଅତଶୀର୍ଣ୍ଣେ
ତେବେହେଁ ଭାବ ଭାବନା ଥାଇ କାରଣେ ।
ଦୂପୂର୍ବାଦ ଶବଦ ଶୁଣି । ଦୁଷ୍ଟ ଅଇଲା କି ଭ୍ରମେ ହୃଅନ୍ତ ଗୁଣି । ୧୨ ।
ଆତୁର ରସାବ୍ଧି ବିତ        ଭାବେ କୃଷ୍ଣା ତରଙ୍ଗିତ
ବିଭ୍ରମ ଭଉଁରି ମଧ୍ୟେ ମନ ପତନ ।
ଭାବଶାବଲ୍ୟ ପ୍ରବଳ        ବିବିଧ ପାଅଁ ଅଥଳ
କୋଳକୂଳ ବାଞ୍ଛିତ କେବଳ ନିଦାନ ।
ରତି ରହୁ ପ୍ରେମ ପୀୟୂଷ । ଆଶ ନାଶ ଲେଶ ନୋହେ ଲଭଲେ କ୍ଲେଶ । ୧୩ ।
ପରସ୍ପରେ ରୂପଧ୍ୟାନ        ତନ୍ମୟ ଭାବରେ ମଗ୍ନ
କେତେ ବେଳାନ୍ତରେ ନିଦ୍ରା ହେବାର ଜାଣି ।
ଭୁଣ୍ଡଗୋଳ ନିବର୍ତ୍ତିଇ        ସ୍ୱମିହେ ମଣ୍ଡଳ ହୋଇ
ଶଶୀକି ପଟଧ୍ୱ ବିଧି ଶୟନ ପୁଣି ।
ଅଧଯାମେ ଅଛୁ ଯାମିନୀ । ଯୋଗମାୟା ଦୟା କଲେ ମାନସ ଘେନି । ୧୪ ।
ବେଦମାତା ପଗ କରି        ହରଙ୍କର ନିଦ୍ରା ହରି
ମହାମାୟା ମାୟା କରି ବହନ ନେଲେ ।
କିଶୋରୀ ଶୟନସ୍ଥାନେ        ଗ୍ଲାଡ଼ଗଲେ ଅନ୍ତର୍ଦ୍ଧାନେ
ଚକ୍ଷୁ ଘଷି ସ୍ୱହାନେ ଆଶ୍ଚର୍ଯ୍ୟ ଦେଖିଲେ ।
ଜ୍ୟୋତିପୁଞ୍ଜମଧ୍ୟେ କି ରବି । ନିରେଖି କ୍ଷଣକେ ରୂପ ପାରିଲେ ଭାବି । ୧୫ ।
ବିସ୍ମରଲେ କାନ୍ତିକୁଳ-        ଦେଖା ଏ ମୂର୍ତ୍ତି ମଞ୍ଜୁଳ
ବିହି ବିହି ଲୁଗୃଇ ଥୋଇଛୁ ଏ ପାଶେ ।
ପରସ୍ପର ଦୃଷ୍ଟିପାତେ        ବିମୋହ ହେବେ ଜଗତେ
ବିଷ୍ଣୁ ବିଶ୍ୱଚିନ୍ତା ନ କରିବେ ସୁସଙ୍ଗେ ।
ଏହା ଯାହା ଯାଇଲେ କାମ । ନ ରଖିବା ଡ଼ରେ ଯୋଗୀ ହେଲେ କି ଶ୍ୟାମ । ୧୬

---

୧୨ — ୧ଧମିଲ୍ଲ ଲମ୍ବ ପ୍ରସଙ୍ଗ-ଖ,ଠ; ୧୫ — ୧ଦେବମାତା-କ,ଘ, ୧୬ — ୩ ପରସ୍ପରେ ଦୃଷ୍ଟିପାତେ-କ, ଗ, ଘ;

ଅହଲ୍ୟାହରଣ ପାପ         ସହସ୍ରାକ୍ଷ ସୁରନୃପ
ଲଜ୍ଜା ନାହିଁ ହୃଷ୍ଟ ଦେଖିବାରୁ ଜାଣିଲି ।
ବିଧି ଶଙ୍କର କୁମାର         ଶେଷ ନେତ୍ରସୁଖ ସାର
ଏବେ ଏଥର ହୋଇବ ପରତେ କଲି ।
ଗୁରୁ କବି ଗଣେଶ ବାଣୀ । ଗୁରୁକବି ଗଣେଶ ବାଣୀର କାରଣୀ । ୧୭ ।

ଲକ୍ଷ୍ମୀ ବୋଲନ୍ତାଇ ଭ୍ରମେ         ଦାସୀଗଣ ତ ସେ ସମେ
ଆଭସୁଅଛୁ ମନକୁ କହିବା କେହି ।
ବିଶ୍ୱ ଫେର ଗତିକର         ମୁକତି କି ଗତି କରି
ଶାନ୍ତ ପାଇ ପହୁଡ଼ିଛୁ ସମ୍ଭବେ ଏହି ।
ସିଦ୍ଧିଦାୟୀ କି କରିବାର । ନିଧିରୂପାକୁ ହୋଇବ କି ଲକ୍ଷିବାର । ୧୮ ।

ବିଶ୍ୱଚକ୍ଷୁ ବଶ ପାଇଁ         ପ୍ରୀତ ମୂର୍ତ୍ତିବନ୍ତ ହୋଇ
ଅଣିମାଦ୍ୟ ଦେବ ଅଣି ହୋଇ ଶୋଇଛୁ ।
ପାଣି ଦେବା ଗଣ୍ଡତଳେ         ଶଶୀ କୋକନଦକୋଳେ
ପହୁଡ଼ିବାର ଶୋଭକୁ ହସି ଦେଉଛୁ ।
କୃଷ୍ଣବର୍ଣ୍ଣ ଶେଯେ ଶୟନ । ସଜଳଘନେ ସ୍ଥକିତ ବିଦ୍ୟୁ ସମାନ । ୧୯ ।

ସୁରଗ ମାଣ୍ଡିରେ ପାଦ         ବନ୍ଦନ୍ୟାସ ଦିଆ ମୁଦ
ରଙ୍ଗବାଡ଼େ ହେମଲତା ମାଡ଼ିଲା ହସ ।
ସହଜେ ପଦପଲ୍ଲବ         ଅଙ୍ଗୁଳି ବଞ୍ଜୁଳ ଭବ
ଶରଣରକ୍ଷଣ ଫଳ ଫଳିବ ପରା ।
ଲକ୍ଷା ଲେଖା ଦୁର୍ଗ ପ୍ରଣିତ । ଅଭୟ ନୋହିବ କେ ବା ହେଲେ ଆଶ୍ରିତ । ୨୦ ।

ଲାବଣ୍ୟ ରତ୍ନଭଣ୍ଡାର         ଲୁଟନ୍ତେ ନେତ୍ର ଚଉର
ତରତରେ କାହିଁ କେତେବେଳେ ମିଳଇ ।
ମନ ହୋଇ ତାହା ସଙ୍ଗୀ         ଆଚରଲା ସେହି ଭଙ୍ଗି
ଚଞ୍ଚଳା କାନ୍ତି ମଙ୍କନେ ଥୟ ନୁହଇ ।
ଏହି ଘେନ କଲି କଳନା । ଅସ୍ତବ୍ୟସ୍ତ କରି କଲେ ଶୋଭା ଭାବନା । ୨୧ ।

ଶମଚରମରେ ବେଣୀ         ବ୍ୟସ୍ତ ପତନକୁ ମଣି
ମଣିହଜା ଫଣୀ ସ୍ଥକିତ କି ହୋଇଛୁ ।

---

୧୭—୨ ହୃଷ୍ଟି ଦେଖିବାରୁ ଜାଣିଲି-କ, ଖ, ଗ, ଘ, ଡ ଙ; ୧୮—୨ କହିବ କେହି-ଠ; ୧୮—୪ ଶାନ୍ତି ପାଇଁ-ଠ, ୧୯—୨ ଅଣିଆଦି-ଝ, ଠ; ୨୦—୧ ସୁରଙ୍ଗ-କ, ଖ; ମଣିରେ-ଠ, ଭିଏ ମୁଦ-ଝ, ଠ; ୨୦—୩ ମଞ୍ଜୁଳି ଶିବ-ଚ, ଝ, ଠ; ୨୦—୪ ଦୀର୍ଘ ପ୍ରଣିତ-ଝ, ଠ-ଅଷ; ୨୧—୪ କାନ୍ତି ମଞ୍ଚଳ-ଝ, ଠ

ଅଗ୍ରେ ରହିଚୁମ୍ବି ସ୍ୱଚ୍ଛ ସୁସୁମାର ମୂର୍ତ୍ତି ପୁଚ୍ଛ
ତାରାପୁଞ୍ଜ ଉଦୟକୁ କରୁଛି ତୁଚ୍ଛ ।
ମୂଳବନ୍ଧା ମାଣିକ୍ୟ ମଣି । ଘନକୋଳେ କି ପଶୁଛି ମିହିର ମଣି । ୧୨ ।
କାଟି ହୀର ଝର ମୋତ ଶୋଭି ଶଶୀ ଭାନୁ ସ୍ରୋତ
ଦେହବନ୍ତ ତମ ଗିଳେ କ୍ଷେପନ୍ତେ ଜ୍ୱାଳ ।
ନାନାବର୍ଣ୍ଣ ପୁଷ୍ପ ମାଳୀ ବେଢାଇଦେବାରୁ ଆଳୀ
ଗଳ ରୁନ୍ଧିତ କଲେ କି ତାରାଏ ମିଳି ।
ସିତ ରଙ୍ଗ କୁସୁମଝର । ସୁଧା ରୁଧିର ବମନ କରୁଛି ଯସ । ୧୩ ।
ଉତ୍ତମାଙ୍ଗ ସଙ୍ଗ ପାଇ ମୋତିଜାଲି କି ଶୋହଇ
ମର୍କତ-ଗବାକ୍ଷେ ବିଧୁ କରଣ ଗଳା ।
ପୀତ ନୀଳ-ରଙ୍ଗ-ରହି ସୀମନ୍ତି ଗୁନ୍ଥିବା ଯହିଁ
ବନ୍ଧା ଅଧା ଇନ୍ଦ୍ରଧନୁ ଉଦୟ ତୁଳା ।
ତହିଁ ଦିଆ ସିନ୍ଦୂର ଗାର । କାଳିନ୍ଦୀ ମଧ୍ୟେ କି ସ୍ଥିତ ସାରଦା ଧାର । ୧୪ ।
ଅଳକେ ଅଳକାପାନ୍ତି ଶିଶୁ ଅଳି ପରପାନ୍ତି
ଶ୍ରୀମୁଖକୁ କଞ୍ଜ ଭାଳି ବେଢ଼ିଛନ୍ତି କି ?
ଶୋହେ ଗୃରୁ ଚନ୍ଦ୍ରଚୁମ୍ବି ଦେଖି ହୃଦ ଯାଏ କମ୍ପି
କଳା ଦନୁ ଶଶୀ ଅଳିଧ ବାହାରୁଛି କି ।
ଝିଲିମିଲି ମାଳୀ ମାଧୁରୀ । ବିଦ୍ୟୁ ରେଖା ନବଘନେ ମିଶିଲା ପରି । ୧୫ ।
ଝଲକା ପାନପତରୀ ଧଇର୍ଯ୍ୟବାସ କରୁରୀ
କେଶ-ଗନ୍ଧ ଜିହ୍ୱା ବଢ଼ାଇବା ବିଧିରେ ।
ଭ୍ରମରକାଶ୍ରେଣୀ ସଙ୍ଗୀ ଚୋପି ଚନ୍ଦନ କି ଭଙ୍ଗୀ
ହସେ, ଦନ୍ତ ଦଶେ, ମୁଖଚନ୍ଦ୍ର ଲୋଭରେ ।
ଗଣ୍ଡେ ଲେଖା ବାଙ୍କମକରୀ । ସିତ ଗୃରୁ କୁଣ୍ଡଳୀ କୁଣ୍ଡଳୀ ଗୃରୁସା । ୧୬ ।
ତିଳକ ଚନ୍ଦନପାନ୍ତି କି ବର୍ତ୍ତିବ କୋଟି ପନ୍ତି
ଶ୍ରୀମୁଖ ଲାବଣ୍ୟ-ସିନ୍ଧୁ କଳନେ ବହି ।
ବନାଇ ରଜତ ତରୀ କ୍ଷେପଣୀ ତିଳକ କରି
ଥଳ ନ ପାଇ ଲାଜରେ ବୁଡ଼ିଲା ସେହି ।
ଅଧୋମୁଖେ ତରୀ ଭାସୁଛି । ତାର ଶିର ଚୋପର ସିନ୍ଦୂର ମଣୁଛି । ୧୭ ।

---

୧୨ — ୩ ସୁସୁମ୍ବର-ଠ; ସୁସମାର-କ, ଖ, ଗ, ଚ, ଟ; ୧୩ — ୬ ସୁଧା ଉଦ୍‌ଗାରିବ ମନ-କ, ଖ, ଟ, ଠ; ୧୪ — ୧ ଉତ୍ତମାଙ୍ଗୀ-ଟ, ଠ; ୧୪ — ୨ ବିଧୁ କରଣ ଗଳ-ଟ, ଠ; ୧୬ — ୬ ସ୍ଥିତଗୃରୁ-କ, ଖ, ଟ, ଠ; କୁଣ୍ଡଳୀ କୁଣ୍ଡଳ-ଘ, ଛ ଟ, ଠ; ୧୭ — ୩ କ୍ଷେପଣ ତିଳକ-ଟ, ଠ; ୧୭ — ୭ ସିନ୍ଦୂର ଦଶୁଛି-ଗ, ଘ, ଚ;

କଣ୍ଠେ ମର୍କତ ତାଟଙ୍କ ଗଣ୍ଡେ ବିମ୍ବିଚ୍ଛି ଝଟକ
ଶଶୀ ଅଙ୍କେ ଟହ୍ଲଡ଼ାଇଛି କି ନଶିକ ।
ବାଳୀ ନାମୁଁ ହେଲା ବାଳୀ ବାଲିକ ତୋଡ଼ର ଖଳି
ଖରେନ୍ଦୁ ସକାଶୁଁ ବହେ ଫୁଲ ଛଡକ ।
ତାଡସିଦ୍ଧି ରଖିବା ପାଇଁ । ବକ୍ରବତ ବଜ ମଲକଡ଼ି ବହଇ । ୨୮ ।
ଧନ୍ୟ ମୁଖ ବିଧୁବର କୋଳେ ନେତ୍ର ଇନ୍ଦୀବର
ଥିଲା ଓଷ୍ଠାରୁଣ ଗୃହେଁ କି ସଙ୍କୋଚିତ ।
ଗୁନ୍ଥା ହୋଇଛି ବିଡ଼ଶେ କଳା ଲଞ୍ଜି ସୂତ୍ର ଦେଶେ
ଅଟେରିଷ୍ଟ ଝସ କମଳେ ଥୋଇଲା ବିତ ।
ମୁଦାନେତ୍ର କି ଶୋଭା ଦେଶେ । ପକ୍ଷ୍ମକୋଷେ ଛୁରିମୂନ ଲଞ୍ଜି ଆଭିସେ । ୨୯ ।
ଶ୍ୱାସେ ପ୍ରଫୁଲ୍ଲିତ ଘୋଣା ଶୋହେ ମାଳା-ନାକଚଣା
ଓଷ୍ଠାରୁଣେ ଗୁମ୍ଫା ବିପରୀତ ପ୍ରତୀତ ।
ଆଉ ପାଶେ ଜାଲ ନଥ ଫାନ୍ଦ ପାତ କି ମନ୍ମଥ
ଦୃଷ୍ଟି ମୃଗ ଧରିବାକୁ କରିଛି ମତ ।
ପାନବୋଳେ ଅଧରଜ୍ୟୋତ । ଫଗୁଖେଳା ଶ୍ରାନ୍ତ ଶୁଆ ଅରୁଣ ଶିତ । ୩୦ ।
ପାଞ୍ଚଜନ୍ୟ ଶଙ୍ଖ ଭଳି ନିଯୋଜିତ ହେଲେ ମାଳୀ
ପଞ୍ଚରତ୍ନ ସ୍ରକେ ପୂଜା ପାଇଲା ଗ୍ରୀବା ।
ନାନା ରତ୍ନ ଗୃପସରି ବିଚିତ୍ର ପାଶର ଭରି
କପୋତଲକ୍ଷରୁ ବନ୍ଦୀ ହେଲା ଖଳିବା ।
ହାର ଶିର-ମଣି ପଛରେ । କାର୍ତ୍ତିକପୁଞ୍ଜା ଗୋପିତ କି ଏ ସ୍ୱଚ୍ଛରେ । ୩୧ ।
ନୀଳଗ୍ରେଳ କୁଚେ ଲାଗି ତଏ ଦୃଷ୍ଟିମାନ ଭାଙ୍ଗି
ହେମଗିରି ଗିଳିଅଛି କି କଳାଘନ ।
ମଦନ ମାଦକ ସ୍ଥଳ ବିଶ୍ୱବିମୋହନ ଫଳ
ଖଳି ବନ୍ଧ ଘୋଡ଼ାଇଛି ଘେନୁଛି ମନ ।
କାଳୀ ଅଙ୍ଗେ ଗୋପ କି ଶମ୍ଭୁ । ମଦନ କି ଡେରିଅଛି ସୁବର୍ଣ୍ଣ ତମ୍ବୁ । ୩୨ ।
ଗୃରୁ ସରୁ ଘୁଘେମାଳ କାମ କାମ୍ବୃଥ କି କାଳି
ଘେନି ଲେଖି ଦେଇଅଛି ସୁବର୍ଣ୍ଣାବଳୀ ।
ଏ ବାଳୀ ସକଳବାଳୀ— ମଉଳି କୁସୁମ ମାଳୀ
ପ୍ରଣୟସୁଖ-ସଞ୍ଚାଳ ସୁରସ-ସ୍ଥଳୀ
ଆଉ ଯେତେ ଉପମା ଅଛି । ସେମାନଙ୍କ ମାନକୁ ସେ କରୁଛି ଛି ଛି । ୩୩ ।

---

୨୮—୨ ପହ୍ରଡ଼ାଇ ଅଛି-ଗ, ଘ, ଚ; ୨୮ —୩ ତୋଡରି-ଜ, ଝ; ତାଡରି—କ, ଗ, ଚ; ୩୧—୭ କାର୍ତ୍ତିକପୁଞ୍ଜୀ ଟ ଠ; କିଏ ସଚ୍ଛରେ-ଟ ଠ; ୩୨—୪ :-କାଳୀ ଅଙ୍କେ-ଠ (ଅପ) :-୩୩—୧ କାମ କାମ୍ବୃଥ-କ, ଗ, ଟ, ଠ; ୩୩—୬ :-କି କରୁଛି ଛି, ଛି କ, ଟ, ଠ;

ତାଡ଼ ତାଜୁବନ୍ଧ ବାହେ ଝୁମ୍ପା ଜଗଜ୍ଜନ ମୋହେ
କଳ୍ପଲତାରେ ସୁମନ ଫୁଟିଛୁ ପରା ।
ଫଳିବ ବାଞ୍ଛିତ ଫଳ ଆଶ୍ରିତ ଜନେ ସଫଳ
ହେବାକୁ ହେଉଛୁ ସତ ଅତ୍ୟନ୍ତ ତୋରା ।
ତାଡ଼ ଭଡ଼ନ ଯେ ପାଇବ । କାମ-ତାଡ଼ନ ତାଡ଼ନ ସେହ୍ କରବ । ୩୪ ।
ପଦ୍ମରାଗ କଙ୍କଆଳି ନାନା ରତ୍ନ କମ ଝଳି
ଦନ୍ତଦନ୍ତ-ଚୁଡ଼ି ଶରଧାରେ ପେନଛୁ ।
ମୁଦ ଶୋଭେ ଅଙ୍ଗୁଳିରେ ମୁଦ ଦଉ କ ବିଧିରେ
ବର କର ଗ୍ରହଣକୁ ପାଞ୍ଚ ସହିଛୁ ।
ଭରୁ ସର ଲାଗି କ ଶୋଭା । କଣ୍ଠି କରେ ଧର ରହଅଛୁ କ ରମ୍ଭା । ୩୫ ।
ଉତ୍କଳଦେଶ ବସନ ପିନ୍ଧା ନୀବ କ ଶୋଭନ
ମାରଶରଘରର ତେଲଙ୍ଗୀ କୁଞ୍ଚିକ ।
ପୁରୁଷ ହେଲେ ଆଗ୍ରତ ଜୟବାଦ୍ୟ ବାଜବ ତ
କଙ୍କିଣୀ-କଣି ସୁଚକତ ଏଣୁ ହେଲ କ ।
କଳା ନୂପୁରବ ପାଞ୍ଚଲେ । ରପୁଜୟକାଳେ ଜୟ ବୋଲବେ ବଳେ । ୩୬ ।
ଭାଗ୍ୟ କଳ୍ପତରୁ ଫଳ କେତେ ମାଣକ, ଏ ଫଳ
ପାଇଁ ନଷ୍ଫଳ ହେଲେ କ ପ୍ରାଣରହବ ।
କରୁ ନ କରୁ ସ୍ୱୀକାର ଛୁଇଁ ଥିବ କଳେବର
ଦୁଇମତେ ଅମୃତ-ଦାୟୀ ତ ହୋଇବ ।
ଏତେ ଭଳ ଆତୁର ହୋଇ । ଶିରୁ ଗ୍ରୀରୁ ଉରୁ ଧର ଦେଲେ ଝୁଲାଇ । ୩୭ ।
ନଦ୍ରାମୁଦ୍ରା ଗଲ ଭଙ୍ଗି ଅଳସ ଭାଙ୍ଗିବା ଭଙ୍ଗି
କୁଚ ମଙ୍ଗଳ କଳଶ ଦେଖାଇଲ କ ।
ଊର୍ଦ୍ଧ କରି ଛନ୍ଦୁ ପାଣି କ ଶୋଭା ଶ୍ରୀମୁଖ ଆଣି
ହେମପ୍ରଭାରେ ଚନ୍ଦ୍ରମା ବଜେ କଲ କ ।
ଜୃମ୍ଭାକାଳେ ଭୁଣ୍ଡମାଧୁରୀ । ରଙ୍ଗ ସମ୍ପୁଟକ ଅର୍ଦ୍ଧ ଫିଟିଲ ପରି । ୩୮ ।
ଅଳସାନ୍ତେ ନେହ ଦତେ କୃଷ୍ଣଶୋଭାବ୍ଧି ଅମୃତେ
ବଡ଼ଶୀ ବୁଡ଼ାଇ ମନ ମୀନ କ ଧରେ ।

---

୩୪—୧ :-ଜଗଜ୍ଜନ ମୋହେ-ଝ, ଠ; ୩୪—୫ ତାର ଭଡ଼ନ ଝ ଠ; (ଅପ) ୩୪—୬କାମ ତାଡ଼ନା ତାଡ଼ନ-ଝ, ଠ; ସେହ ସହବ-ଝ; ସେହ ବହବ-ଠ; ୩୫—୩ ମୁଦ ଶୋଭା-ଡ, ଢ; ମୁଦ ଦେଇ-ଝ ଠ; ୩୫—୫ ଉରୁ ସରୁ -ଗ, ଝ ଠ, ଉରୁ ଉରୁ-ଢ; ୩୮—୧ ଗଲ ଭାଙ୍ଗ :-ବ, ଗ, ଘ; ୩୮—୨ :-କଳସ :-କ, ଖ, ଘ, ଝ, ଠ; ୩୮—୬ ଯଙ୍ଗଲାସର-ଠ,

ଟାଣି ନେଲା ଝଟ କରି          କୁଚ କଳଶୀରେ ଭରି
ପାଳନା କଲା କି ହାସାମୃତଦାନରେ ।
ସ୍ନେହ ଲାଜ ସଂଭ୍ରମ ମିଶା । ସମ୍ଭାବନା କଲା ପରି ଉଠିଲା ଯୋଷା । ୩୯ ।
ମୀନ ଛଟକ ଝଟକ          ନେତ୍ର ପୁଟକ ଅଟକ
ନାଟକପଟିମା ଲାଜେ ପୋତ୍ରୁଁ ଲପନ ।
ସ୍ଫୁଟ କଞ୍ଜ କୁଚ ଟଙ୍କ-          ଧରେ ଦେଇ କି ପ୍ରକଟ
ତ୍ରାଟଙ୍କାଳତରେ ବନ୍ଧାପନା ବିଧାନ ।
ଭର ବରଣକୁ ମନାସି । ବରବରନା କି ହେଲା ସେବାଭିଳାଷୀ । ୪୦ ।
ବିସ୍ମୃରଇ ଏ ସୁନ୍ଦର—          ସୃଷ୍ଟିସାରପୁରନ୍ଦର
ଭାଗ୍ୟ ମାତ୍ର କେତେ ଏ ଦର୍ଶନ ହେବାକୁ ।
ଜନ୍ମନ ସୁକୃତ ପଣ          ବାଧି ନେଇଥିଲା ଋଣ
ନତ ବାଣ ଦ୍ୱିଗୁଣରେ ଲେଖି ଦେବାକୁ ।
ବଳେ ତାହା ଶୁଝିଲା ଆଜ । ଧାନ ଦେଖି କୃପା କଲେ କି ଦେବରାଜ । ୪୧ ।
ଶଶୀ ସବର୍ଣ୍ଣ ସଲକ୍ଷ          ପୁରନ୍ଦର ସହସ୍ରାକ୍ଷ
ମିତ୍ର କୁମାରକୁ ମାର ଆନନ୍ଦ ନାହିଁ ।
ଅଦେହ ତ ଫୁଲଧନୁ          ଦେହବନ୍ତ ଫୁଲଧନୁ
ଥିଲେ ସ୍ତୁଇ ଭୁଲ କେବା କରନ୍ତା କାହିଁ ।
ଚନ୍ଦ୍ରାମଣି ମୂର୍ତ୍ତି ବୋଲନ୍ତି । ଯାତ ବରଦ ନୋହଇ କଠୋର ଅତ । ୪୨ ।
ସ୍ୱରାଜ ବୋଲବ କେହ          ସ୍ୱରାଜ ସଜସ୍ମୃ ନାହିଁ
ମାତ୍ର ଅନ୍ତର ନୁହଇ ଶୁଣା ଅଛଇ ।
ସେ ହୋଇଥିଲେ କୁମାର          ଲାଜେ ରହନ୍ତା କି ମାର
ଦରଶନେ କୋଟିଗୁଣେ ପ୍ରଭା ବହଇ ।
ସ୍ୱନାଶନେ ଅଭଦରକୁ । ଶ୍ରୀଭୂଜରେ ବହିଥାନ୍ତେ ଅଭ ଦରକୁ । ୪୩ ।
ପଞ୍ଚଶର ପଞ୍ଚଶର          ଶୃଙ୍ଗାର-ରସ ନକର
ପ୍ରେମ ଭାବ ମଦନ ମାଦକ ପୀୟୂଷ ।
କେଲି କଳା ଭଙ୍ଗି ଲୀଳା          ଲାବଣ୍ୟ ମାଧୁର୍ଯ୍ୟ ମିଳା ।
ମିଳି ଜନମିଛୁ କି ସୁଷମା ପୁରୁଷ ।
ଦଶ ମାନସରେ ମନାସେ । ଜୀବ କି ପରମେ ମନ ପୁରୁଷେ ମିଶେ । ୪୪ ।

---

୪୦—୧ସ୍ଫୁଟ ଭଞ୍ଜ ଲୁଟ ଟ ଠ; ୪୧—୨ ଭାଗ୍ୟ ମୋ କେତେ କିଏ ଦର୍ଶନ ହେବାକୁ-ଟ; ଠ, ଅପ; ୪୧—୪ ବାଣୀ ଦ୍ୱିଗୁଣରେ-କ, ଗ; ୪୨—୨ ଅବନ ନୋହ-କ ଗ; ୪୪—ପଦ ଟ, ଠ ରେ ଅପପାଠ;

ଏକାଳରେ ଯୋଡ଼ି ପାଣି　　ରହିକମୁକୁଟମଣି
ସାନ୍ଦ୍ର ବନ୍ଧୁ କର ବୋଲି ବିନତି କଲେ ।
ସୁଷମା ଧନରେ ବକ　　ବଳେ ହୋଇଲି ଏଣିକ
ଉଣା କାହାକୁ ବିଗୃର ବାଧ ହୋଇଲେ ।
ଦୟାନିଧି ଦାସବତ୍ସଳା । ଅନା ବାନା ଭଡ଼ୁ ଲୋକେ ସୁପ୍ରେମଶୀଳା । ୪୫ ।
କଳ୍ପଲତା କି କୃପଣ　　କରୁନାହୁଁ ପ୍ରଭୁପଣ
ଶ୍ରୀଅଙ୍ଗ ସେବା ସମର୍ପି ପରଶ ଧୀରା ।
ସେବା ଅଯୋଗ୍ୟ ସେବକେ　　ବିଗୃର କର ବିବେକେ
ଅଧରାମୃତ ଦାନରେ ପାଳନ୍ତି ପରା ।
ପାଇବି ମୁଁ ଶ୍ରୀ ପଦକରେ । କୃତାର୍ଥ ହେଲନ ତୁହିଁ ଶ୍ରୀପଦ କରେ । ୪୬ ।
ତନୁଜା ଅନୁଜା ତୁ କ　　କାମ ନୋହିଲେ କାହିଁକ ।
ଗୃହିଁଲାକୁ ଶର ମାରି ସାରି ଦେଉଛୁ ।
ନିଦ୍ରାଳସେ ନେତ୍ର କଷା　　ସୁଧା ଅନୁରାଗ ମିଶା
ଢ଼ଳିବାରୁ ଭଲି ଜୀବ ନ ଯାଇଅଛୁ ।
ମୋର ବୋଲ, ସ୍ୱୀକାର କର । ତନୁ ଦାନରେ ପାଇବ ଅଭୟବର । ୪୭ ।
ରସିକ ବିନୟ ବିଧୁ　　ବଢ଼ାଇ ଆନନ୍ଦସିନ୍ଧୁ
ଧଇର୍ଯ୍ୟ ଲଜତୀରକୁ ବୁଡ଼ାଇ ଦେଲି ।
ବଳେ ବଢ଼ି ଆସେ ମୁଦ　　ନୟନ ହାସ କୁମୁଦ
ପ୍ରସନ୍ନ ପୀୟୂଷ ସ୍ନାନ ପରି ଦିଶିଲି ।
ହରି ହର ସ୍ୱୀତକ ଦେଖି । ମୂକତରୁ ବଡ଼ ଲାଭ ଥିଲା ତ ଲକ୍ଷି । ୪୮ ।
ଜାଣି ହେଲା ଅଙ୍ଗୀକାର　　କୋଳ କରି ବେଣୁଧର
ପଲ୍ୟଙ୍କଅଙ୍କରେ ବସି ବସାଇ କୋଳେ ।
ବାମ କର ଦେଇ ବୁକେ　　ଦକ୍ଷିଣ କର ଚିବୁକେ
ଶ୍ରୀମୁଖ ଦେଖା ବିଧିରେ ମୁଦ୍ରିକା ଦେଲେ ।
ଗାନ୍ଧର୍ବୀଙ୍କ ସ୍ୱୀତକ ଭଲ । କୃଷ୍ଣ କଣ୍ଠେ ଦେଲା ବାଳୀ ରତନମାଳୀ । ୪୯ ।
ବଧୂ ବନ୍ଧୁଲୀ-ଅଧର　　ମଧୁ ମଧୁର ଭଣ୍ଡାର
ଦୁର୍ଲଭ ଲୋଭରେ ହରି ଚୁମ୍ବିବା ବେଳେ ।
ଯୋଗମାୟା ମାୟା ଦୂର　　କଲେ ହୋଇଲେ ଅନ୍ତର
ହରି କର ହରିଙ୍କି ସ୍ୱସ୍ଥାନେ ରଖିଲେ ।
ଶତକୋଟି ପଡ଼ୁ କୁଳିଶ । କାହାକୁହିଁ ଘଟନେ ନୋହୁ ଏକାନ୍ତ କ୍ଳେଶ । ୫୦ ।

---

୪୫—୪ ବିଧ ହୋଇଲେ-ଗ, ଘ, ଚ; ଝ, ଠ; ୪୫—୬ ସପ୍ରେମଶୀଳା—ଙ, ଖ; ୪୭—୧ ଅନୁଜା ନନ୍ଦ-ଝ, ଠ; ୪୮—୨ ଧଇର୍ଯ୍ୟବନ୍ତୀର ନିଳକୁ- ଙ, ଖ; ୪୮—୫ ହରି ଶ୍ରୀତକ-ଝ, ଠ; ୫୦—୩, ଠ; ଅପ;

ନତ ଦେଖି ତେଜିଲ ନାହିଁ ଉନ୍ନତ । ମତରେ ଯେନଛ କି ମୁଁ ତ କୁମତ ଯେ ।
କରପକଣ୍ଠ ସେବା ଯୋଗ୍ୟ କି କର । କର କି ଦୋଷୀ ହେଲେ ବଧ କଙ୍କଣ ଯେ ।୮
ମଧୁ ମଧୁର କେତେ ପାରିବି ଲକ୍ଷି । ବିଧୁ ବିଧୁର ହେବ ଶ୍ରୀମୁଖ ଦେଖି ଯେ ।
ଦର ଦରପଣ କି ପାଇବ ନାହିଁ । ସାର ସାରସ ତୁଲ୍ୟ ବୋଲିବ କେହି ଯେ । ୯ ।
ମୁଖରେ ମୁଁ ଖରେ ତ ଗୁହିଁବା ବେଳେ । ମନ୍ଦାକ୍ଷ ମନ୍ଦାକ୍ଷକୁ ଯେନଲ ବଳେ ଯେ ।
ଧିକ ଧିକ କି କଲି ମନ୍ଦ ଅରୁଚି । ସୁଧା ସୁଧାର ପଥ ଅଇଲ ଭଙ୍ଗି ଯେ । ୧୦ ।
ଜୀବଜୀବନ-ବୋଲି ଶ୍ରବଣ ହେଲି । ଶେଷ ଶେଷସେବନ ଫଳ ହୋଇଲି ।
କୃତ କୃତ ଯୁଗରେ ସୁକୃତ ଥିଲି । ଅଙ୍ଗ ଅଙ୍ଗନା ଗୁରୁ ସ୍ମରଣ କଲି ଯେ । । ୧୧ ।
ଶାତ ସାତସାଗର ଲଂଘ ମାତର । ଆନ ଆନନ୍ଦଦାର କି ତୁଲ୍ୟ ତାର ଯେ ।
ପଦ ପଦତଳରେ ସବୁରି ଥିଲି । ବନ୍ଧୁ ବନ୍ଧୁକ ଉଲଟିଲି ଘଟିଲି ଯେ । ୧୨ ।
ଉଚ୍ଚେ ବୋଲଇ ହା ହା ନାଥରେ ଥରେ । ଦେଖାଅ ମୁଖ ନେତ୍ର-ପଥରେ ଥରେ ହେ
ନ ପକାଅ ପ୍ରୀତି ପଥରେ ପଥରେ । କୃପାରେ ଅନାଅ ଥିରେ ଅନାଥୀରେ ଯେ ॥
ହସେ ହସେ କି ସେ କି ବାତୁଳ ତୁଳ । ଆଶେ ଆସେ ପ୍ରବଳେ ବିକଳ କଳ ଯେ ।
ବିଧି ବିଧୀରେ କଲି ବ୍ୟାକୁଳ କୁଳ । ଚନ୍ଦ୍ରେ ଚନ୍ଦ୍ରେ ତାଙ୍କର ସକଳ କଳ ଯେ ।୧୪।
ଶ୍ୟାମସୁନ୍ଦର ବିନା ନଯ୍ନ ନ ରହେ । ସମ୍ଭ୍ରମେ ସର୍ବଭୂତେ ନଯ୍ନ ରହେ ଯେ ।
ନେତ୍ର ମୁଦିଲେ ରହେ ଚିତ୍ତ ଭିତରେ । ବିକେଳୁଁ ପ୍ରାଣେଶ ମୁର୍ଚ୍ଛିତ ଘିତରେ ଯେ ॥
ଦର ସନକମୋହି ପାଇ ଛନ୍ନରେ । ଦରଶନ ଲୋଭକୁ ବୁଦ୍ଧି ମନରେ ଯେ ।
ଅକ୍ଷ-ପିତୁଳା ସେ କି ଭ୍ରମକୁ ରଖି । ଅକ୍ଷପିତୁଳାଅଙ୍ଗୀ ନ ପାରେ ଲକ୍ଷ ଯେ । ୧୬ ।
ଅସମ୍ଭାବିତ କେହି ସମ୍ଭାଇଲାଉ । ଭାବମୀ ରତି ହେଲା ଭାବ ନିରତ ଯେ ।
ମୁଦଇ ନେତ୍ର ଆସି ଦେବେ ବା ମୁଦ । ପଦକେ ବୋଲେ ହା ମୋ ସୁଖସମ୍ପଦ ଯୋ।
ଧୀ ଆନ ନ ଯେନଇ ସେହି ଧିଆନ । ଗିଆନ ଆନ ହେଲି ହେଲି ଗୀ ଆନ ଯେ ।
ବଞ୍ଚନ ହେବ କେହି ଜାତ ବଚନ । ଭାବର ଧନ ମୋର ଭା ବରଧନ ଯେ ।୧୮।
ବାଳୀ ବେଦନ ଶୁଣି ନିଦ୍ରାବିଗତ । ଆଳୀ ବୋଇଲେ, କହ କି ବିପରୀତ ଗୋ ।
ଭାଳି ବାତ ବିନା ତ ଗମନ ନାହିଁ । କାଳୀଲଗା ବଚନ କହୁଛୁ କେହି ଗୋ ।୧୯

---

୮ — ୩ କର କି ଶେଷକାଶ ଯୋଗ୍ୟ କି କର — ଚ, ଖ; କର କି ଶେଷ ସେବା ଅଯୋଗ୍ୟ କର ଟ; ଠ; କର ସକାଶ-ଛ, ଝ; ୯ — ୪ ହୋଇବ କେହି-ଟ, ଠ; ୧୦ — ୩ ମୁଁ ମନ୍ଦଭାଗୀ — ଟ, ଠ; ୧୧ — ୧ ଜୀବନ ଚଳି-କ, ଖ, ଟ, ଠ; ୧୧ — ୪ ତାର ସ୍ମରଣ-କ, ଖ; ୧୩ — ୧ ଉଚ୍ଚେ ବୋଇଲି-ଟ ଠ; ୧୩ — ୩ ନ ପକାଅ ଅକୀର୍ତ୍ତି ପଥରେ ଥରେ ଟ; ନ ପକାଅ କୀରତି ପଥରେ ଥରେ-ଠ, ୧୩ — ୪ କୃପାରେ ଅନାଥୀରେ ଅନାଅ ଥିରେ-ଗ, ଚ, ଛ ଜ (ପଠିତ ପାଠରୁ ଏହା ଉତ୍ତମ) ୧୪ — ୨ ପ୍ରବଳ ବିକଳ-ଠ; ୧୫ — ୪ ବିକେଳୁଁ ପ୍ରାଣ ସମ୍ମୂର୍ଚ୍ଛିତ ଭିତରେ-ଜ, ଠ. ପ୍ରାଣ ସମ୍ମୂର୍ଚ୍ଛିତ-ଟ, ୧୬ — ୨ ବୁଦ୍ଧି ମନରେ-କ, ଖ, ଟ, ଠ, ୧୬ — ୪ ଅକ୍ଷ ପିତୁଳାଅଙ୍ଗୀ-ଗ, ଘ, ଚ, ଜ, ରକ୍ଷ-ଘ, ଟ, ଠ, ୧୭ — ୪ ସେହି ସମ୍ପଦ-ଗ, ଘ, ଚ,

କାନ୍ତର ସମାଗମ ତୋହୋର କାହିଁ । କାନ୍ତର ଗୁଣ ଜାଣି ପାରିଲୁ କେହି ଗୋ ।
ଚିତ୍ତର ସୁଖଦାତା ହୋଇଲେ ଯେବେ । ଅନ୍ତର କରିଗଲେ କାହିଁକି ତେବେ ଗୋ ॥
ଅରଜିଲୁ ଯେବେ ରୁ ବିଚାରି ଲଭ । ବରଜିଲୁ କି କରି ତେତେ ସୁଲଭ ଗୋ ।
ଶୁଣ ଦେଉଛୁଁ କହୁନାହୁଁ ତ ସ୍ୱଚ୍ଛେ । ପରାଣସଙ୍ଗୀ ବୋଲୁ ଥାଉ କି ମିଛେ ଗୋ ॥
ଛପନକୋଟି କାମ ଗୋଟିଏ ହେବ । ଲପନ ଦେଖିଲେ ତ ମୋହ ପାଇବ ଗୋ ।
ସପନ କି କାହାକୁ ଦେଖିଲୁ ସହି । କମ୍ପନ ହେବୁ ଜାଣି ପାରିବୁ କେହି ଗୋ ॥
ଧୀରହୀରା କଥିତ ସଖୀବଚନେ । ରସାର ସାର ଯୁବା ଏହି ଶୟନେ ଗୋ ।
ବସି ରସିବା ବେଳେ ମୋହୋ ସ୍ନେହରେ । ଚଲା ଚଞ୍ଚଳା ପରି ଅନ୍ତରିଖରେ ଗୋ
ମିତ ଉତ୍ତର କଲି ସପନ ସତ । ମଣି ରମଣୀମଣି ଏତେ ବ୍ୟଥିତ ଗୋ ।
ବାତ ହାତମୁଠାରେ ହୁଏ କି ଧରି । କମ୍ପିତ ଚିତ୍ତରେ ତ ନ ଯାନ୍ତୁ ଗୋରି ଗୋ ॥
କୁମୁଦ ମୁଦ ଚନ୍ଦ ଚନ୍ଦ୍ର କି କରେ । ଚନ୍ଦ ଚନ୍ଦ୍ରକଞ୍ଜ କି ତୋଷେ ଭ୍ରମରେ ଗୋ ।
ଏହି ସେହି ବିଧିଟି ପରସ୍ପରରେ । ଭ୍ରମେ ଭ୍ରମେଟି ମନ ବୃଥା ଶ୍ରମରେ ଗୋ ।୨୫।
ରାଧିକା ଧିକ୍କାରିଲେ ଛି ଛି ନୟନ । ସୁନ୍ଦର ଦରଶନ କଲୁ ତ ଭନ୍ନ ରେ ।
ଏ ସଖୀ ପର ପରପଞ୍ଚ ଉତ୍ତର । ଶ୍ରବଣ ଛବଣରେ ନୋହୁ ବଧିର ରେ ।୨୬।
ଯା ବିନା ବିନାଶନ ଏକ୍ଷଣି ହେବ । ତା ଭାବ-ଭାବନା କି କରି ତେଜିବ ଯେ ।
ପ୍ରାଣ ବିକଳୁ କରୁ ଅଛୁ କି ମିଛ । ସତ ବଲ୍ଲଭ ଲୀଳା ବୋଲୁଛ ତୁଛ ଗୋ ।୨୭।
ହୋଏ ପର ପରତେ ଦେହ ପରାଣ । ଆନ ଯେ କରୁ କରୁ ହେତ କି ଜାଣ ଗୋ ।
ଯହିଁ ଅଛୁ ଅଛୁଦ୍ର ଲୋଭ ମୋହୋର । ସଖୀବାର ବାରଣ କିକରି କର ଗୋ ।୨୮।
ଜାଣ ପରା ତୁମ୍ଭେ ମୋ ହୃଦବେଦନା । ଲୁଗ୍ଣିଦେଲ ରାମେ ସାମବେଦ ନା ଗୋ ।
ସେହି ମୁଁ ସେହି ତୁମ୍ଭେ ଦୁଃଖଛେଦନା । ପରିହାସେ ଯେନୁଛ ମୋ ନିବେଦନା ଗୋ ।
ଶକ୍ତି ବଙ୍କିମନେତ୍ରୀ ବଚନେ ଆଳି । ଚିତ୍ତ ଚୁଟିତଭାଷା ବୋଇଲେ ଭାଳି ଯେ ।
ପର ପରତେ ଅତି ଗୁପତ ସିନା । ଅଘଟ ଘଟନା ଏ ବିଧିରଚନା ଗୋ ।୩୦।
ଜଭ ପଦକେ ଯୋଡ଼ା ହେଲା ଦଇବେ । ତୋ ମନୋରଥ ସାର୍ଥ କି ନ କରିବେ ଗୋ
ଯେ ଯାର ସେ ତାର କି ହେଲେ ହୋଇବ । ଯୋଗରେ ଭୋଗ ସିନା ଘଟନା ହେବ ଗୋ
ବିଶ୍ୱମୋହି ମୋହିତକୁ କେ ଭଜନ । ବିଚାରି ଚନ୍ଦମୂର୍ତ୍ତି କି ତହୁଁ ଆନ ଗୋ ।
ଘନ-ଆଚ୍ଛନ୍ନ ହୃଦନଭ ନ କର । କହି ସହି ସନ୍ଦେହ ବହନ ହର ଗୋ ।୩୨।

---

୨୦—୧ ତୋହର ନାହିଁ-ଠ; ୨୦—୨ ପାରିଲୁ କାହିଁ—ଝ. ଠ; ୨୧—୨ କିପରି କେତେ ସୁଲଭ-ଝ, ଠ, ୨୧—୪ ବୋଲୁଥାଉ କି ମିଛେ-ଝ ଠ; ୨୨—୩ ସ୍ୱପନେ-କ, ଖ, ସ୍ୱପନ-ଝ ଠ; ୨୫—୨ ଚତ ଚନ୍ଦ୍ରକଞ୍ଜ-ଝ; ଚନ୍ଦ୍ର ଚନ୍ଦ୍ରକଞ୍ଜ-ଠ, ତୋଷ ଭ୍ରମରେ-କ, ଖ, ୨୭—୪ ନୋହିବ ଧୀର-ଝ, ଠ; ୨୮—୩ ତହିଁ ଅଛ-ଠ, ୨୮—୪ କିପରି କର-ଠ; କି କରିବାର-ଗ, ଘ, ଚ, ଜ; ୨୯—୨ ଅଧିକାଂଶ ପୋଥିରେ ଶ୍ୟାମ ବେଦନା ଅଛି ୨୯—୪ ମୋର ବେଦନା ଠ, ୩୨—୪ କହି ସେହି 'ଠ',

ଧନିଷ୍ଠା ନିଷ୍ଠା କରି ବୋଇଲା ଶୁହିଁ । ନ ବିସ୍ମର ପସ୍ମର କାହ୍ନାଙ୍କ ସହି ଗୋ ।
ଅନା ଅନାମିକାରେ ମୁଦ୍ରି ସନ୍ତକ । ନୀଳ କମଳ ବାସ କେଡ଼େ ମାଦକ ଗୋ ।୩୩।

ତାମ୍ବୁଳ ବୋଳ ଗଣ୍ଡ ଚୁମ୍ବନେ ଝଳ । ହେମ ଆଳବାଳେ କି ରାଗକନ୍ଦଳୀ ଗୋ ।
ଦ୍ୱିଜପୂଜନେ ଶୋଭା ଓଷ୍ଠ ଅରୁଣ । ପ୍ରକଟ କୀଟଭେଦ ପ୍ରବାଳ ଗଣ ଗୋ ।୩୪।

ବର ବରଣ କରି ଦେଇଛୁ ହାର । କେହି ଜାଣିମା ହେଲା କି କି ବିହାର ଗୋ ।
ପର କରି ନ କହେ ପ୍ରକଟ ବିଧି । ଆଉ କଥାମାନ ତ ଗୁପତନିଧି ଗୋ ।୩୫।

ଏବେ ସେ ହୋଇଛୁ କି ଆମ୍ଭ ମିତଣୀ । କାହ୍ନୁଁ କି କରି ମନ ହୋଇବ ଜାଣି ଗୋ
ହୋଉ ପରମ ଶୁଭ ନୋହୁ କହିବା । ଲଭର ଭାଗୀ ଆମ୍ଭେ ନକ ନୋହିବା ଗୋ ।

ସଙ୍ଗୀ ଭଙ୍ଗିବଚନେ ଇଙ୍ଗିତଶାଳୀ । ସନ୍ତକ ଅନ୍ତ କଲା ବିରସାବଳୀ ଯେ ।
ନାଥ ଶ୍ରୀହାତ ମୁଦି ମୁଦ୍ରିତ କରେ । ଶିରେ ଉରେ ଲଗାଏ ମାନ୍ୟ ସ୍ନେହରେ ଯେ ।
ରସିକା ରସି କାନ୍ତଭାବ ଗୋପନେ । ରାଗ ସରାଗ ଝଳି ଦଶେ ବଦନେ ଯେ ।
ଆଶ ନିରାଶ ବଳେ ଅଶ୍ରୁ ଜନିତ । ଧରେ ଅଧରେ କମ୍ପ କୋପ ଯେନି ତ ଯେ ।୩୮।

ଥରକୁ ଥର ଥର ଜାତ ଅଙ୍ଗରେ । ତରଙ୍ଗ ରଙ୍ଗ କି ଲାବଣ୍ୟସାଗରେ ଯେ ।
ପୁଲକ ତୁଲ ଗାତ୍ର-କ୍ଷେତ୍ରରେ ଆଣି । କାମ କି ପ୍ରେମ ବୀଜ ଦେଇଛି ବୁଣି ଯେ ।୩୯।

ରଙ୍ଗ ତରଙ୍ଗ ଶ୍ୱାସ ଓଷ୍ଠରୁ କଲା । ଅମାପ ତାପ ରହି ଯହି ହରିଲା ଯେ ।
ଚନ୍ଦ୍ରପତ୍ରିକ କଲା ଧଉତ ସ୍ୱେଦ । ଦମ୍ଭ ଆରମ୍ଭ ଭାଙ୍ଗି ଦେଉଛି ଖେଦ ଯେ ।୪୦।

ଦେଖି ସଖୀଏ ମନ୍ଦ ନନ୍ଦ ତରେ । ବାରି ବାରିଜଗନ୍ଧା ବିଧିର ଖରେ ଯେ ।
ହରି ହରିବେ ଚିନ୍ତା ବୋଧି ବୋଇଲେ । ସାରି ସାରିବାଦନୀ ମାତକ ଦେଲେ ଯେ ॥
ଇଚ୍ଛା ଚକ୍ରିସ୍ତା ପ୍ରେମ ବ୍ୟାଧିକ ଯେତେ । ପସ୍ମର ଉପସ୍ମରୀମାନଙ୍କୁ ମିତେ ଯେ ।
ସୁମନାକୁ ସୁମନା ଅଙ୍ଗରୁଁ ନେଲେ । ବୀଣା ପ୍ରବୀଣା କରଗତ ନ କଲେ ଯେ ।୪୨।
ପ୍ରେମମଞ୍ଜରୀ ସାରୀ-ପଞ୍ଜରୀ ଥିଲା । କ୍ଷଣେ ଈକ୍ଷଣେ ଆଉ ଦେଖା ନ ଗଲା ଯେ ।
ସାନ୍ଦ୍ର ଚନ୍ଦ୍ର ଆଲୋକ ଆଲୋକ କାହିଁ । ଅକ୍ଷ ଗବାକ୍ଷ ଦଉ ହେବାର ନାହିଁ ଯେ ।୪୩।

---

୩୩ — ୨ ନ ବିସ୍ମରି-ଗ, ଚ, ୩୩ — ୪ ବାସ କେତେ-ଟ, ଠ, ୩୫ — ୪ କଥାମାନଙ୍କୁ-ଟ ଠ, ୩୬ — ୪ ନକ ହୋଇବା-ଟ, ଠ; ୩୭ — ୨ ଶୋକ ଅନ୍ତର କଲା ଗ, ଘ, ଚ, ଜ; ରକ୍ଷାଣ ବଳ ଟ, ଠ; ୩୭ — ୨ ମୁଦ୍ରିତ କରେ ଟ ଠ, ୩୮ — ୧ ରସିକା ରଖି କ, ଖ, ୩୮ — ୪ କୋପ କୁଞ୍ଚିତ ଟ, ଠ; ୩୯ — ୩ ପୁଲକ ଭୁଲ୍ୟ-ଖ; ପୁଲକ ତୁଲ-ଟ, ଠ; ୪୦ — ୧ ଶ୍ୱାସେ-କ, ଖ; ୪୦ — ୨ ଉମାପତି ପରତ ଜ୍ଞାନ ହରିଲା-ଟ, ଠ; ନୟନ ହରିଲା-କ, ଖ; ୪୧ — ୨ ବିଧିର କରେ ଗ; ବିଧିର କଳେ-କ, ଖ; ୪୧ — ୪ କରି କରଗତକ ରକ୍ଷା ବହିଲେ-କ, ଖ; ୪୨ — ୩ ସୁମନା ଶେଯରୁ-ଠ, ମାଧବିକା ସାଧବୀ ଅଙ୍ଗରୁ ନେଲେ-ଗ, ଘ; ମାଧବିକା ସାଧବୀ ଅଙ୍କରୁ ନେଲେ-ଚ; ୪୩ — ୩ ଆଲୋକ ଶୁହିଁ-କ, ଖ; ୪୩ — ୪ ଗବାକ୍ଷବତ-ଗ, ଘ, ଚ;

ମଲ୍ଲୀ ପ୍ରେମବଲ୍ଲିର ଫୁଲେ ଗହଣ । ଅତୁଲ୍ୟ ଅତୁଲ୍ୟ ଭୂଷଣେ ଭୂଷଣ ଯେ ।
ଭାବନା ବିନା ନାହିଁ ଖିବାଦ ଭୂଷା । କେବଳ ପ୍ରବଳତା ସନ୍ତାପ ଦଶା ଯେ । ୪୪ ।
କି କିଶୋରୀ ରତନ ଏ ଦଣ୍ଡ ଭଳି । କି କି କରି ନ ପାରେ ବିଧାତା ବଳୀ ଯେ ।
ହା ହା କହି ସାମନ୍ତସିଂହାର ଜୀବ । ଯା ଯା ବାହାର ଭାବ ଶ୍ରୀରାଧାଭାବ ରେ । ୪୫ ।

---

## ଦ୍ୱାତ୍ରିଂଶ ଛାନ୍ଦ ।

---

## ଶ୍ରୀ କିଶୋରୀ ସ୍ୱପ୍ନାନ୍ତର କନ୍ଦର୍ପାଦିନିନ୍ଦା !

---

ରାଗ ଚନ୍ଦ୍ରାକାମୋଦୀ । ଧନାଶ୍ରୀ ବୃଣ ।

ଧେନ ହେ ସଜ୍ଜନ     ମାନସ-ମଜ୍ଜନ     ରସିକରଞ୍ଜନ ଛନ୍ଦ ।
ସ୍ୱପନ ପ୍ରସଙ୍ଗ     ମନେ ହୋଇ ସଙ୍ଗ     ଭାଙ୍ଗେ ଯୋଗଭଙ୍ଗି ମୁଦ ।
ମାର ମାରଣା ବଶେ । ଶିବ ଶିବ ଅହର୍ନିଶି ଘୋଷେ । ୧ ।
ବୋଲେ ସଦାଶିବ     ହେଲେ ସଦା ଶିବ     କି କରନ୍ତା ମାର ଛାର ।
ଦହି କଲ ଚଉ—     ଜାତ ଏ ଉଚିତ     ନ ଥିଲାତ କରିବାର ।
ଚନ୍ଦ୍ର ଚଉରେ ଭଲ୍ଲ । ଅଙ୍ଗ ଅଙ୍ଗନା ଶରଣ କଲ୍ଲ । ୨ ।
ରଖି ବଡପଣ     ନୋହିଲ କୃପଣ     ସର୍ବଜ୍ଞ-ପଣ ତ ଥିଲ୍ଲ ।
ଜଣକୁ ଶଂକର     ହୋଇଲ ଶଙ୍କର     ବିଶ୍ୱନାଥ ସିଦ୍ଧି ହେଲ୍ଲ ।
ଦେବ ଦେବ ବୋଲଇ । ବରବରଦ ନୁହ କିପାଇଁ । ୩ ।
ତୁମ୍ଭେ ତ ତ୍ରିପୁର—     ବିଜୟୀ ତ୍ରିପୁର—     ବିଜୟୀରୁଁ କାନ୍ତ ମିତ ।
ହୋଇ ଭୂତପତି     କର ଭୂତପତି     ସଙ୍ଗ ଗୁଣ ଏବେ ଖ୍ୟାତ ।
କାନ୍ତ କାନ୍ତଗୋଷ୍ଠୀର । ତଲେ ତଲେ ସେ ମିତେ ନ କର । ୪ ।
ପୁଣି ରସବତୀ     ବୋଲେ ହୈମବତୀ     ଅନୀତ ତୁମ୍ଭେ ନ କର ।
ହେଲେ ବାମଦେବ—     ବାମା ବାମ ଦେବ     ବାମାକୁ କି ପୁରସ୍କାର ।
କାନ୍ତ କାନ୍ତବରଦା । ଲୋକେ ଲୋକେ ପୂଜ୍ୟ ତେଣୁ ସଦା । ୫ ।

---

୪୪ — ୧ ପ୍ରେମ ବଲ୍ଲରୀ-ଘ, ଚ;

୧ — ୧ ହେ ସୁଜନ-ଗ, ଝ, ଠ; ୧ — ୨ ମୋଦ-କ, ଖ; ୨ — ୧ କି କରିବ-କ, ଖ; ୨ — ୨ ଦହିକଲେ-ଚ, ଝ, ଠ; ୩ — ୧ ନୋହିଲେ କୃପଣ-ଘ, ଚ; ୩ — ୨ ହୋଇଲେ ଶଙ୍କର ଘ, ଚ,ଜ; ୪ — ୧ କାନ୍ତ ସିତ କ, ଖ,ଛ; ୪ — ୪ ଲେଶ ମିତେ ନକର-ଝ, ଠ; ତଲେତ ଲେଶେ ମିତେ ନ କର, ଏ ପାଠ ମଧ୍ୟ ଯୁକ୍ତ; ତଲେ ତଲେ ସେ ମିତ ନକର-କ, ଗ; ୫ — ୨ ବାମାଙ୍କୁ କ-ଛ, ଝ; ବାମକୁ-ଠ; ୫ — ୪ ଏକେ ଏକେ ପୂଜ୍ୟ ଝ, ଠ;

ବଲ୍ଲଭ ଅନ୍ତର  ହେବାର କାତର  ନୋହିବାରୁଁ ଅନୁଭବ।
ଦୀନ ନିବେଦନା  ଯେନ ତ ବେଦନା—  ଛେଦନ୍ତି ଯେବେ ନୋହିବ।
ଜନ ଜନନୀ ବିଧି। ଚିନ୍ତ ଚିତ୍ତରେ କି ହେବ ସିଦ୍ଧି। ୬।

ପୁଣି ବୋଲେ ବିଧି  କଲୁ ତ ଅବଧି  କଉଁ ନିଧି ଅରଜିଲୁ।
ସେଖୀ କି ପରଶି  ସୁଧା ଭୁଞ୍ଜି ରସି  ଶିରେ ପବି ବରଷିଲୁ।
ବା ତୁ ବାତୁଳ ହେଲୁ। ଧିକ୍କ ଧିକ ଏ ଅନୀତି କଲୁ। ୭।

କରୁଣାକୃପଣ  ହେଲେ ପ୍ରଭୁପଣ  ଅସୁନ୍ଦର ସିରଜିଲୁ।
ଦୀନ କରେଁ ଧନ  ଦେଇ ତ ନିଧନ—  ଦଶା ଦେଇ ହରି ନେଲୁ।
ମାନ ମାନବେ ଜାଣି। ସେ ବା ସେବା ନ କରନ୍ତି ପୁଣି। ୮।

ଶେଷଶାୟୀ ବିଧୁ  ଶଶଧର ବିଧୁ  ଈଶ ପାଉଁଶମଣ୍ଡନ।
କୃତ ବିବେକ ତ  ହୋଇଛୁ ବ୍ୟକତ  କି କହିବା ଆଉମାନ।
ସ୍ୱୟଂ ସ୍ୱୟମ୍ଭୂ କେହି। ଆନ ଆନନରେ ଲାଜ ନାହିଁ। ୯।

ପୁଣି ବୋଲେ ମାର  ତୁ ପରି କୁମାର  ବଡ଼ଲୋକର ବୋଲାଉ।
ଯେ ବୋଲଇ ମାର  ତାକୁ କପାଁ ମାର  ନିନ୍ଦାକୁ ନିପା ନ ପାଉ।
ପୂଣ୍ୟ ପୁଣ୍ୟଜନର। ଆଣି ଆଣି କରୁଛୁ ପ୍ରଚୁର। ୧୦।

କସ୍ତୂରୀ ଦକ୍ଷାକୁ  କରୁଛୁ ଶିକ୍ଷାକୁ  ଦାବାନଳ ପ୍ରାୟେ ହେବୁ।
ଜାତସ୍ଥଳ ହିତ  କଲେ ତ ଦେହି ତ  କାହିଁ ଆଉ ବିଶ୍ରାମିବୁ।
କଲୁ କଳୁଷବନ୍ତ। ପରି ପରିଣମିତ ଶଶୀ ତ। ୧୧।

କଉଁ ଜନ କରେ  ନାଶ ଜନକରେ  ତାହା ନିଜ କରେ କଲ।
କଲି ଯେ ପାଳକ  ପୋଷିଲି କାଳକ  ତାର ତନୁଭୋଗୀ ହେଲ।
ଧୀରେ ଧୀ-ରେ ବିଚାର। ପର ପରମାଦ କଉଁ ବର। ୧୨।

ଦଇବ ବଲ୍ଲଭ-  ମେଳକୁ ସୁଲଭ  କରିଥିଲି କୃପାକର।
ସେ ତୋ ଯୁବତୀକି  ଦିଅନ୍ତେ ମତିକି  ଭିନ୍ନ କଲୁ ଦୋଷ ଧର।
ବିଧୁ ବିଧୁ ଏଥିକି। କାନ୍ତ କାନ୍ତ ପରି ବୋଲିବ କି। ୧୩।

---

୬—୧ ହେବାରୁ କାତର-ଙ, ଠ; ୬—୨ ଛେଦନ୍ତି ଯେବେ ନୋହିବ-ଙ, ଠ; ୭—୨ ସୁଧା ଭୁଞ୍ଜୁ ରସି-ଗ, ଚ, ଜ; ଭୁଞ୍ଜୁ ବସି—ଙ; ଭୁଞ୍ଜି ବସି—ଠ; ୯—୧ ପାଉଁଶ ଲେପନ-କ, ଖ; ୯—୨ ହୋଇଛି ବ୍ୟକତ-ଠ; ୯—୪ ଆନ ଆନନରେତ-ଙ, ଠ; ୧୦—୪ ଆଣି କରିଛ ପ୍ରଚୁର-କ, ଖ, ଗ, ଘ; ୧୧—୧ କରିଛ ଶିକ୍ଷାକୁ ଙ, ଠ; ୧୧—୪ ସମ୍ମିତ-ଠ; ୧୨—୧ ନିଜ କରେ କଲୁ-କ, ଖ; ଯୋଗୀ ହେଲ-ଠ; ଭୋଗୀ ହେଲୁ-କ, ଖ; ୧୨—୪ କେଉଁବାର ୧୩—୩ ବିନ୍ଧୁ ଏଥିକି-ଘ; ୧୩—୪ ବୋଲି ନିକି-ଗ, ଘ, ଚ, ଜ; ବଲିଖି କି-କ, ଖ;

କାନ୍ତା ମିତ ମୁହିଁ ପୁଣି ଚନ୍ଦ୍ରମୁହାଁ ବଶିବଶୀ ହୋଇଅଛୁ ।
ପଦ୍ମିନୀ ନାମରେ ମାରୁଛୁ ଭ୍ରମରେ ନ ଗୃହୁଁ ତହିଁକ କଛୁ ।
ତମ ତମରୁଁ ତେଣେ । କରୁଁ କରୁଣା ଊଣା କି ଏଣେ । ୨୨ ।
ପୁଣି ସେ ଭ୍ରମର ଗୃହିଁ ବୋଲେ ମର ଫୁଲଧନୁ ଗୁଣ ଛୁଡୁ ।
କାମ ଅହଙ୍କାର କଷୁଣି ଟଙ୍କାର ହୁଁକାର ଝଙ୍କାର ପୋଡୁ ।
ସାର ସାରସେ ରସୁ । ଧାନ ଧନକେ କରୁ କି ଦୋଷୁଁ ।୨୩।
ଯେଣୁ ଷଟପଦ ତେଣୁ ଶଠପଦ ସୁନ୍ଦର ମାନଇ ତୋତେ ।
ସ୍ୱଭାବ ମଧୁପ ସକାଶୁଁ ମଧୁପ ନାମ ବୋଲନ୍ତି ଜଗତେ ।
ଭାବ ଭାବନା ତର୍କି । ରସ ରସଇ ନାହିଁ କେତକୀ । ୨୪ ।
କଳା ବର୍ଣ୍ଣଙ୍କର ଉପସ୍ଥିତ କର ମାଧାକୁ ଯେ ହେବ ସେହି ।
ଗୃହୁଁ କହୁଥାଉ ଚୁମ୍ବ ଦେଉଥାଉ ମର୍ମ ପୋଡ଼ିଦେଉ କେହି ।
ସାର ସାରସମିତ । ଗୁଣ ଗୁଣ ଜାଣି ନ ଥାଇ ତ । ୨୫ ।
ପୁଣି କୋକିଳକୁ କଥିତ କଳକୁ ମଧୁର ବୋଲନ୍ତି ପରି ।
ସଞ୍ଚିଥିଲା ପାଞ୍ଚ— ସ୍ୱର କରି ପାଞ୍ଚ— ଶର ମାରିବାକୁ ଧୀରି ।
କଳ କଳନା ହେଲି । କରେ କରେ କେ ଆକାର ଦେଲି ।୨୬।
କଳା ଯେ ପାଳକ ବଧିରେ କାଳକ ତାହାର ନୋହୁଛୁ ଯହିଁ
ପର ପରଭବ କହୁଁ ଅସମ୍ଭବ କି କରି ବୋଲିବା ତହିଁ ।
ମାର ମାରଣା ହୋଇ । ବଳୀ ବଳଭୁଜ ବଳି ଖାଇ । ୨୭ ।
ବ୍ୟାଧ ଜଳଧର ବଧ ଗିରିଧର ଭେଟ ପାଇବୁ ଅବଶ୍ୟ ।
ବକୁଳମାଧବୀ ତୋତେ ପ୍ରମାଦ କି ଦେବାର ନିର୍ଲ୍ଲଜ ଆସ୍ୟ ।
ବହି ବହିଛୁ ଯାହା । ମନା ମନାକେ କେ କରେ ତାହା । ୨୮ ।
ପୁଣି ସେ ରତିକା ଅପୂର୍ବ ମାତିକି ବହିଲ ନକି ଗୋ ବୋଲେ ।
ଯୁବତୀ ବେଦନା କଲେ ନିବେଦନା ଯୁବତି ଘେନନ୍ତି ଭଲେ ।
ମାନ ମାନସୀ ମୁହିଁ । ବଧୂ ବଧୂରେ କି ନୋହୁ ଭୁହି ? । ୨୯ ।
ପୁଣି ସେ ଯୁବତି ବୋଲେ ନିଦ୍ରାବତୀ କହୁଁ ଅପରାଧ କଲି ।
ନୟନୁ ଅନ୍ତର ହୋଇଲେ କାତର- ଦଶା-ନଦେ ଭାସିଗଲି ।
କଲ କଲବଲ ତ । କାନ୍ତ କାନ୍ତ ଭିନ୍ନ ମୃତ୍ୟୁ ସତ । ୩୦ ।

---

୨୨—୧ କାନ୍ତମିତ ଘ, ଚ, ଟ, ଠ; ୨୨—୩ ତମ ତମର-ଠ, ୨୫—୨ ଫୋଡ଼ଯାଉ କେହି ଝ, ଫୋଡ଼ଦେଉ କେହି-ଜ, ପୋଡଯାଉ କେହି-ଛ, ୨୬—୪ କରେ କରେ କେ ଆକାର ହେଲି—ଠ, ୨୭—୧ ବାଳକ-ଠ; ୨୮—୨ ଦେବାରୁ-ଠ; ସମସ୍ତ ପୋଥିରେ 'ନିଲକ ଅସ୍ୟ' ଅଛି; ଦେବାର ବିମଳ୍କ ଅଶ-କ, ଖ; ୩୦—୨ ହୋଇଲ କାତର-ଟ, ଠ, ୩୦—୪ କାନ୍ତା କାନ୍ତ-ଟ, ଠ;

ପୁଣି ବୋଲେ ବଧୂ    ହା ହା ପ୍ରାଣବନ୍ଧୁ    କରି ଗଲ ଅନାଥିନୀ ।
ପ୍ରଣୟ ପୋତକୁ    ବିଯୋଗ ବାତକୁ    ଭେଟାଇଲା ପଦ୍ମଯୋନି ।
ଯାଉ ଯାଉ ପାରତ । ତାରି ତାରି କର ଏକି ସ୍ୱତ । ୩୧ ।
ଭାଗ୍ୟ କଳ୍ପତରୁ    ଫଳ ଫଳିତରୁ    ପୁଣ୍ୟ ଭୋଗକୁ ନ ଥିଲ ।
ପରାଣ ହରିବା    ଭୂମିକା କରିବା    ବିହି ଆଣି ଦେଖାଇଲା ।
ଜୀବ ଯିବ କି ମୋର । ଭୂଷ ଭୂଷଣ ବେଳେ ବନ୍ଧୁର । ୩୨ ।
ରସିକମଣି ସାରୁ    ବୋଲିବେ ସଂସାର—    ଉତରେ ମଲେ ପ୍ରୀତିକି ।
କ୍ଷଣ ଶଶୀବଧି    ହେବ କି ଅବଧି    ପାଇବି ଶୋଭାମୂର୍ତ୍ତିକି ।
ଅଛୁ ଅଛୁଦ୍ର ଆଶ । ନାଶ ନାଶକର ନାହିଁ ତ୍ରାସ । ୩୩ ।
ଏମନ୍ତ ସଜନୀ    ଶୁଣିଲେ ରଜନୀ—    କାନ୍ତମୁଖୀକି ବୋଇଲେ ।
ଥିଲେ ବା ଜୀବନ    ଦେଖିବୁ ଭୁବନ—    ମୋହନ ମୂରତି ତୋଳେ ।
ସହ୍ର ସହ୍ର ବିପତ୍ତି । ପାଞ୍ଚ ପାଞ୍ଚଶର ପ୍ରାପ୍ତ ରତି । ୩୪ ।
ଥିଲପାଇଁ ଘଟ    ଜାନକୀ ସଂଘଟ    ରାମ ସଙ୍ଗେ ପୁଣି ହେଲେ ।
କାମ କଳ୍ପତରୁ    ଭଜନ୍ତୁ ଦୁସ୍ତରୁ    ତରିବୁ ଅବଶ୍ୟ ବେଳେ ।
ବାତ ବାତକ ଧନ । ମୂର୍ଚ୍ଛି ମୁଁ ଛନ୍ତୁ ଜୀବନ କଲ୍ପନ । ୩୫ ।
ସୁତମାଳ ମାଳ    ଖଟମାଳ ମାଳ    ଦେଖୁଥିବାକୁ ମୋ ମନ ।
ଯିବ ହୃଦ ଦକ    ମର୍କତ ପଦକ    ଭୂଷଣ କରି ବହନ ।
ଘନ ଘନବରନ । ଚୀର ତର କର କର ଦାନ । ୩୬ ।
ଗଲେ ଏ ଜୀବନ    କାଳନ୍ଦୀ ଭୁବନ—    ଶାସ୍ତ୍ରୀ ତନୁ କରାଇବ ।
ଜନ୍ମ ନବଘନ—    ଶ୍ୟାମ ଘନ ଘନ    ଅନ୍ତକାଳେ ଶୁଣାଇବ ।
ଭୂଷ ଭୂଷଣ ଏତେ । ମୋହ ମୋହନକୁ ଚିନ୍ତ ଚିତ୍ତେ । ୩୭ ।
ଉରେ ଆଉଜାଇ    ଲୁହ ଉପୁଜାଇ    ନିଶ୍ୱାସ ବାରନ୍ତି ମିତେ ।
ସେ କାଳ ଆକୁଳ    ମହାସିନ୍ଧୁ କୂଳ    ପାରି ପାଇବ କେ କେତେ ।
ବାରି ବାରିଜାକ୍ଷିନେ । ମିତେ ମିତେ ସିଞ୍ଚିଲେ ଚେତନେ । ୩୮ ।
ଦରିଦ୍ର ନିଧିକି    ଲଭିଲା ସିଦ୍ଧିକି    ପାଇ ଉପଗ୍ରର କଲେ ।
ଏହି ସମୟରେ    ଭାଗ୍ୟ ଉଦୟରେ    ପୌର୍ଣ୍ଣମାସୀ ଆସି ହେଲେ ।
ତନୁ ତନୁ ଦେଖିଲେ । ଆଶ ଆଶୟେ ବର୍ଦ୍ଧନ କଲେ । ୩୯ ।

---

୩୧—୧ ସାହା ପ୍ରାଣବନ୍ଧୁ-ଝ, ଠ; ୩୧—୪ କରେ ଏକ ସ୍ୱତ-ଝ, ଠ; ୩୨—୧- ଭୋଗ୍ୟ ଫଳ ଥିଲା-ଝ, ଠ; ୩୩—୨ କ୍ଷଣୀ ଶଶୀବଧି-ଝ, ଠ; ୩୩—୪ ନାଶକର-ଝ, ଠ; ୩୪—୪ ପ୍ରାପ୍ତରତି-କ, ଖ, ଗ; ପ୍ରାପ୍ତିରତି-ଘ; ୩୫—୨ ଭଜନ୍ତୁ-ଝ, ଠ; ୩୫—୩ ବାତକ ଧ୍ୱନ-ଝ, ଠ; ୩୭—୨ ଶ୍ୟାମ ଅପଘନ-କ, ଖ; ଶ୍ୟାମ ନବଘନ-ଗ, ଝ, ଠ; ୩୮—୨- ସେ କାଳେ-ଠ, ୩୮—୪-ସିଞ୍ଚିଲେ ଯତନେ-ଝ, ଠ; ୩୯—୧ ପାଇଲା ସିଦ୍ଧିକି-ଝ, ଠ;

ସରେ ତା ଗୁଣଗଣ ଭାବି ଏଥର ଶରଣ ପାଏ କାହାର ।
ଏକା ହାର ହୃଦେ ଗୃହିଁ ବିବେକନ୍ତେ ଭାବେ ହେଲି ସୁନାଶୀର । ୫ ।
ଭାବେ ସୁନାସୀର ଅନୁଗ୍ରହ ହେଲା ମାର ନା କୁସୁମଶର ।
ମାର-ନା କୁସୁମଶର ଯେ ବୋଲୁଛି ଛି ଛି ବିବେକ ତ ତାର । ୬ ।
ବିବେକତ ତାର ତରଣୀ ତରୁଣୀ ମଦନରତ୍ନାକରକୁ ।
ରତ୍ନାକରକୁ ଦେଇ କରେ ହରଲି କି କହିବା ଦଇବକୁ । ୭ ।
ବଙ୍କୁନେତ୍ରୀକି ମନାଇଁ ନ ଶୁଣିଲି ସୁରତେ କିଙ୍କିଣୀ ବଳା ।
କିଣି ବଳାଶିତ ପଦରା ଦିଅନ୍ତା ସୁଜଘନ ବରତୁଳା । ୮ ।
ଘନ ବରତୁଳା ରହସାନୁ ସ୍ତନ ମାନସ ତ ହରକର ।
ମାନ ସତ ହରି କରନ୍ତା ହରନ୍ତି ଧରି ପଦସାରସର । ୯ ।
ପଦ ସାର ସରଜାକ୍ଷୀ ପଦଚନ୍ଦ୍ର ମାନିକରେ ପରପତ ।
ପରି ପତିତଜାଣୀ ସେ ଅଙ୍ଗୀକାରେ ହୃଅନ୍ତା ପାନସମ୍ପତ୍ତି । ୧୦ ।
ପତିତପାବନ ପୁରତେ ବି-ପତ ପରି ଥିବି ମାନ ସତ ।
ମାନସ ତ ଇନ୍ଦ୍ର ଅକ୍ଷଭାବେ ଲେଖି ତନୁବସନର କୃତ । ୧୧ ।
ବଶନର କୃତ ଘନ କି ବିହିତ ଭାସିବ ଭାବ ନରତେ ।
ଭାଷିବ ଭାବନ ରତେ କିଣ ମୋତେ ବାଜୁ ନାଗରୀ ଜଗତେ । ୧୨ ।
ନାଗରୀଜଗତେ ମୋର ବୋଲ ହେଉ ଶ୍ରୀ ବିଶ୍ୱକେତୁରାଜକୁ ।
ତୁ ରାଜକୁମାରୀ ପରଶୃର କଲେ ସାଜୁଥିବ କବରକୁ । ୧୩ ।
ରଙ୍କୁନେତ୍ରୀକି ଏ ରୂପେ ମନାଇବା ସୁଭାଗ୍ୟ ଦିଶୁନାହିଁ ତ ।
ସୁନା ହିଁ ତ ତନୁକାନ୍ତିକି ମାରସ ସ୍ତନ ସୁନାଗରସ୍ତୁ ତ । ୧୪ ।
ସୁନାଗରୀ ଆତଯାତ-ଭଙ୍ଗି ସଙ୍ଗୀ ହସିବାର ସୁଗତି କି ।
ହଂସୀବାର ସୁଗତିକି କରି ଜଣେ ହସେ ହରିର କରକି । ୧୫ ।
ହରିର କରି କି ଲକ୍ଷ ଗମନକୁ ଖସିଯାଉଁ ପଲଙ୍କରୁ ।
ପଲଙ୍କରୁ ସେ ଗୃତୁରୀ ଯାଉନାହିଁ କେତେ ଅନା କୋଳକରୁ । ୧୬ ।
କରୁ ନିଧି ହସଇଲି ଭାଗ୍ୟଶେଷ କି ପତନରୁ ଚିବୁକେ ।
ଚୁଚ ବୁକେ ଶମ୍ଭୁସେବା-ଦ୍ରୋହଫଳେ ହେଲି ମୁଁ ପାନ ରସିକେ । ୧୭ ।

---

୫—୧ ଏଠାରେ ଶରଣ ଝ, ଠ; ୫—୨ ଗୃହିଁବ ବେମନ୍ତେ-ଗ, ଘ, ଚ, ଜ; ଗୃହିଁବ ତା କେତେ-ଙ, ଞ; ହେଲି ଭାବେ ସୁନାଶୀର-ପାଠ କଲେ ସିଂହାବଲୋକନର ଲକ୍ଷଣ ରକ୍ଷିତହେବ-କିନ୍ତୁ ଖ ୧୦ ଶ୍ରୁ ପୋଥିରେ 'ଭାବେ ହେଲି ସୁନାଶୀର' ଅଛି । ୬—୨ ବିବେକ ତାହାର-ଗ, ଘ, ବ, ଜ, ଝ, ଠ; ୭—୧ ବିବେକ ତାହାର-ପୂର୍ବାନୁରୂପ ପାଠ; ତରଣି ତରଣି-ଝ, ଠ; ତରୁଣୀ ତରୁଣୀ-କ, ଖ, ଗ; ୭—୨ କରେ ଦେଇ-ଗ, ଘ, ଚ, ଜ; ୧୧—୧ ମାନସତ ୧୧—୨ ମାନ ଶତ-ପାଠ ମଧ୍ୟଯୁକ୍ତ ଉତ୍କର୍ଷ-ଠ; ୧୨—୧ ପେନ କବିହତ-କ, ଖ, ଝ, ଠ; ୧୩—୧ ତ ବିଶ୍ୱ-ଘ, ଚ, ଜ, ଝ, ଝ; ଭୁ ବିଶ୍ୱ ଗ; ୧୬—୧ ଲକ୍ଷଣ ମନକୁ-ଝ, ଠ; ୧୭—୨ କଲଙ୍କରୁ-ଗ, ଜ, ଝ; ଚ, ଠ, ଅନ;

ମୁଦ ନ ରସି କେହି କାହା ସଙ୍ଗତେ ହରବା ଆନନ ନ ଦଶେ ।
ହରବା ଆନନ ଦଶେ ଦେଖାଇଛୁ ସତ ସେ ମାନସେ ଆଛସେ । ୧୮ ।
ସେ ମାନସେ ଆଶେ କର ଭସାଉଛୁ ତାରୁ ବେଳେ ଉରୁ କୋଳେ ।
ଉରୁକୋଳେ ଥିଲେ ସରିତ-ସାଗରେ ହସିବ ଅଭେଦ ବଳେ । ୧୯
ବଳେ ତହିଁକି ହାରକୁ ଅଙ୍ଗହାର କର ଦେଇଛୁ ଜୀବନ ।
ଛୁ ଜୀବନ ଭିନ୍ନ ସହି ରହିଅଛୁ ନ ଲଭି ସୁଦରଶନ । ୨୦ ।
ଶୀ ସୁଦରଶନକର ହର, ଦଅ ସଦାଶିବ ଗଉରୀକ ।
ସଦାଶିବ ଗଉରୀଙ୍କି ହସିବ କି କୋଳେ ଧରି ବାନ୍ଧଣୀକି । ୨୧ ।
ଧରି ବାନ୍ଧ; ଜକ ହେଲ ଦାସ ସିନା ବାନ୍ଧୁ ପାଶେ ସତତରେ ।
ସତତରେ ରଖିଥିଲେ ଅକ୍ଷି ଥିବ ଗୁରୁ ଶ୍ରୀମୁଖବିଧୁରେ । ୨୨ ।
ଧୂରେ ଥାଇ ଭୃଙ୍ଗ କତକ ନଅଇ ବାସ ପେଷି ପଦ୍ମିନୀ ତ ।
ପଦ୍ମିନୀ ତ ବନ୍ଧ ସେ ଗୀତ ନୋହୁଛୁ ହେଲ ଜୀବ ନରତ ତ । ୨୩ ।
ଜୀବନୀରତ ତ ବରତନ ମୋର ଚନ୍ଦ ଶ୍ରୀପଦ କଙ୍କର ।
ଚନ୍ଦ ଶ୍ରୀପଦ କି କରରେ ଧଇଲେ ତୁ ସାଗର ଅମୃତର । ୨୪ ।
ଗର ଅମୃତର ଗୁଣକର ଦାନ ମଣିଛି ସନ୍ନିପାତରେ ।
ନିପାତରେ ମୋର କି ହାନ ନୋହିବ ସଞ୍ଜିନୁ ସୁଧା ହାସରେ । ୨୫ ।
ଶରେ ସାର ମାର ପର ମଣି ଭ୍ରମେ ନାମମାନ୍ଦ ପଶୁପତି ।
ପଶୁପତି ହେଲେ ନ ଥାନ୍ତା କି ମୋର ଅଙ୍ଗେ ଗଉରୀବିଭୂତି ।୨୬।
ଗଉରୀ ବିଭୂତି ମଣ୍ଡନ ଭୂଷଣ କି-ରେ ତ ରଜନୀକର ।
କରେ ତ ରଜ ନକର ମଣ୍ଡି ହେଲ ଉରେ ତାର ନାଗେଶ୍ୱର । ୨୭ ।
ତାର ନାଗେଶ୍ୱର ହୃଦେ ବିରାଜଇ, ଧୃତ କରକମଳର ।
କମଳର ଧୃତ କର ମୋର ପୁଣି ସେ ରସୁ କନ୍ଦରପର । ୨୮ ।
ପର ମୁହିଁ ତ ହୋଇଛୁ ତାର ଏବେ ବୋଲନ୍ତି ସେ ଶଙ୍କର ତ ।
ଶଙ୍କର ତ ମୋର ନାହିଁ, ତାହାଙ୍କର ରମ୍ୟ ସୁବାସ ହରତ । ୨୯ ।
ସୁବାସ-ହରତ-ବାମ ମୁଁ ସେ ଧୃତ ସୁର-ତରଙ୍ଗିଣୀବର ।
ସୁରତ-ରଙ୍ଗିଣୀ ବରଣ ହାରରେ ଆନ ଧିଆନ ନ କର । ୩୦ ।
ଧୀ ଆନ ନ କର କାହିଁକି ନ ଲୀଳ ମୁହିଁ ସତ ବିଯୋଗିରେ ।
ବିଯୋଗୀରେ ମୋତେ ଗଣି ତ ମାରୁଛୁ ବନ୍ଧୁ ସାହା ନୋହିବାରେ ।୩୧।

---

୧୮—୧ ଜାର ସଙ୍ଗତେ-ଝ, ଠ; ୨୫—ଗୁଣକରେ-କ, ଖ, ଚ; ଗୁଣାକର-ଠ;
୨୬—ଶରେ ମାରେ ମାର-କ, ଘ; ଶରେ ସାରେ ମାର-ଖ, ଚ; ୨୭—୨ ଉରେ-ଜ,ଝ,ଠ;
୨୮—୧ ଧୃତି-ଗ, ଘ, ଚ, ଜ; ୨୯ ପଦରେ ମଧ୍ୟ ତଦ୍ରୂପ; ୩୧—୨ ଗଣିତ ପାରୁଛୁ-ଝ, ଠ;

ତାରେ ଏ ପରି ଦୁଃଖଦ ହେଲେ ଧନ ସମ୍ଭବ କି ବିଦେହ ଟିରେ ।
ବିଦେହରେ ତୁଳା ଶିରୀଷ କି ତୁଳା ପୂର୍ଣ୍ଣ ସେ ଘନରସରେ । ୩୨ ।
ସେ ଘନରସରେ ଶରଧୀ ମୁଁ ହଂସ ବିଚ୍ଛେଦୁ ଦିନ ସରେ କି ।
ବିଚ୍ଛେଦୁଁ ଘିନ ଶରେ କି ଯଶ ଅଛି ସରେ ଗୁଣି ତିଳକ କି । ୩୩ ।
ଗୁଣିତିଳକ କି କରି ଦିନ ନେବ ଏ ଦାସକୁ ଘିବନାରେ ।
ଘିବା ନା ରେ ସଖି କହିବେ ଆନ୍ତରି ଘେନିବ କେହି ମନରେ । ୩୪ ।
ନରେଶଦୁଲାଳୀ ସେବକବତ୍ସଳୀ ପୁଣି କୃପାନିଧିବର ।
ନିଧିବର ଦେବା ତୁଲ୍ୟ କି ମୋ ବନ୍ଧୁ ପ୍ରେମବିତରଣୀ ସାର । ୩୫ ।
ବିତରଣୀ ସାରସାକ୍ଷୀ ମୋର ନାହିଁ ଘସିବ ମାରଜୀବନେ ।
ଘସିବ ମାର ଜୀବନେ କି ଦୋଷରେ ମୁଁ ତ କିଙ୍କର ସୁମନେ । ୩୬ ।
କିଙ୍କର ସୁମନେ ପରପରି ବୁଝି ପ୍ରୀତିକି ଏ ପରମାଦ ।
ପରମାଦକୀ ପରି ହୋଇ ବିହ୍ୱଳ ଘିଳନ୍ତେ ଘିଳିଲି ମୁଦ । ୩୭ ।
ମୁଦନ୍ତ ଅକ୍ଷି ଦେଖିବା ଅବା ପୁଣି ଚନ୍ଦ୍ରସ୍ମିତା ବିଘିବରେ ।
ବିଘିବରେ ଚଉଭିତରେ ଦେଖନ୍ତେ ମଣି ମାନ ସମାନରେ । ୩୮ ।
ମାନସ ମାନରେ ମଜ୍ଜନ କର ନା ଘିସୁଛି ଜୀବଜୀବନ ।
ଘିସୁଛି ଯିବ ଜୀବନ ଘିଳୁ ଭିନ୍ନ ତା ମୂରତି ଆଲୋକନ । ୩୯ ।
ଭତି ଆଲୋକନ କି ସୁଖ ଘିଳିଲେ ପାପ କଲୁ ଲୋକନ ରେ ।
ଲୋକନରେ ଦେଖି କେଳେ ହେବେ ଯାର ମୂର୍ଚ୍ଛି ରହନ୍ତୁ ତାହାରେ । ୪୦ ।
ହା ରେ ଜୀବ ଯା ରେ ବନ୍ଧୁ ଗଲା ପଥେ ପାଇବୁଟି ସୁଗତିକି ।
ସୁଗତିକି ତେଜ ରହନ୍ତୁ ଅର୍ଜିବୁ ବିଶେଷ ତ ଉପତିକି । ୪୧ ।
ସ୍ୱତିତ ପତିକି ଯୁବତୀରତନ ବିଚ୍ଛେଦ ନ ହେବାର ତ ।
ବିଚ୍ଛେଦନ ହେବାର ତ ସାର ତହୁଁ ଧୀ ଦିକା ମନା ମାନତ । ୪୨ ।
କାମନା ମାନ ତ ଏ ବିଧୀରେ ଧୀରେ କରୁଁ ହରି ବିଚେତନ ।
ବିଚେତନରେ ଦେଇ ଘେନ ଏ ଗ୍ରନ୍ଥ ଚନ୍ଦ୍ରହିହାବଲୋକନ । ୩୪ ।
କନକାଙ୍ଗୀ ରାଧା ଘନଶ୍ୟାମ କୃଷ୍ଣ ଯୁଗଳପଦସାରସେ ।
ରସେ ଅଭିମନ୍ୟୁସାମନ୍ତସିଂହାର ମନ ଅଳି ମଧୁରସେ । ୪୪ ।

---

୩୩—୧ ସେ ଘନରସରେ ଶରଧୀ ମହିଷ-କ, ଖ, ଘ, ଚ ଜ; ଝ, ଟ; ୩୭—୧ ପରପରବୁଝି ଝ, ଠ; ପରଦାର-ଘ; ୧୯—୩ ମଜ୍ଜନ କରିବା ଝ-ମଜ୍ଜନ କରିବା-ଠ; ୪୦—୨ ଲୋଳେ ହେବା ଯାଚି-କ, ଖ, ଘ, ଚ, ଝ, ଠ;

ଲକ୍ଷଣାଶ୍ଳେଷ । ମନ୍ଦାର ଅଧର ଚଳିବାର ତ ଦେଖିଛୁ ।
ପୟୋଧର ଅମ୍ବର ଆଛନ୍ନେ ବିରାଜିଛୁ ।
ଘନରସ ବୃଷ୍ଟି କାହିଁ ପାଇଁ ହୁଇ ନାହିଁ ।
ବିଦେହ ତାପ ବିଲୋପ ହେବ ବନ୍ଧୁ କେହିଁ । ୧୨ ।

ଏକପଦ ଶ୍ଳେଷ ନିରର୍ଥକ । ଶର ବ୍ୟଗ୍ର କରୁଛି ପାମର ମାର ଉର
ଚିନ୍ତା ବ୍ୟାକୁଳ ଆକୁଳ ତାପକୁଳବର ।
ସୁରସ ଭାବନା ବିନା ଜୀବିକା ତ ନାହିଁ ।
ସମଦଶା ଯେନ ଦୁଖୀ ମିତ୍ର ମୋର ତୁହି । ୧୩ ।

ବ୍ୟଙ୍ଗ୍ୟ ଶ୍ଳେଷ ଅପ୍ରୟୋଜନାର୍ଥ । ସୁରସ ନିଧିରେ ଦାସ ଆସ ବୋଲୁ ନାହିଁ ।
ଦର୍ପକର ଶରେ ଛେଦ ହେଲି ଗୃହିଁ ଗୃହିଁ ।
ଭବର-ଧନୀଙ୍କ ପାଇ ହେଉଛି ମୁଁ ହୀନ ।
କୃତାର୍ଥ ପଦଙ୍ଗ ଥରେ କରୁ କି ନା ଦାନ । ୧୪ ।

ଅବନା । ମଦମତ୍ତ ଉନ୍ମତ୍ତ-ଗଜ-ମସ୍ତକ ବତ ।
ଉଲଟ ତବଲ ରମ୍ୟ ମଣ୍ଡପ ତ ସତ ।
ଦନ୍ତଶଠ କରକ ରତନଧର ଯହି ।
ପ୍ରକଟ କନକଘଟ ଘଟନ ତ ସ୍ତନ । ୧୫ ।

ଦନା । ଧୀରେ ଧୀରେ ବେଳେ ବେ ରେ ସ୍ତୁତିକି ମୋ ଯୋଷି ।
ଦଶେ ଦଶୁ ଆସୁନାହିଁ କି ଦୋଷେ ସୁମୁଖି ।
ଯବେ ଯବନୀକି ଯିବଛି ମୁଁ ଶ୍ରାଦ୍ଧ ହେବ ।
ଜାଣିଲେ ତୁ ମୁରୁଛି ବା ମୁଁ କେହି ପାରିବି । ୧୬ ।

ସବେଷ୍ଟକ । ଯବ ମୁଁ ମୋ ପାପେ ଭବ-ବାମଯାଦବ ଭ୍ରମେ ।
ଶ୍ରୀମଧୀ ବିଭବ ବପୁ ଯ ଯବ ବିଭ୍ରମେ
ବିବପୁ ଭବ ବାମା ମା ପ୍ରେମେ ମୋ ବିଯବ ।
ଭବେ ପୂର୍ବଭୂପ ବୈଭବ ପ୍ରାଭବ ଯବ । ୧୭ ।

ନିସ୍ୱର ନବେଷ୍ଟକ । ଚରଣ ଶରଣ ରଣରଣଦରହର ।
ଯତନ ରତନ ଘର ସ୍ତନ ତ ରଙ୍କର ।
ଅଙ୍ଗ ଅନଙ୍ଗର ଶରସଦନ ତ ସତ
ନୟନ ଦର୍ଶନ ଜନରଞ୍ଜନ ସତତ । ୧୮ ।

---

୧୩ — ୧ ମାର ଉର-କ, ଖ, ଜ; ୧୩ — ୨ ତାପକୁ ଲିବର-ଟ, ଠ; ୧୫—୩ ସୁରସ-ଭାବନା-ଗ, ଘ, ଚ, ଜ; ୧୪ — ୨ ଦର୍ପକ ଗଣରେ-ଟ, ଠ; ୧୫ — ୨ ରତନ ଧନଯତି-ଙ, ଖ, ଠ; ୧୭ — ୨ ଶ୍ରୀମତି ବିଭବ ବପୁ-ଟ, ଠ; ୧୭ — ବିବପୁଭବା-ଟ, ଠ; ୧୮ — ୨ ରତନ ଘନ-ଙ, ଖ, ଚ, ଟ, ଠ, ୧୮ — ୩ ଅନଙ୍ଗ ଉପର ନିଧି ହୋଇପାରେ

ପୁନରୁକ୍ତବଦାଭାସ । ରାଜ-ନୃପତିନନ୍ଦନା ସହିତେ ତୁ ପରା ।
ତନୁ ଅଳ୍ପ ଦାନରେ କୃପଣ ନୁହ ଧୀରା ।
ସ୍ମର ଦର୍ପକର ଶରେ ମରଇ କି ଯଶ ।
ପର ଶତ୍ରୁଙ୍କୁ କେବେହେଁ ନ ଦେଇ ପୌରୁଷ । ୧୯ ।

ପୁନରୁକ୍ତ ପଦାଭାସ । ହରିବାର କରତାପ କମଳ ନାଶଇ ।
ହରିବାର କର କୃପା ତାପ ବିନାଶଇ ।
ହରି-ବାରଣ-ସୁଗତି ବୋଲନ୍ତି ସମସ୍ତେ ।
ହରି ବାରଣ ସୁଗତି କରିବୁ କେମନ୍ତେ । ୨୦

ତର୍କସନ୍ଧି । ଭାବ ନରତରେ କାମିନୀରତରେ ମନ ।
ଜୀବ ନ ଯିବ ଅପୂର୍ବ କୃପା କଲେ ଧନ ।
ମୀନ ନୟନ କୁମୁଦ ଦାସରେ କି ଭାବ ।
ବରହେ ବରହୀ ଧ୍ୟାନ ଅଛୁ କି ନ ହେବ । ୨୧ ।

ଲକ୍ଷଣା ତର୍କ । ସମୀର ମଧ୍ୟ ଇକାର ହରି ଇଚ୍ଛା କରି ।
ଅନଳ ମଧ୍ୟରେ ଦେଇ ପେଷିଛୁ କି ଗୋରୀ ।
ଅବଧିତ ଅବଧି ତ କଲୁ କାହିଁ ପାଇଁ ।
ଅମୃତ ଆଦ୍ୟରେ ପରା ବନ୍ଧୁ ଅଛୁ ଦେଇ । ୨୨ ।

ଶ୍ଳେଷରୂପକଛଳାଶଙ୍କା—ସୁନାସୀର ଦାସ ନକ ଧନ ବିନା କ୍ଳେଶୀ ।
ଭାସ ସଙ୍କର । ଘନରସଦା ତୁ କାମ ଦହେ ପ୍ରେମ କୃଷି ।
ନାଗରମଣି ତ ମଧୁ ମଧୁକରବତ ।
ସୁରତରୁଣୀ ମୋହିତ ଧନ ତୁହି ସତ । ୨୩ ।

ବିଚିତ୍ର ଲକ୍ଷଣା । ଆସ୍ୟକଞ୍ଜେ ବସା ନେତ୍ର ଖଞ୍ଜରୀଟ ଯୁଗ ।
ଦେଖି ଭାଳେ ଅଙ୍ଗ ଦେଶ ହେବ କି ମୋ ଭୋଗ ।
ଘଞ୍ଚ ଉରଜ ବସତି ତହିଁରେ ତ ଭାବ ।
ଗଉରୀ ପ୍ରସନ୍ନେ ଶିରିଭୋଗୀ କି ନୋହିବ । ୨୪ ।

ଲକ୍ଷଣା । ଅନୁଗତେ ଅହି ଭସ୍ମ ବହନ୍ତି ଶଙ୍କର ।
ଭ୍ରମେ ବରୁଁ ଗଙ୍ଗାପତ୍ନୀ ଶାନ୍ତନୁଙ୍କର ।
ମିତ୍ର କାନ୍ତ ଅଛୁ ଭୃଙ୍ଗେ ପଦ୍ମିନୀର ପ୍ରୀତ ।
ଅନୁଗତ ଅଙ୍ଗୀକୃତ ଧୀରେ ତ ପାଳନ୍ତି । ୨୫ ।

---

୧୯—୩ ଦର୍ପକ ବାଣରେ-ଚ, ଠ; ୧୯—୨ ନୋହୁ ଧୀରା-ଚ, ଠ; ନୋହି-କ, ଖ; ୨୧—୩ ହାସରେ କି ଭାବ--ଘ, ଚ, ଠ; ୨୨—୧ ହର ଇଚ୍ଛା—କ, ଖ; ୨୩—୩ ମଧ ମଧୁକରବତ-ଚ, ଠ; ୨୩—୪ ତହିଁ ସତ-କ, ଖ; ୨୫—୨ ଭ୍ରମେ ବରି-ଚ, ଠ; ୨୫—୩ ମିତ୍ର କାନ୍ତେ—ଚ, ଠ.

ଦୃଷ୍ଟାନ୍ତର :— ଆଶ ନାଶ ଦୋଷ ଶଶିଅଙ୍କେ ଅଛୁ ଦେଖ ।
ଚନ୍ଦ୍ର ଚକୋରାଶା ପଦ୍ମ ଭୃଙ୍ଗରେ ନ ଲେଖ ।
ବନ ଘନା ମୀନ ଜନ କ୍ଷୀରେ ସରେ ନକ ।
ପଦ୍ମ ଥିଲେ ଧନ ଆଶ ଗୃହକ ହେତେ କ । ୨୬ ।

ଲକ୍ଷଣା ଉପମା ଦୃଷ୍ଟାନ୍ତର ତେ ସିଂଗଡ଼ଘାତେ ହୃଦବ୍ୟଥା ରୋଗୀ ମୁହିଁ ।
ରୂପକ ସଙ୍କର ଚୁମ୍ବକେ ବାହାର କର ଲୌହଫଳ ସହି ।
ନିରୁଜ ହୋଇବି ମୁଁ ଅଧରାମୃତ ପାନେ ।
ସ୍ତନ ମାତୁଳଙ୍ଗ ଅଛୁ ବେଗ ଦରେନେ । ୨୭ ।

ଆଶଙ୍କ୍ୟ ଉପମା । ମୁଖ ନେତ୍ର ଓଷ୍ଠ ଦନ୍ତ ଗଣ୍ଡ ସୁଚିବୁକ ।
ଶ୍ରୁତ କେଶ ବାସ ସ୍ତନ ପାଦ ପାଣି ନାକ ।
ଜାତ କାନ୍ତି ମତ ସୁମନସରେ ପୂଜିତ ।
ସାରଙ୍ଗ ସଙ୍ଗ ରଙ୍ଗକୁ ବର୍ଜିମା ନେହୁନ । ୨୮ ।

ଚତୁର୍ବିଧସଙ୍କରଭୂତ । ଅବ୍ଜରସଭୋଗୀ ହେବେ ଭ୍ରମର ଚକୋର ।
ଅବ୍ଜ ସୁଜନେ ଶୋଭନ ହେବେ ସର୍ବସୁର ।
ଅରୁଣ ଲୋକନେ ମୁଦ କୁମୁଦ ହୋଇବ ।
ବିପକ୍ଷିତ କଥାରେ ସୁଗତ ନ ମିଳିବ । ୨୯ ।

ଅଦ୍ଭୁତୋପମା । ଲତାରେ ଫଳିଛୁ ବେନି ଶଚଳ ସୁଫଳ ।
କମଳରେ ବହୁଅଛୁ କାଳିନ୍ଦୀର ଜଳ ।
ବିଧୁରୁ ଅରୁଣ ଅରୁଣରୁ ବିଧୁ ଜାତ ।
ତାପୁଁ କମ୍ପ କମ୍ପୁ ସ୍ୱେଦ ଦେଖିବ ଜନତ । ୩୦ ।

ଅପଶବ୍ଦାକ୍ଷେପ । ସୁକଚଜା ଚନୁଦେଶ ହରଲ ତ ବଷ ।
ସେ କୁକର ହୋଇ କଲା ଏତେ ମନ୍ଦବୁଦ୍ଧି ।
ଦାନବର ପତ ପଦ ଦେଇ ନେଲା କେହ୍ନି ।
ଜସ ସୁଗ୍ରୀବକୁ ତା ପ୍ରଶଂସିବି ସୁମୂର୍ଖ । ୩୧ ।

ମହାଯମକ ରମ୍ଭା ଉରୁବଣୀ ତାର ଆଣି କ ଲୋକରେ ।
ରମ୍ଭା ଉରୁ ବସିବାର ଆଣିକ ଲୋକରେ ।
ଖରେ ହଂସ ଗତ ରହେ କାନ୍ତ ଆଲୋକରେ ।
ଖରେ ହଂସଗତ ରହେ କାନ୍ତ ଆଲୋକରେ । ୩୨ ।

---

୨୮—୩ କାନ୍ତି ହଟୀ ସୁମାନସରେ- ଝ, ଠ; ୨୮—୪ ନୋହୁତ ଝ, ଠ, ୨୯—ଚତୁର୍ବିଧ ସଙ୍କରାନୁଭୂତି-ଠ; ୩୧—୪ ଅବା ପ୍ରଶଂସିବ ମହିଁ- ଝ, ଠ;

ସର୍ବ ଯମକ । ବିଭବରେ ହରିବର ସୁମନର ଶରେ ।
ବିଭବରେ ହରିବର ସୁମନରସରେ ।
ବିଭବରେ ହରିବର ସୁମନ ରସରେ
ବିଭବରେ ହରିବର ସୁମନର ସରେ । ୩୩ ।

ଛଳ ଭୂରେ ପ୍ରଭୁର କି ଯଶ ଦାହର କ୍ଳେଶରେ ।
ରସିକଳୀ ହସିବେ କି ଆଶ ବିନାଶରେ ।
ଜୀବଧନ କରିବାର ପାଇଁ କି ବାଞ୍ଛିତ ।
ଜୀବଧନ କରିନେବ କୁ ଇଚ୍ଛା ଅଛି ତ । ୩୪ ।

ଗୁରୁ ଲଘୁ ବର୍ଣ୍ଣାଭାସ । ବର୍ଣ୍ଣ ସ୍ୱର୍ଣ୍ଣ ମୂର୍ତ୍ତି ବୃତ୍ତି ଅଛନ୍ତି ଯୁଗତେ ।
ବ୍ୟର୍ଥ ଅର୍ଥ ପୃଥ୍ୱୀ ଅର୍ଥୀ ହୁଅନ୍ତି ଜଗତେ ।
ବିଷ୍ଣୁ ଜିଷ୍ଣୁ ଭର୍ଗ ସର୍ଗ ତୁଚ୍ଛ ବନ୍ଧୁ ଭୋଗେ ।
ଭକ୍ତି ମୁକ୍ତି ଅଳିତ କଳ୍ପଲତା କୃପାହଙ୍ଗେ । ୩୫ ।

ସ୍ୱର ସଂଯୋଗାଭାସ । ଅକ୍ଷ ଆକ୍ଷେପରେ ଈଶ ଇତସ୍ତତ ହର ।
ଉରୁ ଉତ୍କଳକୁ ରୁଚିରୂପା ଦାନ କର ।
ଲୁଣ୍ଠି ଲୁବ୍ଧି ଏକା ଐକ୍ୟ ଭାବନାକୁ ମନ ।
ଓଜ ଔଷଧି ଅଙ୍ଗରେ ଅଛି କର ଦାନ । ୩୬ ।

ଉପମା ବୈଚିତ୍ର୍ୟ । କାନ୍ତି ଗୁଣରେ ଗଉରୀ ହେବ କି ଯତନ ।
ମଧୁରକୁ ଯେବେ ସୀତା କୋକିଳ ସମାନ ।
କାମବିନୋଦରେ ରତି ହେବ କି ରଞ୍ଜନ ।
ଲାଳିତ୍ୟରେ ବାଣୀ ଆଣି କେତେକ ଶୋଭନ । ୩୭ ।

ଅନ୍ତର୍ଲିପିନ୍ୟାସ । ଗୃହ ଦେବନାମ ଛନ୍ନ ବର୍ଣ୍ଣେ ବିରଚନା ।
ମଧ୍ୟ ଦାନ କଲେ ସେ ମୋ ଗୃହ ବଗିଚା ।
ଗୃହ ଦେଖି ନାମ ଏହି ବିଧିରେ ବିଧାନ ।
ବିତରଣୀ ହେଲେ ହେବ କେ ମୋର ସମାନ । ୩୮ ।

ବହିର୍ଲିପି । ସୁଦରଶନ-ବାହକ ବିନା ଗତି କାହିଁ ।
ଅପୂର୍ବ ବାଞ୍ଛିତ ପଦାର୍ଥହିଁ ଅଛି ତହିଁ ।
ବିମୁଦନ ନାନା ପର ପ୍ରସଙ୍ଗେ ହୋଇବ ।
ଅସ୍ତ ବ୍ୟସ୍ତ ବର୍ଣ୍ଣ ହେଲେ ଭାବ ଜଣାଯିବ । ୩୯ ।

---

୩୩ — ସର୍ବଯମକ-ଗୁଡ଼ପାଦ ସ୍ଥାନରେ ଗ୍ରନ୍ଥଙ୍କ ଗ୍ରନ୍ଥରେ ଦୁଇପାଦ ଅଛି । ଏଥିର ଅର୍ଥ ଆମ୍ଭେମାନେ କିଛି ବୁଝିପାରିଲୁ ନାହିଁ । ୩୫ — ଗୁରୁଲଘୁ ବର୍ଣ୍ଣାଭାସ ଟ,ଠ; ୩୫ — ୧ ଅଛଇ ଜଗତେ-କ,ଗ ଟ,ଠ; ୩୫ — ୨ ବ୍ୟର୍ଥ ଅର୍ଥୀ ଠ, ଅପ; ହୁଅନ୍ତି ଯୁଗତେ-କ,ଗ,ଟ,ଠ; ୩୬ — ୧ ଅକ୍ଷ ଆକ୍ଷେପରେ ଗ,ଘ,ଚ,ଟ; ଠ ଅପ; ୩୬ — ୩ ଲୁଣ୍ଠି ଲୁବ୍ଧି-ଟ, ଠ; ୩୭ — ୨ ମଧୁରକୁ ସୀତା ଯେବେ-ଟ, ଠ; ୩୮-୧ ଗୃହ ଦେବ ନାମ-କ, ଚ, ଛ, ଟ, ଠ; ୩୯ — ୧ ଗତି ନାହିଁ-କ, ଗ, ଚ, ଘ, ଟ, ଠ;

ଶୃଙ୍ଖଳାସିଂହାବଲୋକନ । କଞ୍ଜ ଚନ୍ଦ୍ର ଦରପଣ ବଦନ ରଞ୍ଜନ ।
ଜନହରଷଜନକ ବରପରସନ୍ନ ।
ସନକ-ମନ-ବଶକ ସଦନ ତ ହସ ।
ହଂସଗମନ ରଖଇ ଦଶନ ତରସ । ୪୦ ।

ମଣ୍ଡୂକପ୍ଲୁତଶୃଙ୍ଖଳା:— ବର ବାରଣଗମନା ମନାଉଛୁ ଅନା ।
ଅନାସ୍ଥିତରେ ସୁମୁହିଁ ମୁହିଁ ତ ବମନା ।
ମନାକ କରୁଣା କର କରକଦଶନା ।
ସନାଥ ହେବ ନରତ ରତ ପାଇ ସିନା । ୪୧ ।

ଗଙ୍ଗାସ୍ରୋତାଧିକାର ଶୃଙ୍ଖଳା :— ବରରସସର ରସାସାରରସ ସହି ।
ହିତତ ସେ ସେବବ ଶ୍ରୀ ଶ୍ରୀ ବ ବତ ତହିଁ ।
ଶ୍ରୀନନର ରସ ସଦା ଦାସ ସଦା ଦାହି ।
ହିତେ ତେବେ ବେଶେ ସେବ ଶ୍ରୀର ରସେ ସେହି । ୪୨ ।

ସର୍ବାଙ୍ଗପାଦଶୃଙ୍ଖଳା । ସାରଙ୍ଗ ରଙ୍ଗତ ଗତରୁ ତରୁଣୀ ରୁଣୀ ।
ବିତପତଟର ପରନରମଣୀମଣି ।
ଧନର ନରତ ରତ ରତର କରକ ।
ବିହତ ହିତହିଁ ତହିଁର ହାରକ ରଙ୍କ । ୪୩ ।

ବର୍ଣ୍ଣାର୍ଥ ବୈଚିତ୍ର୍ୟ । ଗଞ୍ଜନରେ ସଂହନନ ଖିଦ କଞ୍ଜନରେ ।
ପଟରେ ଅଲକ୍ଷ ଉମା ମାତତ ବଡ଼ରେ ।
କଚଟତପ ଗଜଡ଼ଦବ କଲେ ଅର୍ଥେ ।
ଗଜଡ଼ଦବ କଚଟତପ କଲେ ଅର୍ଥେ । ୪୪ ।

ସ୍ୱପାର୍ଥବୈଚିତ୍ର୍ୟ । ସ୍ୱବର ଧନ ସ୍ୱବନ୍ତ ଅବରତେ ତାହି ।
ଅଭିମନ୍ୟୁ ଏ ସ୍ୱବନା ତେଜିବ କି କେହି ।
ପାଞ୍ଚ ଚତୁର ଏ ଗ୍ରନ୍ଥ ଗଣନା ଏତିକି ।
ଦାଳଶ ସ୍ୱର-ସମୁଦ୍ର କଳିବେ ସେବା କି । ୪୫ ।

———

୪୦—୨ ଜନଙ୍କ କ, ଙ, ୪୦—୪ ଦସନ ତରସ-କ, ଗ, ଝ; ବସନ ତରସ୍ତ-ଚ; ୪୩—୨ ବିତପତି ପର-ଝ, ଠ; ଭିଲି କଞ୍ଜନରେ-ଜ; ୪୪—୨ ଉମା ମା ତ ତବଡରେ-କ, ଘ; ଉମା ମତ୍ତତବଡରେ-ଝ, ଠ; ତବତରେ-ଗ, ଙ; ୪୫— ଶବ୍ଦାର୍ଥ ବୈଚିତ୍ର୍ୟ ଛ; ସର୍ବାର୍ଥ ବୈଚିତ୍ର୍ୟ-କ, ଖ; ୪୫—୧ ସ୍ୱବନ୍ତେ ଝ, ଠ; ତହିଁ-ଝ, ଠ; ୪୫—୪ କଳିବେ-ଝ, ଠ;

# ପଞ୍ଚତ୍ରିଂଶ ଛାନ୍ଦ

## ବର୍ଣ୍ଣାର୍ଥ ବୈଚିତ୍ର୍ୟ । କୃଷ୍ଣ ବିଳାପ ମିତ୍ରଉକ୍ତି ।

ରାଗ—ଚକ୍ରକେଳି ।

ଏକବର୍ଣ୍ଣାନୁପ୍ରାସ;—

ସନ୍ତ ଜନେ ଘେନ ଏ ଦିବ୍ୟରସ । ସଖା ଶୁଣି ଗୋବିନ୍ଦ ଚନ୍ଦ୍ରାଭାଷ ।୧।

ଦ୍ୱିବର୍ଣ୍ଣାନୁପ୍ରାସ;—

ତର ନ ସହି ଇଚ୍ଛନ୍ତେ ଉତ୍ତର । ତରକିଲେ ଦେଖି ମହାକାତର । ୨ ।

ତ୍ରିବର୍ଣ୍ଣାନୁପ୍ରାସ;—

ଭାବରଙ୍କ ଅଙ୍ଗେ ଦଶା ଭାବର । ଆଶାରସେ ନେନ୍ଦୁଁ ଜାତ ଆସାର । ୩ ।

ଚତୁର୍ବର୍ଣ୍ଣାନୁପ୍ରାସ;—

ହାସବଦନେ ନାହିଁ ହା ଶବଦ । ଯେ କୁମୁଦନ୍ତ ସେ ଭଜେ କୁମୁଦ । ୪ ।

ପଞ୍ଚାକ୍ଷରାନୁପ୍ରାସ;—

କାମିନୀ ରତେ ସେ କାମୀ ନରତେ । ଭାବର ଚଢେ ସୁଭାବ ରଚତେ । ୫ ।

ଉପମାନ୍ତାନୁପ୍ରାସ;—

ମିତେ ପୁଚ୍ଛିଲେ କହ ଏକ ବାକ୍ୟ । ଏତେ ଦୁଃଖଦ ହେବାକୁ କେ ଶକ୍ୟ ।୬

ବିଶ୍ୱମୋହ ତ ଯାକୁ ନୋହେ ଚନ୍ଦ । ଧୃତହାସ୍ୟ କ ତାର ସମା ମନ୍ଦ । ୭ ।

କ୍ଲିଷ୍ଟ କ୍ଲିଷ୍ଟରେ ଗୋବିନ୍ଦ କଥନ । କ୍ଲେଶ କି ବୋଲ, ଯାଉଛି ଜୀବନ । ୮ ।

ବ୍ୟାଧିବନ୍ତର ବାଞ୍ଛା ମଉଷଧି । ବ୍ୟକ୍ତ କରି ଭେଟାଇ ଥିଲି ବିଧି । ୯ ।

ନବନାଗରୀ ପ୍ରେମସୁଧା-ସଦ୍ମ । କୋଳେ ଥିଲା ଏକ୍ଷଣି ହେଲା ଛଦ୍ମ । ୧୦ ।

ନେତ୍ର ଭ୍ରମର ମୁଖ କଞ୍ଜେ ମଗ୍ନ । ଚଉ ସରଘା ରସପାନେ ଭଗ୍ନ । ୧୧ ।

କୃତ ସୁକୃତ ଏତ ମିତ ଗିର । ବୃଥା ଚିନ୍ତା ସ୍ୱପ୍ନଲୁ ଏତେ କର । ୧୨ ।

ପ୍ଲୁତଭଙ୍ଗି ସ୍ୱର୍ଗିର ଜାଣି ହର । କ୍ଲୃପ୍ତ ଯୋଗଭଙ୍ଗି ଭାବ ସୁମର । ୧୩ ।

ଶଶ ଗାଲିକାଣ୍ଡ ଦଣ୍ଡ ପ୍ରମାଣି । ଯା ଯା ତା ଗଳପଥେ ପ୍ରାଣ ଭଣି । ୧୪ ।

ଛି ଛି ଏହା ବୋଇଲ ମିତେ ଭାଷି । କୁକୁନ୍ଦରଶୋଭମାକ ମନାସି । ୧୫ ।

---

୧—୧ ସଚ୍ଛଜନ-ଝ, ଠ; ୬—୧ ପୁଚ୍ଛନ୍ତେ-ଠ, ୫—୨ ସେ ଭାବ ରଚତେ-ଝ,ଠ;୬—ଉପାନୁପ୍ରାସ-ଝ, ଠ, ୮—୨ କ୍ଲେଶ କି ବୋଲି-ଜ,ଝ; କେଶ କି ବୋଲିବା ଯାଉ ଜୀବନ-ଗ,ଘ.ଚ, ୯—୨ ଭେଟାଇଥିଲେ-ଝ; ଭେଟାଇଥିବେ-ଠ, ୧୧—୨ ରସପାନେ ଲଗ୍ନ-ଠ, ୧୩—୨ କୃଷ୍ଣ-ଯୋଗଭଙ୍ଗୀ-କ, ଖ, ଝ, ଠ; ୧୪—୧ ପାଲିକାଣ୍ଡ-ଝ, ଠ, ପରକାଣ୍ଡ-କ;

ସେ ସେନେହ ମିଳିବ ଥିଲେ ଜୀବ । ବୈ ବୈଶ୍ରବଣ-ବିଭୂତିକି ଦେବ ।୧୭।
ଗୋ ଗୋଷ୍ଠକୁ ଗୃଲ ବସି ଖେଳିବା । କୌ କୌଶଳା ସେ କେକର ଜାଣିବା ॥
କଙ୍କଣକୁ ନ ଦେଜ ମଧୁ ଭଣି । କଃ କଂ କଞ୍ଜାକ୍ଷ କଲେ ଶୁଭ ଆଣି । ୧୮ ।

ବର୍ଣ୍ଣାନୁପ୍ରାସ; —

କଞ୍ଜନୟନ ଅଛୁ ହୃଦେ ହାର । ଚମତ୍କାର ଏ ସ୍ୱପ୍ନ ଅଙ୍ଗୀକାର । ୧୯ ।
ଟଳିଅଛୁ ଏଥି ପାଇଁ ଧୀରତ । ତଥ୍ୟ କହୁଁ ଯେଜନ୍ତା ଆମ୍ଭ ମତ । ୨୦ ।
ପର ପସି ଆମ୍ଭ ଗିର ନ ଧର । ଖରେ ବୃନ୍ଦାବନକୁ ବଜେ କର । ୨୧ ।
ଛଳି ଛଇଳବର କୁଞ୍ଜେ ନେଲେ । ଠକପଟଣ ହାରକୁଁ ଚହ୍ନାଇଲେ ।୨୨।
ଥୟେ ଜାଣିଲେ ସେ ହାର ଯାହାର । ଫରଗୃରେ ନ ବୋଇଲେ ଉତ୍ତର ।୨୩।
ଗତାଗତ ନେଝରେ ଠଗଠର । ଜନେ ଜାଣି ସୁବଳ ଲାଜ କର । ୨୪ ।
ଡକା କରୁଛୁ କାମ କୃଷ୍ଣ ଋଷି । ଦହ୍ର ହେଲଟି ରଖ ସଖୀ ଋଷି । ୨୫ ।
ବଚ ବାଜକ ମଧ୍ୟ ମଧୁରରେ । ଘନରସଦା ମନ୍ଦ ଘୋଷ ଖରେ । ୨୬ ।
ଝସନୟନା ଝନା କବଚରେ । ଢମ ଆନ ଉପାୟ ସବୁ ଭୂରେ । ୨୭ ।
ଧର ଧର ଉପଦେଶ ପାଇଲେ । ଭଙ୍ଗିଭରେ ଅଙ୍ଗନ୍ୟାସ କଲେ । ୨୮ ।
ଙକାରଲେ ଓଁକାର ଇତିବୀଜ । ଞ୍ୟାସି କାମଗାୟତ୍ରୀକି ସହଜ । ୨୯ ।
ଣ କାରକୁ ଦେବତା ମୂଳ କଲେ । ନମୋ ଗଉରୀ ରୂପଧ୍ୟାୟୀ ହେଲେ ।୩୦।
ମନ ମୁଦ୍ରା ମଦନ ଋଷି ଛନ୍ଦ । ଅକ୍ଷମୟୀ ନ୍ୟାସ ଆସନବନ୍ଧ । ୩୧ ।
ଅଙ୍ଗ ଅଙ୍ଗନାବର ରକ୍ଷା କରୁ । ଆର୍ତ୍ତ ଆହ୍ଲାଦନୀ ବେଗେ ହରୁ । ୩୨ ।
ଇଚ୍ଛା ଇଙ୍ଗିତଶୀଳା ପୂର୍ଣ୍ଣ କରୁ । ଇତସ୍ତତ ଇନ୍ଦିରଜତା ହରୁ । ୩୩ ।
ଉରୁଶୋଭନା ମାନସରେ ବସୁ । ଉଚ୍ଛସ୍ତନା ପବଣକୁ ଆ[illegible]ସୁ । ୩୪ ।
ଋଷିମୋହନୀ ରକ୍ଷା କରୁ ଶିର । ୠତରୂପା ଲଲାଟ ରଖୁ ମୋର । ୩୫ ।
ଌଳତାଳକୀ ଶ୍ରୁତ କ ଉଦ୍ଧରୁ । ୡକଣ୍ଠୀ ମୋ ଭ୍ରୂଲତା ସ୍ଥାନ କରୁ । ୩୬ ।
ଏଣୀନୟନା ନୟନରେ ରହୁ । ଐରାବତଗତି ନାସେ ବଳୟୁ । ୩୭ ।
ଓଷଧୀଶାନନା ପାଳୁ ଗଣ୍ଡକୁ । ଔଦାର୍ଯ୍ୟା ନେଇ ରଖୁ ମୋର ଓଷ୍ଠକୁ । ୩୮ ।
ଅଂସ ଶୋଭନା ରସୁ ରସନାକୁ । ଆର୍ଯ୍ୟା ଆଦର ରହୁ ବଚନକୁ । ୩୯ ।
କମ୍ବୁକଣ୍ଠୀ ଚିବୁକେ କରୁ ବାସ । ଖଞ୍ଜନାକ୍ଷୀ ଉଦ୍ଧରୁ କଣ୍ଠଦେଶ । ୪୦ ।

---

୧୬-୨ ବଇଶ୍ରବଣ ବିଭୂତିକି-ଝ, ଠ; ୧୭—୧ ଗୋଷ୍ଠକୁ ଯିବା—କ, ଖ;
୧୮—୨ କଂ କଞ୍ଜାକ୍ଷ କଲେଣି ଶୁଭଅଣି-କ ଖ; ଚ; କଙ୍କଣା।-ଠ,
୨୨—୨ ହାରକୁ-ଠ; ଛନ୍ଦାଇଲେ-ଜ; ୨୫—୨ ସଖୀ ଅସି-କ, ଖ; ୨୬—୧ ମଧୁର ମଧୁରେ-ଝ, ଠ; ୨୭—୨ ସବୁ ଉରେ-ଢ, ଘ, ଝ, ଠ; ୨୯—୧ ଓଁ କାରଣ-ଗ, ଜ; ଓଁ କାରଣ-ଘ, ଚ; ଝ;
୩୨—୧ ଲଭ ଗ୍ରହଣୀ—ଗ, ଘ, ଚ; ଚିତ୍ତପ୍ରହଣୀ-ଜ, ୩୭—୧ ଏଣୀନୟନା-କ, ଖ; ୩୯—୧
ଅଂଶୁ ଶୋଭନା-ଝ, ଠ;

ଏକାକ୍ଷରାଦ୍ୟଯମକ ।

ଝଳ ମୁଖ ନଳିନ  ଝସଜିତ ନୟନ  ଝସକେତନ-ଶରଘର
ଝରଝର କରତ  ଝରୁଥାଇ ଅମୃତ  ଝଟକହାସରେ ତୋହୋର ରେ ।
ଝଲକାଙ୍ଗି । ଝଙ୍କାର ବୀଣାଜିଣା ଗିର । ଝନନ କଙ୍କଣୀ ମଧୁର ।
ଝଝର ସୁହଂସକ  ଝଲକାଦ ଏ ଦକ  ଝଟତ ମୋହେ ତନପୁର ରେ । ୬ ।

ଦ୍ୱିବର୍ଣ୍ଣାଦ୍ୟଯମକ—

ଗଗନାଦ୍ରି ତ୍ରିଲୋକ-ସୁସୁଖସୃଷ୍ଟିଯାକ ଛୁଟୁଛୁ କରୁଛୁ ମନେ ଭାବ ।
ମମତା ସଦା ମୋର ନାନା ଭଙ୍ଗିମା ତୋର ବଢଧମତେ ଦେଖୁଥିବ ରେ ।
ବଦ୍ଧଦଗ୍ଧା । ମୁଁ ମୁମୁକ୍ଷୁବତ ହୋଇଛୁ । ଶଶ ଶଶୀ ନ୍ୟାୟ ତ ଅଛୁ ।
ଶେଷେ ସେବା ତ ନାହିଁ ସୁସୁଖ ହେବ କାହିଁ ଧୀ ଧୀର ଏଥେନ ନୋହୁଛୁରେ ।୭।

ଆଦ୍ୟଯମକ—

ସରଲ ସୁହୃଦୟେ ସରସତା ଉଦୟେ ଶରଣବତ୍ସଳା ନପୁଣ ।
ସରଙ୍ଗ ସ୍ମରଦୃଷ୍ଟି-ଶରକୁ କଲୁ ବୃଷ୍ଟି ସରସ କୃପା ମିଶାଇଣ ରେ ।
ସରଜାକ୍ଷି । ସରଞ୍ଜନ ହାସ ପୀୟୂଷ । ସରଜ ସିଞ୍ଚି କଲୁ ଦାସ ।
ସର-ଉଲଟ-ବାମା ସ୍ମରଇଁ, ହେବ ହାନି ସରବପର କଲେ ନାଶ ରେ । ୮ ।

ଦ୍ୱନ୍ଦ୍ୱାଦ୍ୟଯମକ--

କରିବରନୀ ଅଛୁ ଦଶେ ଦଶେ ଦଶୁଛୁ ମାର ମାରଣା ମାରୁଅଛୁ ।
ଆସ, ଆଶ ନ ନାଶ, ତୋଷ ତୋ ସଖୀ ଦାସ, ବସ, ବଶ ହୋଇ ମାଗୁଛୁ ରେ ।
ଜୀବଜୀବ । କରୁ କରୁଣା ଗୁଣା ଯେବେ । ଲୋକେ  ଲୋକେ ହସିବେ ତେବେ ।
ରସି ରସିକାବର ଭାଷ ଭାଷ ମଧୁର, ତାର ତାରକାଶୋଭ ଏବେ ରେ । ୯

ଦ୍ୱିରୁକ୍ତ ଯମକ—

ସ୍ୱେଦରେ ଗମଗମ ବଦନ ଛମଛମ ଦଶଇ ସ୍ମିତ ଆନଆନ ।
ଶରୀର ଝମଝମ ହୃଦୟ ଦମଦମ କାମ କରୁଛୁ ଘନଘନ ରେ ।
ବାରବାର । ଲୁଅ ବହଇ ଧାରଧାର । ଗାତ୍ର ହେଲାନ ଥରଥର ।
ପ୍ରେମରେ ଗରଗର ଡାକୁଛୁ ହର ହର ଭାସୁଛୁ ବନ୍ଧୁ ଧର ଧର ରେ । ୧୦ ।

ଯୁଗ୍ମଯମକ—

ସୁକଲା କରକର-ହାସ ସୁଧାର ଧାର ହରେ ଜୀବ-କାତରତର ।
ମୋ ତାପକାର ବାର ତୁ ତ ସଂସାରସାର ସୁଯଶକୁ ବିସ୍ତାର ତାର ରେ ।
ପ୍ରାଣପ୍ରାଣ । ନ ବହ ଗୁଣ ଦରଦର । ଦୁର୍ଗତ ଅଦେହର ହର ।
କୃପାରେ ବରବରଣ ତୁ କଙ୍କର କର ନୋହିଲେ ନାହିଁ ଧରଧର ରେ । ୧୧ ।

---

୬—୪ ଝର୍ଝର-କ, ଖ, ଜ ଟ, ଠ; ୭—୩ ବଦଗଧା-କ, ଟ, ଠ; ୮—୨ ସୁରଙ୍ଗ-ଟ, ଠ, ୯—୩—୨ ଗୁଣା ଏବେ ଘ, ଟ, ଠ; ୧୦—୧ ସ୍ୱେଦର-ଟ, ଠ;

ଅନୁଛନ୍ଦଯମକ—

ରମଣୀମଣି ସର ସରସ ରସସାର ସାରଙ୍ଗ-ରଙ୍ଗ-ବରଧନ
ଧନର ନ ରସିବା ଶିବାଦ୍ର ବାଦ୍ରଦେବା ଦେବାଦ୍ଧ ବାଦର କ ମାନ ରେ ।
ମାନମାର । ମୀରସ ରସଦା ହେବାର । ବାର ତରତରେ ବହର ।
ହରଷ ରସଭବ ଭବନ ବମା ଯିବ ଜୀବର ବର ସୁଖଘର ରେ । ୧୨ ।

ସମଗ୍ର ଯମକ—

କୁନ୍ଦର କୋରକର ସୁନ୍ଦର ସୁରଦର ହୁନ୍ଦର ହରଷର ସର
ଭଙ୍ଗିର ପରସ୍ପର ସଙ୍ଗୀରଙ୍ଗିର ବରଯୋଟିର ଧୀରପୁର ଶ୍ରେଣି ରେ ।
ଦରହର । ତୁ ମାରସାର ଶରଧର । ରମାର ତାରତର ହର ।
ଶିବାର ପରଚୁର ସେବାର ପରସ୍ପର ହେବାର ବର ବର ତୋର ରେ । ୧୩ ।

ଯମକ—

ବାରଣଗତ ସାର-ଚରଣ ଫନ୍ଦା ମୋର ଶରଣରକ୍ଷଣୀ ବୋଲାଅ ।
ମାରଣ କରେ ମାର କାରଣ ନାହିଁ ମୋର ତାରଣ ଧନ୍ୟ ମୋର ହୁଅ ରେ ।
ମରଣକୁ । ବରଣ କରଅଛୁ ମୁହିଁ । ହରଣ କର କୃପା ବହି ।
ଚୂରଣ ଦମ୍ଭପବ ସ୍ମରଣ ମୁଖିଛବି ସ୍ଫୁରଣ ଆନ ଚକ୍ଷୁ ନାହିଁ ରେ । ୧୪ ।

ଆଦ୍ୟନ୍ତଯମକ—

ସୁରମଣି ଅସୁର ସର ତାପନାଶର ସାରଙ୍ଗ ମୁହିଁ ତୁ ଆସାର ।
ବାରଣ ଦୁଖବାର କରକଦନ୍ତ କର ଧରମ କରଣ ଉଦ୍ଧର ରେ ।
ରସାସାର । ବରଷ ସୁନାଗର ବର । ହରଷେ ହୃଦଦାହ ହର ।
ଚରଣ ଅନୁଚର ନରବର୍ଷ ଧମାର ପାର କର ଖ୍ରୀ-ଅକୂପାର ରେ । ୧୫ ।

ଆବୃତ୍ତ ଯମକ—

ବନ୍ଧୁ ମାନବଢେଷ ତ ଯେତେ ମାନସା ସେ ତ ହେବେ ମାନବଢେଷେ ଧ୍ୱଂସି ।
ରମା ତନୁପାତଲୀ ସମେ ତନୁ ପାତଳ ଭୁଜ ତନୁପାତ-ଲୀଳା ଶିରେ । ରେ ।
ସୁବିଳାସି । ମୋହେ ରମ୍ଭା ସୁରମଣିକ । ସେ କ ସର ସ୍ୱ ରମଣୀକ ।
ଧନ ତ ସୁରତରୁ ତୁଳତ ସୁର ତରୁ ଲକ୍ଷିତ ସୁର ତରୁଣୀକ ରେ । ୧୬ ।

ଯମକସାରଯମକ—

ନାଗ ରମଣୀଗଣ ନାଗର ମଣି ଗଣନା ନୋହି ଦେଇଣ ଶୁଜବେ ।
ସଦାଶିବ ଗଉରୀ ସଦାଶିବ ଗଉରୀ ଦେଖିଲକ୍ଷଣୀ ତେଜ ଦେବେ ରେ ।

---

୧୨—୨ ବାଦର ମାର୍ଜନ-ଗ, ଘ, ଚ, ଜ; ୧୨—୪ ଭବନ୍ମ ବମା ଯିବ- ଝ, ଠ, ଅପ; ୧୩—୧ ହରଷର ଶର— କ, ଝ, ଠ; ୧୩—୩—୨ ଠ, ଅପ; ତୁ ମାର ବରଷର ଘର ପାଠ ମଧ୍ୟ ହୋଇପାରେ । ୧୩—୩—୩ ରମା ରତର ଚରହର—କ, ଗ, ଝ, ଠ; ୧୩—୧ ହୃଦର ହରଷର ଛ, ଝ, ବ୍ୟତୀତ ପ୍ରାପ୍ତ ସମସ୍ତ ପୋଥିରେ ୧୬—୧ ସେତ ହେବ ଛ, ଝ, ବ୍ୟତୀତ ସମସ୍ତ ପୋଥିରେ ୧୪—୪ ସ୍ଫୁରଣ ଅନ ଦଶୁ ନାହିଁ-କ, ଖ, ଝ, ଠ; ୧୫—୧ ସୁରମଣି ଅସୁର ଶର ତାପ ନାଶର- ମଧ୍ୟ ହୋଇପାରେ । ଠ, ଅପ; ସରମଣି ଅସର-କ, ଘ;

ଶଚୀଦୃଷ୍ଟି । ଉରୁବଶୀ ଉରୁବଂଶୀକି । ତିଳୋତ୍ତମା ତିଳୋତ୍ତମା କି ।
କଳାକର ସୁନ୍ଦର କଳାକର ସୁଦର ପାଇବ ଶ୍ରୀମୁଖ ବିଲୋକିରେ । ୧୭ ।

ସମପାଦଯମକ—

ହରି-ଭ୍ରୂ-ବରଧନ ସଦା ଇଚ୍ଛଇ ମନ ହେବୁ ହରିଭ୍ରୂବର ଧନ ।
ବନ୍ଧୁ ଜୀବଜୀବନ ନୋହିଲେ ତ ନିଦାନ ମୋର ବନ୍ଧୁ ଯିବ ଜୀବନରେ ।
ହା ସୁଦେହା । ଭାରତୀ ସମ କି ଭାରତୀ । ସୁରତ ତୁଳ କି ସୁରତ ।
କଙ୍କଣୀ ତ ବରମା ହେବେ ଦେଖି ମୂରତି ବିକା କି କର ତବ ରତିରେ । ୧୮ ।

ଧ୍ୱନିଯମକ—

ସରସ ରସ ରତ ରସର ସର ସତ ସଜ ସଜ ସଜୀବ ତୋଷେ ।
ସାର ସାର ସାର ତ ରସାର ସାର ସାତ ମାନ ମାନ ମାନସ ରସେ ରେ ।
ଜୀବଜୀବ । ରତ ରତ ରତନ ସତ । ତର ତର ତରଣି ତୁ ତ ।
ରହ ରହ ରହସେ ହର ହର ହରଷେ ଭାଷି ଭାଷି ଭାସିଲି ମୁଁ ତ ରେ । ୧୯ ।
ଶ୍ୟାମ ପ୍ରେମ ଉନ୍ମାଦେ କାମବାମ ପ୍ରମାଦେ କରି ହରିଚିନ୍ତା ଏପରି ।
ଲବ ଭାବନ୍ତି କଳେଣ ଜୀବ ଥିବ ସଂକଳେଣ ଦେବ ଭାବ କି ପ୍ରାଣେଶ୍ୱରୀ ହେ ।
ଧୀରବର । ଶେଷ ବଂଶତଦେ ଏ ରସ । ବୁଧ ବୋଧକ ଅଙ୍କ ବିଷ ।
ହେମ ଯମକମାଳା କମକର୍ମକମିଳା ଅଭି ଅଭିମନ୍ୟୁ ମାନସ ହେ । ୨୦ ।

---

## ସପ୍ତତ୍ରିଂଶ ଛାନ୍ଦ ।

---

## ଶ୍ରୀକୃଷ୍ଣ ଉତ୍କଣ୍ଠା ସ୍ତନଭାବନ ।

---

ନମ୍ରମ ଅବନା-ଶୃଙ୍ଖଳା । ରାଗ—କଳସା ।

କାର ଶ୍ରବଣ ସଞ୍ଜନ ଜନ ରସବର । ବରଜ-ଈଶ-ନନ୍ଦନ ସରମ୍ୟଉତ୍ତର । ୧ ।
ତରସ୍ତ ହରଣ ବ୍ରଜକଳନ ପ୍ରସଙ୍ଗ । ସଙ୍ଗ ଅସଙ୍ଗ ସ୍ୱପନ ଘନବତ ଭଙ୍ଗ । ୨ ।
ଭଙ୍ଗ ଅର୍ଣ୍ଣବର ସମ ମମ ମନସତ । ସନ୍ତତ ଯତନ ସ୍ତନ ସ୍ମରଣ ସଂଯତ । ୩ ।
ଯତନ ମଦନ ମଦସଦନ ସଂଘଟ । ଘଟଣ କନକଘଟ ଲକ୍ଷଣ ପ୍ରକଟ । ୪ ।
କଟକ ଅମରଙ୍କର ଯଉଁ ବରଧର । ଧରଇ ରତନଚମ୍ପୁ ନ ଘଟଇ ବର । ୫ ।
ବରଦ ଅମରପଦ ଉର ସ୍ମରଶର । ସରଞ୍ଜନ କଞ୍ଜକତ ଅକ୍ଷ ମରନ୍ଦର । ୬ ।

---

୧୮—୧ ସଦା ଇଚ୍ଛଇ ଧନ-ଠ; ୧୯—୩—୨ ରତନ ମୁତ-କ, ଖ, ଗ, ଘଡ଼ଙ ସୁତଠ;
୧୯—୫—୩ ତରୁଣୀ ତୁ ଘ, ଟ, ଠ; ୨୦—୪ କମକର୍ମକମୀଳା ମଧ୍ୟ ହୋଇପାରେ—କ, ଖ, ଟ, ଠ;

ରାଗ ମଙ୍ଗଳ-ଜ, ଟ, ଠ; ୫—୧ ମଦ ମଦନ-ଠ; ୬—୨ କଞ୍ଜବନ ଠ;

ଦର ମଦନର ହର ପରତକ୍ଷ ହର । ହରଷ ରସମଣ୍ଡପ ମନମନ୍ଥନର । ୭ ।
ନର-କ-ର ସଫଳର ଫଳତ ଯତନ । ତନମନ ରତନ ସଦନ ତ ରଞ୍ଜନ । ୮ ।
ଜନକସନକ-ମନନମ୍ବନ-ବଶକ । ସକଳ ଧନରସଦ ସନ୍ତପ୍ତହରକ । ୯ ।
ରଙ୍କ ରହିଲବ୍ଧବତ ରସବନ୍ତ ମନ । ମନଜଦର୍ପ ଦଳଇ ସ୍ପର୍ଶ ଅପଘନ । ୧୦ ।
ଘନ ମଦମତ୍ତ ଗଜ ମସ୍ତକ ଉନ୍ନତ । ନତ କରଇ ତ ଯଶ ପ୍ରକଟ ଜଗତ । ୧୧ ।
ଗତ ଉଲଟ ତବଲ ଉନ୍ନତ ମହତ । ହତଦମ୍ଭକର କର ଉରସ ବ୍ୟକତ । ୧୨ ।
କ ତରଣବସନ ସଦନ କମ୍ପଇ ତ । ଇତସ୍ତତ ଦନ୍ତଶଠ ଛଦ ଅନ୍ତରତ । ୧୩ ।
ରତ ଉଲଟ ଉତ୍ସବ ଇଚ୍ଛଇ ଦର୍ଶନ । ସନମତ ମତ୍ତଭର କମ୍ପ ଘନଘନ । ୧୪ ।
ଘନ ଘନ ଧରର କନକଗଛ ଥର । ଥିର ଥର ପବନ ପ୍ରଖର ସ୍ମରଶର । ୧୫ ।
ସରଗଇଶ ସମ୍ପଦ ପଦତଲ କର । କରପଦ୍ମ ଦଈଫଳ ବର ତପକର । ୧୬ ।
କରଜରଞ୍ଜନ ଚମକର ବରରଙ୍ଗ । ରଙ୍ଗ ଅଧର ଦମ୍ପନ ଦରଶନ ଭଙ୍ଗ । ୧୭ ।
ଭଙ୍ଗ ଅମରଅଶନ ନଦର ଅଲକ୍ଷ । ଲକ୍ଷ ଲକ୍ଷ ଦନ୍ୟ କମଳଜ ରକ୍ଷ ରକ୍ଷ । ୧୮ ।
ରକ୍ଷପର ବଚଧନ ସ୍ତନର ଦୂରଣ । ରଣରଣ ଦବଦର୍ପ ଅଟଇ ହରଣ । ୧୯ ।
ରଣକ୍ଷତ ଏଣବଢ ଗତ ତ ହରଷ । ରସନତ ଇନ୍ଦ୍ରଜନ୍ମ-ନନ୍ଦନର ରସ । ୨୦ ।

---

## ଅଷ୍ଟତ୍ରିଂଶ ଛାନ୍ଦ ।

---

## କିଶୋରୀ ଉତ୍କଣ୍ଠା ବିଳାପ ।

---

ଯମକ ପ୍ରାନ୍ତଶୃଙ୍ଖଳା । ରାଗ—ଭୂପାଳ ।

ଧୀରଚକୋର ଆନନ୍ଦବରଧନ ଗୃନ୍ଦ ଏ ଛାନ୍ଦ ରସ ସଂସାର ସାର ।
ସାରସବାସୀ ରାଧିକା ସୁପ୍ରେମାରାଧିକା ମଦନେ ହୋଇ କାତରତର । ୧ ।
ତରତର ବାଣୀ କାତ କହନ୍ତି ଗୋ ମିତ ଶ୍ୟାମବନ୍ଧୁ ଲାଗି ଜୀବ ଯିବ ।
ଜୀବନର ଭିନ୍ନ ମୀନ ପରାୟେ ଉଚ୍ଛିନ୍ନ ବଢ଼ିଲାକ କି ବଶିବ ଶିବ । ୨ ।

---

୭—୨ ମନ ମଥନରି-ଚ, ଠ; ୧୩—୨ ଛନ୍ଦ ଅନ୍ତରତି-ଗ. ଛ, ଟ, ଠ; ୧୪—୨ ମତଭରଇ-ଟ, ଠ ୧୫—୧ ଘନ ଧରଇ-ଠ; ୧୫—୨ ସ୍ମରଶର-ଠ; ୧୬—୧ ସରସ ଇଶ-କ, ଘ; ୧୮—୧ ନଦର ଅଲକ୍ଷ-ଟ, ଠ; ୧୮—୨ ଦନ୍ୟ-ଠ; ୧୯—୧ ରକ୍ଷ ପରବତ ଧନ-ଚ. ଛ; ରକ୍ଷ ପରବର ଧନ କ, ଖ; ଟ, ଠ; ୧୯—୨ ଦରଦର୍ପ-କ, ଖ, ଟ, ଠ; ୨୦—୧ ରଣକ୍ଷତ ଏଣବଢ ସତତ ହରଷ-ଟ, ଠ; ରଣଗତ ଏଣଗତ ସତତ ହରଷ-କ, ଖ, ରସବଶ ଇନ୍ଦ୍ରଜନ୍ମ ନନ୍ଦନର ରସ-ଖ, ଟ, ଠ; ନନ୍ଦନର ଯଶ-କ;

ଶିବପଣ୍ଡ ଶରବାର ମାରେ ବାର ବାର ଅଗ୍ନିସମ କଳାକର କର
କରତଳ ଧରିତକ ମନ୍ଥଇ ମତକ ଦଶେ ଦଶେ ଦଶେ ଧର-ଧର । ୩ ।
ଧରଣୀରେ ଅଭିଟିମ୍ନି ମୋ ପରି ଦୁଖିନ୍ନି ନ ଥିବେ ଆଉ ରମଣୀମଣି ।
ମଣିବନ୍ଧ କଙ୍କଣ ଶଳେ କ୍ଷଣ କ୍ଷଣ ଶ୍ରବଣେ କୃଷ୍ଣକଙ୍କିଣୀ କଣି । ୪ ।
କଣି ରଖିଲ ମତକ ଆଉ ମୋ ଗତି କ ଉପାୟ ଥିଲେ ବସ୍ତାର ତାର ।
ତାର ବାଙ୍କିମା ସ୍ମୃହାଣି କୁନ୍ତ ହୃଦେ ହାଣିବାରୁ ପୀଡ଼ା ହେଲା ମରମର । ୫ ।
ମରକତର ପିଭୁଳୀ ନେନ୍ଦ ହୃଦେ କେଲି କର କରୁଛୁ ଗିଆନ ଆନ ।
ଆନନ୍ଦର ସୀମା ନାହିଁ ଦୁଖ ନୋହେ କହ ବିଷ ପୀୟୂଷ ସମାନ ମାନ । ୬ ।
ମାନ ବକ ତା ପାଦରେ ଭଜବ ସାଦରେ ନ ମାରିବ ଫୁଲଶର ଶର ।
ସରଜକ ସେ କାମର ପ୍ରେମ ସରଘର ତେଣୁ ଯିବ ବା ହୃଦର ଦର । ୭ ।
ଦରଶନ ପାଇବାର ଉପାୟ ବିଶ୍ବର ନେଇ ତାହା ପରକର କର ।
କର ଧରୁଛୁ ତୁମ୍ଭର ଏତେ ମାନ କର କର କଷ୍ଟଅକୂପାର ପାର । ୮ ।
ପାର ଯେବେ ସଙ୍ଗୀ କର ନୋହିଲେ ସଧାର ଶିରେ ପକାଅ ପଥରେ ଥରେ ।
ଥରେ ଦେଖ କଳେବର ବାଞ୍ଛା ହୋଇଛି ମୋର ଦେଖିବାକୁ ଜଳଧରେ ଧରେ
ଧରେ ଏ ବିଶ୍ବର ମନ ମୟୂରନଟନ ଦେଖୁଥିବ କ ସଧୀରେ ଧୀରେ ।
ଧୀରେ ହୃଷ୍ଟନ୍ତା ଆନନ୍ଦ ହେଲେ କଳାଗ୍ରନ୍ଥ ଆନେ ଦିନ କ ଆଶରେ ସରେ । ୧୦ ।
ଶରେ ଦହୁଛି ମଦନ ହେଉଅଛି ମନ ପଶିବ ଯହିଁ ତମାଳମାଳ ।
ମାଳତୀରେ ଆଖି ପଡ଼ି ହୃଦ ଯାଏ ପୋଡ଼ି ନରତେ ଜାତ ବ୍ୟାକୁଳକୁଳ । ୧୧ ।
କୁଳ ବୁଡ଼ାଏ ଦୁର୍ଦ୍ଦଶା ପଦ୍ମେ ଲୁଙ୍ଗ ବସା ଧୈର୍ଯ୍ୟ ଧରେ କ ଆଲୋକ ଲୋକ ।
ଲୋକମଧ୍ୟରେ କୀଚକ-ଧ୍ୱଜ ମୋ ବାଧକ କାଟୁଛି ବସି ବିବେକ-ବେକ । ୧୨ ।
ବେକତ ମୋ ଦମ୍ଭହସି ଏ ଗୁଞ୍ଜି ଗୁଞ୍ଜରି ତରିବା ଉପାୟ ଭାଷ ଭାଷ ।
ଭା ସକଳସ୍ଥାନେ ତାର ଦେଖିବାକୁ ମୋର ହେବ ଜଷ୍ଟା ଯମବାସ ବାସ । ୧୩ ।
ବାସବର ପଦ୍ମ ପଡ଼ୁ ନାଶି ଜନ୍ମ ପୋଡ଼ୁ କେ ପାରିବ ଦୁଖ ସହି ସହି ॥
ସହି କଲି କରହତ ଏହା ମୋ ଭାଲେ ତ ବେଳହୁଁ ଅଛଇ ବହି ବହି । ୧୪ ।
ବହିତରେ ପତିବ୍ରତା-ଧୃତ-ହରି ମୂର୍ତ୍ତି ଭଙ୍ଗିମାର ମାରଗଣଗଣ ।
ଗଣପତି ଗଣନାରେ ଗୁଣ ନକ ସଙ୍ଗରେ କଳିଲେ କଳ୍ପଲକ୍ଷଣ କ୍ଷଣ । ୧୫ ।
କ୍ଷଣଦାର ପତି ବାମବମୋହନ ପ୍ରେମ ମିଶି ଖ୍ୟାତ କଳେବର ବର ।
ବର ଇଚ୍ଛିବେ ତ ବରରମଣୀନକର ଶ୍ରବଣରେ ଦେଖିବାର ବାର । ୧୬ ।
ବାରପତି-ସୁତା ଷଣ୍ଢ ହେବାଇ ସୁକୃତ କୀର୍ତ୍ତି ବିଖ୍ୟାତ ଦିଶିବ ଶିବ ।
ଶିବ-ବ୍ରହ୍ମା-ମୁନିବାର-ମୋହିତ-ମନ୍ଦର ନାଶି କେ ଗୃହିଁ ରୁଷି ବସିବ । ୧୭ ।

---

୪—୧ ଧରତ୍ରୀରେ-କ. ଟ, ଠ, ୯—୨ ଥରେ ଦେଖି-ଗ, ଚ; ୧୩—୧ ବ୍ୟକତ-ଟ,ଠ;
୧୪—୨ କରୁଁହତ କ, ଖ, ଟ, ଠ; ୧୫—୧ ଧୃତହରି-ଟ, ଠ; ୧୬—୨ ଥରେ ବାର ବାର
ଠ; ୧୭—୧ ସୁତା;ଗଢ-କ, ଖ;

ଶିବପର-ଶର ସହି ପାରିବ କେ ରହି ବୋଲଇ ଯେ ଦର୍ପହାର ହର ।
ହରିଣୀକି ବ୍ୟାଧଘାତ ପରାୟେ ମୁହିଁ ତ ହେଲି ଉପାୟହୀନକର କର । ୮ ।
କର ଧରି କହେ ମିତ ନୁହି ଗୋ ଆରତ ପ୍ରେମର ମାର ପ୍ରସ୍ମର ସ୍ମର ।
ସ୍ମରଣାଦି ସୁର ନରେ ପଶୁ ପତଙ୍ଗରେ ପ୍ରୀତି ବୋଲଇ ସଂସାର ସାର । ୯ ।
ସାରଙ୍ଗର ଘନ ବନ ସାରସର ବନ ଏକାଙ୍ଗୀ ପ୍ରୀତି ଆଶ ତ ସତ ।
ସତତରେ ଯୋଗେ ସୁଖ ବିଯୋଗରେ ଦୁଖ ଯୁଗ୍ମାଙ୍ଗୀ ପ୍ରୀତି ବିହିତ ହିତ । ୧୦ ।
ହିତ କେ କାହାର କରେ କେ କାହାର ହରେ ପର ପ୍ରୀତି ଲୋଭ ଯାର ଯା'ର ।
ଜାରଇ ସେ ଜ୍ୱସି ପର ବଲ୍ଲଭରୁ କରି ଲଭିବା ସୁଖ ସୁଧାର ଧାର । ୧୧ ।
ଧାରଣି ତୁ ସେହି ଶିକ୍ଷା କରିବାରୁ କକ୍ଷା କାମ ପ୍ରେମ କଲେ ବାରେ ବାରେ ।
ବାରେ ସହି ରାଧା ଜାଣି ସୁରସୁତ ଆଣି ଅଧର ଶୁଖେ ଦୁଖରେ ଝରେ । ୧୨ ।
ଝରେ ସ୍ମୃହିଁ ଛନ୍ଦିଛନ୍ଦି ଶ୍ୱାସ ଘନଘନ ଚିତ୍ତସୁତ-ବର-ଶରେ ସରେ ।
ସରେ ଭସଇ ନଳିନ କରି ମରଦନ ଅନ୍ତେ ସ୍ଥିତ ସେ ବିଧୀରେ ଧୀରେ । ୧୩ ।
ଧୀରେ ସାମନ୍ତସିଂହାର ସେ ଭାବକୁ ହାର କରିଥିବ କି ଏ ଜୀବ ଯିବ ।
ଜୀବନର ଭିନ୍ନ ମୀନ କ୍ଷୀରେ ସାରେ ଦିନ କିବା ଧୀରେ ଏହି ଭାବ ଭାବ । ୧୪ ।

## ଊନଚତ୍ୱାରିଂଶ ଛାନ୍ଦ ।

## ଶ୍ରୀରାଧା ବିଶାଖା ପ୍ରୀତି ପ୍ରତ୍ୟୁକ୍ତି ।

ରାଗ ବସନ୍ତ—ଆଷାଢ଼ଶୁକ୍ଳ ବାଣୀରେ

ଧୀର ଚନ୍ଦ୍ର ହୃଦପଦ୍ମ ମିହିର । ରସିକ ରସ ରତନ ଭଣ୍ଡାର ।
ଗ୍ରାହକ ପ୍ରେମ ବଣିକ ପସରା । କାମି-କାମଦା ଚିନ୍ତାମଣି ପରା ।
ଏ ଗୁଣ ଗରିମା ଗୋ । ପ୍ରୀତିଆ ଆନନ୍ଦ ସିନ୍ଧୁ ଚନ୍ଦ୍ରମା । ୧ ।
ନ ଲଭିବାରୁ ଗୋବିନ୍ଦ ପୀରତି । ଅଧୀରେ ଧୀରରତନ ଆରତି ।
କହନ୍ତି ଧରି ବିଶାଖିକା ହାଥ । କହ ପୀରତି କି ଜାତି ପଦାର୍ଥ ।
କାହୁଁ ଏ ଅଇଲା ଗୋ । କଉଁ ଦଇବ ଏହା ଭିଆଇଲା । ୨ ।

---

୮—୨ ହରିଣୀ-ଙ, ଠ; ୯—୧ ପ୍ରେମର ମୋର-ଘ; ପ୍ରେମର ସାର-ଙ; ୧୦—୧ ସାରସାର ବନ ଠ; ୧୦—୨ ଯୋଗ ସୁଖ-ଠ; ସତତ ଯୋଗରେ-ଗ, ଘ, ଚ
୧—୩ ବାଣିଜ୍ୟପସରା ଗ, ଛ, ଙ, ଠ; ୧—୬ ପ୍ରୀତି ଆନନ୍ଦସିନ୍ଧୁ ଚନ୍ଦ୍ରମା-ଗ, ଘ, ଚ, ଛ, ଙ, ଠ; ( ଏ ପାଠ ମଧ୍ୟ ହୋଇପାରେ )

କହେ ସଖୀ ଶୁଣ କିଶୋରୀମଣି । ବିଧି ରଚନା କି ପୀରତି ପୁଣି ।
ଅବ୍ୟୟ ଅକ୍ଷୟ ନିତ୍ୟ ପଦାର୍ଥ । କେ ଜାଣିବ ପ୍ରୀତିଶବଦଅର୍ଥ ।
ଅର୍ଜିତ ଇନ୍ଦ୍ରିୟ ଗୋ । ବଳେ କରନ୍ତି ପୀରତି ଆଶ୍ରୟ । ୩ ।
ସମାନ ବୁଦ୍ଧି ବୟ ଶୋଭା ଗୁଣ । ସ୍ୱଚ୍ଛ ଆରଦ୍ର ସ୍ୱଭାବ ଲକ୍ଷଣ ।
ରସରହ-ଚର୍ଚ୍ଚା-ଗ୍ରାହକା ଶକ୍ତି । ଏତେ ଲକ୍ଷଣେ ଯୁକ୍ତ ଯଉଁ ବ୍ୟକ୍ତି ।
ସଂଯୋଗ ସଂବନ୍ଧୁଁ ଗୋ । ହୃଦେ ଉଦେ ହୋଏ ପ୍ରଣୟବିଧୁ । ୪ ।
ନିକୃଷ୍ଟଠାରେ ଛାୟାବିମ୍ବବତ । ମଧ୍ୟଭଲରେ ପ୍ରତିବିମ୍ବ ଖ୍ୟାତ ।
ଅକ୍ଷୟ ଅଛିଣ୍ଣ ଅଙ୍କରହିତ । ଉତ୍ତମ ଜନମନରେ ଉଦିତ ।
ଅମୃତ ଆହ୍ଲାଦ ଗୋ । ଲଭିବାରୁ ହୃଦେ ପୂର୍ଣ୍ଣ ଆନନ୍ଦ । ୫ ।
ଆହୁର ଶୁଣିଛୁ ପ୍ରଣୟବୀଜ । ହୃଦାଳବାଳେ ପୋତେ କାମରାଜ ।
ନବଯୁବାକାଳେ ଅଙ୍କୁର ହୋଏ । ସୁରସ ବୃଷ୍ଟି ସଂଯୋଗକୁ ପାଏ ।
ତନ ବିଧି ଲେଖା ଗୋ । ହାବ ଭାବ ପରହାସ ବିଶାଖା । ୬ ।
ନାନାକ୍ରୀଡ଼ା କ୍ଷୁଦ୍ର ଡାଳ ପ୍ରଚୁର । ଭଙ୍ଗୀ ଚାତୁର୍ଯ୍ୟ ପଲ୍ଲବ ବିସ୍ତାର ।
ସୁଖ ସୁମନ ରାଗାମୃତ ଫଳ । ଆନନ୍ଦ ଆସ୍ୱାଦନେ ମତ ଖେଳ ।
ଦୁର୍ଜ୍ଜୟ ମାଦକ ଗୋ । ଛାଡ଼ଇ ନାହିଁ ଜୀବଥିବାଯାକ । ୭ ।
ସଂସାରେ ଏ ଦେହ ମନ ଆବୃତ । ସେ ମନ ପୁଣି ଗୋ ଇନ୍ଦ୍ରିୟ ରତ ।
ଇନ୍ଦ୍ରିୟ ପୁଣି ଗୋ ପ୍ରକୃତିବଶ । ପ୍ରକୃତି ସ୍ୱଭାବବଳେ ପ୍ରକାଶ ।
ମଦନଅଧୀନ ଗୋ । ଏମାନେ ସବୁ ହୁଅନ୍ତି ଯେନ । ୮ ।
ସେ ମଦନ ପୁଣି ସୁରତିବଶ । ସେ ରତ ହୋଏ ପ୍ରୀତିରୁ ପ୍ରକାଶ ।
ଭବ ସମ୍ବନ୍ଧ ପ୍ରୀତି ଆଲମ୍ବନ । ନାନା କ୍ରୀଡ଼ାରୁ ପ୍ରୀତି ଉଦ୍ଦୀପନ ।
ତହୁଁ ସୁଖ ଜାତ ଗୋ । ତହୁଁ ଆନନ୍ଦ ହୁଅଇ ସମ୍ଭୂତ । ୯ ।
ତହୁଁ ମୋହନସାଗର ସମ୍ଭୂତ । ମାଦନ-ଲହରୀ ତହିଁରୁ ଖ୍ୟାତ ।
ଆହ୍ଲାଦାମୃତ ତହିଁରୁ ଜନନ । ତହୁଁ ମୋହନ ନିଧି ଉତପନ ।
ତାହା ଯେ ଲଭଇ ଗୋ । କିଛି ନ ଗଣେ ଗର୍ବେଶ୍ୱର ହୋଇ । ୧୦ ।

---

୩—୨ ଅଜିତ ଇନ୍ଦ୍ରିୟ କ, ଟ, ଠ; ୪—୩ ଗ୍ରାହାବ ଶକ୍ତି ଖ, ଗ, ଘ, ଚ; ୪—୬ ହୃଦେ ଜାତ-ଘ, ଟ, ଠ; ୫—୫ ଅମୃତ ଅହ୍ଲାଦ-ଟ, ଠ; ୬—୪ ସୁରସ ଦୃଷ୍ଟି-କ, ଗ; ୯—୨ ସୁରତି ହୁଏ-ଟ, ଠ; ୧୦—୧ ମୋଦନ ସାଗର-ଛ; ମୋଦନ ମଧ୍ୟ ସମୀଚୀନ; ୧୦—୨ ମାଦକ ଲହରୀ-ଛ, ଝ ବ୍ୟତୀତ ସମ ପୋଥିରେ, ଅଛି-ଛ ମଧ୍ୟ ପାଠରେ ମାଦନ ଲେଖି ତାହା ଉପରେ ମାଦକ ଲେଖିଅଛି ଉଭୟ ପାଠ ସମୀଚୀନ-ରୂପ ଗୋସ୍ୱାମୀଙ୍କ ଉଜ୍ଜ୍ୱଳ ନୀଳମଣି ଅନୁସାରେ ମାଦନ ପାଠ ଗ୍ରହଣ କଲି; ମୋହନ ପାଠ ୧୦—୧ ରେ ମଧ୍ୟ ଗ୍ରହଣ କରା ଯାଇପାରେ ।

ଯେ ଯେତେ ପରତେ ହୋଇଥିବେ ପ୍ରୀତିକି । ସଂଯୋଗେ ସୁଖ ସେ ଲଭେ ସେତିକି ।
ବିୟୋଗେ କୋଟିଗୁଣ ଦୁଖ ଦିଅଇ । ଏ ଦୁଇ ସ୍ୱଭାବ ତାର ଉଦୟଇ ।
ଅନୁଭବୀ ଜନେ ଗୋ । ଦୁଖ ସୁଖ କହି ନୋହେ ବଚନେ । ୧୧ ।
କୋଟିବ୍ରହ୍ମାଣ୍ଡ-ସୁଧା-ସିନ୍ଧୁସାର । ସଂଭୋଗକାଳେ ସେ ଗୁଣର ଛିକାର ।
କୋଟିବ୍ରହ୍ମାଣ୍ଡ ଦୁଖସିନ୍ଧୁ ଲବ । ବିଚ୍ଛେଦକାଳକୁ ତୁଲ ନ ହେବ ।
କୋଟରଗତ ସର୍ପ ଗୋ । ଅଗ୍ନି-ଆଚ୍ଛାଦନ-ତାପ ଅଳପ । ୧୨ ।
ଯେ ପୀରତି ଆପେ ହୁଅଇ ସିଧି । ଅବଧି ବିଧିମାନ କରେ ସିଦ୍ଧି ।
ଯାର ଆପଣା ତହିଁରି ନ ଦିଅଇ । ମନକୁ ଗ୍ୟାନ ଅଗୋଚର ହୋଇଥାଇ ।
ଥାଉ ସୁଖବାର ଗୋ । ଦେହ ପରାଣକୁ ମଣଇଁ ପର । ୧୩ ।
ଜଗତେ ଅପକୀର୍ତ୍ତି ହୋଇ ବସେ । କଳଙ୍କପସରା ତହିଁ ବିଶେଷେ ।
ଜାତି କୁଳ ଗ୍ୟାନ ମାନ ବିକଇ । ଚିନ୍ତା ଉଚ୍ଛନ୍ନ ରତନ କିଣଇ ।
ନିନ୍ଦାଢୋଲ ବାଜେ ଗୋ । ନିରପନିପ ଫଳ କିଣି ଭୁଞ୍ଜେ । ୧୪ ।
କ୍ଷଣେ କ୍ଷଣକେ କେତେ ପର ହୋଇ । ଭାବଜଳଧି କଲ୍ଲୋଳ ଉଠଇ ।
କ୍ଷଣେ ବୁଡ଼ାଏ କ୍ଷଣକେ ଉଠାଏ । ଏକ ଯାଉଁ ଯାଉଁ ଆରକ ପାଏ ।
ଭାବଶାବଲ୍ୟତା ଗୋ । କେତେମତେ ଭଙ୍ଗେ ଦିଅଇ ଚିନ୍ତା । ୧୫ ।
ସମ୍ଭୋଗେ ସ୍ୱିତମାନ ଆନ ଆନ । ଭିତରେ ଆନନ୍ଦ ବାହାରେ ମାନ ।
ନିପା କୃପା ଦେନି ଅକ୍ଷପଲକେ । ହାସ ରୁଷ୍ଟ ଓଷ୍ଠେ ଜାତ ଲବକେ ।
ନୁହଇ ସେ କଳି ଗୋ । ରାଗ ସରାଗ ଲୀଳା ବଳାବଳି । ୧୬ ।
ଅପ୍ରାକୃତ ପ୍ରେମ ତା ନାମ ଧାମ । ଆଶ୍ଚର୍ଯ୍ୟ ରହେ କି ସେ ହେଲେ ବାମ ।
ପରବଶୀ ହୋଏ ଯାହାର ଜୀବ । ତାର କି ରହେ କୁଳକିସ୍ୱଭାବ ।
ମନେ ଯେନ ଧୀର ଗୋ । ପ୍ରୀତି ଯେ କଲ ସେ ଗଲଣି ମରି । ୧୭ ।
ଅନଳ ନୁହଇ ଦେହ ଦହଇ । ଅସ୍ତ୍ର ନୁହଇ ମରମେ ଭେଦଇ ।
ନୁହଇ ତ ଜଳ ବୁଡାଏ କୂଳ । ନୁହଇ ମାଦକ କରେ ବିହ୍ୱଳ ।
ନୁହଇ ବଡ଼ିଶୀ ଗୋ । ବଳେ ମନମୀନ ନିଏ ଆକର୍ଷି । ୧୮ ।
ପଦାର୍ଥ ଜ୍ଞାନ କଟଲ ନ ଘଟଇ । ସ୍ୱାଦୁ ଆସ୍ୱାଦନ କରି ନୁହଇ ।
ଦେଖି ନ ଥାଇ ରୂପ ନୟନେ ତ । ସତତ ମୋହିତ କରଇ ଚିତ୍ତ ।
ଦେହ ଥିଲେ ତାର ଗୋ । ନ ଥାନ୍ତା ଆଉ ପ୍ରୀତିସ୍ପୃହା ସଂସାର । ୧୯ ।

---

୧୧—୫ ଅନୁଭବୀ ଜନେ କ, ଖ, ଘ, ଜ; ୧୨—୧ ସୁଧା ସିନ୍ଧୁ ସାର-ଛ; ସୁଧା-ସିନ୍ଧୁସାର-ଘ, ଝ, ଠ; ୧୨—୬ ଅଗ୍ନି ଆଚ୍ଛାଦନେ-କ, ଖ, ଗ, ଘ, ଚ; ୧୩—୧ ଆପେ ହୁଅଇ କ, ଖ, ଘ, ଚ; ବିଧିମାନଙ୍କରେ ସିଦ୍ଧି କ, ଖ, ଗ, ଠ; ୧୩—୬ ମଣଇଁ ଭାର-ଖ; ୧୬—୧ ସଂଯୋଗେ-କ, ଖ, ୧୬—୪ ହାସ ରୋଷ- ଝ, ଠ; ଓଷ୍ଠେ ଖ୍ୟାତ-କ, ଖ; ୧୭—୧ ଯା ନାମ ଧାମ-କ, ଖ, ଝ, ଠ; ୧୭—୩ ଯାର ଜୀବନ ଘ, ଚ; କିସ୍ୱାମାନ-ଘ, ଚ;

ଶୁଣି ମିତଣୀ ବାଣୀ ଧୀର ଧୀରେ । ପଚାରନ୍ତି ସ୍ନେହଭରେ ଅଧୀରେ ।
କଉଁ ଗ୍ରାମରେ ଗୋ ପୀରତି ନାହିଁ । କହିଲେ ତହିଁକି ଯିବଇଁ ମୁହିଁ ।
ବେଗେ କହ କନା ଗୋ । ପ୍ରୀତି-ପାସୋରା ମନ୍ତ୍ର ଅଛୁ ନା । ୨୯ ।

ଏମନ୍ତ ପାପୀକି ମହୀ ସହିଲା । କଉଁ କୁବୁଦ୍ଧି ଏଥିକି ଆଣିଲା ।
ଅକାଳକାଣ୍ଡ ପ୍ରୀତି-ମୁଣ୍ଡେ ପଡ଼ୁ । ପ୍ରପଞ୍ଚ ପ୍ରୀତି ହାତ ଗୋଡ଼ ଛିଡ଼ୁ ।
ପରମ ପଦାର୍ଥ ଗୋ । ଧୀରେ ବୋଲନ୍ତି ପାଇ କଉଁ ଅର୍ଥ । ୩୦ ।

ଏକେ ଅବଳା ଦୁଜେ ପରବଶ । ଜାତି କୁଳ ଲଜ୍ଜା ବୁଦ୍ଧି ବିଶେଷ ।
ହାଣ୍ଡି ଦେହଲି ଦୃଷ୍ଟି ଅଗୋଚର । ପ୍ରୀତି-ବେଦନା ତହିଁ ବଳୀଆର ।
ରସରେ ଆଶାୟୀ ଗୋ । ତୃଷା ତୃଷ୍ଣା ଅନାୟତ୍ତ କରଇ । ୩୧ ।

ବିଶାଖା କହଇ କୃଷ୍ଣ ନାଗର । ପଦ୍ମିନୀ ମୂଳ ସଂଯୋଗ ହେବାର ।
ରସ ପରପାକ ଘଟଣା ଯୋଗେ । ଶୁଚିବନ୍ତ ହୋଇ ପିଅ ସରାଗେ ।
ଦେହ ଦାହ ଜ୍ୱର ଗୋ । ଦୂରେ ଯିବ ପାଞ୍ଚ ବହନ କର । ୩୨ ।

ହାହା ଏହା କେ ଦେବ, କହି ରାଧା । ବିମୋହ ହେଲେ ପ୍ରେମେ ପାଇ ବାଧା ।
ସଖୀ ଜଳ ସିଞ୍ଚି ସାନ୍ତ୍ୱନା କଲେ । ଧଇର୍ଯ୍ୟ କର ମଣାଇଁ କହିଲେ ।
ବୋଲନ୍ତି କିଶୋରୀ ଗୋ । ଯା ଯା ଜୀବନ ବହନ ବାହାର । ୩୩ ।

ଏତେ କଦର୍ଥନା ପାଉ କାହିଁକି । ଶଶ ଶଶୀପ୍ରାପ୍ତି ହେତୁ ନାହିଁକି ।
କୁମ୍ଭକାରକାଠ ଧାଆକୁ ବହ । କୃଷ୍ଣ ଦେହ ପାଇ ନିଶ୍ଚିନ୍ତେ ରହ ।
ଶ୍ୟାମ ନାମ ଧର ରେ । ଯା ଯା ଅନୁକୂଳ କର ବାହାର । ୩୪ ।

ପୁଣି କହନ୍ତି ସଜନୀକି ଚାହିଁ । ଜୀବନ ଯିବାର ସନ୍ଦେହ ନାହିଁ ।
ସଖୀଗଣ ଗୁଣ ଏତିକି କର । ଶ୍ୟାମ ପାଦଧୂଳି ବୋଳ ମୋ ଶିର ।
ତାଙ୍କ ଚନ୍ଦ୍ରମୂର୍ତ୍ତି ଗୋ । ଦେଖାଇଥାଅ ପାଉ ନେତ୍ର ଗତି । ୩୫ ।
ଜୀବନ ଗଲେ ଏତିକି କରିବ । ଶ୍ୟାମନାମ ମୋର ହୃଦେ ଲିହିବ ।
ଶ୍ୟାମରୂପ ମୂର୍ତ୍ତି ହୃଦେ ଲଦାଇ । ଶ୍ୟାମ ବସନ ଅଙ୍ଗରେ ଘୋଡ଼ାଇ ।
ଶ୍ୟାମ ଗତିପଥେ ଗୋ । ମୋ ଶବ ପୋତିବ ଆପଣା ହାତେ ॥ ୩୬ ।

---

୩୧ — ୧ ଦ୍ୱିକେ ପରବଶ-କ, ଖ, ଝ, ଠ; ୩୧ — ୨ ବୁଦ୍ଧି ବିଶେଷ-କ, ଖ, ଝ, ଠ; ୩୧ — ୧ ରସରେ ଆସଇ-ଗ, ଚ, ଝ, ଠ; ୩୨ — ୭ ଉପାୟ କର-ଗ, ଘ, ଡ, ଜ; ୩୩ — ୧ କହିଦେଲ-ଖ, ଚ, ଜ, ଝ, ଠ; କରିଦେବ-ଜ; ୩୪ — ୩ ଦାଯା ବୁ ବହି-ଚ, ଠ; ୩୫ — ୩ ସଖୀପଣ ଗୁଣ-ଗ; ସଖୀଗୁଣ ପୁଣ-ଘ; ସଖୀପଣ ଗୁଣି-ଝ; ସଖାପଣ ପୁଣି-ଠ; ୩୬ — ୩ ଶ୍ୟାମ ମୂର୍ତ୍ତିକା ହୃଦରେ ଲଦାଇ-କ, ଖ, ଟ, ଘ, ଚ; ଶ୍ୟାମରୂପ ମୂର୍ତ୍ତିକାରେ ଲଦାଇ-ଜ, ଠ; ୩୬ — ୬ ଆପଣାହସ୍ତେ-କ, ଖ, ଝ, ଠ;

## ଚତ୍ୱାରିଂଶ ଛାନ୍ଦ ।

### ଗ ଆଦ୍ୟାନୁପ୍ରାସ—କିଶୋରୀ ଜିଉଙ୍କୁ ବିଶାଖା କୃଷ୍ଣଗୁଣକଥନ ।

ରାଗ—କାମୋଦୀ । ଆହ୍ୱାର ବାଳିଚରିତ୍ର ବାଣୀ ।

ଗୁଣ ପ୍ରେମ ଗୋବିନ୍ଦର ଶୁଣି ଗୋରୀ । ଗରଗର ପ୍ରେମେ ହୃଦୟକୁ କରି ।
ଗୁଣୀମଣି ମିତଣୀର ପାଣି ଧରି । ଗୁଣ କହି ପଗ୍ଭରନ୍ତି ବେଗ କରି । ୧ ।
ଗିରିବରଧର ସାର ଗୁଣ ଶୁଣି । ଗତି ଶ୍ରୁତି ମତି ହେବ ଏହିକ୍ଷଣି ।
ଗୁରୁ ଉପଦେଶ ହେଉ ତୋହୋ ବାଣୀ । ଗଲେ ଜୀବ ନ ପାଇବ ତାପଶ୍ରେଣୀ । ୨ ।
ଗଜଗତିବାଣୀ ଶୁଣି ସଖୀ ଭଣି । ଗୁରୁନିତମ୍ବିନୀ ଏ କି କଥା ପୁଣି ।
ଗୋପୀନାଥ ଗୁଣାବଳୀ ସୁଧା ଆଣି । ଗୁଣ ଶୁଣିଲେ କି ଜୀବ ଯିବ ପୁଣି । ୩ ।
ଗୁଣଗଣଗଣନେ ଗଣକ ବାରେ । ଗଣେଶହିଁ ସହି ନ ପାରିବେ ଗାରେ ।
ଗୁଣି ଶେଷ କେ କରିବ କରୂପରେ । ଗତି ଅନନ୍ତ ବୟସ ହେବ ଖରେ । ୪ ।
ଗାଇ ଚାଇ କାମ ଗାଈ ଲକ୍ଷେ ମୁଖେ । ଗଣି ନ ପାରିବ ଯାହା ଏକ ରେଖେ ।
ଗୋପ୍ୟ ଗୁଣାବଳୀ ବେଦ ଖୋଜି ଦୁଖେ । ଗମି ନ ପାରି ନିଗମ ନାମ ରଖେ । ୫ ।
ଗୁରୁ ବୋଲାଇଲେ ଲୋକେ ବୃହସ୍ପତି । ଗିର ଆଶ୍ରୟକୁ କଲେ ସରସ୍ୱତୀ ।
ଗୋଚର ଏ ନ ପାଇଲେ ଶିବ ନତି । ଗର୍ବ କେ ଆଉ କରିବ ରସବତୀ । ୬ ।
ଗ୍ରହପତିରୁ ଅଧିକ ତେଜବନ୍ତ । ଗମ୍ଭୀର ଶଶୀଠାରୁ ଶୀତଳ ତ ।
ଗମ୍ଭୀରତା ସିନ୍ଧୁ ବଳି ଅକଳନ୍ତ । ଗୋତ୍ର ଶ୍ରେଷ୍ଠକୁ ଅଧିକ ଧୀର ଖ୍ୟାତ । ୭ ।
ଗୁଣୀଗଣରେ ଗଣନା ସଦାଶିବ । ଗାଁ୍ୟାତା ଯେ ଗ୍ୟାଯୋଗ୍ୟରେ ସେ ତ ଦଇବ ।
ଗାଢ଼ ଧଇର୍ଯ୍ୟ ଅଟଇ ପଦଭବ । ଗୁଣବନ୍ତଠାରେ କରକାରୁ ଦ୍ରବ ।
ଗୁରୁ ଗଣେଶଙ୍କୁ ବଳି ବିଦ୍ୟା ବୁଦ୍ଧି । ଗୋତ୍ରଠାରୁ ସହିଷ୍ଣୁତା ପରସିଦ୍ଧି ।
ଗୋତ୍ର ଭୟଦକୁ ବଳି ନିତ ଭିଧି । ଗରିମାରେ ତ ପ୍ରଳୟ ପୟୋନିଧି । ୯ ।
ଗାଧି ରାମ ପୃଥୁ ଜିଣି କାର୍ତ୍ତିକରି । ଗୀତବାଦ୍ୟନୃତ୍ୟଜିତ ବିଦ୍ୟାଧର ।
ଗର୍ବ କେ କରିବ ଦାମୀପଣେ ବଳି । ଗର୍ବ ମଣ୍ଡନ କରିବ ଶୁଣି ବଳି । ୧୦ ।

---

୧—୨ ପ୍ରେମ ଚ, ., ଠ; ୧—୩ ଗୁଣମଣି ଗ, ଘ, ଚ, ଝ, ଠ; ୨—୧ ଗୁଣଗୁଣି ଗ, ଘ, ଚ, ଝ, ୨—୨ ଗତି [illegible] ମତି-ଗ, ଘ, ଠ; ଗତି ସ୍ତୁତି ଗତି-ଝ; ୨—୩ ଗୁଣ ଉପଦେଶ ଝ, ଠ; ୩—୪ ଗୁଣ ଶୁଣିଲେ-ଗ, ଚ, ଠ; ଗୁଣ ଗଣିଲେ-ଛ; ଗୁଣ ମଣିଲେ-ଘ, ଜ; ୪—୧ ଗୁଣିକ ବାରେ-ଠ; ୫—୧ ପାଇ ଲିଚେ ମୁଖେ-ଝ; ପାଇଲା ଯେ ମୁଖେ-ଠ; ଗାଇ ଲକ୍ଷେ ମୁଖେ-ଗ, ଚ; ୫—୨ ଗୁଣି ନ ପାରିବ- ଠ; ୫—୩ ବେଦ ଖୋଜି-ଠ, ୭—୧ ବୃହସ୍ପତି ବ, ଖ, ଚ, ଝ, ଠ; ୭—୨ ଗିର ଅଶ୍ରୟକୁ-କ, ଗ, ଘ, ଛ; ଗର ଆଶ୍ରୟ କଲେ ଯେ-ଠ; ୯—ଗୋତ୍ରଭୟଦକୁ ବଳି ନିତ ବିଧି, ଠ, ୧୦—୩ ଗର୍ବକ-ଝ, ଠ, ୧୨—୨ ଧର୍ମ-ଖ, ଘ, ଧୈର୍ଯ୍ୟ-ଜ,

ବୋଲନ୍ତି ହା ହା ଗୋପଗଣବୃନ୍ଦ । ଗୋପିନୀ ଆଶାମୃଗୀ ବନ୍ଧନ ଫାନ୍ଦ ହେ ।
ନାଗରୀଚିତ୍ତ ମତ୍ତ ଦ୍ୱିରଦ ଟୋପ । ଯୁବତୀ ପରମାଦ ମାଦକ କୂପ ହେ । ୩ ।
ନାରୀ-ନୟନ-ମୀନ-ଧର ଧୀବର । ମାନତରୁ ଛେଦନ ତୀଖ କୁଠାର ହେ ।
ସଦା ମାନସ-ଅଭିଲାଷ-ସଦନ । ରସାମୃତଦାୟକ ନବୀନଘନ ହେ । ୪ ।
ପତିବ୍ରତୀ ମତିସମ୍ପତ୍ତି ଚୋର । ଚେତନାହୃତକାରୀ ମୋହନାଗର ହେ ।
ଗର୍ବପର୍ବତ ଖର୍ବକାରକ ପବି । ମନାକ୍ଷ ଅନ୍ଧକାର ଛେଦନ ରବି ହେ । ୫ ।
କଉଳବ୍ରତୀ-ବ୍ରତ-ସିନ୍ଧୁ କୁମ୍ଭଜ । ସୁବଂଶଧ୍ୱନି-ମନ୍ତ୍ର-ଦୀକ୍ଷା ଆଚାର୍ଯ୍ୟ ହେ ।
ଚେତନାଚନ୍ଦ୍ରମାକୁ ସିଂହିକାସୁତ । ମହତ୍ତ ବୃତ୍ରାସୁର ଶଚୀଦଇତ ହେ ।୬।
ବିଶ୍ୱକାମିନୀ ମନମୋହ ମନ୍ତ୍ର । ମଦନାନଳ ତାଇବାର ଯନ୍ତ୍ର ହେ ।
ବିବେକ-ମହାବନ ପୋଡ଼ା ଅନଳ । ନୟନଭୃଙ୍ଗ ରଙ୍ଗସ୍ଥଳକମଳ ହେ । ୭ ।
ଆଶା-ବିଟପୀ-ପଲ୍ଲବିତ ବସନ୍ତ । ଭାବରାଜ୍ୟ ପୀରତି-ପ୍ରଜା ସାମନ୍ତ ହେ ।
ରସସଂସାର ସରଜନା ଲୋକେଶ । ମଦନଶାସ୍ତ୍ରକୃତ ନିପୁଣ ବ୍ୟାସ ହେ । ୮ ।
କାମାନ୍ଧିନୀମାନଙ୍କ ଡ଼ୋଳାପିତୁଳା । ସ୍ମରସିନ୍ଧୁତରଣୀ ଅଭଙ୍ଗ ଭେଳା ହେ ।
ମନ ମୀନ ଛାପିତ ହରି ଭୁବନ । ହୃଦପଙ୍କଜ ମୁଦକାରୀ ତପନ ହେ । ୯ ।
ମଦନଦ୍ୱିଜ ଇଷ୍ଟପୂଜା ପିଣ୍ଡୁଳି । ପ୍ରେମବହ୍ନିତଲି ପତନସ୍ଥଳୀ ହେ ।
ନୟନ ବିମୋହନ ଚିତ୍ର ଭୂମିକା । ଶୋଭିବନ୍ତ ସୁରେନ୍ଦ୍ର ଜୟ ପତାକା ହେ ।୧୦।
ଚିତ୍ର ଲାବଣ୍ୟ ଭଙ୍ଗି ସିନ୍ଧୁ କଲ୍ଲୋଳ । କେଳିକଳାକନ୍ଦଳୀ ଜନମସ୍ଥଳ ହେ ।
ଅଶେଷ ଗୁଣତାରାବଳି ଗଗନ । ସୁଖରତନ ଦାତା ଜଳନିଧାନ ହେ । ୧୧ ।
କାମୀ କାମିନୀ କାମ କଳପଲତା । ହୃଦୟସ୍ଥ ବଇକୁଣ୍ଠ ପୀଠ ଦେବତା ହେ ।
ମଦନଯମଭୟ ବାରଣାମୃତ । ପ୍ରେମ ମହାଜନଙ୍କ ସୁଖ ବୋହିତ ହେ । ୧୨ ।
ଅଙ୍ଗନା ଅଙ୍ଗୀକାରୀ ପିନାକଧାରୀ । ବିୟୋଗିବ୍ୟାଧିହର ଶ୍ରୀଧନ୍ୱନ୍ତରି ହେ ।
ଅନଙ୍ଗ-ପ୍ରେତ ରସକେଦାର ଗଦ । ପ୍ରେମାହି ବିଷଭର ସମ୍ଭାର ପଦ ହେ ।୧୩।
ପୀରତିଅଙ୍ଗନାର ଭାଲସିନ୍ଦୂର । ଲୀଳା-ନାୟିକା ହୃଦମଣ୍ଡନ ହାର ହେ ।
ରତି-ରମଣୀ ଶ୍ରୁତିଯୁଗ ତାଟଙ୍କ । କ୍ରୀଡ଼ା-ସୁନାରୀ ହୃଦଭୂଷା ପଦକ ହେ । ୧୪ ।

---

୩—୩ ନାରୀନୟନ-ଠ, ୪—୨ ମାରତରୁ-କ, ଖ, ତୀକ୍ଷ୍ଣ-ଚ, ଠ, ୪—୩ ସଦା ମାନସ ଅଭିଲ୍ଲାସ ସଦନ'-କ,ଖ, ୫—୪ ଛେଦକ ରବି -ଚ, ଠ, ୭—୨ ତାଳିବାର ଯନ୍ତ୍ର-ଚ, ଠ, ଲିବିବାର ଯନ୍ତ୍ର--କ, ଖ, ୯—୩ ମନମୀନର ଛାପ ଠ, ୧୧—୩ ଗୁଣାବଳୀ ତାରା-ଚ, ଠ, ୧୧—୪ ଜଳନିଧାନ-କ, ଖ, ଗ, ୧୨—୪ ବୋଇତ- ଚ, ଠ, ୧୩—୧ ଅଙ୍ଗହାରୀ-ଚ, ଅଙ୍ଗ ଜରୀ-ଠ, ପିନାକୀଧାରୀ-ଠ ଛଡ଼ା ସମସ୍ତ ପୋଥିରେ ୧୩—୨ 'ସମ୍ଭାର' ଶବ୍ଦର ଅର୍ଥରେ (?)—ଦଶଖଣ୍ଡ ପୋଥିରେ ଅଛି ।

କାନ୍ତଅର୍ଥିନୀ କାମଧେନୁପାଳକ । ଚିନ୍ତା ଭୁଜଙ୍ଗବର ସୁଜାଙ୍ଗଳିକ ହେ ।
ଯୁବତୀ ସରସ୍ୱତୀ-ବାଦନ-ବୀଣା । ପ୍ରେମଧନକ ଭାବଧନର କଣା ହେ । ୧୭ ।
ରାଧା ବଦନ ଇନ୍ଦୁଧର କନ୍ଦର । ଗୋବିନ୍ଦ ନାମୋଦୟ ଅମୃତ-କର ହେ ।
ଧୀର ହୃଦୟାନନ୍ଦସିନ୍ଧୁ-ବର୍ଦ୍ଧକ । ନିଖିଳ-ଦୀନ-ମହାତାପ-ହାରକ ହେ । ୧୮ ।
ସେ ରାଧାକୃଷ୍ଣ ପଦଦ୍ୱନ୍ଦ୍ୱ କମଳ । ଅଭିମନ୍ୟୁ ମାନସ ତହିଁ ଭ୍ରସଳ ହେ ।
ବିଦଗ୍ଧଚିନ୍ତାମଣି ଏ ଗ୍ରନ୍ଥ ସ୍ୱର୍ଗ । ଏଥି ବିହର ଧୀର ଅମରବର୍ଗ ହେ । ୧୯ ।

## ଦ୍ୱିଚତ୍ୱାରିଂଶ ଛାନ୍ଦ ।

## ଶ୍ରୀକୃଷ୍ଣ ମଧୁମଙ୍ଗଳ ପ୍ରୀତିପ୍ରତ୍ୟୁକ୍ତି ସିଦ୍ଧାନ୍ତ ।

ରାଗ—ବରାଡ଼ି । ଆଷାଢ଼ଶୁକ୍ଳବାଣୀ ।

ଧୀରଚିତ୍ତ ହୃଦପଦ୍ମ ମିହିର । ରସିକାନନ୍ଦସିନ୍ଧୁ କଳାକର ।
ଗ୍ରାହକ ପ୍ରେମରତନ ପସରା । ମୁମୁକ୍ଷୁ କୈବଲ୍ୟଭଣ୍ଡାର ପରା ।
ଏ ଗ୍ରନ୍ଥକୁ ଭଲ ହେ । ପ୍ରେମବିୟୋଗୀ ଯୋଗିଜନ ଥାଳ । ୧ ।
ଦିବ୍ୟବରଧର ସ୍ମରମୋହନ । ରାଧାପ୍ରୀତି ବିନା ମାରେ ମୋହନ ମଦନ ।
ଲଜ୍ଜା ମର୍ଯ୍ୟାଦା ଆତୁର ଉଛନ୍ନ । ଲାଳସେ ବଳାବଳି ଦନୁଦନ ।
ଦିନେ ଛନ୍ଦେ ବନେ ହେ । ସଖାକୁ କହନ୍ତି ମୃଦୁବଚନେ । ୨ ।
କାହୁଁ ଜନମ ହୁଅଇ ପୀରତି । କି ଜାତି ବର୍ଣ୍ଣ ଚିହ୍ନ ଗୁଣ ରୀତି ।
କରିବା କରାଇବା ଶକ୍ତି କେତେ । କାହିଁ ରହି ସଞ୍ଚରଇ କେମନ୍ତେ ।
ଦେଶ କାଳ ପାତ୍ର ହେ । କହ, ମୋ ଶ୍ରୁତିକି କର ପବିତ୍ର । ୩ ।
ଏହା ଶ୍ରବଣେ ହସି କହେ ମଧୁ । ପ୍ରେମାର୍ଥ ଅକଳନା ମହାସିନ୍ଧୁ ।
ସାଧବେ ସିଦ୍ଧାନ୍ତ କରନ୍ତି ଯାହା । କିଛି ଶୁଣିଛି କହିବି ମୁଁ ତାହା ।
ରାଗ ଶବ୍ଦ ଅର୍ଥ ହେ । ଅଚିନ୍ତ୍ୟ ଅବ୍ୟକ୍ତ ନିତ୍ୟ ପଦାର୍ଥ । ୪ ।
ନିର୍ମଳ ଶୁଦ୍ଧ ବୁଦ୍ଧ ବୋଧମୟ । ସର୍ବ ସର୍ବଜ୍ଞ ଅକ୍ଷୟ ଅବ୍ୟୟ ।
ଆତ୍ମା-ସଂସର୍ଗୀ ଚେତନା ବିକାର । ମନ ବୁଦ୍ଧି ବିବେକରେ ସଞ୍ଚାର ।
କାମ ଲୋଭସ୍ଥଳେ ହେ । ଉଦେ ହୋଇନ୍ତି ନାନା ସମ୍ବନ୍ଧବଳେ । ୫ ।

---

୧୭—୪ ପ୍ରେମଧନଙ୍କ ଙ, ଛ, ଠ; ଭବଧନରେ ଗ, ଠ; ଭାବରତନ କ, ଖ;
୧୮—୧ ଇନ୍ଦୁଧର ଙ, ଘ, ଚ. ଛ, ଠ;
୨—୧ ସାର ମୋହନ- ଛ. ଠ ୨—୨ ମାରେ ମଦନ-ଙ ଠ ୪—୧ ବୋଲେ ଠ ୫—୧
ବୋଧୋଦୟ-ଠ. ବୋଧ ବୋଧମୟ-ଗ ଘ ଚ; ବୁଦ୍ଧିମୟ-ଘ

ତନୁ ପୁଲକଇ ହେ । ଲୀଳା ଲାଳସ କଳିତ ହୁଅଇ । ୧୨ ।
ବାକ୍‌ଚାତୁରୀ କଉଶଳତା ରସେ । ହୃଦେଙ୍ଗିତ ଭଙ୍ଗି ସଙ୍ଗୀ ବିଶେଷେ ।
ଭାବସ୍ୱଭାବଜ ଭୂଷା ଭୂଷିତ । ଆନନ୍ଦାର୍ଣ୍ଣବେଁ ମଗ୍ନ ହୋଏ ଚିତ୍ତ ।
ବ୍ରହ୍ମାନନ୍ଦ ସୁଖ ହେ । ସେ କାଳେ ବଳେ ମିଳିଗଲେ ଦୁଖ । ୧୩ ।
ଦେଖିଲେ ତରେ ନ ଦେଖିଲେ ମରେ । ବିଯୋଗାବିଯୋଗ ଏହିପ୍ରକାରେ ।
ପ୍ରେମ ସ୍ୱାଦୁ ନିନ୍ଦେ ସୁଧା-ଶାକର । ସୁରତ ମୁଣ୍ଡରେ ଖଏ ଠାକର ।
ସ୍ନେହ ସୁଖ ଯହିଁ ହେ । ରତିକି ଅବକାଶ କାହିଁ ତହିଁ । ୧୪ ।
ମଞ୍ଜିଷ୍ଠାନୁରାଗ ପରାସ୍ୟେ ସ୍ଥାୟୀ । ମଧୂ ପରାସ୍ୟେ ଦ୍ରବ ନ ତେଜଇ ।
ଛିଦ୍ର ରହିତ ମରୁତ ସଙ୍ଘାତ । ନିର୍ମଳ ସ୍ନେହୀ ଯେମନ୍ତ ଅନନ୍ତ ।
ଅଭେଦ ବିଦିତ ହେ । ଯେଉଁ ପ୍ରକାରେ ସାଗର ସରିତ । ୧୫ ।
ଧର୍ମ ଚକ୍ରବାଡ଼ ଲଙ୍ଘନ କରେ । ନିନ୍ଦାସିନ୍ଧୁ ସ୍ନେହପୋତରେ ତରେ ।
କଳଙ୍କମୁକୁଟ ବାନ୍ଧଇ ଶିରେ । ମହତ୍ୱ ଗିରିବର ଚୂର୍ଣ୍ଣ କରେ ।
ଲଜ୍ଜାକୁ ଦହଇ ହେ । କୂଳାଭିମାନକୁ ତଡ଼ ଦିଅଇ । ୧୬ ।
ଭାବଶାବଲ୍ୟ କଉତୁକକାରୀ । ନଚାଏ ନାନାମତେ ଯନ୍ତ୍ର ଧରି ।
ସେ ଯାହା କରାଏ ଏ ତାହା କରେ । ବଇଣିକ-ଘାଣା-ଗୁଣା ବିଧିରେ ।
ପରାଧୀନ ପରା ହେ । ଭାବ ଭାବନା ତାର ଦିନ-ସରା । ୧୭ ।
ତଦାତ୍ମିକ ଭାବେ ମଗ୍ନ ମାନସ । ଆପେ ତା ହୃଦେ ? କି ହୃଦ ତା ବାସ ?
ତା ଦେହେଁ ନେହ ? କି ନେହେ ସେ ଅଛି । କି ଶୃତ ବଚନ ମିଶି ରହିଛି ।
ସବୁ ଏହିପରି ହେ । ବିଶ୍ୱେ ଅଛିଦ୍ର ଭାବେ ଅଛି ପୂରି ହେ । ୧୮ ।
ମିତ ହେ ଯେମନ୍ତ ପୀରତ ରୀତ । ତାହା ପାଇବୁ କେ ଯିବ ବିରତ ।
ମନ ମୀନକୁ ସେ ପ୍ରେମ ବଡ଼ଶୀ । ଲୋଭସୂତ୍ରେ କାମ ନିଏ ଆକର୍ଷି ।
ପଡ଼ି ସଙ୍କଟରେ ହେ । ମୁକ୍ତିପ୍ରାପ୍ତିବତ ମଣେ ଚଉରେ । ୧୯ ।

---

୧୨—୨ କଳିତ ନୂହଇ-କ, ଖ. ଗ, ଘ, ଟ, ଠ; ଜରେ 'କଳିତ ହୁଅଇ' ଲେଖାହୋଇ ଉପରେ "ନୂହଇ" ଲେଖାହୋଇଅଛି । "କଳିତ ନୂହଇ" ପାଠ ମଧ୍ୟ ସମୀଚୀନ; ୧୩—୧ ବାକ୍‌ଚାତୁରୀ କୌଶଳତା ରସେ-ଟ; ଠ; ୧୩—୨ ହର୍ଷେଙ୍ଗିତ ଭଙ୍ଗୀ-ଟ, ଠ;ଚ;ମଧ; ହୃତ୍କ୍ଲାଣ ଇଙ୍ଗିତ ଭଙ୍ଗୀ-କ; ୧୪—୩ ସୁଧା ଶୀକର-ଟ. ଠ; ୧୫—୪ ନିର୍ମଳ ସ୍ନେହ-ଟ ଠ; ୧୬—୧ କଉତୁକ କରି—କ ଖ; ୧୬—୨ ଯନ୍ତ୍ର କରି-ଟ ଠ; ୧୬—୪ ବଇଣିକ ଗୁଣା ଘାଣା ଟ,ଠ; ୧୮—୧ ତା ଦାତ୍ମିକଭାବେ ଠ; ୧୮—୨ ହୃଦେ ତା ବାସ କ, ଜ, ଟ ଠ; ୧୮—୩ ତା ଦେହ ନେହ କ—ଛ ଠ; ତା ଦେହ ନେହ କ-ଜ; ୧୮—୪ କି ଶ୍ରୁତି ବଚନେ-ଗ, ଘ, ଚ, ଜ; ଟ, ଠ; ମଧ୍ୟ ସମୀଚୀନ; ୧୮—୬ ଦିଶେ ଅଛିଦ୍ର-କ, ଖ, ଗ ଚ; ବିଶ୍ୱ ଟ, ଠ;

ଅକ୍ଷୁଣ୍ଣ ଅଙ୍କହୀନ ପ୍ରେମ-ଶଶୀ । ହରି-ପର୍ବତେ ଉଦେ ହୋଏ ଆସି ।
ଆନନ୍ଦ-କ୍ଷୀରସିନ୍ଧୁ ଉଚ୍ଛୁଳାଏ । ମନ-ଚକୋର ସୁଧାପାନ ପାଏ ।
ଜୀବତାପ ନାଶେ ହେ । ଆଶା-ନିଶା-ଯୋଷା ତୋଷ ପ୍ରକାଶେ । ୩୦ ।
ବିୟୋଗେ ସୁଧାଂଶୁକୁ ଚଣ୍ଡଭାନୁ । ଆନନ୍ଦସିନ୍ଧୁ ତନୁ କରେ ତନୁ ।
ଆଶା-ନିଶା-ଯୋଷା ଦେହ ଦହଇ । ହୃଦ-କୁମୁଦ ପ୍ରମୋଦ ହରଇ ।
ଜୀବତାପ ଜାତ ହେ । ଧୀର-ଚକୋର ବହୁତ ଦୁଃଖିତ । ୩୧ ।
ସୁଖ ଦୁଃଖ ବିଷାମୃତ ପରାୟେ । ଏ ଦୁଇ ସ୍ୱଭାବ ତାର ଉଦୟେ ।
ହୀରା ସମାନ ହୃଦ ହୋଇଥିବ । ପ୍ରୀତି ଛୁଇଁଲେ କି ଫାଟି ନ ଯିବ ।
ବଜ୍ର ହେଲେ ଦେହ ହେ । କୃଶାନୁ ପରି କରଦେବ ଦାହ । ୩୨ ।
ସଂଯୋଗ ସୁଖ ତ କହି ନୁହଇ । ବ୍ରହ୍ମା ଇନ୍ଦ୍ରପଦ ପଦକେ ଥାଇ ।
ପଦ ପଦକ ବିନ୍ୟାସୁଁ କଥକ । ବଢ଼ ବୋଲିବା ତହୁଁ ମୂକତକ ?
କୋଳ କଲା କ୍ଷଣି ହେ । ଆନନ୍ଦେ ଆହ୍ଲାଦ ମିଶିଲା ମଣି । ୩୩ ।
ଓଷ୍ଠ ଚୁମ୍ବିବା ବେଳେ ଯେତେ ସୁଖ । ସୁଧାପାନେ କି ଯୋଗି ହେଲା ମୁଖ ।
ଶ୍ରୀମୁଖ ଦରଶନେ ମହାସୁଖୀ । ବିଧୁ-ସରେ କି ସ୍ନାନ କଲା ଆଖି ।
ଶ୍ରୁତ ମୃଦୁ ବାକ୍ୟେ ହେ । ସାରସ୍ୱତ ମନ୍ତ୍ରଠାରୁ ଅଧିକେ । ୩୪ ।
ମନକୁ ମନ ହୋଏ ମିଶାମିଶି । ବ୍ରହ୍ମେ ଜୀବ ପଶିବାର ଆଭାସି ।
ପରସ୍ପରେ ଏ ଆଶ୍ରୟାଲମ୍ବନ । ଦ୍ରବ୍ୟ ଗୁଣ କ୍ରିୟା ତା ଉଦ୍ଦୀପନ ।
ଯେବେ ଭିନ୍ନ ହେବ ହେ । ବାଇ ନୋହି କେ ଜୀବନ ଧରିବ । ୩୫ ।
ହାନି ଲାଭ ତହିଁ ଗଣା ନ ଯାଏ । ସେ ପ୍ରୀତି ପାଳିବାର ଅତିଶୟେ ।
ନଗଧାରେ ଦ୍ରବ୍ୟ ରଖିଲା ବିଧି । ପ୍ରୀତିନ୍ୟା ପ୍ରୀତି ରଖା ଏଡ଼େ ସିଦ୍ଧି ।
ପ୍ରେମ ପ୍ରେତଗ୍ରସ୍ତ ହେ । ମନ୍ତ୍ର ଯନ୍ତ୍ର ମାନି ନୋହେ ଆବୃତ । ୩୬ ।
ମାନିତ ସଙ୍ଗେ ଥାଇ ଦେଖା ହେଲେ । ପ୍ରେମ ପ୍ରମାଦ ପଡ଼ଇ ସେକାଳେ ।
ବଳାଇଁ ଗତ ପଦ ନ ଚଳଇ । ଲାଜ ପୀରତି ବିବାଦ ବଢ଼ଇ ।
ଦେହ ଥିଲେ ତେଣେ ହେ । ମନ ଆକର୍ଷି ହେଉଥାଇ ଏଣେ । ୩୭ ।

---

୩୧—୪ କୁମୁଦ ପ୍ରମାଦ କରଇ ୧; ପ୍ରମୋଦ କରଇ ୦; ନିତାନ୍ତ ଅଯୁକ୍ତ; ୩୨—୧ ଦୁଃଖ ସୁଖ ଗ, ଚ, ଟ, ୦; ୩୩—୩ ପଦ ପଦକେ-କ, ଖ, ଘ, ଟ ୦; ୩୪—୧ ଚୁମ୍ବିଲା-କ, ଖ, ଘ, ଚ; କେତେ ସୁଖ-ଟ, ୦; ଯେଉଁ ସୁଖ- କ, ଖ; ଯେତେ ସୁଖ-ଛ; ମହାସୁଖ-ଚ, ୩୪—୬ ଶ୍ରୀତମୃଦୁ-କ, ଟ, ୦; ୩୬—୧ ଗଣା ନ ଯାଏ କ, ଖ ଚ, ଟ, ୦; ୩୬—୬ ମାନ ନୋହେ-ଗ, ଘ; ୦; ୩୭—୧ ନିତ ସଙ୍ଗେ ଥାଇ ସେ ଦେଖା-କ, ଖ, ଟ, ୦, ୩୭—୪ ଲାଜେ ପୀରତି- ଟ, ୦, ୩୭—୫ ଏଣେ ଖ, ଘ, ଜ. ୩୭—୬ ତେଣେ-ଗ ଘ, ଜ;

କାହାକୁ କି କହିଲା ପରି ହୋଇ । ଟିକିଏ ଟିକିଏ ସେ ରହି ରହି ।
ତାଙ୍କ ଚାତୁର୍ଯ୍ୟ ସଙ୍ଗେ ମିଶିଯାଇ । ପଦେ ପଦେ ଅଧେ ଅଧେ କହଇ ।
ନ ଚାହିଁଲା ହୋଇ ହେ । ପୋଥିଏ କଥା ନୟନେ କହଇ । ୩୮ ।
ସୁଖସ୍ଫୂର୍ତ୍ତିରୁ ଲୋଭ ବାର ନୋହେ । ବାରୁଁ ବାରୁଁ କମ୍ପ ଜନିତ ଦେହେ ।
ଅଶ୍ରୁ ଆଶ୍ରୟ ଅଧିକ ଆଖିରେ । ଦିଶି ନ ଦିଶଇ ହାସ ଅଧରେ ।
ଲଳିତ ଆଳସେ ହେ । ଗାଢ ବିଚେଷ୍ଟିତ ଜୃମ୍ଭା ପ୍ରକାଶେ । ୩୯ ।
ନାଗରୀ ନାଗର ଚିହ୍ନ ଏମାନ । ମାନରେ ମିଶିଥାଇ ସନମାନ ।
ରାଗ ସରାଗ ପ୍ରେମାମୃତ ଗୋଳ । ଶ୍ରୀମୁଖ ଢାଳି ଦେଇଯାଏ ଢାଳ ।
ଭ୍ରୂବଲ୍ଲି ଚଳାଇ ହେ । ସ୍ୱୀକାର ବିକାର ଦିଏ ଚହ୍ଲାଇ । ୪୦ ।
କମ୍ପେ ଅଧର, ଜାତ ଆହା ଭାଷା । ପକାଇ ଶ୍ୱାସ ଟେକୁଥାଇ ନାସା ।
ଦିବ ଭ୍ରୂବଙ୍କ ଦୃଷ୍ଟିପାତ ଦତ୍ତ । ହାସ କୁଣ୍ଠିତ ଏକଯୋଗେ ଖ୍ୟାତ ।
ସୁଖ ଦୁଖ ଦୁଇ ହେ । ଆଶ ନିରାଶକୁ ଯାଏ ଚହ୍ଲାଇ । ୪୧ ।
ଉଭୟ ସୁଖଦାୟୀ ପରସ୍ପରେ । ତନୁ ସଜାଡ଼ନ୍ତି ସେହି ହେତୁରେ ।
ମନକୁ ଜ୍ଞାନ ଅଗୋଚର ଥାଇ । ବୁଦ୍ଧିକି ବିବେକ ଦିଶା ହୁଅଇ ।
ଯେ ବୋଲଇ ଯାହା ସେ । ଶୁଣିଲେ ଜାଣି ନ ପାରଇ ତାହା । ୪୨ ।
ଖାଉଥିଲେ ଦ୍ରବ୍ୟ ସ୍ୱାଦୁ ନ ଜାଣେ । ଗନ୍ଧ ଘେନଇ ଉଦାସିନୀ-ଗୁଣେ ।
ଦେଖୁଥିଲେ ଆଖି ଚିହ୍ନଇ ନାହିଁ । ଏ କର୍ମ ବୋଲି ସେ କର୍ମ କରଇ ।
କହୁଁ ଆନ ଭାଷା ହେ । ବନେ ତାହାରେ ପ୍ରୀତିମୟୀ ପ୍ରଶଂସା । ୪୩ ।
ନୀର ନୁହଇ କରେ ଜରଜର । ଧନୀ ନୁହଇ ମହାଗର୍ବେଶ୍ୱର ।
ତପୀ ନୁହଇ ସୁକୃତ ବହୁତ । ପାପୀ ନୁହଇ ଲଭଇ ଦୁରିତ ।
ଅମର ନୁହଇ ହେ । ସ୍ୱର୍ଗସମ୍ପତ୍ତିକି ଭୋଗ କରଇ । ୪୪ ।
ବିଧୁ ନୋହେ ସଦା ଶୀତଳଦାୟୀ । ଜ୍ୱର ନୁହେ ତାପ କମ୍ପ ବଢ଼ାଇ ।
ବୈଦ୍ୟ ନୁହଇ ବ୍ୟାଧି ବିନାଶଇ । ପିତ୍ତ ନୁହଇ ତ ବାଇ କରଇ ।
ନୁହଇ ମାଦକ ହେ । ବିହ୍ୱଳ କରେ ଜୀବ ଥିବା ଯାକ । ୪୫ ।

---

୩୮ — ୭ ପୋଥି ମଥା କଥା ନୟନେ କହି-ଚ, ଠ; ୩୯ — ୧ ସୁଖ ସ୍ଫୂର୍ତିରୁ-ଚ, ଠ, ୩୯ — ୨ ବୁଦ୍ଧି ଜନିତ-କ, ଖ, କ୍ରୋଧଜନିତ-ଗ, ତାର ବାର କର୍ମ-ଘ. ୪୦ — ୪ ଶ୍ରୀମୁଖ ଗୁଳ ଘ, ଙ. ଛ, ଏ ପାଠଟି ମଧ୍ୟ ସମୀଚୀନ ୪୦ — ୫ ଭ୍ରୂ ଭଙ୍ଗୀ ଚଳାଇ-ଚ. ଠ; ୪୧ — ୧ ହାସ ଭାଷା-ଚ, ଠ, ୪୧ — ୩ ଦୃଷ୍ଟିପାତବନ୍ଧ-ଖ, ଚ, ଠ, ବଶ — କ, ୪୧ — ୪ ଯୋଗେ ଜାତ-କ, ଖ. ୪୧ — ୬ ଆଶା ନରାଶାକୁ ଦିଏ-ଠ, ଆଶ ନିରାଶକୁ ଦିଏ-ଚ, ୪୨ — ୩ ଅଗୋଚର ତ. ଚ ଠ. ୪୨ — ୪ ବୁଦ୍ଧି ବିବେକକୁ-ଚ ଠ. ୪୩ — ୧ ନ ଜାଣି ଚ ଠ. ୪୩ — ୨ ଉଦାସୀନ ଘେନ ଚ ଠ; ୪୩ — ୩ ଦେଖିଥିଲେ — ଖ. ଘ. ଙ. ଛ ଓ ଝ ଛ ଓ ଛ ପୋଥିରେ ଥିଲେ ସୁଦ୍ଧା ଅର୍ଥାବୋଧରେ ଅନ୍ୟାନ୍ୟପୋଥିର ପାଠ ଗ୍ରହଣ କଲି । ୪୩ — ୬ ପ୍ରୀତିର ପ୍ରଶଂସା ଚ, ଠ.

ଚଖା ଦେଖା ଯାହିଁ ସ୍ୱାଦୁ ସୁନ୍ଦର । ସର୍ବେନ୍ଦ୍ରିୟାକର୍ଷୀ ଲୋଭ ବିସ୍ତାର ।
ଏପରି ବିଚକ୍ଷଣତା ଅଛି ଯେତେ । ଆହେ ପ୍ରାଣମିତ କହିବି କେତେ ।
ପ୍ରୀତି ମହାଖଣ୍ଡି ହେ । କେବଳ କରଇ ପ୍ରାଣସଙ୍କଟ । ୪୬ ।

ବେଦବାଦୀ ବିଧି ଏ ବେଦବାଦୀ । ଆପଣା ସଂସାର ବସେ ସମ୍ପାଦି ।
ଧର୍ମ କର୍ମ କୁଳ ବିବେକ ନାଶେ । ଅପବାଦ କୃଷିଜୀବିକା ରସେ ।
ସେ ପ୍ରୀତି କଉତୁକ ହେ । ଯେ ଗଲା ସେ ମଲା ପାଇ ଶାସ୍ତିକ । ୪୭ ।

ଦୂରହିଁ ତାକୁ କର ନମସ୍କାର । ଅମାନ ନୋହିବ ମାନ ଆମ୍ଭ ଗିର ।
ଶ୍ରବଣେ ହସି ବୋଇଲେ ଅଚ୍ୟୁତ । ଆହା କି ବୋଇଲ ପରାଣମିତ ।
ଜୀବ ଥିବାଯାକେ ହେ । ସାର ପ୍ରୀତିକି ତେଜି ପାରିବି କେ । ୪୮ ।

ମୋ ମନ ଲୋଭ ଯହିଁ ତାହା ଜାଣ । ତା ଲାଗି ଗଲେ ଯାଉ ପାପୀ ପ୍ରାଣ
ପ୍ରେତ ହୋଇ ଜୀବ ଏ ବନେ ଥିବ । ତାହା ଦରଶନେ କୃତାର୍ଥ ହେବ ।
ମନେ ଅଛି ଭାବି ହେ । ବନ୍ଧୁ ଶ୍ରୀଅଙ୍ଗରେ ଆବେଶ ହେବି । ୪୯ ।

ଜୀଟପତସ୍ପୃତ ସାକ୍ଷୀ ତ ଅଛି । ଶଶୀ ତନୁକୁ ହିଁ ଶଶ ପାଇଛି ।
ମରଣଭୟ ନୋହିଲା ଏଥିକି । ହାତ ଧର ମୁଁ ମାଗୁଛି ଏତିକି ।
ଜୀବ ଗଲେ ଶବ ହେ । ତା ଗତିପଥରେ ପୋତାଇ ଥିବ । ୫୦ ।

ବିହିକି ମନାଇ ମାଧବୀ ହେବି । ବାନ୍ଧବୀ ଶ୍ରୀଅଙ୍ଗ ଭୋଗ ପାଇବି ।
ମୃଗଶାବକାକ୍ଷୀ ପାଦ-ଯାବକ । ହେବାକୁ ତୋଷିବି ଲୋକନାୟକ ।
ଥିବାକୁ ଅଙ୍ଗରେ ହେ । ମନାସି ଝାସିବି ଗଙ୍ଗାସାଗରେ । ୫୧ ।

ଏମନ୍ତ ବାଞ୍ଛିତ ମିତ ଶୁଣନ୍ତେ । ପ୍ରେମ-ଲୋଭକୁ ପ୍ରଶଂସିଲେ ଚିତ୍ତେ ।
ଆଶ ଭାଷ କହି କଲେ ପ୍ରବୋଧ । ଯେଣେ ହେ ପ୍ରେମ-ଗ୍ରାମବାସୀ ବୁଧ ।
କବି ଅଭିମନ୍ୟୁ ହେ । ଜୀବନ ଯାଉ ଚନ୍ଦ୍ର ସୁଧା-କାହ୍ନୁ । ୫୨ ।

---

୪୬—ସର୍ବେନ୍ଦ୍ରିୟାକର୍ଷେ ଟ ୦ ସର୍ବେନ୍ଦ୍ରିୟାକର୍ଷ ୪୭—୨ ବିଣ ସମ୍ପାଦ ଟ, ୦,
ତତ୍ତ୍ୱେ ମଧ ହୋଇପାରେ ୪୮—୨ ଅମାନ ଡ. ଗ, ଘ, ଟ,୦. ୫୦—୨ ପୋତାଇ ଦେବ-ଟ, ୦,

## ତ୍ରିଚତ୍ୱାରିଂଶ ଛାନ୍ଦ ।

### ଶ୍ରୀ କୃଷ୍ଣ ଶ୍ରୀକିଶୋରୀ ଜିଉଙ୍କ ନାମ ସ୍ମରଣ ।

ମହାରୂପକାନ୍ତ ନୟମ । ଝଗନଳମୀ ଗୌଡ଼ା । ଭୂପାଳ ଯୋଇ ବାଣୀରେ ।

ଧୀରେ କୃଷ୍ଣ ହୃଦ ସିନ୍ଧୁ, ଭବ ଚନ୍ଦ୍ର, ରାଧାନାମ ସୁଧାରସ ଝରେ ।
ରସିକ ଚକୋର ହୃଦ କୁମୁଦର ପ୍ରମୋଦ ବଢ଼ାଇ ତାପ ହରେ । ୧ ।
ହରି ମନୋରଥ ସର୍ବପୁରୁଷାର୍ଥକାରୀ ଅଚିନ୍ତ୍ୟ ମହାଶକ୍ତି ।
ହରି ବିଶ୍ୱନାଥ ପରମପଦାର୍ଥ ଅଶେଷ ଶ୍ରେୟଦ ଶ୍ରୀ ମୁକତି । ୨ ।
ହରି ଦାଶରଥି କାମମନସ୍ୱାସ୍ଥି ଅଚ୍ଛିଦ୍ରକାରିଣୀ ମଇଥିଳୀ ।
ହରି ବାସୁଦେବ ଆତ୍ମାନନ୍ଦଭାବ ଆନନ୍ଦଦା ବଇଦର୍ଭୀ ବାଳୀ । ୩ ।
ହରି ବଳଦେବ ସୁଖଅନୁଭବପ୍ରବର୍ତ୍ତିକା ରଇବତସୁତା ।
ହରି କାମଦେବ ଆନନ୍ଦବିଭବବିତରଣୀ ରତି ସୁବନିତା । ୪ ।
ହରି ଅନିରୁଦ୍ଧ ପ୍ରଣୟ-ବିଶୁଦ୍ଧ-ବିଶେଷ-ବର୍ଦ୍ଧିନୀ ବାଣାତ୍ମଜା ।
ହରି ବଟଶାୟୀ ସୁଖାନନ୍ଦଦାୟୀ ସୁସିଦ୍ଧସାମବେଦ-ଅଙ୍ଗଜା । ୫ ।
ହରି କୋଳମୂର୍ତ୍ତି ସୁଖମୟକୀର୍ତ୍ତି ସଞ୍ଚରଣୀ ମହୀ-ସ୍ୱରୂପିଣୀ ।
ହରି ପୃଥୁରାଜ ଆତ୍ମସୁଖପୁଞ୍ଜ ଉଜ୍ଜ୍ୱଳଦାୟିନୀ ଅର୍ଚ୍ଚିରାଣୀ । ୬ ।
କୃଷ୍ଣ ନରହରି ତେଜ ମତହରି ଆନନ୍ଦଦାୟିନୀ ଲକ୍ଷ୍ମୀ ସ୍ୱୟଂ ।
ହରି ଶ୍ରୀଋଷଭ ସୁଖ ଅନୁଭବ ମେରୁ ଦେବୀ ପ୍ରେମଚନ୍ଦ୍ରୋଦୟେ । ୭ ।
ହରି ଯଜ୍ଞମୂର୍ତ୍ତି ଆନନ୍ଦପୀରତିବର୍ଦ୍ଧନକାରୀ ସୁଦକ୍ଷିଣା ।
ହରି ସ୍ୱାୟମ୍ଭୁବ-ମନୁ ବଇଭବଦାୟୀ ସତରୂପା ସୁପ୍ରବୀଣା । ୮ ।
ହରି ମନ ପାଞ୍ଚପାଣ୍ଡବ ସୁସଞ୍ଚ ବୈଭବରୂପିଣୀ ସୁପାଞ୍ଚାଳୀ ।
ଗୋବିନ୍ଦ କଶ୍ୟପ ବିଶ୍ୱବୀଜରୂପ ଉତ୍ପତ୍ତିକାରୀ ଦକ୍ଷଦୁଲାଳୀ । ୯ ।
ହରି ସିନ୍ଧୁପତି ସୁଖ ଉତପତ୍ତି ଶଙ୍ଖପଦ୍ମନିଧି ଆରାଧନା ।
ହରି ଧନପତି ସୁଖଦା ବିଭୂତିନିଚୟ ସୁଗତି ସମ୍ପାଦନା । ୧୦ ।

---

୨—୨ ପରମାଦ-ଠ, ପ୍ରମୋଦ-ଜ, ଗ, ଘ, ୩—୧ କାମମନଶାନ୍ତି-କ, ଖ, ଗ, ଘ, ମଇଥୁଲୀ-ଗ, ଘ, ଚ, ୪—୧ ଅନୁଭବପ୍ରବର୍ତ୍ତି-ଗ, ଜ, ଅନୁଭବପୀରତିକ-କ, ଖ, ଝ, ଚ, ପ୍ରୀତକୀର୍ତ୍ତି-ଚ, ପ୍ରତିଦାର୍ଥ-ଘ, ୫—୨ ସାମଦେବ-ଠ, ୬—୧ ମହାସ୍ୱରୂପିଣୀ-ଝ, ଠ, ୬—୨ ଅର୍ଚ୍ଚିରାଣୀ-କ, ଝ, ଠ, ଅର୍କରାଣୀ-ଘ, ଜ, ୮—୨ ସ୍ୱୟଂଭୁବ-ଗ, ଘ, ଜ, ଝ, ଠ, ସତ୍ୟରୂପା-ଠ, ୯—୧ ପଞ୍ଚପାଣ୍ଡବ-ଝ, ଠ, ସୁପାଞ୍ଚାଳୀ-କ, ଝ, ଠ, ବଇଭବରୂପିଣୀ ପାଞ୍ଚାଳୀ-କ;

କୃଷ୍ଣ କାମବାଧି ଉଦ୍ଦୀପନ ଆଦି ସେନା-ବନ୍ଧପାଶ ବିଚ୍ଛେଦିନୀ ।
କୃଷ୍ଣ କାମପର ଚିନ୍ତାହୀନପୁର କୋଡ଼ଗଡ଼ଦାୟୀ ଆଶ୍ୱାସିନୀ । ୨୧ ।
ଗୋବିନ୍ଦ ମାନସରସ ଅଭିଳାଷ ସୁଖସ୍ୱର୍ଗମେଢ଼ ସୁନଶ୍ରେଣି ।
କୃଷ୍ଣ ରତ୍ନୋଦ୍ଭବ ପ୍ରେମ ବଇଭବ ସୁଖ ସରଘର କୁଞ୍ଜି ଆଣି । ୨୨ ।
କୃଷ୍ଣ କର୍ଣ୍ଣାନନ୍ଦ ସୁଖାସ୍ୱାଦବାଦ କରଜବାଦନ ଆଳାପିନୀ ।
କୃଷ୍ଣ କାମବିତ୍ତ-ଅନ୍ଧାର ବିପତ୍ତିହରା ପ୍ରେମଦୀପ ପ୍ରଦୀପ୍ତିନୀ । ୨୩ ।
କୃଷ୍ଣ ଉରମାର-ସ୍ନେହଶରବାର-ହରା ଚୁମ୍ବିଚୁମ୍ବକ ଦର୍ଶିନୀ ।
ହରି ଦେହଲୋହ କରୁଣାସନ୍ଦୋହ ସୁପରଶମଣି ସ୍ପରଶିନୀ । ୨୪ ।
କୃଷ୍ଣ ହୃଦ ନାଟ-ଶାଳାରେ ପ୍ରକଟ ନିରତେ ନର୍ତ୍ତକ ପ୍ରବର୍ତ୍ତିକା ।
କୃଷ୍ଣ ପ୍ରାଣ ଖଗ ଭି ପଞ୍ଜରୀ ଯୋଗ ଲାଳନା ପାଳନା କଉତୁକା । ୨୫ ।
କୃଷ୍ଣ ରତିରତ୍ନ-ଚତୁର ଦର୍ଶନ ଉରୁ ଅରଗଳ ସୁସନ୍ଧାନୀ ।
ହରି କାମରାଜା-ନନ୍ଦନ ପରଜା କୁଚଶିଳୋଚ୍ଚୟ ବିନୋଦିନୀ । ୨୬ ।
କୃଷ୍ଣ ସୁସାଗର ଉରଜମନ୍ଦର ଯୋଗଜାତ ସିନ୍ଧୁ ଆସ୍ୱାଦିନୀ ।
କୃଷ୍ଣ ଦେବରାଜ ପ୍ରେମ ଷଡୈଶ୍ୱର୍ଯ୍ୟ ସୁଖ ତାତପର୍ଯ୍ୟ ବିଳାସିନୀ । ୨୭ ।
କୃଷ୍ଣ ମନମତ୍ସ୍ୟ ଶୋଭାମୃତସ୍ୱଚ୍ଛ ସଦା ଅଭିଳାଷ ସୁଖଦାୟୀ ।
ଗୋବିନ୍ଦ ପରମ ସର୍ବସୁଖଧାମ ଅବିନାଶି ପ୍ରେମ ସୁଖମୟୀ । ୨୮ ।
ଶ୍ରୀରାଧା ଶ୍ରୀରାଧା ବିଧୁ ବିଧୁ ବାଧା କାମର ନାଶନେ ମହୌଷଧି ।
ଗୋବିନ୍ଦ ଦାରିଦ୍ର-ଦୋଷହରାଭଦ୍ର ଭଣ୍ଡାର ସମ୍ପୂର୍ଣ୍ଣ ନିଧି ନିଧି । ୨୯ ।
ହରି କାମାବ୍ଧିର ଗରଭୁଞ୍ଜା ହର ତାପହାରୀ ସୁରତରଙ୍ଗିଣୀ ।
ଭବପର-ତରଙ୍ଗିଣୀ-ଭୟଙ୍କର-ତର ତରଣ ଦୃଢ଼ ଡଙ୍ଗିନୀ । ୩୦ ।
ଶ୍ୟାମ ହୃଦବନ ବିରହଦହନ ଶାନ୍ତିକ ରସଦା କାଦମ୍ବିନୀ ।
ଗୋବିନ୍ଦ ପୀରତି କାନ୍ତାର-ବିଶ୍ରାନ୍ତ ତାପବିନାଶିନୀ ଆହ୍ଲାଦିନୀ । ୩୧ ।
କୃଷ୍ଣ ଲୀଳାସୃଷ୍ଟି ସୁଖପରମେଷ୍ଠି ବୁଦ୍ଧି କୁମାରିକା ବିଜନନୀ ।
କୃଷ୍ଣ ଭବ-ସ୍ୱର୍ଗ-ଇନ୍ଦ୍ର ଗୃହବର୍ଗ ଅଷ୍ଟ ଅଇଶ୍ୱର୍ଯ୍ୟ ସୁଖଦାୟିନୀ । ୩୨ ।

---

୨୧—୨ କୋଡ଼-ଚ, ଠ; ୨୩—୧ ସୁଖାସ୍ୱାଦ-ଠ; ୨୫—୨ ନିରତ-ଠ; ନର୍ତ୍ତକ ପ୍ରବର୍ତ୍ତିକା ଠ; ନର୍ତ୍ତକୀ ପ୍ରବର୍ତ୍ତିକା-କ, ଖ; ନର୍ତ୍ତିକ ପ୍ରବର୍ତ୍ତିକ-ଛ; ନର୍ତ୍ତନ ପ୍ରବର୍ତ୍ତିକା ଘ, ଚ; ପ୍ରବର୍ତ୍ତିକା ଶବ୍ଦ ତୁଲ୍ୟ ଶବ୍ଦ ପ୍ରାଚୀନ କାବ୍ୟମାନଙ୍କରେ ବିରଳ ନୁହେଁ । ପ୍ରବର୍ତ୍ତିକାକୁ ଛନ୍ଦରେ ପ୍ରବର୍ତ୍ତିକା କହି କରିଅଛନ୍ତି । ୨୫—୨ ପାଳନ-ଠ; ୨୬—୨ ଶିଳଚୟ-ଠ; ୨୮—୧ ଶୋଭା-ମୂର୍ତ୍ତି-ଚ, ଠ; ୨୯—୨ ସମ୍ପୂର୍ଣ୍ଣ ଭଣ୍ଡାର-ଚ, ଠ; ୩୦—୨ ତରଣତରି ଦୃଢ଼ତରଙ୍ଗିନୀ-ଚ, ଠ; ହୃଦ-ଡଙ୍ଗିନୀ-କ; ୩୧—୧ ଚାନ୍ତିବର-କ, ଖ; ଶାନ୍ତିକାରୀ-ଚ, ଠ;

କୃଷ୍ଣ ସ୍ମରରଣ ମୂର୍ଚ୍ଛିତ ତାରଣ ମନ୍ତ୍ରମସ୍ତ ମୃତ୍ୟୁସଞ୍ଜୀବନୀ ।
ହରି ପ୍ରେମମଦ ବିହ୍ୱଳ ପ୍ରମାଦ ଦୃଢ଼ଘାରତରୁ ବିଚ୍ଛେଦନୀ । ୩୩ ।
କୃଷ୍ଣ ପ୍ରେମାନନ୍ଦ- ସିନ୍ଧୁସୁଧାସ୍ପଦ ସମ୍ପତ୍ତି କଲ୍ଲୋଳ ବରଧନୀ ।
କୃଷ୍ଣ ମନଭୃଙ୍ଗ ରଙ୍ଗପରସଙ୍ଗ ସୁଖମଧୁଦାନୀ କମଳିନୀ । ୩୪ ।
କୃଷ୍ଣ ମନ ମାନସର ରସସ୍ଥାନ କେଳିପ୍ରକାଶିନୀ ସୁହଂସିନୀ ।
କୃଷ୍ଣ କାମଶ୍ଳେଷ୍ମ ରୋଗ ପ୍ରତଶାମ୍ୟ ହାସପୂର୍ଣ୍ଣଚନ୍ଦ୍ର ରସସ୍ଥାନୀ । ୩୫ ।
କୃଷ୍ଣ କାମଦେବ ଅପରାଧୀ ଜୀବ ଅଶେଷ ମହାଅଘପାବନୀ ।
କୃଷ୍ଣ ମନତପୀ ଯୋଗସିଦ୍ଧି କଳ୍ପୀ ପ୍ରଣୟ ମୁମୁକ୍ଷୁ କୃତାର୍ଥିନୀ । ୩୬ ।
କୃଷ୍ଣ ନେହରାଗ ଅନ୍ଧକାର ରୋଗ ଦୁଃଖ ବିନାଶନ ଚନ୍ଦ୍ରବର୍ତ୍ତୀ ।
କୃଷ୍ଣ ପ୍ରେମଦେଶ-ପାଳନ-ନରେଶ ସ୍ମରପରଦରହର କୀର୍ତ୍ତି । ୩୭ ।
କୃଷ୍ଣ ମନ ଧାନବାଞ୍ଛା ପ୍ରେମ ଧନ ଫଳ ସଫଳ କଳପଲତା ।
କୃଷ୍ଣ ପ୍ରେମସ୍ଫୂର୍ତ୍ତି ତତ୍ତ୍ୱ ଉତପତ୍ତି ନସନ୍ଦେହକୃତ ବେଦମାତା । ୩୮ ।
କୃଷ୍ଣ ପ୍ରେମମଦ ଦୁର୍ଜ୍ଜର ପ୍ରମାଦ ଅଭିଳାଷୀ ଚିତ୍ତ ଉନ୍ମାଦକୀ ।
କୃଷ୍ଣ ଭାବ ଭୂତ ବଣିଜାର କୀର୍ତ୍ତି ରଙ୍ଗିମା ପତାକା ପ୍ରବର୍ତ୍ତିକା । ୩୯ ।
କୃଷ୍ଣ ପ୍ରେମରସ ଗୃହୀତ ସାରସଦଳ ଢଳ ଢଳ ଡ଼ଗମଗୀ ।
କୃଷ୍ଣ ଶୋଭାଘନ ରସ ଆସ୍ୱାଦନ ନୟନଚାତକୀ ଅନୁରାଗୀ । ୪୦ ।
କୃଷ୍ଣ ମୁଖ ଶ୍ୟାମ କମଳାଭିରାମ ଦରଶନରାଗ ଅର୍କମୁଖୀ ।
କୃଷ୍ଣ କୁହୁକାୟା ସୁପ୍ରଣୟ ନୂଆ ଯମନିକା ଦରଶନ-ସୁଖୀ । ୪୧ ।
କୃଷ୍ଣ ରସଖାର ପ୍ରେମବନ୍ଧାଣର ତନ୍ମୟ ପ୍ରମତ୍ତ ହୁଂକାରଣୀ ।
ହରି ପ୍ରେମ ଭକ୍ତ ଭକ୍ତମନବୃତ୍ତି ବହ୍ନିଲତ ଦଶାଫୁଲ୍ଲାରଣୀ । ୪୨ ।
କୃଷ୍ଣ କୃଷ୍ଣସାର ସ୍ନେହମଦଧାର ଲମ୍ପଟବକ୍ଷୋଜବରଙ୍ଗିଣୀ ।
କୃଷ୍ଣ ରସ ନାଗ ସମ୍ଭବ ସୁରାଗ ସୁନ୍ଦର କପୋଳ ବିମଣ୍ଡିନୀ । ୪୩ ।
କୃଷ୍ଣ କୃଷ୍ଣ ରତ୍ନ ରାଗ ରାଗ ଯତ୍ନ ମଣି ତାରତମ ଅଭିପ୍ରେକ୍ଷୀ ।

---

୩୩—୧ରଣରଣ-ଠ; ୩୩--୨ବରତରୁ-କ,ଘ,ଜ,ଝ,ଠ; ୩୪—୧ସଙ୍ଗତ କଲ୍ଲୋଳ-ଝ; ସଙ୍ଗତ କଲ୍ଲୋଳ-ଠ; ସଙ୍ଗତ କଲ୍ଲୋଳ-କ,ଖ; ବରଧ୍ୱନୀ-ଜ,ଝ,ଠ; ୩୫—୨ପ୍ରଶମ ମ୍ୟ-କ,ଖ,ଗ,ଚ; ୩୬—୧ ଅଘପାବନୀ-କ, ଖ; ୩୬—୨ ଯୋଗ ସିଦ୍ଧି-ଚ, ଜ, ଝ,ଠ; ୩୭—୧ ଚନ୍ଦ୍ରବର୍ତ୍ତୀ-ଝ, ଠ; ୩୮—୨ ପ୍ରେମସ୍ଫୁର୍ତ୍ତି-କ, ଖ, ଗ, ଘ, ଚ, ଜ; ଏପାଠ ମଧ୍ୟ ଉତ୍ତମ; ୩୯—୧ ଦୁର୍ଜ୍ଜୟ-ଝ, ଠ, ଉନ୍ମାଦନୀ-କ, ଖ, ଗ, ଘ, ଜ, ଠ; ୩୯—୨ ପତାକା ପ୍ରବର୍ତ୍ତିନୀ କ, ଖ, ଗ, ଘ; ପତାକା ପ୍ରବର୍ତ୍ତିନୀ-ଜ; କେତନ ପ୍ରବର୍ତ୍ତିନୀ-ଠ; ୪୦—୧ ସହିତ ସାରସ-ଘ, ସେହିତ ସାରସ-କ, ଖ, ଢଳହଳ-ଘ, ଉପଯୋଗୀ କ, ଖ, ଉପମାଙ୍ଗୀ-ଝ, ଠ; ଲିପିକାରର ପ୍ରମାଦରେ ଏ ଟୋଟିଏ କଳ୍ପିତ ନିଦର୍ଶନ । ୪୧—୧ କୃଷ୍ଣ ସୁଖଶ୍ୟାମ-ଝଠ; ୪୧—୨ ଯବନିକା-ଝ, ଠ; ୪୨—୧ କଳ୍ପୁରସ ଦର-କ ଖ, ୪୩—୨ ସୁନ୍ଦୁର-ଖ, ଝ ଠ;

କୃଷ୍ଣ ଧୈର୍ଯ୍ୟ-ଭୂବିଧର-ହତ-ପବି କଳିତ ଲଳିତ ପୁରନ୍ଦରୀ ।
ଗୋବିନ୍ଦ ବିବେକ ସଞ୍ଚିତ ହାଟକ କୋଶ ବିଶେଷତ ସୁଟେଉଁରୀ ।୫୫।
ଏ ଛନ୍ଦ ମୁକତଧାମ ସୁଧା ପଂକ୍ତି, ବିଳାସ କର ଆନନ୍ଦମନେ ।
ସାମନ୍ତସିଂହାର ମନମଧୁକର ମଗ୍ନ ଶ୍ରୀରାଧା ପଦାବ୍ଜଧ୍ୟାନେ ।୫୬।

## ଚତୁଶ୍ଚତ୍ୱାରିଂଶ ଛାନ୍ଦ ।

### ଶ୍ରୀକୃଷ୍ଣଙ୍କ ଉତ୍କଣ୍ଠା । ସଖା ଉକ୍ତି ପ୍ରତ୍ୟୁକ୍ତି ।

ରାଗ ବଙ୍ଗଳାଶ୍ରୀ । ଉଦ୍ଧବ ଚଉତିଶା ବାଣୀ ।

କୃଷ୍ଣେ ବିକେ ସଖାଙ୍କର ଅପସର କରି ହରି ରାଧାଭାବେ ।
କହନ୍ତି, ହେ ସଖା ଶୃଙ୍ଗାର-କରତେ କରତେ ମଦନ-ଏବେ ।
କିଶୋରୀ । କି କରି ଲଭିବି କହ ।
କନକ ଅଙ୍ଗୀ ଅଙ୍ଗୀକାର କାରକ କେ ହେବ, ରହିବ ଦେହ ।୧।
କ୍ଷରେ ମଧୁ ମଧୁରତା ଭାଷେ ଭାଷେ ପ୍ରେମମର୍ମ ଜାଣିମାକୁ ।
ଖେଦ ଏତେ ? ପ୍ରେମ ଯେତେ ନାରୀ ତେତେ ରସି ନ ଛାଡ଼ ଲୋଭକୁ ।
କ୍ଷିତିରେ । କ୍ଷଣେ ଘଟନା ନାଗରୀ ।
ଖରକର କର କରତାଇଲାଟି ପ୍ରତ୍ୟକ୍ଷେ ଦକ୍ଷକୁମାରୀ ।୨।
ଗିରିବରଧର ଗିର ପରସ୍ପର, କି କହିଲ ପ୍ରାଣମିତ ।
ଘଉରୀ ଗିରୀଶଙ୍କୁ ଅଧେ ଜୀବନ ଦେବାର ଭାବ କେମନ୍ତ ।
ଗୁଣ ତ । ଗୁଣଗ୍ରାହୀ ହରି କେତେ ।
ଗାନ୍ଧ ଦାନକର ନିଦାନ ସେବାକୁ ନ ଦେଳନ୍ତି ଶକ୍ତି ଗ୍ରୁତେ ।୩।

---

୫୫—୨ କେଶ ବିଶେଷିତ କ, ଟ, ଠ; ୫୬—୨ ପାଦାବ୍ଜଧ୍ୟାନେ-ଚ, ଠ, ୧—୧ ହରି ହରି ଠ; ୧—୪ ହେବ ରହିବ ସ୍ନେହଦେହ-ଙ, ଖ; ୨—୩-୨ କ୍ଷଣେ ଘଟ, ନାନାପରି-ଟ, ଚ, ଜ; ଝ, ଠ.

ଘଟନା କଲା ମିତ, ଘେନ ସେ ଘେନ ବସ୍ତ୍ର ଦେହ କାଟେ କାଠ ।
ଘନଶ୍ୟାମ ଟିର, ତୁଳସୀ କର ସେ ଲମ୍ବାଇଲେ ଉରତଟ ।
ଘେନ ତ । ଘେନାଦେନ ଘେନା ସେହ ।
ଘଟ ଘଟନା ଆନ ହେଲା, ସେ ବନା ମୁଣୋହ ହୁଅଇ ନାହିଁ । ୪ ।
ଙତର ମିତର, ପୁରନ୍ଦର ସହସାକ୍ଷ କାହିଁପାଇଁ ହେଲେ ।
ଙରୁ ଙ୍ଖରୁ ଙ୍ଗରୁ ଦର୍ଶନ ଉତ୍ସବ କେମନ୍ତ, ହର ବୋଇଲେ ।
ଙନ୍ନତ । ଙ୍ଣା କି ହେଲା କହ ତ ।
ଙଷତ ସତତ ଶତ ଶତ ମନ୍ତେ ଏକ ନେଙ୍ଗ ଲଭରେ ତ । ୫ ।
ଚେତାଇଲା ମିତ ଚରତ ଚନ୍ଦର, କ୍ଷୀଣ ତସ୍ୱଯୋଗେ ପରା ।
ଚତୁରବର ପରଶଂସି ଭାଷିଲେ, ହେଲେ ହରତାପହରା ।
ଚେତ ନ । ଚତୁର୍ଥୀ ଯୋଗେ ନୂତନ ।
ଚଉକୁ ହତ ଘଲ କାଳୀ ରଜନୀ ବନା ବନାଶେ ଶୋଭନ । ୬ ।
ଛଳେ ମିତ, ଭାଣ୍ଡ ବଭାଣ୍ଡକ ହେଲେ ବାରନାରୀ-ବଶ ହୋଇ ।
ଛଇଳ ବୋଇଲେ, ଯୋଗସିଦ୍ଧ ହେଲା ବରଲଭ ଫଳ ପାଇ ।
ଛୁକାର । ଛନ୍ଦେ ବୋଲୁଅଛ କେହ ।
ଛେଦଇ ଖେଦକୁ ଯଉଁ ସମ ନାମ ଜାତବନ୍ତ ହେଲେ ତାହିଁ । ୭ ।
ଜଳପଇ ସଖା, ଅଳପକେ ବେଦବର ଭ୍ରଷ୍ଟ ବେଶ୍ୟାରତେ ।
ଜଗମୋହନ ଭାଷିଲେ, ସେ ନୋହିଲେ ରସ ସର୍ଜନ୍ତେ କେମନ୍ତେ ।
ଜଗତେ । ଯେ ଯହିଁରେ ଅନୁଭବୀ ।
ଯତନେ ସେହି କଥା ଭାବ ହୋଇଲେ ରତ-ରସ-ଶାସ୍ତ୍ର କବ । ୮ ।
ଝଟେତ ମିତ ଭାଷେ, ବ୍ୟାସେ ଶାସ୍ତ୍ରେ ନଷେଧ କଲେ କାହିଁକ ।
ଝାଡବନୋଦ ବୋଇଲେ, ନଜଧନ ଗୁପତ ହେବା ପାଇଁ କ ।
ଝମକ । ଝଗଡ଼ା ଦୁଷ୍ଟେ କରନ୍ତି ।
ଝିମଣ୍ଟେ ଗଲେ କାଳ ପୁଣ ଆପଣା ବାଳକଙ୍କୁ ତଆରନ୍ତି । ୯ ।

---

୪—ଗ-୧ ଘେନଚା-ଚ, ଠ, ୪—୪ ମଣୋହ-ଙ, ଗ, ଘ, ଚ, ଠ; ୫—ଗ-୨ ଙ୍ଣା ହେଲାକି-କ, ଖ, ଜ, ଚ, ଠ; ୫—୪ ଏକନେତ୍ରେ-କ, ଗ, ଠ; ଲୋଭରେତ ଙ, ଖ. ୬—ଗ-୨ ଚେତନା-ଚ, ଠ, ୬—୧ ମିତ ଭାଷେ-ନ, ଠ; ୭—୨ ଛଇଲ ବୋଇଲେ ଯୋଗସିଦ୍ଧଫଳ ପାଇଛ ସଂସାରେ ସେହ ଙ, ଖ, ଚ, ଠ, ୭—ଗ ଛତତ-ଛନ୍ଦେ ବଚନ ସେହ-ଙ, ଖ, ଛଡ଼ତ-ଛକାର ବଚନ ଭୂହ-ଚ, ଠ; ୭—୪ ହେଲେ ତହିଁ-ଚ, ଠ; ହୋଇ ତହିଁ-କ, ଖ; ୮—୨ ଜଗନ୍ମୋହନ-ଚ, ଠ; ବୋଇଲେ-କ. ଖ; ୯—୨ ନଜଧର୍ମ-ଠ, ୧୦—୧ ନାଶ ଦଶ-ଣିର-ଠ, ୧୦—ଗ-୨ ନମନ୍ତେ ମରି-ଙ, ଖ, ଗ, ଚ, ଜ, ୧୧—ଗ-୧ ଟାଳିକ-ଗ, ଚ, ଠ,

ଜାଣ ଦଶକଣ୍ଠ ସଗୋଧ ସହିତେ ନାଶିବଶେ, ମନ୍ଦ ଘ୍ରଟେଷେ ।
ଜ କଲି ଲୋକେ ଅଛନ୍ତି ଜା, ଗୋବିନ୍ଦ ବୋଇଲେ ଅତିହରଷେ ।
ଜାଗଣି । ଜମିଦ୍ଧେ ମର ତରଲି ।
ଜବପଞ୍ଚଲୋକେ ରସିକେ ପ୍ରଶଂସା ସାର ଯଶ ରଖାଇଲି । ୧୦ ।
ଝଲଲି ପଗଣର ବୁଦ୍ଧି ଧିବଶିଲୋଚେଭେ, ପ୍ରକାଶିଲେ ମଧୁ ।
ଝେକ କ ନୋହିଲି ବ୍ୟାସ ପରକାଶ ହେବାର, ବୋଇଲେ ବିଧୁ
ଝାଲୁଛି । ଝାହିରେ ପଶି ମୋ ମନ ।
ଝଙ୍କେ ବିଦାରଣ ହୃଦୟ ହେଉଛି ଶୁଣି ଯୁବତୀ ନନ୍ଦନ । ୧୧ ।
ଠାକୁର ହୋଇ ଠକ କଥା କହିଲେ ସନମତ, କହେ ମିତ ।
ଠିକ ଯେଡ଼େ ତେଡ଼େ ଘାତକଟି ନାଶି ନାଗ ନାଗର ନେଜତ ।
ଠୂଳରେ । ଠାବ କର, ହର ଭଣି ।
ଠଣ ଯୁବତୀ ଶରଣ ବିନା ଗତ ପୁରୁଷର କାହିଁ ପୁଣି । ୧୨ ।
ଡାଳମ୍ବଦନ୍ତୀକି ଡାକନ୍ତେ କତକ ଗତ ସୁଗତରେ ମେଳା ।
ଡୋଳା ଖେଳା ବ୍ରୀଡ଼ା ସ୍ମିତମୁଖ ମୋଡ଼ା ବାଟେ ଚନ୍ଦ୍ର ଲୀଳା ତୁଳା ।
ଡାକଇ । ଡମ୍ବରୁ ମଧ୍ୟମା ବଳା ।
ଡେର ଶ୍ରବଣ ଶ୍ରବଣ ସୁଖଲାଭ ବଳାଶ୍ରିତପଦବଳା । ୧୩ ।
ଢାଳି ଦେଇ ମୁଖ ଢାଳିଦିଏ ସୁଖ କୃପା ଅପାଙ୍ଗ ରଙ୍ଗରେ ।
ଢଳି ଢଳି ରହି ରହି ଆସୁଥାଇ ମତ୍ତମାଦକା ବିଧିରେ ।
ଢାଙ୍କୁଣି । ଢଙ୍କା କୁଚ ଉନ୍ନତକ ।
ଢ଼ାଲି କର ଶାଢ଼ି ଆଡ଼ ଜପା କମ୍ପା ଶ୍ରୀମୁଖର ଉନ୍ମାଦକା ।
ଅନକମ୍ପା କମ୍ପା ମୁଖ ସ୍ମିତାଧର ସ୍ଫୁରିତା ପ୍ରଫୁଲ୍ଲ ନାସା ।
ଅମୃତ ଆନନ୍ଦ ଆହ୍ଲାଦ ମାଦକ ମୃଦୁଭଙ୍ଗୀ ସଙ୍ଗୀ ଭାଷା ।
ଅତୁଲ୍ୟ । ଅମୂଲ୍ୟ ପଦାର୍ଥ ସେହି ।
ଅଙ୍ଗୁଳି ଚିବୁକ ସଙ୍ଗୀ ତର୍ଯ୍ୟ ଭଙ୍ଗି ଉଭ ବିଶ୍ୱ ପାରେ ମୋହି । ୧୪ ।
ତନୁ ତନୁ ତନୁ ପୁଲକ ତୁଲ କ ଗାଧକ୍ଷେଦେ ପ୍ରେମାଙ୍କୁର ।
ତରଙ୍ଗରଙ୍ଗ କ ଲାବଣ୍ୟସିନ୍ଧୁରେ ଅଳଙ୍ଗାଧ କମ୍ପିବାର ।
ତରୁଣୀ । ତଳକ ଅଳସ ଛବି ।
ତପମାସ୍ୟ ଲତା ନାନାରତ୍ନ ଫଳି ବାଟେ ମୋଡ଼ିହେଲି ଭାବ । ୧୫ ।

---

୧୧—୪ ବିଦାରଣ–କ, ଖ, ଘ, ଚ, ଠ, ୧୨—୨ ପ.ତକଟି ନାଶି-ଚ,ଠ; ନ:ଗ ନାଗିଙ୍କ ନେତ୍ରାନ୍ତ-ଗ, ଘ, ଙ; ନାଗରଯେମନ୍ତ-କ, ଖ, ଠ; ଚ; ୧୨-୩—୨ ଠାବକରି-କ, ଖ, ଗ, ଘ, ଚ, ଠ; ୧୪—୧ ଜପା କୃପା-ଚ, ଠ; ୧୫—୪ ଚିବୁକେ-ଙ, ଠ; ତର୍ଯ୍ୟଗଭଙ୍ଗୀ-ଠ; ପାରେ ବିଶ୍ୱ ମୋହି-ଠ; ଅଙ୍ଗୁଳି ଚିବୁକ ସଙ୍ଗୀ ତର୍ଯ୍ୟବଜଭଙ୍ଗୀ ବିଶ୍ୱ ପାରେ ମୋହି-କ, ଖ;

ଥରେ ଥରେ ପଦ ପଦେ ଅଧେ ଅଧେ କହି କହି ରହି ରହି ।
ଥିରଗମନା ମନାକର୍ଷ କରଇ ବଙ୍କିମେ ଗୃହିଁ ନ ଗୃହିଁ ।
ଥୋପକୁ । ଥାପି ଗୁପିଛୁ କି କାମ ।
ଥାଣୁ ବିମୋହି ମହି ଗୃହିଁ ରହିବା ମୁନିମନମୀନ ବାମ । ୧୭ ।
ଦ୍ୱିଜରାଜ ମୁଦେ ଉଦେ ସୁରଧର ନତାନନ ଶୋଭା ମାନେ ।
ଦେଇ ମୁଖାମ୍ବୁଜ ପୂଜନବିଧିକ ବିହିତ କୁଚଇଶାନେ ।
ଦେବାରୁ । ଦରକମ୍ପା କରି ଶିର ।
ଦୋଳାୟମାନ ତାଟଙ୍କ କୁଚଟଙ୍କଧରେ ଆଳତି ପ୍ରକାର । ୧୮ ।
ଧରି କରି କରଗତ ପାଣି ଆଣି କୋଳେ ବସାଇଲେ ବଳେ ।
ଧରା ହରଣୀ ଧରାପରା କାତରେ ଖସି ବସି ଲୋତଡ଼େ ତଳେ ।
ଧୀରା ତ । ଧୀରେ ପ୍ରେମ ପଲ୍ଲବାଏ ।
ଧରି ଚିବୁକ ଚୁମ୍ବିଲେ ହୁଁ ହୁଁ କରି ଶ୍ରୀମୁଖ ନ ରଖେ ଥୟେ । ୧୯ ।
ନୀରଜକଳି ଉରଜରେ କରଜ ଗଳାଇ ଚଳାଇବାରେ ।
ନୀର ସଇକତ ଅନ୍ତସ୍ଥିତବତ ପ୍ରଖ୍ୟାତ ପ୍ରେମ ଅଙ୍ଗରେ ।
ନଖାନା । ନ ହସି ହସିବା ଠାରା ।
ନ ଖସି ଖସିଲା ପରା ଦଶେ ଯଥା କାଚନାଳ ସୁଧାଧାରା । ୨୦ ।
ପରସନ୍ତି ସନମତ ମତ୍ତକାଶିନୀର ନୀରବାସ ପରା ।
ପାଇ ଉଷାକାଳ ବିମଳକମଳ ଅମଳ ପ୍ରଛଳ ଠାରା ।
ପୁଲକ । ପୁରି ଗଣ୍ଡପାନ୍ତେ ଦଶେ ।
ପ୍ରିୟକ ସୁମନ ପ୍ରିୟ ଧନରସ ଆଗମନେ ଯଉଁ ଆଶେ । ୨୧ ।
ଫେଡ଼ ନନଡ଼ ନୀବୀକ ଆରମ୍ଭିଲେ ଦୃଢ଼ ବନ୍ଧେ ପ୍ରେମରସ ।
ଫୁଟି ଶ୍ରାନ୍ତେ ଭଷେ, ଉଠ, ଯାଅ, ନ ପାରିବି, ଉଁ ହୁଁ, ଇଷି ଭଷ ।
ଫିଟଇ । ଫଣୀ ଉପମିତ ବେଣୀ ।
ଫିଙ୍ଗିଦିଏ କଣି କଙ୍କିଣୀ ହଂସକ ବଳା ମନେ ଲାଜ ଆଣି । ୨୨ ।

---

୧୭-୩—୨ ଗୁପିଛି-ଠ; ୧୭—୪ ଥାଣୁ-ଘ, ଠ; ୧୯—୧ ବସାଇଲା ବେଳେ-ଗ, ଘ, ଙ, ଚ, ଠ; ୧୯—୨ ଧରି ହରଣୀ-କ, ଚ; ଧରା ହରଣୀ-ଘ, ଜ, ଠ; ଧୀରା ହରଣୀ-ଚ; ଧରା ହରଣୀ ପରା ହୋଇ-ଘ; ହରିଣୀ-ଠ; ୧୯—୪ ଉହୁଁ-କ, ଖ; ନ କରେ ଥୟେ-ଚ, ଠ; ୨୦—୧ ବଳାଇ ଚଳାଇବାରେ-ଚ, ଠ; ୨୦—୪ କାଚ ନାଳ ଜଳଧାରା-ଚ; କାଚ ନାଳେ ଜଳଧାରା-କ, ଖ, ଚ; କାଚ ନଳ ଜଳଧାରା-ଠ; ୨୧-୩—୨ ଗଣ୍ଡପାନ୍ତ-ଘ, ଠ; ଗଣ୍ଡ ଶାନ୍ତ-ଗ, ଙ, ଜ; ଗଣ୍ଡେ ଗାନ୍ତେ-ଚ; ୨୧—୪ କେଉଁ-ଠ; ୨୨—୧ ଦୃଢ଼େ ବନ୍ଧ ପ୍ରେମରସେ-ଘ, ଠ; ଦୃଢ଼ବନ୍ଧେ ପ୍ରେମରସେ-କ, ଖ, ଗ, ଙ, ଠ; ୨୨—୨ ଇଷି ଭଷେ-କ, ଖ, ଗ, ଘ, ଙ, ଚ, ଠ; ଉଠ ଯା ଯା-କ, ଚ, ଠ;

ଏଣୀକ୍ଷଣୀ ବାଣୀ ଶୁଣି ପୁଣି ମିତ ଚଉଦ୍ଧରଣ ନମିତ୍ତେ ।
ଗତ ଗୁପତ ବର୍ତ୍ମରେ ଧୀରେ ବୃନ୍ଦାବନେ ପ୍ରବେଶ ହୁଅନ୍ତେ ସେ ।
ବନ ବନ ସୁମନ । ଦେଖି ଉଛୁନ୍ନ ରାଧା ସୁମନ ସେ ॥ ୨ ॥
ମଦନ କଦନ-ବୃଦ୍ଧି ଉଦ୍ଦୀପନ ଜଳ ସ୍ଥଳ ଜନ୍ତୁ କଳ ।
ମାଧବ ମାଧବ ହେତୁ ଜୀବଧବ ସଂକାଶ କାମିନୀ ମୂଳ ସେ ।
ରାଧା ବାଧାକୁ ପାଇ । ଋତେ ରସେ ଋସେ ଭ୍ରମ ହୋଇ ସେ ॥ ୩ ॥
ବଣ୍ଢ ବଣ୍ଢକେତୁ ବିଜୟେ ବିଜୟେ କାଳ ବିକରାଳ ଦଶେ ।
ପୀନ ବିପିନ ବିମାନ ମାନ ବଶେ ଆରୋହିଛନ୍ତି ପ୍ରତେ ଆସେ ସେ ।
କିସଲୟ ପତାକା । କାମୀ କାମିନୀଙ୍କି ଦଏ ଦକା ସେ ॥ ୪ ॥
କୁସୁମ ସୁଷମ ଲତା ଧନୁ ଧରି କରନ୍ତି ନଥାଳୀ ଶର ।
ଅଳି ଆବଳି ଗୁଣ ଗୁଣ ଝିଲିରି ଡାକ କର୍ଷୁଣି ଟଙ୍କାର ସେ ।
ରବ କଳରବର । କୃତ ହୁଂକୃତ କ ବାରବାର ସେ ॥ ୫ ॥
କ୍ଷୁରି କ୍ଷୁରଅନା ଅନା ଅପ୍ରକାଶ କିଂଶୁକ ପୁଷ୍ପସାୟକ ।
ତରକତ କେତକୀ ତ ଯମଦାଢ଼ କୁନ୍ତ ବିଯୋଗୀ ଅନ୍ତକ ସେ ।
ଚନ୍ଦ ଚନ୍ଦ ପରାଏ । ଭ୍ରମ ଭ୍ରମର ଭୟ କରାଏ ସେ ॥ ୬ ॥
କଳ କମଳକଳିକ ନଳୀ ଅଳି ଗୁଳି ପରାଗ ବାରୁଦ ।
କର ମଶାଚିକା ଅନଳ ଅନଳ କଲେ ଗୃଳଦଏ ଖେଦ ସେ ।
ପବ ମାଧବୀ ଧରେ । ଶବ୍ଦ ଦେଲେ କ ଭ୍ରତସୁତରେ ॥ ୭ ॥
ସ୍ତବକ ବକ ସୁମନ ସିତ ଆତପନ୍ତ ବିଚନ୍ଦ ଶୋଭନ ।
ସ୍ମରୁ ଚମରୁ ସ୍ମରକୁ ବଳନ୍ତି ପ୍ରଛଳ ନଚୂଳ ଯେନ ସେ ।
ରଙ୍ଗ ପାଗ ସମାନ । ସ୍ଥଳକମଳ ଦଶେ ରଞ୍ଜନ ସେ ॥ ୮ ॥
ବକୁଳ କୂଳ ମୁକୁଳ ପୀତଟ୍ଟଚଳ ଅଙ୍ଗୀ ଅଙ୍ଗୀକାର ପରା ।
ଅଙ୍ଗନା-ବାଦରେ ଅଙ୍ଗ ପୋଡ଼ଗଲା ତେବେହେଁ ନ ଏଡେ ତୋରା ସେ ।
ଦମନକ ବର୍ତ୍ମରେ । ଦମନକ ଦୋଷଡ଼ା ଅଙ୍ଗରେ ସେ ॥ ୯ ॥
ମଧୁପ ଶଙ୍ଖୁଆ ମଲ୍ଲି କଢ଼ି ଚୁମ୍ବିବାରୁ ପ୍ରତେ ହେଉଅଛନ୍ତି ।
ମଧୁରୀ ମାଧୁରୀ ଝିଙ୍କାରୀ ଝଙ୍କାର କେଡ଼େ ମାଦକ ହୋଇଛନ୍ତି ସେ ।
କୁମ୍ଭାଟୁଆଙ୍କ ଡାକ । ଯେନ ବାଜୁଛନ୍ତି ପସ ଟମକ ସେ ॥ ୧୦ ॥

---

୨—୧ :-ଚଉ ଦ୍ଧରଣ-ଘ, ; ନମନ୍ତେ-ଖ. ଗ, ଘ, ଚ; ୨—୩ :-ନବ ନବ ସୁମନ-ଟ, ଠ; ୩—୧ :-ଜନ୍ତୁକୁଳ-ଠ; ୩—୨ :-ମାଧବ ସାଧବ-କ, ଟ ସକାମ କାମିନୀ-ଘ, ଠ; ୫—୨ :-ଅଳି ଅବଳି-କ, ଖ, ଟ, ଠ; ଗୁଣଗୁଣେ-କ, ଖ; ଝିଙ୍କାରୀଡାକ କ, ଖ, ଟ, ଠ; ଝିଲିକା-ଚ; ଝାଲିରୀ-ଗ, ଝ; କର୍ଷଣି ଟଙ୍କାର-ଜ, ଟ, ଠ; ୭—୧ ବାରଦ-ଠ; ୭—୪:-ପ୍ରୀତ ସୁତରେ ଠ; ବାତ ସୁତରେ-ଟ, କ ଓ ଖ ରେ ଏ ପଦ ନାହିଁ-ଘ, ଅପ;

ଘୁମୁରି ଶାର୍ଦ୍ଦୂଳ ଘୁମୁରି କି ବଡ଼କାଠ ଫିମ୍ବରଢ଼ ପ୍ରତେ ।
ଲକ୍ଷି ବିଖିବନାହିଁ କି ତରୁଣୀଙ୍କି ଖୋଜି ବୁଲୁଛି ଜଗତେ ସେ ।
ମାନି ଗୁମାନୀ ଯୁବା । କେହି ଯାହି ହେବେ ଆଉ ଅବା ॥ ୧୧ ॥
ଦଶ ଦଶା ସେନାପତି ପରିଚର୍ଯ୍ୟ ସଇନ ଏ ଉଦ୍ଦୀପନ ।
ହେମ-କେଳି ରଥୀ ଆଗ ହୋଇଛନ୍ତି ବାଜକ ସାହିକ ଯେନ ସେ ।
ଦନ୍ତୀ-ପନ୍ତି ସମାନେ । ମାନେ ଯାତନା ସେ ଅନୁମାନେ ସେ ୧୨ ॥
ଗଗ କଇ ଆଗ-ଜନେ ଗଗ ତେଗ ଆଗକରି ପକାଇଛି ।
ପାଟଳୀ ପଟଳୀ ସୁମନେ ମନକୁ ଘନ ଘନ ଆଭାସୁଛି ସେ ।
ଚନ୍ଦ୍ର ବସନ୍ତ ମିତ । ସଙ୍ଗେ ସଙ୍ଗୀ କହେ ପରଭୃତ ସେ ॥ ୧୩ ॥

ବସନ୍ତପକ୍ଷୀ ତରଜା କହୁଅଛି କାହିଁ ଯିବ କାମିକୁଳ ।
ଯେଉ କରି ଧରି ଯେଉଁ ଯିବେ କାମ ରଜା ପୁରତକୁ ମୂଳ ।
କାହିଁ ପଶିବ କହ । ରହି ବନ କି ରହିବ ଦେହ ସେ ॥ ୧୪ ॥

ସଜନୀ ଭାଷିଲେ ରଜନୀଶମୁଖୀ ଦେଖ ଏ କରୁଣାକର ।
ବିମଳା କମଳା ଯେଉଁ ଏ କାନନ ହୋଇଅଛି ମନୋହର ସେ ।
ତାଙ୍କୁ ହେଲେ ଶରଣ । ବାଧି ନ ପାରିବ ରଣରଣ ସେ ॥ ୧୫ ॥

ଧନୀ ଭାଷିଲେ ନାଗରେଶ୍ୱର କୃଷ୍ଣ ବିନା ଯାହି ହେବ ନାହିଁ ।
ମିତ ଉତ୍ତରି କଲେ ନୁହଁ କାତର ତରୁ ଗୃହିଁଅଛି ସେହି ଗୋ ।
କାହିଁ କହିଲେ ଟଗାରି । କରେ ଦେଖାଇଦେଲେ ଚତୁରୀ ସେ ॥ ୧୬ ॥

ବନ୍ଧୁଜୀବ ବନା କାମନା ପୂରିବ କି କରି କଟଶାରି ଭାଷି ।
ହସି ବୟସୀ ଭାଷିଲେ ଘନକେଶି ଅଛି ତ ନ ଭଜୁ ରସି ଗୋ ।
ରାଧା ପ୍ରତିଉତ୍ତର । ବାଞ୍ଛା ଏକା ତମାଳସୁନ୍ଦର ଗୋ ॥ ୧୭ ॥

ସଖୀ କହିଲେ ନାହିଁକି ଶୃଙ୍ଗମୁହିଁ ସେହି ଏଥିଁ ମନେ କର ।
ବାଟପୀ ଏ ରାଜ କାନ୍ତରେ ଭରାଜବାର ବିଧାନ ପ୍ରଗୃର ଗୋ ।
ମତ୍ତକାଶିନ ଭାଷ । ମମ କାମଦ ବସନ୍ତବାସ ଗୋ ॥ ୧୮ ॥

---

୧୨—୧ ଦକ୍ଷଦକ୍ଷ-ଟ, ଠ; ଦମନଙ୍କ ଦୋଷ ତା ଅଙ୍ଗରେ-ଛ; ଦମନକ ଦୋଷ ତା ଅଙ୍ଗରେ-ଜ, ଟ, ଠ; ୧୨—୨ ବାଜକ ଘ, ବାଜଙ୍କ-ଗ, ଜ, ବାଜୀଙ୍କି-ଡ, ଠ, ସାଦଙ୍କ-ଠ, ୧୩—୧ ଆଗମନେ-ଠ, ୧୩—୨ ସୁମନ ମନକୁ-ଗ, ଘ, ଜ, ଟ. ସୁମନା ମନକୁ-ଠ, ୧୩—୪ ଅଙ୍ଗୀ କହେ-ଠ, ୧୪—୧ ତରଜ କହୁଅଛି-ଠ, ତରଜ- ଟ; ଗର୍ଜନା କରୁଅଛି-କ. ଖ; ୧୪—୪ ନର ବିନା-କ, ଖ, ଟ; ୧୫—୧ ଦେଖି ହେ କରୁଣାକର-ଟ, ଠ; ୧୬—୨ ଗୃହିଁ ଗୃହି ଅଛି ସେହି କ. ଟ, ଠ; ଗୃହିଁ ଗୃହି ଖ; କାତରତର ଗୃହି ଅଛି ସେହି-ଚ, ଛ; ୧୮—୪ କାମଦ୍ରବମନ୍ତସ୍ୱରୂପ-ଟ, ଠ;

ସ୍ୱଙ୍ଗୀ ଭଙ୍ଗି ବାଣୀ ଭଣିଲେ ନାହିଁ କି ଏ ବନରେ ସଦାହନ ।
ସୁନାସିକ ଏକା ପଲ୍ଲବାଉ ନାହିଁ କାହିଁକି ବଳାଉ ମନ ଟୋ ।
ପ୍ରେମଶୀଳା କଥିତ । ହଳପ୍ରିୟିକୁ ବଳିଚ୍ଛି ଚଉ ଗୋ ॥ ୧୯ ॥
ଆଳୀଆବଳି ଛଳିଲେ କଳିନ୍ଦଜାତଟରେ ଦେଖିବ ଗୃଳ ।
ହରତକୀ ମନୋହର ଦେଖାଇବ ସତେ କି ସଙ୍ଗିନୀ ବୋଲ ଗୋ ।
ରାଧା ବଚନ ଶୁଣି । ସଖୀ କହିଲେ ନାହିଁ କି ପୁଣି ଗୋ ॥ ୨୦ ॥
ବିଦଗଧା ଭାଷେ ଥିଲ ଦୁଃଖେ ବାସେ ବନକୁ କି କେ ଆଣିଲ ।
ଯାହି କହିଲେ ତ ତହିଁକି କାହିଁକି ଛଳାଇ ଏମନ୍ତ ବୋଲ ଗୋ ।
ମିଛେ କହିଲେ ଏହା । ପୁରେ ଯାହା ଅଛି ବନେ ତାହା ଗୋ ॥ ୨୧ ॥
ଶତଖିରୁ ତହିଁ ଦେଖିଥିଲ ଏଥି ସତ ଖିରୁ ଦେଖିଅଛ ।
ହରତ ବାସ ଚିହ୍ନିଥିଲ ହରତ ବାସ ଚିହ୍ନିଅଛ ସ୍ୱଚ୍ଛ ଗୋ ।
ତହିଁ କୁଟିଳା ଗିର । ଏଥି କୁଟିଳା ଗିରି ପ୍ରସ୍ତର ॥ ୨୨ ॥
ପ୍ରବୀଣା-ବାଦନ ତହିଁ ଥିଲା ଏଥି ପ୍ରବୀଣା ବାଦ ନ ଅଛି ।
ଫୁଲପକ୍ଷୀ ମଣ୍ତ୍ରି ହୋଇଥିଲ ଫୁଲ ପକ୍ଷୀ ମଣ୍ତ୍ରି ହୁଅ କଛି ଗୋ ।
ତହିଁ ଥିଲା ଜଟିଳା । ଏଥି ନାହିଁ କି ପୁଣି ଜଟିଳା ଗୋ ॥ ୨୩ ॥
ସଙ୍ଗୀ ଇଙ୍ଗିତରେ ଯୋଗଭଙ୍ଗୀ ଭାଷେ, ଏଥି ନାହିଁ କଛି ଭଦ୍ର ।
ବୟସ୍ୟା ଭାଷା, ପ୍ରଶଂସାକୁ ନ ଆସେ ଏଥି ଅଛି ଯେତେ ଭଦ୍ର ଗୋ ।
ତହିଁ କାମ ମୋହନ । ଏଥି ଅଛନ୍ତି କାମମୋହନ ଗୋ ॥ ୨୪ ॥
ଧନୀ ବଚନ, ବସନ୍ତବାସ ବନମାଳତୀ ବିରାଜମାନ ।
ବିଟପୀଙ୍କି ପକ୍ଷାବଳୀରେ ମଣ୍ଡନ କରଅଛନ୍ତି ଯେନ ଗୋ ।
ସବୁ ବ୍ରତତୀମାନ । ବହିଅଛନ୍ତି ପଦ୍ମ ସୁମନ ଗୋ ॥ ୨୫ ॥
ମଲ୍ଲିକା ମଦରେ ମଧୁପର ସଙ୍ଗ ଭାବନା ବିଧିର ବଶେ ।
ଗୃରୁ କାମକଳା ହେଲା କାହିଁପାଇଁ ହେଲା ବିସ୍ମର ମାନସେ ଗୋ ।
କାନ୍ତ ଆନନ୍ଦ ହସେ । ଦୁଇଅର୍ଥ ଅଛି ସେହି ଭାଷେ ଗୋ ॥ ୨୬ ॥
ରସନଧି ବରସିଦ୍ଧି ପରସ୍ପର ବିସ୍ମର ତରଙ୍ଗ ବଶେ ।
ସୁଖ-ପଦବୀ-ଦାୟିକ ଭବପର ସନ୍ତାପ ସମୂଳେ ନାଶେ ଗୋ ।
ସୁରତରଙ୍ଗିଣୀ କି । ଏବେ ଆଦର ନାହିଁ କାହିଁକି ଗୋ ॥ ୨୭ ॥
ତମାଳତରୁକୁ ପୀତଯୂଥୀ ବେଢ଼ି ପିତାମ୍ବର ଶୋଭା ହସେ ।

---

୧୯—୧ ଏ ନବରେ-ଠ, ଜ; ସନ୍ଧାଲୀନ-ଗ, ଘ. ୨୧—୨ ନାହିଁ କହିଲେ ଡ,ଝ; ନାହିଁ କହିଲିତ-ଠ; ୨୨—୨ ଚିହ୍ନିଥିଲ, ଚିହ୍ନିଅଛ କ, ଖ, ଝ, ଠ; ୨୩—୪ ନାହିଁ ପୁଟିକ-ଝ, ଠ; ୨୪—୨ ବୟସୀ ଠ; ୨୫—୨ ପତ୍ରାବଳୀତ-କ, ଖ, ଗ; ୨୬-୪ ଏପେଁ ଭାଷେ-ଝ, ଠ; ୨୭—୨ ଶୁଭପଦବୀ ଦାୟକ-କ, ଖ, ଚ, ଝ, ଠ; ୨୮—୧ ଯୂଥୀ ବେଷ-କ, ଖ;

କେକୀ ଟେକ ପୁଚ୍ଛ ସ୍ୱଚ୍ଛରେ ନାଚଇ ଅଗ୍ରେ ବ୍ୟଗ୍ରେ ମଉରସେ ଯେ ।
ଦେଖି କିଶୋରୀ ତାହା । କୋଳ ଲଳସେ ବାହୁ ଉଚ୍ଛାହା ସେ ॥ ୨୮ ॥
ଅମଳ ନୀଳକମଳରେ ଭ୍ରମର ଯୁଗଳ ବସିବା ଚାହିଁ ।
ତୃଷ୍ଣା କୃଷ୍ଣାନନ ନୟନ ଚକୋର ଚାରୁଗୁଣ ବୃଦ୍ଧି ତହିଁ ଯେ ।
ଶୁଣି କୀଚକ ନାଦ । କୃଷ୍ଣ ବେଣୁଗୀତ ମଣି ମୁଦ ଯେ ॥ ୨୯ ॥
ଲମ୍ପଟ ପଟ ମୂରତରେ ମାନସେ ଆଭାସି ଆସେ ସ୍ୱେ ଆଶେ ।
ହସିଲେ ବୟସୀ ଦେଖି ମଦାଳସୀ ଲାଜ ଆସି ମନେ ମିଶେ ସେ ।
ଜାଣି କହିଲା ସଖୀ । ମହାଭାବବଶୀତ ଏ ସୁମୁହିଁ ଗୋ ॥ ୩୦ ॥
ସୁନ୍ଦର ପୁରନ୍ଦର ଏନ୍ଦ୍ର କାଳରେ ଦେଖନ୍ତ ଲତାରେ ଲୁଚ ।
ମନ ଅବାରଣ ବାରଣ ବାରଣ ବିରୋଧୀନୀ ଥିବା ପାଶ୍ୱେ ସେ ।
କ୍ଷୁଧାବନ୍ତ ଭ୍ରମର । ପୁଷ୍ପ ଅବକାଶେ ଯଥାତୁର ସେ ॥ ୩୧ ॥
ଦେଖି ଧନୀ ଆଖି ସୁଖୀ ହେଲା ଭ୍ରମ ରଖି ଲକ୍ଷି ନ ପାରିଲେ ।
ଖତମାଳ କି ତମାଳ କତମାଳ କି ବିଚାରି ନ ପାରିଲେ ଯେ ।
ମନେ ଏମନ୍ତ ଘେନ । ମିଥ୍ୟା ହେଲେ ହସିବେ ସଙ୍ଗିନୀ ସେ ॥ ୩୨ ॥
କପଟ ପ୍ରକଟ ସଂଘଟ ଘଟରେ ଉତ୍କଟ ସଂକଟ ମଣି ।
ପ୍ରେମଲମ୍ପଟୀ କପଟୀ ପରିପାଟି ରଖି ହୃଷ୍ଟିତରେ ପୁଣି ସେ ।
ଗାଢ କଲେ ପୁରକୁ । ମନ ହେଲା ଶରଭେଦ ରଙ୍କୁ ସେ ॥ ୩୩ ॥
ଉଭୟ ମାନସ ସୁଖ ଦୁଖ ଅନୁଭବୀ ବିନା କେ ଜାଣିବ ।
ଧ୍ୟାନ ଅଭିମନ୍ୟୁ ସାମନ୍ତସିଂହାର ଜୀବ ତାହା ଭାବ ଯିବ ସେ ।
ଘେନ ସାଧକମାନେ । ହେଲା ଏ ଗୀତ ପ୍ରୀତିବର୍ଦ୍ଧନେ ସେ ॥ ୩୪ ॥

---

୨୯—୨ ଚାରୁଗୁଣେ-ଠ, ୨୯—୪ ନାଦ ମୁଦ-କ,ଖ, ୩୦—୧ ଅଭାସି ଅସେ ସେ ଭାଷେ-କ,ଖ,ଚ; ମାନସ ଅଭାସି ଭାଷେ ସେ ଅସେ୍ୟ-ଟ; ମାନସ ଅଭ୍ୟାସ ଭାଷେ ସେ ଅସେ୍ୟ-ଠ, ୩୦—୩ କହିଲେ ସଖୀ-ଝ, ଠ; ୩୦—୪ ସୁମୁଖୀ-ଝ, ଠ. ୩୧—୨ ବିରୋଧୀ ନଥିବା-ଝ, ଠ, ୩୩—୪ ମାନ ହେଲା ଶର ଭେଦନକୁ-କ, ଝ, ଠ, ୩୪-୧ ଅନୁଭବ ବିନା-ଜ, ଟ, ଠ, ୩୪—୪ ପ୍ରୀତି ବର୍ଦ୍ଧନେ-ଝ, ଠ,

## ଷଟ୍‌ଚତ୍ୱାରିଂଶ ଛାନ୍ଦ ।

## ଶ୍ରୀକୃଷ୍ଣ ସଖାପୁରତେ ଶ୍ରୀକିଶୋରୀଜିଉ ଶୋଭାକଥନ ।

ରାଗ—ରସକୋଇଲି ।

ରସିକ ଗ୍ରାହକେ ଶୁଣ ଏ ଛାନ୍ଦ । ଆନନ୍ଦସାଗର ବୃଦ୍ଧିକି ଚାନ୍ଦ ।
ଗୁଣିକ-ହୃଦୟ-ବନ୍ଧନ-ଫାନ୍ଦ । ସଙ୍ଗୀତବିଦଙ୍କ ଶ୍ରୁତ-ସମ୍ପଦ ସେ ।
ମଦନମଦବର୍ଦ୍ଧନ ଯେ ।
ବିଚାର ଉପମା ନାହିଁମ ନିୟୁକ୍ତ ରୁଚି ଅମୃତ ସମାନ ଯେ । ୧ ।
କହନ୍ତି ଗୋବିନ୍ଦ ମିତେ ଏକାନ୍ତେ । ଆଜ ଅନୁକୂଳ ଦଇବ ମୋତେ ।
କାହିଁ କି ତପ କରିଥିଲି କେତେ । ଧନ୍ୟ ସେ ପୁଣ୍ୟ ପରାପତ ଏତେ ସେ ।
ଦେଖିଲି କିଶୋରୀ ରୂପ ଯେ ।
ପାତକୀ ନୟନ ଗତିକି ଲଭିଲା ଲୋପ ହୋଇଲା ପାପ ତାପ ଯେ । ୨ ।
ସଖୀ ସମୂହରେ କୁସୁମବନେ । କେଳି କରୁଥିଲା ଏକାନ୍ତ ସ୍ଥାନେ ।
କନକବଲ୍ଲରୀ ମଧ୍ୟେ ବିଜୁଳି । ଖେଳି ଯାଉଥିଲା ପରାୟେ ଭଳି ସେ ।
କି ତାରାମଣ୍ଡଳେ ଶଶୀ ଯେ ।
ଅପସରୀସମୂହରେ କି ବହୁରେ ଲୀଳାରେ କମଳା ଆସି ଯେ ।
ପ୍ରୀତି ମୂର୍ତ୍ତିବନ୍ତ କି ସେ ସାକ୍ଷାତେ । କ୍ରୀଡ଼ା କରଇ ବରାଙ୍ଗନା ଯୁତେ ।
ରତି କି ନାରୀ-ରଥଯାତ୍ରା କରି । ଅବନୀ ସାର୍ଥ କରୁଅଛି ଫେରି ସେ ।
ଅନୁମାନ ନ ସହିଲା ଯେ ।
ନାଥି ହିଙ୍ଗି ଯେହ୍ନ ମୁକତି ଗତିକି ବୃନ୍ଦାବନେ ଆସି କଲା ଯେ । ୪ ।
ମନ୍ଦ ମନ୍ଥର ଗତି ମଠ ମଠ । ବେନି ମିଳି କଣ୍ଠେ କରପଇଠ ।
କାନ୍ତିକୁଳଦେଖି ପଦ୍ମିନୀ ବଜେ । ହେଉଥିଲା ପରା ସୁନ୍ଦର ସାଜେ ସେ
ଚଳି ଚଳି ଗଲେ ପୁଣି ଯେ ।
ମନ୍ଦବାତେ ଝୁଲିବାର ହେମବଲ୍ଲୀ ପାରିବ କି ଆଣି ଆଣି ଯେ । ୫ ।
ଗର୍ବିଳସୀ ହଂସୀ ପ୍ରମତ୍ତକରୀ । ମଦମରଦନ ଗତିଗୁରୁରୀ ।
ଚଳ କିସଳୟ ସ୍ଥଳକମଳ । ବାଞ୍ଛି ଦେଲା ପରା ଚରଣତଳ ସେ ।
ସେ କାଳରେ ଶୋଭା ଦଶେ ଯେ ।
ପଦତଳେ ଇନ୍ଦ୍ରପଦ ଜୁରି ହେଲା ପରାୟେ ମନକୁ ଆସେ ଯେ । ୬ ।

---

୧—୪ ସଙ୍ଗୀତବିବେକ ଗ, ସଙ୍ଗୀତକୋବିଦଙ୍କ କ, ଖ. ୧—୬ ନାହିଁମ କି ଯୁକ୍ତ ରୂପ ଗୁଣ ଶୋଭାବନ୍ତ ଯେ, ଝ । ୪—୩ ନାରୀରଥେ ଛ, ଠ, ୪—୬ ଆଣିକଲି ଘ, ଚ, ଆଣଥିଲା ଠ, ୫—୨ ବେନିମିତକଣ୍ଠେ ଜ, ଛ, ଠ, ବେନିମିଳି କରେ କରପଇଠ କ, ଖ, ଗ, ୫—୩ କାନ୍ତିକୁ ନ ଦେଖି ପଦ୍ମିନୀବଜେ ଛ, ଠ, ୬—୩ ଛଳି କିସଲୟ ଛ, ଠ, ଚଳକିସଲୟ ଜ, ୬—୪ ବାଞ୍ଛିଦେଲା ଠ,

କାନ୍ତ ପ୍ରତିବିମ୍ବି ମହୀମଣ୍ଡଳ । ପ୍ରତୀତ ଜାଗ୍ରୁଢ଼ି ଜନମସ୍ଥଳ ।
ଗଢ଼ିର ହରିଲି କାଞ୍ଚନପାନ୍ନ । ହେମେ ସର୍ଜନା କଲା ବିଶ୍ୱସୃଜ ସେ ।
ଏମନ୍ତ ପ୍ରଗଟ ହେଲା ଯେ ।
ଚନ୍ଦ୍ରକାନ୍ତ ହରି ଆଣିଲା ଗଉଣୀ ବଢ଼ାଇ ଲୋକେ ରଖିଲା ଯେ । ୭ ।
ମୁଁ ଥିଲା ହିଗରେ ଡ଼ାକଲା କେକୀ । ମୋତେ ଦେଖିଲା ଯେ ଗୃହୁଁ ତେଣିକି ।
କି ଛଟକେ ସମ୍ଭରିଲା ଗୃହାଁଣି । ଖେଳା ଖଞ୍ଜନର ଲେଉଟ ଆଣି ସେ ।
ଲକ୍ଷିବାର କଉଁଠେକ ଯେ ।
ପକ୍ଷ୍ମ କୋଷ ମୁଦୁଁ ହିଶେ କି ମର୍କତ ମାଣିକ୍ୟ ହୀରା ଝଟକି ଯେ । ୮ ।
ସେହିକାଳେ ଲୀଳାକମଳ ମୁହିଁ । ଶିରେ ଲଗାଇବା ବେଳେ ସୁମୁହୀଁ ।
କେତେ ଭଙ୍ଗୀ ସଙ୍ଗୀ କଲା ନୟନେ । ନ ଗୃହିଁ ଗୃହିଁଲା କରି ଆଚ୍ଛନ୍ନେ ସେ
କୃପାନିଧି ସିନ୍ଧି ତାର ଯେ ।
ସେହିକାଳେ ବଳେ ପ୍ରକାଶ ହୋଇଲା ମୀନ ଛଟକ ବିକାର ଯେ । ୯ ।
ହେନ ଜପା କୃପା ବ୍ୟାଜ ଘୂର୍ମିତ । ଗରିମା ଲାଳସ କରି ବିହିତ ।
ଶୋହଇ କି ଜାତ ମଞ୍ଜୁଳ ଲୋଳ । କି ସେ ତ୍ରିବେଣୀରୁ ଉଠେ କଲ୍ଲୋଳ ସେ
ମଣିଲି ଏମନ୍ତ ପରି ଯେ ।
ସୁଧାଗୋଳା କଳାକମଳକୁ ବୃଷ୍ଟି ଦୃଷ୍ଟିଯୋଗେ କଲା ଗୋଷ୍ଠୀ ଯେ । ୧୦ ।
ସିତାସିତରଙ୍ଗ ବିତନ ଶର । ପକ୍ଷ୍ମପକ୍ଷ ଯୋଗେ ଚଞ୍ଚଳତର ।
ଭ୍ରୂରୁ ଗୃପେ କରି ଅଞ୍ଜନଗୁଣ । ସନ୍ଧି ବନ୍ଧିଲା ହାଙ୍କି ରଣରଣ ସେ ।
ମୋ ଧଇର୍ଯ୍ୟ ଦେଲା ଟାଳି ଯେ ।
ବାଜ ନାହିଁ ଆସି ମୁଗୁର ସହିତେ ମରମରେ ଗଲା ଗଳି ଯେ । ୧୧ ।
ଲୀଳା-ଭେଳା-ଖେଳା କରଇ ମାର । କଜ୍ଜ୍ୱଳ-ଲଞ୍ଜି କାତ ପରା ତାର
କି ଅବା ତେଡ଼ିରା ନବନିଶି ଜନ୍ତୁ । କି କୃପାଦୃଷ୍ଟି ଗତପଥ ଖ୍ୟାତ ସେ ।
କି ନେତ୍ର ସାରଣି ସୂତ୍ର ଯେ ।
ଅନଙ୍ଗ କୁହୁକୀ ଲୀଳାଶଳାକାର ପରାୟେ ଶୋଭି ବିତନ ଯେ । ୧୨ ।
କର୍ଣ୍ଣବିଳକୁ ଧାଏଁ କଳା ଫଣୀ । ଏମନ୍ତ ପରା ବେଳେ ବେଳେ ମଣି ।
ଅଦେହ ଯୋଚଛି ଜମ୍ବୁରା ନଳୀ । ଯୁବାଧୈର୍ଯ୍ୟ-ମୃଗ ଦେବାକୁ ଟାଳି ସେ ।
ପଲକ କଳ ଗୃଳଇ ଯେ ।
କଳା-ଡୋଳା ଗୁଳି ମରମରେ ଗଳି ହୃଦୟସ୍ତ ଜାଳି ଦିଅଇ ଯେ । ୧୩ ।

---

କେବଳ ଝ, ଠ ପୋଥିରେ ଷଷ୍ଠପଦ ୨ୟପଦ ରୂପରେ ଘଠିତ ଓ ୨ୟପଦ ଷଷ୍ଠପଦ ରୂପେ ଘଠିତ । ୭—୧ କାନ୍ତ ପ୍ରତିବିମ୍ବି-କ, ଙ, ଗ, ଘ, ଜ; ୭—୨ ପ୍ରଗଟିତ ଯା ଗୃଢ଼-ଠ; ପ୍ରତୀତ ଜାଗ୍ରୁଢ଼ି-ଝ; ୮—୧ ମୁଁ ଥିବା ଜ; ୮—୩ ସମ୍ଭାରିଲି-ଝ, ଠ; ୮—୪ ଲେଉଟା ଝ, ଠ; ୯—୧ ଲୀଳ କମଳ-ଝ, ଠ; ୯—୩ ହେଲା ନୟନେ-କ, ଖ; ୯—୭ ଛଟକ ବିହାର ଚ, ଖ, ଝ, ଠ; ୧୦—୨ ଗାରିମା-ଠ; ୧୦—୩ ଶୋଭଇ-ଠ; ୧୦—୭ କରେ ଗୋଷ୍ଠୀ-କ, ଖ; ୧୧—୪ ସନ୍ଧି ବନ୍ଧି ହାଙ୍କିଲା ରଣରଣ-କ, ଖ, ଝ, ଠ; ୧୧—୭ ବାଜଯାଏ ଅଧି-ଗ, ଘ, ଜ, ବାଜଅସି ମୁଗୁର ସହିତେ ଶର-ଝ, ମୁଗୁର ସହିତେ ଗାଲି ବାଜି ଶର-ଠ, ୧୩—୩ ଯୋଡ଼ୁଛି-ଗ, ଝ, ଠ,

ପକ୍ଷ୍ମସ୍ଖଳନ ସୁରୁଙ୍ଗ କରୁଥା । ଦନ୍ତ-ବସନକୁ ଦିଏ କତୁରି ।
ଅଳି ସ୍ଖଳିଦେଲ ପକ୍ଷ ପରାଟନ୍ତି । ଅତ୍ୟନ୍ତ ପତନ ଲକ୍ଷକୁ ଯାଏ ସେ ।
ଭ୍ରୂଲତା ଭଙ୍ଗି ଚଞ୍ଚଳ ଯେ ।
ନେତ୍ରସରୁଁ ଆସି ତୀରେ ଖେଳୁଛନ୍ତି କି ସେ କାଳବ୍ୟାଳବାଳ ଯେ । ୧୪ ।
ମୋଡ଼ିଲା କର ଦିଅନ୍ତେ ଆନନ । ବାତେ ଫେରିଲା କି ହେମନଳିନ ।
ସେକ୍ଷଣି ଆଣଇ ପୁଣି ଫେରାଇ । ଦରପଣ ଦେଲା କି ଉଲଟାଇ ସେ ।
ଅକ୍ଷୀଣାଙ୍କହୀନ ଶଶୀ ଯେ ।
ଉଦରାମ୍ବରରୁଁ ଦକ୍ଷିଣାବର୍ତ୍ତକ ହେବାର ଯାଏ ଆଭାସି ଯେ । ୧୫ ।
ଅନୁକମ୍ପାରେ କମ୍ପାଏ ଲପନ । ଜଳଚଳନେ ଚନ୍ଦ୍ରବିମ୍ବ ଜନ୍ମ ।
ମଦନମଦ ବରଧନକର । ଅମୃତନିଧାନ ମୋହମନ୍ଦିର ସେ ।
ଲାବଣ୍ୟ ରେପଣ ସ୍ଥଳୀ ଯେ ।
ଯୁବା ପ୍ରମାଦ ଉନ୍ମାଦ ମାଦକ ସେ ପଦ୍ମମଦ ଦିଏ ଦଳି ଯେ । ୧୬ ।
ଚୂଇ ପଡୁଥାଇ ଅଧରୁ ରଙ୍ଗ । ମନ୍ଦହାସ ହୋଇଥାଇ ତା ସଙ୍ଗ ।
ମାଣିକ୍ୟ-କୁହରୁ ଚନ୍ଦ୍ରକିରଣ । ଫୁଟି ଦିଶିଲା ପରି ସଲକ୍ଷଣ ସେ ।
ପ୍ରବାଳ-ନାବେ କି କ୍ଷୀର ଯେ ।
ଅନୁରାଗ-ଆଳବାଳରେ ପୀୟୂଷ-କଦଳୀ ଜାତ ପ୍ରକାର ଯେ । ୧୭ ।
ଶଶୀ ଅରୁଣ କୋଳାକୋଳି କି ସେ । କିଶଳୟରେ କି ସୁଧା ବରଷେ ।
ହିଙ୍ଗୁଳଦିଆ ମଞ୍ଜୁଷ ସନ୍ଧିରେ । ହୀରା ଝଟକ ଦିଶିଲା ବାହ୍ୟରେ ସେ ।
ଦଶନ ଚହଟ ଦିଶେ ଯେ ।
ଜ୍ୟୋତ-ମୋତରେ ପ୍ରତିବିମ୍ବ ରଙ୍ଗିମା ରହିଲା ପରାୟେ କି ସେ ଯେ । ୧୮ ।
ସୁସ୍ମିତମିଶା ଅଧରକମ୍ପନ । ବିଶ୍ୱବିମୋହକାରକ ନିଦାନ ।
ଲୁଟାଇବାକୁ ଅନୁରାଗାମୃତ । ଠାରୁଥିଲା ପରି ମଣିଲି ଚିତ୍ତ ସେ ।
ସଂଶୟ ଏଥିରେ ନାହିଁ ଯେ ।
ମନ୍ଦାର ଚଳନେ ଘନରସବୃଷ୍ଟି ହେବାର ସୂଚକ ଗୁହିଁ ଯେ । ୧୯ ।
କାମମାଦକେ ଛଇଳା ଅଳେଳା । ବ୍ୟାଜ ଆଳସ ଭଙ୍ଗୀକି ଆଣିଲା ।
ଊର୍ଦ୍ଧ୍ୱେ କର ଛନ୍ଦ ହୋଇଲା ମୋଡ଼ । ସେ ଶୋଭା ଦେଖି ଚେତା ଗଲା ବୁଡ଼ି ସେ ।
ଏମନ୍ତ ଶୋଭା ବରଜେ ଯେ ।
ଅକଳଙ୍କ ପର୍ବଶଶୀ ଆସି ହେମପ୍ରଭାରେ କି କଲା ବିଜେ ଯେ । ୨୦ ।

---

୧୪—୨ ଖେଳୁଥିଲା ଗ, ଘ, ଙ, ୧୬—୨ ଚନ୍ଦ୍ରବିମ୍ବଯନ୍ତ୍ର କ, ଖ, ଚ, ଚନ୍ଦ୍ରବିମ୍ବଚନ୍ଦ୍ର ଗ, ଘ, ଙ, ୧୭—୧ ଚୂଇପଡୁଥାଇ-ଗ, ଘ, ଚ, ଜ, ଝ, ଠ; ବହିପଡୁଥାଇ-କ, ଖ; ଅଧରରଙ୍ଗ ୧୮—୧ କୋଳାକୋଳି କ, ଖ, ଗ, ଙ, ଜ, ୧୮—୨ ପ୍ରତିବିମ୍ବି ଚ, ଛ, ୧୯—୧ ସସ୍ମିତ ୧୯—୨ ବିଶ୍ୱମୋହନ ଝ, ଠ, ୨୦—୨ ବ୍ୟାଜ ଅଳସ କ, ଖ, ଗ, ବ୍ୟାଜଲିଳସ ଜ, ଝ, ଠ,

ସେ ସଙ୍ଗେ କି ଜାତ ସୁଷମା ଉଦେ । ହେଳେ ହୋଏ କୁଚ ମେରୁ ବିବାଦେ ।
ଅଳସାନ୍ତେ ମହୀଦତ୍ତନୟନା । ହେବାର ଶୋଭା କହି ନୋହେ ହିନା ସେ ।
ମେରୁ ଶିଖେ ଉଦେ ଶଶୀ ଯେ ।
କି ମୁଖକମଳ ଦେଇ କୁଚଶମ୍ଭୁ ପୂଜା କଲା ମଦାଳସୀ ଯେ । ୨୧ ।
ଗେଲାଇ ହୋଇ ସେ ଗୃଲିବା ଦାଣ୍ଡେ । ପଦଦଣ୍ଡେ ପକାଇ ରହଇ ଦଣ୍ଡେ ।
ଶାଢ଼ୀ ଫେରବନ୍ଧା କରି ଚଉଁରୀ । ନୟନାନ୍ତ-କୁନ୍ତ ମାରଇ ଫେରି ସେ ।
ଚିବୁକେ ତର୍ଜନୀ ଦେଇ ଯେ ।
ସଖୀକି କହିଲା ବ୍ୟାଜରେ ବଚନାମୃତ ସେଚନ କରଇ ଯେ । ୨୨ ।
ପିକ ମୂକତ ହୋଇଗଲେ ଶୁଣି । ଶାସ୍ତ୍ରୀ ହାର ଲାଜେ ଭାଜିଲା ପୁଣି ।
ତୁନି ତୁନି କରି କି କି କହଇ । କି ମୁନିମୋହନମନ୍ତ୍ର ପଢ଼ଇ ସେ ।
କି ପ୍ରସଙ୍ଗେ ଆହା ବୋଲେ ଯେ ।
ବାଣୀ ବୀଣା ଆଣି କେତେକ ଆଣିମା ସେ ବାଣୀର ସମତୁଲେ ଯେ । ୨୩ ।
ଥରେ ଥରେ ଥରି ଉଠଇ ଅଙ୍ଗ । ଲାବଣ୍ୟଜଳୁଁ କି ଉଠେ ତରଙ୍ଗ ।
ନୀଳବସନ ଯୋଗେ ଆଡ଼ମ୍ବର । ଘନେ ବିଦ୍ୟୁତ ଚହଟ ସୁନ୍ଦର ସେ ।
ନାନା ଅନା ଅଙ୍ଗଭଙ୍ଗି ଯେ ।
ସଙ୍ଗୀତ-ଇଙ୍ଗିତ-ପଣ୍ଡିତାର ଦେଖି ଯୋଗୀ-ଯୋଗ ଯିବ ଭାଙ୍ଗି ଯେ । ୨୪ ।
ବୁଲି ବୁଲି ଯାଉ ଥାଇ ନୟନ । ଫୁଲି ଫୁଲି ଉଠେ ନାହାବସନ ।
ଝୁଲି ଝୁଲି ଗୃଲିବାରେ ସେ ପୁଣି । ହଲି ହଲି ଶୋଭା ନାସା-ବସଣି ସେ ।
ନଥ ମନମଥପାଶୀ ଯେ ।
କହିଁ ଯୁବା ଦୃଷ୍ଟି-ମୃଗ ପଡ଼ି ତହୁଁ ପାରିବ ଉବୁରି ଆସି ଯେ । ୨୫ ।
ହେମାଙ୍ଗୀ ପିଠିରେ ପଡ଼ିଛି ବେଣୀ । ଖେଳା କରୁଅଛି କି କଳାଫଣୀ ।
କି କାମରଥ ପତାକା ଚଳନ । କିବା ମରକତଦଣ୍ଡ ଶୋଭନ ସେ ।
କି କାମକଳିତ ଅସି ଯେ ।
ବେଣୀ ନୋହେ କାମ ଧୀବର କୁବେଣୀ ନେତ୍ର-ମୀନ ରହେ ପଶି ଯେ । ୨୬ ।
ବଧୂବଦନାର ସିନ୍ଦୂରବିନ୍ଦୁ । ଇନ୍ଦୁଥାଇ ହେଲେ ଉପମାସିନ୍ଧୁ ।
କପୋଳ ହେମ ଆଳବାଳବତ । ଅନୁରାଗବୀଜକନ୍ଦଳୀ ଜାତ ସେ ।
କି ମୁଖପଙ୍କଜ ଛବି ଯେ ।
ସ୍ନେହପାଶେ ବନ୍ଦୀ ହୋଇ ରହିଅଛି ଜ୍ୟୋତିବନ୍ତ ପ୍ରାତରବି ଯେ । ୨୭ ।

---

୨୧—୧ ସେ ସଙ୍ଗେ ଝ, ଠ; ସମ୍ଭବେ ଢ. କ, ଖ; ଘ, ଅପ; ୨୧—୩ ହେବାରୁ ଘ, ଗ;
୨୨—୧ ଗୃଲଇ ଝ, ଠ; ୨୨—୨ କହିବା ବ୍ୟାଜରେ କ, ଖ; ହରିଲେ ଯେ ଭାଜିଲେ ଗ, ଘ, ଜ; ଲାଜେ ଭାଜିଲେ ଛ; ଜସ୍ତର ଠ; ୨୩—୨ ଶାସ୍ତ୍ରୀ ହାର କରି ଭାଜିଲା, କ, ଖ, ଗୁଣି ଛ, ଜ, ୨୩—୨ କେତେକ ବୋଲିବା, ଚ, ୨୪—୧ ଶାସ୍ତ୍ରୀ ହାରିଲା ଯେ ଭାଜିଲା ଚ; ଶାସ୍ତ୍ରୀ ଖ୍ୟାଲା କ, ଖ; ୨୪—୨ ନାସା ଶୂନ୍ୟନ ଗ, ଘ, ଢ, ୨୬—୩ କପାଳେ ଗ, ଘ, ଠ, କପୋଳେ ଝ, ୨୫—୧ ଯାଉ-ଛି, କପାଳ ଚ,

## ଷଡ୍‌ଚତ୍ୱାରିଂଶ ଛାନ୍ଦ ।

---

### ଶ୍ରୀକିଶୋରୀଜିଉ ସଖୀପୁରତେ ବନଦର୍ଶନ, ଶ୍ରୀକୃଷ୍ଣ ଶୋଭାକଥନ ।

---

ରାଗ କେଦାର ଗଉଡ଼ା ।

ପ୍ରଣୟରେ ଦୁଃଖୀ ହୋଇ ପକ୍ଷ୍ମଳାକ୍ଷୀ ସଖୀପାଣି ଧୀରେ ଧରି ।
ଆନନ୍ଦ ଉତ୍କଣ୍ଠା ଗଦ୍‌ଗଦ ମିଶାଇ କହନ୍ତି ଲାଳସା କରି । ଗୋ ମିତ ।
ବନେ କି ଶୋଭା ଦେଖିଲୁଇଁ ତ ଗୋ ।
ସେ ତ ମଦନ ସାମନ୍ତ ସତ ଗୋ । ମନ-ଧନ ଚୋର ପରତେ ଗୋ । ୧ ।
କଳାକଞ୍ଜ ଦଳାଞ୍ଜନ ମର୍କତ ଇନ୍ଦ୍ରନୀଳମଣି ଘନ ।
ସୁଧା ଆନନ୍ଦ ଆହ୍ଲାଦ ମାଦକ ଶୃଙ୍ଗାର ପ୍ରେମ ମିଳନ । ଗୋ ପୁଣି ।
ଶୋଭାସମୁଦ୍ର-ମନ୍ଥା ଲବଣୀ ଗୋ ।
କୋଟି ସୃଷ୍ଟି କାନ୍ତି ସାରଶ୍ରେଣୀ ଗୋ । ମହା ଲାବଣ୍ୟ-ରତନ ଖଣି ଗୋ । ୨ ।
କେତେକାଳ କଳ୍ପି କଳ୍ପି ବିଧି ସିଦ୍ଧି କଲା ବଚନ ପ୍ରତିମା ।
ମୋହନ ମନ୍ତ୍ରରେ ଜୀବନ୍ୟାସ କରି ଭୂଷିତ କଲା ଭଙ୍ଗିମା । ଗୋ ଭବ ।
କଲା ଲଳିତ-ମାଧୁର୍ଯ୍ୟାର୍ଣ୍ଣବ ଗୋ ।
ହେଲା ଗୁଣନିଧି ରଖା ଠାବ ଗୋ । ମାର ଦେବାର୍ଚ୍ଚନ ଦେବ ହେବ ଗୋ ॥
କେତକୀ-ପାଖୁଡ଼ା ଗୋଟି ମଲ୍ଲୀ ବେଢା ଚୂଡ଼ା ବୁଡ଼ାଉଛୁ ଘର ।
ଅର୍ଦ୍ଧଚନ୍ଦ୍ରକ ପରେ କେକଚନ୍ଦ୍ରକ ସାର ଦେଉଛୁ ସଞ୍ଚାର । ଗୋ ତହିଁ ।
ନବ ଜାମୁଡ଼ାଳ ଖୋସା କେହ୍ନ ଗୋ ।
ଖଞ୍ଜା ଗୁଞ୍ଜ ଗୁଞ୍ଜସମୁଣ୍ଡ ହିଁ ଗୋ । ପୁଷ୍ପଝର ତୋର ଲଷ୍ଟ କାହିଁ ଗୋ । ୪
ଲଳିତ ମାଧୁର୍ଯ୍ୟ ଆହ୍ଲାଦ ପ୍ରସନ୍ନ ସୁଧା ସ୍ୱାଦୁ ଗୁଣ ଥିଲା ।
କୋଟିପର୍ବ ଶଶୀଗର୍ବ ଖର୍ବ ଗୃରୁ ମୁଖ ଦେଖା ଦାନୁ ହେଲା । ଗୋ ଘେନ ।
ତହିଁ କଳଙ୍କ, ଏ ଚିହ୍ନହୀନ ଗୋ ।
ସେ ତ କ୍ଷୟ୍ୟ, ଏ ଅକ୍ଷୟ୍ୟ ସ୍ଥାନ ଗୋ । କଳା-କର ସେ, ଏ କଳାପୂର୍ଣ୍ଣ ଗୋ ॥
ନିଉଛାଇବାକୁ ଇଚ୍ଛା କି ବଳିବ ଅମଳ କଳାକମଳ ।
ଆନନ ପ୍ରସନ୍ନ ବିଶ୍ୱଜନମନମୋହନ ମାଦକ ସ୍ଥଳ । ଗୋ ସଖି ।
ଭଙ୍ଗୀ କମ୍ପନ ଜାହ୍ନିଁକ ଦେଖି ଗୋ ।
ସୁଖ ସ୍ମୃତିକ ମୂର୍ଚ୍ଛିବ ଆଖି ଗୋ । ଧିକ ଯେ ବୋଲେ ମୁକୁର ଲକ୍ଷି ଗୋ । ୬

---

୧ — ୩ ବନେ କି · କ, ଖ, ୨ — ୩ ଶୋଭା ସମୁଦ୍ର-ଗ, ଜ, ଠ, ୩ — ୧ କେତେକାଳ କଳ୍ପି କଳ୍ପି ସିଦ୍ଧି କଲା ବଚନ ତାର ପ୍ରତିମା-କ, ଖ, ୪ — ୧ ବୁଡ଼ାଇଛି ଘର-ଚ, ଟ, ଠ, ୪ — ୪ ଗୁଞ୍ଜ ଗୁଞ୍ଜର-ଚ, ଟ, ଠ, ୬ — ୧ ଆନନ ପ୍ରସନ୍ନ-ଟ, ଠ; ୬ — ୩ କାହିଁକି ଦେଖି-ଠ,

ଲଜ୍ଜ ବ୍ୟାଜ ଓଜ ଗାମ୍ଭୀର୍ଯ୍ୟ ଭଙ୍ଗିମା ପ୍ରସନ୍ନାଚ୍ଛନ୍ନ ଘୂର୍ଣ୍ଣନ ।
ଶ୍ରୀ ମୃଦୁ ମାଦକ ଲାଳସ ଆଳସ ପ୍ରୀତି ଲୋଳ ଲୀଳା ସ୍ଥାନ । ଗୋ ନେତ୍ର ।
ସୁଧା ଅନୁରାଗ କଳା ପାତ୍ର ଗୋ ।
ଚନ୍ଦ୍ର ଶତପତ୍ର ଗୋତ୍ର ମିତ୍ର ଗୋ । ଲକ୍ଷ ଲକ୍ଷ ଲକ୍ଷ ମୋକ୍ଷ କ୍ଷେତ୍ର ଗୋ । ୭
ବିଷାମୃତ ମିଶା ବିଷମ ବିଶିଖ ଛଟକ ଗତି ଗୃତୁସି ।
ଦୃଷ୍ଟି ବୃଷ୍ଟି ହେବା କୋଟି ଯୁବା ସୃଷ୍ଟି ପ୍ରଳୟ ପାରଇ କରି । ତା ତୋଳା ।
ରଣ ତୁରଙ୍ଗ ତରଙ୍ଗ ଲୀଳା ତା ।
ଖେଳା ଖଞ୍ଜନ-ରଞ୍ଜନ ବଳା ତା । ରଙ୍ଗେ କୁରଙ୍ଗେ ନୋହିବେ ତୁଳା ତ ।।
ରାଗାମୃତ ବୋଳା କଳାପଦ୍ମ ତୁଳା ବୋଲିବାର କାହୁଁ ଆଣି ।
ଭୁଲାଇବା ବେଳେ ଭୁଲାଇବା କେହି କାମ କୁତୁକସାରଣୀ । ଗୋ ମିତ ।
ଘାତ-ଭୂତ ମୂର୍ତ୍ତିବନ୍ତ ସେ ତ ଗୋ ।
କୋଟି ଲକ୍ଷ୍ମୀ ଜାତ ପଦ୍ମ ସତ ଗୋ । ଲୋଳ କଲ୍ଲୋଳ ମାଧୁର୍ଯ୍ୟବନ୍ତ ଗୋ ।।
ସୁତନୁ-ତନୁ-ଦାରଣ ଫୁଲଧନୁ ଅତନୁଠାରୁ ଛଡ଼ାଇଁ ।
ଘନ ଘନ ଆମଞ୍ଜନ କଳା ଶୋଭା ପ୍ରଭାକୁ ହସି ଦିଅଇ । ତା ଭୂରୁ ।
କାଳବ୍ୟାଳକାଳ ଖେଳା ଗୁରୁ ତା ।
ଧୈର୍ଯ୍ୟକତୁରୀ କତୁରୀ ଗୁରୁ ତା । ଜାତ ପତ୍ର ଅଶିତ-ଶାଳରୁ ତା । ୧୦ ।
ନାସାପ୍ରଶଂସା ଭାଷାରେ ଧନ୍ୟ ହେବେ ତିଳ ସୁମନ ତୂଣୀର ।
ଅତଳ୍ୟୋତ ମେତ ବସୁଣୀ କଷୂଣୀ ଥୁଆ କି କାମଦେବର । ସେ ତୋଷ ।
କବି ନଉଷ୍ଟଳ କରେ ପରା ସେ ।
ବିଧୁକୋଳେ କି ରୋହିଣୀ ତାରା ସେ । କି ସେ ଦେବଗୁରୁ-ଧରା-ତାରା ସେ ।।
କସ୍ତୁରୀ ତିଳକ ଗୋରଚନା ଚିତା ଊର୍ଦ୍ଧ୍ୱରେଖା ଚେତା ହରେ ।
କଣ୍ଠାଗ୍ରେ ଜଗି ଉଷ୍ଣୀଷ ଥୋଇ ମାର ନେତ୍ରସରେ ସ୍ନାନକରେ । ସେ ଶୋଭା
ରତିପତି ମତି ଅତିଲୋଭା ସେ ।
ରମା ଦେଖି ବଳେ ହେବେ ବଶ ସେ । ଗୃହିଁ କେ ରଖିବ ଦମ୍ଭପ୍ରଭା ସେ ।।
ମଞ୍ଜୁଳ ମାଳ ଅଳକ ଲୋଳଲୀଳା ଝଳି ଭାଲଦେଶେ ଦିଶେ ।
ଅମଳ କଳ କମଳକୁ ଭ୍ରମରଛୁଆ ବେଢ଼ିଛନ୍ତି କି ସେ । ସେ ଭାଲ ।
କର୍ଣ୍ଣିକାର କେ କରିବ ମୂଲ ତା ।
ଅର୍ଦ୍ଧଫର କି କରିବା ତୁଲ ତା । ଅର୍ଦ୍ଧଚନ୍ଦ୍ରହିଁ କି ଲକ୍ଷ ଭଲ ତା । ୧୩ ।

---

୭—୨ ଶ୍ରୀମୃଦୁ ଙ; ଶ୍ରୀମୃଦ ଜ; ୭—୩ ତୁଳାପାତ୍ର-କ. ଖ; ୯—୧ ବୋଲିବାରେ ଘ; ୯—୩ ଗତ ଭୂତ-ଟ. ଠ; ୧୧—୧ ଧନ୍ୟହେବ ଟ, ଠ, ୧୧—୨ ବସଣୀ କଷଣୀ କ. ଖ, ଗ, ଘ, ଜ, ଟ, ଠ, ମଧ୍ୟ ସମୀଚୀନ, ୧୨—୨ ଥୋଇବାର ନେତ୍ରସରେ ସ୍ନାନକରେ ଟ, ଠ, ଗ, ଘ, ଜ, ଟ, ଠ, ୧୩—୪ ଲକ୍ଷଭଲ-ଖ, ଗ ; ଘ. ଲକ୍ଷଭଲି ତା ଚ, ଠ,

ପଦ୍ମଗର୍ଭ ସ୍ୱରେ ଥାଇ ବସ ଗୋ । କୁଞ୍ଜଦ୍ୱାରେ [illegible]

ତ୍ରିଭଙ୍ଗିମା ଭଙ୍ଗୀ ସଙ୍ଗୀତ ସଙ୍ଗୀତ ନଟବର ମନୋହର ।
କଣ୍ଠ ପାଦ ପାଣି ଗ୍ରୀବା ମୁଖ ଠାଣି ଗୃହୀଣି ବଙ୍କିମା ଡାର । ଗୋ ସହ ।
କୁଞ୍ଜେ ଲୁଚି ଗୃହୁଁ ଥିଲେ ରହ ଗୋ ।
କେତେ ଆଶଯ୍ୟ ଧେନାଲ ତହୁଁ ଗୋ । ବିଶ୍ୱମୋହନ ମୋହନ ଦେହ । ୧୫।
ମର୍କତ ଦରପଣେ ହୀର ମାଣିକ୍ୟ ଇନ୍ଦ୍ରନୀଳମଣି ମୋତ ।
ଗଞ୍ଜନଗଞ୍ଜନ ଜଗତରଞ୍ଜନ ପାଇ କର ରତପତ । ଗୋ ମିତ ।
କୁଞ୍ଜେ କରଥିଲ କି ଗୁପତ ଗୋ ।
ମୋର ପ୍ରାଣ ଆକର୍ଷିତ ହେ ତ ଗୋ । କି କହବ ସେ ଶୋଭା ଯେମନ୍ତ ଗୋ । ୧୬।

---

୧୧ — ୩ କଉସ୍ତୁଭ ମଣି କଣ୍ଠେ ଲମ୍ବିଲ-ଗ, ୧୧ — ୪ ପରସ୍ପର ଚିତ-କ; ପରସ୍ପର ଚିତ-ଝ, ଠ, ୧୧ — ୬ ଢଦମ୍ବମାଲ ଚମାଳେ-ଗ, ଘ, ଜ, ଠ, ୧୪ — ୧ ସଙ୍ଗୀତ ଇଙ୍ଗିତ-ଚ, ଖ. ଝ, ଠ, ୧୬ — ୧ ଇନ୍ଦ୍ରନୀଳମଣି ଜ୍ୟୋତି ଗ; ଘ, କ, ଠ, ୧୬ — ୬ ତା ଶୋଭା-ଗ, ଘ, କ, ଝ, ଠ,

ଶ୍ରୀ ଶଶିଭୂଷଣ ମହାନ୍ତି
ମାମ୍ ଦଳ
ପ ଶ୍ଚ ଭ୍ର ପ ତା,
ଭୁବନେଶ୍ୱର ୨୧୨

## ଅଷ୍ଟଚତ୍ୱାରିଂଶ ଛାନ୍ଦ ।

---

### ଶ୍ରୀ କିଶୋରୀଙ୍କର ସଖୀ ପୁରତେ ଶ୍ରୀକୃଷ୍ଣ ଅନୁରାଗ କଥନ ।

---

ରାଗ–ପୂର୍ବୀ ( ଫୁଲତାର ବାଣୀରେ ଗାଇବ )

ରାଧା ଧର ସଖୀକର । ବୋଲନ୍ତି ଆକଟ ଆଉ ନ କର । ଗୋ ।
ଲାଜ ଭୟ ଗୁଡ଼ିଲି ନକର । ସଜନି ଗୋ । ୧ ।
ଘନଶ୍ୟାମ ଗୁଣମାନ । ରଖିଅଛୁ କି ମୋ ଧୈର୍ଯ୍ୟ ଗୁମାନ । ଗୋ ।
ମନ ଦହୁଛି ତା ସନମାନ । ସଜନି ଗୋ । ୨ ।
ଭୁଲି ମୋହିବା ମୁନିଙ୍କି । ତାଙ୍କୁ ପ୍ରୀତିପଣେ ଯୋଗ୍ୟ ମୁଁ ନକି । ଗୋ ।
ଅଳଙ୍କାର ସେ ତ ଅବମାନକି । ସଜନି ଗୋ । ୩ ।
ଶୁଣି ତାଙ୍କ କଥା ପଦେ । ରମା ଉମା ପ୍ରାଣ ବିକିବେ ପଦେ । ଗୋ ।
ଶଚୀ ନ ରସିବେ ଇନ୍ଦ୍ରପଦେ । ସଜନି ଗୋ । ୪ ।
ଅନାଇଁ ଯାହା ବଦନ । ପଦ୍ମ ହେଲେ ହେବ ମୋହି ମଦନ । ଗୋ ।
ସୁଖାନନ୍ଦ ଅମୃତ ସଦନ । ସଜନି ଗୋ । ୫ ।
ଦେଖିଲେ ପତିବ୍ରତି । ଦମ୍ଭ ତେଜି ଆଚରିବେ ପୀରତି । ଗୋ ।
ନାଗନାରୀ ଇଚ୍ଛିବେ ସୁରତି । ସଜନି ଗୋ । ୬ ।
ଘାତ କରନ୍ତେ ପଥରେ । ଦ୍ରବ ହୋଇ ବହିଯିବେ ପଥରେ । ଗୋ ।
ନ ଭୁଲିବ କେ ମନମଥରେ । ସଜନି ଗୋ । ୭ ।
କେବଳ ନେତ୍ରପଥରେ । ପଡ଼ିଗଲା ବାଙ୍କଚୂଳିଆ ଥରେ । ଗୋ ।
ଆଜଯାଏ ମୋ ହୃଦୟ ଥରେ । ସଜନି ଗୋ । ୮ ।
ଦମ୍ଭ ଦଳିଲେ ପରକ । ଆଣି ରଖିବ କେ ଗୃହେଁ ଛଡ଼କ । ଗୋ ।
ମୁଁ ତ ସାରିଲିନି ମାନ ଦକ । ସଜନି ଗୋ । ୯ ।
ଜାହିଁ ପୂର୍ବେ ପୁଣ୍ୟ କରି । ସୁମନେ ମନାଇ ନାହିଁ ଶଙ୍କରୀ । ଗୋ ।
ହେବ କି କରି ତାଙ୍କ କିଙ୍କରୀ । ସଜନି ଗୋ । ୧୦ ।
ଗୃହେଁ ମୁଖ ଦରପଣେ । ବସୁରଇ ହେଲେ ମୋ ପର ପଣେ । ଗୋ ।
ଶୋଭା ନ ଦିଶିବେ ଦାସୀପଣେ । ସଜନି ଗୋ । ୧୧ ।

---

୮—୧ ଦଲେ ମୋ ନେତ୍ର ପଥରେ-କ, ଖ, ଚ, ଛ, ଠ; ୧୧—୨ ବସୁରଲି-ଛ, ଠ;

ମୁରଲୀମୁଖ ସୁନ୍ଦର । ଡ଼ୋଳା ଖେଳାଇବା ଭଙ୍ଗୀ ସୁନ୍ଦର । ଗୋ ।
ଜାତସ୍ଥଳ ସେ ତ ଆନନ୍ଦର । ସଜନ ଗୋ । ୧୨ ।
ସ୍ମିତ ରଙ୍ଗିମା-ଅଧରେ । ତ୍ରିଭଙ୍ଗି ଛନ୍ଦରେ ମୁରଲୀ ଧରେ । ଗୋ ।
ଜାହିଁ ସେ ଶୋଭା ଅଧ ଊର୍ଦ୍ଧରେ । ସଜନ ଗୋ । ୧୩ ।
ଅଳକାବୃତ ଲପନ । ବେଳେ ବେଳେ କରଇ କମ୍ପନ । ଗୋ ।
ଦେଖି ନ ଦେଖିବ କେ ସ୍ୱପନ । ସଜନ ଗୋ । ୧୪ ।
ମକରକୁଣ୍ଡଳ ଗତ । ଶ୍ରୁତିରେ ଅଗମ୍ୟ ଶ୍ରୁତି ସଙ୍ଗତ । ଗୋ ।
ଦେଖି ନେତ୍ର ପାଇଯାଏ ଗତ । ସଜନ ଗୋ । ୧୫ ।
ଗୁଞ୍ଜା ଗୁଞ୍ଜୁରୁ ଖଞ୍ଜିତ । ଗୋଟା ମଲ୍ଲୀବେଢ଼ା ଚୂଡ଼ା ରଞ୍ଜିତ । ଗୋ ।
କେକିଟିଛ ତହିଁ ବିରାଜିତ । ସଜନ ଗୋ । ୧୬ ।
ଜାମୁଡ଼ାଳ ଖୋଷିବାର । କଥାପତ୍ରୀ ବେଢ଼ ତହିଁ ଦେବାର । ଗୋ ।
ଦମ୍ଭନାଶନ ସେ ତ ଯୁବାର । ସଜନ ଗୋ । ୧୭ ।
ନାସେ ଗଜମୋତିବର । ଥୋଇ ମେଲଛନ୍ତି କି କାମ ଧୀବର । ଗୋ ।
ଭେଦକ ସେ ନେତ୍ର-ସଫରୀବର । ସଜନ ଗୋ । ୧୮ ।
ଭାଲେ ଚିତା ଗୋରଚନା । କସ୍ତୁରୀ ତିଳକ ମଧ୍ୟେ ରଚନା । ଗୋ ।
ବିନାଶକ ସେ ବାମଲୋଚନା । ସଜନ ଗୋ । ୧୯ ।
କଣ୍ଠେ କଉସ୍ତୁଭମଣି । କଳା ଘନେ ଉଦେ କି ଦିନମଣି । ଗୋ ।
ରତ୍ନହାର ନବଗ୍ରହ ମଣି । ସଜନ ଗୋ । ୨୦ ।
ଶୋଭା ପୀତବସନରେ । ବିଜୁଳି ଶୋହେ କି ନବଘନରେ । ଗୋ ।
ଦେଖି ମାନ ନ ରହେ ମନରେ । ସଜନ ଗୋ । ୨୧ ।
କଟିତଟରେ କିଙ୍କିଣୀ । କି ଜାତ ମଧୁର ଶୁଭେ ତା କଣି । ଗୋ ।
ବଳାତ୍କାରେ ମନ ନିଏ କଣି । ସଜନ ଗୋ । ୨୨ ।
ପଦେ ରୁଣିତ ନୂପୁର । ନାଦେ ଚମକାଇ ଅମରପୁର । ଗୋ ।
କାହା ହୃଦ ନୋହେ ରସପୂର । ସଜନ ଗୋ । ୨୩ ।
ନଟବର ମନୋହର । ଦେଖିଲେ ମୋହିତ ହୋଇବେ ହର । ଗୋ ।
ଜାଣି ବାଞ୍ଛା ହେବ ଅଦେହର । ସଜନ ଗୋ । ୨୪ ।
ଅଳକ୍ଷ ସଂହନନର । ଶୋଭା ନର ନାକ ନାଗ କନ୍ଦର । ଗୋ ।
ପୂଜାପ୍ରତିମା କି ମଦନର । ସଜନ ଗୋ । ୨୫ ।

---

୧୨—୩ ଚେକନଗୁଛି-ଛ, ଝ; ବ୍ୟତୀତ ସମସ୍ତ ପୋଥିରେ ୧୭—୨ କଥାପତ୍ର ବେଢ଼ି ତ, ଟ; କଥାପତ୍ରୀ ବେଢ଼ ତହିଁ ଉପର-ଢ; କଥାପତ୍ର ବେଢ଼ି—ଠ; ୧୭—୩ ତ ସେ-ଠ; ୧୯—୨ ତହିଁ ରଚନା-ଟ, ଠ; ୧୯—୩ ବିନାଶକ ମୋ-ଠ; ୨୩—୧ ପାଦେ-ଛ; ୨୩—୨ ଚମକଇ-ଛ, ଝ; ବ୍ୟତୀତ ସମସ୍ତ ପୋଥିରେ ୨୫—୨ ନରନାରୀ-କ, ଖ, ଗ, ଡ, ();

କି ସୁର ନରତରୁଣୀ । ଦେବସ୍ତ୍ରୀ ହେବେ ସୁରତେ ଋଣୀ । ଗୋ ।
ଶୋଭା ଦେଖି ରସିବେ ବାରୁଣୀ । ସଜନି ଗୋ । ୨୬ ।
ସେ ଶୋଭାସୃଷ୍ଟିସାମନ୍ତ । ଅଛଇ ତହିଁରେ ଗୁଣ ତେମନ୍ତ । ଗୋ ।
ଯେନ ପ୍ରୀତସ୍ମୃ-ପଣ କେମନ୍ତ । ସଜନି ଗୋ । ୨୭ ।
ମୋତେ ଲଭିବା ହେତରେ । ଅନୁସର ଥାନ୍ତି କେତେ ମନ୍ତ୍ରରେ । ଗୋ ।
ବଶ ନେହିବ କେ ତେମନ୍ତରେ । ସଜନି ଗୋ । ୨୮ ।
ମୋ ଗତାଗତ ବାଟରେ । ଜଗି ବସିଥାନ୍ତି ସେ କପଟରେ । ଗୋ ।
ମାଜି ଦରଶନ ଲମ୍ପଟରେ । ସଜନି ଗୋ । ୨୯ ।
ଲେଖନ୍ତି ଗତପଥରେ । ପ୍ରାଣବକା ସରେ ମନମଥରେ । ଗୋ ।
ତରୁ ମାଇ ମୋର ବୋଲ ଥରେ । ସଜନି ଗୋ । ୩୦ ।
ମୋ ପାଦଚିହ୍ନ ଧୂଳିକି । ବୋଲି ଦିଅନ୍ତି ସେ ହୃଦସ୍ଥଳୀକି । ଗୋ ।
ଲୁଚ୍ଛି ଯାଇଁ ସେ ସ୍ନେହାବଳିକି । ସଜନି ଗୋ । ୩୧ ।
କୁସୁମତୋଳା ବନରେ । ଲେଖନ୍ତି କେତକୀ ସୁ-ଛଦନରେ । ଗୋ ।
ଗଣସଙ୍ଗେ ଗଣ ଏ ସ୍ଥାନରେ । ସଜନି ଗୋ । ୩୨ ।
ମଧୁପକୁ ମାଧବିକା । ଯେମନ୍ତ ତେମନ୍ତ ତୁ ମୋ ଜୀବିକା । ଗୋ ।
ସ୍ୱଇଚ୍ଛାରେ ମୁଁ ହୋଇଛି ବିକା । ସଜନି ଗୋ । ୩୩ ।
ଏହା ପଢ଼ିଲି ବନରୁ । ପାସୋର ନ ଗଲା ଦଣ୍ଡେ ମନରୁ । ଗୋ ।
ସେ ତ ଅଧିକ ମୋ ଜୀବନରୁ । ସଜନି ଗୋ । ୩୪ ।
କହନ୍ତି ମିତ ଆଗରେ । ଝାସ ଦେବି ଯାଇଁ ଗଙ୍ଗାସାଗରେ । ଗୋ ।
ତଳ ହେବି ବନ୍ଧୁ ଶ୍ରୀଅଙ୍ଗରେ । ସଜନି ଗୋ । । ୩୫ ।
ତା ନାମ ଗାଇ ତୁଣ୍ଡରେ । ପ୍ରୀତି-ଡମ୍ବରୁ ବଜାଇ ଦାଣ୍ଡରେ । ଗୋ ।
ଭିକ୍ଷା ମାଗୁଥିବି ବ୍ରହ୍ମାଣ୍ଡରେ । ସଜନି ଗୋ । ୩୬ ।
ତା ନାମଲେଖା ସ୍ତୁପରେ । ସ୍ଥିର ହୋଇଥିବି ହୃଦଉପରେ । ଗୋ ।
ଧ୍ୟାୟିଥିବି ତାହା ସରୂପରେ । ସଜନି ଗୋ । ୩୭ ।
କେହି ଯାଇ ସନ୍ନିଧିରେ । ଜଣାଇବ ଯେବେ କୃପାନିଧିରେ । ଗୋ ।
ଦୟା ହୋଇବ ନାହିଁ କି ଧୀରେ । ସଜନି ଗୋ । ୩୮ ।

---

୨୯ — ୧ ମୋ ଗତାଗତ-ଟ, ଠ; ୩୧ — ୧ ଲୁଚିଯାଇ-ଠ, ୩୨ — ୧ କୁସୁମତୋଳା-ଠ. ୩୨ — ୨ ସ୍ୱଚ୍ଛଦଳରେ-ଛ, ଝ ବ୍ୟତୀତ ସବୁ ପୋଥିରେ; ପାଠ, ଅପ; ଅନୁପ୍ରାସଭଙ୍ଗହିଁ ଏହାର କାରଣ । ୩୨ — ୩ ଗଣସଙ୍ଗୀଗଣ ଏସ୍ଥାନରେ ଛ; ଗଣସଙ୍ଗେ ନଗଣ୍ୟ ସ୍ଥାନରେ-ଗ; ଗଣସଙ୍ଗେଗଣା ମୁଁ ସ୍ଥାନରେ-ଠ; ୩୩ — ୨ ଏ ମୋ-ଠ; ୩୩ — ୩ ହୋଇଛି ମୁଁ-ଛ, ଝ ବ୍ୟତୀତ ସମସ୍ତ ପୋଥିରେ ୩୬ — ୨ ପ୍ରେମ ଡମ୍ବରୁ-କ, ଖ, ଟ, ଠ; ୩୭ — ୩ ସ୍ୱରୂପରେ-କ, ଖ, ଗ, ଘ, ଚ, ଟ; ସ୍ୱରୂପର ଅପଭ୍ରଷ୍ଟସରୂପ; ତା ହାସ୍ୟରୂପରେ-ଠ; ୩୮ — ୨ ଜଣାଇବ ଯାଇ-କ, ଘ, ଟ, ଠ;

ଧରୁଛୁ ତୁମ୍ଭର କର । ସଖୀପଣ-ଗୁଣ ଏତକ କର । ଗୋ ।
ନେଇ କରିଅ ତା ପରିକର । ସଜନ ଗୋ । ୫୩ ।
ସେ ଯେତେ ରୀତି ରଚଇ । ହୃଦ ଭିତରେ ତ ମୋର ନାଚଇ । ଗୋ ।
ତାହା ବିନା କି ରାଧା ବଞ୍ଚଇ । ସଜନ ଗୋ । ୫୪ ।
ବାଜୁ ଦୂଷଣ ଘୋଷଣ । ହେଲେ ହେବ ପଛେ ନାନା କଷଣ । ଗୋ ।
ମୁଁ ତ କଲିନି ନିନ୍ଦା ଭୂଷଣ । ସଜନ ଗୋ । ୫୫ ।
ଭସ୍ମକୁ ଢେଙ୍କି ବହ୍ନି । ବେଗେ ଦେଖାଅ ସେ କାମମୋହନ । ଗୋ ।
ହେଳା କଲେ ହେଲଣି ଦହନ । ସଜନ ଗୋ । ୫୬ ।
ଶୁଣି କିଶୋରୀ ଭାରତୀ । ସଖୀ-ସମୂହ ହୋଇଲେ ଆରତ । ଗୋ ।
ହୃଦ ଭିତର ହେଲା କରତ । ସଜନ ଗୋ । ୫୭ ।
ଘେନି ଅଭିମନ୍ୟୁ ଜୀବ । ରାଧା ଭାବ ଭାବ ବାହାର ଯିବ । ଗୋ ।
ଏ ଭାଗ୍ୟ କି ସତେ ଦେଖାଯିବ । ସଜନ ଗୋ । ୫୮ ।

## ଊନପଞ୍ଚାଶ ଛାନ୍ଦ ।

### ଶ୍ରୀ କିଶୋରୀ ଜଡ଼ ଦଶା । ସଖୀ ଅନୁଚିନ୍ତା—

ରାଗ ବରାଡ଼ି—ଅଷାଢ଼ଶୁକ୍ଳ ବାଣୀରେ ।

ରସିକ-ମାନେ ଶୁଣ ଦେଇ ମନ । ରମଣୀମଣି ଦିନୁ ଦିନୁ ଖୀନ ।
ରତିପତି ସ୍ତୁତି କରିତିବାରେ । ରସ ହାସ ରାସ ବେଶ ବାସରେ ।
ରହିତ ଆଦର ହେ । ରସା ବସି ସାରେ ନିଶି ବାସର । ୧ ।
ସଜ-ସରୋଜମୁଖୀ ଦୁଖ ଦେଖି । ସଜନୀନକର ହରତେ ଦୁଖୀ ।
ସକଳେ ବସି କଲେନ୍ତି ଭାବନା । ହାହା ହହ୍ଲା ଏ ଜାତି ବେଦନା ।
ସମସ୍ତେ ତ ଥାଇଁ ଗୋ । ସଙ୍ଗୀ ଗୁଣ ତ କିଛି ନ କଲାଇଁ । ୨ ।

---

୫୩—୨ ସଖୀଗଣ-ଗୁଣ କ, ଖ, ଜ, ଟ, ଠ; ୫୬—୩ କଲେଟି ହେଲି ଦହନ-ଟ, ୫୭—୩ ଭିତରେ ହେଟଲ-ଟ, ଠ; ଠ; ୫୮—୩ ସତେ ଏ ଭାଗ୍ୟ କି ଦେଖାଯିବ-ଗ, ଘ, ଜ, ଟ ଠ,; ୫୮—୪ ଗୋବିନ୍ଦ ହେ-ଗ, ଠ; ସୁଜନ ହେ-କ, ଖ, ଛ, ଜ;
୧—୨ ଦିନୁ ଖୀଣ-ଝ, ଠ; ୧—୭ ରଷାଲସୀ-ଛ, ଝ; ବ୍ୟତୀତ ସମସ୍ତ ପୋଥିରେ;

ବିଅର୍ଥେ ଆସି ଯାଉଚ୍ଛି ପରାଣ । ବିଷମ ବେଦନାକୁ କେ କି ଜାଣ ।
ବିନ୍ଧୁଚ୍ଛି ମାର ଶର ବାରବାର । ବିକଳ କଲ କଳନା କି ତାର ।
ବିଶୀର୍ଣ୍ଣ ଏମନ୍ତ ଯେ । ବିଧୁ ଦ୍ୱିତୀୟା ତିଥିରେ ଯେମନ୍ତ । ୩ ।
ଧରଣୀସ୍ପନ୍ଦନରେ ସ୍ୱ ଋକ୍ଷ ଦିନ । ଧରାଜନ ପରି ମନ ବିମନ ।
ଧବଳକର ପରି ଦିଶେ ତନୁ । ଧର ଧର ନିତ ଜାତ ବଦନୁ ।
ଧରିବ କେ ସ୍ଥିତ ଗେ । ଧରାମଣ୍ଡନାର ଦେଖି ବିପତ୍ତି । ୪ ।
ବଧିବା ପାଇଁ ଅବଧ ଘୋଷିତ । ବଳିଲ୍ କେଉଁ ଗୋ ଦୁଇବ ସତ ।
ବନପଶୁ ଦେଖି ଯାହା ବଦନ । ବଶ ହେବେ ତାକୁ ବୋଲେ ମଦନ ।
ବଧୂ-ବଧ-ବ୍ୟାଧ ହେ । ବଦନ୍ତି ରସରାଜ କପାଁ ବୁଧ । ୫ ।
ଶିବ ନୟନାନଳର କି ତେଜ । ଶିବଦ ହୋଇ କଲେ ତ ମନୋଜ ।
ସିଦ୍ଧେ ମାରଥିଲେ ମନୁ କି ଆସେ । ସିଦ୍ଧ ପରାସ୍ତେ ଏବେ ତ ପଲାଶେ ।
ସିଦ୍ଧାଣୀ ହୃତକୁ ଯେ । ଶିଖି ମନ୍ତ୍ର ଝାଡିବା ସେ ପ୍ରେତକୁ । ୬ ।
ଅନ୍ତ ହୋଇବ କରୁପେ ବସନ୍ତ । ଅନ୍ତର୍ଗତରେ ଗୋ ଉପାସ୍ୟ ଚିନ୍ତ ।
ଅମ୍ବୁଯନ୍ତ୍ରର ପୁରେ ଶୁଆନ୍ତାଇଁ । ଅଙ୍ଗନା ଋତୁଭ୍ରମ ହେବାପାଇଁ ।
ଅନଙ୍ଗ ଗୃଷ୍ଟାଳ ଗୋ । ଅପରିତୁରେ ଦ୍ୱିଗୁଣ ପ୍ରବଳ । ୭ ।
ଦକ୍ଷିଣ ପବନ ବାମ ହୋଇଚ୍ଛି । ଦୈତ୍ୟମାତରୁ ତ ଜାତ ହୋଇଚ୍ଛି ।
ଦବ ବାଡ଼ବ ସଂସର୍ଗ ଗୁଣକୁ । ଦହି କରୁଚ୍ଛି ବିୟୋଗି-ଗଣକୁ ।
ଦର୍ପକର ଏହି ଯେ । ଦର୍ବୀକରୋଚ୍ଛିଷ୍ଟ ପୁଷ୍ଟକୁ ବିହି । ୮ ।
ମଳୟଗିରିସ୍ପର୍ଶ ବିସ୍ମରିଲେ । ମନେ ମାନେ ହନୁମାନେ ନିନ୍ଦିଲେ ।
ମର ମର ବୋଲି ସାପେ କେ ଶାପେ । ମନ୍ଦ ପୁରନ୍ଦର ବୋଲେ କେ କୋପେ
ମହିମା ନ ଥିଲେ ଯେ । ମହତ ଗର୍ବ କେ ବୋଲେ କେ ବୋଲେ । ୯ ।
କହେ କେ ସହିକି ଏ ଦୋଷାକର । କଳାଏ କଳା ଏ ହର ମିତର ।
କଳାନିଧି ବୃଦ୍ଧି ଏ ଯେବେ ଦେଖ । କରି ଭଗାରପଣ ଦିଏ ଦୁଖ ।
କମଳିନୀ ଅରି ଯେ । କରକରତେ କରତେ କି କରି । ୧୦ ।
ଜଗତେ କଳଙ୍କୀ ନାମ ବିସ୍ତାର । ଯଶ ତ ଗୁରୁବାମା ଜାର ଯାର ।

---

୩—୪ ବିକଳ ଦଲ-ଠ; ୪—୨ ଦଢବତତ୍ତ୍ୱ-ଗ, ଘ, ଚ, ଜ, ଠ; ୫—୪ ବଶ ହେବ-ଠ; ୫—୨ ବଦନ୍ତ ଠ; ୬—୪ ଏବେ ତ ପରାସେ-ଛ, ଠ; ୭—୪ ଅଙ୍ଗନା ଋତୁ-ଗ, ଘ, ଚ, ଛ, ଠ; ୮—୩ ବାଡବା-ଚ, ଠ; ୯—୨ ମନେ ମନେ-ଚ, ଛ, ଠ; ୯—୩ ଶାପ କେ ଶପ୍ତେ-ଛ, ଠ; ୯—୬ ମହତପଦ-ଘ, ଜ; ମହତ ପଦ କେ ପଦକ ବୋଲେ-ଗ, ଚ; ମହତ ପଦ କେ ବୋଲି କେ ବୋଲେ ଛ, ଠ; ପଦ ଓ ଗର୍ବ ଉଭୟ ପାଠ ଏ ସ୍ଥାନରେ ଚଳପାରେ । ୧୦—୧ କେ କହେ-ଛ, ଠ; ୧୦—୨ କଳା ଏ ହରଣାଙ୍କର-କ, ଖ, ଛ, ଠ, ୧୧—୧ ଜଗତେ କଳଙ୍କୀ-କ, ଖ, ଠ, ଛ,

କଚହେ କେ ଘନସାର ବାଟି ଆଣ । କପୋଳରେ ଦେବା ବିଧୂ କିରଣ ।
କମଳନାଳ ମାଳ ଗଳେ ଦେବା । କର୍ପୂର ରଜ ଅଙ୍ଗେ ଲଗାଇବା ।
କନ୍ଦର୍ପ ପ୍ରପଞ୍ଚୀ ଗୋ । କପର୍ଦ୍ଦୀ ଭ୍ରମେ ଅବା ଯିବ ଘୁଞ୍ଚି । ୨୧ ।
ତହିଁକି କହିଲ କିଉଁ ସଜନୀ । ତମ କରଇଛି ବଇର ଘେନି ।
ତରୁଣୀତିଳକ ପୁଣି ଗଉରୀ । ତସ୍ତଙ୍ଗ ଉରଜ ସ୍ୱୟମ୍ଭୂ ପରି ।
ତରଳ ଜାହ୍ନବୀ ଯେ । ତଳେ କଲେ ଦିଅଇଛି ବଢ଼ାଇ । ୨୨ ।
ଉଚ କୁଚଯୁଗ ଲୁଚିବା ପାଇଁ । ଉଷୀର ବାଟି ଗୋ ଦିଅ ଲେପାଇ ।
ଉପୁଜେ ନାହିଁ ତହିଁରୁ ସ୍ଫୋଟକ । ଉପାୟଯାକ ହୋଇବେ ବାଧକ ।
ଉଭୟ ସନ୍ଦେହ ଯେ । ଉଣା କି ପଙ୍କେ ଦାହ ଓହା ଦେହ । ୨୩ ।
ଭାବି କେବଳ ଆମ୍ଭେ ମରୁଥାଇଁ । ଭାବନା ଏହା ଆଣିଛୁ ଲେଖାଇ ।
ଭାଲ-ଅକ୍ଷର କେ କରିବ ଆନ ! ଭାବନା ସମୁଦ୍ରେ ହେଲୁ ମଜ୍ଜନ ।
ଭାବ ନ ମନରେ ଗୋ । ଭାଗ୍ୟକୁ କେ ବଳି ଅଛୁ ସଂସାରେ । ୨୪ ।
କାମ ଚଣ୍ଡାଳ ଜତ ହେବ ଦହ । କାହିଁ ଦାହ ଏହା ଅର୍ଜିଲୁ ସହି ।
କାଳେ ଯେ ଶୁଣି ନାହିଁ ପରାଭବ । କାହା ମନେ ଥିଲା ଏହା ସମ୍ଭବ ।
କାନ୍ତ ସାର ବାଳୀ ଗୋ । କାହିଁ ଗଲୁ ଅବସ୍ଥବର ଝୁଲି । ୨୫ ।
କନକ ଚମ୍ପକ କେତକୀ ଚୋରା । କମଳ କେଶର କାଶ୍ମୀର ଗୋରା ।
କରୁଥାଇ ଯେଉଁ କାନ୍ତି ଧିକ୍କାର । କଲି କେତକ ସଙ୍ଗେ ତୁଳବାର ।
କର୍କଶ ଦଇବ ଯେ । କାହାକୁ ଦେଇଛୁ କି ପରାଭବ । ୨୬ ।
ଶିରୀଷକୁସୁମ ଲବଣୀ ତୁଳା । ସିହାଣୀ କୋମଳକୁ ନୋହେ ତୁଳା ।
ଶିଶୁକାନ୍ତି ସୁଖୀ ଚନ୍ଦ୍ର ବଦନା । ଶିବପର-ଶର ମହାବେଦନା ।
ହିମନ୍ତମା ସହି ଯେ । ଶୀର୍ଣ୍ଣ ହୋଇ ପ୍ରାଣ ବହୁଛୁ କେହ୍ନ । ୨୭ ।
ଶଯ୍ୟନେ ସପତ ପରତ ତୁଳୀ । ଶଯ୍ୟନ ନ କରେ ତହିଁରେ ବାଳୀ ।
ଶଙ୍କା କରୁଥାଉଁ ସିଞ୍ଚ ସୁମନ । ସରୁଛୁ ପଣନ୍ତେ ଏବେ ତା ଦିନ ।
ସବୁ ବିହି ହାତେ ଯେ । ଶରୀର କି ନ ସହେ ଅନାୟତ୍ତେ । ୨୮ ।
ଚରୁଣୀ-ମୁକୁଟ ଭାର ହେବାରେ । ଚଉସର ହାର କଣ୍ଠେ ନ ଭରେ ।
ଚନ୍ଦ୍ର ଚନ୍ଦନ ବଳେ ଦେଲେ ବୋଳି । ଚଞ୍ଚଳନେତ୍ରା ହେଉଥାଏ ଚଳି ।
ଚହର ଧୂଳିକ ଯେ । ଚଉମାଥ ଭଳି କଲୁ ବାଳୀକି । ୨୯ ।

---

୨୧—୬ ଯିବ ଅବା-ଛ. ଝ ବ୍ୟତୀତ ସମସ୍ତ ପୋଥିରେ; ୨୨—୪ ଉସ୍ତଙ୍ଗ ଟ, ଠ; ୨୩—୩ ଜାହିଁକି ତହିଁ-କ, ଖ, ଟ, ଠ; ୨୩—୬ ଉହା ଦେହ-ଜ, ଲୁହା ଦେହ-ଗ; ଲୋହା ଦେହ-କ; ଲୋହ ଦେହ—ଟ, ଠ; ୨୪—୫ ଭାବନା ମନରେ-କ, ଖ, ଗ, ଘ, ଜ, ଝ. ଟ; ଏ ପାଠ ମଧ୍ୟ ହୋଇପାରେ । ଭାବନା—ଠ; ୨୭—୬ ବହୁଛି କେହି-ଟ, ଠ; ୨୮—୧ ସପତ ପରସ୍ତ-କ, ଠ; ୨୮—୩ କରୁଥାଇ କ, ଖ, ଗ, ଠ; ୨୯—୬ ଚଉମଥା-କ, ଖ, ଟ, ଠ;

ସେ ତ କରୁଣାରେ ବରୁଣାଳୟ । ସେବକେ କେବେ ନୁହନ୍ତି ନିର୍ଦ୍ଦୟ ।
ସେ କଥା ଶୁଣି ପାଉଛୁ ଭରସା । ଶେଷ କରିବେ ରସାଳସା ଦଶା ।
ସେ ବିନା ତ ଗତି । ଶେଷ ଆଦରେ କହି ନ ପାରନ୍ତି । ୩୯ ।
କହୁଁ କହୁଁ ଚନ୍ଦ୍ରା ସଖୀ ଏପରି । କଷ୍ଟେ କଷ୍ଟେ ଶେଷ ହେଲା ଶର୍ବରୀ ।
କରନ୍ତି ସାନ୍ତ୍ୱନା ନୂତନା ହିତେ । କନ୍ତ୍ରନେନ୍ଦା ଚେତା ହେଉ କହିତେ ।
କର ମାରି ଭାଲେ । କରି ମୋ ପ୍ରତିଆଶା ଦୂର ବୋଲେ । ୪୦ ।
ସମ୍ଭବ ଉଦ୍ଭବ କେ ତାହା ଶୁଣି । ସବୁରି ଜାତ ହାହାକାର ବାଣୀ ।
ଶମନପୁରକୁ ଯା ଯା ଜୀବନ । ସଖୀର ଦେଖି ଏ ଜାତି କଦନ ।
ସନ୍ତାପ ଏପରି । ଘଟେ କବିରେ କି ହେବ ବର୍ଣ୍ଣିରି । ୪୧ ।
ଅନନ୍ତକୋଟି-ବ୍ରହ୍ମାଣ୍ଡଈଶ୍ୱରୀ । ଅନଙ୍ଗ-ଅଗ୍ନିବଶେ ହୋଇ ଧାରି ।
ଅବନୀରେ ଟିକେ ତା ସମ୍ଭବ ଆଉ । ଅଭିମନ୍ୟୁ ଜୀବ ତା ଭାବ ଯାଉ ।
ଅଛି ଯେତେ ତାପ । ଅନଙ୍ଗ ବେଦନା ସବୁରି ପାପ । ୪୨ ।

## ପଞ୍ଚାଶ ଛାନ୍ଦ ।

### କୃଷ୍ଣ ଅନ୍ୱେଷଣ । ଛଳନା ଉକ୍ତି ।

ରାଗ—ଚକ୍ରଘଣ୍ଟା ।

ଚିତୁରେ ଏ ଛନ୍ଦେ ରସ । ଚ ପୂର୍ବାଦି ଅନୁପ୍ରାସ ॥
ଚଉ ଗୁଣକର ଉଲ୍ଲାସର ଧର ଯଥା ନବ ଘନରସ । ୧ ।
ଚନ୍ଦ୍ରା ଦେଖି ନୂତନାର । ଚଲେ ଭଜି ସଖୀଦ୍ୱାର ॥
ଚତୁର ବିଳାସ କାନନେ ପ୍ରବେଶ ଛଳ ପୁଷ୍ପ ତୋଳିବାର । ୨ ।
ଚରଣ ନୂପୁର ତାନେ । ଚମକ ପଡ଼ିଲା ବନେ ॥
ଚଉଜାତ ଚକେ ଦୂର କି ଏ ବାଜେ ଗୋବିନ୍ଦ ଚେତିଲେ ମନେ । ୩ ।
ଚକି ମଣି ବେଣୁପାଣି । ଗୁଲ୍ମେ କର୍ଣ୍ଣ ଦେଇ ପୁଣି ॥
ଚକିତ ଚଞ୍ଚଳ ଯେମନ୍ତ କମଳ ପାରିଧିଆ ଘଣ୍ଟି ଶୁଣି । ୪ ।
ଚନ୍ଦ୍ରାଭୁରେ ଦଳେ କଲେ । ଚଞ୍ଚଳାକ୍ଷୀଙ୍କି ଦେଖିଲେ ॥
ଚଞ୍ଚଳନ୍ତ ସେତେ ନିର୍ଦ୍ଧାଗଣ ଏ କି ଏମନ୍ତ ବର୍ଣ୍ଣିର କଲେ । ୫ ।

୩୯—୨ ଦେଇ ଛି, ଛି, ବ୍ୟତୀତ ସମସ୍ତ ପୋଥିରେ ୩୯ ୪ କଡ଼ିରେ ଶେଷ ଠ; ୪୨—୨ ସବୁର ତାପକି; ସବୁରି ତାପ—ଠ;
୪—୨ ଦେଇ ଶୁଣି—ଙ, ଘ, ଛ, ଠ; ୪—୩ ପାରିଧିଅ-କେତେ ପୋଥିରେ; ଉଣ୍ଟି-କ, ଖ, ଘ;

ଚେ୍ରପର ଅନୁସର । ଚକ୍ଷୁ ପିଗ୍ରଡ଼ ନ ପାର ।
ଚତୁର୍ଯ୍ୟ ସୁସ୍ନିତ ଲଜ୍ଜିତ ମିଶ୍ରିତ ଗଡବନ୍ତ ହେଲେ ହର । ୭ ।
ଚହିଁ ନନ୍ଦନନ୍ଦନଙ୍କୁ । ଚୀରେ ଆଚ୍ଛାଦ ତନୁକୁ ।
ଚଞ୍ଚଳ ଗମନ କରନ୍ତେ ମୋହନ କହନ୍ତି ରଙ୍ଗେ ତାହାକୁ । ୮ ।
ଚହିଁ ଯାଅ ଦଣ୍ଡେ ରହ । ଚଉ ତୋଷ ଭଷା କହ ।
ଚମ୍ପାଅଙ୍ଗୀ ଅଙ୍ଗୀ— କାରଭଙ୍ଗୀ ସଙ୍ଗୀ କର ଦାସ ହେଲି ମୁହିଁ ।
ଚନ୍ଦ୍ରମାମୁଖୀ ତୁମ୍ଭର । ଚକ୍ଷୁ ଶଶ ଲୋଭୀ ମୋର ।
ଚଖାଅ ପୀୟୂଷ ନୋହିଲେ ବିନାଶ ଯେ ବିହିତ ତାହା କର । ୯ ।
ଚପଳ ସ୍ୱଭାବ ଜାଣି । ଚମ୍ପକଲତିକା ଭଣି ।
ଚନ୍ଦ୍ରଲ ସମ୍ପତ୍ତି ହୋଇଲେ ପ୍ରାପତ କି ନୁହନ୍ତା ଲୋକେ ପୁଣି । ୧୦ ।
ଚତୁ ସୁମନାକୁ ଚହିଁ । ଚକ୍ଷଣ କାଳିଆ କହି ।
ଚନ୍ଦ୍ର କଳ୍ପଲତା ହେଲେ ବରଦାତା ନୋହେ କି ଚନ୍ଦ୍ରଲେ ସହି ।୧୧
ଚମର କେଶୀଏ ଭଷେ । ଚନ୍ଦ୍ର ଆପଣା ମାନସେ ।
ଚକୋର ଅଜଳେ ଚନ୍ଦ୍ରଭ୍ରମ କଲେ ସେ କି ସୁଧା ଦେଇ ତୋଷେ ॥
ଚନ୍ଦ୍ରକଚୂଳିଆ ଭଣି । ଚହିଁନ ସୁମନାଶ୍ରେଣି ॥
ଚଞ୍ଚରୀକ ଆଶ କରଇ କି ନାଶ ଅନୁଗତ ହେବା ଜାଣି । ୧୩ ।
ଚଳାପାଙ୍ଗୀ ଏକ କହେ । ଚଖାଦ୍ରବ୍ୟେ ଲୋଭ ରହେ ।
ଚମ୍ପକ କେତକୀ ପରସ୍ପେ ପାତକୀ ନ ରସୁ ମଧୁପ ସ୍ନେହେ । ୧୪ ।
ଚକତ ଗୋବନ୍ଦ ଶୁଣି । ଚଦଲି ପରସ୍ପେ ଭଣି ॥
ଚେ୍ଷଇ ସୁମନ କରୁଛ ଗୁମାନ କାହିଁ ଯିବ ଆଜ ପୁଣି । ୧୫ ।
ଚେ୍ଖରେ ଲଳିତା ଭଷେ । ଚହ୍ନି ନାହୁଁ ତୁମ୍ଭେ କେ ସେ ॥
ଚକର ମାତର କାହାର ଚୃତର ଏଥିକି କର ଏ ଆଶେ । ୧୬ ।
ଚଉବର୍ଗଦାନୀ ଗିର । ଚରାଚର-ବଶକର ॥
ଚତୁଜାତପତ ଆମ୍ଭେ ତାର ପତ ମୁଦକାରୀ କାନନର । ୧୭ ।
ଚନ୍ଦ୍ରହାସେ କେ ଭଷେ । ଚହ୍ନାଗଲି ତୁମ୍ଭେ ଯେ ସେ ॥
ଚେ୍ଷଇ ସୁମନା ବାସ ଏବେ ସିନା ଲୁଚି ବୁଲ ବନଦେଶେ । ୧୮ ।
ଚେତ ତା ବୋଇଲେ ହର । ଚଉସ୍ୱଭାବ ଏପରି ॥
ଚେ୍ରକୁ ପ୍ରାପତ ଚନ୍ଦ୍ରଲ ସମ୍ପତ୍ତି ହେଲେ କି ଗୁଞ୍ଜିଇ ଗୋସ୍ତି । ୧୯ ।

---

୭—୩ ସସ୍ମିତ-ଚ, ଠ; ୧୭—୨ ଚନ୍ଦ୍ରା-ଚ, ଠ; ୧୩—୨ ଚହିଁନା-କ, ଖ; ଚହିଁନ-ଗ; ଚହିଁଣି-ଚ, ଠ; ୧୪—୧ ଚଞ୍ଚଳାଙ୍ଗୀ ଗ, ଘ, ଚ, ଜ, ଚ, ଠ; ୧୫—୨ ଚଜିଲି-ଚ, ୯ ବ୍ୟତୀତ ସମସ୍ତ ପୋଥିରେ;

ଚେତ ଚଞ୍ଚଳତା ସହି । ଚାଟୁ କଲେ ଭାବଗ୍ରାହୀ ॥
ଚନ୍ଦ୍ରମା ଦୂଷଣ କରୁଛୁ ଭୂଷଣ ଆଶ ନାଶ ତୁମ୍ଭେ ଦେହ । ୨୦ ।
ଚରଣାନୁଗତେ ହରି । ଚକ୍ରୀକି କଲେ ତ ହାରି ॥
ଚର ପାତକୀଙ୍କ ତୀର୍ଥ ବାରଇ କି ଅନୁଗତ ହେଲେ ତାର । ୨୧ ।
ଚାରୁବାଣୀ ସଖୀ ଶୁଣି । ଚିତ୍ତତୋଷ ବାଣୀ ଭଣି ॥
ଚେଷ୍ଟିରେ ଏ ଲୋଭ ବଚନ ଦୁର୍ଲ୍ଲଭ ଦେଖି କି ନୋହିବ ପୁଣି । ୨୨ ।
ଚନ୍ଦ୍ରାୟୁଧ ଶୁଣି ଭଣି । ଚମତ୍କାର ଏ ତ ପୁଣି ॥
ଚେଷ୍ଟୀ ତୁମ୍ଭେ ଯାର ନାମ ଗୁଣ ତାର କହ ଥରେ ମାନ ଶୁଣି । ୨୩ ।
ଚରିତ କହିବା ଛଳେ । ଚିତ୍ତାକର୍ଷ ସଖୀ କଲେ ॥
ଚଖାଇ ପିୟୂଷ ଦେଲା ପରି ରସ ଆଶ ଭାଷ ଶୁଣାଇଲେ । ୨୪ ।
ଚାରୁମୁଖକୃତ୍ୟ ନାସ୍ତି । ଚରାଚର-ସାର-ଶିସ୍ତି ॥
ଚରଣ ଛୁଇ ନଖ- କୋଣକଣକୁ ସରି କରି ତ ନ ପାରି । ୨୫ ।
ଚାରୁ ଚନ୍ଦ୍ର ଶୋଭା ଗୁଣ । ଚକ୍ଷୁ ଶୁଦ୍ଧ ବିମୋକ୍ଷଣ ॥
ଚିତ୍ତଦମନୁରେ ଶେଷ କଥନରେ ସରିବାର ନୋହେ ଜାଣ । ୨୬ ।
ଚିରକାଳ ପୁଣ୍ୟ ଥିଲା । ଚରିତ ଶ୍ରବଣ ହେଲା ॥
ଚାତକ ଘନସ୍ୱନ ଶୁଣା ପରାୟେ ଗୋବିନ୍ଦ ମୁଦ ବଢ଼ିଲା । ୨୭ ।
ଚାତୁରେ ହରି କହ । ଚତୁର୍ଥୀ ଏ ଦାସ୍ୟ ବହ ॥
ଚକ୍ଷୁରେ ଥରେ ଦେଖାଇ ପାରିବ କି ହୋଇ ମୋ ବିନୟଗ୍ରାହୀ । ୨୮ ।
ଚାତୁର୍ଯ୍ୟ ଲଳିତା ଭାଷ । ଚନ୍ଦ୍ରକୁ ଲଭୁଛୁ ଶଶ ॥
ଚିତ୍ତମାଥ କଲେ ଅଘଟଘଟନା କେତେ ନୋହୁଛୁ ପ୍ରକାଶ । ୨୯ ।
ଚାମୀକର ଗୁଞ୍ଜେ ତୁଳା । ଚଳୁ ସାତସିନ୍ଧୁ ହେଲା ॥
ଚରଣେ ଆକାଶ ଲୁଚିଲା ଅମୃତ ରହୁ ରବ ଭୋଗକଲା । ୩୦ ।
ଚିତ୍ତ ସ୍ଥିର ତୁମ୍ଭେ କର । ଚମ୍ପାରେ ମନାଅ ହରି ॥
ଚନ୍ଦ୍ ସୁକୃତ କେ ଜାଣିଛୁ ଉପାୟ ଦୁର୍ଲ୍ଲଭକୁ ପ୍ରତୀକାର । ୩୧ ।
ଚିତ୍ତାନନ୍ଦ ଶୁଣି ଗୁଣି । ଚାତୁର୍ଯ୍ୟ ଧୈର୍ଯ୍ୟରେ ଭଣି ॥
ଚହ୍ନିବାପାଇଁକି ତୁମ୍ଭ ମନ ଗୁଣ ଦୈନ୍ୟ କଲୁଁ ସୁଲକ୍ଷଣୀ । ୩୨ ।
ଚିରକାଳରୁ ସନ୍ନ୍ୟାସ । ଚିତ୍ତଜାତେ କାହ୍ନୁ ବଶ ॥
ଚତୁର୍ଥୀଚରିତ ଶୁଣିମା ଦୁରିତ ଦେଖିବା ଯାଏ ମହେଶ । ୩୩ ।

---

୨୫—୩ ଚରଣଛର ଠ; ୨୮—୧ ଚିନ୍ତାଭୁରେ କ, ଗ; ୩୦—୩ ରବରହୁ-ଚ, ଠ;
୩୨—୧ ଚିତ୍ତାନନ୍ଦ-ଛ, ଝ ବ୍ୟତୀତ ସମସ୍ତ ପୋଥିରେ; ଶୁଣି ପୁଣି-କ, ଖ, ଗ, ଘ, ଙ, ଜ;

ଚୈତନ୍ୟ କହ୍ନି ଏପରି । ତରିଉଁ ଗୋରୁ ଛାଡୁଥି ॥
ତଷ୍ଟଲେ ଆସ ହରି ରାମ ଡାକନ୍ତେ ଚକିତ ଚିତ୍ତ ସବୁରି । ୩୪ ।
ଚଳିଲେ ସର୍ବେ ଆଛନ୍ତେ । ଚିତ୍ତ ସଂଶୟ ଉଛନ୍ତେ ॥
ଚିନ୍ତି ରସାନନ୍ଦ ପାଦପଦ୍ମଦ୍ୱନ୍ଦ୍ୱ ଅଭିମନ୍ୟୁ ଦୋଷ ମନେ । ୩୫ ।

---

## ଏକପଞ୍ଚାଶତ୍ ଛାନ୍ଦ ।

---

### ଶ୍ରୀ କଟଶାରୀଙ୍କର ଉତ୍କଣ୍ଠା ଉକ୍ତି । ନାୟମ ପଂକ୍ତି ଶୃଙ୍ଖଳା ।

---

ରାଗ—ଗ୍ରେଖୀ ।

ଏଥୁଅନ୍ତେ ଶୁଣ ରସ    ରସବତୀ ସଖୀବଂଶ
ବସନ୍ତବାସ ନବାଶ ଭଷ କଥନ ।
ଅନ ଅନ ବଲ୍ଲେକନ    କନ କନ ଶୁଣି ମନ
ମନମଥରେ ଅବଶ ନାଗରତନ ।
ଛନମନ ପ୍ରେମରେ କରି । କସ୍ତ୍ରଗତି କହନ୍ତି କର୍ମ ଆଦରି । ୧ ।
ଦଣ୍ଡି ସମାନ ତ ବାସ    ବାସ ନଗର ସଦୃଶ
ଦୃଶରେ ଦୃଶ୍ୟ କେବଳ ଏକା ସେହି ତ ।
ହିତ ହେବ ନାହିଁ ଆନ    ଆନନ୍ଦ ଦେବାକୁ ଦାନ
ଦାନବ ମାନବ ଦେବ ଯକ୍ଷ ନାଗ ତ ।
ଗତ ଜନ୍ମ ସୁକୃତରାଶି । ରାଶିଏ ତ ନାହିଁ ହେବ କି କରି ଦାସୀ । ୨ ।
ଦାସୀ କର୍ମେ ଥିଲି ଯାଇଁ    ପାଇଛୁ ଋଷି ରସାଇ
ସାଇଁ କଲା ଥିଲି କେତେ ପୁଣ୍ୟ ସଞ୍ଚିତ ।
ଚିତ୍ତରେ କରି ଅସୁଖି    ସୁଖି ସାରି ସ୍ୱର୍ଗସୁଖି
ପୂରିଲା କରତ ଇନ୍ଦ୍ର କୋଳକୁ ଗତ ।
ଗତଜନ୍ମ ସୁକୃତ ବନା । ବନାଶିଲି ଇହଜନ୍ମ ଅମ୍ବା ନଗନା । ୩ ।
ବନାଶନବ୍ରତ ଧରି    ଧରନ୍ତିରେ ସେହିପରି
ପରୀକ୍ଷା ଦେଖାଇବି ମୁଁ କୃଷ୍ଣ ଆଗରେ
ଗରେ ତ ଦହୁଛୁ କାମ    କାମନା କରି ଜନମ
ନ ମରି ହୋଇବି ଶ୍ୟାମ ଅଛୁ ମନରେ ।
ନରେ ହେବେ କୃଷ୍ଣ ମୋ ପରା । ପରାଧୀନ ଦୁଃଖ ତେବେ ଜାଣିବେ ଧୀରା । ୪ ।

---

୨—୨-୧ ନାଗର-କ, ଖ, ଟ୦; ୨—୨ ଦୃଶ୍ୟରେ-ଟ ୦; ୨—୭ ରାଶିରେ ଚ, ଟ, ୦; ୩—୧ ଦାସୀ କର୍ମେ ଥିବା-ଟ ୦; ୩—୨ ସାଇଁ କରିଥିଲି-୦, ୩—୭ ଅବା ନଗନା-ଟ, ୦; ୪—୫ ନରେ ହେବ-୦,

ଧୀରା ଧୀରମଧ୍ୟା ଭାବେ ଭାବେ ସଖୀଏ ବିରସେ
ରସେ ମଜ୍ଜିବାରୁ ହୋଉଛି ଏ କାମନା ।
ମନାସିଲେ ସିଦ୍ଧ ହେବ ହେ ବରହଟକେଶୀ ଭାବ
ଭାବବେଦନା ବଢ଼ିବ ଗୁଢ଼ ଭାବନା ।
ବନାନଳ ଦାହକୁ ବଳା । ବଳାରାତିବିମୋହନୀ ଚନ୍ଦ୍ରା ବତୁଳା । ୫ ।
ତୁଳାଙ୍ଗୀ ଭଜିଲେ ହର ହରଷେ ଦେବାରୁ ବର
ବରଅଙ୍ଗୀ ସୁଦୁମ୍ନା ପାଲଟ ହୋଇଛି ।
ଇଚ୍ଛି ପ୍ରତ୍ୟୁଷେ ଝାହିବା ଶିବାଙ୍କୁ ପୂଜି ତୋଷିବା
ଶିବାରକ ବାରଦେବା ମନରେ ଅଛି ।
ଅଚ୍ଛିଦ୍ର ଏ ବାଞ୍ଛା ହେବ କି । ବଲ୍ଲୀପ୍ରାଣପିଆ କରିବେ କି ସେବକୀ । ୬ ।
ବଙ୍କିମା ଗୃହାଣୀ ତାର ତାରକ ମାରକ ଶର
ଶରଣ ଅଶରଣ ଲୋକର ବିଶ୍ୱର ।
ଗୃହବର୍ଣ୍ଣ ସୁଖପଦ ପଦକେ ଅଛି ବିପଦ
ପଦଦାସୀ ହୋଇଲେ ବାଧିବ କି ଜର ।
କରକରଜିତ ଶ୍ରୀଭୁଜ । ଭୁଜଙ୍ଗରାଜଭୋଗ ବିତର୍କ ସହଜ । ୭ ।
ହଜଇ ବିବେକମାନ ମାନଶୀ କି ସେ ସମାନ
ମାନ ଛକବେ ଲୋକନେ ସୁରତରୁଣୀ ।
ଋଣୀ ସୁରତରେ ନାଗ— ନାଗରୀ ହୋଇବେ ଆଗ
ଆଗ ଅରଜିବେ ଇଚ୍ଛି କାମଧରଣୀ ।
ରଣିତ ନୂପୁର ନାଦରେ । ଦରେ ଦାସୀ ହେବେ ରମା ଉମାଦ୍ଧ ଖରେ । ୮ ।
ଖରେ ଭୂରେ ଅଧପୁରେ ପୂରେ ଯଶ ସୁଷମାରେ
ମାରେ ଧୀର ନୋହିବ କେ ଦେଖି ମୂରତି ।
ରତି ଇଚ୍ଛି ପତିବ୍ରତୀ ବ୍ରତିବେ କି ସନ୍ମତି
ମତିରେ କେ ବାଞ୍ଛା ନ କରିବ ପୀରତି ।
ରତି-ପତି ନାଶୀ ହେବାରେ । ବାରେ ବାରେ ମନାସି ଝାସିବ ସାଗରେ । ୯ ।
ଘରେ ଯେମନ୍ତ ଆଦର ଦରପଣେ ମୋ ସୁନ୍ଦର
ଦରଶନେ ତେମନ୍ତ ମଣିଲି ସଜନୀ
ଜନିତ ବିଶ୍ୱରବାର ବାରଧରକଳେବର
ବରଣ ନ କଲେ ଶରେ ପଡ଼ୁ ଅଶନି ।
ସନ୍ନିପାତୀ ପରା ଲୋଭିତ । ଭିତର ମନେ ହେଉଛି ରସଭାବ ଚି । ୧୦ ।

---

୫—୩-୨ ବରହଟକେଶ ୦, ୫—୬ ବଳାରାତି ମୋହନୀର ୦, ୬—୨ ସୁଦ୍ୟୁମ୍ନ (ଶୁଦ୍ଧଶବ୍ଦ) ସୁଦ୍ୟୁମ୍ନ ଚ୦, ୮—୧ ହଜାଇ ଚ; ହରଇ ୦, ୯—୩-୨ ବର୍ତ୍ତିବେ ଅର୍ଥରେ ବ୍ରତିବେ;

ମାରଦର ନାଶିବାରେ   ଧୀରେ ସେବନ୍ତି ପ୍ରଭୁରେ
ଭୂରେ ପ୍ରଚୁର ସେ ଚାନ୍ଦ ଚଉଜଙ୍ଗର ।
କରନ୍ତୁ ସେହି ବିପକ୍ଷ । ପକ୍ଷପାତ କେ କରିବ ହେଲ ଅରକ୍ଷ । ୧୭ ।
ରକ୍ଷନାଶି ରସିବାରୁ   ବାରୁଣୀକି କଲେ ଗୁରୁ
ଗୁରୁ କବି ବିବୁଧମଣି ଖ୍ୟାତ ଲୋକରେ ।
କରେ କୀଟଭେଦ ଅଙ୍ଗ   ଅଙ୍ଗନା ପ୍ରୀତିପ୍ରସଙ୍ଗ
ସଙ୍ଗ ଭଙ୍ଗ ତେବେହେଁ ନ କଲେ ବିଧିରେ ।
ଧୀରେ ପ୍ରଶଂସିଲେ ପ୍ରଭୁରେ । ଭୂରେ କୀରତି ରହିଲା ପ୍ରୀତିଲୋକରେ । ୧୮ ।
କରେ ଶଶୀ ଗଙ୍ଗା ଉର   ଉରଗ ମଣ୍ଡନ ଯାର
କାରଣ କି ନ କରିବେ ମୋର ବିପତ୍ତି ।
ପତିକାମେ ପୂଜ ହର   ହରଷେ ମାଗିବ ବର
ବରଦ ହେବେ ନାହିଁ କି ଯେଣୁ ଭଗତି ।
ଗତିଦାତା ଆଉ ନାହିଁ ତ । ହିତ କି ହୋଇ ଉପାୟ କହୁନାହିଁ ତ । ୧୯ ।
ହିତ ବିବେକ ତ ସହି   ସହି ଦୁଖ ହେବ କେହି
କେ ହୀନ ଭାଗ୍ୟବେଳକୁ ହେବ ସାହା ତ ।
ହାତ ଧରୁଛୁ ତୁମ୍ଭର   ଭରମ ସାରିଲି ମାର
ମାରକଣ୍ଡୀ ଦ୍ୟୁତି-ରତି ମତି ଇଚ୍ଛିତ ।
ଚ୍ଛିତ କଲ ସବୁ କାମନା । ମନାନନ୍ଦ ହିତେ ହୋଏ ନାନା ଭାବନା । ୨୦ ।
ବନାନଳ ଦାହ ବଳା   ବଳାତ୍କାରରେ ବିକଳା
କଳାନିଧି କୃପା ବିନା ନୋହିବ ହେଳା ।
ହେଳା ଲୀଳା ହାବ ଭାବ   ଭାବଇ ହେବ ସମ୍ଭବ
ଭବପର ପରମାର୍ଥ ସୁରତ କଳା ।
କଳାମାପି ଲଭିବି ସତେ । ଶତେ ଜନ୍ମ ଦୁଖ ନ ରହିବ କାହିଁତେ । ୨୧ ।
ଚିତ୍ତେ ଭାବନ୍ତେ ଏପରି   ପରିପୂର୍ଣ୍ଣ ସ୍ନେହ ଧରି
ଧରଣୀ ପତନ ବିମୋହରେ ରାଧିକା ।
ଧିକ୍କାର ବିଧିକି ମିତେ   ମିତେ ଆଶ୍ୱାସନ୍ତି କେତେ
କେ ତେମନ୍ତ ହୋଇ ନାହିଁ ପ୍ରେମାରାଧିକା ।
ଧୀକାତର ଦେଖି ବିଶେଷେ । ଶେଷେ ଚନ୍ଦ୍ର ଦୂତୀଗଲା ଗୋବିନ୍ଦ ପାଶେ ॥

---

୧୭ — ୨ ଧରଣୀରେ ୦; ଧରଣୀରେ-ଝ; ୧୭ — ୭ ପକ୍ଷପାତେ-ଝ; ୧୮ — ୨ ବିବୁଧ-ମଣି-ଝ, ୦; ୧୮ — ୩ କୀଟଭେଗ-ଝ; ୧୮ — ୩ ପୀରତିସଙ୍ଗ-୦; ୧୯ — ୭ ହିତ କେ ହୋଇ ଉପାୟ କହୁନାହିଁତ-କ, ଖ; ହିତ କେ ହେବ ଉପାୟ କହୁ ନାହିଁତ ଝ, ୦; ୨ — ୩ ଧିକ୍କାର ବିଧିକି ମିତେ ଆଶ୍ୱାସନ୍ତି କେତେ କେତେ ମତି ହୋଇ ହୋଇନାହିଁ ପ୍ରେମାରାଧିକା—ଝ; ୦ ମଧ୍ୟ ଝପରି କିନ୍ତୁ 'ମତିହୋଇ ମିତେ ନାହିଁ ପ୍ରେମାରାଧିକା' ଏତିକି ଭିନ୍ନ ୨୨ — ୫ ଧୀ କାତରେ-ଝ,୦;

ତୁଳାକୋଟି ନାଦେ ଯାର — ଜାର ହେବେ ଋଷିବାର
ବାରବେଳବଧୂସୀ ଅମୂଲ୍ୟ ଦରବ ।
ରବ ଯେ ଶୁଣିମ ତାର — ତାରଣ କି ହେବ ତାର
ତାରପତିମୁଖୀ ତ ମୂକତମନ୍ଦର ।
ଦ୍ୱିରଦର ବର ସୁଗତି । ଗତି ମୋତେ ଦେବ ହଟେ କର ପୀରତି । ୨୯ ।
ରତିପତି-ଦାହକର — କରନ୍ତି ସେବା ଅପାର
ଯାରବତୀଙ୍କି ପୂଜନ୍ତି ବଳିଦାନରେ ।
ନରେ ଖ୍ୟାତ ସେ ଅଭିନ୍ନ — ଭିନ୍ନ ହେବା ଦୁଁଖମାନ
ମାନବର କି କର ଜାଣିବେ ବିଧିରେ ।
ଧୀରେ ହୋଏ ଏ ଶଙ୍କା ଜାତ । ଯାତନା ଜାମର କରିବେ କି ନପାତ । ୩୦ ।
ଯାତନା ସୃଷ୍ଟି ଧାତାର — ତାର ବିବେକ ବିସ୍ତାର
ତାରପତି କଳଙ୍କ ହେବାରୁ ଗୋଚର ।
ଚର ଅଚର ଭିତର — ତରସ୍ତିତିମା ଚର
ତରଣୀ ତରୁଣୀ ବିନା ନାହିଁ ସୁସାର ।
ସାରସାକ୍ଷୀ ଚରଣଯୁଗ । ଯୁଗତେ ଭଜ ତ ଛଡ଼ାଇବ ମୋ ଆଗ । ୩୧ ।
ଆଗ ହୁଡ଼ିଛୁ ବୁଦ୍ଧିକି — ଧିକ ନାଗର ସିଦ୍ଧିକି
ଧିକ ଧିକ କାମାନଳ ଜଳେ ଗ୍ଲାତିରେ ।
ଗିରେ ଶମନସ୍ୱସାର — ସାରବାଳୀ ଆଳୀବାର
ବାରବ୍ରତଫଳେ ମିଳିଥିଲେ ପାଶରେ ।
ସରେ ନାହିଁ ଧନ ଯା ପାଇଁ । ପାଇବାକୁ ତାଙ୍କୁ ହେଲ ନାହିଁ ବିନସ୍ମୀ । ୩୨ ।
ବଇଲା ବୃନ୍ଦେ ଉତ୍ତର — ତରଳାକ୍ଷୀ ପରିକର
କର ହେଲନ କଙ୍କର ବିନା ଧନରେ ।
ନରେନ୍ଦ୍ର ହେବା ସୁକୃତ — କୃତ ବିନେ ଜ୍ଞାନଚ୍ୟୁତ
ଚ୍ୟୁତ ଫିଙ୍ଗିଦେଲ ବାଇଫଳ ବୁଦ୍ଧିରେ ।
ଧୀରେ ମୋର ରସିକପଣ । ପଣକର ମୂଲ୍ୟଇବେ ଧେନ ଦୁର୍ଗୁଣ । ୩୩ ।
ଗୁଣନିଧି ନାମ ଧର — ଧରଣୀ ଅଟନ ସାର
ସାଧ୍ୱୀବାଦମା କି ଇଚ୍ଛି ସାଧିବ ତପ ।
ତପଛି ଯିବ କାମର — ମରକତକେଶୀ ବର
ବରଣ ନ କଲେ ନାଶ ହେବୁ ସ୍ୱରୂପ ।
ରୂପ ଧ୍ୟାନ କର ଧିର । ଧାରଣାଯୋଗେ ପରାଣ ଦେବ ନକର । ୩୪ ।

---

୩୧ — ୬ ଭଜଣି-ଟି, ୦; ୩୪ — ୨ ସାରଦା ବିନା-୦;

କେ ଜାଣେ ଭାବନା ବୃକ୍ଷେ ସମ୍ଭାବନା କେତେ କରେ ବୃନ୍ଦାବନ ଗଲେ ।
ବୋଲଇ ଆଳୀକ ଏ ବନଧୂଳିକ ବୋଳନ୍ତୁଅ ମୋର ହୃଦସ୍ଥଳେ ।
ନବନାଗର ହେ । ରଙ୍ଗକମଳରେ ସ୍ନେହ ତାର ।
ଲଗାଇ ହୃଦରେ ଅତିଆନନ୍ଦରେ ଲଦୁଥାଇ ଶିରେ ବାରବାର । ୫ ।
ରହି ମନ୍ଦାଳସୀ ସୁମନା ତୁଳସୀ ଗନ୍ଧ କରି ଦେଉଥାଇ ନତ ।
କସ୍ତୁରିପଙ୍କକ କରିବା ଚନ୍ଦନକ ବୋଲି ସଖୀ ରହେ ମୁଖ ପୋତି ।
କାମମୋହନ ହେ । କରୁଛୁ ନତ ସାଷ୍ଟ ପଠନ ।
ଦେଖିଲେ କେତକୀ ବୋଲେ ଏ ପାତକୀ ହେଲା କିପାଁ ଭୃଙ୍ଗବିମୋହନ ।୬।
ସୁବଳ ପାଣିକ ଧରି ସେ ପୁଣି କ ମମତାରେ ପୁଚ୍ଛେ ଥିଲୁ କାହିଁ ।
ଗୋବର୍ଦ୍ଧନପାଶରେ ଥିଲି ଏ ଭାଷରେ ଉଲ୍ଲସି ଉଠଇ ଗୃହମୁହାଁ ।
ଆହେ ଗିରିଧାରି । ନନ୍ଦଗ୍ରାମ ଯାଏ ଯଉଁ ନାରୀ ।
ତାଙ୍କ ପଦ ଧରି ବୋଲେ ବମ୍ବାଧରୀ ତୁମ୍ଭେ ମୋର ଗୁରୁଜନ ପରି । ୭ ।
ଦେଖି ଗୁଞ୍ଜାଫଳ ବୋଲଇ ସଫଳ ତୋହୋ ଅନୁରାଗ ଏକା ହେଲ ।
ଗୁଞ୍ଜୁରିପାଟିକ ତାହାର ପାଟିକ ଆସଇ ସେ ଯେତେ ବର୍ତ୍ତିଦେଲା ।
ଆହେ ଗୋପୀନାଥ । ଏଗୃହ ଏ କଉଁ ମନୋରଥ ।
ହସଇ ଭାଷଇ ସ୍ୱଗୁଣ ନନ୍ଦଇ ହା ଚୁମ୍ବିଷ୍ୱରେ ପୋତଇ ମାଥ । ୮ ।
ଶୁଣି ଏ ଚରିତ ବୋଇଲେ ହରି ତ ହା ହା ମରି ଲୁଚୁଛ ଯାଇ ବନ୍ଧୁ !
ତୋ ପ୍ରୀତିପଣକୁ ମୁଁ ନକ ପଣକୁ ବକା ହେବ ସତେ କୃପାସିନ୍ଧୁ !
ଆରେ ଗୁଣଗ୍ରାହୀ । କ କ କରି ନ ପାରଇ ବାହି ।
ମୁଁ ଅତି ଦାରୁଣ ତବ ପ୍ରେମଋଣ କୋଟିଜନ୍ମେ ଶୁଝି ଯିବନାହିଁ । ୯ ।
ତୋ ଗୁଣ ସୁମରି ଯେବେ ଯିବ ମରି ସଂସାରେ ପ୍ରଶଂସା ସାର ହେବ ।
ଦାସବତ୍ସଳୀକ ପ୍ରଣୟ-ସ୍ଥଳୀକ ବାଧିବା ତରେ ରହିଛୁ ଜୀବ ।
ଆରେ ଗୁଣବତି । ଏ ଗ୍ରାରିକୁ ବଳାଇଲୁ ମତି ।
ତୋତେ ଗୃହମୁହାଁ କଉଁ ଗୁଣେ ମୁହିଁ ଯୋଗାଇବି ଏହା ଭାଳେ ନତ ।୧୦।
କଲେ ଭୁ ସେବକ ଲେଖିବ ଯାବକ ତେଣିକି ଆହାବ ପାରୁନାହିଁ ।
ମୋ ହୃଦପୀଠକୁ ଦେବ ତୋ କୋଠକୁ ଯାହା ଇଚ୍ଛା ତାହା କର ତୁହି ।
ଆରେ ପ୍ରେମଦାନ । ସେ ଯାଏ ଥିଲେ ଏ ଜୀବ ଧନ ।
ଜାଣଇଁ କୃପଣ ନୋହି ପ୍ରଭୁପଣ ମୋଠାରେ କେତେ କରିବୁ ଧନ । ୧୧ ।

---

୭—୪ ବନୋଦନ-ଠ; ୮—୧ ବୋଲଇ ସୁଫଳ-ଝ, ଠ; ୮—୬ ସ୍ୱଗୁଣ ଦୋଷଇ ଝ; ୯—୧ ଶୁଣି ସେ ଚରିତ ଝ, ଠ; ୯—୧ ଲୁଛ ମରି ଯାଇ-ଝ, ଲୁଛ ମରିଯାଏଁ-ଠ; ମରି ଲୁଛଯାଏଁ-ଢ, ଖ।

ଗୋବିନ୍ଦ ଅଧୀର   ଦେଖି ଦୂତୀ ଧୀର   କରି କହି ବେଗେ ଚଳିଗଲା ।
ଶ୍ରୀରାଧାପାଶରେ   ସୁଅବକାଶରେ   ଗୋବିନ୍ଦ-ବିପଦ ଶୁଣାଇଲା ।
ଆରେ ରସନିଧି । ଭାଗ୍ୟକୁ ମିଳଇ ସବୁ ସିଦ୍ଧି ।
ତୋ ପ୍ରେମପସରା କୃଷ୍ଣ ଦିନସରା କେବଳ ତୋ-ଗୁଣ ବାଇବୁଦ୍ଧି । ୧୨ ।

ତୋ ପଦପତନ— ଧୂଳିକି ଯତନ   ତିଳକ ମାନନ୍ତି କପୋଳରେ ।
ତରି ମନ୍ମଥରେ   ତୋ ଗତିପଥରେ   ଲେଖିଛନ୍ତି କଙ୍କର କରି ବାରେ ।
ଆରେ ଭାବଭୋଳି । ତବ ଝଡ଼ାପଡ଼ା ଫୁଲ ତୋଳି ।
ଚୂଡ଼ାରେ ଗୁଡ଼ାଇ କରୁଛନ୍ତି ବଡ଼ାଇ ଏବେ ରସିକେନ୍ଦ୍ର ହେଲି ବୋଲି । ୧୩ ।

ତୋ କେଳିବନରେ   କଆ-ଛଦନରେ   ଲେଖିଛନ୍ତି କି ଜାତି ବର୍ଣ୍ଣାବଳି ।
ହେଉଛନ୍ତି ନିଧନ   ଦୟା ଧର୍ମ ଧନ   ଦେଇ ମୋତେ କିଣ ନବବାଳୀ ।
ଆରେ ପ୍ରେମଶୀଳା । ଗଣ ତୋ ଗଣସଙ୍ଗତେ ବାଳା ।
ସରୁଛନ୍ତି ମୁଁ ଭୁରେ ତୋ ପରା ପ୍ରଭୁରେ ଥାଉଁ ଥାଉଁ ବୁଝୁଛନ୍ତି ତ ଭେଳା ।୧୪।

ତବ ଚନ୍ଦ କରେ   ଲେଖି ବାହ୍ଲିକରେ   ପଦ ଧରି କହେ ଯାହା କରି ।
କ୍ଷଣକାନ୍ତି ଗତି   ଦେଖି ବୋଲେ ଗତି   ଦେଲେ କରି ମୋତେ ସମବରି ।
ଆରେ ପ୍ରେମୋନ୍ମାଦ । ପିନ୍ଧା ପୀତବାସ ହୃଦେ ଲଦି ।
ନୟନରୁ ବାରି   ବହେ ବାରି ବାରି   ଯେମନ୍ତ ଝରଇ ଗିରିନଦୀ । ୧୫ ।

କି ଧେନ ମନରେ   କ୍ଷଣସୁମନରେ   ନୟନ ପଡ଼ିଲେ ନ ଚଳଇ ।
ସେ ଅତିଆଦରେ   କୁଙ୍କୁମ ହୃଦରେ   ନିରବଧି ବୋଳି ହେଉଥାଇ ।
ଆରେ ପ୍ରୀତିବତି । ରଜନୀରେ କେତେ କରି ସ୍ତୁତି ।
ବଳାଇ ଆଶକୁ ତୋ ପିନ୍ଧାବାସକୁ ଶ୍ରୀଅଙ୍ଗେ ଲଗାଏ ଏ କି ରୀତି । ୧୬ ।

ଧେନରେ ସୁମନା   ବନାଇ ସୁମନା-   ମାଳ ଲାଗି ହେଉଅଛନ୍ତି ସ୍ନେହେ ।
ଏ କି ରେ ସୁନାରି   ଦେଖିଲେ ସୁନାରୀ   କୋଳ କରି ଥରି ହାହା କହେ ।
ଆରେ ରାଗଲତା । ପିକ ବଚନେ କି ଆଦରତା ।
ସାରସଗତିକି ଗୁହିଁ ମୁକତିକି ପାଇଲା ପରାଏ ପ୍ରମୋଦ ତା । ୧୭ ।

କମଳ ସଙ୍ଗରେ   ମିଳାଇ ଭୃଙ୍ଗରେ   ବୋଲେ ଏପରି କି ସତେ ହେବ ।
ଚୂଡ଼ାରେ ପ୍ରବାଳ— ଅଧର ପ୍ରବାଳ   ଖୋଷିବାର ମହା ମହୋତ୍ସବ ।
ଆରେ ପ୍ରେମମୂର୍ତ୍ତି । ରାଗଗୁଞ୍ଜେ ଅନୁରାଗ ଅତି ।
ସ୍ନେହ ଲମ୍ପଟରେ ତୋ ସ୍ନାନଘାଟରେ ଅବଗାହନ ଆଚରେ ନିତି । ୧୮ ।

---

୧୨—୪ ତୋ ଗୁଣେ-କ, ଖ, ଟ, ଠ; ୧୩—୧ ତିଳକ ଧେନଛି-ଟ; ଧେନଇ ଠ; କପାଳରେ ଟ, ଠ; ୧୩-୨ ମୋ ଗତିପଥରେ ଠ; ୧୩—୪ କରନ୍ତି ବଡ଼ାଇ କ, ଖ, ଚ; କରଇ-ଟ, ଠ; ୧୪—୧ କି ଗାତ୍ରାଦନରେ-ଗ, ଘ, ଚ, ଠ; ଅର୍ଥ ନ ବୁଝି ଏରୂପ କଳ୍ପିତ କରୁଅଛନ୍ତି । ଏହେତୁ ୪୮ଛନ୍ଦରେ ସ୍ୱଚ୍ଛନ୍ଦରେ ପଠିତ ହୋଇଅଛି, ୧୪—୪ଗଣକ ସଙ୍ଗେ-ଠ; ୧୬—୧ ଧେନରେ ସୁମନା ବଳାଇ-ଟ, ଠ; ସୁମନା ମାଳା ଠ; ୧୬—୨ କୋଳ କରି ଧରି-କ, ଖ, ଘ; କରଥାଇ-ଟ, ଠ; ୧୭—୪ ଗୁହିଁ-ଟ, ଠ; ଗୁହିଁ ସୁଗତିକି-ଜ; ୧୮—୪ ରାଗପୁଞ୍ଜେ-ଠ;

ଚମ୍ପକମାଳିକି  ଲମ୍ବାଇ ଥିଲି କି  ମିତରେ ପଗ୍ରେ କି ମାନିଲି ।
ଫୁଲଗୁଚ୍ଛାମାଳ  ସଙ୍ଗେ ବନମାଳୀ  ମିଳ ପୁଣି କାହିଁପାଇଁ ହେଲି ।
ଆରେ ପ୍ରେମକଳା । କାହିଁଠାରୁ କି ଶିକ୍ଷା କଲୁ ।
ବେଣୀକାଞ୍ଚିମାନେ ଏବେ ସଜମାନେ ଧନ ନେଲେ ବୋଲି ଶୁଣାଗଲା । ୧୯ ।
ହୃଦୟ ପଦକେ  ତୋ ରୂପ ପଦକେ  ଆପଣା ନାମକୁ ଲେଖାଇଛି ।
ସିଆଇଁ ଖୋଲିକି  ତା ବୁକସ୍ଥଳୀକି  କଉଁ ମମତାରେ ସମ୍ପାଦିଛି ।
ଆରେ ପ୍ରେମଜ୍ଞାନ । ବନାଇଛି ତାମ୍ରଦରଶନୀ ।
ବସନ ଲୋହିତ ତମ୍ବୁରୁ ସହିତ ଗୁପତେ କାହିଁକି ସଞ୍ଚିଲାନ । ୨୦ ।
ଶୁଣି ଏ ବଚନ  କଶୋଷି-ଲୋଚନ-  କମଳ ଜଳରେ ବୁଡ଼ିଗଲା ।
ଭଲଇ ରମଣୀ  ପ୍ରୀତିଗୁଣ ମଣି ଦୁଃଖ ଏତେ ସବୁ ଯାଏ ହେଲା ।
ଧିକ ଧିକ ଦେହ । ଏଥିକି ସତ ବଳିଲା କେହ ।
ଏତେହିଁ ଯାଏ  କଥା ପୁଣି ଯାଏ  ଏହା ସହି ପ୍ରାଣ ଅଛି ରହି । ୨୧ ।
ମୋହୋପର ପଣେ  ହେଲେ ଦାସୀପଣେ  ପାଦସେବାଯୋଗ୍ୟ ହେବେ ନାହିଁ
ଏଡ଼େ ଅର୍ଦ୍ଧାଙ୍ଗିନୀ  ହେବାକୁ ଭୋଗିନୀ  ଏଡ଼େ ଆଶା ବଳାଇବ କେହି ।
ଆହେ ପ୍ରାଣପ୍ରଭୁ । ପ୍ରଣୟ-ଆନନ୍ଦ-ସୁଖବିଭୁ ।
ଏ ଗ୍ରହର କୁମତ—  ଠାରେ ଦେଲି ମତ  ନ ଜାଣି କରି କି ଲଭ ଲୋଭୁଁ ॥
ହେବ ଯେବେ ଶଉ  ନୃକାଶି କଞ୍ଚିତ  ରମା ଉମା ରତି ଦାସୀ ହେବେ ।
ଗୃହିଁଲେ ମୂରତି  ବଲ୍ଲଭବରତି  ରତିଆଶେ ଧୃତି ନ ରଖିବେ ।
ଆହେ ପ୍ରାଣେଶ୍ୱର । ଅମୃତସାଗର ନାମ ଯାର ।
ଶୁଣିଲେ ଗୁଣକୁ  ବିବେକପଣକୁ  ବେଦମାତା କରିଦେବେ ଦୂର । ୨୩ ।
ଏମନ୍ତ ଦୁର୍ଲଭ  କି କରି ସୁଲଭ  ହେବ ବୋଲି କଲି ଆଶା ଦୂର ।
ଏ ଭାଗ୍ୟ ବିରଞ୍ଚି  ଭଲେ ଥିଲା ରଞ୍ଚି  କି କରି ଜାଣନ୍ତି ନାରୀସ୍ତର ।
ଆହେ ପ୍ରାଣବନ୍ଧୁ । ସତ ଶୁଦ୍ଧ ତୁମ୍ଭେ କୃପାସିନ୍ଧୁ ।
ଧ୍ୟାନରେ ସଦୟ  ହୋଇଛି ଉଦୟ  ଯେମନ୍ତ ନକ୍ଷିକ ରସେ ବିଧୁ । ୨୪ ।
ପାଇ ଚିନ୍ତାମଣି  ଶଳକଣା ମଣି  ମୁଁ ପାପିଷ୍ଠୀ କଲି କି ନିରାଶ ।
ଯେମନ୍ତେ ଦୁର୍ଭାଗ୍ୟା-  ଚନ୍ଦ୍ରମା ପ୍ରୀତିଭାଗ୍ୟା-  ପଣ କଲି ତୁମ୍ଭେ ପରକାଶ ।
ଆହେ ପ୍ରାଣଈଶ । ବୃଦ୍ଧି କଲ ଦିନୁ ଦିନୁ ଯଶ ।
ମୋ ହୃଦକୁମୁଦ  କଳାକରେ ମୁଦ  କଲ ନ ବିଗୃହି ଗୁଣଦୋଷ । ୨୫ ।

---

୨୦—ଝୁଲିକି-ଚ, ଠ; ଖୋଳ-କ; ତା ବକ୍ଷସ୍ଥଳୀକି—ବ, ଖ, ଝ, ଠ; ୨୧—୨ ଯାଏ ଗଲା—ଚ ଝ, ଠ; ୨୧—୫ ଏହାଶୁଣି-ଝ, ଠ; ୨୪—୪ ସ୍ୱଭଟିକ-ଠ, ସତଟିକ ପାଠ ମଧ୍ୟ ସମୀଚୀନ; ୨୪—୫ ହୋଇଛି-ଝ, ଠ; ୨୫—୨ ଦିଢୀପ୍ତା-ଠ; ୨୫—୫ କଳାକର-ଚ, ଝ, ଠ;

ଏମନ୍ତ ବଚନରୁଁ ସୁଧା ମୁଖ ଗୃହରୁ ଅରୁଣ ପରାଏ ହସିଗଲା ।
ପୁଲକ ଗଣ୍ଡରୁ ହା ବନ୍ଧୁ ତୁଣ୍ଡରୁ ବାରୁଁ ବାରୁଁ ବଳେ ବାହାରିଲା ।
ବୋଲେ ଧିକ ଧିକ । ଛି ଛି ରେ ଜୀବନ ଅବିବେକ ।
ନ କଲୁ ସଞ୍ଚାର ଏ କଉଁ ବିଚାର ବୁଡ଼ାଇଲୁ ଢାଳେ ପ୍ରୀତିଟେକ । ୨୬ ।
ଅମୃତବାରିଧି ଚେଞ୍ଚାଲୁ ଆରାଧି ଅଛୁ ତୁଚ୍ଛ କୁଳ ଲାଜଧର୍ମ ।
ପ୍ରଣୟ କନ୍ଦଳୀ- ଦନୁ ଦେଲୁ ଦଳି ପୋଡ଼ୁ ପୋଡ଼ୁ ଅଭାଗିନୀ କର୍ମ ।
ଆରେ ପାପିମନ । ନେତ୍ରସଙ୍ଗେ ଥିଲୁ ଦେଖାଦନ ।
ବନ୍ଧୁ ରଖି କରି ଶ୍ରୀପଦେ କଙ୍କରି ବୁହାଇଲୁ ନାହିଁ ଏ ବଚନ । ୨୭ ।
ଏପରି ଭାବନା କରୁଁ କରୁଁ ବନା— ନଳ ପରି ହୃଦ ଦହେ ପ୍ରୀତି ।
ସ୍ୱେଦଜାତ ତନୁ କମ୍ପିଲା ସୁତନୁ ଆଚରିଲା ଭୂତାବେଶୀ ରୀତି ।
ଏ ଦଶାକୁ ଦେଖି । ଦୁଖରେ ମଜ୍ଜିଲେ ପ୍ରିୟସଖୀ ।
ବୋଇଲେ ଦୂତିକ ତୋ ଯୋଗୁଁ ଏତିକ ଲାଭ ପାଇଲା ଆଜନ୍ମସୁଖୀ । ୨୮ ।
ସେ ବୋଲେ ସାଧିକା ପ୍ରେମଆରାଧିକା ମୋ ବଚନ ମନେ ଥିଲେ ଯେନ୍ତ ।
କେଡ଼େ ବଇଭବ ହୁଅନ୍ତାନ ଭବ— ପର ସ୍ମର କି କରନ୍ତା ମ୍ଳାନ ।
ଆଗୋ ସଖୀବ୍ରଜ । ଅଙ୍ଗୀକାର ଲେଖ ଲେଖୁଁ ଆଜ ।
ମଦନ କଦନ କରିବ ଛେଦନ ଭେଟାଇ ଦେବ ରସିକରାଜ । ୨୯ ।
ମନ୍ତ୍ର ଉପଦେଶ ପରିହେ ସନ୍ଦେଶ ମଣି ଗୁଣୀମଣି ଗୁଣି ଗୁଣି ।
ପ୍ରଣୟ ସିନ୍ଧିକି ଲଜ୍ଜା-ଜଳଧିକି ବଳେ ବଳେ ବଳାଇଲା ପୁଣି ।
ମର୍ଯ୍ୟାଦାକୁ ରଖି । ସ୍ମିତେ ଗୃହୁଁ ମନ ଜାଣି ସଖୀ ।
ବୋଇଲେ ଦୂତିକ ତେଣୁ ଏ ରୀତିକ କରାଅ ବୋଧିବା ଚନ୍ଦ୍ରମୁଖୀ । ୩୦ ।
ଭଲି ଏ ବିଧିକ କୃଷ୍ଣ ସନ୍ନିଧିକ ଅତି ବେଗବେଗି ଚଳିଗଲା ।
ବୋଲଇ ସାମନ୍ତ— ସିଂହାର ସାମନ୍ତ ପୁଣ୍ୟ ଆଜ ମୋର ଧନ୍ୟ ହେଲା ।
ଆହେ ଧୀରଜନେ । ଯେନବାର ହେଉ ସାବଧାନେ ।
ପ୍ରସଙ୍ଗ ଶ୍ରୁତିକ ଦେବ ମୁକତିକ ଆର ଗ୍ରନ୍ଥକୁ ରସିଲେ ମନେ । ୩୧ ।

---

୨୬—୧ ଚାରିଧି-ଠ; ୨୮—୨ ଭୂତାବେଶ-କ; ଖ, ଜ, ଝ, ଠ; ୨୯—୩ ସଖୀବ୍ରଜ ଜ, ଝ, ଠ; ୩୦—୧ ଗୁଣମଣି ଗୁଣିଗୁଣି-ଗ, ଝ, ଠ; ଗୁଣମଣି ଗୁଣଗୁଣି ଚ;

## ତ୍ରିପଞ୍ଚାଶ ଛାନ୍ଦ ।

### ଉଦ୍ଧବ ଚଉତିଶା ବାଣୀ । ନୟମଅନ୍ତର୍ହିତଶୃଙ୍ଖଳା ।

ରାଗ ବଙ୍ଗଳାଶ୍ରୀ ।

ଧୀରେ ଧୀରେ କର ଶ୍ରବଣ ଶ୍ରବଣରଞ୍ଜନ ବଚନରସ
ଧର-ଧର କୁଞ୍ଜେ ବଜେ ଦନେ ଛନ୍ଦେ ମଦନେ ହୋଇ ଅବଶ ।
ମିତର । ଉର ଅପସର କର
ବାର ଝରଝର ଝରଇ ନନ୍ଦନୁଁ ସୁତନୁଭବ ସୁମର । ୧ ।
ମଧୁର ମଧୁର ବଚ ବଞ୍ଚନା ଯେ ରଚନା ଶୋଚନା ମୁଞ୍ଚ
ଅଧୀର ଧୀର ହେବାର ବାର ବାରଜାକ୍ଷୀ ପାଇଁ ପାଞ୍ଚ ପାଞ୍ଚ ।
ମିତ ହେ । ଶିବ ଶିବ ହେବେ ଭଜ ।
ନଶ୍ୱନା ବନା ବନାଶନ ନାଶନ ସନମତ ମତ ତେଜ । ୨ ।
ଦୁର୍ଘଟ-ଘଟନା-ସଂଘଟ-ଘଟକ ଘଟ ଥିଲେ ହେବ ବିଧି ।
ବର ବରମାର ନରତର ତର ରତ ହେବ ଯିବା ବିଧି ।
ମିତ ହେ । ଶ୍ରୁତି ଶ୍ରୁତରେ ଘଡ଼ନ୍ତୁ ।
ବନ୍ଧୁ କର କରଗତ ଗତ ଦେବ ଦେବବର ବରଅନ୍ତୁ । ୩ ।
ହୃଦର ଦର ଦରଶନ ସନକମୋହି ହେଲେ ହେବ ଦୂର ।
ମିତରେ ମିତରେ ଭସନ୍ତ ଭସନ୍ତ ରସରେ ସରେ ସଂସର ।
ମିତ ହେ । ସୁଧାର ଧାର ବଚନ
ବାରଣ ରଣରଣ ରଣ ବାଣକୁ କର ରଖିଲା ଜୀବନ । ୪ ।
ରସିକ ଶିବମୋହିତ ମୋ ହିତରେ ବହି ବହିବ କି ସତେ ।
ଜୀବନ ବନଜମୁହାଁକି ମୁହାଁକି ବୋଲିବ ନୋହୁଛୁ ପ୍ରତେ ।
ମିଛ ହେ । ସୁକୃତ କୃତ ମୋ କେତେ ।
ଦାସ ତ ସତ ହେବାର ବାରପତ ପତତ ହେବ କେମନ୍ତେ । ୫ ।

---

୨—୨ ହେବାର ବାରଜାକ୍ଷୀ ପାଇବାର ପାଞ୍ଚ ପାଞ୍ଚ-ଝ; ବାରଜାକ୍ଷୀ-ଠ; ବାର ବାଟ-
ପାଇଁ ଏହୁପାଞ୍ଚ ପାଞ୍ଚ କ, ଖ; ୨—ଏବେ ଭଜ ଗ, ଘ, ଚ, ଝ, ଠ; ୩—୧ ସଂଘଟ ଘଟନା-କ, ଖ,
ଝ ଠ; ୩—୨ ତରତର ହେବ ଯିବାବିଧି-ଖ, ନରନ୍ତର ତରତର-କ, ଘ; ନରନ୍ତର ତରତର
ହେତା ଯିବାବିଧି-ଠ, ୩—ଶ୍ରୁତି ଶ୍ରୁତି-ଝ, ଠ; ୫—୧ ମୋହିତରେ ହୃତରେ-ଘ, ଝ, ଠ;

ଯେବେ ପଦ୍ମାକ୍ଷ ବିକଚ କି ଜୀବ ଜୀବନଜାକ୍ଷୀକି ପାଇ ।
ଯମୁ ଦରପଣ ପଣ ପଣପଣ ବ୍ରତଫଳରୁ ମିଳଇ ।
ମିତ ହେ । ଶ୍ରୀପଦ୍ମ ଶ୍ରୀପଦଦାୟିନୀ ।
ସ୍ୱାର୍ଥ ଲୋକର କର କର କରକନ୍ଦନ୍ତ ସେବା ମାଗିବଇଁ । ୬ ।
ଉର ବରତୁଳା ତୁଳାଅଙ୍ଗୀ ଅଙ୍ଗୀକାର ଉରଜ ରଞ୍ଜନ ।
ବିଚିତ୍ର ଚିତ୍ରକର କର ସୁକୃତକୃତ ବିଧି ଅଲେଖନ ।
ମିତ ହେ । ସୁମନେ ସୁମନେ କର ।
ସୁବେଣୀ ସୁବେଣୀ ନିର୍ବନ୍ଧ ବନ୍ଧନ ଧନଦପଦ କି ସର । ୭ ।
ଅବଳା ବଳା ବଳାଇ ଖଞ୍ଜିବାର ବାରପତ୍ତି ସିଦ୍ଧି ବଳେ ।
ବାସ ବାସବପଦ ପଦତଳରେ ତଳ କରି ଦେଇ ଛଳେ ।
ମିତ ହେ । ତାମ୍ବୂଳ ତାମ୍ବୂଳ ସେବା ।
ବସନ ସଜମାନ ମାନବର ତ ବରତଫଳ ଗଣିବା । ୮ ।
ଯୋଗଭଙ୍ଗୀ ଭଙ୍ଗିମାନ ମାନବତୀ ବଢ଼ଣ ଦ୍ୱିଗୁଣ ଭାବ ।
କଙ୍କଣୀ କଣି କଣିବ କି ବଙ୍କାରପର-ପରମାଦ ଯିବ ।
ମିତ ହେ । କର କରଜ ଗ୍ଲାନିବ ।
ଯା ଯା ଅପରାଧୀ ରାଧିକା ଧିକ୍କାର କାରଣ ଶୁଣିଲେ ହେବ । ୯ ।
କେଳି କରୁ କରୁ କରୁଣାନିଧିରେ ଧୀରେ ଏତେ କହିଦେବ ।
ବବସନ ସନମତ ମଧୁକାଶିନୀର ନରତ ଦେଖିବ ।
ମିତ ହେ । ମନ୍ଦ ମନ୍ଦ ହାସ କର ।
ଭଷିବ, ଶିବର ବର ବରଦର ଦରଶନ କରିପାର । ୧୦ ।
ଭବ ଭବନ ବଜଜବଦନୀର ନିରତେ କହ ଏଧର ।
ବାତୁଳ ତୁଳ ହେବାରେ ବାରେ ସଖୀ ଶଙ୍କାରକ ବୋଧକର ।
ମିତ ହେ । କାମ କାମନା ପୂରିବ ।
ଆହିବ ଶିବ ହେଲ ଦୂତୀ ଭାବିବ ଶିବପର ହଟିଯିବ । ୧୧ ।
ସୁରନାଗରୀ ଗରିମାମାନ ସତ ମାନସ ତ ଟଳିଯିବ ।
ନାଗରମଣିକି ନାଗରମଣୀ କି ମଣି ଦେଇ ନ ପୂଜିବ ।
ମିତ ହେ । ସୁନ୍ଦର ଦରଶନରେ ।
ମାନକୀ କି ବିକ ମାନ ମାନସର ସରଜବେ ପ୍ରୀତି ଖରେ । ୧୨ ।

---

୬—୧ ବିକଯିବ ଜୀବ-ଗ, ଙ, ଠ; ୬—୨ ପଣ ପଣ ବଉଦଉ ଫଳରୁ ମିଳଇ-କ, ଖ; ପଣପଣ ବ୍ରତଫଳରୁ ମିଳଇ-ଙ, ଠ; ୭—୪ ନିବଡ଼ବନ୍ଧନ-ଙ, ଠ; ୮—୩ ତାମ୍ବୂଳ ସେବା-ଙ, ଠ; ୯—୨ କଙ୍କିଣୀ କଣିକଣି କଣିବ ଭରପର ପରମାଦ ଯିବ-କ, ଖ, ଙ, ଠ, ୧୦—୨ ନିରତେ-କ, ଖ, ଗ, ଜ. ଙ, ଠ, ୧୦—୪ କ, ଅପ ୧୨—୨ ନ ଦେଇ ପୂଜିବ-ଙ, ଠ,

ଉମା ରମାର ମାର ମାରଣରେ ତ ଧୀ-ର ଧୀର ଦୂର ହେବ ।
ଶଚୀ ତ ଶଉର ତରସ୍ତ ଲଭିବ ଭବ ରତ ଯାଚ ଦେବ ।
ମିତ ହେ । ଭାବ ଭାବନାରେ ନା-ରେ ।
ତରୁଣୀ ରୂଣୀଭାବର ବରଧନ ଧନ ଲୋଭେ ହେବେ ଖରେ । ୧୩ ।
ଡେକାଇ ଛତ ଛତଶ କୁଳବଧୂ ବନ୍ଧୁକୁ ରସିକପଣେ
ଧ୍ରୁବ ଧ୍ରୁବଲୋକ ଲୋକ ଲୋକଜନରେ ଦକ୍ଷ ହେବେ ନାସ୍ତିଗଣେ ।
ମିତ ହେ । ଦର୍ପ ଦର୍ପକର କେତେ ।
ଦରଶନ ସନକାଦି ଜନ ଜନକାଦି ଭୁଲିବେ ଯୁଗତେ । ୧୪ ।
ଏ ବିଧିରେ ଧୀରେନ୍ଦ୍ରଙ୍କୁ ସଖା ବୋଧି ବୋଧିଦ୍ରୁମ ତଳେ ବସି ।
ପ୍ରେମଆରାଧିକା ରାଧିକା ଉଦନ୍ତ ଦେଇ କଲା ଦୂତୀ ଆସି ।
ବୋଇଲା । ହେ ବିଧୁ ବିଧୁର ତେଜ
ଦଶ ଦସନ୍ତପଲ୍ଲବାଧରୀ ଧର ନୀଶ ସୁଧା କଲ ଆଜ । ୧୫ ।
ଅଲେଖ ଲେଖପଦ ପଦତଳରେ ଲେଖ ଲେଖ ପ୍ରାପ୍ତି ହେବ ।
କିରତ ରତପତର ତରସ୍କୃତ ପତାକାକୁ ଉଡ଼ାଇବ ।
ଗୋବିନ୍ଦ । ହରଷ ରସ ଶୁଣିଲେ ।
ବାହାର ହାର କରି କରିଗମନା ମନାଇଲା ଜନେ ଦେଲେ । ୧୬ ।
ପାଇ ପରସାଦ ସାଦର ସଖୀରୀ ଗୃହବର୍ଗବାମୀଙ୍କର ।
ଭର୍ଗିର ଗିରି ପରଗୃହଗୃହକ ହୋଇ କଲା ଚଉହର ।
ନାଗର । କଳ୍ପ କଳ୍ପଲତା ଶୁଣି ।
କରତ ରତରତନକୁ ନଦାନ ଦାନ ଦେବ ହେବ ଋଣୀ । ୧୭ ।
ସେବା ସେ ବାରଜାନମାକ ନକ ତ କତବତାହାନେ କରି ।
ମୁକତ କତକ ଯିବ ଜୀବତରେ ସିନା ପ୍ରକାଶିଲେ ହରି ।
ଦୂତ ଗୋ । ସୁଅଙ୍ଗୀ ଅଙ୍ଗୀକାରରେ ।
ଜୀବନ ଦଳଜମୁହାଁକ ମୁହାଁ କ ଦକୁଥିବ ଜନ୍ମାନ୍ତରେ । ୧୮ ।
ଦୂତୀ ଉତ୍ତର ତରସ୍ତ ହରି ହର ଲେଖ ବିରଚନ କର ।
ପାଇ ସାହା ଉତ୍ତମାର ମାର ମାର ମାରଣାକୁ ତତପର !
ଏମନ୍ତ । ଶ୍ରବଣେ ଶ୍ରବଣେ ହରି ।
ଭାପା ଭ-ଶାତକୁମ୍ଭ-କୁମ୍ଭସ୍ତନୀକ ଦେବା କ ମିତେ ପଶ୍ଚର । ୧୯ ।

---

୧୩—୩ ଭାବନରେ ନଚେ-ଚ, ଠ, ୧୪--୧ ଭନ୍ନୁଭା-ଚ, ଠ, ୧୭—୨ ତଉହାର-ଚ, ଠ, ୧୮—୧ ନକତା କତବତା ସ୍ଥାନ କର-ଚ, ଠ, ୧୯—୨ ଯାଇ ସାହା-ଶ, ପାଇ ଯାହା ସାହା ଉତ୍ତମାର ମାର ମାରଣାକୁ ତତପର (ଯାଇ ସାହା ନ,)-ଶ, ଚ, ଠ,

ମଧୁମଙ୍ଗଳ ମଙ୍ଗଳ ପ୍ରକାଶିତ ହିତହାସୀ ତ ସିହାଣୀ ।
ମୂଢ ମୂଢପଠନରୁ ନ ରୁଚେଷ୍ଟି ଚେଷ୍ଟୀ ଭଙ୍ଗିଦେବେ ଜାଣି ।
ମିତ ହେ । ବାଣୀ ବାଣୀସ୍ଥିତ ଯାର ।
ସଙ୍ଗୀ ସଙ୍ଗୀତବିଦଙ୍କୁ କି ବସ୍ତୁର ଗୃରକ ହେବେ ପସ୍ତୁର । ୧୦ ।
ଭବ ଭାବନା ସନ୍ନିଧିକ ଧୀ-କାନ୍ତିବନ୍ତ ଭାଷା ଲେଖି ଦେଲେ ।
ହଷ୍ଟାସ୍ୟ ସ୍ମରମୁଖ ହୃଅ ସୁମୁଖ ମୁଖରେ ଉଚ୍ଚାର ଚଳେ ।
ସେ କାଳେ । ମାଧବ ମାଧବ ଭାଷେ ।
ଶ୍ରୁତ ଶ୍ରୁତିକି କି ସୁଖ ଦେବ ଦେବଈଶ ଯେହ୍ନଲେ ଏ ଆଶ୍ଲେଷ । ୧୧ ।
ଶ୍ୱାସ ଆସି ଆସି ଅବଶେ ବଧେ କି ଏମନ୍ତ ମତ ଶ୍ରୀଧର ।
ପ୍ରବଳ ବଳ ଭାବ ଧୀରେ ପ୍ରେମର ମରଦେ ଧୈର୍ଯ୍ୟ କୁଞ୍ଜର ।
ଆଜ କେ । ପୀରତ ରତ ତେଜଦ ।
ଅଭିମନୁ ମନୁ ମନୁ ଗଲେ ନନ୍ଦନନ୍ଦନ ଭାବ ନ ଯିବ । ୧୨ ।

---

## ଚତୁଃପଞ୍ଚାଶତ୍ ଛାନ୍ଦ ।

---

## ଶ୍ରୀକିଶୋରୀଜିଉଙ୍କ ଶ୍ରୀଛାମୁକୁ ଶ୍ରୀକୃଷ୍ଣଙ୍କ ଚଷ୍ଟାଉ ।

---

ରାଗ ମଙ୍ଗଳକାମୋଦ ।

ଶୁଣ ହେ ସୁଜନେ ଗୋବିନ୍ଦ ଭବନେ କିଶୋରୀ ବସି ନିର୍ଜନେ ।
ଛନ ଛନ ମନ   ଘନ ଘନ ଶ୍ୱାସ ଆଶା ଦୂତୀ ଆଗମନେ ।
ନେନ୍ଦ ହୋଇଛୁ ଯେ । ପ୍ରାତଃଇଚ୍ଛିତ ରଥାଙ୍ଗୀ
ଦୂତୀକି ଦୂତୀସ୍ବା   ମଣି ଚନ୍ଦ୍ର ସ୍ନେହେ ଚତୁଚକୋରାନୁରାଗୀ । ୧ ।
ନକ୍ଷତ୍ର ଲକ୍ଷଣା ଉପମା ।
ଏମନ୍ତ ସମୟେ ସୁଭାଗ୍ୟ ଉଦୟେ ଦୂତିକା ପ୍ରବେଶ ହେଲା ।
ବଦନ ପ୍ରସନ୍ନାମୃତ ପାଇ ରାଧା ଆଶାତରୁ ପଲ୍ଲବିଲା ।

---

୧୦—୨ ଦେବଜାଣି ଠ, ୧୦—୩ ଶାଃଯାର ଝ, ଠ. ୧୦—୪ ପ୍ରସ୍ତୁର-ବ, ଖ, ପସ୍ତୁର ଗ, ଘ, ଚ, ୧୧—୧ ସନ୍ନିଧି ନଧି ଝ, ଠ, ୧୨—୧ ପ୍ରାସଗାସି-ଗ, ଝ, ପ୍ରାସେ ଗାସି ଖ, ପ୍ରାପେ ଅଟମ ଅଟଯ-ଢ, ପ୍ର ଣ ଅହି ଅସ୍ଥି-ଘ, ଠ, ୧୨—୩ ଅଟନକ-ଚ, ଝ. ଠ, ମନୁ ମନେ ଡ
୧—୧ ଗୋବିନ୍ଦ ଭଜନେ-ଝ, ଠ,

ଜୀବ ଜାଗିଲା ଯେ । ସଙ୍ଗେ ସ୍ନେହାଙ୍କୁର ଯେଣ ।
ମାତ ଲକ୍ଷଣା:—
କାର୍ଯ୍ୟସିଦ୍ଧି ହେଲା ଦୂତୀ ବୋଲି ଦେଲା ଭାଷା ମୃତ୍ୟୁସଞ୍ଜୀବନୀ । ୨ ।
ଆଶଙ୍କ୍ୟ ଲକ୍ଷଣା ।—
ଦୂତୀ ମୁଦ ଦେଲା ନାହିଁ ମୁଦ ଦେଲା ଏମନ୍ତ ପରତେ ହେଲା ।
ଲେଖରେ ଅଲେଖ ସୁଖ ସ୍ମରମୁଖ ଲେଖନ କରି କି ଦେଲା ।
ଲାଜ ଅଇଲା ଯେ । ସ୍ନେହ ମର୍ଯ୍ୟାଦାକୁ ଘେନ ।
ଭଗାଞ୍ଚଳ ମିଶା କରି ଅଞ୍ଜଳିକି ପାଏଡ଼ା ପାଡ଼ିଲା ଧନ୍ୟା । ୩ ।
କରଗତ ଆସି ହେଲା ଶଶୀ ଭଳି ନେତ୍ର ନଉଁଘୁଳି କଲା ।
ଆନନ୍ଦ କ୍ଷୀରସାଗର ବଢ଼ି ଧୀର ଧୈର୍ଯ୍ୟତଟ ନ ରଖିଲା ।
ଚିନ୍ତାତମସ ଯେ । ପଳାଇଗଲା ଉଚ୍ଛନ୍ନେ ।
ହୃଦକୁମୁଦ ପ୍ରମୋଦ ହେଲା ଦିନ-ତାପ ନ ରହିଲା ମନେ । ୪ ।
ରୂପକାଭାସ ଶ୍ଳେଷ ·—
ତରଳତର ନୟନ ତରତର ସ୍ୱେର ପରଶାତ ହୋଏ ।
ବର୍ଣ୍ଣାବଳି ସିଦ୍ଧି ନିଧି ଲଭିବାକୁ ବଶ୍ୟର ଖୋଜେ ଉପାୟେ ।
ମନ ଗୃତକ ଯେ । ମୁଦ ଘନରସେ ଲୋଭି ।
କୃତ ସୁକୃତଫଳେ ଧନ୍ୟ ହୋଇଲା କରି ମୋକ୍ଷପଦ ଲଭି । ୫ ।
ଉପମା ଆଭାସ ;—
ମାନ୍ୟସ୍ନେହରେ ଶିରେ ଉରେ ଲଗାଇ ମୁଦେ ଦେଖି ବର୍ଣ୍ଣାବଳି ।
ସଞ୍ଚ ଘଞ୍ଚ ଘନ ବିରଳ ଫିରଳ ବର୍ତ୍ତୁଳ ମୁକୁତାମାଳୀ ।
ସବୁ ଶିଖର ଯେ । ସମସ୍ତେ ସମାନ ତହିଁ ।
ଥାଉ ଥାଉ ଗୁଣ କହିଁ ବିଚକ୍ଷଣ ଟିପ ଦେବ ବଶୁ ନାହିଁ । ୬ ।
ଉରଜର ମନୋହର ମାରଦର୍ପହର ଗୁଣାବଳୀ ଭଳି ।
ଶ୍ରୀ ଶ୍ରୀ ସଦାଶିବଚରଣେ ଶରଣ ପ୍ରଥମେ ଏ ବର୍ଣ୍ଣାବଳି ।
ତହିଁ ଉତ୍ତାରୁ ଯେ । ପଞ୍ଚ ଶ୍ରୀ ରଚନା କରି ।
ଏ ଉତ୍ତାରୁ ଗୁଣନିଧି ନାମହିଁକି ଯତନେ ଛନ୍ଦ କରି । ୭ ।
ଆରେ ପ୍ରାଣବନ୍ଧୁ ଦୟାସିନ୍ଧୁ ପ୍ରେମଶୀଳା ସେବକବତ୍ସଳା ।
କାମକଳ୍ପଲତା ସ୍ନେହସୁଖଦାତା କାମାନ୍ଧ-ତୋଳାଭିତୁଲା ।
ବାନା ଉଡ଼ୁଛି ଯେ । ଧାନଜନକୃତାର୍ଥିନୀ ।
ଗୁଣ ଶୁଣିଲା ଦିନୁ ବିକ ହୋଇଛି କି ବୋଲି ଲେଖିବ ଧନି । ୮ ।

---

୨—୩ ଜୀବ ଜଣିଲା-କ, ଝ, ଠ, ୩—୫ ପ୍ରସଙ୍ଗ ଧନ୍ୟା-କ, ଖ, ପାଡିଲା-ଠ;
୪—୧ କରଗତ ହେଲା ଶଶୀ ବାଳୀ ଭଳି ଝ, ଠ,

ଅତୁଳ ତୋଳାପିତୁଳା ମୁଁ ବୋଲନ୍ତ ଦରଶନବାଧ ଅଛୁ ।
ଜନ ହେଲେ ହୀନ ଧନଠାରେ ସନମାନ ତ ନ ଥାଇ କିଛୁ ।
ଖଳଜନକ ଯେ । ତନକେ ଲୋପକୁ ଯାଏ ।
ହୃଦୟସ୍ଥ ଚନ୍ଦକ ଗ୍ରୀବମଣିହ୍ରକ ଅନ୍ତରଗ୍ରବକୁ ପାଏ । ୯ ।
ଉପମାମାନେ ଅପମାନେ ପଡ଼ିଲେ ତାହା କି କରି ଲକ୍ଷିବ ।
କାନ୍ତିକି ଗୃହିଁ କ୍ଷଣକାନ୍ତି କମ୍ପିଇ ହୋଇ ଅଲକ୍ଷ ପ୍ରାଭବି ।
ଓଷ୍ଠ ଲୋକନେ ଯେ । ବିମ୍ବ ଭସ୍ମ ବିଲେପନ
ନାସା ଘ୍ରାଣାକୁ ହାରି ଶୁକ ସାଙ୍ଗ କାନନେ କଲେ ସଦନ । ୧୦ ।
ଛନ୍ଦଣକୁ ହାରି ହରିଣ ପଳାଇ ଶଶିରେ ଶରଣ ହେଲା ।
ମୁଖ ଦେଖନ୍ତେ ସେ ପୁଣ କ୍ଷୀଣ ହୋଇ ଶିବଙ୍କୁ ଆଶ୍ରୟ କଲା ।
କୁଚ ବଢ଼ାଇ ଯେ । ଶୁଣନ୍ତେ ହର ପଥର ।
ସର ନୋହିକର ଗଉରୀ ଲୁଚିଲେ କାନ୍ତଅଙ୍ଗେ ତତପର । ୧୧ ।
ହର ଡମ୍ବରୁ କଟି ସର ହେବାକୁ ଶିବା ଶିବ ସେବଥିଲେ ।
ପ୍ରଭୁ ମନ ମ୍ଳାନ ଦେଖି ପଞ୍ଚାନନ ମର୍ତ୍ତ୍ୟ ଗୁଡ଼ ପଳାଇଲେ
ଡ଼ର ଡ଼ମ୍ବରୁ ଯେ । ଡ଼ାକ କହୁଛି ଜଗତେ ।
ଲାବ ସିନା ଦୋଷୀ ବନା ଅପରାଧେ ଦୋଷ ଲଗାଉଛି ମୋତେ । ୧୨ ।
ଗତିକି ଗୃହିଁ ଦନ୍ତିଏ ଦିଗନ୍ତରେ ପଳାଇ ଯାଇ ପଶିଲେ ।
ସ୍ପର ହେବାକୁ ଆଶ କରି ମରାଳ ବିହି ଅନୁଗତ ହେଲେ ।
କେଶ ବଳେକ ଯେ । ଘନ ବର୍ଣ୍ଣି ନାନାପର
ବାଣୀ ସ୍ନେହେ ବାଣୀ ବୀଣାକୁ ବହିଲେ ଅତ୍ୟନ୍ତ ଆଦର କରି । ୧୩ ।
ଦନ୍ତଦୋଗି ଦେଖି ହୀରା ଶାଣେ ବହି ତନୁ କ୍ଷୀଣ କରାଇଲା ।
ଦର ଦରେ କରେ ଗୁହାରି ଅମ୍ବରେ କେ ବା ଗ୍ରୀବା ଲକ୍ଷ କଲା ।
ଧନୁ ବହୁଛି ଯେ । ଭ୍ରୂଲତା ସ୍ନେହରେ ମାର ।
ଶ୍ରୁତି ଗୁଣ ଗୁଣି ଶ୍ରୁତି ଗୁଣାଗୁଣି କରୁଅଛି କୁଶଧର । ୧୪ ।
ନୟନ ଆନନ ହଂସ ବାସ ପଦ ଯାନ୍ଧୀ ପାଣି ପ୍ରୀତିବଶେ ।
କମଳ କଳିତ କରି ଦେଖୁଛନ୍ତି ବିଷ୍ଣୁ ଭାନୁ ଅହର୍ନିଶେ ।
ହିନ୍ଦୁସମ୍ଭବା ଯେ । ନିବାସ କଲେ ଆଦରେ ।
ମାନ ମ୍ଳାନ ପାଇ ସ୍ଥାନାସ୍ଥାନ ହେଲେ ସବୁ ଉପମା ଏପରି । ୧୫ ।

---

୯—୧ ତାଧା-ଟ, ଠ; ୧୦—୪ ବଦନେ କଲେ ବଦନ—ଠ. ୧୨—୨ ମାନଦେଖି -ଟ, ଠ, ୧୨—୪ ଲଗାଉଛ-ଟ, ଠ, ଲଗାଉଛ-ଜ, ଝ; ୧୪—୪ ଗୁଣଗୁଣି ଠ, ୧୫—୧ ପାଦ ପନୀପାଣି-ଚ, ଜ; ପାଦଗତି-ଚ; 'ପାଦପ୍ରଭ-ଘ; ହୃଦପାଦପାର୍ଣ୍ଣି-କ ଖ; ତାସ ଗାସ ପାଦ-ଟ, ଠ; ୧୫—୪ ତରେ ଅଦର ଟ, ଠ; ୧୫—୫ ମାନ ମାନପାଇ ଟ, ଠ; ସ୍ଥାନ ସ୍ଥାନ-କ, ଘ, ଟ, ଠ;

ସମସ୍ତେ ଆନନ୍ଦଦାୟିନୀ ବୋଲନ୍ତି ପ୍ରଶଂସି ତାହାଁରେ ହେଲା ।
ସୀତା ପାର୍ବତୀ ରେବତୀ ବୋଲିବାକୁ ସତ ଲେଶେ ନ ବଳିଲା ।
ରତି ତୁଳନା ଯେ । ରତି ବୋଲି ତ ନ ପାରି ।
କହିଁ ବାଇ ଶଚୀ ବୋଲିବ ହେଲେହେଁ ବହୁକେଶବଗାକାସ୍ତି । ୧୬ ।
ରମ୍ଭା ଉରୁବଶୀ ବାରେ କେ ଗଣିମ ରମ୍ଭାଉରୁ ବସିବାରେ ।
ବଚନ ଅନୁଗତ ବାଣୀ ଆଣିକ ଆଣି ଗଣିବା ଲକ୍ଷରେ ।
ନଧ୍ୟ ହିଙ୍ଗିକ ଯେ । ଲକ୍ଷିବାର ବହୁ ନୋହେ ।
ବିଶ୍ୱବଇଭବା ଲକ୍ଷ କି ବୋଲିବା ତୁଚ୍ଛ କଥା ଶୋଭା ନୋହେ । ୧୭ ।
ସୁନାସୀର ନୀଳଲୋହିତ ନୟନ ବିଧି ବିଧାନରେ ଅଛୁ ।
ରେବତୀକାନ୍ତ ବଦନେ ହାସେ ଦଶେ ବାଣୀ ବଚନେ ବସିଛୁ ।
ଶିଖି ଗଉରି ଯେ । ଆବୋରିଛନ୍ତି ସର୍ବାଙ୍ଗ ।
ଅରୁଣ ଶରଣ ଚରଣତଳରେ ସୁଗନ୍ଧ ଗନ୍ଧରେ ସଙ୍ଗ । ୧୮ ।
ହଂସ ଧ୍ୱଂସ ଉଚ୍ଚ କୁଚ ମେରୁଶିର ସର୍ବ ସୁମନସ-ବାସ ।
ଅଧରେ ମନ୍ଦାର ଗୁରୁ କବିବର ପ୍ରତ୍ୟକ୍ଷେ ତ ପରକାଶ
ବୋଧ ବୁଦ୍ଧିରେ ଯେ । ବୁଧ ଅଛୁ ମନେ କର ।
କୃପା ହେଲେ ତୋର ସୁରପୁରସାର ସୁଖ ମୁଁ କରିବ ଜୁର । ୧୯ ।
ଯହିଁ ଶରଣ ଦୀନପଣ କୃପଣପଣ ତ କାହିଁକି ଥିବ ।
ଶ୍ରୁତରେ ପ୍ରମାଣ କର୍ଣ୍ଣନାମ ଜାଣ ସୁବଳୀ ଜିବଲି ସ୍ତବ ।
ହରଚନ୍ଦନ ଯେ । ସଦା ହୃଦେ ବିରାଜଇ ।
ପ୍ରତ୍ୟକ୍ଷରେ ତୁ ତ ଚିନ୍ତାମଣି ଶିବ ନାମରେ ବାନା ଉଡ଼ାଇ । ୨୦ ।
ଏପରି ବିଗ୍ରହ ଯେତେ ମୁଁ ବୋଇଲି ବଳିବ ଗୁଣ ଅପାର
କହି ନୋହିଲେ କି ହେବ ତୁ ତ ମୋର ସବୁ ସିନା ସମାଦର ।
ଲାଭ ଲଭିବ ଯେ । ହସିଲେ ଉଷା ବିଗ୍ରହ ।
ପ୍ରଭୁ ଦାସ ଦୋଷ ବଞ୍ଚାନ୍ତି ନାହିଁ କି ଅଭୟ ଏ ଘେନ କହ । ୨୧ ।
ବିକ ହେଲା ଦାସ କି ନଶ ବର୍ଣ୍ଣିବ ଶେଷରେ ନୋହିବ ଶେଷ ।
କାହିଁକି ତପ କରଥିଲି ଧନ୍ୟ ସେ ପୁଣ୍ୟ ହେଲା ପରକାଶ ।
ମାନ ଏତେକ ଯେ । ଭାଗ୍ୟ ଦଶିଗଲା କେହି ।
ତବ ଶ୍ରୀମୁଖକୁ କଣାଣ ଦେବାକୁ ଯୋଗ୍ୟ ହେଲା ଯାହା ମୁହିଁ । ୨୨ ।
ନାମ ଶ୍ରବଣ କଲା ଦିନୁ ମନ ତ ବଳେ ହୋଇଥିଲା ବିକ ।

୧୬-୧ ତାହାଁରେ ପ୍ରଶଂସି-ଚ ମ; ୧୭-୪ ଲକ୍ଷିବାରେ ଚ, ପ; ୧୮-୧ ନୀଳଲୋହିତନୟନା-ଚ, ଠ; ୧୯-୨ କରିବାର-ଚ, ଠ; ତା ଠ; ୨୩-୧ ହୋଇଥିଲି ଖ, ଚ, ଠ; ଏ ପାଠ ମଧ୍ୟ ହୋଇପାରେ ।

ସ୍ୱପ୍ନ ସମ୍ପ୍ରାପ୍ତ ତନୁ ଦେହ ପ୍ରାଣ ଦେଇଛୁ ଗୁଣନିଧିଙ୍କ ।
ଏବେ ଏଣିକ ଯେ । ମାଇ-ବାଧ-ଡ଼ର ନାହିଁ ।
ସାଧାଦାସ ନାଶ ହେଲା ଲୋକେ ବୋଲିବେ ତ ସବୁ ସିଦ୍ଧି ସେହି । ୧୩ ।
ଅନୁଗତ ହେଲେ ମହତ ଯେମନ୍ତ ଯେବନ୍ତ ତାହା ବିସ୍ତର ।
କ୍ଷୀଣ ଶଶୀ ହରେ ବଧୂ ଶିବ ଶିରେ ଅଛନ୍ତି ପାଇ ଆଦର ।
ଗୁଣ ନ ଥିଲେ ଯେ । ଅହି ଭସ୍ମେ ଶିବ ପ୍ରୀତ ।
ସ୍ୱେପର ଗରମା ସ୍ୱାର୍ଥ ମନୋରମା ହେବ ଯେଜନ୍ତେ ଭଗତ । ୧୪ ।
ଦେଖିଲେ ପାଠକେ ତାର୍ଥ ଭାବଇ କି ଏ କଥା ହେଉ ବିବେକ ।
ଜ୍ଞାନଠାରେ ହିନା ଦମ୍ଭୀଙ୍କୁ ବିଧାନ କରନ୍ତି ବିବେକ ଲୋକ ।
ଦନ୍ୟ ଫଳଇ ଯେ । ଅବଶ୍ୟ କଳପଲତା ।
ଭୃଙ୍ଗ ଭ୍ରମର ଅନୁଗତ ସକାଶେ ପଦ୍ମିନୀ ଲଭେ ସବିତା । ୧୫ ।
ଭକ୍ତବତ୍ସଳ ବିଷ୍ଣୁଙ୍କ ଘନରସ ପୂରି ହୃଦ ଉଚ୍ଛୁଳଇ ।
କାନ୍ତପାଶେ ଅଭିସାର କରେ ଅଙ୍ଗ ତରଙ୍ଗେ କୂଳ ବୁଡ଼ାଇ ।
ଶ୍ରୁତିପଦଙ୍କ ଯେ । କରିବାକୁଁ ବିତରଣ
ତାପ ବିନାଶିନୀ ଯେଣୁ ବିସ୍ତରିଲି ବିଷ୍ଣୁପଦୀ ରୁ ପ୍ରମାଣ । ୧୬ ।
କାମ କପିଳ କୋପାନଳେ ଜଳୁଛୁ ସଗରକୁମର ପରି ।
ଦୂତୀ ଭଗୀରଥ ହେଲା ଗଙ୍ଗାପରି ଯଶ ରଖି ପ୍ରାଣେଶ୍ୱରୀ ।
କି ମୁଁ ଲେଖିବି ଯେ । ତୁ ତ ସୁଜାଣ ପଣ୍ଡିତା ।
ପର ଉପକାର ଠାରୁ ଧର୍ମ ନାହିଁ, କହଇ ବେଦସଂହିତା । ୧୭ ।
ଦିଶେ ଦଶେ ଦିଶେ ତବ ଚନ୍ଦ୍ରାନନ ଅଚ୍ଛିଦ୍ର ପରସ୍ପେ ମୋତେ ।
ହୃଦ ଦହଇ ରତିକାନ୍ତ କାନ୍ତକୁ ଗୁହିଁଦେଲେ ଯଉଁମତେ ।
ମନ ହୋଇଛି ଯେ । ଅନଳେ ପତଙ୍ଗ ବତ ।
ଶୁଦ୍ଧି ହେବ ନାହିଁ ଶରୀର ଭିତରେ ଥିବାଯାଏ ଏ ଜୀବତ । ୧୮ ।
ରସନା ଚାଖିଛୁ ଓଷ୍ଠସୁଧା ନେତ୍ର ପିଇଛୁ ସୁଷମାମୃତ ।
ମୂର୍ଚ୍ଛା ଗଲା ତୁଣ୍ଡ ଲୋଭ ନ ଛାଡ଼ିଲା ଦେଖ ସହୁ ଅଦ୍ୟାପି ତ ।
ପ୍ରୀତି ପାଇଁ କି ଯେ । ଯାହା ଇଚ୍ଛା ତାହା ହଉ ।
ଘଟେ କୁଳିଶ ଥିଲେହେଁ କି ଘୃତକ ଆଶା ତେଜି ଯାରେ ଥାଉ । ୧୯ ।

---

୧୩—୪ ମାଇ ବ୍ୟାଧ-ଗ; ମାର ବନ୍ଧ, ଝ; ମାର ବଧୂ, ଠ; ୧୩—୫ ସ୍ପଷ୍ଟହେଲେ ସବୁ ଠ,ଗ,ଘ,ଅପ ୧୪—୧ତାହିବଗ୍ରଇ-ଝ, ଠ; ୧୪—୫ହେବା ଯେନଲେ ଭକତ;ଠ;ବନତ,ଡ ଗ; ୧୫—୨ ଦମ୍ଭୀଙ୍କୁ ବଧ ନ·ଝ ଠ; ୧୫—୩ ଦୈବେନ୍ୟ ବ,ଝଠ; ଦୈନ୍ୟ ଗ; ୧୭—୨ ତରଙ୍ଗ ଠ; ୧୭—୩ ମୁଁ କି-ଘ, ଚ, ଠ, କେସେ ଲେଖିବ ଯେ-ଜ; ୧୮—୫ ମୋ,ଗବତ-ଝ; ଠ,

ସ୍ମିତସୁଧା ଦେଇ କଟାକ୍ଷ-ବଡ଼ଶ ମନ-ମୀନରେ ଲଗାଇ ।
ଦାମର ମାଉ ଧୀବର ପ୍ରେମସୂତ୍ରବଳେ କଳେ ଆକର୍ଷଇ ।
ପ୍ରାଣ ରହୁଛୁ ଯେ । କୃପାମୃତ ଯୋଗୁଁ ହିନା ।
କୁଚ କଳସୀରେ ପଶିବା ଲୋଭରେ ବାଧୁନାହିଁ ଏ ବେଦନା । ୩୦ ।
ହୃଦ ଆଳବାଳେ ଅନୁରାଗ ବୀଜ ରୂପେତ କର ବାଢ଼ବ ।
ଧୂର ଦବାକର ତାପେ ସରାଉଛୁ କଦଳୀବେଳେ କି ଖାବ ।
ଅଙ୍ଗୀକୃତକୁ ଯେ । ଘନରସଦାନେ କର । ୩୧
କେତେ କଉତୁକ ଫଳ ଉପୁଜିବ ଜାଣିମୁ କି ସ୍ୱାଦୁ ତାର ।
ହାସସୁଧା ସିଞ୍ଚି ସଞ୍ଚିତ କରନ୍ତୁ ଚମତ୍କାରି ଯାହାକୁ ।
ଘର ପରାଭବ ଦେଲେ ଅସୁନ୍ଦର ବଗୁର ହେବ କାହାକୁ ।
ନିନ୍ଦା କରିବେ ଯେ । ହସି ରସିକଣୀମାନେ ।
ପ୍ରବୀଣା ଊଣା ଭାଷିବ ସିନା ଘେନାଯାଉ ଦିବ୍ୟ ଅବଧାନେ । ୩୨ ।
ସ୍ନେହସୁଧାଗୋଳା କଳାପଦ୍ମମାଳା ପାଞ୍ଚି ବନ୍ଧୁ ସଞ୍ଚିଥିଲୁ ।
ବିଲୋକନବେଳେ କି ବରଣ ଛଳେ ମୋ ହୃଦେ ଲମ୍ବାଇଦେଲୁ ।
ଶୁଭେ ଦେଖିଲି ଯେ । ଆହୁର ତହିଁରେ ମୁହିଁ ।
ମୁଖକଞ୍ଜେ ନେତ୍ର ଖେଳାଳୀ ଖଞ୍ଜନ ଲେଉଟି ବସିଲେ କେହି । ୩୩ ।
ବାଞ୍ଛାନିଧି ଲଭ ସିଦ୍ଧି ପରାପତ ହେବ ବୋଲି ପ୍ରତେ କଲି ।
କୁଚ ଛତ୍ର ଜାନୁ ସିଂହାସନ କେଶ ଚାମର ବିଧି ଦେଖିଲି ।
ଖଲି ଜଣିଲି ଯେ । ଭୋଗ ହେବ ଅଙ୍ଗଦେଶ ।
ଶ୍ରୈଳ କୁନ୍ତଳ କେତନ କାଞ୍ଚୀ ମାଳଦରେ ଲୋଭ ପରକାଶ । ୩୪ ।
ଉରଜେ କରଗତ ହେଲେ ପୂରବ ତନୁଦାନ ଲୋଭ ଆଶା ।
କମଳାକ୍ଷୀ କୃପା ହେଲେ ସବୁ ହେବ ଯିବ ଏ ଦୀନଦୁର୍ଦ୍ଦଶା ।
ବାନା ଉଡ଼ିବ ଯେ । ଧ୍ରୁ ବଲୋକ ଚରଯନ୍ତ୍ରେ ।
ଦାସ ଯଶକାଙ୍କ୍ଷୀ ହରିନାମ ସାର୍ଥ କରିବୁ ଯେବେ ଜଗତେ । ୩୫ ।
ଦୟା ଧର୍ମ ଧନ ଦେଇ ପରଜନ ଏ ଦୀନକୁ କର ବନ୍ଧୁ ।
ବଳାଇ ବଳାଇ ଆହ୍ୱାବ କହୁଛି ନାମ ଶୁଣି କୃପାସିନ୍ଧୁ ।
ବୋଲ ଏତକ ଯେ । 'ମୋର' ହୃଦେ କର ମାର
ମାରଣା ମାର କର ବୀରକେଶରୁ ଏହିକ୍ଷଣି ଯିବ ଫେର । ୩୬ ।

---

୩୦—୧ ଭେଷୀ-ଝ, ଖ, ଚ, ଠ, ୩୧—୧ ଦ୍ୱେପିଠ ଖ; ଜ, ଠ, ୩୨—୨ ମରାଉଛି-ଠ, ହରା-ଉଛି-ଚ; ୩୨—୪ ଦାନକରି-ଛ, ଝ, ବ୍ୟତୀତ ସମସ୍ତ ପୋଥିରେ ୩୨—୧ କରୁନ୍ତୁ-ଠ, ୩୨—୨ ବରୁଣ ଠ, ୩୩—୪ କଞ୍ଜ-ଜ, ଘ, ୩୪—୧ ବାଞ୍ଛାନିଧି ନାମ-ଚ, ଠ; ୩୪—୧ ଉରଜ-ଚ, ଠ, ୩୫—୪ ଦାସଭଣକାଙ୍କ୍ଷୀ ଘ, ଚ, ଠ; ୩୬—୧ ପରଜନେ ଚ, ଠ, କରୁ-ଚ. କର-ଠ, ୩୬—୪ ଜବିଫେରି-ଖ; ଜ. ମାରଣା-ଠ, ବୀରକେଶରୀ-ଚ, ଚ, ଠ,

ମୃଗଶାବକାକ୍ଷୀ ଯାବକଲେଖନ-ଆଶାମାନ ଅଛୁ ରଖି ।
କେବେ ପ୍ରଭୁପଣ କରିବୁ ମୋଠାରେ ଦେଖାଯିବ ଚନ୍ଦ୍ରମୁଖି ।
ଇଚ୍ଛା କରୁଛୁ ଯେ । ଗୁଇ-ଅନୁସରଣକୁ ।
ଖଗପତିସ୍ଥିତ ବହ୍ନି ଗୃହ୍ନିଥିବ ଯୋ ଅଙ୍ଗୀ ବିତରଣକୁ । ୩୭ ।
ବେଶଶେଷ-ମୁଖଦେଖା ଦରପଣ-ପଣ ମାଗିବାକୁ ମନ ।
ଫୁଲଗୁଚ୍ଛାମାଳୀ ବେଣୀକଳି-ଆଳୀଗଣସଙ୍ଗେ ଗଣ ଧନ ।
ଶାଢ଼ୀ ସେବାକୁ ଯେ । ଲୋଭ କରେ ଅପଘନ ।
ଜାନୁସିଂହାସନେ ହୃଦମ୍ବୁଶମ୍ବୁନ ଏ ତ ବନ୍ଧୁ କୋଠଧନ । ୩୮ ।
ପାଣିପଦ୍ମେ ପୂଜ କୁଚସ୍ୱୟମ୍ଭୁକୁ ମନାଇବ ଏ ସ୍ତୁତରେ ।
ଦର୍ପକର ଦର୍ପହର ଚନ୍ଦ୍ରଗିର ବରଦ କାମିତୋଷରେ ।
ହେବ ନାହିଁ କି ଯେ । ହରିତବାସବିଳାସୀ ।
ଶ୍ରୀକର ଭବନା ତେଜି ବସିଅଛି ଗଉରି କୋଳରେ ପଶି । ୩୯ ।
ହୃଦସ୍ଥିତ ସେ ହେବ ପାଇଁ ଗନ୍ଧଶ୍ରୀପଦ ଧରି ମନାଇବ ।
ମାର କି କରିବ କଙ୍କଣୀକଣିରେ ସେହିକାଳେ କଣାଇବ ।
ତ.ର ମୋହୋର ଯେ । ମିଷ୍ଟତା ହେବ ପ୍ରକାଶ ।
ରତି ଆଶ କଲି ଦୋଷ କି ଯେନବେ ଅଭେଦ ହେବ ମାନସ । ୪୦ ।
ତୁ ତ ସୁରତରୁ ସୁର ତରୁଁ ସୁର-ତରୁଣୀମଉଳିଭୂଷା ।
ଏହି ଯେନ ରସଦାନ ପୂର୍ଣ୍ଣିହେବ ମୋହୋର ସବୁ ଏ ଆଶା ।
ଅବ୍ଜ-ମୁଖକୁ ଯେ । ନେଯାଇ ମନ ଚକୋର ।
ଆଶ ରହିବ କି ଦରପଣ ଅଙ୍ଗୀକାର କଲେ ସମାଦର । ୪୧ ।
ହର ଗରଳ ପାନ କଲେ ଶୁଣିଛୁ ପରଉପକାର କରି ।
କି ଯତନ କରି ପ୍ରେମକୃପେ କରିଥିଲୁ ଯାଉଅଛୁ ସରି ।
ଥରେ କହିଲି ଯେ । ପଛେ ନ ବାଛୁବୁ ଦୋଷ ।
ଅମ୍ବୁଗଚ୍ଛନ୍ନ ପୟୋଧର ବରଷା କରୁନାହିଁ ଘନରସ । ୪୨ ।
ମହାଭୂତଜ୍ଞାନୀ ବୋଲି ପଗ୍ରୁଛୁ କେବେ ହୋଇବ ମିଥୁନ ।
ମନ୍ଦାର-ଅଧର-ଚଳନ ସୂଚକ ଯୋଗ ହୋଇଛୁ ଲୋକନ ।
ଆଶା ଟେକୁଛୁ ଯେ । ଶୁକ୍ଳହଂସ ପରି ହୋଇ ।
ଭାଷା ପଦକେ ସୁନ୍ଦରୀ ପୁରନ୍ଦରୀ ବଢ଼ାଇ ହୋଇବ ସ୍ଥାୟୀ । ୪୩ ।

---

୩୯ — ୪, ବସିଅଛି, ଛ, ଝ ବଂଶୀତ ସବୁ ପୋଥିରେ ।
୪୦ — ୧ ହେବାପାଇଁ ଯେ, ଠ, ୪୦ — ୪ ଯେନଟଲେ ଟ, ଠ, ୪୧ — ୨ ସେହ ଯେନଟ, ଠ;
୪ — ୪ ଅଗ୍ନା-ଟ, ଠ, ୪୨ — ୧ ପାନ କଲେ-କ, ଜ, ଟ, ଠ; ୪୨ — ୨ ଯାଉଅଛି ମରି-ଟ, ଠ;

ସୁକୃତ-କଳ୍ପଲତାରେ ଶୁଭଫଳ ଫଳିଲା କି ଆଜ ସଖି ।
ଚିତ୍ରଜାତ ଜାତ ବାରତା ରତିକି ଗଲାକି ପ୍ରେକ୍ଷଣି ମିଳି ।
ତେତେବେଳର ଯେ । ଆନନ୍ଦ ନୋହିଲା କହି ।
ଆଳୀ ସଙ୍ଗେ ଖଳି ପାଲଟ ଲେଖକୁ ଲେଖିଦେଲା ପ୍ରେମସ୍ଥଳୀ । ୪୭ ।
ଦୂତୀ ଲେଖ ପାଇ ବେଗେ ବିଦା ହୋଇ କୃଷ୍ଣ ପାଶକୁ ଚଳିଲା ।
ରାଧା ମନାଇଲି ବିଶ୍ୱଜନ୍ମେ କଲି ଏ ଗୁମାନ ମନେ ହେଲା ।
ଦେନ ମାଧବ ହେ । କଣ୍ଠି ମନୋହର ଗ୍ରନ୍ଥ ।
ଜାନ ଅଭିମନ୍ୟୁ ଶ୍ରୀରାଧା ଗୋବିନ୍ଦ ପଦପଙ୍କଜ ମିଳିନ୍ଦ । ୪୮ ।

---

## ପଞ୍ଚାବନ ଛାନ୍ଦ ।

### ଶ୍ରୀ କୃଷ୍ଣ ଛାମୁକୁ କିଶୋରୀ ଜିଉ ଚିଠାଉ ।

---

ରାଗବରାଡ଼ି । ଆଷାଢ଼ଶୁକ୍ଳବାଣୀରେ ।
ଧୀରେ ଧୀରେ ଖଲି ଘେନ ଏ ଗ୍ରନ୍ଥ । ରସିକ ଚିତ୍ତ ଚକୋରକୁ ଚନ୍ଦ୍ର ।
ମୁମୁକ୍ଷୁ ହୃଦକମଳ ତପନ । ଗ୍ରାହକ ବଣିକ ଅମୂଲ୍ୟ ରତ୍ନ ।
ଚତୁର ଜୀବିକା । ଶୁଣି କାହା ମନ ନୋହିବ ବିକା । ୧ ।
ଦୂତିକି ଦୂତାତ୍ମା ବିଗ୍ରହ ହରି । ନେତ୍ରଚକୋର ଅଛୁ ଆଶା କରି ।
ଦୂର ଦୁର୍ଲ୍ଲଭ ଦୁନ୍ଦ୍ୱ ଦୁରିତ । ଦୁପୂର୍ବ ଭାଷା ଦୂତୀ ପରତନ୍ତ୍ର ।
ଦୁସହ ସେ କାଳ । ଦୁର୍ବହ ଦୁର୍ଦ୍ଧର କୁସୁମମାଳ । ୨ ।
ଏକାଳେ ପ୍ରବେଶ ହେଲା ସଖୀ । ତା ମୁଖ ପ୍ରସନ୍ନ ଶଶି-ମାଧୁରୀ ।
ଦେଖି ଲକ୍ଷିଲେ କାର୍ଯ୍ୟ ସିଦ୍ଧି ହେଲା । ଆନନ୍ଦସାଗର ବଢ଼ି ଅଇଲା ।
ପାଶେ ମିଳି ଦୂତୀ । ହସିଲା ଯାହା ବରଷିଲା ଭୂତି । ୩ ।
ତା କଥନମୁଖେ ନେତ୍ର ରହିଲା । ପ୍ରାଣ ଶ୍ରବଣ ଅନୁଗତ ହେଲା ।
ମାନସ ଆତୁର ନୋହିଲା କଳି । ପ୍ରଖର ଶ୍ୱାସ ସୀମା ଗଲା ବଳି ।
ଶୁଣିଲେ ବଚନ । ଜୀବ ନ ଯିବ ତର୍କିତ ଏମନ । ୪ ।

---

୪୭—୧ ସୁବୃତ ଠ, ୪୭—୩ ପ୍ରେଷଣି ଗଲକ-ଝ, ଠ; ପ୍ରେଷଣି ଭଗଲା-ଗ. ଘ; ୪୭—୩ ତେତେବେଳରେ-ଜ, ଝ, ଠ; ୪୮—୧ ଦୂତୀ ଲେଖା-ଝ, ଠ; ୪୮—୪ ପାଦପଙ୍କଜେ-ଚ, ଝ, ଠ, ପଦପଙ୍କଜେ-ଜ;

ଦୂତୀ ଭାଷିଲା ଭାଗ୍ୟ ଫଳିଲାନି । ସୁଧା ବରଷିଲା ପଦପଦ୍ମେ ଯେଣି ।
ତାପ ଲୋପ ହୋଇଲା ଦେହ ଦେହର । ଉପହାର କଲେ ରତନହାର ।
ଅନୁଗ୍ରହ ପାଇ । ଦୂତୀ ଫେରିକା ଦେଉଁ ମୋଦ ହୋଇ । ୫ ।
କର ପ୍ରସାରିତ ପାଏଡ଼ା ହେଲା । କେଣେ ତାହାଙ୍କ ନଉଗ୍ରାଲି କଲା ।
ଧନ କରଗତ କି ବାଞ୍ଛାନିଧି । ଗୋବିନ୍ଦ ମୁଦ ଅଗାଧ ଜଳଧି ।
ଚୁମ୍ବ ଦେଇ ମୁଦେ । ତାପ ଶାନ୍ତ କଲେ ଲଗାଇ ହୃଦେ । ୬ ।
ତଚ୍ଛାଉ ଫିଟାଉଁ ଫିଟାଉଁ ଛନ୍ଦେ । ଛାଉ ଛାଉ ହେଲେ ଇନ୍ଦ୍ରିୟମାନେ ।
ବାଦ ପଡ଼ିଗଲା ଅନୁଆନରେ । ଆଗ ମୁଁ ଦେଖିବି କେଣେ ବିଗ୍ରହରେ ।
ମୁଖ ସୁଖ ଅଶେଷ । ଶ୍ରବଣ ଶ୍ରବଣ ପାଇଁ ମନାସେ । ୭ ।
ମନର ମେଳଆପଣ ଫିଟିଲା । ହରିର ସଙ୍ଗରେ ଯାଇଁ ମିଶିଲା ।
ପ୍ରାଣ ଇଚ୍ଛେ ଘ୍ରାଣ ପାଇବି ମୁହିଁ । ଏମନ୍ତ ବୋଲ ଉପୁଜଛି ତହିଁ ।
କଲା କେତେ ପୁଣ୍ୟ । ମୋକ୍ଷପଦ ପାଇ ଶ୍ରୀହସ୍ତ ଧନ୍ୟ । ୮ ।
ମହାକାମୁକ ନବବଧୂ ମିଶି । ବିଗତ ପାଇଁ ଯଥାରୁଚିରେ ଭଜି ।
ପ୍ରାତକମଳରେ ଯେମନ୍ତ ଭୃଙ୍ଗ । ମୁଦ ହେଦକରେ ବହେ ସରାଗ
ସ୍ନେହପର ହରି । ମୁଦ ବିଭଙ୍ଗ ରସଲୋଭେ କରି । ୯ ।
ପୀତକାକତରେ ଲେଖନ କାଳୀ । ବେନି ବର୍ତ୍ତିଛନ୍ତି ଲେଖିଛନ୍ତି ଭଲି ।
ସୁବର୍ଣ୍ଣ ସୁବର୍ଣ୍ଣ ବିକାର୍ଣ୍ଣ ପରି । ତତର କେଣେ ଚଉର ତୋରି
ପୀତକଞ୍ଜେ ସ୍ଥିତ । ଶିଶୁଅଳିଆଳିପନ୍ତି ଯେମନ୍ତ । ୧୦ ।
ସମ ସମଶିର ଘନ ବିରଳ । ମଧ୍ୟା ବିଭଙ୍ଗ ନାହିଁ ଏକ ତିଳ
ଚିପ ଦେବ ଅବା କଉଁ ବିବେକ । ଏହି ଗୁଣକୁ କେ ହେବ ଗ୍ରାହକ ।
କାହିଁ ଥିଲା ପୁଣ୍ୟ । ଭିଷିଲେ ହରି ଆଜ ହେଲି ଧନ୍ୟ । ୧୧ ।
ପ୍ରିୟାନୁରାଗୀ ଅଙ୍ଗେ ଅଙ୍ଗୀକାରୀ । ମଙ୍ଗଳ ନାମ ଅତନୁବିଉଷୀ ।
ଶ୍ରୀ ସଦାଶିବ ଚରଣେ ଶରଣ । ଆଦ୍ୟେ ହୋଇଛି ମଙ୍ଗଳାଚରଣ ।
ଏ ଉତ୍ତାରୁ ବିଧି । ପଞ୍ଚ ଶ୍ରୀ ରଚନା ହୋଇଛି ସିଦ୍ଧି । ୧୨ ।
ବନ୍ଦେ ! ଶ୍ରୀ ପ୍ରୀତବନ୍ତପୁରନ୍ଦର । ରସିକମୁକୁଟମଣି-ପ୍ରବର ।
ନାଗର-ସାଗର-ଲୀଳା-ଲହରୀ । ଗୁଣରତନ-ନିଧି ସୁଚତୁର ।
କାମୀ କଳ୍ପତରୁ । କାମଶାସ୍ତ୍ର ଦୀକ୍ଷାଦାୟକ ଗୁରୁ । ୧୩ ।

---

୫—୩ ତେଜ ଦାହର-ଚ, ଠ; ୫—୬ ମୁଦଚ୍ଛାଇ ଚ, ମୁଦ ବହ-ଠ; ୭—୩ ଆନଥାନରେ-ଠ; ୮—୩ ପ୍ରାଣ ପାଇବି-କ, ଖ, ଚ, ଠ, ୮—୪ ଉପୁଜୁଛି-କ, ଖ, ଚ, ଠ, ଯହିଁ-ଚ, ଠ, ୯—୧ ମହାକାମୁକୀ-ଚ, ଠ, ୯—୪ ଭେଦକରେ-କ, ବହି-ଚ, ଠ, ୧୦—୧ ପୀତ କାଗଜରେ-କ, ଖ, ଚ, ଜ, ଚ, ଠ,

ବନ୍ଦେ ନାରୀ-ନେତ୍ର-ନୂଆମଦନ । ବନ୍ଦେ ସନ୍ତାପିମା ହୃଦଚନ୍ଦନ ।
ବନ୍ଦେ ମାର ଟଞ୍ଚଶରମୂରତ । ବନ୍ଦେ ନାଗରବରଚକ୍ରବର୍ତ୍ତୀ ।
ବନ୍ଦେ ପ୍ରେମଦାତା । ବନ୍ଦେ କାମଦେବାର୍ଚ୍ଚନ ଦେବତା । ୧୪ ।
ବଚନତା ଗୁଣ ଶୁଣୁଛୁଁ ଯେତେ । ସତ କର ତାହା ନ ଘେନୁ ଚିତ୍ତେ ।
ଆକାଶ ସିନ୍ଧୁ କେ କଳି ପାରିବ । ଶେଷ ଅଶେଷରେ ବର୍ଣ୍ଣି ନୋହିବ ।
ଆମ୍ଭର ଯେ ଲୋଡ଼ା । ସେହି ତ ଯୁବତୀ ସଂସାରବୁଡ଼ା । ୧୫ ।
ଶୋଭାବିଶ୍ୱସ୍ତକ ଥାତ-ଭଣ୍ଡାର । ଏ ବିଶ୍ୱମୋହନ କେତେ ମାତର ।
ନାମ ନିନ୍ଦତା ମାଧକେ ମାଧବ । ଚରାଚରକୁ କରାଉଛୁ ଦ୍ରବ ।
ବର୍ଣ୍ଣାଭାସ ଘେନ ହେ । କାମୋନ୍ମାଦଦାୟୀ କୋକିଳଧ୍ୱନି । ୧୬ ।
ସୁଧା-ଲାବଣ୍ୟ-ଶୋଭା-କାନ୍ତି-ସାର । ମିଳେନ୍ଦ୍ରମଣି କଳାବାରପୁର
ଆନନ୍ଦ ଆହ୍ଲାଦ ରସ ପ୍ରୀତି । ଭଙ୍ଗୀ ଶୃଙ୍ଗାର ହାବ ଭାବ ପନ୍ତି ।
ବିଗ୍ରହ ପ୍ରକାଶ ହେ । ମୋହନମନ୍ତ୍ରେ ହୋଇ ଜୀବନ୍ୟାସ । ୧୭ ।
ଗୁଣଗଣ ଯତ୍ନ ରତ୍ନଭୂଷଣ । ପ୍ରୀତିସଂସାରେ ଚକ୍ରବର୍ତ୍ତୀପଣ ।
ରତି ପ୍ରୀତି ସେବାକାରୀ କଙ୍କରୀ । ବିଧିବିଧାନ ବୋଲିବା କି କରି ।
ଯାହାଁ ତ ଦ୍ୱିତୀୟ ହେ । ଯେଣୁ ଘେନୁ ସ୍ୱତନ୍ତ୍ରତା ଉଦୟ । ୧୮ ।
ଉପମା ଅପମାନ ପାଇଗଲେ । ବନଗହନରେ ଯାଇ ପଶିଲେ ।
ଚନ୍ଦ୍ରାରେ ଚନ୍ଦନ ହେବାକୁ ବଳେ । କବି ତୁଳନାରେ ମୋକ୍ଷ ପାଇଲେ ।
ସେହି ଘେନକର ହେ । ଅତନ୍ୟୁବେ ବ୍ୟକ୍ତ ତାଙ୍କ ମାଧୁରୀ । ୧୯ ।
ଏମନ୍ତ ମହିମାବନ୍ତଙ୍କ ଗୁଣ । ବର୍ଣ୍ଣିବାକୁ କେହି ହେବୁଁ ନିପୁଣ ।
ଅଲେଖା ଛଇଳା କିଶୋରୀ ସଙ୍ଗୀ । କେହି ଜାଣିମୁଁ ପ୍ରୀତିରୀତି ଭଙ୍ଗୀ ।
ଥିଲା କଉଁ ଭାଗ୍ୟ ହେ । ଜଣାଣ ଦେବାକୁ ହୋଇଲୁଁ ଯୋଗ୍ୟ । ୨୦
ତବ ଆତୁର ଜାଣି ଅନ୍ତର । ନିଜ ଗୁରୁତା ନ କଲୁଁ ବିଚାର ।
କୁସୁମପତ୍ର ନ୍ୟାୟ୍ୟ ବଶିଗଲା । ଲେଖିବା ଦୋଷ ଭୟ ଭାଙ୍ଗିଦେଲା ।
ଏହି କଥା ଘେନ ହେ । ଦେଲୁଁ ପ୍ରଣୟପତ୍ରିକାଦର୍ଶିମା । ୨୧ ।
ଶ୍ରୀ ହସ୍ତାକ୍ଷର ଆଜ୍ଞାପତ୍ରଦାନେ । ବଶ ନୋହିବ କେ ବା ତ୍ରିଭୁବନେ ।
ରମା ଉମା ହେଲେ ହେବେ ସେବକୀ । ଅଉ କେ ନ ଯିବ ପାଇ ବାଉକା ।
ଏ ହେଲେହେଁ ସତ ହେ । ଆମ୍ଭ ଧର୍ମର ଦୃଢ଼ ପତିବ୍ରତା । ୨୨ ।

---

୧୪—୧ ଶୁଣିଛୁଁ-ଖ, ଶୁଣିଛୁ-ଚ, ଠ, ୧୪—୨ ଘେନେ-ଚ, ଠ, ୧୫—୪ ଅଶେଷ ଶେଷରେ-ଚ, ଠ, ୧୬—୧ ବର୍ଣ୍ଣାଭାସ-ଚ, ଠ, ୧୭—୧ ଶୋଭା ଲାବଣ୍ୟ ସୁଧା-ଚ, ଠ, ୧୭—୪ ଶୋଭେ-ଚ, ଠ, ୧୮—୩ କି ତାର-ଚ, ଠ, ଏଣୁ ଘେନ-ଚ, ଠ; ୧୯—୬ ଅତନ୍ୟୁବେ ବ୍ୟକ୍ତ-କ; ଖ ଅଙ୍ଗ-କ, ଖ, ୨୦—୨ ହେବ ନିପୁଣ ଗ, ଚ, ଠ; ୨୧—୬ ଦେଲୁଁ ପ୍ରଣୟପତ୍ରିକା ଅବଧ୍ୟ ବକ୍ତବ୍ୟ ଚ, ଠ,

ଭାଙ୍ଗିଗ ଠ

ପ୍ରଭୁ ଅଖିଳ ରସାମୃତ ମୂର୍ତ୍ତି । ଆହ୍ଲାଦପ୍ରଦ -କର କାରତ ।
ଉଜ୍ଜ୍ୱଳ ନିପୁଣ ଲକ୍ଷଣବନ୍ତ । ହରିତାମ୍ବର ମଣ୍ଡନେ ଶୋଭିତ ।
ସକଳମଣ୍ଡନ ହେ । କଳାନିଧି ଜନତାପଖଣ୍ଡନ । ୨୩ ।
ଶ୍ରୁତିପଦବୀଦାସ୍ୟକ ହୋଇଛି । ରାଧାନାମେ କି ସ୍ନେହ ବଳାଇଛି ।
ତୁମ୍ଭେ ତ ବଧୂ ଧନୀ କମଳିନୀ । ମିତ୍ର ହେଲେ ବା ହେବ ସୁଖଦାୟିନୀ ।
ଉଭୟ ସନ୍ଦେହ ହେ । କେହ୍ନେ ସମ୍ଭବ ପୀରତି କହ । ୨୪ ।
ବୋଲିବ ଅବା ଆମ୍ଭେ ପୁଷ୍ପବନ୍ତ । ହରିତାମ୍ବର ବିଳାସ ବିଦିତ ।
ଶ୍ରୁତି କଳେବର ହରି ବୋଲାଉଁ । ସଦା ଅନନ୍ତ ଗତିବନ୍ତ ହୋଉଁ ।
ଘଟିଲେ ଏମନ୍ତ ହେ । ବିବିଧି ଜାତ ହେବ ବିକଳିତ । ୨୫ ।
ପୁଣି ତ ନୂତନା ଅମ୍ବର ସହି । କାମଦୀକ୍ଷାଗୁରୁ କରି ତ ନାହିଁ ।
ହୋଇନାହିଁ ଜନେ ପ୍ରେମପଥିକୀ । କି କରି ବୋଧ କରିବୁଁ ମତିକି ।
ଏ କଥା ଦୁର୍ଲ୍ଲଭ ହେ । ଭାଗ୍ୟ ନ ଥିଲେ କି ହେବ ସୁଲଭ । ୨୬ ।
ଦୁଷ୍ପ୍ରାପ୍ୟକୁ ପ୍ରତିକାର ସାହସ । ଉପାୟେ ରାହୁ ଖାଇଲା ପୀୟୂଷ ।
ଅଘଟ ଘଟନା କରାଏ ବିହି । ଭାଗ୍ୟ କେ କାହାର ଜାଣିମ କେହି ।
ଥିଲାକୁ କରମେ ହେ । ଶାନ୍ତନୁ ଗଙ୍ଗା ବରିଲେ ଭ୍ରମେ । ୨୭ ।
ଶଶୀ ଅନୁଗତ ଶିବଙ୍କୁ ହେଲ । ସେ ନିଜ ତାହାଙ୍କୁ ପକାଇ ଦେଲେ ।
ଜଳରେ ସୁମନ ହୋଏ ବିକାଶ । ସାରଙ୍ଗ ଆଶ ସେ କି କରେ ନାଶ ।
ତୃଷାବନ୍ତ ଜନେ ହେ । ବାର ବାରଇ କି ପୁଣି ପିବନେ । ୨୮ ।
ରସ-ସୁଧା-ସିନ୍ଧୁ ନବ ନାଗରୀ । ସହାରସାର ଶିସ୍ରୀ ଖ୍ୟାତକାରୀ ।
ଶ୍ରୁତିପଦବୀ-ତରଣି ସହିତେ । ସୁରତରୁ ଜାତ କରିଛି ସେ ଯେ ।
ଏ ହିଙ୍କି କି ବହି ହେ । ଅନୁଗତଜନେ ବାରିବ କେହି । ୨୯ ।
ଏ କଥା ଜୀବ୍ୟ ଅବଧାନେ ଘେନ । କଳ୍ପଲତା କି ନ ଘେନଇ ଦନ୍ୟ ।
ଆଦରଣ ପରା ସ୍ୱଚ୍ଛ ହୃଦୟ । ବାଞ୍ଛିତ ଦମ୍ଭ କି ନୋହେ ଉଦୟ ।
ନାଗରଶେଖର ହେ । ତେବେ ଘେନାଯାଉ ଅମ୍ଭ ବିସ୍ତର । ୩୦ ।
ବାସନା ବନା ସୁମନା ସ୍ୱୀକାର । କରିବାର କେବେଁ ନାହିଁ ପ୍ରସ୍ତର ।
ଅଭିସାରକୁ ଶକ୍ତି ଅବା କାହିଁ । ଭୃଙ୍ଗ ଇଚ୍ଛିଲେ କି କରଇ ନାହିଁ ।
ନାଗରେନ୍ଦ୍ର ହୋଇ ହେ । ବିସ୍ତର ହସ୍ତ କର କାହିଁପାଇଁ । ୩୧ ।

---

୨୬ — ୨ କାମ ଗୁରୁଦୀକ୍ଷା କ, ଖ, ଗ, ଘ, ଚ, ଜ; ୨୮ — ୩ ସୁମନା ହୋଏ ପ୍ରକାଶ-ଝ; ସୁମନ ହେଉ ବିକାଶ ଜ, ୨୮ — ୬ ପୁଣି ଖାଇବନ କ, ଖ, ଘ, ଚ; ୨୯ — ୪ ସୁରତରୁ ଜାତ କରୁଛି ସେ ଯେ ଗ, ଘ, ଚ ଜ; ସୁରତ ଜାତ କରୁଅଛି ସେ ଯେ-କ ଖ; ୨୯ — ୫ ବହି ଝ, ଠ; ୩୦ — ୨ ଦୈନ୍ୟ କ, ଖ, ଗ; ଅନ୍ୟ ଝ, ଠ;

ଆମ୍ଭ ସଜନୀ ପୁଣ୍ୟ କେତେମାନ । ହେବ କି ତବ ପୀରତିକି ପାନ ।
ହରି ଅସୁନ୍ଦରଠାରେ ସ୍ନେହ କଲେ । ତୁଳସୀ କରି ଗଳେ ଲମ୍ବାଇଲେ ।
ମହତଙ୍କ ରୀତି ହେ । ଶିବ ଗୋମୟବିଭୂତି ବହନ୍ତି । ୩୨ ।
ସତାଇଶ ଶୋଭନକନ୍ୟା ଅଛଇ । ନଶଙ୍କି ଶଶୀକି ସ୍ନେହ କରଇ ।
ଦୋଷା ବ୍ୟଭିଚାରିଣୀ କାଳୀ ହେଲେହେଁ । ତା ବିନା ଉଜ୍ଜ୍ୱଳ ନପୁଣ ନୋହେ ।
ଏମନ୍ତ ଯେ ହେବେ ହେ । ପ୍ରୀତିପତାକା ସେହି ଉଡ଼ାଇବେ । ୩୩ ।
ଶଠ ଧୂର୍ତ୍ତ ଦକ୍ଷିଣତା ପ୍ରଚୁର । ନାଗରମାନଙ୍କ ରୀତି ଅପାର ।
ମଧୁପବତ ଲମ୍ପଟ କପଟ । ଚୁମ୍ବି ତେଜନ୍ତି ସୁମନା ନିକଟ ।
କହୁଥାନ୍ତି ଯାହା ହେ । ପ୍ରତିପାଳନ କାଳେ ନୋହେ ତାହା । ୩୪ ।
ଗୁଡ଼-ଗଣ୍ଡୂଷ-କଲ୍ପ-ତୁଣ୍ଡ ଭାଷା । ମଧୁର ବୋଲି କି ହେବ ପ୍ରଶଂସା ।
ମନକୁ ମନ ଯେବେ ନ ମିଶିବ । ଯେନାଯେନ କି ପ୍ରୀତି ବୋଲାଇବ ।
ଏକଅଙ୍ଗୀ ପ୍ରୀତି ହେ । ସଂସାରେ କେତେପରି ତ ଅଛନ୍ତି । ୩୫ ।
ମିହିରକୁ ପଦ୍ମ ଭଜଥାଇ ଯେମନ୍ତ । ସେ ତାକୁ ଅନୁରାଗ କରେ କେତେ ।
ଚନ୍ଦ୍ର ବିହୁନେ କୁମୁଦ ବିମନା । ଚନ୍ଦ୍ରର କି ହାନି କୁମୁଦ ବିନା ।
ଘନେ କେକୀ ସୁଖୀ ହେ । ଘନ କି ଦୟା କରେ ଦୁଖ ଦେଖି । ୩୬ ।
ମଧୁ ସଞ୍ଚିତ ସରଘାରେ ନିତି । ମଧୁ ବିନା କି ମଧୁକର ଗତି ।
ଚନ୍ଦ୍ରକାନ୍ତ କାନ୍ତି ଗୃହିଁ ଦ୍ରବଇ । କାନ୍ତିଗୁଣ ଆବିର୍ଭୂତ କରଇ ।
ଦ୍ୱିଗୁଣ ମନରେ ହେ । ଉଭୟ ସୁଖଦାୟୀ ପରସ୍ପରେ । ୩୭ ।
ତେମନ୍ତ ହେଲେହେଁ ମିହିରକାନ୍ତ । ଅନଳ ଜାତ ଗୁଣ ସେନା ଖ୍ୟାତ ।
ବସନ୍ତକୁ ଆଶ କରେ ବୃକ୍ଷତତି । ସେ କି ନ କରେ ତାକୁ ଫଳବତୀ ।
ଏ ନୁହଇ ନୂଆ ହେ । ନାନା ଜାତିରେ ଅଛନ୍ତି ପ୍ରୀତିଆ । ୩୮ ।
ଏମାନ ଆମ୍ଭ ମନେ ହେଲା ଯହୁଁ । ପଦିକା ଗୋଚର କରାଇ ନାହୁଁ ।
ପୁଣି ନାଗରପଣ ଯେତେ ଅଛୁ । ଜଗତରେ ନାଗରୀ ବାଜାଉଛୁ ।
ନ ଛାଡ଼ି ମାନସ ହେ । ଏମାନ କହିବା ଅତିସାହସ । ୩୯ ।
ଲକ୍ଷ୍ମୀ ଆଦିଙ୍କି ପତିବ୍ରତା ଗୁଣେ । ସହୀ ତିରସ୍କାର କରି ନ ଗଣେ ।
ସେମାନେ ମାନେ ଲାଗିଛନ୍ତି ବାଦେ । ପଢ଼ୁଛୁ ସଜନୀ ଏଣୁ ପ୍ରମାଦେ ।
କାହାର କି ନାମ ହେ । ଶୁଣିଲା ଧନି ହେଲେ ବିଭ୍ରମ । ୪୦ ।

---

୩୨ — ୬ ହୃଦେ ଲମ୍ବାଇଲେ-କ, ଙ; ୩୩ — ୨ ନଶଙ୍କି ଶଶୀ ସ୍ନେହ ନ କରଇ ଚ,ଠ;
୩୩ — ୩ ଦୋଷ ଠ; ୩୪ — ୧ ଦକ୍ଷିଣ ଯେ ପ୍ରଚୁର ଚ,ଠ; ୩୫ — ୩ ତୁଣ୍ଡକଲ୍ପ ଜ; ୩୫ — ୫
ଏକ ଅଙ୍ଗ ପ୍ରୀତି ଚ,ଠ; ୩୬ — ୩ ବିହୀନେ-ଛ ଝ ବ୍ୟତୀତ ସମସ୍ତ ପୋଥିରେ ୩୬ — ୬ ଦୁଃଖୀ ଚ,ଠ;
୩୭ — ୧ ସରଘରେ ଚ, ଠ; ୪୦ — ୧ ପତିବ୍ରତ ପଣେ କ, ଖ, ଚ, ଠ ୪୦ — ୨ ସେହି ତିରସ୍କାର
ଚ, ଠ; ୪୦ — ୬ ହେଲା ଚ, ଠ; ହୋଇଲେ ବିଭ୍ରମ, ଜ;

କେ ଜାଣି ସ୍ୱପନେ ଦେଖିଛୁ କି କି । ଜାତ ହା ହା ଚୁମ୍ବ ଚେଷ୍ଟା ତହିଁକି ।
କେ କଉଁ ମୋହନ ବିଦ୍ୟା ପାଇଛୁ । ବଂଶୀନାଦରେ ଜ୍ଞାନ ଘେରଉଛୁ ।
ଶ୍ୟାମମୂର୍ତ୍ତି ପଟେ ହେ । କାହୁଁ ପାଇ ବାଇ ହେଲ ଲମ୍ପଟେ । ୪୧ ।
ବନେ ଘନେ ଦେଖିଛୁ ସେ କାହାକୁ । ବସିଛୁ ସେ ଜୀବ ଦେଉନଯିବାକୁ ।
ମନରେ ଆନ ନ ରସେ ସେ ବିନୁ । କେକନାଟ ଦେଖି ସୁଖୀ ସୁତନୁ ।
କୃଷ୍ଣବର୍ଣ୍ଣ ଯେତେ ହେ । ଅନୁରାଗ ତହିଁ ବଢ଼ଇ କେତେ । ୪୨ ।
ଅତନୁବିକାରକୁଁ ଅନୁମାନେ । ଜାଣି ପଚାରିଲେଁ ସଜନୀମାନେ ।
ଏ କି ରୀତି କହ ପରାଣ ପରି । ଶୁଣି ଚିନ୍ତାରେ ବୁଡ଼ିଗଲା ଧୀରି ।
କହିଲା ବିକଳେ ହେ । ପତିବ୍ରତାବ୍ରତ ହରିଲା ଢାଳେ । ୪୩ ।
ପାଞ୍ଚଶର କି ପାଞ୍ଚଶର ମୂର୍ତ୍ତି । ପାଞ୍ଚ ପ୍ରକାରେ ଦହନ୍ତି ମୋ ଗୁପ୍ତି ।
ପଞ୍ଚତ୍ୱ ହେବ ପଞ୍ଚମ ନୋହିଲେ । ପାଞ୍ଚ ଏ ବିଧିରେ ବଢ଼ାଇ ଦେଲେ ।
ଏ କି ପରପଞ୍ଚ ହେ । ପାଞ୍ଚ ମୋ ପଞ୍ଚପ୍ରାଣ ଆଶା ମୁଞ୍ଚ । ୪୪ ।
ପାଞ୍ଚେ ଏକତନୁ ଧରି ଜନ୍ମିବେ । ଜନ୍ମାନ୍ତେ ସେ ମୋତେ ଦାସୀ କରିବେ ।
ଆଶ ନାଶେ ଶଶ ପାଇଛୁ ଶଶୀ । କାଳନ୍ଦୀରେ ଝାସ ଦେବି ମନାସି ।
ଯେ ହେବାର ହେଉ ହେ । ଏ ଜନ୍ମ ପତିବ୍ରତାପଣ ଥାଉ । ୪୫ ।
ଏତେ ମତରେ ଏଡ଼େ ନିସ୍ତା ଯାର । କେହ୍ନେ କହିବୁଁ ପରପ୍ରୀତି କର ।
ଆମ୍ଭେ ପରଗୃହୀ ସବୁରି ସିନା । ବହୁତ ବାଧୁଛୁ ତୁମ୍ଭ ବେଦନା ।
କହୁଛୁଁ ବିସ୍ତର ହେ । ଅନୁରାଗବନ୍ତ ହେଲେ ଆଦର । ୪୬ ।
ମିହିର ପୂଜା କରି ଯିବେ କିଶୋରୀ । କାମ୍ୟବନରେ ଥିବ ଅନୁସରି ।
ନେତ୍ର ସଫଳ ହେଲେହେଁ ତ ହେବ । ଚକୋର ଚନ୍ଦ୍ର ଦେଖିବା ଉତ୍ସବ ।
ରାଧାମୁଖଇନ୍ଦୁ ହେ । ଦେଖି ଉଚ୍ଛୁଳିବ ଆନନ୍ଦସିନ୍ଧୁ । ୪୭ ।
କଳ୍ପଲତା ବୃଷଭାନୁଦୁଲଣୀ । ତୁମ୍ଭେ ସହଜେ ପୁଣି ଚିନ୍ତାମଣି ।
ଦେଖିଲେ ଇଚ୍ଛା ପୂରିବ ନାହିଁକି । ବିଧିବିଧାନ କେତେବେଳରେ କି ।
ସେ ହେବ ଜାଣି କି । ଆମ୍ଭର ଆସ୍ପୃହ ନାହିଁ ତେଣିକି । ୪୮ ।
ଶ୍ରୀଗୁଣଗ୍ରାହୀ ନାଗରମଣିକି । କିମଧିକ ଲେଖିବାର ଏଣିକି ।
ହେବ ତ ନାହିଁ ଦାସୀ ଦୋଷ ଯେନା । ଅଭିଜ୍ଞ ହେଲୁଁ ଏହି ଯେନ ସିନା ।
ବିଶେ ପ୍ରୀତିଯେନା ହେ । କେବଳ ଆମ୍ଭେ ଆଜ୍ଞା ପରାଧୀନା । ୪୯ ।

---

୪୧—୬ ତାତ ୦; ୪୨—୩ ସେ ବିନୁ ଖ, ଗ, ଘ, ଚ, ଝ, ୦; ୪୪—୬ ପାଞ୍ଚ ମୋ ପାଞ୍ଚ ଝ, ୦; ୪୮—୪ କେତେବେଳର ଝ, ୦; ୪୯—୧ କିଶୋରମଣିକି-ଖ ୯; ୪୯—୭ କିଅଧିକ-ଖ, ଝ, ୦;

ଯୋଗ ଯାଗ ଯଜ୍ଞ ସୁକୃତ କୃତ ଯେ ଉଦୟ ନୋହିଲା ମୋର ।
ଜନେ ବୋଲନ୍ତେ ସଧା ଦାସ ବିନାଶ ରହନ୍ତା ଏ କୀର୍ତ୍ତି ଚିର ।
ଯୁବାବୃନ୍ଦରେ ସାର । ଯଶପତାକା ଉଡ଼ନ୍ତା ମୋର ।
ଘୋଷା ଭାଷନ୍ତେ ପ୍ରୀତିଆଦର । ଯୁଗାନ୍ତରକୁ ରହନ୍ତା ଚିର । ୧୦ ।
ଜରଜର ପ୍ରେମେ ଥରଥର ତନୁ ତରତର କହୁଁ କହୁଁ ।
ଜପୁଁ ହର ହର ରସେ ଗରଗର ଧରଧର ମୁହୁର୍ମୁହୁ ।
ଜବେ ପଡ଼ିଲେ ଢଳି । ଜଡ଼ିଗଲା ଅଙ୍ଗେ ଗଡ଼ୁଁ ଧୂଳି ।
ଯଥା ସିତ ପାଶବଦ୍ଧ କେଳି । ଜୀବଯନ୍ତ୍ରା-ମୃଗ ବନ୍ଦୀ ଭଳି । ୧୧ ।
ଜଗତକୃତରେ ବିକୃତ ଚିତ୍ତରେ ମିତମାନେ ଦେଲେ ଗାଳି ।
ଯୋଷି ରକ୍ଷିଥିଲୁ ଏହାଙ୍କୁ ଏ ଦଶା ଏ ନକ ଏଥିକ ଭଲି ।
ଯାହା ନାମକୁ ଶୁଣି । ଜୀବେ ବାଇକ ପାଇ ଦାରୁଣୀ ।
ଜପି ଦନ ନେବେ ହରବଣୀ । ଯୋଗ ଇଚ୍ଛିବେ କାମତରୁଣୀ । ୧୨ ।
ଯଉଁ ବିଧିର ଅବଧି ପରସିଦ୍ଧି ଶ୍ମଶାନବାସୀ ଶଙ୍କର ।
ଯୋଗ୍ୟାଯୋଗ୍ୟ ଦେଖି ଭୋଗ କରାଇଲା ବିଷ୍ଣୁଙ୍କୁ ଶଯ୍ୟା ଅହିର ।
ଜାଣିବାର କି କହ । ଜଳାଇଲା କାମଦେବ ଦେହ ।
ଜଇବାତୃକ ଚନ୍ଦ୍ର ବିଗ୍ରହ । ଜଷ୍ଣୁ ହେଲେ ବହୁନେତ୍ର ବହ । ୧୩ ।
ଯେତେ ନିନ୍ଦା କଲେ ତାଙ୍କୁ କି ହୋଇବ ଏମନ୍ତ ସଖୀଏ ଭାଳି ।
ଯାଙ୍କ କୋଳ କରି ଉରେ ଆଉଯାଇ ଝାଡ଼ିଦେଲେ ତନୁ ଧୂଳି ।
ଜଳ ସିଞ୍ଚି ବିଞ୍ଚିଲେ । ଜଳଜାତ-ପତ୍ରେ ଶଯ୍ୟା କଲେ ।
ଜଗି ନାନା ଉପସ୍ଥିତ ହେଲେ । ଯେ ବାଧକ ତାହା ଲୁଚାଇଲେ । ୧୪ ।
ଜମ୍ବାଳ ଲେପନ ଉହା ହୃଦ ପର ତାପ ଶାନ୍ତ ନ ଭଜିଲା ।
ଯୁଗଳ କି କର କରଗତ ହର କରିବା ବଗୃର ହେଲା ।
ଜଣେ ମିତ କହିଲା । ଯିବେ ସୂର୍ଯ୍ୟପୂଜାକୁ ସେ ବାଳା ।
ଜଗିଥିବା ସେ ପଥକୁ ଚଳା । ଯୋଗେ ଭେଟ ହେଲେ ଲାଭ ହେଲା । ୧୫
ଯୋଗଭଙ୍ଗୀ ନାମ ନିଭଙ୍ଗୀଙ୍କ କର୍ଣ୍ଣେ ଉଚେ ଉଚ୍ଚାରିଲେ ମିତେ ।
ଯିବା-ଜୀବ ଫେର ଶରୀରେ ପଶଇ ସୁଧା ସିଞ୍ଚିଲେ ଯେମନ୍ତେ ।
ଜିଷ୍ଣୁ ହେଉଁ ଚେତନା । ଜମ୍ବୁନଦାଙ୍ଗୀ ଭାବ ଭାବନା ।
ଯା ଯା ଜୀବ ଉଚ୍ଚାରିଲା ସିନା । ଯୋଗୀପରି ଜପିଲେ ରାଧା ନା । ୧୬ ।

---

୧୧—୪ ପଡ଼ୁଧୂଳି-ଟ, ଠ, ୧୧—୬ ମୃଗବନ୍ଦୀ -ଟ, ଠ, ୧୩—୨ ଯୋଗାଯୋଗ-ଟ, ଠ; କରାଇଲେ-ଠ, ୧୬—୨ ଯିବଯିବ-ଟ, ଜୀବାଯିବା-ଠ; ଜିଷ୍ଣୁ:ଜିଷ୍ଣୁ, ଜିଷ୍ଣୁ-ଟ, ଠ, ବ୍ୟତୀତ ସମସ୍ତ ପୋଥିରେ ପଠିତ, ଜିଷ୍ଣୁ-ଟ, ଠ; ହୋଇ ଚେତନା ଚ, ଛ; ହୋଉ ଜ.

ଜଣାଇଁ ମଣାଇଁ କହିଲେ ମାଧବ ଆସ ଦେଖାଇବି ଧମା ।
ଯୋଗସିଦ୍ଧ ପୁରୁଷର ପୁରୁଷାର୍ଥ ମିତର ଉତ୍ତର ମାନ ।
ଜନମିଲା ହରଷ । ଯଥା ଶ୍ଳୋକ ଶୁଣେ ଘନଘୋଷ ।
ଯେହ୍ନେ ଚନ୍ଦ୍ରମୁଦ ନଶିଶେଷ । ଜୀବଞ୍ଜୀବଙ୍କୁ ସନ୍ଧ୍ୟା ସଦୃଶ । ୧୭ ।

ଜାତବେଦ ଯାତନାରୁ ପ୍ରାଣ ତ୍ରାଣ ମିତ ହେବ ହର ଋଷି ।
ଜଳନ୍ତକଚନ୍ତୁ ଚୂର୍ଣ୍ଣ ପୂର୍ଣ୍ଣ କରେ ଯେମନ୍ତ ନୀର ବରଷି ।
ଯେବେ କହୁଛ ସତ । ଜହ୍ନୁଗର ଗର ବାରଣି ତ ।
ଯୋଗି ମୃତ୍ୟୁ ସଞ୍ଜୀବନୀ ବତ । ଜଳା-ଭସ୍ମାଙ୍ଗବତ ହେବି ତ । ୧୮ ।

ଜମ୍ଭଭେଦୀସିଦ୍ଧି ହେବ ପରସିଦ୍ଧି ଉପନିଧି ଭେଟ ହେଲେ ।
ଜଗି ଗତାଗତ-ପଥ ହେବା ସାର୍ଥ ଯିବା ଗୃଲ ମିତ ବୋଲେ ।
ଜପେନ୍ଦ୍ର ଜପେନ୍ଦ୍ର ଉଚ୍ଚାର । ଜଗବନ୍ଧୁ ମିତ କର ଧର ।
ଯିବା ଆଶେ ଉତ୍ସୁକ ଯାଚର । ଯୋଗ ବାୟୁ ଖୋଜ ଗତ କର । ୧୯ ।

ଯାଉଁ ଯାଉଁ ମିତ ଉତ୍ତର କରଇ ବନ୍ଧୁ ହୁଅ ବଟିବାକୁ ।
ଜାଣି ବ୍ରହ୍ମମୂର୍ତ୍ତି ବ୍ରହ୍ମମୂର୍ତ୍ତି ହେବା ବଶୃର ଜର ମନକୁ ।
ଯାଇଁ ହେଲେ ପ୍ରବେଶ । ଯହିଁ ସୂର୍ଯ୍ୟକୁଣ୍ଡ ପରକାଶ ।
ଯୋଷା ଆଗତ ଜଗି ହରଷ । ଜନ୍ମେ ମୁମୁକ୍ଷୁବନ୍ତର ଆଶ । ୨୦ ।

ଯାମଳାଭଞ୍ଜନ ଯୁବତରଞ୍ଜନ ମଦନଗଞ୍ଜନ ଛବି ।
ଜନମଧ୍ୟେ ଘୀନ ଘନ ଅଭିମନ୍ୟୁ ଜଗତେ ବୋଲଏ କବି ।
ଜୀବ ଯିବ କି ସତେ । ଜପୁଁ ଜପୁଁ ନାମ ହୃଦଗତେ ।
ଯେତେବେଳେ ଥିବ ପ୍ରେମପୁତେ । ଯୁଗ୍ମଧାନେ ଥିବ ଦୃଢ଼ଚିତେ । ୨୧ ।

---

୧୭—୧ ଦେଖାଇବୁ ଝ, ଠ, ୧୭—୪ ଶୁଣି ଝ, ଠ, ୧୮—୧ ମିତ ହେବ କ, ଝ, ଠ, ୧୮—୨ ଜ୍ୱଳନ୍ତକ ଚନ୍ଦ୍ର ଚୂର୍ଣ୍ଣ ପୂର୍ଣ୍ଣକରେ କ, ଝ, ଠ, ଠରେ ପୂର୍ଣ୍ଣ ଶବ୍ଦଟି ନାହିଁ । ୧୮—୪ ଗରଳବାଣୀ ଡ, ଘ. ଗରଳ ଜାଣିତ କ, କହ୍ନପର ପର ଦାରୁଣିତ, ଜ. ୧୯—୨ ଗତାଗତ ପଥ ହେବ ସାର୍ଥ ଝ, ଠ. ୧୯—୩ ଜପୁ ଜମ୍ବୁ ଝ, ଠ, ୨୧—୨ ଯୋଗଧାନେ ଝ. ଠ,

ଝଗଡ଼ା କର ଅତନୁ ଯେ । ଝିଙ୍କୁଛୁ କୁସୁମଧନୁ ।
ଝୁଣ୍ଟିଲେ ଦୁବାକୁ ପଉଦ ନେବାକୁ ଜୀବନ କରୁଛୁ ମନ୍ୟୁ । ୧୨ ।
ଝିମି ଝିମି କଳେବର ଯେ । ଝାଳ ବହେ ଝରଝର ।
ଝକମକାନଳ ତୁଳାଫୁଙ୍କାନଳ ବଧିରେ ବୁଦ୍ଧି ଖବର ଯେ । ୧୩ ।
ଝଞ୍ଜାବାତ ବହୁବାରୁ ଯେ । ଝୁଙ୍କେ ପୀତଯୂଥୀତରୁ ।
ଝଲଙ୍କଅଙ୍ଗୀ ତ କରୁଛୁ ଭଙ୍ଗିତ ବଗୁରଲେ କେଡ଼େ ଗୁରୁ ଯେ । ୧୪ ।
ଝଟତ ପିକଁ ଡ଼ାକନ୍ତେ ଯେ । ଝଲଅଙ୍ଗୀ ବାଣୀ ପ୍ରତେ ।
ଝୁଲାଇ ମଥାକୁ ବୋଇଲେ କଥାକୁ ତୁଲ୍ୟ କ ଅଛୁ ଜଗତେ ଯେ । ୧୫ ।
ଝଟକି କେତକୀ ଦେଖି ଯେ । ଝିମଣ୍ଟେ ହୃଦରେ ରଖି ।
ଝରୁଛୁ ବନ୍ଧୁକା ଅଧରୁଁ କ ସୁଧା ବଧୂଲ୍ଲି ଚୁମ୍ବନେ ସୁଖୀ ଯେ । ୧୬ ।
ଝଡ଼ାସଜଡ଼ା କବରୀ ଯେ । ଝୁମ୍ପା ଫୁଲେ ପ୍ରତେ କର ।
ଝଗଡ଼ ମୁଷ୍ଟିକ ବେଶ ବରଷ୍ଟିକ ବନ୍ଧ ହେଲେ ଅଙ୍ଗିକାରୀ ଯେ । ୧୭ ।
ଝିଣ୍ଟି ନାମେ ଭ୍ରମ ହେଲେ ଯେ । ଝାଟକାରେ ଗୃହ କଲେ ।
ଝମ୍ପାଣ ଚଢ଼ାଇ ମଦନେ ଲଢ଼ାଇ ବଢ଼ାଇକ ବନାଣିଲେ ଯେ । ୧୮ ।
ଝାମ୍ପ ତୃଣ ମେଳ ଧର ଯେ । ଝରବାର ଦଏ ବାର ।
ଝଲକ-ଶୋଭନା ମୋ-ପ୍ରୀତଲୋଭନା ହେବାର କର ବଗୁର ଯେ ।୧୯।
ଝବା ବନା ଦକ ବାର ଯେ । ଝାଙ୍କିରେ ହୋଇବ ବାର ? ।
ଝୋଲବାସେ ବାତ କେହ ବାନ୍ଧବ ତ କହ ବୋଧେ ମିତ ହର ଯେ ।୨୦।
ଝଗ ବଉଳା ରହର ଯେ । ଝୁଲଣା ସଧା କୃଷ୍ଣର ।
ଝୁଲାଇ ଦେବ କ ଏ ପରାଣ ଦକ ଘୁଟେ ସାମନ୍ତସିଂହାର ଯେ । ୨୧ ।

——

୧୨-୨ ଝିଙ୍କିଛୁ-ଝ, ଠ; ୧୨-୩ ପଡ଼ିଲେ କ, ଝ, ଠ; ପଡ଼ିବ-ଖ, ଗ, ଘ, ଚ, ଜ; ମଧ୍ୟସମୀଚୀନ; ମନୁ-ଝ, ଠ; ୧୩-୩ ଝକମକୀ ନଳୀ କ, ଠ; ଝକମକୀ ନଳ-ଝ; ଝକମକ ନଳ-ଞ; ୧୪-୩ କରୁଛ ଭଙ୍ଗିତ-କ, ଖ; ୧୬-୧ ଝଟକି କେତକୀ ଝ, ଠ; ୧୬-୨ ହୃଦରେ ଲକ୍ଷି-ଝ, ଠ; ୧୭-୧ ଝଗ ସଜଡା-ଖ, ଝ, ଠ; ୧୭-୩ ବେଶ ବରଚକ-କ, ଞ, ଝ, ଠ; ୧୮-୩ ଲଢ଼ାଇ-କ, ଝ, ଠ; ବଢାଇକ-ଞ ବ୍ୟତୀତ ସମସ୍ତ ପୋଥିରେ, ଚଢ଼ାଇ, ଲଢାଇ ଓ ବଢାଇ ପାଠମଧ୍ୟ ସମୀଚୀନ । ୧୯-୧ ଝମ୍ପତୃଣ-ଗ, ଘ, ଚ, ଛ, ଜ; ୧୯-୩ କର ବଗୁର ଝ, ଠ; ୨୦-୧ ଝୋବାବନା-କ, ଖ; ଝଉ-ଠ; ୨୦-୨ ଝାମ୍ପରେ-କ; ଝଙ୍କାରେ-ଠ; ୨୦-୨ ହୋଇବ ଧର, ଞ ବ୍ୟତୀତ ସମସ୍ତ ପୋଥିରେ ଅଛି-ଏ ପାଠ ସମୀଚୀନ;

ନୀଳ କମଳ ମୃଗମଦ ଗନ୍ଧ । ଗର୍ବ ଖର୍ବ କରେ ତନୁ ବିଶୁଦ୍ଧ ।
ନାରୀ ଭ୍ରମରୀ ଆତୁରୀ ଯହିଁକି । ମନ୍ଦ ଗନ୍ଧବାହ ସାକ୍ଷୀ ଯହିଁକି ।
ସେ ସୁଖ ଲଭରେ ରେ । ନାସା ଆଶା କର ରହି ଲୋଭରେ । ୭ ।

ନାନା ଭଙ୍ଗୀ ସଙ୍ଗୀ ତ୍ରିଭଙ୍ଗୀ ଠାଣି । ଅପାଙ୍ଗ ରଙ୍ଗ ତରଙ୍ଗକୁ ଜାଣି ।
ପୀତପଟ୍ଟ ନଟବେଶ ପିନ୍ଧିବା । ଶକ୍ରଚାପ ବକ୍ର ଚୂଡ଼ା ବାନ୍ଧିବା ।
ମୁରଲୀ ବାଦନ ରେ । ଚିତ୍ତରୁଚିତ ନୟନମୋହନ ରେ । ୮ ।

ଅମାପ ତାପ ନ ପାଇବୁ ଯେବେ । ପରାଣ ପ୍ରୟାଣ ନ କରୁ ତେବେ ।
ଶ୍ୟାମ ନାମ ଧରି ଯା ଯା ବାହାର । ଲକ୍ଷ ଲକ୍ଷ ମୋକ୍ଷ ନୋହିବ ସର ।
ଏତେ କହି ଧର୍ମୀ ହେ । ମୋହନ ମୋହନଗୀତକୁ ଧ୍ୟେନ । ୯ ।

ଇଚ୍ଛା ତକ୍ଷଣାକୁ କର ସଜନୀ । ବାରି ବାରଲା କେ ଏମନ୍ତ ଘେନ ।
ବିଦେହ ଦେହ କରନ୍ତୁ ଦହନ । ଖୁଣ୍ଟି ଶୀତଳ ବହଇଛି ଧନ ।
ଗାଢ଼େ ନ ବାନ୍ଧିଲେ ଯେ । ତନୁ ତନୁ ଉଡ଼ିଯିବ ଧାଇଁଲେ । ୧୦ ।

ତୁଳା ଅତୁଳା ଶ୍ୱାସରେ ଯେ ଶିଲେ । ଆଳି ଚଳିବାରୁ ପ୍ରାଣ ଲକ୍ଷିଲେ ।
ହା ହା ସୁଦେହା କାହିଁ ଦାହି ଥିଲୁ । ମାର ପ ମର ତାପ ଅରଜିଲୁ ।
ବୋଇଲେ ବଚନ ରେ । ଆଖି ଦେଖିଲୁ ଏଡ଼େ ଅଘଟନ । ୧୧ ।

ବ୍ୟାକୁଳ ଆକୁଳ ବେଦନ ଶୁଣି । ଜଟିଳା କୁଟିଳା ମିଳିଲେ ପୁଣି ।
ମୁଖରା ପ୍ରଖରା ଶ୍ରୀପୂର୍ଣ୍ଣମାସୀ । ବୀର ଧୀରା ଆଦି ସେ ଗ୍ରାମବାସୀ ।
ନାନ୍ଦୀମୁଖୀ ମେଳେ ଯେ । ଧନିଷ୍ଠା ଧନିଷ୍ଠା କୁନ୍ଦଲତା ମିଳେ । ୧୨ ।

ଛନ୍ଦ୍ରା ପଦ୍ମା ଭଦ୍ରା ଚନ୍ଦ୍ରା ସଜନୀ । ମାନ ସମ୍ମାନକୁ ମାନସେ ଘେନ ।
ଆସି ଘୋଷିଲେ ଏ କି ବ୍ୟାଧିବିଧି । ବେଦ ବୈଦ୍ୟ ଆଣି କର ଔଷଧି ।
କେ କେତେମତରେ ଯେ । କଥନ ଅକଥନ ଦୁଃଖିତରେ । ୧୩ ।

ନାମ କାମଟସନୀ କ୍ରୀଡା ଅଣାଇ । ଉପଗୁରୁ ପଗୁରନ୍ତ ମଣାଇ ।
ବ୍ୟାଧି ଉପନିଧି ଅଙ୍ଗେ କି ହେଲା । ଦିନକୁ ଦିନ କ୍ଷୀଣଭୂଲୁ ଗଲା ।
ବାତୁଳ ଭୁଲରେ ହେ । ପାଞ୍ଚ ଆଚରଣ କାହିଁକି କରେ । ୧୪ ।

---

୭—୭ ରହେ ଲୋଭରେ ଟ ଠ; ୮—୨ ଅପାଙ୍ଗରଙ୍ଗ ତରଙ୍ଗ ଗୃହାର୍ଣ୍ଣୀ କ, ଖ, ୮—୭ଚନ୍ତ କୁ ଚିତ୍ତ-ନୟନମୋହନ ଜ, ୧୦—୧ ଇଚ୍ଛା ତକ୍ଷଣାକୁ କରୁ ସଜନୀ ଛ,ଝ, ବ୍ୟତୀତ ସମସ୍ତ ପୋଥିରେ, ପାଠ ମଧ୍ୟ ସମୀଚୀନ, ୧୦—୩ କରୁଛ-ପଦ୍ମବତୀ; ୧୧—୪ମାର ପାଠ ଟ,ଠ; ୧୧—୭ ଅଘଟ ଦେଲ୍‌ ୧୪—୧ ବାମ କାମଟସନୀ ଢ, ଟ ଠ; ଗ୍ୟାଗୀ ଅଣାଇ ଓ ଗ୍ୟାଗା ଅଣାଇ ପୋଥିମାନଙ୍କରେ ଲିଖିତ ୧୫—୨ ଉପଗୁରୁ ଟ ଠ,

ବାଚ ବାଚକ ହେଲା ଏ ବଚନେ । ରୋଗ ବିଗଜନ୍ୟ ବିଧି ଯତନେ ।
ଯେମନ ମନରେ ସ୍ମର ଅପସ୍ମାର । ଏକା ସୂଚକା ମଧୁରେ ନିସ୍ତାର ।
ଆନ ଗତ ନାହିଁ ହେ । ଶ୍ୟାମଘନରସ ସୁପଥ୍ୟ ତହିଁ ।୧୫।
ଦେହଦାହ ଦୁଃଖ ଯିବାକୁ ବୁଝି । ଅଛୁ ରସାନନ୍ଦ ପାଚନ ପାଞ୍ଚି ।
କୃଷ୍ଣ ନାଗର ସୁରସେ ବୁଡ଼ିବ । ଚନ୍ଦ୍ରମା ମୂଳ ତହିଁରେ ପଡ଼ିବ ।
ପରପାକ ହେବ ହେ । ମଧୁର ପକ୍ଷେ ରୋଗ ହୋଇବ ।୧୬।
ପ୍ରେତଗ୍ରସ୍ତ ହୋଇଥିବ କି ଅବା । ତହିଁକି ବିହିତ ଉପାୟ ଦେବା ।
ସମାପ୍ତ ନାମ ଏ ମନ୍ତ୍ରର ସତ । ରସରେ ଯେମନ ଯେବେ ତ ଚିତ୍ତ ।
ଜପିବ ନିରତେ ହେ । ହରି ହେବେ ତାର ବିପଦ କେତେ ।୧୭।
ଏ କାଳେ ସଚେତ ହୋଇ ସୁମତି । ଏ ଉପାୟ ଶୁଣି ସନ୍ତୋଷ ଅତି ।
ଲଜ୍ଜ ପୀରିତି ବିବାଦ ପଡ଼ିଲା । ସୁକଣ୍ଠୀ ଉତ୍କଣ୍ଠିତା ଚଢ଼ିଗଲା ।
ବୋଇଲେ ସଖୀଙ୍କି ଯେ । ମୋ ପ୍ରତି ଆଶ ବହିଛ କାହିଁକି ।୧୮।
ଶୁଣି ଗୁଣି କେ କେତେମତେ ବୋଧି । ଧୀର ଅଧୀର ହେବାର କି ବିଧି ।
ଯେ ବିଧି ଔଷଧି ସିଦ୍ଧିକି କର । କହି ମେଲାଣି ବହିରଙ୍ଗୀ ତାର ।
ଅନ୍ତରଙ୍ଗୀ ଗୁହିଁ ଯେ । ଆତୁର ଗିର କହନ୍ତି ସୁମୁହିଁ ।୧୯।
ମିଥୁନ କାଳ ହେବାର ବିଶଇ । ରୁଚିର ଘନଶ୍ୟାମ ତ ଆସଇ ।
ଚନ୍ଦ୍ରଙ୍କ ଉଲ୍ଲାସ ବିଚଣ୍ଡ ପ୍ରଭା । ହରିତାମ୍ବର ଆଚ୍ଛାଦନେ ଶୋଭା ।
ଘନରସବନ୍ତ ହେ । ଆନନ୍ଦ କଦମ୍ବ ସୁମନ ସତ ।୨୦।
କେ କି ଯେମନ ମନେ ସଖୀଏଁ ତର୍କି । ପ୍ରତିଉତ୍ତର କରନ୍ତି ତହିଁକି ।
ନିଶିମୁଖ ଶଶୀ ଉଦୟକାଳ । ଘନ ବୋଲିବାର ଭ୍ରମ କେବଳ ।
କି ଶୋଭୁଛି ବଚନ ଗୋ । ରୁଚିର ପୁଷ୍କର କଳିତ ଯେନ ।୨୧।
ସଜନୀ ଭାଷିଲା ସେ ତ ଗଗନ । ମଦନଜନକ ଧନୀ ବଚନ ।
ମିତ ଉତ୍ତର ସେ କାଳ ନୋହେ କି । ଧନୀ ବୋଲେ ରସାମୃତଦାମୀକି ।
ବୋଇଲା ମିତଣୀ ଗୋ । ଚନ୍ଦ୍ରରେ ନାହିଁ କି ତେମନ୍ତ ଆଣି ।୨୨।

---

୧୬—୪ ପଦ୍ମକାଠମୂଳ ତହିଁ ପଡ଼ିବ ; ଲେଖକର ପ୍ରମାଦ ଦ୍ୱାରା କପର ପାଠଭ୍ରମ ହୁଏ ତାହାର ଏ ଗୋଟିଏ ଜ୍ୱଳନ୍ତନିଦର୍ଶନ ୧୬—୪ ଉଦ୍ଧରେ ଯେମନ ଯେବେ ହାତର ଠ, ୧୬—୬ ହର ହୋଇବେ ତା; ଝ,ଠ. ୧୮—୬ ମୋ ପ୍ରୀତି ଅଶ ଠ; ମୋ ପ୍ରତିଆଶ କରୁଛ କାହିଁକି ଝ ୧୯—୧ ଶୁଣି ଘୁଣିବେ ଛ ଝ ବ୍ୟତୀତ ସମସ୍ତ ପୋଥିରେ ୧୯—୪ ବହିସଙ୍ଗୀ ଝ, ଠ, ବହିରଙ୍ଗ କ, ଖ, ଗ, ଘ, ଚ, ଅନ୍ତରଙ୍ଗ ଗୁହିଁ ଛ, ଜ, ଝ, ବ୍ୟତୀତ ସମସ୍ତ ପୋଥିରେ । ୨୦—୪ ହରି ଅମ୍ବର ଆଚ୍ଛାଦନ ଶୋଭା-ଙ, ଚ, ଝ, ଠ; ୨୧—୧ କେକି ମନେ ଯେମନ-ଝ, ଠ; ୨୧—୨ କହନ୍ତି ତହିଁକି-କ, ଗ, ଘ, ଚ, ଝ, ଠ; ୨୨—୩ କାଳେ ନୋହେ କି-କ, ଝ, ଠ, ୨୨—୪ ରସାମୃତ ବାଣୀକି-ଝ, ଠ;

ଧନ୍ୟ ଉଭର ବନ୍ଧୁବର ଯେବେ । ରାଧାପ୍ରେମ ବଶ ହୁଅନ୍ତେ ତେବେ ।
ଉଜ୍ଜ୍ୱଳ ନିପୁଣ ବୋଲନ୍ତି କେହି । ସୁଖକର କାନ୍ତି ଦଶଇ ନାହିଁ ।
ରସାମୃତଦାମ୍ନୀ ଗୋ । କି କର ବୋଲୁଛ ପ୍ରାଣସଜନି । ୨୩ ।

ଅନନ୍ତ ଗୁଣବନ୍ତ କଳାନିଧି । ସର୍ବ ଶିରୋଧାର୍ଯ୍ୟ କରନ୍ତି ବିଧି ।
ସକଳ ମଣ୍ଡନ ଲକ୍ଷଣବନ୍ତ । ପରମାନନ୍ଦ ସୁଖଦ ନୁହେ ତ ।
ଆହ୍ଲାଦକର ଗୋ । ହେଉନାହିଁ ତ ଖିନ୍ନତାପହର । ୨୪ ।

ସୁମନାବନ୍ତ ନାମ୍ନି ଅଛି ଯେଣୁ । ପ୍ରଭାକର ଯଶ ହେବ କି ତେଣୁ ।
ତମ ବିନାଶଇ ବୋଲାଇ ହରି । ବରିଜପଦମାନେ ତେଣୁ କରି ।
ଏ ନୋହିଲେ ମିତ ଶୋ । ହୃଦୟ ସୁଶୀଳ କି କେ ଜାପିତ । ୨୫ ।

ଆଳୀ ବୋଲେ ଯେବେ ହେଲେ ତପନ । ଚନ୍ଦ୍ର ଚନ୍ଦ୍ର କାହିଁ ପାଇଲେ ଘେନ ।
ରାଧା ଗିର ଥାଉଁ ଅଉଁ ନାୟକ । ପଦ୍ମିନୀ ମ୍ଳାନ କି ନୁହେ କଳଙ୍କ ।
ସଜନୀ ଭାରତୀ ଗୋ । କୁମୁଦ ମୁଦ କି କର ହୁଅନ୍ତି । ୨୬ ।

ରାଧା ବାଚକ ରପୁର କଳଙ୍କେ । ହାସ ପ୍ରକାଶ ନୁହଇ କି ଲୋକେ ।
ସଖୀ ବୋଲେ ସେ କି ରାତରେ ଉଦେ । ରାଧା ବୋଇଲେ ହୋଇଥିବ ଖେଦେ ।
ଲାଜ କି ନ କରେ ଗୋ । ଇନ୍ଦୁ ଲୁଚଲେ ମାନସରୋବରେ । ୨୭ ।

ଏପରି କହୁଁ କହୁଁ ନିଶି ଶେଷ । ବେଳକୁ ବେଳ କିଶୋରୀ ଅବଶ ।
ଗୁରୁଜନ ଡରେ ନୀତ ବଢ଼ାଇ । କମଳଦଳ-ଶେଯେ ପହୁଡ଼ାଇ ।
ସଜନୀ ଝସ୍ପିର ଯେ । ହେଲେ ବିରହବ୍ୟାଧି-ଉପଗୃହୀ । ୨୮ ।

ଏହି ସମୟରେ ବୃନ୍ଦା ପ୍ରବେଶ । ଦେଖି କିଶୋରୀ ଉତ୍ସୁକେ ଉଲ୍ଲାସ ।
ଫଳାପନ ପ୍ରେମବଳେ ଉଦିତ । କଉଁଠାରୁ କି ନିମିତ୍ତେ ଆଗତ ।
କଲ ପ୍ରଶ୍ନୋତ୍ତର ଯେ । ସ୍ୱବନୁଁ ଗୁମୁକୁ ଆସିବା ମୋର । ୨୯ ।

କଢ଼ିଲ୍ଲ ଖବ ଉତ୍କଣ୍ଠିତା ପ୍ରଭା । ପ୍ରଥମା ଉକ୍ତ କଲେ ହୋଇ ଲୋଭା ।
ବୃନ୍ଦାବନ ଗୁରୁ ମାଧବ ଘେନ । କହ କେମନ୍ତେ ହୋଇଛି ସଜନୀ ।
ଦ୍ୱିତୀୟା କଥନ ଗୋ । ବସନ୍ତବାସେ କାନନ ରଞ୍ଜନ । ୩୦ ।

ପ୍ରଥମା କହେ ନାଗେଶ୍ୱର ଝୁଟ । ଦ୍ୱିତୀୟା କହେ କରେ ଭୃଙ୍ଗୀ ନାଟ ।
ପ୍ରଥମା କହେ ଅଛି ନା କରୁଣା । ଦ୍ୱିତୀୟା କହେ ସୁମନା ଫୁରୁଣା ।
ପ୍ରଥମା କହିତ ଯେ । ଆଣିଲ ନାହିଁ ମୋ ପାଇଁ କଛୁ ତ । ୩୧ ।

---

୨୫—୪ ବରାଜ ପଦମାନ କ, ଖ, ଚ; ୨୫—୬ ହୃଦୟ ସୁଶୀଳା-ଝ. ଠ; ୩୧—୨ ଲୁଗନାଟ-ଛ ୫ ବ୍ୟତୀତ ସମସ୍ତ ପୋଥିରେ

ଦ୍ୱିତୀୟା କହେ କେତକର କଥା । ମଧୁସୂଦନ ଅସଙ୍ଗ ବେବସ୍ଥା ।
ସାକ୍ଷୀ ଅଛନ୍ତି ଯହିଁ ମାଳ ମାଳ । ସୁପର୍ଣ୍ଣାଳିବନ୍ତ ବିଟପୀଜାଳ ।
ଦକ୍ଷିଣାଚରଣ ଯେ । ଦହନ୍ତିବାସ ସୁମନା ହରଣ । ୩୨ ।
ମାଧବୀ ସୁମନା ମୋହଇ ମତି । ପୁନ୍ନାଗ ବେଷ୍ଟନେ ରୁଚିର ଅତି ।
ସୁନାସୀ ସୁମନାବନ୍ତ ନୋହିଲେ । ନୂତନା ଦାସୀଏ ତାଙ୍କୁ ହସିଲେ ।
ସତ ଶତହିରୁ ଗୋ । ବନ୍ଧୁଜୀବ ରଙ୍ଗଣୀରେ ତ ଗୁରୁ । ୩୩ ।
ପ୍ରଥମା ଦିଅର୍ଥ ବିଅର୍ଥ କରି । ଆଶ ନିରାଶ ଭ୍ରମେ ରୁଜୁ ଧରି ।
ବାରି ପାରିଲେ ନାହିଁ ପ୍ରେମ ଲୋଭ । କୁଟିଳ ପ୍ରୀତି ସ୍ୱୀତଙ୍କି ଦୁର୍ଲ୍ଲଭ ।
କହ ସହଚରୀ ଗୋ । ଗୋବର୍ଦ୍ଧନଙ୍କୁ ଦେଖିବା କି କରି । ୩୪ ।
ବେଣୁ ଗୋଷ୍ଠୀର ଶୃଙ୍ଗ ଚେତନକରେ । କି ଶୋଭା ଦିଶୁଥିବ ଏ କାଳରେ ।
ଦ୍ୱିତୀୟା କହେ ସୁଶୀଳାରେ ଧନ । ବିଟପୀ ବ୍ରତତୀ ଘେନି ସୁମନ ।
ମଧୁପରେ ରସି ଗୋ । ହେଲେ ତନୁଭୋଗଦାନଭିଳାଷୀ । ୩୫ ।
ରାଧା ବାଣୀ ଶ୍ୟାମ ମଧୁ ମାଧବ । ସଙ୍ଗ ଭଙ୍ଗ ରଙ୍ଗ କି କରି ହେବ ।
ବୃନ୍ଦା କହେ ଶ୍ୟାମ ବହୁବଚନ । ମଧୁ ଷଷ୍ଠୀ ଅର୍ଥେ ହେଲା ରଞ୍ଜନ ।
ମାଧବ ମାଧବୀ ଗୋ । ବସନ୍ତବାସ ସମ୍ଭୋଗେ ବିଭଙ୍ଗୀ । ୩୬ ।
ରସାଳସା ଦଶା ଶ୍ରବଣେ ବୃଦ୍ଧି । ହା ହା କହୁଁ କଣ୍ଠ ହୋଇଲା ରୁଦ୍ଧ ।
କୃଷ୍ଣ ପ୍ରେମ ପ୍ରାପ୍ତି ଆଶାଭଙ୍ଗରେ । କ୍ଷଣକୁ କ୍ଷଣ ପ୍ରେମତରଙ୍ଗରେ ।
ବୁଡ଼ଇ ଉଠଇ ଗୋ । ବିଭ୍ରମ ଦେଲା କୁଳାଶା ଛଡ଼ାଇ । ୩୭ ।
ଯଗ୍ରପର ଲୋକ ଯେତକ ଥିଲେ । ବିହ୍ୱଳ ଦ୍ୱନ୍ଦଭାବରେ ଘେନିଲେ ।
ମିଳି ପୂର୍ଣ୍ଣମାସୀ କଲେ ବଞ୍ଚନା । ବୋଇଲେ ଦିବ୍ୟ ଉନ୍ମାଦ ବ୍ୟାଧି ନା ।
ସୁଧନ ନଭାଙ୍ଗ ରେ । ବିଯୋଗ ଯୋଗରେ ଏ ରୋଗଭଙ୍ଗ । ୩୮ ।
ଏତେ କହି ତତେ ସୁଦେଷ୍ଣା ବହି । ବଟି ଜଟିଳା ପାଶେ ଯାଇଁ କହି ।
ସାଧୁ ବଧୂ ସରୁଅଛୁ ହେଲାରେ । ସୂର୍ଯ୍ୟପୂଜନ ବିଘ୍ନ କରିବାରେ ।
କାମ ପୂର୍ଣ୍ଣ ହେଉ ଗୋ । ହରି ହରିବେ ରାଧା ଦୁଖ ଯାଉ । ୩୯ ।

---

୩୨—୧ ମଧୁସୂଦନ ତା ସଙ୍ଗ ବ, ଟ, ଠ, ୩୨—୨ ବସନ୍ତ ସୁମନା ବାସ ହରଣ ଛ, ଝ, ବ୍ୟତୀତ ସମସ୍ତ ପୋଥିରେ ୩୩—୩ ସୁମନାବନ୍ତ ଛ, ଝ, ୩୪—୧ ପ୍ରଥମା ଦ୍ୱିଅର୍ଥ ଠ; ୩୪—୨ ଅଶ ନରାଶ ଭ୍ରମେ ରୂପୁଧର ଛ; ଅଶ ନରାଶ ଭ୍ରମ ରୁପଧର, ଟ, ଠ, ଆସ ନରାଶ ଭ୍ରମେ ରପୁଧର କ, ଆଶ ନିରାଶ ଭ୍ରମେ ରୂପଧର କ, ଖ, ଗ, ଘ ଚ; ୩୪—୩ ପ୍ରେମେ ଲୋଭ ଝ; ୩୫—୧ ବେଣୁ ଶୋଭିତ ଛ, ଜ, ଝ, ବ୍ୟତୀତ ସମସ୍ତ ପୋଥିରେ ୩୫—୩ ଘେନ ଘ, ଜ, ଟ, ଠ; ୩୫—୪ ବିଟପ ପ୍ରତୀତ ଖ; ବିଟପୀ ତତ ତ ଘେନ ସୁମନ ବ; ।ବିଟପୀ ତତ ତ ଘେନ ଶୋଭନ ଜ; ୩୫—୬ ଦାନଲୋଷୀ ଗ, ଟ, ଠ; ଦାନଭୋଗବିଳାଷୀ ଜ; ଦାନଉଲ୍ଲାସୀ ବ, ୩୮—୨ ବହୃତ ଟ, ଠ; ୩୮—୩ ବିଯୋଗଭଙ୍ଗରେ ଟ ଠ; ୩୯—୨ ବଟି ଜଟିଳାଅରେ ଯାଇ କହି ଖ; ଜଟି ଜଟିଳା । ଅତେଯେଇ କହି ବ, ଜଟି ଜଟିଳା ପାଶେ ଚ; ୩୯—୩ ସାଧ୍ୱୀତଧୂ ଠ;

ରସସନ୍ଦର୍ଭଗର୍ଭ ପଦନ୍ୟାସ । ଚିତ୍ର ଲାଳିତ୍ୟ ମାଧୁର୍ଯ୍ୟ ଉଲ୍ଲାସ ।
ସ୍ଫୂର୍ତ୍ତି ହେବା ମୂର୍ତ୍ତିବନ୍ତେ କି ଚିତ୍ର । ଭକ୍ତ ମୁକ୍ତ କେତେ ବିଶ୍ୱପବିତ୍ର ସେ ।
ଚରିତ ଚିତ୍ତରେ ଘେନି ଯେ ।
ସ୍ୱାର୍ଥ ପଦାର୍ଥ ମନୋରଥ ହେବାକୁ ବେଶ ଇଚ୍ଛା କଲେ ଆଳୀ ଯେ । ୨ ।
ବିଦଗଧା ରାଧା ଶ୍ରୀମୁଖରେ ମେଳି । ଛଳି ଛଇଳୀ ଏମନ୍ତ ବୋଲି ।
ବିଭୂଷଣ -ଭୂଷା ବାନା ଉଡୁଛି । ଖ୍ୟାତି ସାକ୍ଷାତରେ କହିଁ ନୋହୁଛି ଯେ ।
ଅନୁଗତ ହିନୁଁ ଘେନ ଗୋ ।
ସାନ୍ଦ୍ର କି ଚନ୍ଦ୍ରଚୂଡ଼ ହେବା ନୋହିଲ ଶିବଙ୍କୁ ବୋଲିବି ସାନ ଗୋ । ୩ ।
ହିମ୍ବାଳିଧି ସିଦ୍ଧି ନାମ ପ୍ରକଟୁ । ସେବକା ସେବା ଅଭିମାନ ଫିଟୁ ।
କବି ବଚନ ଅଳଙ୍କୃତ ହେଉ । ଆମ୍ଭ ନେତ୍ର ତାପ ପାପ ପଳାଉ ସେ ।
ଭୂରେ ପ୍ରଭୁପଣ ହିଶୁ ଯେ ।
ଆମ୍ଭ ଶ୍ରମ ସ୍ୱାର୍ଥ କଲେ କେତେ ଲାଭ ମିଳିବ ମନକୁ ଆସୁ ଯେ । ୪ ।
ସଙ୍ଗୀ ଭଙ୍ଗିବାଣୀ ଶୁଣି କିଶୋରୀ । ଦୁର୍ଲ୍ଲଭ ଲୋଭଦ୍ରବ୍ୟ ପ୍ରାପ୍ତି ପରି ।
ହୃଦନଦରେ ଆନନ୍ଦଲହରୀ । ପିଧାନ ବିଧାନ କପାଟରେ କରି ସେ ।
ମହା ଗୃହିଁ ରହିବାଟରେ ଯେ ।
ସ୍ୱୀକାର ବିକାର ସ୍ମିତ ଜକଜକ ହସିଗଲା ଶ୍ରୀମୁଖରେ ଯେ । ୫ ।
ଅଙ୍ଗୀକାର ସଙ୍ଗୀ ହେଲା ମାନସେ । ଭଙ୍ଗୀରୁ ଜାଣିଲେ ସଙ୍ଗିନୀବଂଶେ ।
ଜଣାଇ ପହଣ୍ଡ ମଣାଇଁ ନେଇ । ଆସନେ ପ୍ରସନ୍ନ ବିଜେ କରାଇ ସେ ।
ସାଜି ସାଜି ଦରପଣ ଯେ ।
ଶ୍ରୀମୁଖ ଦେଖାନ୍ତେ ରଖାଇଲା କ୍ଷଣି ସରଗଲା ବଡ଼ପଣ ଯେ । ୬ ।
ଚତୁରୀ ସହଚରୀଙ୍କ ନେତ୍ରାନ୍ତ । ଇଙ୍ଗିତ ଭଙ୍ଗିରୁ କରି ଚରିତ ।
ଜାଣି ବିଚକ୍ଷଣୀ ବୃନ୍ଦା ବହନ । କଳ୍ପପାଦପ ଜାତ ଭୂଷାମାନ ।
ଆଣି ଦେଲେ ବେଶବିଧି ଯେ ।
ତିଉ ମୋହେ ଶଚୀପତିଙ୍କ ଦୁର୍ଲ୍ଲଭ ଦେଖି ତ ନାହିଁ ତା ବିଧି ଯେ । ୭ ।
ହାସ ପ୍ରକାଶ କରି ବେଶକାରୀ । ସରାଗେ ପଚ୍ଛଭାଗେ ବସି କରି ।
ହରିତ ହରିତ-ବାସ ପଣନ୍ତ । ଗମ ଚମଦେଶେ ପକାଇ ତ ସେ ।
ବରକବରୀ ଆଶ୍ୱାସେ ଯେ ।
ମୋକ୍ଷ କଲାକ୍ଷଣି ମୋକ୍ଷକୁ ଦେଖଣି ଲୁଚାଇବାର ଆଭାସି ଯେ । ୮ ।

---

୨—୭ କଲେ ଆଳୀ-କ, ଖ, ଗ. ଘ, ଙ,ଚ; ୩—୬ ହେବା ନୋହିଲ, ଛ, ଝ; ବ୍ୟତୀତ ସମସ୍ତ ପୋଥିରେ,୪—୨ ସିଦ୍ଧି ନାମ ଛ ଝ ବାଦ ସମସ୍ତ ପୋଥିରେ; ୬—୧ ଭଙ୍ଗୀ ହେଲା-ଚ,ଘ,ଚ, ୭—୨ କରି ଚରିତ-ଟ, ଠ; ୭—୪ ଜାତ ଭୂଷା-ଛ, ଝ, ଟ, ଠ; ବ୍ୟତୀତ ସମସ୍ତ ପୋଥିରେ ୭-୭ ଦେଖିତ ନଥିବ ବିଧି ଯେ-ଟ, ଠ;

ଘଙ୍ଗ ଭଙ୍ଗ ହୋଇ ଖସିବା ଶୋଭା । ସୁଜନଜନ ମନଲୋଭା ପ୍ରଭା ।
ସାନ୍ଦ୍ର ମୁଖଚନ୍ଦ୍ର ବିମ୍ବ ଦର୍ପଣେ । ଦେଖି ଲକ୍ଷିକା ମାନ୍ଦ୍ୟା ବଗୁରତେ ସେ ।
ତମିସ୍ରା ନାଶୀ କବରୀ ଯେ ।
ରହି ରହି ଗୃହିଁ ଗୃହିଁ ଯାଉଅଛୁ ପରା ଭଙ୍ଗମାନ କରି ଯେ । ୯ ।
ବାସ ବାସରେ ପୁଷ୍ପ ଚହଟିଲା । ଗନ୍ଧବାହ ଦେହ ପବନ କଲା ।
ଢଗରେ ସବାଗ ବଳାଇ ଦେଲା । ସାରସ ଆଶକୁ ଛଡ଼ାଇ ନେଲା ସେ ।
ଭ୍ରମ ଭ୍ରମରେ ବସ୍ତ୍ରାଢ ଯେ ।
ମାଧବ ମହୀଉଦ୍ଧବକୁ ରମଣୀ, ଯାଉ ସେ ପୁଷ୍ପ କ ପୁଷ୍ପ ଯେ । ୧୦ ।
ଗୃହିଁ ସଖୀ କହିଲେ ରେ ଯାମଣୀ । ତୁଚ୍ଛ କେକପୁଚ୍ଛ କୃଷ୍ଣ ଗ୍ରମଣୀ ।
ଇଚ୍ଛା ନାଉଁ ଗୁଇ ହେବାକୁ କରି । ପଛରେ ରହିଛନ୍ତି ଅନୁସରି ସେ ।
ତାହାଙ୍କ ସରି କ କରି ଯେ ।
ଛି ଛି ମରି ମରି ଯା ଯା ହସି ଭାଷି ଗ୍ରମରଧାରୀ ଏ ବାର ଯେ । ୧୧ ।
କି ଠିକ ମାନଛୁ ପିଠିକ ପଡ଼ । ହେମ ଧରେ କି ଶ୍ୟାମଘନ ଧାଡ଼ ।
ପଡ଼ଛୁ ତଡ଼ତେ କି ଧୂମକେତୁ । କୁଙ୍କୁମଧାମେ ମହାସ୍ତମ୍ଭ କେତୁ ଯେ ।
ଆସୁଛୁ ବଟନ ହେତୁ ଯେ ।
ବସନ୍ତ ମିତ୍ର ଉରକୁ ଆଡ଼ଣିକ ପହୁଡ଼ଣ ବିଶ୍ୱକେତୁ ଯେ । ୧୨ ।
ତରଳ ମଞ୍ଜୁଳ କୁନ୍ତଳେ ଦେଲେ । ଝୀନ ବସନରେ ପୋଛି ଉଞ୍ଛିଲେ ।
ସବାଗବନ୍ତ-ପଦ୍ମରାଗ-ଜଡ଼ା । ପାନଆ ମାନଆ କାମସଜଡ଼ା ସେ ।
ଶଳାକା ଚଳାଇ କରି ଯେ ।
ଝଙ୍କାର ନଖରେ କେଶ କାଶି କରେ ଦେଲା କଉଁ ସହଚରୀ ଯେ । ୧୩ ।
ରୁଣ୍ଡିଆଇ କେଶ କୁଣ୍ଡିଆଇବା । ନାହିଁ ନୋହିବ ସେ ଶୋଭା କହିବା ।
ଚଞ୍ଚଳା ବାଳା ପିନ୍ଧି ରଙ୍ଗବାସ । ଘନ ଅପଘନ ମିଶା ଆଭାସ ସେ ।
କମଳ କୋଳକୁ ଭାବ ଯେ ।
କାଳନ୍ଦୀ ନଦୀରେ ପ୍ଲବନଗତିକ କରୁଛୁକ ପ୍ରାତ-ରବି ସେ । ୧୪ ।

---

୯--୧ ସଙ୍ଗ ଭଙ୍ଗ ଝ. ଖୋସିବାନଶୋଭା-ଠ. ୯—୪ 'ଲଷିଲ' ଛ, ଝ ଛଡ଼ା ସବୁ ପୋଥିରେ, ୧୦—୧ ପୁର ଚହଟିଲ କ, ଟ, ଠ; ୧୦—୨ ମାଧବ ମହାନ୍ତ ଧୀର କୁରମଣି-ଘ. ଚ, ଜ; ମହାନ୍ତ ଧୀର ଦୁରମଣି-ଠ. ଗ; କ. ଖ; (ଅପ) ମଧା ଉଦ୍ଧବ ପୁରମଣି ଟ; ୧୧—୨ ଭାଷରଣି ଗ୍ରମର ଧାରୀଏ କରି-ଟ, ଠ; ଗ୍ରମର ଧାରୀଏ ବାରି-କ. ୧୨—୨ ଉରକୁ ଅଉଜକ ପହୁଡ଼ଛି-ଛ, ଝ, ଟ, ଠ, ଦ୍ୟୋତିତ ସମସ୍ତ ପୋଥିରେ; ବସନ୍ତ ମିତ ଉପରକୁ ଗାଉଜ ପହୁଡ଼ଛି-ଟ; ବସନ୍ତମିତ ଉରଜକୁ ଅଉଜକ ପହୁଡ଼ଛି-ଠ; ୧୩—୧ ତରଳେ ମଞ୍ଜୁଳ କୁନ୍ତଳ କଲେ-ଟ, ଠ. ୧୩—୩ ସବାଗବତା-କ, ଟ, ଠ. ସବାଗବତ-ଛ, ସବାଗବତୀ-ଝ; ୧୪—୫ କମଳକୋଳାନୁଭବୀ-ଛ, ଝ ବ୍ୟତୀତ ସମସ୍ତ ପୋଥିରେ; କୋଳ ନୁଭାବୀ-ଜ;

ଉତ୍ତମା ଉତ୍ତମାଙ୍ଗେ ମାଙ୍ଗଭଙ୍ଗ । ପ୍ରକଟ ଲୋଟଣୀ ଛନ୍ଦ ସଂଯୋଗ ।
ଜୁଡ଼ା ଅମରପକ୍ଷ ପଡ଼ା ଛଡ଼ା । ଆଲୋକନ-ଲୋକ-ଜ୍ଞାନଘଉଡ଼ା ସେ ।
ମୂଳ ଭିଡ ହଜାଡ଼ିବା ଯେ ।
ଚମୂଦତ ବାଧା ନଶିଗଲା ଯଦ୍ଦୁ କରଗତ ଭାଗ୍ୟେ କ ବା ସେ । ୧୫ ।
ସଞ୍ଚ କଚ ସରୁ ଗୁରୁ ଚଉଁରୀ । ମାଣିକ୍ୟ ମଣ ଜଡ଼ିତ ଭଉଁରୀ ।
ଗର୍ଭ କ ସମ୍ବୃଦ୍ଧ କର କରନ୍ତେ । ତପନ ଘନରେ ଉଦେ ପରତେ ସେ ।
ଅଦ୍ଭୁତ ସମ୍ଭୂତ ହେଲା ଯେ ।
କୋକନଦ କଳି କଳିନ୍ଦଜା ଜାତ ହେବା ଶୋଭାକୁ ହସିଲା ଯେ । ୧୬ ।
ଦୃଷ୍ଟି ସୃଷ୍ଟିକ ଜୁଡ଼ା ବୁଡ଼ାଉଛୁ । ଏମନ୍ତ ଚଉକୁ ପ୍ରତେ ହେଉଛୁ ।
ମାର ଧୀବର ମର୍କତ କୁବେଣୀ । ତ୍ରିଲୋକ ଲୋକନ ମୀନ ଭରଣି ସେ ।
ଆସୁନାହିଁ କହିବାକୁ ଯେ ।
ନୂଆ ଉଆଇ କ ଥିଆଇଛୁ ମାର ନୀଳେନ୍ଦ୍ରମଣି ଦରକୁ ଯେ । ୧୭ ।
ସିନ୍ଦୂର ଗାର ଦେଲେ ସୀମନ୍ତିରେ । ଉପମା ପଡ଼ିଲେ ଅପମାନରେ ।
ଶଶୀ ରସେ ନଖ ଫେରାଣ ଗାର । ନଶାଯୋଷା ଦେହେ ରୁଧିରଧାର କି ।
କି ଗ୍ରମ ତମ ଅମର ଯେ ।
କ୍ଷତ କ୍ଷତଜ ଆଜହିଁ ବିଲୋକନେ କାଳିନ୍ଦୀ ପ୍ରବାହ ସ୍ଥିର ଯେ । ୧୮ ।
ଅତି ଜ୍ୟୋତ ମୋତି ପଂକ୍ତି ସୀମନ୍ତି । ରଜରାଜ ଦନ୍ଦୁରଗକୁ ଗୁନ୍ଥି ।
ବନା ସୁନାଜାଲି ଶୀକଳୀ କମ । ଉତ୍ତମାଙ୍ଗ ସାଙ୍ଗ ପାଇ କି ଗ୍ରମ ସେ ।
ଜୁଡ଼ା ଧୋଡ଼ ଯିବା ତୋରା ଯେ ।
ଚନ୍ଦ୍ରଜାଲେ ମିଳି ଅଙ୍କ କୃଷ୍ଣସାର ଅତନୁ ଧଇଲା ପରା ଯେ । ୧୯ ।
ଦୃଷ୍ଟି-କୋଟିବୁଡ଼ା ମୁକୁତା-ପରା । ମନ-ନୟନ-ମୋହନ-ପସରା ।
ତର୍କିତ ମର୍କତ ଲଙ୍ଗ ପାଶରେ । କ୍ଷୀରଧାରା ବସୁନ୍ଧରା ବର୍ଦ୍ଧରେ ସେ ।
ଜୁଡ଼ାବନ୍ଧ ମଣି ତାର ଯେ ।
ସାନ୍ଦ୍ର ଇନ୍ଦ୍ରନୀଳ ମଣିକୁଟିରୁ କି ଉଠି ଆସେ କଳାକର ଯେ । ୨୦ ।

---

୧୫—୨ ଲୋଟଣୀ ଜୁଡ଼ା-ଘ, ଛ; ୧୫—୬ ନଶି ଗଲା-କ, ଖ, ଗ, ଘ, ଚ, କରଗତ ଭାଗ୍ୟ-ଝ. ଠ, କରଗତ ଭାଗ୍ୟେ-କ, ଖ, ଛରେ କମ୍ପ ପାଠ ଭିନ୍ନ ଅଛି, ସଖୀଏ ବଶୁର ମୂନ ଚୈର୍ଯ୍ୟ-ତରୁ ସମୂଳରେ ଉପାଡ଼ିବା ଯେ-ଛ, ୧୬—୧ ସରୁ ଗୁରୁ-ଝ, ଠ, ୧୬-୩ ସମ୍ବୃଦ୍ଧ-ଝ, ଠ, ୧୬—୫ ସମ୍ଭୂ[illegible]କଲା ଗ, ଘ, ଚ, ୧୭·୧ ବୁଡ଼ାଇଛି-ଝ. ଠ, ୧୭—ମୀନ ଭ୍ରମଣୀ-କ, ଖ, ଘ; ତ୍ରିଲୋକନ ଲୋକ ନମ୍ର ନଉଣି ଝ. ୧୭—୬ ନୀଳେନ୍ଦ୍ର ମଣିବରକୁ କ, ଖ. ଘ, ଜ. ଝ, ଠ. ଧରକୁ, ଗ ୧୮—୧ ସୀମନ୍ତରେ ଠ, ୧୮—୩ ଫେରଣାଗାର କ. ଖ, ଝ, ଠ. ୧୮—୫ କି ଗ୍ରମ ତମ ଘୁମର ଛ. ଝ ବ୍ୟତୀତ ସମସ୍ତ ପୋଥିରେ ଠ, ତମ ଅସର ଝ, ୧୮—୭ ବିଲୋକନ ଘ, ଠ, ୨୦—୧ ମୁକୁତା ଝରା ଛ, ଝ, ଠ, ଛରେ ମଧ୍ୟ 'ପରା' ଅଛି ।

ଅସିତ ପୀତ ରଙ୍ଗ ଫୁଲମାଳ । ଜୁଡ଼ା ବେଢ଼ାଇବା ଅତି ମଞ୍ଜୁଳ ।
ନବ ଜୀବନଦେ ବାସବଗୋପ । ମୁଦେ ଉଦେ ହେଲା ପରା ଆକ୍ଷେପ ସେ ।
ପଞ୍ଚ ଜଡ ରଙ୍ଗପାଗ ଯେ ।
ଅତନୁଜନ୍ମକୁ ସୁତନୁ ବାନ୍ଧିଲା ରଙ୍ଗିମା-କେତନ ପରା ଯେ । ୧୧ ।
ଶମ୍ପା-କମ୍ପା ଚମ୍ପାଚଉଁରୀ ବାମେ । ଅଯୀଣେ ଦକ୍ଷିଣେ ମଲ୍ଲିକାଦାମେ ।
ବକଶାବକ ପନ୍ତ ପନ୍ତ ଘନେ । ଶୋଭା ପ୍ରଭା ଦୁଇ ଦାଗକୁ ମାନେ ସେ ।
ବାଙ୍କ କନକଉଉଁସ ଯେ ।
ଜଗତ-ଜିତ ବସନ୍ତବର୍ତ୍ତି ଧନୁ ଅତନୁ ଆଣ୍ଟିଲା ପରା ଯେ । ୧୨ ।
ସିତ ଅସିତ ହେମଦୂର୍ବା ଦେବା । ଧର୍ମ୍ମ ତହିଁଲୋକଜଡା ଜାଣିବା ।
ଭଳି ଆଳୀ ଦେଲେ ବିଶାଖା କର । ଚଳି ଛଳି ସେ କି ବୋଲୁଛି ଠାର ସେ ।
କିପୁରସାଇ ଏ ସବୁ ଯେ ।
ନାହିଁ ନୋହିବ ନ ଥିଲା ଆନ କେହି, ଏହି ଏକା ଏହା ପର ଯେ ।୧୩।
ଯୁବା ଦେବାରେ ଖଞ୍ଜି ଚନ୍ଦ୍ରଝୁମ୍ପା । ନୂତନ ଘନରୁ କି ଚ୍ୟୁତ ଶମ୍ପା ।
ତମ କି ସୋମ ଚିହ୍ନୁଁ ପଡ଼େ ଗଳି । କି ଆସେ କି ଆଶେ ଅନ୍ଧାର ବଳି ସେ ।
ପାଟରଙ୍କୁରେ ଓହଳି ଯେ ।
ଶୋହେ ମନ ମୋହେ ନବ ଶଶୀ ଆସି ଖେଳୁଅଛି ପରା ଦୋଳି ଯେ । ୧୪ ।
ଝିଲିମିଲି ମାଳୀ ଅଳକା ପାଶେ । ଛନ୍ଦେ ଘନେ ବିଦ୍ୟୁତରେଖା କି ଦିଶେ ।
ଝଲକା ଝଲକ ପାନପତରୀ । ହଲି ହଲି କରେ ପଲକ ଚୋରୀ ସେ ।
କାନ୍ତ କାନ୍ତମୁଖେ ଭଲି ଯେ ।
ପାଖରେ ପ୍ରଖରେ ତାରାଏ ଦେଲେ କି ସ୍ୱନହୀନ ହୁଳହୁଳୀ ଯେ । ୧୫ ।
ଅଳକାତଳରେ ଟୋପିଚନ୍ଦନ । ଖଞ୍ଜି କରୁ ସାଜବାର ଶୋଭନ ।
ତମିର କବରୀକି ପ୍ରତେ କର । ମୁଖବିଧୁ ତାରାବଧୂଏ ଘେର ସେ ।
ରହି ବହିବାରୁ ତୋଷ ଯେ ।
ହଟି ମିଶି ଯାଉନାହିଁ ବ୍ୟଭସ୍ମୃତି ଶଙ୍କା ଘେନ ମନେ ଘସା ଯେ । ୧୬ ।
କସ୍ତୁରୀ ଭ୍ରମରୀ ଚନ୍ଦ୍ରଲେଖନ । ମଦନ-ମନ-ମୋହନ-ସଦନ ।
କମଳମେଳ ଇଚ୍ଛୁ ବେଢ଼ିଛନ୍ତି । ଛୁଆ ନୂଆ ଅଳି କଳି କରନ୍ତି ସେ ।

---

୧୧—୩ ପନ୍ତ ପନ୍ତ ରଙ୍ଗପାଗ-କ, ଖ; ପଢ଼ ପଢ ରଙ୍ଗପାଗ-ଛ, ଝ; (ପାଠ ମଧ୍ୟ ସମୀଚୀନ) ପନ୍ତ ପନ୍ତ ରଙ୍ଗ ଝଗ ଟ, ଠ; ୧୨—୨ ଅଶିଣେ ଦକ୍ଷିଣେ-ଝ; ଏହା ଅଶୀର୍ଣ୍ଣ ଓ ଅଶୀଣ ପାଠ ହୋଇପାରେ; ୧୨—୩ ପନ୍ତ ଗତ ଟ, ଠ; ୧୨—୬ ଅତନୁ ପାଖିଲା ପରା କ, ଖ, ଘ, ଚ, ଛ; ୧୩—୨ ଜଣା ଜାଣିବା-ଟ, ଠ; ୧୩—୪ ଏ ଶିର ଯେ-ଗ, ଘ, ଚ; ୧୩—୬ ନାହିଁ ନଥିଲା ନୋହିବ ଟ, ଠ; ୧୫—୪ କାନ୍ତାମୁଖ-ଟ, ଠ; ୧୫—୬ ପାଖରେ ପାଖରେ-ଟ, ଠ; ୧୬—୪ ରହିବାରୁ ଦକ୍ଷେ ତୋଷ-ଟ, ଠ;

ଏମନ୍ତ ଚଉକୁ ଆସେ ଯେ ।
ଜନନୟନବନ୍ଧନକୁ ମଦନ-ଶୃଙ୍ଖଳା ସଞ୍ଚିତ କି ସେ ଯେ । ୨୭ ।
ଚନ୍ଦନପାଟୀ ପରପାଟୀ ଗୃହି । କୋଟି ପାଟି ବର୍ଣ୍ଣି ପାରିବେ ନାହିଁ ।
ଗଉରୀ ଗଉରୀ ମିନ୍ଦିତାପଣେ । ଶଶୀ ଭୂଷିତ ଶେଷଦେବ ମଣେ ସେ ।
ନାଗ ନାଗ ଜାତ ସ୍ଥିତ ଯେ ।
ମଣି, ମଣି ଥୋଇ ଭ୍ରୂ-ବ୍ୟାଳ-ଲୀଳାବନ୍ତ ସତ ପରତିତ ଯେ । ୨୮ ।
ଗଣ୍ଡମଣ୍ଡଳକୁ ବିଚାରି କଲେ । ମକରୀ କସ୍ତୂରୀ ଲେଖି ରେଖିଲେ ।
ସୁଧାପିଣ୍ଡଖଣ୍ଡ ପରି ମାଧୁରୀ । ଅଙ୍କ ବାଙ୍କରେ କି ଦେଲା ଭଉଁରୀ ସେ ।
ମକରୀ ନୋହେ ମକର ଯେ ।
ଦେଖି ଲକ୍ଷିବ ନାହିଁ କଉଁ ବିବେକ ଦଗବିଜେ ମଦନର ଯେ । ୨୯ ।
ଟେକ ନାକରେ ତିଳକ କସ୍ତୁରୀ । ରତିନାୟକ କି ସାୟକ ଧରି ।
ରୁଚିନା ରେଚନା ଢ଼ାଲକୁ ଆଡ଼ । ରଙ୍ଗ ତରଙ୍ଗ ନୟନ ଧାଉଡ଼ି ସେ ।
ସାଧିବା ବିଂଧିବା କରେ ଯେ ।
ଗ୍ଲବୁ ଭ୍ରୂ ଧନୁ ଅଞ୍ଜନ ରଞ୍ଜନ ଗୁଣେ ଦୃଷ୍ଟି ଶର ଭରେ ଯେ । ୩୦ ।
ଆଣି ମାଣିକ୍ୟସାର ନାକଚଣା । ତାର ଆରଦ୍ରା ନାଟ୍ୟ ଗଲା ଜଣା ।
ତାର ଆଉପାଖେ ନଥ ବସିଜେ । ମୋତିପନ୍ତି ରହି ଝଲକା ସାଜେ ଯେ
ତାର ବାର ଆଉ କି ସେ ଯେ ।
ମିଶି ଶଶୀ ମୁଖ ଗ୍ରହ ଖେଳା ନାକେ କରୁଥିବାର ଆଭାସେ ଯେ । ୩୧ ।
ଶ୍ରୁତି ଶ୍ରୁତି ବନ୍ଦ୍ୟ ଉପମା ଭଳି । ବଜ୍ର ବଜ୍ରବତ ମଲ୍ଲିକାକଳୀ ।
ଗ୍ଲବୁ ଗୁଲ୍ଲୁ ରହି ତାଟଙ୍କ ଚନ୍ଦ । ଖଞ୍ଜିଲେ ଗଞ୍ଜିଲେ ଉପମା ଚନ୍ଦ ସେ ।
ଜଷ୍ଟ ବଷ୍ଟ ଜିଣି ଆଣି ଯେ ।
ତଳା ପିପ୍ପଳା ତୋଟର ଫୁଲଛତ । କରି କି ରଖିଲା ଆଣି ଯେ । ୩୨ ।
ଅଞ୍ଜନ-ଖଞ୍ଜନଜିତ ନେତ୍ରକୁ । ରଞ୍ଜିଲେ ନାହିଁ ଗଞ୍ଜିଲେ ଯୁବାଙ୍କୁ ।
ଅତନୁ-ଧନୁ-ବିଜିତ ଭ୍ରୂଲତା । ଗୁଣ ଭୂଷଣ ପରିହ୍ୟେ ଶୋଭିତା ସେ ।
ଡୋଳା ଖେଳାଇବା ତୋରି ଯେ ।
କାଳୀ କାଳନ୍ଦୀରେ ଚହଟି ଯାଉଛୁ ସଲ୍ଲିଳେ ସଜୀବ ପରି ଯେ । ୩୩ ।

---

୨୭ — ୭ ଶୃଙ୍ଖଳା ରଞ୍ଚିତ କି ସେ-ଙ୍; ୨୮ — ୪ ଖ, ଘ, ଚ, ଠ; ଅପ; ଶଶୀ ଭୂଷିତ ଶେଷେ ଦେବାମଣେ ଖ; ଶଶୀ ଭୂଷିତ ଶେଷ ଯେବା ମଣେ-ଙ୍; ଖ ଓ ଙ୍ ପାଠ ମଧ୍ୟ ସମୀଚୀନ ଶଶୀ ଭୂଷିତେ ଶେଷ ଦେବାମଣେ-କ; ଲୀଳାବତ-ଙ୍, ଟ, ଠ;

୨୯ ପଦ ଗୌରୀଶଙ୍କରଙ୍କ ଗ୍ରନ୍ଥରେ ନାହିଁ । ୨୯ — ୨ ରେଖି ଲେଖିଲେ-ଗ, ଘ, ଚ, ଟ; ୨୯ — ୭ ଦେଖି ଲେଖିବ ନାହିଁ-କ, ଖ, ଚ, ଛ; ୩୦ — ୧ ଗଞ୍ଜନ ଅଞ୍ଜନ-ଙ୍; ୩୦ — ୫ବିନ୍ଧିବା କରେ-ଟ, ଠ; ୩୧ — ୪ର୍ଥପଦ ୩ୟପଦରୂପେ ଓ ୩ୟପଦ ୪ର୍ଥ ପଦରୂପେ 'ଟ' 'ଠ'ରେ ପଠିତ ୩୧ — ୫ ତାରବାର ଅଡ଼ ଠ; ୩୨ — ୫ ଜଣା ଅଣି-ଗ, ଘ, ଚ, ଛ, ଜ; ୩୨ — ୭ ଫୁଲଛବି-ଛ, ଟ, ଠ,

ଏହି କରପଦ୍ମ ମୂଳରେ ନେଇ । ଯୋଡି କଡ଼ିଆଳି ଦେଲେ ଖଞ୍ଜାଇ
ସାଜେ ବାଜେଣି କଙ୍କଣ ତା ପଛେ । ଘଣ୍ଟ ପଇଣ୍ଟ ଅଗ୍ରେ ଶୋହେ ସ୍ବଚ୍ଛେ ସେ ।
ଜନା ନାନା ରହେ ପଣ ଯେ ।
ଲେଖେ କୋକନଦେ ବେଢ଼ି ନ ମାରନ୍ତି ନଖ ଚନ୍ଦ୍ରେ ଶଙ୍କି ତାଷ ଯେ । ୪୦ ।
ମୁଦି ଉଦିତ ଅଙ୍ଗୁଳରେ କଲେ । ମୁଦି ସଖୀ ମୁଦି କି ଅବା ଦେଲେ ।
ମାର ଶରସଙ୍ଖ୍ୟା ମନେ ବିଗୃହ । ତାର ବରଣ କି କଲେ ଚତୁରୀ ସେ ।
କି ରାଗ ସରାଗ ଘେନ ଯେ ।
ବେଣ୍ଟି ଦେଲେ ଲୋଡ଼ିବାକୁ ନ ଥିବଟି ସେ କାଳେ ଭଲ ସଜମା ଯେ । ୪୧ ।
ଲିପି କୁଚଯୁଗ ମୃଗମଦରେ । ପତ୍ରକ ଚିତ୍ର କଲେ ଯତନରେ ।
ଓଣା ଖାଣ୍ଡା ଭୁମ୍ବୀ ଏହା ବିଧି କି । ହରଲା କରକୁମ୍ଭମାଧୁରୀ କି ସେ ।
ଅପୂର୍ବ କର୍ପୂର ଧୂଳିକି ଯେ ।
ଶମ୍ଭୁବିଭୂତି ଲେପନ କି ଭୂଷିତ ଅସିତ-ଫୁଲ-ମାଳିକି ଯେ । ୪୨ ।
× × × × । ୪୩ ।
ମନମୋହନ ସ୍ଥଳ ସେ ନିଦାନ । ନେତ୍ର ପଦ୍ମର ବିଚିତ୍ର ଯତନ ।
ସୁରବାର ମୂର୍ଚ୍ଛା ହୋଇବେ ଦେଖି । କୃପାରେ କୂର୍ପାସକ ଦେଲେ ସଖୀ ସେ ।
ଜନା ସୁନାଜରି ବାସେ ଯେ ।
ଗିଳି ବିଜୁଳି ହେମଗିରି ଚନ୍ଦ୍ରେ ଏହି ଅଦ୍ଭୁତ ଆଭାସେ ଯେ । ୪୪ ।
ରଣ-ରଣ ରଣ କାଳକୁ ଦୂର । ସାଜେଣି କଲେ ବାଜେଣି ନୂପୁର ।
ତୁଳାକୋଟି ତୁଳା କୋଟିରେ ନାହିଁ । ହଂସକେ ହଂସକେ ଚଳିବେ କାହିଁ ସେ ।
ବାଦନ ନାଦ ଶୁଣିଲେ ଯେ ।
ଖରେ ଖରେ ହଂସଗତିକି କରିବେ ହଂସଗତ ଗତି କଲେ ଯେ । ୪୫ ।
ବଳିକି ଦଳିବ ବଳିକି ଏହୁ । ବଳାଦେବା ବଳାଗତି କି ମୋହୁ ।
ସାର ପରଶଂସା ସଂସାରେ ହେଉ । ଅବଳା ପ୍ରବଳା ବାନା ଉଡ଼ାଉ ସେ ।
କହି ସଖୀ ପାଦେ ଦେଲେ ଯେ ।
ଜ୍ୟୋତି ଜ୍ୟୋତିଷ ଶିବାଷ୍ଟକ ପଢ଼ିବ ରତିରଣ ଅନୁକୂଳେ ଯେ । ୪୬ ।

---

୪୦—୪ ଘଣ୍ଟ ଘଇଣ୍ଟ-ଙ, ଠ; ୪୦—୬ ଯେ କି ତାଷ-ଙ, ଠ; ୪୧—୬ ଲୋଡ଼ିବାକୁ ନ ଦେବଟି-ଚ, ଛ, ଙ, ଠ, ନ ଦବଟି-କ, ଖ; ନ ଦେବେ ଟି-ଗ; ନ ଦେଲେଟି-ଘ, ୪୨—୫ ରଞ୍ଜୁ କର୍ପୂର ଗ, ଚ, ୪୨—୬-ଅଙ୍ଗେ ଫୁଲମାଳିକି—କ, ଖ; ଛ ଝ ପୋଥି ଅନୁସାରେ ୪୩ପଦ ଗ୍ରନ୍ଥକାରଙ୍କର ଲୋପ ପାଇଅଛି କାରଣ ଉଭୟ ପୋଥିରେ ୪୩ପଦ କ୍ରମରେ ସ୍ଥାନ ଛାଡ଼ି ୪୪ପଦ ଆରମ୍ଭ କରା ହୋଇଅଛି । ୪୪—୪ କୃପାରେ କାର୍ପାସକ-ଙ, ଠ; ୪୫—୪ ଚଳିବ କାହିଁ-ଙ, ଠ; କ ପୋଥିରେ ମଧ୍ୟ ୪୫ପଦ ପରେ ୪୯ପଦ ୪୬ପଦରୂପେ ନିର୍ଦ୍ଦିଷ୍ଟ ହୋଇଅଛି ।

ବଟବରନା ଚକ୍ର-ଚକ୍ରବର୍ତ୍ତୀ । ଯେଣୁ ତେଣୁ ନମିବାର ତ କଥ ।
ଝୁଣ୍ଟିଆ ଝୁଣ୍ଟିଆ ପ୍ରପଦେ ଥିବ । କସ୍ତି ଝୁଣିବାର କହିଦେବ ସେ ।
ଅଚ୍ଛୁତ ବଚ୍ଛି ମ୍ବା ପୁଣି ଯେ ।
ମନ ବିମୋଚନ ଷନ ଲିଖି ସଖୀ ମୁଦ ଦେଲ ପଗ ମଣି ଯେ ।୪୭।
ଘୁରୁ ସରୁ ଲକ୍ଷାଲତା ଦେବାର । ଦୁର୍ଗ ଦୁର୍ଗତହରେ ରସିକର ।
ପ୍ରାନ୍ତ ପଥଙ୍କେ କ ରଙ୍ଗ ପରଧି ! କି ଗଗରଙ୍ଗ-ସୀମା ହେଲ ବିଧି ସେ ।
ସଖୀ ଲେଖିଲେ କମଠ ଯେ ।
ଶରଣ ବାରଣ ଗତ ଭ୍ରମେ ହୋଇ ଶୋଭା କଟଲ ପାଦପୃଷ୍ଠ ଯେ । ୪୮ ।
ଯତନ ଘନବରନ ବସନ । ପଡ଼ ପଡ଼ ରଙ୍ଗ ଧଡ଼ ଶୋଭନ ।
ନବନ୍ଧ ବନ୍ଧ ପିନ୍ଧୁଲା ପଣନ୍ତେ । କି ଚଞ୍ଚଳାଲ୍ଲୀଳା ଘନସଙ୍ଗତେ ସେ ।
ଭଲ ଜଳ ଅଗ୍ନି ଜ୍ୟୋତି ଯେ ।
ଦେଖି ଆଖି ଲକ୍ଷି ନ ପାରଇ ମୀନ ମୃଗବନ୍ଧ ରଖି ପ୍ରୀତି ଯେ । ୪୯ ।
ବାଛୁ ଉଁଚୁ କୁଞ୍ଚି କଉଁ ସଜନୀ । ଧୀରେ ଗ୍ରୁମୁରେ ଉଦ୍ଧିଥିଲ ଧେନ ।
ଛନାଇ ବନାଇ ଶ୍ରୀକରେ ଦେଲ । ଉଠି ବିମ୍ବୋଷ୍ଠୀ ବାସ ଲଗି ହେଲ ସେ
ଶୋଭା ପ୍ରଭା ନୋହେ କହି ଯେ ।
ଲଜେ ବ୍ୟାଜେ ଗ୍ରୀବା ମୋଡ଼ା ଓଷ୍ଠଭଡ଼ା ଭଙ୍ଗି ପାରେ ଯୋଗୀ ମୋହି ଯେ ।
ସଜାଡ଼ ଶାଢ଼ୀ ଧଡ଼ୀ ଉଡ଼ ପିନ୍ଧେ । ଜଙ୍ଘା ଲହଙ୍ଗା ବିଧି କର ରୁନ୍ଧେ ।
ନିବିଡ଼ ନୀବିବନ୍ଧନ ଯା ହେଲ । ଦୃଷ୍ଟି କୋଷ୍ଟମୃଗ ପାଶେ ବାନ୍ଧିଲ ସେ ।
ମଦନ ମାଦକ ପେଡ଼ୀ ଯେ ।
ରଙ୍ଗରେ ବଙ୍ଗାଳ ଗଣ୍ଠିରେ ହିଙ୍ଗୁଳମୁଦ ପଗ ଦଶେ ଧଡ଼ୀ ଯେ । ୫୦ ।
ସୁତନୁ ତନୁ ଘୋଡ଼ା ହେବା ଶୋଭା । ସଜକ-ଜନକ-ମୋହନ ପ୍ରଭା ।
ଉଭ ପଥକୋଳେ ମିଶିଲ ତୋରା । ଘନ ବିଜୁଳି କୋଳାକୋଳି ପରା ସେ ॥
ଚେଳ ଚଞ୍ଚଳ ଜଘନେ ଯେ ।
କାମିରେ କଡ଼କା କରି କ ଫଡ଼କା ବାନ୍ଧିଛୁ କାମ ସଦନେ ଯେ । ୫୧ ।

---

୪୭—୪ କରଣ୍ଟି ଜ, ଟ, ଠ; ଝୁଣିବାର ଝ ୪୭ – ୫ ବନ୍ଧୀ ପୁଣି ଗ, ଘ, ଚ, ଜ, ଠ; ୪୭—୬ ମୁଦଦେଲେ ଠ; ୪୮—୩ – ୪ ପ୍ରାନ୍ତପଥଙ୍କେ ରଙ୍ଗ ପରଧି କି କି ଗଗ ରଙ୍ଗସୀମା ଦେଲ ବିଧିକ ଟ, ଠ; ମିଶା ଦେଲବିଧି ଝ, ଟ, ଠ,ବ୍ୟତୀତ ସମସ୍ତ ପୋଥିରେ, ଏ ପାଠ ମଧ୍ୟ ସମୀଚୀନ; ୪୮—୬ ଗତଭ୍ରମ ଟ, ଠ; ପଥ ଭ୍ରମେ ଜ, ୪୯—୧ ନୂତନ ଘନବରନ ଗ, ଘ, ଚ, ଜ, ଠ, ୪୯—୨ ପଡ଼ ଜଡ଼ ଚ; ଜସି ପଡ଼ ଟ ଠ; ୪୯—୪ ଭଲ ଭଳ ଅଗ୍ନି ଜ୍ୟୋତି କ, ଖ, ଗ, ଡ, ଜ; ଭାଳ ଝଳ ଟ, ଠ ୫୦—୩ ନୀବି ବନ୍ଧ ଜାଲ ହେଲ ଖ, ଘ, ଠ; ଯାହା ହେଲ ଟ; ୫୦—୬ ବଙ୍ଗାଳ ବେଣ୍ଟରେ କ, ଖ; ୫୧—୧ ଓଢ଼ା ହେବା ଶୋଭା ଟ, ଠ; ଯୋଗ ହେବା କ; ୫୧—୬ କାମିରେ କ ଡ଼କା କ, ଖ,

ରସନା ପ୍ରସନ୍ନାନନୀ କଣ୍ଠରେ । ବାନ୍ଧିଲେ ଜାହ୍ନି ବାନ୍ଧିଲେ ଯୁବାରେ ।
ବର ନାଗରଙ୍କୁ କର ଆସ୍ଵାଦ । କଣିବ କଙ୍କିଣୀ କ୍ଷୁଦ୍ର ଘଣ୍ଟିତ ସେ ।
ରତି-ପତି ମହୋତ୍ସବେ ଯେ ।
ସୁରପୁର ବରନାରୀ ଘେରିଛନ୍ତି ହୁଳହୁଳି ପରି ଦେବେ ଯେ । ୫୩ ।
ସୁବର୍ଣ୍ଣବର୍ଣ୍ଣ ନାଗବଲ୍ଲୀ ଭଙ୍ଗି । ଲବଙ୍ଗ ପୂଗ ଯୋଗରେ ଶୁଭଙ୍ଗୀ ।
ରଞ୍ଜାଏ ଭୁଞ୍ଜାଏ କଥାପ୍ରସଙ୍ଗେ । ମୋତିପନ୍ତି ଦନ୍ତ ମାନିଲା ରଙ୍ଗେ ସେ ।
ଓଷ୍ଠ ପୁଷ୍ଟ ବଳିଗଲା ଯେ ।
ଝିଲମିଲ ରଙ୍ଗ ବସନେ ବନ୍ଧନ ହୀରା ମାଣିକ୍ୟ କି ହେଲା ଯେ । ୫୪ ।
ସିଗ ହେମଚଳା ରଙ୍ଗ ଓଢ଼ଣୀ । ଧଡ଼ିରେ ପଡ଼ିଛୁ ଚନ୍ଦ୍ର ସୁଶ୍ରେଣୀ ।
ଧର ସାଗର ମହାଜାଭିଷେକ । ଆଳୀ ଦେଲେ ଭାଳି କ୍ଷେମଦାୟକ ସେ ।
ବାଳୀ କି ନଳିନୀ ଛଳେ ଯେ ।
ମିଶ୍ର ଗାନ୍ଧ ବର୍ଣ୍ଣ ବାସ ସ୍ନେହେ ଢାଙ୍କି ଦେଇଗଲେ ଗଲାବେଳେ ଯେ । ୫୫ ।
ଧୀରେ କରେ ସଖୀ ଦେଲେ ଦର୍ପଣ । ପଣ ପଣ କରି ପାଇଲା ପଣ ।
ବିମ୍ବ ପ୍ରତିବିମ୍ବ ନୋହିଲା ବାର । ଝଳି ବଳିବାରୁ ମୁକୁର ହାର ସେ ।
ଇଚ୍ଛିଲା ସ୍ୱଚ୍ଛ ଶରଣ ଯେ ।
ଭଙ୍ଗି ଅଙ୍ଗୀକାରୀ ପରସ୍ପର-ତାରୁଁ ପାଇଗଲା କି କାରଣ ଯେ । ୫୬ ।
ଚୁମ୍ବ ପ୍ରତିବିମ୍ବ ଗୃହ୍ନୁଁ ଜନ୍ମିଲା । ସସ୍ମିତ ବିସ୍ମିତ ଆନନ ହେଲା ।
କୃଷ୍ଣ ତୃଷ୍ଣତା ହୋଇବ ପ୍ରଚୁର । ସତେ ଏତେ ଭାଗ୍ୟ ଦଶିବ ମୋର ସେ ।
ଏମନ୍ତ ଚିତ୍ତରେ ଭାଳି ଯେ ।
ଶୋଭନୀୟ ଲେଭ ବିଭ୍ରମକୁ ପାଇ ଧୈର୍ଯ୍ୟ ସୀମା ଗଲା ଚଳି ଯେ । ୫୭ ।
କହିଲେ ସଖୀ ମନ ଜାଣି ଆଳୀ । ସ୍ୱଚ୍ଛରେ ତୁଚ୍ଛ ଆଦରଶ ଭାଳି ।
ଅଳଙ୍କାର ଅଳଙ୍କାର ଦ୍ୱିବିଧ । ବିଧି ସିଦ୍ଧିଦାୟୀ ତୁ ରସନିଧି ସେ ।
ଶୋଭା ପ୍ରଭବରଧନୀ ଯେ ।
ତରୁଚିତରେ ବେଶକାରୀଙ୍କର ପୁଣ୍ୟ ଧନ୍ୟ ହେଲା ଧନୀ ଯେ । ୫୮ ।
ସ୍ନେହ ସହ ଗର୍ଭ ବଚନ ଶୁଣି । ଜାତ ସ୍ମିତଯୁକ୍ତ ବାଙ୍କ ଚାହାଁଣି ।
ଲପନ କମ୍ପନ ନାସା ଚୋଳନ । ଭ୍ରୂଭଙ୍ଗୀ ଭଙ୍ଗୀ ଭ୍ରୂକୁଟୀ ଚଳନ ସେ ।
ଲାଜ ବ୍ୟାଜ ହେବୁ ଜାତ ଯେ ।
କାମ ବାମ ଦେବା କ୍ଷମା ଯେ ତାହାଙ୍କୁ ଚନ୍ଦ୍ର କି ସଖୀ ମୁଦିତ ଯେ । ୫୯ ।

---

୫୩—୩ ବରବରନାରୀ କ, ଖ; ୫୪—୨ ଶୋଭାଙ୍ଗୀ ଠ, ୫୪—୫ ଓଷ୍ଠ ପୁଷ୍ଟ ଠ, ଓଷ୍ଠ ପୃଷ୍ଠ ଛ, ଝ, ଓଷ୍ଠ ପୃଷ୍ଠେ ଙ; ୫୪—୬ ବସନ ବର୍ଦ୍ଧନ ଝ, ଠ, ୫୫—୪ କ୍ଷମ ଦାୟକ ଜ, ଞ; ଜପ ଦାୟକ ଠ, ୫୬—୩ ନୋହିବ ବାର-ଝ, ଠ; ୫୬—୪ ଭଙ୍ଗୀ ଅଙ୍ଗୀକାର ପରସ୍ପରୁ ତାର ଝ, ଠ; ଅଙ୍ଗୀକାର ପରସ୍ପରୁ ତାର ଖ, ଘ, ମଧ୍ୟ ଅପ ୫୭—୨ ଆନନ୍ଦ ହେଲା ଝ, ଠ; ୫୭—୩ କୃଷ୍ଣ କୃଷ୍ଣ ତା ଝ, ଠ, ୫୭—୬ ଗଲା ଗଳି ଙ, ୫୮—୩ ଅଳଙ୍କାରେ ବିଧି ଝ, ଠ. ଅଳଙ୍କାର କି ବିଧି ଗ, ଘ. ଚ, ଛ; ୫୮—୬ ତରୁଚିତୁ ତରୁରେ ଝ, ଠ, ୫୯—୩ ସ୍ନେହ ସନ୍ଦର୍ଭର ବଚନ ଶୁଣି ଘ; ୫୯—୬ ଦେବ କ୍ଷେମା ଗ. ଘ, ଜ, ଝ. ଠ,

ବେଶ ପେଶଳ ଇସମନ୍ଦ୍ର ଶୁଦ୍ଧ । ରସିକ-ଶିବ-ଶିରଭୂଷା ଶୁଦ୍ଧ ।
ବେଳକୁ ବେଳ ସୁଖାବ୍ଧି ବର୍ଦ୍ଧନ । ହିତ ଚିତ୍ତ କୁମୁଦର ସାଧନ ସେ ।
ସାଧବେ ଉଦ୍ଧବେ ଦେନ ଯେ ।
ରାଧା ସୁଧାସିନ୍ଧୁ ବେଶ ନିରବଧି ଭାବେ ଅଭିମନ୍ୟୁ ମନ ଯେ । ୬୦ ।

---

## ଷଷ୍ଠୀ ଛାନ୍ଦ ।

## ଶ୍ରୀ ରାଧାକୃଷ୍ଣଲୀଳା ସଖୀ ବାଞ୍ଛିତ ।

ରାଗ—ବସନ୍ତ । ଅଷାଢ଼ଶୁକ୍ଳବାଣୀ ।

ଧୀରେ ଏ ଶୁଦ୍ଧ ପ୍ରେମରସସିନ୍ଧୁ । ବୁଦ୍ଧିମନ୍ଦର-ମନ୍ଥନରେ ସାଧୁ ।
ଲଭିଲେ ଭାବ ଦ୍ରବ୍ୟ ରତ୍ନାବଳୀ । ଅମୃତ ସିଦ୍ଧ ଅନାୟାସେ ମିଳି ।
ସୁଖ ଶ୍ରୀ ଲଭିବ ହେ । ଆନନ୍ଦ କଲ୍ଲୋଳରେ ମଗ୍ନ ହେବ । ୧ ।
ରାଧାକୃଷ୍ଣ ଭେଟ ହେବ ନିକଟେ । ଏମନ୍ତ ଜାଣି ସଜନୀ ଉଚାଟେ ।
ନିଜ ନିଜ ଭାବ ଅବଲମ୍ବନେ । ଭାଳନ୍ତି ପରସ୍ପରେ ଅନୁଆନେ ।
ଥାଉଁ ଥାଉଁ ଘଟ ହେ । କେବେ ଦେଖାଯିବ ଯୁଗଳ ଭେଟ । ୨ ।
କଳ୍ପଲତା ତନୁ ସଜାଡ଼ି ବେଶେ । ଅଭିସାର କି କରାଇବା ତୋଷେ ।
ଜମ୍ବୁ ଗାନ୍ଧର୍ବିକେ ମଣିମା କହି । ପହଣ୍ଡ ମଣାଇବା ଭାଗ୍ୟ କାହିଁ ।
ପଟୋଆର ହେବା ହେ । ଗହଣେ ନାନା ଖଟଣି ଖଟିବା । ୩ ।
ମିଳି କାନନେ ନାନା ଯନ୍ତ୍ର ଧରି । ବାଇବା ଗାଇବା ରାଗ ଉଚ୍ଚାରି ।
ପଦ ପଦକେ ହୋଇ ରହି ରହି । ପୁଚ୍ଛିବେ କେତେଦୂରେ ବନ୍ଧୁ କହି ।
ଦେଖି ପ୍ରେମାଳସ ହେ । କହିବା ନିକଟେ ହେବା ପ୍ରବେଶ । ୪ ।
କେ ମାର୍ଗ ମାଜି ପାଏଡ଼ା ପାଡ଼ିବ । କେ ଚନ୍ଦ ଚନ୍ଦନ ପୁଷ୍ପ ସିଞ୍ଚିବ ।
କେ ଛନ୍ଦ ଆଡ଼ଣୀ ପଙ୍ଖା ଚାମର । ଧରିବ ହରିବ ମନ ଧମାର ।
ହୋଇ ସୁଖଭାଗୀ ଗୋ । କେ କରାଉଥିବ ବଉଆ ଲାଗି । ୫ ।
କେ ଜଳଝରି ଭରି ପଛେ ଥିବ । କେ ପିକପରଶାକୁ ଯୋଗାଇବ ।
କେ ହସି ଧୂପକାଠିକି ଘଷିବ । କେ ଭଙ୍ଗି ଇଙ୍ଗିତରେ ରସାଇବ ।
ଥାଉଁ ଥାଉଁ ଜୀବ ହେ । ଏ ଭାଗ୍ୟ ପୁଣି ସତେ ଦେଖାଯିବ । ୬ ।

---

୬୦—୨ ଶିର ଭୂଷା ଚନ୍ଦ୍ର, ଛ, ଠ ୬୦—୫ ସାଧବେ ଉଦ୍ଧବେ ଯେନ-ଜ; ଉଦ୍ଧବେ ଯେନ-ଘ, ଚ; ୧—୩ ଲଭିବେ-ଙ, ଛ, ଠ; ୩—୨ ଅଭିସାରକୀ-ଛ, ଠ; ଅଭିସାରକା-ଘ; ୩—୫ ପଟୁଆର-ଗ, ଚ, ଛ, ଠ, ପଟୁଆରୀ—ଙ, ଖ, ଟ; ୫—୨ କେ ସ୍ରକ ଚନ୍ଦନ-ଛ, ଠ, ୬-୧ ଜଳଝରି ଧରି-ଚ, ଛ, ଠ, ୬—୨ ପିକ ପରଶାକୁ ଜଗାଇବ-ଜ;

## ତେଷଠୀ ଛାନ୍ଦ ।

### ଶ୍ରୀ କିଶୋରୀ କୃତ ପାକକର୍ମାଦି ଚରିତ ।

ରାଗ କାମୋଦ ।

ଧେନ ଆହେ ମାଧବ କୃଷ୍ଣ ଜନ୍ମଉତ୍ସବ
ନକ୍ଷତ୍ରପାଳନ ଦିବସେ ।
ବାତ୍ସଲ୍ୟ-ପ୍ରେମଭର ଯଶୋଦା ସମ୍ବତ୍ସର
ଗଣନ୍ତି ଅଷ୍ଟାଦଶମାସେ ହେ ।
ଗୋକୁଳରେ । ମହାଉତ୍ସବ ସେହିଦିନ ।
ଗୋକୁଳରେ । କୃତ ବନ୍ଧାଣ ସଜମାନ ।
ନନ୍ଦରାଣୀ ଉତ୍ସୁକେ ସୁପାକ ପରଖାକେ
ରାଧା ଆଣିମା କଲେ ମନ ସେ । ୧ ।
ଖଳ ଗେହିଣୀ କୁଟିଲ୍ କୁଟିଲତାକୁ ବୋଲେ
ହେ ବଧୂ ଯାଅ ଯାବଟକୁ ।
ଧନିଷ୍ଠା ନାଥ ସଙ୍ଗେ କହି ଜଟିଳା ଆଗେ
ଆଣ କିଶୋରୀମୁକୁଟକୁ ଗୋ ।
ସୁଧାକର । ହୋଇଛି ଦୁର୍ବାସାଙ୍କ ବରେ ।
ସୁଧାକର । ମୁହିଁ ବାଞ୍ଛା ସୁପାକରେ ।
କହିଲେ ଭଗବତୀ ଭୁଞ୍ଜିବ ଯେ ତା ନାଥ
ଶୁଭ ହେବ ତାହାର ଘରେ ଗୋ । ୨ ।
ଶ୍ରବଣେ ଭଦ୍ରନାରୀ ଗଲେ ବହନ କରି
ଜଟିଳା ଭେଟି ପ୍ରଣମିଲେ ।
ନନ୍ଦରାଣୀ ବାରତା କହିଲାକ୍ଷଣି ଚନ୍ଦ୍ରା-
ଚମତ୍କାରେ ବୁଢ଼ୀ ବୋଇଲେ ଯେ ।
ଭାନୁସୁତା । ତାଙ୍କୁ ଦେଖିନାହିଁ ଦିନେ ।
ଭାନୁସୁତା । କେମନ୍ତେ ଯିବ ଅନ୍ୟସ୍ଥାନେ ।
ନନ୍ଦରାଣୀ ଉଦନ୍ତ ମୋହୋର ଅଲଙ୍ଘିତ
ଏ କେନ ସଂଶୟ ତ ମନେ ଗୋ । ୩ ।

---

୧—୫ ମହ ଉତ୍ସବ-କ, ଖ, ଗ, ଘ, ଜ, ଟ; ମହା ଉତ୍ସବ-ଚ, ଠ;

ପୁଣି ଯଶୋଦାସୁତ    ସ୍ୱଭାବେ ଚଞ୍ଚଳ ତ
ବଧୂ ମାଧୁର୍ଯ୍ୟସିନ୍ଧୁ ମୋର ।
ତୁ ତ ସାଧ୍ୱୀବର    ତେଣୁ କଶୋଷ୍ଠାକ୍ଷର
ଦେଲି ଯେ ଇଚ୍ଛା ତାହା କର ଗୋ ।
ଶ୍ରବଣରେ । କୁନ୍ଦଲତା କହେ କ ବୋଲ ।
ଶ୍ରବଣରେ । ଶୁଣିଲି ଏଡ଼େ ଦୋଷ ଦେଲ ।
କୃଷ୍ଣ ବଧୂ ଉଦ୍ଦେଶ୍ୟେ    ଅଖିଳତମ ଖଶ୍ୟେ
ରଘୁଚନ୍ଦ୍ରଙ୍କୁ କାହିଁ ଭଲ ଗୋ । ୪ ।
ତଥାପି ସଙ୍ଗେ ଥିବ    ଗୁପତପଥେ ନେବ
କାହାର ଦୃଷ୍ଟି ନ ପଡବ ।
ଶୁଣି ବୁଢ଼ୀ ସ୍ୱୀକାର    କରି ବୋଇଲା ଗିର
ନେଇ ଏଠାରେ ଛାଡ଼ିଯିବ ଗୋ ।
ମାନସରେ । ହଂସ ପ୍ରବେଶ ଯଥା ପୁଣି ।
ମାନସରେ । ଆନନ୍ଦ କୁନ୍ଦଲତା ଶୁଣି ।
ମିଳି ଶ୍ରୀରାଧା ପାଶେ    ବୋଇଲା ମନ୍ଦହାସେ
ବରଣ ଧେନ ସୁଲକ୍ଷଣି ଗୋ । ୫ ।
ଯଶୋଦା ଆଜ୍ଞା ଆଣି—    ଥିଲି ଶାଶୁଏ ଶୁଣି
ବୋଇଲେ ଧେନ୍ନଯାଅ ଧନୀ ।
ରାଧା ଆନନ୍ଦମନେ    ବୋଇଲେ ମିଥ୍ୟାଛନ୍ନେ
କୁଳବଧୂକୁ ଏ ତ ହାନ ଗୋ ।
ଧନ ମଣି । ମୁଁ ତ ନ ଯିବ କଦାଚତେ ।
ଧନମଣି । ପୂଜିବାର କଷ୍ଟ ମୋତେ ।
କୁନ୍ଦଲତକା ଶୁଣି    ଢୋଳିଲା ଧରି ପାଣି
ବୋଲେ ଗୃହ ହରପୁରତେ ଗୋ । ୬ ।
ବୁଢୀକି ଆଜ୍ଞା ମାଗି    ଗଲେ ସୁଯୋଗଭଙ୍ଗୀ
ସଙ୍ଗିନୀସଙ୍ଗେ ନନ୍ଦପୁରେ ।
କଦମ୍ବଖଣ୍ଡିବନ—    ପଥେ ଯାଉଁ ଲୋକନ
ନାଗରସାର ନଟବରେ ସେ ।
ମନ୍ଦାକ୍ଷରେ । ଗୃହୁଁ ନ ପାରନ୍ତି ସ୍ୱଚ୍ଛରେ ।
ମନ୍ଦାକ୍ଷରେ । ଧିକ୍କାର କରନ୍ତି ଅନ୍ତରେ ।
ବୋଲନ୍ତି ଆଗୋ ସଖି    କହ ଏ କଉଁ ପକ୍ଷୀ
ଲକ୍ଷିତ ହୋଇଲା ଚତୁରେ ଗୋ । ୭ ।

---

୪—୭ ଏତେ ଦୋଷ ଛ, ଜ, ଝ; ବ୍ୟତୀତ ସବୁ ପୋଥିରେ ।

ନବବଧୂରେ ବନ୍ଦ    ମୋହପାଇଲ ଷଣ୍ଢ
କି ଚନ୍ଦ ପାଉଛୁ ମଦନ ।
ନନ୍ଦନ ତହିଁ ପଡ଼ି    ଆସୁନାହିଁ ବାହୁଡ଼
ପଦ ହୁଡ଼ି ଯାଏ ଅମ୍ବନ ଗୋ ।
ଗୋକୁଳେଶ । ନନ୍ଦନ ଏହି ସହି କହି ।
ଗୋକୁଳେଶ । ବୁଝାନ୍ତି ମନାନନ୍ଦ ବହି ।
ରାମଭଦ୍ର ସଙ୍ଗରେ    କଉତୁକସଙ୍ଗରେ
ଦତ୍ତାବଧାନେ ଛନ୍ତି ରହି ଗୋ । ୮ ।
ଶ୍ରବଣେ ରସାଳସ    ଲୋପ ହୋଇ ବରସ
ଉସବତ୍ତି-ଗନ୍ଧ ଆଚରି ।
ମିଳି ନନ୍ଦମନ୍ଦିରେ    କୃଷ୍ଣମାତ-ପାଦରେ
ବନ୍ଦିଲେ ଲଜ ମନେ ଧରି ସେ ।
ରୋହିଣୀଙ୍କି ନମିଲେ ଯାଇ ଉଦୁପ୍ରରେ ।
ରୋହିଣୀ କି । ଚନ୍ଦ୍ରକୁ ଦେଖିଲା କୁହୁରେ ।
ସେ ବଧୂରେ ବଧୂରେ    ରାମଜନନୀ ଧୀରେ
ଶ୍ରୀମୁଖ ଚୁମ୍ବିଲେ ସ୍ନେହଭରେ ସେ । ୯ ।
ନବବଧୂ ପ୍ରାପତ    ପରି ଉଷତ ମତ
ଯଶୋଦା ରୋହିଣୀ ହୋଇଲେ ।
ଏ ତ ମୃଦୁ କିଶୋରୀ    ପାକଶାନ୍ତ କପରି
ସହିବ ଠାରଠାରି ହେଲେ ସେ ।
ଶ୍ରୀପଦକୁ । ପ୍ରକ୍ଷାଳିତ କରି ନାଗରୀ ।
ଶ୍ରୀପଦକୁ । ଲଭିଲା ମୁଦ ମନେ ଧରି ।
ସ୍ୱଜନୀ ସଙ୍ଗେ ରଙ୍ଗେ    ପାକଶାଳାରେ ବେଗେ
ମିଳି ରନ୍ଧନା-ବିଧି କରି ସେ । ୧୦ ।
ଷଡ଼ରସେ ସଉଷି    ନଳବଧି ଗରିସୀ
ଯୋଗାଡ଼ ସଜାଡ଼ ଆଚରି ।
ଯଶୋଦା ଦେଖି ସୁଖୀ    ସୁତ ହିତକୁ ଲକ୍ଷି
ବୋଇଲେ ପରଶଂସା କରି ସେ ।
ଲଳିତାରେ । ସାକର ଆକର ଘଟନା ।
ଲଳିତାରେ । ବିଶାଖା ଶିଖରିଣୀ ବନା ।

---

୮—୬ ବୁଝନ୍ତି ମନାନନ୍ଦ ବହି-ଙ, ଟ, ଠ; ୮—୭ କଉତୁକ ରଙ୍ଗରେ ଛ, ଜ, ଝ; ଅନ୍ୟାନ୍ୟ ସମସ୍ତ ପୋଥିରେ । ୧୦—୨ ଜନନୀ ସଙ୍ଗେ ରଙ୍ଗେ–ଝ; ୧୦—୮ ରନ୍ଧନାବିଧି ଟ, ଠ; ୧୧—୬ ସଜାଡ଼ି ଆଚରି-ଙ, ଟ, ଠ;

କୃଷ୍ଣମାତ ତୁରିତ ଭୃତ୍ୟକୁ ଆଜ୍ଞା ଦେଇ
କଲେ କାହ୍ନୁକୁ ଆଣ ଯାଇ ।
ସ୍ତମ ମଧୁମଙ୍ଗଳ- ଆଦି ସଖା ସକଳ
ଆସିବେ ରଙ୍ଗେ ସଙ୍ଗ ହୋଇ ସେ ।
ପ୍ରଭ୍ରିତରେ । ଜଣାଇ ମରକତଦ୍ୟୁତି ।
ପ୍ରଭ୍ରତରେ । ଦେଖିଛୁ ଦୁର୍ବଳମୂରତି ।
ବେଗେ ସ୍ନାନ ଭୋଜନ କରିବେ ଆଜଦିନ.
ସ୍ୱଜନକ୍ଷଣ ପାଳନ ମାତ ସେ । ୧୫ ।

ପ୍ରବେଶ ଏ ସମୟେ ସଙ୍ଗେ ସଖା ନିଚୟେ
ମୁଖ ଚୁମ୍ବି ଜନନୀ ଭାଷେ ।
ଅରେ ଦୁଖପାସୋର ମୋର ସୁଖପସର
ଦେହ କେଡ଼େ ଦୁର୍ବଳ ଦିଶେ ରେ ।
ଗୋକୁଳେ ତ । ତୋ ବିନା ସାର ନାହିଁ ଆଉ ।
ଗୋ-କୁଳେ ତ । ଶରଧା କର ରଖି ଯାଉ ।
ଅନ୍ଧ ଲଉଡ଼ି ମୋର ଦୁଖୀସଙ୍ଗୀଳବର
ନ ଖାଇ କପାଁ ବୁଲୁଥାଉ ରେ । ୧୬ ।

ତୋତେ ଅଧିକ ବାଇ ହୋଇଲି ବଡ଼ଭାଇ
ନ କଲ ତଆରଲି ବୋଲ ।
ସଖାଙ୍କୁ ଘେନ ସଙ୍ଗେ ମାତ ବଢ଼ାଇ ବେଗେ
ଭୋଜନ କଲେ ହେବ ଭଲ ରେ ।
ଭବରସେ । ମନ ନିମଗ୍ନ କରିଥିଲେ ।
ଭବର ସେ । ବଚନ ଶୁଣି ମୁଦ ହେଲେ ।
ସ୍ତମସଖାଙ୍କ ସଙ୍ଗେ ଗଲେ ସ୍ନାନ ପ୍ରସଙ୍ଗେ
କୃଷ୍ଣ ମାଜଣାବିଧି ହେଲେ ସେ । ୧୭ ।

ସୁରକ୍ତକ ପଣ୍ଡକ ବର ବେନ ସେବକ
ବେଶ ଉଲଗି ବିଧି କଲେ ।
ସୁଗନ୍ଧ ସୁଗନ୍ଧିତ ବେନି ନାପିତ ସୁତ
ତଇଳ ମରଦନ କଲେ ସେ ।
ସୁଷିବନ୍ଧ । ନାମା ବଦ୍ୟ କରେ ନିର୍ମିତ ।
ସୁଶିବନ୍ଧ । ନାରାୟଣ ନାମ ବିଖ୍ୟାତ ।

---

୧୬—୧ ପ୍ରବେଶ ସେ ସମୟେ-ଗ. ଘ, ଚ, ଜ; ୧୬—୫ ସୁଖ ନାହିଁ ଅଉ-ଗ, ଘ, ଚ; ସମନାହିଁ ଅଉ-କ, ଖ; ୧୭—୧ ତୋଠୁଁ ଅଧିକ-ଠ; ୧୭—୨ ତଗାଳବା-କ, ଖ, ୧୭—୮ ମର୍ଜନ ବିଧି-ଝ, ଠ; ବିଧିକଲେ-କ, ଙ; ୧୮—୨ ବେଶ ଉଲଗି ବସୁରଲେ-ଝ, ଠ, ଯୋଗ୍ୟ-କଲେ-ଛ. ବସ୍ତ୍ରକଲେ ଙ, ୮—୩ ବୈଦ୍ୟ-ଝ, ଠ; କଲେ ନିର୍ମିତ-ଗ, ଝ, ଠ,

ସାନନ୍ଦ ଆନନ୍ଦ ଏ ଘଷ୍ଟିଲେପନ କଏ
ଉମଳ ହେଲା ବସ୍ତ୍ର ତ ସେ । ୧୮ ।
କୁନ୍ଦ ମରନ୍ଦ ବେନ ବରବର୍ଣ୍ଣିନା ଯେନ
ଲେପନକଲେ ଅଙ୍ଗେ ପୁଣି ।
ବରବର୍ଣ୍ଣିନାଅଙ୍ଗ ହେଲା କି ଅଙ୍ଗ ସଙ୍ଗ
ଗୋବିନ୍ଦ ମନାନନ୍ଦେ ମଣି ସେ ।
ବାରିଦରେ । ସଞ୍ଚିତ କଣିକୁମ୍ଭେ ନୀର ।
କାରିଦରେ । ନାହିଁ ହେମନ୍ତ ନୀତସାର
ମରନ୍ଦ ମକରନ୍ଦ ଚଉରେ ହୋଇ ମୁଦ
ଢାଳିଲେ ଶ୍ରୀଅଙ୍ଗେ ସତ୍ୱର ସେ । ୧୯ ।
ସୁସ୍ନାନକୁ ଆନ କେ ପୋଛି ଶ୍ରୀଅଙ୍ଗ ଯାକେ
ସୁନ୍ଦର ଚୀର ଲଗି କଲେ ।
ଶ୍ରୀପଦେ ମଣିବନ୍ଧ ରତ୍ନପାଦୁକାଦ୍ୱନ୍ଦ
ଅତି ପ୍ରମୋଦେ ଯୋଗାଇଲେ ସେ ।
ସୁବାସରେ । ବିଜନ୍ତେ ରତ୍ନାସନେ ଯାଇ ।
ସୁବାସରେ । ଯାଉଛି ମନାନନ୍ଦ ହୋଇ ।
ସେଚନାରେ ରଚନା କସ୍ତୁରୀ ଗୋରଚନା
ତିଳକ ବିଚିତ୍ର ମାନଇ ସେ । ୨୦ ।
ଏ ଉତ୍ତାରୁ ସୁସଜେ ଭୋଜନ ପୀଠେ ବିଜେ
ରାମ ଶ୍ୟାମ ଦକ୍ଷିଣଭାଗେ ।
ଆଗେ ମଧୁମଙ୍ଗଳ ସନ୍ନିକଟ ସୁବଳ
ଶ୍ରୀଦାମ ଦାମ ବାମ ଭାଗେ ସେ ।
ପରିବେଶ । ଧରି କୋକିଳ ଅର୍ଜୁନ ।
ପରିବେଶ । ଚରମଦେଶରେ ବର୍ଦ୍ଧନ ।
ଆନ ସଖାନଚଯ୍ୟେ ପରିବେଶ ପର୍ଯ୍ୟେ
ରାମ କୃଷ୍ଣଙ୍କୁ ହେଲେ ଯେନ ସେ । ୨୧ ।
ଧରି ଆନନ୍ଦମନ କଲେ ପରିବେଷଣ
ଯଶୋଦା ସାମଗ୍ରୀମାନଙ୍କୁ ।

---

୧୯—୧ କୁନ୍ଦମନ୍ଦର-ଝ, ଠ; ୧୯—୪ ମନାନନ୍ଦେ ଗୁଣି-କ, ଖ, ଘ, ଚ; ମନାନନ୍ଦେ ଗୁଣି-ଘ, ଡ; ୨୦—୧ ସୁସ୍ନାନକ ରାନନ୍ଦେ-ଙ; ସୁସ୍ନାତକ-କ, ଖ, ଝ, ଠ;

ସ୍ନେହ ମମତା ଯେହ୍ନ ଆଗେ ବସି ଜନନୀ
କହନ୍ତ ଶ୍ରୀରାମକୃଷ୍ଣଙ୍କୁ ସେ ।
ମଧୁରୁଚ । ଶ୍ରୀରାଧା ଶ୍ରୀହସ୍ତେ ନିର୍ମିତ ।
ମଧୁରୁଚ । ହୋଇଛୁ ବ୍ୟଞ୍ଜନ ସମସ୍ତ ।
ଯେହ କେମନ୍ତ ସ୍ୱାଦ କହୁ କହୁ ଆସ୍ୱାଦ
ହୋଇଛୁ କେ ଏଥି କେମନ୍ତ ରେ । ୧୨ ।
ଅଙ୍ଗୁଳରେ ଦେଖାଇ କହନ୍ତ ପୁଣି ଆଉ
ଭୁଞ୍ଜନ ଏ ଦ୍ରବ୍ୟ କେମନ୍ତ ।
ମୋ ଘଣ୍ଟି ରେ ଘନ— ଶ୍ୟାମ ଶ୍ରୀରାମ ମାନ
ଭୁଞ୍ଜନ ସେ ଦ୍ରବ୍ୟ ରୁଚିତ ରେ ।
ସରସ୍ୱତୀ । ଯେହଲେ ଯେମନ୍ତ ମାତାର ।
ସରସ୍ୱତୀ । ବଚନେ କାହିଁ ସେ ଆଦର ।
ମନ୍ଦହାସ ପ୍ରକାଶି ଭୁଞ୍ଜିଲେ ପରଶଂସି
ଆନନ୍ଦ ବୃଦ୍ଧି ଅନ୍ତର ସେ । ୧୩ ।
ଯଶୋଦା ମୁଖ ଚାହିଁ ବସନ୍ତ ମଧ କହ
ବହୁତ ଭୁଞ୍ଜିଲେ କହାଇ ।
ଜଠରାନଳ ମନ୍ଦ ହେଲେ ହେବ ପ୍ରମାଦ
ଅଙ୍ଗ ଯିବ ଦୁର୍ବଳ ହୋଇ ସେ ।
ଚନ୍ଦ୍ରକାନ୍ତ । ହଂସ କେଳି ବଟୁକ ମାନ ।
ଚନ୍ଦ୍ରକାନ୍ତ । ଝୁଲ୍ଲୀ ନାଡ଼ିକା ସୁଶୋଭନ ।
ଆମ୍ଭେ କଲେ ଭୋଜନ ବପୁବନ୍ତ ନନ୍ଦନ
ତୁମ୍ଭର ହୋଇବେ କହନ୍ତ ଗୋ । ୧୪ ।
ଶ୍ରବଣେ ରାମକୃଷ୍ଣ ଭୁକ୍ତ ପାତ୍ରରୁ ତୁଷ୍ଟ
ହୋଇ ସାମଗ୍ରୀ ମିଛେ ଦେଲେ ।
ଆନନ୍ଦେ ନନ୍ଦରାଣୀ ବହୁତ ଦେବା ମଣି
ଭଙ୍ଗିରେ ଗୋବିନ୍ଦ ବୋଇଲେ ସେ ।
ବଶୋ ଜନେ । ସାକ୍ଷୀ ହୋଇଥାଅ ଏଥିକ ।
ବଶୋଜନେ । ଊଣା ନାମ ଦେବା ନାହିଁକ ।
ସ୍ୱୀକାର କର ହେଣେ କେ ବୋଲେ ଗୃହ୍ନୁ ଏଣେ
ସକଳେ ମଧୁ ଦେଲେ ଭର୍ତ୍ସି ସେ । ୧୫ ।

---

୧୩ — ୨ ଭୁଞ୍ଜନ୍ତି ଏ ଦ୍ରବ୍ୟ କେମନ୍ତ-ଚ, ଠ; ୧୩ ୪ ଭୁଞ୍ଜନ ସେ ଦ୍ରବ୍ୟ ଉଚିତ-କ, ଗ, ଭୁଞ୍ଜନେ ସେଦ୍ରବ୍ୟ ଉଚିତ-ଚ; ଭୁଞ୍ଜନ୍ତେ ସେ ଦ୍ରବ୍ୟ ଉଚିତ-ଡ; ଏଦ୍ରବ୍ୟ-ଝ, ୧୩ — ୮ ବୃଦ୍ଧି ହେଁ ଅନ୍ତର ଚ,ଠ; ୧୪ — ୫ବଟକ ମାନ-କ,ଖ,ଚ,ଠ; ୧୫ — ୭ ଉଣା ନାମ ଦେବ ନାହିଁକ କ,ଗ,ଚ,

ଅଙ୍ଗନା ସହିତରେ    ପଶେ ବନ ଭିତରେ
କହିଲ ଆକଣ୍ଠକୁ କର ଗୋ । ୨୯ ।
ଶୁଣି ରମଣୀ ଫାନ୍ଦି    ଲଜ୍ଜିତେ ଗଲେ ଘୁଞ୍ଚି
କୃଷ୍ଣ ନେଇଯାନ୍ତେ ମିତେ ବାରି ।
ଯଶୋଦା ଦୁଃଖମନେ    ଅଶ୍ରୁ ପୂର୍ଣ୍ଣ ନୟନେ
ଭାଷନ୍ତି ସ୍ନେହ ମନେ ଧରି ସେ ।
ମାଧବ ରେ । କି କହୁଅଛୁ ମିତ ତୋର ।
ମାଧବରେ । ସମର୍ପିଲି ଆଜ୍ଞୁ ତୋ ଘର ।
ମାଧବରେ କାନନ    ଅତି ଭୟଦ ଘେନ
ନ ଯିବୁ ରଣ ପକା' ମୋର ରେ । ୩୦ ।
ଶୁଣି ଗୋବିନ୍ଦ ମନ୍ଦ—    ହାସେ ପ୍ରକାଶି ଛନ୍ଦ
କହନ୍ତି ମନ୍ଦ ମିତ ମୋର ।
ଭିକ୍ଷା କଲେ ମାଗଇ    କେବେ ସେ ନ ହୁଅଇ
ଥାଏ ପ୍ରସାଦ ଉପହାର ସେ ।
ଆନ ନରେ । ହୁଅଇ ବଳେ ଯାଚ କରି ।
ଆନନ୍ଦରେ । ଗୃହୁଁ ଗୃହୁଁ ହୁଅଇ ଭରି ।
ତାହାଙ୍କ ଖତ ବତ    କହୁଛି ଏ ପ୍ରପଞ୍ଚ
ନୀତ ଆଚରଣକୁ ଡରି ସେ । ୩୧ ।
ଶ୍ରବଣେ ମୁଦ ଭରି    କଷ୍ଟ ଆଷ୍ଫୋଟ କରି
ଆହୁରି କହିବଟି କହେ ।
ମିତ ବଚନେ ହରି    ଶିରକମ୍ପନ କରି
ବାଉଲେ ଜନନୀ ଆଗ୍ରହେ ସେ ।
ସୁବୁଦ୍ଧିରେ । ଘଟନା ପରହ ସମାନ ।
ସୁବୁଦ୍ଧିରେ । ସାଉଲେ ବେଗେ ଆଚମନ ।
ଶତ ପହଣ୍ଡାନ୍ତରେ    ବଜେ ଶୟନ ପରେ
ଖଟିଲେ ସେବକେ ବହନ ସେ । ୩୨ ।
ଗୁରୁ ପକ୍ୱ ତାମ୍ବୂଳ    ଲବଙ୍ଗ ପୂଗ ଏଳ
ରସାଳ ବିଶାଳ ଭୁଞ୍ଜାନ୍ତି ।

---

୨୯ – ୨ପଙ୍କ୍ତି ବନଭିତରେ କ, ଖ, ଗ, ଘ, ଚ, ୩୧ – ୮ ନଜଆଚରଣକୁ-ଙ, ଠ: ଆଚରଣକୁ କରି-କ, ଖ, ଗ; ୩୨ – ୧ କଷ୍ଟ ଆସ୍ଫୋଟ କରି କ, ଖ; ୩୨ – ୩ ଶିର କମ୍ପାଇ କରି-କ, ଖ, ଙ, ଠ; ୩୨ – ୬ ବଜେ ଶୟନ ପୁରେ-ଙ, ଠ;

ବିନୋଦ ଗନ୍ଧଙ୍ଗି  କଲ୍ପ କୁମୁଦ ବେଗି
ସୁମନ ବ୍ୟଜନେ ବାଞ୍ଛନ୍ତ ସେ ।
କୁନ୍ତଳରେ । ଚୂଡ଼ା ବନ୍ଧନ ହେଲା ଯାହା ।
କୁ-ତଳରେ । ଉତ୍କର୍ଷ ଲୋକରେ ନାହିଁ ତାହା ।
ନଟବର ସୁବେଶ  ବେଣୁ ଶୃଙ୍ଗେ ଆବେଶ
ବେତ୍ର ଲଗୁଡ଼େ ହେଲା ସ୍ପୃହା ସେ । ୩୩ ।
ହେବ ବନେ ବିଜୟେ  ଜାଣି ରାଧା ହୃଦୟେ
ଉଦୟେ ହୋଇଲା କାତର ।
ଏ ସମୟେ ରୋହିଣୀ  କହେ କିଶୋରୀମଣି
କିଛି ଭୋଜନନିତ ସାର ଗୋ ।
ତନ ନିକ । ସୁତାସମ କହିବେ ନାହିଁ ।
ଜନମ କ । ତୁମ୍ଭର ନୁହଇ ଗୋ ମୁହିଁ ।
ଧରୁଛୁ ତୋର ପାଣି  ମୋର ପୁରତେ ପୁଣି
ଆଜ ଭୁଞ୍ଜିବୁ ଚନ୍ଦ୍ରମୁହିଁ ଗୋ । ୩୪ ।
କୃଷ୍ଣଠାରୁ ଅଧିକା  ତୁ ମୋତେ ରସାଧିକା
ସୁଖଦ ହିମା ମନେ କର ।
ବାକ୍ୟ ଆଜ୍ଞାକୁ ମାନ  ଲାଜ ମମତା ଘେନ
ଭୋଜନ କଲେ ସିଉକାର ସେ ।
ତୁଳସୀର । ଅଧରାମୃତ ଗୋପ୍ୟ ଆଣି ।
ତୁଳହାର । କରେ ଧନିଷ୍ଠା ଦେଲେ ପୁଣି ।
ଶେଷାଶନ ସେବନ—  ଅନ୍ତେ ଧନୀ ଭୋଜନ
କଲେ କୈବଲ୍ୟ ମୁଦ ମଣି ସେ । ୩୫ ।
ଯନ୍ତ୍ର ରତ୍ନାଳଙ୍କାର  ଘନରୁଚି ଅମ୍ବର
ଯଶୋଦା ଉପହାର ଦେଲେ ।
ନାଗବଲ୍ଲୀ ଭୁଞ୍ଜିଲେ  ଧନୀ ମେଲାଣି ହେଲେ
ପଥେ ବିଜୟ କଲ ବେଳେ ସେ ।
କଳାନିଧି । ଗୋଚାରଣକୁ କଲେ ଗତି ।
କଳାନିଧି । ବଦନା ଦେଖି ମୁଦ ଅତି ।
ସ୍ନେହ-ଉତ୍କଣ୍ଠା ବହି  ସ୍ନେହ ଜଣାନ୍ତ ରହି
ବସି ପ୍ରନାଗତରୁପନ୍ତ ସେ । ୩୬ ।

---

୩୪—୧ ଜାଗି ରାଧା ହୃଦୟେ-ଚ, ଠ;

ତାହା ଜାଣି ଗୋପାଳ   ଆଉଜ କୃତମାଳ
ସ୍ତୀତକ ଚହ୍ଲାଇଲେ ଖରେ ।
କଶୋସ୍ଥି ତାହା ଜାଣି   ନାଗେଶ୍ୱରକୁ ଆଣି
ଖୋସିଲେ ଯତନେ ଗର୍ଭରେ ଯେ ।
ପଦ୍ମିନୀ । ଶିରେ ଲଗାନ୍ତୁ ଜାଣି ହର ।
ପଦ୍ମିନୀ । ଦେଖାନ୍ତୁ ବନସ୍ତୃ ଗୁରୁଷ୍ଟ ।
ଜାଣି ତାହା ସୁକେଶୀ   ତମାଳଦଳେ ରସି,
ସୁମନାସ୍ମେସ୍ରୀ ବେଣୁଧାସ୍ଥି ସେ । ୩୭ ।
ଏ ଜାତ ପ୍ରେମ ଯେତେ   ଜାଣିମ କେ ଜଗତେ
ସେହୁ ତାହାଙ୍କୁ ଅନୁଲକ୍ଷ ।
ଧାନ ସ୍ଥାନ ସାମନ୍ତ—   ସଂହାର ଅବରତ
ତନ୍ତ୍ରେ ସେ ବଦଗଧା ଦକ୍ଷ ସେ ।
ଧୀରେ ଭବ । ଏ କେମନ୍ତ ମର୍ମ ରସ ।
ଧୀରେ ଭବ । ଯାହାର କରନ୍ତୁ ନବାସ ।
ସେ ବନା ଆନ କେହ୍ନ   ନୋହିବେ ଗୁଣଗ୍ରାହୀ,
ରସିବେ କାହିଁକି ବାଳୀଗ ସେ । ୩୮ ।

---

## ଚଉଷଠୀ ଛାନ୍ଦ ।

---

## ଶ୍ରୀ କୃଷ୍ଣ ଗୋରକ୍ଷଣାନୁକୂଳ ।

---

ରାଗ—ବଚନ ଦେଶାକ୍ଷ ।

ଏ ଉତ୍ତରୁ ଧେନ ଧୀରେ   ସାବଧାନ ହୋଇ ଧୀରେ
କୃଷ୍ଣ ଗୋରକ୍ଷଣେ ଯିବାବେଳେ ହେ ।
ଆଗରେ କରି ଗୋକୁଳ   ପଛେ ସର୍ବ ସଖାକୁଳ
ବେଣୁ ଶୃଙ୍ଗ ରଙ୍ଗେ ବଜାଇଲେ ହେ । ୧ ।

---

୩୮—୪ ବଦଗଧ ଦକ୍ଷ-କ, ଗ, ଘ, ଚ, ଜ; ୩୮—୫ ପରମ ରସ,—କ, ଗ, ଚ, ଜ, ଝ, ଠ;

ଶୁଣି ସର୍ବ ନଗ୍ରଜନ— ମାନସ ହେଲା ରଞ୍ଜନ
ଦରଶନଉତ୍ସାହେ ଧାଇଁଲେ ହେ ।
ବିଶ୍ୱମନ ଆକର୍ଷିତ କଲା ମୋହନ ବଂଶୀ ତ
ସ୍ଥିର ଚର ଶୁଣି ମୋହ୍ୟ ହେଲେ ହେ । ୨ ।
ବିଯୋଗୀ ତେଜିଲେ ଯୋଗ ସଂଯୋଗୀ ତେଜିଲେ ଯୋଗ
ଭୋଗୀଏ ତେଜିଲେ ଭୋଗବିଧି ହେ ।
ରୋଗୀ ରୋଗ ନ ଗଣିଲେ ରାଗୀଏ ରାଗ ମଣିଲେ
ସକଳେ ତେଜିଲେ ଯେଝା ସିଦ୍ଧି ହେ । ୩ ।
କେ ହେଉଥିଲା ସୁବେଶ ବଂଶୀନାଦରେ ଆବେଶ
ହୋଇଗଲା ନୋହିଲା ଆଭୋଗ ହେ ।
ସିନ୍ଦୁର ଯାବକ ଖବ ବିପର୍ଯ୍ୟତ କଲା ଖବ
କଜ୍ଜ୍ୱଳ କସ୍ତୁରୀ ତଥା ଭୋଗ ହେ । ୪ ।
ନାନା ବିଚିତ୍ର ଭୂଷଣ ବିପରୀତରେ ଭୂଷଣ
ବିବେକକୁ କାଳ ନ ସହିଲା ହେ ।
ନାଗବଲ୍ଲୀ ବନ୍ଧା ଦଳ ଭୁଞ୍ଜିଲା କେ ତା ବଦଳ
ଖଣା ବୋଲି କୁଚ ଆଉଁସିଲା ହେ । ୫ ।
ସଇନ୍ଧ୍ରୀ ସୁବେଶ କରେ କଙ୍କତିକା ଧରି କରେ
ଚାମରକୁ ଭ୍ରମେ ସାମଳିଲା ହେ ।
ଜାରି ଜାର ଥିଲେ ବନେ ଦୂର କରି ନିଧୁବନେ
ଗତ କଲେ ହୋଇ ଅତି ଭୋଳା ହେ । ୬ ।
ବାଳବୃଦ୍ଧ ଏ ବିଧିରେ ଧାଇଁଲେ ଅତି ବଧିରେ
ମଦନମୋହନ ଦେଖିବାରେ ହେ ।
ଛାଡ଼ି ଗୁରୁ ଗଉରବ କରି ଶ୍ୟାମ ଶ୍ୟାମ ରବ
ନ ମଣିଲେ ପଥ ଅପଥରେ ହେ । ୭ ।

---

୨ ଓ ୩, — ୨ୟ ପଦର ୧ମ ପାଦ ସହିତ ୩ୟ ପଦର ୧ମ ପାଦ ଓ ୨ୟ ପଦର ୨ୟ ପାଦ ସହ ୩ୟ ପଦର ୨ୟ ପାଦ ୭ ଖଣ୍ଡ ପୋଥିରେ ମିଳୁଅଛି । ମାତ୍ର ଯତିପାତ ଦୋଷ ଘଟିବାରୁ ୪ର୍ଥ ପାଦର ପଦ ପରିବର୍ତ୍ତନ କରି ନମୂଲକିତରୂପ ଲେଖିଅଛୁ । ଶୁଣି ସର୍ବ—ଧାଇଁଲେ । ବିଯୋଗୀ—ଭୋଗବିଧି ଭୋଗିଏ ତେଜିଲେ । ୨ । ବିଶ୍ୱମନ—ହେଲେ । ରୋଗୀ—ମଣିଲେ, ସକଳେ ଯେଝା ସିଦ୍ଧି ତେଜିଲେ । ଚ, ଝ, ଠ ର ପାଠକୁ ଆମ୍ଭେ ଗ୍ରହଣ କଲୁ । କ, ଗ, ଘ, ଛ, ଜ, ଝ ତଥା ଖର ପାଠ ଗ୍ରହଣ କଲେ ମଧ୍ୟ ଚଳିପାରେ । ୨—୨ ସ୍ଥାନର ଶୁଣି-ଚ, ସୁର-ଚର-ଗ, ଘ, ଜ; ସ୍ଥିରଚରେ-ଛ; ୭—୨ ଜାର ଯାଉଥିଲେ-କ, ଝ, ଠ;

ମୋହନରେ ବନ୍ଧ ଚଉ    ଗ୍ରୁଡ଼ଂଲେ ସବୁ ଉଚତ
ପରସ୍ପରେ କଥନ ପ୍ରଗ୍ଭର ହେ ।
ଦେଖ ଏ ଗୋପନଗର—    ଦାଣ୍ତମାନ କ ସାଗର
ଧେନୁବା'ର ବାର ମନୋହର ଗୋ । ୧୫ ।
ଗୋମୟ ଗଣି ପଟଳ    ମହିଷ ମକର ବତ
ମେଷ ଗ୍ରୁଗଲାଦ୍ଧ ସୁସୀମିର ଗୋ ।
ଅନ୍ଧ ଲଗୁଡ଼ ଚଳନ    ହସ୍ତିର ଛନ୍ଦ କଳନ
ଗୋଫେନ ପତନ ରହୁବାର ଗୋ । ୧୬ ।
ରକ୍ଷକ ଗୋପାଳ ରଙ୍ଗ    ତହିଁ ମାନଙ୍କ ତରଙ୍ଗ
କଚ୍ଛପ ଗୋମୟ ଉପଳ ତ ।
ଅଙ୍ଗଭୂଷିତ ରତନ    ବଡ଼ବାନଳ ଯତନ
ଫିହାଧୂନ ଘୋଷ ପରଖତ ଗୋ । ୧୭ ।
କାଳକ ଚକାଭଉଁସୀ    ପ୍ରଖତ ଜଳଭଉଁସୀ
ଧେନୁପୁଚ୍ଛେ ବାଳ ଶଇବାଳ ।
ଶ୍ରୀରାମ କୃଷ୍ଣ ଆଗମ    ଗଙ୍ଗା ଯମୁନା ସଙ୍ଗମ
ଜନଚଉ ଧୋତହିଁ ସମେଳ ଗୋ ।
ନେନ୍ଧମୀନ ଅନମିଷେ    ମଗ୍ନ ହୋଇ ତହିଁ ମିଶେ ।
ଆଶାହଂସ ବଶ୍ରାମ ସଦନ ଗୋ ।
ଶ୍ରବଣେ କଉଁ ସୁବେଣୀ    ବୋଇଲା ଏତ ତ୍ରିବେଣୀ
ସଙ୍ଗମ ସଙ୍ଗକୁ ଇଚ୍ଛେ ମନ ଗୋ । ୧୯ ।
ଅଙ୍ଗଦାହ ତାପ ଯିବ    ଶୁଚପଦ ଅରଜବ
ରସରେ ମଜ୍ଜନ ଯେବେ ହେବ ଗୋ ।
ଅମୃତସଦନ ସତ    ନୋହିବ କେବା ଉଷତ
ସେ ପରାପତ ହେବାର ଭବ ଗୋ । ୨୦ ।
ଯାଉ ଜାତ ପତ କୁଳ    ହେଲେ ହେବ ଲଜ୍ଜାକୁଳ
ଏ ଉଛବ ଇଚ୍ଛା କେ ତେଜବ ଗୋ ।
ଦଣ୍ତିଲେ ଦଣ୍ତନ୍ତୁ ପତ    ଦେହାନ୍ତରେ ଜନ୍ମୁପତ
ଗୁରୁଗଞ୍ଜନେ କ ଗ୍ରୁଡ଼ଯିବ ଗୋ । ୨୧ ।

---

୧୫ – ୩ ଦାଣ୍ତମାନେ-ଙ, ଚ,ଠ; ୧୬ – ୨ ସୁପୁସ୍ପର-ଚ, ଠ; ୧୭ – ୧ ରଷକ ଗୋକୁଳ-ଠ; ୧୭ – ୨ ଗୋମୟ ଉଜ୍ଜଳତ କ, ଚ, ଠ; ଉଜ୍ଜଳତ-ଖ, ୧୮ – ୪ ଜନଚଉ ପୋତ ହଂସମେଳ ଗ, ଘ, ଡ, ଛ, ଜ;

କୁମାରୀଏ ସଙ୍ଗରେ          ଝାସ ଦେବାକୁ ସାଗରରେ
ମନାସିଲେ ବର ବରିବାକୁ ଯେ ।
ସୁନ୍ଦରୀଗଣ ଆନନ୍ଦ          ବୋଇଲେ କି କରି ନନ୍ଦ
ବରିଗଲେ ଗୋକୁଳରକ୍ଷଣକୁ ଗୋ । ୧୨ ।
ହୋଇଥିଲେ ଆମ୍ଭ ସୁତ          ଗଲେ ତାହାର ଅଯୁତ
କେ ଚେତନ୍ତା ନନ୍ଦନପଥରୁ ଗୋ ।
କେ ବୋଇଲା ଆଉଗା ମିତ          ଲକ୍ଷ ଲକ୍ଷ ପରମିତ
ରକ୍ଷକ ରଖନ୍ତି ନିତ ଗୋରୁ ଗୋ । ୧୩ ।
ବନେ ଏ କରନ୍ତି ଗତ          ଜନକ ଜନନୀ ଗତ
ଏଥୁ ଅଛୁ ପୁଣି ଆନ କାହିଁ ଗୋ ।
ଏହାଙ୍କ ଗୀତ ଉଦଣ୍ଡ          ଦେବାରୁ ଅସୁର ଦଣ୍ଡ
ଅବତରଣ ଗୀତ ଛନ୍ତି ବହୁ ଗୋ । ୧୪ ।
କେ ବୋଲେ ଶୁଣିଛୁ ମୁହିଁ          ଋଷିବାଣୀକି ସୁମୁହିଁ
ନାରାୟଣଅନୁସଙ୍ଗୀ ଏହୁ ଗୋ ।
ଅବନୀଭାରକୁ ହରି          ବିଶ୍ୱଜନ ତାରି ହରି
ହେବେ ଭକ୍ତଜନ ଭାବଗ୍ରାହୀ ଗୋ । ୧୫ ।
ପତିବ୍ରତ ସରିଯିବ          ଅପବାଦ ଉପୁଜିବ
ଜୀବ ଥିଲେ ପୁଣି ଶୁଣାଯିବ ଗୋ ।
ଧନ୍ୟ ପୁଣ୍ୟ ବୃନ୍ଦାବନ          ଧନ୍ୟ ଗୋ ଜନ୍ମଜୀବନ
ଦେଖୁଛନ୍ତି ଶ୍ରୀପଦ ପଲ୍ଲବ ଗୋ । ୧୬ ।
ଏହା ଶୁଣି କେ ଭାଷିଲା          ସତ ମନେ ଆଭାଷିଲା
ନୋହିଲେ କି କଷ୍ଟଁ ତାରେ ତରେ ଗୋ ।
ଏ ଯେବେ ହୋଇବ ସତ          ଅବନୀ ହୋଇ ଉନ୍ନତ
ଜିହ୍ୱା ପାତିଥିବ ଗମନରେ ଗୋ । ୧୭ ।
ପାଇବ କେତେ ଶ୍ରୀପଦ          ଦୁଃଖୀ ନୋହିବ ଶ୍ରୀପଦ
ବିଭ୍ରମନ୍ତେ ତୃଣ ପାଷାଣରେ ଗୋ ।
କବି ଏପରି ବର୍ଣ୍ଣିର          ଗୋବିନ୍ଦ ସଙ୍ଗେ ସଞ୍ଚାର
କରୁଛନ୍ତି ପ୍ରେମଲମ୍ପଟରେ ହେ । ୧୮ ।

---

୧୪—୧ ବନେ ଏ କରନ୍ତି-କ, ଖ, ଛ; ୧୭—୧ ସତେ ମତେ ଅଭାସିଲା-ଝ, ଠ;
୧୭—୨ କି କଷ୍ଟତାର ତରି-ଝ, ଠ; ୧୭—୪ ଗମନରି-ଝ, ଠ;

ବୋଇଲା କୁନ୍ଦଲତାରେ ଲେଖା ତୁ ପତ୍ରବୃନ୍ତାରେ
ମିଳି ପୂଜାଅ ସମସ୍ତ ହେଲା ଗୋ । ୪୨ ।
ଶୁଣି ସଖୀଏ ସୁଖରେ ପୂଜାର ସାମଗ୍ରୀ ଖରେ
ସମ୍ପାଦିଲେ ଉତ୍କଣ୍ଠିତା ମନେ ହେ ।
ଜଣୋଷ୍ଠି ଆତୁର ଚିତ୍ତ ନୋହେ କବରେ ରଚିତ
ଯେଣ ସାଧକଜନେ ସ୍ୱମନେ ହେ । ୪୩ ।
ଧନ ଧାନ ଅଭିମନ୍ୟୁ ସାମନ୍ତଙ୍କି ହାର ମନୁଁ
ନ ଯାଉ ଜଣୋଷ୍ଠି-କୃଷ୍ଣଭାବ ହେ ।
ବ୍ରଜ ଉପାସକ ଜନ ଏ ଭାବେ ହେବେ ରଞ୍ଜନ
ସବୁ ଲାଭ ଏହି ମୋର ହେବ ହେ । ୪୪ ।

---

## ପଞ୍ଚଷଷ୍ଟୀ ଛାନ୍ଦ ।

---

## ବିପଣୀସ୍ଥ ଲୋକସଙ୍ଗେ ପରିହାସ

---

ରାଗ ପାହ୍ଣଡ଼ିଆକେଦାର ।

ଧେନ ସୁଧୀରେ ଏ ରସ ଧୀରେ ସଦା ବିଧିରେ ବନ୍ଦ୍ୟ ବିଧିରେ ।
ସେବ୍ୟ ନିଧିରେ ବଜଜେ ଧୀରେ ସଖାବଧିରେ ଯେ ।
ମନ୍ଦ ହାସରେ ପରିହାସରେ ମୃଦୁଭାଷରେ ବେଣୁଘୋଷରେ
ଚତୁର୍ଦ୍ଦଶରେ ନୋହେ ବଶରେ କେ ମାନସରେ ଯେ ।
ଶ୍ରୀରାମ କୃଷ୍ଣ ଗୋଚାରଣକାଳରେ ଯେ ।
ସୁରନାରୀ ସ୍ପୃହାନ୍ତି ପ୍ରେମଖେଳରେ ଯେ ।
ଗୋପନଗରେ ଜନ ରଙ୍ଗରେ ବସି ଜଗରେ ଅତି ବେଗରେ ।
ସ୍ନିହଁ ନାଗରେ ଧେନୁ ସଙ୍ଗରେ ମଞ୍ଜି ରାଗରେ ଯେ । ୧ ।

---

୪୨—୨ ଦେଖି ଶୁଣି ବୁଢ଼ୀ ସୁଖୀ ହେଲା-କ, ଖ, ଙ, ଠ; ଦେଖି ବୁଢ଼ୀ ବଡ଼ ସୁଖୀ ହେଲା-ଗ, ଘ; ୪୪—୩ ବ୍ରଜ ଉପାସିକ ଜନ-ଘ, ଚ, ଛ, ଙ, ଠ; ଭାବେ ହେବେ ସୁରଞ୍ଜନ ଙ, ଠ; ୧—୨ ସଖା ବଧିରେ- ଙ ଠ; ୧—୬ ବସି ନାଗରେ-ଙ, ଠ;

ଟୋପାଏ ସଜାଡ଼ି କାଛଟା ଭିଡ଼ି ଧାଡ଼ିକି ଧାଡ଼ି ଥାଟେ ଦଉଡ଼ି ।
ଯୋଡ଼ିକି ଯୋଡ଼ି ବୁଲନ୍ତି ବାଡ଼ି ତନୁକୁ ଆଡ଼ି ଯେ ।
କେହି ଘଉଡ଼ି ନଅଇ ତଡ଼ି କେହୁ ବାହୁଡ଼ି ମାରଇ ଓଡ଼ି
କାହାକୁ ମୋଡ଼ି ଟୁଙ୍ଗଇ ରଡ଼ି ଶିରକୁ ଝାଡ଼ି ଯେ ।
କେ ମାଲ ବନ୍ଧାଣରେ ଯାଉଛି ଗଡ଼ି ଯେ ।
କେ କାହା ଉପରେ ପୁଣି ବସଇ ମାଡି ଯେ ।
କେ ମୋଡ଼ାମୋଡ଼ି କେ ଭିଡ଼ାଭିଡ଼ି କେ ଜଡ଼ାଜଡ଼ି କେ ଛଡ଼ାଛଡ଼ି
କେ ପଡ଼ାପଡ଼ି କେ କୋଡ଼ାକୋଡ଼ି କେ ହୁଡ଼ାହୁଡ଼ି ଯେ ।୨।

କେ ଭଙ୍ଗି କରି ଗୋବନ୍ଧ ପରି ରୀତ ଆଚରି କେ ତହିଁ ନାଗ-
ଠାଣି ଆଦରି କେ ଗର୍ଭଧାରୀ ତର୍ଜନାକାରୀ ଯେ ।
କେ ତହିଁ ହାରି ବନ୍ଧିକି ଧରି କେହୁ ଅଧାରି କେହୁ ବକାରି
କେହୁ ଷଣ୍ଢାରି କେ ଯାମଳାରି କେହୁ ତୃଣାରି ଯେ ।
କୃଷ୍ଣ ପ୍ରେମବିହ୍ୱଳ ସଖା ଆଦରି ଯେ ।
ଶେଷ ବର୍ଣ୍ଣିଲେ ଲେଶ ନ ଯିବ ସରି ଯେ ।
ସବୁ ଚାତୁରୀମାନଙ୍କ ପୁରୀ ତହିଁ ମାଧୁରୀ ନୋହିବ ସରି
ଗୁଣଲହରୀ ମୁରଲୀଧାରୀ ସଙ୍ଗବିହାରୀ ଯେ ।୩।

ଶ୍ରେଣୀକି ଶ୍ରେଣୀ ନାଚନ୍ତି ପୁଣି କଟିକିଙ୍କିଣୀ ମଧୁର କ୍ୱଣି
ଶ୍ରବଣେ ଶୁଣି ହରଷରଣୀ ହୋଇବେ ଜାଣି ଯେ ।
ସୁରୁ-ବପଣି-ସ୍ଥିତ ତରୁଣୀ ଦେଇ ସୁହାଣି କହନ୍ତି ବାଣୀ
ଦେଖ ମିତଣି ମନହାରଣି ପାଶ ଏ ଠାଣି ଗୋ ।
ବିକା ନ ଯିବେ ଏଥି କଉଁ ପରାଣୀ ଗୋ ।
ବିଲୋକନେ ଭୁଲିବେ ମଦନରାଣୀ ଗୋ ।
ଭ୍ରୂଧାରଣୀ କାର୍ମୁକ ଆଣି ସୁରୁ ସୁହାଣୀ ବାଣକୁ ଶାଣି
ବିନ୍ଧୁଛି ଟାଣି କଉଁ ସୁବେଣୀ ରଖିବ ଆଣି ଗୋ ।୪।

ପସରା ସୁହିଁ କୃଷ୍ଣଙ୍କୁ ତହିଁ ଭଙ୍ଗିକି ବହି ସଖାଏ କହି
ସୁନ୍ଦର ବହି ମନକୁ ମୋହି ଦେଉଛି କେହି ଯେ ।

---

୨—୩ କେହି ଘଉଡ଼ି ନଅନ୍ତି ତଡ଼ି କେହି-ଝ; ୨—୬ ପୁଣି ବସାଇ-ଗ, ଘ, ଚ, ଛ, ଠ; ୨—୮ କେ ଗଡ଼ାଗଡ଼ି କେ କୋଡ଼ାକୋଡ଼ି-କ, ଖ, ଗ, ଘ, ଚ; ୩—୨ ତର୍ଜନା କରି-କ, ଚ, ଛ, ଠ; ୩—୬ ଶେଷ ହିଁ ବର୍ଣ୍ଣିଲେ ତ ନ ଯିବ ସରି ଯେ-କ, ଖ; ଶେଷ ବର୍ଣ୍ଣନା କଲେ ନ ଯିବ ସରି-ଛ, ଠ; ଶେଷ ବର୍ଣ୍ଣିଲେ ନ ଯିବ ସରି-ଝ; ୪—୪ ମନ ହାରଣୀ-ଛ, ଠ;

ଜନକକନ୍ୟେଶ୍ୱୀ ସୁହୀତା ଜହିଁ   ରମ୍ଭା କେ ଉହି ସୁନାଶୀରହି
ଅଛି ତ କେହି ଐରାବତ ହିଁ ସ୍ୱର୍ଗ କି ଏହି ଯେ ।
ସ୍ମରୁ କମଳା ଦେଖା ଯାଉଛି ଯହିଁ ଯେ ।
ତାକୁ ବଇକୁଣ୍ଠ କି ବୋଲିବା ନାହିଁ ଯେ ।
କପର୍ଦ୍ଦୀ ଯହିଁ ଶିବାସଙ୍ଗରସୀ   କଇଳାସ ହିଁ ଆଭାସେ ଏହି
ଦରର ବହି ଏ ଭାବଗ୍ରାହୀ ମଣିଲି ମୁହିଁ ଯେ । ୫ ।
କେ ବୋଲେ ଭ୍ରଷ୍ଟ ଏ ନୀଳବାସ   ଦେଖିମଣିଲି ମୁଁ ନୀଳବାସ
ହରତାମ୍ବର ହରତାମ୍ବର ବେନି ପ୍ରକାର ଯେ ।
ଶଙ୍ଖାର ପରା ଦଶେ ଶଙ୍ଖାର   ପାଣ୍ଡବେଷ୍ଟନେ ରଜା କଂସାର
ଥିବାରୁ ନାଗ ପରତେ ନାଗ — ଈଶ୍ୱରପୁଷ୍ଟି ଯେ ।
ପାଟରାଣୀଏ କାହିଁ ଅଛନ୍ତି ବସି ଯେ ।
ପାଟରାଣୀଙ୍କ ମାନ ଦଅନ୍ତି ଧ୍ୱଂସି ଯେ ।
ସୁଚୀର ବଣିଜାକୁ କରନ୍ତି   କ୍ଷୀରୋଦସ୍ଥାନ ଦେଖାଉଛନ୍ତି
ଅଙ୍ଗୀ ହେବ ନା ସଙ୍ଗୀ ବୋଇଲି ଭଙ୍ଗିରେ ହସି ଯେ ୬ ।
କେ ତହିଁ ହାସେ କାହାକୁ ଘଷେ   ରତ୍ନାକର କି ରତ୍ନାକର ସେ
ବହି ଶିଖର ମେରୁଶିଖର ଶରେ ଆଭାସେ ଯେ ।
କେ ବୋଲେ ମିଠ ବଜ୍ର କଳିତ   ବାସବବତ ହୋଏ ପ୍ରତୀତ
ମାରିକଣ୍ଠ କି ମାର କଟକ କଳି ମାନସେ ଯେ ।
ପଦ୍ମରାଗ ପ୍ରଭାକ ରବିରଞ୍ଜନ ଯେ ।
ପଦ୍ମରାଗ ପ୍ରଭାକର ବିରଞ୍ଜନ ଯେ ।
କେ ବୋଲେ ନାସା — ରତନ ସର   କାନ୍ତି ଦଶନ ଓଷ୍ଠ ସ୍ମରସା
ହାସ ନୟନ ନଖ ଯତନ ଥିବାରୁ ଯେନ ଯେ । ୭ ।
କେ ଭଙ୍ଗି କର କହେ ସୁନାସୀ   ଉରଜ ପସରା କି ରୁମ୍ଭର
ମିଳିଲେ ଧନ କରଜ ଗୋଜା ଦେବଇଁ ଲେଖି ଗୋ ।
ତାଙ୍କୁ ସ୍ମରସୀ ବୋଲେ ଚତୁରୀ   ସୁବର୍ଣ୍ଣ କାମ କମକୁ କର
ନାଗର ମଣି କାଣା ବକା ତ ସଦା ଆମ୍ଭର ହେ ।
କରଜ ଡରେ ଲୁଚ ରହେ ଯେ ବାସେ ହେ ।
ତାକୁ ଧନ ମିଳିବ କାହୁଁ କି ଆଶେ ଯେ ।

---

୫—୨ ଶିବାସଙ୍ଗହିଁ-ଜ; ୫—୮ ମଣଇ ସହି-ଠ, ମଣିଇ ସହି-ଛ; ୬—୧ ମଣିଲି ଏ ନୀଳବାସ-ଝ; ମୁନି ନବାସ କ; ମୁନଙ୍କବାସ-ଗ; ୬—୩ ଶଙ୍ଖାସୀ ପରି-କ, ଗ, ଛ, ଠ; ୬—୭ ବଣିଜକୁ-ଜ, ଠ; ୭—୧ କେତହିଁ ଘଷେ-ଠ, ୭—୨ ରୁଚି ଅଭ ସେ-ଛ,ଠ; ୭—୪ ଠ ରେ ମାର କଟକ ନାହିଁ; ୭—୫ କ, ଖ, ଘ, ଚ, ଛ, ଠ, ଆପ

ଭଡ଼ିକ ଭାବେ ତନୁ ସୁବର୍ଣ୍ଣ   ଦେବାକୁ ନକ ନୁହ ଭାଜନ
ରତ ତୁଳନା ନାହିଁ ବଚନ ନାଗରୀ ଭାବେ ଯେ । ୮ ।
କେ ଗନ୍ଧବଶ୍ୟ-ପସରା ଦେଖି   କୃଷ୍ଣଙ୍କୁ ଠାରି ଦେଉଛୁ ଆଖି
ଲକ୍ଷ୍ମୀ ଗଉରୀ ଶାରଦା ରତି କ ଶୋଭା ଦେଖି ଯେ ।
କୃଷ୍ଣ ଭାରତୀ ତାହାଙ୍କ ପଢ଼ି   ସଙ୍ଗରୁ ଛଡ଼ାଛଡ଼ି ନୁହନ୍ତି
ବସ୍ତୁର ବୁଝ ଏବେ ତ ଛନ୍ତି ନୁହ ତ ମୂର୍ଖ ଯେ ।
ଗୁଣି ଗୁଣି ସଖାମ୍ଭେ ବୋଲେ ଜାଣିଲ ଯେ ।
ବିଇଦେହୀ ଦୁର୍ଲ୍ଲଭ ଅଛନ୍ତି ମିଳି ଯେ ।
କୃଷ୍ଣ ବୋଇଲେ ସୁରଭି ଅଛୁ   ଅପୂର୍ବ ନୋହେ ପଦାର୍ଥ କିଛୁ
ସଚେଳ ଗନ୍ଧମୋଦା ମାନସହରଣସ୍ଥଳୀ ଯେ । ୯ ।
ଏମନ୍ତ ଶୁଣି ବୋଲେ ରସିକା   ଘନରୁଚିକ ଏକା ତ ବିକା
ଆନ ଜୀବିକା ନାହିଁ ଅଧିକା ଦେବ କି ନେବ ହେ ।
ବୋଇଲେ ହରି ବିକା ସୁନାରୀ   ଯାଉଛୁ ହରି ଗୁମାନ କରି
କହ ଏପରି ନାହିଁ ତ ହରି-ଭଦ୍ର କି ଦେବ ଯେ ।
ଛଳି ଛଇଳୀ କହେ ଯେବେ ନ ଥିବ ଯେ ।
ଉରଜ ରଞ୍ଜନ କି କରି ହସିବ ଯେ ।
ମୋ ବାଣୀ ଅର୍ଥ କଲ କି ବ୍ୟର୍ଥ   ତବ କଥନ ହୋଇବ ସାର୍ଥ
ଭିନ୍ନ ପ୍ରଭାବ ମାନସେ ଭାବ କପାଁ ନୋହିବ ଯେ । ୧୦ ।
ଜାଣି ଗୋବିନ୍ଦ ହେଲେ ଆନନ୍ଦ   ଶ୍ରୀମୁଖଗୃନ୍ଦ ମୋହନଫାନ୍ଦ
ହୃଦକୁମୁଦ କରି ପ୍ରମୁଦ ସେଠାରୁ ଗଲେ ଯେ ।
ଗନ୍ଧମା ଗୃହଁ କହନ୍ତି ରହି   ସର୍ବଦା ମୁହିଁ ସୁମନାସ୍ନେହୀ
ଜାତି ପଦ୍ମିନୀ ହୃଦରେ ବହିଥିବାକୁ ଭାଳେ ଯେ ।
ଫୁଲକାଣ୍ଡ ବଣିକ ପସରା ଦେଖି ଗୋ ।
କିଛୁ ମାଗୁଛୁଁ ଦେବ କି ଭାବ ରଖି ଗୋ ।
ଅଶୋକ ରଙ୍ଗଣୀରେ ମନୀଷା   କୃତମାଳକୁ ବଳିଛୁ ଆଶା
କରୁଣାକର ପାଇଲେ ହେବା ଅତ୍ୟନ୍ତ ସୁଖୀ ଗୋ । ୧୧ ।

---

୯—୫ ଗୁଣ ଗୁଣି ଣ ସଖା ବୋଲେ ଜାଣିଲ-ଝ, ଠ; ଶୁଣି ପୁଣି ସଖା ଟୋଲେ ଜାଣିଲ-ଜ; ଶୁଣି ପୁଣି ସଖାଏ-ଗ, ଘ, ଚ, ଗୁଣି ଗୁଣ ସଖା ବୋଲେ ଏବେ ଜାଣିଲ-ଖ, ଛ, ଗୁଣି ଗୁଣି ସଖା ବୋଲେ ଜାଣିଲ-ଢ, ୯—୮ ଗନ୍ଧମୋଦା କ, ମୋଦାଗନ୍ଧ ଘ, ଗନ୍ଧମୋଦ ଚ, ଗନ୍ଧ.ମୋଦ ଝ,ଠ, ୧୧—୨ କରି ପ୍ରମୋଦ-ଖ,ଛ ବ୍ୟତୀତ ସମସ୍ତ ପୋଥି-ରେ,ପ୍ରମୋଦ ମଧୁସମୀରୀନ, ୧୧—୭ କିଛି ଦେବ ସୁମନ ଭାବ କି ରଖି ଗୋ କ ଝ, ଠ, ସୁମନା ଭାବକୁ ରଖି ଗୋ ଖ;

ଗନ୍ଧମାଗର କଥା ସେ ମୋର   ହେବ ଦେବାର ଏ କେତକର
କଥା ବିସ୍ତୃର ରସିକସାର ନାଗରବର ହେ ।
କେତକୀ ଅଙ୍ଗୀକୃତ ସ୍ମୃତୁଷୀ   ହେଲେ କି ବଗଜବ ମାଧୁରୀ
ସୁରଭି ମେଳ ହେବାରୁ ବରଭାବ ପ୍ରସ୍ତୃର ହେ ।
କୃଷ୍ଣବାଣୀ ରସିକ ଲେଖା ଭ୍ରମରେ ଗୋ ।
ହେବ କି ସୁଖ ବୋଲୁଛ କି ଭ୍ରମରେ ଗୋ ।
ଗନ୍ଧମା ଦତ୍ତ କଲ୍ପ ଉଦନ୍ତ   ଗଣିକାରତ ମଧୁପରତ
ଏ ଯେଣୁ ଚଉ ବଳାନ୍ତି ସତ ଯେଣ ଆଦରେ ହେ ! ୧୨ ।

ସୁମନସରେ ସୁମନସରେ   ସୁମନଶରେ ସୁମନଶରେ
ସୁମନ ସରେ ସେବା ହୀନରେ ଲେଖାହୀନରେ ଯେ ।
ଶ୍ରୀନନ୍ଦଗୃଠ କାଚପ୍ରକଟ   ଅଛୁ ତଗଟ କେହ୍ନ ଲମ୍ପଟ
ପ୍ରୀତ ଚହଟ ହେଲେ ସଙ୍କଟ ହେବ ବଧିରେ ଗୋ ।
ସଦାମୋଦା ବିବାସରେ ମୋ ମାନସ ଗୋ ।
ବନ୍ଧୁଜୀବ ବିନେ କି ହେବ ଉଲ୍ଲାସ ଗୋ ।
ରମଣୀ ଗିର ମଣି ତ ଗର ଭମ୍ଭୃ କି କର କୁମୁଦମାର
ସୁମଧୁପର ପ୍ରୀତ ପ୍ରସ୍ତୃର ନୋହେ କି ଭାଷ ଯେ । ୧୩ ।

ଶ୍ରୀବନମାଳୀ ବୋଇଲେ ଛଳି   ଆଗୋ ଛଇଳି କୁନ୍ଦ ମାଆଳି
କେଳିକନେ କଳି ଏଥିକି ଖଳି ହେବ କେ ବଳି ଯେ ।
କର ଦୋହଦ କଦମ୍ବ ମୁଦ   କୁରୁଣ୍ଟକଦ ହେଲେ ତ ଖେଦ
ହୋଇବ ଛେଦ ଆଉ ପ୍ରମାଦ ନୋହିବ ଭଲି ଯେ ।
ନାରୀ କହେ ଦାସୀରେ ପ୍ରୀତକି ବହ ଯେ ।
କଉଁ ଦୋହଦେ କାହା ପ୍ରମୋଦ ବହ ଯେ ।
ପଦସ୍ପରଶ ଚୁମ୍ବ ବିଶେଷ କୋଳରେ ରସ ସୁମନାବଂଶ
ହେବେ ବିକାଶ ଛୁଙ୍କାରେ   ମୁଦ କି ଆଶେ କହ ଯେ । ୧୪ ।

ଗୋବନ୍ଦ ଗିର ମାନସେ ସ୍ମର   ମରୁଆକର ଦାନ ଦେବାର
ପ୍ରୀତ ସଞ୍ଚାର ହେଉ ପ୍ରସ୍ତୃର ଲଳନାବର ଗୋ ।

---

୧୨—୧ ଏତେକ କର-ଝ, ଠ; ୧୨—୪ ମେଳ ହେବାରୁ-ଢ, ଠ ୧୨—୭ ବୋଲୁଛନ୍ତି ଢ, ଖ, ଗ, ଚ, ଝ ଠ; ୧୩—୪ ସଦା ମୋଦାଦ ବାସରେ-କ, ଝ; ଠ, ୧୪—୪ ପ୍ରମାଦ ନୋହିବ-ଝ, ଠ; ୧୫—୧ ମରୁ ଅକାର-ଝ, ଠ, ମରୁଅ ବଳ ଗ, ଘ.

ଦୃଗଞ୍ଚଳେ ମାନସ ମଜ୍ଜେ   କରବୀରରେ ମାଳ ସୁସଜ୍ଜେ
ଗ୍ରହଣ କର କେତେ ସୁରୁଚି ହେବ ବସ୍ତ୍ର ଯେ ।
ଅନୋପମ କସ୍ତୁରୀ ଚନ୍ଦନମାନେ ଯେ
କାମ ପୂର୍ତ୍ତି ହେବ ତ ମନ୍ଦାର ଦାନେ ଯେ
ସ୍ମିତ ବିଭୂତି ଅଛଇ ସ୍ୱଚ୍ଛ   ବଗିହୃଦାଢ଼ ଦେଖାଉଅଛ
ଏଥି ଚଢ଼ିବା କାମନା ସତ୍ୟ ନୋହିବ କେନେ ଯେ । ୧୫ ।

ବାସ ଭୂଷିତ ଦମନକ ତ   ଛୁଞ୍ଚିଅନା ତ ମାରୁବ ସତ
ଦେଖି ପାଟଳୀ ଯିବ ପା ଟଳି କେହ୍ନ କାହାର ଗୋ ।
ତୁଳସୀ ରତି ଇଚ୍ଛେ ନରତି   ଅନୋପମା ତ ଶିରଭୂଷିତ
ସଦା ପ୍ରସନ୍ନା କାଞ୍ଚନ ତନୁ ଦାନ ନ କର ଗୋ ।
ବାଳୀ ବୋଲେ ଚମ୍ପା ବରନ ଉଜ୍ଜ୍ୱଳ ଯେ ।
ହସିଲେ ତ ଈଶ ବୋଲାଇବ ଭଲ ଯେ ।
ମଲ୍ଲିକା ମଧୁରେ ତ ନ ରସ   ମଧୁପର ତ ଯଶ ପ୍ରକାଶ
ପଦ୍ମିନୀ ବନେ କୁଞ୍ଜରଙ୍କ କେଡ଼େ ମଙ୍ଗଳ ଯେ । ୧୬ ।

ବନତିଗର୍ଭ-ରସଭରତି   ଶ୍ରବଣେ ମୁଦ ଗୋକୁଳପତି
ନାଗକେଶର ପାଦତଳକୁ ପକାଇ ଦେଲେ ଯେ ।
ମୁଁ କି ବନିତା-ଯୋଗ୍ୟ ଭରତି   କହ ଯୁବତୀ ପୁଷ୍ପ ସେବତୀ
ପାଦେ ଝଟିତି ଦେଇ ଏ ଜାତି କରିବ ବୋଲେ ଯେ ।
ଆନନ୍ଦରେ ଗୋବିନ୍ଦ ସେଠାରୁ ଗଲେ ଯେ ।
ତାମ୍ବୁଲୀ ବାମା ପସରା ପାଶେ ହେଲେ ଯେ ।
ବୋଇଲେ ପରା ଏ ନାଗବଲ୍ଲୀ   ବିଳାସୀ କିକ ହୋଇଲ ଭୁଲି
ସୁଧା ସଂଯୋଗେ ସ୍ୱର୍ଗ ଜନ୍ମଇ ମହିଳା ଛଳେ ଯେ । ୧୭ ।

ସେଠାରୁ ଯାଇ ପାଟରାଣୀକି   ବୋଇଲେ ତୁମ୍ଭେ ପାଟରାଣୀ କି
ସୁରଗବାସ ଫିଟାଇ ଅରେ ଦେଖାଅ କି ନା ଗୋ ।

---

୧୫–୩ ମାନ ସୁସଜ୍ଜେ ଗ, ଘ, ଜ, ଟ, ଠ.-ମାନ ସୁସଜ୍ଜେ-କ, ଖ, ୧୫–୫ ଅନୁପମ ଟ, ଠ; ଅପଘନ-କ, ଖ; ୧୫–୭ ସ୍ମିତ ବିଭୂତି-ଠ; ୧୬–୩ ତୁଳସୀରତି-ଟ, ଠ; ଅନୁପମାତ ଟ. ଠ; ୧୬–୪ ପ୍ରସନ୍ନ କାଞ୍ଚନତନୁ ଦାନରେ କର-ଟ, ଠ; ସଦା ପ୍ରସନ୍ନ କାଞ୍ଚନତନୁ ଦାନରେ କର-କ; ୧୬–୭ ମଲ୍ଲିକା ମଧୁରେତି-କ. ଖ; ୧୬–୮ କେତେ ମଙ୍ଗଳ-ଘ, ଟ, ଠ; ୧୬–୯ ବନତି ରସଗର୍ଭ ଭରତୀ-କ, ଖ. ଘ; ୧୭–୪ ଦେଇ ଏ ଖ୍ୟାତି-କ, ଖ, ଗ. ଘ, ଜ; ଯିତି-ଠ; ଶାନ୍ତି-ଚ; ୧୭–୭ ହୋଇଲେ-କ, ଟ, ଠ; ୧୭–୮ ସୁଧାଂଶୁ ଯୋଗେ-ଗ. ଟ, ଠ;

ସେ ବୋଲେ କର୍ମା ଆକରେ ନାଶ   ହେମନ୍ତ ହେଲେ ହେବ କି ଯଶ ।
ଧନ ବାହାନେ ପୂର୍ଣ୍ଣ ହୋଇବ ନକି କାମନା ଯେ । ୨୧ ।
ଭାବରମିତ ଶ୍ଳେଷେ କଥିତ   ସିହାଣୀକି ତ ମିନ୍ଦ ଇଚ୍ଛିତ
ସୂଚୀର କାମ କରଣେ କ୍ଷମ ହେବ କି ଭାଷ ଗୋ ।
ସେ ଭାଷେ ମୁଁ ଶେଜରେ ତ ଫୁଲ   ପକାଇ ସୂଚୀକମକୁ ଭଲ
କରିବାରେ ମୁଁ ସଦା ନିପୁଣେ ତୋଷଇ ଈଶ ହେ ।
ଶ୍ୟାମ ସୁରଗ ବନାଇତ ଯତନେ ଯେ ।
ମୋହ ହେବେ ବିଚାର କାମରଞ୍ଜନେ ଯେ ।
ସୁରାଜସୂତା ବସନ ହେଲେ   ସୁକାମ କୃତ ପ୍ରଶଂସା ମିଳେ
ରଙ୍ଗବାସରେ ବରଆବେଶ ସହଜେ ମାନେ ଯେ । ୨୨ ।
କେ ବୋଲୁଅଛୁ ବନ୍ଧ ଭଙ୍ଗିକି   ବୋଲଅ ତୁମ୍ଭେ ଘଟପାଳକି
ବିବେକୀ ନେତା ଧନରସର ବେବହାରକୁ ଗୋ ।
ସେ ବୋଲେ ଚଳୀ ଭଜୁଁ ନିରତେ   ଏ ଭାଣ୍ଡ ପଣ କର ଯୁଗତେ
ଅମୂଲ୍ୟ ପାନ ରୁଚଲେ ନଅ ଚହ୍ଲି ମନକୁ ହେ ।
କେ ହସି ବୋଲେ ନାପିତମାକି ଶୁଣ ଗୋ ।
ସୁରଙ୍ଗ ପଦବୀ କୃତରେ ନିପୁଣ ଗୋ ।
ସେ ଯେହ୍ନ ଭାଷେ ଛଳଲ୍ୟ ହାସେ   ରାଗ ବଢୁଳା ବଣିଜ ଆଶେ
ସଦା ରଞ୍ଜନୀକାମେ ନିପୁଣ ହେବାର ଜାଣ ହେ । ୨୩ ।
କଇବର୍ତ୍ତୀକି ମାଧବ ଗିର   କି ରାଜୀବର ବଣିଜ କର
ସେ ତହୁଁ ଭାଷେ ଧୀବର ପଦା-ଶ୍ରିତ ଦାସୀ ଯେ ।
ଦେଖି ରଙ୍ଗିଣୀ ବୋଇଲେ ବାଣୀ   କି ସୁନ୍ଦରଗନ୍ଧବନ୍ଧାକାରିଣୀ
ସେ ଭାଷେ ରାଜସୂତା ରାଗକୁ ସଦା ପ୍ରକାଶି ଯେ ।
ମଧୁ-ସ୍ରବ ଦାରାକ୍ଷା ପସରା ଗୃହେଁ ଯେ
ମଧୁସ୍ରବ ଦାରାକ୍ଷା ହେବ କି ଏହି ଯେ ।
ହର ଭାରତୀ ଶୁଣି ଯୁବତୀ   ବୋଲେ ଗ୍ରାହକ ଆଉ ନାହାନ୍ତି
ଶ୍ରୀପଦବାରେ ଏ ବିକା ଯିବ ବହୁତ ଏହି ଯେ । ୨୪ ।

---

୨୧—୨ ଯୁକ୍ତାରେ ନାଶ-ଗ, ଘ,ଜ, ଝ; ଅକାର-ଠ; ୨୨—୩ ସୁତକାମକୁ-ଝ; ୨୨—୪ ନିପୁଣ ତୋଷଇ କସ-ଝ, ଠ, ୨୨—୫ ବାନା ଉଡ଼େ-ଝ, ଠ; ୨୩—୧ ଘଟପାଳକ-ଝ, ଠ; ବଦେଡ-ଝ, ଠ; ୨୩—୮ ସଦା ରଞ୍ଜନକାମିନୀ ପୁଣ-ଝ, ଠ, ୨୪—୮ ଶ୍ରୀପଦବେଭେ-ଝ, ଠ।

ନବନାଗର ପ୍ରେମସାଗର ପାଇବ ପାର କି କବି ସ୍ଥିର
ଚିତ୍ତପୋତର ବଣିଜ ମୋର ତହିଁ ପ୍ରସ୍ତର ଯେ ।
ପ୍ରେମପ୍ରସ୍ତର ରତନବାର ପ୍ରାପ୍ତିହେବାର ଇଚ୍ଛା ଅପାର
ବ୍ରଜବନ୍ଦର—ବାସୀ ହେବାର ଶୁଣିଛୁ ଗିର ହେ ।
ସାଧବେ ଏ ଘାଟକୁ ସଙ୍ଗତ କର ହେ ।
ସୁଗତ ମାର୍ଗରେ କରିଅ ସଞ୍ଚାର ହେ ।
ଯେଉଁ ବଣିଜ ମହା ଉଦ୍ଧବ ପାଇ ଅଚିନ୍ତା ହେଲେ ଉଦ୍ଧବ
ତାହା ଦାୟକ ଶ୍ରୀରାଧାଧବ ପଦସୁନ୍ଦର ହେ । ୨୫ ।
ଯେତେ ରସିକ ଏ ଗ୍ରନ୍ଥ ଟେକ ଲକ୍ଷବୋଧକ ଅଙ୍କବାଧକ
ରସୋଦଧିର ଫଳପ୍ରାପ୍ତିକ କର ବିବେକ ହେ ।
ବାହ୍ୟ କର୍କଶ ସୁଧନରସ ପୂର୍ଣ୍ଣ ବିଶେଷ ଭଙ୍ଗେ ମାନସ
ତୃଷା ବିନାଶ ହେବ ଅବଶ୍ୟ ହେଲେ ଗ୍ରାହକ ହେ ।
ଏଥି ଶ୍ରମ କଲେ ଯାତନା ହେବ ନାଶ ଯେ ।
କୃଷ୍ଣ କଥା ଏ କର ଶ୍ରବଣେ ଆଶ ଯେ ।
ଦୀନ ସାମନ୍ତ-ସିଂହାର ଚିତ୍ତ ରତି ନରତ କଲି ରଚିତ
ରୁଚିତ ଗୀତ ଯେତେ ଧୀବନ୍ତ ନ ଯେତେ ଦୋଷ ହେ । ୨୬ ।

---

## ଷଟ୍‌ଷଷ୍ଟୀ ଛାନ୍ଦ ।

---

## ଶ୍ରୀକୃଷ୍ଣ ବନପ୍ରବେଶ ପରିହାସ ଗୋଚାରଣାଦି ।

---

ରାଗ ଶଙ୍କରା ।

ଏଥି ଉତ୍ତାରୁ ସୁଧୀରେ । କୃଷ୍ଣ ବିଜୟ ସୁଧୀରେ
ସଙ୍ଗ ସଖାକୁଳ ସହିତେ ଗୋକୁଳ ମିଳିଲେ ବନରେ । ୧ ।
କୃଷ୍ଣ କହନ୍ତି ରାମଙ୍କୁ । ନିଦ୍ରା ଘାରଲା ଅଙ୍ଗକୁ ।
ଗୋଚାରଣ ପାଇଁ ଯାଅ ଆଗ ହୋଇ ଯେନାଇଁ ସଖାଙ୍କୁ । ୨ ।

---

୨୫—୩ ରତନାକାର-ଚ, ଠ; ୨୫—୪ ବ୍ରଜ ବନ୍ଦର ବାସୀ ହେବାର-ଜ, ବ୍ରଜବନ୍ଦର ବାସୀ ହେବାର-ଗ,ଛ; ୨୫—୮ ରାଧାମାଧବ-ଜ, ଖ, ୨୬—୪ ହେବ ତା ବଶ-ଚ, ଠ; ଅଶେଷ-କ,ଖ, ୨୬—୫ ହେବ ବିନାଶ-କ, ଚ, ଠ, ୨୬—୮ ଗୀତ ଯେତେ ହେ ଧୃତଧୀମନ୍ତ ଚ, ଠ, ରଚିତ ଗୀତ ଯେତେ ଧୀବନ୍ତ-ଗ, ଘ, ଚ, ଜ;
୧—୧ ଏ ଉତ୍ତାରୁ ଶୁଣ ଧୀରେ-ଚ, ଠ; ୨—୨ ଘାରଲା ଆମ୍ଭଙ୍କୁ-ଚ, ଠ;

ବୋଲେ ସୁବଳ ଏ ଗିର । ଦେଖ ଏ କରୁଣାକର ।
ଅଛଇ କମଳା ସଙ୍ଗତେ ବିମଳା ଏଣୁ ବିଷ୍ଣୁପୁର । ୧୭ ।
ରୁଦ୍ରାକ୍ଷ ହିଁ ତ ଦିଶୁଛି । ଶିବା ସଙ୍ଗତରେ ଅଛି ।
ନନ୍ଦୀ ମହାକାଳ ବୃଷା ସ୍କନ୍ଦ ମେଳ କୈଳାସ ମଣୁଛି । ୧୮ ।
ନାଗେଶ୍ୱର ବିରାଜଇ । ବର କୁଣ୍ଡଳୀ ଅଛଇ ।
ଅକଳଙ୍କ ବଳୀ ଭାର୍ଗବହିଁ ମିଳି ଅଧ ଆଭାସଇ । ୧୯ ।
ସୋମ ସୂର୍ଯ୍ୟ ସୁମନ୍ଦାର । ବୁଧ ତାରକ ନିକର ।
ତମାଳ ବିପ୍ରଭ ଗୁରୁ ଅତି ଶୋଭ ଯେନ ଗ୍ରହପୁର । ୨୦ ।
ମୁନି କଦମ୍ବେ ବିବେକ । ବୋଧିବାରେ ଶୁକବାକ୍ୟ
ଦେଖିବାରୁ ତର୍କି ନୈମିଷାରଣ୍ୟ କି ଆନନ୍ଦ ଦାୟକ । ୨୧ ।
ହିନ୍ତୁବାର ମଧ୍ୟଗତେ । ଅଛି ବରହି ନୁଗତେ
ବରୁଣ ସଙ୍ଗତେ ସୁସୀତା ବିଦିତେ ରତ୍ନାକର ପ୍ରତେ । ୨୨ ।
ଶୂଳୀପ୍ରିୟ ହିଁ ଥିବାରେ । ଯେହ୍ନେ ଅଳକା ପ୍ରକାରେ ।
ଶ୍ରୀହରି କଥିତ ମର୍ତ୍ତ୍ୟର ଚରିତ ଦେଖା ମିଳି ଥରେ । ୨୩ ।
ବୋଲେ ଶ୍ରୀଦାମ କି ଲୋଭ । ବର କନ୍ୟକାର ବିଭ ।
ବର ଜାତି ଫଳ ହୋଇଛି ସୁଫଳ ଉତ୍ସବ କି ଲୋଭ । ୨୪ ।
ଶତ ଶତପତ୍ରିରୁ ସ୍ଥିତ । ବାଜ ସୁବାସରେ ଯୁକ୍ତ ।
ଗଜ କୃଷ୍ଣବାସ ରଞ୍ଜନ ବିଶେଷ ଚମ୍ପକ ହିଁ ବ୍ୟକ୍ତ । ୨୫ ।
ତାଳ ତାଳୀଶ ତ ଅଛି । ତାଳମୂଳୀ ବିରାଜଛି ।
ସୁମଧୁସ୍ରୀ ଭେରୁ ବାଜିବାରୁ ଗୃରୁ କି ସୁଖ ଦେଉଛି । ୨୬ ।
ମିତ ବୋଲେ ଦେଖ ରଙ୍ଗ । ସୁମନାକୁ ଚୁମ୍ବେ ଭୃଙ୍ଗ ।
ପରଭୃତ ଗିର ପଞ୍ଚମ ପ୍ରଚୁର ବନ୍ଧନରେ ଯୋଗ । ୨୭ ।
ରାଜ ବିଭୂତ ବିଗୃର । କଞ୍ଚୁକୀ ନଗରେ ସୁନ୍ଦର ।
ଲକ୍ଷ୍ମୀ ଯହିଁ ସ୍ଥିତ କି ବା ନାହିଁ ତଥି ଦେଖ ଭଦ୍ରସାର । ୨୮ ।
ଦନ୍ତୀ ଘୋଟକ ଅମାପ । ରାଣୀ ସୁମନା କଳାପ ।
ହାସୀ ଅପ୍ରମିତ ହୋଇଛନ୍ତି ଯୁତ ଅଛି କି ବିକଳ୍ପ । ୨୯ ।

ଆସ ଦେଖାଇବ ଆଜ । ଶୁଣି ମୁଦ ଦେବରାଜ ।
ସଖା ସଙ୍ଗେ ରଙ୍ଗେ ବିଜେ ପରସଙ୍ଗେ ମୋହନମନୋଜ । ୪୩ ।
ଧମା ମିଳି ପୂଜା ଆସେ । ଦେଖି ଭ୍ରମ ବେନି ତୋଷେ ।
ପରସ୍ପରେ ପ୍ରଭା ପ୍ରତିବିମ୍ବି ଶୋଭା କହି ତ ନ ଆସେ । ୪୪ ।
ଉମା ହର ହେଲଇଁ କି । ସ୍ୱଭେଦନା ନୋହେ ତର୍କି ।
ଏକାଳରେ ରାମ ଡାକିଲେ ହେ ଶ୍ୟାମ ନ ଆସ କାହିଁକି । ୪୫ ।
ବିର ଦୁଖ ପବ ପାଇ । ଶ୍ରେଷ୍ଠ ତହିଁରୁ ଥିଲ ତ ।
ମୁଦସିନ୍ଧୁ ପାନେ ଘଟଜ ସମାନେ ରାମ ଡାକିବା ଛି । ୪୬ ।
ପ୍ରେମଭଙ୍ଗୀ ହରି ଗଲେ । ସଖା ଅଗ୍ରଜେ ଭେଟିଲେ ।
ଧନିଷ୍ଠା ପାୟସ ଆଣିଥିଲେ ଗ୍ରାସ ମିଳି ସର୍ବେ କଲେ । ୪୭ ।
ଯେଣ ସାଧିବେ ଏ ରସ । ହେବ ମାନସ ଉଲ୍ଲାସ ।
ଦୀନ ଅଭିମନ୍ୟୁ ଚିନ୍ତେ ନନ୍ଦକାହ୍ନୁ ଶ୍ରୀପଦସାରସ । ୪୮ ।

## ସପ୍ତଷଷ୍ଟୀ ଛାନ୍ଦ ।

ରାଗ ଜୟନ୍ତ । କଳା କାଇଁଚବାଣୀ ।

ଧୀରେ ଯେନ କାନନରେ କୃଷ୍ଣ ବିଳମ୍ବିତା ।
ବାତ୍ସଲ୍ୟ ମମତା ଯେନ ଭାଳୁଛନ୍ତି ମାତା । କଳାମାଣିକ ରେ । ୧ ।
ନିଧନସଙ୍ଗାଳି ମୋର (ରେ) ଦରିଦ୍ର ପସରା ।
ଅନ୍ଧର ଲଉଡ଼ି ବାବୁ (ରେ) ହୃଦରତ୍ନହାରା । କଳାମାଣିକ ରେ । ୨ ।
ମୋ ଜୀବଜୀବନ ତୁହି (ରେ) ନୟନପ୍ରତିମା ।
ତୋତେ କି ପାସୋରି ହେବ (ରେ) ମୋର ସୁଖସୀମା । କଳାମାଣିକ ରେ ॥
ଡରୁଥାଉ ଅନ୍ଧାରକୁ (ରେ) ରଖିଯାଉ ଗୋରୁ ।
ଜନକ ଜନନୀ ସୁଖ (ରେ) କାହିଁପାଇଁ ସାରୁ । କଳାମାଣିକ ରେ । ୪ ।
ବୃଦ୍ଧକାଳେ ତୁ ମୋହୋର (ରେ) ଏକଇ ନନ୍ଦନ ।
ହୃଦ-ତାପ-ବିନାଶନେ (ରେ) ତୁ ହରିଚନ୍ଦନ । କଳାମାଣିକ ରେ । ୫ ।

ଗୋଷ୍ଠିକା ଅଧାମ ସର (ରେ) ନ ରୁଚଇ ତୋତେ ।
ଜାତ ଲକ୍ଷ ମାଗୁଥାଉ (ରେ) ଲବଣୀ କେମନ୍ତେ । କଳାମାଣିକ ରେ । ୬ ।
ତୋଳ ମୁଁ ଧଇଲେ ଗୋଳ (ରେ) ହୋଇଗଲୁ ରୁଦ୍ଧ ।
ତୋ ଦୁର୍ବଳ ଦେଖି କାହିଁ (ରେ) ପଶିବଇଁ ମୁହିଁ । କଳାମାଣିକ ରେ । ୭ ।
ଡ଼ାକନୀ ଲେଖନ୍ତ ବୋଲି (ରେ) ଡରୁଥାଇ ମନେ ।
ବାର ବାର ବାରୁଥାଇ (ରେ) ଯିବାପାଇଁ ବନେ । କଳାମାଣିକ ରେ । ୮ ।
ନିଶାଚର ମାତବାର (ରେ) ଶୁଭୁଛି ଶ୍ରୁତଙ୍କ ।
ମୁଁ ଡ଼ଙ୍କୁଣୀ ଛୁଡଦେଲ (ରେ) ବନକୁ କାହିଁକ । କଳାମାଣିକ ରେ । ୯ ।
ଝାଳ ବହୁଥିବ ଅଙ୍ଗୁ (ରେ) ଲଗି ଝାଞ୍ଜି ଖରା ।
ଶ୍ରମ ପାଇ ତରୁତଳେ (ରେ) ବସୁଥିବୁ ପରା । କଳାମାଣିକ ରେ । ୧୦ ।
ନେଲୁ ନାହିଁ କାହିଁପାଇଁ (ରେ) ତୋ କଠାଉ ଛତା ।
ବନେ କଣ୍ଟା ଲଗି ହୋଏ (ରେ) ମୃଦୁ ପାଦ ଚନ୍ତା । କଳାମାଣିକ ରେ ।୧୧।
କାନ ଡେରଥାଇ ଏକା (ରେ) ତୋ ବେଣୁ ଗୀତକୁ ।
ଆଜ କମ୍ପା ଶୁଭୁନାହିଁ (ରେ) ଭାବୁଛି ମନକୁ । କଳାମାଣିକ ରେ । ୧୨ ।
ତୋ ଠାରୁ ଅଧିକ ବାଇ (ରେ) ତୋର ବଡ଼ ଭାଇ ।
ବୋଧ କର ଗଲା ନାହିଁ (ରେ) କାହିଁକ ରଖାଇ । କଳାମାଣିକ ରେ ।୧୩।
ତୋ ମାଧୁରୀ ସୁଗ୍ଧରୁଚୀ (ରେ) ଦେଖି ସୁଖୀ ଆଖି ।
ଅନ୍ଧ କରଗଲୁ ବଳା (ରେ) କ ମମତା ରଖି । କଳାମଣିକ ରେ । ୧୪ ।
ଗ୍ରୀଇକ ଅନାଇ ଗ୍ରୀବ (ରେ) ଫୁଲାଇ ତ୍ରିଭଙ୍ଗେ ।
ମୁରଲୀ ବଜାଉ ଥାଉ (ରେ) କ ଗୃଦୁରୀ ରଙ୍ଗେ । କଳାମାଣିକ ରେ ।୧୫।
କୋଳ ପାଇଁ ଅଳି କର (ରେ) ଗଡ଼ୁ ତ ଧୂଳିରେ ।
ବେଶ ହୋଇଥାଉ ରସି (ରେ) କୁସୁମମାଳରେ । କଳାମାଣିକ ରେ ।୧୬।
ନଟବର ପରପାଟୀ (ରେ) ବେଶ ମନୋହର ।
ରଙ୍ଗିମାଅଧରେ ହାସ (ରେ) କ ଜାତ ସୁନ୍ଦର । କଳାମାଣିକ ରେ । ୧୭ ।
ନୟନ ସୁନ୍ଦର ମାନେ (ରେ) ଭ୍ରୂଲତା ନାଟକୁ ।
ଅଳକା ଆବୃତ ଶୋଭା (ରେ) ଲଲାଟ ପଟକୁ । କଳାମାଣିକ ରେ । ୧୮ ।
ନାକେ କାବ୍ୟତାର ମୋତ (ରେ) ବସୁଣୀ କ ଶୋଭା ।
ମୋ ଆଖି ଦେଖିବା ପାଇଁ (ରେ) ନିରବଧି ଲୋଭା । କଳାମାଣିକ ରେ ।୧୯।

---

୫—୧ ମୋର ରେ-କ,ଗ,ଛ, ଛଡା ସବୁ ପୋଥିରେ ମୋହୋର-ଝ,ଟ,ଠ, ୧୦—୧ଝଣ୍ଡା ଖରା-ଝ, ୧୦—୨ ବସୁଥିବୁ ଛ, ଝ, ଟ ରେ ଅଛି । ୧୨—୧ କର୍ଣ୍ଣଡେ଼ର-ଝ, ୧୭—୧ ଗଭୂ ଭୂ-ଗ, ଘ. ଚ, ଜ, ଝ. ଠ; ୧୭—୨ ହେଉଥାଉ-ଝ; ୧୮—୧ସୁନ୍ଦରମାନେ-ଠ; ୧୯—୧ ନାସେ-କ, ଖ. ଗ; ବସଣୀ-ଜ, ଝ; ଠ;

ମକରକୁଣ୍ଡଳଯୁଗ (ରେ) ଆନ୍ଦୋଳେ ଗଣ୍ଡରେ ।
ଦେଖି ଆନନ୍ଦରେ ଭଷା (ରେ) ନ ଆସେ ତୁଣ୍ଡରେ । କଳାମାଣିକ ରେ ।୨୦।
ଗୁଞ୍ଜାବେଢ଼ା ବାଙ୍କଚୂଡ଼ା (ରେ) ଖୋଷା ଯାମୁଡ଼ାଳ ।
କି ସୁନ୍ଦର ଦିଶୁଥାଇ (ରେ) ଆଖୁଁ ଢଳ ଢଳ । କଳାମାଣିକ ରେ । ୨୧ ।
କେଡ଼େ ସ୍ୱଚ୍ଛ କେକୀପୁଚ୍ଛ (ରେ) ସୁଗୁଞ୍ଜର ପାଟି ।
ଆସିବ କାହା ପାଟିକ (ରେ) ତେତେ ପରପାଟି । କଳାମାଣିକ ରେ ।୨୨।
କସ୍ତୁରୀ ତିଳକ ନାସେ (ରେ) ଭାଲେ ଗୋରଚନା ।
ଭାଲରେ ଚନ୍ଦନପାଟି (ରେ) ମନ ବଶ ହିନା । କଳାମାଣିକ ରେ । ୨୩ ।
ଉଙ୍ଗ ମାଣ୍ଟି କ ରଙ୍ଗରେ (ରେ) ହୃଦରେ ଚନ୍ଦିତ ।
କଉସ୍ତୁଭ ବନମାଳ (ରେ) ସୁଷମା ବର୍ଦ୍ଧନ । କଳାମାଣିକ ରେ । ୨୪ ।
କାଇଁଶ କଙ୍କଣ କରେ (ରେ) କଟିରେ କିଙ୍କିଣୀ ।
ନୂପୁର ଶବଦ ମୋର (ରେ) ମନ ନିଏ କିଣି । କଳାମାଣିକ ରେ । ୨୫ ।
ସୁନ୍ଦର ହୃନ୍ଦର ଭଙ୍ଗି (ରେ) ନ ଦେଖି ତୋହର ।
ବାଇ ବୁଦ୍ଧି ହୋଇଲାନ (ରେ) ଆସି ତ ମୋହର । କଳାମାଣିକ ରେ ।୨୬।
କଣ୍ଠ କର ଥିଲୁ ପଣ (ରେ) କାହିଁକି ନଇଲୁ ।
କାହା ସଙ୍ଗତରେ ଅବା (ରେ) ପୁଣି କଳି କଲୁ । କଳାମାଣିକ ରେ ।୨୭।
କି ଦୂର ବନକୁ ଗଲୁ (ରେ) ତଥ୍ୟ ନ ଜାଣିଲି ।
ମୁଁ ପାପିଷ୍ଠୀ କାହିଁପାଇଁ (ରେ) ତୋ ସଙ୍ଗେ ନ ଗଲି । କଳାମାଣିକ ରେ ।୨୮।
ରବିକର ଗ୍ରହୁଁ ଅଛୁ (ରେ) କ୍ଷତ ମୃଗୀ ପର ।
ଦିନ ସରୁନାହିଁ ଲବ (ରେ) ହେଲା ଯୁଗ ସର । କଳାମାଣିକ ରେ ।୨୯।
କେ ଯାଇଁ କହନ୍ତା ତୋତେ (ରେ) ମୋହୋର ବେଦନା ।
ଅବଶ୍ୟ ହୁଅନ୍ତୁ ତୁହି (ରେ) ମାତା ସ୍ନେହଧେନା । କଳାମାଣିକ ରେ ।୩୦।
ଦଉଡ଼ି ଯିବ କି ବନେ (ରେ) ହେଉଛୁ ଆତୁର ।
ପୟୋଧରୁ କ୍ଷୀର ସ୍ରବ (ରେ) ପଡ଼େ ଧାର ଧାର । କଳାମାଣିକ ରେ ।୩୧।
ମନ ଛନ ଛନ ବନ (ରେ) ନେନ୍ଦୁଁ ନ ରହିଲା ।
ତୋ ଅଇଲା ପଣ ଶୁଣି (ରେ) ମୋତେ ପ୍ରତେ ହେଲା । କଳାମାଣିକ ରେ ॥
କ୍ଷେତ୍ରମାନେ ସୁତମାନେ (ରେ) ରହିଲେ ଜନ୍ମନ ।
କୁପୂର୍ବ ଭାଷାରେ ମୋର (ରେ) ବନ୍ଦୀ ହେଲା ମନ । କଳାମାଣିକ ରେ ।୩୩।
ଅନେକ ଆପଦୁଁ ତୋତେ (ରେ) ରଖିଲେ ଅମ୍ବିକା ।
ନାମ ଦେଇଅଛୁ କାହ୍ନୁ (ରେ) କହ୍ନା କଣା ବକା । କଳାମାଣିକ ରେ ।୩୪।

ଅପଢ଼ଆଣିଆ ବୋଲ (ରେ) ବିନ୍ଧ ନାକ କାନ ।
ଖଞ୍ଜିଲ ବସୁଣୀ ବାଳ (ରେ) ଲୋକନେ ଶୋଭନ । କଳାମାଣିକରେ । ୩୫ ।
ମନ୍ଦଦୃଷ୍ଟି ନ ବାଧିବ (ରେ) ବିଗୁର ମୋହୋର ।
କଳାବିନ୍ଦୁ ଦେଇଥାଇ (ରେ) କପୋଳରେ ତୋର । କଳାମାଣିକ ରେ ।୩୬ ।
ଗୋରଜ ଲେପଇ ଅଙ୍ଗେ (ରେ) ଆପଦ ହରଣେ ।
ପଦରଜ ଦେଉଥାନ୍ତି (ରେ) ବୃଦ୍ଧ ଗୋପୀମାନେ । କଳାମାଣିକ ରେ । ୩୭ ।
ରଙ୍ଗ କାଛ ନ୍ଦ୍ଧଅଇ (ରେ) ଡାକିନୀଙ୍କି ଡର ।
ତୁଚ୍ଛ ବେଶ କରଥାଇ (ରେ) ଲୋଭକୁ ନ ପାର । କଳାମାଣିକ ରେ । ୩୮ ।
କୋଳେ ଶୋଇଥାଉ ନିଦ (ରେ) ଭାଙ୍ଗିଗଲେ ତୋର ।
ଚମକି ମୋ ଗଳା ଛନ୍ଦ (ରେ) ଡ଼ାକୁ ମାତା ଗିର । କଳାମାଣିକ ରେ ।୩୯।
ଏମନ୍ତ ନନ୍ଦନ ପୁଣି (ରେ) ବନବାସୀ ହେବ ।
ଜନନୀ ଜୀବନ ଧର (ରେ) କି କରି ରହିବ । କଳାମାଣିକରେ । ୪୦ ।
କାହାକୁ କି ସୁଖ ଦେଇ (ରେ) ନାହିଁ ରେ ଦଇବ ।
ତୋ ପରି ଅବୁଝ ପୁଣି (ରେ) କେ କାହିଁକି ହେବ । କଳାମାଣିକ ରେ ।୪୧।
ବିଭ୍ରମରେ ସନ୍ନିକଟ (ରେ) ଦୂର ନ ଜାଣିଲେ ।
ଆସ ବାପ ଖଇ ଧନ (ରେ) ଗ୍ଭଇକି ବୋଇଲେ । କଳାମାଣିକ ରେ । ୪୨ ।
ଅସୃନେ ନସୃନ ଦେଲେ (ରେ) ଦଉଡ଼ ଦାଣ୍ଡକୁ ।
ହୃଦେ କରି ମାର ଯତ୍ନ (ରେ) ନ କଲେ ପିଣ୍ଡକୁ । କଳାମାଣିକ ରେ ।୪୩।
ଗେହ୍ଲଣୀ ବାରଲେ ଆସି (ରେ) କହି ବୋଧ କର ।
ଧୀରେ ଘେନ ଏ ବାତ୍ସଲ୍ୟ (ହେ) ବଚନ ମାଧୁରୀ । କଳାମାଣିକ ରେ । ୪୪ ।
ସାମନ୍ତ ସିଂହାର ଧ୍ୟାନ (ହେ) କରୁଛି କାମନା ।
କୃଷ୍ଣ ପ୍ରେମରସ ବିନା (ହେ) ନୋହିବ ଭାବନା । କଳାମାଣିକ ରେ ।୪୫।

---

୩୫—୧ ଅପଢ୍ୟାଣି ବୋଲ୍ ରେ ବିନ୍ଧିଲ ନାକ କାନ-ଙ,ଖ; ବୋଲ ମୁ ବିନ୍ଧିଲ୍-ଠ; ଅପରଢଅଣି ବୋଲି ରେ ବନ୍ଧ ନାକ କାନ-ଗ, ଘ,ଛ, ଅପ୍ରଢଆଣି ବୋଲି ରେ ବିନ୍ଧ ନାକ କାନ ଜ, ୩୬—୨ କପୋଳେ ତୋହୋର-କ, ଚ, କପାଳେ ତୋହର-ଠ,

## ଅଷ୍ଟଷଷ୍ଠୀ ଛାନ୍ଦ ।

---

## ଶ୍ରୀକୃଷ୍ଣ ଉତ୍ତରଗୋଷ୍ଠ ।

---

ରାଗ—ରସକେଦାର ।

ଧୀରେ ଧେନ ଧୀରେ କୃଷ୍ଣଚରିତ । ତୃପ୍ତ ଗୋପୃରଚ୍ଛଣ ହେଲେ ବହୁତ ॥
ଜଳପାନରେ ତୋଷ ହେଲ ଚିତ୍ତ । ବାହୁଡ଼ା ବିଧିକି ଆଚରିଲେ ତ ।
ଶ୍ରାନ୍ତେ ବିଟପୀ ଭଜନ୍ତେ ହରି । ସଖା ଛଳେ କି ମାନେ ମାଧୁରୀ । ୧ ।
ସୁମନେ କଲି କେ ସୁମନେ ଛତ୍ର । କେ ଫୁଲ ଆଲଟ କରି ବଞ୍ଚନ୍ତି ।
ଶ୍ରୀରାମକୃଷ୍ଣଙ୍କୁ କରି ନୃପତି । ସଖା ସମୁଦାୟେ ନୀତି ଖଟନ୍ତି ।
ଗୃଲନ୍ତି ଗେଲେ ସେ ରହି ରହି । ନାଚନ୍ତି ଗାବନ୍ତି ରଙ୍ଗ ବହି । ୨ ।
ଏ କାଳେ ଅମରେ ଅମ୍ବରେ ରହି । ପୀତାମ୍ବରଙ୍କ ଗୃହିଁ ସ୍ତୁତି ବହି ।
ବାତ ମନ୍ଦ ଗନ୍ଧ ଶଇତ୍ୟ ବହି । ଘନ ପୁଷ୍ପବୃଷ୍ଟି ଆଚରେ ତହିଁ ।
ସମୁଖ ଦେଖି ସମୁଖ ମିତେ । ଠାରି କରି କେ କହେ ଗୁପତେ । ୩ ।
ଅବନୀଭରକୁ ହରିବା ଛନ୍ତି । ନାରାୟଣ କୃଷ୍ଣ ଦେହେ ରହିଛନ୍ତି ।
ସତ୍ୟ ଏହି ଧେନ ଦୈତ୍ୟ ମାରୁଛି । ମୋହୋ ବିଶ୍ୱରକୁ ଏହା ଆସୁଛି ।
ସ୍ତୁତି କରନ୍ତି ଅମରବାର । ତତ୍ତ୍ୱମସି ସୂକ୍ତ ଉକ୍ତିସାର । ୪ ।
ମଧୁ ଭଷି କଂସ ନୃପତି ଦୂତ । କଙ୍କ ବେଶ-ଧୃତ ଘାତକ ଏ ତ ।
ପୂତନାଦି ମୂର୍ତ୍ତି ଭିନ୍ନ ଯେମନ୍ତ । ମୁହିଁ ଦେନୁଅଛି ଏ ସେହି ମତ ।
ଭଙ୍ଗିରେ ରାମ ବାସେ ଲପନ । ଲୁଗ୍ରଇ କହେ ହସ୍ତ ବଚନ । ୫ ।
ସୁବଳ ବୋଇଲେ ଏ କୃଷ୍ଣବଳ । ଜାଣି ନାହୁଁ କି ଅକଳିତ ବଳ ।
ଇନ୍ଦ୍ର-ବାଦରେ ଟେକିଲେ ଅଚଳ । ଦଳି ପକାଇଲେ ଅସୁରକୁଳ ।
ବିଧାତାଠାରୁ ବଡ଼ ତ କାହିଁ । କେତେ ଶକ୍ତି ହେଲି ଜାଣ ନାହିଁ । ୬ ।
ଶୁଣି ମଧୁ ବେଗେ ବେଗେ ଦଉଡ଼ । ଆକାଶକୁ ଦେଖାଇଲା ଲଉଡ଼ ।
ଚଳି ମାରି ବୋଲେ ଦେବ ଘଉଡ଼ । ବାର ବାର ହସି ମାରଇ ଓଡ ।
ବୋଲଇ କୃଷ୍ଣ ସମର୍ଥ ମୋର । କସ କରିବ ଦେବ ଅସୁର । ୭ ।

---

ଏହି ଛାନ୍ଦର ପ୍ରତ୍ୟେକ ପଦର ୨ୟପାଦ ୧୦ ଅକ୍ଷରୀୟା କିନ୍ତୁ ଗୌରୀଶଙ୍କର ଗ୍ରନ୍ଥରେ ୧୧ଅକ୍ଷରୀୟା ରୂପେ ପଠିତ-ସବୁ ପୋଥିରେ ଏହା ୧୦ଅକ୍ଷରୀୟା; ୧୧ଅକ୍ଷରୀୟା ପାଦ କପଟହେଲା ଜାଣିବା କଠିନ । ୫—୧ ନୃପତିହତ-ଚ, ଠ, ୭—୫ ବଉତ ନାହିଁ ଘ, ଚ, ଛ,

ଶୁଣି ରଙ୍ଗେ ରାମ ମାଧବ କର । ଧରି ବୋଲୁଛନ୍ତି ମଧୁର ଗିର ।
ଦାସେ ବନ୍ଧା କକ୍ଷେ କସ ତୁମ୍ବର । ଏମାନଙ୍କୁ ଦେବା ଏ ଉପହାର ।
ସେ ବୋଲେ ଏହୁ ସିନା ବ୍ରହ୍ମସ୍ୱ । ଖାଇଲେ ଲୋକ ହୋଇବେ ଧ୍ୱଂସ । ୮ ।
କୃଷ୍ଣ ଇଙ୍ଗିତରେ ଛଡ଼ାଇ ମିତେ । ଦେଖାଇ ଜଭକୁ ଭୁଞ୍ଜିଲେ ସୁଖେ
ତଳ ଗାଳି ଦେଲା ମାଧବ କେତେ । କେ ବୋଲେ ଦେବଙ୍କୁ ଦେଲୁ ଯୁଗତେ
ମଧୁ କହେ ବ୍ରଜ-ଯଜମାନର । ମୈଣ ପୂଜବାର ଉପହାର । ୯ ।
ଗୋବିନ୍ଦ ବୋଇଲେ ପ୍ରସାଦ ସାର । ବଳାତ୍କାରେ ଭୁଞ୍ଜିବାର ବେଭାର ।
ମଧୁ କହେ ସାରବିଁଟି ବେଭାର । ରାମକୁ କହିବ ତୋ ରୀତବାର ।
ଜାମୋଡ଼ି ଓଷ୍ଠ କମ୍ପାଇ ଶିର । ବାରନ୍ତି ନେହେ ଶ୍ରୀବେଣୁଧର । ୧୦ ।
ଏ ବିଧି କଉତୁକମାନ କରି । ବାହୁଡ଼ା ବଜାଇ ଗୋଷ୍ଠକୁ ହରି ।
ଅଗ୍ରେ ଧେନୁଏ ନ ପାରନ୍ତି ଚରି । ଫେରି ଦେଖୁଛନ୍ତି କୃଷ୍ଣମାଧୁରୀ ।
ତୃଣ କବଳେ ଅଛନ୍ତି ଧରି । ନୟନୁ ବହି ଯାଉଛି ବାରି । ୧୧ ।
ଶ୍ୟାମଳୀ ଧୂମଳୀ ପିଙ୍ଗଳୀ ମାଳୀ । କାଳୀ କପିଳୀ କୁଞ୍ଜବନଗଳୀ ।
ରଙ୍ଗୀ ତରଙ୍ଗୀ ସୁରଙ୍ଗୀ ବଉଳୀ । ହଂସୀ ପ୍ରଶଂସିନୀ ମଞ୍ଜୁଳୀ କେଳୀ ।
ଧନ୍ୟ ସୁରଭିପନ୍ତି ଅତୁଳ । ଯହିଁ ପାଇଁ କି ହରି ଗୋପାଳ । ୧୨ ।
କ୍ରମେ କ୍ରମେ ଗ୍ରାମପ୍ରାନ୍ତେ ପ୍ରବେଶ । ଅସ୍ତାଚଳ ଭଜେ ଗ୍ରୀଷ୍ମାବିଳାସ ।
ପଦ୍ମିନୀରେ ରାଗ କରି ପ୍ରକାଶ । ବଦନରେ ହୀନକରୁଣା ବିକାଶ ।
ଗୋନ୍ଦ-ଶିରରେ କି ପାଟଛନ୍ଦ । ଜଣିଛି ପରା ଆପଣା ଗୋନ୍ଦ । ୧୩ ।
ହରିତପ୍ରସୂତ କି ଏ ହରିତ । ସେକ୍ଷଣ, ଲକ୍ଷଣ ରକ୍ତ ବ୍ୟକତ ।
କର୍ଣ୍ଣବାତ ଦଉ ପନ୍ଦ ଚଳିତ । ହରି ଆଗତ ଭୟେ ଚଞ୍ଚଳ ତ ।
କି ଦିଗନାରୀ ସିନ୍ଦୂର ବିନ୍ଦୁ । ନିନ୍ଦା କରୁଛି ଉପମାସିନ୍ଧୁ । ୧୪ ।
ରଙ୍ଗାମ୍ବରବେଶୀ ବାରୁଣୀ ନାରୀ । ମାଣିକ୍ୟଥାଳୀ କରେ ଅଛି ଧରି ।
କିରଣପ୍ରଦୀପ ତହିଁରେ ଭରି । ବନ୍ଦାଇବ ପରା ଶ୍ରୀରାମହରି ।
କି ତମ-ତୁଣ୍ଡେ ପଡ଼ି ପତଙ୍ଗ । ଚର୍ବିତରେ ସ୍ରବତ ଏ ରଙ୍ଗ । ୧୫ ।
କୁମୁଦିନୀ ହସେ ପଦ୍ମିନୀ ମ୍ଳାନେ । ଦ୍ୱି-କଳ ବିକଳ ରୋଦନ ମାନେ ।
କାର୍ତ୍ତିକର ରାମଚନ୍ଦ୍ରାଗମନେ । କଉଶିକ ମୁଦ ବୃଦ୍ଧି ଯତନେ ।
ହୀରାଥାଳୀ ଚନ୍ଦ୍ରାଙ୍କ ତ ଦୁବା । ପୂର୍ବ କଳ୍ପିତ ଅକ୍ଷତ ଦେବା । ୧୬ ।

---

୮—୩ କ ସେ ତୁମ୍ବର-କ, ଗ, ଚ, ଠ. ୯—୪ ଦେବଙ୍କୁ ହେଉ-ଚ; ୯—୫ ଢ. ଖ, ଚ. ଠ, ଅପପାଠ, ୧୦—୨ ବଳାତ୍କାରରେ ଭୁଞ୍ଜିବାର-ଚ, ଠ. ୧୦—୩ ସାରବୁଁଟି-ଚ, ଠ; ୧୧—୨ ଗୋଷ୍ଠରୁ ହରି—କ, ଖ, ଚ, ଠ; ୧୪—୪ ଚଞ୍ଚଳତ-ଛ, ଙ ବ୍ୟତୀତ ସବୁ ପୋଥିରେ ୧୫—୧ ରଙ୍ଗାମ୍ବରବେଶୀ-ଗ, ଘ, ଡ, ଜ, ଚ, ଠ; ୧୬—୧ ମ୍ଳାନ-ଚ, ଠ; ୧୬—୨ ମାନ ଚ, ଠ, ୧୬—୫ ହୀରାସ୍ଥାଳୀ ଚନ୍ଦ୍ରାଙ୍କିତ-କ, ଖ, ଛ. ଙ ବ୍ୟତୀତ ସବୁପୋଥିରେ ସେ ହୀରାସ୍ଥାଳୀ ଚନ୍ଦ୍ରାଙ୍କ ଦୁବା-କ, ଖ;

ପୁରନ୍ଦରଧର କନ୍ଦର ସୁପ୍ତ । ଉତ୍ଥିତ ହରି କରି କର କ୍ଷିପ୍ତ ।
ତମିସ୍ର କୁମ୍ଭୀ କୁମ୍ଭ କରେ ବ୍ୟକ୍ତ । ତାରକା ବ୍ୟାଜ ଏ ମୌକ୍ତିକ ଯୁକ୍ତ
ଅମ୍ବରେ କରାଇଛନ୍ତି ବିକୀର୍ଣ୍ଣ । ବିନ୍ଦୁଏ ଦିଗ-ବଣିକ ଚିହ୍ନ । ୧୭ ।
ସଙ୍କେତଭାଉସାରି ବିଟପୀବଂଶ । ସଂକାଶି କାମ ଉଲ୍ଲାସ ପ୍ରକାଶ ।
ତସ୍କର ବଞ୍ଚକ ତୋଷ ବିତୋଷ । ସାଧୁ ଦୋହାଧୁ ହରଷ ବିରସ ।
ସଉଧସୁଧା କରଣେ ବଣା । କୁଞ୍ଜ କୁଞ୍ଜରେ ନ ଗଲା ଜଣା । ୧୮ ।
ସ୍ୱାଧୀନଭର୍ତ୍ତୃକା ଆନନ୍ଦ ଦେଖି । ପ୍ରୋଷିତଭର୍ତ୍ତୃକା ଅତ୍ୟନ୍ତ ଦୁଖୀ ।
ବିପ୍ରଲବ୍ଧା ଲବ୍ଧ ଲୁବ୍ଧତା ରଖି । ବିକଳକୁ ମନ ମଦନ ସାକ୍ଷୀ ।
ବାସକସଜ୍ଜିକା ମାନଗୁଣେ । କାନ୍ତଦତ୍ତ ଉତ୍ତର ନ ଶୁଣେ । ୧୯ ।
ବିରହ ଇଚ୍ଛେ ବିରହୋତ୍କଣ୍ଠିତା । ଖଚିତ ଖଣ୍ଡିତା ସଙ୍ଗେ ଖଣ୍ଡିତା ।
କଳହାନ୍ତରିତା ଚରିତା ଚିନ୍ତା । ଗଣିକା ମୁଦ କାଳ ଉଦୟସ୍ଥିତା ।
ପ୍ରଗଲ୍ଭା ଘୋର ରଜନୀ ନାଶି । ଜାତ ସୁମନା ମଧ୍ୟା ମାଧୁରୀ ।
ହରିମୁଖୀ ପଦ୍ମିନୀ ମୁଗ୍ଧା ତହିଁ । ମଧୁପର ଗୃହୁଁ ଯେନଲେ ନାହିଁ ।
ସଞ୍ଚାରି ସଞ୍ଚାର ପ୍ରଗ୍ରହ ବହ । ସୁମନା ସୁଗନ୍ଧ ମନକୁ ମୋହ ।
ବଧୂକରେ କି ସଗିଗ ଖ୍ୟାତ । ମାଧବିକା ବିକା ହେଲେ ସତ । ୨୧ ।
ପଥିକେ ବ୍ୟଥିକେ ଲୋତକେ ସ୍ନାନ । ରଙ୍ଗୀକେ ଭଙ୍ଗି କେ ବାଚ ରଚନ ।
ରହିବ ବାସରେ ଇଚ୍ଛଇ ଧନ । ଦକ୍ଷିଣ ବା କି ନ ରସାଏ ମାନ ।
ମାଧବକାଳ ସହଜେ ସିନା । ଆନନ୍ଦର ତର କି ଗଣନା । ୨୨ ।
ନାଗରମଣୀ ରଚିତ ବିହାରେ । ନାଗରମଣିର ଚିତ୍ତ ବିହାରେ ।
କାମୀ ନିରତ ଏକାନ୍ତ ଭବରେ । କାମିନୀ ରତ ଏ କାନ୍ତ ଭବରେ ।
ବିଭବରେ କି ପ୍ରଭା ତହିଁତ । ବିଭବରେ କି ପ୍ରଭାତ ହିତ । ୨୩ ।
କୁମୁଦିନୀ ମଧୁପର ବିଧିକ । କୁମୁଦିନୀ ମଧୁପର ବିଧି କି ।
ରସ ବିଭଙ୍ଗେ ବିହିତ ଗତିକ । ରସ ବିଭଙ୍ଗେ ବିହିତ ଗତିକ ?
ଭାବିନୀ ରତ ରସି କାମରେ । ଭାବ ନିରତ ରସିକା ମରେ । ୨୪ ।

---

୧୭—୧ କନ୍ଦରଗୁପ୍ତ-ଛ, ଠ; ୧୭—୨ ଉତ୍ଥିତ ହର-ଖ, ଖ, ଗ, ଘ, ଛ, ଜ, ଉଦିତ-ଛ, ଉନ୍ନତ ଛ, ଠ, ୧୮—୬ କୁନ୍ଦ କୁଞ୍ଜରେ-ଛ, ଠ, ୧୯—୩ ଲବ୍ଧତା ଦେଖି-ଜ, ଛ, ଠ, ଲବ୍ଧପରଖି-କ ୧୯—୫ ବାସକସଜ୍ଜା ମାନିନୀ ଗୁଣେ-ଖ. ଛ, ଠ, ୨୦—୨ ଖଚିତ ପଣ୍ଡିତା-ଗ, ଘ, ଚ; ଛ, ଠ, ଅପ ୨୦—୩ ଚରିତା ଚିନ୍ତା-ଘ, ଚ, ଛ, ଜ, ଚରିତଚିନ୍ତା-କ, ଖ, ୨୧—୪ ସୁଗନ୍ଧି-ଛ,ଝ ବ୍ୟତୀତ ସବୁ ପୋଥିରେ ୨୨—୧ ପଥିତ କି ବ୍ୟଥିତ ଜ, ବ୍ୟଥିତେ-ଚ; ବ୍ୟାଧିକେ ଠ,ଅପ ୨୨—୭ ଛ, ଠ,ପଥ ୨୩—୫-୬ ପ୍ରଭାତ ହିତ-କ,ଖ,ଘ,ଠ, ମଧ୍ୟ ଅପ;

କୁଣ୍ଡଳ ଆନ୍ଦୋଳନ କି ଯତନ । ଶ୍ରାନ୍ତ ସ୍ୱେଦରେ ଶ୍ରୀମୁଖ ରଞ୍ଜନ ।
ତୁଷାର ପତନ ମାନ ନଳିନ । ମାନକୁ ଦାନ କରୁଛି ନିଦାନ ।
କୃପା ଅପାଙ୍ଗ ପ୍ରସାଦ ଭୂତ । ଲକ୍ଷ ମୋକ୍ଷ ସେ ସହ୍କାର ସ୍ଥିତ । ୩୪ ।
ଦ୍ୱାରେ ରୁପିତ ସୁରମ୍ଭା ଆରମ୍ଭା । ତୋରଣମାନେ କି ସୁମନା ପ୍ରଭା ।
ଘନରସେ ପୂର୍ଣ୍ଣ ପନ୍ଦାଳି ଶୋଭା । ନନ୍ଦେ ସ୍ତନୋପମ ପୂର୍ଣ୍ଣକୁମ୍ଭାଭା ।
ଚିନ୍ମୂର୍ତ୍ତି କରେ ଉପାସନ । କି ସ୍ୱର ଅପସରୀଙ୍କ ମାନ । ୩୫ ।
ଯାବତ ନିକଟ ନନ୍ଦନନ୍ଦନ । ଶ୍ରୀରାଧା କଲେ ଆଳତି ବନ୍ଦନ ।
କାମୀ କାମିନୀ ହୃଦୟଚନ୍ଦନ । ବନ୍ଦନ କରଇ ହରିଚନ୍ଦନ ।
ଅନନ୍ତବିଶ୍ୱ-ଆନନ୍ଦକନ୍ଦ । ଅକଳିତ ସେକାଳ ଆନନ୍ଦ । ୩୬ ।
ପ୍ରେମତାପେ ଧନୀ ମନ ପଳାଇ । କୃଷ୍ଣଶୋଭାବ୍ଧିରେ ଲୁଚିଲେ ଯାଇ ।
ବିବେକ ବଣୀ ହେଲା ଆଣି ଯାଇ । ଲଜ୍ଜା ମର୍ଯ୍ୟାଦା କହିଲେ ମଣାଇଁ ।
ଅଧେ ଅଇଲେ ଅଧେ ରହିଲେ । ଏଠା ଗୁଢ଼ ସେଠା ମୂଳ କଲେ । ୩୭ ।
କୃଷ୍ଣ ନୟନଖଞ୍ଜନ ବେଗରେ । ପତନ କଶୋସ୍ତି-ଶୋଭା-ଜାଲରେ ।
ମନ ମୀନ ଅତିଶୟ ଲୋଭରେ । ଭେଦନ ହେଲେ ଭଙ୍ଗି ବଡ଼ଶରେ ।
ବିଗୃର ମାହୁନ୍ତ ଲଜ୍ଜାଙ୍କୁଶେ । ପ୍ରମତ୍ତ ଚିତ୍ତ ଦନ୍ତୀ ଆକର୍ଷେ । ୩୮ ।
କ୍ରମେ କ୍ରମେ ତହୁଁ କଲେ ସଞ୍ଚାର । ଧାବନ୍ତ ହେମାରବେ ଧେନୁବାର ।
ଖୁର ଟାଙ୍କୁରୀଏ କର ପ୍ରଗୃର । ସ୍ୱଚ୍ଛରେ ପୁଚ୍ଛ ଟେକି ବାରବାର ।
ସ୍ତନ ପାନରେ ହେଲେ ପ୍ରମୁଦ । ମାତା ଲେହନ ବାଲ୍ୟ ଆସ୍ୱାଦ । ୩୯ ।
ଯଶୋଦା ଉଦ୍ଦମ ହୋଇ ଅଇଲେ । ଗାନ୍ଧ ନେନ୍ଦଜଳେ ଧଉତ କଲେ ।
ଲାଳନା କରି ଶ୍ରୀମୁଖ ଚୁମ୍ବିଲେ । ପାଳନା ଲୁବ୍ଧି ବିଧିରେ ହୋଇଲେ ।
ଗୋଷ୍ଠରକ୍ଷକେ ଗୋ ସମ୍ପାଦିଲେ । ରାମ କୃଷ୍ଣ ସଖା ପୁରେ ଗଲେ ॥
ସାୟଂକାଳ ନିତ ବେଗେ ବଢ଼ାଇ । ଭୁଞ୍ଜିଲେ ଶ୍ରୀରାମ ସଖା ମାଧୋଇ ।
ସୁବାସ ସୁମନେ ସୁବେଶ ହୋଇ । ଯାଇ ଗୋଦୋହନ ବିଧି କରାଇ ।
ସେଦିନ କୃଷ୍ଣ ଜନ୍ମଉତ୍ସବ । ନନ୍ଦ ଗୋପରେ ବସିଲେ ସର୍ବ । ୪୧ ।
ଶଉରୀ ଗଉରୀ ଜଳ ବିଧିରେ । ଷଡ଼ରସେ ଭୋଗ ଦେଲେ ମୁଦରେ ।
ଆନନ୍ଦେ ବସିଲେ ବିହରଣରେ । କଥନ କୃଷ୍ଣକୀର୍ତ୍ତି ପରସ୍ପରେ ।
ସେଠାରୁ ରାମକୃଷ୍ଣ ବିଜୟେ । ସବୁରି ଚିତ୍ତେ ମୁଦ ଉଦୟେ । ୪୨ ।

---

୩୪—୪ କରଛି ଝ, ଠ, ୩୬—୨ ଲୁଚିଲି ଝ, ଠ, ୩୯—୨ ଧାମନ୍ତିଛ, ଝ, ଛଡ଼ା ସବୁ ପୋଥିରେ; ୩୯—୪ ସଇତରେ ପୁଚ୍ଛ ଝ, ଠ, ୩୯—୫ ପ୍ରମୋଦ ଛ, ଝ, ଛଡ଼ା ସବୁ ପୋଥିରେ, ୪୧—୪ ଗୋ ଦୁହନ—ସବୁ ପୋଥିରେ । ୪୨—୩ ବେହରଣରେ-ଜ; ୪୨—୪ କୃଷ୍ଣପ୍ରୀତି-ଗ, ଘ, ଡ, ଝ, ଠ;

ଭେଟ ନଟ ଭାଟ ଗଣକଶ୍ରେଣୀ । ତୌର୍ଯ୍ୟତ୍ରିକ ରଙ୍ଗେ ଯୁକ୍ତ ଗାୟେଣୀ ।
ଅନୁରୂପେ ଧାଇ ସତ୍କାର ପୁଣି । ନିଜ ନିଜପୁରେ ହେଲେ ମେଲାଣି ।
ଘନାବର୍ତ୍ତ ଦୁଗ୍ଧ ଭୁଞ୍ଜି ଯହେ । ରାମ ଗୋବିନ୍ଦ ବିଜେ ଶଯ୍ୟନେ ।୪୩।
ସେବକେ ଖଟିଲେ ସେକାଳ ମିତ । ଧୀରେ ଧେନ ଧୀରେ ଦେଇ ସୁମତ ।
ସାମନ୍ତ-ସିଂହାର ବିରଚିତ୍ୟୁତ । ଏ ଗ୍ରନ୍ଥ ବିଚାର ପ୍ରଣୟ ଗୀତ ।
ପଥିକ ଏଥି ଯେ ଜନ ହେବେ । ମରମ ଶ୍ରମ ସେହି ଜାଣିବେ ।୪୪।
ରସିକ ଗ୍ରାହକ ବିନା ଜଗତେ । କବି ଶ୍ରମ କେ ଜାଣିବ ଯୁଗତେ ।
କୋଟି କବି ଥାଆନ୍ତୁ ଦେନ ପ୍ରଶସ୍ତେ । ଗୋଟିଏ ଗ୍ରାହକ ଥିବ କି ସୁସ୍ଥେ ।
କବିହି ରହି ବାଣିଜ୍ୟମାନ । କଦାଚିତେ ହେବ ନାହିଁ ଗ୍ଲାନ ।୪୫।

---

## ଊନସପ୍ତତି ଛାନ୍ଦ ।

---

## ନାୟମ ଦୃଷ୍ଟାନ୍ତର ।

---

ରାଗ ଚଶୋକକାମୋଦ

**ବ୍ୟ**ଥିତ କଥିତ ଧନୀ ଗିର
ଆଗୋ, ମିତ ମୋତେ ପ୍ରତିକାର କର ।
ଲୋଭୀ କୃପଣକୁ      ଆଶାୟୀ ପଣକୁ
କୃଷ୍ଣ ପ୍ରୀତି କଲା ପରସ୍ପର, ଆଗୋ ପ୍ରାଣସହି ।
ଶ୍ଳେଷ୍ମ ରୋଗୀତୃଷ ତୃଷ୍ଣା ଅଛି ବହି ।
ପିତ୍ତରୋଗୀବତ ଉନ୍ମାଦକୀ ମୁହିଁ ।୧।

ପୀରତିର ପୁଣି ଏଡ଼େ ଗୁଣ ।
ଆଗୋ, କେ ଜାଣିଥିଲା କି ମନେ ପୁଣ ।
କ୍ଷଣକେ ବୁଡ଼ାଏ      କ୍ଷଣକେ ପୋଡ଼ାଏ
ଲୋହକାର ସଣ୍ଡୁଆସି ପଣ, ଆଗୋ ପ୍ରାଣମିତ ।
ଚିତ୍ତବୃତ୍ତି ହେଲା ଭୂତଗ୍ରସ୍ତବତ ।
ପ୍ରାଣ ସ୍ଥିତି ଧୂମଗତି ଅନ୍ଧବତ ।୨।

---

୪୩—୧ ଗଣିକା ଶ୍ରେଣି-ଝ, ଠ; ୪୩ — ୨ ଝ,ଠ, ରେ ୨ପାଦ ୫ପାଦ ରୂପେ ପଠିତ; ୪୩—୫ ଘନାବର୍ତ୍ତ ଦୁଗ୍ଧ ଭୁଞ୍ଜି ପ୍ରସନ୍ନେ-ଗ, ଘ, ଚ, ଜ. ଘନାଭ ଦୁଗ୍ଧ ଭୁଞ୍ଜି ପ୍ରସନ୍ନେ—ଖ, ଘନାତ ଦୁଗ୍ଧ ଭୁଞ୍ଜି ପ୍ରସନ୍ନେ-କ, ଘନାବର୍ତ୍ତ ଦୁଗ୍ ଭୁଞ୍ଜି ପ୍ରଯହେ-ଙ, ( ଭ୍ରମହେତୁ ଗ୍ରନ୍ଥ ମୂଳ ନୁହେଁ ) ୪୪ — ୨ ପରମ ଶ୍ରମ—ଝ, ଠ, ୪୫ — ୨ ନାହିଁ ମ୍ଳାନ ଝ, ଅମାନ୍ୟ-ଠ,

ଚ, ଛ. ଜ, ଝ: ପୋଥିମାନଙ୍କର ପ୍ରତ୍ୟେକ ପାଦର ୨ୟ ପାଦର ମୂଳରେ 'ଆଗୋ' ଅଛି ବା ଅଛି ୧—୫ ରୋଗୀବତତୃଷ୍ଣା-ଠ; ୧—୨ ଉନ୍ମାଦକୀ-ଜ, ୨—୪ ସଣ୍ଡୁଆସି ଗୁଣ-କ, ଖ, ଝ, ଠ;

ନ ଛୁଡ଼ିଲେ ଆଉ ଗତି ନାହିଁ ।
ଆଗୋ, ଛୁଡ଼ିଲେ ତ ଛୁଟି ହେଲା ନାହିଁ ।
ଛୁଚୁନ୍ଦ୍ରାକୁ ନାଗ ଧଇଲା ଦୁର୍ଯୋଗ
ଦଇବ ସମ୍ବାଦ ଥିଲା କାହିଁ, ଆଗୋ ପ୍ରାଣସହି ।
ସୁଧାଚଖା ସହୁ ପରି ହେଲ ମୁହିଁ ।
ଭଗ୍ନ ପୋତ କାକଗତି ଅଛୁ ବହି । ୩ ।
ଯହିଁରେ ପଡ଼ିଲା ମନ୍ଦ ଆଖି
ଆଗୋ, ସେହି କରାଇଲା ମୋତେ ଦୁଖୀ ।
ନଭେ କଳାଧନ ଭୂରେ ପାଦଚିହ୍ନ
ଗୃହଦ୍ୱାରରେ ତମାଳ ଶାଖୀ, ଆଗୋ ପ୍ରାଣମିତ ।
ଇନ୍ଦ୍ରଜାଲିକ ଶ୍ୟାମ ପୀରତି ସତ ।
ଦଶେ ଦଶେ ସୁଭୂମିକା ପରତିତ । ୪ ।
ପାପୀ ଶ୍ରୁତି ହେଲା ମୋ ଭଗାରି
ଆଗୋ, ବଂଶୀଗୀତ ଶୁଣିବାରୁ କରି ।
ସୁଖ ଦୁଖ ଜାତ ତତ୍ପ୍ରେକ୍ଷ୍ୟୁ ଚରିତ
ହେଲେବେଳେ ହୋଏ ଯେଉଁପରି, ଆଗୋ ପ୍ରିୟଆଳି ।
ନାସା ଗନ୍ଧ ଆଶା ନ ପାରଇ ବଳି ।
ହେଲି କେତକୀପତନ ଅଳି ଭଳି । ୫ ।
ଶୁଣିଲି କଥାକୁ ନ ଜାଣିଲି
ଆଗୋ, ଦେଖୁଥିଲେ ଚହ୍ନି ନ ପାରିଲି ।
ହେଲେହେଁ ପ୍ରମତ୍ତ ମାଦକୀ ସଂଜାତ
ପୁଣି ପୁଣି ତହିଁ ଲୋଭକଲି, ଆଗୋ ସଖୀଗଣ ।
ଶ୍ୟାମଶୋଭା କରାଇଲା ବାଇପଣ ।
କହି ଏଥିକି କେ କି ଉପାୟ ଜାଣ । ୬ ।
ବୋଲିବ ଅବା ପୀରତି କରି ।
ଆଗୋ, କେହି ହେଉନାହିଁ ତୁମ୍ଭପରି ।
ଛୁଡ଼ିଲେ ଜୀବନ ଛୁଡିବ ଜୀବନ
ଅହି ନକ ଆଉ ମୀନ ସରି, ଆଗୋ ସଖୀବ୍ରାତ ।
ଦ୍ରବ୍ୟ ଦେଖିଲେ ତ କ୍ଷୁଧା ନୋହେ ହତ ।
ସ୍ତୋକ ମୁଦ କି ହୁଅଇ କେକୀବତ । ୭ ।

---

୩—୩ ଚୁଚୁନ୍ଦ୍ରା-ଛ.ଝ; ଛଡ଼ା ସବୁ ପୋଥିରେ ୫—୨ ବଂଶୀନାଦ-ଝ,ଠ; ୫—୬ ହେଲା-ଛ,ଝ, ଛଡ଼ା ସବୁ ପୋଥିରେ ୭—୪ ଶୁଣି ପୁଣି-ଝ, ଠ; ୭—୩ କହନ କେ ଅଭିମାନସର-କ, ଖ, କେହି ନାହିଁ-ଠ;

ଶ୍ୟାମ ଶୋଭା ଗୁଣ ଭଙ୍ଗି ପ୍ରେମ ।
ଆଗୋ, ବଂଶୀନାଦ ଆଦି ହେଲେ ବାମ ।
ଅଗ୍ନିକି ପବନ ସପକ୍ଷ ସମାନ
ବଳ ପାଇଲା ଭଗାର କାମ, ଆଗୋ ସଖୀବୃନ୍ଦ ।
ବେଢ଼ି ଝାଣନ୍ତି ମନକୁ ଦଶାପୁଞ୍ଜି ।
ଜନ୍ମାମନ୍ଦା-ପାତକୀ ହିଙ୍କାଣି ହେଜ ।୮।
ବୋଲିବ ବା ପ୍ରୀତି ହେଲେ ହେଉ
ଆଗୋ, ହୋଇ ନ ପାରଲେ ଛାଡ଼ ଯାଉ ।
ଭୃଙ୍ଗ କଞ୍ଜ କୋଷେ ବନ୍ଦୀ ହୋଏ ରସେ
ମଲେହେଁ ଫୋଡ଼ ଯାଏ କି ଆଉ, ଆଗୋ ସଖୀଲୁଲେ ।
ଅଗ୍ନି ଜାଳି କର ବାସ ଭାଙ୍ଗି ନେଲେ ।
ସଂରଘା କି ମଧୁ ଆଶ ଛାଡ଼େ ଢଳେ ।୯।
ବୋଲିବ ବା ନୋହି ଅନୁଭବୀ
ଆଗୋ, ତୁମ୍ଭେ କାହିଁକି ମରୁଛ ଭାବି ।
ଜୀବ ପରମର ପୀରତି ବସ୍ତୁର
ଆଗୁଁ ବୋଲିଛନ୍ତି ମହାକବି, ଆଗୋ ସୁସଙ୍ଗିନୀ ।
ଦେଖି ଆଖିକି ଆଖି ନ ଥାଇ ଚହ୍ନି ।
ପରଚର୍ଯ୍ୟ ଯେନାଯେନ ଯେନା ବେନ ।୧୦।
ବୋଲ ବା ଶ୍ୟାମ ନ କଲେ ପ୍ରୀତି ।
ଆଗୋ, ତୁମ୍ଭେ କିପାଁ ବଳାଇଛ ମତି ।
ମିତ୍ର ଅନାଦର କଲେ ପଦ୍ମିନୀର
ସଂସାରେ ଆଉ ତ ନାହିଁ, ଗତି ଆଗୋ ମିତଯୁତ ।
ଶ୍ୟାମ ବଧୂ ମୁହିଁ କୁମୁଦିନୀ ସତି ।
ଯାହା ଯେନ ଯାହା ସୁଖ ଏଥି ଚନ୍ତି ।୧୧।
ବୋଲ ବା ପ୍ରୀତିରେ ବଡ଼ ବାଧ
ଆଗୋ ଏଥିରେ କିପାଁ ବଳିଛ ଶଧ ।
ସ୍ତୋକ ଧନ ଆଶ ଛାଡ଼ଇ କି ଘାସ
କୁଳଟେଶ ଆତୁର ହେଉ ବଧ, ଆଗୋ ସଖୀଗଣ ।
ଅଛି ଯଦ୍ୟପି ଭକ୍ଷିବ ସମୀରଣ ।
ନ ବହିବ କି ମଳୟାଚଳେ ପୁଣ ।୧୨।

---

୯—୩ ବନ୍ଦୀ ହୋଏ ଭ ସେ-ଚ, ଠ; ରସେ ମଲେହେ ଫୋଡ଼ ନ ଯାଏ ଗାଉ କ,ଘ; ୯—୪ ଭାଙ୍ଗି ଦେଲେ-ଚ, ମ; ୧୦—୧ ବା ଅବା ଅନୁଭବୀ-ଚ, ଠ; ୧୦—୨ ତୁ ତ କାହିଁକି ଚ, ଠ, ୧୧—୧ ବୋଲିବା ଶ୍ୟାମ-ଚ, ଠ; ୧୨—୧ ବୋଲିବା ଚ, ଠ;

ବୋଲ ବା ନୁହନ୍ତି ସେ ତୁମ୍ଭର
ଆଗୋ, ତୁମ୍ଭେ କପାଁ ନିଷ୍ଠା ଏଡ଼େ କର ।
ଲହରି ସିନ୍ଧୁର, ସିନ୍ଧୁ ଲହରିର
କେ ବୋଲଇ ଏହା ମନେ କର, ଆଗୋ ସଖୀଶ୍ରେଣୀ ।
କାନ୍ତା ବୋଲଏ କାନ୍ତର ସିନା ପୁଣି ।
ଗଛ ନାମରେ ବିକାର ଫୁଲ ଜାଣି । ୧୩ ।
ଦଇବ ପୁରୁଷ କି ନିର୍ଗୁଣ ।
ଆଗୋ, ଦେଇ ଭୁଞ୍ଜିବାକୁ ସୁଧାରସ ।
କଲାବେଳେ ଗ୍ରାସ ପକାଏ ପାଉଁଶ,
ପ୍ରହାରିଲା ପୁଣି ସେ କୁଳିଶ, ଆଗୋ ସଖୀଚୟେ ।
ମନ ଲୋଭି ଅଗ୍ନି କି ପତଙ୍ଗ ପ୍ରାୟେ ।
ଦେହ ଜଳଲେ ଆଶା ନୋହିଲା କ୍ଷୟେ । ୧୪ ।
ଅତଶଯ୍ୟ ବାଧ କଲେ ସେହି ।
ଆଗୋ, ଛାଡ଼ିବାର କଥା ହେବ କେହି ।
ଯୋଡ଼ାଏ ବୁଡାଏ ଯେବେ ଧନଚୟେ
ପାଣି ପାବକ ଛାଡନ୍ତି କେହି, ଆଗୋ ସଖୀବାର ।
ଅଗ୍ନି ବାରୁଦ ସଂଯୋଗ ପରକାର ।
ଦୁହେଁ ଶେଷ ହୋଏ ନୋହେ ବାରିବାର । ୧୫ ।
କଣ୍ଢାଇ ଖେଳିଲା କାନ୍ତୁ ମୋତେ ।
ଆଗୋ, ଅନୁସରିଥିଲେ କେତେମତେ ।
ସାହୁ ଧନ ଋଣୀ ଦରିଦ୍ର ପସାରୀ
ପସରେ ହୋଇଲି ଅବିରତେ, ଆଗୋ ମିତ ଚନ୍ଦ୍ର ।
ଲଗିଛନ୍ତି କାମ ପ୍ରେମ ଏ ବଗାତ ।
ହେଲା ଦକଦକ ନିରବଧି ଚିତ୍ତ । ୧୬ ।
ନାଗରସାଗର ବୋଲ ମୁହିଁ ।
ଆଗୋ ପ୍ରେମପୋତ ମେଲିଥିଲି ତହିଁ ।
ଦୁର୍ଯୋଗବତାସ ବୁଡ଼ାଉଛି, ଆଶ
ତୀରତରୁ ପର ଅଛି ରହି, ଆଗୋ ସୁସଙ୍ଗିନୀ ।
ମିଳି କାନ୍ତ ଆଉଁ ପଦ୍ମ ହିମେ ଗ୍ଲାନି ।
କର୍ମଦୋଷ କେବେହେଁ ନୋହିଇ ହାନି । ୧୭ ।

---

୧୩—୨ ଫୁଲ ପୁଣି-ଗ, ଘ, ଚ; ୧୪—୩ପକାଇ ପାଉଁଶ-ଝ, ଠ; ୧୪—୫ମନ ଲୋଭ-ଝ; ଠ, ୧୫—୪ ନ ଛାଡ଼େ କେହି-ଝ,ଠ; ୧୬—୫ ବାମପ୍ରେମ ବଇଗତ-ଢ, ବଇର-ଝ, ଠ, ବଗଇତ-ଜ. ୧୭—୩ ବୁଡ଼ାଇଛି-ଛ, ଉଡ଼ାଉଛି-ଝ, ଠ,

କୁଟୁଣୀ ପ୍ରଥମା ପଗ୍ର କର ।
ଆଗୋ, ପ୍ରେମ ନଗ୍ରଉଛୁ ଜାନାପର ।
ତଉେ ଆତପାତ ଭାବନା ନରଢ
ହୋଇଲା ସିନ୍ଧୁଲହରୀ ସର, ଆଗୋ ସଖୀବୃନ୍ଦେ ।
ପଗସୃଉକର୍ମୀ ହେଲ ଅନୁବାଦେ ।
ଅନାସୃଷ୍ଟ ବନ୍ଦୀ ବୃଷ ନାସାଭେଦେ । ୨୩ ।

ଖଜ ମଧୂଁ ଯଥା ତରୁ ଖ୍ୟାତ ।
ଆଁଗୋ, ତଥା ମୋ ହୃଦରେ ଭାବ ଯୁତ ।
କୁମ୍ଭକାର ଉହା ହୋଏ ଅନ୍ତର୍ଦାହା
ବାହ୍ୟେ ଯଙ୍କ ଦେଲେ କଉଁ ହିତ, ଆଗୋ ସଖୀବାର ।
ମୋତେ ସେହିପର ତୁମ୍ଭ ଉପଗ୍ରର ।
ଆଜ ତନୁଁ ପ୍ରାଣ ଆଶା ଦୂର କର । ୨୪ ।

ସଜମୀ ବୋଇଲେ ଆଣ ଭାଷ ।
ଆଗୋ, ମନ କଲେ ନ ମିଳଇ କସ ।
କମଠ ମଣ୍ଡୁକ ଧ୍ୟାନରେ ବଦେକ
କୋଷେ ପୋଷେ ଦୂରେ କର ବାସ, ଆଗୋ ଧୀରସ୍ଥୀରା ।
ବନ୍ଧ ବଳେ ଚନ୍ଦ୍ର ସିନ୍ଧୁ ହେଲ ପରା ।
ଜୀବ ଥିଲେ କାଲି ହେବ ଦୁଃଖହରା । ୨୫ ।

ମିତ ଗିର ଶୁଣି ଧୀର ଧମା ।
ଆହେ, ଧୀରେ ଯେନ ହେବ ପାପ ହାନ ।
ଧ୍ୟାନ ଅଭିମନ୍ୟୁ ଚନ୍ଦ୍ରେ ନନ୍ଦକାନ୍ତ
ଚନ୍ଦ୍ର, ଚକୋର ଭାବନା ଯେନ, ଆହେ ଗିରଧାରୀ ।
ପାଶେ ରଖ ଏ ଧ୍ୟାନକୁ ଦାସ କର ।
କୃପାସିନ୍ଧୁ, କାହିଁ ଅଛୁ ବସ୍ଥ ଭର । ୨୬ ।

---

## ସପ୍ତତ ଛାନ୍ଦ ।

## ଅଦ୍ଭୁତ ବର୍ଣ୍ଣମାନୁପ୍ରାସ । ଭାଷାବୈଚିତ୍ର୍ୟ ନିୟମ ॥

ରାଗ ପଞ୍ଚମମଞ୍ଜରୀ ।

ଧୀରେ ଯେନ ଧୀରେ ଗୋବିନ୍ଦ ଅଧୀରେ ଚନ୍ଦ୍ରକିରଣରେ ବସି ।
ରାଧା ଅପ୍ରାପ୍ତରେ [୧] କହନ୍ତି ମିତରେ ଗଲଟି ମୁଁ ଖରେ ଭସି । ଆହେ ମିତ ।୧।
ସୁରସ ଭାବନା ହୋଇଲା ତ ବନା— ନଳ ପ୍ରବଳ ଦହନେ ।
ତାପୁଁ ଉତପତ୍ତି ହେଲା କମ୍ପପନ୍ତ, କମ୍ପୁ ସ୍ୱେଦ ଜାତ ଛନ୍ନେ । ଆହେ ମିତ ।୨।
ଚନ୍ଦ ଏ ଅତନୁ ଜାଣୁଛୁ ମୋ ତନୁ ବନ୍ଧାଇ ଘାର ଯୁଗତେ ।
ଦମ୍ଭୋଳିକ ଟାଳି ଦେଉଛୁ କଟାଳି ଫୁଲଶରେ ଅବିରତେ । ଆହେ ମିତ ।୩।
କେ ଜାଣେ ଏ ଭେଦ ନ ଦିଶଇ ଭେଦ ମରମ ବ୍ୟଥିତ ଅଛି ।
ଏ ଅତି ଅଦ୍ଭୁତ ଲାଗି ନାହିଁ ଭୂତ ନରତେ ବାତୁଳ ରୀତ । ଆହେ ମିତ ।୪।
ବିଷମ ପ୍ରମାଦ ହୋଇଲା ଉନ୍ମାଦ ମାଦକ ସ୍ମରଣ ନାହିଁ ।
ସକଳ ଦିଶେ ତ ମୋ ବନ୍ଧୁ ଦିଶେ ତ ବ୍ୟକ୍ତ ଲଭିବାର କାହିଁ । ଆହେ ମିତ ।୫।
ମୋହୋର ଏ ଗତି କି କରି ସୁଗତି ଦୁର୍ଗତି ସହି ରହିବ ।
ବସନ୍ତେ ସୁମନା ହୋଇଲା ବିମନା କି ନ କରଇ ଦଇବ । ଆହେ ମିତ ।୬।
ହରିକି ବିପତ୍ତି କଲା ସୁତପତି ଶ୍ରୁତି ନାହିଁ ଶୁଣାଗଲା ।
ଘନଶ୍ୟାମ ସଙ୍ଗ ଚଞ୍ଚଳା ଅସଙ୍ଗ ଦୂତୀ ହରସ୍ୱନ୍ତୀ ହେଲା । ଆହେ ମିତ ।୭।
ଭାସୁଛୁ ଦୁଖରେ ଭାସୁଛୁ ସୁ-ଖରେ ବୁଡ଼ି ନ ଯାଉ ତରଣୀ
ସୁହିଁ ହମକର ସେ ଅହି ମକର ବଧାତ ମଣଇ ପୁଣି । ଆହେ ମିତ ।୮।
ବିକଳ କମଳ ତହିଁରୁ କମଳ ଗଳି ପଡ଼େ ଶମ୍ଭୁଶିରେ ।
ସ୍ନାନେ ସନ୍ତାପିତ ହୋଇ ବିକଳିତ ଖରକର ଗ୍ରହଣରେ । ଆହେ ମିତ ।୯।
ରମ୍ଭାରୁ ବିରସେ ସନାଳ ସାରସେ ଜାତ ତହିଁ ସୁପ୍ତ ଶଶୀ ।
ସେ ମୀନାଙ୍କ ବହେ ସେ କାଳିନ୍ଦୀ ବହେ ସେ ଜୀମୂତଭାବେ ବର୍ଷି । ଆହେ ମିତ ॥

---

୧—୨ ଦୁଖରେ-ଛ, ଝ; ଛଡ଼ା ସବୁ ପୋଥିରେ ୧—୨ ହେ ମିତ-କ, ଖ, ଗ, ଘ, ଚ, ଜ. ୨—୨ ଟ, ଠ, ଅପ ୩—୧ ବୋଲାଇ ବୀର ଜଗତେ-କ, ଟ, ଠ, ଖରେ, ବନ୍ଧାଇବାର ଯୁଗତେ ଓ ବୋଲାଇବୀର ଜଗତେ ଏହି ଦୁଇପାଠ ଅଛି ୫—୨ ମୋ ବନ୍ଧୁ ହି ସେ ତ ଟ, ଠ, ୮—୧ ଭାସୁଛୁ ଦୁଖରେ ଭାସୁଛି ଦୁଖରେ-କ, ଖ, ଟ, ଠ, ୯—୧ ବିକଳ-ଠ, ବିଗତ କମଳ-ଗ, ଚ, ଜ, ୯—୨ ସ୍ନାନେ ସଙ୍କଳିତ-କ, ଟ; ଖରେ ସନ୍ତାପିତ ଓ ସଙ୍କଳିତ ଉଭୟ ସୂଚିତ, ୧୦—୧ ରମ୍ଭୋରୁ-ଗ, ଘ, ଜ, ଟ, ଠ,

ଧଇର୍ଯ୍ୟ କୃଷି ତ କରଇ କୃଷିତ ଉଦେ ହୋଇ ପ୍ରେମ ଶଶୀ
ଏତେଢ଼ ଚମତ୍କାର ଦଶା ଘଧିକାର ଦୁଖଦକୁ ଅଛୁ ବସି । ଆହେ ମିତ । ୧୧ ।
ଶ୍ରବଣେ ଏ ଗିର କଥନ-ସଙ୍ଗୀର ପ୍ରଗୃର ଭଙ୍ଗିର ଭାଷା ।
କେତେ ବିପଶ୍ଚିତ ହେବ ଆତୁର ତ ବିଯୋଗରେ ରସାଳସା । ଆହେ ମିତ ।୧୨।
ହରି ସଙ୍ଗେ ରଙ୍ଗୀ ହୋଇବ କୁରଙ୍ଗୀ ରଖି ନିଜ ଆସ୍ଥିତରେ ।
ଅଧୋମୁଖ ଧରେ ପଦ୍ମ ସଶ୍ରଧରେ ଧଇବ ଅବଶ୍ୟ ଥରେ । ଆହେ ମିତ । ୧୩ ।
ବିଜୁଳିରୁ ବନ ବରଷି ଜୀବନ—ଧର କାନ୍ତି ମଳାଇବ ।
ଚନ୍ଦ୍ରୁ ସୁଧାରସ ଚୁମ୍ବିବ ସାରସ ଶୁଣାନାହିଁ ଦେଖାଯିବ । ଆହେ ମିତ ।୧୪ ।
ବିଧୁକୁ କୁମୁଦ ଦେଖିଲେ କୁମୁଦ ହେବ ଅତିଶଙ୍କ ହୋଇ ।
ଶୂନ୍ୟରେ ଖେଳିବା ଗଙ୍ଗାକୁ ଭଳିବା ଦର୍ପକର ମୁଦକାମ୍ଭୀ । ଆହେ ମିତ । ୧୫ ।
ସହଜେ ଅବଳା ହେବାରୁ ପ୍ରବଳା ମୃଣାଳେ ବାନ୍ଧିବ ହରି ।
କପୋତ ହୁଁକାର କରିବ ସ୍ୱୀକାର କଳକଣ୍ଠ ମତ ଭରି । ଆହେ ମିତ । ୧୬ ।
ଜଳଜରୁ ଜଳ ଜନମି ଉଜ୍ଜଳ ଚନ୍ଦ୍ରକରେ ଧୋଇ ଦେବ ।
ଯନ୍ତ୍ର ମନ୍ତ୍ର ବିନା କଳାହି ନଖିନା ମେରୁ ପରେ ଖେଳାଇବ । ଆହେ ମିତ । ୧୭ ।
ଶ୍ରୁତିକ ରସନା 'ଶ୍ରୁତିକ ରସ ନା' ଗୁରୁବାକ୍ୟେ ଶିକ୍ଷା ଦେବ ।
ଗରୁଡ଼ ଉପରେ କବି ତରୁପରେ ନାଚିବାର ଦେଖାଇବ । ଆହେ ମିତ । ୧୮ ।
ସୁନାସୀର ପଦ ସୁନାସୀର ପଦ ତଳେ ଜୁରି ବିଜନରେ ।
ଦ୍ରୌପଦୀବିପତ୍ତି ସୁଖ ଉତପତ୍ତି କରାଇବ ଲୋକଜନରେ । ଆହେ ମିତ । ୧୯ ।
ହେଲେ ମତ ଭିନ୍ନ କରିକୁମ୍ଭ ଭିନ୍ନ ହେବ ତ ଅମ୍ବୁଜାଙ୍କୁଶେ ।
ମେରୁ କମଳରେ ଘୋଡ଼ା ପ୍ରଚ୍ଛଳରେ ହେବା ସେଠାରେ ଆଭାସେ । ଆହେ ମିତ ॥
କଦଳୀଭେଳାରେ ତରିବ ହେଳାରେ ଭବପରସାଗରକୁ ।
ଖୁଣ୍ଟିଆ ନାଦରେ ବଳିବ ବାଦରେ ରାଜା ମାଗଧୀଶ୍ୱରଙ୍କୁ । ଆହେ ମିତ । ୨୧ ।
ଶ୍ରବଣେ ମାଧବ ବୋଇଲେ ବିଧବ ଭାବେ ସିନା ପୂର୍ଣ୍ଣକାମ ।
ମହା ଉତପାତ ଦେଖୁଛୁ ନିପାତ କରିବ ତ ଶିବବାମ । ଆହେ ମିତ ।୨୨ ।
ଦୀନରେ ସେ ବିଭା ବର କର ତଭା— ବରେ ଦେଲା ସାର ହାର ।
ସତତ ଲପନ ଦର୍ଶନ ସ୍ୱପନ ଧନ କଲା ଶ୍ରୁତିବର । ଆହେ ମିତ । ୨୩ ।

---

୧୧—୧ ଉଦେହୋଇ-କ,ଖ,ଗ,ଡ,ଠ, ପୂର୍ଣ୍ଣଶଶୀ—କ,ଖ,୧୩—୧ ରଖି ବୃନ୍ଦା-କ,ଖ, ୧୩—୨ ଶଶଧରେ-କ,ଖ,ଡ,ଠ; ୧୭—୧ ହୋଇବ ପ୍ରବଳା-ଡ,ଠ; ୧୬—୨ କାଳକଣ୍ଠ-ଡ,ଠ; ୧୭—, କଳାହୀନ ବିନା ଠ, ୧୮—୨ତନ୍ତ୍ରୀ ତରୁପରେ-ଠ କବି ବିରୂପରେ-ଡ କବି କି ରୂପରେ-କ,ଖ,ଘ, ଦେଖାଯିବ-ଡ ଠ, ୧୯—୧ ତଳେ ପୁରିବଜନରେ-କ, ଝ, ୨୦—୧ ମତଭିନ୍ନ-ଛ, ଝ, ଡ, ଠ, ବ୍ୟଞ୍ଜିତ ସବୁ ଯୋଗ୍ୟରେ ୨୧—୧ଭବସାଗର ପଣକୁ-ଡ ଠ, ୨୧—୨ ଖୁଣ୍ଟିଆ କ, ଖ, ଡ, ଠ; ମାଗଧେଶ୍ୱରଙ୍କୁ-ଠ, ମାଗଧେଶ୍ୱରଙ୍କୁ-ଡ, ମଗଧୀଶ୍ୱରଙ୍କୁ-କ, ୨୩—୧ ଦେଲା ହାର ସାର ଡ, ଠ, ୨୩—୨ ଧନ୍ୟ ଡ, ଠ,

ସେ କାଳେ ଅକ୍ଷିତ ଦେଖି ଅଲକ୍ଷିତ ବିଦ୍ୟୁ ସ୍ଫୁରିତ ବିଘନେ ।
ଭୂଷଣ ଅମ୍ବର ପୁଣି ଦିଗମ୍ବର ବିଚାର କି ଜାତ ମାନେ । ଆହେ ମିତ । ୨୪ ।
ହରି ଅଙ୍କେ ହରି ତହୁଁ ଜାତ ହରି ତାପରେ ହରିଣୀ ନାଟ ।
ବିଶେଷେ ହରଷ ହରଷେ ବିରସ ଏକ ଯୋଗେ ପରକଟ । ଆହେ ମିତ । ୨୫ ।
ଭୁଜ ଶ୍ରୀପଦର ମୁଦ ବିମୁଦର ସୀମା ନାହିଁ ପରସ୍ପରେ ।
କଚ କୁଚ ହିତ ବିହିତ ଅହିତ ଉଭୟ ସଜମତରେ । ଆହେ ମିତ । ୨୬ ।
କେଶାଗ୍ର ଦଶନ ଭୂଜ ପରସନ ଶ୍ରବଣ ମୁଖ ଅଧର ।
କେ କାହାରେ ରଣ କେ କାହିଁ ବାରଣ କରିବାର ବିଗୋଚର । ଆହେ ମିତ ॥
ବାହୁ କୁଚ କାନ୍ତି ଗମନ ପ୍ରକୃତି ଗୋଳ ବିସ୍ତାରରେ ତ ।
ମଧ୍ୟସ୍ଥ ପଣକୁ କରି କେ ପଣକୁ ରଖି ବାରଣ କଲା ତ । ଆହେ ମିତ । ୨୮ ।
ଏ ଜାତ ଆଲୋକ ହେବାରୁ ଆଲୋକ କି ମଙ୍ଗଳ ପରସ୍ପର ।
ଥାଉଁ ଥାଉଁ ମିଳି ଦଣ୍ଡିଲା ଅମିଳି କହି ମୋତେ ପ୍ରତିକାର । ଆହେ ମିତ । ୨୯ ।
ସେ ବୋଲେ ବିଧୁକୁ ପଦ୍ମିନୀ ମଧୁକୁ ପିଆଇବି ହୁଅ ସ୍ଥିର ।
ଶୁଣି ମୁଦ ବୀର— ଗଣ ବଢ଼ି ବୀର ପ୍ରଳମ୍ବକୁ କଲା ଦୂର । ଆହେ ମିତ । ୩୦ ।
ଯା ପଦକମଳ— ଜନିତ କମଳ ବିତାପ କରେ ଜଗତ ।
ସେ ଚରଣ ମନୁ ଧ୍ୟାନ ଅଭିମନ୍ୟୁ କି ଉତ୍କଳବ ଭଞ୍ଜବ ତ । ଆହେ ମିତ । ୩୧ ।

---

## ଏକସପ୍ତତି ଛାନ୍ଦ ।

---

## ବଂଶୀ ବିଳାପ ।

---

ରାଗ ଭୂପାଳ ।

ଦୀନେ ଦିନେ ତରୁଣୀ । ପ୍ରେମେ ହୋଇ ଆତୁରୀ ।
ମିତେ ଏକାନ୍ତେ କହନ୍ତି ବଂଶୀ ଚାତୁରୀ । ୧ ।
ଶବଦରୁଁ ସେ ଜାତ । ସରଳତା ସଞ୍ଜାତ ।
ପତିବ୍ରତାକି କରାଉଅଛୁ ଲଜ୍ଜା ତ । ୨ ।

---

୨୯—୧ ସଘନେ ଟ, ଠ ୨୭—୨ କ ଗୋଚର ଟ, ଠ, ୩୧—୨ ଉତ୍କଳ କ ଟ, ଠ,
୨—୨ ଲଜ୍ଜିତ ଗ, ଚ, ଜ, ଟ, ଠ;

ମହତରେ କଳିତ । ବାଜୁଅଛୁ ଲଳିତ ।
କି କେ କୁଳବତୀ ମାନ ନିଏ ଦଳି ତ । ୩ ।
ମନ ନିଏ ରସାଇ । ଧୈର୍ଯ୍ୟ ନିଏ ଭସାଇ ।
ତା ଜାତିରେ ନେବ ପରା ଏବେ ମିଶାଇ । ୪ ।
ତନୁ ପୋଡ଼ାଇଲା ତ । ମନ ବୁଡ଼ାଇଲା ତ ।
ଶ୍ରବଣ ତା ମଧୁରତା ଲୋଡ଼ାଇଲା ତ । ୫ ।
ବାସ ପଡ଼ାଇଲା ତ । ତହିଁ ଗଡ଼ାଇଲା ତ ।
ବିବେକ-ଚଢ଼ାଇବେକ ମୋଡ଼ାଇଲା ତ । ୬ ।
ଲୁଅ ଗଡ଼ାଇଲା ତ । ଗୁଣ ଉଡ଼ାଇଲା ତ ।
ଦମ୍ଭତରୁ ସମୂଳରେ ଉଜାଡ଼ାଇଲା ତ । ୭ ।
ଲୋଭ ବଢ଼ାଇଲା ତ । ବଳେ କଢ଼ାଇଲା ତ ।
କଳଙ୍କପଙ୍କେ ପକାଇ ସଢ଼ାଇଲା ତ । ୮ ।
କାମେ ଚଢ଼ାଇଲା ତ । ଆଣି ଓହ୍ଲାଇଲା ତ ।
ପ୍ରଣୟ ଅଚଳ ହୃଦେ ଲଦାଇଲା ତ । ୯ ।
ବାଦ ବସାଇଲା ତ । ମାୟା ଖସାଇଲା ତ ।
କରଜ ଲାଙ୍ଗଳେ ମହୀ ଚଷାଇଲା ତ । ୧୦ ।
ତାପେ ତପାଇଲା ତ । ନାମ ଜପାଇଲା ତ ।
ନିରବଧି ହୃଦୟକୁ କମ୍ପାଇଲା ତ । ୧୧ ।
ନିତି ଡରାଇଲା ତ । ଜ୍ଞାନ ହରାଇଲା ତ ।
ଅପଖ୍ୟାତି ଆଣି ଲୋକେ ଭରାଇଲା ତ । ୧୨ ।
ମଧୁ ପିଆଇଲା ତ । ଭ୍ରମ ନିଆଇଲା ତ ।
ନୂଆ ହଟହଟା ହାଟ ଭିଆଇଲା ତ । ୧୩ ।
ଆଶା ଜଗାଇଲା ତ । ଆଣ୍ଠୁ ଭଙ୍ଗାଇଲା ତ ।
କେ ଜାଣି କି ଭୂତବାଇ ଲଗାଇଲା ତ । ୧୪ ।
ଧୀରେ ଶିଖାଇଲା ତ । ସୁଧା ଚଖାଇଲା ତ ।
ମନ ମୋହନ ମୂରତି ଦେଖାଇଲା ତ । ୧୫ ।

---

୩—୧ ମହାଭରେ ଟ, ଠ; ୪—୧ ମନ ନିଏ ଟ, ଠ; ୬—୧ ମତି ଗଡ଼ାଇଲା ତ-ଟ. ଠ; ମହୀ-କ,ଖ; ୭—୨ଟ, ଠ;ଅପ ୭—୧ ଲୁହ-ଟ,ଠ; ୭—୧ ଇଚ୍ଛା ଜଡ଼ାଇଲା ତ ଙ, ଟ, ଠ; ଗୁଣ ଉଡ଼ାଇଲ ତ-ଚ; ୮—୨ ପଙ୍କେ ଗଡ଼ାଇ-ଟ. ଠ; ୯—୨ ପ୍ରଳୟ ଅଚଳ-ଟ. ଠ; ୧୨ ପଦର ୧ମ ପାଦ, ୨ୟ ପାଦ ରୂପେ ଓ ୨ୟ ପାଦ ୧ମ ପାଦ ରୂପେ-ଟ, ଠ, ଛଡ଼ା ସବୁ ପୋଥିରେ ଅଛି ୧୨—୧ ନୀତି ଛଡ଼ାଇଲା ତ-ଗ, ଘ, ଡ, ଜ; ୧୨—୨ ଲୋକେ ଅଣି-ଟ, ଠ; ୧୩—୨ ଧିଆଇଲା-ଠ; ୧୪—୨ କେ ଜାଣେ-ଟ. ଠ; ୧୫—୧ ଧୀର ଠ;

କଣ୍ଠ ଶୁଖାଇଲା ତ । ମୁଖ ରଖାଇଲା ତ ।
ବିକହେବା ପଣ ବଳେ ଲେଖାଇଲା ତ । ୧୬ ।
ନିତି ବିଞ୍ଚାଇଲା ତ । ପାଞ୍ଚ ପଞ୍ଚାଇଲା ତ ।
କେତେ ଜାତି ହାଟ ନାଟ ରଞ୍ଚାଇଲା ତ । ୧୭ ।
ଧୈର୍ଯ୍ୟ ଲୁଟାଇଲା ତ । ବଳ ତୁଟାଇଲା ତ ।
ଗଞ୍ଜିତ ରଞ୍ଜିତ ଏବେ ଘଟାଇଲା ତ । ୧୮ ।
ପଥ ହୁଡ଼ାଇଲା ତ । ଚେତା ବୁଡ଼ାଇଲା ତ ।
ଆନ ଅଭିଳାଷ-ରଜ୍ଜୁ ଛୁଡ଼ାଇଲା ତ । ୧୯ ।
ସେ ଗୋ ଏଡ଼େ ମହତ । କାହିଁ ଥିଲା କହ ତ ।
ମୋ ଜୀବନ ନଷ୍ଟେ ଏବେ କରିବ ହତ । ୨୦ ।
ମିତ କହେ ଭୁରତ । ଶୁଣ ବଂଶୀଚରିତ ।
ମୁନି କହୁଥିଲେ ଦିନେ କେତେ[illegible] । ୨୧ ।
କର ନାହିଁ ବିହ ତ । ଅଲୌକିକ ସେହ ତ ।
ନାରାୟଣ-ଚିତ୍ତକୁ ସେ ସ୍ୱୟଂ ବିହିତ । ୨୨ ।
ଧ୍ୱନି ଯାହାର ବଳି । ଭେଦେ ବ୍ରହ୍ମାଣ୍ଡାବଳି ।
ଅବଳା ମାନେ କେ ତହୁଁ ପାରିବ ଚଳି । ୨୩ ।
ଯାହା ଶ୍ରବଣେ ବିଧି । ସରଜିଲା ଅବଧି ।
ଆଉ କେ ରଖି ପାରିବ ଅବା ସୁବଧି । ୨୪ ।
ଶୁଣି ବ୍ରହ୍ମା ମୁଖରେ । ବେଦ ନ ସ୍ଫୁରେ ଖରେ ।
ସୋମ ସୂର୍ଯ୍ୟାଦି ଗମନ ସ୍ତମ୍ଭନ ଖରେ । ୨୫ ।
ଯାହା ଯଶ ସ୍ମରଣେ । ସିତ ଗଙ୍ଗା ସୁରସେ ।
ତେଣୁ ଶିରେ ବହିଛନ୍ତି ହର ହରଷେ । ୨୬ ।
ଜଗତ୍‌ପୂତକାରିଣୀ । ପାପ-ତାପ-ହାରିଣୀ ।
ବ୍ରହ୍ମଦ୍ରବ ଯେହୁ ବିଷ୍ଣୁପଦ-ଧାରିଣୀ । ୨୭ ।
ଏଡ଼େ ଗୁଣ ଯାହାର । କଥନ ସେ କାହାର ।
ବିଷ୍ଣୁ ଦ୍ରବ ହେବ ଏକ ସ୍ୱରେ ଯାହାର । ୨୮ ।
ଗୁଣ ଅତି ଗହନ । ନାଦ ବିଶ୍ୱମୋହନ ।
ଅସାଧ୍ୟ ସାଧନ୍ତି ଯାହା ଯେନ ମୋହନ । ୨୯ ।
ଜୀବ ହତଜେ ସଜୀବ । ଜୀବ ପାଏ ଅଜୀବ ।
ଜଳ ଶିଳ ବିପରୀତ ଧର୍ମ୍ମ ଭଜିବ । ୩୦ ।

ଭେଦେ ବ୍ରହ୍ମାଣ୍ଡ ବଳି-ଜ, ଝ; ୨୭—୧ ଯାହା ସ୍ମରଣ ରସେ-ଙ, ଖ; ୩୦—୨ ଧର୍ମ ଅର୍ଜିବ-ଝ, ଠ; ଧୈର୍ଯ୍ୟଭଜିବ-କ, ଖ, ଗ;

ଅଚେତନକୁ ହିତ । ଚେତା ହୋଏ ମୋହିତ ।
ଚରାଚର ରହିବ କେ ସ୍ତମ୍ଭ ନୋହି ତ । ୩୧ ।
ଆଦି କରି ଗୋଲୋକ । ଯେତେ ଅମରଲୋକ ।
ଯା ଧ୍ୱନି ଶ୍ରବଣେ ଆସି ହୁଅନ୍ତି ଲୋକ । ୩୨ ।
ଯାନ୍ତି ତୁମ୍ଭେ ତହିଁକି । ଆନ ଲକ୍ଷ୍ୟ କେହି କି ।
ପରମ ମରମ ନର୍ମ ଲାଭ ଜାହିଁ କି । ୩୩ ।
ଏହା ଶୁଣି ରାଧିକା । ହେଲେ ପ୍ରେମାରାଧିକା ।
ବୋଇଲେ ବୁଝାଅ ନ ଦହୁ ସେ ଅଧିକା । ୩୪ ।
ବାଦ ଲାଗିଛି ତାର । ମୋତେ ତହିଁରୁ ତାର ।
ମୋ ନାମ କେ ତାହା ଆଗେ କଲା ବିସ୍ତାର । ୩୫ ।
ଗୋପେ କେ ବା ନାହିଁ ତ । ମୋତେ ହେଲା ଅଦ୍ଭୁତ
ନିରବଧି ରାଧା ରାଧା ଡାକେ ସେହି ତ । ୩୬ ।
କହ ଯାଇଁ ତହିଁକି । ପରିହାସୀ ମୁହିଁ କି ।
କୁଞ୍ଜ-ବନକୁ ଡାକଇ ମୋତେ କାହିଁକି । ୩୭ ।
ବିଜନସ୍ଥରେ କହିବ । ମୋତେ ଦୟା ବହିବ ।
ଗୁରୁଜନ ଥିଲେ ଡାକିବାର ନୋହିବ । ୩୮ ।
କାହିଁ ପାଇଁ ବଧିବ । ଏତେ ମାନ ବୋଧିବ ।
ରନ୍ଧନକାଳେ ବାଜିଲେ ବଡ଼ ବାଧିବ । ୩୯ ।
ନ ଘେନିଲେ ଖରତି । କି ରହିବ କୀରତି ।
କରଗତ ହେଲେ ସାରଦେବ ମୂରତି । ୪୦ ।
ହସି ସଖି ରଚନ । କଲା ଭଙ୍ଗି ବଚନ ।
ତାହା ଯୋଗୁଁ ହେବ କେତେ ସୁଖ ସଞ୍ଚନ । ୪୧ ।
ରାଧା ନାମ ତାହାର । ନିରବଧି ଆହାର ।
ଆଉ ସେ ଭଜିବ ପୁଣି ନାମ କାହାର । ୪୨ ।
କି କରିବ ଦଣ୍ଡନ । ସେ ତ ଦୁଖଖଣ୍ଡନ ।
ପାଇବ କେତେ ଜାତରେ ସେ ତ ମଣ୍ଡନ । ୪୩ ।
ଶୁଣି ମୁଦବଧିରେ । ଘେନ ଏ ରସ ଧୀରେ
ଅଭିମନ୍ୟୁ ବଂଶୀ-ଖର କହେ ବଧିରେ । ୪୪ ।

---

୩୧ — ୨ ଚରାଚରେ କ, ଖ, ଝ, ଠ, ଚରଚର ନୋହିବକେ ସ୍ତମ୍ଭ ନୋହତ-କ, ଖ, ଚ, ଛ; ୪୧ — ୨-ସୁଖରଚନ-ଚ, ଝ, ଠ;

## ବାସ୍ତରୀ ଛାନ୍ଦ ।

---

## ବସନ୍ତ ବର୍ଣ୍ଣନା ଦୂତୀ ଉକ୍ତି ।

---

ରାଗ-ପଞ୍ଚମ ବରାଡ଼ି ।

ଧୀରେ ବହେ ବନମାଳୀ ପ୍ରିୟସଖା ସଙ୍ଗେ ମିଳି
ଶ୍ରୀରାଧିକା ପ୍ରୀତିପ୍ରାପ୍ତି ଆଳି ।
ଦେଖି ବୃନ୍ଦାବନ ଝଳି ମିତର ଉରକୁ ଢଳି
ବୋଲୁଛନ୍ତି ଯିବ ଜୀବ ଟଳି ହେ ପ୍ରାଣମିତ ।
ଋତୁରାଜଇନ୍ଦ୍ର ହେବ କଳି ।
ଉଦ୍ଦୀପନ ଅଗ୍ନି ଜାଳି ପବନ ହବକ ଢାଳି
ବିରହୀ କରିବ ବଉଳି ହେ । ୧ ।
କି ଏ ରାମାୟଣ ରଣ ରାମଚନ୍ଦ୍ର ସଲକ୍ଷଣ
ତାରକାଦି ହରତଭୂଷଣ ।
ବାତ ବିଜନିତ ଗୁଣ ପରଭଞ୍ଜନ ନିପୁଣ
ମନ୍ଦ ଗନ୍ଧମାଦନ ହିଁ ପୁଣ ହେ ପ୍ରାଣମିତ ।
ଜମ୍ବୁବାନ ବଧିଙ୍କ ପ୍ରମାଣ
ସୁସୂଦନରେ ନିପୁଣ ଦଶଇ ତ ବିଭୀଷଣ
ବିରମଣ ଅନ୍ତକଟି ପୁଣ ହେ । ୨ ।
ଘେନିକର ସୁବସନ୍ତ ପନସ ଚନ୍ଦନ ସତ
ବଳ ଦଳନକ ବଚନ୍ତିତ ।
କୁନ୍ଦ ଜାଳିମ୍ବ ବିଦିତ କଞ୍ଚନ କୁମୁଦ ହିତ
କାମୋଦ ଗୁଣ କି କହିବା ତ ହେ ପ୍ରାଣମିତ ।
ଶୋଭା ବିବିଧ ତରୁ ବହି ତ
ବରାହବରେ ତ ହିତ କି ଛଟକେ କେଶରୀ ତ
ଗବୟ ଧାଉଡ଼ି ଅବିରତ ହେ । ୩ ।

---

୨—୩ ତାରକା ବିହରିତ ଭୂଷଣ-ଛ. ୪ ୨—୬ ସ୍ୱରମଣି-ଟ, ୦: ୩—୨ ବଳନ ର ବଚନ୍ତିତ-ନ, ଟ,୦; ୩—୪ ବିହିତ-ଟ, ୦; ୩—୬ ଓ ୭ ଧାଡ଼ି-ଙ୍କରେ ବଳିତ-ପାଠ ଗ୍ରନ୍ଥ ମୌଳିକ ନୁହେଁ,

ମାଳ ଏ ତ ଆଗଭର ଅପୂର୍ବ ନଳ ପ୍ରଖର
ସରସେ ତୁରଙ୍ଗ ଗତକର ।
ସୁଷେଣ ତୁକାରେ ଗିର ସୁରସୁତ ମନୋହର
ବିଦ୍ରୁମରେ ହୋଇଛି ବିଗ୍ରର ହେ ପ୍ରାଣମିତ ।
ଋକ୍ଷଗତ ନଭରେ ପ୍ରଗ୍ରର ।
ଦେଖ ଦେଖ ହରବାର ଅସୁର ସଂହାରକର
ମୁଁ ହେଲି ଏଥି ଅଙ୍ଗଦ ବୀର ହେ । ୪ ।
କାହିଁ ଲଙ୍କାରେ ସୁମନ ହର ପ୍ରବଳଁରେ ଘେନ
ପ୍ରତିବାସ ଜୁରି ହିଁ ନିଦାନ ।
ପରଭୃତର ବଚନ ସେନାନୀ ହେଲେ ନିଧନ
ସୁତମାଳ ବିପ୍ରଭାବ ଭିନ୍ନ ହେ ପ୍ରାଣମିତ ।
ପବଣ ତରୁତ ବରଞ୍ଜନ ।
ସୁମନ ବିମାନେ ପୁନ ବସି ମଧୁପ ନିସ୍ଵନ
କରେ ହରେ ସେ ହର ଜୀବନ ହେ । ୫ ।
କ ଏ ଭରତଭୂମି ତ ଏ ବନ ହୋଏ ପ୍ରଖ୍ୟାତ
ଭୀଷ୍ମ ଥିବାରୁ ଘେନୁଛି ହତ ।
କୃଷ୍ଣ ସଙ୍ଗେ ହୋଇ ସ୍ଥିତ ଅର୍ଜୁନ କାଣ୍ଡ ବିଦିତ
ମନ୍ଦ ମାରୁତ ଗତ ବିଦିତ ହେ ପ୍ରାଣମିତ ।
ଦ୍ରୋଣୋଦର ସୁତରେ ତହିଁ ତ ।
ନକୁଳରେ ଆକର୍ଷିତ ହେବାରେ ଦ୍ରୋଣେ ଗୃହିଁ ତ
ଆବିଳେଶସ୍ଥଳୁ ଭଜୁଛି ତ ହେ । ୬ ।
ଦର୍ପକର ବିଘକ ତ ଦ୍ଵିଜରାଜ ହିଁ ଉଦିତ
ନାଗରକେ ବାଜିବାର ଖ୍ୟାତ ।
ପରଭୃତରେ ମଣ୍ଡିତ ମହାସେନ ଦ୍ରୁମନତ
ପଦେ ଶୋହେ ପତତ ସ୍ଵନ ତ ହେ ପ୍ରାଣମିତ ।
ନାଗରକେ ବାଜିବାର ହିତ
ବସିଷ୍ଟ ଉତ୍ତର ଯୁତ କର ବୀର ଶ୍ରୀଖଣ୍ଡିତ
ଦୁର୍ଜସ୍ଵାଦ ମଣୁଅଛି ତଉ ହେ । ୭ ।

---

୪—୫ ଋକ୍ଷପଡ-କ, ଖ, ଗ, ଘ, ଠ; ୫—୨ ପୁର ହି ନିଦାନ-ଝ, ଠ, ୫—୪ ବିପ୍ରଭାବ ଭିନ୍ନ-ଝ, ଠ; ବିପ୍ରଭାବଭିନ୍ନ-ଘ, ବିପ୍ରଭାବ ସ୍ଥାନ—ଗ. ୫—୫ ବିରଞ୍ଜନ-ଛ, ଛ, ଝ, ଛାପାଚିହ୍ନ ପୋଥିରେ; ୬—୪ -ମନ୍ଦ ମାରୁତ-ଝ, ଠ; ୬—୫ ଦ୍ରୋଣଦର-ଜ, ଝ; ଦ୍ରୋପଦର-କ, ଖ; ଅହିତ-କ, ଖ, ୬—୬ ଦ୍ରୋଣ ଗୃହିଁ ତ-ଝ, ଠ, ୭—୧ ବିଘକତ-କ, ଝ, ଠ,

ଶ୍ରବଣେ ମିଠ କଥିତ — ଗଉଣି ମୃଦୁଷ ରତ
ସମରେ ବିଜୟୀ ହୋଇବ ତ ।
ବିରବଶେ ବାସଗତ — ଭଗ ହେବ ବିଲୋକିତ
ଚଣ୍ଡୀ ଚିତ୍ତ ହୋଇବ ରଞ୍ଜିତ — ହେ ପ୍ରାଣମିତ ।
ତହିଁରେ ରାଗରାଜ ବ୍ୟାପିତ ।
ଜୀବନନାଶିନୀ ସେ ତ — କାମିନୀରତ ଅଚ୍ୟୁତ
ମୂଦ ହେବ ଦେଖି ରଣେ ଖ୍ୟାତ । ୮ ।
ଶୁଣି କେ ମିତ ହସିଲା — କୃଷ୍ଣଙ୍କୁ ସୁହିଁ ଭାଷିଲା
ଏ ସ୍ଥାନ ପ୍ରଣୀତ ନାଟ୍ୟଶାଳା ।
ବାତ ସୂତ୍ରଧାର ହେଲା — ଋତୁରାଜ କରେ ଲୀଳା
ମୂଦ ଗଣିକା ନର୍ତ୍ତକୀ ଭଲା — ହେ ପ୍ରାଣମିତ ।
ବାସ ବିମଣ୍ଡନୀ ହିଁ ମାନିଲା
କଳ କଣ୍ଠରୁତ ହେଲା — ପଞ୍ଚମ ସ୍ୱର ଜଣିଲା
ଅଭିନୟ କି ପନ୍ଥ ଚଳିଲା ହେ । ୯ ।
ଲୁମ୍ବାଟୁଆ କରେ ସ୍ୱର — ମୁରଜ ବାଦ୍ୟ ବିସ୍ତର
ବୀଣା ନାଦ କି ଝିଲ୍ଲି ଝଙ୍କାର ।
ମଧୁସ୍ରି ନାଦ ଭ୍ରମର — କରୁଅଛି ପରସ୍ପର
ନାନା ବିକଳ ତ ବାଦ୍ୟବାର — ହେ ପ୍ରାଣମିତ ।
ବାତଚକ୍ର ଭଉଁରି ବିସ୍ତର
ବସନ୍ତପକ୍ଷିର ଗିର — ଧ୍ରୁବପଦ ବିଶ୍ରାମର
ମାନ ତାନ ଧାରଣ ଆଧାର ହେ । ୧୦ ।
ସୁଜାନଙ୍କ ପାନ୍ଥ ଶଶୀ — ନଭ ସଭା ମଧ୍ୟେ ବସି
ସଙ୍ଗୀତରେ ହୋଇ ଅଭିଳାଷୀ ।
ତୁମ୍ଭେ ରାସରସେ ରସି— — ବାର ଯାଉଛି ଆଭାସି
ଦେଖାଯିବ ପୁଣ ସୁଖରାଶି — ହେ ପ୍ରାଣମିତ
ଏ କାଳ ଏଥିକି ଅଛି ଆସି ।
ଏ ରଙ୍ଗକୁ ପରଶଂସି — ତଥି ସଙ୍ଗେ ଯିବ ମିଶି
ହୋଇଛ ତ ବୃନ୍ଦାବନବାସୀ ହେ । ୧୧ ।

---

୮—୩ ଖେଗ ହେବ-ଗ, ଡ, ଠ, ଠ; ଉଗ୍ନ-ଜ; ୮—୭ ମ୍ଲେ ଖ୍ୟାତ-ଠ, ଠ, ୯—୪ ବିମଣ୍ଡନ-ଛ, ଝ ଛଡା ସବୁପୋଥିରେ ୧୦—୧ ବାଦ୍ୟ ପ୍ରସ୍ତର -ଠ,ଠ; ୧୦—୪ ବିକଳିତ, କ,ଚ,ଠ,ଠ;ବିକଳତା-ଝ;ବିକ-ଳିତ-ଘ; ୧୦—୭ ଧ୍ରୁବପର-କ,ଖ, ୧୧—୬ ରଙ୍ଗିତରେ-ଠ, ଠ;

ଶୁଣି କହେ କଉଁ ମିତ ହେଲେ ପ୍ରବୀଣା ସଙ୍ଗୀତ
କେତେ ବନ୍ଧ ନାଟ ରଚିବ ତ ।
ମାନ ହେଲେ ବିଜନତ ରାଗ ନୋହିବ ଖଣ୍ଡିତ
କରସ୍ଥଳନାଭିନୟ ସତ ହେ ପ୍ରାଣମିତ ।
ହୁଂକୃତ ଗାନରେ ବିଶ୍ରାମିତ
ମୂର୍ଚ୍ଛନା କଳା ଚଳିତ ଲୟଭେଦ ବିକଳ୍ପିତ
ମୁଦ ଇଷି ଗାନ୍ଧାର ସ୍ୱରେ ତ । ୧୨ ।
ଏମନ୍ତ ସଂଳାପକାଳେ ଦୂତୀ ଆସି ତହିଁ ମିଳେ
ଦେଖି ହରି ମୁଦ କେ ବା କଳେ ।
ଆଗୁରେ ତାକୁ ଭଷିଲେ ବିଦେହରେ ଦେହ ଜଳେ
ଘନରସେ ବିରହିତ ତଳେ ଗୋ ସଞ୍ଚାରିକା ।
ମୋ ପ୍ରାଣକୁ ଧାଣକର ବେଳେ
ଶ୍ରବଣେ ଦୂତିକା ଛଳେ ରାଧିକା ସେନେହ ଜଳେ
ଭସିବାର କେ ବାରିବ ବଳେ ହେ । ୧୩ ।
ଚନ୍ଦ୍ରାବଳୀ ରସିବାଇ ଶ୍ରବଣେ ଧମ୍ମି ଉତ୍ତର
ଶଠଶିରୋମଣି ବେଣୁଧର ।
ଗୋବିନ୍ଦ ପ୍ରତିଉତ୍ତର ମୁଖ ହାସ ଭାଲ ତାର
ଗଣ୍ଡ ଚିବୁକ କରଜ ତାର ଗୋ ସଞ୍ଚାରିକା ।
ଏ ଚନ୍ଦ୍ରାବଳୀ କି ମନୋହର
ଏଥି ଅଭିଳାଷ ମୋର କରୁଛି ମାନସ ବର
ଆନମତେ ତାହା ନ ବିସ୍ମର ଗୋ । ୧୪ ।
ଶ୍ରବଣେ ବୋଲେ ସଞ୍ଚାରୀ ପ୍ରଭେ ହେଲା ମିଥ୍ୟା ଘର
ପରଖ ଦେବ କି ବେଣୁଧାରୀ ।
ହସି ବୋଇଲେ ମୁରାରୀ ଧମ୍ମିକୁ ଚ ଘଟ ପର
ସେମାନଙ୍କ ନାଗ ହିଁ ଅଛି ଭର ଗୋ ସଞ୍ଚାରିକା
ଜଗଙ୍କେ ମୁ ତହିଁ କର ଭର ।
ଏଥିରେ ପ୍ରତୀତ କର— ବ କି ନାହିଁ ସହଚରୀ
କି ଭୁମ୍ବର ଭୁଝାଅ ବିସ୍ମର ଗୋ । ୧୫ ।

---

୧୨—୫ ହୁଙ୍କୃତନାଦରେ-ଗ. ଘ. ଚ, ଙ; ୧୨—୭ ମୂର୍ଚ୍ଛନା କଳ-ଙ. ୧୩—୨ ହରିମୁଦ କ ବା କଳେ-କ, ଝ; କ ବା ବଳେ-ଜ; କେ ବା ଜାଣେ-ଛ; କ ବା ଜାଳେ-ଗ, ଙ. ଘ, ଚ; କ ବା କଲେ-ଠ; ୧୪—୭ ଅନ ମୋତେ-ଝ,ଠ; ୧୫—୪ ସେମାନଙ୍କ ଅଛି ଝ, ଠ, ୧୫—୭ କରିବ ନାହିଁ କି ଝ, ଠ, ପ୍ରତୀତ କର ବଳନାହିଁ କ, ଗ, ଘ;

ହସି ପ୍ରକାଶିଲା ଦୂତୀ ନ କର୍ମିଲେ କର ସ୍ତୁତି
ତେବେ ସିନା ହୋଇବ ପ୍ରତୀତି ।
ବୋଇଲେ ଗୋକୁଳପତି ଅବିଶ୍ୱାସୀ ତୁମ୍ଭ ମତି
ହେଲେ ଦଣ୍ଡ ଦିଅ ଯୁକତି ଗୋ ସଞ୍ଚାରିକା
ବାହୁପାଶେ ବାନ୍ଧିଅ ଗୋ ନିତି ।
ସହଜ ଶୃଙ୍ଖଳା ପ୍ରୀତି ଜାନୁ ଅର୍ଗଳୀ ଆକୃତି
ଏ ଦଣ୍ଡକୁ ବନ୍ଧ ଦିବା ରୀତି ଗୋ । ୧୬ ।
ବୋଇଲା ବିଶାଖା ମିଳି ଦାବାନଳ ଦେଲେ ଗିଳି
ଗରଳ ଶୋଷି ମାଇଲେ ନାରୀ ।
ଇନ୍ଦ୍ରବଳିଖେଳା ଭଞ୍ଜି କାଳୀୟ ଗରବ ଗଞ୍ଜି
ଅଧି ମଣିଚୂଡ଼ ଦର୍ପ ହରି ଗୋ ସଞ୍ଚାରିକା ।
ସେ ଭୁଜଙ୍ଗରାଜ ଏହୁ ହରି ।
କେତେ ଜାତି ରୂପ ଧରି ପିତାମହ ଗର୍ବ ହରି
ମାୟାରେ ଜିତିଲେ ଗର୍ଭଧାରୀ ଗୋ । ୧୭ ।
ବୋଇଲା ମାଧବ ହସି ଚତୁରୀ ତୁମ୍ଭ ବୟସୀ
ନେଲେ ମିତ ଚଉବଉରଶି ।
ଲାଗିଲେ ପ୍ରଣୟପାଶୀ ନ ହେବ କି ଲୋକହାସୀ
ସମର୍ପଣ ବେଳୁଁ ହୁଅ ଆସି ଗୋ ସଞ୍ଚାରିକା ।
ଯାଇଁ ବୁଝାଇ କହ ବିଶେଷି ।
ରତିରହକୁ ସୁକେଶୀ ନ ଦେଲେ ହୋଇବେ କ୍ଳେଶୀ
ଦଶାଦୂତି ଆଣିବେ ଆକର୍ଷି ଗୋ । ୧୮ ।
ଶୁଣି ଦୂତୀ କହେ ବେଗେ ନ୍ୟାୟ କାମରାଜା ଆଗେ
ହେବାର ହେଲା ଏ କଥା ରାଗେ ।
ଜଣା ତ ପଡ଼ିବ ଯୋଗେ ଯେ ହାରିବ ପରସଙ୍ଗେ
ତେତେବେଳେ କାହିଁ ଥିବ ସଙ୍ଗେ ହେ ପ୍ରିୟମିତେ ।
ଧର ଲଦାଯିବ ଉରଭାଗେ ।
ବୁଡ଼ା ପ୍ରେମଜଳ ଯୋଗେ ପାଇବ ତାଡ଼ନ ଅଙ୍ଗେ
ଦିକା ହେବେ ପୁଣି ମାନଭଙ୍ଗେ ହେ । ୧୯ ।

---

୧୬—୩ ଅବିଶ୍ୱାସ ଚ, ଠ, ୧୬—୭ ସହଜେ ଚ, ଠ, ୧୭—୬ ଜିତିଲେ ଚ, ଠ; ୧୮—୧ ଚତୁରୀ ଛ, ଗ, ଚ, ଠ, ୧୮—୬ ହୋଇବ ଛ, ଘ, ଚ, ଠ; ୧୯—୪ ପ୍ରିୟମିତ ଚ, ଠ, ୧୯—୫ ହୃଦଭାଗେ ଗ, ଘ, ଚ, ଜ, ଚ, ଠ; ୧୯—୬ ବୁଡ଼ି ଚ, ଠ;

ଚତୁର ଚପଳ ଗିର — ଚତୁଷ୍ଟି ଗୃତୁଷ୍ଟି ଧାର
ଗୃର ଘନ ଚଉଦଦଣ୍ଡେ ବର ।
ବିରସ ଯୋଗେ ପ୍ରଚୁର — ଘୋଟିଲା ଦେବ ସଂସାର
ଦଶେନ୍ଦ୍ରମ୍ୟେ ବିକ୍ଷାଳାଦ ପୁର — ଗୋ ସଞ୍ଚାରକା ।
ହେଲା ପୃଥ୍ୱୀସହ ମଜ୍ଜିବାର ।
ହେବ ପ୍ରଳୟ ପ୍ରାଣର — ମନ ମାର୍କଣ୍ଡ ଅସ୍ଥିର
ଧର୍ମ୍ମ କୋଳ ବଟ ପ୍ରତକାର ଗୋ । ୧୦ ।
ଦୂତୀ କହିଲା ପ୍ରବୋଧି — କଳ୍ପିଲାନ ପ୍ରେମବଧି
ହେବ ନବରସସୃଷ୍ଟି ସିଦ୍ଧି ।
ତୁମ୍ଭେ ସ୍ୱାୟମ୍ଭୁବ ବିଧି — ଶତରୂପା ରସନିଧି
ଭୋଗ ହେବ ମନ୍ୱନ୍ତରବଧି — ହେ ନାଗରେନ୍ଦ୍ର ।
ଇନ୍ଦ୍ରମ୍ୟରେ ଦେବେ ପାଇ ଆଧି
ନିଜ ନିଜ ସୁଖ ସିଦ୍ଧି — ଭୁଞ୍ଜିବେ ସେହି ଅବଧି
ପ୍ରଳୟ ଦୁଃଖଦ ହେବ ବଧି ହେ । ୧୧ ।
ହରି ବୋଇଲେ ସଞ୍ଚାର — ହେଉଛି ତ ମୁଁ ଏଥର
ପ୍ରାଣବନ୍ଧୁ ରହିଛି କି କର ।
ଦୂତୀ କହେ ଅଶ୍ରୁ ଝର — ହୃଦୟ ବିଭଗ କର
କାଳସୂତ୍ରେ ଅଛଇ ସେ ଗାର — ହେ ନାଗରେନ୍ଦ୍ର ।
କରତବା ପାଇଁ କି ବିଗ୍ଭର
ଶଶିକ କରତ କର — ଆଣିଅଛୁ ଶମ୍ବର
ବସନ୍ତକୁ ଦେନ ଦେବ ଦର ହେ । ୧୨ ।
ହରି ଭ୍ରମି ଅଧୋଗତ — ହେଲ ହା ହା ରସବତୀ
ତୋସଙ୍ଗ ଗଙ୍ଗା କୋହିଲ ପ୍ରାପ୍ତି ।
ବିବୋଧି ଭ୍ରମିଲା ଦୂତୀ — ଶଚୀ ତ ଉଲ୍ଲାସି ପ୍ରୀତ
ଲଭି ହେବ ରସ ସୁରପତି — ହେ ନାଗରେନ୍ଦ୍ର ।
କୀର୍ତ୍ତି ଛତ ହୋଇବ ବିଖ୍ୟାତ

---

୧୦—୩ ଦେବ ସଞ୍ଚାର ଗ; ଘ, ଚ, ଜ, ଝ, ଠ; ୧୦—୪ ଦଶଇନ୍ଦ୍ରମ୍ୟେ ବିକଲ୍ପିପୁର ଗ; ଦଶେନ୍ଦ୍ରମ୍ୟେ ବିକଲାଦ ପୁର ଘ, ଝ, ଠ; ୧୦—୫ ପୃଥ୍ୱୀସହ-ଝ, ଠ; ୧୦—୭ ମାର୍କଣ୍ଡେୟ ସ୍ଥିର ଝ, ଠ, ୧୧—୪ ଠ, ଅ ; ୧୧—୫ ଦେବାପାଇଁ ଆଧି ଜ, ଖ, ଝ. ଠ; ୧୨—୩ ବିଭଗ କର ଗ, ଝ, ଠ; ୧୨—୪ କାଳସୂତ୍ରେ ଝ, ଠ; ୧୩—୧ ଯା ହା ରସବତୀ ଝ, ଠ; ୧୩—୩ ବିବୋଧି ଭ୍ରମିଲା ଜ, ଖ, ଝ, ଠ; ସଖ୍ୟତଲ୍ଲାସି ପ୍ରୀତ ଗ, ଘ; ସଖ୍ୟତ ଉଲ୍ଲାସ ପ୍ରୀତ ଚ, ଝ, ଠ; ୧୩—୫ କୀର୍ତ୍ତି ସ୍ଥିତ ଗ, ଚ,

ଘନରସ ଉତପତ୍ତି   ଚମତ୍କର ଭଙ୍ଗୀ ବୃତ୍ତି
ହୋଇବାର ଦେଖାଯିବ ନିତ୍ୟ ହେ । ୧୩ ।
ଗୋବିନ୍ଦ ବୋଇଲେ ଗିର   ରସିକ ସଙ୍ଗହ ମୋର
ଧିକ ଦୁଖୀ ହେଲା ରମାବର ।
ଦୂତୀ ବୋଲେ ନ ବିଚାର   ନିକଟେ ନୃପାଧିକାର
ସାର୍ଥ ହେବ ଏ ଯୋଗ ପ୍ରଚୁର,   ହେ ନାଗରେନ୍ଦ୍ର ।
ହେବ ଅଙ୍ଗଦେଶ ଲଭିବାର
ଉରଜେ ମଣ୍ଡନ କର   କର ସଙ୍ଗେ ବାସକୁର
ଜାନୁ ସିଂହାସନେ ବିଜେ କର ହେ । ୧୪ ।
ଗୋବିନ୍ଦ ବୋଇଲେ ଆହା   ମୋତେ କେବା ଦେବ ଏହା
ପାପୀ କେହି ହେବ ମହୀନାହା ।
ଦୂତୀ ବୋଲେ ହରି ସାହା   ନୋହିବ କିଛି ପାପହା
ଦାସେ ମୋକ୍ଷ ଲଭି ମାନି କୁହା,   ହେ ନାଗରେନ୍ଦ୍ର ।
ତ୍ରିବର୍ଗ ରହିଲା ଆଉ ଯାହା ।
ଯହିଁ ବଶ କାମଦୁହା   ଅପୂର୍ବ କି ହେବ ତାହା
ଯହୁଁ ହେତ ଭବପରଦାହା ହେ । ୧୫ ।
ହରି ବୋଇଲେ ହରକ   ସଙ୍ଗେ ଭଜିବ ହରକ
ଯିବି ଦୁଖସାଗର ତରି କି ।
ଦୂତୀ ବୋଇଲା ହରିଙ୍କି   କାଲି ପୂଜନ୍ତେ ହରକ
ପ୍ରାପ୍ତ ହେବ ସୁଖଲହରୀ କି,   ହେ ନାଗରେନ୍ଦ୍ର ।
କିଛି ଭୟ ନ କର ହରକ ।
କହୁଅଛୁ ଯେଉଁ ହର   ଦହୁଅଛୁ ଯେଉଁ ହର
ଦୁଖ ଦେବାର ହୋଇବ ହର ହେ । ୧୬ ।
ବୋଇଲେ ଗୋବିନ୍ଦ ଭାଷ   ଅଙ୍ଗୀକାର ନାରୀବେଶ
କଲେ ରସବଶରେ ବିଶେଷ ।
ତେବେହେଁ ତୋଷ ମାନସ   ନ କଲା ତ ଲୋକଈଶ
ଆଶଙ୍କନେ ଦୁର୍ଯ୍ୟୋଗବିଭାସ,   ଗୋ ସଙ୍ଗୀରଙ୍ଗା ।
କଲା ଜୀବଗୃତକେ ନିବାଶ ।
ଦୂତୀ ବୋଲେ ନାଗରେଶ   ଶୁଣିବେ ଧମା ଅବଶ୍ୟ
ଘବେ ହେବେ ନାହିଁକି ପୁରୁଷ ହେ । ୧୭ ।

---

୧୩—୨ ବଶବୃତ୍ତି-କ, ଝ, ଠ; ୧୫—୪ ଲଭ ମାନ-ଗ, ଘ, ଝ, ଠ; ୧୫—୨ ଭବପର ମହୀ-ଝ, ଠ;

ଶ୍ରବଣେ ଗୋବିନ୍ଦ ଆଶା    ବଢ଼ିଲା ପାଇ ଭରସା
ଯୋଷାଧାନେ ବଞ୍ଚାଇଲେ ନିଶା ।
ରସରାଜ ରସାଳସା    ଯୁଗଳ ପାଦାବ୍ଜେ ବଶା
କଲେ ଆଉ ନାହିଁଟି ଦୁର୍ଦ୍ଦଶା,    ହେ ସାଧୁଜନେ ।
ଭୃଙ୍ଗ ଅଭିମନ୍ୟୁର ମନୀଷା,
ଦ୍ରବ୍ୟ ସ୍ୱାଦ ଗନ୍ଧ ମିଶା    କେ କହିବ ପରଶଂସା
ଲେଖି ହେଲା ତହିଁ ଦିବା ନିଶା ହେ । ୨୮ ।

---

## ତେସ୍ତରୀ ଛାନ୍ଦ ।

---

### ଶ୍ରୀରାଧା ଚନ୍ଦ୍ରାବଳୀଙ୍କ ସଖୀ ତର୍କଣା ପ୍ରତ୍ୟୁକ୍ତି ।

---

ରାଗ ମାଳଶ୍ରୀ—

ସାଧବେ ଘେନ ଏ ବିଚିତ୍ର ରସ । କୃଷ୍ଣ ଦୁଃଖ ଦେଖି ଦୂତୀ ବିରସ ।
ରାଧା ସନ୍ନିଧିରେ ହେଲା ପ୍ରବେଶ । ସ୍ୱଭାବ ଉତ୍ତର କଲା ପ୍ରକାଶ ।
ଧନ୍ୟ ଧନ୍ୟ ପ୍ରୀତି କି ନ କରନ୍ତି ସେ ମୋହନ ମୋହନ ଯହିଁ ।
ପୁଣି ସହି ରହିବ କେ ବ୍ରହ୍ମାଣ୍ଡେ କାହିଁ । ୧ ।
ଧୀରାଧୀର ଧରା ଧରକୁ ତୁଳି । ହୃଦୟ ଅପାର ଅପାର ବଳି ।
କଳିତ ନୁହଇ ଯେତେ ବିକଳି । ବଳିବାକୁ ଆଉ ନାହାନ୍ତି ବଳୀ ।
ଯୋଗ ତେଜି ଯୋଗ ଭଜିଲେ ନିରତେ ଶିବା ଶିବ ପ୍ରୀତିବଶେ ।
ପୁଣି ଗଙ୍ଗା ଦ୍ରବ ସ୍ନେହ ମିଳନ ଆଶେ । ୨ ।
କହ ମିତ କେହି ହେବ ମିଳନ । ବେନି ଜନ ଦୁଃଖ ହେବ ଦହନ ।
ଥିବାରୁ ଆମ୍ଭେ ଏତେ ପରିଜନ । ହେଲାଇଁ ଅବା କଉଁ ପ୍ରୟୋଜନ ।
ଶୁଣି ପୁଣି ମିତ କଲା ପ୍ରତି ଭାଷ ଉପାୟେ କି ଅଛି ହେଲା ।
ପୁଣି ଦଇବକୁ ନାହିଁ କେହିତ ବଳା । ୩ ।
ଭାବି ଭାବ ଭାବବତୀ ଭାଲରେ । ବିହି ଲିହିଥିଲା କେହି ତୁଲରେ ।
ରସାଳସା ଦଶା ରସା ଭିତରେ । ଜାଣି ସବ କର ନାହିଁ ଲକ୍ଷରେ ।
ଜୀବ ଯିବ ବିନା ନିଶାନା ଆନନୁଁ ଆନ ନ ଆସଇ ଭାଷା ।
ପୁଣି ନିରତେ ବୋଇଲା ଗ୍ଲୁଡ ମୋ ଆଶା । ୪ ।

---

୧—୧ ଘେନ ହେ-ଝ, ଠ; ୧—୩ ସନ୍ନିଧ୍ୟରେ-ଜ, ଝ; ୨—୧ ଝ, ଠ; ଅପପାଠ; ୩—୫ ପୁଣି ପୁଣି ମିତ-ଗ, ଘ, ଚ, ଛ, ଝ, ଠ; ୪।୧ ଲଭିରେ-ଝ ଠ; ୪—୨ ଦେଇତୁ-ଠ;

ଦୂତୀ ବୋଲେ ଶୁଣ ପୂଜିବା ହର । ପାପର ମାର ଦର ହେବ ହର ।
ଏମନ୍ତ ବିଗ୍ରହ ଘେନ ସମ୍ଭାର । ବନେ ଭେଟିଲେ ଯାଇଁ ଗୋପେଶ୍ୱର ।
ଧୀରା ଶ୍ରୀର ପୂଜା ବିଧି ପରସିଦ୍ଧି ପୂଜକ ଖୋଜନ୍ତେ ତହିଁ ।
ପୁଣି ଦୂତୀ ବୋଲେ ଦ୍ୱିଜ ଆଣିବି ମୁହିଁ । ୫ ।
କହି ସଖୀ ବିଶାଖିକାଙ୍କୁ ଘେନ । ଭୂଦେବ ଆଣିଗଲା କାମସେନା ।
କୁଞ୍ଜେ ବିଜେ ମଧୁ ମାଧବ ବେନ । ଭେଟି ଝଣ୍ଟତରେ କଲା ଦଇନ ।
ଶିବ ହେବ ଶିବ ଦେବ ପୂଜିଯିବ ଭୂଦେବ ମୂରତି ଧର ।
ପୁଣି ବୃଷଭାନୁଜେମା ବିରହ ହର । ୬ ।
ବିଶାଖିକା ଦେଖି ତାହା ସଙ୍ଗରେ । ଖଳ ନାଗରାଜ କଲେ ରଙ୍ଗରେ ।
ଗଉରୀ ପୂଜିବା ଅନୁରାଗରେ । ଚଣ୍ଡୀ ଶାନ୍ତି କରାଇବା ଯୋଗରେ ।
ପୂର୍ଣ୍ଣକାମ ପୂର୍ଣ୍ଣ ହୋଇ ହେବ ସିନା ଆନ ଦେବେ କେ କି ଦେବେ ।
ପୁଣି ପ୍ରତକ୍ଷଣେ ରସନିଧି ଭଜିବେ । ୭ ।
ଦୂତୀ ଭାଷେ ଶମ୍ଭୁ ଅଙ୍ଗଦେଶରେ । ପୂଜନ କରିବ ପାଣିପଦ୍ମରେ ।
ଚନ୍ଦ୍ରଚୂଡଚିହ୍ନ କରାଇବାରେ । ବର କି ନୋହିବ ଅବା ଶିବରେ ।
ଦିଗବାସ ଦରଶନ କରିବାର ସୁକୃତର ସୀମା ନାହିଁ ।
ପୁଣି ଦକ୍ଷିଣା ପାଇଲେ ଦୁଃଖ ତ ନାହିଁ । ୮ ।
ବିଶାଖା ବୋଲେ ବିପ୍ରଯୋଗ ବଳେ । କାମଦହନ ତ ହୋଅଇ ବଳେ ।
ପ୍ରେମ ସାତ୍ତ୍ୱିକ୍ୟ ଦଶା ଅଙ୍ଗ ସ୍ଥଳେ । ବିରକତ ଅନ୍ୟାଭିଳାଷେ ଛଳେ ।
ଯୋଗୀ ହେଲେ ଭୋଗୀ ନୁହନ୍ତି କି ପୁଣି ଲଭି ବନେ ଫଳମୂଳ ।
ପୁଣି ହରି ରସ ଆସ୍ୱାଦନରେ ଭୋଳ । ୯ ।
ମିତ ଉତ୍ତର ତ ଏ ଦ୍ୱିଜରାଜ । ଖ୍ୟାତ ଶୁଚିକର କୀର୍ତ୍ତି ସହଜ ।
ନବଗୁଣ ସୂତ୍ରେ ଉଜ୍ଜ୍ୱଳ ତେଜ । ଅମୃତଦାୟକ ହେଉଛି ପୂଜ୍ୟ ।
ସତ ବିଷ୍ଣୁପଦ ଭଜ ତ ଅଛନ୍ତି ଭବପର ତାପହର ।
ପୁଣି କାମପୂର୍ଣ୍ଣ ବର କେତେ ମାତର । ୧୦ ।
ଜନ ତାପହର କୃପାଳୁବର । ତାର ନାମରେ ତ ସ୍ନେହ ବିସ୍ତାର ।
ବିଯୋଗୀ ଶିଖିଭୂଷଣ ବିଗ୍ରହ । ସତତ ଶ୍ରୀବତ୍ସ ଲକ୍ଷଣଧର ।
ଶୁଣି ପୁଣି ବାଣୀ ଭଣିଲା ମିତଣୀ ହରତ ଭଜ ଥିବାରେ ।
ପୁଣି ସର୍ବଶିରୋଧାର୍ଯ୍ୟ ସିନା ଲୋକରେ । ୧୧ ।

---

୫ ୨ ହେବ ଦୂର-ଗ, ଛ, ଝ, ଛଡ଼ା ସବୁ ପୋଥିରେ ୬—୨ ଅଣିଦେଲା-ଚ, ଠ; ୭—୫ ପୂର୍ଣ୍ଣକାମ ପୂର୍ଣ୍ଣ-ଠ; ହୋଇ ଦେବେ ସିନା-କ; ଖ, ଗ, ଚ; ହେବେସିନା-ଘ, ଛ; ୯—୩ ଅଙ୍ଗ ଛଳେ-କ, ଘ, ଚ, ଟ, ଠ; ୧୦—୨ ଶାନ୍ତି ଶୁଚ-କ, ଟ, ଠ; ୧୦—୪ ହେବଟିପୂଜ୍ୟ-କ, ଟ, ଠ; ହେବେଟି-ଖ,

ସେ ଦୁହେଁ ଶ୍ରବଣେ ବୋଇଲେ ଗିର । ଆମ୍ଭେ କି ଜାଣିବୁଁ ଏଡ଼େ ବିସ୍ତର ।
ଚନ୍ଦ୍ରସେନ ତ ମହଲା ଭୂମ୍ବର । ଗୋବର୍ଦ୍ଧନ ମଲ୍ଲି ଜ୍ୟେଷ୍ଠ ସୋଦର ।
ଇଚ୍ଛା ଯହିଁ କି ତହିଁକି ବିଜେ କରି କହି ଗଲେ ଏ ବିଧିରେ ।
ଶୁଣି କୃଷ୍ଣ ନମସ୍କରିଲେ ମହାଆତୁରେ । ୧୯ ।

ମଧୁ ଶାନ୍ତି କରି ବ୍ରାହ୍ମଣ ଚଲେ । ଗୋପେଶ୍ୱର-ସ୍ଥାନେ ପ୍ରବେଶ ହେଲେ ।
ସେଠାରେ ରାଧା ଦରଶନ ଛଳେ । ମୁଖରା ଆସି ହେଲା ତାଙ୍କ ମେଳେ ।
ପଗ୍ଚରଇ ଦ୍ୱିଜ କାହିଁ କେ ପୂଜିବ ଶିବଙ୍କୁ ଏମନ୍ତ ବେଳେ ।
ମଧୁ ମାଧବ ସେ କ୍ଷଣି ଦୁହେଁ ଭେଟିଲେ । ୨୦ ।

ବୁଢ଼ୀ ପୁଚ୍ଛେ ମଧୁ ଏ ଦ୍ୱିଜ ବାସ । କଉଁଠାରେ ଅତି ବିଚଣବେଶ ।
ସେ ଭାଷିଲେ ଗାର୍ଗ୍ୟଋଷିଙ୍କ ଶିଷ୍ୟ । ସୂର୍ଯ୍ୟକୁଣ୍ଡବନେ ସଦା ନିବାସ ।
ବୁଢ଼ୀ ବୋଲେ ଦେଖିଥିଲି ପରସ୍ୱେ ତ ଆଭାସୁଛି ମନେ ମୋର
ପୁଣି ଦୁର୍ବଳ ତ ମୋର ଚକ୍ଷୁବିକାର । ୨୧ ।

ଆହେ ବାବୁ ମଧୁ ନାତୁଣୀ ମୋର । କି ବ୍ୟାଧି ହୋଇଛି ନୋହେ ଗୋଚର
ହରି ପୂଜା କରି ସେ ହେଉ ଦୂର । ଦକ୍ଷିଣା ପାଇବ ହେଳା ନ କର !
ମଧୁ କହେ ସ୍ମର ଅପସ୍ମାର ଏହି ଉନ୍ମାଦ କରାଏ ମନ ।
ପୁଣି କରି ଘନରସ ଔଷଧ ଦାନ । ୨୨ ।

ବୁଢ଼ୀ କହେ ପଛେ ହେବ ସେ ଚିନ୍ତା । ଆଗେ କରି ଯାଇ ପୂଜା ଦେବତା ।
ଶ୍ରବଣେ ପୂଜିଲେ ବ୍ରହ୍ମବିଦିତା । ପ୍ରସାଦ ପାଇଲେ ବରବନିତା ।
ବୃଦ୍ଧା କହେ ମୂର୍ଚ୍ଛା ନତ କରି ରାଧା ସ୍ତୁତି କରି ଦେବତାଙ୍କୁ ।
ପୁଣି ଆଜହୁଁ ଲଭିବ ନାହିଁ ଚିନ୍ତାକୁ । ୨୩ ।

ଏତେ ସିଉକାର ପାଇ କିଶୋରୀ । କରପଦ୍ମ ଯୋଡ଼ି ସ୍ତୁତି ଉଚ୍ଚାରି
ଜୟ ଗୋପେଶ୍ୱର କମଳଧାରୀ । ସଦା ଅଙ୍ଗୀକାର କରି ଗଉରୀ ।
ପୂର୍ଣ୍ଣକାମ କରି କାମଦର୍ପ ହରି ଶିବ ନାମ ଯଶ ରଖି ।
ପୁଣି ପଶୁପତି ଅଛି ହେଲି ନିରେଖି । ୨୪ ।

ବିନାୟକ ସିଦ୍ଧି ପ୍ରସ୍ତର କରି । ରମା ଅଙ୍ଗୀକାର ଯଶ ବିସ୍ତାରି ।
ନିଧି ସିଦ୍ଧି ପଦେ ଖଟନ୍ତି ଯାର । ମୋ ଦଇନା ଘେନ ହରତାମ୍ବର ।
ନମୋ ନମୋ ଯୋଗ ବିଧି ସିଦ୍ଧି ଦାତା କୃପା ଏତେ ମାତ୍ର କରି ।
ପୁଣି ଶରଣରକ୍ଷଣ ବିଧୁଶେଖର । ୨୫ ।

---

୧୯—୪ କୃଷ୍ଣ ନମସ୍କରିଲେ ମହା ଅତୁରେ-କ, ଖ, ଗ, ଚ, ଛ, ଜ. ପୁଣି କୃଷ୍ଣ-ଘ; କୃଷ୍ଣଶୁଣି-ଝ, କୃଷ୍ଣନମସ୍କରିଲେ ତହୁଁ ମହା ଆତୁରେ -ଟ,ଠ; ୨୦—୧ ମଧୁ ସଙ୍ଗକରି ବ୍ରାହ୍ମଣ ଗଲେ-ଟ,ଠ, ମଧୁ ଶାନ୍ତି କରି ବ୍ରାହ୍ମଣ ଗଲେ -ଗ, ଚ, ୨୦—୩ ଦରଶନ ଛଳେ-କ, ଖ, ଟ, ଠ, ୨୦—୪ ମଧୁ ମାଧବ ସେକ୍ଷଣି ଭେଟିଲେ-ଝ, ଟ, ଠ ଛଡ଼ା ସବୁ ପୋଥିରେ; ମଧୁ ମାଧବ ଆସି-ଟ ଠ;

ଶ୍ରବଣେ ମଧୁ ବୋଲେ ମହାଦେବ । ଅନୁଗତ ଜନେ ଏବର ଦେବ ।
କଞ୍ଜାକ୍ଷପାତେ କାମନା ହରିବ । ଦିଗମ୍ବରସ୍ତବେ ପ୍ରସନ୍ନ ହେବ ।
ଗୋପେଶ ନାମ ହିଁ ପ୍ରସିଦ୍ଧ ତୁମ୍ଭର ଗୋପେଶୀ ନାଗରୀମଣି ।
ପୁଣି କାଳେ କାଳେ ରହୁ ଏ କୀର୍ତ୍ତି ପୁଣି । ୨୬ ।
ଶୁଣି କହିଲେ ବ୍ରହ୍ମ ବ୍ରହ୍ମମୂର୍ତ୍ତି । ଅସ୍ତୁ ହେଉ ତୁମ୍ଭ ମହତ ଉକ୍ତି ।
ଶ୍ରବଣେ ଧନୀ ମୁଦ କଲେ ମତି । ବେଗେ ବେଗେ କଲେ ପୁରକୁ ଗତି ।
ବୃନ୍ଦା ବିରୁଦ୍ଧା ହେଲା ରସ ବୃଦ୍ଧି କି ଅନୁବନ୍ଧେ ବନ୍ଧ ସର ।
ପୁଣି କଷ୍ଟେ କଷ୍ଟେ ଗଲେ କର୍ମ୍ମ ଆଦର । ୨୭ ।
ସ୍ୱମନ୍ଦିରେ ମିଳି କିଶୋରୀମଣି । ମିତଣୀମାନଙ୍କୁ ଭଣିଲେ ବାଣୀ ।
ତୁମ୍ଭଠାରୁ ହେଉଅଛୁ ମେଲାଣି । ସଞ୍ଜୁ ସଞ୍ଜୀବନୀପୁର ସାଜେଣି ।
କରିବ ଜୀବନ ନିଦାନ ମୋହର ହରି ହରଣରେ ଯିବ ।
ପୁଣି ହରି ହରଣ ହୋଇଲେ ନ ଯିବ । ୨୮ ।
ମିତ କହେ ହିତ ନାହିଁ ତ ଆଉ । କେତେ ସହିବ ମାର ଶର ଦାଉ ।
ଧୀରା ଅଧୀରା ଏତେ ପର ହୋଉ । ବଇରି ଏପରି ଦୁଖ ନ ପାଉ ।
କହିଲେ କି ହେବ ଦଇବଘଟଣା ଆନ କାହା ବଳେ ହେବ ।
ପୁଣି ସବୁସୁଖ ଜୀବ ଥିଲେ ଘଟିବ । ୨୯ ।
ବୋଧି ରସନିଧି ମିତ୍ରପୂଜନେ । ବିଜେ କରାଇଲେ ଶ୍ରୀବୃନ୍ଦାବନେ ।
କୃଷ୍ଣଙ୍କୁ ଲୋଡିଲେ ଦେବପୂଜନେ । ନ ଥିଲେ ଗଲେ ଗଉରୀ ଅର୍ଚ୍ଚନେ ।
ଏ ବାରତା ରସଲତା ଶୁଣି ଚିନ୍ତା ଚତୁଷ୍ପାଦ ବୃଦ୍ଧି ହେଲା ।
ପୁଣି ବିଚେତ ବିଚେତ ବିତର୍କେ କଲା । ୩୦ ।
ହରି ଇଚ୍ଛା କରି ବୋଲନ୍ତି ହରି । ହେ ହରି ହରଦର ଦିଅ ହରି ।
ଦୀନବନ୍ଧୁ ନାମ ପରା ତୁମ୍ଭର । ଦୀନ ବଧୁଅଛ କେମନ୍ତେ କର ।
ଅପୂର୍ବ ଏ କଥା ମିତ୍ର ଦେଲେ ବ୍ୟଥା କହିବ କାହାକୁ ଆଉ ।
ପୁଣି ତରଣୀ ବଡ଼ାଇ ଊଣା ନ ପାଉ । ୩୧ ।
କମଳିନୀପ୍ରିୟ ବୋଲାଉ ଅଛ । କମଳିନୀ ବାଧ କେହି ସହୁଛ ।
ଅନନ୍ତପ୍ରିୟ ସହଜେ ହୋଇଛ । ଅନନ୍ତ ପ୍ରିୟ ସଙ୍ଗତେ ବାରୁଛ ।
ମାରତଣ୍ଡ ହୋଇ ମାର ଦଣ୍ଡକାର ଦଣ୍ଡକୁ ଲଗାଇ ଅଛ ।
ପୁଣି ବିକର୍ତ୍ତନ ବିକର୍ତ୍ତନ ଦେଖୁଛ । ୩୨ ।

---

୨୬ — ୩ କଟାକ୍ଷ ପାଠ-କ, ଛ; ଛରେ କଞ୍ଜାକ୍ଷ ଓ କଟାକ୍ଷ ଉଭୟ ଅଛି । ୨୬ — ୫ ଗୋପେ ସିନା ପରମାଣି-ଛ, ଝ, ଟ, ଠ, ଛଡ଼ା ସବୁ ପୋଥିରେ; ଟ, ଠ; ରେ ପାଠ ପରମାଣି ୨୬-୬ କୀର୍ତ୍ତି ଶ୍ରେଣି-ଟ, ଠ, ୨୭ — ୨ ମହତ୍ତ୍ୱ-ଚ, ଟ, ଠ; ୨୮ — ୪ ମନେ ରଖିଥିବ ଏତିକ ପୁଣି-ଏଯାଡ଼ ଅଥବା 'କର୍ଣ୍ଣରେ' ଲେଖାଅଛି । ୨୮ — ୫-୬ ଟ, ଠ, ଅପ, ୩୦ — ୬-ଠ, ଅପ ବିତର୍କେ ଗଲା-ଗ, ଘ, ୩୨ — ୫ ଲଗାଉଅଛି-ଟ, ଠ,

କହି ଏହିପରି ନିତି ବଚନ । ବିଜୟେ ନିଜ ପୁରକୁ ବହନ ।
ଚିନ୍ତାଗ୍ନିରେ କାମ କରେ ଦହନ । ବେଦନା ନିବେଦନା ପୁନପୁନ ।
ମିତରେ ମିତରେ କହନ୍ତି କାତରେ ଅକଥନ ସେ କଥନ ।
ପୁଣି ବୋଲନ୍ତି ଯା ଯାରେ ପାଦିଜୀବନ । ୩୩ ।
ଅଲୌକିକ ଦଶା ଦେଖି ଆରତେ । ଦୂତୀ ଚଳିଗଲା କୃଷ୍ଣ ପୁରତେ ।
ଭେଟିଲା କାନନେ ମିତ ସଙ୍ଗତେ । ଚିତ୍ତ କେମନ୍ତ ବୁଝିବା ନିମନ୍ତେ ।
ବାଟ ଭାଙ୍ଗି ଯାଉଁ ଲମ୍ପଟଶେଖର ତାର ପଟ ଯାଇ ଧରି ।
ପୁଣି ବୋଇଲେ ଗୋବିନ୍ଦ ଦଇନ କରି । ୩୪ ।
ଦୂତୀକି କହିଲେ ଯେତେ ମୋହନ । ସେ କଥା ରସିକ ମନମୋହନ ।
ଆର ଗ୍ରନ୍ଥରେ ଶୁଣିବ ବିଧାନ । ଏ ଗ୍ରନ୍ଥ ଗୃତୁଶ୍ରୀ ଭକ୍ତ ନିଧାନ ।
ଧୀନ ଅଭିମନ୍ୟୁ ମନୁ ସଦା ଦିନେ ନ ଯାଉ ସେ ଭାବମାନ ।
ପୁଣି ରାଧା କୃଷ୍ଣ ପଦେ ବିକା ଜୀବନ । ୩୫ ।

---

## ଚଉସ୍ତରୀ ଛାନ୍ଦ ।

---

### ଶ୍ରୀ କୃଷ୍ଣ ଦୂତୀକି କଥନ ।

---

ରାଗ ଶାରଙ୍ଗ ।

ଦୂତୀ କର ଧରି ହରି ବୋଇଲେ କିଶୋରୀ
ମିଛ ପୃଜ ଆସିଥିଲି ଗଲି ତ ପାସୋରି । ଦୂତି ଗୋ,
କହିବୁ ବନ୍ଧୁକୁ । କି ଦୋଷରେ ଫିଙ୍ଗି ଦେଲା ମଦନସିନ୍ଧୁକୁ । ୧ ।
ଜାଣି ପୁଣି ଗୁଣିମଣି କଲା ତ ନିଗଣ । ।
ଏ ଭାବ ଭାବନା ସିନା ଦେଉଛୁ ପରାସ । ଦୂତି ଗୋ,
କହିବୁ ଧନୀକି । ପରଜନ ଧୀନ ହେଲେ କାହାକୁ ହାନି କି । ୨ ।
ରସାଳସା ଆଶା ଧରି ରଖିଛୁ ମୋ ଜୀବ ।
ଶମ୍ପାଗୋରୀ ଅନୁକମ୍ପା ନ ପାଇଲେ ଯିବ । ଦୂତି ଗୋ,
କହିବୁ ଗୋରୀକି । ଦାସ ଦୋଷୀ ହେଲେ ଏତେ ସ୍ୱରିକି କରି କି । ୩ ।

---

୩୩ — ୧ ଏପରି ବିନତି-ଗ, ଚ, ଝ, ଠ, ୩୫ — ୩ ବି ଖଣ୍ଡରେ ଯେତେ ଯେତେ ଭାବହେବ କଥନ. ଖରେ କନ୍ଧୁ ଗୃହୀତ ପାଠ ଛଡା ଅଧିକ । ଏ ପାଠ ଅଛି; ୩୫ — ୪ ଭକ୍ତିନିଧାନ-ଙ, ଝ, ଠ,

ବାଳକକାଳରୁ କାଳେ ହେଲ ଅନୁସଖୀ ।
ଭଗାରି-ହାତରେ ଆସି ଯାଉଅଛୁ ସରି । ଦୂତି ଗୋ,
କହିବୁ ଯୋଷାକୁ । କାହିଁ ପାଇଁ କରାଇଲ ଭଗାରିହସାକୁ । ୪ ।
ସାନଦିନେ ଦିନେ ଦିନେ ଧୂଳି ଖେଳିବାରେ
ଏ ମୋ ଭଗ ବୋଲି ସଗଲତା ଏବେ କାରେ । ଦୂତି ଗୋ,
କହିବୁ ଧୀରାକୁ । ମହତ ଉତ୍ତର ଦଲେ ପାଷାଣଗିରାକୁ । ୫ ।
କୁମାର କୁମାରୀ ମେଳେ ଖେଳିବା ବିଧିରେ ।
ବର ମୁହିଁ କନ୍ୟା ସେହି ହୋଇଛୁ ବିଧିରେ । ଦୂତି ଗୋ,
କହିବୁ ସଖୀଙ୍କ । ସେଦିନର ସନମାନ ମନରେ ନାହିଁ କି । ୬ ।
ମଧୁଶଯ୍ୟା ହେବ ପରା ପଚାରିଲି ମୁହିଁ
ଆନନ କମ୍ପାଇ ନାହିଁ କଲ ଚନ୍ଦ୍ରମୁହିଁ । ଦୂତି ଗୋ,
କହିବୁ ସଙ୍ଗୀକି । ପାଶୋରି ପାରିଲିନାହିଁ ସେ ଦିନ ଭଙ୍ଗୀ କି । ୭ ।
ବଧୂଲୀ-ସୁମନବୋଲେ ଲେଖାଇ ଯାବକ
ସେହି ଦିନୁ କରିଅଛୁ ଶ୍ରୀପଦ ସେବକ । ଦୂତି ଗୋ,
କହିବୁ ବାଳୀକି । ଛଡ଼ାଇଲେ ଗୁଡ଼ିଯିବ ମୋହୋର ଅଳି କି । ୮ ।
ଆଜ୍ଞାକୁ ଅବଜ୍ଞା ଦିନେ କରି ନାହିଁ ମୁହିଁ ।
ଆଣି ଦେଉଥାଇ ଯାହା ମାଗେ ଚନ୍ଦ୍ରମୁହିଁ । ଦୂତି ଗୋ,
କହିବୁ ସଖୀକି । ଏଥର ଥରେ ମନରେ ନ କଲ ଦୁଖୀକି । ୯ ।
ପଡି ଜଡ଼ି ଯାଇଥିଲ ଧୂଳି ଲପନରେ
ଲୁଚି ଯାଇ ବୋଲି ପୋଛି ଦେଲ ବସନରେ । ଦୂତି ଗୋ,
କହିବୁ ରାଧାକୁ । କି କରି ପାସୋରି ଦେଲ ଢେଡ଼େ ଶରଧାକୁ । ୧୦ ।
ଏହି କୃପା ରହିଥିବଟିକି ବଡ଼ ଦିନେ ।
ପତ୍ନୀରନ୍ତେ ଆଖି ଥନଥନ କଲ ଧାନେ । ଦୂତି ଗୋ,
କହିବୁଟି ତାକୁ । ଏବେ ତ ଉପାଡୁଅଛୁ ପୀରତିଲତାକୁ । ୧୧ ।
ଶ୍ରୀପଦେ ନୂପୁର ଦିନେ ଖଞ୍ଜିବାରେ ମୁହିଁ ।
ନାହିଁ ନାହିଁ କଲ ଆନ ଫକାଇ ସୁମୁହାଁ । ଦୂତି ଗୋ,
କହିବୁ ପ୍ରିୟାକୁ । ବାଳକାଳୁ ଉପାଡ଼ କି ପୀରତିପ୍ରଥାକୁ । ୧୨ ।

---

୩—୧ ରହିଛି-ଠ, ୦; ୫—୨ ଏ ଦେବାରେ-ଜ, ଝ, ଏବେଖାରେ-ଢ. ଣ, ଠ, ୦,
୮—୩ ଗୁଡ଼ିବ କି-ଠ, ୦; ୧୦—୨ ଲୁଚି ଯାଉ,-ଘ, ଚ, ଠ, ୦;

ମଳାମ୍ବୁଜ ଧ୍ୟେନ ଗୃହ୍ଣୁଥାଇ ମୋ ଆନନ ।
ପୁଲକ ପୂର କି ଶୋଭି ମାନେ ସଂହନନ । ଦୂତି ଗୋ,
କହିବୁ ଏତିକି । ଏବେ କାହୁଁ ଶିକ୍ଷା କଲୁ ନିଷ୍ଠୁରରୀତିକି । ୧୩ ।
କୃପାଳୁହୃଦରୁ ଜାତ ହେଲା ପରବତ ।
କାହିଁକି ନୋହିବ ନିଷ୍ଠୁରତା ପର ବତ । ଦୂତି ଗୋ,
କହିବୁଟି ଥରେ । ପ୍ରାଣଧିକା ପ୍ରାଣ ବସି ଅଛଇ ପଥରେ । ୧୪ ।
କନ୍ୟା-ସନ୍ଧିକାଳେ ଦିନେ କୁଞ୍ଜଅୟନରେ ।
ଗଣ୍ଡବଣା ଏଣୀ ଆଣି ରଖି ନୟନରେ । ଦୂତି ଗୋ,
କହିବୁ ପ୍ରୀତିକି । ଏକାନ୍ତେ ଯେ କାନ୍ତେ ବିକ ଦେଇଛୁ ମତିକି । ୧୫ ।
ମନ ଜାଣିମାକୁ କଣ୍ଟାଳିଲି ନିଧୁବନ ।
ଭ୍ରଷାରେ ରମ୍ଭାଇ କିଣି ନେଇଛୁ ଜୀବନ । ଦୂତି ଗୋ,
ଚେତା ଛଇଳୀକି । ବୋଇଲୁ ଅଳି କି ଚୁମ୍ବେ କମଳକଳିକି । ୧୬ ।
ଆଶ ରଖି ମାଳୀ ତୋଳି ନ ନିଏ କଳିକା ।
ବିକଶିଲେ ତୋଳିବାକୁ ଆନ କେ ଭଳିକା । ଦୂତି ଗୋ,
କହ ଅଳେଳୀକି । ବୋଇଲୁ ରୁପିଲୁ ପ୍ରୀତିକନ୍ଦଳୀ ଦଳିକି । ୧୭ ।
ସେ ଭ୍ରଷାକୁ ଆଶା କରି ସାରୁଅଛୁ ଦିନ ।
ସ୍ମରଶର ପରିଭବେ ଭବେ ହୋଇ ଦୀନ । ଦୂତି ଗୋ,
କହ ସୁବେଣୀକି । କୃପାଳୁ ତ ପାଳୁ ନାହିଁ କହିଲୁ ବାଣୀକି । ୧୮ ।
ନ ଥିଲି ପଥିକ ହୋଇ ବିଦେହ ପଥରେ ।
ଏବେ ତାହା ଚନ୍ଦ୍ରବାରେ ତନୁଯାକ ଥରେ । ଦୂତି ଗୋ;
କହ ସୁଗତିକି । ଶ୍ରୀମୁଖରେ ଆଜ୍ଞା ହୋଉ ଏବେ ମୋ ଗତି କି । ୧୯ ।
ଜନ୍ମାନ୍ତର କଥା ପର ନ ଥିଲା ମନରେ ।
ଯେଉଁ ଦିନୁ ନାମ ପୁଣି ପଡ଼ିଲା କର୍ଣ୍ଣରେ ! ଦୂତି ଗୋ;
କହିବୁଟି ବାରେ । ଜାତିସ୍ମର ସ୍ଫୂର୍ତ୍ତି ଏବେ ହେଲା ଚେତିବାରେ । ୨୦ ।
ଗୋରଚନା ତିଳା କାନ୍ତିସ୍ନେହରେ ଆଦର ।
ପଦ ପଦ୍ମ ବୋଲି ସଦା ଭୂଷଣ ହୃଦର । ଦୂତି ଗୋ,
କହ ସୁହାସୀକି । ତା ନାମ ଗାମ୍ଭୃଜ ସ୍ନେହେ ରସିଛୁ ବଂଶୀକି । ୨୧ ।
ସ୍ୱପ୍ନେ ଭେଟ ହେଲା ଦିନୁ ସେ ଦମ୍ଭୃଦଗକୁ ।
ମୂରୁଛୁ ନୋହୁଛୁ ଦିନସରି ପସରକୁ । ଦୂତି ଗୋ,
କହିବୁ ଗମାକୁ । ଏ ମନେ କି ସଜନମାନେ ଗଣିମ୍ବି ରମାକୁ । ୨୨ ।

---

୧୬—୩ ସେଧିଲି ଚ, ଠ, ୧୮—୧ ରଖିଛ ଜୀବନ-କ, ଚ, ଠ; ୧୮-୨ ସ୍ମରଣର ଛ, ଝ, ଛଡ଼ା ସମସ୍ତ ପୋଥିରେ; ୨୧-୧ ପଦ ପଦ୍ମ-ଚ; ଠ; ୨୧-୧,୨ "ଆଦରେ, ହୃଦରେ", ଘ, ଚ; ଠ, ୨୨-୩ ଏମାନେ କି ସଜନମାନେ ଗଣିବେ ରମାକୁ—କ, ଖ, ଚ, ଠ,

କାହିଁ କି ତପସ୍ୟା ଥିଲି କେଉଁ ଜନ୍ମାନ୍ତରେ ।
ନାଗରେନ୍ଦ୍ର କଲି ମାଳା ଦେଇ ଶ୍ରୀହସ୍ତରେ । ଦୂତି ଗୋ,
କହିବୁ ରାଧାରେ । ସେ କାଳରେ ପ୍ରେମାମୃତ ବୁହାଇଲି ଧାରେ । ୨୩ ।

ଆଶାପୋତ ମେଲିଥିଲି ପ୍ରଣୟସାଗରେ ।
ଦୁର୍ଯୋଗବାତ ଯୋଗରେ ଭଙ୍ଗିଲା ବେଗରେ । ଦୂତ ଗୋ;
କହିବୁ ବାଳାକୁ । କୃପା ଥିଲେ ତାରୁ ଦେଇ ରମ୍ଭୋରୁ ଭେଳାକୁ । ୨୪ ।

ବର୍ଯ୍ୟା ମର୍ଯ୍ୟାଦା କି ମାଳା ଦେଇ ନାଶିବାର ।
ହେଳା କଲେ ବାଳା, ହେବ କାଣୀ ଝାସିବାର । ଦୂତ ଗୋ;
କହ ପ୍ରବୀଣାକୁ । ପୀରତ କୀରତ ଯାଉଅଛନ୍ତି ଊଣାକୁ । ୨୫ ।

ଯୋଗଭଙ୍ଗୀ ଭଙ୍ଗିକି ମୁଁ କରିଛି ଜୀବକା ।
କୃପା ବିଲୋକନ ଧନେ ହୋଇଅଛି ବକା । ଦୂତ ଗୋ;
କହ ସୁମତିକି । ସେ କି ନ ଜାଣଇ କହ ଦେବ କି ମତିକି । ୨୬ ।

ଏବେ ଅନାଦର କର ଦେଉଛି ଭସାଇ ।
ସୁନ୍ଦର ବଶିବଟିକି ମଦନେ ଭୂଷାଇ । ଦୂତି ଗୋ,
କହ ପରାଣକୁ । କାହା ଦାସ କୁହାଇବ କାମ ଭରାଣକୁ । ୨୭ ।

ପ୍ରୟୋଜନହୀନ ଲୋକ ଏ ଲୋକଭିତରେ ।
କେଉଁ ଲୋକ ନ ପାନନ୍ତି ଅଧରାମୃତରେ । ଦୂତ ଗୋ,
କହିବୁ ରସାଇ । ପଶୁରୁ ଆହୁରି ରସିକିମାଙ୍କି ବସାଇ । ୨୮ ।

ଏ କାଳ କାଳ ତ; ପୁଣି ମଦନ ସଞ୍ଚାଳ,
କେହି କହୁ ନାହାଁ ତାକୁ ଏଥି କିପାଁ ଜାଳ । ଦୂତ ଗୋ;
କହ ସୁକେଶୀକି । ଫଳ ବେଳେ ଦହ ନିକ ପ୍ରଣୟକୃଷିକି । ୨୯ ।

ରହୁ ନାହିଁ କହୁଅଛି ବୁଝାଇ ପ୍ରାଣକୁ ।
ଦେଖାଇ ପାରିଲି ନାହିଁ ସେବକପଣକୁ । ଦୂତ ଗୋ,
କହିବୁ ବାଳୀକି । ଏତେବେଳେ ଦେଉ ମୋତେ ଶ୍ରୀପଦଧୂଳିକି । ୩୦ ।

ତୋ ଆସିବା ଯାଏ ଥାଉ ଥିବ କି ପରାଣ ।
ମିଛ କର ନ ଘେନିବୁ ପକାଉଛି ରାଣ । ଦୂତ ଗୋ,
କହ ସୁମନାରେ । ମୋ ବାଧ ବାଧିବ ବୋଲି ଅଛି ଭାବନାରେ । ୩୧ ।

---

୨୩-୨ ନାଗରେନ୍ଦ୍ର କଲି ମାଳା ଦେଇଛି ହୃଦରେ ଝ, ଠ; ୨୪-୧ କି ବାଳା ଦେଇ- ଙ, ଖ, ଝ, ଠ; ୨-୩ କି ମତିକି-କ; ଖ, ଝ, ଠ; ମୁଁ ମତିକି-ଗ; ଘ; ୨୯-୨ ଜଞ୍ଜାଳ-ଝ, ଠ; ୨୯-୩ କହ ସୁବାସୀକି କ, ଖ, ଝ, ଠ.

ଦୂତୀ ବୋଲେ ଏ କି ରୀତି ଧୀର-ମହୀଧର ।
ଆଜ ଭେଟାଇବି ରାଧା ଧଇର୍ଯ୍ୟକୁ ଧର । ଦୂତି ଗୋ,
ସୁଘୋଷ ବିସ୍ତାର । ହରି ଉଚ୍ଚାରିଲେ, ହରି ଭେଟାଇ ନିସ୍ତାର । ୩୨ ।
ଧୀରେନ୍ଦ୍ରଙ୍କୁ ଗିରେ ବୋଧି ସଞ୍ଚରି ସଞ୍ଚାରୀ ।
ରାଧାଙ୍କୁ କହିଲା ସବୁ ପ୍ରସଙ୍ଗ ବିସ୍ତୃରି । ଦୂତି ଗୋ
କି କହୁ କହନ । କହୁଁ କହୁଁ ଧମ୍ମାହୂତେ ଜଳିଲା ବହନ । ୩୩ ।
ବିସ୍ମରଣପାଠସ୍ଫୂର୍ତ୍ତି ବଧିରେ ରାଧିକା ।
ମନେ ହେଲାକ୍ଷଣି ହେଲେ ପ୍ରୀତିଆରାଧିକା । ଦୂତି ଗୋ,
ବୋଇଲେ ସୁଗତି । ମୋହ ଗୁରସାଇଁ ବନ୍ଧୁ ପାଇଲେ ଦୁର୍ଗତି । ୩୪ ।
କହୁଁ କହୁଁ ଗୃହୁଁ ଗୃହୁଁ ମୁହୁର୍ମୁହୁ ଦଶା ।
ଧୈର କରି ବଢ଼ାଇଲେ କଶୋରୀ ଦୁର୍ଦ୍ଦଶା । ଦୂତି ଗୋ,
ମାଗୁଛି ଏତିକି । ଅଭିମନ୍ୟୁ ବୋଲେ କରି ମିଳନରୀତିକି । ୩୫ ।

---

## ପଞ୍ଚସ୍ତରୀ ଛାନ୍ଦ ।

---

## ଶ୍ରୀ କିଶୋରୀ ଜିଉ ଦୂତୀପ୍ରତି କଥନ ।

---

ଧୀରେ ରାଧା କରି ଧ୍ୱନି କହୁଛନ୍ତି ଦୂତିକି ।
ଜୀବନ ନେବାକୁ ଲଗାଇଛୁ ପାପ-ପ୍ରୀତିକି । ୧ ।
ଦୂତି ଗୋ, ପ୍ରାଣବନ୍ଧୁଙ୍କୁ କହ ଯାଇ ଏତିକି ।
ଧାୟା କରୁଛନ୍ତି ପର ନାରୀମର ରୀତିକି । ୧ ।
ଯାହା ସେ ବୋଇଲେ ତାହା ସତ ବୋଲି ହେବ କି ?
ଜାଣିଥିଲେ ପୁଣି ବିନାଶନ୍ତେ କେହି ସେବକି ?
ଦୂତି ଗୋ, ଦୟାନିଧିଙ୍କି ପରୃର ଏ ବିଧି କି ?
ଅବଧିକି କଲେ ଅରଜିବେ କଉଁ ନିଧି କି ? । ୨ ।

---

୩୩ — ୧ ଧୀରେ ଧୀରେନ୍ଦ୍ରଙ୍କୁ ଗିରେ ବୋଧିଣ ସଞ୍ଚାରି ଠ, ତରେ ବୋଧିଣ-ଝ, ୩୩—୩ କି କହି କହି ନ କ, ଖ, ଝ, ଠ, ୩୪—୨ ମନ ହେଲା କ୍ଷୀଣ—ଝ, କ୍ଷଣି ଠ, ୩୫—୨ ଧୈନ କରି କ, ଖ, ଚ, ଜ, ଠ;

( ୧ ) ରାଗ ଲଳିତକାମୋଦୀ-ଝ, ଠ; ୨—୧ ଯାହା ସେ କହିଲେ-ଝ, ଛଡ଼ା ସବୁ ପୋଥିରେ ୨ — ୩ ପରି ଏ ଅବଧିକ କ, ଖ, ଝ, ଠ; ୨ _ ୪ କେଉଁ ସିଦ୍ଧିକି-କ, ଖ, ଝ, ଠ; ସେବି ପ୍ରାଣ ଝ, ଠ,

ଶ୍ରୀଚରଣେ ଦେହ ପ୍ରାଣ ବିକିଅଛି ମୁହିଁ ତ ।
ତାଙ୍କ ଅନୁଗ୍ରହ ବିନା ମୋ କପାଳ ଲିହିତ ।
  ଦୂତି ଗୋ, ଧନକୁ କହ ଆନଗତି ନାହିଁ ତ ।
ଉଦ୍ୟତରେ ବିସ୍ମରନ୍ତୁ ଯେ ତାହାଙ୍କୁ ବିହିତ । ୩ ।
ଚନ୍ଦ୍ର ବିନା ଚକୋରକୁ ଆନ ଗତି ନାହିଁ କି
ଜଳ ବିନା ମୀନ ଜନ ନେବ ପୁଣି କାହିଁ କି ?
  ଦୂତି ଗୋ, କହିବୁ ଯାଇ ସେ ନାଗରମଣିକି ।
ଦାସୀକି ପକାଇ ଦେଲେ କାମସିନ୍ଧୁପାଣିକି । ୪ ।
ନିରବଧି ହୃଦୟକୁ କାମଦେବ ଦହିବ ।
ଅବଳାମାନଙ୍କ ଏତେ ଦାଉ କେହି ସହିବ ।
  ଦୂତି ଗୋ, ଶ୍ୟାମବନ୍ଧୁଙ୍କୁ ଏତେମାନ କହିବ ।
ପୋଷିଲା ଦାସୀ ନାଶିଲେ କେଉଁ ଯଶ ରହିବ । ୫ ।
ବିଦେହ-ପଥ ସଙ୍ଗାଳି ପ୍ରାଣଧନ ହୋଇବ ।
ତାହାକୁ କି ହେବ କହ ସବୁ କଳି ଦଇବ ।
  ଦୂତି ଗୋ, କହିବୁ ଦାସୀ ଗୁଣକୁ ନ ଗାଇବ ।
ନିଲକ୍ଷଣୀ ପାଇଁ କିପାଁ ସ୍ନେହେ ଦୁଖ ପାଇବ । ୬ ।
ସ୍ନେହ ପରାଧୀନେ ଗୁଣଗ୍ରାହୀ ତାପ ବଢିବ ।
ତା ଭାବ ଜୀବନ ଗଲେ ଦୁଖପଙ୍କେ ସଢ଼ିବ ।
  ଦୂତି ଗୋ, କୃଷ୍ଣର ପ୍ରେମଲୋଭସ୍ଥିତ ଭାଙ୍ଗିବ ।
ନୋହିଲେ ମୋହର ପରା ପ୍ରେମଭୂତ ଲାଗିବ । ୭ ।
ତାଙ୍କ ଶ୍ରୀଗ୍ରମୁରୁ ମୋହପାଇଁ ବିଦା ମାଗିବ ।
ପଦଧୂଳି ଦଉ କଲେ ସବୁ ପୁଣ୍ୟ ଜାଗିବ ।
  ଦୂତି ଗୋ, ପ୍ରାଣନାଥରେ ଥରେ ଏହା ଭାଷିବ ।
ଅଭାଗିନୀ କି ତାରିଲେ ଯଶ ବିନା ଦିଶିବ । ୮ ।
କହୁଥିଲୁ କହୁଥିଲେ ପରା ଏହା ନାଗର ।
ବିରହକୁ ତୁଳ ନୋହେ ଘାତ କୋଟି ନାଗର ।

---

୩—୨ ମୋ କରମ ଲିହିତ-କ, ଖ, ଝ, ଠ, ୩—୩ ବନ୍ଧୁଙ୍କୁ-ଵ, ଗ, ଝ, ଠ; ୫—୨ ମାତ୍ରକେ ଚ, ଝ, ଠ; ୫—୩ ପ୍ରାଣନାଥରେ-କ, ଖ, ଝ, ଠ; ୫—୪ ରାଧାକୃଷ୍ଣ ଆଦ୍ୟ ଦେହ ବସ୍ତ୍ର ଲୋପ ପାଇଚ କ;ଖ,ଝ, ଠ, ୬—୩ ଦାସୀ ଗୁଣକୁ ଲଗାଇବ-କ, ଖ, ଚ, ଜ; ପଣକୁ ଲଗାଇବ-ଜ, ଖ, ଗଣକୁ ଲଗାଇବ-ଘ, ଗୁଣକୁଳ ଗାଇବ-ଝ, ଠ, ୬—୪ ବେତେଦୁଖ-ଜ, ଝ; ଦୁଖ ସହିବ-କ, ଖ, ଚ, ଝ, ଠ; ୭—୨ ପାପ ପଙ୍କେ-ଝ, ଠ, ୭—୪ କାମଭୂତ-ଗ, ଛ; ୮—୨ ଜାଣିବ-ଚ, ଝ, ଠ, ୯ ୨ ବିରହ ଅତୁଳ ଘାତ କୋଟିଗୁଣେ ନାଗର-ଝ, ଠ,

ଦୂତ ଗୋ, ବନ୍ଧୁଙ୍କୁ କହ ଏ କି ଶଠ ଉତ୍ତର ।
ସତ ହୋଇଥିଲେ ମୋତେ କରନ୍ତେ କି ଅନ୍ତର । ୯ ।
କୁମୁଦନୀ ବିନା ବାଧା କି ହୁଅଇ ବିଧୁର ।
ସେ ପୁଣି ନୁହଇ ନିକି ତାଙ୍କ ବିନା ବିଧୁର ।
ଦୂତ ଗୋ, ବନ୍ଧୁଙ୍କୁ କହ ଦେଖ ପ୍ରୀତି ଶଶିର ।
କାଳୀ ହେଲେହେଁ ଆଦର ନ ତେଜଇ ନିଶୀର । ୧୦ ।
ଦେଖୁଛନ୍ତି ଭୃଙ୍ଗ ସଙ୍ଗରଙ୍ଗ ତାମରସର ।
ଅନୁଗତ ଧେନ୍ନି ମିଶ ମୁଦେ ପ୍ରତିବାସର ।
ଦୂତ ଗୋ, କହ ବନ୍ଧୁଙ୍କୁ ରୀତି ଦିଗବାସର ।
ଭଜିଲାକୁ ଅଙ୍ଗୀକାରୀ ହେଲେ ଆଶୀବିଷର । ୧୧ ।
କମଳିନୀରେ ବିଳାସ ସର୍ବଦା ଷଟ୍‌ପଦର ।
ତାସଙ୍ଗସଙ୍ଗରଙ୍ଗ କି ନ କରଇ ଆଦର ।
ଦୂତ ଗୋ, କହ ବନ୍ଧୁଙ୍କୁ ଏହି ରୀତି ବିଶ୍ୱର ।
ରସିକସଂସାରେ ସିନା ଯଶ ହେବ ପ୍ରଚୁର । ୧୨ ।
ଦାସୀ ଦୋଷୀ ହେଲେ ତେଜିବାର ନୋହେ ସୁନ୍ଦର ।
ଅହଲ୍ୟା ସଙ୍ଗ ଲଭିଲେ ପରା କାନ୍ତ ସାଦର ।
ଦୂତ ଗୋ, ବନ୍ଧୁଙ୍କୁ କହ ଦୋଷ ଥିଲେ ନ ଧର ।
ଶ୍ରୀଚରଣ ଭେଳା ଦେଇ ଘୃଷ୍ଟଅଛୁ ଉଦ୍ଧର । ୧୩ ।
ସେ ଛାଡିଲେ ମୁଁ ଛାଡ଼ି ତ ନ ପାରିବି ଧନକୁ ।
ସ୍ତନତକୁ ଡ଼ର ସ୍ତୋକ ଛାଡ଼ଇ କି ଘନକୁ ।
ଦୂତ ଗୋ, କହ ବନ୍ଧୁଙ୍କୁ ଚଖି ସୁଧାରସକୁ ।
ଶିରଚ୍ଛେଦ ହେଲା ରାହୁ ନ ଛାଡ଼ିଲା ଆଶକୁ । ୧୪ ।
ଶତେ ଜନ୍ମ ପର୍ଯ୍ୟନ୍ତେ ଦୃଢ଼ବ୍ରତ ହୋଇଲା ।
ଆଶ କର ନାଶ ହେବ ବୋଲି ରାଧା ବୋଇଲା ।
ଦୂତ ଗୋ, କହ ବନ୍ଧୁଙ୍କୁ ଭ୍ରମେ ମୃଗ ଧାଇଁଲା ।
ଆଶ କର ନାଶ ହେଲା ଚନ୍ଦ୍ର କି ନ ପାଇଲା । ୧୫ ।
ଚତଙ୍ଗଧାନ୍ଧାକୁ ଶିକ୍ଷା ମନ ଏବେ କଲିନ ।
ଦହିଲେହେଁ ପ୍ରୀତି ତହିଁ ଦେହ ଦେବା ହେଲିନ ।
ଦୂତ ଗୋ, କହ ବନ୍ଧୁଙ୍କୁ ଆନ ଲୋଭ ମଲିନ ।
ଲୋଭୀ ମନ ଶୀଘ୍ରମୁକୁ ଦେହ ଛାଡି ଗଲିନ । ୧୬ ।

---

୧୬—୩ ଆଶା ଲୋଭ-ଟି, ଠ; ୧୬—୪ ଲୋଭମନ-ଟି, ଠ; ଶାପଦକ-ଜ, ଟି, ଠ;

ପ୍ରାଣହିଁ ସେହି ଧାର୍ଷ୍ୟାକୁ ଶିକ୍ଷା ଏବେ କରୁଛି ।
ଆନ ଅଭିଳାଷମାନ ଗୁଡ଼ି ଦୃଢ଼େ ଧରୁଛି ।
ଦୂତି ଗୋ, କହ ବନ୍ଧୁଙ୍କୁ ସବୁ ପାଞ୍ଚ ସରୁଛି ।
ଯାହା ଇଚ୍ଛା ତାହା କର ମାଳାଦେଇ ବରୁଛି । ୧୭ ।
କାନ୍ତସ୍ନେହେ ମୃଗମଦ କଜ୍ଜଳକୁ ରସିଛି ।
କଳଙ୍କିନୀ-ଅପବାଦ-ବଣିଜରେ ପଶିଛି ।
ଦୂତି ଗୋ, କହ ବନ୍ଧୁଙ୍କୁ କୁଳମୂଳ ନାଶିଛି ।
ପ୍ରାଣ ପ୍ରାୟଶ୍ଚିତ୍ତ ଏବେ କରିବାକୁ ବସିଛି । ୧୮ ।
ଦୁର୍ଜନ କୁବଚନଶରକୁ ଶିର ଆଡ଼ୁଛି ।
କାନ୍ତ ଅନ୍ତକ ଉଭୟ ଭୟକୁହିଁ ଏଡ଼ୁଛି ।
ଦୂତି ଗୋ, କହ ବନ୍ଧୁଙ୍କୁ ଲୋକାପେକ୍ଷା ଛାଡ଼ୁଛି ।
ନଦନ ମୁଁ ଅଭିମାନ-ପକ୍ଷିବେକ ମୋଡ଼ୁଛି । ୧୯ ।
ଜୀବ ଥିଲେ ଭବ ହେବ ବୋଲି ଦୁଃଖ ସହୁଛି ।
ପ୍ରୀତି ଫିଟିଯିବ ବୋଲି ଆକଟରେ ରହୁଛି ।
ଦୂତିଗୋ, କହ ବନ୍ଧୁଙ୍କୁ ମନ୍ଦାକ୍ଷକୁ ଦହୁଛି ।
କୃପାନିଧି ତେଜିବ କି ଏହି ଦମ୍ଭ ବହୁଛି । ୨୦ ।
ଶ୍ରୀଚରଣେ ସେବିବାକୁ ଆଶା ମନେ ଘେନୁଛି ।
କେତେ ଦେବାଦେବୀଙ୍କି ମୁଁ କେତେ ବଳି ମାନୁଛି ।
ଦୂତି ଗୋ, କହ ବନ୍ଧୁଙ୍କୁ ପରାଣକୁ ଛାଦୁଛି ।
ଭଲି ରହ ରହ ଯାଏ ମଦନକୁ ବନ୍ଦୁଛି । ୨୧ ।
ଚିତ୍ତ ଆଉ ନାହିଁ ନାହିଁ ସୃଷ୍ଟିଯାକ ଖୋଜୁଛି ।
ଯାହା ଇଚ୍ଛା ତାହା ହେଉ ଚିନ୍ତାମଣି ଭଜୁଛି ।
ଦୂତି ଗୋ, କହ ବନ୍ଧୁଙ୍କୁ ସବୁ ଦଶା ଘୋଟିଛି ।
କାମଯମ ଜୀବନ ନେବାକୁ ଆସି ହଟିଛି । ୨୨ ।
ହେଳା କଲେ ପ୍ରୀତିଭେଳା ମୋର ବୁଡ଼ିଯାଉଛି ।
ବିଗ୍ରହ କରନ୍ତୁ କେତେ ଅସୁନ୍ଦର ପାଉଛି ।
ଦୂତି ଗୋ, କହ ବନ୍ଧୁଙ୍କୁ ଏ ବିଗ୍ରହ ହେଉଛି ।
ନାଥ ଥାଉଁ ଅନାଥିନୀ ଦଶା ପର ଦେଉଛି । ୨୩ ।

---

୨୦—ମନ୍ଦାକ୍ଷ ମୁଁ କ, ଗ, ଙ, ଠ, ୨୧—୩ ପରାଣକୁ ଚାହୁଛି-ଗ, ଚାହୁଛି-ଚ ବାନ୍ଧୁଛି କ; ଖ; ଘ, ଙ, ଠ, ୨୧—୪ ଭଲି ରହ ରହ ଯାଏ ମଦନକୁ କହୁଛି କ; ଖ; ଙ, ୨୩—୨ ଅସୁନ୍ଦର ହେଉଛି ଙ, ଠ, ୨୩—୪ ଦଶା ପର ଦହୁଛି-ଙ, ଠ,

ବୁଣିଥିଲେ ପ୍ରେମବୀଜ ଅଙ୍କୁର ସେ ହୋଇଛି ।
ଘନରସ ଆଶା କରି ଏତେକାଳ ଜାଇଛି ।
   ଦୂତି ଗୋ, କହ ବନ୍ଧୁଙ୍କୁ କାମ ଜାଳି ଦେଉଛି ।
ତହୁଁ ଯେ ବଳୁଛି ତାହା ମୂଳ ଖୋଳି ନେଉଛି । ୨୪ ।
ପ୍ରୀତିପୁରନ୍ଦରଙ୍କୁ ଏ ନିନ୍ଦା ନିକ ନୋହୁଛି ।
ପଛେ ଦୋଷ ନ ବାଛିବେ ବାର ବାର କହୁଛି ।
   ଦୂତି ଗୋ, କହ ବନ୍ଧୁଙ୍କୁ କେହି ଦେହ ସହୁଛି ।
ଜଗୁରନ୍ତୁ ସବୁ ଆଶ ଏହିଠାରୁ ଭଙ୍ଗୁଛି । ୨୫ ।
ଉଦେ ହେଲା ଘନଶ୍ୟାମ ରସ ବୃଷ୍ଟି ନୋହିଲା ।
ଦୁର୍ଯୋଗ-ବତାସ ପୁଣି କାହୁଁ ଆସି ବହିଲା ।
   ଦୂତି ଗୋ, କହ ବନ୍ଧୁଙ୍କୁ ସବୁ ଆଶା ରହିଲା ।
ପିପାସୀ-ଚାତକୀ-ଚିତ୍ତ ଚିନ୍ତା ଚିତା ଦହିଲା । ୨୬ ।
ଶରତ୍-ଗତ ନୋହିଲେ ଘନରସ ନୋହିବ ।
ଜ୍ୟେଷ୍ଠତାପରେ କି ଆଉ ପ୍ରେମକୃଷି ରହିବ ।
   ଦୂତି ଗୋ, ପ୍ରାଣବନ୍ଧୁଙ୍କୁ ଏହା ଯାଇ ଭାଷିବ ।
ଏଥି ତାଙ୍କ ଦିବ୍ୟ ଅବଧାନକୁ ଯେ ଆସିବ । ୨୭ ।
ଆହୁରି କହିବୁ ଥରେ ମୋ ଦଇନ ଏତିକି ।
ଆଉମାନଙ୍କୁ କରିବେ ନାହିଁ ମୋଠା ଶିତକି ।
   ଦୂତି ଗୋ, କହ ବନ୍ଧୁଙ୍କୁ ଊଣା ହେବ ପ୍ରୀତିକି ।
ଗୁଣବିଚକ୍ଷଣ ନ ଜାଣନ୍ତି କଉଁ ନୀତିକି । ୨୮ ।
କହିବୁ ଆହୁରି ଥରେ ଶ୍ରୀଗୁମୂରେ ନାଥର ।
କି ଉପାୟରେ ଏଥର ହୃଦ କଲେ ପଥର ।
   ଦୂତି ଗୋ, କହ ବନ୍ଧୁଙ୍କୁ ଯାଇ ମୋହୋ ଉତ୍ତର ।
ରାଧା ମାଗିଛନ୍ତି ଦେବ ପ୍ରେମଛଡ଼ା ମନ୍ତର । ୨୯ ।
କହୁଁ କହୁଁ ମୂର୍ଚ୍ଛି ମୂର୍ଚ୍ଛି ଧନୀ ହେଲେ କାତର ।
ହା ମୋହନ କହି ମୋହଗତି ହେଲା ଚତୁର ।
   ଦୂତି ଗୋ, ଏଜାତି ଗୀତ ଯୋଡ଼ୁ ଯୋଡ଼ୁ ପ୍ରୀତିର ।
ଦୀନ ଅଭିମନ୍ୟୁ ଭାବେ ପଦ ରସବତୀର । ୩୦ ।

———

୨୪—୪ ପ୍ରୀତି ମୂଳ ଖୋଳି ନେଉଛି-ଗ, ଚ, ଠ, ଛ ଓ ଠ ର ଅପପାଠ ମାନ ଏହି ସ୍ଥାନରୁ ପରିତ୍ୟକ୍ତ ହେଲା ।

କାମମୋହନ ବୋଇଲା ଶୁକ । ସାରୀ ବୋଇଲା ହେଲା କି ଠେକ ।
ତୁ ପରା ଜାଣୁ ନା ବ୍ରଜାଙ୍ଗନା ବିନା ମଦନେ ମୋହିତ ଅତିରେକ ସେ ।
କୃଷ୍ଣଚନ୍ଦ୍ର । ବ୍ରଜେଶ୍ୱରୀ ସଙ୍ଗ ଘେନ ସାନ୍ଦ୍ର ସେ । ୮ ।

ଶୁକ ବୋଲେ ଭିନ୍ନ ଭଙ୍ଗି କର । ଏହା ବୋଇଲୁ ତୁ ନ ବିଗୃର ।
ବ୍ରଜେଶ୍ୱର ବିନା ବ୍ରଜେଶ୍ୱରୀ ବାନା ସମ୍ଭବ କାହୁଁ କେମନ୍ତ କର ସେ ।
ବିଧୁ ଯେବେ । ତାରାପତିପଣ କି ତେଜିବେ ସେ । ୯ ।

ସାରୀ ବୋଇଲା ବୋଇଲୁ ସତ । ସିଦ୍ଧାନ୍ତ ଆନ୍ତର ଅଛଇ ତ ।
ଶିବଙ୍କୁ ଜୀବନ ଅଧେ ଦେଇ ଶିବା କାନ୍ତ କଲା ପର ବିଗୃର ତ ଏ ।
ଅଛୁ ଜଣା । ଗୋବିନ୍ଦ ଗୋପୀମାନଙ୍କ କିଣା ଏ । ୧୦ ।

ବିଚକ୍ଷ ଏହା ମଣିଲି ମୁହିଁ । ସଂଭ୍ରମେ ତାଙ୍କୁ ପୁଛିଲି ନାହିଁ ।
ପ୍ରଣୟିଲମ୍ପଟୀ ଏମନ୍ତ କପଟୀ ତରକ ମନେ ପାରିଲି ନାହିଁ ଗୋ ।
ବୁଦ୍ଧି ହୁଡ଼ି । ଲଜସରିତରେ ଗଲି ବୁଡ଼ି ଗୋ । ୧୧ ।

ଆଉଦିନେ ଭିନ୍ନେ ଭଙ୍ଗି କଲେ । ନାପିତବେଶରେ ଆସି ହେଲେ ।
ବେଗରେ ଗୋ ଆସ ଦେବି ଲକ୍ଷାରସ ଏମନ୍ତ ଭାଷ ପ୍ରକାଶ କଲେ ଗୋ ।
ସହଚରୀ । କପଟ ପାରିଲି ନାହିଁ ବାରି ଗୋ । ୧୨ ।

ଅତି ପୁରାତନ ଝୀନ ବାସ । ପିନ୍ଧି ସନ୍ନିଧିରେ ପରବେଶ ।
ଅତି ଦୈନ୍ୟ ହୋଇ ପଦ କରେ ଧରି ଘଷାଘଷି ହୋଇ ହସ ହସ ଗୋ ।
ରଞ୍ଜିମାରେ । ଯତ୍ନେ ନଖ ମଞ୍ଜିଦେଲେ ଖରେ ଗୋ ୧୩ ।

ଲେଖୁଁ ଲେଖୁଁ ଚକ୍ଷ ଲକ୍ଷାକମ । ଲେଖିଦେଲେ ତହିଁ ନିଜ ନାମ ।
ଥରକୁ ଥର ଥରିଲା ତାଙ୍କ କର ଦେଖି ସଖୀ ମୁହିଁ କଲି ତମ ଗୋ ।
ଦେଲି କହି । ଜବ ଗର୍ବ ତୋର ଗୁଡ଼ି ନାହିଁ ଗୋ । ୧୪ ।

ଶୁଣି ରହିବାରୁ ଅଧୋମୁଖେ । ଛବି ପ୍ରତିବିମ୍ବିଗଲା ନଖେ ।
ଜାଣି ପାଦ ଟାଣି ଆଣିବା ବେଳକୁ ଗୁଡ଼ି ତ ନ ଦେଲେ ଏକରେଖେ ଗୋ ।
ସଖୀ ହୁଡ଼ି । କି ଲାଜସମୁଦ୍ରେ ଗଲି ବୁଡି ଗୋ । ୧୫ ।

ନଣନ୍ଦ ତୁଣ୍ଡ ସେକ୍ଷଣି ଶୁଣି । ଗୁଡ଼ି ପଳାଇଲେ ପଦ୍ମପାଣି ।
ଲାଜଘନେ ମୁଦ-ଶଶୀ ଲୁଚିଥିଲା ଜାହ୍ନ ପାଇଗଲା ସେହିକ୍ଷଣି ଗୋ
ସଖୀ ଭାବ । ଏତେ କଥାକୁ କେ ପାତ୍ର ହେବ ଗୋ ! ୧୬ ।

---

୮ — ୩ ସଙ୍ଗେ ଗ, ଘ, ଜ, ଟ, ଠ, ୧୧ — ୧ ସମ୍ଭ୍ରମେକ, ଖ, ଗ, ଘ, ଚ, ଜ, ଝ, ଟ, ଠ;
୧୨ — ୨ ଭାବ-କ, ଖ ଗ ଘ ଚ ଜ; ୧୩ — ୬ ଦେଇ କ ଟ ଠ;

ଦିନେ ହୋଇ ସେ ଗନ୍ଧିନୀବେଶ । ପୁଷ୍ପ ଦେନି ପାଶେ ପରବେଶ ।
ନାଗେଶ୍ୱରଗର୍ଭ ବିଲୋକନେ ଲୋଭି ନୋହିବ ସତ କାହା ମାନସ ଗୋ ।
ଯୋଡ଼ି କରି । ବୋଲେ ସଦା ପରଶୁଷି କରି ଗୋ । ୧୭ ।

ବର୍ଣ୍ଣପାଲଟରୁ ନ ଚହ୍ନିଲି । ହେଉ ବୋଲି ସନମତ କଲି ।
ଶାଶୁ ଆସୁଛନ୍ତି ଶୁଣିଲକ୍ଷଣି ସେ ମେଲାଣି ମାଗି ତ ଗଲେ ଚଳି ଗୋ ।
ଦାସୀ ଭଷି । ସେ କପଟିବର ଥିଲେ ଆସି ଗୋ । ୧୮ ।

ଦିନେ ବୃନ୍ଦାବନେ ଥିଲି ମୁହିଁ । ଗାଏଣୀବେଶେ ଭେଟିଲେ ତହିଁ ।
ତୌର୍ଯ୍ୟତ୍ରିକ ରଙ୍ଗ ସଙ୍ଗୀତ ପ୍ରସଙ୍ଗ କରି ଚିତ୍ତ ହରି ନେଲେ ସ୍ନେହ ଗୋ ।
କଣ୍ଠହାର । ଯାଚି ବଳେ ଦେଲି ଉପହାର ଗୋ । ୧୯ ।

ମନ ରସାଇ ମାଗିଲେ ଏତେ । ଗହଣ ଖଟିବି ଅବାରତେ ।
ପାଇ ସ୍ୱୀକାର ଗଲେ ନିଜ ପୁର ନ ଚହ୍ନିଲି ଭ୍ରମେ ଥିଲି ଯେତେ ଗୋ ।
ତାହା ପଛେ । ସଖୀ ଆସି କହିଲେ ମୋତେ ସ୍ୱଚ୍ଛେ ଗୋ । ୨୦ ।

ଦିନେ କାଚସଣୀବେଶ ଧରି । ପ୍ରବେଶ ହୋଇଲେ ମୋର ପୁରୀ ।
କାଚବାଛି ମୂଲ ଅମୂଲ କରନ୍ତେ କେତେ ପରିହାସ ଗଲେ କରି ଗୋ ।
ଦେଲେ କହି । ନିଜ କାନ୍ତ ନାମ ଜାଣ ନାହିଁ ଗୋ । ୨୧ ।

ବିଧୁସେନ ବୋଲି ଦେଲି କହି । ବିଧୁ ସେ ନ ଜାଣ ଗୃହମୁହୀ ।
ବିଧୁର ମଧୁର ହୃତ ବାଣୀ ଶୁଣି ବହୁ ଧନରେ କଣିଲି ତାହା ଗୋ ।
ପ୍ରିୟ ସଖୀ । ଲାଗ ହେଲେ କରେ ହୋଇ ସୁଖୀ ଗୋ । ୨୨ ।

ବୋଇଲେ କଣିଲା ମୂଲ ଦେଲି । ରହିଲା ମୋ ଲାଗି କଲା ମୂଲ ।
ବେଳ ପଡ଼ିଗଲେ ଲକ୍ଷେ ଗୁଣ କରି ଲେଖି ଦେବି ବୋଲି ଥରେ ବୋଲ ଗୋ ।
ରାଜସୁତା । ତନୁଦାନରେ କି କୃପଣତା ଗୋ । ୨୩ ।

ନସ୍ୟନବକାରୁ ଜାଣି ପାରି । ବେଗେ ଅଇଲି ମୁଁ ଅପସରି ।
କେତେ ହରବର ହେଲି ହରି ବରି ପାଇଥିଲି କାହିଁ ତପ କରି ଗୋ ।
ଯିବି କେଣେ । ତାଙ୍କ ଲଟ ନ ଲାଗିବ ଯେତେଣେ ଗୋ । ୨୪ ।

ରଜକିନୀବେଶ ଦିନେ ହେଲେ । ମୋ ପିନ୍ଧା ବସନ ମାଗିନେଲେ ।
ନ ପାଇ ଅସର ନିଜ ରଜକୀର କରେ କାଚ ଦେଇ ପଠାଇଲେ ସେ ।
ଭୁଲିଗଲା । ତାଙ୍କ ବାସ ଆଣି ମୋତେ ଦେଲା ସେ । ୨୫ ।

ବାଞ୍ଛିତ ପଦାର୍ଥ ପାଇ ମୁହିଁ । ଆନନ୍ଦର ସୀମା ଆଉ ନାହିଁ ।
ପଟ ପରି ହୃଦ-ତଟରେ ପକାଇ ନିଶି ବଞ୍ଚିଲି ଆନନ୍ଦ ବହି ଗୋ ।
ସୁବୟସୀ । ରଜକୀ ମାଗିଲା ପ୍ରାତେ ଆସି ଗୋ । ୨୬ ।

କଣ୍ଠହାର ଉପହାର ଦେଲି । ସେ ଧନକୁ ବୋଧି ରଖାଇଲି ।
ମାଗିଲା ସେ ପୁଣି ଦେଲି ନାସାମଣି ଦେଉଁ ଦେଉଁ ଭୂଷାହୀନ ହେଲି ଗୋ ।
ଶାଶୁ ଡ଼ରେ । ଚୋର ଗୋଳ କଲି ଅଧାହାରେ ଗୋ । ୨୭ ।

ଧନେ ପାଟବଣୀବେଶ ହେଲେ । ପାଟଫୁଲ ଯେନ ବଜେ କଲେ ।
ଜାଣି ମୁଁ ମାଗିଲି ବେଣୀ ସାଜିବାକୁ ବିଶାଖୀକି ଦିଅ କେତେ ମୂଲେ ଗୋ ।
ହସି କହି । ଭେଟି କୋଟି ଗୁଣେ ନେବ ମୁହିଁ ଗୋ । ୨୮ ।

ଯୋଖାଇ ବେଣୀକି ସାଜି ଦେବ । ମନକୁ ରୁଚିଲେ ମୂଲ ନେବ ।
ଏତେ ଭାଷି ବସି ସଜ କଲେ ପୁଣି ଦରପଣେ ଦେଖି ଗଲି ଦ୍ରବ ଗୋ ।
ଦେଲି ଧନ । ନ ନେଇ ବୋଇଲେ କି ବଚନ ଗୋ । ୨୯ ।

ତୁମ୍ଭେ ମୋର ଧନ ସଦା ଥିବ । ଏ ଧନ କାଳକୁ ନ ରହିବ ।
ତୁମ୍ଭେ ପାଟରାଣୀ ନାମାଭାସେ ପୁଣି ତୁମ୍ଭର ମୋହୋର ମିତ ହେବ ଗୋ ।
ହେଉ ବୋଲି । ସନମାନ କରି କୋଳ ଦେଲି ଗୋ । ୩୦ ।

ସେହି ଅବକାଶେ ଭିଡ଼ି ଗାଢ଼େ । ଶ୍ରୀମୁଖରେ ଚୁମ୍ବ ଦେଲେ ଦୃଢ଼େ ।
ଜାଣି ସେହିକ୍ଷଣି କି ଲାଜରେ ପୁଣି ବୁଡ଼ି ଯାଇ ବେଗେ ହେଲି ଆଡ଼େ ଗୋ ।
ସେହି ଦିନୁ । ସବୁ ଶରଧା ଛାଡ଼ିଲି ମନୁ ଗୋ । ୩୧ ।

ଜଗିଲେ ନବ ଯମୁନା-ବାଟ । ପାଣି ଆଣିମାକୁ ଲାଗେ ଧାଟ ।
ଶୁଣିଲି ଏ କଥା ଛାଡ଼ିଲି ସେ ପନ୍ଥା ବନ-ବାଟ ଜଗି ହେଲେ ଖଣ୍ଟ ଗୋ ।
ବିଟ-ଘଟ । ଜାଣନ୍ତି ସେ କେତେ ହାଟ ନାଟ ଗୋ । ୩୨ ।

ସୂର୍ଯ୍ୟ ପୂଜା କରି ଗଲେ ମୁହିଁ । ଦ୍ୱିଜ ପୂଜକ ହୁଅନ୍ତି ତହିଁ ।
କେତେବେଳେ କେଉଁ ବେଶରେ ଛଳିବେ ସେ କପଟ ଜାଣି ହେବ କେହି ଗୋ
ଭୂତବାଇ । ଶୁଣି ଅଇଲେ ବାଉଳ ହୋଇ ଗୋ । ୩୩ ।

ସଜାଡ଼ି ଝାଡ଼ନ୍ତି ତନୁ ମୋର । ଝାଡ଼ୁ ଝାଡ଼ୁ ପଢ଼ି ଏ ମନ୍ତ୍ରର ।
ବୃଷଭାନୁସୁତା କାମକଳ୍ପଲତା ନନ୍ଦପୁଅକୁ କିଙ୍କର କର ଗୋ ।
ଶୁଣି ଏହା । ଯାହା ହେଲି କି କହିବି ତାହା ଗୋ । ୩୪ ।

ନଣନ୍ଦେ ମୋ ପାଖେ ଥିଲେ ଶୋଇ । ସେ ଘରେ ପଶିଲା ଚୋର ଯାଇଁ ।
ଅନ୍ଧାରେ କି କରି ସେ ଜାଣି ନ ପାରି ପକାଇଲା ସ୍ତନେ କର ନେଇ ଗୋ ।
କଲେ ହୁରି । ଯେନୁଅଛୁ ହୋଇଥିବେ ହରି ଗୋ । ୩୫ ।

---

୩୪—୧ ଝାଡ଼ନ୍ତେ କ, ଙ, ଠ; ୩୫—୧ ନନନ୍ଦେ-ଝ; ୩୫—୧ ସେ ଘରେ ପଶିଲେ ଚୋର ହୋଇ-ଗ, ଘ, ଙ, ଠ;

ମେଷବୃଷ ପରତାପକୁ ଅବଳା ସହି ରହିବ କି କିର ।
ମିଥୁନ ଘନରସ ବିନା କି ତଥି କକଡ଼ା ପାରିବ ତର ହେ । ଶୂର ।
ସିଂହଘାତ ତୁମ୍ଭେ ସହି ପାର ହେ । ଆନେ ନୁହଇ ସେ ସହିବାର ହେ । ୧୩ ।

କନ୍ୟା ତୁଳାରାଶି ପରାଏ ଉଡ଼ିଲା ଲୋକେ ତୁମ୍ଭ ଅପବାଦେ ।
ଅଳିଭାବ ନାନା ସୁମନରେ ସିନା ତୁମ୍ଭେ କର ଅନୁମୁଦେ ଏ । ସତ ।
ଗୃପେ ବଳୀ ଭଳି ବାମନତ ଏ । ମକରର ଘାତ ଅପ୍ରମିତ ଏ । ୧୪ ।

ଘଟ ବିଘଟନା ହେଲେ ପେଷା ମୀନ ମନ ଶୁଭ ହେବ କାହିଁ ।
ହର ଗ୍ରହ ଅଛୁ ପଦ୍ମିନୀଙ୍କ ପ୍ରେମଚନ୍ଦ୍ର ଦେଉଅଛୁ ଦହି ହେ । ଖେଚରେ ।
ଗୁରୁ ଶୁଭଦାମୀ ହୁଅ ଅଟରେ ହେ । କବି ବାକ୍ୟେ ତା ଦଶା ନ ସରେ ହେ ।୧୫।

ବୁଧକେଶରୀଙ୍କି ବୋଧ କେ କରିବ ମଙ୍ଗଳ ଖ୍ୟାତ ପାଇଁକି ।
ଶଉରୀ ବିପକ୍ଷ ହେଲେ କାମ ତମ ଛେଦନ ହେବ ନାହିଁ କି ହେ । ଭାବ ।
କେତୁ ବୋଇଲେ ସବୁ ସରିବ ହେ । ଗତି ଆନ କେବା ଦେବ ଦେବ ହେ ॥

ନକ୍ଷତ୍ରମାଳାରେ ବରଣକରଣ ନକ୍ଷତ୍ରନାମା ସାରିଛୁ ।
ଧନମାନ ବାର ଭୋଗ ହୋଇବାର ତୃଷା କାହାକୁ ହେଉଛୁ ହେ । ଦେଖ ।
ବଧୂଠାରେ ଲଗ୍ନ ମଗ୍ନ ମନ ହେ । ଗୁଣ ଗଣେ ଗଣକ ସମାନ ହେ । ୧୬ ।

ଭିନ୍ନ ତୁମ୍ଭର ମୃତ୍ୟୁ ନଷ୍ଟେ କରିବ ଦେହ ତ ରହିବ ନାହିଁ ।
ଯାମ ତ ବଢ଼ିବ କାମିନୀ ରତରେ ହେବ କ୍ଷୟକାଳ ଏହି । ତା ଶୁଣି ।
ଦେଖ ଅପୂର୍ବ ସେ ହରି ଭଣି ତା । ଦୂତୀ ମୁଦ ହେଲା ସେହିକ୍ଷଣି ତା ୧୮ ।

ସେ ସୁରସଦାମୀ ନ ତାରିଲେ ହାନି ଅଦେହ ରଖିବ ନାହିଁ ।
ସ୍ନେହାମୃତନିଧି ସୁଖ ପର ନିଧି ଅବଗୁଣ ନାହିଁ ତହିଁ । ଏ ଘଟେ ।
ଦୂତୀ କୃଷ୍ଣଙ୍କୁ କହେ ରହସେ ଏ । ଜଣି ଅଧରେ ରସ ସୁରସେ ଏ ୧୯ ।

ଧାଇଁବାର ଶମ ହରଣୀ ଫେରାଇ ହର ବାଣୀ ଆଣି ଦେବ ।
ବିଦା ହୋଇ ଦୂତୀ କହେ ଶ୍ରୀମତୀଙ୍କ ଗୋବିନ୍ଦ ବିନୟ ଭାବ ଗୋ । ଧନୀ ।
ମାରି କରିଅଛି ଅତି ଗ୍ଳାନ ଗୋ । ଅଭିମନ୍ୟୁ ଭାବ ମନେ ଦେଖ ଗୋ । ୨୦ ।

---

୧୩—୨ କଣ୍ଠିତ କକଡ଼ା-କ, ଖ, ଗ. ଘ, ଚ, ଜ, ଟ, ଠ; ।୧୮—୧ ଭିନ୍ନତ ବଢ଼ିବ-କ ଖ; ଉନ୍ମାଦ ବଢ଼ିବ-ଟ ଠ; କ୍ଷୟକାଳ-ଟ ଠ; ୧୯—୨ ସୁଖ ପରସିଦ୍ଧି-ଖ ଘ ଚ ଟ ଠ; ୧୯—୩ କହେ ହରଷେ-'ଛ' ଝ ଛଡ଼ା ସବୁଥିରେ ୨୦-ଏପଦ ଗ; ଜ ରେ ନାହିଁ କେବଳ ୧ମ ପାଦ ଘ, ଚ, ଛ, ଝ, ରେ ଅଛି ।

## ଅଠସ୍ତରୀ ଛାନ୍ଦ ।

---

### ଶ୍ରୀକୃଷ୍ଣ ଉତ୍କଣ୍ଠାଭିସାର ପଞ୍ଚକ ନାମ୍ନମ ।

---

ରାଗ ବଭସକୋଦର ।

ଧୀରେ ଧୀରେ ଯେନ ନବଘନ-ଶ୍ୟାମ ।
କାମ କାମନାକୁ ବଢ଼ାଇଲା ପ୍ରେମ ।
ବରବରନା ସଙ୍କେତ ମନୋରମ ।
ଭବଭବନାରେ ତ୍ରୁଟି ଯୁଗ ସମ । ୧ ।
ଆସ ଆସନ୍ତେ ଗ୍ରାସ ବଷ ମଣି ।
ଶିବ ଶିବ କର ଜାଢ ହେଲା ବାଣୀ ।
ସେ ଯେ ଶେଯେ ଶୋଇ ଉଠି ବସି ପୁଣି ।
ମାର ମାର ନା ବୋଲନ୍ତ ତେଜ ଆଣି ।
ବନ୍ଧୁ ବଧୂଲଅଧର ମଧୁ ବନା ।
ଜୀବ ଜୀବଧବ ପୁର ଯା ନା ଯା ନା ।
ଆଜ ଆଜନମସୁଖୀ ଭବ-ଚେତନା ।
ରହ ରହ ପାଇବୁ ଅବଶ୍ୟ ସିନା । ୩ ।
ସରୁ ସରୂପାର କୃପାମୃତ ଦାନେ ।
ଦର ଦରଶନ ନ ପାଇବୁ ଧନେ ।
ରସି ରସିକମାସାର ନିଧୁବନେ ।
ଲେଖଲେଖ ହେବୁ ନ ମଜ୍ଜିବୁ ଧାନେ । ୪ ।
ମୋକ୍ଷ ମୋକ୍ଷ ବାସ ସଙ୍ଗତରେ ଥିବ ।
ଶିର ଶିର ସେ କାଳରେ ଜୁର ହେବ ।
କିଣି କଣି କଙ୍କିଣୀରେ ଯେବେ ନେବ ।
ଆନ ଆନନ୍ଦ କି ତହିଁ ଲକ୍ଷ ହେବ ? । ୫ ।
ଶୁଣି ମଧୁ ବୋଲେ ଏ କି ଭବ ଭବ ।
ମିଛ କଥାରେ କାହିଁକି ଜୀବ ଯିବ ।
ଆଉ ନାଗର ନ ଥିଲେ ଦେବଦେବ ।
କେହ୍ନ ଜାଣି ନ ଥିଲେ ବିଭାବ ଭାବ । ୬ ।

---

* — ୧ ପାଠେ-କ, ଖ, ଚ;

ଘଷିବାଉଁ ବାରଣ ନ କଲ ମିତ ।
ଘଷିବାର ବାରଇ ଗରଳ ଦଉ ।
ରାଧା ଘଷ ଜୀବ ଯିବ ମୋର ସତ ।
ଥିବ କଣ୍ଠେ ଚନ୍ଦେ ମାଗୁଛୁ ମୁଁ ତ । ୧୨ ।

ହର ଘଷରେ ସରେ ମଧୁର ଜ୍ଞାନ ।
କୋଳ କରେ କରେ ନେଇ ଅନ ଅନ ।
ବୋଲେ ହା ଘଷର ବରଧନ ଧନ ।
ଢବ ଘଷତ ସତ ଦହିଲା ମନ । ୧୩ ।

ତବ ଶ୍ରୀପଦ ଶ୍ରୀପଦ ସବୁ ମୋର ।
ହୁଛ ମୁକତ କତରେ ଥିଲେ ଧୀର ।
କୋଟି-ସଂସାର-ସାର ସମ୍ପତ୍ତିବାର ।
ସାର ଭର୍ଗିର ଗିରକୁ ସିନା ଗ୍ଭର । ୧୪ ।

ମିତ ଘଷିତ ଶୀତକରଣ ହେଲା ।
ହୃଦକୁମୁଦ ମୁଦ କୃଷ୍ଣର କଲା ।
ମଧୁ ବସି ବଂଶୀଧରେ ପ୍ରକାଶିଲା ।
ହେବ ଆଜ ଆଜନମସୁଖୀଲୀଳା । ୧୫ ।

କେହ୍ନ ଯିବା ଆତୁରେ କହନ୍ତ ହର ( କୃଷ୍ଣ ) ।
ଦଶେ ଦଶେ ଦଶେ ଏକା ମୋତେ ହର ( ନାୟିକା )
କର ବକ୍ଷେପଣ କ କରୁଛୁ ହର ( ସିଂହ ) ।
ବାଟ ପକାଉଛୁ ଦେଖ ଦେଖ ହର ( ଚନ୍ଦ୍ର ) । ୧୬ ।
ଏହା ଘବୁଁ ତେଣେ ରାଧା ଚନ୍ତ୍ର ହର ( କୃଷ୍ଣ )
ମିତେ ବୋଇଲେ ରଖିବ ନାହିଁ ହର ( ମାର )
ଘବ ଘବ ପ୍ରାଣବନ୍ଧୁ ମୁଖହର ( ପଦ୍ମ )
ଜୀବ ନେଉନାହିଁ କପାଁ ମୋର ହର ( ଯମ ) । ୧୭ ।
ଦେଖ ଦେଖ ମନ୍ଦଗତ କରେ ହର ( ବାତ )
ଜୀବନକୁ ଜନ୍ଦାନ ନେବ କ ହର ।
ଭୁକ୍ତି ଦେଇଥିଲା ପଗ ତାକୁ ହର ( ସର୍ପ ) ।
ପୁଣି ଆସୁଅଛୁ ତ ବସ୍ତ୍ର ବହର । ୧୮ ।

---

୧୨—୧ ଗରଳ ବଡ, 'ଛ', ଝ, ଛଡ଼ା ସବୁଥିରେ ୧୪—୨ ସମ୍ପତ ଯାଉ-କ, ଖ, ଗ, ଘ, ଚ, ଜ;

ଶୁଣ ଶୁଣ ଡାକୁଅଛି ପରା ହର ( ପିକ ) ।
ପୋଷିଥିଲ ଏଥିପାଇଁ ନାକ ହର (କାକ ) ।
ସନ୍ଧେ ଉଦୟ ଏ କି ହୋଇଛି ହର ( ଭାନୁ ) ।
ଅଗ୍ନି ପରାଏ ପ୍ରତେ ହେଉଛି ହର ( ଅଂଶୁ ) । ୨୯ ।
ଏହା ଉଆଣ କକର କଲ ହର ( ଧାରା ) ।
କେହ୍ନ ସହିଲ ପୁଣି ତାକୁ ଏ ହର ( ରସା ) ।
ବନ୍ଧୁ ଜନ୍ମର ଉଦୟ ହେଲେ ହର ( ଧର୍ମ୍ମ ) ।
ବନ୍ଧୁ ସଙ୍ଗୀ ହେବ ଫୁଲେ ରଚ ହର ( ଶଯ୍ୟା ) । ୩୦ ।
ଆଶ କରୁଛି ଗୋବିନ୍ଦ ଚରଣକୁ ।
ନିରବଧି କରୁଅଛି ସ୍ମରଣକୁ ।
ମନ ଥିଲେ ମୋର ଜୀବରକ୍ଷଣକୁ ।
ଜଣେ ପଠିଆଅ ତାଙ୍କ ବରଣକୁ । ୩୧ ।
ଏ ବିଶ୍ୱରେ ଆନ ନାହିଁ ଶରଣକୁ ।
ଭବପର ମହାସିନ୍ଧୁ ତରଣକୁ ।
ପ୍ରେମ କରୁଛି ଧଇର୍ଯ୍ୟ ଚୂରଣକୁ ।
ଲୋଭ କରାଉନାହିଁ ବିସ୍ମରଣକୁ । ୩୨ ।
ଚିନ୍ତ ବନ୍ଧୁ ଭଙ୍ଗିମା ଆଚରଣକୁ ।
ଲକ୍ଷ୍ୟ କର ସୁଷମା ପ୍ରସ୍ଫୁରଣକୁ ।
କଲ୍ୟବେଳେ ଶ୍ରୀନାମ ଉଚ୍ଚାରଣକୁ ।
ଜୀବ ଇଚ୍ଛା କରଇ ସଞ୍ଚାରଣକୁ । ୩୩ ।
ଶ୍ରୀମୁଖରେ ମନ୍ଦହାସ ସ୍ଫୁରଣକୁ ।
ଲକ୍ଷ କରିବା କି ସୁଧାକରଣକୁ ।
ନେତ୍ରେ କରନ୍ତୁ ସେ ମନହରଣକୁ ।
ଗତିଦାତା ଏ ରାଧା ଅଶରଣକୁ । ୩୪ ।
ଜଣିଛନ୍ତି ସୁଷମାରେ ଗୃରଣକୁ ।
ଲୁଚିଯାଇ ବିଭଙ୍ଗିମା ଧାରଣକୁ ।
ଲେଶେ ପାଇଲେ କୃପା ବିତରଣକୁ ।
କିଛି ଭୟ ନାହିଁ କାମମାରଣକୁ । ୩୫ ।
ଦିନେ କୃପାକୁ କର ଗୋବରଧନ ।
ଗ୍ରହୁଁ ଥିଲେ ଆସେହ ଗୋବରଧନ ।

---

୩୦—୨ ବନ୍ଧୁ ଜନ୍ମରୁ-କ, ଖ, ଗ, ଘ, ଚ, ଜ; ୩୨—୧ ନାହିଁ ସ୍ମରଣକୁ-ଗ, ଛ, ଠ;

ଋଣୀ କଲେନ ଦେଇ ଭାବରଧନ ।
ମୂର୍ଚ୍ଛି ପାରବ କେହ୍ନ ଭା-ବରଧନ । ୩୬ ।
ଚନ୍ଦ ଗୃହ୍ନିଁଲେ ନେଝ ଦର ଷାରସେ ।
ଉଚ୍ଛୁଳଇ ତ ପୁଣି ବରଷାରସେ ।
କରୁ କରୁ ସେ ଭାବକୁ ସୁମରଣ ।
ବହ୍ନ ଭେଟାଉ ରାଧାକୁ ସୁମରଣ । ୩୭ ।
କୋଟି ବିଶ୍ୱମୋହନ ନାଗରମଣି ।
ଋଢେ ଋଣୀ ହୋଇବେ ନାଗରମଣୀ ।
ରମା ଭୁଲିଯିବେ ଭୂଷା ପଦକରେ ।
ନାମ ଲେଖାଇବେ ଭୂଷା ପଦକରେ । ୩୮ ।
ରତ ଦୃଷ୍ଟି ଦେଲେ ଗୃରୁ ତଳକରେ ।
ଗଣିମ ସେ ପତ ଗୁରୁ ତଳକରେ ।
ଉମା ଦେଖି ଦାସୀ ହେବେ ଶ୍ରୀପଦରେ ।
ଶଚୀ କାହ୍ନିଁକ ରସିବେ ଶ୍ରୀପଦରେ । ୩୯ ।
ପତବରଣ ଦେଖି ବିଶ୍ୱବରକୁ ।
ତେଜ ନ ଦେବ କେ କି ବିଶ୍ୱ ବରକୁ ।
ଆଜ ନ ପାଇବ ଯଦି ଜୀବନକୁ ।
ଡେଇଁ ପଡ଼ିବି ମୁଁ ଜପାଜୀବନକୁ । ୪୦ ।
କହ୍ନୁଁ କହ୍ନୁଁ ରସାତୁର ହେଲା ମନ ।
ମୁହୁଁ ମୁହୁଁ ଗବାକ୍ଷରେ କଲେ ଧ୍ୟାନ ।
ଗୃହ୍ନୁଁ ଗୃହ୍ନୁଁ ନନ୍ଦୀଶ୍ୱରେ କୃଷ୍ଣାନନ ।
ଯହୁଁ ଯହୁଁ ଦଶେ ତହୁଁ ତହୁଁ ଛନ୍ଦ । ୪୧ ।
ରହି ରହି ହୋଇ ପଗୃଛଲେ ମିତେ ।
କହି କହି ଏ କି ଦିଶେ ଆଚମ୍ବିତେ ।
ଧକ ଧକ ଜଳଇ କି ନୀଳୋତ୍ପଳ ।
ଜକ ଜକ ଏକି କଳାଗୁନ୍ଦଜାଲ । ୪୨ ।
କୁଠ କୁଠ କଏ ଇନ୍ଦ୍ରନୀଳମଣି ।
ଝୁଟ ଝୁଟକିବା କଳାଘନଶ୍ରେଣୀ ।
ଦେଖ ଦେଖ କି ଏ ସଖି ନବ ମାର ।
ରଖ ରଖ ଜୀବ କହି ପ୍ରତୀକାର । ୪୩ ।

---

୪୨ — ୨ ଯେତେବ-କ, ଖ, ଗ, ଘ, ଚ, ଛ,

ହସି ହସି ପ୍ରକାଶିତ କଲ ମିତ ।
ରସି ରସି ଯାହା ବାଇ ହୋଇଛୁ ତ ।
ଚିହ୍ନି ଚିହ୍ନି ସେହି ତାଙ୍କ ଚନ୍ଦ୍ରାନନ ।
ଭିନ ଭିନ ନ କର କାମନାମାନ । ୪୪ ।

ଶୁଣି ଶୁଣି ବଢ଼ିଲା ଆନନ୍ଦଜାଳ ।
ଗୁଣି ଗୁଣି ହୃଦ ହେଲା କି ଶୀତଳ ।
ଜରୁ ଜର ରସେ ହୋଇଗଲା ତନୁ ।
ଧର ଧର ମିତ ଜାତ ଶ୍ରୀବଦନୁ । ୪୫ ।

ରାଧା ମଦନରେ ପାଇ ବେଣୁଧାରୀ ।
ସାଧାପୂରକୁ ଗୃହାନ୍ତେ ଲୋଭ କରି ।
ମେଧା ସରିଲା ଗବାକ୍ଷେ ଦେଖି ମୁଖ ।
ବେଧା ସୁଧା ଢାଳିଲା ମଣିଲେ ସୁଖ । ୪୬ ।
ପଶୁରିଲେ ମିତେ, ଏ କି ମନୋହର ।
ସଞ୍ଚାରି କି ଯାବଟରେ କଳାକର ।
ଉଛାରିତ ଫୁଟିଛି କି ହେମକଞ୍ଜ ।
ବିସ୍ତୃରିତ ଥିଆ କି କୁଙ୍କୁମପୁଞ୍ଜ । ୪୭ ।
କାମ କୁହୁକିଆ କାଲିବାଡ଼ ପ୍ରାନ୍ତେ ।
ରାମ ବିଜୁଳୀ କି ନଗୃଉଛି ସତେ ।
ପ୍ରେମ ଚଉର ବଢ଼ାଏ ପୁଣି ପୁଣି ।
ଧାମ କରିଛି କି ଆହ୍ଲାଦଶ୍ରେଣୀ । ୪୮ ।

ମଧୁ ବୋଇଲା ବାଉଳ ଯାହା ଲାଗି ।
ବନ୍ଧୁ ସେହିଟି ଭ୍ରମର ଅନୁରାଗୀ ।
ସିନ୍ଧୁସମ୍ଭବା ବିଲକ୍ଷ ଯାହା ସମେ ।
ବିଧୁ ତୁଲା କାହିଁ ତା ଶ୍ରୀମୁଖ ସମେ । ୪୯ ।

ଦୃଷ୍ଟି ପଡ଼ିବ ତାହାର ଯାହାଠାରେ ।
ତୃଷ୍ଟି ସୁଧା ହେବାର କି ବଡ଼ ଭୂରେ ।
ଇଷ୍ଟ କାମ ପୂର୍ଣ୍ଣ ହେବ ଛୁଇଁ ପଦ ।
ସୃଷ୍ଟି ମଧ୍ୟେ କେଉଁ ବଡ଼ ଇନ୍ଦ୍ରପଦ । ୫୦ ।

---

୪୭ — ୧ ଏ କିପରି ହିର-କ, ଖ, ଗ, - ଘ, ଚ, ଜ,

ଶୁଣି ପୁଣି ବୋଇଲେ ମିତକୁ ହରି ।
ସଙ୍ଗ ରଙ୍ଗ ତାର ଦେଇ କର ପାରି ।
ଲଭେ ଯେବେ ହେଲା ହେବ ଜୀବ ଯିବ ।
ମିତ ହିତକାପଣ ତ ନ ହଶିବ । ୫୧ ।
ହସି ଭଣିଲା ମଧୁ ନ କର ଚିନ୍ତା ।
କୁଞ୍ଜେ ବିଜେ କର ରସରାଜଙ୍କତା ।
କଣ୍ଠ ଘଟନା ଆଜକୁ ହୋଇଅଛୁ ।
ଦର-ବାର ନ ରହିବ ଆଉ କିଛୁ । ୫୨ ।
ଭଲି ଚଳିଲେ ଗୁପତେ ବେନି ମିତେ ।
ସ୍ୱୈର ପରସ୍ପର ହୋଏ ଯଉଁମତେ ।
କେଳିସ୍ଥାନରେ ବସାଇ ବନମାଳୀ ।
ମଧୁ ବଧୂର ସ୍ଥାନକୁ ଗଲେ ଚଳି । ୫୩ ।
ଶ୍ୟାମ ରାମ ମୁଖ ତେଣେ ଅଦର୍ଶନେ ।
କାମ ବାମ ରାଧାକୁ ହୋଇଲା ଘନେ ।
ବାଦୀ ଉଦ୍ଦୀପନ ସେ କାଳରେ ହେଲା ।
ମନ ଛନ୍ନ ଦୁଇ ହରେ କରାଇଲା । ୫୪ ।
ଘେନ ମନ ନବେଶି ଏ ରସ ଧୀରେ ।
ପଞ୍ଚ ପଞ୍ଚ ପଦ ସିଦ୍ଧି ପଞ୍ଚକରେ ।
ରାଗ ଆଗ ଗ୍ରନ୍ଥମାନଙ୍କରେ ଯୁକ୍ତ ।
ଦୀନ ହୀନ ଅଭିମନ୍ୟୁ ବିରଚିତ । ୫୫ ।

---

## ଅଶୀଅଶୀ ଛାନ୍ଦ ।

### ଶ୍ରୀକୃଷ୍ଣ ଚନ୍ଦ୍ରାଦନନ୍ଦାସ୍ତୁତି । ନୟୂମ ତ୍ରିଭଙ୍ଗୀ ।

ମିତ ଅନ୍ତରେ କୃଷ୍ଣ କାତରେ କୁଞ୍ଜଭିତରେ ବସି ।
ମନ ଦୁଃଖରେ ବୋଲନ୍ତି ଖରେ ଉଦୟ ଖରେ ଶଶୀ । ୧ ।
ଅମୃତକର ତୁ ମୃତକର ହେଲୁ ନିକର ଆସି ।
ତମ କବଳୁଁ କି ଭାଗ୍ୟବଳୁଁ କି କରି ବଳି ଦ୍ୱେଷୀ । ୨ ।

ଧାନ ଜନରେ କଉଁ ମନରେ କରୁ ଛନ୍ଦ ରେ ତୁହି ।
ବିଗ୍ରର ଥରେ ହୃଦ-ପଥରେ ଯଶ ଏଥରେ ନାହିଁ । ୩ ।
ଲକ୍ଷ୍ମୀଅନୁଜ ହୋଇ ଦନୁଜଭାବ ମନୁ ଜନ୍ମାଇ ।
ଙ୍କ ଯଶ ରହିବନ୍ତି ବିରହୀ ଦହି ବିରହୀ ହୋଇ । ୪ ।
ଗ୍ର କାମର ନିଷ୍ଠା ପାମର ଧୀ ଧିକ ମର ମର ।
ଚନ୍ଦ୍ରାଧିକାର ତୋର ଧିକ୍କାର ନିନ୍ଦା ସ୍ୱୀକାର କର । ୫ ।
ହିନ୍ଦୁସମ୍ଭବ ରସାନୁଭବ କର ପ୍ରାଭବ ଦେଉ ।
ଡାରା ହରଣ ନୋହେ ସ୍ମରଣ ସେ ଆଚରଣ ଆଉ । ୬ ।
ତମଅଶନ ସୁଦରଶନ ଯେନ ଦର୍ଶନ ଦେଉ ।
ଅଙ୍କ ବହି ତ ମଣିକୁ ହିତ ଲାଜ ନାହିଁ ତ ଆଉ । ୭ ।
ଘଟଜଦ୍ୱାରପାନରେ ବାରି ନ ପାରି ବାର ଦେଲେ ।
ଦୋଷାକରତ ଅନୁବରତ କାମୀ କରତ ବଳେ । ୮ ।
ପଦ୍ମ ବିମୁଦ କରି କୁମୁଦମାନଙ୍କୁ ମୁଦ ନିତ ।
ଏଣୁ ସଂସାର ମଧ୍ୟେ ପ୍ରସାର ବିବେକସାର ଖ୍ୟାତ । ୯ ।
ହୀନ ବିଗ୍ରହ କୃପାନିଗ୍ରହ କପାଁ ଆଗ୍ରହ କରୁ ।
ତୁ କଳାକର ଏ କଳାକର ବୃଦ୍ଧି ଶଙ୍କର-ଠାରୁ । ୧୦ ।
ତୁ ବଡ଼ବାଟରେ ଏ ବଡ ବାଟରେ ପଡ଼ନ୍ତୁ ବାରେ ଯେବେ ।
କାମୀ ଦେହ ତ ଲାଜ ମହତ ନୁହନ୍ତା ହତ ତେବେ ।୧୧।
ତୁ କଳାନିଧି ମୁଁ କଳାନିଧି ଲବ୍ଧି କି ନିଧି ମୋର ।
ତୁହି ବିଧୁ ତ ମୁହିଁ ବିଧୁ ତ ହୋଉଛୁ ଧୃତ ପର । ୧୨ ।
କହୁଁ ଏମନ୍ତ ପ୍ରେମାଭିମତ କଲି ଉନ୍ମତ୍ତ ଚିତ୍ତ ।
ମନ୍ଦ ମରୁତ ମନ୍ଦ ମରୁ ତ ହେଲା ଏ ଋତ ଜାତ । ୧୩ ।
ତୁ ତ ମାଧବ ମୁଁ ତ ମାଧବ ମିତ ସାଧବ ମତେ ।
ତୁହି ଦକ୍ଷିଣ ମୁହିଁ ଦକ୍ଷିଣ ବିଗ୍ରରୁ କ୍ଷୀଣ କୃତେ । ୧୪ ।
ରସୁ ସୁମନା ରସେ ସୁମନା କରୁ ବିମନା କି କେ ।
ବିଶ୍ୱପବଣ ଦହୁ ପବଣବାହିନୀ ଗଣ ଲୋକେ । ୧୫ ।
ସୁଭାଗ୍ୟବଳ ଅହିକବଳ ଯୋଗେ ପ୍ରବଳ ତୁହି ।
ବଜ୍ର ମହତ ତୋଠାରେ ହତ ଅଛୁ ଦେହ ତ ବହି । ୧୬ ।
ବୋଲନ୍ତି ମାର ଅଦୋଷେ ମାର ବିଷ୍ଟୁ କୁମାର ହୋଇ ।
ଏଡ଼େ ଅଶିବ ଜନର ଶିବ କଲେ ତ ଶିବ ବାଇ । ୧୭ ।

---

୭—୨ ଅଙ୍କ ବହିତ-କ. ଖ; ଗ. ଘ; ୯—୧ କରୁ-କ, ଗ, ଙ. ଝ, ଠ; ୧୨—୨ ମୁହିଁ ବିଧୁତ-ଛ, ଝ; ଧୂର୍ତ୍ତପର-କ; (ପାଠର 'ଧୃତ' ଏହିରୂପେ ଗୃହୀତ) ଧୃତ ପର-ଗ;

ସର୍ବାଙ୍ଗପଣ ଥିଲା ଆପଣ ମନୋଜପଣ ଦେଲେ ।
ଯେଣୁ ଶଙ୍କର ତେଣୁ ଶଙ୍କର ନାଶ କଙ୍କର ହେଲେ । ୧୮ ।
ତୁ ରସୁ ରତି ମୁଁ ରସେ ରତି ଭମେ କରତ ଦେଉ ।
ମତ୍ତମଦରେ କରୁ ବାଦରେ ପଗ ହୃଦରେ ଥାଉ । ୧୯ ।
ମନରେ ଗୁଣ ହରାଗ୍ନି ଗୁଣ ଯହିଁ ଦୁର୍ଗୁଣ ହେଲା ।
ବୁଦ୍ଧି ରହିତ ହୋଇ ବହି ତ ତୋହୋର ହିତ କଲା । ୨୦ ।
ଅଳି ଝଂକାର କାମ ହୁଂକାର ଗୁଣଟଙ୍କାର ମଣି ।
କଲେ ଉତ୍ତର କମ୍ପା କାତର କରୁ ମିତର ପୁଣି । ୨୧ ।
ରସୁ ପଦ୍ମିନୀ ରସେ ପଦ୍ମିନୀ କଉଁ ଛଦ୍ମିନୀ ଗିରେ ।
ପ୍ରୀତି ଲୋକର ଅହିତ କର ନନ୍ଦା ଲୋକର ଭୂରେ । ୨୨ ।
ଚହ୍ନି କେତକୀ ହୋଏ ଘାତକୀ ସିନା ପାତକୀ ଜାଣି ।
ତୋତେ ଛଳରେ ରତ ବେଳରେ ବଳା କଳରେ ଜଣ । ୨୩ ।
ପୁଣି ଦକଣରେ ଭଷି ପିକରେ ସ୍ୱାଦୁ ବାକରେ ଦହି ।
ଯଶ କାରତ କବା ଧରଣୀ ମଧ୍ୟେ ବରତ ରହି । ୨୪ ।
ପାଲ୍ୟ ଯାହାର ନୋହୁ ତାହାର ଥାଉ କାହାର ପ୍ରିୟ ।
ଭାମି ବାଧରେ ମନ କ୍ରୋଧରେ ବଧ ବ୍ୟାଧରେ ହୁଅ । ୨୫ ।
ସ୍ୱର ଭ୍ରଷର ମଦନଶର ପଞ୍ଚତ୍ୱ ସରଜକ ।
ତୁ ବନପ୍ରିୟ ମୁଁ ବନପ୍ରିୟ ହେଉ ଅପ୍ରିୟ ଧ୍ୱକ । ୨୬ ।
ପାଇ ଧନକୁ ତୁମ୍ଭମାନଙ୍କୁ ଦେବ ଛନ୍ନକୁ ମୁହିଁ ।
କ୍ରୋଧ ବଳାଇ ଦେବ ଛଳାଇ ଯିବ ପଳାଇ କାହିଁ । ୨୭ ।
ଏହି ବଧିରେ କହୁ ଅଧୀରେ ପ୍ରେମବ୍ୟାଧିରେ ଘାରୁ ।
ହେଲେ ବାତୁଳା ସଙ୍ଗତେ ତୁଳା ଉରୁବର୍ତ୍ତୁଳା ସ୍ମରୁ । ୨୮ ।
ବନେ ଗ୍ଭରଣ ବନ୍ଧୁ ଚରଣ ମନେ ସ୍ମରଣ କରୁ ।
ବେଗେ ଧୂଳିକି ହୃଦସ୍ଥଳୀ କି ଦେଲେ ବୋଲି କି ଧରୁ । ୨୯ ।
ପଦ ପାତରେ ସ୍ୱନ ଜାତରେ ଧନାଗନ୍ତରେ ଖବ ।
ପୁଷ୍ପ ତଳପ କର କଳପନ୍ତ ସେ ଅଳପ ଦ୍ରବ । ୩୦ ।
ବନ୍ଧୁ ଆସିବ ଏଥେ ବସିବ ଦୁଖ ନାଶିବ ସବେ ।
ଗ୍ଭନ୍ଦୁ ଭଷିବ ରସେ ରସିବ ଅଙ୍ଗେ ମିଶିବ ମତେ । ୩୧ ।
ଧ୍ୟାନ ନିବେଶ ପ୍ରେମ ଆବେଶ ବେଳେ ପ୍ରବେଶ ବୃନ୍ଦା ।
କୃଷ୍ଣ ଉତ୍ତର ଶୁଣି ଚତୁର ଜାତ କାତର ଧନ୍ଦା । ୩୨ ।

---

୨୦-୨ ବୁଦ୍ଧି ରହିତ—ଖ, ଗ, ଘ, ଡ, ଜ, ୨୨-୨ ନନ୍ଦା ନ କର ଭୂରେ—ବ, ଖ, ଜ; ଭୂ ରେ-ଘ, ଚ; ନନ୍ଦା ଲୋକର ଭୂ ରେ ଗ ୨୩—୧ ଚହ୍ନି—କ, ଚ, ଝ, ଠ,

ଚକୋର ମୁଦରେ ଗ୍ରହାନ୍ତି ସାଦରେ କାହିଁକି ରଜନୀ ଗତେ ।
କଣ୍ଠୋଗ୍ରୀ କଥିତ ଭଗ୍ନାର ବ୍ୟଥିତ ବିଲୋକୁଛନ୍ତି ହରଷେ ।
ସଖୀ ବୋଇଲା ଯେ । ଚନ୍ଦ ବିଚ୍ଛେଦ ହେଉ ନ ।
ମୁଖପଦ୍ମ ମ୍ଳାନରେ ଭନ୍ଧ ହିମକରେ ଧମିଗିର ନୁହଇ କି । ୧୦ ।
ହୋଇଲେ ଶଶୀ ତ ତାରକା କୃଶିତ ହେବାର ହୁଅନ୍ତା ଉକ୍ତ ।
ଏ ପଦନବରତା କି ଧାନକରନ୍ତା ସଖୀ ବୋଲେ ନ ଜାଣ କି ।
ଧନୀ ବୋଇଲେ ଯେ । ମିତ୍ର କି ଦୂତ କାମର ।
ହରଷାପଳକୁ ନେବ କବଳକୁ ଲୋଡ଼ା କି ସେନ୍ଦୁ ପ୍ରେତର । ୧୧ ।
କଉଁମିତ ଖଷେ ଏମନ୍ତ ଆଗ୍ରହେ ବିଦେହ୍ମ ବହ୍ନନ ଜାଣି ।
ନୋହେ ସୁଧାପିଣ୍ଡ ରତି ସୁଧାପିଣ୍ଡ ଦେଇଥିଲା ପରା ମଣି ।
କାମ ଖେଳନେ ଯେ । କାଳି ଏ କଳଙ୍କ ନୋହେ ।
ପ୍ରେତ ସ୍ପରଶରେ ଭସ୍ମ ବିଶେଷରେ ବିଶ୍ଳେକନ ଲୋକ ବହେ । ୧୨ ।
ଏ ଶିତ କୁଣ୍ଡଳୀ ଶୋଇଛୁ କୁଣ୍ଡଳୀ ହୋଇ ରସନା କଳଙ୍କ ।
ବାର ଅଭସାଗ୍ରିଥ ସୁଖ ସାର ଦେବାରୁ ଜାତ ପାତକ ।
କ୍ଷୀଣ ହୁଅଇ ଯେ । ସେହି ଅପରାଧେ ସିନା ।
ମନ୍ଦ-ଧୀକ ଧ୍ୱନ ପୁଣି ଅବଧାନ କରଇ ଭଣେ ସୁମନା । ୧୩ ।
ହାଗ ଶକ୍ର ରଞ୍ଜି ମର୍କଟେ ବିରଞ୍ଚି ଲଙ୍ଗ କୃତ ଦେଖି ମାର ।
କଳଙ୍କ ଦଶିଛୁ ମାଡ଼ି କି ବସିଛୁ ବଇରୀ କର ବଗୃର ।
ଏଥି ସକାଶୁଁ ଯେ । ଗୃହୁଁ ହୋଏ କାମଶଙ୍କା ।
ଉରଜ ଶଙ୍କର ଆଚ୍ଛାଦନ କର ବୋଇଲା କଉଁ ରସିକା । ୧୪ ।
ଅଦେହ ହାକର ଢ଼ାଲ ଫଟିକର ଧରି କରି ରହିଅଛୁ ।
ଦେଖ ଫୁଟି ତାର ଦଶୁଅଛୁ ତାର କଳଙ୍କ ବ୍ୟାଜ ହେଉଛୁ ।
ଝଣି କରଣ ଯେ । ଅସି କଶି ଚମକାଏ ।
ପରତେ ହେଉଛୁ ବରହିଙ୍କି ଉଚ୍ଛି ହାଣିମ ବୋଲ ସଖୀଏ । ୧୫ ।
ବିଶାଖାଭାରତୀ କଣୋଗ୍ରୀ ମୂରତି ଶୋଭା ଗୁଣ ଯଶରାଶି ।
ଆଳବାଳ ବିଧି ସିଦ୍ଧି କଲା ବିଧି କି କରି ବୋଲୁଛ ଶଶୀ ।
ନୋହେ କଳଙ୍କ ଯେ । ରୋପା କୃଷ୍ଣ କାମବୀଜ ।
ଶ୍ରୀରାଧା ବିଶୁଦ୍ଧା ସୁଧୀରତସୁଧା ମୂଳେ ଦଉ ମନେ ହେଜ । ୧୬ ।

---

୧୦—୪ ଧମାରଗିର ନୁହେ କି? ଙ,ଝ.ଠ; ଧମିଗିର ନୁହେ କିକି ଖ, ୧୧-୨ ଏ ପଦନ ବରତା ଝ,ଠ; ୧୧—କମ୍ପିତ ଏ-ଙ,ଝ,ଠ; ୧୧—୪ ହରଷାଜାଳକୁ-ଙ,ଘ,ଝ,ଠ; ବରଷା ବାଳକୁ-ଚ, ଜ, ବରଷା ଲୁଲକୁ-ଘ; ୧୪—୧ ଅଦେହ କି କର-କ, ଖ, ଘ, ଚ, ଛ; ଜ, ୧୫—୨ ଦେଖି-ଙ;ଝ,ଠ, ଅସ

ବୃଦ୍ଧି ବ୍ରତତୀ ତ ଅଂଶୁ ପରଶାତ ତ୍ରିଲୋକବ୍ୟାପିତ ହେଲା ।
ତାରକା ସୁମନ ଘେନୁଅଛୁ ମନ ସଫଳକାଳ ମିଳିଲା ।
ଫଳ ଫଳିବ ଯେ । ଆନନ୍ଦସନ୍ଦୋହ ତହିଁ ।
ମାନସମୋଦନ ରସ ଆସ୍ୱାଦନ କଲେ ତ ଜାଣିବ ସହି । ୧୭ ।
ପରସ୍ପର ଶିର ହୋଇଲା ସଙ୍ଗୀର ଧନୀ ଯଶ-କାମଗାବୀ ।
ଭୁବରେ ଫେରିଲା ନଭରେ ଚରିଲା ଚର କ୍ଷୀର ପଡ଼େ ସ୍ରବି ।
ଅଂଶୁ କପଟ ଯେ । ଦେଖ ବ୍ୟାପିଗଲା ଭୁବ ।
ପ୍ରଣୟଆକର. କୃଷି ଏବେ କର ସଫଳ ହେବ ବାଞ୍ଛିତା । ୧୮ ।
ଏହା ଶୁଣି ସ୍ତୁତି କଲେ ସରସ୍ୱତୀ ଶଶୀ ଗୃହେଁ କ୍ଷୀରନିଧି ।
ଉଚ୍ଛୁଳି ମୁଦରେ ବିରହୀବାଦରେ କରିବ ପ୍ରଳୟ ସିଦ୍ଧି ।
ମିତ ବୋଇଲା ଯେ । ଏଥିକି ଚିନ୍ତା ନ କର ।
ମାର୍କଣ୍ଡବଧିରେ ହର ସନ୍ନିଧିରେ ମିଳି ରଖି କଳେବର । ୧୯ ।
କଣ୍ଠେଶୀ ଉତ୍ତର ଦେବ ନିକେତର ବଳ ଏ ନୋହଇ ଶଶୀ ।
ସ୍ଥାଣୁ ମସ୍ତକରେ ବସି ଭୋଗ କରେ ମୀନାଦ୍ଧ ଲୋକଟେ ହାସି ।
ନଭେ ସଞ୍ଚରେ ଯେ । ଉଜ୍ଜ୍ୱଳ ବରନ ଘେନି ।
କେ ବୋଲେ ରଙ୍ଗରେ ଶ୍ୟାମଳ ଆଗରେ ରହିପାରିବ କି ଧନୀ । ୨୦ ।
ଆଗହୁଁ ଏମାନ ହୋଇଥିଲା ମାନମୀର ପ୍ରାଣଘେନା ସିନା ।
କୃଷ୍ଣ ପରସନ ମୁଖ ଦରଶନ ଗବାକ୍ଷେ କରି ସୁମନା ।
ମୁଦସାଗର ଯେ । ବଢ଼ିଥିଲା ଅତତର ।
କୃଷ୍ଣ ବୃନ୍ଦାବନ ଗମନେ ଜୀବନ ଧନୀର ହେଲା କାତର । ୨୧ ।
ଏକାଳେ ସଞ୍ଚାରୀ ଆସି କରି ଗୃହବର୍ଗଦାମୀଙ୍କ ସଙ୍କେତ ।
କହିଲା ନିକର ହେଲା ବକେ କର କୁଞ୍ଜକାନନେ ତୁରିତ ।
ବୋଲେ ସଜନୀ ଯେ । ମିଥ୍ୟା ବିରଚନା ସିନା ।
ଦୂତକା ହସିଲା ହୋଇ ଯେ ଖସିଲା ହେଲ ସିନା ଦୋଷ ଘେନା । ୨୨ ।
ବୋଲେ ସୁଲୋଚନା ମିଥ୍ୟା ବିରଚନା କରି ଧରି ରଖି ଜୀବ ।
ବଢ଼ାଇ କେବଳ ବ୍ୟାକୁଳର ବଳ କଲି ନାନା ଅନୁଭବ ।
ଦୂତୀ କହିବୁ ଗୋ । ବନ୍ଧୁ ଶୀଘ୍ରମୁରେ ଥରେ ।
ମୂରତି ସୁମରି ଗଲା ଦାସୀ ମରି ଖବର ନୋହିବ ଧୀରେ । ୨୩ ।

୧୭—୧ ଲୋକ ବ୍ୟାପିତ ହୋଇଲ-କ, ଖ, ଘ, ଚ, ଜ, ଝ, ଠ. ୧୭—୨ ସପନ
କାଳ-ଛି, ଝ; ୧୭—୪ଜାଣିବୁ ସହି-କ; ଖ, ଝ, ଠ; ୧୮—୧ ଗଙ୍ଗା-ଖ, ଗାଈ-ଝ, ଠ, ୧୮—୪
ପ୍ରଣୟ ଅବଧି-କ, ଖ, ଘ, ଚ, ଜ, ଥିବର-ଛି, ଝ, ୨୦—୨ ଲୋକଟେ ହାସି-ଝ; ମାନ
ବଲୋକଚେନ୍ତ, ଠ;

ହେଲେ ତାଙ୍କ ଚଉ ନୂନାଶ୍ରୀ କଞ୍ଚିତ ବଶ ହେବେ ସୁରନାରୀ ।
ସ୍ମର ଅପରାଧୀ ପ୍ରୀତିକି ଆରାଧି ନ ଲଭିବେ କହି ବାର ।
ପୀଡ଼ା ପାଇବ ଯେ । ଦୟାର୍ଦ୍ର କୋମଳ ହୃଦ ।
ଦେବକୀବତ୍ସଳ-ବାନା ପାଇଁ ଛଳ ଘେନଲେ ହେବ ପ୍ରମାଦ । ୨୪ ।
ଦୂତୀ ଇଙ୍ଗିତରେ ବୋଲେ ଝଟିତରେ ଆପଣା ଦୋଷ ନ ଘେନ ।
କାମଶରାସନ ଭ୍ରୂକୁ ଦରଶନ କଲା ଦନୁ ହେଲା ହୀନ ।
ମାରରଞ୍ଜନ ଯେ । ମୁଖ ଦେଖି ମୋହ ହେଲା ।
କୁଚ ସଙ୍ଗମରେ ହର ବିଭ୍ରମରେ ହର ହୃଦୁଁ ପଳାଇଲା । ୨୫ ।
କୁନ୍ତଳଲତା ଶିର ପ୍ରସ୍ମର ଭଙ୍ଗୀର ଅଖିଳେ ନ ପାଇ ତ୍ରାଣ ।
ପ୍ରଦ୍ୟୁମ୍ନବଳୀକି ଦାସବତ୍ସଳୀକି ହୋଇଛୁ ଆସି ଶରଣ ।
ଦୃଢ଼ ଦର୍ପକ ଯେ । ସର୍ପ ପରାୟେ ବିସ୍ମର ।
ଦେଲେହେଁ ରସକୁ ଦେଉଛୁ ବିଷକୁ କହି ଥିଲେ ପ୍ରତୀକାର । ୨୬ ।
ଦୂତୀ ବୋଲେ ରଜେ ସୁଭୁଜଙ୍ଗରଜେ ଭେଟିଲେ ଏ ଦୁଃଖ କେତେ ।
ଯାଉଅଛୁ ମୁହିଁ ସୁବେଶେ ସୁମୁହାଁ ଘେନାଇ ଯିବ ତୁରତେ ।
କହି ସମ୍ଭାରୀ ଯେ । ଗଲା କୃଷ୍ଣ ସନ୍ନିଧିକି ।
ନୂତନା ଆତୁରୀ ହୃଦସ୍ଥ କରୁ ରେ କାମ କଲା ଟିକ ଟିକ । ୨୭ ।
ଯେତେ ଯେତେ ରତି ଚେତକ ଅରାତପଣ ଜଲା କାମ ରୋଷେ ।
ଦୂତୀକା ଆସିବ କି ଶୁଭ ଭାଷିବ ବିସ୍ମରନ୍ତି ଲୋଭ ବଶେ ।
ନେଜ ସ୍ତବଇ ଯେ । ଶିରସ୍ତ୍ରାବଣର ପରି ।
ନୟନୁ ଝରତ ବୁହାଉଁ ମୀର ତ ବାର କହେ ସହଚରୀ । ୨୮ ।
ଶୁଣି ଏ ବଚନ ବୋଇଲେ କାଞ୍ଚନଗଉରୀ ଦହୁଛୁ କାମ ।
ଘନଶ୍ୟାମ ସ୍ମରୁ ଲୋଭରେ ବିସ୍ମରୁ-ଅଛୁ ଦ୍ରବାଇଛୁ ପ୍ରେମ ।
ମିତ ବାରଲେ ଗୋ । ବାର ବାର ହେବ ନାହିଁ ।
ଦୁଃଖେ ବୋଲେ ସହୀ ହେଉନାହିଁ ସହି ସର୍ବାଙ୍ଗ କ୍ଷୀଣତା ସ୍ମହିଁ । ୨୯ ।
କଶୋରୀ ରଚିତ କୃଶତାରୁ ଚଉ ବନ୍ଧୁ ସନ୍ନିଧିକି ଗଲା ।
ଅବୟବମାନେ କୃଶ ହେଲେ ମାନେ ସେହି ଧାକ୍ଷା ଶିକ୍ଷା ହେଲା ।
ପ୍ରାଣସଜନୀ ଗୋ । ସୁଲଭ ଏ କଥା ମୋର ।
ଥିବାରୁ ଲଭ ତ ହୋଇଲେ ଲୋଭିତ ତମ କାମ ନ ବିସ୍ମର । ୩୦ ।

---

୨୪—୪ ଯେବକବତ୍ସଳ କ, ଗ, ଘ, ଟ, ଠ; ୨୫—୨ ହେଲା ଦାନ-ଢ; ଲୀନ-ଟ, ଠ;
୨୮—୨ ସୁଖ ଭାଷିବ ଝ. ୨୯—୨ ଦ୍ରବାଇଛ ଧାମ କ, ଖ, ଗ, ଘ, ଟ, ଠ,
୩୦—୧ ଲଭ୍ରତାର ତଉ-ଢ, ଖ, ଘ, ଚ, ଜ;

ଏ ଦେହ ଜୀବନ, ସହିତେ ଭୁବନ- ମୋହନଙ୍କୁ ଦେଇ ଅଛି ।
ଆଉ ଯଥାକାର କଉଁ ଅଧିକାର ତହିଁରେ କହୁଛ ବାଛି ।
ମିତ ବୋଇଲା ଯେ । ପୀରତି ଲୋକର ଧନ ।
କଲେ ଅଯତନ ହୋଏ କି ଯତନ ସୁବର୍ଣ୍ଣର କରୁ ଯେନ । ୩୧ ।
ଇନ୍ଦ୍ରିୟ କାମନା ନ କରଇ ମନା ତାଙ୍କ ପରାଧୀନେ ଥାଇ ।
ଚରଣ ଧରୁଛି ବିନତି କରୁଛି ମନ ସଙ୍ଗି ହେବା ପାଇଁ ।
ପ୍ରାଣସଜନି ଗୋ । ଜୀବ ଯିବା ବେଳେ ମୋର ।
ଭଜିବେ କି କ୍ଷଣେ ଇନ୍ଦୀବରେ କ୍ଷଣେ ଯେହ୍ନ ଯୋଖା ସୁଖଦାର । ୩୨ ।
ବୋଲିବ ବା ମିତେ ଆମ୍ଭ ବାଣୀ ମିତେ ଆଦର ତ କଲ ନାହିଁ ।
ଯେ ବିନ୍ଦ ମୂରତି ଭଙ୍ଗିମା ପୀରତି ହୃଦେ ବ୍ୟାପି ଅଛି ରହି ।
ପ୍ରାଣସଜନି ଗୋ । ଆଉ ତହିଁ ନାହିଁ ସ୍ଥାନ ।
ଭୂଷା ଯେହ୍ନବାର ବିବେକ ହେବାର କେହ୍ନ ହେବ ନାହିଁ ମନ । ୩୩ ।
କଶୋଖି ଉତ୍ତର ଶୁଣି ତରତର ହେଲେ ଅଭିସାର ଆଶେ ।
କଲେ ଦିବ୍ୟ ବେଶ ଯହିଁରେ ଆବେଶ ଦେଖି ହେବେ ଚତୁର୍ଦ୍ଦଶ ।
ଚନ୍ଦ୍ରକାମରେ ଯେ । ଅବକାଶ ଖୋଜୁଛନ୍ତି ।
ଧରି ଛଦ୍ମବେଶ ବୃନ୍ଦା ପରବେଶ ଧନୀ ଆଗମ ପୁଚ୍ଛନ୍ତି । ୩୪ ।
ସେ କହେ ସନ୍ଦେଶ କୃଷ୍ଣ ଅଙ୍ଗଦେଶ-ଦୁର୍ଗ ଘେରିଅଛି ମାର ।
ଦଶା ସେନାପତି ଉଦ୍ଦୀପନ ପତି ଯେହ୍ନ ଦହୁଛି ନଗର ।
ଚିତ୍ତ-ପ୍ରଧାନ ଯେ । ଶରଣ ରସନିଧିଙ୍କ ।
ଜୀବନ ନୃପତି ସହି ସେ ବିପତ୍ତି ରହି ଆଉ ପାରିବ କି । ୩୫ ।
ସ୍ମରଣ ନଗର ହରି ଧ୍ୟାନ କର ବୃଦ୍ଧିଧାନ ଚନ୍ଦ୍ରସୃରେ ।
ନାମ କୀର୍ତ୍ତନରେ ମାତି ନର୍ତ୍ତନରେ ପ୍ରେମଭୋଳ ଥରେ ଥରେ ।
ପଦଚିହ୍ନରୁ ଯେ । ଧୂଳି ବୋଳି ହୃଦେ ଗୋଳା ।
ପୁଣି କ୍ଷଣେ କ୍ଷଣେ ସେ ଭୂଷା ଲକ୍ଷଣେ ରହି ପୁଣି ଯାନ୍ତି ଚଳି । ୩୬ ।
ଏମନ୍ତ ଦୀକ୍ଷାକୁ ଦେଲା କେ ଶିକ୍ଷାକୁ ଲଳିତା ଉତ୍ତର କଲେ ।
ପ୍ରତି ଦିଶେ ଦିଶେ ଧନୀ ମୂର୍ତ୍ତି ଦିଶେ ଗୁରୁ ସେ ବୃନ୍ଦା ବୋଇଲେ ।
କାମତୀର୍ଥରେ ଯେ । ଯୋଗସିଦ୍ଧି ଇଚ୍ଛା କରୁ ।
ହୋଏ ବିତପତି ସହି ବିତପତି ତଦୀ ହେଲେ ଭବ ଧରୁ । ୩୭ ।

---

୩୨ — ୨ ସଙ୍ଗ ହେବା ପାଇଁ-ଛ,ଝ, ଛଡ଼ା ସବୁଥିରେ, ୩୩ — ୧ ବୋଲିବାର ମତେ ଝ, ଆଦରତା-ଛ,ଝ, ୩୩ — ୪ କେହ୍ନ ହେବ ଅନୁମାନ କ, ଖ; ୩୬ — ୩ ଧୂଳି ଯେହ୍ନ-ଛ, ଝ ଛଡ଼ା ସବୁଥିରେ । ୩୬ — ୪ ସେ ଭୂମା ଲକ୍ଷଣେ ଛ; ଭୂମି ଲକ୍ଷଣେ-କ, ଖ, ଜ. ଠ; ଭୂମି ଲକ୍ଷଣେ ଘ, ଟ, ଯାନ୍ତି ଚଳି-ଖ, ଘ, ଚ. ଜ, ଟ, ଠ; ୩୭ — ୩ ଯୋଗି ସିଦ୍ଧି-କ, ଖ. ଘ, ଚ, ଟ, ଠ; ୩୭ — ୪ ଧନ ଭଜା-ଟ,ଠ;

ପତିବ୍ରତମୂଳ ଖଳି ବନମୂଳ କେମାକୁ ଆସିଅଛ କି ।
କି ବିଯୋଗୀ ଜନ କରିବେ ଭୋଜନ ଏମନ୍ତ ଫଳ ତରଙ୍କ ।
ଧର୍ମବଚନେ ଯେ । ବୃନ୍ଦା କହେ ପ୍ରତିଭାଷ ।
ଧର୍ମ ବିନା ଗତି ଆନ କେ ଭଗତି-ବନ୍ତ ଧାନେ ଦେବ ତୋଷ । ୩୮ ।

ଲଳିତା କଥିତ କେବଳ ବ୍ୟଥିତ ପରପ୍ରୀତି ଫଳ ସିନା ।
ଶ୍ରୀବୃନ୍ଦା କଥନ ଫଳ ଅକଥନ ମିଳଇ କଲେ ପ୍ରାର୍ଥନା ।
ସୁରପାଦପ ଯେ । ଯାଚି ତ ଦିଅଇ ନାହିଁ ।
ପର ବୋଲିବାର ସଂଶୟକୁ ତାର ମରମ କହିବା ସହି । ୩୯ ।

ଗୋବିନ୍ଦ ଗଧାର ସର୍ବଦା ଆଧାର ରାଧା ଗୋବର୍ଦ୍ଧନ ଧେନ ।
ଖ୍ୟାତ କ୍ଷୀର ଦନ ପରମେ ଜୀବନ ପ୍ରେମ ଲାଗି ଦେହ ଭିନ୍ନ ।
ବୋଲୁଅଛନ୍ତି ଯେ । ଖଳିଲେ ନ ସରେ ଧନ ।
କହିବୁ ଧନକୁ ବର୍ଣ୍ଣିବୁ ମନକୁ ସେ ଚିନ୍ତାମଣି ମୁଁ ଧନ । ୪୦ ।

ଜନମିଲେ ଗଗ ନ ଜନମେ ଖଗ ପରସ୍ପରେ ହେତୁ କର
ପିତାପତିକୁଳ ସୁମନ ଦୁକୂଳ ଛଡ଼ା ଗୁଡ଼ିବା ଆଦର ।
ସଖି ଲଲିତେ ଗୋ । ସେ କାହାଁ ଯିବ ପ୍ରୀତିକି ।
ଦେହ ଯଉବନ ପ୍ରତିଷ୍ଠା ଜୀବନ ମାନ ଦେଲେ ମନ୍ତକି । ୪୧ ।

ଶ୍ରବଣେ ବିଶୋଖି ବିବେକ ପାସୋର ଦେଲେ ନେଇଁ ଭେଜି ବନ ।
ବୋଇଲେ ଏ ଧୀକି ମୋର ଧିକ ଧିକ କି ଦୁଖ ପାଇଲେ ଧନ ।
ବୃନ୍ଦା ବାରଣ ଗୋ । ଏ ନଲକ୍ଷଣୀପ୍ରୀତିକି ।
ପ୍ରଣୟୀ ସମ୍ପଦ ଉଚ୍ଛିଁଲେ ବିପଦ ନ ଦେବ ରତିପତିକି । ୪୨ ।

ମନ୍ଦମା ପଶ୍ଚିର କି କରି ଆଚର —ତାର ହେବ ଅଭିସାର ।
ତନଭୂବି ସୁଧା ହୋଇଅଛୁ ସୁଧା ଲଟିଇ ହେଲା ପ୍ରକାର ।
ବୃନ୍ଦା ବୋଇଲା ଯେ । ଶ୍ରେୟ ଛାୟା ମନେ କର ।
ଶୁକ୍ଳ ଅଭିସାର ହେବାକୁ ସୁସାର ଶଶୀ-କର ପ୍ରତୀକାର । ୪୩ ।

ସୁରଧୂନୀବାରି ନ ପାରନ୍ତି ବାରି ଭୂଷାବନ୍ତେ ବିକଳିଲେ ।
ଦେଖ ଏ ଭ୍ରମରେ ନ ପାନ୍ତି ଭ୍ରମରେ ଗଣିକାକୁଳ ଦେଖନ୍ତେ ।
ସନ୍ନିକଟରେ ଯେ । କାଦମ୍ବେ ବିଚ୍ଛେଦ ଭ୍ରମ ।
ଏ ଦେହ ତଉରେ ଖଳିଲ ହାତରେ ଶଶିକି ପେଷିଛୁ କାମ । ୪୪ ।

---

୪୧ — ୨ ଛଡ଼ାଛଡ଼ ବା ଅବାର-ଚି, ୦;

## ଏକାଅଶୀ ଛାନ୍ଦ ।

---

## ଶ୍ରୀକିଶୋରୀଜିଉ ଅଭିସାର । ବର୍ଣ୍ଣାମାନୁ ପ୍ରାସ ।

---

ରାଗ କାମୋଦୀ ।

ସୁଧୀରେ ଢେନ ଧୀରେ        ଶ୍ରୁତ-କଳାନିଧିରେ
ତୁଳ ସୁସ୍ୱାଦ ସୁଧାଦାୟୀ ।
ସ୍ୱର୍ଗେ ଆହ୍ଲାଦକର        ଯିବ ତାପନକର
ଆନନ୍ଦାବ୍ଧି ବର୍ଦ୍ଧନ ହୋଇ ହେ । ଧୀରଜନେ ।
ହୃଦ କୁମୁଦ ମୁଦ ହେବ । ତମସକୁଳ କ୍ଷୟ ଯିବ ।
ରାଧା କୃଷ୍ଣ ନୂତନ        ମିଳନ ସୁଯତନ
ଶ୍ରବଣେ ସୁଗତ ଲଭିବ ହେ । ୧ ।
ରାଧା ବୃନ୍ଦାକାନନେ        ମିଳି ଶୋଭିଆନନେ
ଚନ୍ଦ୍ରକାନ୍ତିକି ମ୍ଳାନ କଲେ ।
ପ୍ରେମେ ମନ ରସାଇ        ପରିହାସ ମିଶାଇ
ମିତେ ଶ୍ରୀମୁଖରେ ଜଣାଇଲେ ଗୋ । ବ୍ରଜେଶ୍ୱରି ।
ଛଠ ମଠ ଆଉ ନ କର । କାନ୍ତ କାତରତର ହର ।
ବନ୍ଧ କୃପାଳୁପଣ        ହୋଇଲେ ତ କୃପଣ
ଦଣ୍ଡିବ ସିନା ଅସୁନ୍ଦର ଗୋ । ୨ ।
ଲଜ୍ଜିତ ବମ୍ବାଧରୀ        ଦେଖି କେ ଭୁଜ ଧରି
ଡୋଳିଲି ଛଳିଲି ଏମନ୍ତ ।
ସୁମନକୁ ନର୍ବନ୍ଧ        କରିଥାଅ ପ୍ରବନ୍ଧ—
ପଣ୍ଡିତା ଗୁଣ ହେବ ଖ୍ୟାତ ଗୋ । ରସେଶ୍ୱରି ।
ଲଘୁ ଅନ୍ୱୟ କଳାମାନେ । ତାନା ନାନାନା ଗାନ ତାନେ ।
ପ୍ରବୀଣା କରଜରେ        ବାଦନ ଯୁଗଜରେ
ନାକରମଣୀ ସୁନର୍ତ୍ତନେ ଗୋ । ୩ ।

---

୧—୨ ସ୍ୱର୍ଗେ ଅହ୍ଲାଦକର-କ, ଖ, ଗ, ଘ, ୩—୨ ରସେଶ୍ୱରି-ଘ, ଙ, ଚ, ଛ, ଟ, ଠ;

ଯେଉଁ କାନ୍ତି ମଦନ
ହୃଦେ କଲା ସଦନ
ଦୁର୍ବୃଉପଣ ଦେଖି ତାର ।
ଅତି ଅସନମାନେ
ସଦ୍‌ବୃତ୍ତ ସ୍ତନମାନେ
ଶରଣ ହେଲେ ଆସି ତୋର ରେ । କୃପାନିଧି ।
ସମ୍ଭାଳିଲୁ ବାସ ଆଚ୍ଛନେ । ଚନ୍ଦ୍ର ଚନ୍ଦନ ହାର ଦାନେ ।
ସେ ପ୍ରତି ଉପକାର
କରବେ-ଅଙ୍ଗୀକାର
ସ୍ମରଣ ଅଗ୍ରସନ୍ଧାନେ ରେ । ୪ ।
କେ ବୋଲେ ଭଙ୍ଗି ଗିର
ନବନୀତ ଅଙ୍ଗୀର
ମିଶ୍ର କରକୁ ଡର ହୋଏ ।
କେ ବୋଲେ ପଦ୍ମିନୀର
ଗୁଣ ଅଛୁ ଧନୀର
ଏଥିକି କାହିଁକି ସଂଶୟେ ଗୋ । କଉଁ ମିତ ।
ବୋଇଲା ତହିଁ ଯାହା ହେବ । ତାମୂଳ କଲେ ତ ଚଳିବ ।
କେ ବୋଲେ ଅନୁଭବ
ନ ଥିଲେହେଁ ତ ଭବ-
ପର ସେ କାଳେ ଶିଖାଇବ ଗୋ । ୫ ।
ନୀର କ୍ଷୀର ଅଭେଦ
ହଂସ କରଇ ଭେଦ
ସେ ତାର କୁଳର ବେଭାର ।
ଶିଖାଇ-ଥାଇ କେ କି
ଅଣ୍ଡରୁ ଜନ୍ମି କେକୀ
ଭକ୍ଷଣ କରଇ ଆହାର ଗୋ । ସହଚରୀ ।
ଯୁବତୀ ସ୍ୱତ ସେହିପରି । ପୀରତଲୀଳା ଆଦି କରି
ଖାଜେ ବୃକ୍ଷ ସଞ୍ଜାତ
ମନରୁ ହୋଏ ଜାତ
ବିଧି ବିଧାନ ନୋହେ ବାର ଗୋ । ୬ ।
କେ ବୋଇଲା ମନ୍ଦାକ୍ଷେ
ରସିବାର ମନ୍ଦାକ୍ଷେ
କଉଁଠାରେ ବିହିତ ସିନା ।
କାନ୍ତ କାମେ ସପକ୍ଷ
କାନ୍ତ କାମେ ବିପକ୍ଷ
ହେବାର ଶୁଭ ସୁଲୋଚନା ଗୋ । କେ ବୋଇଲା ।
ବିହାରେ ବିହାରେ ନ ରସ । ତାଡ଼ ତାଡ଼ନ ଦେବ ତ୍ରାସ ।
କେ ବୋଇଲା ରସନା
ଆଜ କହ "ରସ ନା"
ପ୍ରଖର ମୁଖରତା ଯଣ ଗୋ । ୭ ।

---

୪—୧ ଦୁର୍ବୃତ୍ତିପଣ-ଙ୍; ୪—୨ ସଦ୍‌ବୃତ୍ତି-ଙ୍; ସୁବୃତ୍ତ-ଝ, ଠ; ୫—୧ ଡ଼ର ହୁଏ ଙ୍ ୬—୪; ଖାଜୁଁ ବୃକ୍ଷ ସଜାତ-ଗ; ଖାଜବୃକ୍ଷ-କ, ଙ;

କେ ବୋଇଲା ସୁଶୀଳା    ନୋହିବନ୍ତି ସୁଶୀଳା
ସଙ୍ଗୀ ଇଙ୍ଗିତ ମନେ ଧରି ।
ଭାବଦାନେ କୃପଣ    ହୋଇଲେ ପ୍ରଭୁପଣ
ମାନିବ ନାହିଁ ରସେଶ୍ୱରୀ ଗୋ । କେ ବୋଇଲ ।
ଯେ ଯାର ସେ ତା'ହାର ହେବ । ବୃଥାରେ କଥା ସିନା ଯିବ ।
କାନ୍ତ ପୀରତି ହିତ    ମଣି ଗୃହନ୍ତୁ ନାହିଁ ତ
ଏତକ ଦେଖୁଁ ମନେ ଭାବ ଗୋ । ୮ ।
ଏ କଥା ନ ସମ୍ଭାବି    ବଳାଉ ନାହିଁ ପାଦ
ଗହଣେ ଆମ୍ଭେ ଥିଲା ପାଇଁ ।
ଲାଭ ଲଭ ଶୁଭାଙ୍ଗୀ    କରିବ ନାହିଁ ଭାଗୀ
ଏମନ୍ତ ଜାଣି ନ ଥିଲାଇଁ ଗୋ । ସହଚରି ।
ସମର୍ପି ଦେବାଯାଏ ଥିବୁଁ । ବାହୁଡ଼ି ସ୍ନେହଠାରୁ ଯିବୁଁ ।
ଭଜନ୍ତୁ ଏ ବସନ    କରାଇଛୁ ପ୍ରସନ୍ନ
ଆମ୍ଭ ପରମ୍ଭେ ନ ତେଜିବୁ ଗୋ । ୯ ।
ଗୋବିନ୍ଦ ଚଉ ବଉ    ହରିକୁ ସାଧିବା ତ
ଧରି କରି ନେଉନ୍ତୁ ବଳେ ।
ମଦନ ସନ୍ନିଧିରେ    ଦେବୁଁ ଇସନଧିରେ
ନ ଥିବୁ ଦଣ୍ଡ ଦେଲାବେଳେ ଗୋ । ପ୍ରାଣସଖି ।
ପ୍ରେମ ନିଗଡ଼େ ବନ୍ଦୀ ହେବ । ବାହୁପାଶେ ବନ୍ଧା ପାଇବ ।
ଦେଲେ ରତି ସମ୍ପତ୍ତି    ନାଶ ହେବ ବିପତ୍ତି
ମୁକୁଳି ତହିଁରୁ ଆସିବ ଗୋ । ୧୦ ।
ମାନସ ପରସନ୍ନେ    କହି ସଖୀ ଏସନେ
ବଳାଇ ଚଳାଇ ନଅନ୍ତେ ।
କେ ପହଣ୍ଡ ମଣାଏ    କେ ଗ୍ରୀମୁରେ ଜଣାଏ
ମହିମା ମହିମା ନରତେ ସେ । ବ୍ରଜେଶ୍ୱରୀ ।
କର ପଇଠ ମିତ କରେ । ଦେଇ ଚାଲନ୍ତେ ମତ୍ତଭରେ ।
ଧାରଣିଶିରେ ପଦ    ଦେଇଯିବାର ପଦ
ଜୂର ଇନ୍ଦ୍ରପଦକୁ କରେ ସେ । ୧୧ ।

---

୯—୪ ଭାବିଛି-ଘ, ଚ, ଜ, ଝ, ଠ;

ଗର୍ଜନସୀ ବିରଞ୍ଚୀ
ଗଡକ କରେ ରଞ୍ଚି
ହଂସକ ବାଦେ ନାଦେ ବଳେ ।
ପାଦଚଳା ବମଳ—
ଜିଣେ ସ୍ଥଳକମଳ
ବାଞ୍ଛଦେବାର ମଞ୍ଜିଷ୍ଠଳେ ଯେ । ବ୍ରଜେଶ୍ୱରୀ ।
ପହଣ୍ଡେ ସ୍ମୃଲେ ଦଣ୍ଡେ ରହି । ଆବୃତ ଖଞ୍ଜଣିରେ ସହି ।
ସତ କୃଷ୍ଣ ସୁଭଦ୍ରା
ପହଣ୍ଡିକ ସୁଭଦ୍ରା
ହେବାର ଆଶ୍ରସୂଚ୍ଛ ସେହି ଯେ । ୧୨ ।
ଭ୍ରୂରୁ ଧନୁ ଅଞ୍ଜନ
ମର୍ଦ୍ଦିବା କ ରଞ୍ଜନ
ବିଚଯ ଅପାଙ୍ଗ ସାୟକ ।
ମୁଖ ଶୋଭା ବଦାଉ
ଦଶୁଛୁ ଦାଉ ଦାଉ
ପାଦାଉ ନାକଚଣା ଟେକ ସେ । ଶଶମାନେ ।
ନଥ ଭୂତନାଥ ପରତେ । ଶୁନଚଶ ଡଳକ ସତେ ।
ମଣି ବେଣୀ ଅସିକ
ଧର ଅଛୁ କଷକ
ଆଗେ ପାଛେ କମ୍ପନ ମତେ ସେ । ୧୩ ।
ନାସିକାକୁ କଳିତ
ଚକମକ ଜଳି ତ
ହାସ କଲେ ଚଳନ ଡାର ।
କଣ୍ଠି ମଲ୍ଲୀକଳୀ ତ
ବଜ୍ରସମ କଳିଙ୍ଗ
ତାଙ୍କ ଚନ୍ଦ ମନୋହର ସେ । ବାହୁପାଶ ।
କର ଅଙ୍ଗୁଳି ଶର ପାଞ୍ଚ । ପରଶୁ ଶ୍ରବଣ ସୁସଞ୍ଚ ।
କଇସା କସେଧକୁ
ଧର ଏ ଆୟୁଧକୁ
ଭୂଷଣ ସୁଷ୍ଠେଲି କବଚ । ୧୪ ।
ଘବଳା ବଳା ଘଷେ
ମାନସକୁ ଆଘଷେ
ବଳାଘତ ମୋହିନୀ ବଜେ ।
ଝାଳୁଅଛି ପାହୁଡ଼
ପ୍ରତିହାଶ ପା ହୁଡ଼
ନୋହିବା ପାଇଁ କି ସହଜେ ଯେ । ବ୍ରଜେଶ୍ୱରୀ ।
ଝୁଣ୍ଟିଆ ଝୁଣ୍ଟିଆ ଡ଼ାକୁଛି । ନୂପୁର ଘୁରହିଁ ବାଜୁଛି ।
ପ୍ରକଟ କଟି ଘଣ୍ଟି
ରଣ ଟମକ ଦଷ୍ଟି
ଯାଉଛି ଚମକ ଦେଉଛି ସେ । ୧୫ ।

---

୧୨—୨ ପଦତଳ-ଚ, ଘ, ଚ, ଝ, ଠ; ୧୩—୨ ବଦାଉ ନାକଚଣା-ଘ; ଫଉକା ନାକଚଣା-କ, ଙ, ଝ, ଠ; ୧୩—୩ ସୁନଚରା-କ, ଗ, ଙ;

ଏମନ୍ତ ଜାଣି ଧୀର    ଚକ୍ଷୁ ଶ୍ରବଣ ଧୀର
କଲେ ସମ ପାରଧି ମଣି ।
କୃଷ୍ଣସାରକୁ ମାର—    ଶରେ ଆସେ କି ମାର
ବଗ୍ଗୁର ପ୍ରଗ୍ଗୁର ତା ପୁଣି ଯେ । ମନେ କଲେ ।
ଧାଣ୍ଡବଜଳ୍ପି ସାର ଏହ । ଶରଣ ହେବ ଯାଇଁ ମୁହିଁ ।
ବିଶ୍ବସ୍ତ ବୁଝାଇବ    ମଦନେ ଯୁଝାଇବ
ସବୁ ଦୁଃଖରୁ ହେବ ଛାଡ଼ି ଯେ । ୧୬ ।

ପୁଣି କଲେ ମନରେ    ମୋ ତାପ ଖଣ୍ଡନରେ
ଆସେ କି ସୁରତରଙ୍ଗିଣୀ ।
ଯେବେ ଅଟେଏ ଲକ୍ଷ୍ମୀ    ଆସେ କି ମହାଲକ୍ଷ୍ମୀ
କରୁଣା କର ଧାନମଣି ସେ । ଏକ ସ୍ଥିତ ।
ମୋ ହୃଦେ ଯାହା କାମ ଅଛି । ତାହାକୁ ଖୋଜି କି ଆସୁଛି ।
ମୋର ଚିନ୍ତାମଣିକି    ଆସେ ଚିନ୍ତା ମଣି କି
ସୁଭାଗ୍ୟ ଏଣିକି ଦିଶୁଛି ସେ । ୧୭ ।

ଭାବୁଁ ଭାବୁଁ ଏମନ୍ତେ    କଶୋଷି ପ୍ରେମ ମତ୍ତେ
ଦୂରହୁଁ କର ବିଲୋକନ ।
ଲଳି କୁଞ୍ଜକାନନ    ମଧ୍ୟରେ ସଂହନନ
ଗୋପ୍ୟ କି କରୁଛି ମଦନ ସେ । କି ବିଧାତା ।
ଅଖିଳ କଳାମାନ ହର । କୁଞ୍ଜକାପରେ ଅଛି ଧର ।
କି କଳାଚନ୍ଦ୍ର ହାସ    କି କଳାଚନ୍ଦ୍ର ହାସ
ନ ପାରଲା ବିବେକ କରି ସେ । ୧୮ ।

କି ମୋ ପ୍ରାଣବନ୍ଧୁର    ଏ ଶ୍ରୀମୁଖ ମଧୁର
କାନ୍ତି ଦିଶୁଛି ଝଟ ଝଟ ।
ଆହ୍ଲାଦ ଆନନ୍ଦ    ପ୍ରେମ ଅମୃତ ଜଦ
କି କୃପାସିନ୍ଧୁରେ ସଂଘଟ ସେ । ଏ ବିଚାର ।
ସଙ୍ଗମେ ଆଜ ଝାସ ଦେବ । ଜୀବନ କୃତାର୍ଥ କରିବ ।
ଭବପର ସଂସାର—    ତାଙ୍କୁ ଏ ସୁସାର
ଘଟନା କଲା ଭାଗ୍ୟ ଭବ ସେ । ୧୯ ।

---

୧୮—* କି କଲା—କି କଲା-ଗ, ଚ, ଡ, ଠ; ୧୯—* ଏଣୁ ସାର-ଛ; ଏ ସସାର-ଜ;

କହୁଁ କହୁଁ ବହୁର
ମାର ଶରେ ପ୍ରହର
ଭସ୍ମ ଉଭସ୍ମ ଜନେ କଲା ।
ହେଲା ମନେ ଏ ପାଞ୍ଚ
ମଦନ ଶର ଦାଞ୍ଚ
କେ ବୋଲେ ଅମାପ ଘଟିଲା । ସେ ରହରହ ।
ରହ ପାଇବାଯାଏ କ୍ଷଣେ । ପଳାଇ ଯିବୁ ନାହିଁ କେଣେ ।
ଯେଣୁ ନୋହିଲା ପଞ୍ଚ
ତେଣୁ କ ପରପଞ୍ଚ
ପଞ୍ଚତ୍ୱ ଇଚ୍ଛା କରୁ ଏଣେ ସେ । ୨୦ ।

ଏକାଳେ ଧୀରମଣି
କୁଞ୍ଜ ନିକଟେ ଦଣି
ମନ୍ଦଗତିକ ଲଜେ କଲେ ।
ସୁଗାମ୍ଭୀର୍ଯ୍ୟ ବଳରେ
ପଦକଣ୍ଟ ଛଳରେ
ନିକୁଞ୍ଜଦ୍ୱାରେ ଉଭା ହେଲେ ସେ । ବୃନ୍ଦାବନେ ।
ବିକଳେ ଦେଲେ ହୁଳହୁଳି । ପୁଷ୍ପପତନ ବୃଷ୍ଟି କଲି ।
ସୁରନାଗରୀମାନେ
ଅତ୍ୟନ୍ତ ସନମାନେ
ଜୟ ଜୟ ବୋଇଲେ ଭଲି ସେ । ୨୧ ।

ସେ କାଳକୁ ନିର୍ବନ୍ଧ
ହୋଇଲା ଲଜ୍ଜାବନ୍ଧ
ରସାଳସ୍ଥା ନ ପାରେ ଲଙ୍ଘି ।
ଚକ୍ରବାଡ଼ ବନ୍ଧୁର
ପଦ ପଦ୍ମ ସଞ୍ଚାର
ନୋହିଲା ହେଲେ ରସଶ୍ଳାଘୀ ସେ । ନତ ନୟନେ ।
ଉଭା ହେବାର ବିକଳ୍ପିତ । କାନ୍ତକୁ ନମିଲେ ସ୍ୱରିତ ।
ମିଳି ଲଜ ଗୁମାନ
ହୋଇଲେ ସନମାନ
ସ୍ନେହପାଳନା ବନ୍ଧୁର ତ । ୨୨ ।

କରାଇ କଳପନା
ଆଳତି ବନ୍ଦାପନା
ରାଧା ଶ୍ରୀହସ୍ତେ ସଖୀମାନେ ।
ସେ ଉପରୁ ସୁମନେ
ଅଞ୍ଜଳି କ ସୁମନେ
ଢାଳିଲେ ପଦନଳିନେ ସେ । ମହାନନ୍ଦେ ।
ହା ବନ୍ଧୁ ନାହିଁ କହ ହରି । ଶ୍ରୀ-କର ଧରି କୋଳ କରି ।
ହେମବଲ୍ଲରୀ କରି
ଉପାଠନକୁ କରି
ନେମାର ମାନିଲା ମାଧୁରୀ ସେ । ୨୩ ।

କୁସୁମଶେଯେ ବସି
କୋଳେ ବସାଇ ବଂଶୀ-
ଧରି ସୁଷମା ଅକଥନ ।

ସ୍ବଜନ ନବଘନ          କୋଳ କଳାଜ ଘନ-
ଲତା ହେବାରୁ ସୁଯତନ ଯେ । କମ୍ପେ ଧନୀ ।
ହେବାରୁଁ ଅନ ଅନୁଭବୀ । କି ମାନଇ କମ୍ପିତ ଛବି ।
କାମ ହେମପିତୁଳା          ଯନ୍ତ୍ର ନର୍ତ୍ତନ ତୁଳା
ବୋଲି ପାରିବ କଉଁ କବି ସେ । ୨୪ ।

ଧ୍ୟାନ ବାହନ ମିତେ          ଦେଖି ଏହି ନିମିତ୍ତେ
କାମ ହେମହରଣୀ ଆଣି ।
ବସିଛୁ କୋଳେ ଧରି          ଉପମାକୁ ହରି
ନେଉଛୁ କନକକେ ପୁଣି ସେ । ନବଘବେ ।
କୋଳେ ବସାଉଁ ବଳେ ବଳେ । ଖସି ଖସି ବସଇ ଛଳେ ।
ପ୍ରୀତିକି ବଳାବଳି          ସେ ରସିକ ନିବଳି-
ଶୋଭନୀ କରନ୍ତି ଏ ଛଳେ ସେ । ୨୫ ।

ବସଙ୍ଗୀ କଳେବର          କରମାମ୍ବୁରେ ବର-
ବରନୀ କି ସେ ବଳି ।
କାଶ୍ମୀର ଭୂଜାତ କି          ହୋଇଥିଲା କେତକୀ-
କଳି ମଧ୍ୟରେ ଝଳି କଳି ହେ । ଶ୍ୟାମରାମ ।
ନୀଳେନ୍ଦ୍ର-ମଣିଧର ଜାତ । ତମାଳ ପ୍ରବାଳ ସଂଜାତ ।
ଏ ଦୁଇ ମିଶିବାର          ଯଉଁ ସୁନ୍ଦର ବାର
ଏ ତାକୁ କରନ୍ତି ଲଜ୍ଜିତ ସେ । ୨୬ ।

ସୁସ୍ନେହ ଉପୁଜାଇ          ଉରକୁ ଆଉଜାଇ
ବାମଭୁଜ ଆଶ୍ଲେଷ ଦେଇ ।
ଚିବୁକେ ଦକ୍ଷ କର          ଦେବାର ଲକ୍ଷ କର
ଚନ୍ଦ୍ରେ କି କମଳ ବିନମ୍ରି ସେ । ସୁଧାମୁଖ ।
ସୁଷମା ଗୃହୁଁ ବେଣୁଧର । ଉପମାମାନ ହେଲା ଦୂର ।
ହେମ ନୀଳେନ୍ଦ୍ରମଣି          ଦରପଣ କି ମଣି
ଯୋଖାଏ କି ସର୍ଜକ ମାର ସେ । ୨୭ ।

ସଖୀ ପ୍ରେମ ମିଶାଇ          ଧନୀ ଧନ ଉଷାଇ
ବୋଇଲେ କୃଷ୍ଣଙ୍କୁ ଶୁଣାଇଁ ।
ନ କରବ ବିମନା          ଆମ୍ଭ ସଖୀ ସୁମନା
ରସିକ ଭୃଙ୍ଗ ସୁଖଦାୟୀ ହେ । ଏହାଶୁଣି ।
ଛଳି ବୋଇଲା କଉଁ ସହୀ । ବାଇ ହେଲୁ କି ମିତ ରହି ।

---

୨୫—୪ ରସିକା ଚ, ଠ; ସେ ରସିକ ନବଲୀଶୋଭନା-ଝ; ୨୬—୪ ଯେଉଁ ସିନ୍ଦୂର ବାର-କ, ଖ; ବାର ଯେଉଁ ସୁନ୍ଦର-ଗ;

ହୁଅନ୍ତି ଯେ ଯହାର ନୋହେ କି ସେ ତାହାର
କି ହେବ ଆମ୍ଭେ ଏହା କହୁ ସେ ।୨୮।
କେ ବୋଲେ ସୁରଜନେ ଶଶୀ ସୁଧାଭୋଜନେ
ଆଶ ବଶେ ରଖନ୍ତି ଶେଷ ।
ଆଶ ରଖି ସୁମନେ ମାଳୀ କଲି ସୁମନେ
ତୋଳିକି ନଅଇ ନ ଭ୍ରଷ ଗୋ । ପ୍ରାଣସଖି ।
ଅଳି କେଳିରେ ସୁଶିକ୍ଷ । କେବେହେଁ ନ ଭଜ ବିରସ ।
ପଦ୍ମୀ ସୁରସରେ ବନ୍ଦୀ ହୋଏ କୋଷରେ
ଫୋଡ଼ିକି ପାରଇ ଷାରସ ଗୋ ।୨୯।
ପରୋକ୍ଷାନୁବାଦରେ କହିଗଲେ ମୁଦରେ
ସଖୀମାନେ ଅନ୍ତର ହୋଇ ।
ପ୍ରାପ୍ତ ଉପକୁଞ୍ଜରେ ମହାନନ୍ଦ ପୁଞ୍ଜରେ
ପ୍ରାଣ ଇନ୍ଦ୍ରିୟ ମତ୍ତ ଧାତ୍ରୀ ସେ । ବୃନ୍ଦାବନ ।
ଆନନ୍ଦ ହେଉଅଛି ଜୁର । ଫିଟିଛି ପ୍ରଣୟ ଭଣ୍ଡାର ।
କୋଟି ଲକ୍ଷ୍ମୀ ସଂଜାତ କଟାକ୍ଷପାତେ ଜାତ
ଯାର ତାର ବିହାର ପୁର ସେ ।୩୦।
ସେ ରାଧାକୃଷ୍ଣ ଭାବ ସାବ ଜନେ ଭାବ
ବୃନ୍ଦାନୁଗତେ ବ୍ରଜେ ରହି ।
କାମଧେନୁ ବିଶେଷ କଳ୍ପତରୁ ଅଶେଷ
ଯହିଁ ତହିଁ କି ସୁଖ ନାହିଁ ହେ । ଧୀରଜନେ ।
ଶ୍ରୀଗୁରୁ ଆଜ୍ଞା ଘେନ ଶିରେ । ସର୍ବଦା ମଗ୍ନ ସେ ଭାବରେ ।
ଯାନ ସ୍ଥାନ ସାମନ୍ତ- ବିହାର ଅଭିମତ
ପୂର୍ତ୍ତିକର କୃପା ଲବରେ ।୩୧।
ହା ହା ରାଧାମୋହନ କହି ବହି ମୋହନ
ଶ୍ରୀ ରାସସ୍ଥଳେ ଗଡ଼ୁଥିବ ।
ଯୁଗଳ ଆଚରଣ ଭାବକୁ ସୁମରଣ
କର ସର୍ବଦା ଦିନ ନେବ ହେ । ସାଧୁଜନେ ।
ଅଧର୍ମ ମାର୍ଗକୁ ନ ଯିବ । ତଦୀୟା ସେବା ଆଚରିବ ।
ଦନ୍ତେ ଧରି ତୃଣକୁ ମାଗୁଛି ଶରଣକୁ
ଜରତେ ତୁମ୍ଭସଙ୍ଗେ ଥିବି ହେ ।୩୨।

---

୩୧—୧ ବୃନ୍ଦାନୁ-ଗତେ ବନେ ରହି-ଗ, ଚ, ଠ;

## ଚଉରାଅଶୀ ଛାନ୍ଦ ।

### ନୂତନ ନବସଙ୍ଗମ ପୃଚ୍ଛୁ ।

ରାଗ ବଙ୍ଗଳାଶ୍ରୀ । ପରଶୃଙ୍ଖଳା ।

ପରବ-ଚନ୍ଦ୍ର-ବଦନାକୁ ଗୋବିନ୍ଦ ବସାଇ ଜାନୁଉପର ।
ପରମ ରମ୍ୟ ଚିବୁକ ଧରି ପଚ୍ଛୁ ପୃଚ୍ଛୁ କଲେ ମୁଁ କି ପର । ୧ ।
ପରଶି ପୀୟୂଷ ଉଷତ ସତତ ଭୃଙ୍ଗିନିକି ଲୋଲୁପର ।
ପରମାଦ ମାଦକରେ କରେ ପକାଇବା ଇଚ୍ଛୁ ତତପର । ୨ ।
ପରଶ-ରସଦା ସଦା ଲୁବ୍ଧ ମୁଗ୍ଧ ଲୋଭ କେ ଗତି ଅପର ।
ପରଖୁରେ ଭୂରେ ବାରି ପାରୁଛି କେ ଇଚ୍ଛିତ ଦାସ ଲୋପର । ୩ ।
ପରକଣ୍ଠ ପରକଣ୍ଠକେ କୀରତ, କି ରତି ସମ ରୂପର ।
ପରଖି ରଖିଛୁ ଗୁଣନିଧି ନିଧିରୂପା କୃପା କଳପର । ୪ ।
ପରମଦା ସଦା ବଇଲେ ସରେ କି ଫଳ କଳ୍ପପାଦପର ।
ପରଖାଣା ଉଣା କରୁଣା ହେଲେ ତ ବଳୀ ମୁଁ ଫୁଲଧନୁପର । ୫ ।
ପରଲୋକବନ୍ଧୁ ରସସିନ୍ଧୁ ସିନା ତାରଣୀ ମୋର ତାପର ।
ପରମ୍ପରା ପରା ପରାଧୀନବାଣି ବନ୍ଧୁ ଯଶ ଉଡୁପର । ୬ ।
ପରଶଂସା ସାର ସଂସାର ଭିତରେ ତରଣୀ ସ୍ମର ଆପର ।
ପରମାନନ୍ଦ- ସ୍ୱାଦୁଭାଷୀ ଭାଷିଲେ ହସିବେ ବାମା ଗୋପର । ୭ ।
ପରବରତଲେ ଅପରାଧେ ରାଧେ ଯୋଗ୍ୟ କି ରୋହ କୋପର ।
ପରମାର୍ଥତୀର୍ଥ ବାରଇ କି ବାରି ଅନୁଗ ଶ୍ରୀତ ପାଦର । ୮ ।
ପ୍ରଶଂସି ଶଶୀ—ମୁହଁ କି ମୁହିଁକି କହିବ ଫଳ ତପର ।
ପରସନ ସନ—ମତେ ଉଦେ ହେଉ ଭାଗ୍ୟ କୋଟି କଳପର । ୯ ।
ପରତକ୍ଷ ଲକ୍ଷ ଲକ୍ଷ ମୋକ୍ଷଧନ ଥାଉ ଧାମ-ବିଭପର ।
ପରଦାନ କରି କରଗତ ଗତି କର ଏ ଧନ ଭୂପର । ୧୦ ।
ପରତାପ ତାପ ବଢୁଛି ମୋହର ହରତେ କନ୍ଦରପର ।
ପରଚଣ୍ଡ ହର ହରି ନ ପାରେ କି ପ୍ରଭୁ ବରହ୍ମଦ୍ୱୀପର । ୧୧ ।

---

୪—୨ ଲଭ-କ, ଖ; ୬--୧ମା'ର ତାପର-ଚ, ଠ; ୭—୨ ପରମାନନ୍ଦ ସ୍ୱାଦୁଭାଷୀ-ଙ; ପରମାନଙ୍କ-ଖ, ପର ଆନଙ୍କ-ଚ; ୮—୨ ଅନୁପସ୍ଥିତ ଦ୍ୱାର-ଘ, ଜ; ଅନୁପରତ ଚ; ଅନବରତ-ଗ; ଅନୁଷ୍ଠିତ ଙ, ଛ, ଝ, ଠ; ୧୦—୨ ଏ ଧନକୂପର-କ, ଖ; ୧୧—୨ ବରହ୍ମଦ୍ୱୀପର-ଜ, ଝ, ଠ;

ପରଳ ପ୍ରେମ ତ ଅକ୍ଷର ଅକ୍ଷର ନ ବିଶିଲି ସମୀପର ।
ପରଚକ୍ଷୁ ମୋର ନଖନା ବନା କେ ହାରଣୀ ସେ ସନ୍ତାପର । ୧୨ ।
ପରଖିତ-ଭଜନୀ ତ ବିତମ୍ବିନୀ ଶୀବନ ଏ କୁଣ୍ଡପର ।
ପରମେଷ୍ଠୀ ସୃଷ୍ଟି ମଧ୍ୟେ ମଧ୍ୟେ ଆନ ଗତ ନାହିଁ ପଣ୍ଡୁପର । ୧୩ ।
ପରଜ୍ୱଳିତ ଫୁଲକାଣ୍ଡ ଦହନେ ମୋ ଦେହ ଗତ ସିପର ।
ପରଭଞ୍ଜନ ଜନମାଏ ତାପକୁ ଅଶନ ହୋଇ ସାପର । ୧୪ ।
ପରଭୃତ-କଣ୍ଠୀ କଣ୍ଠୀରବମଧ୍ୟା ବଶ କର ବଳପର ।
ପରସିଦ୍ଧିସିଦ୍ଧି-ଦାତ୍ରୀ ସାର୍ଥକାରଣୀ ତୁ ମୋହର ଜପର । ୧୫ ।
ପରବତ ବତ ଉରଜା ରମ୍ଭୋରୁ ହାସେ ଚଉ ମଧୁପର ।
ପରସଙ୍ଗ ସଙ୍ଗ ପଦ୍ମିନୀର ନିରତରେ ଇଚ୍ଛା ମଧୁପର । ୧୬ ।
ପରମାଣୁବର ଦରବ୍ରହ୍ମଧ୍ୟରେ ଧୀରେ ଘନ ମହୀପର ।
ପରଚେ ହେବାର ଦାରଣଗତର ସୁକୃତ କି ଅଳପର । ୧୭ ।
ପରଡେ କର କରକଦନ୍ତ ମତ ବଚେଷ୍ଟା ରସକୂପର ।
ପରସାଦ ସାଦରେ ତୁ ଦୋଷ ଥିଲେ ପ୍ରକାଶ ଶୀତ ସୁପର । ୧୮ ।
ପରଶୁ-ଶ୍ରବଣା ବଣା ବୁଦ୍ଧି ହୋଏ ଯଥା ପାଠ ପ୍ରଡପର ।
ପରଜାପତ କରଅଛୁ ଅଚ୍ଛିଦ୍ରେ ବିକା ମୁଁ ତୋ ସ୍ୱରୂପର । ୧୯ ।
ପରବାସୀ ତ ସିତ- ହାସି ନୋହିବ ସାକ୍ଷୀ ଦେଲି ପ୍ରଦୀପର ।
ପରମାଣ କର ମାନେ ଶୁଣାଇବୁ ନାହିଁ ଘୃଷା ପ୍ରଳାପର । ୨୦ ।
ପରଖିକର ସୁଧାହ୍ରଦଦେହକୁ ବିନସ୍ତ୍ର ରସାଧିପର ।
ପରଖିଅଙ୍ଗୀ ଅଙ୍ଗୀକୃତ ସ୍ନିତରେ ଖସି ବସେ ତଳପର । ୨୧ ।
ପରମାନନ୍ଦ ମୁଦରେ କୋଳ କଲେ ବଢ଼ାଇ ଭୁଜ ଯୁପର
ପରମତ୍ତ ମତ କାନ୍ତର ବିଳୋକ ସୀମା କି ସୁଧା କର୍ମର । ୨୨ ।
ପରଖରେ ଜାତ ପୁଲକ ତୁଲ କି ପ୍ରଫୁଲ୍ଲ ଫୁଲ ନୀପର ।
ପରକାଳ ସାର୍ଥ ହେଲା ବଶୁରଲେ ନନ୍ଦନ ଗୋପଭୂପର । ୨୩ ।
ପରକୀୟ ନବ—ସଙ୍ଗମ ଗ୍ରନ୍ଥ ଏ ଶୃଙ୍ଖଳା ନୟମ ପର ।
ପରବୋଧ ଧୀରେ ଧୀରେ ଦେନ ନ ବାଧିବ ତାପ ନନ୍ଦୁପର । ୨୪ ।
ପରସ୍ପର ସଖା- କୃଷ୍ଣ ଶିବ ଶିବେ ସଦା ମଣି ମଣ୍ଡପର ।
ପରପଞ୍ଚ ବଞ୍ଚନାକୁ ଅଭିମନ୍ୟୁ ଦାସ ମଦନ-ବାପର । ୨୫ ।

---

୧୩—୧ ପରହାତ ଭଣିନା ତ ବଢ଼ମ୍ବିନୀ ଜୀବନ ଏ କଷିପର-ଙ, ଖ;—ଭଣିନୀତ-ଝ, ଠ;
୧୬—୧ ଇଚ୍ଛାଅ ଝ; ୧୭—୧ ପରମାଣୋଦଗ୍ରି-ଛ, ଜ, ଝ, ୭—୧ ମୁହିଁ ପର-ଗ, ଘ, ଚ, ଜ, ଝ,
ଠ; ୧୯—୧ ପରଶୁଶ୍ର ବଣାବଣ ବୁଦ୍ଧି ହୋଏ ଯଥା ପାଠ ପ୍ରଭପର-କ, ଖ, ବୁଦ୍ଧି ହୋଏ-ଝ, ଠ;

## ତେୟାଅଶୀ ଛାନ୍ଦ ।

## ସଂଭୋଗ ବର୍ଣ୍ଣନ । ନାୟମ ଗୂଢାଭିପ୍ରାୟ ।

ରାଗ ରଣବଜେ (୧)

କୋବିଦବୃନ୍ଦ ଏ ଗ୍ରନ୍ଥ ଶୁଦ୍ଧ । ହୃଦକୁମୁଦ କରିବ ମୁଦ ।
ଶ୍ରୀରାଧା ଗୋବିନ୍ଦ ନୂତନ ବିନୋଦ ସ୍ୱାଦୁ ନିନ୍ଦଇ ଅମୃତକନ୍ଦ ସେ ।
ପ୍ରେମପ୍ରଦ । ତାପନାଶନକୁ ଆହ୍ଲାଦ ପଦ । ୧ ।
ଶ୍ରୀରାଧା ଶ୍ରୀବିଧୁ ରସଭେଦେ । ଲୀଳ କରିଥିଲେ ଦିନ ଉଦେ ।
କାମତମ ଘୋଟି ଯିବାରେ ଚନ୍ଦ୍ରହିଁ ଯାଉଛି ଉଜ୍ଜ୍ୱଳ ଆସପଦେ ସେ ।
ରସକଳା । ସ୍ମିତ ସ୍ୱୀକାରେ ହେଲେ ଅନନ୍ତଲୀଳା ସେ । ୨ ।
ଘନରସକାଳ ଉପଗତ । ସୁରତ ରଙ୍ଗିଣୀ ଗତିବନ୍ତ ।
ନାଗର ସାଗର ସଙ୍ଗତ ରଙ୍ଗରେ ବିଭେଦାଲିଙ୍ଗିତ ଖ୍ୟାତ ସତ ସେ ।
ଦ୍ୱନ୍ଦ୍ୱମୁଦ । ପରସ୍ପରେ ହେଲେ ଶୁଚିପଦ ପ୍ରଦ ସେ । ୩ ।
ପ୍ରାଣକୁ ପ୍ରାଣ ମନକୁ ମନ । ଅପଘନ ସଙ୍ଗେ ଅପଘନ ।
ବଦନେ ବଦନ ନୟନେ ନୟନ ଅଧରେ ଅଧର ଆସ୍ୱାଦନ ସେ ।
ହୃଦେ ହୃଦ । ବାହେ ବାହୁ ପାଦେ ପାଦ ନାହିଁ ଭେଦ ସେ । ୪ ।
ମହାଘନରସ ବୃଷ୍ଟିକାଳେ । ଘନ ବିଦ୍ୟୁ ଘନତା କେ କଳେ ।
ଅଙ୍ଗ ସେ କ୍ଷଣରେ ଯେଉଁ ଲକ୍ଷଣରେ ଭେଦାଭେଦ ଆନ ନାହିଁତଳେ ସେ ।
ବନ୍ଧସିଦ୍ଧି । ଭଙ୍ଗି ବୁଡ଼ାଇଦେଲା ସୁରସ ବୃଦ୍ଧି ସେ । ୫ ।
ରସପ୍ରବୃତ୍ତରତା ମାଧବରେ । ରମଣୀ ଅଙ୍ଗଦେଶ କ୍ଷେତ୍ରରେ ।
କରଜସୀରେ ହଳଧରସୋଦର ଚଷି ପ୍ରେମବୀଜ ବୁଣି ଖରେ ସେ ।
ପାଣିଦାନେ । ଅଙ୍କୁରିଲା ଶବ ତହୁଁ ଅଳୁଆନେ ସେ । ୬ ।
ଲୀଳା ଶାଖାବନ୍ଧ ପତ୍ର ହେଲା । ଆନନ୍ଦ ସୁମନ ବିକଶିଲା ।
ପ୍ରେମାମୃତ ଫଳ ହୋଇଲା ସଫଳ ଆସ୍ୱାଦନେ ହେଲେ ଅତିଭୋଳା ସେ ।
କାମଦ୍ରୁମ । ମୂଳଜଗା ମୂଳକରାଇଲା ଶର୍ମ ସେ । ୭ ।

---

୧ ରାଗ-ରଣବଜେ-ଗ. ଗଉଡ଼ମାଳଶ୍ରୀ-ଝ, ଠ, କୋଶିକାମୋଦୀ-ଚ; କ, ଖ, ଘ, ଛ, ଜ,-ପୁଟରେ କୌଣସି ରାଗ ନିର୍ଦ୍ଦେଶ ନାହିଁ । ୬୧ ଛାନ୍ଦର ସମ୍ଭବ ଯେଣୁ ରଣବଜେ ଦିଆଗଲା । ୧ — ୩ ପ୍ରେମମଦ-କ, ଖ, ଜ; ପ୍ରେମପଦ-ଗ, ଚ, ଛ, ଝ, ଠ; ଅହ୍ଲାଦପ୍ରଦ-କ, ଖ; ୨ — ୧ ରସପଟେଦ ଜ; ରତିରେଦେ-କ, ଖ; ୭ — ୩ମୂଳଜଗା-କ, ଖ, ଗ, ଚ; ମୂଳଜଗାମଲ-ଘ, ଜ;

ମଲ୍ଲଯୁଦ୍ଧ ବନ୍ଧବନ୍ଧାଣରେ । ବିଘାତକ ମୁଷ୍ଟି ଫେରଣରେ ।
ପାଦେ ପାଦ ଛନ୍ଦି ହୃଦେ ହୃଦ ରୁନ୍ଧି ଭୁଜେ ଭୁଜ ଭିଡ଼ି ନିବିଡ଼ରେ ସେ ।
ହୁଁ କୃତରେ । ଅଧ କେ ଊର୍ଦ୍ଧ ବ୍ୟାପିତ ପରସ୍ପରେ ସେ ।୮।
ସେ ମଉ ଅନ୍ତରେ ଯେଉଁ ମତ । ଶୋଭା ମାନଥାଇ ଅସ୍ତବ୍ୟସ୍ତ ।
ବାଧେ ଉଭୟୃରେ ମାମା ଲାଜ କରେ କଳା ମୁଖରତା ସୁମରତ ସେ ।
ବିରସେ ତ । କେଶ ବାସ ଆଯୃଉକୁ ବିକଳ୍ପିତ ସେ ।୯।
ପଦ୍ମିନୀ ବିମୁଦ କାନ୍ତ ଦେଖି । ହେମନ୍ତକାଳ ପରାୟେ ଲକ୍ଷି ।
ତୁଷାର ଆଚ୍ଛନ୍ନ ଚନ୍ଦ୍ର ଅନୁମାନ ସ୍ୱେଦ ଶ୍ରୀମୁଖେ ବିତର୍କ ରଖି ସେ ।
କଲେ ହେତୁ । ହେଲା କେତେ ବହନେ ଶିଶିରଋତୁ ସେ ।୧୦।
ସୁମନେ ସୁବେଶ କି ମାନିଲା । ମଧୁକାଳ ମାଧବରେ ହେଲା ।
ଜ୍ୟେଷ୍ଠେ ମିହିରକର ସ୍ପର୍ଶ ହେବାର ଭାବ ବିମୁଦତା ପ୍ରକଟିଲା ସେ ।
ଗ୍ରୀଷ୍ମମଣି । ବେଗେ ଦକ୍ଷିଣା ଚରିତେ ମତ ପୁଣି ସେ ।୧୧।
ରସ ପ୍ରବୃତ୍ତିରତା ଯହୁଁ ହେଲା । ବରଷା ଲକ୍ଷଣ ଘଟିଗଲା ।
ପାଣିଜ ଚନ୍ଦ୍ରମା ବିଶେଷ ସୁଷମା ବିଚରୁଁ ଶରଦ ଆଭାସିଲା ସେ ।
ଏ ବିଧିରେ । କାଳ କଳିତ ନୋହିଲା ଭାବନାରେ ସେ ।୧୨।
ବିସନ୍ଧାନ କରିବାକୁ ପ୍ରୀତ । ରତି କାମ ଯହିଁ ଦୂତ ଦୂତୀ ।
ଭୁବି ଚିନ୍ତାମଣି କଳ୍ପତରୁ ମଣି ବିଟପୀ ବ୍ରତତୀ ଯେତେ ସ୍ଥିତ ସେ ।
ଖଟିଛନ୍ତି । ନିଜଗୁଣଗଣ ଘେନି ଋତୁପଙ୍କ୍ତି ସେ ।୧୩।
ଅନନ୍ତମସ୍ତକମଣି ପରେ । ଶ୍ରୀସହସ୍ରଦଳ କମଳରେ ।
ରଶ୍ମି ସମ୍ବୃଜତ କେଶର ବିଦିତ ବିଲକ୍ଷିତ କର୍ଣ୍ଣିକାର ପରେ ସେ ।
ବିଚନ୍ତିତ । ମହାଯୋଗମାୟାପୀଠ ସୁଘଟିତ ସେ ।୧୪।
କ୍ରୀଡ଼ାଶୟନରେ ଲୀଳାତୁଳୀ । ରାଗଉପଧାନ ଥାଇ ମିଳି ।
ଭାବଚନ୍ଦ୍ରାତପ ଆହ୍ଲାଦ ବିଦିତ ବ୍ୟଜନ କରେ ରଞ୍ଜନ କେଳି ସେ ।
ମହାଝଲି । କାନ୍ତ ପ୍ରଦୀପେ ହୁଅଇ ଝାରିକଳୀ ସେ ।୧୫।
ପ୍ରେମର ଉପକରଣ ଯେତେ । ଭୂଷଣ ମାନଇ ଅତିବାପ୍ତେ ।
ସଦା ଷଡ଼ଶକ୍ତି ଖଟଣିରେ ସ୍ଥିତ ଆବରଣେ ଭିନ୍ନ ଭିନ୍ନ ରତ ସେ ।
କ୍ରୀଡ଼ାବତୀ । ସର୍ବ ନମସ୍କୃତ ମହାଭାବମୂର୍ତ୍ତି ସେ ।୧୬।

---

୯—୨ ବୋଧେ ଉଭୟରେ-ଗ, ଜ, ମାନିଲା ଜନରେ-ଗ 'ମାନ ଲାଜ କରେ' ମଧ୍ୟ ହୋଇପାରେ ୧୧—୨ ଜ୍ୟେଷ୍ଠମିହିକର-ଛ, ଝ, ଛଡ଼ା ସବୁଥିରେ; ୧୧—୩ ଦକ୍ଷିଣାମରୁତେ; କ, ଗ, ଟ, ଠ, ୧୩—୧ ବିଧିସନ୍ଧାନ କରିବା ପ୍ରୀତି-କ, ଗ; ବିଧି ସିଦ୍ଧି-ଟ, ଠ; ୧୬—୨ ଅଷ୍ଟଶକ୍ତି—କ, ଗ, ଟ, ଠ;

ସଚ୍ଚିଦାନନ୍ଦ ଆନନ୍ଦକନ୍ଦ । କେ ଜାଣିମ ତାଙ୍କ ପ୍ରେମଭେଦ ।
କୃପଣରତନ ଗୋପନ ସମାନ ନ ଜାଣୁ ନ ଜାଣୁ ବୋଲେ ବେଦ ସେ ।
ଯହିଁ ରସ । ବର୍ଣ୍ଣିବାକୁ ସାହସ ନ କଲେ ଶେଷ ସେ । ୧୭ ।
ଶ୍ରୁତିଦ୍ୱାରେ ଶ୍ରୁତିବର୍ଗ ଜୂର । ଶ୍ରୁତି ବେଦ ବନ୍ଦୀ ପରକାର ।
ଶ୍ରୁତି ପୁରୁଷାର୍ଥ ଯେନକରି ଦ୍ୱାସ୍ଥ ଚତୁର୍ଥ ପୁରୁଷ ପରସ୍ପର ସେ ।
ଭୁକ୍ତିମୁକ୍ତ୍ୟନ୍ତେ । ଗୁଣାତୀତ ଧାମ ଶୋଭି ଅଖଣ୍ଡିତେ ସେ । ୧୮ ।
ଇଚ୍ଛାଶକ୍ତି ଆଜ୍ଞା ଗୃହେଁ ରହେ । କୋଟି ସୃଷ୍ଟି ଭୃକୁଟିକରେ ବହେ ।
ଯାହାର ଅଂଶାଂଶ ଯେନ ପରକାଶ ବ୍ରହ୍ମା ବିଷ୍ଣୁ ରୁଦ୍ର ଛନ୍ଦ ମୋହେ ସେ ।
ନିରଙ୍କୁଶ । ଇଚ୍ଛାବଳେ ତାଙ୍କ ଲୀଳା ପରକାଶ ସେ । ୧୯ ।
ଦାସୀ ସଖା ସଖୀ ପଦ ଡାଳ । ମୁଦ ସୁମନସ ସୁଖ ଫଳ ।
ମୂଳ ରସ ଯୋଗେ ଉଲ୍ଲାସ ସଙ୍ଗାଙ୍ଗେ ହେବାରୁ ପ୍ରାପ୍ତ ଆହ୍ଲାଦ ଜାଳ ସେ ।
ରାଧାହରି । ଅଭେଦତା ବିଭେଦତା ତାହାଙ୍କର ସେ । ୨୦ ।
ଧୀରେ ନଦୀ ସ୍ୱଦ୍ରୁ ନଦୀ ମୁହିଁ । ମହାନଦୀ ତୁଲ୍ୟ ରାଧା ସହି ।
ଧନ୍ୟ ସୁରଧୁନୀ ପୂର୍ବ ପୂର୍ବ ଯେନ ମିଳନ କରୁଣାସିନ୍ଧୁ ତହିଁ ସେ ।
ହେବ ସତତ । ଅବାରିତ ହେବ ଭବ ପଦାଶ୍ରିତେ ସେ । ୨୧ ।
ପୁଷ୍ପପୁଞ୍ଜେ ମାଧବିକାକୁଞ୍ଜେ । କୁଞ୍ଜଲତାବୃତେ କି ବିରାଜେ ।
ଗୁଞ୍ଜରନ୍ତି ଭୃଙ୍ଗେ ରାଧାକୃଷ୍ଣ ରଙ୍ଗେ ପରସ୍ପରେ ଚୁମ୍ବ ଦେବା ସଜେ ସେ ।
ଆଲୋକନେ । ଧନ ଅଭିମନ୍ୟୁ ଘରେ ଅନୁଦିନେ ସେ । ୨୨ ।

---

## ଚଉରାଶୀ ଛାନ୍ଦ ।

---

### ନିଶାନ୍ତ ରତାନ୍ତ ବାହୁଡା ।

---

ରାଗ କଲ୍ୟାଣ । ଅବକାଶ ବାଣୀ ।

ଧୀରେ ଯେନ ରସାନ୍ତରେ ଗୋବିନ୍ଦ । ଲୋକନେ ଶ୍ରୀରାଧା ମୁଖାରବିନ୍ଦ ।
ହୃଦରେ ବ୍ୟାପିତ ମହାଆନନ୍ଦ । ମନ ସରଧା ଭଜିଲେ ଉନ୍ମାଦ ।
ଶସ୍ତୃତ, ଅଭେଦତା ବିଧିରେ । ଅନାବୃତ ହେଲେ ପ୍ରେମବିଧିରେ । ୧ ।

---

୧୭—୨ ଜାଣୁ ନ ଜାଣୁ ବୋଲନ୍ତି ବେଦ-କ, ଗ, ଙ, ଠ; ୨୨—୧ କୁଞ୍ଜଲତା ବୃନ୍ଦେ ଘ, ଚ, ଛ, ଠ; କୁନ୍ଦଲତା ବୃନ୍ଦେ-ଜ;

ସୁମେଧା ସାକ୍ଷୀ ଦକ୍ଷନାମା କୀର । କରୁଁ ଏ ବିଶ୍ୱର ଶଙ୍କା ପ୍ରଶ୍ନର ।
ସୁପଥ ହେବ ପରକୀୟା ପ୍ରୀତି । ଏମନ୍ତ ମତରେ ଖଳ ବୋଲନ୍ତି ।
ଉଭୟ ପକ୍ଷୀ ଉଭୟ ପକ୍ଷ । କଥନ ମାଧୁରୀ ଅଲକ୍ଷ ମୋକ୍ଷ । ୧୧ ।
ଜୟ ଜୟ ଶ୍ରୀ ବୃଷଭାନୁ ଜେମା । ଗାନ୍ଧର୍ବିକେ ରାଗ-ସାରପ୍ରତିମା ।
ଅନନ୍ତକୋଟି-ବ୍ରହ୍ମାଣ୍ଡଈଶ୍ୱରୀ । କାମମୋହନ ଚମତ୍କୃତ-କାରୀ ।
ବିଚନ୍ଦ, ପ୍ରେମସିନ୍ଧୁ ପିବନେ । ନିଶାନ୍ତ ଘଟନା ଘନାନନ୍ଦନେ । ୧୨ ।
ଜୟ ନାଗରେନ୍ଦ୍ର ମୁକୁଟମଣି । ମଦନମୋହନ ମୁରଲୀପାଣି ।
ଅନନ୍ତକୋଟି-ବ୍ରହ୍ମାଣ୍ଡଈଶ୍ୱର । ରାଧା ଆନନ୍ଦସିନ୍ଧୁ କଳାକର ।
ନାଗରେ, କାମ ସୁରସ ସୃଷ୍ଟି । ନିଶାନ୍ତ ପ୍ରଳୟ ଅଇଲା ଘୋଟି । ୧୩ ।
ପୁଣି ବୋଲନ୍ତି ଉଭୟ ସନ୍ଧିତେ । କୁଞ୍ଜଛିଦ୍ରେ ମୁଖ ଦେଖି ଲକ୍ଷିତେ ।
ସୁଧାକର ଅସ୍ତାଚଳ ଭଜିଲେ । ତଥିଏ କାନ୍ତବର୍ମଗା ହୋଇଲେ ।
ପ୍ରକଟ, ହଟହଟା ନିଶିରେ । କୁମୁଦ ବିମୁଦ ଖ୍ୟାତ ଲୋକରେ । ୧୪ ।
ବିଟପୀ ବକଳେ ରୋଦନ ମଣି । ତୁଷାର ଧାରପାତ ଅଶ୍ରୁ ଜାଣି ।
ଶେଫାଳିକା ଅନୁରାଗ ଦେଖାଇ । ପ୍ରସନ୍ନସୁମନ ଦେଲା ପକାଇ ।
ଚକୋର, ନେଇ ଶ୍ରୀମୁଖେ ଲଗ୍ନ । କୁହୁ କୁହୁ ଖ୍ୟାତ କୋକିଳସ୍ୱନ । ୧୫ ।
କାନ୍ତ ଭ୍ରାଜିଷ୍ଣୁ ବିଲୋକନେ କେକୀ । ନଟନ କରନ୍ତି ବରହ ଟେକି ।
କେକାହିଁ ତ କେ କାହିଁ ତ ଏପରି । କପୋତ ହୁଂକୃତ ଶିକ୍ଷା ଆଚରି ।
ଗୃହଜ, ଚଉ ଗୃହିଁ ଉଷତ । କୋବା କୋବା କାଳକଣ୍ଠକ ରୁତ । ୧୬ ।
ପ୍ରାଚୀ ସୁମନା ହସିବାର ଦେଖି । କାନ୍ତ ଆଗମନ ପଦ୍ମିନୀ ଲକ୍ଷି ।
ଦେଖାଇ ଲୋଡୁଛି ମୁଖ ପ୍ରସନ୍ନ । ରଥାଙ୍ଗୀ କରି ତାହା ଅନୁମାନ ।
ଅଧିକ, ନେଇ କାନ୍ତରେ ଦଉ । ଅଧେ ନେଲା ହରି ପୂର୍ବହରିତ । ୧୭ ।
କୁକୁଟ କୁକୁଟ ବୋଲୁଛି ଯାହା । ଲମ୍ପଟ ଅପ୍ରକଟ କହେ ତାହା ।
ଦ୍ରୁତଦ୍ୱାରେ କାକେ ଜଣାନ୍ତି ଫେରି । ଏକାରେ ଧିକ୍କାରେ ପ୍ରୀତି ସୁନ୍ଦରି ।
କୁମୁଦ, ପ୍ରୀତି ମଧୁପେ ତେଜି । ଗୃହୁ କରନ୍ତି ନଳିନୀକି ଭଜି । ୧୮ ।
ଦର ଅମର ପୁରତରେ ବାଜି । ଦମ୍ପତି ସୁଖଭଙ୍ଗ ପାପ ଅର୍ଜି ।
କୁଟିଳ ସ୍ୱଭାବ କହିଲା ଯେଣୁ । କରତାଳ ଦିଏ ବିଧାତା ତେଣୁ ।
ଚେଦେହେଁ, ଗୁରୁଜନାହିଁ ସ୍ୱଭାବ । ଦରଦ ହୋଇ କି ସିଦ୍ଧି ପାଇବ । ୧୯ ।

---

୧୪ — ୫ ବିପଃ-ଙ; ହଟହଟା ବଧିରେ-କ; ୧୫ — ୭ କୁହୁ କୁହୁ ଜାତ-ଗ. ଘ, ଚ, ଛ, ଠ, ୧୭ — ୪ ରଥାଙ୍ଗ-ଛ. ଖ, ଘ, ଚ, ଜ. ଝ, ଠ; ୧୭ — ୫ କାନ୍ତାରେ-ଜ, ଙ: ୧୮ — ୪ ଏକେ ଧିକାରେ-ଛ; ଏବା ରାଧିକାରେ-ଚ;

ବ୍ୟାଜ ସ୍ତବନ୍ତ ଅରୁଣ ସତ । ଯୋଗଭଙ୍ଗ ପାପରୋଗେ ପୀଡ଼ିତ ।
କି ଗତି କରୁଛୁ ଦେଖ ଏ ମନ୍ଦ । ତେବେହେଁ ନିତ ସ୍ତଙ୍କୁ ଅଛୁ ଦ୍ୱନ୍ଦ୍ୱ ।
ଗଳିତ, ପଦେ କରେ ଏ ଦାଉ । ପଦ ଥିଲେ ନିଶି ନ ଥାନ୍ତା ଆଉ । ୧୦ ।
ସଞ୍ଚାରୀ ସଞ୍ଚାରକୁ ବାର ଦେଲା । ସଞ୍ଚାରୀ ସଞ୍ଚାର ପ୍ରଗ୍ଭର କଲା ।
ବିଯୋଗୀ ଇଚ୍ଛିଲେ ହୋଇବା ଯୋଗୀ । ଯୋଗୀ ଇଚ୍ଛିଲେ ହୋଇବା ବିଯୋଗୀ ।
ଅନଙ୍ଗ, ଇଚ୍ଛା କାମୀର ହେଲା । ଅନଙ୍ଗ ଇଚ୍ଛା କାମୀର ଗ୍ଭଙ୍ଗିଲା । ୧୧ ।
ଦ୍ୱିଜ ନିଜ କର୍ମେ ହେଲେ ତତ୍ପର । ଦ୍ୱିଜ ନିଜ କର୍ମେ ହେଲେ ତତ୍ପର ।
ଖଣ୍ଡିତା ଖଣ୍ଡିତା ହେବାରୁ ରଷେ । ବିମଣ୍ଡିତା କାନ୍ତେ ବିମଣ୍ଡିତା ସେ ।
ସୁରସ, ବିଘଟିତରୁ ଦ୍ୱନ୍ଦେ । ବାସକସଜ୍ଜିକା ଧିକାରେ ଦ୍ୱନ୍ଦେ । ୧୨ ।
ଚନ୍ଦ୍ର ବିଯୋଗ ଅଇଲା ପଳାଇ । ସେ ଯୋଗ ଦତ୍ତେ ସଂଯୋଗୀ ଖୋଜଇ ।
ତା ଜାଣି ଅନ୍ତର ହେଲେ ସେମାନେ । ବାହୁଡ଼ ଯାଉଁ ବିଗ୍ଭରିଲେ ମନେ ।
ଏକାଳ; କଲା ଏମନ୍ତ ଗୀତ । ସୁନନ୍ଦା ବିଗତ ହେଉ ଝଟିତ । ୧୩ ।
ବୃନ୍ଦାଙ୍କ ଆଜ୍ଞା ପାଇବାରୁ ଝରେ । ପକ୍ଷୀ ଜୀବ ଭରିଗଲେ କୁଞ୍ଜରେ ।
ତାଣ୍ଡବୀ ମୟୂରୀ ରଙ୍ଗିଣୀ ମୃଗୀ । ଚହଟେ ସହରେ କ୍ରୀଡ଼ାନୁରାଗୀ ।
ଶୁପତ, ନିଧି ଦଧି ପୀରତ । ପ୍ରକାଶ ହେବାର ଦିନା ଅମୀତ । ୧୪ ।
ଅଳସୁଆ କାହ୍ନୁ ଗ୍ଭବନା ଘେନ । ଦଧିମନ୍ଥା ବାରୁଥିବେ ଜନନୀ ।
ମିତେ ପ୍ରାତେ ଟଗାଷ୍ଟେ ଯିବା ନିମନ୍ତେ । କେତେମତେ ଆସି ଡାକିବେ କେତେ ॥
ତାଙ୍କ, ଦୁଗ୍ଧ କ୍ଷୀରେ ହେବକନ । ପନ୍ୟୋଭରେ ଗାଭୀ କରିବେ ଧ୍ୱନି । ୧୫ ।
ଆଜ ଆଜୀ ଯେବେ ଆସିବେ ପ୍ରାତେ । ତବ ଶ୍ରୀମୁଖ ଦରଶନ ହେତେ ।
କି ବୋଲି ବୋଲିବେ ନ ଦେଖି ନ ପାରି । ସାବଧାନ ହେଉ ଶ୍ରୀବେଣୁଧାରୀ ।
ଇଚ୍ଛା ତ, ନିରଙ୍କୁଶ ପ୍ରଭୁର । ଜଣାଇଲୁ ଶ୍ରୀଛାମୁରେ ମାଧବ । ୧୬ ।
ଏକା ସାଖି କହେ ଶଠଶେଖରେ । ଲାଜ କି ବାଧିବ ପ୍ରୀତିପ୍ରଗ୍ଭରେ ।
ବୃଷଭାନୁଜେମା କୁଳପାଳିକା । ପ୍ରୀତିସ୍ୱୀତଖ୍ୟାତ ଜୀବନେ ଶଙ୍କା ।
ଏଥିକି ଚିନ୍ତା ନୋହୁଛି ଚନ୍ଦେ । ମନ ନଣନ୍ଦ ଖୋଜିବଟି ପ୍ରାତେ । ୧୭ ।
ଉଭୟ ମନେ ଛନ୍ନ ଏ ବଚନେ । କୃଷ୍ଣ ମୁଖେନ୍ଦୁ ରାଧା ବିଲୋକନେ ।
ନେତ୍ରକୁମୁଦ ପ୍ରମୋଦ ବଢ଼ିଲା । ଓଷ୍ଠାରୁଣ ବିଷ୍ଟାରିତ ଦେଖିଲା ।
ଲକ୍ଷିତେ, ହେଲା ନାହିଁ ମୁଦ୍ରିତ । କଲା ପକ୍ଷକୋପେ ଶୋଭା ସହିତ । ୧୮ ।

---

୧୦—୧ପାପରୋଗେ-କ,ଖ,ଘ,ଚ; ୧୦—୫ଗଳିତ ପଦେ କରେ-ଝ; ଗଳିତ ପଦ କରେ-ଜ; ଗଳିତ ପଡ଼-କ,ଖ,ଚ; ୧୩—ସଂଯୋଗ ଦତ୍ତେ-ଚ; ସେ ଯୋଗ ଗତେ-ଜ; ୧୫—୧ଦଧି ମନ୍ଥିବାରୁ ଥିବେ କ, ଖ, ଗ, ଘ, ଚ, ଜ; ୧୫—୨ ଗାଭ-କ, ଖ, ଘ, ଜ; ଗାଭୀ ଝ, ଠ; ୧୮—୫ ଲକ୍ଷିତେ-ଗ, ଘ, ଚ, ଛ, ଜ, ଝ, ଠ; ୧୮—୨ ମୁଧା ସମ୍ବୃତ-ଘ, ଚ, ଜ, ଶୋକସମ୍ବୃତ-ଚ, ଖ,

ଗୋବିନ୍ଦ ନିଦ୍ରା ତେଜି ତଳେ ବସି । ଶ୍ରୀରାଧା ସୁଷମା ଦେଖନ୍ତି ରସି ।
ଲାବଣ୍ୟନିଧି ହେଲେହେଁ ମନ୍ତ୍ରନ । ଶୋଭା ଶିରି ଶଶୀ ଜନମସ୍ଥାନ ।
ଆନନ୍ଦ, ଅଇଶ୍ୱର୍ଯ୍ୟ ଦାମ୍ଭିନୀ । ଭାଳିଲେ କି ପୁଣ୍ୟେ ପାଇଲି ଧନୀ । ୨୯ ।
ଭୁଜଙ୍ଗ ରଙ୍ଗ କରେ ଥୋଇ ମଣି । ତହୁଁ ଅଧିକ ମୁଦ ବେଣୁପାଣି ।
ଯଥା ଚକୋରନେତ୍ର ଚନ୍ଦ୍ରେ ସ୍ଥିର । ତଥା ରାଧାମୁଖେ ଲୋଚନ ନାଗର ।
ଆନନ୍ଦ, ସିନ୍ଧୁ ହୃଦରେ ଭରି । ଉଚ୍ଛୁଳିଲା କି ପୁଲକ ଗୁରୁଚ୍ଛି । ୩୦ ।
କଳ ତାମ୍ବୂଳ ତକ୍ତ, ହାର ଶୀତ । ମଣି ନିଶାନ୍ତ ଛନ୍ନ ରାଧାଚିତ୍ତ ।
ପ୍ରେମେ କପଟ ନିଦ୍ରାଭଙ୍ଗଛଳେ । ଅଳସ ଭାଙ୍ଗିବା ଭଙ୍ଗିମା ବଳେ ।
ଜୃମ୍ଭିତ, ମୁଖ ବିଚନ ଛବି । କୁଞ୍ଜେ କୁମୁଦ ମୁଦ ଅଧେ ଭାବି । ୩୧ ।
ନାସାପୁଡ଼ା ଢୋଳ ହେବା ଶୋଭନ । ଶୁକ କି କରଇ ଉଡ଼ିବା ମନ ।
ଉର୍ଦ୍ଧ୍ୱେ କର ଛନ୍ଦ ଭିଡ଼ ହେବାରେ । ମୁଖଶୋଭା ବୃଦ୍ଧି କୋଟି ଗୁଣରେ ।
ସୁବର୍ଣ୍ଣ, ପ୍ରଭା ପଟାରେ ହରି । ନୀଳପଦ୍ମ ଥୋଇ ଥିଲା ପରି । ୩୨ ।
ହା ହା ମରି ବନ୍ଧୁ କହି ଗୋବିନ୍ଦ । ଚୁମ୍ବିଲେ ଶ୍ରୀରାଧା ମୁଖାରବିନ୍ଦ ।
ନିଦ୍ରା ବିଗତ ହେଲା ଉଠିବସି । ଅବନତ-ମୁଖୀ ପଙ୍କଜଦୃଶୀ ।
ଚରଣ, ନଖେ ବିମ୍ବିଲା ପ୍ରଭା । ଗୋବିନ୍ଦ ନେତ୍ର ହେଲା ଅତିଲୋଭା । ୩୩ ।
କୃଷ୍ଣ ଶୋଭା ବିମ୍ବେ ପଦ-କଟକେ । ଦେଖି ରସୋଦନ୍ୱୀ ନେତ୍ର ଅଟକେ ।
କାନ୍ତପଦ ଧୃତ କଲେ କି ମଣି । ପ୍ରେମ ବଢ଼ାଉଛୁ ବାମ ତା ମଣି ।
ଆଶ୍ଳେଷ, ଭୁଜେ କରି ଶ୍ରୀହରି । କୋଳେ ବସାଇ ଦେଖନ୍ତି ମାଧୁରୀ । ୩୪ ।
ଏ କାଳେ ସଖୀ ଉଚ୍ଚବାଚ ଶୁଣି । ଚିତ୍ତ ଚଞ୍ଚଳ କରି ଏଣୀକ୍ଷଣୀ ।
ନ କହି ମେଲାଣି ମାଗିବା ଛଳେ । କର ଦେଲେ କାନ୍ତ ପଦକମଳେ ।
ଗୋବିନ୍ଦ, ପଦୁଁ ଛଡ଼ାଇ ହସ୍ତ । ଚୁମ୍ବ ମଣ୍ଡି କଲେ ହୃଦରେ ନ୍ୟସ୍ତ । ୩୫ ।
ବୋଇଲେ ବନ୍ଧୁ ଦଇବ ପାତନା । କି କି କଥା କରିନାହିଁ ଘଟନା ।
ସର୍ଜନା ଅନ୍ତକୁ ପ୍ରଳୟ କଲା । ଗୁଣବନ୍ତ କରି ମରଣ ଦେଲା ।
ଦମ୍ପତି, ପ୍ରୀତି ଅଭେଦ କରି । ବିଚ୍ଛେଦ କଲା କାହିଁକି ବିସ୍ମରି । ୩୬ ।
ଏହା କହୁଁ କୃଷ୍ଣ, ନିଶାନ୍ତ ଭାବି । କୋଳୁଁ ଉଠି ଉଭା ଲାବଣ୍ୟଛବି ।
ମନ ବନ୍ଧାବନ୍ଧ ପୀରତି ପାଶେ । କର ଧରି ଉଭା ଗୋବିନ୍ଦ ରସେ ।
ହସ୍ତକୁ, ହସ୍ତ କରି ଛନ୍ଦନ । କୁଞ୍ଜ ଚତ୍ୱରେ ହେଲା ଆଗମନ । ୩୭ ।

---

୨୯—୪ ସୁଧା ଶିରିଶ ଶ୍ରୀ ଜନମ ସ୍ଥାନ-ଟ, ଠ; ୨୯—୬ କି ପୁଣ୍ୟ-ଛ; ୩୧—୧ କଳା ତାମ୍ବୁଳ-ଜ; କଳା ତାମ୍ବୁଳ-ଟ, ଠ, ୩୧—୬ କୁଞ୍ଜେ-ଚ; କୁଞ୍ଜ-ଗ, ଟ, ଠ; ୩୨—୨ ନୀଳାପଦ୍ମ-ଟ, ଠ; ୩୩—୪ ଅବନତ-ଟ, ଠ;

ଅତ୍ୟାଗ ପ୍ରୀତି ଦେଖି ଭାଳି ଚିତ୍ତେ । କକ୍ଖଟୀ କହଇ ବୃନ୍ଦା ଇଙ୍ଗିତେ ।
ହେ ବିଶାଖିକେ ! ଅଇଲା ଜରତୀ । କି ସେ ରଙ୍ଗଚେଳ ପିନ୍ଧି ଅଛନ୍ତି ।
ପଳିତ, କେଶ ମୁକ୍ତ ଶୋଭଏ । କାଟିଶ ହାସେ ଚଳି ଛଳି ତ ଦିଏ । ୩୮ ।
ଗୋପେଶ ପରି ଏବେଣ କେ ଆସଇ । ତିନ୍ଦୁକ ଲଗୁଡ଼ କରେ ଅଛଇ ।
ଏହା ଶ୍ରବଣେ କିଶୋର କିଶୋରୀ । ପବିପାତରୁ ଅଧିକ ବିଗୃହି ।
କକ୍ଖଟୀ,ବାଣୀ କର୍ତ୍ତରୀ ହେଲା । ପ୍ରେମ ବନ୍ଧନ ପାଶକୁ ଛେଦିଲା । ୩୯ ।
କୁଞ୍ଜରୁ ଚଳିବିଧି ତୋଳି ଆଳୀ । ଯେ ଯାହା ଖଟଣୀ ଘେନିଲେ ଭାଳି ।
ନାଗର ନାଗରୀ ଅଶ୍ରୁ ବିମୁଞ୍ଚି । ଗଲେ ବିଜେ ଚଳି ସେ ପାଞ୍ଚି ଲୁଚି ।
ଗୋବିନ୍ଦ, ମିଳି ନିଜ ଶୟ୍ୟନେ । ନିଦ୍ରା ନ ଆସଇ ପ୍ରୀତିଭାବନେ । ୪୦ ।
ଆଜନମ ସୁକୁମାରୀ ଛଇଳୀ । ମଦାଳସୀ କେଳିଶ୍ରାନ୍ତ-ବିହ୍ୱଳୀ ।
ହାରବାର ଉ'ର ଭର ବିଶେଷ । ଗତି କରିବାର ଅତ୍ୟନ୍ତ କ୍ଳେଶ ।
ଉଚ୍ଛନ୍ନ, ମନ ହୋଇଛି ଯେଣେ । ଚନ୍ଦ୍ରାବଳୀ ଗଣ କେ ଥିବେ କେଣେ ॥
ଲଳିତା ବିଶାଖା ଶ୍ରୀଭୁଜ ଧରି । ନେଲେ ଚଳାଇ ବଳାତ୍କାର କରି ।
ରୂପମଞ୍ଜରୀ ବନ୍ଧୁର ପଥକୁ । ଜଣାଏ ମଣାଏ ସୁପହଣ୍ଡ୍ରକୁ ।
ଶ୍ରାନ୍ତର, ସୀମା ନାହିଁ ସେ କାଳେ । କଷ୍ଟେ କଷ୍ଟେ ପୁରେ ପ୍ରବେଶ ହେଲେ ॥
ସଖୀମାନେ ଯେଝା ପୁରକୁ ଗଲେ । ଶହଣ ଖଟି ମଞ୍ଜରୀ ରହିଲେ ।
ଦକ୍ଷିଣ ଗବାକ୍ଷ ନିକଟ କରି । ଶଯ୍ୟା ବିରଚନା କଲେ ଚତୁରୀ ।
ଧନୀଙ୍କ, ତହିଁ ପହୁଡ଼ାଇଲେ । ବିନିଦ୍ର ହୋଇ ସେବାରେ ରହିଲେ । ୪୩ ।
ଧନ ହୀନ ଅଭିମନ୍ୟୁ କାମନା । ଚରଣ ଥରେ ମଞ୍ଚାଳନ୍ତି ସିନା
ଶ୍ରୀରୂପମଞ୍ଜରୀ ଅନୁଜ୍ଞା ବହି । ବସି ନ ଦେଲ ଥରେ ମାନ୍ଦ ମୁହିଁ ।
ଅନନ୍ତ, କୋଟିଜନ୍ମ ସୁକୃତ । ଥିବ ସତେ ହେବ ପୂର୍ଣ୍ଣ ବାଞ୍ଛିତ । ୪୪ ।

## ପଞ୍ଚାଅଶୀ ଛାନ୍ଦ ।

### ପ୍ରାତଃକାଳବର୍ଣ୍ଣନା । ରତାନ୍ତ ପରିହାସ । ପଞ୍ଚକ ନିୟମ ।

ରାଗ ନଳିନୀଗଉଡ଼ା ।

ଶ୍ଳେଷ:—ଧୀରେ ପ୍ରଭାତରେ ହରି ଶଇଳ ଅଟନେ ।
ବିହାର ହରି ଏ ଗୁପ୍ତ କରି ବିକ୍ଷେପନେ ହେ । ୧ ।

୩୮—୧ ଅତ୍ୟାଜ ପ୍ରୀତି-କ, ଖ, ଘ, ଙ; ଅତ୍ୟନ୍ତ ପ୍ରୀତି-ଚ, ଛ, ଠ; ୩୯—୪ କକ୍ଖଟୀ ଚ, ଛ, ଠ; ୪୧—୨ ବିଚ୍ଛେଳ-ଗ; ବିଭଳ-ଘ, ଙ;

ନାଗର ନାମରେ ଶଙ୍କା ହୋଇଲା ପ୍ରକଟ ।
ହିରଣ୍ୟତନୁଦାରଣ କର ଯେ ସଙ୍କଟ ଯେ । ୨ ।
ମିଥୁନଚନ୍ଦ୍ରେ ଏ ଯେହ୍ନ ବିରାଗ ବଢ଼ିଲା ।
ଋକ୍ଷ ସନ୍ନିହିତରେ ମୃଗଧରେ ଲୁଗ୍ନଇଲା ଯେ । ୩ ।
ଆଲୋକରେ ଦ୍ୱିଜବାଣୀ ପ୍ରକାଶ ସ୍ୱଭାବେ ।
ସୁରାଳୟରେ ସୁକରପାତି ହେଲେ ଜବେ ଯେ । ୪ ।
ମୁନି ପକ୍ଷେ ପକ୍ଷାପକ୍ଷ ବିରୋଧ ପ୍ରକାଶ ।
ପୁଣ୍ୟଜନ ମୁଦାମୁଦ କର୍ମରେ ହରଷ ଯେ । ୫ ।
ରୂପକ:— ଖଣ୍ଡିତାର ମଣ୍ଡିତା ସେ କାଳେ କାଳ ହେଲା ।
ବଞ୍ଚିକା ହୃଦବଞ୍ଚିକା ଆନନ୍ଦ ତ କଲା ଯେ । ୬ ।
ସ୍ୱାଧୀନଭର୍ତ୍ତୃକା ପଦ୍ମିନୀକ ଉଲ୍ଲାସିଲା ।
ପ୍ରୋଷିତଭର୍ତ୍ତୃକା କୁମୁଦିନୀକ ନାଶିଲା ଯେ । ୭ ।
ବିଟପୀଏ ନିଶାଚରୀ ପକ୍ଷିଭାବେ ଗୁପ୍ତ ।
ସଞ୍ଚାରୀ ସଞ୍ଚାର ନିଶି ସମାନରେ ଲିପ୍ତ ଯେ । ୮ ।
ଅଭିସାରୀ ପଥଖଣ୍ଡେ ପରାଏ ବାରିଲା ।
ବିପ୍ରଲବ୍ଧା ରସଲୁବ୍ଧେ ସନ୍ନିପାତି ହେଲା ଯେ । ୯ ।
ବିରହୋତ୍କଣ୍ଠିତା ଚଉ ଉନ୍ମାଦକା ପର ।
କଳହାନ୍ତରିତା ତାପ ବାଡବନ୍ତ ସର ଯେ । ୧୦ ।
ବର୍ଣ୍ଣାନୁପ୍ରାସ--ରାଧା ସୁଧାକରମୁହାଁ ନିଦ୍ରା ବିନାଶନେ ।
ମୁଖରା ପ୍ରଖରା ହୋଇ ମିଳିଲା ସେ ସ୍ଥାନେ ଯେ । ୧୧ ।
ହସେ ଭାଷେ କି ଗୋ ଏ କି କୁଳବଧୂରୀତ ।
ପ୍ରାତେ ଏତେ ଶୋଇବାର ନିତ ସିନା ମିତ ଗୋ ୧୨ ।
କହି ଗୃହେଁ ଦେଖିଲା ହରିତବାସ ଅଙ୍ଗେ ।
ସ୍ଫୁଟ ଅଟ୍ଟହାସରେ ବୋଇଲା ବିରାଗେ ଯେ । ୧୩ ।
ପତିବ୍ରତାଶିରୋମଣି ପରା ଏ କିଶୋରୀ ।
ନନ୍ଦନନ୍ଦନ ବାସେ ତ ମାନନ୍ତି ମାଧୁରୀ ଯେ । ୧୪ ।
ସତହେଁ ତ ହେଲା ଲୋକ ଅପବାଦ ଆସି ।
ସତହେଁ ତ ହେଲା ଲୋକ ଅପବାଦ ଆସି ।
ଶାଶୁ ଆସୁ ଦେଖୁ ଏହା କେ ହୋଇବ ଦୋଷୀ ଯେ । ୧୫ ।

---

୧—୨ ଯିପ୍ରକର-କ, ଖ, ଟ, ଠ; ୪—୧ ଘଟେନ୍ଦ୍ରକନେ-ଝ, ୪—୨ ସୁରାଳୟରେ ସୁଦର
ଖା।ତ ହେଲେ ଜବେ-କ, ଖ. ଟ, ଠ; ୬—୨ ବଞ୍ଚିକ-କ, ଖ, ଘ, ଚ, ଜ.-ହୃଦବଞ୍ଚିକ-ଜ; ୯-୨
ସନ୍ନିପାତ-କ, ଖ, ଗ, ଛ; ୯—୧ ପଥଘଣ୍ଟେ-ଝ;

ସ୍ୱାନ୍ତାନୁପ୍ରାସ-ମିତେ ଢୋଇଲେ ତୁମ୍ଭେ ତ ସ୍ୱଭାବେ ଜଳକା ।
ମିଛରେ କାହିଁକି ଏତେ ଯାଉଛ ବଳକି ଯେ । ୧୬ ।
ପ୍ରାତରବ କର ପୁଣି ଚହଟିଛୁ ଦଶେ ।
ଗୋପତନୁ ଭୋଗ ମାଳାମ୍ବରେ ଫୁଟିଦଶେ ଯେ । ୧୭ ।
ଉଡ଼ାଇ ଦେଲେ ବୁଢ଼ୀକି ଇଙ୍ଗିତ ହାସରେ ।
ପଳାଇ ପଶିଲା ଲକେ ଆପଣା ବାସରେ ଯେ । ୧୮ ।
ଅନଙ୍ଗମଞ୍ଜରୀ କର ପାଦ ପ୍ରକ୍ଷାଳନ ।
ଶ୍ରୀଅଙ୍ଗରୁ ନିଦ୍ରାଳସ କଲା ବିଦଳନ ଯେ । ୧୯ ।
ଉଠି ଉଭା ହେବା ଶୋଭା କୃଷ୍ଣବର୍ଣ୍ଣ ଶେଯେ ।
କାଳିନ୍ଦୀରେ ହେମପଦ୍ମଲତା ଜାତ ସେ ଯେ ଯେ । ୨୦ ।
ମଧ୍ୟାନୁପ୍ରାସ--ଜବାଧରୀ ଧର ମିତ କର ଗତ କରେ
ସୁବସନ ସନମାନ ବ୍ୟସ୍ତ ଶ୍ରୀଅଙ୍ଗରେ ଯେ । ୨୧ ।
ସୁକବର ବରବେଶ ଆଦି ଛିନ୍ନଭିନ୍ନ ।
ଉନ୍ନୁଁ ଇଷି ଇଷିତରେ କରେ ଜଳପନ ଯେ । ୨୨ ।
ଗମନରେ କରେଣୁକା ଦଳଇ ହଂସୀକି ।
ଚଳବାରେ ବାରେ ହେମବଲ୍ଲରୀ ସରିକି ଯେ । ୨୩ ।
ରଣରଣ ରଣଶ୍ରାନ୍ତ ପଦ ବିକ୍ଷେପରେ ।
ସ୍ଥଳସାର ସାରସ ବିଞ୍ଚିତ ଛୁ ତ କରେ ଯେ । ୨୪ ।
ବିଘୂର୍ଣ୍ଣିତ ନିତମ୍ବିନୀ ନମ୍ରକଗ୍ରିଭୁଜୀ ।
ଯାଇକରି କରଗତ ପୀଠେ ବିଜେକଲେ ଯେ । ୨୫ ।
ଆଦ୍ୟପ୍ରାନ୍ତାନୁପ୍ରାସ—ଭଦ୍ରପଦ୍ମୀ ମିଳି ଛଳି ବୋଲେ ଏ କି ଭଦ୍ର ।
ଛିଦ୍ର କେ କଲା ରମଣୀମଣି ତ ଅଛିଦ୍ର ଯେ । ୨୬ ।
ହା ରମଣୀ ନ କଲୁ ତ ପ୍ରୀତିକି ନିହାର ।
ହାରକୁହିଁ ଆମ୍ଭ ଦଗ କଲୁ ଅଙ୍ଗହାର ଗୋ । ୨୭ ।
ବାସ ଅନୁସର ପାଇଥିଲା ଅଙ୍ଗେ ବାସ ।
ବାସବ ମ୍ଲୋହିନୀ ତାକୁ ଦେଲୁ ପରବାସ ଗୋ । ୨୮ ।
କଣିନାଦେ କାଣିଥାରେ ଧନକୁ କଙ୍କିଣୀ ।
ଗୁଣୀମଣି ତାକୁ ଦୂର କରଛୁ କି ଗୁଣି ଗୋ । ୨୯ ।

---

୧୬—ସନ୍ଧିକେ-ଗ, ଘ, ଚ, ଝ, ଠ; ୧୧୯—୧ ପାଦ ସମ୍ମିଳନ-ଝ; ଗମ୍ଭୀଳନ-ଜ; ୨୨—୨ କରେ ଘନ ଘନ-ଘ, ଚ, ଜ, କରେ ଯେ ଲିଦକ୍ତ ଝ, ଠ; ୨୩—୨ ବାରେ ହେକ ହେମ ବଲ୍ଲୀକ-କ, ଖ, ଝ, ଠ; ୨୫—୨ ପୀଠରେ ବିଜୟ ଗ, ଝ, ଠ;

ବେଣୀଶ୍ରମ ମିତର ନ ରଖିଲୁ ସୁବେଣୀ ।
ଆଣି କାହୁଁ ଦେଖାଉଛୁ ନୂଆ ନୂଆ ଆଣି ଗୋ । ୩୦ ।

ଛଳ — କେ ବୋଇଲା ଶ୍ରମସାର୍ଥ କଲା ଯେ ମିତର ।
କେ ବୋଇଲା ରଣଜନ୍ମ ବଧିକ ପତ୍ରର ଗୋ । ୩୧ ।
କେ ବୋଇଲା ଆମ୍ଭସଖୀ ସଦା ସ୍ୱଚ୍ଛମନା ।
ଜନ୍ମବଧି ଚହ୍ନରେ କି ଯାଉନାହିଁ ଚହ୍ଲା ଗୋ ।

ପ୍ରାନ୍ତାନୁପ୍ରାସ-କଙ୍କଣ ଚହ୍ନରୁ କରୁଥାଇ ଅନୁମାନ ।
ମାର ତୋଢ଼ର ଛଡ଼ାଇ ରଖିଲା ସମାନ ଯେ । ୩୩ ।
ବର୍ତ୍ତୁଳ ଉରଜ ବେନ ଉପମା ବହୁଛୁ ।
ଜନ୍ମ ନାଗରଯୁଗଳ ଉଲଟେ ରହୁଛୁ ଯେ । ୩୪ ।
ଦେଖ କାମ ଆସିଥିଲା ପତାକା ଉଡ଼ାଇ ।
ମୁକ୍ତବେଣୀ ନୁହେ ତାହା ରଖିଛୁ ଛଡ଼ାଇ ଗୋ । ୩୫ ।
ମାର ଅଧାଚନ୍ଦ୍ରଶର ବାଜି ଉପୁଡଛୁ ।
ହୃଦଜାତ କଠିନତା ଚହ୍ଲାଇ ଦେଉଛୁ ଗୋ । ୩୬ ।

ଭ୍ରୂଭଙ୍ଗୀ ଚଞ୍ଚଳରୁ ସୂଚିତ ଅନୁମାନ ।
ଗୁଡ଼ କର ପକାଇଛୁ କାମ ଶରାସନ ଯେ । ୩୭ ।

ଛଳଶ୍ଳେଷ — କେ ବୋଇଲା ରସନା ମୁଖରପଣ କଲା ।
ଦୂର କର ଦେବାର କି ବହୁତ ନୋହିଲା ଗୋ । ୩୮ ।
ନାୟକ ହୃଦମଣ୍ଡନ ହୋଇଲା ବିଶେଷେ ।
ତରଳହୃଦ ଆଦର ରଖିବ କି ଆଶେ ଗୋ । ୩୯ ।

ଅଙ୍ଗ ଦେଶେ ପତ ଅଧିକାର ପାଇବାରେ ।
ବାସ ଜୁର ନୁହନ୍ତା କି ବସ୍ତ୍ର ମନରେ ଗୋ । ୪୦ ।
ପ୍ରତାପକରଗଜ ଗୋ ନ କରଇ କିକି ।
ଉରଜେ କର ପୀଡ଼ାକୁ ଦେବାରୁ ଡରକି ଗୋ । ୪୧ ।

---

୩୦ — ୧ ଆଣି-କାହିଁ କ, ଗ, ଝ, ଠ; ୩୧ ଓ ୩୨ ପଦ କ ଓ ଝ ପୋଥିରେ ନାହିଁ ଓ ଖ ପୋଥିରେ ବିପର୍ଯ୍ୟସ୍ତ ହୋଇଅଛି । ୩୩ ଓ ୩୪ ପଦ ଟ, ଘ, ଚ, ଛ, ଜ, ଓ ଝ ପୋଥିରେ ନାହିଁ । ଉକ୍ତ ପଦ ଚତୁଷ୍ଟୟରୁ ଦୁଇ ପଦ ମାତ୍ର କବିଙ୍କର ଅଭିମତ । ଅନ୍ୟଥା ପଞ୍ଚକନିୟମର ବ୍ୟତିକ୍ରମ ହେବ । ୩୩ — ୨ ମାର ତୋଠାରୁ-ଝ, ଠ; ୩୬ — ୨ ହୃଦ ଯାକ ତ କଠିନ ଚହ୍ଲାଇ ଦେଉଛି-ଚ, ହୃଦଯାକ କଠିନତା ଚ; ୩୯ — ୧ ନାୟିକୀ ; ୩୯ — ୨ ତରଳହୃଦସ୍ପା ଦର — କ, ଖ, ଟ, ଘ, ଚ, ଜ;

ଖଳ ମଁନ୍ଦାକ୍ଷେ ପଳାଇଥିଲେ ସେ କାଳରେ ।
ଏତେବେଳେ ଦେଖା-ଦେଉଛନ୍ତି ଦେଖ ଧୀରେ ଗୋ । ୪୨ ।
ଛଳରୂପକ'--ମୁଖଶଶିରୁ ପୀୟୂଷପାନେ ପ୍ରାଣଈଶ ।
ସୁଧା ଶେଷରୁ କି ମୋକ୍ଷ ହୋଇଅଛୁ ହା'ସ । ଗୋ । ୪୩ ।
ପାଞ୍ଚ ସଞ୍ଚିଥିଲି ସହି ରାଗକୁ ଅଧରେ ।
ଦାନ ଦେଲି ପର କାନ୍ତେ ଦ୍ୱିଜସଙ୍କଳ୍ପରେ ଗୋ । ୪୪ ।
ରାଗ ରାଜାଙ୍କୁର କଲି ଚୁମ୍ବ ଅଭିଯୋଗ ।
ଗଣ୍ଡ ସ୍ୱର୍ଣ୍ଣପାତ୍ରେ ଖୁଣ୍ଟି ଦେବାର କି ରଙ୍ଗ ଗୋ । ୪୫ ।
ଦ୍ୱିଜମୁଦ୍ରା ମୁଦପର ମଣିଲି ମୁଁ ତହିଁ ।
ମିତ୍ରରାଗ ନେତ୍ରପଦ୍ମ ଲୁଣ୍ଠଉଛୁ ସହି ଗୋ । ୪୬ ।
କାଲି ଶିବରାତ୍ରି ଗଲି ଈଶ ସେବନରେ ।
ଧ୍ୟାନମଗ୍ନେ ଆସ୍ୱାଦଇ ଭାବ ଏ ବଧିରେ ଗୋ । ୪୭ ।
ଲକ୍ଷଣଶଙ୍କର—ଘନରସ ସଂଗମକାଳେ ନୀବିବନ୍ଧ ଭଙ୍ଗି ।
ଦୁଖଜିତ କୁଚ ଧୋଇ ହୋଇଥିବ ସଙ୍ଗୀ ଯେ । ୪୮ ।
କେ ବୋଲେ ରସପ୍ରବାହ ସ୍ରୋତ ଅତିରେକେ ।
ସେ ବନ୍ଧ ନିବନ୍ଧ କଲେ ରହିବ କି ଟେକେ ଯେ । ୪୯ ।
କେ ବୋଇଲା ରସ ବୃଦ୍ଧି କୂଳ ବୁଡ଼ାଇବ ।
କେ ବୋଇଲା ମନମୀନ ମଗ୍ନ କି ନୋହିବ ଯେ । ୫୦ ।
ଧୀରରେ ଅଙ୍ଗନାବର ପ୍ରଶ୍ନର ହୋଇବ ।
ଆମ୍ଭର କି ଦୁଃଖନଦୀ ତରଣ ନୋହିବ ଗୋ । ୫୧ ।
କାହାଠାରୁ ଏହା ଶୁଣି କେ ବୋଇଲା ହସି ।
କେତେ ଲାଜ କରାଉଛ ବୟସୀଏ ଆସି ଗୋ । ୫୨ ।
ବକ୍ରୋକ୍ତି—ତା ଠଁ ଅତନୁ କୃଶାନୁ ସୁନାତନୁ ପାଇ ।
ଅମାପ ତାପ ପୂରଛୁ ନ ଦେବା ଛଡ଼ାଇ ଗୋ । ୫୩ ।
କେ ବୋଲେ ସୁନାରି ପରି କରଛୁ ଦାଇବ ।
କାଶ୍ମୀର ଟାଙ୍ଗଣା ଯୋଗ ଆନ କେ କରିବ ଗୋ । ୫୪ ।
ଘନରସମଜ୍ଜନେ ସେ ତାପ ତୁଟିଯିବ ।
ସ୍ନେହ ରସାଣେ ଚିକ୍କଣ ଫୁଟି ପ୍ରକାଶିବ ଗୋ । ୫୫ ।

---

୪୨—୨ ଖେଳ ଦେଉଛନ୍ତି-ଗ. ଘ, ଚ, ଜ; ୪୬—୨ ନେତ୍ର ପଦ୍ମେ-କ, ଖ, ଟ; ୫୩—୧ ଗତ ଅତନୁ-ଛ. ଝ; ଅତି ଅତନୁ-କ; ଅତନୁ ତନୁ କୃଶାନୁ-ଘ; ଅତି ଅତନୁ ସାନୁ ସନାତନୁ ପାଇ ଚ; ତାତ ଅତନୁ-ଠ;

ସୁଯୋଗରେ ଭୋଗ ହେବ ନାଗରସ୍ତଣିକ ।
ଅଳଙ୍କାରରେ ନିପୁଣ ବୋଲି ନ ଜାଣ କି ଯେ । ୫୬ ।
ଶୁଣି ସୁବେଣୀ ସେ ମାତ ସାରିଲେ ବହନ ।
କଉଁ ସଖୀ ଦରହାସ କଲି ଜଳପନ ଯେ । ୫୭ ।
ସ୍ତୁତ୍ୟୋକ୍ତି—ସାର ଉନ୍ନତ ଛଡ଼ାଇ କରାଇଛୁ ନତ ।
ଘଗ ପୂର୍ଣ୍ଣ ଶ୍ରୀପଦକୁ କରାଅ ଝଟତ ଗୋ । ୫୮ ।
ସାରକେଶରୀ ଉପମା ବଦନେ ଫଳିଲା ।
ବଳି ବଳା ଅବଳା ବୋଲାଉ ଦିଅ ବଳା ଯେ । ୫୯ ।
ଘନରସ ବୃଦ୍ଧିବନ୍ଧେ ଆଗ ଶ୍ରମୀ ପଦ ।
ଯୋଡ଼ାଏ କଣ୍ଟକ ଦାନ ଦେବାର ସମ୍ବାଦ ଗୋ । ୬୦ ।
ସ୍ମର ସାଧନରେ ଉରୁ ଗୁଳୁଚ ହଲିଛି ।
ନିତମ୍ବ ଚକା ପ୍ରସାଦ ବ୍ୟଥିତ ପାଇଛି ଯେ । ୬୧ ।
ସ୍ମର ଶରଘର ଜୁର ସାର କରିଅଛି ।
ସେମାନଙ୍କ ରକ୍ଷିବାକୁ ଶାଢ଼ୀ ଦିଅ ବାଛି ଗୋ । ୬୨ ।
ବନ୍ଧୋକ୍ତି —ଅଙ୍ଗଦେଶ ଈଶ ଭୋଗ କଲେ ଯେତେବେଳେ ।
ହରଜେ କରପୀଡ଼ାରେ ବହୁ ଦୁଖୀ ହେଲେ ଯେ । ୬୩ ।
ଚନ୍ଦ୍ର ଚନ୍ଦନରେ ତାଙ୍କୁ କର ଗୋ ରଞ୍ଜନ ।
ଶ୍ମେଳ ଦେଶେ ଲୁଗୃଇ ଥୋଇବା କଥାମାନ ଯେ । ୬୪ ।
ମନୋରଥ ପୂର୍ଣ୍ଣ କଳ୍ପ-ଲତା ଭୁଜ କଲି ।
ତାଡ଼ ଚୂଡ଼ୀ ବଳା ମୁଦ ଦେବା ଯୋଗାଇଲି ଯେ । ୬୫ ।
ରାମ ହାରଦାନରେ ସୁଗ୍ରୀବ ଶୋଭା ଦିଶୁ ।
ସ୍ମର ଅସୁର ଉନ୍ମୂଳ ଦୁଖଚନ୍ତା ନାଶୁ ଯେ । ୬୬ ।
ଶ୍ରୁତରେ ରସନାହତ ଆଦର ନୋହେ କି ।
ବନ୍ଦସ୍ଥାରେ ପାଉ ବସ୍ତ୍ରବନ୍ଧସ୍ଥା କୀର୍ତ୍ତିକ ଯେ । ୬୭ ।
ସ୍ତୁତ୍ୟୋକ୍ତି—କର୍ଣ୍ଣ ସାର ନାମେ ଫୁଲଛତକ ଟେକାଉ ।
ଫିରିଫିରା ଫରହରା ପତାକା ଉଡ଼ାଉ ଯେ । ୬୮ ।
ମଲ୍ଲୀକଢ଼ୀ ଏକଘନା ଧରାଅ ଗୋ ବେଗେ ।
ସାରଗର୍ବ ବିନାଶିବ ମାର ରଣରଙ୍ଗେ ଯେ । ୬୯ ।

---

୫୯ — ୨ ବଳି ବାଲା-କ, ଖ, ଙ, ଠ; ୬୧ — ୨ ଚକା ପ୍ରସାଦ-କ, ପ୍ରସାଦ-ଖ; ପ୍ରମାଦ ଘ, ଙ, ଠ; ୬୨ — ୨ ସେମାନଙ୍କର ଯିବାକୁ-କ, ଙ, ଠ;

ସୁରମଣି ନାକରେ ନର୍ତ୍ତନ ପ୍ରବର୍ତ୍ତିଅ ।
ବିଶେଷ ତ ନୟନ ଆନନ୍ଦଦାୟୀ ହୁଅ ଯେ । ୭୦ ।
କୁଟିଳ ସ୍ୱଭାବକୀ ଏ କୁନ୍ତଳ ପଳାଇ ।
ସୁମନ ତେଜି ଚରମେ ଲୁଚଥିଲା ଯାଇ ଯେ । ୭୧ ।
ଦୃଢ଼ବନ୍ଧ ଦେଖି ସିନା ଏ ସ୍ତବକ କଲା ।
ଦୃଢ଼ବନ୍ଧ କର ତାକୁ ଦଣ୍ଡ ଯୋଗାଇଲା ଯେ । ୭୨ ।
ସ୍ୱରୂପୈକ୍ୟୋକ୍ତି—ଈଶ ଦରଶନ ବାଧ କରନ୍ତି ମନ୍ଦାକ୍ଷ ।
ତାହା ମୁଖେ କାଳି ଦିଅ ବୋଲାଉ ମନ୍ଦାକ୍ଷ ଯେ । ୭୩ ।
ଅଧର ରାଗ ଭଣ୍ଡାର ଦେଇଛି ଲୁଟାଇ ।
ତାମ୍ବୁଳ ରାଗ ପୂରଣ କର ଲେହୁଟାଇ ଯେ । ୭୪ ।
ଶ୍ରୀମୁଖ ପ୍ରସନ୍ନ ଦେଖୁ ଯେବେ ଦରପଣ ।
ଚଉରେ ବସ୍ତ୍ର କରୁ ଗଲା ଦରପଣ ଯେ । ୭୫ ।
ଆଳୀ ଛଳି ଏ ବିଧିରେ ବେଶ ସିଦ୍ଧି କଲେ ।
ଗତବତ ନନ୍ଦୀଶ୍ୱରେ ପାକକୁଟେ ଗୃଲେ ଯେ । ୭୬ ।
ଗ୍ରାହକେ ଜାଣିମେ ଏଥି ଶ୍ରମ ମର୍ମ୍ମାସ୍ୱାଦ ।
ଭଣେ ଅଭିମନ୍ୟୁ ଭବେ ରାଧାକୃଷ୍ଣ ପଦ ଯେ । ୭୭ ।

## ଛୟାଅଶୀ ଛାନ୍ଦ ।

### ଶ୍ରୀକୃଷ୍ଣ ପ୍ରଭାତ ନିଦ୍ରାଭଙ୍ଗ । ଯଶୋଦା ବାତ୍ସଲ୍ୟ ଉକ୍ତି ।

ରାଗ ଲଳିତକେଦାର । କାଦମ୍ବିନୀ ଚଉତିଶା ବାଣୀ ।

ଧୀରେ ଯେବେ ଏ ଉତ୍ତରେ । ଗୋବିନ୍ଦ ପ୍ରଭାତ ସ୍ତବକ ଧୀରେ ହେ ।
ସାଧୁଜନେ । କହିବା ଯଥା ବିଧିରେ ହେ । ୧ ।

---

୭୧ — ୧ କୁଟିଳ ସ୍ୱଭାବ କ ୧-ଜ, ୬, ୦;

ଯଶୋଦା ସେନେହ ମନେ । ନିଷେଧ କରନ୍ତି ବିଧିମନ୍ତ୍ରନେ ହେ ।
ସାଧୁଜନେ । କୃଷ୍ଣ ନିଦ୍ରା ବିଭଞ୍ଜନେ ହେ । ୨ ।
ଶ୍ୟାମ ରାମଚନ୍ଦ୍ରାନନ । ଦେଖିବାପାଇଁ କି ଉତ୍ସାହମନ ହେ ।
ସାଧୁଜନେ । ପୌର୍ଣ୍ଣମାସୀ ଆଗମନ ହେ । ୩ ।
ଯଶୋଦା ପାଶ୍ୱେଁଚ୍ଛି ଆସି । ହସ୍ତ ଧରି ନେଲେ ମାନ୍ୟ ପ୍ରକାଶି ହେ ।
ସାଧୁଜନେ । ଦେବୀ କ୍ଷେମ ହେଉ ଭାଷି ହେ । ୪ ।
ଗୋବିନ୍ଦ ଶଯ୍ୟନ ବାସେ । ପ୍ରବେଶ ହୋଇଲେ ଅତିହରଷେ ହେ ।
ସାଧୁଜନେ । ଯଶୋଦା ସସ୍ନେହେ ଭାଷେ ହେ । ୫ ।
ଶୁଣ ଦେବି, ବାଳୁତ ସୁତ । ଆହୁଁ କି ଗୋରୁ ରଖିବା ଉଚିତ ଗୋ ।
ଭଗବତି ! ନ ହେଲା ଏ ତ ବାରିତ ଗୋ । ୬ ।
ଦେଖ କଣ୍ଟା ଲାଗିବାରେ । ବିଦାରି ହୋଇଛି ତନୁଯାକରେ ଗୋ ।
ଭଗବତି ! ନିତି ବନେ ବୁଲିବାରେ ଗୋ । ୭ ।
ଗୁହିଁ ଗୋ ଶ୍ୟାମଳ ଅଙ୍ଗେ । ଗେରୁଧାତୁଚିହ୍ନ ମାନଛି ରଙ୍ଗେ ଗୋ ।
ଭଗବତି ! ପିଲାଖେଳ ପରସଙ୍ଗେ ଗୋ । ୮ ।
ରାମ ରାମ ନୀଳବାସ । ପିନ୍ଧିଅଛି ପୁଣି ହୋଇ ଆବେଶ ଗୋ ।
ଭଗବତି ! ହେଲା ବାଳୁତ ସଦୃଶ ଗୋ । ୯ ।
ମୁଖରେ ଦେଲେ ଗୋବିନ୍ଦ । ଥୂ ଥୂ କରେ ସର ଲବଣୀ କନ୍ଦ ଗୋ ।
ଭଗବତି ! ତନୁ ହେଲା କ୍ଷୀଣଗୃନ୍ଦ ଗୋ । ୧୦ ।
ଏଥିକି ମରୁଛି ଭାଳି । ଗୋଳି ହୋଇଗଲା ଧଇଲେ ଡୋଳି ଗୋ ।
ଭଗବତି ! ଏ ମୋ ଦରିଦ୍ର୍ୟସଙ୍ଖାଳି ଗୋ । ୧୧ ।
ବାତ୍ସଲ୍ୟ ମମତା ବାଣୀ । ଶୁଣି ପୌର୍ଣ୍ଣମାସୀ ବୋଇଲେ ପୁଣି ଗୋ ।
ବ୍ରଜେଶ୍ୱରି ! ଏ ତ ବାଳକାଳ ଆଣି ଗୋ । ୧୨ ।
ଗୋଚାରଣ ନ ବାରିବ । ଯଶ ଶ୍ରୀ ଆୟୁଷ ବିନା ବଢ଼ିବ ଗୋ ।
ବ୍ରଜେଶ୍ୱରି ! ପୁଣି ତ କୁଳ ସ୍ୱଭାବ ଗୋ । ୧୩ ।
ସୁଧା ରନ୍ଧା ଦ୍ରବ୍ୟମାନ । ଭୁଞ୍ଜି ପୁଷ୍ଟ ହେବେ ତୁମ୍ଭ ନନ୍ଦନ ଗୋ ।
ବ୍ରଜେଶ୍ୱରି ! ବୃଥା କର ଆନ ମନ ଗୋ । ୧୪ ।
ଶୁଣି ଯଶୋଦା ହରଷେ । କୃଷ୍ଣଗାତ୍ର ପୋଛି ବସନଶେଷେ ହେ ।
ସାଧୁଜନେ । ନେତ୍ର ସଜଳ ହରଷେ ହେ । ୧୫ ।
ଡାକନ୍ତି ରେ ଘନଶ୍ୟାମ । ରୁକ୍ମିଣୀରତନ ଆନନ୍ଦଧାମ ରେ ।
କଳାକାହ୍ନୁ । ଉଠ ଉଠ ଭାଙ୍ଗି ଶ୍ରମ ରେ । ୧୬ ।

---

୫—୨ ଯଶୋଦା ସୁସ୍ନେହ ବଶେ-କ, ଖ; ୯—୨ ହେଲା ବାଳୁକ ଗ, ଘ, ଙ

ଦେଖି ତୋ ଶ୍ରୀମୁଖଚନ୍ଦ୍ର । ନୟନଚକୋରୀ ହେବ ଆନନ୍ଦ ରେ ॥
କଳାକାହ୍ନୁ । ତୋଷ ମୋ ହୃଦକୁମୁଦ ରେ । ୧୭ ।
ଗୋଷ୍ଠକୁ ଯିବାକୁ ମିତେ । ଚଉପାଖେ ବେଢ଼ି ଡ଼ାକନ୍ତି କେତେ ରେ ॥
କଳାକାହ୍ନୁ । ନତ ପ୍ରାତେ ଶୋଭ ଏତେ ରେ । ୧୮ ।
ଧେନୁ ପୟୋଭରେ ଯାସି । ବତ୍ସ ଇଚ୍ଛାରେ ହେମାରବ କରୁ ରେ ॥
କଳାକାହ୍ନୁ । ହେଉଛନ୍ତି କେତେପରୁ ରେ । ୧୯ ।
ରାମକୁ ଘେନ ପିମ୍ବର । ଆଜ ଗୋଷ୍ଠକୁ କଲେନ ସଞ୍ଚାର ରେ ॥
କଳାକାହ୍ନୁ । ଛନ୍ଦ୍ରା ବଳମ୍ବରୁ ତୋର ରେ । ୨୦ ।
ଆଜ୍ଞ ଆଳୀ ଅଇଲେନ । ତୋତେ ଦେଖିବାକୁ ମମତା ଘେନ ରେ ॥
କଳାକାହ୍ନୁ । ହେଉ ସାର୍ଥ ନେତ୍ର ବେନ ରେ । ୨୧ ।
ଏହା ଶୁଣି ପୂର୍ଣ୍ଣମାସୀ । ଇଙ୍ଗିତ ମିଶାଇ ବୋଇଲେ ହସି ହୋ ॥
ନାଗରେନ୍ଦ୍ର । ଶିଖିଛ କପଟରାଶି ହୋ । ୨୨ ।
ଅଳସୁଆ ଆଉ କେହ । ତୁମ୍ଭ ପରି ଜଣେ ଦେଖି ତ ନାହିଁ ହୋ ॥
ନାଗରେନ୍ଦ୍ର । ରସିକହଂସାରେଁ ମୁହିଁ ହୋ । ୨୩ ।
ତୁମ୍ଭ ହାତ ଯେ ଧରିବ । କଳଙ୍କିନୀବାଦ କି ନ ପାଇବ ହୋ ॥
ନାଗରେନ୍ଦ୍ର । ଜୀବ ଥିଲେ ଦେଖାଯିବ ହୋ । ୨୪ ।
ବେଦମାତା ଯଉଁପରି । ଅନନ୍ତ-ଶଯ୍ୟକେ ଜଗାନ୍ତି ହରି ହେ ।
ସାଧୁଜନେ । ଏଠା ଲକ୍ଷ ସେହିପରି ହେ । ୨୫ ।
ଅଳସ ଭାଙ୍ଗିବା ଛଳେ । ଊର୍ଦ୍ଧ୍ୱେ କର ଛନ୍ଦ ଭଡ଼ ହୋଇଲେ ହେ ।
ସାଧୁଜନେ । ଉପମାମାନଙ୍କୁ ଦଳେ ହେ । ୨୬ ।
କଳାଚନ୍ଦ୍ର ବନ୍ଧ କଲା । ନୀଳେନ୍ଦ୍ରମଣିରେ ପରଧା ଦେଲା ହେ ।
ସାଧୁଜନେ । ମୁଖଶୋଭା ମାନଗଲା ହେ । ୨୭ ।
ମର୍କତ ଥାପରେ ପୁଷ୍ପ । କଳାଚନ୍ଦ୍ର ହାସ ପ୍ରକାଶ ପରି ହେ ।
ସାଧୁଜନେ । ଉପମା ଯାଉଛୁ ହାରି ହେ । ୨୮ ।
ମାଧବ ଦେଖି ଏ ସ୍ଥିତ । ବୋଲେ ପରିହାସମିଶା ଭାରତୀ ହେ ।
ପ୍ରାଣମିତ । ଏ ନିଜ ସ୍ୱଭାବ ନତ ହେ । ୨୯ ।
ଉଠିଲେ ଉଠ ବେଗରେ । କହିବିଟି ଜନନୀଙ୍କ ଛାମୁରେ ହେ ।
ପ୍ରାଣମିତ । ଯାହା କର କାନନରେ ହେ । ୩୦ ।

---

୧୭—୧ ନୟନ ଚକୋର-ଳ, ଙ, ଘ, ଚ, ଟ, ଠ; ୨୫—୧ ବେଦମାତା ଲ.ଟ,ଠ;

କେ ବୋଲେ ହିରଣ୍ୟତନୁ ବିଦାରି । ନରସିଂହ ପ୍ରଭା ଅଛନ୍ତି ଧରି ।
ରାମଲକ୍ଷ୍ମଣ ହିଁ ମେଳ ଯେ ।
ମହୀ ବିମୋହିନୀ ରାଗ ଧାରଣରେ ହୋଇ ନ ଥିବ କି କୋଳ ଯେ । ୫ ।
ଦିତି-ଅସୁର ବିନାଶନ କାଳେ । ମଚ୍ଛର ମୂର୍ତ୍ତିବନ୍ତ ଖ୍ୟାତ ବଳେ ।
ଶିଳଚମ୍ବୁ-ଧୃତ ମୂର୍ତ୍ତି ଯେ ।
ରସନିଧି ମନ୍ଥା ବିଧିକାଳେ ସିଦ୍ଧି କୁରୁମ ନରେ ତ ଖ୍ୟାତ ଯେ । ୬ ।
ସୁରସାକୁ ଦାନ ଯେହ୍ନେ ବାମନ । ବୋଧି ହରି ବୁଦ୍ଧକୀର୍ତ୍ତିମଣ୍ଡନ ।
ବିରସ ଛେଦନେ ରାମ ଯେ ।
କେଳି କଳା ଯେହ୍ନେ କୃଷ୍ଣ ବୋଲାଇଛ ନ ହେବ କଳଙ୍କୀ ଧାମ ଯେ । ୭ ।
ହରି ଦଶ ବିଧି ଲୀଳାକୁ କରି । ଷଡ଼ୈଶ୍ୱର୍ଯ୍ୟ ପୂର୍ଣ୍ଣ ହୋଇଲ ହରି ।
ମିତେ କଉଁ ଦୋଷୀ ହେଲେ ଯେ ।
କଳ୍ପଲତା ଲଭି କୃପଣ ହୋଇଲ ଖଗ ନ ପାଇଲୁଁ ତଳେ ହେ । ୮ ।
ନିକଟ ନିକ କି ହୋଇଛ ଡୋଳା । ହୋଇ କି ଅଛ ଅନୁରାଗ ଭୁଜା ସେ ।
ଯୋଡ଼ାଇଛ ନେତ୍ରବାସେ ଯେ ।
ସ୍ୱୈର ବ୍ୟାପାର ପରି ଆମ୍ଭେ ମଣିଲୁଁ ଦେବ ନାହିଁ ପରି ଲେଶେ ଯେ । ୯ ।
କେ ବୋଲେ ତେମନ୍ତ ନୁହଇ ମିତ । କାଲି ହୋଇଛି ପ୍ରେମ ଆସ୍ୱାଦିତ ସେ ।
ଲୋଭ ଗ୍ରୁଡ଼ୁନାହିଁ ମନ ଯେ ।
ନବୀନ ଭୁଜ ଆସ୍ୱାଦନ କରନ୍ତି ଶୋଷ ସ୍ୱାଦେ ହୋଇ ମଗ୍ନ ଯେ । ୧୦ ।
କେ ବୋଲେ କୁଙ୍କୁମ କାନ୍ତିରେ ଦିଶେ । ପ୍ରୀତି ପାଲଟ ଦେଇଅଛି କି ସେ ସେ ।
ହୃଦରେ ଯାବକ ଚିହ୍ନ ଯେ ।
ଫୁଟି ଅନୁରାଗ ଲତାରୁ ଜାତ କି ହୋଇଛି ନୂତନ ପଦ୍ମ ଯେ । ୧୧ ।
କେ ବୋଲେ ଦେଖ ଚୂଡ଼ାସଞ୍ଚା ଚିହ୍ନ । ଲେଖି ଦେଇଛି ପରି ପ୍ରେମମନ୍ତ୍ର ସେ ।
କରଜ ରଞ୍ଜନ ରେଖା ଯେ ।
ଦେଖି କେ ବୋଇଲା ଲେଖି ଆଣିଛନ୍ତି ମିତଙ୍କ ଭେଟକୁ ଦେଖା ଯେ । ୧୨ ।
କେ ବୋଲେ କଳଙ୍କନାଶନେ ଶଶୀ । କଳାନିଧିରେ ଝାସ ଦେଲା ଆସି ସେ ।
ଉଞ୍ଚୁ ପଡ଼ି ଭାଜିଗଲା ଯେ ।
ଯେତେ ଖଣ୍ଡ ତେତେ ପିଣ୍ଡ ହେଲା ସୁଧା କୁଣ୍ଡ ବୋଲି ଜଣାଗଲା ଯେ । ୧୩ ।

---

୬—୧ ଜାତ କ, ଖ, ଘ; ବେଳେ-ଛ, ଝ, ଛଡ଼ା ସବୁଥିରେ । ୭—୩ କରୁଁ ମନରେ ତ ଖ୍ୟାତି-ଚ, ଖ. ଟ, ଠ; ୮—୩ ଖେଗ କ, ଜ, ଟ, ଠ; ୯—୧ ନିକଟ ନିକ ହୋଇଅଛ ଡୋଲା-ଗ, ଚ, ଜ, ଠ; ନିକଟିକ ନିକ ହୋଇଛ ଡୋଲା ଛ, ନିକଟ ନିକ କି ହୋଇ ଏ ଡୋଲା-ଝ; ୯—୩ ସ୍ୱୈ ରବ୍ୟାପାର- ଜ,

କେ ବୋଇଲେ ଭବପାରାବାରର । କଦଳୀଭେଳାରେ ତରିଲେ ଧୀର ସେ ।
ବାସେ ମୋକ୍ଷପଦ ଲଭି ଯେ ।
ବିଶେଷ ନନ୍ଦନନ୍ଦନ ପଦଙ୍କ ଶଙ୍ଖ ଦର୍ପଣ ବଢ଼ାଇ ଯେ । ୧୪ ।
କେ ବୋଲେ ଲୋଷ୍ଟ୍ର ମେରୁ ହେଲା ଘଷା । କେ ବୋଲେ ଶ୍ରୀକର ମନ୍ଦର ଧଷା ସେ ।
କେ ବୋଲେ କି ଭାଗ୍ୟ ଦେଖ ଯେ ।
ଚନ୍ଦ୍ରସୁଧାପାନ ହେବାରୁ ଧିକ୍କାର କରଇ ଅମରସୁଖ ଯେ । ୧୫ ।
ଓଷ୍ଠରେ କଜ୍ଜଳ ଦେଖି କେ ଭାଷେ । ମିତ୍ର କଳଙ୍କୀ ହେଲେ କଉଁ ଦୋଷେ ସେ ।
କେ ତାହାଙ୍କ ବୋଲେ ଛଳି ଯେ ।
ସୁଧାକର ସୁଧା ପିଇ ପିଇ ଲାଗି ଯାଇଛି କଳଙ୍କ କାଳୀ ଯେ । ୧୬ ।
ଶ୍ରବଣେ ଆନନ୍ଦ ହୋଇ ଗୋବିନ୍ଦ । ବାହାରେ ମିତକୁ ଦେଖାନ୍ତି ଛନ୍ଦ ସେ ।
ଆଟୋପନା କଟାକ୍ଷରେ ଯେ ।
ପିଲାପଣ ଯାଇ ନାହିଁ କି ବୋଇଲେ ଦଶନ ଭିଡ଼ି ଅଧରେ ଯେ ।
ମଧୁ ବୋଲେ ଏଡ଼େ କୋପକୁ ପାତ୍ର । ହେଲେ ହେବେ ରସବାଭଙ୍ଗ ମିତ୍ର ସେ ।
ଶୁଣି ଆଲିଙ୍ଗନେ ହରି ଯେ ।
ହସିଲେ ଭାଷିଲେ ସତ ସିନା ମିତ ଅଦ୍ଭୁତ ବଡ଼ ଏ ହରି ଯେ । ୧୮ ।
କହି କହି ଏହି ବାଟରେ ଛଳ । ଗୋଷ୍ଠେ ପ୍ରବେଶ ହେଲେ ହୋଇ ମେଳ ।
ରାମ ଶ୍ରୀହରି ଭିନ୍ନ ହେଲେ ଯେ ।
ଦିବ୍ୟ ପୟୋବନ୍ତୀ ଧେନୁମାନଙ୍କୁ ସେ ବହନ ଦୋହନ କଲେ ଯେ । ୧୯ ।
ବତ୍ସ ମେଲି ହେଁଲୋ ବୋଲି ଡାକନ୍ତି । ଦୁଧ ପିଆଇ ଚରଣେ ଛନ୍ଦନ୍ତି ସେ ।
ପଦପଛ ସ୍ୱଚ୍ଛେ ଟେକ ଯେ ।
ତର ଧର କ୍ଷୀର ଦୁହିଁଲେ ଦୁହୁଣି ବେନ ଜାନୁମଧ୍ୟେ ଡାକ ଯେ । ୨୦ ।
ଶ୍ୟାମ ତନୁରେ ପଡ଼ି କ୍ଷୀରବିନ୍ଦୁ । ଉଧର ଧରୁଛି ଉପମାସିନ୍ଧୁ ସେ ।
ନୀଳେନ୍ଦ୍ର-ମଣି ଦର୍ପଣେ ଯେ ।
ସାନ ସାନ ମୋତି ପନ୍ତି ଶୋଭିଥିଲା ଉପମା ହେବ କି ଗୁଣେ ଯେ । ୨୧ ।
କାତବଲେ ଉଡ଼ି ପଡ଼ୁଛି କ୍ଷୀର । ଶ୍ରୀମୁଖ ମାନୁଛି କି ମନୋହର ସେ ।
ଶଶୀ ଅଙ୍ଗେ ସ୍ୱେଦ ଜାତ ଯେ ।
ନୀଳ କମଳରେ ସୁଧା ବିନ୍ଦୁ ବିନ୍ଦୁ ବୃଷ୍ଟି ବୃଷ୍ଟି ହୋଏ ଖ୍ୟାତ ଯେ । ୨୨ ।

---

୧୫—୩ ଚନ୍ଦ୍ରସୁଧା ପାନ-ଜ, ଠ; ଚନ୍ଦ୍ରସୁଧା କାଳି-ଝ; ୧୮—୧ ହେଲେ ହେବ-ଝ, ଠ; ୧୯—୩ ପୟୋବନ୍ତ-ଜ, ୨୦—୧ ଏହେଁ ବୋଲି-କ. ଖ, ଝ, ଠ, ହେଲୋ ବୋଲି-ଗ, ଘ, ଚ, ଜ, ୨୦ . ୨ ପଦ ପୁଛିକ. ଠ; ୨୧—୩ ହେବା ନପୁଣେ.-କ, ଗ, ଝ, ଠ;

ସଖୀଏ ରସ-ନିଧିକି। ଆଣିବା ବେଳ ବିଧିକି।
ମୁକ୍ତ ମୂର୍ତ୍ତି କରି ନିଧି ସିଦ୍ଧି ଯେହ୍ନେ ଆଣନ୍ତି କି ସନ୍ନିଧିକି ସେ।
ସେ କାଳରେ କରିଗତି। ମନ୍ଦ ମନ୍ଦ କରେ ଗତି।
ଯେତକ ଯେତକ ଆସଇ କେତକ ତେତକ ମିଳଇ ଗତି। ୪।
ପଦ ଚାଳିବା ବେଳକୁ। କି ମାନିଲି ସେ କାଳକୁ।
କଣ୍ଠି କରେ ଧରି ଚାଳନ କି କରି ଦେଲି ସ୍ଥଳକମଳକୁ। ୫।
ବିନ୍ୟାସନ୍ତେ ଚାରୁପଦ। ଜୁର କରେ ଇନ୍ଦ୍ରପଦ।
ରହି ରହି ସହି ଆସୁଥାଇ କେହି ଦେବାକୁ ପ୍ରେମସମ୍ପଦ। ୬।
ନୟୁତ ମନ ମୁଦରେ। ବଳାବଳି ବିବାଦରେ
ନଉଛଳି ଦେଇ ସହସ୍ର ମଣାଇ ଖଟନ୍ତି କି ଶ୍ରୀପଦରେ। ୭।
ବିଜୟୀ ପଦ ନୂପୁର। ହୃଦ କଲା ରସପୂର।
ମଦନ ଭଜେଲେଣି ମୋଠାକୁ ସାଜେଣି କଲା ଜଣି ଉନପୁର। ୮।
ପ୍ରପଦେ ଚାରୁ ଝୁଣ୍ଟିଆ। ସେ ବନ୍ଧୁ ଚାମ୍ପୁ ଖୁଣ୍ଟିଆ।
ବୋଲଇ ପାହୁଡ଼ ଶବ୍ଦକୁ ଘଉଡ଼ ଶୀଗାଳକ ଆପଟିଆ। ୯।
କି ଜାତ ସଜେ କିଙ୍କିଣୀ। ବାଜୁଥାଇ କିଣି କିଣି।
ମୋ ମନହରଣୀ ଘଣ୍ଟି ଗୀତ ମଣି ବଳେ ହୋଇଯାଏ କାଣି। ୧୦।
ଚାହିଁ ନ ଚାହେଁ ସଙ୍ଗୀକି। ଆଣଇ କେତେ ଭଙ୍ଗୀକି।
ତହୁଁ ବଇଭବ ବଡ଼ କି ହୋଇବ ସଂସାରେ ଅନୁରାଗୀଙ୍କି। ୧୧।
ପକାଇ କୃପା ଦୃଷ୍ଟିକି। ମୋହେ ରସିକ ସୃଷ୍ଟିକି।
ହୀରା ମରକତ ମାଣିକ୍ୟ ମିଶ୍ରିତ କଲା ପରାଗ୍ରେ ବୃଷ୍ଟିକି। ୧୨।
ସରାମୃତଗୋଳା ରସେ। ବୁଡ଼ାଇ କଲା ସାରସେ।
ବଞ୍ଚିବାର ଆଣି ଭୁଲାକୁ ନ ଆଣି ଅଳପ ଚାହିଁଦେବାର ସେ। ୧୩।
ନେଇ କଳା ଧଳା ରଙ୍ଗ। ଜଣେ ତ୍ରିବେଣୀ ତରଙ୍ଗ।
ବୁଲିବାର ଆଣି ଭୁଲାକୁ ନ ଆଣି ମଦନ ସାରେଣୀ ରଙ୍ଗ। ୧୪।
କଳାଲକ୍ଷ୍ମୀ ବରଧନ। ଲୁଟିକଲି ଧୈର୍ଯ୍ୟ ଧନ।
ନୀଳାଶଳାକାରେ କାମ କେଳା କରେ ଧାଡ଼ିକି ଲୀଳାସାଧନ। ୧୫।
ଭ୍ରୂରୁ ଚାରୁଖି ଆଣିକି। ଆଖିଲି ଚାପେ ଆଣି କି
କାମ ଜାଙ୍ଗଳିକ ଦେଖାଏ କୁହୁକ ଖେଳାଇ କଳା ଫଣୀକି। ୧୬।

---

୩—୨ ଯେନ ଅଣନ୍ତି କ, ଖ, ଟ, ଠ; ୧୧—୨ ତହୁଁ ଇନ୍ଦ୍ରପଦ କ, ଖ, ଟ, ଠ;
୫—୨ ଖେଳା କରେ-ଗ, ଘ, ଚ, ଛ, ଠ; କଳା କରେ-କ, ଖ, ଟ;

ମୋଡ଼ିଲ୍ଲ ବେଳ ଲପନ । ବଢ଼ାଏ କି ଉଦ୍ଦୀପନ ।
କଲେ ତା ଆଲୋକ ତନପୁର ଲୋକ ନିତ ଦେଖିବେ ସ୍ୱପନ । ୧୭
ଓଢ଼ଣା ଦେଇ ମାଥରେ । ଆଡ଼ିଲ୍ଲ କରେ ହାଥରେ ।
ଦେଖି ମନ୍ମଥରେ କେ ଅବା ନ ଥରେ ନେତ୍ର ପଡ଼ିଲେ କଥରେ । ୧୮ ।
ଗତିକି କରି ପଥରେ । ରହିଯାଏ ଥରେ ଥରେ ।
କଳା ଶାଢ଼ୀ ଆଡ଼େ ଶୋଭି ମାନେ କେଡ଼େ ଘନେ କି ଚଞ୍ଚଳା ଥରେ । ୧୯ ।
ବାସ ଆଚ୍ଛାଦନେ ତନୁ । କମ୍ପି କି ମାନେ ସୁତନୁ ।
କନକ ପିତୁଳା ଛାୟା ପଟ ଲୀଳା କରୁଅଛି କି ଅତନୁ । ୨୦ ।
ହାସ ଶୋଭି ବିମ୍ବ ଧରେ । କି ଜାତି ସୁଷମା ଧରେ ।
ଜିବାମୃତେ ଧୋଇ ଅଛଇ କି ଥୋଇ ଶିବା ସେବିଦା ସଥରେ । ୨୧ ।
ସୁଧା ପ୍ରବାଳ ନାବରେ । ଉଚ୍ଛୁଳି ଗଲ୍ଲ ଭାବରେ ।
ସେ କାଳର ଶୋଭି ବିଶ୍ୱମନଲୋଭି ଅକଥନ ଦଇବରେ । ୨୨ ।
କମ୍ପନ ଛବି ସେଠାରେ । ସଗାମୃତଦନ୍ତେ ଠାରେ ।
ଶୋଭା ଦେଖି ଆଖି ରହିଯାଏ ଲକ୍ଷି ପକ୍ଷୀ ଯେମନ୍ତ ଅଠାରେ । ୨୩ ।
ସୁଗ୍ରୀବୁ ସରୁ ଚେଳରେ । କୁଞ୍ଚ ଶୋହେ ମଞ୍ଜୁଳରେ ।
ପୀତପକ୍ୱ ଚୂତ କାଇବାସେ ସ୍ଥିତ ମଣିଲ ସେହି ଭୁଲରେ । ୨୪ ।
ମିଳି ମୁଖ କଲ୍ଲ ନତ । ହରିଲ୍ଲ ମୋର ଉନ୍ନତ ।
ସୁଧାକୁମ୍ଭ ସ୍ତନ ଘୋଡ଼ା କି ନଳିନ ମାନଗଲ୍ଲ ଆନନ ତ । ୨୫ ।
ଶ୍ରୀମୁଖାମ୍ବୁଜଦାନରେ । ପୂଜି କୁଚ ଈଶାନରେ ।
ତାଟଙ୍କାଳିଢରେ ବନ୍ଦାପନା କରେ ଜିଣିବାକୁ ମଦନରେ । ୨୬ ।
ବନ୍ଧୁକୁ ଦେଖି ଆଗରେ । ଉତ୍ସାହୀ ହେଲି ସଗରେ ।
ବେଗେ କରି କୋଳ ପ୍ରେମେ ହେଲି ଭୋଳ ମିଶାଇ ଅଙ୍ଗ ଅଙ୍ଗରେ । ୨୭ ।
କେଉଁ ଭାଗ୍ୟ ସଂଯୋଗରେ । ଶୋଭା ଶୀତଳ ବେଗରେ ।
ଗୁରୁ ଘନସାରେ ଗୋଳି ତ ନିଶାରେ ବୋଳି କି ହେଲ୍ଲ ଅଙ୍ଗରେ । ୨୮ ।
ବସାଇ ଜାନୁ ଉପରେ । ବିଗ୍ରହ କଲି ତ ପରେ ।
ଥିଲିକି ମନାଇଁ ଉମା ଦେଖା ସାଇଁ କାହିଁ କଉଁ କଳପରେ । ୨୯ ।
କରଦେଇ ଚିବୁକରେ । ଚୁମ୍ବି ମୁଖ କଳାକରେ ।
ଚିନ୍ତୁରିଲି ମୁହିଁ ଭାଗ୍ୟବନ୍ତ କାହିଁ ମୋ ସମାନ ତ୍ରିଲୋକରେ । ୩୦ ।

---

୧୭—୧ ମୋଡ଼ିଲ୍ଲବେଳେ-ଛ, ଝ; ଛଡ଼ା ସବୁଥିରେ ୧୮—୧ ଅଡ଼ିଲ୍ଲ କରି-ଘ, ଚ, ଛ; ଥଣିଲ୍ଲ କରେ-କ, ଖ; ୨୩—୧ ସଗାମୃତ ଦ୍ରବ୍ୟ-ଗ. ଝ, ଠ; ୨୮—୨ ବୋଳି କେ ହେଲ୍ଲ-ଗ, ଘ, ଚ, ଠ;

ବୋଇଲ ମୁଁ ଅନାଥରେ । ପ୍ରାଣବନ୍ଧୁ ଅନା ଥରେ ।
ଲଭି ଚନ୍ଦ୍ରମଣି ହେଲ, ଚନ୍ଦ୍ରାମଣି ଊଣା ଏ ପ୍ରୀତି ପଥରେ । ୩୧ ।
ଏତେକେ ଅଳପ ହସିଲା । ଚିତ୍ତ ସନ୍ତାପ ନାଶିଲା ।
ଅନୁରାଗ ସୁଧା ମିଶାଇ ବଶୁଦ୍ଧା କୃପା କରି ବରଷିଲା । ୩୨ ।
ଉଡନ୍ତେ ହୃଦ ପଥରେ । ଘନଲତା ପରି ଥରେ ।
ବୋଇଲ ସୁଗତି ନ ଦେବୁ ସୁଗତ ଅନୁଗତ ଜନେ ଥରେ । ୩୩ ।
ଆରୋହି ଜାନୁରଥରେ । ବିହରି ସୁଖପଥରେ ।
ପୁରନ୍ଦର ବଧୂ ଲଭିବା ଅବଧି ସେ କାଳ ପୁରୁଷାର୍ଥରେ । ୩୪ ।
ମୃନ୍ନ ସଙ୍କୁଳ ବ୍ୟର୍ଥରେ । ରହିଥାନ୍ତି କୃତାର୍ଥରେ ।
ଯେଣୁ ପ୍ରେମାନନ୍ଦ-ମକରନ୍ଦସ୍ୱାଦ ଅନୁଭବ ନାହିଁ ଥରେ । ୩୫ ।
ଇଷି ଇଷି କଳପିତ । ମନେ ହେଲା କଳପିତ ।
ମୃତ୍ୟୁ ସଞ୍ଜୀବନୀ ମନ୍ତ୍ର ପଢ଼ି ଧନୀ କଲା କୋଟିକଳପୀ ତ । ୩୬ ।
ଶ୍ରୀପଦ ଧରି ହାଥରେ । ମାଗିଲ ପରମାର୍ଥରେ ।
ସଦା ବେଶକାରୀ ଯାଉଁ ପରିବାରୀ ଗଣିବୁ ସେହି ଯୂଥରେ । ୩୭ ।
ପାଦୁ ଛଡ଼ାଇ ପାଣିକି । ବଢ଼ାଇ ପ୍ରୀତି ଆଣିକି ।
ଗଦଗଦ ହେଲା ଶିରେ ଲଗାଇଲା କେ ଲକ୍ଷ ଗୁଣମଣିଙ୍କ । ୩୮ ।
ଧିକ ବାତୁଳ ହାଧିକ । କଲା ଏଡ଼େ ଅବାଧିକ ।
ତେଡ଼େ ଅନୁରାଗ କରିଦେଲା ଭଙ୍ଗ କି କହିବା ତା ବୁଦ୍ଧିକି । ୩୯ ।
ବନ୍ଧୁଙ୍କୁ ତୋଷି ଯାଗରେ । ମନାଇ ଶିବ ଜାଗରେ ।
ବାନ୍ଧବୀ ସଙ୍ଗରେ ମଜ୍ଜିଲ ରଙ୍ଗରେ ଏକ ନିଶି ଉଜାଗରେ । ୪୦ ।
ମୋ ପାଶୁଁ ଯାଉଁ ସଙ୍ଗିନୀ । ଶ୍ରାନ୍ତରେ ରତିରଙ୍ଗିନୀ ।
ଯାଏ ରହି ରହି ଫେରି ଗୃହିଁ ଗୃହିଁ କି ରଙ୍ଗେ କୃପାପାଙ୍ଗିନୀ । ୪୧ ।
ଦୃଷ୍ଟି ଯମଦୂତ ବାରି । ମାରି ଓଁକାରି ନେବାରି ।
ରାଗେ ଜର ଜର ମାନିଲା ସୁନ୍ଦର ପାତ କଲା ହୃଦିବାରି । ୪୨ ।
ଆଡ ବସନ ହାଥରେ । ଗୃହିଁ ଦିଏ ଥରେ ଥରେ ।
କାମ ଗ୍ରୁପିଥିଲା ଷାଟବେଳୀ ଫିଙ୍ଗିଲା ଭଳିଲି ହୃଦପଥରେ । ୪୩ ।
ବୋଇଲି ଆରେ ଜୀବନ । ସହିବ ଏଥି ଜୀବନ ।
ଏତେକେ ନଷ୍ଟାନା ହେଲା ସ୍ନେହଦେନା ବୁହାଇ ଦେଲା ଜୀବନ । ୪୪ ।
ବୋଇଲି ଗୁଣମଣିକି । ଶାଣ ବାଣରେ ପାଣିକି ।
ଦେଲେ ତ ଅଧିକ ହୋଇବ ବାଧକ ଏଥିକ ମୋତେ ହୋ ଆଣି କି । ୪୫ ।

---

୩୨ — ୧ ମିଶାଇ କି ସୁଧା-ଙ୍କ;

ମନ୍ଦହାସରେ ରସିକା । ଫୁଲାଇ ଦେଲା ନାସିକା ।
ଚକମକ ନଳୀ କଳ ଦେଲା ଗୃଳ ହେଲା ଧୈର୍ଯ୍ୟ ବିନାଶିକା । ୪୬ ।
ଫିଟି ଗ୍ରୀବାର ବେଣୀକି । କାମ ପତାକା ଆଣିକି ।
ଦେଖାଇ ବଢ଼ାଇ ନେଉଛି ଛଡ଼ାଇ ବନେ ପ୍ରବଳା-ମଣିକି । ୪୭ ।
ଛନ୍ଦନ ମାଳ ସୁମନ । ଏମନ୍ତ ଧେନଲା ମନ ।
ତମାଳରେ ଜଡ଼ି ଅନ୍ଧକାର ଗୂଢ କେଣିକି କଲା ଗମନ । ୪୮ ।
ଗୋଟି ସୁମନ ପତନ । ଦିଶୁଛି କେଡ଼େ ଯତନ ।
ଘନଚ୍ୟୁତ ପରି ହେଉଅଛି ପରି ସରଜନା ଏ ନୂତନ । ୪୯ ।
ଖସୁଁ ଖୋସିବା ନିବୀକି । ଉପମା ନାହିଁ କବିକି ।
ନେଣ୍ଡ ମୃଗ ପାଶେ ବାନ୍ଧିଲା ପରିଷେ, ବନେ ମନ ହେଲା ବିକି । ୫୦ ।
ବାନ୍ଧିଗା ଶୋଭା ନିବାସ । ଅସ୍ତ ବ୍ୟସ୍ତ ବେଶ ବାସ ।
ଲାବଣ୍ୟ ନିଧିକି ମନ୍ଥନ ବିଧିକି ଦିଆଇଲା ପରିବାସ । ୫୧ ।

ସତ ପ୍ରେମ ଉନ୍ମାଦକା । ଶ୍ରାନ୍ତ ଗତି ଆସ୍ୱଦକା ।
କମ୍ପନ ଘୁମିତ ଚରଣ ଅର୍ଚ୍ଚିତ ହେମନ୍ତ ମତ୍ତ ମାଦକା । ୫୨ ।
ଗଣ୍ଡିଦେବା ପଣ୍ଡନ୍ତରେ । ଏମନ୍ତ ହେଲା ଚଉରେ ।
ଦେଇ ରତିଧନ ପୀରତିରତନ ଦାନ୍ତି ନେଉଛି ହିତରେ । ୫୩ ।
ସେକାଳ ଶୋଭା ଦର୍ଶନ । ତୁଲ୍ୟ କି ସୁଧା ଅଶନ ।
କରେ ଆଲୋକନ ସେହି ଭାଗ୍ୟବନ୍ତ ଯାହାକୁ ଶିବ ପ୍ରସନ୍ନ । ୫୪ ।
ସେବକ ହେଲା ଗଧାର । କି ହେବ ହେଲେ ଉଦ୍ଧାର ।
ଅଳତା ପଦରେ ଲେଖିବା ସାଦରେ ମୋକ୍ଷ ସେହି ନିର୍ଧାର । ୫୫ ।
ଝସିଥିଲ ପ୍ରୟାଗରେ । କି ଅବା ଗଙ୍ଗାସାଗରେ ।
ହେଲି ତା ସେବକ ଏହି ବଡ଼ ଠେକ କି କାର୍ଯ୍ୟ ବସ୍ତୁନଗରେ । ୫୬ ।
ଗୁଣମାଳା ସଂଯୋଗରେ । ଖୋଲ ଲମ୍ବାଇ ଆଗରେ ।
ହୋଇବି ଭିଖାରୀ ତା ନାମ ଉଚ୍ଚାରି ସର୍ବଦା ଉଚ୍ଚ ରାଗରେ । ୫୭ ।
ବୁଲିବି ଗୋପ ନଗରେ । ବାଜା ଉଡ଼ାଇ ନାଗରେ ।
କହିବି ଗୁମାନ କେ ମୋହେ ସମାନ ପରଖ ଆସି ବେଗରେ । ୫୮ ।
ପ୍ରୀତମ୍ମାଙ୍କ ବ୍ରହ୍ମାଣ୍ଡରେ । ବୁଲି ବୁଲି ଉଦ୍ଦଣ୍ଡରେ ।
କେ ଅଛି ମୋ ସମ ଏ ପ୍ରୀତି ଉତ୍ତିମ ବଜାଇଦେବ ଦାଣ୍ଡରେ । ୫୯ ।

---

୪୯—୧;—ଦିଶେ ଏମନ୍ତ ଯତନ—ଘ, ଚ, ଜ, ଝ, ଠ, —୨; ଲେଖିବ—ଘ, ଚ, ଜ, ଝ, ଠ,

ବୋଲାଇବି ଯେବେ ଜାର । କି ଭଗ୍ନ ମୋତେ ସଞ୍ଜାର ।
ମନେ ଅଛି ଭାବ ଏ ଭୁବନରେ ଦେବି ବସାଇ ପ୍ରେମବଜାର । ୬୦ ।
ଶ୍ରବଣେ ମିତେ ହସିଲେ । ପୀରତିକି ପ୍ରଶଂସିଲେ ।
କାଣା ବିକା ତହିଁ କରିବା କି ନାହିଁ ଆନନ୍ଦ ହୋଇ ଭାଷିଲେ । ୬୧ ।
ବୋଇଲେ ଗୋବରଧନ । ଅଛିଟିକି ବର ଧନ ।
ହେଲେ ବଣିଜାର ଲାଭ ଜାଣି ପାର ଯେତେ ସୁଖ ବରଧନ । ୬୨ ।
ପରସ୍ପରେ ଏ ବିଧିରେ । ପ୍ରସଙ୍ଗୀ ହେଲେ ବିଧିରେ ।
ସାମନ୍ତସିଂହାର ଏ ଭାବକୁ ହାର କରିଛି ବଗୃର ଧୀରେ । ୬୩ ।

---

## ଓଣାଳବେ ଛାନ୍ଦ ।

---

## ଶ୍ରୀକୃଷ୍ଣ ବିବିଧ କେଳି ବର୍ଣ୍ଣନ ।

---

ରାଗ ଢ଼ିପା ।

ଏସ୍ଥାନକୁ ଘେନ ଧୀରେ । ଗୋବିନ୍ଦ ପ୍ରଣୟ ରସନିଧିରେ ସେ ।
ବୃଦ୍ଧି ହୋଇଲା ବିଧିରେ ସେ । ନିତି ନିତି ନୂତନ ।
ଭାବ ବଣିଜ ହେଲା ଯତନ ଯେ । ଲାଭ ହେଲା ଆନନ୍ଦରତନ ସେ । ୧ ।
ଶୃଙ୍ଗାରମୂରତି ହରି । ମହାଭାବରୂପା ସଙ୍ଗେ ବିହରି ସେ ।
ବଢାଇ ଲୀଳାଲହରୀ ସେ । ମହାନନ୍ଦସାଗରେ ।
ମିଶା ଆହ୍ଲାଦ ନଦୀ ସଙ୍ଗରେ ଯେ । ମଗ୍ନଭଙ୍ଗି ବାରୁଣୀ ଯୋଗରେ ସେ । ୨ ।
ଭାବଉନ୍ମାଦ-ମତ୍ତରେ ।  ସଙ୍କେତ କରନ୍ତି କେତେ ମତରେ ସେ ।
କଉଁ ବନ କେମନ୍ତରେ ସେ । ନାନା ବେଶେ ଆସନ୍ତି ।
କାମ ପ୍ରେମରସେ ଢଳସନ୍ତି ଯେ । ଦରଶନେ ଦୁଖ ବିନାଶନ୍ତି ସେ । ୩ ।
ଭାବକୁ କଲେ ଜୀବିକା । ମନବାଞ୍ଛା ନ ମାନିଲାକ ବିକା ସେ ।
ପ୍ରୀତିଧନେ ହେଲେ ବିକା ସେ । କ୍ଷଣ ହେଲା ଅସର ।
ଜଗୁଆଳି ହେଲା ଫୁଲଶର ଯେ । ଭିନ୍ନ ହେଲେ ପ୍ରହାରିଲା ଶର ସେ । ୪ ।

---

୬୨ — ୧ ବଡ ଧନ — ଛ. ଝ, ୬୩ — ୧; ପ୍ରଶଂସି ହେଲେ — ଜ, ଝ, ଠ,
୨—୩ ମିଶି—ଗ, ଘ, ଚ, ଛ, ଠ, ମଣି-ଝ,

ଭାବି ହୁଅନ୍ତି ମନରେ । ଲୋଭକୁ ବଳାଇ ଆଲିଙ୍ଗନରେ ସେ ।
ନଦୀ ସିନ୍ଧୁ ସମାନରେ ଯେ । ଇଚ୍ଛା ଅନୁସରଣ ।
ଦେହ ଛାଇ ପରି ଆଚରଣ ଯେ । ବାସ ବିଳାସ ବିଧି ସ୍ମରଣ ସେ । ୫ ।
ବସନ୍ତେ ବନବିହାର । ପଶାଖେଳ ପ୍ରୀତି କରନ୍ତି ହାର ସେ ।
ଆଉ କଥା ଅଙ୍ଗହାର ସେ । ନିଦାଘରେ ଭୁବନେ ।
କେଳି ଆଚରନ୍ତି ବୃନ୍ଦାବନେ ଯେ । ଚନ୍ଦ୍ରରଜନୀ ଭାବି ଭାବନେ ସେ । ୬ ।
ବରଷା କାଳ ଆତୁର । ଝୁଲଣା ବିନୋଦ ହେଲା ପ୍ରଚୁର ସେ ।
ଗାଣା ଶୁଣା ଅଭିଚୁର ସେ । ଶରଦରେ ସଙ୍ଗୀତ ।
ରାସରସେ ଖ୍ୟାତ ସୁସଙ୍ଗୀତ ଯେ । ଉନ୍ମାଦକ ହେଲା ବଂଶୀଗୀତ ଯେ । ୭ ।
ହେମନ୍ତକାଳ ନିଶାରେ । ଅଭେଦତା ମିଶାମିଶି ସୁଆରେ ସେ ।
ରସିଲେ ନାହିଁ ନିଶାରେ ସେ । ଦେଖି ଶିଶିର ଗତ ।
ଉଠରେ ଉରଜ ମିଶା ସଙ୍ଗତ ସେ । ଯେନା ନଗଲା ହାର ଭଗତ ସେ । ୮ ।
ଦିନେ ପ୍ରୀତି କପଟିଆ । ଦଧିଦାନ ମାଗି ହେଲେ ଘାଟିଆ ସେ ।
ନାଗରବର ହଠିଆ ସେ । ବୋଲି ଦେଲେ ଗୋଖରେ ।
ଦାନ ମାନ ଦେଇଯାଅ ଖଟର ଗୋ । ତନୁ ଦେବା ବୋଲି ଶ୍ରୀମୁଖରେ ଗୋ । ୯ ।
ବୋଲନ୍ତି ଗୋପୀ ହାସରେ । ଦାନ କେ ନେଇଛନ୍ତି ଗୋରସରେ ସେ
ନଜାଣୁ ଗୋପଦେଶରେ ସେ । ହସି ବୋଇଲେ ହରି ।
ଆଶା ଗୋରସରେ ଦିଅ ହରି ଗୋ । ଆନମତେ ନ ଛାଡ଼ିବି ହରି ଗୋ । ୧୦ ।
ଶ୍ରବଣେ ଗୋପୀ ହସିଲେ । ଦେଇଯିବୁଁ ଦାନ ବୋଲି ଆସିଲେ ସେ ।
ବଣିଜ ଲାଭ ଦିଶିଲେ ସେ । ହରି କଲେ ଉତ୍ତର ।
ରାଧା ବନ୍ଧା ଦେଇ ଯାନ୍ତୁ ଘର ଗୋ । ଆନ କରିଯାଅ ଗୁରୁତର ଗୋ । ୧୧ ।
କିଶୋରୀ ସୁଖୀ ଅନ୍ତରେ । ବାହ୍ୟେ ପ୍ରକାଶିତ କଷ୍ଟ ଉତ୍ତରେ ସେ ।
ସଞ୍ଚିଥିଲ କି ଚିତ୍ତରେ ସେ । ମୋତେ ଜଣା ନାହିଁକି ।
ଏଡ଼େ ଭରସା କର କାହିଁକି ସେ । ଆନ ଗୋପୀ ହୋଇଛନ୍ତି ମୁହିଁକି ହେ । ୧୨ ।
ହରିବାଣୀ କୁତୁକରେ । ଶିରୋମଣି ପରି ଗୋପୀଙ୍କ କରେ ଗୋ ।
ଅନ୍ୟାୟ କେ ଏଥି କରେ ଗୋ । ମନେ କର ଭାବନା ।
ପ୍ରଭୁ ସବୁ କରେ ସମ୍ଭାବନା ଗୋ । ଲୋକେ କେଉଁ ଏ ଦଇବ ବନା ଗୋ । ୧୩ ।

---

୧—୫ ଅନୁରାଗରେ-ଗ, ଘ, ଚ; ୭—୩ ରାସ ରସେ ଖ୍ୟାତ-୯ ଜାତ-କ, ଖ, ଟ; ଜାତ-ଜ; ଏ ଅପପାଠ; ୮—୧ ହେମନ୍ତ-କ, ଖ; ୧୦—୩ ଆଶ ଗୋରସେ ନ ଦିଅ ହରି-କ, ଖ, ଟ, ଠ;

ମିଛରେ କର ତର୍ଜନା । କାମରାଜ ଆଗେ ନ୍ୟାହ୍ମ ସର୍ଜନା ଗୋ ।
କରାଇ କର ମାର୍ଜନା ଗୋ । ଏଥି ହାରି କାହାର ।
ପରଖିବାକୁ ଆଗ ତାହାର ଗୋ । ଗୁଣ ଜଣାଯିବ ଯେ ଯାହାର ଗୋ । ୧୪ ।
ମୂଢ ଜାତ ଏ ଭାଷରେ । ପଣ୍ଡିତା ପଣ୍ଡିତ ପରିହାସରେ ସେ ।
ଗଲେ ତହୁଁ ହରଷରେ ସେ । ଧନେ ନଦୀତରଣେ ।
କଇବର୍ତ୍ତ ବିଧି ଆଚରଣେ ସେ । ସୁଖ ଦେଲେ ପ୍ରେମ ବିତରଣେ ସେ । ୧୫ ।
ଭଙ୍ଗି ଇଙ୍ଗିତ ବିକାରେ । ଭୁଜ ଧରି ହରି ଶ୍ରୀ ରାଧିକାରେ ସେ ।
ବସାଇଲେ ନଉକାରେ ସେ । କହି ଯୋଡ଼ିଲେ କର ।
ଦାସପଣ ଆଜି ସାର୍ଥ କର ଗୋ । ଚିନ୍ତା ଶାନ୍ତି ପାଇବି ନକର ଗୋ । ୧୬ ।
ତରଙ୍ଗିଣୀ ଘନରସେ । ପୂରି ଉଛୁଳଇ କେତେ ସରସେ ସେ ।
ପାରି କରିବି ହରଷେ ଗୋ । ତନୁ ଦାନ ପାଇବି ।
ରାଜା ଧୀବରେ ତ ବୋଲାଇବି ଗୋ । ରସଦାନୀ ନାମକୁ ଗାଇବି ଗୋ । ୧୭ ।
ହସିଲେ ଗୋପିକାମାନେ । କିଶୋରୀ ବୋଇଲେ ପ୍ରଣୟମାନେ ସେ ।
ଏହା କହି କି ଗୁମାନେ ସେ ତ ନୂଆ ନାଉରୀ ପଣ ।
ଦେଖାଉଛ କି ଆସି ଆପଣ ଯେ । ଜାଣନା ଏ ଗୋପୀ ଅକୃପଣ ସେ । ୧୮ ।
ଶୁଣି କୃଷ୍ଣ ଏ ବାଣୀକି । ଧୀରେ ଧୀରେ ବାହି ସୁନ୍ଦରୀଣୀକି ସେ ।
ଛୁଡ଼ିଦେଲେ କ୍ଷେପଣୀକି ସେ । ନାବ ମଧ୍ୟରେ ଭାଷେ ।
ହରି ବୋଇଲେ ତରକ ଭାଷେ ସେ । ବୁଡ଼ିଯିବା ପରାଣେ ଆଶ୍ରେସେ ଯେ । ୧୯ ।
ଗୋପୀ ବୋଇଲେ ବଚନ । ଶୁଣୁଅଛୁଁ ତୁମ୍ଭେ ଭବମୋଚନ ସେ ।
ଆମ୍ଭର ନାହିଁ ଶୋଚନ ହେ । ଧରିଅଛୁଁ ଚରଣ ।
କେତେ ମାତ୍ର ଏ ନଦୀତରଣ ଯେ । ଅଶରଣଙ୍କୁ ପରା ଶରଣ ହେ । ୨୦ ।
ଗୋବିନ୍ଦ ସ୍ନେହ-ଆକରେ । ପଡ଼ିଯାଇ ନାବେ କି ତରକରେ ସେ ।
ମାଲି ଧଇଲେ ଶ୍ରୀକରେ ସେ । ଧନୀ କଲେ ଉତ୍ତର ।
ଲୋକ ଗଞ୍ଜାକର ଏ ମାତର ଯେ । ମାଲି ଧରିବାକୁ କି ପାତର ସେ । ୨୧ ।
ଗୋବିନ୍ଦ କଲେ ଭାରତୀ । ଏତେକରେ ଦିନା ଗଲା ବରତି ସେ ।
ରହିଲା କେତେଢ଼ େକାରତି ଗୋ । ନବ ନାଗରୀବର ।
ଧର ଭାର ଉରଜ ପୀବର ଗୋ । ଏହା ଯୋଗୁଁ ଦିନା ହରବର ଗୋ । ୨୨ ।
ବୁଡ଼ି ଯାଉଅଛୁ ତରୀ । ଉରୁ ଭେଳା ଅଛି ପାରିବ ତରି ଗୋ ।
ମୁଁ କେହି ଯିବି ନସ୍ତରି ଗୋ । କହୁଅଛୁ ରସାଇ ।
ମୋତେ ନେବ କି ତହିଁ ବସାଇ ଗୋ । କୋଳ ଦାନରେ ନଅ ମିଶାଇ ଗୋ । ୨୩
ବୋଇଲେ ଗୋପୀ ଭାରତୀ । ବୁଡ଼ିଗଲେ ତରୀ ଅପକାରତି ସେ ।

ରହିବ ପରିବରତ ହେ । ଦେବା ଯାହା ମାଗିବ ।
ଛାଏ କୂଳରେ ଯେବେ ଲାଗିବ ଯେ । ତୁମ୍ଭ କିରତ ସିନା ଜାଗିବ ହେ । ୨୪ ।
ଶୁଣି ହରି ତା ମୁଦରେ । ବେଳାରେ ଲଗାଇ ନାବ ସାଦରେ ସେ ।
ବୋଲନ୍ତି କି ଆସ୍ପଦରେ ଯେ । ଇଚ୍ଛା ଶାଢ଼ୀ ନେବାରେ ।
ହେଳା କରୁଛ କପାଁ ଦେବାରେ ଗୋ । ହତ ରଖିଥାଅ ଭଲ ବାରେ ଗୋ ।୨୫।
ବୋଇଲେ ଗୋପୀ ରାଧିକା । ଆମ୍ଭମାନଙ୍କର ସେ ଆରାଧିକା ସେ ।
ସବୁ କଥାରେ ଅଧିକା ସେ । ଦେବେ ମାଗ ସେଠାରେ ।
ଏକ ଏକ ବସନ ଏଠାରେ ଯେ । କହୁଁ କହୁଁ ନୟନରେ ଠାରେ ସେ । ୨୬ ।
ହରିବାଣୀ ପ୍ରସନ୍ନରେ । ତୋଷ କରଯାଅ ସୁବସନରେ ଯେ ।
କିରତ ରହିବ ନରେ ଗୋ । ମୋକ୍ଷ ପଦ ବାସରେ ।
ଦେଇଯାଅ ଏହି ଅବସରେ ଗୋ । ଜଗେ ବସିଛୁ ପ୍ରୀତି ଆଶରେ ଗୋ ।
ସୁଖରେ ହେଲେ କୃପଣ । ବିହାର ଦାନରେ ରଖାଅ ପଣ ଗୋ ।
ହୋଇଛୁ ମୁଁ ସମର୍ପଣ ଗୋ । ଶୁଣି କିଶୋରୀ ହାର ।
ନିଜ କଣ୍ଠରୁ କଲେ ବାହାର ଯେ । ହସି ହସି କଲେ ଉପହାର ସେ । ୨୮ ।
କିଶୋରବର ନାଗର । ବଢ଼ାନ୍ତି ଏରୂପେ ଲୀଳାସାଗର ଯେ ।
ମୂଳ ସେ ଅନୁରାଗର ଯେ । ଆଉ ଦିନେ ବାସରେ ।
ପଶିଥିଲେ କିଶୋରୀ ବାସରେ ଯେ । ଦୂତୀ ନ ଥିଲା ଅବକାଶରେ ସେ । ୨୯ ।
ଆସନ୍ତେ ରସ ଶେଷରେ । ମେଲାଣି ମାଗିଲେ ଚୁମ୍ବରସରେ ସେ ।
ଧମୀ ଦେଉଁ ହରଷରେ ଯେ । ମିଳିଗଲା ଜରତୀ ।
ଦେଖି ଧମୀ ହୋଇଲେ ଆରତ ଯେ । ହରି କଲେ ବଞ୍ଚନା ଭାରତୀ ଯେ । ୩୦ ।
ତୋ ରାଣ ଆଜ ଆଖିରେ । ଦେଖିନାହିଁ ସର ଲବଣୀ ଯୀଟରେ ଗୋ ।
ଧର୍ମ୍ମ ତ ଅଛୁ ସାକ୍ଷୀରେ ଗୋ । ପ୍ରତିଜ୍ଞା-ବର ।
ବୋଲେ ଭୁଞ୍ଜିଛୁ କ୍ଷୀର ଜାବର ସେ । ଦେଖା ମୁଖ ଜଗ୍ରଇ ଆବର ଯେ । ୩୧ ।
ଶୁଣି ବୁଢ଼ୀ କୋପଚଢ଼େ । ଧମୀକି ଗଞ୍ଜିଲା ଅନଉଚିତେ ସେ ।
ଶୁଣି ପ୍ରମୁଦ କହିତେ ସେ । ଯାଉମାନେ ହସିଲେ ।
ସାଧୁ ବଡ଼ ଅଚ୍ୟୁତ ଭାଷିଲେ । ମନ୍ଦତୋଲି ରାଧାକୁ ଦୂଷିଲେ ସେ । ୩୨ ।
ହେନେବୁଢ଼ୀ ଆକଟରେ । କିଶୋରୀ ଆଡୁରେ ପ୍ରତି କୁଟରେ ସେ ।
ପଡ଼ ମହାସଙ୍କଟରେ ସେ । କୃଷ୍ଣ ହେଲେ ବାଉଳା ।
ମନେ ସ୍ମର ଉରୁ ବଇଭୁଲା ଯେ । ହେଶେ ପ୍ରିୟା-ମୂରତି-ପିତୁଳା ସେ । ୩୩ ।

---

୨୪—୨ ଅଷ୍ଟ ଦଣ୍ଡରେ ଛ, ଝ, ବାଞ୍ଚିତ ସମତନ୍ତ୍ର, ୨୯-୩ ; କିଶୋରୀ ଅଗରେ-କ;ଖ,ଚ,ଠ,

ଜାଣିଥାହା ସଖୀମାନେ । ସୁବଳକୁ ସାଙ୍ଗଧନୀ ସମାନେ ସେ ।
ମିଳାଇଲେ ସେନମାନେ ଯେ । ତେଣେ ବୁଢ଼ୀ ନିକଟେ ।
କହି ଦେଖାଇ ଦେଲେ ପ୍ରକଟେ ସେ । କୃଷ୍ଣ ପଡିଲେ ମହାସଙ୍କଟେ ସେ । ୩୪ ।
ବୁଢ଼ୀ ଚଳି ଉଦଣ୍ଡରେ । ଟାଣି ଯେନଯାଉଅଛି ଦାଣ୍ଡରେ ସେ ।
ଧିକ୍କାର କରି ତୁଣ୍ଡରେ ସେ । ହେଲା ନନ୍ଦନଗରେ ।
ଲୋକେ ଗୋଡ଼ାଇଛନ୍ତି ସଙ୍ଗରେ ଯେ । ଡ଼ାକେ ଯଶୋଦା ଆସ ବେଗରେ ଗୋ ॥
ନାଗର-ପଣ ସାରିବ । ଏପୁର ଆଜନ୍ମ ଦୂର କରିବ ସେ ।
ଏହା କି ସହିପାରିବ ଗୋ । କହୁଥାଉ ବଢ଼ାଇ ।
ପୁଅଦେଲା ମହତ ବୁଡାଇ ଗୋ । ବଳେ ପାରିଲେ ରଖ ଛଡ଼ାଇ ଗୋ । ୩୬ ।
ଯଶୋଦା ଦେଖି କାତର । ଲାଜେ ତୁଣ୍ଡୁ ନ ଆସଇ ଉତ୍ତର ସେ ।
ଆକୁଳ ଚିତ୍ତ ଭିତର ସେ । କୃଷ୍ଣ ଲାଜେ ବୁଡିଲେ ।
ସଖୀ ଚନ୍ଦ୍ରାପନ୍ତାଳେ ପଡିଲେ ସେ । ଲୋକେ ହା ହା ଶବଦ ଘୁଡିଲେ ସେ ॥
ସହି ସହି ନ ପାରିଲେ । ହସି ମଧୁମଙ୍ଗଳକୁ ଠାରିସେ ।
ଯହୁଁ ସେ ଜାଣି ପାରିଲେ ନେ । କଞ୍ଚୁଳୀକି ଫେଡିଲେ ।
ପଡ ଦାଡମ୍ବ ଯୁଗ ଗଡିଲେ ଯେ । ଲୋକ କରରେ କର ତାଡିଲେ ସେ । ୩୮ ।
କି ଗୋ ଏକ ଦଣ୍ଡ ଭାଷି । ବୁଢ଼ୀ ପଳାଇଲା ଲାଜରେ ଭାସି ସେ ।
ଚନ୍ଦ୍ରାହିଁ ଗଲା ଆଭାସି ଯେ । କୃଷ୍ଣ ମୁଦ କାତରେ ।
ହସାହସି ମିଛେ ଅଦ୍ଭୁତରେ ଯେ । ସୁଖୀ ହେଲେ ଯଶୋଦା ଚିତ୍ତରେ ସେ ।୩୯।
ଆଉଦିନେ କୁଞ୍ଜାନ୍ତରେ । ରାଧାକାହ୍ନ ଥିଲେ ପ୍ରୀତିଯୁକ୍ତରେ ସେ ।
ଜଟିଳାର ଆଗତରେ ସେ । ଧରି ଧନୀ ପାଣିକି ।
କୃଷ୍ଣ ବିକଳ୍ପ କଲେ ତେଣିକି ଯେ । ପ୍ରକାଶନ୍ତି ଛଇଳ ଆଣିକି ସେ । ୪୦ ।
ବୁଢ଼ୀ ବୋଇଲା ବାଣୀକି । ଦେଖାଉଛୁ ପରି ଭଙ୍ଗି ଆଣିକି ସେ ।
ମୁହିଁ ତ ନାହିଁ ଜାଣିକି ସେ । ଏହି ପ୍ରକାରେ ହରି ।
ଦିନ ସାରନ୍ତି ରସେ ବିହରି ଯେ । କେ କହିବ ସେ ଲୀଳାଲହରୀ ସେ । ୪୧ ।
ସଙ୍କେତକୁ କରି ଦିନେ । ରାଧାପ୍ରାଙ୍ଗଣରେ ଗୋବିନ୍ଦ ଦିନେ ସେ ।
ପିକ ସ୍ୱନକୁ ଦୁର୍ଦ୍ଦିନେ ସେ । କରିବାରେ ପ୍ରକଟେ ।
ଧନୀ କବାଟ ଫେଡ଼ୁ ସଙ୍କଟେ ସେ । କରେ ବୋଲି ଜରତୀ ଆକଟେ ସେ । ୪୨ ।
ଧନୀଦ୍ୱାର ନିକଟରେ । ଗୋବିନ୍ଦ ଅଛନ୍ତି କୋଲି କୋଟରେ ସେ ।
ପରସ୍ପର ଲମ୍ପଟରେ ସେ । ସରିଗଲା ରଜନୀ ।
ହରି ମାଇଲେ ଖାଲେ ତର୍ଜନୀ ସେ । ଧନୀ ହୋଇଲେ ଦୁଃଖ-ଭାଜନୀ ସେ । ୪୩ ।
ଚନ୍ଦ୍ରସେନ ସୁବେଶରେ । ଦିନେ ବିକେହିର ରାଧା ବାସରେ ସେ ।
ରତି ପୀରତି ଆଶରେ ସେ । ଚନ୍ଦ୍ରସେନ ସେ କ୍ଷଣେ ।

ପାଇଯିବାର ଦେଖି ଈକ୍ଷଣେ ଯେ । କଲେ ଉପାୟ ଧୃତ ଲକ୍ଷଣେ ସେ । ୪୪ ।
ହରି ବୋଇଲେ ଏ ହରି । ମୋ ବେଶ ଧରି ଏ ପୁରେ ବିହରି ଗୋ ।
ମହତ ନେଉଛୁ ହରି ଯେ । ମାଏ ଆସ ବେଗରେ ।
ଭଲ ଭେଟ ପଡ଼ୁଛୁ ଯୋଗରେ ଗୋ । ବାନ୍ଧି ଦେବା ନୃପତି ଆଗରେ ଗୋ । ୪୫ ।
ଶୁଣି ବୁଢ଼ୀ ଦଉଡ଼ିଲା । ସମ୍ମାର୍ଜନୀ ଘେନି ସେ ଘଉଡ଼ିଲା ଯେ ।
ସୁତ ସାହସ ଉଡ଼ିଲା ସେ । ଦେଖି ଏ ପରସ୍ପର ।
ହରି ସେଠାରୁ କଲେ ସଞ୍ଚାର ଯେ । କଳିବ କେ କେତେ ଏ ବିସ୍ତର ସେ । ୪୬ ।
ଘେନେ ଗୋବିନ୍ଦ କାତରେ । ସୁବଳେ ବୋଇଲେ ଦୈନ୍ୟ ଉତ୍ତରେ ସେ ।
ରାଧା ମିଳନ ହିତରେ ସେ । ସଖୀ ଗଲା ଜବରେ ।
ରାଧା ଭେଟିଲା ନିଜ ନବରେ ଯେ । କୃଷ୍ଣଦୁଃଖ କହିଲା ଭାବରେ ସେ । ୪୭ ।
ଧନୀ ଶୁଣି ଲମ୍ପଟରେ । ବୋଇଲେ ବୁଢ଼ୀ ତ ଅଛୁ ବାଟରେ ସେ
ଯିବି କେଉଁ କପଟରେ ସେ । ବସିଥାଅ ବାସରେ ।
ମୁହିଁ ଯାଉଛୁ ତୋହୋ ବେଶରେ ଯେ । କୁଟିଳାକୁ ବଞ୍ଚିବୁ ଛପରେ ସେ । ୪୮ ।
ସ୍ତନଆଚ୍ଛନ ଛଳରେ । ଗତ ଭଲେ ବସ୍ତ୍ର ଧରି କୋଳରେ ସେ ।
ମଦନପ୍ରୀତିବଳରେ ସେ । କୁଞ୍ଜେ ହେଲେ ପ୍ରବେଶ ।
ଗୋପ୍ୟ କଲେ କଇତବ ବେଶ ଯେ । କୃଷ୍ଣ ଦର୍ଶନ ଆଶେ ଆବେଶ ସେ । ୪୯ ।
କୁଞ୍ଜରେ ବସି କହ୍ନାଇ । ରାଧାସମ ଚନ୍ଦ୍ରମୂର୍ତ୍ତି ବନାଇଁ ସେ ।
କାଳ ବଞ୍ଚନ୍ତି ଅନାଇଁ ସେ । ଭ୍ରମେ ଗୃଢ଼ୁ କରନ୍ତି ।
ଛନ୍ଦେ ପଦ ଚିବୁକ ଧରନ୍ତି ଯେ । ଚୁମ୍ବ ଆଲିଙ୍ଗନ ପ୍ରସ୍ତୁରନ୍ତି ସେ । ୫୦ ।
ଏକାଳେ ମିଳି ରମଣୀ । ତାହା ଦେଖି ଶୁଣି ବଚନ ମଣି ସେ ।
ପାଇଲେ ପ୍ରେମଭ୍ରମଣୀ ସେ । ଚେଷ୍ଟା ହେଲା ଅନ୍ତର ।
ମାନ ମଣ୍ଡିଲା ଚଉ ଭିତର ଯେ । ନ ମାନିଲା ସୁଜ୍ଞାନ ମନ୍ତ୍ର ସେ । ୫୧ ।
ଏମନ୍ତେ ଦେଖି ସୁରତେ ସେ । ଗୋବିନ୍ଦ ହୃଦୟ କାମ କରତେ ସେ ।
ମଜ୍ଜନ ହେଲେ ଆରତେ ସେ । ଧରି ରାଧା ପାଣିକି ।
ଫିଙ୍ଗି ଦେଲେ ବିବେକ ପାଣିକି ସେ । ରଖି ନ ହେଲା ସ୍ନେହ ଆଣିକି ସେ । ୫୨ ।
ଏ ଛାନ୍ଦ ଏଠାରୁ ଶେଷ । ଗୋବିନ୍ଦ ପ୍ରୀତିକି ଜାଣିମେ ଶେଷ ସେ ।
ମହିମା ଯାର ଅଶେଷ ସେ । ଧୀରେ ଘେନ ସାଧୁରେ ।
ଗୃଢ଼ୁ ସୁରସ ଆର ଛାନ୍ଦରେ ହେ । ଅଭିମନ୍ୟୁ ଭଣେ ଆନନ୍ଦରେ ହେ । ୫୩ ।

---

୪୫ — ୩:- ଦେବା ବଇରୀ ସଂହାରି । ଗ, ଘ, ଚ, ଜ, ଟ, ଠ । ବଡ଼ ଗାରମା ଲହରୀ କ, ଖ 'ହୁ' ରେ ଏଧାଡ଼ି ନାହିଁ । ୪୭ — ୧ ବୋଉଲା ଜ. ଝ । ୫୧ — ୧ : ତାହା ଦେଖି ପୁଣି-ଝ; ୫୧-୩ ସୁଜ୍ଞାନ -କ, ଖ, ଟ, ଠ; ୫୩-୩; ସରସ-କ, ଖ, ଘ, ଟ, ଠ ।

## ଶ୍ରୀକୃଷ୍ଣ ଗୃହଟୁ ।

ରାଗ ବଙ୍ଗଳାଶ୍ରୀ ।

କ୍ଷୀରକାହ୍ନଦୀ ସଧାକୁ କୋଳେ ଘେନ ଚବୁକରେ ଦେଇ କର ।
କରନ୍ତି ନନ୍ଦନନ୍ଦନ ପଟୁ ଗୃହଟୁ ବହୁ ପ୍ରଣୟୀ ଆକର ।
କରକରଦନା ଏ ଆଶେ ବସ ନା ଯୋଡ ମୁଖ କଳାକର ।
କରଜେ ମସି ଲହବା ଗୃହେଁ ସସି ସରୁଛି କାଣା କଙ୍କର । ୧ ।
କ୍ଷୀରଭପତାକା ଧରଣିଭରେ ଉଡୁଅଛି ବଡେକ୍ଷୀର ।
କ୍ଷ ରସନଧ୍ୱଜ ନଧି ଲଭ ହେବ ବନାଶିଲେ ପୋଷା କ୍ଷୀର ।
କ୍ଷରଣହୀନ ଚନ୍ଦ୍ରାସ୍ୟ ଦେଖା ସିନା ଦୁଖ ନେନ୍ଦ ପାତକ୍ଷୀର ।
କ୍ଷ ରସସମ୍ମତ ନୋହେ ଉତପତ୍ତି ହାସେ ପ୍ରେମମଦକ୍ଷୀର । ୨ ।
ଛର ଅନୁସରଣର ବାଧ ବୁଦ୍ଧି ହେଲା କଉଁ ପ୍ରପଞ୍ଚୀର ।
ଚର ଘୁଇ ଖଟେଶ୍ୱରବତ ଅନୁ-ଗତ ହେଉଛି ଅଚର
ଛରଞ୍ଜୀବପଦ ପଦକେ ନ ନାଶ ଭ୍ରଷ ସୁଭ୍ରଷ ରୁଚର ।
ଛର ନା ମସି ମହ୍ୱଳା ନହେ ରହେ ବାଦମା ସେ ବପଞ୍ଚୀର । ୩ ।
ଚରମ ଦେହାର ନୋହୁଛି ନୋହିବ କହ ଏ ସ୍ୱିତ ଆଚର ।
ଚର ଅଚର ଉଲଟିଲେ ଆନ ତ ନୋହେ ମହତ ବାଚର ।
ଚରଣ ଘୁଇ ନଖକୋଣକଣକୁ ସମ କେ ନାହିଁ ଗୋଚର ।
ଚରଗ୍ନ ତୋ ଗୁଣ କଲେ ସରବ କ କବ ହୋଇଲେ ଖଚର । ୪ ।
ନୀରଜକଳୀ ଉରଜ ଘଟିଗଲେ ନୟନରୁ ବହେ ନୀର ।
ନୀରଢେ କଦସ୍ୱି ବେଶକଲ୍ଷ ଲୋକ-ଠାରେ ଏ କୋପ ଧମୀର ।
ନୀର ବନା ମୀନ ଦନ ବଞ୍ଚଇ କ ତେମନ୍ତ ମୁଁ ସଜନୀର ।
ନରସ ହେବନାହିଁ କ ଦାସ ନାଶ ଗଲେ ଚନ୍ଦ୍ରମାନନୀର । ୫ ।
ନରପତ ଭୂତ ସବ କେ କରବ ପଦଚନ୍ଦ୍ରଲେଖନର ।
ନରକଯାତନା ହେଲନ ବରସ ଦେଖି ମୁଖନଳିନର ।

---

୧—୨ ବହୁ ପ୍ରଣୟୀ-କ, ଖ, ଟ, ଠ; କହୁ-ଘ, ଚ, ଜ, ୩—୪ ସୁବପଞ୍ଚୀର-କ, ଖ, ଟ, ଠ,
୫—୨ ବବର ଛ; ୭—୨ ହେଲା କ ବରଷ କ, ଖ, ଟ, ଠ; ୭—୨ କାମଧୀବର-କ, ଖ, ଟ, ଠ,

ନ ରଖିଲେ ପ୍ରାଣ-ବକା ପରଜନ ଲୁହାଇଙ୍କ କି ଆଦର ।
ନ ରସି ରସିକା ଶିଖାଶିଖି କଥା ଘେନ ବସିଛୁ ମନର । ୬ ।
ବରବରନା ବର ହେବା ପାଇଁ କି ମନାଇଛୁ ଉମାବର ।
ବରଜବାସୀ ହସିବେ ସିନା ମୋତେ ଜାଣିଲେ କାମଶବର ।
ବରଉରଜ ଚନ୍ଦକଲ୍ପ କଙ୍କର ପାଇଥିଲ୍ଲ ପରା ବର ।
ବରଚନ ରତ-ରତନ ନ ପାଇ ହେଉଅଛୁ ହରବର । ୭ ।
ବାରଣଗତ ଗଢଦାନ ନିଦାନ କର ମୋ ତାପ ନିବାର ।
ବାରବରଷୀ ଦୋଷୀ ହେଲେ ନାଶି କି ପୋଷିବାର ପରିବାର ।
ବାରଇ କି ତୀର୍ଥ ପାପୀକି ବାଞ୍ଛିବା ମୋ ଅପରାଧ ନିବାର ।
ବାର ବାର ବାର-ଜାକ୍ଷୀକି କହୁଛୁ ନୟନେ ନ ଦେଖା ବାର । ୮ ।
ବରଚନା କଲ୍ପ ବଣ୍ଟି କ୍ଲିଷ୍ଟଇବା ବାଞ୍ଛା ହେଲା ବାନ୍ଧବାର ।
ବରସ ଶେଷ ହେବଟିକି ଏତେକେ ମାନସରୁ ସାଧବାର ।
ବରଙ୍ଗ ବଦନ ସୁରଙ୍ଗ ନୟନ ଦେଖା ଆଘାତ ଦବାର ।
ବରହ ବାଧିବ ବନ୍ଧୁକୁ ବାଧୁଛୁ ମାରୁ ପଛେ ମାରବାର । ୯ ।
ସାରସାକ୍ଷୀ ସାକ୍ଷୀ ଅଛୁ ଏ ପ୍ରଦୀପ ଆଦରନାହୁଁ ନିଚାର ।
ସାର ସଂସାରରେ କାନ୍ତ କାନ୍ତାସଙ୍ଗ ବାଧଇ ନାହିଁ ଭୁଧାର ।
ସାରଙ୍ଗ ରଙ୍ଗ ବରଧନ ଧନ ତ ଯେମନ୍ତ ମଣ୍ଡ ଆସାର ।
ଶାରଦା ବୀଣା-ଭାଷୀ ଭାଷିଅଛୁ ତ ବନ୍ଧୁ ଗ୍ରୀଷ୍ମ ଘନସାର । ୧୦ ।
ଧରଉରଜା ସେହି ହୃଦ ହୋଇଲ୍ଲ ଏବେ କାରଣ ବାଧର ।
ଧରଣୀ ଭିତରେ ଧୀରତବଣୀ ଏ ହସିବେଟି ମନେ ଧର ।
ଧରଇ ଚରଣ ରଣରଣ ରଣ ଇଚ୍ଛଇ ଦେଇଲ ଉଦ୍ଧର ।
ଧରମ କର ବରଗଡ ଗତଦା ନୋହିଲେ ଭାଗିବ ଧର । ୧୧ ।
ପାରନ୍ତ ସତେ ନାରୀଏ ମାନ କର ଲଙ୍ଘି ପ୍ରେମଅକୂପାର ।
ପାରଦ ପରି ଚଞ୍ଚଳମନା ସେ ତ ନ ଜାଣନ୍ତି ପ୍ରୀତିପାର ।
ପାରବତୀ ଧନ୍ୟ ଏଜାତି ଭାରତୀ ଶୁଣିଛୁ ରସରୂପାର ।
ପାରଣି ମୋ ମନ ରସ ରତନର ଏବେ ଏ କଉଁ ବେପାର । ୧୨ ।
ପରମ ରମଣୀୟ ପଦ ପଦରେ ଅଛୁ ଅଛିଦ୍ର ତପର ।
ପରସନ୍ନ ସନ-ମାନ ମାନବତୀ ଫଳ କଳ୍ପପାଦପର ।

---

୭—୪ ବରତନୁ ଚଢ-ଖ, ଗ, ଚ, ଜ, ୮—୨ ବାରବଧୂସୀ-କ, ଝ, ଠ;
୧୦—୧ ଅଦରୁ ନାହିଁ-କ; ଅଦରୁ ନାହିଁ-ଘ, ଅଦର ନାହିଁ-ଝ, ଠ; ୧୧—୧
କାରଣୀ ବାଧରି-ଛ, ଝ; ୧୧—ଭାସିବ-ଝ, ଝ, ଠ; ଭାଗିବ ଜ, ୧୨—୧ ମାନ କରୁଁ-କ, ଖ, ଛ;

ପରଶ ରସଦା ସଦା ହୃଦ-ଲୋହ ସୁନାକାଶି ପଶୁପର ।
ପରପର ପର-ଧୀନରେ କରୁଛୁ ନନ୍ଦବେ ବାମା ଗୋପର । ୧୩ ।

ଗରବ କି କର କରବ ଯା ଯେନ ବୋଲିଉଥିଲ ନାଗର ।
ଗରଗର ପର କରବାରେ କସ-ଉଛୁ ସେ ଗାହା ଆଗର ।
ଗରକଣ୍ଠପର ପରମାଦ ମାଦକରେ କଲ ନଟାଗର ।
ଗରଜନ କର ଆସିବ ନାଶିବ ଶିବ ତୋର ଅନୁଗର । ୧୪ ।

ସୁରମଣୀ ପଦ ପଦକ ଦକ ସେ ବନାଶଇ ମୋ ଅସୁର ।
ସୁରମଣି କର ମଣିଗଣ ମୋର ଗଣନା ଲବ ପାଂଶୁର ।
ସୁରଢ କାରତକ ରତ ରତଏ ସର ତୋ ନଖ ଅଂଶୁର ।
ସୁରସ ପଦକୁ ସୁର ସମ୍ପଦକୁ ଭୁଲିଲେ ଗଣା ପଶୁର । ୧୫ ।

ଧରଧର-ସାର ଗିର ପରଗୃର ଶୁଣିଛୁ ରସନଧର ।
ଧୀରଙ୍କୁ ମୂକତ ଯୁବତଙ୍କି ପତ ଗତ ରଚନା ବଧିର ।
ଧୀ-ରଞ୍ଜନ ହୋଇ-ପାରେ କି କୁମୁଦ ବହିନେ କଳାନଧିର ।
ଧରତ କରତ ହୋଉଛୁ ନୋହୁଛୁଂ ଥାଉଁ ଥାଉଁ ସନ୍ନିଧିର । ୧୬ ।

ହାର ସାର ପସ ପସସ ଦେବାରେ ଖଳି କରୁ ଅଙ୍ଗହାର ।
ହା ରସଭସା ଭସାଇ ଦେଉଛୁ ହୃଦ ହେଲ କି ଲୁହାର ।
ହାର ଯେବେ ପଣା ଖେଳେ ବଧାଡ ଛଳେ ଗଳେ ଦେଉ ହାର ।
ହା ରମଣୀମଣି ଦୋଷୀ ପୋଷିଛୁ ତ ଏବେ ସେ ହେବ କାହାର । ୧୭ ।

ତରକସନାସୀ ଜାଣିଲ ମଦନ ଶୁଣି ଦେଇଛୁ ଉତ୍ତର ।
ତର ପାଇବ କାହିଁ ପରପାମର ତହିଁକି ଏତେ କାତର ।
ତରସ୍ତ ଅସ୍ତ୍ର ଏତେକରେ କରଛୁ ଅଛୁ ହେଉଛୁ ଅନ୍ତର ।
ତରଣୀ ଥାଉଁ ଥାଉଁ ଯେବେ ଖସିଲ ତହିଁ କି ସ୍ଥିର ତଉର । ୧୮ ।

ହରତା କରତା ଗତଦାତା କାନ୍ତ ସିନା ଯୁବତ-ଦେହର ।
ହରଧରଣୀ ଅର୍ଦ୍ଧାଙ୍ଗଦାମ୍ନି କି କେ, ହେଲେ ଏ ସଂଗମ୍ଭ ହର ।
ହରଷେ ପଗୃର ଗୃର ଅଙ୍କମଧ୍ୟ ଏବେ ତ ମାନେ ବହର ।
ହରଣ ସେମାନ ମନୁ ଯେବେ ହେଲ ବଳି ହେଲ ଅଦେହର । ୧୯ ।
ମରକତ-କେଶୀ ବୋଲିଅଛୁ ବନେ ପୁରୁଷକାନ୍ତ ଭ୍ରମର ।

---

୧୮—୧ ତରକମ ନାସୀ-ଚ; ତରକ ସୁନାସୀ-ଠ; ତରକ ସନ୍ୟାସୀ-ଝ; ୧୮—୩ ତରସ୍ତ ହସ୍ତ ଉଟର ମାଉ ହରଛୁ ଗ, ଘ, ଚ, ଜ, ଟେହଉଛୁ-ଗ, ଚ, ଝ, ଠ;

ମରଇ, ଯଦ୍ୟ ନ ଭେଦଇ, ଭଷିଲ କେତେ ହୃତତା ଧର୍ମର !
ମରମ ରମଣୀୟ୍ୟ ମଧୁରସରେ ତୋଷଇ ପଗ୍ର ଅମର ।
ମରନ୍ଦ ସଞ୍ଚା ମଧୁ ସିଜା ଭଷିକୁ ଶୁଣି ମୋ ଗିର ପ୍ରେମର । ୧୦ ।

ଦର ହରଣ କାରଣରେ ଶରଣ-ରକ୍ଷଣୀ ବାନା ପଦର ।
ଦରଶନ ସଜ- ମତ ମତ୍ତକାଶୀ ସରଘର ଆନନ୍ଦର ।
ଦରପଣହୃଦ ତୋର ମୋର ବାଞ୍ଛା ପ୍ରତବମ୍ଭ ହେଦୋଦର ।
ଦରକଣ୍ଠୀ କଣ୍ଠୀ-ରବମଧ୍ୟା ମଧ୍ୟ-ମୁଗ୍ଧାସ୍ୱାଦ ନ ଆଦର । ୧୧ ।

ତାର ତରଳାକ୍ଷୀ ଅନାଥରେ, ଅନା ଥରେ ହୋଇବ ନସ୍ତାର ;
ତାରଣୀ କାରଣୀ ବାରଣୀ ଯୋଗ ତ କୃପାରେ ଅଛୁ ବସ୍ତାର ।
ତାରକମନ୍ତ୍ରମୂରତ୍ତି ମଣି ନାମ ଜପୁଥାଇ ବନତାର ।
ତାର ପରସନ ଧନା ମୁଁ କକର ତରବ କାମ-କାନ୍ତାର । ୧୨ ।

ଆରମ୍ଭିଲୁ ମଗ୍ର-ଇବା ପାଇଁ ବନ୍ଧୁ ପେଷି ଦଶା-ଅସୁଆର ।
ଆରତଭଞ୍ଜନୀ ଜନତ ଲୋତକ ହେଲା ମୋତେ ତରୁଆର ।
ଆର ଜନମକୁ ଏହ୍ୱ ଖାଥା କଲି କେ ସହୁ ମାର ତଆର ।
ଆରପେ ଅଛୁ ଆଶ ନାଶେ ଚନ୍ଦ୍ରମା ଭୂଷଣ ଶଶାଙ୍କୁଆର । ୧୩ ।

ବରହକେଶୀ ଅନ୍ତରେ ଯହୁଁ ଶରବାରମାରେ ରତବର ।
ବରନତମ୍ବା ଭୁଜା ଗୃରୁ ପିତୁଜା ଦନସବ ମୋ ଜୀବର ।
ବରତମାନ ମାନ କଲୁ ତା ଦେଖି ଏ ସୁସ୍ୱଭବ ଭବର ।
ବରଷି ସୁଧା ସଞ୍ଚୁ ଯାକୁ ତାକୁ ଗତଦାମୀ କେ ଆବର । ୧୪ ।

ସୀରକର ସାନୁଜର ସାର ଚିର ମୁଦକର ସୁହାସୀର ।
ଶିର ଶଙ୍କୁଳ ଦଶିଗଲା ଶ୍ରୀଅଙ୍ଗେ ଚନ୍ତାରେ ପ୍ରତିଆଶୀର ।
ସିର ଅ-ପୂର୍ବ ଧାତକୁ ବଳଗଲା ବୃଥାମାନ ସୁକେଶୀର ।
ଶିରମଣ୍ଡନକୁ ଦଣ୍ଡ ଦେଲ ଚନ୍ଦ୍ରେ ମୁଣ୍ଡପୋଡ଼ୁ ଏ ଦୋଷୀର । ୧୫ ।

ସରସ ହୃଦକୁମୁଦକୁ ବନମ୍ବୃ କରଣ ଔଷଧୀଶର ।
ସରଞ୍ଜନ କରଇଲା, ନ ରହିଲା ଅବକାଶ ବରସର ।
ଶରଣ ସମ୍ପତ୍ତି ତୁଚ୍ଛ ମଣି ପତ ଲେଶ ପାଇ ହରଷର ।
ସରଜାକ୍ଷୀକି କୋଳ କର ମଣିଲେ ଆନନ୍ଦ ଦଗବାସର । ୧୬ ।

---

୧୦—୩ ମରମ ରମଣୀୟ୍ୟ ମଧୁକୋଷ ହୁ ମୋର ଜୀବ ପରମର-ଜ; ୧୦—୪ ଭଷିଲ୍-ଗ, ଚ, ଜ; ଭସୁଲି-କ, ଖ, ଟ, ଠ;

ପ୍ରସଙ୍ଗେ କହିଛି ବିନେ କଲେ ଆମ୍ଭଙ୍କୁ ।

ସର୍ବ ନମସ୍କୃତ ଗୋଲୋକ । ଈଶ୍ୱର ଇଚ୍ଛାରେ ଅଧ ଊର୍ଦ୍ଧ୍ୱ ବ୍ୟାପକ ।୪।

ଗୋକୁଳାଖ୍ୟ ଶ୍ୱେତଦ୍ୱୀପ    ବୃନ୍ଦାବନ ତ୍ରିଧାରୂପ

କ୍ରୀଡ଼ା ମାତ୍ର ଅକରୂପେ ହୁଅଇ ଭିବ ।

ବୃନ୍ଦାବନ ପ୍ରେମ କାମ    ଉଦସ୍ଥ ସମ୍ପୂର୍ଣ୍ଣ ଧାମ

ଗୋକୁଳେ ପ୍ରଚୁର କାମ ମାନୁଷୀଭାବ ।

ଶ୍ୱେତଦ୍ୱୀପେ ପ୍ରେମମଦନ । ପାନ୍ଥ ସନ୍ଧିତେ ଅଭେଦ ଲୀଳା ସନ୍ଧାନ ।୫।

ବୃନ୍ଦାବନ ଦିବ୍ୟ ଆଣି    କେ କହିବ ପରିମାଣି

ବିଶେଷ ବୃକ୍ଷ ଯହିଁରେ ସନ୍ତାନ ସମ ।

ଯହିଁ ଭୂବ ଚିନ୍ତାମଣି    କାମଧେନୁ ଧେନୁଶ୍ରେଣୀ

ଗୋପାଳ ଯହିଁ ଅଖିଳନିଧାନ ଶ୍ୟାମ ।

ଯେଉଁ ସ୍ଥାନ ଧୂଳି ଲଭନେ । ଗୁଳ୍ମ ହେବାକୁ ବିଧାତା ଭାବନ୍ତି ମନେ ।୬।

ସହିତେ ବ୍ରଜମଣ୍ଡଳ    ଚଉରାଶି କୋଶସ୍ଥଳ

ଚଉରାଶି ଆବରଣ ତହିଁ ପ୍ରମାଣ ।

ଈଶ୍ୱର ଐଶ୍ୱର୍ଯ୍ୟ ଲୀଳା    ବ୍ୟକ୍ତାବ୍ୟକ୍ତ ଅଂଶକଳା

ବେଦ ଶେଷ ନ ଜାଣନ୍ତି ସେ ମାତ୍ର ପୁଣ ।

ତହିଁ ମଧ୍ୟେ ଷୋଡ଼ଶ କୋଶ । ନିତ୍ୟ ଗୋଲୋକ ନାମରେ ଧାମ ପ୍ରକାଶ ।୭।

ପରିଖା ବିରଜା ନଦୀ    କାରଣାର୍ଣ୍ଣବ ଆଚ୍ଛାଦି

ପରେବ୍ୟୋମ ଯେଣ ତନକମେ ଆବୃତ ।

ତହିଁ ମଧ୍ୟେ ବୃନ୍ଦାବନ    ଗୃରକୋଶ ଆୟତନ

ପଦ୍ମାକୃତରେ ଯତନ ତୁରୀୟାଶ୍ରିତ ।

ଶକ୍ତି ପୁରୁଷାଦି ପ୍ରକାଶ । ବ୍ୟାପକ ଯେଉଁ ସ୍ଥାନରେ ସେ ଅଂଶାଅଂଶ ।୮।

ତହିଁ ମଧ୍ୟେ ରାସସ୍ଥଳୀ    ଯୋଗମାୟା ବଳେ ଝଳି

ଲୀଳାଚକ୍ର ସମ୍ପାଦନେ ସେ ଅଧିକାରୀ

ବ୍ୟକ୍ତ ଅଂଶ ବୃନ୍ଦାଦେବୀ    ତାଙ୍କ ଆଜ୍ଞା ଯେନ ସେବି

ରହିଛନ୍ତି ନିତ୍ୟଦେବୀଙ୍କ ଆଦି କରି ।

ତରୁଜୀବ ପତଙ୍ଗମାନେ । ଆଜ୍ଞାବର୍ତ୍ତୀ ପ୍ରେମ କାମ କାର୍ଯ୍ୟ ସନ୍ଧାନେ ।୯।

ପ୍ରେମାନନ୍ଦ ସିଂହାସନ    ନିତ୍ୟ ଅବ୍ୟକ୍ତ ସେ ସ୍ଥାନ

କଳ୍ପଦ୍ରୁମତଳେ ମଣିମଣ୍ଡପ ରାଜେ ।

ସୋମ ସୂର୍ଯ୍ୟ ଅଗ୍ନି ତେଜ    ଜିଣି ଦଶେ ଜ୍ୟୋତି ପୁଞ୍ଜ

---

୮—୧ ; ପରଂ ବ୍ୟୋମ-ଜ; ୮—୪; ପଦବୃତରେ-କ, ଖ, ଚ; ପଦ୍ମାବୃତରେ- ଘ; ଚ, ଜ; ପଦ୍ମାକୃତରେ- ଘ,

ପ୍ରେମାନନ୍ଦ ଆହ୍ଲାଦ ସେବିତ ସହିତେ ।
ଷଡ଼ଋତୁ ସେବନ୍ତି ନିତି । ପ୍ରେମକର୍ମେ ଦୂତ ଦୂତୀ ମଦନରତି । ୧୦ ।
ରାଧାକୁଣ୍ଡ ଶ୍ୟାମକୁଣ୍ଡ    ଅଭେଦ ଯୁଗଳ ପିଣ୍ଡ
ପ୍ରେମବଳେ ଦ୍ରବରସ କେଳି ସନ୍ଧାନେ ।
ତହିଁ ବିଚିତ୍ର କମଳ    ରାଧା କୃଷ୍ଣ ବର୍ଣ୍ଣ ତୁଳ
ସହସ୍ର ଦଳେ ବିଶେଷ ଲୀଳା ଯତନେ ।
ତହିଁ ମଧ୍ୟ ଷୋଡ଼ଶଦଳ । ଅଷ୍ଟଦଳକର୍ଣ୍ଣିକାକେଶର ମଞ୍ଜୁଳ । ୧୧ ।
ମଧ୍ୟେ ଷଟ୍ କୋଣ ତ୍ରିକୋଣ    ମହା ଶକ୍ତି ପୀଠ ସ୍ଥାଣ
କ୍ରୀଡ଼ାଶୟନରେ ଭବଶଯ୍ୟା ମଣ୍ଡନ ।
ଲୀଳା ମାଣ୍ଡି ଚନ୍ଦ୍ରାତପ    ସାକ୍ଷାତେ ଆହ୍ଲାଦ ରୂପ
ଆନନ୍ଦଦାୟକ ଚିତ୍ରମାନେ ରଞ୍ଜନ ।
ଅମଳ ସୁମନ ସୁବାସ । ଗନ୍ଧବହ ଉଦ୍ଦୀପନ କରେ ପ୍ରକାଶ । ୧୨ ।
ଗୃହ ଦ୍ୱାରେ ଗୃହ ବେଦ    ବନ୍ଦୀ ଭାବରେ ପ୍ରମୋଦ
ଚତୁର୍ବ୍ୟୂହ ଦ୍ୱାରୀ ଯହିଁ ଅଛନ୍ତି ରହି ।
ଚତୁର୍ବର୍ଗ ହୋଏ ଦୂର    ଗବାକ୍ଷରେ ମନୋହର
ଅପବର୍ଗ ଦିଓ ବିଲୋକନରେ ବହି ।
ଶେଷ ଶିରମଣି ମଧ୍ୟରେ । ଏ ଲୀଳାପୁର ରଚିତ ଅଛି ବେଦରେ । ୧୩ ।
ତାହା ଗୃହପାଶ ଦଳେ    କୁଞ୍ଜ ଉପକୁଞ୍ଜ ଜାଳେ
ନିର୍ମିତ ନାନା କୁସୁମେ ନାନା ବର୍ଣ୍ଣରେ ।
ସଖାସଖୀ ଅଧିକାର    ବିଶେଷେ ତହିଁ ପ୍ରଚୁର
ମାନସ ପାବନ ଘଟ ଷ୍ଟୁଟ କୁଣ୍ଡରେ ।
ଷଡ଼ଶକ୍ତି ରକ୍ଷକ ତହିଁ । ଗୋବର୍ଦ୍ଧନ ଧର ଅକ୍ଷକୁଣ୍ଡକୁ କହି । ୧୪ ।
ବହଇ କାଳିନ୍ଦୀ ନଦୀ    ସେ କାନନ ସୀମା ଭେଦି
ତୀରପୁଳିନରେ ଚତୁର୍ବିଂଶତି କୁଞ୍ଜ ।
କାହିଁ ଅରିଷ୍ଟାଦି ହତ    କାହିଁ ବିଭ୍ରମାଦି ଜାତ
କାହିଁ ପାକଲୀଳା କାହିଁ ସୁବେଶ ସଜ ।
ଦୋଳଲୀଳା ବଂଶୀ ହରଣ । ପଶାଖେଳ ସୂର୍ଯ୍ୟପୂଜା କାହିଁ ପ୍ରମାଣ । ୧୫ ।
ତାପିନୀ ପ୍ରବନ୍ଧମାନେ    ଜାଣିବେ ଯେ ଅନୁମାନେ
ମାତ୍ର ଦିଗ୍‌ଦର୍ଶନ ଭାବେ କଲି କଥନ ।
ପ୍ରେମବୃଦ୍ଧି ଅନୁଆନେ    ନରଲୀଳା ଆସ୍ୱାଦନେ
ଚମତ୍କାର ଐଶ୍ୱର୍ଯ୍ୟ ନ ଯେନଇ ମନ ।
କଳ କଳ ନାହିଁ ସେ ସ୍ଥାନେ । କଳୀ କଳୀ ମାତ୍ର ଅଛି ଜାଣନ୍ତି ଜନେ । ୧୬ ।

ପଶୁ ପତଙ୍ଗାଦି କରି    ଯେତେକ ଛନ୍ତି ନରନାରୀ
ରାଗ ଅଛି ରାଗ ନାହିଁ ସବୁରି ମନେ ।
ମାରତଣ୍ଡ ନାହିଁ କିଛି    ମାରତଣ୍ଡ ମାତ୍ର ଅଛି
ଧର ବୋଲିବାର ନାହିଁ ଧର ବିହୀନେ ।
କାଳ ବିନା କାଳ କେ ଜାଣେ । ବନ୍ଦୀ ବିନା ବନ୍ଦୀ ଶୁଣି ନାହିଁ ଶ୍ରବଣେ । ୧୭ ।
ମାନକୁ ଜାଣନ୍ତି ମାନ    ଦାନକୁ ଜାଣନ୍ତି ଦାନ
ତମକୁ ଜାଣନ୍ତି ତମ ସେ ପୁରବାସୀ ।
ଅଛି ତହିଁ ଦ୍ୱନ୍ଦ ଦ୍ୱନ୍ଦ    କେବଳ ଯେ ମନ୍ଦ ମନ୍ଦ
ଛନ୍ଦ ଛନ୍ଦ ବିନା କେବେ ନ ଥାନ୍ତି ରସି ।
ଭଣ୍ଡ ଖଣ୍ଡ ବିହୀନେ ନାହିଁ । ଦଣ୍ଡ ବିନା ଦଣ୍ଡ ଆନେ ଜାଣିବେ କାହିଁ । ୧୮ ।
ପରପର ଦରଦର    ତୁରେ ତୁରେ ବୋଲିବାର
କେତୁ କେତୁ ବିନେ ହେତୁ ନାହିଁ କଥନେ ।
ଧୃତବିନା ନାହିଁ ଧୃତ    ଯୁତ ବିନା ନାହିଁ ଯୁତ
ନ ଜାଣନ୍ତି କୁମୁଦ କୁମୁଦ ବିହୀନେ ।
ଦଣ୍ଡିବାରେ ମୁଣ୍ଡନ ଦଣ୍ଡ । ବିଶେଷତ ସେ ସ୍ଥାନରେ ସହଜେ ରୁଣ୍ଡ । ୧୯ ।
କାଳୀ ହୋଇ ନାହିଁ କାଳୀ    ଗହିଷ୍ଟି କେବଳ କାଳୀ
କଳଙ୍କ କେବଳ ସୁଧାଅଙ୍ଗେ ଦେଖନ୍ତି ।
କୁନ୍ତଳେ ଅଛି କୁଟିଳ    ନୟନେ ଅଛି ଚପଳ
କ୍ଷୀଣଗୁଣ କେବଳ ମଧ୍ୟରେ ବସତି ।
ମାନ୍ଦ୍ୟଗୁଣ ହାସ୍ୟରେ ସ୍ଥିତ । ବକ୍ରଗୁଣ ବହିଛନ୍ତି କେବଳ ଭ୍ରୂ । ୨୦ ।
କର ପୀଡ଼ାକୁ ଉରଜେ    ଜାଣନ୍ତି ନାହିଁ, ଉରଜେ
କରପୀଡ଼ାରେ ହରଷ ଏକା ସେ ପୁରେ ।
ଚିନ୍ତା ମଣିବାରେ ନାହିଁ    ଚିନ୍ତାମଣିବାରେ ଯହିଁ
ପଦ ହୋଇଅଛି ନ ଛୁଅନ୍ତି ପଦରେ ।
ଦର୍ପକର ଦେଖା ତ ନାହିଁ । ଦର୍ପକର ଉଦ୍ଦୀପନ ସର୍ବଦା ତହିଁ । ୨୧ ।
ହେଳା ଅଛି କାମ କାର୍ଯ୍ୟେ    ହେଳା ନାହିଁ କାମ କାର୍ଯ୍ୟେ
ମାନକ ଗୁମାନମାନେ ଜତ କରନ୍ତି ।
ପରବାସି ଶୁଣି ନାହିଁ    ପରବାସୀ ସର୍ବେ ତହିଁ
ନିଷେଧ ନିଷେଧ ପ୍ରସିଦ୍ଧରେ ଜାଣନ୍ତି ।
ତନୁଦାନ ଦିଅନ୍ତି ଭାବେ । ତନୁ ଦାନ ନ ଦିଅନ୍ତି କେହି ଅଭାବେ । ୨୨ ।

---

୧୯-୪ : ଦଣ୍ଡନରେ ମୁଣ୍ଡନ ଦଣ୍ଡ— କ, ଗ, ଙ, ୨୧-୩ ଚିନ୍ତାମଣି ବାର ଚ, ଛ, ଝ; ଞ ୦

ଊଣା ଶୁଣା ଶାସ୍ତ୍ରେ ଥିବ      ପ୍ରେମେ କେତେ ଅନୁଭବ
ଏଠାଶ୍ରିତ ସର୍ଜକ ତ ଛନ୍ଦେ ଦଇବ ।
ଶେଷବୟସ ସରବ      କହଲେ କ କୁହାଯିବ
ବ୍ରଜମଣ୍ଡଳରେ ଯେତେ ଲୀଳା ବୈଭବ ।
କୋଟିଲକ୍ଷ୍ମୀ କଟାକ୍ଷେ ଜାତ । , କଉଁ କଥା ତହିଁ ଅବା ଅସମ୍ଭାବତ । ୧୩ ।

କୋଟି କୋଟି ବ୍ରଜ ବାଳୀ-      ମଉଳ-କୁସୁମମାଳୀ
ଗୁଣଶାଳୀ ପ୍ରେମସ୍ଥଳୀ ଭାନୁ ଦୁଲାଳୀ ।
କାମ ପ୍ରେମ କଳ ଗୃଳ      ନସୃଏ ବୁଦ୍ଧି ପିଭୁଳ
ରସନଦୀ କୂଳ ଦଳ ପଡ଼େ ଉଚ୍ଛୁଳି ।
ଦେହ ପ୍ରାଣ ମନ ବ୍ଦବେକ । ଭାବଭେଳେ ବଣା ସେ ଏକକୁ ଆରେକ । ୧୪ ।

ଢନେ ମହାନନ୍ଦ ମନେ      ଉତ୍ସାହୀ କୃଷ୍ଣ-ଦର୍ଶନେ
ପ୍ରବେଶ କୁଞ୍ଜକାନନେ କଶୋରୀମଣି ।
ହୋଇଛୁ ଭାବ ଉଦୟ      ସର୍ବଭୂତରେ ତନ୍ମୟ
କୃଷ୍ଣାନନରେ ଦର୍ଶନ ଉତ୍ସାହୀ ପୁଣି ।
କୀଚକ ନନାଦ ଶ୍ରବଣେ । କୃଷ୍ଣବଂଶୀ ଗୀତବଦ ଶ୍ରବଣେ ମଣେ । ୧୫ ।

ନୀଳାମ୍ଭୁଜେ ଭୃଙ୍ଗଯୁଗ      ଆନନେ ନୟନ ଯୋଗ
ବନ୍ଧୁ ଶ୍ରୀମୁଖ ଦର୍ଶନ ପରସ୍ପେ ଭାବ ।
ଆତୁରେ ଚଞ୍ଚଳମତ      ମଦାଳସେ ମନ୍ଦଗତ
ହେଳାଲୀଳା ଅଳଙ୍କାର ଭୂଷଣଛବ ।
କେତେବେଳେ କ ହୋଏ ମନ । ମହାଭାବସ୍ୱରୁପା କଶୋରୀ ରତନ । ୧୬ ।

ଏକାଳେ ଆଳୀଏ ମିଳ      ବୋଇଲା ବଚନ ଛଳ
ଆଜ ଅଭସାର ଅସାର ତ ହୋଇଲା ।
କୃଷ୍ଣଶଠ ଶିରୋମଣି      ସଙ୍ଗେଘେନ ଗୋପୀଶ୍ରେଣୀ
ରାସରଙ୍ଗେ ମାତବାର ପ୍ରବୃର ହେଲା ।
ଏହାଶୁଣି ଭ୍ରମ ଉଦୟ । ପ୍ରେମକୁ ବାମତା କର ଦେଉଛୁ ଜୟ । ୧୭ ।

ସେକାଳ ତମାଳ ଶାଖି—      ପରେ କରେ ନୃତ୍ୟ ଶିଖୀ
ଶିଖଣ୍ଡକୁ ଟେକ ଘନମଣି ଭ୍ରମରେ ।
ତରୁମୂଳେ ପୀତ ଯୂଥୀ      ବେଢି ରହବାରୁ ତଥି
ପିତାମ୍ବର ଭ୍ରମଜାତ ହେଲା ମନରେ ।
ଚମ୍ପକଦ୍ୱଟପୀ ଆବୃତ । କୋକଳ ଝିଙ୍କାରୀ ସ୍ୱନ ହେଉଛୁ ଜାତ । ୧୮ ।

ଧନ୍ୟ ଧନ୍ୟ ପ୍ରେମ ଆଣି !      କୃଷ୍ଣ ରାସରଙ୍ଗ-ମଣି
ଧୀର ଧୈର୍ଯ୍ୟତଟ ଛନ୍ନଜଳେ ବୁଡ଼ାଇ ।

ବୋଇଲେ ମିତ୍ରକୁ ରାଗେ    ଏକ ଗୋ ଦିଶୁଛୁ ଆଗେ
ଆଣି ମୋତେ ମାନରେ ଦେଉଛ ପୋଡ଼ାଇ ।
ମିତ କହେ କାହିଁକ ଆଗେ । ବୃଷଭବନା ଆନନାହିଁ ସକଳ ଦିଗେ । ୨୯ ।
ପ୍ରକାଶିଲେ ରସବତୀ    ଯୁଥେଶ୍ୱରୀ ଗୁଣବତୀ ।
ରାସରଙ୍ଗେ ଶଠେନ୍ଦ୍ର ନୃତ୍ୟକୁ ନ ଦେଖି ।
ବିଶ୍ୱର ଆତ୍ମଙ୍କୁ ରହିଁ    ସମ୍ଭାବନା ଲେଶେ ନାହିଁ
ଏ କଥାରୁ ଅଛୁକ ଗୋ ଅଧିକ ଦୁଖ ।
ଦେଲେ ଦେବ ମଦନ ଦହି । ଆଜଦିନୁ କୃଷ୍ଣପ୍ରୀତି ଗୁଡ଼ଲ ମୁହିଁ । ୩୦ ।
ବାହୁଡ଼ନ୍ତେ ଧନୀ ରୋଷେ    ବିଶ୍ୱରନ୍ତି ସଖୀବଂଶେ
ଏ ମହାଭାବର ଚିହ୍ନ ଉଦେ ହୋଇଛି ।
ପ୍ରେମ ଯବନିକା ହାଟି    କରାଏ ବିଚିତ୍ର ନାଟ
କହ ଗୋ ଏଥିକି କଉଁ ଉପାୟ ଅଛି ।
କେ ବୋଇଲା ରାଗ ସରାଗ । କେ ଜୟ କେ ପରାଜୟ ଜାଣିବା ଆଗ । ୩୧ ।
କହୁଁ କହୁଁ ବ୍ରଜେଶ୍ୱରୀ    ସ୍ୱପୁରକୁ ବିଜେ କରି
ମହୀଅଙ୍କେ ପଡ଼ିଗଲେ ଦୁଃଖିନୀ ପରି ।
କଳାପଦ୍ମ ଇନ୍ଦୀବର    ଘନ-ତମାଲ ସୁନ୍ଦର
ଘନଆଡ଼ମ୍ବର ବାସ କଳା-କସ୍ତୁରୀ ।
କେଶ ଖଣ୍ଡ ରୋଳି ବୋଲିଲେ । କଳାରତ୍ନ ଭୂଷଣାଦି ଲଗି ନୋହିଲେ । ୩୨ ।
ମିତ୍ରମାନେ ନାନାମତେ    ମଣାଇଲେ କେତେ କେତେ
ଯଜ୍ଞାଗ୍ନିକି ହବିଦାନ ପରାଏ ହେଲା ।
ମାନହେଲା ମେରୁଆଣି    ସୂଚିମୁନ ଦୂତିବାଣୀ
ମରମ ଭେଦନେ ସେ କି ଯୋଗ୍ୟ ହୋଇଲା ?
ହତୋଦ୍ୟମ ଉପାୟେ ହେଲେ । କୃଷ୍ଣଦୁଃଖେ ଦୁଃଖ ସଖୀ ଦୂତୀ ପାଇଲେ । ୩୩ ।
ଦେଖି କୃଷ୍ଣ ଛନ୍ନାତୁର    ନାରୀବେଶ ମନୋହର
କରି ଦେଖାଇଲେ ଧନୀଶୟନକାଳେ !
ବାନ୍ଧୁଁ ବାନ୍ଧୁଁ ଡରେ ସହୀ    ଶ୍ରୀପଦ ଛୁଇଁବି କହି
ନିଜନାମ ଲେଖିଦେଲେ ତାମ୍ବୁଳ ବୋଳେ ।
ଭର ହରି ବାହୁଡ଼ି ଗଲେ । ପ୍ରଭାତେ ଧନୀ ଶ୍ରୀପଦେ ବର୍ଣ୍ଣ ଦେଖିଲେ । ୩୪ ।

---

୨୯—୪ ଦେଉଛ ଘୋଡ଼ାଇ-କ, ଖ, ଗ, ଜ, ଟ, ଠ; ବୁଡାଇ-ଘ,
୩୧—୩ ପ୍ରେମ ଯବନିକା ହିଟ-ଛ, ଜ, ଟ, ଠ; ୩୫—୧ ପ୍ରେମେ-କ, ଖ, ଟ, ଠ;
ଅତି ଉନ୍ମାଦେ ମମତା-କ, ଖ, ଟ, ଠ;

ପ୍ରେମୁଁ ଜନ୍ମିଲା ବାମତା                    କୋଟିଗୁଣେ ପ୍ରବଳତା
କାମ ଜଳଧିରେ ବୃଦ୍ଧିମାନ ଲହରୀ ।
ବିଭ୍ରମ ଭଉଁରୀ ଜାଳ                    ଦଶାବାର ତିମିଙ୍ଗିଳ
ଉଚ୍ଛନ୍ନ ହୋଇଲା ମହା ରାଘବ ପର ।
ମନେନ୍ଦ୍ରିୟସୃଷ୍ଟି ପ୍ରଳୟ । ଖେଦଶାବଳୀ ବହ୍ନିକ କଲା ଉଦୟ । ୩୫ ।
ଖଳି ବାଳୀ ମନେ ବ୍ୟଥା                    ମିତେ କଲେ ଏତେ କଥା
ମାନ ସନମାନ ବେନି ଆଣି ବୁଡିଲା ।
ଧିକ ଥିବାର ଜୀବନ                    କରବି ଅନଶନ
ବ୍ରତ ଆଜଦିନଠାରୁ ମୂଳ ହୋଇଲା ।
ଚଉ ଦେବା ନାହିଁ କାହିଁକି । କହିବା ଥାଉ ଶୁଣିଲେ ନାହିଁ ସହିକି । ୩୬ ।
ଏ ରୀତି ଶୁଣି ଶ୍ରୀହରି                    ପ୍ରାଣଆଶା ଦୂର କରି
ସଖୀକି କହିଲେ ଅତି ଛନ୍ନ ଆତୁରେ ।
ନବଚାଳୀ ପଦଧୂଳି                    ମଉଳୀରେ ଦିଅ ବୋଲି ।
ସନ୍ଦେହ ନ କର ଆଉ ଜୀବ ଯିବାରେ ।
ଏତେ ମାତ୍ର ମାଗୁଣି ମୋର । ବନ୍ଧୁକୁ କହିବୁ ସବଳଷ୍ଟି କଙ୍କର ।
ଉଭୟ ସଙ୍କଟ ଦେଖି                    ସଖୀମାନେ ହୋଇ ଦୁଖୀ ।
ବୃନ୍ଦାଙ୍କୁ କହିଲେ ଅତି ଛନ୍ନ ମନରେ ।
ସେ ନାନ୍ଦୀମୁଖୀ ମୁଖରେ                    ପୂର୍ଣ୍ଣିମାସୀଙ୍କ ଗ୍ରାମୁରେ
ଜଣାଇବା ଖଳିଲେ ନିବେଦ ହେବାରେ ।
ନାନ୍ଦୀମୁଖୀ ପୁଚ୍ଛେ ଚରିତ । ପ୍ରେମଚଇତନ୍ୟମାନ କହ କେମନ୍ତ । ୩୮ ।
ନାନ୍ଦୀମୁଖୀ ପଗ୍ଗୃରବା                    ବୃନ୍ଦାବତୀଙ୍କ କହିବା
ଆରମ୍ଭିବରେ ଶୁଣିମ ସେ ରସଲୀଳା ।
ରାଗାତ୍ମିକା ଅନୁଭବୀ                    ଏ ପ୍ରେମ ଜାଣନ୍ତି ଭାବ
ଯେତେ ମତେ ସୁଖ ଦୁଖ ସିନ୍ଧୁ ବଢ଼ିଲା
ପୀନ ଅଭିମନ୍ୟୁ ମାନସ । ରାଧାକୃଷ୍ଣ ମାନରସ ଭଲି ବରସ । ୩୯ ।

---

୩୫.୯ ପ୍ରେମେ କ, ଖ, ଟ, ଠ; ୩୬—୧ ଘଳ ତାଳି-ଛ, ଝ ଛଡ଼ା ସୁରୁଖରେ ।

ପଞ୍ଚମେ ଅଙ୍କ ମୁଗ୍ଧାଖଣ୍ଡିତ ଚିହ୍ନ । କନ୍ୟା ବୟସେ ପତିପ୍ରାପ୍ତି ଯେଉଁ ।
ରତି ପ୍ରୀତି ସୁଖ ଅନାନୁଭବୀ । କଉଁ କଥାକୁ କିକର ଜାଣିବ ।
ଏମନ୍ତ ବୟସରେ । ପତିରୁ ମତି ଛନ୍ଦେ ଦୂର କରେ । ୮ ।
ରସ ବିନୟ ଦଣ୍ଡ-ଭେଦୋପାୟେ । ସେ ମାନ କେବେହେଁ ଶାନ୍ତ ନ ପାଏ ।
ମନ ଅନୁରୂପ ରମ୍ୟବଚନ । ଲଳନା ଚିତ୍ତ ଦ୍ରବ୍ୟମାନ ଦାନ ।
ଯେବେ କରେ ପତି । ସେମାନ ଶାନ୍ତ ଭଜଇ ଝଟିତି । ୯ ।
ଷଷ୍ଠେ ଶୁଣ କାମ୍ୟମୁଗ୍ଧା ଲକ୍ଷଣ । ସେ ମାନ କାମ ଉଲ୍ଲାସେ ନିପୁଣ ।
ପଞ୍ଚ ଉପାୟରେ ଶାନ୍ତ ସେ ଖଣ୍ଡ । ସାମ ଦାନ ଦଣ୍ଡ ଭେଦ ବିନତି ।
ତୋଷ ହୋଏ ଶୁଣି । କାନ୍ତ ସମ୍ଭୋଗ ଆତୁରତା ଜାଣି । ୧୦ ।
ସପ୍ତମେ ବାମ୍ୟ ମୁଗ୍ଧାଖଣ୍ଡିତ ଶୁଣ । ଦିବ୍ୟ ସ୍ନେହାଧୀନ ପ୍ରିୟାଲକ୍ଷଣ ।
କମଳଦଳ ଜଳବିନ୍ଦୁ ମନ । ଢଳ ଢଳ କରେ ପ୍ରେମପବନ ।
ତେଣୁ କାନ୍ତ ଗୁଣ । ନ ସହି ମାନୀ ହୁଅଇ ପ୍ରବୀଣା । ୧୧ ।
ପ୍ରାଣ ବିକି ମୁଁ ମାନ କଲଇଁ ତ । ପ୍ରାଣ ବୋଲି ହିତାଦର କଲେ ତ ।
ଶିରଭୂଷଣ ଏଡେ ମାନ୍ୟ କଲେ । ଶିରଭୂଷଣ କରି ଫିଙ୍ଗି ଦେଲେ ।
ବିସ୍ମୟରେ ଏପରି । ରାଗ ସରାଗ ବଳାବଳ କରି । ୧୨ ।
କାନ୍ତ ସ୍ୱାଧୀନତା ମୁଖ ବିରସ । ଔତ୍ସୁକ୍ୟ ପ୍ରେମପୂର୍ଣ୍ଣ ଦୈନ୍ୟ ଭାଷ ।
ପ୍ରାଣ ସମର୍ପଣ ନତି ଆଶୟ । ଜାଣନ୍ତେ କରେ ସଦୟ ଉଦୟ ।
ଦ୍ରବଇ ହୃଦୟ । ସେକ୍ଷଣି ମାନ ହୋଇଯାଏ କ୍ଷୟ । ୧୩ ।
ଏ ସପ୍ତଖଣ୍ଡ ଗୋ ବୋଲାଏ ମାନ । ସେ ମାନ ପୁଣି ଗୋ ଦ୍ୱିବିଧ ବିଧାନ ।
ଇରଷା ପ୍ରଣୟ ନାମ ବହନ୍ତି । ଦୁହେଁ ଦୁଇଠାରୁ ଜାତ ହୁଅନ୍ତି
ଇରଷା ବିଧାନ । ସହେତୁକ ଅହେତୁକ କଥନ । ୧୪ ।
ସହେତୁକ ମାନ ଜନମ ସ୍ଥାନ । ନାୟକ ଅନ୍ୟ ସମ୍ଭୋଗ ଲୋକନ ।
ଅନ୍ୟାଭିଳାଷ ଚରିତ ଶ୍ରବଣ । ଅନ୍ୟ ଆସକ୍ତ ଆଶୟ ଲକ୍ଷଣେ ।
ଅନୁମାନ କଲେ । ପଦ୍ମସିନ୍ଧୁ ପ୍ରାୟ ହଂସା ଉଚ୍ଛୁଳେ । ୧୫ ।
ସେ ମାନ ପୁଣି କାମ୍ୟ ବାମ୍ୟୋତ୍ଥିତା । କାମ୍ୟୋତ୍ଥିତା ତହିଁ ସକାମରତା ।
ସେ ମାନ ଖଣ୍ଡ ବିବରଣ ଶୁଣ । ପଞ୍ଚ ଉପାୟ ତହିଁକି ପ୍ରମାଣ ।
ସାମଶାନ୍ତ ବାଣୀ କପଟେ ତୋ ଦାସ ବୋଲେ ସେ ପୁଣି । ୧୬ ।

---

୮ ୧ ଅର୍ଦ୍ଧ ମୁଗ୍ଧା-ଚ; ଠ; —୮-୩ଅନନନଭବୀ ଚ, ଠ; ୧୦ — ୧ କାମ୍ୟ-ଛ, ଝ; ୧୧ —୧-ବାମ୍ୟ ମୁଗ୍ଧାରୀତି-ଛ, ଝ, ୧୨—୧-ପ୍ରାଣବିକ ଗୁମାନ କଲଇତ-ଚ; ଠ । ୧୩—୩-ମାତ ଘ; ଚ; ଜ; ଚ, ଠ; ଅପ, ଅଶୟ ଛ; ଝ; ଛଡ଼ା ସବୁ ପୋଥିରେ, ୧୩-୪-ଆସ୍ୱନ୍ତେ କରେ-କ, ଖ; ଚ, ଠ; ୧୪-୧-ବୋଲଇ କ, ଗ, ଚ, ଠ, ୧୫-୪-ଅଶୟ ଲକ୍ଷଣ-କ, ଖ, ଚ; ଠ, ୧୬-୧-୨-କାମ୍ୟ, ବାମ୍ୟ-ଛ, ଝ; ଗ, ୧୬-୪-ଫାନ୍ଦେ-କ, ଖ, ଚ, ଠ;

ଦାନ କରଇ ଚୁମ୍ବ ଆଲିଙ୍ଗନ । ନଖଦନ୍ତ-କ୍ଷତ ଦଣ୍ଡବିଧାନ ।
ଭେଦ ପରୋକ୍ଷେ ସଖୀ ସାକ୍ଷ୍ୟ ଦେବା । ନତ ଶଠ ମତେ ପାଦେ ପଡ଼ିବା ।
ଏହୁ ମାନ ଶାନ୍ତ । ଚିହ୍ନମାନଙ୍କୁ ଘେନ ଦେଇ ମତି । ୧୭ ।
ଅବସ୍ଥିବ ପୂରି ପୁଲକେ ଥରେ । ଘନ ଜଘନ ସ୍ତନ ବାହୁ-ସ୍ଫୁରେ ।
ଭଙ୍ଗି ଆଲସ ଜୃମ୍ଭାଦି ବିକାର । ବଳାତ୍କାରରେ ଜାତ ବାର ବାର ।
ଏ ସ୍ତ୍ରୀତକ ଦେଖି । କାନ୍ତ ହୋଏ ରସ ଆଭୁରେ ସୁଖୀ । ୧୮ ।
ଏବେ ଶୁଣ ବାମ୍ୟଉତ୍ଥିତ ମାନ । ସମ୍ଭୋଗେ ପୂର୍ଣ୍ଣ ହୋଇଥିଲେ ମନ ।
ଅନ୍ୟ ନାୟିକା ଆସକ୍ତ ଚିହ୍ନକୁ । ଜାଣିଲା କ୍ଷଣି ଭଜଇ ମାନକୁ ।
କାମ ପ୍ରେମ ବିନା । କେବଳ ହୁଏ ଅହଂକାର ଘେନା । ୧୯ ।
ତା ଶାନ୍ତିକ ପଞ୍ଚ ଉପାୟ ଭନେ । ସାମ ମିଥ୍ୟା ଗୃହୁଁ ସତ୍ୟ ସମାନେ ।
ଦାନ ଦେବା କରେ ବସ୍ତ୍ରଭୂଷଣ । ଦଣ୍ଡ ପରୋକ୍ଷାନୁଚ୍ଛଳ ବଚନ ।
ଭେଦ ପର ପ୍ରୀତି । ପ୍ରଶଂସା କଥନେ ହରଇ ମତି । ୨୦ ।
ନତି ପଦ ଛୁଇଁ ଶିରେ ଲଗାଏ । ଏତେକେ ତା ମାନ ଶାମକୁ ପାଏ ।
ତା ଶାନ୍ତ ଚିହ୍ନ ସ୍ୱେଦାସ୍ୟ କମ୍ପନ । କାନ୍ତ କରଧୃତ ଓଷ୍ଠ ଗୃଳନ ।
ଏ ବିକାର ଦେଖି । ଧୃଷ୍ଟ ନାୟକ ମନେ ମହାସୁଖୀ । ୨୧ ।
କୋଳେ ଧରି କହେ ମନ ଘେନାଇଁ । ତୋ ପରି ବିଶ୍ୱେ ଆନ କେହି ନାହିଁ ।
ସତେ ରୁଷିଲେ ନ ରଖିବି ପ୍ରାଣ । ମିଥ୍ୟା ନୁହଇ ପକାଉଛୁ ଗଣ ।
କଲେ ହତାଦର । ଦେଖିବୁ ନାହିଁ ମୋତେ ସମାଦର । ୨୨ ।
ଏବେ ଶୁଣ ଗୋ ନିର୍ହେତୁକ ରୀତି । ଚତୁର୍ବିଧ ଆଶଙ୍କାରୁ ଜନ୍ମନ୍ତି ।
କାନ୍ତ ବିଟ ପୁଂସେ କଲେ ଆସ୍ପଦ । ଯୁବତୀ ମନେ ପଡ଼ଇ ପ୍ରମାଦ ।
ବିଟପୀ ପତିକ । କାନ୍ତ ଧନ ଦେଲେ ମନେ ଭୀତିକ । ୨୩ ।
ଯୁବା ଥିବା ପୁର-ପଥରେ ଗତି । ଅନ୍ୟ ପ୍ରୟୋଜନେ ଗଲେହେଁ ପତି ।
ନାଗରୀ ମନେ ଦକଦକ ହୋଏ । ମିଛକୁ ସତ ମଣି ମାନୀ ହୋଏ ।
ଅନ୍ୟ ଯୁବତୀକ । ପ୍ରଶଂସା କଲେ ରୁଷଇ ପତିକ । ୨୪ ।
ଚଳିଲା ହୋଇ ସେ ଛଳିଲା ବାଣୀ । ଦେଖାଇ ଶିଖାଇ କହଇ ପୁଣି ।
କର୍ମ କରୁଥାଇ କ୍ରୋଧାବସ୍ଥରେ । ବଚନ କହେ ପରୋକ୍ଷ ବାଦରେ ।
କହେ ହୋଏ ହେଲେ ମିଥ୍ୟା ପ୍ରତୀତି । ୨୫ ।
ସେହି ମାନ ଶାନ୍ତ । ବଳେ ହୋଏ ହେଲେ ମିଥ୍ୟା ପ୍ରତୀତି ।

---

୨୦-୧-ତାହା ଶାନ୍ତ ପଞ୍ଚ ଉପାୟ ବଚନେ-ଙ—ଖ-ଛ; ଠ; ୨୧-୧-ନତି ପଦ-କ, ଘ, ଛ, ଠ, ଗୃଳନ—ଝ
୨୩-୨-ଆଶ୍ରୟରୁ କ, ଖ, ଘ, ଚ, ଛ, ଠ,
୨୩-୫ ବିଟପୀ ପୀରତି-କ, ଖ; ଛ, ଠ, ୨୪—୨ ଗଲେହେଁ ଗତି-କେତେକ ପୋଥିରେ ଅ
୨୫-୩-କ୍ରୋଧାଭିଷ୍ଟରେ-ଛ, ଠ, ଛଡ଼ା ସବୁ ପୋଥିରେ

ଜାଣଇ ନାହିଁ ଏଥି କାନ୍ତ ଦୋଷ । ମିଛକୁ ସତ ମଣି କଲି ରୋଷ ।
ଏମନ୍ତ ଭାଳି ଲାଜ ପାଇ ଯାଏ । ସେ କଥା ଭୁଲାଇ ମନ ଯୋଗାଏ ।
ମାନ ଶାନ୍ତ ରୀତ । ଅଟ୍ଟହାସେ ମାଗେ ଯାଚେ ରତ । ୨୬ ।
ଏବେ ପ୍ରଣୟମାନ ରୀତ ଶୁଣ । ପ୍ରେମଜା ଭ୍ରମଜା ଦ୍ୱିବିଧି ଜାଣ ।
ପ୍ରେମଜା ପୁଣି ଦୁଇ ବିଧି ହୋଏ । ଦୈନ୍ୟଜା ଭଙ୍ଗିଜା ନାମ ଉଦୟେ ।
ଦୈନ୍ୟଜା ସ୍ୱରୀତ । ଦୈନ୍ୟରୁ ବାମତା ହୋଏ ଉତ୍ପତ୍ତି । ୨୭ ।
ସ୍ୱାଧୀନେ ବଲ୍ଲଭ ଧଇଲେ ପଦ । ଅଥବା ବଞ୍ଚଇ ନାଶନେ ସ୍ୱେଦ ।
କିବା ପଦ ଧୂଳି ଶିରେ ଲଗାଏ । କେବେ ବା ଛଡ଼ାଫୁଲ ଲାଗି ହୋଏ ।
କେବେ ଶିର ଥୁଇ । ମାନ ମଣି ବାଳାପଦେ ପକାଇ । ୨୮ ।
ଅଳପ କଥା ପାଇଁ ମୋ ରଣ କହେ । ଯାବକେ ସ୍ୱନାମ ଚରଣେ ଲହେ ।
ଏ ଆଦି ରୀତିମାନ ଯେତେ ଯେତେ । ଏଥିଁ ସେମାନ ଜନମେ ଯୁଗତେ ।
ସ୍ନେହାଧୀନା ମାନୀ । ଗୃହୁଁ ଗୃହୁଁ ହୋଏ ସନ୍ଧ୍ୟା ପଦ୍ମିନୀ । ୨୯ ।
ଏ ମାନଶାନ୍ତିକ ପଞ୍ଚ ଉପାୟ । ସାମ ଗଦ୍ଗଦ ପ୍ରେମ-ବାକ୍ୟୋଦୟ ।
ଦାନ ତହିଁକି ଆତ୍ମନିବେଦନ । ଦଣ୍ଡ ସ୍ୱଅଙ୍ଗେ ଅଶ୍ରୁ ବଇବର୍ଣ୍ଣ୍ୟ ।
ଭେଦ ପ୍ରେମସ୍ଫୂର୍ତ୍ତି । ପଦ ପ୍ରଶଂସା ଆଲୋକନ ନତି । ୩୦ ।
ଲୀଳା କମଳ ଶିର ସ୍ପର୍ଶାତୁର । ମହୀଲେଖନ ନିର୍ବେଦ ବିକାର ।
ଅଶ୍ରୁଜାତ ବନ୍ଧୁ ଦୁଖ ଲୋକନେ । କମ୍ପଇ ହେ ଅଭିରସା ଉଚ୍ଛନ୍ନେ ।
ଚନ୍ଦ୍ରାଗ୍ନିରୁ ତାପ । ନେତ୍ର ମୁଦ ସ୍ମରେ ପ୍ରେମସ୍ୱରୂପ । ୩୧ ।
ବିବେକୀ ସ୍ନେହାଧୀନା ରସବତୀ । ମାନ ରଖିବ କି ଗୃହେଁ ଏ ରୀତି ।
ହାହା କାହାକୁ ମୁଁ କି ଦଣ୍ଡ ଦେଲି । ମନ୍ଦ ମତିରେ ମାନ ଛୁଆଁଇଲି ।
ଏମନ୍ତ ବିଗ୍ରହ । ସ୍ନେହେ ଲଙ୍ଘାସିନ୍ଧୁ ନ ପାରେ ତର । ୩୨ ।
ମାନରୁ ଅଧିକ ନମ୍ର ମଉଳି । ଶ୍ୱାସ ପକାଏ ଚନ୍ତ ସ୍ନେହାବଳି ।
କି, କଲି ବୋଲି କପୋଳେ କଣ୍ଡଇ । ଦୁଖ ନ ସହ ତନୁ ପୁଲକଇ ।
ପ୍ରାତପଦ୍ମ ପର । ଦିଶି ଆସଇ ତା ଶ୍ରୀମୁଖ ଶିରୀ । ୩୩ ।
ସନ୍ଧ୍ୟାକୁମୁଦ ପର ନେତ୍ର ମୁଦ । ଲାଜ ଲାଗେ ଗୃହେଁ ବଲ୍ଲଭ ପଦ ।
ନାସା ଢୋଳାଇ ପର ଦେଉଥାଇ । ଚହ୍ଲାଏ ଦୁଖ ସିଉକାର ଦୁଇ ।
ଏହା ଦେଖି ପତି । ତୁଚ୍ଛ ମଣେ କରଗତ ମୁକତି । ୩୪ ।
ଭଙ୍ଗିଜା ମାନ ରୀତ ଏବେ ଶୁଣ । ସ୍ୱସୁଖାର୍ଥ କାନ୍ତ ସୁଖାର୍ଥ ଜାଣ ।

---

୨୬-୩-ପାଇଥାଏ କ, ଖ, ଚ, ଠ, ୨୭-୨- ଦ୍ୱିବିଧ-କ,ଚ, ଠ; ୨୮-୨ ମନମଣି-କ;ଖ ମନଜାଣି- ଚ, ଠ; ଚ ଓ ଠ, ପୋଥିରେ ୩୨ ପଦ ୩୧ ପଦ ରୂପରେ ୩୧ ଓ ୩୨ ପଦରୂପେ ପଠିତ । ୩୧-୫-ଚନ୍ଦ୍ରାଗ୍ନିର ତାପ-କ, ଖ, ଚ, ଠ ।

ଅନୁରୂପ ଭଙ୍ଗି ବଚନ ସୁଖ । ପାଇ ଲକ୍ଷଣି ଯାଏ ବ୍ୟାଜ ଦୁଖ ।
ବକ୍ର ବିଲୋକନ । ମନ୍ଦହାସାଦି ମାନସ୍ଥାନ ଚିହ୍ନ । ୩୫ ।
ଏବେ ବିଭ୍ରମଜା ମାନ ଲକ୍ଷଣ । ବେନି ପ୍ରକାର ବିବରଣ ଶୁଣ ।
ପ୍ରେମବଇଚିତ୍ତ୍ୟ ପ୍ରଥମେ ପୁଣି । ପ୍ରେମ ବଇଚିନ୍ତ୍ୟ ଦ୍ୱିତୀୟେ ଜାଣି ।
ପ୍ରେମ ବଇଚିତ୍ୟ । କାମ ପ୍ରେମ ବଳାବଳ ଚରିତ । ୩୬ ।
କାନ୍ତା କାନ୍ତ ଚିତ୍ରପଟ ଆସକ୍ତି । ଦେଖି ଭ୍ରମେ ଅନ୍ୟାଭିଳାଷ ରୀତି ।
ବେନି ପ୍ରତିବିମ୍ବ କାଚବାଡ଼ରେ । ସପତ୍ନୀ ମଣେ ଛନ୍ନେ ମାନସରେ ।
ସମ୍ଭୋଗ ଆନର । ସ୍ୱପ୍ନେ ଦେଖି ମାନ ବଢ଼େ ସମାର । ୩୭ ।
ପଞ୍ଚୋପାୟରେ ସେ ନୁହଇ ଶାନ୍ତି । ହୋଏ ଯେତେବେଳେ ମିଥ୍ୟା ପ୍ରତୀତ ।
ଘୁଣ୍ଟୁରେ କାନ୍ତ ସେ ମରମ କହେ । ଜାଣିଲା କ୍ଷଣି ଲାଜ ପାଇ ରହେ ।
କି କଲି ବିଗୃର । କାନ୍ତପଦ ଛୁଏଁ ସ୍ନେହ ସୁମରି । ୩୮ ।
ଗଣ୍ଡପାଳିରେ ପୁଲକ ପୂରେଇ । ବାସ ଆଚ୍ଛାଦି ସ୍ମିତ ପ୍ରକାଶଇ ।
ଦୋଷଭୟରେ କାନ୍ତକୋଳ ତେଜେ । ଗୁହେଁ ଅଳପ ପୁଣି ଚକ୍ଷୁ ବୁଜେ ।
ଏହା ଦେଖି ପତି । କତିରେ ପାଏ ବାସବସମ୍ପତ୍ତି । ୩୯ ।
ପ୍ରେମ ବଇଚିନ୍ତ୍ୟ ସ୍ଥିତିକି ଏବେ । ଶୁଣ ଗୋ ସଜନ ଆନନ୍ଦଭାବେ ।
କାନ୍ତ ପ୍ରଣୟାଧୀନ ସ୍ଥିତ ଚିନ୍ତ । କୋଳେ ଥାଉଁ ଥାଉଁ ବିଭ୍ରମ ମତି ।
ବିଗୃରେ ଜାଗଶ୍ରି । କାହୁଁ ଶିଖିଲେ ସ୍ନେହ ଏତେ ପର । ୪୦ ।
ପୂର୍ବ ପୀରତିଷ୍ଠା ଅଛି କାନ୍ତର । ମୋତେ କରଛନ୍ତି ଏତେ ଅନ୍ତର ।
ନ କହନ୍ତି ତାହା ପ୍ରସଙ୍ଗ ଦିନେ । ମୁଁ କି କରିବି ତା ସ୍ନେହ ମନ୍ଦନେ ।
ଭଲୁ ଭଲୁ ଏହା । ସାକ୍ଷାତ୍କାର ତା ମଣେ ବିରସେହା । ୪୧ ।
ପ୍ରଣୟ ଅହି ଦଂଶଇ ମନକୁ । ଉଦ୍ଗାରେ ଅହଂକାର ଗରଳକୁ ।
ଗୁହୁଁ ଗୁହୁଁ କହୁଁ କହୁଁ ଅଗ୍ୟାନ । ଅବଶେ ଆରମ୍ଭ କରଇ ମାନ ।
ବିଷବୈଦ୍ୟ ପତି । ଘୁଣ୍ଟୁମନ୍ତେ କରି ନପାରେ ଶାନ୍ତି । ୪୨ ।
ସେ ବିଷକୁ ଗଦ ଭୟଦ ସ୍ୱନ । ଚମକି କାନ୍ତେ କରେ କୋଳଦାନ ।
ସଚେତ ବଶେ ପ୍ରବେଶ ବିଗୃର । ବୃଥା କି କଲି ଭଲି ଲଜ୍ଜାଭର ।
କାନ୍ତବକ୍ଷେ ମୁଖ । ଲୁଚାଇ ଦିଏ ବ୍ରହ୍ମାନନ୍ଦ ସୁଖ । ୪୩ ।

---

୩୨—୧ ବିବେକ ଛ, ଝ; ଛଡ଼ା ସବୁ ପୋଥିରେ ୩୪—୨ ଲଜେ ଲଜେ-ଗ; ଘ. ଚ, ଛ, ଜ; ୩୬—୩ ପ୍ରେମ ବଇଚନ-ଜ, ଟ, ଠ; ୩୬—୪ ପ୍ରେମ ଭଇଚନ୍ଦ୍ର ୩୭—୨ ଚନ୍ତି-ଝ, ୩୭—୪ ଛନ୍ନ-କ, ଖ, ଚ, ଟ; ଠ. ୩୮—୨ ଯେବେ ତେବେ ମିଥ୍ୟା-କ, ଖ, ଟ, ଠ, ୪୧—୨ ନସହନ୍ତି-କ, ଖ, ଟ, ଠ; ଦିନେ-ଟ, ଠ; ୪୧—୪ ସାକ୍ଷାତ କାରେ-ଛ, ଝ, ଛଡ଼ା ସବୁ ପୋଥିରେ ୪୩-୧—ଭୟ ଦର୍ଶନ-କ, ଖ, ଟ, ଠ;

ଏମାନ ପୂର୍ବେ କରିଥିଲେ ଉମା । ରାମ ଧନୁଭଙ୍ଗେ ହୋଇଲା କ୍ଷମା ।
ନାଗର ନାଗରୀ ଜୀବନକାଧନ । ଏ ମାନପ୍ରକରଣ ବିରଚନ ।
ରାଧାକୃଷ୍ଣ ଚନ୍ଦ୍ର । ସାମନ୍ତସିଂହାର ବିରଚିତ୍ତନ୍ତ ।୪୪।

---

ଚୈତ୍ୟ‌ାନବେ ଛାନ୍ଦ ।

---

## ଦୂତୀ ପ୍ରକରଣ ।

ସଙ୍ଗମଜଆଷ୍ଟବାଣୀ ।

---

ଧୀରେ ଶ୍ରୀବୃନ୍ଦାଙ୍କୁ ନାନ୍ଦୀମୁଖୀ ପୁଛନ୍ତି ।
ଦୂତ ଦୂତୀ କେତେ ଜାତି ଶବ୍ଦ ବହନ୍ତି ॥
କି କରି କରନ୍ତି କାର୍ଯ୍ୟ-ସାଧନରୀତି ।
ସନ୍ଦେହ ମନରୁ ହର କହି ଏ ନୀତି ।୧।
ହସି ବୃନ୍ଦା ପ୍ରକାଶିଲେ ଶୁଣ ସୁମନେ ।
ଦୂତ କହି ସ୍ୱାମୀକାର୍ଯ୍ୟ ସିଦ୍ଧି ସାଧନେ ।
ଚେଷ୍ଟ ସେ ବୋଲନ୍ତି ପ୍ରେମକାର୍ଯ୍ୟ ସନ୍ଧାନେ ।
ସ୍ୱୟଂକାର୍ଯ୍ୟ ସିଦ୍ଧକଲେ ବିଷ୍ଟ ସେମାନେ ।୨।
ପ୍ରଥମେ ହୁଅନ୍ତି ଦୂତ ଅଷ୍ଟ ପ୍ରକାରେ ।
ନାମଭିନ୍ନ ବୋଲନ୍ତି ସେ କର୍ମ ସୂତ୍ରରେ ॥
ଅସାଧ୍ୟ ସାଧଇ ଯେ ମାଧୁର୍ଯ୍ୟଶକ୍ତିରେ ।
କୃଷ୍ଣବଂଶୀ ତୁଲ୍ୟ ଲେଖା ସୁମହତ୍ତରେ ।୩।
ନିଜ କାର୍ଯ୍ୟତ୍ୟାଗୀ ସ୍ୱାମିକାର୍ଯ୍ୟରେ ମନ ।
ଇନ୍ଦ୍ରାଦି ପ୍ରେଷିତ ନଳରାଜା ସମାନ ॥
ସ୍ୱାମିକାର୍ଯ୍ୟ ସଙ୍ଗେ ବିଶ୍ୱକାର୍ଯ୍ୟ ସାଧନ ।
ଯୁଧିଷ୍ଠିର ପ୍ରେଷଣେ ଗୋବିନ୍ଦ ଯେସନ ।୪।

---

୪୩-୪ — ନାଗରୀ ନାଗର-କ, ଖ, ଚ; ଠ,
୨ ୩; ପ୍ରେମ କାର୍ଯ୍ୟ ସାଧନେ ଚ, ଠ; ୩ ୪; ସେ ମହତ୍ତରେ ଚ, ଠ,

ଅମିତାର୍ଥା ବାକ୍ୟଙ୍ଗିତେ କାର୍ଯ୍ୟ ସାଧଇ ।
ନିସୃଷ୍ଟାର୍ଥା ପ୍ରୟୋଗରେ ଚିତ୍ତ ହରଇ ।
ପତ୍ରହାରୀ ବଶ କରେ ପତ୍ରିକାଦାନେ ।
କେ କେତେ ବିଧି ହୁଅନ୍ତି ପୁଣି ଏମାନେ । ୧୯ ।
ଦୈନ୍ୟା ସାମାନ୍ୟ ଦର୍ଶିନୀ ବାକ୍ୟ ହରଇ ।
ଆତୁରା ଦୁଃଖକଥନେ କାର୍ଯ୍ୟ ସାଧଇ ।
ପ୍ରେମ-ଗାମ୍ଭୀର୍ଯ୍ୟ-କଥକା ମଧୁରା ସେହି ।
ବିଜ୍ଞା ମନ ଆକର୍ଷଇ ଗୁଣକୁ କହି । ୨୦ ।
ଚତୁରା ବୋଲାଏ ଶେ ଭଙ୍ଗିତ କଥକା ।
କହନ୍ତି ଏମାନେ ତ ତ୍ରିବିଧ ଶତକ ।
କାନ୍ତ ପକ୍ଷପାତରେ କନିଷ୍ଠା ବୋଲଇ ।
କାନ୍ତା ପକ୍ଷପାତରେ ମଧ୍ୟମା ହୁଅଇ । ୨୧ ।
ସମ ସ୍ନେହତାରେ ସେ ଉତ୍ତମା ବୋଲାଏ ।
କହିବା ନିସୃଷ୍ଟାର୍ଥା ତ୍ରିବିଧ ନିର୍ଣ୍ଣଏ ।
ଧୂମାନ୍ୱିତା ଜ୍ୱଳିତା ଉଦ୍ଦୀପ୍ତା ସୁଦୀପ୍ତା ।
ଅନୁଷଙ୍ଗ-ଗୁଣପର ଲୋକେ ବଦତା । ୨୨ ।
ଛନ୍ନାବନ୍ଧ ପ୍ରତିବନ୍ଧ ସ୍ୱୟଂବନ୍ଧିତ ।
ତ୍ରିବିଧରେ ମନ୍ତ୍ରଗୁଣ ହୋଇଛି ଖ୍ୟାତ ।
ସୁସ୍ପର୍ଶ ଚିନ୍ତାମଣି କଉସ୍ତୁଭର ।
ଗୁଣକର୍ମେ ବୃଦ୍ଧି କରେ ମଣି ପ୍ରେମର । ୨୩ ।
ପତ୍ରହାରୀ ଦୂତୀ ରୀତି ତିନିପ୍ରକାର ।
ହୀନା ସୁଦ ଦେଇ କହେ ଦୁଃଖଉତ୍ତମର ।
ଦୀନା ମୁଦ ଦତ୍ତାନ୍ତରେ ଦୈନ୍ୟ କରଇ ।
<u>ଦୈନ୍ୟ ଭାବେ କାର୍ଯ୍ୟ ମାନ ସିଦ୍ଧ କରଇ</u> (ଗ)
ସମଅନୁରାଗୀ ଜନେ ସ୍ନେହ ଜନ୍ମାଇ (ଠ) । ୨୪ ।
ସ୍ନେହଆକଳନାନ୍ତରେ ପତ୍ର ଯେ ଦିଏ ।
ବିବେକସ୍ୱରୂପା ସେହି ଦୂତୀ ବୋଲାଏ ।

---

୧୯ — ୩, ପ୍ରତିହାରୀ — କ, ଖ, ଝ, ଙ; ୨୦ — ୩ କଥନୀ — ଗ, ଚଜ; ମଧୁରସ୍ନେହୀ — ଗ, ଚ. ଜ, ଝ, ଠ, ୨୪ ପଦର ୪ର୍ଥ ପାଦ 'ଗ' ଛଡ଼ା ଅନ୍ୟ କୌଣସି ପୋଥିରେ ନାହିଁ । ଝ ପୋଥିରେ ଠ ପାଦଟି ପ୍ରଥମରେ ନ ଥିଲା । ତାହା ପରେ ତହିଁରେ ସନ୍ନିବିଷ୍ଟ ହୋଇଅଛି । ଅତଏବ ପ୍ରକ୍ଷିପ୍ତରୂପେ ପ୍ରତୀୟମାନ ।

ନ ଦେଇଁ ପଞ୍ଜିକା କହେ ପୀରତସ୍ୱାତ ।
ଜ୍ଞାନରୂପା ସେହି ଦୂତୀମାନେ ବୋଲନ୍ତି । ୨୫ ।
ପଞ୍ଜ ଦେଇ ନ କହେ ଯେ ହୃସଙ୍ଗମାନ ।
ଅବିବେକରୂପା ସେହି ଦୂତୀକି ଚିହ୍ନ ।
ଦୂତ ଦୂତୀ ପ୍ରକରଣ ଏତେ ପ୍ରକାରେ ।
ଜାଣିମେ ପଣ୍ଡିତେ ଅଳଙ୍କାରଶାସ୍ତ୍ରରେ । ୨୬ ।
ମହି ଭାବସ୍ୱରୂପା ଶ୍ରୀ କିଶୋରୀମଣି ।
ଅନୁଆନ ଭାବବୃଦ୍ଧି କ୍ଷଣକେ ପୁଣି ।
ଅହି ପର ବକ୍ରଗତି ପ୍ରେମର ରୀତ ।
ଦୂତୀରେ ଦୁର୍ଜୟମାନ ନୋହିଲା ଶାନ୍ତ । ୨୭ ।
ଥାଇ ଭାବ ନାନାରସେ ନାନାପ୍ରକାରେ ।
ରତି କେବଳ ଯେ ସ୍ଥାୟୀ ଭାବ ମଧୁରେ ।
ଅନୁଭାବ ବିଭାବ ସାତ୍ତ୍ୱିକ୍ୟ ସଞ୍ଚାରୀ ।
ସ୍ଥାୟୀଭାବ ପ୍ରକାଶନ୍ତି ମିଶି ଏ ଚାରି । ୨୮ ।
ମୂଳ ବିପକ୍ଷେ ସୁଖ ନୁହନ୍ତି କେହି ।
ମୁହୁର୍ମୁହୁ ନାନାମତେ ଦୁଃଖଦ ସେହି ।
ପ୍ରେମବଳେ ଅବାରଣ ପ୍ରମତ୍ତ କରୀ ।
ଈର୍ଷ୍ୟା ମାନ ତହୁଁ ହେଲା ଅଙ୍କୁଶ ପରି । ୨୯ ।
ମୁଖ ବ୍ୟାଧିବନ୍ତ କ୍ଷୁଧା ଆର୍ତ୍ତି ଯେମନ୍ତ ।
ଦ୍ରବ୍ୟ ଥିଲେହେଁ ତ ପୂର୍ତ୍ତି ନୋହେ ବାଞ୍ଛିତ ।
ମାନ ପ୍ରେମ ରାଜା ଧର୍ମା ହୃଦ ଦେଶରେ ।
ଦ୍ୱନ୍ଦଭଗ୍ନ ଲଗ୍ନେ ପ୍ରବର୍ତ୍ତିଲେ ଦ୍ୱନ୍ଦରେ । ୩୦ ।
ଜନ୍ମ ପରାଜନ୍ମ ପାଉ ନାହାନ୍ତି ଜଣେ ।
ଅବକାଶ ନ ପାଇଲେ ସଞ୍ଚାରୀ ଗଣେ ।
ବିଭବାଦ ଚତୁର୍ବ୍ବିଧି ସଇନାସେହ୍ନା ।
ଉଭୟ ପକ୍ଷରେ ବାଦ ବଢ଼ୁଛି ସିନା । ୩୧ ।
କହ ଶ୍ରୀ ପୂର୍ଣ୍ଣିମାସୀଙ୍କି ପ୍ରଣୟ ହାଟ ।
ଭାଜି ଯାଉଅଛନ୍ତି ବେଳହୁଁ ଆକଟ ।

---

୨୮—୧ ସ୍ଥାୟୀଭାବ-କ, ଗ, ଝ, ଠ; ୨୮—୨ ଥାଇ କ, ଗ, ଚ, ଏହିଠାରେ ଛ
ଓ ଝ ପୋଥି ସମାପ୍ତ ।

ନାନ୍ଦୀମୁଖୀ ଜଣାଇଲେ ଶ୍ରବଣେ ଯାଇ ।
ପୂର୍ଣ୍ଣମାସୀ ବେଗେ ଦୁର୍ବାସାଙ୍କୁ ଜଣାଇ । ୩୨ ।
ମୁନି ଆଜ୍ଞାକଲେ ମାନ କେତେମାତର ।
କରିବା ପ୍ରଣୟ ଗ୍ରନ୍ଥ ଗୋପେ ପ୍ରଚୁର ।
ତାହା ଶୁଣି କାହା ମନେ ମାନ ରହିବ ।
ପ୍ରଣୟ-ପଥକୁ ଥରେ ଯେ ଛୁଇଁ ଥିବ । ୩୩ ।
ଏ ଭାବ ଭାବ ସ ମନ୍ତସିହାର ଚଉ ।
ରାଧାକୃଷ୍ଣ ସୁଖେ ସୁଖୀ ହେବ ବହୁତ ।
ବାଣ୍ଟକୃମି ଭସ୍ମ ନିବନ୍ଧ ଏ ଦେହଗତ ।
ମିଥ୍ୟା ଦେହରେ କରନ୍ତୁ ମାନସ ପ୍ରୀତ । ୩୪ ।

---

## ଚୌରାନବେ ଛାନ୍ଦ ।

---

## ପ୍ରେମତତ୍ତ୍ୱ ଲକ୍ଷଣ ।

ରାଗ ବରାଡ଼ି—ଆଷାଢ଼ ଶୁକ୍ଳବାଣୀ ।

---

ଧୀରେ ଘେନ ଘନେ ଦୁର୍ବାସାମୁନି । ଗୋପେ ମିଳିଲେ ପ୍ରେମଗ୍ରନ୍ଥ ଘେନି ।
ଅଣାଇ ସର୍ବ ପୁରୁଷ କାମିନୀ । ହୋଇଲେ ପ୍ରେମଉପଦେଶଦାନୀ ।
ଏ ରତନ ଚହ୍ନି ହେ । ବାଣିଜ୍ୟ କଲେ ହେବ ମହାଧନୀ । ୧ ।
ଈଶ୍ୱର ଆନନ୍ଦଦାୟକ ପ୍ରୀତ । ଖ୍ୟାତ ସାକ୍ଷାତ ଆହ୍ଲାଦନୀ ମୂର୍ତ୍ତି ।
ସନ୍ଧିନୀ ସମ୍ବିଦନୀ ବ୍ୟାପ୍ତିସ୍ଥିତ । କାର୍ଯ୍ୟ କାରଣ ମୂଳ ହେତୁ ବୃତ୍ତି ।
ପ୍ରଣୟୀହୃଦରେ ହେ । ସମ୍ବନ୍ଧବଳେ ନାନାମୂର୍ତ୍ତି ଧରେ । ୨ ।
ଏକାଙ୍ଗୀ ଦ୍ୱିଅଙ୍ଗୀ ବହୁଳ ଅଙ୍ଗୀ । ତ୍ରିଗୁଣାତ୍ମକ ବଚେଷ୍ଟାସଂସର୍ଗୀ ।
ପଦ୍ମ ମୁଦେ ହୋଏ ଭାନୁର ସ୍ନେହେ । ଉଦାନ୍ତର ହେଲେ ସେ ତାକୁ ଦହେ ।
ଭୃଙ୍ଗ ସଙ୍ଗ ବାଦେ ହେ । ଏକାଙ୍ଗୀ ପ୍ରୀତଲକ୍ଷଣକୁ ଛେଦେ । ୩ ।

---

୧—୧ ଘେନ ମନେ—କ, ଖ, ଚ, ୨—୨ ସମ୍ବନ୍ଧିନୀ ସନ୍ଧିନୀ —କ, ଖ; ୫, ଠ, । କାର୍ଯ୍ୟ କାରଣେ—ଜ; ୩—୧; ତ୍ରିଗୁଣାତ୍ମିକ—ଗ, ଘ, ଚ,

ଏକାଙ୍ଗୀ ଚନ୍ଦ୍ର କୁମୁଦ ପୀରତି । ଘଟଇ ନାହିଁ ତ ଅଚ୍ଛିଦ୍ର ନିତି ।
ଚନ୍ଦ୍ର କ୍ଷୟ ଗନ୍ଧେ ମୁଦକି ନୋହେ । କେବଳ ଘଟିତ ଆଶ୍ରୟ ସ୍ନେହେ ।
ଚକୋରପ୍ରଣୟୀ ହେ । ଚନ୍ଦ ବିନା ଆନମତେ ବଞ୍ଚଇ । ୪ ।
ଘନ ଗୃହକ ଚନ୍ଦ ଚନ୍ଦମଣି । ଅନାସ୍ୟୁଢ ବଶ ପୀରତି ପୁଣି ।
କେକୀ ଘନ ଦେଖି ଉଲ୍ଲାସ ହୋଏ । ଘନ ବିନା କେ କି ତାହାର କ୍ଷୟେ ।
ଏକାଙ୍ଗିମା ଗୁଣ ହେ । ଜୀବନ କେବଳ ମୀନ ପରାଣ । ୫ ।
ଧେନୁ ବତ୍ସା ପ୍ରୀତି ନୁହଇ ଚିର । କାର୍ଯ୍ୟବଶ ପ୍ରୀତି ଋଣୀ ପ୍ରକାର ।
ଜୂତଖେଳ ପରି ଶଠତା ପ୍ରୀତି । ନାବତାରଣ ଲୋଭ ଯେଉଁ ସ୍ଥିତି ।
ଧୃଷ୍ଟ ପ୍ରୀତିମତ ହେ । ସଇକତେ ଜଳ ଦେଲେ ଯେମନ୍ତ । ୬ ।
ହେଲେହେଁ ସେ ପ୍ରୀତି ନୋହିଲା ପର । କୀଟଗମନ ଘୁଣାକ୍ଷର ପର ।
କୀଟ କାଟୁଁ ଶାଳଗ୍ରାମ ଯେମନ୍ତ । ଶଠପୀରତି ଘଟନା ତେମନ୍ତ ।
ଦେଖାଦେଖି ପ୍ରୀତି ହେ । ଜଳକୃତ ରେଖା ପରି ଅସ୍ଥିତ ହୋ । ୭ ।
ରସନା ସ୍ୱାଦୁ ପାଏ ଦନ୍ତ ଯୋଗେ । ବିତର୍କ କାଳ ବଞ୍ଚେ ତାହା ସଙ୍ଗେ ।
ଦେଉଥାଇ ସୁଖ ଯେଉଁ ଦଶନ । ହାଁବୋଟଡ଼ ପଡିଲେ କରେ ଦଣ୍ଡନ ।
ସ୍ୱକାର୍ଯ୍ୟ ସାଧନେ ହେ । ଶତ୍ରୁ ମିତ୍ରତା ପ୍ରକାଶେ ଯେସନେ । ୮ ।
କ୍ଷଣମନା ପ୍ରୀତି ରସନା ଭାବ । ଯେଉଁ ରସ ଯେତେବେଳେ ପାଇବ ।
କେତେବେଳ ଯାଏ ସେ ଭାବ ଥାଏ । କ୍ଷଣକେ ପୁଣି ଅନ୍ତରକୁ ପାଏ ।
ଦେହ କଣ୍ଡୁ ହର ହେ । କର ହୋଲଇବ କି ଉପକାରୀ । ୯ ।
ଅଭେଦ ଅନ୍ତର୍ଗତ ନେତ୍ର ସତ । ଏକ ଗଲେ ଏକ ପୁଣି ରହେ ତ ।
ଦକ୍ଷିଣଭାବ ନ ଖଟିଲା ତହିଁ । ଶ୍ୱାସ-ଗନ୍ଧଘେନା ସମ୍ପୂର୍ଣ୍ଣ ଏହି ।
ପରଶ୍ରେୟ-ସୁଖୀ ହେ । ମନ ଇନ୍ଦ୍ରିୟ ଭାବନାକୁ ଲକ୍ଷି । ୧୦ ।
ଲବଣ ଷଡ଼ରସେ ସମଭାବ । ବଳି ପଡିଲେ ହୁଅଇ ଅଭାବ ।
ଅମ୍ଳ ମଧୁର ଅଭେଦ ପୀରତି । ପରସ୍ପର ଗୁଣ ଦୁହେଁ ବହନ୍ତି ।
କଷାୟ ସଙ୍ଗତେ ହେ । କଟୁ ତିକ୍ତ ପ୍ରୀତି ହୋଏ କଷ୍ଟତେ । ୧୧ ।
ମଧୁର ସଙ୍ଗେ ଉପ୍ର ଗୁରୁରସ ! ସୁପାତ୍ର ଯୋଗେ ମିତ୍ରତା ପ୍ରକାଶ ।
ପ୍ରପାନେ ଛେନା ମରିଚ କର୍ପୂର । ଘେନ ହୁଅନ୍ତି କେଡ଼େ ରୁଚିକର ।
ସେଠାରେ ଲବଣ ହେ । ମିଶିଲେ ପୁଣି ହୁଅଇ ଦୁର୍ଗୁଣ । ୧୨ ।

---

୪—୧;—ଅଛିଦ୍ରରୀତି—କ, ଖ, ଘ, ଗତି—ଚ, ୧୦—୩;—ପରଶିସ୍ୟେ—କ, ଖ; ପରଶ୍ରୀରେ—ଠ; ୧୧—୨;ଦେହେ ବହନ୍ତି—ଜ ୧୨—୩;—ମିଶିଗଲେ ପୁଣି ହୋଏ ଦୁର୍ଗୁଣ—ଝ, ଠ;

ନପାଏ ଅନୁରୂପେ ପ୍ରୀତିଫାନ୍ଦ । କାମୀ ମାତଙ୍ଗେଗ କରଇଁ ବିଚାନ୍ଦ ।
ହିମନ୍ତେ ଯେମନ୍ତେ ଅନଳେ ପ୍ରୀତି । କାଳବଳରେ ହୋଏ ସେହି ସ୍ଥିତି ।
ନିଜପ୍ରୟୋଜନେ ହେ । ଉଷ୍ଣା ଦ୍ରବ୍ୟେ ଭାବ କରନ୍ତି ଜନେ । ୧୩ ।
କୃଷି କୃଷିକରେ କେତେ ଆଦରେ । ଅନ୍ତେ ପୁଣି ତାହା ଜୀବନ ହରେ ।
ଖଣ୍ଡି ପରଚେ ଏହି ପରିପାଟୀ । ଆତ୍ମାପୋଷଣେ ସ୍ନେହ ଥାଇ ଘୋଟି ।
ହେଲେ ଅଙ୍ଗଶୁଚ ହେ । ଝାଣ କୁଟିଳ ପଙ୍କିଳ କି ମୁଖ୍ୟ । ୧୪ ।
ବିଟପୀ ବ୍ରତତୀ କର୍ତ୍ତବ୍ୟ ହୀନ । ବସନ୍ତ ବାତ କାନ୍ତରେ ପ୍ରସନ୍ନ ।
କସାଇ ପୁଷ୍ପବତୀ ଭୋଗ କରେ । ତା ଗୁଣ ଗନ୍ଧ ଯେନ ପ୍ରଭାଧରେ ।
ମଦନକୁ ରତି ହେ । ପାଳି ଶିକ୍ଷା ଦେଲା ପ୍ରୀତି ପ୍ରତୀତି ହେ । ୧୫ ।
ଉଦେ ଅସ୍ତ ଘନସଙ୍ଗେ ବିଜୁଳୀ । ଯେମନ୍ତ ଶିବାଶିବ ପ୍ରେମ କେଳି ।
ତେମନ୍ତ ନିଶି ଚନ୍ଦ୍ର ହେଲେ ହିତ । ଏକ ଯାଏ ଏକ ରହଇ ସତ ।
ହେଲେହେଁ ବିଚ୍ଛେଦ ହେ । ମ୍ଳାନକୁ ବହନ୍ତି ଲଭି ବିଷାଦ । ୧୬ ।
ଶିବ ଶଶୀ ଗଙ୍ଗାଶିରେ ବହିଲେ । ଗରଳ ତାପକୁ ସେ ଶାମ୍ୟ କଲେ ।
ଏ ପରସ୍ପର ବାନ୍ଧବ ସମ୍ବନ୍ଧ । ଉଭୟ ପ୍ରୟୋଜନରେ ନିର୍ବନ୍ଧ ।
ପରୋକ୍ଷାନୁଭବ ହେ । ଔଷଧି ଭୁଞ୍ଜିବା ରୋଗ ହରିବ । ୧୭ ।
ପ୍ରିୟା ପ୍ରିୟସଙ୍ଗ ଲୋକଙ୍କୁ ଦେଖି । ଆଦର ସଜମାନେ ହୋଏ ସୁଖୀ ।
ତେଣ ସ୍ନେହ ପ୍ରତିବିମ୍ବଇ ଏଣେ । ତଦାତ୍ମ୍ୟାଭାବ ଏମନ୍ତ ପ୍ରମାଣେ ।
ସୀତା ମଥାମଣି ହେ । ରାମ ହୃଦଭୂଷା ହେବାର ଆଣି । ୧୮ ।
ତାହା ଜାଣିମାଲୁ ଏହା ଆଦର । ଶୁଦ୍ଧ ନୋହେ ଏ ତଦାତ୍ମ୍ୟ ଆଶ୍ରର ।
ଜାଣୁ ବା ନ ଜାଣୁ କି କାର୍ଯ୍ୟ ତହିଁ । ତାହା ସମ୍ବନ୍ଧ ସ୍ନେହ ହୃଦେ ବହି ।
ଶିବ ଯେଉଁପରି ହେ । ଶିବା ଭସ୍ମକୁ ଅଛନ୍ତି ଆଦରି ହେ । ୧୯ ।
ସଖା ସଖୀ ଦୂତ ଦୂତୀରେ ପ୍ରୀତି । ପରୋକ୍ଷ ପ୍ରୟୋଜନ ତହିଁ ଛନ୍ତି ।
କୂପଜଳ ଉଦ୍ଧାରଣେ ପ୍ରୟୋଗ । କର କୁମ୍ଭରଜ୍ଜୁ ଯେମନ୍ତ ଯୋଗ ।
ଜଳେ ପ୍ରୟୋଜନ ଯେ । ଏମାନ ନୋହିଲେ ନୋହେ ସେମାନ । ୨୦ ।
ଶଶୀ ଉଦୟ ହୁଅଇ ନିଶିରେ । କୁମୁଦ ପ୍ରମୋଦ କୁହୁ ନିଶାରେ ।
ପଦ୍ମ ପ୍ରାପ୍ତି ଆଶ ରଖି ହୃଦରେ । କାଳ ହରଇ ଭୃଙ୍ଗ କୁଟଜରେ ।
ଅନେକ ଏ ଜାତ ଯେ । ସଂସାରେ ଅଛି ଅଶାବନ୍ଧ ପ୍ରୀତି । ୨୧ ।

---

୧୩—୧;—କାମିନୀର ଭୋଗ—ଝ, ଠ, ୧୪—୧;—କୃଷି ବୃତ୍ତି କରେ—କ, ଗ, ଘ, ଝ, ଠ; ଅନ୍ତରେ ପୁଣି ତା ପରାଣ ହରେ—କ, ଖ, ଝ, ଠ; ୧୪—୨;—ସ୍ନେହ ଥାଇ ଘଟି—କ, ଖ, ଝ, ଠ, ୧୪—୩;—ହେଲେ ଶଙ୍ଖ ଶୁଚ ଘ, ଚ, ୧୫—୨;—ଗନ୍ଧଗୁଣ—ଗ; ତା ଗୁଣ ଯେନ ଗନ୍ଧ ପ୍ରଭା ଧରେ—ଝ, ଠ, ୧୬—୩.—ମାନକୁ—କ, ଖ, ଘ, ଚ, ୧୭—୧; ଶିବ ଶିବା—କ, ଖ, ଝ, ଠ, ସାମ କଲେ—୭ ଟା ପୋଥିରେ;

୨୨ — ୩ ଢର୍ପଣେ ଯେହେଲ ପ୍ରଢବନ୍ଧ ଖ୍ୟାଢ-କ, ଷ, ଝ, ୦ ୭୮ — ୧ ପ୍ରେମ୍ନୀ ହୃଦଜନ୍ୟ

ଙ୍ଗ କରଗ-ବ, ଗ, ଝ, ୦ ୭୦ — ୨ କୋଟି ଗୁଣେ ବାଧ୍ୟେ-ଝ ୦ ।

ଏ ଘନ୍ଦ ଗ ଓ ଚ ପୋଥିରେ ୧୭ ଛନ୍ଦ ରୂପରେ ପଠିଢ ଓ ଅନ୍ୟକୌଣସି ପୋଥିରେ

ନାହିଁ । ୧—୨ ମାନ ଉଲ୍ଲାସ-ଗ, ଚ;

... ଯିବଇ ମୁହିଁ । ୭ ।

ସେ ବୋଇଲା ଆହେ ନାଗରବର । ଦର କରନ୍ତୁ ବା ବେପାର ମୋର ।
ଦରପଣ ଲଗା କରଭୂଷଣ । କିଛି ଇଚ୍ଛା ହେଲେ ନିଅ ଆପଣ ।
ମୋହୋର ଜୀବିକା ଯେ । କେବଳ ମାତ୍ର ସଗ ଜଉ ଏକା । ୮ ।

ତହୁଁ ଗୋବିନ୍ଦ ବେଗେ ଗଲେ ଚଳି । ସୁନାଶ୍ରୀ ବୈଶ୍ୟ ଦ୍ୱାରେ ଯାଇମିଳି ।
ଡାକିଲେ କେହି ନାହିଁକି ଏ ଘରେ । ନାଶ୍ରୀ ଭାଷିଲା ଲୋଡ଼ୁଛ କାହାରେ ।
ଗୋବିନ୍ଦ ଉତ୍ତର ଯେ । ସୁନାଶ୍ରୀ ଉରଜ ଲୋଡ଼ା ଆମ୍ଭର । ୯ ।

ନାଶ୍ରୀ ବୋଇଲା ହେ ଲୋଡ଼ କି ଆଶେ । କରଜ ଡରେ ଲୁଚିଛନ୍ତି ବାସେ ।
ନେବ କି ତୁମ୍ଭେ ମୋତେ ତାହା କହ । କୃଷ୍ଣବାଣୀ ଧନ ପାଇଁ ଆଗ୍ରହ ।
ସୁପର୍ଣ୍ଣାବଳୀରେ ଯେ । କରଜ ଗୋଟା ଲେଖିଦେବୁଁ ଖରେ । ୧୦ ।

---

୬—୭ ଥିଲେ ଦୁଧ ଦାନୀ-ଚ; ୮—୧ ଅହେ ନବନାଗର-ଚ, ଠ; ୮—୩ କେବଳ ମାତ୍ର ସଗ ଜଉବୁଦା-ଚ;